# ରାଧାନାଥ  ଗ୍ରନ୍ଥାବଳୀ

ପ୍ରକାଶକ—

# ରାଧାନାଥଗ୍ରନ୍ଥାବଳୀ

ପରିବର୍ଦ୍ଧିତ ସପ୍ତୋଦଶ ସଂସ୍କରଣ

୧୯୬୨

ପ୍ରକାଶକ

କଟକ ଟ୍ରେଡ଼ିଂ କମ୍ପାନୀ

ବାଲୁବଜାର

କଟକ—୨

ମୂଲ୍ୟ—ଆଠ ଟଙ୍କା

# ସୂଚୀପତ୍ର

ବିଷୟ — ପୃଷ୍ଠା


୧ । ଭାରତଗୀତିକା ... ୧
୨ । ମେଘଦୂତ :—
୧—ପୂର୍ବମେଘ ... ୫
୨—ଉତ୍ତରମେଘ ... ୧୪
୩ । କବିତାବଳୀ :—
୧—ପବନ ... ୨୫
୨—ବେଣୀସଂହାର ... ୨୭
୩—ଭାରତ-ଈଶ୍ୱରୀ ... ୩୬
୪ । କେଦାରଗୌରୀ ... ୩୯
୫ । ଚନ୍ଦ୍ରଭାଗା ... ୪୫
୬ । ନନ୍ଦକେଶ୍ୱରୀ ... ୫୮
୭ । ଉଷା ... ୭୯
୮ । ପାର୍ବତୀ ... ୧୧୧
୯ । ଚିଲିକା ... ୧୪୭
୧୦ । ମହାଯାତ୍ରା ... ୧୭୪
୧୧ । ଯଯାତିକେଶରୀ ... ୨୧୯
୧୨ । ତୁଳସୀସ୍ତବକ ... ୨୫୯
୧୩ । ଉର୍ବଶୀ ... ୨୬୫
୧୪ । ଦରବାର ... ୨୭୫
୧୫ । ଦଶରଥବିୟୋଗ ... ୨୯୧
୧୬ । ସାବିତ୍ରୀଚରିତ ... ୩୦୧
୧୭ । ମହେନ୍ଦ୍ରଗିରି ... ୩୧୭
୧୮ । କ୍ଷୁଦ୍ରରଚନାବଳୀ
୧—ଧବଳେଶ୍ୱରସ୍ତୋତ୍ରମ୍ ... ୩୨୭
୨—ଶ୍ରୀ କାଳିକାସ୍ତୁତିଃ ... ୩୨୭
୩—ପଞ୍ଚାଶତ୍ତମ ଜୁବିଲି-ସଙ୍ଗୀତ ... ୩୨୮
୪—ଷଷ୍ଟିତମ ଜୁବିଲି-ସଙ୍ଗୀତ ... ୩୨୯
୫—ଦୀନବନ୍ଧୁ ... ୩୨୯
୬—ବାଣହରଣ ... ୩୩୨

| ବିଷୟ | | ପୃଷ୍ଠା |
|---|---|---|


୭ — ଶ୍ମଶାନ-ଦୃଶ୍ୟ ... ୩୪୪
୮ — ଏକାଗ୍ରତା ... ୩୪୬
୯ — ଦୁର୍ଯ୍ୟୋଧନଙ୍କର ରକ୍ତନଦୀ-ସନ୍ତରଣ ୩୪୭
୧୦ — ସତୀ ପ୍ରତି ସତୀଦ୍ରୋହୀ ପତିର ଉକ୍ତି ୩୫୧
୧୧ — ନିବେଦନ ... ୩୫୩
୧୨ — ପ୍ରତାପରୁଦ୍ର ଦେବ ... ୩୫୫
୧୩ — ଯୁଧିଷ୍ଠିରଙ୍କ ପ୍ରତି ବ୍ୟାସ ... ୩୫୫
୧୪ — କେତୋଟି ଉପଦେଶ ବାକ୍ୟ ... ୩୫୬
୧୫ — ବନ୍ଦନା ... ୩୫୬
୧୬ — ସତ୍ୟବାଦୀ ... ୩୫୭
୧୭ — ହଂସଦୂତ ... ୩୫୭
୧୮ — ଫୁଲ୍‌ରାଣୀ ... ୩୫୯
୧୯ — ଶିବାଜୀଙ୍କର ଉତ୍ସାହ ବାକ୍ୟ ... ୩୬୧
୧୯ । ଗଦ୍ୟରଚନାବଳୀ :—
୧ — ବିବେକୀ ... ୩୭୫
୨ — ଇଟାଲୀୟ ଯୁବା ... ୪୦୩
୩ — 'ପାର୍ବତୀ' କାବ୍ୟର ଉପସଂହାର ୪୩୧
୪ — 'ଉର୍ବଶୀ' କାବ୍ୟର ଉପସଂହାର ୪୪୧
୫ — ଭ୍ରମଣକାରୀର ପତ୍ର ... ୪୫୧
୬ — ବାମଣ୍ଡା ... ୪୬୭
୭ — ସାର୍ ରାଜା ବାସୁଦେବ
ସୁଡଳଦେବ K. C. I. E. ... ୪୭୭
୮ — ଉତ୍କଳ ସାହିତ୍ୟର ଉନ୍ନତି ... ୪୮୩
୯ — ଟିପାଖାତା ... ୪୮୭
୧୦ — ଖଣ୍ଡିଏ ପତ୍ର ... ୪୯୩
୧୧ — ସାହିତ୍ୟ ସମ୍ବନ୍ଧରେ ଏଣୁତେଣୁ ପାଞ୍ଚକଥା ୪୯୪



କବିବର ରାଧାନାଥ

# ରାୟ ରାଧାନାଥ ରାୟ ବାହାଦୂରଙ୍କ ସଂକ୍ଷିପ୍ତ ଜୀବନଚରିତ

ବାଲେଶ୍ୱର ନଗରର ପ୍ରାୟ ୧୨ କ୍ରୋଶ ଦକ୍ଷିଣରେ ଅବସ୍ଥିତ କେଦାରପୁର ଗ୍ରାମରେ ଶକାବ୍ଦ ୧୭୭୧ ଆଶ୍ୱିନମାସର ପନ୍ଦର ଦିନରେ, ଇଂରାଜୀ ୨୮ ତାରିଖ ସେପ୍ଟେମ୍ବର ସନ ୧୮୪୮ ମସିହାରେ ରାଧାନାଥ ଜନ୍ମଗ୍ରହଣ କରିଥିଲେ । ତାହାଙ୍କର ପିତାଙ୍କ ନାମ ଶ୍ରୀ ସୁନ୍ଦରନାରାୟଣ ରାୟ, ମାତାଙ୍କର ନାମ ଶ୍ରୀମତୀ ତାରିଣୀ ଦାସୀ, ସୋରେ ମହାଶୟବଂଶୀୟା । ଏହି ବଂଶ ସୁପ୍ରସିଦ୍ଧ ଲକ୍ଷ୍ମଣନାଥ ମହାଶୟ ବଂଶର ଅନ୍ୟତର ଶାଖା । ରାଧାନାଥଙ୍କ ଜନ୍ମର ୫ ବର୍ଷ ପରେ ତାରିଣୀ ଦାସୀଙ୍କର ପରଲୋକ ପ୍ରାପ୍ତି ହେଲା ।

ରାଧାନାଥ ଔପନିବେଶିକ ବଙ୍ଗୀୟ ଦକ୍ଷିଣ ରାଢ଼ୀୟ କାୟସ୍ଥବଂଶସମ୍ଭୂତ ଅଟନ୍ତି । ପ୍ରାୟ ୩୪ ଶତ ବର୍ଷ ପୂର୍ବେ ତାହାଙ୍କର ପୂର୍ବପୁରୁଷମାନେ ବଙ୍ଗଦେଶରୁ (ପ୍ରଚଳିତ ଜନଶ୍ରୁତି ଅନୁସାରେ ମେଦିନୀପୁର ଅନ୍ତର୍ଗତ ରାଧାନଗରରୁ) ଆସି ଓଡ଼ିଶାରେ ବସତି କରିଥିଲେ । ରାଧାନାଥଙ୍କର ଜାତୀୟ ଉପାଧି 'ଦେ' । 'ରାୟ' ପ୍ରାଚୀନ ରାଜଦତ୍ତ ଉପାଧି ଅଟେ ।

୬ ବର୍ଷ ବୟଃକ୍ରମ ସମୟରେ ରାଧାନାଥ ଗ୍ରାମ୍ୟ ପାଠଶାଳାରେ ପ୍ରବିଷ୍ଟ ହେଲେ । ସର୍ବଦା କ୍ଷୀଣ ଏବଂ ରୁଗ୍ଣ ଥିବାରୁ ପାଠରେ ତାହାଙ୍କର ପ୍ରାୟଶଃ ବିଘ୍ନ ଘଟୁଥିଲା । ପ୍ରାୟ ୩ ବର୍ଷ କାଳ ସେ ପାଠଶାଳାରେ ପଢ଼ିଥିଲେ, ମାତ୍ର ସେଥିରୁ ଅଧିକାଂଶ ସମୟ ପୀଡ଼ାରେ ଅତିବାହିତ ହୋଇଥିଲା । ପଛକୁ ତାହାଙ୍କର କାଶ ରୋଗ ଅଧିକ ପ୍ରବଳ ହେବାରୁ ତାହାଙ୍କର ପିତା ଯେ କି ସେ ସମୟରେ ବାଲେଶ୍ୱରରେ ସରକାରୀ କାର୍ଯ୍ୟ କରୁଥିଲେ, ସେ ଚିକିତ୍ସା ସକାଶେ ତାହାଙ୍କୁ ବାଲେଶ୍ୱରକୁ ନେଇ-ଗଲେ । ବାଲେଶ୍ୱରରେ ଚିକିତ୍ସାଦ୍ୱାରା ତାହାଙ୍କର ପୀଡ଼ା ଉପଶମୋନ୍ମୁଖ ହେବାରୁ ୧୦ ବର୍ଷ ବୟସରେ ସେ ଜିଲ୍ଲା ସ୍କୁଲରେ ପ୍ରବିଷ୍ଟ ହେଲେ । ପଠଦଶାରେ ଗଣିତରେ ସେ ତାହାଙ୍କର ସମସାମୟିକ ଛାତ୍ରମାନଙ୍କ ମଧ୍ୟରେ ସର୍ବୋତ୍କୃଷ୍ଟ ଥିଲେ ଏବଂ ଗଣିତରେ ତାହାଙ୍କର ସ୍ୱାଭାବିକ ଅନୁରାଗ ଥିବାରୁ ସେଥିର ଅନୁଶୀଳନରେ ଅଧିକାଂଶ ସମୟ ଯାପନ କରୁଥିଲେ । ୧୬ ବର୍ଷ ବୟସରେ ରାଧାନାଥ କଲିକତା ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପ୍ରେସିଡେନ୍ସି କଲେଜରେ ଅଧ୍ୟୟନ-ଉଦ୍ଦେଶ୍ୟରେ କଲିକତା ଗଲେ, ମାତ୍ର ଅର୍ଥାଭାବ ଏବଂ ପୀଡ଼ାବଶତଃ ଏକମାସ ମଧ୍ୟରେ କଲିକତା ତ୍ୟାଗକରି ବାଲେଶ୍ୱର ପ୍ରତ୍ୟାଗମନ କଲେ ଏବଂ ବାଲେଶ୍ୱର ଜିଲ୍ଲା ସ୍କୁଲରେ ୩୦ ଟଙ୍କା ବେତନରେ ତୃତୀୟ ଶିକ୍ଷକ ପଦରେ ନିଯୁକ୍ତ ହେଲେ । ୨।୩ ବର୍ଷ ପରେ କଟକରେ କଲେଜ ସ୍ଥାପିତ ହେବାରୁ ରାଧାନାଥଙ୍କ ଅନ୍ୟତର ଆତ୍ମୀୟ ଓଡ଼ିଶାର ସୁପ୍ରସିଦ୍ଧ ଡେପୁଟୀ କଲେକ୍ଟର ସ୍ୱର୍ଗୀୟ ଜଗନ୍ମୋହନ ରାୟ ରାଧାନାଥଙ୍କୁ ସେହି କଲେଜରେ ଯୋଗ ଦେବା ସକାଶେ ଅନୁରୋଧ କଲେ ଏବଂ କଟକ ଏବଂ ତଦନନ୍ତର କଲିକତାରେ ଶିକ୍ଷା ସାଙ୍ଗ ହେବା ପର୍ଯ୍ୟନ୍ତ ତାହାଙ୍କର ଯାବତ୍‌ବ୍ୟୟ ନିର୍ବାହ କରିବା ସକାଶେ ପ୍ରତିଶ୍ରୁତ ହେଲେ । ରାଧାନାଥଙ୍କ ପିତା ସ୍ୱାବଲମ୍ବନଶୀଳ

ଥିବାରୁ ବୃହତ୍ ପରିବାରର ଭାର ଅସହାୟିତରୂପେ ବହନ କରିବାକୁ କୃତସଂକଳ୍ପ ହୋଇ କର୍ତ୍ତବ୍ୟ ନିରୂପଣରେ ଭାର ରାଧାନାଥଙ୍କ ପ୍ରତି ଅର୍ପଣ କଲେ । ସେ ସମୟରେ ଓଡ଼ିଶାରେ ଘୋର ଦୁର୍ଭିକ୍ଷ ହୋଇଥିଲା । ଏପରି ଅବସ୍ଥାରେ ନିଜର ଭବିଷ୍ୟତ ପ୍ରତି ଆସ୍ଥା ପରିତ୍ୟାଗ କରି ପରିବାର ପାଳନରେ ପିତାଙ୍କର ସାହାଯ୍ୟ କରିବା ସର୍ବତୋ-ଭାବରେ କର୍ତ୍ତବ୍ୟ ମଣି ରାଧାନାଥ କଟକ ଆଗମନର ସଂକଳ୍ପ ପରିତ୍ୟାଗ କଲେ ।

ରାଧାନାଥଙ୍କ ପିତା ସୁନ୍ଦରନାରାୟଣ ପାରସ୍ୟ ଭାଷାରେ ସୁପଣ୍ଡିତ ଥିଲେ ଏବଂ ଓଡ଼ିଆ, ବଙ୍ଗଳା, ହିନ୍ଦୀ ଓ ସଂସ୍କୃତ ଭାଷାନୁଶୀଳନରେ ମଧ୍ୟ ତାହାଙ୍କର ଯଥେଷ୍ଟ ଅନୁରାଗ ଏବଂ ଆସ୍ଥା ଥିଲା । ସମସାମୟିକ କର୍ମଚାରୀମାନଙ୍କ ତୁଳନାରେ ତାହାଙ୍କର ଜ୍ଞାନ ସମଧିକ ଉନ୍ନତ ଏବଂ ରୁଚିମାର୍ଜିତ ଥିଲା । ଇଂରାଜୀ ଶିକ୍ଷକ ଏବଂ ସଂସ୍କୃତଜ୍ଞ ପଣ୍ଡିତମାନଙ୍କ ସଂସର୍ଗରେ ସେ ନିଜର ଅବକାଶ ସମୟର ଅଧିକାଂଶ ଯାପନ କରୁଥିଲେ । ରାଧାନାଥଙ୍କୁ ସେ ଅତି କଠୋର ଶାସନରେ ରଖିଥିଲେ ଏବଂ ଉପଦେଶ ଓ ନିଜ ଉଦାହରଣଦ୍ୱାରା ଶନୈଃ ଶନୈଃ ତାହାଙ୍କର ଚରିତ୍ର ଗଠନ ବିଷୟରେ ସର୍ବଦା ଜାଗରୂକ ଥିଲେ । ରାଧାନାଥ ଅନ୍ୟ ବିଭାଗରେ ପ୍ରବେଶ କରିବାକୁ କିମ୍ବା ଓକିଲାତି ପରୀକ୍ଷା ସକାଶେ ପ୍ରସ୍ତୁତ ହେବାକୁ ଇଚ୍ଛୁକ ଥିଲେ ; ମାତ୍ର ତାହାଙ୍କର ପିତା ତାହାଙ୍କୁ ଶିକ୍ଷା ବିଭାଗରେ ରହି ଶନୈଃ ଶନୈଃ ଉନ୍ନତି ପ୍ରୟାସୀ ହେବାକୁ ଆଦେଶ କଲେ । ଚାକିରି ସଙ୍ଗେ ସଙ୍ଗେ ରାଧାନାଥ ଗୋଟିଏ ସଂସ୍କୃତ ଚତୁଷ୍ପାଠୀରେ ସଂସ୍କୃତ ଶିକ୍ଷା କରୁଥିଲେ ଏବଂ ନିଜ ଉଦ୍ୟମରେ ଏମ୍. ଏ. ପରୀକ୍ଷା ଦେଇ ବି. ଏ. ପରୀକ୍ଷାର ପାଠ୍ୟ ମଧ୍ୟ ପଢ଼ୁଥିଲେ ।

ଏହି ସମୟରେ ବାଲେଶ୍ୱର ନଗରର ସୁନହଟ ପଲ୍ଲିରେ ରାଧାନାଥଙ୍କର ଭୂତପୂର୍ବ ସହପାଠୀ ଦାମୋଦର ପ୍ରସାଦ ଦାସ ନାମକ ଜଣେ ସମ୍ଭ୍ରାନ୍ତ କରଣବଂଶୀୟ ଯୁବକ ନିଜ ଗୃହରେ ଗୋଟିଏ ଓଡ଼ିଆ ଏବଂ ବଙ୍ଗଳା ପୁସ୍ତକାଳୟ ସ୍ଥାପନ କରିଥିଲେ । ରାଧାନାଥ ପ୍ରାୟ ପ୍ରତ୍ୟହ ଶିକ୍ଷା ଏବଂ ସଦାଳାପାଭିପ୍ରାୟରେ ଦାମୋଦରଙ୍କର ଗୃହକୁ ଯାଉଥିଲେ । ଦାମୋଦରଙ୍କ ଗୃହ ବାଲେଶ୍ୱରସ୍ଥ ଉନ୍ନତିଶୀଳପ୍ରିୟ ଯୁବକମାନଙ୍କ କେନ୍ଦ୍ରସ୍ଥଳୀ ପ୍ରାୟ ହୋଇଥିଲା । ସୁପ୍ରତିଷ୍ଠିତ ଶ୍ରୀଯୁକ୍ତ ବାବୁ ଫକୀରମୋହନ ସେନାପତି ମଧ୍ୟ ଏହି ଯୁବକମାନଙ୍କର ଅନ୍ୟତର ଥିଲେ । ଦାମୋଦର ଏବଂ ଫକୀରମୋହନଙ୍କର ସୁହୃଷ୍ଟାନ୍ତ ଏବଂ ଉତ୍ସାହରେ ରାଧାନାଥ ଓଡ଼ିଆ ଏବଂ ବଙ୍ଗଳା ଭାଷାର ଅନୁଶୀଳନରେ ପ୍ରବୃତ୍ତ ହୋଇ ବଙ୍ଗଳାରେ କବିତାବଳୀ ନାମକ ଖଣ୍ଡିଏ କ୍ଷୁଦ୍ରକାବ୍ୟ ରଚନା କରି ପ୍ରକାଶ କଲେ । ରାଧାନାଥଙ୍କର ୧୮ ବର୍ଷ ବୟସରେ ରଚିତ ଏହି କ୍ଷୁଦ୍ର କାବ୍ୟର ବଙ୍ଗଳା ସମ୍ବାଦପତ୍ରମାନଙ୍କରେ ବିଶେଷତଃ ଅମୃତ ବଜାର ପତ୍ରିକାରେ ଆଶାତୀତ ପ୍ରଶଂସାଗର୍ଭକ ସମାଲୋଚନା ପ୍ରକାଶିତ ହୋଇଥିଲା । ଓଡ଼ିଆରେ ମଧ୍ୟ ରାଧାନାଥ 'ଇତାଲୀୟ ଯୁବା' ନାମକ ଖଣ୍ଡିଏ କ୍ଷୁଦ୍ର ନବନ୍ୟାସ ଏବଂ ଅନ୍ୟାନ୍ୟ ନାନା ପ୍ରବନ୍ଧ ରଚନା କରି ତାତ୍କାଳିକ ଉତ୍କଳଦର୍ପଣ ନାମକ ମାସିକ ସମ୍ବାଦପତ୍ରରେ ପ୍ରକାଶ କରିଥିଲେ ।

ବାଲେଶ୍ୱରରେ ପ୍ରାୟ ୫ ବର୍ଷ କାର୍ଯ୍ୟ କରି ରାଧାନାଥ ପୁରୀ ଜିଲ୍ଲାସ୍କୁଲର ଦ୍ୱିତୀୟ ଶିକ୍ଷକ ପଦରେ ନିଯୁକ୍ତ ହୋଇ ସ୍ଥାନାନ୍ତରିତ ହେଲେ । ପୁରୀରେ ତାହାଙ୍କ

ଛାତ୍ରମାନଙ୍କ ମଧ୍ୟରେ ସ୍ୱନାମବିଖ୍ୟାତ ମଧୁସୂଦନ ରାଓ ଅନ୍ୟତର ଥିଲେ । ମଧୁସୂଦନ ରାଧାନାଥଙ୍କର ପ୍ରିୟତମ ଛାତ୍ର ଏବଂ ସୁହୃଦ ଥିଲେ । ସାହିତ୍ୟଚର୍ଚ୍ଚାରେ ଉଭୟଙ୍କ ଆଗ୍ରହ ଥିବାରୁ ଉଭୟ ଅବକାଶମତେ ନାନାବିଧ ଗ୍ରନ୍ଥ ଆଲୋଚନା ଏବଂ ରଚନାଦି କରୁଥିଲେ । ଏହି ସମୟରେ ରାଧାନାଥ ମେଘଦୂତର ଉତ୍କଳାନୁବାଦ ଏବଂ ବଙ୍ଗଳା କବିତାବଳୀର ଦ୍ୱିତୀୟଭାଗ ରଚନା କରିଥିଲେ ।

ପୁରୀରେ ଦୁଇ ବର୍ଷ ସୁଖ୍ୟାତି ସହିତ କାର୍ଯ୍ୟ କରି ରାଧାନାଥ ତୃତୀୟ ବର୍ଷରେ ତାତ୍କାଳୀନ ବଙ୍ଗୀୟ ଲାଟ କାମ୍ବେଲ ସାହେବଙ୍କ ପ୍ରବର୍ତ୍ତିତ ଡେପୋଟି କଲେକ୍ଟରି ପରୀକ୍ଷା ସକାଶେ ଆଇନ ଅଧ୍ୟୟନ ଏବଂ ଜରିବ ପ୍ରଭୃତି ଶିକ୍ଷା କରିବାକୁ ଆରମ୍ଭ କଲେ । ଶିକ୍ଷକତା କାର୍ଯ୍ୟର କଠିନ ପରିଶ୍ରମ ଉପରେ ବର୍ଷେକାଳ ଅତିରିକ୍ତ ପରିଶ୍ରମ କରି ସେ ଦାରୁଣ ରୋଗାଗ୍ରସ୍ତ ହୋଇ ପଡ଼ିଲେ ଏବଂ ସରକାରୀ କାର୍ଯ୍ୟରୁ କେତେକ ମାସ ଅବସର ଗ୍ରହଣ କରି ବାଲେଶ୍ୱରରେ ଅବସ୍ଥାନ କଲେ । ଏହି ସମୟରେ ତାହାଙ୍କର ପୀଡ଼ା ଏପରି ଉତ୍କଟ ହୋଇଥିଲା ଯେ, ସେ ଜୀବନର ଆଶା ପରିତ୍ୟାଗ କରିଥିଲେ । ତାହାଙ୍କର ଶ୍ୱାସଯନ୍ତ୍ର ଏପରି ଦୁର୍ବଳ ହୋଇଗଲା ଯେ, ସମସ୍ତ ସମୟରେ ଗୋଟିଏ ଯୋଡ଼ିଏ ଶବ୍ଦ ଉଚ୍ଚାରଣ କରିବାର ତାହାଙ୍କ ପକ୍ଷରେ କଷ୍ଟକର ହେଉଥିଲା । ଏହି ରୋଗ ଯାବଜ୍ଜୀବନ ତାହାଙ୍କ ଶରୀରରେ ଥିବାରୁ ସେ ସଭା ସମିତିରେ ଯୋଗ ଦେବାକୁ ପ୍ରାୟଶଃ କୁଣ୍ଠିତ ହେଉଥିଲେ । ଏହି ବାଲେଶ୍ୱର ଅବସ୍ଥାନ ସମୟରୁ ସୁବିଖ୍ୟାତ କୁମାର (ବର୍ତ୍ତମାନ ମହାରାଜା) ବୈକୁଣ୍ଠନାଥ ଦେ ଏବଂ ରସିକଚନ୍ଦ୍ର ଦେଙ୍କ ସହିତ ରାଧାନାଥଙ୍କର ଘନିଷ୍ଠ ପରିଚୟ ହେଲା । ପୂର୍ବରୁ ସହପାଠୀ ଅବସ୍ଥାରେ ଏ ଦୁଇ ବ୍ୟକ୍ତିଙ୍କ ସହିତ ବିଶେଷତଃ ସଙ୍ଗୀତ ବିଦ୍ୟା ବିଶାରଦ ୬ରସିକଚନ୍ଦ୍ର ଦେଙ୍କ ସହିତ ବନ୍ଧୁତା ସୂତ୍ରରେ ଆବଦ୍ଧ ହୋଇ ଥିଲେ । ସେହି ବନ୍ଧୁତା ଏକତ୍ରାବସ୍ଥାନଦ୍ୱାରା କ୍ରମଶଃ ଗାଢ଼ତର ହେଲା ଏବଂ ରସିକ-ବାବୁଙ୍କ ଦୃଷ୍ଟାନ୍ତ ଅନୁସରଣକରି ରାଧାନାଥ ସଙ୍ଗୀତ ଶିକ୍ଷାରେ ମଧ୍ୟ ପ୍ରବୃତ୍ତ ହୋଇଥିଲେ ।

କେତେକ ମାସ ଉତ୍ତାରୁ ରାଧାନାଥ ବଙ୍ଗ ପ୍ରଦେଶାନ୍ତର୍ଗତ ବାଙ୍କୁଡ଼ା ଜିଲା ସ୍କୁଲର ଦ୍ୱିତୀୟ ଶିକ୍ଷକ ପଦରେ ନିଯୁକ୍ତ ହେଲେ । ବାଙ୍କୁଡ଼ାରେ ପ୍ରାୟ ୭ ମାସ କାର୍ଯ୍ୟ କରି ସେ ବାଲେଶ୍ୱର ଜିଲାର ସ୍କୁଲ ଡେପୁଟି ଇନ୍‌ସ୍ପେକ୍ଟର ପଦରେ ନିଯୁକ୍ତ ହୋଇ ଓଡ଼ିଶାକୁ ଫେରି ଆସିଲେ । ଓଡ଼ିଶାକୁ ଆସି କୁମାର (ବର୍ତ୍ତମାନ ମହାରାଜା) ବୈକୁଣ୍ଠନାଥ ଦେଙ୍କ ସାହାଯ୍ୟରେ ସେ ତାଙ୍କର ଦ୍ୱିତୀୟ ଭାଗ ବଙ୍ଗଳା କବିତାବଳୀ ପ୍ରକାଶ କଲେ । ଏହି ପୁସ୍ତକ ଭିନ୍ନ ଭିନ୍ନ ବଙ୍ଗୀୟ ସମ୍ବାଦପତ୍ରମାନଙ୍କରେ ଅତି ଅନୁକୂଳ ଭାବରେ ସମାଲୋଚିତ ହୋଇଥିଲା । ବିଶେଷତଃ ଭୂଦେବ ବାବୁଙ୍କ ସମ୍ପାଦିତ ଏଡୁକେଶନ ଗେଜେଟ, ବଙ୍କିମ ବାବୁଙ୍କ ସମ୍ପାଦିତ ବଙ୍ଗଦର୍ଶନ ଏବଂ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ପକ୍ଷପାତୀ ସମ୍ପ୍ରଦାୟ ବିଶେଷର ପରିଚାଳିତ ହାଲିସହର ପତ୍ରିକା ରାଧାନାଥଙ୍କ ରଚନାର ଯଥେଷ୍ଟ ପ୍ରଶଂସା କରିଥିଲେ । ସେ ସମୟରେ ବଙ୍କିମ ବାବୁଙ୍କର ଜଣେ ଭୂତପୂର୍ବ ସହାଧ୍ୟାୟୀ କଲିକତା ନିବାସୀ ଜଗଦୀଶ ନାଥ ରାୟ ବାଲେଶ୍ୱରରେ ପୁଲିସ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ଥିଲେ । ତାହାଙ୍କର ଜ୍ୟେଷ୍ଠ ପୁତ୍ରଙ୍କର ନାମ ରାଧାନାଥ ରାୟ ଏମ୍‌ ଏ । ରାଧାନାଥ ବାବୁ ସେ

ସମୟରେ କଲିକତାରୁ ଆସି ନିଜ ପିତାଙ୍କ ସହିତ ଏକତ୍ରାବସ୍ଥାନ କରୁଥିଲେ । ବଙ୍କିମ ବାବୁ ଯେତେବେଳେ ରାଧାନାଥ ରାୟଙ୍କୁ କବିତାବଳୀର ପ୍ରଣେତା ଅନୁମାନ କରି ତାହାଙ୍କ ପିତା ଜଗମୋହନ ରାୟଙ୍କୁ ଅଭିନନ୍ଦନପୂର୍ବକ ଆଶୀର୍ବାଦଗର୍ଭକ ଖଣ୍ଡିଏ ପତ୍ର ଲେଖିବାରୁ ଜଗମୋହନ ବାବୁ ବିଶେଷତଃ ତାହାଙ୍କର ପୁତ୍ର ରାଧାନାଥ ବାବୁ ଆଶ୍ଚର୍ଯ୍ୟାନ୍ୱିତ ହୋଇ ସେଥିର କାରଣ ଅନୁସନ୍ଧାନ କରି ବଙ୍ଗଳା କବିତାବଳୀର ପ୍ରକୃତ ଲେଖକ କିଏ, ତାହା ଅବଧାରଣ କଲେ ଏବଂ ସ୍ୱତଃପ୍ରବୃତ୍ତ ହୋଇ ରାଧାନାଥଙ୍କ ବସାକୁ ଆସି ତାହାଙ୍କ ସହିତ ବନ୍ଧୁତା-ସୂତ୍ରରେ ଆବଦ୍ଧ ହେଲେ ।

ବାଲେଶ୍ୱରରେ ଡେପୁଟିଇନ୍‌ସପେକ୍ଟର ପଦରେ ରାଧାନାଥଙ୍କ ନିଯୁକ୍ତିର ଅଳ୍ପଦିନ ପରେ ବାବୁ ମଧୁସୂଦନ ରାଓ ବାଲେଶ୍ୱର ଜିଲାସ୍କୁଲର ଦ୍ୱିତୀୟ ଶିକ୍ଷକ ପଦରେ ନିଯୁକ୍ତ ହେଲେ । ଏହି ସମୟରେ ରାଧାନାଥଙ୍କ ପିତୃବିୟୋଗ ହେବାରୁ ବୃହତ୍ ପରିବାର ପ୍ରତିପୋଷଣର ସମଗ୍ର ଭାର ଏବଂ ପିତୃଋଣ ପରିଶୋଧର ଭାର ତାହାଙ୍କ ଉପରେ ପତିତ ହେଲା । ତଥାପି ସେ ଅବକାଶମତେ ସମସ୍ତ ସମୟରେ ସାହିତ୍ୟ ରଚନା କରୁଥିଲେ । ବିଶେଷତଃ ପ୍ରତିଭାଶାଳୀ ସମରୁଚିସମ୍ପନ୍ନ ମଧୁସୂଦନ ରାଓଙ୍କ ସାହଚର୍ଯ୍ୟ ପୁନର୍ବାର ଲାଭ ହେବାରୁ ଉଭୟେ ଏକତ୍ର ମିଳିତ ହୋଇ ପଦ୍ୟପାଠ ପୁସ୍ତକର ଅଭାବ ନିବାରଣୋଦ୍ଦେଶ୍ୟରେ 'କବିତାବଳୀ' ରଚନା କଲେ । 'କବିତାବଳୀ' ମଧ୍ୟ ଅନେକକାଳ ପାଠ୍ୟପୁସ୍ତକରୂପେ ବ୍ୟବହୃତ ହେଉଥିଲା । କବିତାବଳୀ ପରେ ମହାରାଜ ବୈକୁଣ୍ଠନାଥ ଦେ ବାହାଦୁରଙ୍କ ସାହାଯ୍ୟରେ ରାଧାନାଥ ଓଡ଼ିଆ ମେଘଦୂତ ପ୍ରକାଶ କରିଥିଲେ । ଫଳତଃ ମହାରାଜା ବୈକୁଣ୍ଠନାଥ ହିଁ ରାଧାନାଥଙ୍କ ଓଡ଼ିଆ କବିତା ରଚନାର ସର୍ବପ୍ରଥମ ଉତ୍ସାହଦାତା ।

ବାଲେଶ୍ୱରରେ ପ୍ରାୟ ୫ ବର୍ଷ ଡେପୁଟି ଇନ୍‌ସ୍ପେକ୍ଟର ପଦରେ ଥାଇ ରାଧାନାଥ ଓଡ଼ିଶାରେ ଜଏଣ୍ଟ ଇନ୍‌ସ୍ପେକ୍ଟର ପଦକୁ ଉନ୍ନୀତ ହେଲେ । ଜଏଣ୍ଟ ଇନ୍‌ସ୍ପେକ୍ଟର ପଦରେ ଥାଇ ସେ ସର୍ବପ୍ରଥମରେ ବଙ୍ଗଳାରେ 'ଲେଖାବଳୀ' ନାମକ ଖଣ୍ଡିଏ କାବ୍ୟ ରଚନା କରି ତାତ୍କାଳୀନ ସ୍କୁଲ ଇନ୍‌ସ୍ପେକ୍ଟର ପ୍ରଥିତନାମା ଭୂଦେବ ମୁଖୋପାଧ୍ୟାୟଙ୍କ ନିକଟରେ ପରୀକ୍ଷା ସକାଶେ ଉପସ୍ଥାପିତ କଲେ । ଭୂଦେବ ବାବୁ ଅତ୍ୟନ୍ତ ପ୍ରୀତ ହୋଇ ସେହି କବିତାର ଅଧିକାଂଶ ନିଜ ସମ୍ପାଦିତ ଏଡୁକେଶନ ଗେଜେଟରେ ପ୍ରକାଶ କଲେ ଏବଂ ସମସ୍ତ କବିତାଗୁଡ଼ିକୁ ପୁସ୍ତକାକାରରେ ପ୍ରକାଶ କରିବା ସକାଶେ ରାଧାନାଥଙ୍କୁ ଉପଦେଶ ଦେଲେ । ପ୍ରତ୍ୟେକ ଉତ୍କଳବାସୀର ଓଡ଼ିଆ ଭାଷାର ଉନ୍ନତିବିଧାନରେ ଅନନ୍ୟବ୍ରତ ହେବାର କର୍ତ୍ତବ୍ୟ, ଭୂଦେବଙ୍କର ଏହି ଉଦାର ମତ ଶୁଣି ରାଧାନାଥ ସେହି ସମୟରୁ ବଙ୍ଗଳା ରଚନାପ୍ରୟାସ ସମ୍ପୂର୍ଣ୍ଣ ପରିତ୍ୟାଗ କରି ଅବକାଶାନୁସାରେ ଓଡ଼ିଆ ରଚନାରେ ପ୍ରବୃତ୍ତ ହେବା ସକାଶେ କୃତସଂକଳ୍ପ ହେଲେ ।

ଭୂଦେବ ବିଦେଶୀୟ ହୋଇ ସୁଦ୍ଧା ରାଧାନାଥଙ୍କ ପ୍ରତି ଯେପରି ବାତ୍ସଲ୍ୟ ପ୍ରଦର୍ଶନ କରିଥିଲେ, ସେଥିର ତୁଳନା ଓଡ଼ିଶାରେ ଦୁର୍ଲ୍ଲଭ । ଓଡ଼ିଶା ପରିଭ୍ରମଣ ସମୟରେ ଭୂଦେବ ରାଧାନାଥଙ୍କ ସହିତ ସର୍ବଦା ଇଂରାଜୀ, ଓଡ଼ିଆ, ବଙ୍ଗଳା ଏବଂ ସଂସ୍କୃତ ସାହିତ୍ୟର ଆଲୋଚନା କରୁଥିଲେ । ରାଧାନାଥଙ୍କ ସହିତ ସର୍ବପ୍ରଥମ

ପରିଚୟ ସମୟରେ ତାହାଙ୍କ ମୁଖରୁ ସ୍ୱକୀୟ କବିତାର କେତେକ ଉତ୍କୃଷ୍ଟ ଅଂଶ ଶୁଣି ଭୂଦେବ ଏମନ୍ତ ପ୍ରୀତ ହୋଇଥିଲେ ଯେ, ସେହି ଉପଲକ୍ଷରେ ରାଧାନାଥଙ୍କ ନାମରେ ଗୋଟିଏ ପ୍ରଶଂସାପୂର୍ଣ୍ଣ ଏବଂ ଆଶୀର୍ବାଦଗର୍ଭକ ବଙ୍ଗଳା କବିତା ରଚନା କରି ଏଡୁକେଶନ ଗେଜେଟରେ ପ୍ରକାଶ କରିଥିଲେ । ତାହା ଏହି—

১

রাধানাথ উড়িষ্যার গৌরবকেতন,
উদার বিনীত ধীর সুবোধ সুজন,
নানাভাষাবিভূষিত
নানাশাস্ত্রসুপণ্ডিত
কবিতাকাননে পিকবর প্রিয়বর,
স্বর্গীয় স্বভাবে পূত তোমার অন্তর।

সেইদিন রাধানাথ, আছে তব মনে,
সেই দিন প্রিয়বর, মম সন্নিধানে।
বসিয়া অগাধসুখে,
হরষিত স্মিতমুখে
উপেন্দ্র ভঞ্জের সেই কবিতা সুন্দর
শুনায়ে মোহিয়াছিলে আমার অন্তর।

৩

কোমল মধুর আধঅস্ফুট সুস্বরে
যে গাথা গাইয়াছিলে, শুনিয়া অন্তরে
যে ভাব জন্মিল আহা,
আজো ভুলিনাই তাহা,
আজো যেন থেকে থেকে পড়ে তাই মনে,
বসি যেন সেইভাবে মম সন্নিধানে।

৪

কবিতা পীযূষধারা ঢালিতেছ কানে,
যেন বা স্বর্গীয় পিক কুহরে নন্দনে,
তোমাতে উপেন্দ্র যেন
আবির্ভূত—ভাবি হেন
সেই সে সরল ভাব পূর্ণিত সুন্দর
কবিতার কথা মনে জাগে নিরন্তর।

৫

রাধানাথ, উড়িষ্যায় করিয়া উজ্জ্বল
দীর্ঘজীবী হয়ে সাধ স্বদেশমঙ্গল,

হে সুজন, পৃথিবীতে
থাক সুখে স্বচ্ছন্দেতে
সংসারের বিঘ্ন বাধা অতিক্রম ক'রি
বড় হও প্রিয়বর, আশীর্ব্বাদ করি।

১৮৭৯—২৩এ মে—এডুকেসন গেজেট

ଏହି କବିତାଟି ବାଲେଶ୍ୱର ସମ୍ବାଦବାହିକାରେ ମଧ୍ୟ ଉଦ୍ଧୃତ ହୋଇଥିଲା । ଭୂଦେବ ସ୍ୱତଃପ୍ରବୃତ୍ତ ହୋଇ ଗଭର୍ଣ୍ଣମେଣ୍ଟଙ୍କ ଅନୁମୋଦନକ୍ରମେ ରାଧାନାଥଙ୍କୁ ସମଭିବ୍ୟାହାରରେ ନେଇ ବଙ୍ଗ ଏବଂ ବିହାର ପ୍ରଦେଶର ନାନା ସ୍ଥାନ ପରିଭ୍ରମଣ କରିଥିଲେ ।

ରାଧାନାଥଙ୍କର ଦେଶଭ୍ରମଣ ଏବଂ ପ୍ରକୃତିର ଶୋଭାସନ୍ଦର୍ଶନସ୍ପୃହା ଅତ୍ୟନ୍ତ ବଳବତୀ ଥିଲା । ତାହାଙ୍କର ଏହି ରୁଚି ଏକପ୍ରକାର ପୈତୃକ ବୋଲିଯାଇ ପାରେ ; ହେତୁ କି, ଏ ବିଷୟରେ ରାଧାନାଥ ତାହାଙ୍କର ପିତାଙ୍କର ଉପଦେଶ ଏବଂ ଦୃଷ୍ଟାନ୍ତର ଅନୁସରଣ କରୁଥିଲେ । ତାହାଙ୍କ ପିତା ତାହାଙ୍କୁ ସମୟ ସମୟରେ ସୋର ଏବଂ ବାଲେଶ୍ୱରର ନିକଟବର୍ତ୍ତୀ ସମୁଦ୍ରକୂଳକୁ ପରିଭ୍ରମଣ ସକାଶେ ନେଇ ଯାଉଥିଲେ ଏବଂ ବାଲେଶ୍ୱର ଜିଲ୍ଲାରେ ଯେଉଁଠାରେ ଯେଉଁ ଉତ୍କୃଷ୍ଟ ପ୍ରାକୃତିକ ଦୃଶ୍ୟ ଅଛି, ତାହା ସ୍ୱୟଂ ଯାଇ ଦେଖିବା ସକାଶେ ତାହାଙ୍କୁ ପୁନଃ ପୁନଃ ଉପଦେଶ ଦେଉଥିଲେ । ସର୍ବପ୍ରଥମରେ ବାଲେଶ୍ୱର ଅବସ୍ଥାନ ସମୟରେ ରାଧାନାଥ ଅବକାଶମତେ ବାଲେଶ୍ୱରର ପଶ୍ଚିମ-ସ୍ଥିତ ପର୍ବତଶୋଭିତ ମିତ୍ରପୁର ଏବଂ ବାଲେଶ୍ୱରର ପୂର୍ବସ୍ଥିତ ବଙ୍ଗୋପସାଗରର ତୀରବର୍ତ୍ତୀ ଚନ୍ଦପୁରକୁ ପୁନଃ ପୁନଃ ଯାଉଥିଲେ । ଡେପୁଟୀ ଇନ୍‌ସପେକ୍ଟରର ପଦରେ ଥାଇ ସେ ବ୍ୟକ୍ତିଭାବରେ ବାଲେଶ୍ୱର ଜିଲ୍ଲା ପରିଭ୍ରମଣ କଲେ । ସେଥିପରେ ଜଏଣ୍ଟ ଇନ୍‌ସପେକ୍ଟରର ପଦକୁ ଉନ୍ନୀତ ହୋଇ ଓଡ଼ିଶା ଏବଂ କରଦ ରାଜ୍ୟମାନ ପୁନଃ ପୁନଃ ଭ୍ରମଣ କରି ଓଡ଼ିଶା ସମ୍ବନ୍ଧରେ ତାହାଙ୍କର ଯଥେଷ୍ଟ ଭୌଗୋଳିକ ଏବଂ ପ୍ରାକୃତିକ ଜ୍ଞାନ ଲାଭ ହେଲା । ଭୂଦେବଙ୍କ ସହିତ ସେ କାଶୀ ପର୍ଯ୍ୟନ୍ତ ଭ୍ରମଣ କରି ତୃପ୍ତ ନ ହୋଇ ୩ ମାସ ଅବକାଶ ଗ୍ରହଣପୂର୍ବକ ପୁନର୍ବାର ଦେଶ ଭ୍ରମଣରେ ବହିର୍ଗତ ହେଲେ ଏବଂ ବଙ୍ଗ, ବିହାର, ଅଯୋଧ୍ୟା, ଉତ୍ତର ପଶ୍ଚିମ ପ୍ରଦେଶ, ରାଜପୁତାନା, ପଞ୍ଜାବ, ଗୁଜରାଟ, ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶର ପ୍ରଧାନ ପ୍ରଧାନ କେତେକ ସ୍ଥାନ ପରିଦର୍ଶନ କରି ହିମାଳୟ ଦେଖିବା ଅଭିପ୍ରାୟରେ ଦାର୍ଜିଲିଂ ଗମନ କଲେ । ନାନା କାରଣରୁ ଦାକ୍ଷିଣାତ୍ୟ ଭଲରୂପେ ଦେଖିବାର ତାହାଙ୍କ ଭାଗ୍ୟରେ ଘଟିନାହିଁ । ଦେଶଭ୍ରମଣରୁ ପ୍ରତ୍ୟାଗତ ହୋଇ ରାଧାନାଥ ଅବକାଶାନ୍ତେ ନିଜର ପଦ ପୁନର୍ଗ୍ରହଣ କଲେ ।

ବାମଣ୍ଡାର ସୁବିଖ୍ୟାତ ଅଧୀଶ୍ୱର ଉତ୍କଳୀୟ ଅଳଙ୍କାରପ୍ରଶୋଭା ସ୍ୱର୍ଗତ ସାର ବାସୁଦେବ ସୁଢଳଦେବ, **K. C. I. E** ଙ୍କ ସହିତ କେବଳ ପତ୍ରାଦିଦ୍ୱାରା ରାଧାନାଥ ପରିଚିତ ହୋଇଥିଲେ । ତାହାଙ୍କର ନିମନ୍ତ୍ରଣାନୁସାରେ ଗଡ଼ଜାତ ଭ୍ରମଣ ଉପଲକ୍ଷରେ ରାଧାନାଥ ତାଳଚେର ରାଜ୍ୟରୁ ବାମଣ୍ଡା ଯାଇ ସୁଢଳଦେବଙ୍କ ସହିତ ସାକ୍ଷାତ କଲେ ।

ସୁତଳଦେବଙ୍କ ପର ସୁପଣ୍ଡିତ, କାବ୍ୟରସିକ ଏବଂ ବିଦ୍ୟୋତ୍ସାହୀ ରଜାଙ୍କ ସାକ୍ଷାତ୍‌କାର ଲାଭ ରାଧାନାଥଙ୍କ ସାହିତ୍ୟିକ ଜୀବନର ଗୋଟିଏ ପ୍ରଧାନ ଘଟଣା । ପ୍ରଥମ ବାମଣ୍ଡା ଭ୍ରମଣର ବିସ୍ତୃତ ବୃତ୍ତାନ୍ତ ରାଧାନାଥ ନିଜେ ଲିପିବଦ୍ଧ କରି ତାଳ୍ଚେରକ "ଉତ୍କଳଦୀପିକା" ନାମକ ସମ୍ବାଦପତ୍ରରେ ପ୍ରକାଶ କରିଥିଲେ । ସୁତଳଦେବଙ୍କ ସହିତ ରାଧାନାଥଙ୍କ ପରିଚୟ କ୍ରମଶଃ ଘନିଷ୍ଠ ବନ୍ଧୁତାରେ ପରିଣତ ହେଲା ଏବଂ ତାହାଙ୍କ ସୁହୃଦ୍ଭାବନ୍ଦ୍ୱାରା ପ୍ରେରିତ ଓ ତଦନୁସାରେ ଅନୁଭାବିତ ହୋଇ ରାଧାନାଥ ସମସ୍ତ ସମୟରେ ତାହାଙ୍କର ସ୍ୱଳ୍ପାବକାଶର କିୟଦଂଶ ଓଡ଼ିଆ କବିତା ରଚନାରେ ବିନିଯୋଗ କରୁଥିଲେ । ବାମଣ୍ଡାରୁ ପ୍ରଚାରିତ ହିତୈଷିଣୀପତ୍ରିକାର ଭୂତପୂର୍ବ ସମ୍ପାଦକ ଶ୍ରୀ ନୀଳମଣି ବିଦ୍ୟାରତ୍ନ ମଧ୍ୟ ରାଧାନାଥଙ୍କ ଉତ୍ସାହ ବର୍ଦ୍ଧନ ବିଷୟରେ ତ୍ରୁଟି କରିନାହାନ୍ତି । ଓଡ଼ିଶାର ବର୍ତ୍ତମାନ ପ୍ରଚଳିତ ଅନ୍ୟାନ୍ୟ ସମ୍ବାଦପତ୍ରଗୁଡ଼ିକ ସମ୍ବାଦ ପ୍ରଚାର ଓ ରାଜନୈତିକ ଆଲୋଚନାରେ ବ୍ୟାପୃତ । ନୀଳମଣି ବାବୁଙ୍କ କର୍ତ୍ତୃକ ସମ୍ପାଦିତ ହିତୈଷିଣୀ ରାଜନୈତିକ ଆନ୍ଦୋଳନ ସଙ୍ଗେ ସଙ୍ଗେ ସାହିତ୍ୟଚର୍ଚ୍ଚାରେ ବ୍ରତୀ ହେବାରୁ ଓଡ଼ିଶାରେ ସାହିତ୍ୟିକ ଇତିହାସରେ ଯେ ଯୁଗାନ୍ତର ଉପସ୍ଥିତ ହୋଇଅଛି, ଏହା ପ୍ରାୟ ପ୍ରତ୍ୟେକ ଜ୍ଞାତସାର ବ୍ୟକ୍ତି ସ୍ୱୀକାର କରିବେ । ସୁତଳଦେବଙ୍କ ନେତୃତ୍ୱାଧୀନରେ ନବ୍ୟ-ଉତ୍କଳ ସାହିତ୍ୟଚର୍ଚ୍ଚାର ମାର୍ଗ ସର୍ବାଦୌ ନୀଳମଣି ବାବୁଙ୍କଦ୍ୱାରା ଉନ୍ମୁକ୍ତ ହୋଇ ଶ୍ରୀଯୁକ୍ତ ବାବୁ ବିଶ୍ୱନାଥ କରଙ୍କ କର୍ତ୍ତୃକ ସମ୍ପାଦିତ "ଉତ୍କଳସାହିତ୍ୟ" ମାସିକପତ୍ରିକାଦ୍ୱାରା ପ୍ରଶସ୍ତତର ହେଉଅଛି ।

୧୮୯୨ ମସିହାରେ ରାଧାନାଥ ଜଏଣ୍ଟ ଇନ୍‌ସ୍ପେକ୍ଟର ପଦରୁ ଇନ୍‌ସ୍ପେକ୍ଟର ପଦକୁ ଉନ୍ନୀତ ହେଲେ ଏବଂ ୧୯୦୧ ମସିହାରେ **Provincial Service**ର ଶୀର୍ଷ ସ୍ଥାନ ଅଧିକାର କଲେ ।

୧୮୯୬ ମସିହାରେ ସଦାଶୟ ବ୍ରିଟିଶ ଗଭର୍ଣ୍ଣମେଣ୍ଟ ତାହାଙ୍କୁ "ରାୟ ବାହାଦୁର" ଉପାଧିଦ୍ୱାରା ସମ୍ମାନିତ କରିଥିଲେ ।

ରାଧାନାଥ କେତେକ ପାଠ୍ୟପୁସ୍ତକ ମଧ୍ୟ ଲେଖିଥିଲେ, ପୁଣି ସେ ସ୍ୱୟଂ ଯେତେ ଲେଖି ନାହାନ୍ତି; ଅପର ପୁସ୍ତକ ସଂଶୋଧନରେ ତତୋଽଧିକ ସମୟ କ୍ଷେପଣ କରିଅଛନ୍ତି ।

ରାଧାନାଥଙ୍କର ପ୍ରଧାନ ପ୍ରଧାନ ଉତ୍କଳ କବିତା ରଚନାର ସାମୟିକ କ୍ରମ ନିମ୍ନରେ ପ୍ରଦର୍ଶିତ ହେଲା ।

୧—ମେଘଦୂତ
୨—କବିତାବଳୀ
୩—କେଦାରଗୌରୀ
୪—ଚନ୍ଦ୍ରଭାଗା
୫—ନନ୍ଦିକେଶ୍ୱରୀ
୬—ଉଷା
୭—ପାର୍ବତୀ ( ଅପୂର୍ଣ୍ଣ )
୮—ଚିଲିକା
୯—ମହାଯାତ୍ରା ( ଅପୂର୍ଣ୍ଣ )
୧୦—ଯଯାତିକେଶରୀ
୧୧—ତୁଳସୀସ୍ତବକ
୧୨—ଉର୍ବଶୀ ( ଅପୂର୍ଣ୍ଣ )
୧୩—ଦରବାର
୧୪—ଦଶରଥବିୟୋଗ

ଏହା ବ୍ୟତୀତ କେତେଗୁଡ଼ିଏ କ୍ଷୁଦ୍ର କ୍ଷୁଦ୍ର କବିତା ମଧ୍ୟ ସମୟ ସମୟରେ ରଚିତ ହୋଇଥିଲା; ସେମାନଙ୍କ ମଧ୍ୟରୁ କେତେଗୁଡ଼ିଏ ନଷ୍ଟ ହୋଇ ଯାଇଅଛି । ଅବଶିଷ୍ଟ ଏହି ପୁସ୍ତକରେ ଅନ୍ତର୍ନିବିଷ୍ଟ ହୋଇଅଛି ।

ଅବକାଶାଭାବ ଏବଂ ଦାରୁଣ ପାରିବାରିକ ଦୁର୍ବିପାକ ରାଧାନାଥଙ୍କ ସାହିତ୍ୟାନୁଶୀଳନର ପ୍ରଧାନ ଅନ୍ତରାୟ ହେଲା । ତାହାଙ୍କ ଜ୍ୟେଷ୍ଠ ପୁତ୍ର ଶ୍ରୀ ଶଶିଭୂଷଣ ରାୟଙ୍କର କଠିନ ମୂର୍ଚ୍ଛାରୋଗ ତାହାଙ୍କୁ ଏକପ୍ରକାର ଅବସନ୍ନ ଏବଂ ଜୀବନ୍ମୃତ କରିପକାଇଲା । "ପାର୍ବତୀ" ରଚନା ସମୟରେ ଏହି ରୋଗର ଆରମ୍ଭ ହୋଇଥିଲା । ପାର୍ବତୀ ଯେପରି ଖଣ୍ଡିତାବସ୍ଥାରେ ଅଛି, ସେଥିରୁ ଲେଖକଙ୍କର ତାତ୍କାଳିକ ମାନସିକ ଅବସ୍ଥାର ସ୍ପଷ୍ଟ ପରିଚୟ ମିଳୁଅଛି ।

ରାଧାନାଥଙ୍କ ରଚନା ଉତ୍କଳ ସାହିତ୍ୟର ସ୍ଥାୟୀ ସମ୍ପତ୍ତି ହେବାର ଯୋଗ୍ୟ କି ନା, ଏ ବିଷୟ-ବିଚାରର ଭାର ସାଧାରଣଙ୍କ ହସ୍ତରେ ନିହିତ । ତାହାଙ୍କ ରଚିତ ଗ୍ରନ୍ଥ ମଧ୍ୟରେ "ମହାଯାତ୍ରା" ଅବଶ୍ୟ ଶୀର୍ଷ ସ୍ଥାନୀୟ । ମହାଯାତ୍ରା ସେ ୩୦ ଅଧ୍ୟାୟରେ ଶେଷ କରିବାର ସଂକଳ୍ପ କରିଥିଲେ । ଏହି କାବ୍ୟ ସମାପ୍ତ ହୋଇଥିଲେ ଉତ୍କଳ ସାହିତ୍ୟରେ ରାଧାନାଥଙ୍କ ସ୍ଥାନକର୍ତ୍ତୃତ୍ୱ ସହଜସାଧ୍ୟ ହୋଇଥାନ୍ତା । ଦୁର୍ଦ୍ଦୈବ ତାହା କରିଦେଲା ନାହିଁ । ଅନେକ ସମୟରେ ରାଧାନାଥ ଖେଦୋକ୍ତି କରି କହିଅଛନ୍ତି ଯେ ସାହିତ୍ୟଜ୍ଞାନ ବହୁ ସମୟସାପେକ୍ଷ, ବହୁ ଆୟାସସାଧ୍ୟ । ତାହାଙ୍କର ସେହି ଜ୍ଞାନର ଉନ୍ମେଷ ହେବା ସମୟରେ ଦାରୁଣ ଦୁର୍ବିପାକ ତାହାଙ୍କର ଉଦ୍ୟମକୁ ଅଙ୍କୁରରେ ବିନଷ୍ଟ କରିଦେଲା ଏବଂ ସେ ଯାହା କରିବାର ସଂକଳ୍ପ କରିଥିଲେ, ସେଥିରୁ ଏକପଣ ସୁଦ୍ଧା କରିପାରିଲେ ନାହିଁ ।

୧୮୯୯ ମସିହାରେ ସେ ବର୍ଦ୍ଧମାନ ବିଭାଗକୁ ବଦଳି ହୋଇ ସେହି ବିଭାଗରେ କାର୍ଯ୍ୟ କରୁଥିଲେ । ୧୦ ବର୍ଷବ୍ୟାପୀ ଦାରୁଣ ଦୁଶ୍ଚିନ୍ତାବଶତଃ ତାହାଙ୍କର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟର ଶୋଚନୀୟ କ୍ଷତି ହୋଇଥିଲା । ପ୍ରାୟ ୪ ବର୍ଷ ପୂର୍ବେ ସେ କାର୍ଯ୍ୟରୁ ଅବସର ଗ୍ରହଣ କରିବେ ବୋଲି ସଂକଳ୍ପ କରି ସେଥିର ସମସ୍ତ ପୂର୍ବାନୁଷ୍ଠାନ କରିଥିଲେ । ନାନା କାରଣରୁ ସେହି ସଂକଳ୍ପ କାର୍ଯ୍ୟରେ ପରିଣତ ହୋଇ ପାରିଲା ନାହିଁ ।

ରାଧାନାଥ ବଙ୍ଗଦେଶକୁ ଯାଇ ଅନେକ କବି ଏବଂ ସାହିତ୍ୟସେବକଙ୍କ ସହିତ ପରିଚିତ ହୋଇ ସେମାନଙ୍କର ପ୍ରୀତିଭାଜନ ହୋଇଥିଲେ ।

ନିମ୍ନୋଦ୍ଧୃତ କବିତାରେ ବଙ୍ଗକବିକୁଳତିଳକ ନବୀନଚନ୍ଦ୍ର ମହୋଦୟ ମଧ୍ୟ ତାହାଙ୍କର ମନୋଭାବ ବ୍ୟକ୍ତ କରିଥିଲେ ଯଥା—

১

এস এস উড়িষ্যার গৌরবকেতন,
ব.গাপাণী জননীর স্নেহাস্পদ ধন

জ্যেষ্ঠসহোদরোপম
প্রাণের দেবতা মম,
হৃদয়ের সিংহাসন করিয়া স্থাপন
রেখেছি তোমার তরে, বসহ সুজন ॥

২

তুমি মোর অন্তরের আরাধ্যদেবতা
তুমি মোর হৃদপদ্ম সুহৃদ সবিতা,
থাকি দূর দেশান্তরে,
বাঁচাইতে অভাগারে
বিতরিয়া অপার্থিব প্রীতি পবিত্রতা
নির্মল জ্ঞানের রশ্মি, স্নিগ্ধ সরলতা ॥

৩

ফুটাও এ হিমসিক্ত হৃদয় পদ্মেরে,
উদ্দীপন সুধা ঢালি বাঁচাও সংসারে।
কি জানি কী পুণ্যবলে
এ দারুণ মরুস্থলে
প্রীতীকল্পতরুরূপে পেয়েছি তোমারে,'
দাঁড়ায়ে এ ছায়াতলে জুড়াই অন্তরে ॥

৪

সখে ! কভু দেখি নাই তোমারে নয়নে,
দেখিব এ আশা কভু কভু নাই মনে,
একান্ত আকাঙ্খা ভরে,
কল্পনা তুলীকা করে
প্রীতির রসেতে এই হৃদয়দর্পণে
চিত্রিয়া তোমার মূর্তি পুজি হে যতনে

৫

মনের নয়নে যাঁরে করিয়া দর্শন
পুলকপাথারে চিত্ত ভাসে অনুক্ষণ,
যাহার সদ্‌গুণ গানে
যার স্নেহসুধা পানে
উদ্দীপিত এই প্রাণে, সেই সে এখন
সম্মুখে বিরাজে, এ কি নিশার স্বপন !!

৬

না না স্বপ্ন নহে, ইহা প্রকৃত ঘটনা,
এ যে দেখি ঈশ্বরের অপূর্ব করুণা !
যাহারে দেখিতে মন
ব্যাকুলিত অনুক্ষণ

সেই সে বাঞ্ছিত ধন গৃহেতে দেখ না
না না, স্বপ্ন নহে, ইহা প্রকৃত ঘটনা ॥

৭

এস এস উড়িষ্যার গৌরবকেতন,
বীণাপাণি জননীর স্নেহাস্পদ ধন
অপার্থিব প্রীতিভরে
হৃদসিংহাসন পরে
বস সখে. প্রীতিঅশ্রু করহ গ্রহণ,
এস সখে, উড়িষ্যার গৌরবকেতন ।

চিরমমতাবদ্ধ
শ্রী নবীনচন্দ্র

ଉପରେ ସନ ୧୯୦୩ ମସିହା ସେପ୍ଟେମ୍ବର ମାସରେ ରାଧାନାଥ ପେନ୍‌ସନ ଗ୍ରହଣ କରି କଟକରେ ଉପନୀତ ହେଲେ । ତାତ୍କାଳିକ ମାନସିକ ଦୁଶ୍ଚିନ୍ତା ତାହାଙ୍କୁ ଏକ ପ୍ରକାର ଅବସନ୍ନ କରି ରଖିଥିଲା । କ୍ରମାଗତ ଚାରି ବର୍ଷକାଳ ଦାରୁଣ ଦୁଶ୍ଚିନ୍ତାରେ ଦହ୍ୟମାନ ହେଉଥିବାରୁ ପ୍ରକୃତି ପର୍ଯ୍ୟବେକ୍ଷଣଦ୍ୱାରା ଚିତ୍ତପରିବର୍ତ୍ତନର ସମ୍ଭାବନା ମଣି ସେ ସୁଯୋଗ୍ୟ ପିତୃଭକ୍ତ ପୁତ୍ର ଶ୍ରୀଯୁକ୍ତ ଶଶିଭୂଷଣ ରାୟଙ୍କ ସହିତ ସନ ୧୯୦୮ ମସିହାରେ ଗଡ଼ଜାତ ଭ୍ରମଣରେ ବହିର୍ଗତ ହେଲେ । ତାଳଚେର ଦୁର୍ଗର ବ୍ରାହ୍ମଣୀତଟରେ ଦେଢ଼ମାସବ୍ୟାପୀ ଅବସ୍ଥାନ ତଦୀୟ ସ୍ୱାସ୍ଥ୍ୟର ସୁପରିବର୍ତ୍ତନ ଘଟାଇଲା । ତଦନନ୍ତର ଉତ୍କଳର ସର୍ବୋଚ୍ଚ ପର୍ବତ 'ମାଲ୍ୟଗିରି'ର ଶିଖରପ୍ରଦେଶରେ ୧୨ ଦିନ ଅବସ୍ଥାନ ତାହାଙ୍କ ମନରେ ସ୍ୱର୍ଗୀୟଭାବ ଉଦ୍ଦୀପିତ କରି ତାହାଙ୍କୁ ସଂସାରର ମାୟାପାଶରୁ ବିଚ୍ଛିନ୍ନ କରିଥିବାର ଅନୁମିତ ହୁଏ । ଏହିଠାରେ ୪୫ ବର୍ଷବ୍ୟାପୀ ନସ୍ୟଗ୍ରହଣ ଅଭ୍ୟାସ ସେ ଅବଲୀଳାକ୍ରମେ ଏକ ସପ୍ତାହ ମଧ୍ୟରେ ପରିତ୍ୟାଗ କରିଥିଲେ । ତଦନନ୍ତର ବାମଣ୍ଡାରେ, ସ୍ୱାରକଧିକ୍‌କାରୀ ପ୍ରଧାନ ପାଟ ପ୍ରପାତର ଶୋଭା ଏବଂ ତୁଡ଼ିଖୋଲ ପର୍ବତଶ୍ରେଣୀରେ ରୁଦ୍ର ସୁନ୍ଦର ମୂର୍ତ୍ତି (ଯାହା ସମସ୍ତ ଜୀବନରେ ସେ ଦେଖି ନ ଥିଲେ) ସନ୍ଦର୍ଶନ କରି ରେଲମାର୍ଗରେ କଟକକୁ ବାହୁଡ଼ିଲେ । ଏହି ତିନି ମାସ ଗଡ଼ଜାତ ଭ୍ରମଣରେ ଢେଙ୍କାନାଳ-ଅଧୀଶ୍ୱର ଶ୍ରୀସୁରପ୍ରତାପ, ତାଳଚେରାଧୀଶ ଶ୍ରୀ କିଶୋରଚନ୍ଦ୍ର, ଲହଡ଼ାଧୀଶ ଶ୍ରୀ ଗଣେଶ୍ୱର ଏବଂ ବାମଣ୍ଡାଧୀଶ ଶ୍ରୀ ସଚ୍ଚିଦାନନ୍ଦ ତାହାଙ୍କ ଭ୍ରମଣ ଏବଂ ନୈସର୍ଗିକ ପିପାସାର ତୃପ୍ତି ହେତୁ ମାନସିକ ଦୁଶ୍ଚିନ୍ତାର ଅପନୋଦନ ସମ୍ବନ୍ଧରେ ଯେଉଁ ସୁବିଧା ଓ ସୁଯୋଗମାନ କରିଦେଇଥିଲେ, ସେଥିଲାଗି ସେମାନେ ତାହାଙ୍କର ତଥା ସମଗ୍ର ଉତ୍କଳର ଧନ୍ୟବାଦାର୍ହ ।

ତୁଡ଼ିଖୋଲ ଘାଟି ନିମ୍ନରେ ଆତପକ୍ଲେଶ ନିବାରଣ ନିମିତ୍ତ ଯେଉଁ ସହକାର ତରୁତଳରେ ସେ ସ୍ୱୀୟ ଆତ୍ମଜଙ୍କ ସହିତ କିଛିକ୍ଷଣ ବିଶ୍ରାମ କରିଥିଲେ, ସେଠାରେ ଗୁଣଗ୍ରାହୀ ବାମଣ୍ଡାଧୀଶ ସଚ୍ଚିଦାନନ୍ଦ ଗୋଟିଏ ପ୍ରସ୍ତର ବେଦିକା ନିର୍ମାଣ କରାଇ ପ୍ରସ୍ତରଫଳକରେ ପରିସ୍ଫୁଟାଙ୍କିତ କବିତାଟି ଖୋଳାଇ ଦେଇଥିବାରୁ ତାହା ବାମଣ୍ଡାଯାତ୍ରୀ ପ୍ରତ୍ୟେକ ପଥିକଙ୍କ ହୃଦୟରେ କବିବରଙ୍କ ସ୍ମୃତି ଜାଗ୍ରତ କରାଇ ଦେଉଅଛି ।

## ଓଁ ତତ୍‌ସତ୍

ସାହିତ୍ୟ କାନନଚାରୀ ବସନ୍ତ-କୋକିଳ,
କବିବର ରାଧାନାଥ ରାୟ ବାହାଦୁର,
ଊନବିଂଶ ଶତାଧିକ ଅଷ୍ଟ ଶତାବ୍ଦୀରେ
କରିଥିଲ ବାମଣ୍ଡାକୁ ଶୁଭ ଆଗମନ ।
ପ୍ରତ୍ୟାବୃତ୍ତକାଳେ ଏହି ଶିଖରଶିଖରେ
ଦୈବଯୋଗେ ଭାରବାହୀ ବଳୀବର୍ଦ୍ଦପଦ
ଖଞ୍ଜ ଯୋଗୁଁ, ଦେଖି ତାର କର୍ତ୍ତବ୍ୟବିମୁଖ
ଦୟାର୍ଦ୍ର ହୃଦୟ ତବ ହେଲା ଦ୍ରବୀଭୂତ,
ବିଧୁକର ସଂସ୍ପର୍ଶରେ ବିଧୁମଣି ଯଥା ।
ଏକେ ମଧୁମାସ ପୁଣି ମଧ୍ୟାହ୍ନ ସମୟ,
ପ୍ରଚଣ୍ଡ ଚଣ୍ଡାଂଶୁତାପ, ନ ମାନି ସେ କଷ୍ଟ,
ପଦବ୍ରଜେ ବାଙ୍କମଣି ଆତ୍ମଜ ସହିତ
ଉତୁରି ଟିରଟଙ୍କରୁ ବିଶ୍ରାମିଲ ଆସି
ବକୁଳ ବୈଭବେ ରମ୍ୟ ଏହି ଚୂତମୂଳେ ।
ଭୋଗିଛ ସେ ଦିନ ଯେଉଁ କଷ୍ଟ କବିମଣି ।
ଅନୁଭବ ନ ପାରିବେ ଅନୁଭବୀ ବିନା ।
ଶେଷକରି ଏହି ଯାତ୍ରା ପ୍ରବେଶି ଆଳୟେ
ବିଭୋଗି ରୋଗେ ଯନ୍ତ୍ରଣା ଅସ୍ୱାଦନାନ୍ତରେ,
ତେଜି ସର୍ବ ମାୟା ମୋହ, ଆଜ ମର ତନୁ,
ଅମର ଭୁବନେ ଯାଇଁ ବିଶ୍ରାମିଲ, ସତ୍ୟ;
କିନ୍ତୁ "ରାଧାନାଥ" ନାମ ମର୍ତ୍ତ୍ୟରେ ଅମର ;
ରଖି ଯାଇଅଛ ଯେଉଁ ଅକ୍ଷୟ କୀରତି,
ବିଲୁପ୍ତ ନ ହେବ ଯାବଚ୍ଚନ୍ଦ୍ରାର୍କ ମେଦିନୀ ।
ତେଣୁ ଏହି ଚୂତମୂଳେ ଏ ରମ୍ୟ ବେଦିକା
ନିର୍ମିଣିଲେ ତବ ସେହି ସ୍ମୃତିରକ୍ଷା ଅର୍ଥେ
ଗୁଣି-ଗୁଣ-ଗୁଣଗ୍ରାହୀ ବାମଣ୍ଡାମଣ୍ଡନ
ରାଜା ଶ୍ରୀ ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ ।

କଟକରେ ଉପସ୍ଥିତ ହେଲା ଉତ୍ତାରୁ ରାଧାନାଥଙ୍କର ସାମାନ୍ୟ ଜ୍ୱର ଓ ତଜ୍ଜନିତ ଅତ୍ୟଧିକ ଶାରୀରିକ ଦୁର୍ବଳତା ସଂଜାତ ହେଲା । ଗୃହୁଁ ଗୃହୁଁ ୧୭ ତାରିଖ ଅପ୍ରେଲ୍ ସନ ୧୯୦୮ ମସିହା ଚୈତ୍ର ରାକାରଜନୀରେ ହଠାତ୍ କ୍ରୂର କାଳ ଆସି ତାହାଙ୍କର ଜୀବନ-ପ୍ରଦୀପ ନିର୍ବାପିତ କରିଦେଲା ।

ଅଧୁନା କବି ଓ ତତ୍‌କବିତା ସମ୍ବନ୍ଧରେ ପଦେ ଅଧେ କହି ଉପସଂହାର କରିବୁଁ । ଆଧୁନିକ ଉତ୍କଳର କବୀଶ୍ୱର ରାଧାନାଥ ସ୍ୱୀୟ ପ୍ରଜ୍ଞା-କୁଞ୍ଚିକାବଳରେ ସାହିତ୍ୟକୋଷ ଉଦ୍‌ଘାଟନ କରି ଉତ୍କଳଭାରତୀଙ୍କୁ ମନୋହର ଆଭରଣରେ ସମାଳଙ୍କୃତ

କରିଅଛନ୍ତି । ତାଙ୍କର ନବରସମୟୀ ଲେଖାବଳୀ ପ୍ରାଚୀନ ଉତ୍କଳସାହିତ୍ୟ ଅପେକ୍ଷା କେତେକ ଅଂଶରେ ଉନ୍ନତ ପଦବୀ ଲଭିବାର ଉପଯୁକ୍ତ । ନବ ଯୁଗର ସାହିତ୍ୟ-ସଂସାରରେ ଯେଭଳି ରଚନାସୌଷ୍ଠବ ସର୍ବଜନସମାଦୃତ ହେଉଅଛି, କବିବର ରାଧାନାଥ ସେହି ଉତ୍କୃଷ୍ଟ ପନ୍ଥା ଅବଲମ୍ବନ କରି ତାଙ୍କର ନିରବଦ୍ୟ ପଦ୍ୟାବଳୀ ରଚନା କରିଅଛନ୍ତି । ପ୍ରାଚୀନ ଉତ୍କଳର ବରଣୀୟ କବିବୃନ୍ଦ ଶବ୍ଦ ଏବଂ ଭାବବାକ୍ୟର ସମ୍ରାଟ ପଦବୀରେ ସମାସୀନ ହେଲେହେଁ ସେମାନଙ୍କ ମଧ୍ୟରେ ରାଧାନାଥଙ୍କ ସଦୃଶ ଈଶ୍ୱରପ୍ରେରିତ ନିସର୍ଗ ଉପଦେଷ୍ଟାର ଅନନ୍ୟମନା ଅନ୍ତେବାସୀ ଏକାନ୍ତ ବିରଳ କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ । ରାଧାନାଥଙ୍କ କବିତାର ପ୍ରତ୍ୟେକାଂଶରେ କମନୀୟ-କାନ୍ତି ଉତ୍କଳପ୍ରକୃତିର ବର୍ଣ୍ଣନା ଦୃଷ୍ଟ ହୁଏ । ତାଙ୍କର କବି-ଜନ-ସୁଲଭ ରଙ୍ଗାଙ୍ଗୀବଦ୍ଧ ପ୍ରକୃତିସୁନ୍ଦରୀଙ୍କ ସୌନ୍ଦର୍ଯ୍ୟ ଚିତ୍ରଣରେ ସର୍ବତୋଭାବରେ ପରିସ୍ଫୁଟ— ଏହାହିଁ କବିବରଙ୍କର ବିଶେଷତ୍ୱ । କିନ୍ତୁ ବୀର, କରୁଣ ଏବଂ ଶୃଙ୍ଗାରାଦି ରସସମୂହର ଅବତାରଣ ସମ୍ବନ୍ଧରେ କବିବର ଯେଉଁ ଅପୂର୍ବ ରଚନାକୌଶଳ ପ୍ରଦର୍ଶନ କରି-ଅଛନ୍ତି, ତାହା ଉତ୍କଳ-ସାହିତ୍ୟ-ଲକ୍ଷ୍ମୀଙ୍କ ରମଣୀୟ ମୁକୁଟାଲଙ୍କାର ସଦୃଶ ଚିରଦିନ ଦେଦୀପ୍ୟମାନ ରହିବ । ଏତଦ୍ଦୃଷ୍ଟେ ଯଦି କବିବରଙ୍କୁ ଅସାଧାରଣ ମୌଳିକତାସମ୍ପନ୍ନ କବିସମ୍ରାଟ ବୋଲିଯାଏ, ତାହାହେଲେ ବୋଧହୁଏ, ଅତ୍ୟୁକ୍ତି ଦୋଷ ଘଟିବ ନାହିଁ । ତାଙ୍କର ସୁଧା-ସ୍ୟନ୍ଦିନୀ ମୌଳିକ କବିତାବଳୀ କ୍ରମଶଃ ଜନସମାଜରେ ପ୍ରଚାରିତ ହୋଇ କାଳକ୍ରମେ ସାହିତ୍ୟସେବକବୃନ୍ଦର ସର୍ବୋତ୍କୃଷ୍ଟ ସମାଦର ଲାଭ କରିବ ।

କାବ୍ୟସମ୍ବନ୍ଧିନୀ ରାଧାନାଥକୀର୍ତ୍ତି ଯଥାର୍ଥ ନିରୁପାୟରୂପେ ଉତ୍କଳ କାବ୍ୟଜଗତରେ ଶ୍ରବଣେନ୍ଦ୍ରିୟର ପୀୟୂଷ-ପ୍ରସ୍ରବଣସ୍ୱରୂପ ପରିଗୃହୀତ ହେବ । ମହାଯାତ୍ରା କାବ୍ୟ ଅସମ୍ପୂର୍ଣ୍ଣ ହେଲେହେଁ କବିବରଙ୍କ ରଚିତ କାବ୍ୟ-ନନ୍ଦନ-କାନନର ପାରିଜାତ ସଦୃଶ ଏହି କାବ୍ୟ ସାହିତ୍ୟସମାଜରେ ସମାଦୃତ ହେଉଅଛି । ତାଙ୍କର ଅନ୍ୟାନ୍ୟ ଅସମ୍ପୂର୍ଣ୍ଣ କାବ୍ୟ ମଧ୍ୟରେ ଉର୍ବଶୀ ଏବଂ ପାର୍ବତୀ ଉଲ୍ଲେଖଯୋଗ୍ୟ । ଏହି ଦୁଇଖଣ୍ଡ କାବ୍ୟ ସମ୍ପୂର୍ଣ୍ଣତା ଲାଭ କରିଥିଲେ ଉତ୍କଳଭାରତୀକଣ୍ଠରେ ସମୁଜ୍ଜ୍ୱଳ ହୀରକହାର ସଦୃଶ ବିରାଜିତ ହୋଇଥାନ୍ତା । କିନ୍ତୁ ଦାରୁଣ ଦୁର୍ଦ୍ଦୈବ ଯୋଗୁଁ ଉତ୍କଳବାସୀ ଏହି ସମସ୍ତ ଅମୂଲ୍ୟ ସାରସ୍ୱତ ସମ୍ପଦରୁ ବଞ୍ଚିତ ହୋଇଅଛନ୍ତି ।

ଅତି ସଂକ୍ଷେପରେ ରାଧାନାଥଙ୍କ ଜୀବନଚରିତ ଏଥିରେ ସନ୍ନିବିଷ୍ଟ ହେଲା । ତାହାଙ୍କ ଜୀବନର ପ୍ରତ୍ୟେକ ଘଟଣା ବହୁଳଶିକ୍ଷାପ୍ରଦ ଓ ଅନୁକରଣୀୟ । ଏ ବିଷୟରେ ଆମ୍ଭେମାନେ ଭୂରି ଭୂରି ପ୍ରମାଣ ପ୍ରତି ମୁହୂର୍ତ୍ତରେ ଉପଲବ୍ଧି କରିଅଛୁଁ । ରାଧାନାଥ ଓଡ଼ିଶାରେ ଅଦ୍ୱିତୀୟ ଗୁଣିରଙ୍କ ପୁରୁଷ ଥିଲେ । ତାହାଙ୍କର ଯେଉଁ ଯେଉଁ ସଦ୍‌ଗୁଣମାନ ମାନସପ୍ରତ୍ୟକ୍ଷ କରିଅଛୁଁ ତନ୍ମଧ୍ୟରେ ବିନୟ ଓ ପରଦୁଃଖକାତରତା ସର୍ବ ଶ୍ରେଷ୍ଠ ଅଟେ । ସେହି ବିନୟାଦି ଯୋଗୁ ରାଧାନାଥ ଆଜି ଆମ୍ଭମାନଙ୍କର ହୃଦୟରେ ଏକାନ୍ତ ଆରାଧ୍ୟ । ସେଥିଲାଗି ତାହାଙ୍କୁ ସର୍ବଦା ସ୍ୱର୍ଗର ଦେବତାରୂପେ ଗ୍ରହଣ କରିବାକୁ ଆମ୍ଭେମାନେ ପ୍ରସ୍ତୁତ । ଇତି ।

ହଂସନାବାଦ, କଟକ
୧୯୦୨

ଶ୍ରୀ ଅଷ୍ଠିବାଣି ଶତପଥୀ

# ପ୍ରଥମ ସଂସ୍କରଣର ଭୂମିକା

ପ୍ରାଚୀନ ଉତ୍କଳରେ ଅନେକ କବି ଜନ୍ମଗ୍ରହଣ କରି ଉତ୍କଳଭାଷାର ଅବୟବ ପରିପୁଷ୍ଟ ଏବଂ ସମଳଂକୃତ କରିଥିଲେ । ଏମାନଙ୍କ ମଧ୍ୟରେ ଉପେନ୍ଦ୍ର, ଦୀନକୃଷ୍ଣ, ଅଭିମନ୍ୟୁ ଏବଂ ବଳଦେବ ସର୍ବପ୍ରଧାନ । ପ୍ରାଚୀନ ଉତ୍କଳସାହିତ୍ୟାକାଶରେ ଏହି ଚାରି ମହୋଜ୍ଜ୍ୱଳ ଜ୍ୟୋତିଷ୍କ ଚିର ଦେଦୀପ୍ୟମାନ ।

ରାଧାନାଥ ନବ୍ୟଯୁଗର କବି । କେବଳ ପ୍ରତିଭାର ବିଚାର କଲେ ରାଧାନାଥ ପୂର୍ବ ଚାରି କବିମାନଙ୍କ ସହିତ ଆସନ ପାଇବାର ଯୋଗ୍ୟ କି ନା ଏ ବିଷୟରେ ମତଭେଦ ହୋଇପାରେ, ମାତ୍ର ରାଧାନାଥଙ୍କର ଯେଉଁ ବିଶେଷତ୍ୱ ଅଛି ତଦ୍ଦ୍ୱାରା ତାହାଙ୍କର ଦାବୀ ବହୁପରିମାଣରେ ସମର୍ଥିତ ହୋଇପାରେ ।

ରାଧାନାଥଙ୍କ ରଚନା ଅପେକ୍ଷାକୃତ ସହଜ ଓ ସରଳ ଏବଂ ଶବ୍ଦାଳଙ୍କାରଦ୍ୱାରା ଅଯଥା ଭାରାକ୍ରାନ୍ତ ନୁହେଁ ।

ରାଧାନାଥଙ୍କ କାବ୍ୟାବଳୀରେ ପ୍ରାୟ ସମସ୍ତ ରସର ଅବତାରଣା ହୋଇ-ଅଛି । ଏହାଙ୍କର ଅଧିକାଂଶ ରଚନା କରୁଣରସପ୍ରଧାନ । ପ୍ରାଚୀନ କାବ୍ୟମାନଙ୍କରେ ଯେ କରୁଣରସ ନାହିଁ, ଏମନ୍ତ ନୁହେ, ମାତ୍ର ତାହା ନାୟକ ନାୟିକାର ସାମୟିକ ବିରହସମ୍ଭୂତ । ରାଧାନାଥଙ୍କ କରୁଣରସ ଏହା ଅପେକ୍ଷା ବହୁପରିମାଣରେ ଗମ୍ଭୀରତର ଏବଂ ଗାଢ଼ତର । ଗୌରୀ, କୌଶଲ୍ୟା, ପାର୍ବତୀ, ଅନ୍ନପୂର୍ଣ୍ଣା, ନନ୍ଦିକା ପରି କରୁଣ-ରସୋଦ୍ଭାସିତା ନାୟିକା ପ୍ରାଚୀନ କାବ୍ୟମାନଙ୍କରେ ସୁଲଭ ନୁହେଁ ।

'ମହାଯାତ୍ରା' ଅସମ୍ପୂର୍ଣ୍ଣ ହେଲେହେଁ ସେଥିରେ ବୀରରସର ଯେପରି ସ୍ଫୂର୍ତ୍ତି ଦେଖାଯାଏ, ପ୍ରାଚୀନ ଉତ୍କଳ ସାହିତ୍ୟରେ ସେଥିର ପଟାନ୍ତର ଅଛି କି ନାହିଁ, ସନ୍ଦେହ । ମହାଯାତ୍ରାର ଚତୁର୍ଥ ସର୍ଗର ରୂପକାବଳୀ ଓ ସମାରଚନା ଭାରତର ଉନ୍ନତ ସାହିତ୍ୟମାନଙ୍କରେ ସୁଦ୍ଧା ଆଦରଣୀୟ ବୋଲି ପରିଗୃହୀତ ହୁଅନ୍ତା ।

ଆଦିରସରେ ସୁଦ୍ଧା ଯଯାତିକେଶରୀ-ପ୍ରଣେତା ରାଧାନାଥ ପ୍ରାଚୀନ କବି-ମାନଙ୍କର ନିତାନ୍ତ ଅଯୋଗ୍ୟ ପ୍ରତିଦ୍ୱନ୍ଦ୍ୱୀ ନୁହନ୍ତି ।

ଉତ୍କଳୀୟ ପ୍ରକୃତିବର୍ଣ୍ଣନ ବିଷୟରେ ରାଧାନାଥଙ୍କର ବିଶେଷତ୍ୱ ଯେ ସର୍ବାପେକ୍ଷା ପରିସ୍ଫୁଟ, ଏ ସମ୍ବନ୍ଧରେ କାହାରି ମତଦ୍ୱୈଧ ହେବ ନାହିଁ । ଫଳତଃ ରାଧାନାଥଙ୍କୁ ନିସର୍ଗମନୋହର ଉତ୍କଳୀୟ ପ୍ରକୃତିପୀଠର ପଟ୍ଟପୁରୋହିତ ବୋଲାଯାଇପାରେ । ତାହାଙ୍କର ଅଧିକାଂଶ କାବ୍ୟରେ ଉତ୍କଳପ୍ରକୃତିର ଯେଉଁ ଆଲେଖ୍ୟମାନ ପ୍ରଦତ୍ତ ହୋଇଅଛି,

ତାହା ଭାରତୀୟ ଯେ କୌଣସି କବି ପକ୍ଷରେ ଗୌରବାବହ ହୁଅନ୍ତା । ଉତ୍କଳବାସୀଙ୍କର ନିଜ ମାତୃଭୂମି ପ୍ରତି ଶ୍ରଦ୍ଧା ଏବଂ ପ୍ରୀତି ଉଦ୍ଦୀପନ କରାଇବା ବିଷୟରେ 'ରାଧାନାଥ ଗ୍ରନ୍ଥାବଳୀ' ପରି ଗ୍ରନ୍ଥ ଉତ୍କଳସାହିତ୍ୟରେ ନାହିଁ ।

ପରିଶେଷରେ ବକ୍ତବ୍ୟ ଏହି ଯେ ଗ୍ରନ୍ଥାବଳୀର ସକଳ ତତ୍ତ୍ୱାବଧାରଣ ଓ ପ୍ରୁଫ୍ ସଂଶୋଧନ ପ୍ରଭୃତି ବିଷୟରେ ମୋହର ଶ୍ରଦ୍ଧେୟ ବନ୍ଧୁବର ଶ୍ରୀଯୁକ୍ତ ବାବୁ ଶଶିଭୂଷଣ ରାୟ ମହାଶୟ ଯଥେଷ୍ଟ ଶ୍ରମ ସ୍ୱୀକାର କରିବାରୁ ତାହାଙ୍କଠାରେ କୃତଜ୍ଞତାପାଶରେ ଆବଦ୍ଧ ରହିଲି । ଇତି ।

ଖଡ଼ିଆଳସ୍ଥ
୧୩ । ୪ । ୧୯୦୨
ମହାବିଷୁବ ସଂକ୍ରାନ୍ତି

ଶ୍ରୀ ଶିବନାରାୟଣ ଦେବ
ପ୍ରକାଶକ

# ଦ୍ୱିତୀୟ ସଂସ୍କରଣର ଭୂମିକା

କବିବର ୰ ରାଧାନାଥ ଆଧୁନିକ ଉତ୍କଳର ସାହିତ୍ୟିକ ସମ୍ପ୍ରଦାୟ ଏବଂ ଗୁଣଗ୍ରାହୀ ବିଦ୍ୱନ୍ମଣ୍ଡଳୀକର୍ତ୍ତୃକ ସାହିତ୍ୟସମ୍ରାଟର ସୁବର୍ଣ୍ଣ ସିଂହାସନରେ ଅଭିଷିକ୍ତ ହୋଇଅଛନ୍ତି । ବସ୍ତୁତଃ ୰ ରାଧାନାଥ ଆଧୁନିକ ଉତ୍କଳସାହିତ୍ୟ ମନ୍ଦିରର ସର୍ବପ୍ରଧାନ ନିର୍ମାତା ଏବଂ ସେ ପ୍ରାଚୀନ ସାହିତ୍ୟ ଅପେକ୍ଷା ଆଧୁନିକ ସାହିତ୍ୟକୁ ଯେପରି ସମ୍ପୂର୍ଣ୍ଣ ନୂତନ ଓ ମନୋହର ଭାବରେ ଗଠିତ କରିଅଛନ୍ତି, ତହିଁରେ ତାଙ୍କଠାରେ କବିବର ଆଖ୍ୟା ଆରୋପଣ ସମ୍ପୂର୍ଣ୍ଣରୂପେ ସ୍ୱାଭାବିକ ବୋଲି ଅନୁମିତ ହୁଏ । ରାଧାନାଥଙ୍କର ସରଳ, ସୁନ୍ଦର ଏବଂ ସରସ ଭାଷା ପ୍ରାଚୀନ ସାହିତ୍ୟ ଅପେକ୍ଷା ଅନେକାଂଶରେ ମନୋହାରିଣୀ, ଏଥିରେ ବୋଧହୁଏ କାହାରି ମତଦ୍ୱୈଧ ହେବ ନାହିଁ । ଅଧିକନ୍ତୁ କମନୀୟକାନ୍ତି ଉତ୍କଳୀୟ ପ୍ରକୃତିର ସୌନ୍ଦର୍ଯ୍ୟ ବର୍ଣ୍ଣନ ବିଷୟରେ କବିବର ଅପୂର୍ବ ରଚନାକୌଶଳ ପ୍ରଦର୍ଶନ କରିଛନ୍ତି । ଭୂମଣ୍ଡଳର କୋମଳତା ଏବଂ କଠୋରତା ସଙ୍ଗେ ଘନିଷ୍ଠ ସମ୍ପର୍କ କବିତ୍ୱର ପ୍ରକୃତ ପ୍ରାଣ ଏବଂ ଗୂଢ଼ ଅର୍ଥ । ଗଗନପ୍ରାଙ୍ଗଣରେ ବିବିଧବର୍ଣ୍ଣା କାଦମ୍ବିନୀର ବିଚିତ୍ର ଲୀଳା, ସ୍ୱଚ୍ଛସଲିଳା, ସ୍ରୋତସ୍ୱିନୀ ବକ୍ଷରେ ସାନ୍ଧ୍ୟ ସମୀରଣସଞ୍ଜାତ ସୁବର୍ଣ୍ଣପ୍ରଭ ବୀଚିମାଳା ଏବଂ ବସନ୍ତକାଳରେ ଅପୂର୍ବ ପୁଷ୍ପାବରଣାବୃତା ବସୁନ୍ଧରା ଯେପରି ପ୍ରକୃତ କବିଙ୍କର ଅବଲମ୍ବନ, ଭୀଷଣ ଦୁର୍ନିରୀକ୍ଷ ଶ୍ମଶାନ-କ୍ଷେତ୍ର ଏବଂ ରଣରଙ୍ଗଭୂମିର ଦୃଶ୍ୟାବଳୀ ମଧ୍ୟ ସେହିପରି । କବିବରଙ୍କର ସମଗ୍ର ଗ୍ରନ୍ଥାବଳୀ ପାଠ କଲେ ଏହି ଉକ୍ତିର ଯାଥାର୍ଥ୍ୟ ସ୍ପଷ୍ଟରୂପେ ଅନୁଭୂତ ହେବ ।

ରାଧାନାଥ ଗ୍ରନ୍ଥାବଳୀର ଦ୍ୱିତୀୟ ସଂସ୍କରଣ ପ୍ରାୟ ଏକ ଯୁଗ ଅର୍ଥାତ୍ ଦ୍ୱାଦଶ ବର୍ଷ ପରେ ପ୍ରକାଶିତ ହେଲା । ଏଥିରେ ଅସମ୍ପୂର୍ଣ୍ଣ କାବ୍ୟ ପାର୍ବତୀ ଏବଂ ଉର୍ବଶୀର ଅବଶିଷ୍ଟାଂଶ ଗଦ୍ୟାକାରରେ ସନ୍ନିବିଷ୍ଟ ହୋଇଅଛି । ଅନ୍ୟାନ୍ୟ ଅପ୍ରକାଶିତ ଏବଂ ପଶ୍ଚାତ୍ ପ୍ରକାଶିତ ଅନେକଗୁଡ଼ିଏ ରଚନା ମଧ୍ୟ ପ୍ରଦତ୍ତ ହୋଇ ପୁସ୍ତକର କଳେବର ପ୍ରାୟ ଦ୍ୱିଗୁଣିତ ହୋଇଅଛି । କବିବରଙ୍କର ବଙ୍ଗୀୟ ରଚନାବଳୀ ଏହି ସଂସ୍କରଣରେ ପ୍ରକାଶ କରିବାର ଏକାନ୍ତ ବାସନା ଥିଲେ ମଧ୍ୟ ଅନିବାର୍ଯ୍ୟ କାରଣ ବଶତଃ ତାହା ହୋଇପାରିଲା ନାହିଁ । ଗ୍ରନ୍ଥାବଳୀର ପ୍ରଥମ ସଂସ୍କରଣ ପ୍ରକାଶ ସମୟରେ କବିବର ସ୍ୱୟଂ ଜୀବିତ ଥିଲେ, କିନ୍ତୁ ଯେତେବେଳେ ତାଙ୍କର କାବ୍ୟସୁଧାକର ସଂସ୍ପର୍ଶରେ ବିଦ୍ୱାନ୍ ଚକୋରବୃନ୍ଦ ବିମଳାନନ୍ଦ ସମ୍ଭୋଗ କରିପାରିବେ, ସେତେବେଳେ ସେ ଲୋକଚକ୍ଷୁର ଅନ୍ତରାଳସ୍ଥିତ ଜରା-ମରଣ-ଭୟର ଅଜ୍ଞାତ ଯଶଃକାୟରେ ବର୍ତ୍ତମାନ ସାହିତ୍ୟମନ୍ଦିରର ଦେବତାରୂପେ ସମଗ୍ର ଉତ୍କଳର ହୃଦୟସିଂହାସନ ଅଧିକାର କରିଅଛନ୍ତି ।

ମୋହର ପୂଜ୍ୟପାଦ ପରମାରାଧ୍ୟ ପିତୃଦେବଙ୍କ ସମ୍ବନ୍ଧରେ ଯାହା ବକ୍ତବ୍ୟ, ତାହା ଜନସମାଜରେ ପ୍ରଚାର କରିବାକୁ ବାଧ୍ୟ ହେଲି । ସୁଧୀବର୍ଗ ମୋହର ଅଜ୍ଞାନତା ଦୋଷ ମାର୍ଜନା କରିବା ହେବେ । ବର୍ତ୍ତମାନ ସେ ଜୀବିତ ଥିଲେ ତାହାଙ୍କର ସ୍ୱରଚିତ ଗ୍ରନ୍ଥାବଳୀର ବର୍ଦ୍ଧିତାକାର ଦ୍ୱିତୀୟ ସଂସ୍କରଣ ପ୍ରକାଶିତ ହେବାର ଦେଖି ଅଭୂତପୂର୍ବ ଆହ୍ଲାଦ ସମ୍ଭୋଗ କରିଥାନ୍ତେ ; କିନ୍ତୁ କାଳର କୁଟିଳ ଚକ୍ରାବର୍ତ୍ତନ ତାହା କରିଦେଲା ନାହିଁ ।

ପରିଶେଷରେ ବକ୍ତବ୍ୟ ଏହି ଯେ ଗ୍ରନ୍ଥାବଳୀର ଦ୍ୱିତୀୟ ସଂସ୍କରଣର ନିର୍ଦ୍ଦୋଷ ମୁଦ୍ରଣ ଏବଂ ପ୍ରୁଫ୍ ସଂଶୋଧନାଦି କାର୍ଯ୍ୟରେ ମୋହର ପରମମାନନୀୟ ଶ୍ରୀଯୁକ୍ତ ବିଶ୍ୱନାଥ କର ମହୋଦୟ ଆଶାତୀତ ଶ୍ରମ ସ୍ୱୀକାର କରିଥିବା ହେତୁରୁ ତାହାଙ୍କ ନିକଟରେ ଚିରକୃତଜ୍ଞ ରହିଲି ।

କ୍ୱାଳଗଳା
୨୪-୮-୧୯୧୩
ଜନ୍ମାଷ୍ଟମୀ

ଶ୍ରୀ ଶଶିଭୂଷଣ ରାୟ

TO

**John Beames Esquire B. C. S.**

THIS LITTLE WORK IS

( *by permission* )

DEDICATED

# AS A TOKEN OF HEART-FELT ESTEEM

*By*

**HIS HUMBLE & DEVOTED SERVANT**

THE AUTHOR

## ଭାରତଗୀତିକା

ଭୈରବୀ ରାଗ — କାବାଲୀ ତାଲାଭ୍ୟାଂ ଗୀୟତେ

ସର୍ବେଷାଂ ନୋ ଜନନୀ ଭାରତ
ଧରଣୀକଳ୍ପଲତେୟଂ,
ଜନନୀବତ୍ସଲତନୟଗଣୈସ୍ତତ୍—
ସମ୍ୟକ୍ ଶର୍ମ୍ମ ବିଧେୟଂ । ଧ୍ରୁବଂ ।
ହିମଗିରି-ସୀମନ୍ତିତ-ମସ୍ତକମିଦ —
ମମ୍ବୁଧିପରିଗତପାର୍ଶ୍ୱମ୍ ।
ଅସ୍ମଜ୍ଜନ୍ମଦମନ୍ନଦମନଶଂ
ଶ୍ରୌତପୁରାତନମାର୍ଷମ୍ ।।
ବିଜନିତହର୍ଷଂ ଭାରତବର୍ଷଂ
ବିଶ୍ୱାକର୍ଷଣଧାନମ୍ ।
ଭାରତଶର୍ମ୍ମଣି କୃତମସ୍ମାଭି—
ର୍ବମିଦମୈକ୍ୟବିଧାନମ୍ ।।
ଉତ୍କଳଗୌଡ଼ାନ୍ଧ୍ରୀୟାଃ ସର୍ବେ
ଯେ ବୟମତ୍ର ସମେତାଃ ।
ଏତେ ହ୍ୟପରଜନପଦଜା ନନୁ
ଭାରତ-ବିହିତ-ନିକେତାଃ ।।
ଭାରତହିତସମ୍ପାଦନମେବ ହି
କାର୍ଯ୍ୟମିଷ୍ଟମବିପାକମ୍ ।
ଭାରତବର୍ଜ୍ଜଂ କମପି ନ କାର୍ଯ୍ୟଂ
ନିଶ୍ଚିତମିତ୍ୟସ୍ମାକମ୍ ।
ଭାରତପଙ୍କଜଦଳମିଦମୁତ୍କଳ—
ମଣ୍ଡଳମିତି ବିଦିତଂ ଯତ୍ ।
ତସ୍ୟ କୃତେ ବୟମତ୍ର ସମେତା
ବିହିତାସୋତ୍କଳ-ସଂସତ୍ ।।
ଭାରତମେକା ଗତିରସ୍ମାକଂ
ନାପରାସ୍ତି ଭୁବି ନାମ ।
ସର୍ବୋଦ୍ଧୌ ପରିଷତ୍-କର୍ମଣି ତତ୍
ଭାରତମେବ ନମାମଃ ।। *

—*—

* ଉତ୍କଳ-ସମ୍ମିଳନୀରେ ଗୀତ ହେବା ନିମିତ୍ତ ଏହି ଗୀତିକା ରଚିତ ହୋଇଥିଲା । ୧୯୦୮ ଏପ୍ରିଲ୍ ମାସରେ ପୁରୀ ନଗରୀରେ ଉତ୍କଳ ସମ୍ମିଳନୀର ଅଧିବେଶନ ବେଳେ ନିମ୍ନଲିଖିତ ପଂକ୍ତିଚୟ ସେଥିରେ ଯୁକ୍ତ ହୋଇଥିଲା । ଏହି ଅଧିବେଶନର ପୂର୍ବଦିବସ କବିବର ସ୍ୱର୍ଗାରୋହଣ କରିଥିଲେ ।

ଗର୍ଜିତଫେନିଲନୀଳନୀରନିଧି—
ସିକତାସ୍ତୂପ ବିତତେ ।
ଇନ୍ଦ୍ରଦ୍ୟୁମ୍ନାନଙ୍ଗଭୀମନୃପ—
ଶାଶ୍ୱତ କୀର୍ତ୍ତିପ୍ରବନ୍ଧେ ।।
ଚୈତନ୍ୟାଦିକଭକ୍ତବୃନ୍ଦପଦ—
ରଜସା ଚିରପରିପୂତେ ।
ପଦ୍ମନାଭକୃତସଦବସ୍ଥା—
ତୀର୍ଥାନାଂ ତୀର୍ଥଭୂତେ ।।
ନୀଳାଚଳନଗରେ ପରିଗୀତଂ
ଭାରତଭକ୍ତିପରାଣାଂ ।
ଭାରତବନ୍ଦନମିଦମସ୍ମାକଂ
ମୁଦମାବହତୁ ନରାଣାଂ ।।

# ମେଘଦୂତ ।

# ମେଘଦୂତ

## ପୂର୍ବ ମେଘ

ରାଗ—କଳହଂସ-କେଦାର ।

ଦକ୍ଷିଣଦେଶେ ରାମଗିରି ଶୋଭନ,
ବିମଳ ଶୁଭ୍ର ଯହିଁ ନଦୀ ଜୀବନ
ଜନକକନ୍ୟା ସ୍ନାନେ ପବିତ୍ର ଅଛି,
ସ୍ନିଗ୍ଧଛାୟାଳ ଯହିଁ ତରୁ ବ୍ରତତି । ୪ ।
ତହିଁ କୁବେରଶାପେ ହୋଇ ପ୍ରେରିତ,
ରହିଲା ଯକ୍ଷ ଦୁଃଖେ ଆତୁରଚିତ୍ତ,
ବରଷର ଅନ୍ତେ ହେବ ଶାପମୋଚନ
ବରଷର ଅନ୍ତେ କାନ୍ତା ସଙ୍ଗେ ମିଳନ ।୮।
ଗମିଲା କେତେ କାଳ ସେ ଧରାଧରେ
ବାଳାବିରହୀ କାମୀ ଯକ୍ଷ କାତରେ,
କ୍ରମେ ଶରୀରକାନ୍ତି ହେଲା ବିଲୟ,
ଖସିଲା ଶୀର୍ଣ୍ଣ କରୁଁ ସ୍ୱର୍ଣ୍ଣବଳୟ । ୧୨ ।
ଆଷାଢ଼ ଆଦ୍ୟ ଦିନେ ଶିଖରଶିର
ଘୋଟିଲା ଆସି ଘନମାଳମୁନ୍ଦର,
କ୍ରୀଡ଼ା ନିମନ୍ତେ ବପ୍ରେ କରୀ ଯେସନ
ତେସନେ ମନୋରମ ଦିଶଇ ଘନ ।୧୬।
କେତକୀ-ପ୍ରକାଶକ ଘନ ଦର୍ଶନେ
ଅଧୀର ଯକ୍ଷ ପୂର୍ବ ସୁଖ ସ୍ମରଣେ,
ବେଗେ ବହିଲା ଶୋକ ଅଶ୍ରୁ ନୟନେ,
କହି ନୁହଇ କେତେ ଯାଞ୍ଚିଲା ମନେ ।୨୦।
ଅଙ୍ଗନା ସଙ୍ଗେ ମଧ୍ୟ ଥିଲା ଲୋକର
ଘନାଗମେ ଆକୁଳ ହୋଏ ଅନ୍ତର,
ପ୍ରାଣସଙ୍ଗିନୀ-ସଙ୍ଗ-ସୁଖ ହରାଇ
ଆତୁର ଯକ୍ଷ, ତାର କଥା ତ ନାହିଁ ।୨୪।
ନିଜ କୁଶଳବାର୍ତ୍ତା ମେଘହସ୍ତରେ
ପ୍ରେରିବ ପ୍ରିୟା ପାଶେ ନିଜ ନଗରେ,
ପାଇ ବାରତା କାନ୍ତା ହୋଇବ ସ୍ଥିର
ଆଶାପ୍ରବଣ୍ଟ ଶୋଷିବ ତା ନେତ୍ରନୀର ।୨୮।
ଏ ଭାବେ ପ୍ରାଣ କାନ୍ତା-ଦୁଃଖେ ବିକଳ,
ଅର୍ଘ୍ୟସ୍ୱରୂପେ ଦେଲା ନିର୍ଝର ଜଳ,
ପୂଜଣ ଜୀମୂତଙ୍କୁ କୁଟଜ ଆଣି,
ତା ଅନ୍ତେ ପଚାରଇ ସ୍ୱାଗତ-ବାଣୀ ।୩୨।
ଧୂମ୍ରଜ୍ୟୋତିସଲିଳବାୟୁରଚିତ
କାହିଁ ଜୀମୂତ ? ସେହୁ ଜୀବବର୍ଜିତ !
ମାନବ-ବହନୀୟ କାହିଁ ସନ୍ଦେଶ ?
ଯକ୍ଷ ନ ବିଚାରିଲା ଏଥି ବିଶେଷ ।୩୬।
ଉତ୍କଣ୍ଠାକୁଳ ହୋଇ ଘନକୁ ଭାଷେ,
ସଜୀବ ମଣି ହୃଦକଥା ପ୍ରକାଶେ,
ଅଙ୍ଗ ଧାରଇ ଯାର ଅନଙ୍ଗ-ବାଣ,
ଚେତନ ଅଚେତନ ତାର ସମାନ ।୪୦।
ପୁଷ୍କର ଆବର୍ତ୍ତକ ବଂଶେ ସମ୍ଭୂତ,
ବିଖ୍ୟାତ ଧରାତଳେ ଅଛ ଜୀମୂତ ।
କାମରୂପୀ ସଚିବ ତୁମ୍ଭେ ଇନ୍ଦ୍ରର,
ବିରହୀ ଜନଠାରେ କରୁଣା କର ।୪୪।
ବିଫଳା ହୋଏ ଯେବେ ମୋହୋ କାମନା
ଜଳଦ ! ଯହିଁ ନ କରଇ ଭାବନା,
ଫଳବତୀ ପ୍ରାର୍ଥନା ଅଧମଠାରେ
ନିନ୍ଦନୀୟ ଅଟଇ ମୋହ ବିଚାରେ ।୪୮।
ତାପିତ ଜନଙ୍କର ଅଟ ଶରଣ,
ହେ ନୀରଦ ! ରଖ ମୋପ୍ରିୟା-ଜୀବନ,
ଧନପତି-ଶାପେ ମୁଁ କାତର ଅଛି,
ମୋ ବିନା କାତର ସେ ବରଯୁବତୀ ।୫୨

ଯାଅ ମୋ ବାର୍ତ୍ତା ଘେନ ହେ ନୀରଧର !
ଅଳକା ନଗରୀକୁ, ଯହିଁ ସୁନ୍ଦର ୧
ବହିରୁଦ୍ୟାନେ ଛନ୍ତି ଶଶିଶେଖର,
ସେ ଶଶିକରରେ ଧଳା ସୌଧନିକର ।୫୬।

ତୁମ୍ଭ ଦର୍ଶନେ ପାନ୍ଥ-ବନିତାକୁଳ
ହୃଦୟେ ବିକଶିବ ଆଶା-ମୁକୁଳ,
ଧରଣ ବେଣୀ ବାମ କରକମଳେ
ଦେଖିବେ ଗଣ୍ଡ ତୋର ଅମ୍ବର-ତଳେ ।୬୦

କେ ହୁର ଏ କାଳରେ ବିଦେଶେ ଥାଇ,
ବନିତାମନ ଖେଦହ୍ରଦେ ବୁଡ଼ାଇ,
ନିଶ୍ଚିନ୍ତରେ ରହଇ କହ ମୋ ଘନା ?
ପରାଧୀନର ଘନ ! ଏ ଗତି ବିନା ।୬୪।

ଅନୁକୂଳସମୀର ଧୀରେ ବହଇ,
ବାମେ ଚାତକ ମନୋହର କୂଜଇ,
ତୋହୋ ଉଦୟେ ତାର ଗର୍ବ ଉଦ୍ଧତ,
ଆକାଶ ଝଙ୍କାରଇ ଏଣୁ ତା ଗୀତ ।୬୮।

ତୋହୋ ଆଗମ କାଳେ ଯାହା ଉତ୍ପତ୍ତି,
ତୋତେ ସେବିବେ ସେହି ବକପଙ୍କତି;
ଧବଳ ପୁଣ୍ଡ୍ରରୀକମାଳ ପରାୟେ
ଦିଶିବେ ଅଭିରାମ ତୋ ଶ୍ୟାମକାୟେ ।୭୨।

ନିଶ୍ଚେ ନାଗରୀ ମୋର ଥିବ ଜୀବନେ,
ବାସର ଗଣୁଥିବ ଉତ୍କ୍ରଣ୍ଠ ମନେ,
ଅବଳାମନଃ-ପଦ୍ମ-ଆଶା-ମୃଣାଳେ
କଷ୍ଟେ ରହଇ ଘୋର ବିରହକାଳେ ।୭୬।

ଶ୍ରୁତିମଧୁର ତୋର ନାଦ ଗମ୍ଭୀର
(ଭୂଷଇ ଯେହୁ ଧରାଦେବୀଶରୀର
ନବ କନ୍ଦଳୀଦଳ ଶ୍ୟାମଳ ବାସେ)
ମିଳାଇବ ତୋ ସଙ୍ଗୀ ଆଣି ଆକାଶେ ।୮୦।

ରାଜହଂସେ ଶୁଣିଲେ ତୋର ଗର୍ଜନ,
ମାନସକୁ ମାନସକୁ ଯିବେ ବହନ,
ପାଥେୟରୂପେ ଘେନି ମୃଦୁ ମୃଣାଳ
କୈଳାସ ଯାଏ ସଙ୍ଗେ ଯିବେ ମରାଳ ।୮୪।

ପ୍ରିୟ ସଖା ତୋହର ଏ ଧରାଧର,
ଦେହେ ଧରନ୍ତି ରାମଚନ୍ଦ୍ର-ପୟର,
ତେଣୁ ଅଟନ୍ତି ଗିରି ଅତି ପବିତ୍ର,
ମିଳ ତୁମ୍ଭର ଗିରି ନୋହେ ବିଚିତ୍ର ।୮୮।

ଉଭୟେ ଯଥାକାଳେ ହେଲେ ମିଳିତ,
ପ୍ରେମ-ଅଶ୍ରୁ ପ୍ରବାହ ବହେ ଭରିତ;
ଅମ୍ବୁଦ ! ଗିରିଠାରୁ ମାଗ ମେଲାଣି,
କାତର ଅଟଇ ମୁଁ, ରଖ ମୋ ବାଣୀ ।୯୨।

ତୁମ୍ଭ ଗମନଯୋଗ୍ୟ ମାର୍ଗ ନିର୍ଦ୍ଦେଶ
କରଇ ଅବଧାନ ହେଉ ବିଶେଷ,
ଆତ୍ମସନ୍ଦେଶ ପୁଣି କହିବି ପରେ,
ଶୁଣି ହରଷ ଜାତ ହେବ ଅନ୍ତରେ ।୯୬।

କ୍ଲାନ୍ତ ହୋଇଲେ ଗିରିଶୃଙ୍ଗେ ରହିବ,
କ୍ଷୀଣ ହୋଇଲେ ନଦୀବାରି ସେବିବ,
ଏଣୁ ହୋଇବ ସୁଖେ ତୁମ୍ଭ ଗମନ,
କଷ୍ଟ ନୋହିବ ମୋହୋ ବାଞ୍ଛାପୂରଣ ।୧୦୦

ଘନ ! ବେତସପୂର୍ଣ୍ଣ ଏ ସ୍ଥାନ ତ୍ୟଜ
ବେଗେ ଗଗନେ ଉଠ ଧୀରେ ଗରଜ,
ଚକିତ ନୟନରେ ସିଦ୍ଧରମଣୀ
ଅନାଇଲେ ତୁମ୍ଭକୁ ବିସ୍ମୟ ମଣି ।୧୦୪।

ପରସ୍ପରେ ଭାଷିବେ, "ଦେଖ ଗୋ ସଇ !
କି ଅବା ବାୟୁ ଗିରିଶୃଙ୍ଗ ହରଇ"
ଅନନ୍ତରେ ଅମ୍ବୁଦ ! ଦିଗବାରଣେ
ତ୍ୟଜିବେ କର-ଗର୍ବ ତୁମ୍ଭ ଦର୍ଶନେ ।୧୦୮।

ବାଲ୍ମୀକଶିଖାଗ୍ରରୁ ହୋଇ ବାହାର
ସୁରେନ୍ଦ୍ରଚାପ-ଲତା ଦିଶେ ବାହାର,
ରତନକାନ୍ତି-ସ୍ରୋତ ଯେସନେ ଉଛଳେ,
କି ଶୋଭା ପାଉଅଛି ତୋ ଉରସ୍ଥଳେ ।୧୧୨।

ଏହିରୂପେ ଜଳଦ ! କୃଷ୍ଣ ଦେହରେ
ମୟୂର ପୁଚ୍ଛ-ଶୋଭା ନୟନ ହରେ,

୧ ଅଳକା—କୁବେରପୁରୀ

ଯାହା ରୂପେ ମଜ୍ଜିଲା ଗୋପିକା-ମନ
ତାହା ଉପମା ପାଇଁ ତୁମ୍ଭେ ଭାଜନ ।୧୧୬।
କ୍ଷମତା ଅଛି ତୋର ଶସ୍ୟ-ବର୍ଦ୍ଧନେ,
ଏଣୁ କୃଷକବାଳା ସ୍ଥିର-ଲୋଚନେ
ଦେଖିବେ ତୋ ମୋହନ ଛବି ଆକାଶେ
ଅନଭିଜ୍ଞ ସରଳା ନେତ୍ର-ବିଳାସେ ।୧୨୦।
ମାଳକ୍ଷେତ୍ରକୁ ଘନ ! କର ପ୍ରୟାଣ ;
ହଳ-କର୍ଷଣ-ଜାତ ମୃତ୍ତିକା-ଘ୍ରାଣ
ତୋଷିବ ନାସା ତୋର, ତହୁଁ ଉତ୍ତରେ
ଲଘୁଗତି ଗମିବୁ ଶୂନ୍ୟସାଗରେ ।୧୨୪।
ଗିରିଙ୍କର ତୁ ଅଟୁ ମଙ୍ଗଳକାରୀ,
ନିଭାଉ ଦାବାନଳ ବରଷି ବାରି,
ଶ୍ରାନ୍ତ ହୋଇଲେ ଆମ୍ରକୂଟ ସଦନେ
ଗଲେ, ସେବିବେ ଗିରି ଅତି ଯତନେ ।୧୨୮।
କ୍ଷୁଦ୍ର ଭଦ୍ରଭବନେ ନେଲେ ଶରଣ,
ନିରସ ନ ହୁଅନ୍ତି ଯାଚକଗଣ,
ଗିରି ମହତ, ପୁଣି ତୁ ହିତକର,
ମସ୍ତକେ ସ୍ଥାନ ତୋତେ ଦେବେ ଭୂଧର ।
ସେ କାଳେ ଦାବାନଳ ଗିରି-କାନନେ
ଜଳୁଥିବ ହେ ଯେବେ, ବାରି ବର୍ଷଣେ
ନିଭାଇବ ଅନଳ ସଂଶୟ ନାହିଁ,
ମହତ ଲୋକର ଏ ସୁରୀତି ଭାଇ ।୧୩୬।
ମହତ ଜନଠାରେ କରୁଣା କଲେ,
ସେ କରୁଣା ନ ଯାଏ କେବେ ବିଫଳେ,
ଆଶୁ ସୁଫଳ ଜାତ ନିଶ୍ଚେ ହୁଅଇ ;
କରୁଣାପ୍ରାପ୍ତ ପୁଣି ପ୍ରତିଫଳଇ ।୧୪୦।
ରସାଳଦ୍ରୁମ ହେମକାନ୍ତି ଫଳରେ
ଛନ୍ଦିତ ହୋଇଥିବ ଗିରି-ପ୍ରାନ୍ତରେ,
ତୁ ପୁଣି ଗିରିଶିରେ ବସିବୁ ଯାଇଁ,
ଦୂରୁଁ ସୁର ମିଥୁନ ବିମାନେ ଥାଇ ।୧୪୪।
ମନୋରଞ୍ଜନ ଗିରିଶୋଭା ଦେଖିବେ,
ନଗଙ୍କୁ ପୃଥ୍ୱୀସ୍ତନ ବୋଲି ମଣିବେ,
ସୁମେରୁ ଶିରେ ନୀଳକାନ୍ତ ଶିଖର-
ପରାଏ ଦିଶୁଥିବ ତୋ କଳେବର ।୧୪୮।
ବନେଚରଲଳନା କେଳି-ନିଳୟ
ରାଜଇ କୁଞ୍ଜ, ତହିଁ ଅଳ୍ପ ସମୟ
ରହି, ଆସାର ଦାନେ ନବଜୀବନ
ତରୁଦଳକୁ ଦେଇ, କର ଗମନ ।୧୫୨।
ଏଥିଅନ୍ତେ ଅଗ୍ରତେ ରେବା ଦିଶଇ, ୧
ଶିଳା-ବିଷମ ବିନ୍ଧ୍ୟପାଦେ ବହଇ,
କରି ଅଙ୍ଗେ ରଚିତ ଭୂତି ଯେସନ,
ତେସନେ ଏ ତଟିନୀ ରମ୍ୟଦର୍ଶନ ।୧୫୬।
ଅବଗାହନ୍ତି ବନ୍ୟ ବାରଣେ ତହିଁ,
ଗଣ୍ଡରୁ ମଦ ସ୍ରବି ଜଳେ ମିଶଇ,
ତେଣୁ ନର୍ମଦାନୀର ନିତ୍ୟ ବାସିତ,
ଆଦରେ ସେ ସଲିଳ ନେବ ତ୍ୱରିତ ।୧୬୦।
ସବଳ କାୟା ତୋର ଦେଖି ପବନ
ତୁଚ୍ଛ ନ ମଣି ଦେବେ ପୃଷ୍ଠେ ଆସନ,
ସର୍ବତ୍ର ବଳହୀନ ହତ-ଆଦର,
ବଳୀ ଲଭଇ ମାନ ରୀତି ଭବର ।୧୬୪।
ହରିତ ପୀତ ନୀପ କୁସୁମେ ବସି
ମଧୁ ପିଅଇ ଭୃଙ୍ଗ ସୁରସେ ରସି,
ଭ୍ରମନ୍ତି ମୃଗୀକୁଳ ସଦା ଆତୁର
ଭୁଞ୍ଜନ୍ତି ନବଜାତ ତୃଣ-ଅଙ୍କୁର।୧୬୮।
ପ୍ରମତ୍ତ ମତଙ୍ଗଜ ଶୁଣ୍ଡେ କାନନେ
ସେଚଇ ଭୂମି-ଗନ୍ଧ ଶ୍ୱାସ ପବନେ,
ଚାତକେ ଊର୍ଦ୍ଧ୍ୱମୁଖେ ତରୁ ଉପରେ
ଅମ୍ବୁକଣା ଯାଚନ୍ତି ଆରତ ସ୍ୱରେ ।୧୭୨।
ତୋହୋ କୃପାରେ ଧରାଦେହ ଶୀତଳ ;
ନବପଲ୍ଲବମସ୍ତୁ ତରୁ ସଫଳ ;
ସାନନ୍ଦ ତୃଣଜୀବୀ ଏକାଳ ପାଇ,
ଶୁଝିବେ ତୋହୋ ଋଣ ମାର୍ଗ ଦର୍ଶାଇ ।୧୭୬।
ବାରି-ଶୀକର ଯେବେ ତୋ ଦେହୁଁ ଖସେ,
ଉଡ଼ନ୍ତି ଗୃଡ଼କାଳ ନଭେ ରଭସେ ;

୧ ରେବା—ନର୍ମଦା

ଏକାଳେ ସିଦ୍ଧଗଣ ବନିତା ସଙ୍ଗେ
ବତକପଂକ୍ତି ଦେଖି ହସିବେ ରଙ୍ଗେ ।୧୮୦।
ସରଳା ମନୋରମା ସିଦ୍ଧରମଣୀ
ଅ ଙ୍ଗୁଳି ନର୍ଦ୍ଦେଶରେ ବଳାକା ଗଣି,
ଗ୍ରହୁଁଥିବେ କାନ୍ତଙ୍କୁ ସ୍ନିଗ୍ଧ ଲୋଚନେ,
ଏକାଳେ ବଳାହକ ! ସ୍ରାଷଣ ସ୍ୱନେ ।୧୮୪।
ପୂରିବ ବନଭୂମି, କୌତୁକ ଭୟେ,
ଭିଡ଼ିବେ କାନ୍ତତନୁ ବାଳା ନିଷ୍ଠୟେ,
ସିଦ୍ଧ ମାନସ ତହୁଁ ତୁଷ୍ଟ ହୋଇବ,
ତୋ ଆଗମନକୁ ସେ ଶ୍ଳାଘ୍ୟ ମଣିବ ।୧୮୮।
ହେ ମାଳ ମାରଧର ! ତୁମ୍ଭ ଗମନେ
ବିଳମ୍ବ ହେଉଥିବ ଭାଳଇ ମନେ,
ଚୁଙ୍ଗ ପର୍ବତରାଜି ବର୍ତ୍ମେ ରାଜିତ,
ଅର୍ଜୁନପୁଷ୍ପବାସେ ଦେହ ବାସିତ ।୧୯୨।
ସେ ସୌରଭ କର୍ଷଣେ ଲୁବ୍‌ଧ ହୃଦୟୁ
ଗମିମ ଶୈଳେ ଘନ ! ବହୁ ସମୟୁ,
କଳାପି-କୁଳ-କେକା ତା ପରେ ଶୁଣି
ମନେ ପଡ଼ିବ ପୁଣି ମୋର ମାଗୁଣି ।୧୯୬।
ଦଶାର୍ଣ୍ଣ ଦେଶ ଘନ ! ହରେ ତା ପରେ,
ଏ ଦେଶ ସମାକୁଳ ବଟଦ୍ରୁମରେ,
ଦ୍ରୁମେ ବାୟସବାର ନୀଡ଼ ରଚନ୍ତି,
ଏ କାରଣେ ପ୍ରାବୃଟେ ସୁଖେ ରହନ୍ତି ।୨୦୦।
କେତକ-ଜାଳବୃତ ତହିଁ କାନନ,
କେତକ ପରାଗରେ ପାଣ୍ଡୁ ବରଣ,
ଜମ୍ବୁପାଦପ ନତ ଶ୍ୟାମଳ ଫଳେ,
ସରସେ କଳହଂସ-ନାଦ ଉଚ୍ଛଳେ ।୨୦୪।
ତହୁଁ ଉତ୍ତରେ ଯିବ ନଭ ସନ୍ତରି,
ଅଗ୍ରେ ବିଦିଶା ନାମେ ରମ୍ୟ ନଗରୀ,
ରମିବ ତୋ ନୟନ ସେ ରାଜଧାମି
ଅଟଇ ଧରାତଳେ ନଗରୀରାଣୀ ।୨୦୮।
ବେତ୍ରବତୀ ତଟିନୀ ତହିଁ ବହଇ,
ମାଳଉର୍ମିବିଳାସେ ନେତ୍ର ହରଇ,

ଭ୍ରୂଭଙ୍ଗୀ ବିମୋହନ ବାମା-ବଦନ
ଚୁମ୍ବଇ କାନ୍ତ ଯେହ୍ନେ ରସେ ମଗନ ।୧୧୨।
ବେତ୍ରବତୀବଦନ ଚୁମ୍ବି ହରଷେ,
ତୁ ପୁଣି ନବଘନ ! ମଜ୍ଜିବୁ ରସେ ;
ଲାଜେ ଲଳନା ଯେହ୍ନେ ଅସ୍ଫୁଟ ସ୍ୱନେ,
ନଦୀ ଭାଷିବ ତୋତେ କଳ ନିସ୍ୱନେ ।୨୧୬।
ଶୋହେ ଅଦୂରେ ପୁଣି ମାରଶିଖରୀ,
ସୁଖେ ବିଶ୍ରାମ ଲଭ ତହିଁ ଉପରି;
ଗିରି ତୋ ସଙ୍ଗ ପାଇ ରାଜିବ ଭଲେ,
ରୋମାଞ୍ଚ ପ୍ରକଟିବ କଦମ୍ବ ଛଳେ ।୨୨୦।
ଶିଳାସଦନେ ତହିଁ ନବ ନାଗରୀ
ବାନ୍ଧି ପ୍ରାଣନାଥଙ୍କୁ ଭୁଜବଲ୍ଲରୀ—
ପାଶରେ, ସନ୍ତୋଷନ୍ତି ରମଣମନ,
ଶରୀର ପରିମଳ ବହେ ପବନ ।୧୨୪।
ନୀରଗିରିରୁ ଗରୁ ନିର୍ଝର ଝରେ,
ପୁଷ୍ପବନ ବିରାଜେ ବେନି ପାର୍ଶ୍ୱରେ,
ଯୂଥିକଫୁଲଜାଲ ତହିଁ ଫୁଟଇ,
ମନୋଜ୍ଞ ସୌରଭରେ ନାସା ତୋଷଇ ।୨୨୮
ଫୁଲ ତୋଳନ୍ତି ତହିଁ ମାଳନୀଦଳ,
ସ୍ୱେଦେ ମଳିନ ତାଙ୍କ କର୍ଣ୍ଣ-ଉତ୍ପଳ,
ତୋର ଶୀତଳଛାୟା ହେଲେ ପତିତ,
ଉର୍ଦ୍ଧ୍ୱେ ଚୁହିଁବେ ବାଳା ହୋଇଣ ପ୍ରୀତ ।
ଉତ୍ତର ଦେଶପ୍ରତି ଗମନେ ମନ,
ଉଜ୍ଜୟିନୀକି ଗଲେ ମାର୍ଗବର୍ଦ୍ଧନ
ନିଶ୍ଚେ ହୋଇବ, ଜାଣୁଅଛି ବିଶେଷ,
ମାତ୍ର ସେଠାରେ ସୁଖଲାଭ ଅଶେଷ ।୨୩୬।
ସୌଧ ଉତ୍ସଙ୍ଗେ ତହିଁ ପୁର-ଅଙ୍ଗନା
ମନ୍ଦେ ବିହରୁଥିବେ ହଂସଗମନା,
ଦେଖି ତୋ ଗାତ୍ରେ କ୍ଷଣ-ପ୍ରଭା ସ୍ଫୁରଣ
ଚକିତ ହେବ ବାମା ବାମନୟନ ।୨୪୦।
ଗୁରୁ ଗୃହାଶି ଭୁରୁଶୋଭିନୀଙ୍କର,
ବିଦ୍ୟୁଚ୍ଛଟକେ ପୁଣି ଚଟୁଳତର,

ନ ଦେଖି ଯିବୁ ଯେବେ ତହିଁ ତୁ ଘନ !
ବୃଥା ଜନମ ତୋର, ବୃଥା ଜୀବନ ।୨୪୪।
ମାର୍ଗେ ନିର୍ବିନ୍ଧ୍ୟା ନଦୀ ତୋ ପ୍ରଣୟିନୀ ;
ଅଳି-ଶ୍ୟାମଳ ଗୁରୁ-ଊର୍ମି-ମାଳିନୀ,
ଊର୍ମି କ୍ଷୋଭେ ଆକୁଳ ମରାଳସ୍ୱନ
ଶୁଭିବ କାଞ୍ଚି ଶବ୍ଦ ପ୍ରାୟେ ମୋହନ ।୨୪୮।
ଆବର୍ତ୍ତରୂପେ ନାଭି ଦେଖାଇ ମୋହିବ;
ତୋଠାରେ ନଦୀ ସ୍ନେହ ସେହି ସୂଚିବ,
ରସିକ ତୁ ଜଳଦ ! କହିବ କେତେ ?
କାମିନୀ ପ୍ରକାଶନ୍ତି ଭାବ ସଙ୍କେତେ ।୨୫୨।
କୃଶ ସଲିଳରେଖା ବେଣୀ ପରାୟେ
ଧରାଇ ପୁଣି ନଦୀପୁଳିନକାୟେ
ସ୍ଖଳିତ ତୀର-ତରୁ-ପର୍ଣ୍ଣ-ନିବହ,
ତେଣୁ ପାଣ୍ଡୁର କାନ୍ତି ନଦୀ-ବିଗ୍ରହ ।୨୫୬।
ଶୈବଳିନୀ ବିରହ ଦଶା ପ୍ରକାଶି
ସୂଚିବ ତୋଠାରେ ସେ କେତେ ପ୍ରୟାସୀ,
ଯେଉଁ ଉପାୟେ ପୂର୍ବ ରୂପ ଲଭିବ,
ବିଦାନେ ସେ ବିଧାନ ଘନ ! କରିବ ।୨୬୦।
ଅଗ୍ରେ ବିଶାଳେ ତୋର ଅବନ୍ତୀପୁରୀ
ଯେ ପୁରେ ଉଦୟନ କଥା ମାଧୁରୀ,
ଗଳ୍ପପ୍ରିୟ ସ୍ଥବିର ତୁଣ୍ଡୁ ଝରଇ,
ତା ପରେ ଉଜ୍ଜୟିନୀ ପୁରୀ ବିଜଇ ।୨୬୪।
ବର୍ଣ୍ଣି ନୁହଇ ତାର ଗୁରୁ ସୁଷମା,
ଭୂତଳେ ନାହିଁ ଘନ ! ତାହା ଉପମା,
ସ୍ୱର୍ଗର କାନ୍ତିମାନ ଖଣ୍ଡ ସ୍ଖଳିତ-
ପ୍ରାୟେ ଦିଶଇ ପୁରୀ ସୌଧରାଜିତ ।୨୬୮।
ଯହିଁ ପ୍ରତ୍ୟୁଷେ ଶିପ୍ରାନଦୀ ପବନ ୧
ଦ୍ୱିଗୁଣିତ କରଇ ହଂସ କୂଜନ ;
ପ୍ରଫୁଲ୍ଲ ସରସିଜ ସୌରଭ ହରି
ସେବଇ ଅଙ୍ଗନାଙ୍କୁ ମନ୍ଦେ ସଞ୍ଚରି ।୨୭୨।
କ୍ଳାନ୍ତ କାମିନୀକୁଳ ନିଶି ଜାଗରେ;
ଅନୁକୂଳ ସମୀର ସେ କାନ୍ତ ହରେ ;

ନିତମ୍ବ ନୀଳାମ୍ବର ମନ୍ଦ ଧୂନଇ,
ଦୟିତ ପ୍ରାୟେ କେତେ ଚାଟୁ କରଇ ।୨୭୬।
କେଶ ସଂସ୍କାର ଧୂପ ଗବାକ୍ଷଦ୍ୱାରେ
ବାହାରି ମିଶୁଥିବ ତୋହୋ କାୟାରେ,
ନାଚିବେ ତୋ ଦର୍ଶନେ ଗୃହ ମୟୂର,
ଗମ୍ଭୀର କେକାରବେ ପୂରିବ ପୁର ।୨୮୦।
କୁସୁମ-ଶୋଭି-ସୌଧପୃଷ୍ଠ-ଆସନେ
ପଥଶ୍ରମ ଶମିବୁ ସୁଖ ଶୟନେ,
ସୀମନ୍ତିନୀ ପଦାଙ୍କ ତହିଁ ଉପରେ
ଦେଖିବୁ, ହର୍ମ୍ୟେ ଯେହ୍ନେ ରକ୍ତିମା ଝରେ ।
ଉଜ୍ଜୟିନୀ ସନ୍ନିଧେ ଶିବସଦନ,
ଅତି ପବିତ୍ର ଧାମ ଲୋକପାବନ,
ଗନ୍ଧବତୀ ତଟିନୀ ବହଇ ପାଶେ,
କୁବଳୟ ସୁରଭି ସମୀର-ଶ୍ୱାସେ ।୨୮୮।
ଜଳେ କ୍ରୀଡ଼ନ୍ତି ତହିଁ କେତେ ସୁନ୍ଦରୀ,
ନୀଳ ତମାଳେ ଯେହ୍ନେ ସ୍ୱର୍ଣ୍ଣ ବଲ୍ଲରୀ;
ହରକଣ୍ଠ ବରଣ ଗରଜେ ତୋ ଦେହେ,
ଚାହିଁବେ ଶିବଗଣ ତୁମ୍ଭଙ୍କୁ ସ୍ନେହେ ।୨୯୨।
ପୂର୍ବ-କଥିତ ମହାକାଳ ନିଳୟେ, ୨
ହେବୁ ପ୍ରବେଶ ଯେବେ ଆନ ସମୟେ,
ନଳିନୀସଖାଙ୍କର ଅସ୍ତଗମନ—
ଯାଏ ଅନାଇଁ ତହିଁ ରହିବୁ ଘନ ।୨୯୬।
ସନ୍ଧ୍ୟା ଆଗମେ ତୋର ଧ୍ୱନି ଗମ୍ଭୀର
ପୂଜାପଟହ ପ୍ରାୟେ ମନ୍ଦ୍ରେ ମନ୍ଦିର
ଝଙ୍କାରି ସନ୍ତୋଷିବ ଶିବଶ୍ରବଣ,
ଶ୍ଳାଘ୍ୟ ସଫଳ ତହୁଁ ହେବ ଗର୍ଜ୍ଜନ ।୩୦୦।
ମନ୍ଦିର ପାର୍ଶ୍ୱେ ବାରବାଳା ନିକର
ରତ୍ନ-ସ୍ଫୁରା-ଖଚିତ ଗୁରୁ ଚାମର
ଦୋଳାଇ ବାଞ୍ଛୁଥିବେ ଲୀଳାବ୍ୟଜନେ,
ସିଞ୍ଚିବୁ ତାଙ୍କୁ ନବ ସଲିଳ-କଣେ ।୩୦୪।
ଭ୍ରମର-ରାଜି ରମ୍ୟ ନୟନେ ଚାହିଁ
ତୋ ମନ ନୀରଧର ! ନେବେ ଭୁଲାଇ,

୧ । ଶିପ୍ରା—ଆଧୁନିକ ନାମ ଶପରା । ୨ ଉଜ୍ଜୟିନୀରେ ମହାକାଳ ମହାଦେବଙ୍କ ମନ୍ଦିର ଅବସ୍ଥିତ

ତୋ ଶ୍ରବଣ ତୋଷିବ ରମ୍ୟ ଶିଞ୍ଜିତ,
ବୀଣା-ଝଙ୍କାର-ଗଞ୍ଜି-ମଧୁସଙ୍ଗୀତ ।୩୦୮।
ମଣ୍ଡଳାକାରେ ଘେରି ତରୁ-କାନନ
ଶୋଭିବ ଉଚେ ତହିଁ ଯୋଡ଼ି ଗଗନ,
ସନ୍ଧ୍ୟା ସିନ୍ଦୂର ରାଗେ ହୋଇ ରଞ୍ଜିତ
ଦିଶିବ ନବଜବା ପ୍ରାୟେ ଲୋହିତ ।୩୧୨।
ନର୍ତ୍ତନ କାଳେ ଶିବ ତୋତେ ଗ୍ରହିବେ,
ଆର୍ଦ୍ର-ଗଜ-ଅଜିନ ଲାଜେ ତ୍ୟଜିବେ,
ଭବ-ସୁନ୍ଦରୀ ଦେଖି ତୋର ଭକତି,
ସୁ-ଆଶିଷ କରିବେ ହରଷେ ସତୀ ।୩୧୬।
ରଜନୀ କାଳେ ଦାଣ୍ଡେ କେତେ ଯୁବତୀ
ଉତ୍‌ବେଗେ ଯାଉଥିବେ କାନ୍ତ-ବସତି,
ଘୋର ଅନ୍ଧାରେ ମାର୍ଗ ଦିଶିବ ନାହିଁ,
କମ୍ପିବେ ଭୟେ ଚଉଦିଗେ ଅନାଇ ।୩୨୦।
ତୋ ସଙ୍ଗେ ଥିବ ସ୍ୱର୍ଣ୍ଣମୟୀ ତଡ଼ିତ,
ଏକାଳେ ବାଳାଙ୍କର ସାଧିବ ହିତ,
ଘନ ମୁଞ୍ଚିବୁ ନାହିଁ ଭୀମ ନିନାଦ,
ନାଦ ମଣିବେ ବାମା ଘୋର ପ୍ରମାଦ ।୩୨୪।
କ୍ଳାନ୍ତ ହେଲେ ତଡ଼ିତ ତର ନର୍ତ୍ତନେ,
ଥୋଇବୁ ଅବଳାକୁ ନୀଡ଼ଶୟନେ,
ଚନ୍ଦ୍ରଶାଳାରେ ଯାପି ଶେଷ ରଜନୀ
ଶେଯ ତ୍ୟଜିବୁ ଶୁଣି କପୋତଧ୍ୱନି ।୩୨୮।
ଫିଟାଇ ପୂର୍ବଆଶା-ସ୍ୱର୍ଣ୍ଣତୋରଣ
ମୌକ୍ତିକବ୍ରଜ ପଦ୍ମକରେ ବହନ
ବୁଣିବ ରଙ୍ଗେ ଯେବେ ଊଷାରଙ୍ଗିଣୀ,
ସେ ସମୟେ ଗ୍ରୁଡ଼ିବୁ ତୁ ଉଜ୍ଜୟିନୀ ।୩୩୨।
ପ୍ରାତେ ଖଣ୍ଡିତା ପାଶେ ନାୟକ ଆସି
ସ୍ନେହେ ପୋଛନ୍ତି ନେତ୍ର-ସଲିଳରାଶି,
ଏଣୁ ନଳିନୀ-ପଦ୍ମ ନୟନ-ନୀର
ପୋଛୁଥିବେ ନିଜ କରେ କାନ୍ତ ମିହିର ।୩୩୬।
ଏକାଳେ ତାଙ୍କ ମାର୍ଗ ରୋଧିବୁ ନାହିଁ,
ନତ କରିବୁ ବକ୍ର ଦୂରରୁ ଥାଇ;
ମାର୍ଗ ରୋଧିଲେ ନିଷ୍ଠେ ରୋଷିବେ ହରି,
ଏଣୁ କରିବୁ କାର୍ଯ୍ୟ ମୋ ବାଣୀ ସ୍ମରି ।
ସୁଗମ୍ଭୀର ଗମ୍ଭୀରା ନଦୀ-ଜୀବନ,
ନିତ୍ୟ ପ୍ରସନ୍ନ ଯେହ୍ନେ ମହତ ମନ,
ଦେଖିବୁ ଘନ ! ନଦୀ ଦର୍ପଣ-ତଳେ
ନିଜ ମୂରତି ବହୁ ଯୋଜନ ତଳେ ।୩୪୪।
ମାର୍ଜିତ ହୀରାଖଣ୍ଡ ପ୍ରାୟେ ସଫରୀ
ଚଞ୍ଚଳେ ଖେଳୁଥିବେ ନୀରେ ସଞ୍ଚରି,
ତନ୍ଵିମା-ନେତ୍ରମାଳ ପ୍ରାୟେ ଦିଶିବେ,
ଉନ୍ମେଷ କଲା ପ୍ରାୟେ ବୁଡ଼ି ଭାସିବେ ।୩୪୮।
ତୀର-ଜଘନୁ ନୀଳ-ସଲିଳ-ବାସ
ଛୁଟ ଦେଖି ଅନ୍ତରେ ହେବ ଉଲ୍ଲାସ,
ଲମ୍ବମାନ ହୋଇଣ ନଦୀ ଉପରେ
ଧରିବ ନୀଳବାସ ବେତସ-କରେ ।୩୫୨।
ବନ୍ଧୁ ମାଗୁଣି ପୁଣି ହେଲେ ସ୍ମରଣ,
ହୋଇବ ଅତି କଷ୍ଟେ ତହୁଁ ଗମନ,
ଯେହ୍ନୁ ଲଭୁଛି ଘନ ! ସେ ରସ-ସ୍ୱାଦ,
ପ୍ରସୁପ୍ତ ରସେ ବିଘ୍ନ ଗଣେ ପ୍ରମାଦ ।୩୫୬।
ସମ୍ମୁଖ ଦେବଗିରି ଦିଶେ ଅଗ୍ରତେ,
ବେଗେ ଯାଅ ଜଳଦ ! ସେ ପରବତେ,
ନବ ଆସାର-ସିକ୍ତ ମୃତ୍ତିକା-ବାସେ—
ସୁରଭି ଶୀତବାୟୁ ସନ୍ତାପ ନାଶେ ।୩୬୦।
ଶୁଣ୍ଡେ ପିଅନ୍ତି ଦନ୍ତୀ ସେ ସମୀରଣ,
ତହୁଁ ଉପୁଜ ସ୍ୱନ ତୋଷେ ଶ୍ରବଣ,
ଉଡ଼ୁମ୍ବର ଫଳ ଏ ବାୟୁ ପରଶେ
ପରିପୂର୍ଣ୍ଣ ହୁଅଇ ମଧୁର ରସେ ।୩୬୪।
ସେ ନଗେ ନିବସନ୍ତି କାନ୍ତ କୁମାର ୧
ପୁଷ୍ପମିଶ୍ରିତ-ବ୍ୟୋମ-ଗଙ୍ଗା-ଆସାର
ବରଷି ଧୋଇବୁ ତୁ ସେ କଳେବର
ସୁଲଳିତ ଚମ୍ପକ ପ୍ରାୟେ ସୁନ୍ଦର ।୩୬୮।
ବାସବୀସୈନ୍ୟଦଳ ରକ୍ଷା କାରଣେ
ଶଙ୍କର ବିସର୍ଜିଲେ ତେଜ ଦହନେ,

୧ । କୁମାର—କାର୍ତ୍ତିକେୟ ।

ତହୁଁ ସମ୍ଭବ ଶୂର ଶିଖିବାହନ
କୋଦଣ୍ଡ ଧରି କଲେ ଦୈତ୍ୟ ନିଧନ ।୩୭୨।
ବାହନ-ଶିଖୀ ବସିଥିବ ଶିଖରେ,
ଧଳା ଅପାଙ୍ଗ ହର-ଚନ୍ଦ୍ରମା-କରେ,
ସ୍ନେହବତ୍ସଳା ଯାର ଚନ୍ଦ୍ରକ ଘେନି
ଭୂଷନ୍ତି ହୈମବତୀ-ଶ୍ରବଣ ବେନି । ୩୭୬।
କାନ୍ତି-ବଳୟ ଚ୍ୟୁତ ଚନ୍ଦ୍ରକ ଧରି
ହିଶନ୍ତି ରମ୍ୟତର ହର-ସୁନ୍ଦରୀ,
ନୀଳ କୁମୁଦ ପ୍ରାନ୍ତେ ବର୍ହ ଲମ୍ବଇ,
ଇନ୍ଦ୍ରନୀଳ ଭୂଷଣ ଶୋଭା କଳଇ । ୩୮୦ ।
ନୀରଦ ! ମନ୍ଦ୍ର ନାଦ ଶୁଣି ତୋହର
ନାଚିବ ପୁଚ୍ଛ ଟେକି ସେ ଶିଖିବର,
ଶୈଳକନ୍ଦରେ ପଶି ସେ ନାଦ ପୁଣ
ଗମ୍ଭୀର ପ୍ରତିନାଦେ ହେବ ଦ୍ୱିଗୁଣ ।୩୮୪।
କୁମାର ପୂଜା ଅନ୍ତେ ନଭପ୍ରାଙ୍ଗଣେ
ଉଠ ଜୀମୂତ-ଇନ୍ଦ୍ର ! ମନ୍ଦ୍ରନିଃସ୍ୱନେ;
ହେମବମାନଗତ ସିଦ୍ଧଯୁଗଳ,
ପଥ ଛାଡ଼ିବେ ଜଳ ଭୟେ ବିହ୍ୱଳ ।୩୮୮।
ସିଦ୍ଧରଙ୍ଗିଣୀ-ବୀଣା-ତନ୍ତ୍ରୀ ଝଙ୍କାର
ଶୁଣି ଲଭିବ ନଭେ ମୁଦ ଅପାର;
ରନ୍ତି-ଭୂପତି-କୀର୍ତ୍ତି ଗୋମତୀ ନାମ—୧
ସଲିଳ-ରେଖା ଏବେ ନେତ୍ର ହରଇ ।୩୯୨।
କଣ୍ଟ୍ରୀଳନିଭ ଅଟେ ତୋହ୍ୱା ଶରୀର,
ବିମଳ ଶୁଭ୍ରକାନ୍ତି ଗୋମତୀ-ନୀର,
ଅବତରିବୁ ଯେବେ ସେ ନଦୀଜଳେ,
ସୁରେ ଦେଖିବେ ଥାଇ ଗଗନ ତଳେ ।୩୯୬।
ବିଦ୍ୟାଧରୀନିକର ଦୂରୁଁ ଚୁହିଁବେ,
ବାମନଯୂନା ନିଶ୍ଚେ ଏହା ମଣିବେ,
ଧରା ଉପରେ ମୋତିହାର ରାଜିତ,
ସେ ହାର ମଧ୍ୟେ ଇନ୍ଦ୍ରମଣି ଗୁମ୍ଫିତ ।୪୦୦।

ଯାଅ ଉତ୍ତରେ ରମ୍ୟ ଗୋମତୀ ତରି,
ବରବର୍ତ୍ତିନୀ ଦଶପୁର-ନାଗରୀ
କୁତୂହଳେ ଚାହିଁବେ ତୋତେ ଆକାଶେ
ମୋହିବେ ଚିତ୍ତ ତୋର ମଧୁରହାସେ ।୪୦୪।
ପକ୍ଷ୍ମ ବିକ୍ଷେପ ଜାତ ସ୍ନିଗ୍ଧ ନୀଳିମା,
କଳିବ କୃଷ୍ଣସାର ପ୍ରଭା ଗରିମା,
କଳା ଡୋଳା ଲଳିତ-ବାଳା-ଲୋଚନେ—
ହିଶିବ କୁନ୍ଦଦଳେ ଭୃଙ୍ଗ ଯେସନେ ।୪୦୮।
ବ୍ରହ୍ମାବର୍ତ୍ତେ ନଭେ ହୋଇ ଉଡ୍ଡୀନ ୨
କୃଷୀବଳଙ୍କୁ ଶସ୍ୟଦାନେ ତୋଷିଣ,
ତହୁଁ କୌରବକ୍ଷେତ୍ରେ ଯିବୁ ତ୍ୱରିତେ,
ଧରାଲୋହିତ ଯହିଁ କ୍ଷାତ୍ର-ଶୋଣିତେ ।୪୧୨।
ଗର୍ଜି ପ୍ରଚଣ୍ଡେ ସିଞ୍ଚି ଘନ ଆସାର
ଯେହ୍ନେ କମଳବଂଶ କରୁ ସଂହାର,
ଗାଣ୍ଡୀବୀ ସେହିରୂପେ କୁରୁ ସମରେ
ସିଞ୍ଚିଲେ ନୃପକୁଳ-ଆନନ ଶରେ ।୪୧୬।
ସରସ୍ୱତୀ-ସରିତ-ସୁସ୍ୱାଦୁ-ଜଳ
ସେବି ହୋଇବ ତୋର ହୃଦ ନିର୍ମଳ,
ସରସ୍ୱତୀ ମହିମା ଲୋକେ ବିଦିତ,
ସରସ୍ୱତୀ ମୋହିଲା ମୁଷଳ-ଚିତ୍ତ ।୪୨୦
ରେବତୀ ସଙ୍ଗେ ଯେହୁ ମଦିରାରସ—
ପାନେ ନିରତେ ହେଉଥିଲେ ହରଷ,
ବିମୁଖ ହୋଇଣ ସେ ଭାରତ-ରଣେ
ବସିଲେ ଏ ତଟିନୀ ତୀର-କାନନେ ।୪୨୪।
କନଖଳ ପ୍ରଦେଶ ଛାଡ଼ି ଉତ୍ତରେ —୩
କର ନୀରଦ ! ଗତି ଖରେ ଅମ୍ବରେ,
ପର୍ବତରାଜ ହିମପର୍ବତୁଁ ଯହିଁ
ଧବଳ ଗଙ୍ଗା-ସ୍ରୋତ ଅବତରଇ ।୪୨୮।
ସଗରବଂଶ-ସ୍ୱର୍ଗ-ସୋପାନ-ରାଜି
ପ୍ରାନ୍ତେ ହିଶଇ ଗଙ୍ଗା ନଗେ ବିରାଜି,

୧ । ରନ୍ତି ଦେବଙ୍କ ଅନୁଷ୍ଠିତ ଗୋମେଧ ଯଜ୍ଞରୁ ଗୋମତୀ ଜାତ ହୋଇଥିବା କଥା ପୁରାଣରେ ପ୍ରସିଦ୍ଧ ।
୨ । ବ୍ରହ୍ମାବର୍ତ୍ତ—ସରସ୍ୱତୀ ଓ ଦୃଷଦ୍‌ବତୀ ନଦୀର ଅନ୍ତର୍ବର୍ତ୍ତୀ ପ୍ରଦେଶ ।
୩ । କନଖଳ—ହରିଦ୍ୱାରର ଚତୁଷ୍ପାର୍ଶ୍ୱବର୍ତ୍ତୀ ପ୍ରଦେଶ ।

ଧୂର୍ଜଟି-ଜଟାଜୂଟେ ବନ୍ଧ ଝର୍ଝରେ
ଧରଇ ବାଳଚନ୍ଦ୍ର ତରଙ୍ଗ-କରେ ।୪୩୨।
ତହୁଁ ଭ୍ରୂକୁଟି ବଢ଼େ ଉମା ଆନନ,
ରୁଷ୍ଟ ସପତ୍ନୀ-ସୁଖେ ସପତ୍ନୀ ମନ,
ଧବଳ ଫେଣ ଛଳେ ଜାହ୍ନବୀ ହସେ,
ଈର୍ଷା-ଅନଳ ଜଳେ ଉମା-ମାନସେ ।୪୩୬।
ସ୍ୱଚ୍ଛ ସ୍ଫଟିକ ପ୍ରାୟେ ଜାହ୍ନବୀ ବାରି
ଆକାଶୁଁ ପିଇବୁ ତୁ କାୟା ପ୍ରସାରି,
ପିଅଇ ଯାର ସୁରକରୀ ଯେସନେ,
ବନ୍ଧଭାବରେ ଝୁଲୁଥିବୁ ଗଗନେ ।୪୪୦।
ଲହରୀ ଖେଳୁଥିବ ମନ୍ଦ ଅନିଳେ,
ପଡ଼ିବ ତୋର ଶ୍ୟାମଛବି ସଲିଳେ,
ଅସ୍ଥାନେ ଯମୁନାସୁତା ଲହରୀ ହାର
ମିଶିଲା ପ୍ରାୟେ ଶୋଭା ହେବ ଉଦାର ।୪୪୪।
ତୁଷାର-ଗୌର ହିମଗିରି ମସ୍ତକେ
ବସି ଶମିବୁ ମାର୍ଗ-ଶ୍ରମ ପୁଲକେ,
କସ୍ତୂରିକା-କୁରଙ୍ଗ ଅଙ୍ଗ ପରଶେ
ସୁରଭିତ ଶିଳା ସେ ଶୈଳ ଉରସେ ।୪୪୮।
ଶଶିଶେଖର-ଶ୍ୱେତ-ବୃଷ-ବିଷାଣ—
ଦେହେ ଉତ୍‍ଖାତ ଯେହ୍ନେ ପଙ୍କପିଧାନ,
ମୂରତି ତୋର ମଳ କଜ୍ଜ୍ୱଳନିଭ
ଶିଖରେ ବିରାଜି ସେ ଶୋଭା ବଳିବ ।୪୫୨।
ସରଳ ଦ୍ରୁମେ ଯେବେ ଶାଖା-ଘର୍ଷଣେ
ଜ୍ୱଳିବ ବହ୍ନି, ବାୟୁ ବହିବ ଭୀଷଣେ
କନକକାନ୍ତି ଅଗ୍ନିଶିଖା ଦୀପିବେ,
ଗନ୍ଧରୁଁ ଚମରୀଙ୍କୁ ବେଗେ ତଡ଼ିବେ * ।୪୫୬।
ଅନଳ ଯୋଗେ ଗୁରୁ-ପୁଚ୍ଛ-ଚାମର
ଜ୍ୱଳି କରିବ ତାଙ୍କୁ ତ୍ରାସେ କାତର,
ଉଭେଇଁ ପଡ଼ିଲା ପ୍ରାୟେ ଦାବ-ଦହନ,
ଦ୍ରୁମୁଁ ଦ୍ରୁମେ ଲଗନ ହେବେ ବହନ ।୪୬୦।

ବହ୍ନି ଉପରେ ସିଞ୍ଚ ନବ-ଆସାର
ଗିରି-ପ୍ରାଣୀ ଜୀବନ କର ଉଦ୍ଧାର;
ଦୋଷହୀନ ଜନର ହେଲେ ବିପଦ
ବିପଦୁଁ ନିସ୍ତାରଇ ସାଧୁ ସମ୍ପଦ ।୪୬୪।
ଗାତ୍ର-ଭଙ୍ଗ ସକାଶେ ତହିଁ ଶରଭେ,
ଶିଖରଶୃଙ୍ଗେ ଉଭେଇଁଥିବେ ଗରବେ,
ଧରିବା ପାଇଁ ତୋତେ ହେବେ ଉତ୍ସୁକ,
ଭ୍ରମିତେ କରିବୁ ତୁ ତାଙ୍କୁ ବିମୁଖ ।୪୬୮।
ଅବହେଳା ଧବଳ କରକା-ହାସେ,
ପଳାଇବେ ଶରଭେ ଦୂରୁ ତରାସେ,
ନିଷ୍ଫଳ କର୍ମେ ଯାର ମନ ଧାଇଁତ,
ପରଠାରେ ନିଶ୍ଚେ ସେ ସବୁ ଲଜ୍ଜିତ ।୪୭୨।
ତ୍ରିଶୂଳ-ପଦ-ଚିହ୍ନ ତହିଁ ପ୍ରସ୍ତରେ,
ଅମନ୍ତ୍ରିତ କାନନ ଜାତ ପୁଷ୍ପରେ,
ଦେଖି ବାରିଦପତି ! କରିବୁ ନତି,
ବିଫଳ ନୋହେ ଶିବ ପାଦେ ଭକତି ।୪୭୬।
ଗିରି-ନିବାସି-ମୁନି ହର-ଚରଣ
ପୂଜନ୍ତି ନିତ୍ୟ ଶାନ୍ତିରସେ ମଗନ,
ଏ ପାଦେ ଭକ୍ତି ଥିଲେ କଳୁଷ ନାଶ
ହୋଇ ସୁଖରେ ଅନ୍ତେ ସ୍ୱରଗେ ବାସ ।୪୮୦।
ଘନକୀଚକରାଜି ବାୟୁ-ପୂରିତ,
ବଂଶୀ ବାଜିଲା ପ୍ରାୟେ ହୁଏ ନାଦିତ
ତ୍ରିପୁର-ଜୟ-ଗୀତ ମଧୁର ସ୍ୱରେ
କିନ୍ନରୀ-କୁଳ-କଳ-କଣ୍ଠୁ ନିଃସରେ ।୪୮୪।
ତୋ ନାଦେ ମୁଖରିତ କନ୍ଦର ବ୍ରଜ
ମୁଞ୍ଚିବ ମନ୍ଦ୍ରନାଦ ଯେହ୍ନେ ମୁରଜ;
ସଙ୍ଗୀତ ଅଭିଳାଷ ବାମଦେବର,
ଚରିତାର୍ଥ କରଣ ଲଭିବୁ ବର ।୪୮୮।
ହିମାଦ୍ରି-ତଟେ ସବୁ କରି ଦର୍ଶନ
ଶୀଘ୍ର କର ଉଦୀଚୀ ଅନୁସରଣ,

* ଚମରୀ ଗୋ ହିମାଳୟରେ ଏବଂ ତିବ୍ବତରେ ଅନେକ ଦେଖାଯାନ୍ତି ।

କ୍ରୌଞ୍ଚ-ରନ୍ଧ୍ର, ଭେଦଣ ଶୈଳଶରୀରେ
ଲଭିଲେ ରାମ ନିତ୍ୟଯଶଃ ମହୀରେ ୧।୪୯୨।
ମାନସରକୁ ବେଗେ ବରଷାଗମେ
ଏ ମାର୍ଗେ ହଂସେ ଯା'ନ୍ତି ଉଡ଼ି ସମ୍ଭ୍ରମେ
ତାହାଙ୍କେ ରନ୍ଧ୍ର ଦେଇ ଉତ୍ତରେ ଯିବ,
ହଂସ ଅଗ୍ରତେ ଦେଖି ମାର୍ଗ କଳବ ।୪୯୬।
ବଳି-ଛଳନ ବେଳେ ପ୍ରଭୁ ବାମନ
ଯେ ପାଦ ବିସ୍ତାରିଲେ ଯୋଡି ଗଗନ,
ସେ ପାଦ ବରଶୋଭା ଲଭିବୁ ଭଲେ,
ସେ ରନ୍ଧ୍ରମାର୍ଗେ ଯେବେ ଯିବୁ ଚଞ୍ଚଳେ ।୫୦୦।
ତହୁଁ ଊର୍ଦ୍ଧ୍ୱେ ରାଜଇ କୈଳାସ ଗିରି,
ନବପ୍ରଫୁଲ୍ଲ-ଶ୍ୱେତ-କୁମୁଦ-ଶିରୀ,
କି ଅବା ରାଶୀଭୂତ ତ୍ର୍ୟମ୍ବକ-ହାସ,
ତାରାମାଳ ଚୁମ୍ବଇ ବ୍ୟାପି ଆକାଶ ।୫୦୪।
ଦୁର୍ଦ୍ଧର୍ଷ ଦଶଗ୍ରୀବ ରୋଷେ ହୁଙ୍କାରି
ଝିଙ୍କିଲା ଶୈଳ ଯେବେ ଭୁଜ ପ୍ରସାରି,
ନାଗେ, ନରେ, ଅମରେ କମ୍ପିଲେ ତ୍ରାସେ
ମିଳିଲା ଅମ୍ବୁରାଶି ଊର୍ମି ଆକାଶେ ।୫୦୮।
ଗମ୍ଭୀର ବଜ୍ରଘୋଷେ ଘୋଷି କନ୍ଦର
ପଳାଇଲେ ଜୀମୂତେ ଛାଡ଼ି ଭୂଧର,
ଗର୍ଜିଲେ ପ୍ରଭଞ୍ଜନ, ହେଲା ଅନ୍ଧାର,
ଉଡ଼ିଲା ସ୍ତୂପାକାର ସାନ୍ଦ୍ର ତୁଷାର ।୫୧୨।
ଆତଙ୍କେ ଗିରିବାସୀ ଗଉରୀସାଇଁ—
ପାଦେ ଶରଣ ବେଗେ ପଶିଲେ ଯାଇଁ,
ହସିଲେ ତହୁଁ ପ୍ରଭୁ ଭକ୍ତ-ବତ୍ସଳ
ଅଚଳ ପୂର୍ବପରି ହେଲା ଅଚଳ ।୫୧୬।
ସୁରବନିତାବ୍ରଜ ନଭୋମଣ୍ଡଳେ
ଭ୍ରମନ୍ତି ଯେବେ, ଗିରି-ମୁକୁର-ତଳେ
ପଡ଼ଇ ପ୍ରତିବିମ୍ବ-ନୟନରଞ୍ଜନ ;
ସେ ଦର୍ପଣେ ସ୍ୱମୁଖ ଦେଖିବୁ ଘନ ।୫୨୦।

ଦଳାଅଞ୍ଜନପ୍ରଭା ବୋଲା ପରିସେ
ତୋ ଦେହ ନୀଳ-କାନ୍ତି ପ୍ରକାଶୁଥାଏ,
ଧଳା କୈଳାସ ଦେହେ ହେଲେ ଲଗନ,
ଦିଶିବ ଧରାଧର-ଶୋଭା ଯତନ ।୫୨୪।
ଅମରେ ସ୍ଥିରନେତ୍ରେ ଥିବେ ଅନାଇ,
ଏତେ ବିଚିତ୍ର ଦୃଶ୍ୟ ଭୂତଳେ କାହିଁ ?।
ନୀଳବସନେ ହଳସ୍କନ୍ଧ ଯେସନ, ୨
ଦିଶିବ ହରଶୈଳ ରମ୍ୟ ତେସନ ।୫୨୮।
ପାର୍ବତୀ କାନ୍ତକର ଧରି ସ୍ୱକରେ
ପଦବ୍ରଜରେ ଚଢ଼ୁଥିବେ ଭୂଧରେ,
ସ୍ତମ୍ଭିତ କରି ନିଜ ସଲିଳରାଶି,
ତଦ୍‌ଗତହୃଦୟରେ ଭକ୍ତି ପ୍ରକାଶି ।୫୩୨।
ଅଗ୍ରତେ ଗାତ୍ରଭଙ୍ଗେ ହୋଇ ଶୟାନ,
ସେହିରୁ ଯେସନ୍ତେ ଇନ୍ଦ୍ରନୀଳ ସୋପାନ ;
ନଗେନ୍ଦ୍ରବାଳା ପଦ୍ମପାଦଯୁଗଳ
ଛୁଇଁ ଦେହଧାରଣ ହେବ ସଫଳ ।୫୩୬।
ତହିଁ ସୁରଯୁବତୀ ନିତ୍ୟ ଚପଳା
ଘଷି ତୋ ଦେହେ ଚୁଡ଼ି ହୀରକବଳା
ତୋ ଶରୀରୁଁ ନିଃସୃତ ନୀର ଲଭିବେ,
ଜଳଯନ୍ତ୍ର ପରିସେ ତୋତେ ମଣିବେ ।୫୪୦।
ଛାଡ଼ି ନଦେବେ ଯେବେ ବାଳାନିକର,
ସଲିଳଦାନେ ଯେବେ ହେବ କାତର,
ମୁଞ୍ଚିବ ହେ ନୀରଦ ! ଗମ୍ଭୀର ନାଦ,
ଅବଳା ପଳାଇବେ ଗଣି ପ୍ରମାଦ ।୫୪୪।
ହେମକମଳଜନ୍ମ ମାନସନୀର
ପାନ ହୋଇବ ତୋର ଗୁରୁ ଶରୀର,
ସୁରେନ୍ଦ୍ର-କରି-କର ରଙ୍ଗେ ଯୋଡ଼ାଇ,
ନବସଲିଳେ ତାର ପ୍ରୀତି ବଢ଼ାଇ ।୫୪୮।
ଶୀକରସୁଶୀତଳ ମନ୍ଦ ପବନେ
କମ୍ପାଇ କଳ୍ପତରୁ-ପଲ୍ଲବ ବନେ,

୧ କ୍ରୌଞ୍ଚରନ୍ଧ୍ର ପରଶୁରାମଙ୍କ କୀର୍ତ୍ତିବିଶେଷ । ଏହା ସମ୍ଭବତଃ ଗୋଟିଏ ଟନେଲ୍ ।
୨ ହଳୀ—ବଳରାମ ।

ସ୍ଫଟିକ-ଗୌର ତନୁ ସେ ମହୀଧରେ
ପ୍ରବେଶିବୁ ନୀରଦ ! ପରମାଦରେ ।୫୫୨।
ନାଗର ଉତ୍ସଙ୍ଗେ ଯେହ୍ନେ ନାଗରୀ [1]
ସେ ଗିରି ଉରସେ ରମ୍ୟ ନଗରୀ,
ଜାହ୍ନବୀ-ଦୁକୂଳ ସ୍ରସ୍ତ ଜଘନେ,
ଅଳକା ଅଗ୍ରତେ ଦିଶେ ନୟନେ ।୫୫୬।
ଭବେ ଅତୁଳ ସେ ପୁରୀ ହେ
ନଷ୍ଟେ ବିମୋହିତ, ହୋଇବ ତୋ ଚିତ୍ତ,
ଦେଖି ତା ରୂପମାଧୁରୀ ହେ ।
ଜଳଧରକାଳେ ଘନନିକର
ଆବରି ଅଳକା ସୌଧଶିଖର ।୫୬୦।
କାମିନୀ-ଚିକୁର-ଶ୍ୟାମମୂରତି,
ମୁଞ୍ଚି ନବନୀରଦବିନ୍ଦୁ ପଙ୍କତି,
ଅଳକା ଶିର ଭୂଷଇ ହେ
ମୁକୁତାଖଚିତ, ରୁଚିର ରଚିତ,
ବାମା ଅଳକ ଜଳଇ ହେ ।୫୬୪।

## ଉତ୍ତର ମେଘ

( ରାଗ କଳହଂସ-କେଦାର )

—୦—

ଅଳକା ହର୍ମ୍ୟେ ରାଜେ ନବ ଯୋଷିତ,
ତୋ ଅଙ୍ଗେ ନୀରଧର ସ୍ଫୂର୍ତ୍ତି ତଡ଼ିତ ;
ଅଳକା ସୌଧେ ଚିତ୍ର ମୋହେ ନୟନ,
ଇନ୍ଦ୍ର କୋଦଣ୍ଡ ତୋର ଅଙ୍ଗେ ଯେସନ ।୪।
ତୋ ସ୍ନିଗ୍ଧମନ୍ଦ୍ରନାଦ ପରାୟେ ତହିଁ,
ମୁରଜ ମନ୍ଦ୍ରନାଦ ନିତ୍ୟ ସ୍ଫୁରଇ ,
ଉଜ୍ଜ୍ୱଳ ମଣି-ରଶ୍ମି ପ୍ରାଙ୍ଗଣେ ତାର ;
ଯେସନେ ଗର୍ଭେ ତୋର ଶୁକ୍ଳ ଆସାର ।୮।
ପୁଷ୍ପଭୂଷଣ ପ୍ରିୟ ନାଗରୀ ଦଳ—
କରେ ଶୋଭଇ ଯହିଁ ଲୀଳାକମଳ,
ଅଳକେ କୁନ୍ଦକଳି ରାଜେ ମୋହନ,
ଲୋଧ୍ର-ପରାଗେ ପାଣ୍ଡୁ ରୁଚିର ଆନନ ।୧୨।
ରମ୍ୟଶିରୀଷେ ଶୋହେ ଶ୍ରବଣମୂଳ
ସୀମନ୍ତେ ଶୋହେ ନବ କଦମ୍ବଫୁଲ
ବକୁଳ-ମାଳ-ଶୋଭି-ଘନ-ଜଘନ,
ମନ୍ଦାର-ଶୋଭି-କେଶ ଚୁମ୍ବେ ଚରଣ ।୧୬।
ନିତ୍ୟ କୁସୁମ ଯହିଁ ତରୁନିକରେ,
ନିତ୍ୟ ମୁଖର ମଧୁକର ଗୁଞ୍ଜରେ,
ରାଜହଂସ-ରସନା ସରସୀକୁଳ
ଫୁଲ୍ଲପଙ୍କଜ-ବ୍ରଜେ ନିତ୍ୟ ମଞ୍ଜୁଳ ।୨୦।
ଉଦ୍‌ଗ୍ରୀବ ହୋଇ ନିତ୍ୟ ଗୃହ-ମୟୂର
ଗମ୍ଭୀର କେକାରବେ ପୂରନ୍ତି ପୁର,
ସୁଧାକର କିରଣେ ନିତ୍ୟ-ତିମିର
ଦୂର ହୋଇ ପ୍ରଦୋଷ ଦିଶେ ରୁଚିର ।୨୪।
ଅଳକାରେ ଲୋକଙ୍କ ସୁଖରୁ ବହେ ;
ଆନ ପୀଡ଼ା ଅଭାବେ ଅନଙ୍ଗ ଦହେ ;
ଅନଙ୍ଗ ପୀଡ଼ା ପ୍ରତିକାର ପ୍ରଚୁର
ଅଛି ତହିଁ, ତେଣୁ ସେ ପୀଡ଼ା-ମଧୁର ।୨୮।
ମାନ ବିନ୍ଧୁନେ ନାହିଁ ଆନ କଳହ,
ମାନକ ବିନୁ ନାହିଁ ଆନ ବିରହ,
ଆନ ବୟସ ନାହିଁ ବିନା ଯୌବନ,
ଏକବେ ସର୍ବଋତୁ-ସୁଖ-ମିଳନ ।୩୨।
କୁସୁମତାରକିତ ମଣି-ପ୍ରାସାଦେ
ମଧୁ ପିଅନ୍ତି ଯକ୍ଷେ ମନପ୍ରସାଦେ,
ଅବସର ଲଭିଣ ମୀନକେତନ
ପୁଷ୍ପ-ବିଶିଖେ ଅଙ୍ଗ ବିନ୍ଧେ ବିହ୍ୱନ ।୩୬।

[1] ରାଗ ରସକୁଲ୍ୟା ।

ବରଯୁବତୀବ୍ରଜ ବସନ୍ତ ପାଶେ,
ବାସଇ ସମୀରଣ ସୁରଭି ଶ୍ୱାସେ,
ମୁରଜ ମନ୍ଦ୍ର ନାଦ ପୂରଇ ପୁର,
କାମିନୀ-କଳକଣ୍ଠ ଶୁଭେ ମଧୁର ।୪୦।
ମନ୍ଦାକିନୀ-ପୁଳିନେ ମନ୍ଦାର ତଳେ
ଖେଳନ୍ତି ବାଳାବ୍ରଜ ବସି କୁଶଳେ,
ନିର୍ମଳ ବାରିବିନ୍ଦୁ ବହି ପବନ
ସେବନ୍ତ ଛଳେ ବକ୍ଷ ପରଶେ ଘନ ।୪୪।
କନକ ସିକତାରେ ଲୁଚାଇ ମଣି
ଖେଳନ୍ତି କଉତୁକେ ବରବରଣୀ,
ରଙ୍ଗ ଅମ୍ବରେ ବପୁ ଶୋହେ ସୁନ୍ଦର,
ରଙ୍ଗ ଅମ୍ବୁଜେ ଯେହ୍ନେ ପୀତ କେଶର ।୪୮।
କାମେ ଉନ୍ମତ୍ତ କାନ୍ତ ଦୁକୂଳ ହରେ,
ସୁନ୍ଦରୀ ଦିଗମ୍ବରୀ ଥରେ ଲାଜରେ,
ସମ୍ମୁଖେ ରତ୍ନଦୀପ ଉଜ୍ଜ୍ୱଳ ଜଳେ,
ନିର୍ବାଣ ଆଶେ ହିମରଜ ବିଫଳେ ।୫୨।
ଫିଙ୍ଗଇ ବରାଙ୍ଗନା ପ୍ରଦୀପ ପ୍ରତି,
ବ୍ୟର୍ଥ ଯତନ ଦେଖି କୌତୁକୀ ପତି ;
ହାସନ୍ତି ପ୍ରେମ-ଭରେ ତହିଁ ଉଭୟେ,
ଭିଡନ୍ତି ପରସ୍ପର ଅଙ୍ଗ ନିର୍ଭୟେ ।୫୬।
ସରମେ ରସବତୀ ରମଣୀ ଚିତ୍ତ
ରସାଇ ଅନୁରାଗ କରେ ଦୀପିତ ;
ସରମେ ଶଶି-ମୁଖୀ ମୁଖମାଧୁରୀ
ଧୈର୍ଯ୍ୟ-ଅଙ୍କୁରକୁ ସେ କାମ-କତୁରୀ ।୬୦।
ଚନ୍ଦ୍ରୋଦରସୋଦର ବର ବଦନେ
ଲାଜରାଗ ଉଜଳେ ରାଗ ରମଣେ,
ସୁନ୍ଦର ଦରସ୍ମିତ ତା ସଙ୍ଗେ ମିଶେ,
କମଳେ ରବି-ରଶ୍ମି ତା ସରି କି ସେ ।୬୪।
ଜଳଦମାଳ ତହିଁ ପବନ ବଳେ
ତୁଙ୍ଗ-ସୌଧ ଗବାକ୍ଷେ ପଶି ଚଞ୍ଚଳେ
ଭିଜାଇ ଭିତ୍ତି-ଚିତ୍ର ପଳାନ୍ତି ତ୍ରାସେ;
ଧୂମରାଶି ପରାୟେ ହଶି ଆକାଶେ ୧ ।୬୮।

ସୁବଲମ୍ବିତ ଚନ୍ଦ୍ରକାନ୍ତ ନିକର
ଯହିଁ ନିଶିରେ ଲଭି ଚନ୍ଦ୍ରମା-କର
କରଇ, ମୁଞ୍ଚି ଜଳବିନ୍ଦୁ ବିମଳ,
ଅଙ୍ଗନା ରତି-ଖିନ୍ନ ଅଙ୍ଗ ଶୀତଳ ।୭୨।
କୁବେର ଯଶଗୀତ ଗାଇ କୌତୁକେ
କଳକଣ୍ଠ କିନ୍ନର ଭ୍ରମନ୍ତି ସୁଖେ,
ଯକ୍ଷବିଳାସିଦଳ ବୈଭ୍ରାଜବନେ
ସୁରକାମିନୀ ସଙ୍ଗେ ଅନଙ୍ଗ-ରଣେ ।୭୬।
ମାତନ୍ତି—ନାଦେ ପିକ, ନାଦେ ଭ୍ରମର,
ଅଳଙ୍କାର ଝଙ୍କାର ମିଶେ ସୁନ୍ଦର,
ଲାଜେ ନିକୁଞ୍ଜେ ଥରେ କୁଞ୍ଜବଲ୍ଲରୀ,
ଦୋଳେ ମଞ୍ଜୁଳେ ଫୁଲ ଫୁଲମଞ୍ଜରୀ ।୮୦।
ଅଭିସାରିକାକୁଳ କାନ୍ତ-ସଦନେ
ନିଶି ଅନ୍ଧାରେ ଯହିଁ ଯାନ୍ତି ବିଜନେ,
କମ୍ପଇ ଅଙ୍ଗ-ଲତା ବେଗେ ସାଧ୍ୱସେ,
କୁଟିଳ କୁନ୍ତଳରୁ ମନ୍ଦାର ଖସେ ।୮୪।
ଗୃହାନ୍ତ ଚଉଦିଗେ ଭୟେ ବିକଳ,
ଖସଇ କର୍ଣ୍ଣ-ଶୋଭି-ସ୍ୱର୍ଣ୍ଣ-କମଳ,
ଘନ ଉରଜୁଁ ଛିଣ୍ଡି ମୁକୁତାହାର
ସୂଚଇ ପ୍ରାତେ ବାଳା-ନିଶି-ବେଭାର ।୮୮।
ଅଳକାପୁରେ ଛନ୍ତି ଶଶିଶେଖର,
ଅଳି-ଶିଞ୍ଜିନୀ ଧନୁ କୁସୁମ ଶର
ନ ଧରେ ତ୍ରାସେ, ତହିଁ ଲାବଣ୍ୟମୟୀ—
ବାଳା-କଟାକ୍ଷ ତାର କାର୍ଯ୍ୟ କରଇ ।୯୨।
କାମିନୀ-ଭ୍ରୂରୁ କାମ କୋଦଣ୍ଡ ପରି,
କାମିନୀ-ବାମନେତ୍ର ବିଶିଖ ସରି,
ଅନଙ୍ଗର ପ୍ରୟାସ ତେଣୁ ସଫଳ,
ଅସ୍ତ୍ରେ କି କାର୍ଯ୍ୟ ଯାର ଅବଳା ବଳ ।୯୬।
ନବ ଦୁକୂଳ ନାନାରାଗେ ରଞ୍ଜିତ,
ନେତ୍ର-ବିଳାସକର ମଧୁବାସିତ,
ସପଲ୍ଲବ କୁସୁମ, ରମ୍ୟ ଭୂଷଣ,
ଅଳତା ଲଳିତାଙ୍ଗୀ-ପାଦମଣ୍ଡନ ।୧୦୦।

୧ ଦାର୍ଜିଲିଂରେ ଏହି ଦୃଶ୍ୟ ପ୍ରତ୍ୟକ୍ଷ ଦେଖାଯାଏ ।

କଳ୍ପତରୁ ଦେବତରୁ ସବୁ ପ୍ରସୂତ
ଇଚ୍ଛା ମାତ୍ରକେ ସବୁ ହୁଏ ପ୍ରସ୍ତୁତ,
ସେ ତରୁ-କୁଞ୍ଜେ ବସି କୁଞ୍ଜରଗତି
ଲେଖନ୍ତି ପ୍ରେମ-ଲିପି ପ୍ରେମିକ ପ୍ରତି ।୧୦୪।
ଧନପତି ବସତି ଗୃହ ଉତ୍ତରେ ୧
ଇନ୍ଦ୍ରଧନୁ ତୋରଣ ନୟନ ହରେ,
ସେ ଅଟେ ନୀରଧର ! ମୋର ନିଳୟ,
ଦୂରୁଁ ଦିଶଇ ଯାରୁ ସୁଷମାମୟ ।୧୦୮।
ତହିଁ ଉଦ୍ୟାନେ ରାଜେ ଶିଶୁମନ୍ଦାର,
ତାଠାରେ ପୁତ୍ରପ୍ରାୟେ ସ୍ନେହ ପ୍ରିୟାର,
କନକ ପୁଷ୍ପରାଜି ଶୋହେ ସ୍ତବକେ,
ତରୁଣ ରବି-କରେ ଯାରୁ ଝଟକେ ।୧୧୨।
ମରକତ ସୋପାନ ତହିଁ ସରସୀ,
ନୀଳଘନବେଷ୍ଟିତ ଯେସନ ଶଶୀ,
ହେମ-କମଳ-କଳୀ ବହୁ ବିକସେ,
ନୀଳକାନ୍ତ ବୃନ୍ତରେ ଉଜ୍ଜ୍ୱଳ ହସେ ।୧୧୬।
ସୁଖେ ବସନ୍ତି ତହିଁ ହଂସ ସାରସ,
ବର୍ଷାଗମେ ମାନସେ ନାହିଁ ମାନସ;
ବାରି-ବିହଙ୍ଗେ ନୀଳ ଲହରୀ ପରେ
ଦୋଳନ୍ତି, ସରୋବର ପୂରେ ରାବରେ ।୧୨୦।
ସରସୀତଟରେ ଇନ୍ଦ୍ରନୀଳ-ଶିଖର
କ୍ରୀଡ଼ା-ପର୍ବତେ ରାଜେ କେତେ ସୁନ୍ଦର,
ସ୍ୱର୍ଣ୍ଣ-କଦଳୀ ଦଳ ତଉଦରରେ
ଶୋହେ ବିଜୁଳି ଯେହ୍ନେ ତୋ କଳେବରେ
ପ୍ରିୟାବିହାର ସ୍ଥଳ ସେହୁ ଅଟଇ
ତୋ ଦରଶନେ ଘନ ! ମନେ ପଡ଼ଇ,
ନୟନୁ ନୀର ଝରେ ତାର ସ୍ମରଣେ ;
ଝୁରୁଥିବ ପ୍ରେୟସୀ ନିଜ ଭଜନେ ।୧୨୮।
ରକ୍ତ ଅଶୋକତରୁ ସେ ଉପବନେ,
ନବପଲ୍ଲବ ନୃତ୍ୟ କମ୍ପେ ପବନେ,
ମାଧବୀବିମଣ୍ଡିତ ମଣ୍ଡପ ତହିଁ,
ରମ୍ୟପୁଷ୍ପେ ମଧୁପ ମଧୁ ପିଅଇ ।୧୩୨।

କୁରୁବକ ବେଷ୍ଟନ ସେ ମଣ୍ଡପର,
ରାଜେ ପାଶେ ପୁଷ୍ପିତ କାନ୍ତ କେଶର,
ଦ୍ୱନ୍ଦ୍ୱୀ ଅଟଇ ମୋର ତରୁଯୁଗଳ
ନିତ୍ୟ କରଇ ମନ ଈର୍ଷାଚଞ୍ଚଳ ।୧୩୬।
ବାଞ୍ଛେ ଅଶୋକ ପ୍ରିୟା-ପଦପରଶ,
ବାଞ୍ଛେ ବକୁଳ ମୁଖମଦିରା-ରସ,
ଏକାନ୍ତେ କାନ୍ତା ଯହିଁ ପ୍ରଦୋଷେ ବସେ,
ବାୟୁ ବାଣଜ ସଙ୍ଗେ ବକ୍ଷ ପରଶେ ।୧୪୦।
କନକ ଯଷ୍ଟି ତହିଁ ରାଜେ ଉଜ୍ଜ୍ୱଳ,
ଶିରେ ସୁନ୍ଦର ଶୋହେ ସ୍ଫଟିକଫଳ,
ମୂଳମଣ୍ଡଣୀ ତାର ଇନ୍ଦ୍ରନୀଳରେ,
ତୋ ମିତ୍ର ନୀଳକଣ୍ଠ ତହିଁ ବିହରେ ।୧୪୪।
ସରୋଜ-ବନ୍ଧୁ ଚଢ଼ି ଚରମାଚଳେ
ସ୍ପର୍ଶ କରଣେ ତରୁଶିର ଉଜଳେ,
ସରୋଜନେତ୍ରୀ ବାଳା ତହିଁ ବିଳାସେ
କରତାଳି ଦିଅଇ ମୟୂର ପାଶେ ।୧୪୮।
ବାଜଇ ରଣରଣ ବାଜେଣୀ ବଳା,
ନାଚଇ ଘନଘନ କେକୀ ଉଛୁଳା,
ତାଳେ ବାଜଇ କରେ ଶିଞ୍ଜା ଭୂଷଣ,
ତାଳେ ମୟୂର ରବେ ରଞ୍ଜି ଶ୍ରବଣ ।୧୫୨।
ନୀଳକମଳ ଗଞ୍ଜି କଳାପ ଟେକ
କୌତୁକେ ଉପବନେ ନାଚଇ କେକୀ,
ଉରେ ଏ ଛବି ଦେଖି ନାଚେ ତରଙ୍ଗ,
ଝୁରେ ନୟନ ଘନ ! ହୁଏ ସେ ରଙ୍ଗ ।୧୫୬।
ଏ ଲକ୍ଷଣୁ ଜାଣିବ ମୋହୋ ଆଗାର,
ଖୋଦିତ ଶଙ୍ଖପଦ୍ମେ ଶୋଭେ ତା ଦ୍ୱାର,
ନାହିଁ ସେ ପୂର୍ବଶ୍ରୀ ପୂର୍ବମାଧୁରୀ,
ରବି ବିହୁନେ ପଦ୍ମ ପରାଏ ଝୁରି ।୧୬୦।
କରଭ ପ୍ରାୟେ କରି ଶରୀର କ୍ଷୀଣ,
କ୍ରୀଡ଼ା ଶଇଳେ ସୁଖେ ହୋଇ ଆସୀନ,
ଭେଟିବ ନାଗରୀକୁ ଆଗାରେ ତହିଁ,
ଖଦ୍ୟୋତ ପ୍ରାୟେ କାନ୍ତି ନିଭ ଜଳଇ ।୧୬।

୧ ଧନପତି—କୁବେର

ମଳିନ ହେବ ସୁଷମା ଦେଖି ହେବ ଘନ !
କରୁଣା ଉପୁଜିବ, ଦ୍ରବିବ ମନ,
ସ୍ଫୁରିବ ସୌଦାମିନୀ ନଭେ ଉଜ୍ଜ୍ୱଳେ,
ଚମକ ଖୁନ୍ତନେତ୍ରୀ ଚାହିଁବ ଭଲେ ।୧୬୮।
କୃଶାଙ୍ଗୀ କୁଶୋଦରୀ କୁନ୍ଦଦଶନା
ସ୍ଥୂଳ ଜଘନ ଭରେ ମନ୍ଦଗମନା,
ଚକିତ ମୃଗନେତ୍ରୀ, ଜବା-ଅଧରୀ,
ଉଚ୍ଚ ଉରଜେ ନତ ଶାନ୍ତବଲ୍ଲରୀ ।୧୭୨।
ତପ୍ତ-କନକ-କାନ୍ତି କାନ୍ତ ଶରୀର,
ମୃଣାଳ-ଗଞ୍ଜି-ଭୁଜ, ନାଭି ଗଭୀର,
ଯୁବତୀକୁଳେ ଶ୍ରେଷ୍ଠ ସେହି ରଙ୍ଗିଣୀ,
କୁସୁମକୁଳେ ଶ୍ରେଷ୍ଠ ଯେସନେ ନଳିନୀ ।୧୭୬।
କୈଳାସ-ପଦ୍ମାକର-ହଂସୀ ନବୀନା
ରସାଳସୀ ସୂକ୍ଷ୍ମ-କଳା-ପ୍ରବୀଣା,
ମଞ୍ଜୁଭାଷିଣୀ ମଞ୍ଜୁ-କଞ୍ଜ-ବଦନୀ,
ରୂପଖଣିରେ ନାହିଁ ତା ତୁଲେ ମଣି ।୧୮୦।
ସେ ଅଟେ ଶାରଧର ! ମୋହୋ ନାଗରୀ,
ପ୍ରେମ ପ୍ରତିମା ମୋର ପରାଣ ସରି;
ଚକ୍ରବାକୀ ପରାଏ ମୋହୋ ବିଚ୍ଛେଦେ
ମଉନେ ଥିବ ଝୁରି ହୃଦୟ ଖେଦେ ।୧୮୪।
ମହାରପାତେ ପଦ୍ମ ପ୍ରାୟେ ପ୍ରେୟସୀ
ନିରାଶେ ଝୁରୁଥିବ ନଭୂତେ ବସି,
ରବି ପ୍ରଖର-କର ପ୍ରାୟେ କମଳେ
ନଥିବ ପୂର୍ବ ଜ୍ୟୋତି ନେତ୍ର ଯୁଗଳେ ।୧୮୮।
ନୀଳ ନଳିନ-ନେତ୍ର ରୋଦନେ ସ୍ଫୀତ,
ଲୋତକେ ହୋଇଥିବ ନିତ୍ୟେ ଲୋହିତ,
ବିମ୍ବାଧରୀ-ଅଧର ଉଷ୍ଣ ନିଃଶ୍ୱାସେ
ବିବର୍ଣ୍ଣ ହୋଇଥିବ ଘନ ! ନିରାଶେ ।୧୯୨।
କରେ ବଦନ ଥୋଇ ଥିବ ବସିଣ,
ଶ୍ଳଥ କୁନ୍ତଳ ପଡ଼ିଥିବ ଲମ୍ବିଣ,
ତୋ ଗ୍ରାସେ ଶଶଧର ପରାଏ, ଘନ !
ଘାନ ଦିଶିବ କାନ୍ତା-କାନ୍ତ-ବଦନ ।୧୯୬।

ମିଳନ କାମନାରେ କାନ୍ତା ମୋହର
ମାଗୁଣି ଥିବ ଇଷ୍ଟଦେବଙ୍କୁ ବର,
ନବ ବିରହେ କୃଶ ମୋର ମୂରତି,
ଯତନେ ନିଜେ ଚିତ୍ରିଥିବ ଯୁବତୀ ।୨୦୦।
ପିଞ୍ଜରେ ଅବା ସାରୀ ମୁହଁକୁ ଚାହିଁ
ଭାଷୁଥିବ ତା ଶୋକେ ଶୋକ ମିଶାଇ,
'କାନ୍ତକୁ ସ୍ମରି କରେ ହେଉ ବିକଳ ?
ତୋଠାରେ ସ୍ନେହ ତାର ଥିଲା ଅଟଳ' ।୨୦୪
ବାମନୟନା ମନ୍ଦ ମଳିନ ବାସ
ଉଡ଼ାଉଥିବ ଉଷ୍ଣ ଶୋକ-ଉଚ୍ଛ୍ୱାସ,
ଗାଢ଼ିଣୀଥିବ ବୀଣା ଉତ୍ସଙ୍ଗେ ଘେନ ,
ଚୁମ୍ବି ଅବନୀ ଲମ୍ବିଥିବ ତା ବେଣୀ ।୨୦୮।
ତାର ସ୍ୱରେ ମୋ ନାମ ସଙ୍ଗୀତ ଗାଇ,
ନୟନ-ନୀରେ ବୀଣା-ତାର ତିନ୍ତାଇ,
ପୋଛି ପଣତେ ବୀଣା ଗାଆନ୍ତେ ପୁଣି,
ମୂର୍ଚ୍ଛନା ପାଶୋରିବ ବେଗେ ତରୁଣୀ ।୨୧୨
ବିରହ-ବହ୍ନି ଶୋଷୁଥିବ ଜୀବନ,
ଭୂତଳେ ଗୋଟି ଗୋଟି ଥୋଇ ସୁମନ
ଶେଷ ବିରହ ମାସ ଦୁଆରେ ବସି
ବିମନା ହୋଇ ଗଣୁଥିବ ପ୍ରେୟସୀ ।୨୧୬।
କାନ୍ତ ସଙ୍ଗେ ସଙ୍ଗମ କଳ୍ପନା ବଳେ,
ହୃଦୟେ ଲଭୁଥିବ ବସି ବିରଳେ,
କାମିନୀଏ ଏରୂପେ ବିରହ-କ୍ଳେଶ
ବାରନ୍ତି, ବାରିଦ ! ତୁ ଜାଣୁ ବିଶେଷ ।୨୨୦।
ଦିବସେ ଗୃହକର୍ମେ ଥିବ ସେ ରତ,
ଦିବସେ ଶୋକ ତାର ଥିବ ଗୁପତ,
ବାସର ଅନ୍ତେ ଅବସର ଲଭିଣ
ବାଷ୍ପକମୁଖୀ ମନ କରିବ କ୍ଷୀଣ ।୨୨୪।
ରାତରେ ଥିବ ଶୋଇ ଭୂମିଶୟନେ,
ବିରହ ଦିନୁ ନାହିଁ ନିଦ୍ରା ନୟନେ,
ନିଶିରେ ବାତାୟନ ସନ୍ନିଧେ ରହି
ପ୍ରବୋଧିବୁ ବାଳାକୁ ବାରତା କହି ।୨୨୮।

ବିରହ-ଶଯ୍ୟା ପରେ ଅନଙ୍ଗ ଶର
ଅଙ୍ଗନା-କ୍ଷୀଣ ଅଙ୍ଗ କରେ ଜର୍ଜ୍ଜର,
ବିକଳେ ପଡ଼ିଥିବ ଏକା ସେ ତନ୍ୱୀ,
ଚରମା ଚନ୍ଦ୍ରକଳା କୃଶତା ବହି ।୨୩୨।
ସେ ରଜନୀ ସଜନୀ ମୋହର ସଙ୍ଗତେ
ବିଳାସେ ବଞ୍ଚୁଥିଲା ଇଚ୍ଛା-ସୁରତେ,
ଏକାଳେ ସେ ରଜନୀ ହୋଇବ କାଳ,
ବୁଡ଼ାଇବ ଲୋତକେ ନେତ୍ର ବିଶାଳ ।୨୩୬।
କପୋଳଲମ୍ବି-ନୀଳ-ଚୂର୍ଣ୍ଣକୁନ୍ତଳ
(କରୁଥିଲା ପୂର୍ବେ ଯା ସ୍ନେହେ ଉଜ୍ଜ୍ୱଳ)
ରୁକ୍ଷ ସ୍ନାନରେ ହୋଇଥିବ କର୍କଶ;
ଉଷ୍ଣ ନିଃଶ୍ୱାସେ ଉଡ଼ୁଥିବ ଅବଶ ।୨୪୦।
ସେ ଶ୍ୱାସେ ବିମ୍ବାଧରୀ-ବିମ୍ବ-ଅଧର
ବିବର୍ଣ୍ଣ ଦେଖି ହେବ ହୃଦ କାତର ।
ସ୍ୱପନେ ସୀମନ୍ତିନୀ ମୋ ଆଲିଙ୍ଗନ
ଲଭିବା ଆଶେ ଲୋଡ଼ୁଥିବ ବହନ ।୨୪୪।
ନିଦ୍ରାକୁ ନିଦ୍ରାପଥ ନୟନ ନୀର
ରୋଧୁଣ କରୁଥିବ ମନ ଅସ୍ଥିର,
ସୁଖ ସମୟେ ଯେହ୍ନ ନ ଲୋଡ଼ି ମିଳେ,
ନ ମିଳଇ ଯତନେ ଦୁଃଖେ ଲୋଡ଼ିଲେ ।୨୪୮
ମେଲାଣି କାଳେ ଫୁଲମାଳ ଖସାଇ
ବାନ୍ଧିଲି ଯେ ବେଣୀ ମୁଁ ଆବାସେ ଥାଇ,
ଶାପ ଅନ୍ତେ ଯେ ବେଣୀ ବାନ୍ଧିବି ପୁଣି,
ଅରଞ୍ଜିତ ନଖର-କରେ ତରୁଣୀ ।୨୫୨।
କ୍ଷଣେ କ୍ଷଣେ କପୋଳୁଁ ଘୁଞ୍ଚାଉଥିବ,
ସ୍ଥିର ଅଦୃଷ୍ଟେ ଏହା କଲା ଦଇବ ।
ନାହିଁ ସେ ପୂର୍ବ ଶୋଭା ପୂର୍ବ ଯତନ,
କଳିନ୍ଦ-କନ୍ୟା କାନ୍ତି ପୂର୍ବବରଣ ।୨୫୬।
ଗବାକ୍ଷ-ମାର୍ଗେ ସୌମ୍ୟ ସୁଧାଂଶୁ କର
ପଶି ଉଜଳୁଥିବ ସୌଧ ଅନ୍ତର ;
ପୂର୍ବ ପ୍ରୀତିରୁ ଖାରୁ ଅନାଇ ଥରେ
ଶଶୀକୁ, ବୁଲାଇବ ନେତ୍ର ସତ୍ୱରେ ।୨୬୦।

ପୀୟୂଷ-କର ତାହା ପକ୍ଷେ ଗରଳ,
ତେଣୁ ଝରିବ ନେତ୍ରୁଁ ଲୋତକ ଜଳ,
ଆବରିବ ଅବଳା ପକ୍ଷ୍ମେ ବଦନ
ଦୁର୍ଦ୍ଦିନ ପଦ୍ମପ୍ରାୟେ ଆର୍ଦ୍ର ନୟନ ।୨୬୪।
ଭୂଷଣହୀନ ମୃଦୁ ଅଙ୍ଗ ଅଙ୍ଗନା
ଥୋଇଥିବ ଶୟନେ ଶୋକେ ଉନ୍ମନା,
ତା ଦେଖି ନୀର ଅଶ୍ରୁ ମୁଞ୍ଚିବୁ ଘନ !
ପର ଦୁଃଖେ କାତର ମହତ ମନ ।୨୬୮।
ସ୍ନେହମୟୁ ମୋ ପ୍ରତି ପ୍ରେୟସୀ-ଚିତ୍ତ,
ତେଣୁ ଏ ଦଶା ତାର ହୁଏ ପ୍ରତୀତ,
ଆପଣାଠାରେ ପକ୍ଷପାତରୁ ଏତେ
କହିଲି ଘନ ପୁଣି ନ ଦେନ ଚିତେ ।୨୭୨।
ଯା କହିଲି ଝଟିକେ ନେତ୍ର ଗୋଚର
ହେବ ଭବନ ମୋର ହେ କାମଚର !
ଅନୁମାନ ଶଙ୍କଇ ଏବେ ଯେ ଛବି,
ନୋହିବ ତହୁଁ ଆନ ପ୍ରାଣବାନ୍ଧବୀ ।୨୭୬।
ସୁସନ୍ଦେଶ ବହି ତୁ ହେଲେ ପ୍ରବେଶ,
ଉପୁଜିବ ହରଷ ହୃଦେ ଅଶେଷ,
ମୀନ ଚହଲେ ଚଳକମଳ ପରି
ସ୍ଫୁରିବ ବାମନେତ୍ର ବେଗେ ସଞ୍ଚରି । ୨୮୦ ।
କଜ୍ଜଳକେଶୀ ନେତ୍ରେ ନାହିଁ କଜ୍ଜଳ,
ଅପାଙ୍ଗେ ଲମ୍ବିଥିବ ଶ୍ଳଥ କୁନ୍ତଳ;
ମଧୁ ତଆଗୁଁ ଆଗ ଭ୍ରୂରୁ ବିଳାସ
ନ ଥିବ ସେ ପୂରୁବ ବକ୍ର ବିକାଶ ।୨୮୪।
ଅନଖକ୍ଷତ ବାମ ଊରୁ ବର୍ତ୍ତୁଳ,
କନକ-ରମ୍ଭାତରୁ-ଗଞ୍ଜି ମଞ୍ଜୁଳ,
ନ ଶୋହେ ଯହିଁ ଏବେ ମୁକ୍ତାହାର
(ବିରହେ ହାରେ ଲୋଡ଼ା କାହିଁ ବାଳାର ?
ସ୍ୱବାହନେ ଯାହାର ସୁରତ ପରେ,
କୃତାର୍ଥ ହେଉଥିଲି ଶେଯ ଉପରେ
ତୋ ମିଳନେ ସେ ଊରୁ ସ୍ଫୁରିବ ଘନ !
ଭାଳିବ 'ଦୁଃଖ ପରା ହେଲା ଖଣ୍ଡନ' ।୨୯୨।

ସେକାଳେ ବାଳା ଯେବେ ଥିବ ନିଦ୍ରିତ,
ଅନାଇ ଅବସର ଥିବ ସ୍ତମ୍ଭିତ,
ଦୁଃଖୀ ପକ୍ଷେ ନୀରବ ! ନିଦ୍ରା ଶରଣ,
ନିଦ୍ରା ଦିଶଇ ସ୍ୱପ୍ନ, ସ୍ୱପ୍ନ-ରମଣ ।୨୯୬।
ସ୍ୱପ୍ନବଳେ ଅବଳା ମୋହ ଉତ୍ସଙ୍ଗେ
ବିହରୁଥିବ ସୁଖ-ସୁରତ ରଙ୍ଗେ,
ନିଦ୍ରାଭଙ୍ଗେ ଅଙ୍ଗନା ହେବ ଆକୁଳ,
ତିନ୍ତାଇବ ଲୋତକେ ମଳ ଦୁକୂଳ ।୩୦୦।
କାଳେ ଅବଳା ନେତ୍ର ମୁଦିବ ଡରି,
ରଖିବୁ ଚପଳାକୁ କୋଳେ ଆବରି,
ପେଷି ଶୀକର-ସ୍ନିଗ୍ଧ ମୃଦୁ ସମୀର
ନବମାଳତୀ ସଙ୍ଗେ ସୁସ୍ଥଶରୀର ।୩୦୪।
କର କାନ୍ତାକୁ, ସୌଧ-ଗବାକ୍ଷେ ବସି,
ତୋଷିବୁ ତହୁଁ ବାକ୍ୟ ସୁଧା ବରଷି ।
ହେବ ହରଷ ମୋହୋ ସନ୍ଦେହ ଲଭି
କରେ ଶଶୀ ଲଭିଲା ପ୍ରାୟେ ବଲ୍ଲଭି ।୩୦୮।
କହିବୁ କାମିନୀକୁ ଘନ ! ଏସନ,
"ଜୀବନେ ଅଛି ବାଳା ତୋ ଜୀବ-ଧନ,
ମୁଁ ଅଟେ ନୀରଧର ଗୃହ ତାହାର,
ଆଣିଅଛି ତୋ ପ୍ରତି ସୁସମାଚାର ।୩୧୨।
ସୀମନ୍ତିନୀ କୁନ୍ତଳ ବନ୍ଧନ ଆଶେ
ପ୍ରବାସୁଁ କାନ୍ତ ଯେବେ ଆସଇ ବାସେ,
ମାର୍ଗ ନିନାଦ ମନ୍ଦ୍ର ଶୁଣି ମୋହର
ଭବନ ଲଭିବାକୁ ହୁଏ ସତ୍ୱର" ।୩୧୬।
ଏ ବାଣୀ ଶୁଣି ବାଳା ଉତ୍କଣ୍ଠାଭରେ
ବେଗେ ଚାହିଁବ ତୋତେ ଘନ ! ଅମ୍ବରେ,
ଅଶୋକ-ଉପବନେ ଅଶୋକ ମୂଳେ
ରାମରମଣୀ ଯେହ୍ନେ ଉତ୍କଣ୍ଠାକୁଳେ ।୩୨୦।
ସମ୍ଭାଷିଲେ ହନୁକୁ ତରୁ ଉପରେ,
ତେସନ ତୋତେ ସମ୍ଭାଷିବ ଆଦରେ,
କାନ୍ତ-ବାରତା କାନ୍ତମିତ୍ର ମୁଖରୁ
ଊଣା ନୁହଇ କାନ୍ତ ସଙ୍ଗ-ସୁଖରୁ ।୩୨୪।
ପର ଦୁଃଖ ପେଖିଲେ ମହତ ମନ
ପରମପ୍ରୀତିରସେ ହୁଏ ମଗନ ;
ପ୍ରିୟା ହରଷେ ସୁଖ ହେବ ଅଶେଷ,
କହି ଏ ସୁବାରତା ବାରତା କ୍ଲେଶ ।୩୨୮।
"ରାମଗିରିରେ ଥାଇ ଶୋକେ ବିହ୍ୱଳ
ତୋ ନାଥ ପଚାରଇ ତୋହୋ କୁଶଳ ।"
କ୍ଷଣଭଙ୍ଗୁର ଭବେ ପ୍ରାଣୀ-ପରାଣ,
ତେଣୁ ଏ ପ୍ରଶ୍ନ ଆଦ୍ୟ ସମ୍ଭାଷ ଜାଣ ।୩୩୨।
"ତୋ ପ୍ରାୟେ କ୍ଷୀଣବାଳା ! ତୋ ନାଥ ତନୁ
ନିତ୍ୟ ଦହଇ ପୁଷ୍ପଶରେ ଅତନୁ,
ନୟନୁ ଅଶ୍ରୁ ନୀର ବହେ ନିସୃତ,
ଉଷ୍ଣ ନିଃଶ୍ୱାସେ ଦେହ ଦହେ ସନ୍ତତ ।୩୩୬।
ଉତ୍କଳିକା-ଆକୁଳ ନିତ୍ୟ ହୃଦୟ,
ରୋଧିଲି ମାର୍ଗ ବାମ ବିଧି ନିର୍ଦ୍ଦୟ !
ସଙ୍କଳ୍ପେ ଇଲ୍ଲୋଦରି ! ଦୂରେ ସେ ଥାଇ
ଲଭେ ସଙ୍ଗ ତୋ ଅଙ୍ଗେ ଅଙ୍ଗ ମିଶାଇ ।୩୪୦।
ବଦନ ଅରବିନ୍ଦ ପରଶ ଆଶେ
କୌତୁକେ କାନ୍ତ ତୋର ସଖୀ ସକାଶେ,
ନିଭୃତ କଥା ବୋଲି ଡାକ ସ୍ୱଜନେ
ହସଇ ଆନ କଥା ଭାଷି ଶ୍ରବଣେ ।୩୪୪।
ଏବେ ସେ କାନ୍ତ ତୋର ଘୋର ପ୍ରବାସେ
ଦିନ ଗମଇ ଦୀର୍ଘ ଖେଦ ହୁତାଶେ ;
ଆକୁଳ ହୋଇ ମୋତେ ଦେଲା ମେଲାଣି;
ପେଷିଲା ତୋ ସକାଶେ ଶୁଣ ଯେ ବାଣୀ
"ବିରହେ କ୍ଷିପ୍ତ ପ୍ରାୟେ ଭ୍ରମଇ ଗିରି,
ଶ୍ୟାମା-ଅଙ୍ଗେ ଦେଖଇ ତୋ ଅଙ୍ଗଶିରୀ
ଚକିତ ମୃଗୀ ନେତ୍ରେ ଚାହୁଁ ନୟନ,
ଚନ୍ଦ୍ରେ ଚନ୍ଦ୍ରମାମୁହିଁ ବର-ବଦନ ।୩୪୮।
ନୀଳକଣ୍ଠ ପୁଚ୍ଛେ ତୋ ନୀଳ କୁନ୍ତଳ,
ନୀଳ ତରଙ୍ଗେ ଭ୍ରୂଭଙ୍ଗୀ ଚଞ୍ଚଳ,
ଏକହେଁ ଦେଖିବାର ଏ ଶୋଭାମାନ
ନାହିଁ, ନୋହିବ ଅନ୍ୟେ ତୋ ତନୁ ପ୍ରାଣ

ମାନବସ୍ଥ ମୂରତି ତୋର ଏ ବନେ
ଧାତୁଗିରେ ଶିଳାରେ ରଚିବି ଯତନେ,
ଯାବେ ପଡ଼ିଲାବେଳେ ନୟନ ଜଳ
ଦୃଷ୍ଟି ରୋଧି କରଇ ମନ ବିହ୍ୱଳ ।୪୬୦।
ଦୂର ଦଇବ ବାଳା ! କଲା ଏସନ,
ନ ସହିଲା ଚିରେ ତୋ ସଙ୍ଗେ ମିଳନ !
ଏଥୁଁ ବଳି କଷଣ କାହିଁ ମହୀରେ ?
ନାହିଁ କରୁଣା ଲେଶ ବିଧି ଶରୀରେ ।୩୬୪।
ତୋ ବିରହେ ଏ ଦେହ ନିତ୍ୟ ଜର୍ଜର,
ପୁଣି ବିନ୍ଧଇ ମୁହୁ ଅନଙ୍ଗ ଶର,
ଜଳଦ ! କାଳ ଆସି ହେଲା ପ୍ରବେଶ
ନୀଳଘନ ଘୋଟିଲା ଅମ୍ବର ଦେଶ ।୩୬୮।
ଗଗନେ ସୌଦାମିନୀ ଘନ ଝଟକେ,
ଦମ୍ଭୋଳି ଭୀମନାଦେ ମନ ଚମକେ,
କି ରୂପେ ଗମିବି ମୁଁ ଏ ଘୋର କାଳ !
ଭାବ ଭାବକ ! କଷ୍ଟ କେତେ କରାଳ ।୩୭୨।
ସ୍ୱପନେ ବାଳା ତୋହୋ ଲଭି ସକାଶେ,
ପ୍ରସାରି ଦେନି ବାହୁ ଆଶ୍ଲେଷ ଆଶେ
ଶୂନ୍ୟକୁ ଭିଡ଼ଇ ମୁଁ, ତା ଦେଖି ଧନ !
ବର୍ଷଇ ଅଶ୍ରୁ ବନଦେବୀ ନୟନ ।୩୭୬।
ଅଶ୍ରୁବିନ୍ଦୁ ମୁକୁତାପନ୍ତି ସୁନ୍ଦର
ପ୍ରାନ୍ତେ ପାଦପ ପର୍ଣ୍ଣେ ଝରେ ବିସ୍ତର,
ମୋ ଦୁଃଖେ ବିଳପନ୍ତି ଗିରି କାତରେ,
ଅଶ୍ରୁ ଛଳେ ଦେହରୁ ନିର୍ଝର ଝରେ ।୩୮୦।
ହିମଗିରିରୁ ବହେ ଶୀତ ସମୀର,
ଦେବଦାରୁ ପାଦପ ସୁରଭି କ୍ଷୀର—
ସୌରଭ ହରି, ତରୁପତ୍ରେ ମର୍ମରି,
ଦକ୍ଷିଣେ ହିମ-ପକ୍ଷେ ବେଗେ ପ୍ରସରି[୧] ।୩୮୪।
ବହଇ ବାଳା ! ସେ ତୋ ଦେହ-ସୌରଭ
ସେ ସୌରଭ ମନ୍ଦାରେ ନୋହେ ସୁଲଭ,
ସେ ସୌରଭ ଆଶେ ମୁଁ ସେ ଗନ୍ଧ ବହେ
ସେବଇ ସୀମନ୍ତିନି ! ସଦା ଆଗ୍ରହେ ।୩୮୮।
ତୋ ବିରହ ସନ୍ତାପେ ସଦା ତପତ,
କଳ୍ପେ କ୍ଷଣପ୍ରାୟେ କ୍ଷଣଦା ଗତ
ହୋଇବ, ମନ୍ଦ ହେବ ମିହିର କର,
କରଇ ଏ କାମନା ନିତ୍ୟ ମନର ।୩୯୨।
ଶାପ ମୋଚନେ ପୂର୍ବ ସୁଖ ପ୍ରାପତି
ନିଶ୍ଚେ ହୋଇବ, ଏହି ଆଶେ ଯୁବତି !
ସମ୍ଭାଳିଛି ହୃଦୟ; ତେଣୁ କାତର
ନ ହୁଅ, ଭବିଷ୍ୟତେ କର ନିର୍ଭର ।୩୯୬।
ସୁଖ ଦୁଃଖ ଜଗତେ ନୁହଇ ଚିର,
ଚକ୍ରଗତି ପରାଏ ତାର ଅସ୍ଥିର,
ସୁଖ ଅନ୍ତେ ଆସିଲା ଏ ଦୁଃଖ ଦିନ,
ପୁଣି ଲଭିବା କାଳେ ସୁଖ ନଳିନ ।୪୦୦।
ଭୁଜଗ-ଶେଯୁଁ ଯେବେ ଉଠିବେ ହରି[୨]
ଲଭିବେ ବାସେ ତୋତେ ପୁଣି ସୁନ୍ଦରି !
ଗମ ଏ ଚାରିମାସ ମୁଦି ଲୋଚନ,
ଏଅନ୍ତେ ନିଶ୍ଚେ ମୋର ଶାପମୋଚନ ।୪୦୪
ବିରହେ ବାଞ୍ଛା ଯେତେ ଉପୁଜେ ମନେ;
ଶରତ-ପୂର୍ଣ୍ଣ-କଳାକର-କିରଣେ
ସାଧ୍ୱି ! ତୋ ସଙ୍ଗେ ଥିବି ସାଧିବି ବାସେ
ନିହାରି ହୃଦ-ଶଶୀ ହୃଦ-ଆକାଶେ ।୪୦୮।
ଫୁଟିବେ ତାରାବଳୀ ନୀଳଗଗନେ,
ଫୁଟିବ ଫୁଲ-କଳୀ ଫୁଲ୍ଲ କାନନେ,
କୌମୁଦୀ ହସୁଥିବ କୁମୁଦ ସଙ୍ଗେ,
ପ୍ରମୋଦେ ଭାସୁଥିବ ସରସୀ ଅଙ୍ଗେ ।୪୧୨।
ସୌଧେ ଭୂଧରେ, ସରେ ସ୍ୱର୍ଣ୍ଣଦୀ-ନୀରେ
ବିରାଜିବ ରଜତ ଜ୍ୟୋତ୍ସ୍ନା ରୁଚିରେ ;
ନିର୍ଭର ବିକସିତ ରଙ୍ଗବଧୂଲୀ —
ବନ୍ଧୁ ପରାଗ ପଡ଼ୁଥିବ ଉଛୁଳି ।୪୧୬।

ହିମ-ପକ୍ଷେ—ହିମରୂପ ତେଣାରେ

୨ ହରଣସ୍ଥଳ ପରେ ଶରତ୍କାଳ

ବିରହବିଧୁର ଶୁଣୁଥିବ ଲଳିତ,
କରୁଣେ ଗାଉଥିବେ କିନ୍ନରେ ଗୀତ,
ଦୂରେ ମାନସ ମାରେ ଶଶୀନନ୍ଦିନ
ସୌଧ ଶିଖରୁ ଶୁଣୁଥିବ ପତନ ।୪୨୦।

ଶଶିଙ୍କୁ ଗୁହ୍ନିଁ ଧୀରବାତେ ଅଥୟ
ଶିଶିର ପିଉଥିବେ ମୁକୁଳଚୟ ;
ଲଳିତା ! ତୋ ସଙ୍ଗତେ ରଙ୍ଗେ ଭ୍ରମିବି,
ଲଳିତ ତୋ ସଙ୍ଗୀତେ ଶତ୍ରୁ ରମିବି ।୪୨୪।
ପଡ଼ିଲ କ ରେ ମନେ ପରାଣମିତ !
ଭଙ୍ଗି ଭୁଜ ମୋ କଣ୍ଠେ ଥିଲୁ ନିଦ୍ରିତ,
ଜାଗି କାନ୍ଦିଲୁ ଘନେ କାତର ସ୍ୱରେ,
ପଗ୍ଭରନ୍ତେ କହିଲୁ ହସି ଉତ୍ତରେ ।୪୨୮।

ଦେଖିଲି ଅପରୂପ, ଶଠ ! ସ୍ୱପନେ
ଆନ ରଙ୍ଗିଣୀ ତୁମ୍ଭ ସଙ୍ଗେ ଶୟନେ !
ସ୍ମିତ-ଲଳିତ ଗୁରୁ ଚନ୍ଦ୍ରବଦନ
ସ୍ମରଇ ଚନ୍ଦ୍ରାନନ ! ମନ ବହନ ।୪୩୨।

ଏ ଅଭିଜ୍ଞାନ ଲଭି ଏ ଗୁହିମାସ ୧
ଗମିବୁ, ନ ହୋଇବୁ ଖେଦେ ହତାଶ ।
ଅଳୀକ ସମ୍ବାଦକୁ ନ ଯିବୁ ପ୍ରତେ,
ଜୀବନେ ଅଛୁ ଧନ ! ଜାଣିବୁ ସତେ ।୪୩୬।

ଧର୍ମ୍ମ ବିରହ ଅଟେ ସ୍ନେହନାଶକ,
ବିଭୋଗ ଅଭାବେ ସେହୁ ସ୍ନେହ ପୋଷକ ।
ଭୋଗ ଅଭାବେ ପ୍ରିୟା ପ୍ରେମପୂରିତ—
ପ୍ଲାବନେ ପ୍ରିୟ ପ୍ରାଣେ ହୁଏ ଧାବିତ ।୪୪୦।
ମଉନେ ଅଛ ଘନ ! ନାହିଁ ମୋ ଭୟ,
ଫଳିବ ମୋ ଅଭୀଷ୍ଟ, ନାହିଁ ସଂଶୟ ,
ଚାତକ ଜଳ ମାଗେ, ପ୍ରତି ଉତ୍ତର
ନ ଦେଇ ମାର ତାକୁ ଦିଅ ସତ୍ୱର ।୪୪୪।
ମହତ ଜନର ଏ' ରୀତି ଅଟଳ;
ଅଭୀଷ୍ଟ-ଦାନ ପ୍ରତିବାଣୀ କେବଳ,
ବଚନେ ଲୋଡ଼ା ମୋର ନାହିଁ ଜଳଦ !
ମଉନେ ଇଷ୍ଟ ଲଭ ପରମ ପଦ ।୪୪୮।
ବିରହିଣୀ କାନ୍ତକୁ ଦେଇ ଆଶ୍ୱାସ,
ଶଙ୍କର-ବୃଷ-ଖୁର-କ୍ଷତ-କୈଳାସ,
ଗୁଡ଼ି, ନେଉଟି ଏଥି ପ୍ରିୟା ସନ୍ଦେଶେ
ଅଭିଜ୍ଞାନେ ତୋଷିବ ମୋତେ ବିଦେଶେ ।
ପ୍ରାତେ ଶିଥିଳ ଯେହ୍ନେ କୁନ୍ଦ ସୁମନ,
ଶିଥିଳ ତହୁଁ ଘନ ! ମୋହୋ ଜୀବନ,
ଜୀବଧାରଣ ହେବ ବାରତା ଲଭେ ;
ବାରତା ଲଭିବି ମୁଁ ତୋହ ପ୍ରଭାବେ ।୪୫୬।
ପୀନ ଅଟଇ ମୁଁ ତୁମ୍ଭେ ମହତ ୨
ଏଣୁ ଏ ମାଗୁଣି ନୋହେ ସଙ୍ଗତ,
ମାତ୍ର ଅଟ ଘନ ! ଦୟା-ଆକର,
ଦୟା ନ ଜାଣଇ ଶ୍ରେଷ୍ଠ ଇତର ।୪୬୦।
ତେଣୁ କହିଲି ଏସନ ହେ !
ଦୀନ ଦୁଃଖୀଙ୍କର ସମ ହିତକର
ଅଟ, ତେଣୁ ଏ ଯାଚନ ହେ !
କାତର ଜନର ହୋଇ ବାନ୍ଧବ,
ଜଗତେ ପ୍ରକଟି ନିଜ ଗୌରବ ।୪୬୪।
ଅଳକା ପ୍ରବେଶି ପ୍ରିୟା-ସଦନେ
ଦେଇ ମୋ ବାରତା ହରଷମନେ,
ଘନ ! ଯାଅ ଇଷ୍ଟ ଦେଶ ହେ !
ତଡ଼ିତ ସଙ୍ଗତେ ବିହର ନିରତେ,
ମୋ ପ୍ରାୟେ ନୋହୁ ବିଶ୍ଳେଷ ହେ ।୪୬୮।

୧ ଅଭିଜ୍ଞାନ—ବିଶ୍ୱାସ ଜନ୍ମାଇବା ପାଇଁ ସଙ୍କେତ କମ୍ବା ଚିହ୍ନ । ୨ ସ୍ୱଗ ରସକୁଲ୍ୟା ।

# କବିତାବଳୀ ।

# କବିତାବଳୀ ।

## ପବନ

କେ ତୋ ସମ ବଳୀ କହ ସମୀର ?
ଅସୀମ ଅନନ୍ତ ତୋହୋ ଶରୀର,
କେତେ ଭଙ୍ଗି କରି କେତେ ଆଡ଼େ ଚରି
ନ ହୁଅଇ କ୍ଳାନ୍ତ, ନିତ୍ୟ ଅସ୍ଥିର
ଅଟୁ ତୁ, ତୋ ଗୁଣ ବଳଇ ଗୀର ।୧।

ଶରୀରୀ ଜୀବର ଜୀବ ଧାରଣ
ତୋ ଯୋଗୁଁ ହୁଅଇ ହେ ସମୀରଣ !
ସ୍ଥଳଚର ସ୍ଥଳେ ମୀନ ଆଦି ଜଳେ
ତୋ ପ୍ରଭାବେ ନଭେ ଖଗ ଚେତନ ;
ତୋ ବିନୁ ସମସ୍ତେ ହେବେ ନିଧନ ।୨।

କେ କହିବ କେତେ ତୋହୋ ବୟସ ।
ନରବର-କୀର୍ତ୍ତି ନର-ପୌରୁଷ
ଦେଖାଇ ଜଗତେ ରାଜଧାନୀ କେତେ
ଲୋପିଲେ ହୋଇଣ କାଳର ବଶ,
ମାତ୍ର ତୋ ଦେହେ ଯୌବନରଭସ ।୩।

ଆଦି ସୃଷ୍ଟି କାଳେ ଈଶ ଆଦେଶେ
ଅବତୀର୍ଣ୍ଣ ହୋଇ ଅମ୍ବର ଦେଶେ
ହେମ-ଦନାସନେ ବସି ସୁରଗଣେ
କ୍ଷେପିଲେ କୁସୁମ ଅବନୀ-କେଶେ,
ବାସିଲୁ ତୋ ତନୁ ତହୁଁ ବିଶେଷେ ।୪।

ଅଗ୍ରତେ ସେ ଫୁଲ ବୃନ୍ତରୁ ବିକସି
କମ୍ପୁ ଅଛି ମୃଦୁ ତୋ କୋଳେ ହସି,
ଏତିକ ସମ୍ବନ୍ଧ, ସୁମନ ସୁଗନ୍ଧ
ତୋ ଗାତ୍ରେ ଲେପିବ ଆରେ ସୁରସି !
କ୍ଷଣକେ ପଡ଼ିବ ଭୂତଳେ ଖସି ।୫।

ବିମଳା ଚନ୍ଦ୍ରିମା ତଟ କାନନେ
ବସନ୍ତେ କୋକିଳ ଭ୍ରମର ସ୍ୱନେ
ନଦୀ କଳ କଳ ଶୁଣିଣ ଚଞ୍ଚଳ
ହୁଅଇ ତୋ ମନ ଗୂଢ଼ ବଚନେ
ନଦୀକୁ ରହସ୍ୟ ଭାଷୁ ବିଜନେ ।୬।

ବାସର-ଯୌବନେ ବିଟପି ତଳେ
ବସନ୍ତ କଳାପି-କୁଳ କୁଣଳେ
ରତନ-ଖଚିତ— ପୁଚ୍ଛ ଆନ୍ଦୋଳିତ
କରୁ ତୁ ସେକାଳେ ବହି ଶୀତଳେ
ସେ ଛବି ରସିକ ରସନା ବଳେ ।୭।

ନିଦାଘ-ପ୍ରଭାତେ କମଳାକରେ
ନବୋଦିତ-ରବି-ଛବି ଆଗରେ
ଦେଖି ହରଷିତ ସରୋଜିନୀ-ଚିତ୍ତ
ତୋ ସ୍ପର୍ଶେ ସେ ହସେ ପ୍ରମୋଦଭରେ,
ଇନ୍ଦିରା ଯେସନ ନୀଳ-ସାଗରେ ।୮।

ବିସ୍ତୃତ ପ୍ରାୟେ ମାଳ ମାରୁଦବର
ବନମାଳ ପ୍ରାୟେ ଶୃଙ୍ଗ ଇନ୍ଦ୍ରର,
ଯା ଦେହେ ଶୋଭଇ, ଯା କୋଳେ ଥରଇ
ଚପଳା ଅବଳା ପ୍ରାପ୍ତି ଅମ୍ବର
ଶ୍ୟାମସୀମନ୍ତିନୀ ସମ ସୁନ୍ଦର ।୯।

ସେ ଘନ ଉତ୍ତୁଙ୍ଗ ଶିଖର-ଶିରେ
କନ୍ଦର ଝଙ୍କାର ନାଦେ ଗମ୍ଭୀରେ
ତାଙ୍କୁ ପୃଷ୍ଠାସନେ ଘେନ ବ୍ୟୋମାଙ୍ଗନେ
ଯେବେ ତୁ ଉଠୁ, ମୋ ହୃଦ-ମଧ୍ୟରେ
ସ୍ଫୁରଇ ଖଗେନ୍ଦ୍ର ଛବି ରୁଚିରେ ।୧୦।

ପ୍ରଫୁଲ୍ଲ ସୁରଭି କଦମ୍ବ ମୂଳେ,
ଜଳବେଣୀ ରମ୍ୟ କାଳନ୍ଦୀକୂଳେ
ରସରାଜ ହରି ବଂଶୀନାଦ କରି
ମୋହିଲେ ଗୋପାଳକାମିନୀକୁଳେ
ସେ ଧ୍ୱନି ଜନମ ବାୟୁ ! ତୋ କୁଳେ ।୧୧।

ପଞ୍ଚମସ୍ୱରସରେ ରାମରମଣୀ
ବାଣୀଧ୍ୱନି ଶୁଣି ଏଣୀ-ନୟନୀ
ନୟନ ବୁଲାଇ ଏଣେ ତେଣେ ଚାହିଁ
ବିଭ୍ରମେ ହରଷେ ହସିଲେ ଧନୀ,
ତୁ ତାଙ୍କୁ ସେବିଲୁ ବହି ସେ ଧ୍ୱନି ।୧୨।

ବୈଶ୍ୱ ତୁ ଯାହାର କାହିଁ ତା ଗତି !
ତୋ କର୍ମୋଦ୍ୟେ ଜାଗି ମାଳାମୁପତି
ଚଳଗିରି ପ୍ରାୟେ କଲ୍ଲୋଳ ଉଠାଏ,
ଫିଙ୍ଗଇ ଶୂନ୍ୟରେ ପୋତ-ପଙ୍କତି,
ଲୁପ୍ତକାଏ ରତ୍ନଚରେ ଆରତି ।୧୩।

କାମରୂପୀ ଅଟୁ ତୁ ପବମାନ
ସର୍ବସ୍ଥଳେ ତୋର ସମାନ ଜ୍ଞାନ
ପଦ୍ମ-ପରାଗରେ ଶ୍ମଶାନ ରଜରେ
ଲେପିତ ତୋ ତନୁ ; ବାରି ଝରାନ
ବହ୍ନିଶିଖା ତୋତୋହାଠାରେ ସମାନ ।୧୪।

କାଳପରି ଅଟୁ ତୁ ପୁରାତନ,
କାଳଗତି ପ୍ରାୟେ ତୋହୋ ଗମନ,
ତୋ ଦେହେ ଅଙ୍କିତ କେତେ ପୁରାବୃତ୍ତ
କେତେ ଲୋକଙ୍କର ହାସ୍ୟ ରୋଦନ
ମିଶିଛି ତୋ ଦେହେ, ନାହିଁ ଗଣନ ।୧୫।

ବିଶ୍ୱରାଜଙ୍କର ତୁ ରାଜଦୂତ,
ଜୀବ ଆରାଧନା ଘେନି ବହୁତ
ଈଶ୍ୱରଙ୍କର ପ୍ରୀତି ସାଧୁଣ ଝଟତି
ବାହୁଡ଼ୁ ମୁହୂର୍ତ୍ତ ମଧ୍ୟେ ମରୁତ
ଏ ମୋ ମନେ ଲାଗେ ବଡ଼ ଅଦ୍ଭୁତ ।୧୬।

ଚିତ୍ର ଲୀଳା ତୋର ହେ ପ୍ରଭଞ୍ଜନ !
ତୁ ପରଶୁ ସବୁ, ମାତ୍ର ଭାଜନ
କିଏ ଏବେ ଭଲେ ବୁଝିବ କୌଶଳେ
ତୋ ତନୁ ? ମହେଶ ମାୟା ଏସନ,
କେମନ୍ତେ ବୁଝିବ ମୁଁ ଅକିଞ୍ଚନ ।୧୭।

# ବେଣୀସଂହାର

ପ୍ରଭାତିଲା ବସୁନ୍ଧରା, ହସିଲେ ଉତ୍ପଳେ
ପଙ୍କଜବରଣୀ ଊଷା ଉଦୟ ଅଚଳେ,
ନବୋଦିତ-ଦିନମଣି-ଆରକ୍ତକିରଣ
କାଞ୍ଚନ ଶିଖରଚୂଡ଼ା ଚୁମ୍ବିଲା ବଦନ,
ଝର ଝର ଝରେ ନିଶିପତିତ ତୁଷାର,
ଦୁଇଦଳେ ରଣସଜ୍ଜା କଲେ ସେ ପାହାର,
ବାଜିଲା ବିବିଧ ବାଦ୍ୟ, ମାତି ବୀରରସେ
ଆୟୁଧ ଆସ୍ଫାଳି ବୀରେ ଧାଇଁଲେ ସାହସେ
ବୀରମଦେ କେହି ବୀର କାର୍ମୁକ ଟଙ୍କାରେ
କେ ଅବା ଆସ୍ଫାଳି ଆସି ଭୀଷଣ ହୁଙ୍କାରେ
ଦୋଳେ ଝକ ଝକ ମୁଷ୍ଟେ ଫଳକ ବର୍ତ୍ତୁଳ
କେ ଅବା ଉନ୍ମଦ ଶୂନ୍ୟେ ଭ୍ରମଇ ତ୍ରିଶୂଳ,
ଭୀମ ପ୍ରତିପକ୍ଷ ବକ୍ଷ ଲକ୍ଷି କେହି ବୀର
ଧାଆନ୍ତେ କବଚେ ବାଜି ବାଜଇ ତୂଣୀର,
ଗମ୍ଭୀର ସମର ବାଦ୍ୟ, ଅସ୍ତ୍ର ଝନ୍‌ଝନ,
ସିଂହନାଦ ଶଙ୍ଖନାଦ ବ୍ୟାପଇ ଅବନୀ ।
ପ୍ରଚଣ୍ଡ ପାଣ୍ଡବ ଯୋଧେ ଆୟୁଧ ଭାସ୍ୱର
ଧରି କ୍ରୋଧେ ମହାଯୁଦ୍ଧେ ଧାଇଁଲେ ସତ୍ୱର,
ଯେସନେ ଭୀଷଣଘୋଷୀ ପଶ୍ଚିମ ଅନିଳ —
ଆଘାତେ ଆଘାତେ ଧାଏଁ ତରଙ୍ଗ ଫେନିଳ,
ଆବେଗ ସିନ୍ଧୁ ନୀଳବକ୍ଷେ ଉଚ୍ଛୁଳି ଉଚ୍ଛ୍ୱାସେ
ହଲାଇ ଖେଳାଇ ଚୂଡ଼ା ଟେକଇ ଆକାଶେ
ଉତ୍ତୋଳି ଆରବେ ପୁଣି ଗରଜି ଗମ୍ଭୀର
ସ୍ତରେ ସ୍ତରେ ତଟେ ଲାଗି ପିଟେ ତହିଁ ଶିର
ଉତ୍ତୁଙ୍ଗ ମଳୟ ଗିରି ଚରଣେ ଆଶ୍ରିତ
ଇତର ଶିଖରକୁଳ କରେ କବଳିତ,
ତେସନେ ମୁଖର ଘୋର ଭୈରବ ଆରବେ
କ୍ଷତ୍ରି ସୁହୃଦର୍ଯ୍ୟକ୍ଷେତ୍ରେ ଧାଇଁଲେ ଆହବେ ।
ଦେବାକୃତି ଶୂରବୃନ୍ଦ ସର୍ବେ ବୀର୍ଯ୍ୟଶାଳୀ
ତେଜସ୍ୱୀ ମଧ୍ୟାହ୍ନେ ଯେହ୍ନେ ଦେବ ଅଂଶୁମାଳୀ,
ଧର୍ମ୍ମଙ୍କ ସମ୍ମୁଖରୁ ପାର୍ଥ ଦେନଣ ମେଲ୍ଲଣି
କପିଧ୍ୱଜେ ବିଜେ କଲେ ସଙ୍ଗେ ଚକ୍ରପାଣି ।
ବିଶୋକ ସାରଥି ପ୍ରତି କହେ ଭୀମବୀର,
"ରଖ ରଥେ ସୂତ ! ବନ୍ଧୁ ଖରଶାଣଧାର,
ଆଜ ଧୃତରାଷ୍ଟ୍ର ହେବ ପୁତ୍ରପୌତ୍ରହୀନ,
ଆଜି ବସୁନ୍ଧରା ହେବ ଧର୍ମ୍ମଙ୍କ ଅଧୀନ,
ଆଜି ଦୁର୍ଯ୍ୟୋଧନ ରାଜା ଶୋଇବ ଭୂତଳେ,
କପଟ ପାଶାର ଆଜ ଦେବି ପ୍ରତିଫଳ,
ଯାବତ ନ ମିଳେ ଆସି ପାର୍ଥ ମହାରଥୀ,
ସସଜ୍ଜ ମୋ ରଥ ବେଗେ କର ତୁ ସାରଥି !"
ଏ ସମୟେ ଉତ୍ତରେ ଶୁଭିଲା କୋଳାହଳ,
ଆବରେ ଅର୍ଜ୍ଜୁନ-ବାଣ ଗଗନମଣ୍ଡଳ,
କପିଧ୍ୱଜ ଅଶ୍ୱହ୍ରେଷା, ଦେବଦତ୍ତସ୍ୱନ
ଶୁଭିଲା, ଦିଶିଲା ଦୂରେ ବାନର-କେତନ ।
ଦୁଇ ବଳେ ମହା ରୋଷେ ମିଳିଲେ ସମରେ
ଶନଶନ ଶରକୁଳ ଛୁଟିଲା ଅମ୍ବରେ ;
ଖଡ଼୍ଗେ ଖଡ଼୍ଗ ବାଜେ, ଫଳକେ ଫଳକ,
ଶୂଳେ ଶୂଳ, ଭଲ୍ଲେ ଭଲ୍ଲ, ସାୟକେ ସାୟକ,
ଆର୍ତ୍ତନାଦ ସିଂହନାଦ ଉଠଇ ଅମ୍ବରେ,
ଘାତକ ଆହତ ପଡ଼େ ନାଦେ ଦମ୍ଭଭରେ,
ଘୋଟକ ଝପଟ ଧୂଳି ଘୋଟେ ନଭସ୍ଥଳ,
ଘର୍ଷର ଘୂରଇ ଚକ୍ର ଉଗାରି ଅନଳ,
ତୂରୀ ଭେରୀ ଆଦି ବାଦ୍ୟ ବାଜେ ଅଗଣନ,
ଘନଘଟା ଘୋରଧ୍ୱନି ବଧିର ଶ୍ରବଣ,

ପଡ଼ିଲେ କର୍ଣ୍ଣିଟି-ଶରେ କୁରୁ ଚତୁରଙ୍ଗ,
ଭୟେ କୁରୁବୀରବୃନ୍ଦ ରଣେ ହେଲେ ଭଙ୍ଗ,
ଦେଖିଣ ସୌବଳ କହେ ରାଜାଙ୍କ ଶ୍ରୀମ୍ଭର,
"ଦେଖ ରାଏ ! ସୈନ୍ୟକ୍ଷୟ କଲା ପାର୍ଥଶୂର,
ମୁଁ ଯାଇଁ କରିବି ଆଗେ ଭୀମକୁ ସଂହାର,
ନୋହିଲେ କୁରୁଙ୍କୁ ଆଜ ନାହିଁ ଯେ ନିସ୍ତାର !"
ମହାବଳ ସୌବଳ ଧାଇଁଲେ ଭୀମପ୍ରତି,
ଯୁଝନ୍ତୁ କେଶରୀ ପ୍ରାୟେ ବେନି ସେନାପତି
ପ୍ରହାରିଲି ଶକ୍ତି ଭୀମ ସଉବଳ-ମାଥେ,
ହୁଙ୍କୁଡ଼ି ସେ ଶକ୍ତି ବୀର ନେଲା ବାମହାତେ,
ସେହି ଶକ୍ତି ଘେନି ପୁଣି ଭୀମଙ୍କୁ ପ୍ରହାରେ,
ମୂର୍ଚ୍ଛିତ ହୋଇଣ ଭୀମ ପଡ଼ିଲେ ଧରାରେ,
ମୂର୍ଚ୍ଛାଭଙ୍ଗେ ରଣରଙ୍ଗେ ମାତିଲେ ମାରୁତି
ବାଣେ କୁରୁବୀରଙ୍କୁ ସେ ପକାଇଲେ ପୋତି,
କ୍ରୋଧାନ୍ଧେ ବିନ୍ଧିଲା ବୀର ସୌବଳ ଶରୀର
ଭେଟିଲା ସୌବଳ କର୍ଣ୍ଣମୂଳେ ଭୀମତୀର,
ମୂର୍ଚ୍ଛିତ ହୋଇଣ ବୀର ହେଲା ରଥଶାୟୀ
ବେଗେଣ ସାରଥି ରଥ ନେଲା ବାହୁଡ଼ାଇ,
ଧନୁ ଏଡ଼ି ଗଦା ନେଲେ ପବନକୁମର,
ଗଦାଘାତେ ଅରାତିଙ୍କୁ କଲେ ସେ ଜର୍ଜ୍ଜର,
ଧୂମକେତୁ ଭୀମ-ପୁଚ୍ଛ ସଂହାଳ ବହନ
ଦଶୀଥେ ଆକାଶେ ଥାଇ ବୁଣଇ ଯେସନ
ଦୁର୍ଭିକ୍ଷ ମଡ଼କ ରାଷ୍ଟ୍ରେ, ସୁବର୍ଣ୍ଣ-ମଣ୍ଡିତ
ପ୍ରଚଣ୍ଡ ଆୟସୀ ଗଦା ବୁଲାଇ ତ୍ୱରିତ
ବିପକ୍ଷଙ୍କୁ ତେସନ ପ୍ରେରଇ ପ୍ରେତପୁର
କୁରୁକୁଳ-ଧୂମକେତୁ ଭୀମ ମହାଶୂର ,
ମାତଙ୍ଗେ ମାହୁନ୍ତ ପଡ଼େ ତୁରଙ୍ଗେ ରାଉତ,
ପଡ଼ନ୍ତି ପଦାତି ରଣେ ଅଯୁତ ଅଯୁତ ।
ବେଗେ କୁରୁବଳେ ନେଲେ କର୍ଣ୍ଣଙ୍କ ଶରଣ
କର୍ଣ୍ଣଙ୍କୁ କାତରେ କହେ ରାଜା ଦୁର୍ଯ୍ୟୋଧନ,
"ଦେଖ ଅଙ୍ଗରାଜ ! ବେଗେ ଆସେ ପାର୍ଥବୀର
ସୁରାସୁର ଯୁଦ୍ଧେ ଯାର ନିର୍ଭୟ ଶରୀର ;
ତୂଳାରାଶି ମହାବାତେ ଉଡ଼ଇ ଯେସନ,
ତେସନ ପଳାନ୍ତି ତ୍ରାସେ କୁରୁସୈନ୍ୟଗଣ,
ତୁମ୍ଭେ ସାହା ଥାଉଁ ସଖା ଘଟେ ଏ ଦୁର୍ଗତି !"
ଶୁଣିଣ ରୁଷିଲା ବୀର କର୍ଣ୍ଣ ମହାମତି,
ଶଲ୍ୟଙ୍କୁ ଆଦେଶେ ବୀର, "ବେଗେ ନଅ ରଥ
ଆଜ ନିଶ୍ଚେ ପାର୍ଥକୁ କରିବି ରଣେ ହତ !"
ଅଶ୍ୱଙ୍କୁ ସାରଥି କଲେ ଗ୍ରୁଟଣି ପ୍ରହାର,
ଗଲା ଗଜଧ୍ୱଜ ବେଗେ ନକ୍ଷତ୍ର ଆକାର ,
ହ୍ରେଷାରବେ ଦ୍ରୁତଗତି ଧାଇଁଲେ ଘୋଟକ
ଘର୍ଷିରି ଖୁରଇ ତହିଁ ଉଗାରି ପାବକ,
ମହାବୀର୍ଯ୍ୟବନ୍ତ ବୀର ସୂର୍ଯ୍ୟଙ୍କ କୁମର,
ଧୈର୍ଯ୍ୟ ବୀର୍ଯ୍ୟ ମହିତଳେ ନାହିଁ ପଟାନ୍ତର,
ଗହନ ବିପିନେ ଯେହ୍ନେ ଅନଳ ଦୁର୍ବାର,
ତେସନେ ପାଣ୍ଡବବଳ କଲା ନାରଖାର,
ମସ୍ତକେ ଉଜ୍ଜ୍ୱଳ ଶୋହେ ସୁବର୍ଣ୍ଣ ମୁକୁଟ,
ମେରୁମହୀଧରେ ଯେହ୍ନେ ଶୋହେ ହେମକୂଟ,
ଗଜଧ୍ୱଜ ରଥେ ବିଜେ ବୀରଚୂଡ଼ାମଣି
କୋଦଣ୍ଡ ଟଙ୍କାରେ ମୁହୁ କମ୍ପଇ ଅବନୀ,
ଶ୍ରବଣେ କୁଣ୍ଡଳ ଦୋଳେ, ଶରଦେ ଯେମନ୍ତ
ପ୍ରାଚୀମୂଳେ ନିଶା ଅନ୍ତେ ତାରା ହସ୍ତିମନ୍ତ,
ଯେବେ ମହୋଦଧି-ଜଳେ ଦେହ ଅବଗାହି
ହସେ ପ୍ରାଚୀ ଶିରେ ଧରି ଉଷାକୁ ଅନାଇ,
ସଦ୍ୟ ସିନ୍ଧୁସ୍ନାନେ ତନୁ ଦ୍ୱିଗୁଣ ଝଟକେ
ଶିରୋମଣିରୂପେ ରାଜେ ରଜନୀ ଅଳକେ,
ଦୈତ୍ୟଯୁଦ୍ଧେ ଚଣ୍ଡତେଜା ଶିଖଣ୍ଡି-ବାହନ
ନର୍ତ୍ତିତ-କଣ୍ଟକ ଦେବ କାର୍ତ୍ତିକ ଯେସନ,
କୌରବ-ଗୌରବ-ରବି ରବିଙ୍କ ନନ୍ଦନ
କୁରୁଯୁଦ୍ଧେ ଧନୁର୍ଦ୍ଧର ଦୁର୍ଦ୍ଧର୍ଷ ତେସନ;
କର୍ଣ୍ଣେ ଦେଖି କୁରୁବଳ କଲେ ସିଂହନାଦ,
ଆତଙ୍କେ ପାଣ୍ଡବବଳ ଗଣିଲେ ପ୍ରମାଦ,
କର୍ଣ୍ଣେ ଦେଖି ଭୀମସେନ ହେଲେ ଅଗ୍ରସର,
ବେଗେଣ ବିନ୍ଧଇ ବୀର ଖରଶାଣ ଶର,

ଭୀମଙ୍କ ସହାୟ ହେଲେ ପାଣ୍ଡୁ ଯୋଧଗଣ,
ସହଦେବ, ଧୃଷ୍ଟଦ୍ୟୁମ୍ନ ଦ୍ରୁପଦନନ୍ଦନ,
ଶିଖଣ୍ଡି, ନକୁଳ ଆସି ମିଳିଲେ ସତ୍ୱର,
ସମସ୍ତଙ୍କୁ ନିବାରିଲା କର୍ଣ୍ଣ ଏକେଶ୍ୱର *
ବେନି ଶରେ ନକୁଳଙ୍କୁ କଲା ଅଚେତନ,
କଟାକ୍ଷେ ଛେଦିଲା ସହଦେବ ଶରାସନ,
କ୍ଷୁରବାଣେ ଧୃଷ୍ଟଦ୍ୟୁମ୍ନ ହୋଇଲେ ବିରଥ,
ହେଳେ ସଂହାରିଲା ପାଣ୍ଡୁସୈନ୍ୟ ଶତଶତ,
ଏକ ଶରେ ଭୀମର କାଟିଲା ଧନୁର୍ଗୁଣ,
ସୈନ୍ୟଭଙ୍ଗ ଦେଖି ଦୂରେ ଗର୍ଜିଲେ ଅର୍ଜ୍ଜୁନ,
ସଂଶପ୍ତକ ରଣେ ରତ ପାର୍ଥ ଧନୁର୍ଦ୍ଧର,
ଏଣେ ଆସିବାକୁ ତେଲେ ନାହିଁ ଅବସର,
ସଂଶପ୍ତକ-ସେନାପତି କୃପ ମହାଶୟ,
ଯୁଝନ୍ତି ଅର୍ଜ୍ଜୁନ ସଙ୍ଗେ ନିର୍ଭୟ ହୃଦୟ,
ମହାରୋଷେ ବିନ୍ଧି ବାଣ ପାର୍ଥ ମହାଶୂର,
ଶତ ଶତ ସଂଶପ୍ତକ ଗଲେ ପ୍ରେତପୁର,
କୃପଙ୍କୁ ବିନ୍ଧିଲେ ବକ୍ଷେ ତୀକ୍ଷ୍ଣତର ଶରେ,
ଶୋଣିତ ଉଗାରେ କୃପ ପଡ଼ି ରଥପରେ,
କଟାକ୍ଷେ ପୁଣ୍ଡରୀକାକ୍ଷ ନେଲେ କପିଧ୍ୱଜ,
ଯୁଝିଲେ ଦୁର୍ଦ୍ଧର୍ଷ ଯହିଁ ଭାସ୍କର-ଆତ୍ମଜ,
କର୍ଣ୍ଣକୁ ଦେଖିଣ ଗର୍ଜେ ପାର୍ଥ ବୀରମଣି,
ପକ୍ଷୀନ୍ଦ୍ର ଗରୁଡ଼ ଯେସନେ ଦେଖି ଭକ୍ଷଫଣୀ,
କର୍ଣ୍ଣାର୍ଜ୍ଜୁନ-ମହାରଣ ନାହିଁ ପଟାନ୍ତର,
ଅନ୍ତରୀକ୍ଷେ କୁତୂହଳେ ଦେଖନ୍ତି ଅମର;
କଳିଙ୍ଗ ସଙ୍ଗତେ ଯୁଝେ ଦ୍ରୁପଦକୁମର,
ଉଭୟେ ଯୁଝନ୍ତି ଯେସନେ ମତ୍ତ କରିବର,
ଧୃଷ୍ଟଦ୍ୟୁମ୍ନ ବିଶିଖେ କଳିଙ୍ଗ ହେଲେ ନାଶ
ନିକାଶି ଦେବାକୁ ଗଲେ ଶମନ ସକାଶ,
ମହୋଦଧିତୀରେ ରମ୍ୟ ପ୍ରାସାଦେ ସେ ଥିଲେ
ରଣ-ନିମନ୍ତ୍ରଣ ପାଏ କୁକ୍ଷଣେ ଘେନିଲେ,
ସିନ୍ଧୁବାୟୁ-ବିଧୂନିତ ରମ୍ୟ ଉପବନ,
ସୁରମ୍ୟ ରମଣୀ ତ୍ୟଜି କଲେ ଆଗମନ,
ଆସିଥିଲେ ବୀରପଣ ଦେଖାଇବା ଆଶେ,
କୁରୁକ୍ଷେତ୍ରେ ପଡ଼ିଲେ ସେ ଗୋମାୟୁ-ଗରାସେ।
କର୍ଣ୍ଣ ଏଣ୍ଡ କୃତବର୍ମ୍ମା ସଙ୍ଗେ ଯୁଝେ ଭୀମ,
ପ୍ରତାପେ ଅନନ୍ତ ସମ ରଣେ ଅପ୍ରତିମ,
କୃତବର୍ମ୍ମା ସାହାଯ୍ୟ ହୋଇଲେ ଦୁର୍ଯ୍ୟୋଧନ;
ଉଗ୍ରାୟୁଧ ଦୁଃଶାସନ ବୀର ବିରୋଚନ,
ସମସ୍ତଙ୍କୁ ନିବାରଇ ଭୀମ ଅବହେଳେ,
ମତ୍ତ ମତଙ୍ଗଜ ଯେସନ୍ତେ ନଳବନେ ଖେଳେ,
ଗଦାଘାତେ ଦୁର୍ଯ୍ୟୋଧନ ରଥ ହେଲା ଚୂର୍ଣ୍ଣ,
ଶୋଣିତେ ସମରସ୍ଥଳୀ ହେଲ ସେ ପିଶୁନ,
ସାରଥି ସହିତେ କୃତବର୍ମ୍ମା ରଥ ହୟ,
ଉଗ୍ରାୟୁଧ ବିରୋଚନ ଗଲେ ଯମାଳୟ,
ରଥୁଁ ଖସି ବେନି ଭାଇ ପଡ଼ିଲେ ଧରିରେ,
ପୁଷ୍ପିତ ଶାଳ୍ମଳୀ ଯେସନ୍ତେ ପଡ଼ଇ କାନ୍ତାରେ,
ଚଡ଼ ଚଡ଼ ଉଡ଼େ ଯେବେ ପଡ଼ଇ ଚଡ଼କ
ଉପୁଜାଇ ବିଶ୍ୱବାସି ହୃଦୟେ ଦମକ;
ପତନେ କବଚ ଗାତ୍ରେ ବାଜଇ ଝନ୍‌ଝନ,
ଇଷ୍ଟ ଦେବ ସ୍ମରି ଶୂରେ ମୁଦିଲେ ନୟନ,
ବଡ଼ପ୍ରିୟ ବେନି ଏହୁ ଥିଲେଟି ରାଜାର,
ଦୁରନ୍ତ କୃତାନ୍ତ କିଛି ନ କଲା ବିଚାର,
କୋମଳଶୟନେ ଦୁହେଁ ନିତ୍ୟ ଶୋଉଥିଲେ
କୁରୁକ୍ଷେତ୍ରେ ଏବେ ମହାନିଦ୍ରାକୁ ଭଜିଲେ ;
ଭ୍ରାତୃଶୋକେ ଦୁଃଶାସନ ନେତ୍ରୁଁ ଜଳ ଝରେ ,
ମହାକ୍ରୋଧେ ଅଗ୍ରସର ହେଲେ ସେ ସମରେ,
ଦେଖି କ୍ଷେତ୍ରେ କ୍ଷତ୍ରଗ୍ଲାନି ଦୁଷ୍ଟ ଦୁଃଶାସନ,
ବଜ୍ରନାଦେ ଗର୍ଜି ଭୀମ ଧାଇଁଲେ ତକ୍ଷଣ ।
ରୌଦ୍ରରୂପୀ ମହାବୀର ଧାଇଁଲେ ସରୋଷେ,
ବାଜଇ ଉରୁରେ ଆସି ଗୁରୁ ଅସି କୋଷେ,
"ଏତେଦିନେ" କହେ ଭୀମ ଗର୍ଜିଣ ନିର୍ଘାତେ
'ଏତେଦିନେଆରେଦୁଷ୍ଟ ! ପଡ଼ିଲୁ ମୋହାତେ
କ୍ଷତ୍ରକୁଳ-କୁଳାଙ୍ଗାର ଆରେ ରେ ନିର୍ବୋଧ
ପୂର୍ବଋଣ ଆଜ.ରେ କରିବି ପରିଶୋଧ ।"

* ସାହାଯ୍ୟ—ନିରପେକ୍ଷ ।

ପ୍ରଚଣ୍ଡ ଆୟସୀ ଗଦା ଆସ୍ଫାଳି ଘର୍ଷଣେ,
ଧାଏଁ ଭୀମ ଧକଧକେ ଅନଳ ଲୋଚନେ,
ତ୍ରାସେ ଦୁଃଶାସନବୀର ବେଗେ କ୍ଷେପେ ଶର,
ନିବାରେ ବୁଲାଇ ଗଦା ଭୀମ ଗଦାଧର;
ସନ୍ତ୍ରସ୍ତ ବ୍ୟସ୍ତ ଦୁଃଶାସନ ଅନ୍ୟ ଅସ୍ତ୍ର ମାରେ,
ସେହିରୂପେ ବୃକୋଦର ସେ ଅସ୍ତ୍ର ନିବାରେ,
ଗଦାଘାତେ ଦୁଃଶାସନ ରଥ ଭୀମ ନାଶେ,
ଲମ୍ଫି ଏଡ଼ି ଦୁଃଶାସନ ପଳାନ୍ତି ତରାସେ,
ଅନ୍ତରୀକ୍ଷେ କପୋତକୁ ଦେଖିଣ ସଞ୍ଚାଣ,
ବଜ୍ର ନଖ ଧାଏଁ ଯେହ୍ନେ ବିଜୁଳି ସମାନ,
ଇତର ପକ୍ଷୀଏ କରୁଥାନ୍ତି କୋଳାହଳ,
ଏଣେ ତେଣେ ନିଜ ପ୍ରାଣ ଆତଙ୍କେ ବିକଳ,
କପୋତ ସଞ୍ଚାଣ ମୁଖ ଏଡ଼ାଇବା ଆଶେ,
ଆତଙ୍କେ ବିବିଧ ରଙ୍ଗେ ଉଡ଼ଇ ଆକାଶେ,
କ୍ଷଣେ ଉଠେ, କ୍ଷଣେ ପଡ଼େ, କ୍ଷଣେ ଉଲଟଇ
କିଛି ଦୂର ଯାଇ ପୁଣି ଘେରେ ଲେଉଟଇ,
ଅନ୍ତରୀକ୍ଷେ ବ୍ୟଗ୍ର ନେତ୍ରେ ଆଶ୍ରା ଲୋଡ଼ୁଥାଏ,
ଜୀବନ ବିକଳେ ମୁହୁ ସଞ୍ଚାଣକୁ ରୁହେଁ,
ତେସନେ ପଳାଏ ରଣେ ଦୁଷ୍ଟ ଦୁଃଶାସନ,
କ୍ଷଣେ ରହେ କ୍ଷଣେ ଧାଏଁ ଭୟେ ଉଚ୍ଚାଟନ,
ଆକୁଳେ କୌରବଦଳ କଲେ ହାହାକାର,
ଧାଏଁ ଭୀମସେନ ବେଗେ ନକ୍ଷତ୍ର ଆକାର,
କାଞ୍ଚନ-କିରୀଟ-ଚୂଡ଼ା ଦୋଳଇ ମସ୍ତକେ,
କାଞ୍ଚନ-କଞ୍ଚୁକ ଦେହେ ଉଜ୍ଜ୍ୱଳ ଝଟକେ,
କଟାକ୍ଷେ ଧରିଲା ଯାଇ ଦୁଃଶାସନ ବାଳ,
ଗର୍ଜଇ ବିଷମେ ମୁଖ କରି ବିକଟାଳ,
ଆତଙ୍କେ କମ୍ପଇ ମୁହୁ ଦୁଃଶାସନ ଅଙ୍ଗ,
କେଶରୀ କବଳେ ଯେହ୍ନେ ପଡ଼ିଲା କୁରଙ୍ଗ,
କହେ ଦୁଃଶାସନ ବୀର ବିନୟ ବଚନ,
"ଆହେ ବୀରମଣି ! ରଖ ରଖ ଏ ଜୀବନ,
ପଳାୟକ ମୁଁ ଅଟଇ ନିରସ୍ତ୍ର ଆବର,
ବୀରଧର୍ମ୍ମ ଅବହିତ ନୁହଇ ତୁମ୍ଭର ।"

କହେ ଭୀମ ମହାବାହୁ, "ଆରେ ରେ ପାମର !
କପଟେ ପଡ଼ିଣ ଏବେ ଧର୍ମକୁ ସୁମର,
କାହିଁ ଥିଲା ଧର୍ମ ରେ କପଟପାଶା ବେଳେ ?
କୃଷ୍ଣାକୁ ବିବସ୍ତ୍ର ଯେବେ କଲୁ ଅବହେଳେ;
ଅଧର୍ମ୍ମୀ ସଙ୍ଗତେ ଧର୍ମ୍ମ ନୁହେଁ ପାଳିବାର,
କପଟୀ ସଙ୍ଗତେ ଯୁକ୍ତ କପଟ ବେଭାର,
ମୃଗ ସଙ୍ଗେ ଯେଉଁ ଧର୍ମ୍ମ ଆଚରେ ଶାର୍ଦ୍ଦୂଳ,
ଭେକ ସଙ୍ଗେ ଭୁଜଙ୍ଗମ ଭୁଜଙ୍ଗେ ନକୁଳ,
କପି ସଙ୍ଗେ ଯେଉଁ ଧର୍ମ୍ମ ଆଚରେ କେଶରୀ,
ଶତ୍ରୁ ସଙ୍ଗେ ଶତ୍ରୁ ପଣେ ସେହି ଧର୍ମ୍ମ ଧରି ।
ନୁହଇଁ ମୁଁ କାପୁରୁଷ, ଅସ୍ତ୍ର ନ ଧରିବି,
ବିନା ଅସ୍ତ୍ରେ ପାମର ! ତୋ ପରାଣ ହରିବି,
ବାନ୍ଧ ତୁ ସାହାସ ହୃଦେ ଆରେ ଦୁରାଶୟ !
ଏକାଳେ ସାହସ ତୋର ଲୋଡ଼ା ଅତିଶୟ ।"
ଏହା ବୋଲି ଗଦା ଫିଙ୍ଗିଦେଲା ବୃକୋଦର,
ନିରଖେ ସାହାସ ଦୁଃଶା ବାନ୍ଧିଲା ମନର,
ମହାବଳ ଭୀମଙ୍କୁ ସେ ଧରିଲା ଆକଟି,
ବେନିଭୁଜେ ଭିଡ଼ି ଧରେ ବୃକୋଦର କଟି,
ପଡ଼ିଲେ ଭୂତଳେ ଭୀମ ଗର୍ଜି ଭୀମନାଦେ,
ମାଡ଼ି ବସି ଦୁଃଶାସନ ବୈରଶୋଧ ସାଧେ,
ନିର୍ଘାତେ ପ୍ରହାରେ ମୁଷ୍ଟି ଭୀମଙ୍କ ମସ୍ତକେ,
କୁରୁବଳ ସାଧୁବାଦ ଦେଲେ ସେ ପୁଲକେ,
ଭୟେ ପାଣ୍ଡୁବଳେ ପଡ଼ିଗଲା ହାହାକାର,
ଆକୁଳ ନକୁଳ ନେତ୍ରୁ ବରଷେ ଆସାର,
ଆକୁଳେ ଅର୍ଜ୍ଜୁନ ନେତ୍ରୁ ଝରେ ଅଶ୍ରୁ ଜଳ,
ବିକଳେ ପାଣ୍ଡବଦଳ କାନ୍ଦିଲେ ସକଳ,
ଶ୍ରୀଭୁଜେ ବାନର ଧ୍ୱଜେ ପୋଛୁ ଅଶ୍ରୁନୀର,
କାନ୍ଦନ୍ତି ନୀରବେ ବସି ପ୍ରଭୁ ଯଦୁବୀର,
ଯେସନେ ବରଷାଗମେ ମାନ ସରୋବର,
ଅସଂଖ୍ୟ ମରାଳ ରବେ ହୁଅଇ ମୁଖର,
ତେସନେ ମୁଖରି କ୍ଷେତ୍ର ଦୁଃଖ କଲରବେ,
ସୋଦର ବିପଦ ଦେଖି କାନ୍ଦିଲେ ପାଣ୍ଡବେ,

ମହାବୀର ସହଦେବ ବଦନ ସହାସ,
ବିସ୍ମୟେ ପୁଚ୍ଛନ୍ତି ତାଙ୍କୁ ପ୍ରଭୁ ଶ୍ରୀନିବାସ,
'କହ ବୀର କିମ୍ପା ତୋର ହରଷ ବଦନ ?
ଅଗ୍ରଜ ବିପଦେ ହର୍ଷ ନୁହଇ ଶୋଭନ ।"
ଶୁଣି ବାସୁଦେବ ବାଣୀ କହେ ମାଦ୍ରୀସୁତ,
"କାହିଁକି କାତର ଏତେ ହେଉ ତୁ ଅଚ୍ୟୁତ
କି ଅବା ନ ଜାଣୁ ନାଥ ଜଗତର ସ୍ୱାମୀ,
ଜାଣୁ ଜାଣୁ କାନ୍ଦୁ ନାଥ ଅଟୁ ଅନ୍ତର୍ଯ୍ୟାମୀ;
ବାଲ୍ୟେ ଲଭିଥିଲେ ଭୀମ ଶତଶୃଙ୍ଗ-ଶାପ,
ତହୁଁ ଆଦ୍ୟ ରଣେ ପାଉଛନ୍ତି ମନସ୍ତାପ,
ତୁ ନାଥ ଭୀମଙ୍କୁ ବେଗେ କରାଅ ଚେତନ,
ଶତଶୃଙ୍ଗ ଗିରିଙ୍କୁ ସେ କରନ୍ତୁ ସ୍ମରଣ,
କାହିଁ ଭୀମ ରଣସିଂହ, କାହିଁ ଦୁଃଶାସନ !
ଶାପଯୋଗୁଁ ଉପୁଜିଲା ଦୁର୍ଗତି ଏସନ ।"
ପାଞ୍ଚଜନ୍ୟ ଶଙ୍ଖନାଦ କଲେ ନାରାୟଣ,
ନିଜ ତେଜ ଭୀମଙ୍କୁ ସେ ଦେଲେ ସେହିକ୍ଷଣ,
"ଶତଶୃଙ୍ଗ" "ଶତଶୃଙ୍ଗ" ଘୋଷେ ଶଙ୍ଖବର
ପଶିଲା ଶବଦ ଯାଇଁ ଭୀମଙ୍କ କର୍ଣ୍ଣର,
ଚେତନା ଲଭିଣ ବୀର କଟାକ୍ଷେ ଉଠିଲା,
ଲେଉଟାଇ ଦୁଃଶାକୁ ସେ ମାଡ଼ିଣ ବସିଲା,
ରଣରଙ୍ଗେ ସିଂହସମ ଅଟେ ବାୟୁ ସୁତ,
ମହାବୀର୍ଯ୍ୟବନ୍ତ ସେହୁ ବିକ୍ରମେ ଅଦ୍ଭୁତ,
ମହାବିଷ୍ଣୁ ତେଜେ ବୀର ତେଜସ୍ୱୀ ଆବର,
ହେଲା ସେ ବିରାଟ ମୂର୍ତ୍ତି ମହାଭୟଙ୍କର,
ମହାଶବ୍ଦେ ଭୂତଳେ ପଡ଼ିଲା ଦୁଃଶାସନ
ବଜ୍ରାଘାତେ ଶାଳତରୁ ପଡ଼ଇ ଯେସନ,
ବିନ୍ଧ୍ୟାଚଳ-ତୁଙ୍ଗ-ଶୃଙ୍ଗେ କୁରୁପାଣ୍ଡୁ ବଳ
ଆତଙ୍କେ ଅବଶ ଚକ୍ଷୁ ବୁଜିଲେ ସକଳ,
ପର୍ବତ ଆକାରେ ପଡ଼ିଅଛି ଦୁଃଶାସନ,
ବସିଅଛି ତା ଉପରେ ପବନନନ୍ଦନ,
ଭୟଙ୍କର ହୁଙ୍କାରେ ଅଧର ଦନ୍ତ ଚାପି
ରେଣ୍ଡୁକାର କହନ୍ତି ଗର୍ଜଇ କାଳରୂପୀ,
ଗଗନ ମାର୍ଗକୁ ତୋଳୁଅଛି ବଜ୍ରମୁଷ୍ଟି,
କି ଅବା ମନ୍ଦରଗିରି ପଡ଼ୁଅଛି ତୁଟି,
କାଳଦଣ୍ଡ ପ୍ରାୟେକ ବୁଲାଇ ବେନି ତୋଳା
ଚରଣେ ଚାପଇ ଭୀମ ଦୁଃଶାସନ ଗଳା,
"ଆରେ ଆରେ ଦୁଃଶାସନ ଦୁରନ୍ତ କୌରବ
ଏବେ ତୋ ଗରବ ରଣେ ହେଲା ପରାଭବ !
ଶତ ପୁତ୍ର ଜାତ କଲା ତୋହର ଜନନୀ,
ସମସ୍ତେ ମୋ ଅସ୍ତ୍ରାଘାତେ ଶୋଇବେ ଅବନୀ,
ଧାତାର ଲେଖନ ଏହୁ କେ କରିବ ଆନ ?
ଆରେ ଦୁଷ୍ଟ ! ଆଜ ତୋର ନାହିଁ ପରିତ୍ରାଣ,
କାଲି ରେ ସମରେ ପଳାଇଲୁ ମୋ ଆଗରୁ,
ଆଜିରେ ପାଇଲି ଭେଟ ଦଇବ ଯୋଗରୁ,
ଆରେ ମୂର୍ଖ ! ଆଜ ତୋତେ କରିଣ ସଂହାର
କରିବ ଦ୍ରୌପଦୀ-ଚିର-ଦୁଃଖ ଆଜ ପାର,
ଆରେ ଦୁଷ୍ଟ କେ ରଖିବ ତୋତେ ରବତଳେ
ଦୁରନ୍ତ ପଡ଼ିଲୁ ନଷ୍ଟେ କୃତାନ୍ତ କବଳେ ?
ତରାଟି ଚାହିଁଲା ଭୀମ ବିରାଟ ମୂରତି,
ତରାଟି ଚାହିଁଲା ଯେତେ ଅନ୍ତରୀକ୍ଷ ପ୍ରତି,
ଗର୍ଜିଣ କହିଲା, "ଆହେ ଆହେ ସୁରଗଣ !
ଆହେ ସୁରନାଥ ଇନ୍ଦ୍ର ଶୈଳ-ବିଦାରଣ !
ପବନ, ତପନ, ଯମ, ବ୍ରହ୍ମା ଆଦିକରି
ମିଳି ଏ ସମରେ ଆସି କରେ ଶସ୍ତ୍ର ଧରି,
ଆସ କେ ରଖିବ ରଖ କୌରବ ପାମର
ଆସ ଆସ ବେଗ କରି ବିଳମ୍ବ ନ କର ।
ଭୀମର ଭୀଷଣ ବାଣୀ ଶୁଣି ସୁରଗଣେ
ହାସିଲେ ଦାନବ-ତ୍ରାସ ବାସବ ଆପଣେ ।
ଥରହର କମ୍ପିଲା ସୁବର୍ଣ୍ଣ ନିକେତନ
ମଣିଚୂଡ଼ ଥରହର କମ୍ପିଲା ଆସନ
ମହାପ୍ରଳୟେଁ ଯେସନ ପ୍ରଭୁ ଦିଗମ୍ବର—
— ଭୀଷଣ ବିଷାଣ ନାଦେ କମ୍ପେ ଥରହର
ଭୁବନପୁର, ଭୀମସେନ ଭୟଙ୍କର ନାଦ
ଶୁଣି ମରାମର ଜାତେ ଗଣିଲେ ପ୍ରମାଦ ।

ମହାଭୟେ ପାଣ୍ଡୁ-ଗଣ୍ଡ ହେଲେ ଆଖଣ୍ଡଳ,
ମହାଭୟେ ପାଣ୍ଡୁ-ଗଣ୍ଡ ହେଲେ ଦେବଦଳ,
କେହି ଅଗ୍ରସର ସହୁଁ ନ ହେଲେ ଭରସେ
ଦୁଃଶାସନେ ଚାହିଁ ଭୀମ କହନ୍ତି ସହାସେ,
ସେ ବିକଟ ହାସ୍ୟ ଦେଖି ଡରିଲା ସଂସାର
ଗର୍ଜିଣ କହନ୍ତି ଭୀମ, "ଆରେ କୁଳାଙ୍ଗାର !
ଆରେ ଦୁଃସାସନ କେହି ରଖି ନ ପାରିଲେ !
ପାତାଳପୁରକୁ ଭୀମ ପୁଣି ସେ ଚାହିଁଲେ,
"ଆହେ ନାଗଲୋକ ହେ ଅନନ୍ତ ଧରାଧର
ଧରଣୀ ଧାରଣ ତୁମ୍ଭେ କର ମସ୍ତକର,
ସପ୍ତଲୋକ-ଶ୍ରେଷ୍ଠ ଅଟ ତୁମ୍ଭେ ନାଗେଶ୍ୱର
ପାରିଲେ ରଖ ହେ ଆସି କୌରବପାମର !"
କାମରୂପୀ ବୃକୋଦର ଚାହାନ୍ତେ କରାଳ,
ଥରହର କମ୍ପିଲା ସେ ସପତ ପାତାଳ,
ନାଗଲୋକ ତ୍ରାସିଲେ ଭୀମର ମୂର୍ତ୍ତି ଚାହିଁ,
ଆତଙ୍କେ ଅସ୍ଥିର ହେଲେ ନାଗଲୋକ ସାଇଁ;
କେହି ନ ଆସିଲେ ସହୁଁ ଭୀମଙ୍କର କତି,
ସକୋପେ ଚାହିଁଲେ ଭୀମ କୁରୁଆଡ଼େ ପ୍ରତି,
କୁରୁଦଳ ପାଣ୍ଡୁଦଳ ହେଲେ ସ୍ତମ୍ଭୀଭୂତ;
ଗମ୍ଭୀର ଅମ୍ବରେ ଯେହ୍ନେ ହୁଙ୍କାରେ ଜୀମୂତ;
ଗର୍ଜିଣ କହଇ ଭୀମ ଭୀମପରାକ୍ରମ,
କୌରବ ସଂହାରେ ଯେହ୍ନେ କାଳାନ୍ତକ ଯମ,
ଦୁଇଦଳ ଅନାଇ ସେ ରହିଲେ ସ୍ତିମିତେ,
ଭୈରବ ହୁଙ୍କାରେ ଭୟ ଉପୁଜିଲା ଚିତ୍ତେ ।
'ଆରେ ଦୁର୍ଯ୍ୟୋଧନ ଆରେ କୁରୁ-ଦୁରାଚାର
ଆରେ କର୍ଣ୍ଣ ଅବିନୟ-ତରୀ-କର୍ଣ୍ଣଧାର !
ଆହେ କୁରୁ ସେନାପତି ମହାଧନୁର୍ଦ୍ଧର !
ହେ ସୌବଳ ଦ୍ୟୂତଜୟୀ, ହେ ଦ୍ରୋଣକୁମର'
ଆହେ ମହାବୀର ! ଏହା କେମନ୍ତେ ସହିବ
ତୁମ୍ଭେ ଥାଉଁ ଥାଉଁ ଦୁଃଶାସନ ନାଶଯିବ !
ବଡ଼ ପ୍ରିୟ ଦୁଃଶାସନ ଅଟଇ ତୁମ୍ଭର,
ଆସ ରକ୍ଷାକର ବେଗେ ପ୍ରିୟ ସହୋଦର !
ସମ୍ପଦକାଳକୁ ସଖା ସମସ୍ତେ ତ ଥିଲ !
ବିପଦ କାଳରେ କେହି କତି ନ ପଶିଲ ।"
ପୁଣି କୁରୁଯୋଧଙ୍କୁ ସମ୍ବୋଧି ବୃକୋଦର
ସଦର୍ପେ କହଇ, ଆହେ ଆହେ ଅସ୍ତ୍ର ଧର
ଶୂରେ ! ଭଲା ଆସି ରଖ ଦୁଃଶାସନ ଜୀବ !
ଏତେ ସଖା ଥାଉଁ ଦୁଃଶାସନ ନାଶ ଯିବ ।
କୁରୁ ନୃପତିର ଧନ ଭଣ୍ଡାଇ ଖାଇଲ,
ବିପଦ କାଳକୁ କେହି ସାହା ନ ହୋଇଲ ।'
କେହି ନ ଆସିଲେ ସହୁଁ ଗର୍ଜି ବୃକୋଦର
ଦୁଃଶାସନ ମୁଖ ଚାହିଁ କହିଲେ, "ବର୍ବର !
ଆରେ ରେ ଦୁରନ୍ତ କେହି ନ ଆସିଲେ କତି
ଯାର ଆଜ୍ଞାବଳେ ଯାଜ୍ଞସେନୀଙ୍କ ଦୁର୍ଗତି
କଲୁ ଦୁଷ୍ଟ ! ନୋହିଲା ସେ ଏତେବେଳେ ସାହା
ରଖି ନ ପାରିଲା ତୋର ଶିର କୁରୁନାହା ।"
ପୁଣି ସେ ଚାହିଁଲା ବୀର ନିଜ ଆଡ଼ ପ୍ରତି,
"ଆସି ସାହା ହୁଅ ଯାର ଅଛଇ ଶକତି,
କେ ଆସିବ ବେଗେ ଆସ ରଖ ଦୁଃଶାସନ
ଦେଖାଅ ସାହାର ଯେତେ ଅଛୁ ବୀରପଣ ।"
"ହେ କିରୀଟି ! ଧର ତୁମ୍ଭେ କୋଦଣ୍ଡଗାଣ୍ଡୀବ
ପାରିଲେ ରଖ ହେ ବୀର ଦୁଃଶାସନ ଜୀବ ।
ତ୍ରିଭୁବନେ ମହାବୀର ବୋଲାଉ ଅର୍ଜ୍ଜୁନ !
ଅଛି ତୋର ଅକ୍ଷୟ ସେ ଶରପୂର୍ଣ୍ଣ ତୂଣ,
ଧ୍ୱଜେ ବିରାଜଇ ତୋର ବୀର ହନୁମାନ
ସାରଥି ଅଟନ୍ତି ତୋର ପ୍ରଭୁ ଭଗବାନ,
ପାଶୁପତ ଅସ୍ତ୍ର ସିଦ୍ଧ ଅଟଇ ତୋହର,
ତୁ ପାରିଲେ ରଖ ବୀର ! କୌରବ ପାମର ।
"ହେ ମୁରାରି ! ସୁଦର୍ଶନଧାରୀ ଯଦୁବୀର !
ତୁ ପାରିଲେ ରଖ ଦୁଷ୍ଟ ଦୁଃଶାସନ ଶିର !
ନିଜ ନିନ୍ଦା ଶୁଣି ପାର୍ଥ ଥିଲେ ନିରୁତ୍ତର,
ବାସୁଦେବ ନିନ୍ଦା ଶୁଣି ରୁଷିଲେ ଆବର,
ବିଜୟ ଗାଣ୍ଡୀବେ ବୀର ଖଞ୍ଜିଲେ ସାୟକ
ଧରିଲେ କିରୀଟି-କର ରୁକ୍ମିଣୀ ନାୟକ;

ବୋଲନ୍ତି ଗାଣ୍ଡୀବୀ, "ପ୍ରଭୁ ! ନ କର ବାରଣ
ନିଶ୍ଚେଁ ମୁଁ ରଖିବି ଭୀମ କୋପୁଁ ଦୁଃଶାସନ,
ସହି ମୁଁ ପାରଇ ସବୁ, ତୁମ୍ଭ ନିନ୍ଦାବାଣୀ
କେବେହେଁ ନ ସହିବ ଏ ମୋ ପଣ ଚକ୍ରପାଣି !
ନିଶ୍ଚେଁ ଏ ନାରାଚେ ମୁଣ୍ଡ ହାଣିବି ଭୀମର
ତୁମ୍ଭନିନ୍ଦା ଯେକରେ ସେନୁହେ ମୋ ସୋଦର"
ହୁଙ୍କୁଚ୍ଛି ଗାଣ୍ଡୀବ ନେଲେ ପ୍ରଭୁ ଚକ୍ରପାଣି,
"ଛାଡ଼ ଛାଡ଼ ଭୀମ ମୁଣ୍ଡ ନ ପକାଅ ହାଣି ।
କାହାକୁ କରୁ ତୁ କୋପ ଆହେ ଧନଞ୍ଜୟ !
ଯାର ଇଚ୍ଛାବଳେ କ୍ଷଣେ ହୁଅଇ ପ୍ରଳୟ ।
ତା ତେଜେ ତେଜସ୍ୱୀ ଭୀମ ଅଟଇ ସମ୍ପ୍ରତି,
ଧରିଅଛି ମହାବୀର ସଂହାର ମୂରତି,
ନାହିଁ ବଳେ ଭୀମକୁ ଯେ ସମରେ ଜିଣିବ,
ତୁ ପୁଣି ଦେଖାଉ ତାକୁ ଏତୁର ଗାଣ୍ଡୀବ !
ଏରୂପେ ନାଶିଲି ମୁହିଁ ହିରଣ୍ୟକଶିପୁ,
ଏରୂପେ ନାଶିଲି ମୁହିଁ ଧର୍ମର ସେ ରିପୁ.
ଧର୍ମର ସହାୟ ସଦା ଏ ମୂର୍ତ୍ତି ମୋହର
ଧର୍ମଦ୍ରୋହୀ ପାପୀପକ୍ଷେ ମହା ଭୟଙ୍କର !
ଏମନ୍ତ ବୋଲନ୍ତେ ସିନ୍ଧୁ-ସୁତା-ପ୍ରାଣଧନ
ନିଶ୍ଚଳେ ବସିଲେ ରଥେ ନରନାରାୟଣ ।
ଯହିଁ ସହଦେବ ପ୍ରତି କହେ ଭୀମବୀର,
"ବେଗେ ବଜାଇର ବାଦ୍ୟ ! ପାଣ୍ଡବ ଶିବିର
ପାଣ୍ଡବ-କେଶରୀ ରାଣୀ ଆଣ ଯାଜ୍ଞସେନୀ,
ଦୁଃଶାରକ୍ତଲିପ୍ତହସ୍ତେ ବାନ୍ଧିବି ତା ବେଣୀ ।"
ଶୁଣି ଭୀମସେନ-ବାଣୀ ମନ୍ତ୍ରୀଚୂଡ଼ାମଣି
ବେଗେ ବିଜେ କଲେ ଯହିଁ ପାଣ୍ଡବ ରମଣୀ ।
ବସିଥିଲେ ସଖୀ ପତି ଆଗମନ ଆଶେ
ମିଳିଲେ ଶୂଦ୍ରରତ୍ନ ଯାଇଁ ସଖୀଙ୍କ ସକାଶେ ।
ଦରହସିତ ବଦନ ଦେଖିଣ ତାଙ୍କର
ପଚାରନ୍ତି ଦେବୀ, "କହ ବାରତା ସୁନ୍ଦର !"
ବୋଲେ ସନ୍ତୁଳବୋଲ, "ଦେବି ! ଭଜେ କର ରଥେ
ଏହିକ୍ଷଣି ଶୁଣିଲି ଭୀମସେନଙ୍କ ଅଗ୍ରତେ,

ଭୀମସେନ ଠାକୁରଙ୍କ ଅଟେ ଏ ଆଦେଶ,
ବାନ୍ଧିବେ ସେ ଆଜ ତୋର ଚିରମୁକ୍ତକେଶ ।
ଏତେଦିନେ କଷ୍ଟ ଦେବି ! ହେଲା ଅବସାନ,
କପଟପାଶାରେ ଦୁଷ୍ଟ କଲା ଅପମାନ,
ଲଭିବ ଉତ୍କଟ ଆଜ ତାର ପ୍ରତିଫଳ,
ଦୁଃଶାସନରକ୍ତେ ଧରା ହେବ ଯେ ଶୀତଳ ।"
ଶୁଣିଣ ଦ୍ରୌପଦୀ ଦେବୀ ଅନ୍ତରେ ସହାସ,
ବେଗେଣ ମିଳିଲେ ଯାଇ ଭୀମସେନ ପାଶ,
ମହାମନ୍ତ୍ରୀ-ପାଣ୍ଡବ-ସମ୍ରାଟ-ପାଟରାଣୀ—
ହସ୍ତ ଧରି ଭୀମ ଆଗେ ଭେଟାଇଲେ ଆଣି ।
ପଡ଼ିଅଛି ଦୁଃଶାସନ ପର୍ବତ ଆକାରେ,
ବସିଣ ଉପରେ ଭୀମ ନର୍ଦ୍ଦିତେ ପ୍ରହାରେ,
କାଳରୂପୀ ଭୀମସେନ-ଭୈରବ-ମୂରତି
ଦେଖିଣ ହାସିଲେ ମନେ ପାଣ୍ଡବ-ଯୁବତୀ
ଆସନ୍ତେ ଦ୍ରୌପଦୀ କର ଧରିଣ ମନ୍ଦୀର,
ଆସ ଆସ ଦେବି ଗୋ !"ଡାକଇ ଭୀମବୀର ;
"କୁରୁସଭାତଳେ ବସ୍ତ୍ର କଲା ଯେ ହରଣ,
ଚିହ୍ନିବଟି ଏହି ଟିକ ସେହି ଦୁଃଶାସନ ?
ଭଲକରି ଦେଖ ମୋର ଭ୍ରାତାଙ୍କ ବଦନ,
ଉପହାସ୍ୟ ପୁରୁଷ ଗୋ ଅଟନ୍ତି ଏ ଜନ,
କେତେକେତେ ଦଣ୍ଡ ତୋତେ କୁରୁସଭାତଳେ
ଦେଇଥିଲେ ବଜ୍ରାମଣି କୁରୁଆଜ୍ଞାବଳେ ।"
ଉତ୍ତରନେ ପଡ଼ିତ କୁରୁଭ୍ରାତା-ମୁଖ ଚାହିଁ,
ଜଳଦଗମ୍ଭୀର ସ୍ୱନେ କହେ ଭୀମ ସାଇ,
"ଆରେ ଦୁଃଶାସନ ! ତୋତେ ଛାଡ଼ିଲା ଦଇବ
ତିନପୁରେ ରଖି ନ ପାରିଲେ ତୋର ଜୀବ,
ଦ୍ୱିଜକୁଳ ଚୂଡ଼ାମଣି ଦ୍ରୁପଦ ରାଜନ
ଶତ ଋଷି ଘେନ କଲେ ଯଜ୍ଞ ଆୟୋଜନ,
ହୋମାନଳ ଦ୍ୱାରୁ ଉଠିଲେ ଯେ ରମଣୀ,
ସାଧ୍ୱୀପଣେ ଯେ ନାରୀଙ୍କୁ ଶ୍ରେଷ୍ଠ ବୋଲି ଗଣି
ତୁ ଛାର ପାମର କରେ ଧରିଲୁ ତାଙ୍କ କେଶ,
ଗୁରୁ ଆଗେ ଅପମାନ କରିଥିଲୁ ଅଶେଷ,

ପାଣ୍ଡୁ-କୁଳ ପାଟରାଣୀ କୃଷ୍ଣା ଯାଜ୍ଞସେନୀ,
ଆକର୍ଷି ଝିଙ୍କିଲୁ ରେ ପାମର ! ତାର ବେଣୀ,
କାଳେ କର୍ମ-ବୃକ୍ଷ ଫଳେ ଶାସ୍ତ୍ରର ଏ ଲେଖା
ତୋହୋ କର୍ମଫଳ ଏତେଦିନେ ଦେଲାଦେଖା
ଦଶନରେ ବିଦାରିବି ତୋର ବକ୍ଷସ୍ଥଳ,
ତେବେ ସେ ମୋହର ହିଆ ହୋଇବ ଶୀତଳ
ଏବେ ଇଷ୍ଟ ଦେବଙ୍କୁ ସୁମରରେ ସାର ଦୁଃଶା
କରିବ ସମ୍ପ୍ରତି ତୃପ୍ତ ମୋ ରୁଧିର ତୃଷା,
ପଡ଼ିଇ କି ମନେ ତୋର ଆରେ କ୍ରୂରତର
ଦାସୀପଣେ କୃଷ୍ଣାକୁ ଝିଙ୍କିଲୁ ଅନ୍ତଃପୁର
ଯେ କାଳେ, ସହସା ମହୀ କମ୍ପିଲେ ସକଳେ
ଟଳିଲା ହସ୍ତିନା ହର୍ମ୍ମ୍ୟରାଜି ଟଳଟଳେ,
ଚନ୍ଦ୍ରଶାଳା-ଚୂଡ଼େ ବସି ରାବିଲେ ପେଚକ,
ଆଚମ୍ବିତେ ନଭୋଦେଶେ ଶୁଭିଲା ତଡ଼କ
ରାବିଲେ ଭୀଷଣ ରବେ ଗୋମାୟୁ ଗର୍ଦ୍ଦଭ,
ସଭାସ୍ଥଳେ ଶୁଭିଲା ଯେ ଭୟଙ୍କର ରବ,
ଚକିତ ହୋଇଲେ ସର୍ବେ ଭୀଷ୍ମ ଦ୍ରୋଣ ଆଦି
ସ୍ୱସ୍ତି ସ୍ୱସ୍ତି ଉଚ୍ଚାରିଲେ ଋଷି ବ୍ରହ୍ମବାଦୀ,
ନିଶ୍ଚିତ ଘୋଷଣା ସେହି ଜାଣି ନ ଜାଣିଲୁ
ଅନିତ୍ୟ ଐଶ୍ୱର୍ଯ୍ୟମଦେ ଧର୍ମଙ୍କୁ ପୀଡ଼ିଲୁ,
ଅଗ୍ରଜ-ବାତ୍ସଲ୍ୟ ଦୃଢ଼ କରିଣ ନିର୍ଭର,
ଉପହାସ-ରସିକ ତୁ ଥିଲୁ ରେ ବର୍ବର,
ସେହି ଧର୍ମ ଅନ୍ତେ ଏବେ ହେଲାଟି ପ୍ରବଳ
ସେହି ଧର୍ମ ଭୁଞ୍ଜେ ଦେଉଅଛି ପ୍ରତିଫଳ ।
କହନ୍ତି ଦ୍ରୌପଦୀ, "ନାଥ ହେଉଛି ସ୍ମରଣ
ଅନ୍ତଃପୁରେ କୁନ୍ତୀସଙ୍ଗେ ଥିଲି, ଏ ଦୁର୍ଜନ,
ନିରଦୟ, ନିରପେକ୍ଷ, ନିର୍ଭୟେ ଚଣ୍ଡାଳ
ବାମ କରେ କରଷି ଧରିଣ ମୋର ବାଳ
ଆଣନ୍ତେ ଚରଣ ନ ପଡ଼ିଇ ଭୂମି ତଳେ,
ପଦ ବଲ୍ଗାରିତ ନାଥ ! କଲି ଅଶ୍ରୁଜଳେ,
କୁରୁସଭାତଳେ ଗୁରୁଜନଙ୍କ ସମ୍ମୁଖ
ଅବହେଳେ ବିବସନ କଲା ମତେ କ୍ରୂର ।

ଆକୁଳେ ଡାକିଲି, ନାଥ ! କେହି ନ ଶୁଣିଲେ
ଭୀଷ୍ମଦ୍ରୋଣ ଆଦି କରି ବସିଣ ଯେ ଥିଲେ,
ସମସ୍ତଙ୍କୁ ହସ୍ତେ ବ୍ୟସ୍ତେ ଡାକିଲି ବଦନ,
ଦୟା ନ କଲେ ଶୁଣି ଅବଳା ରୋଦନ;
ଲଜ୍ଜା ନିବାରଣ-ବାନା ପ୍ରଭୁ ଭଗବାନ
ଧର୍ମର ସହାୟ ହୋଇ କଲେ ପରିତ୍ରାଣ ।
ସେକାଳେ ବିକଳ ଯେତେ ହେଲା ଏ ହୃଦୟ
ଜାଣନ୍ତି କେବଳ ସେହି ପ୍ରଭୁ ଦୟାମୟ ।"
ତରୁଣୀ-କରୁଣ-ବାଣୀ ଶୁଣିଲେ ମାରୁତି,
ହେଲା ସେ ବିଷମ ରୋଷ ଅନଳେ ଆହୁତି;
ପୂର୍ବ ଦୁଃଖ ଅପମାନ କଲେକ ସ୍ମରଣ,
ବିଷଦାନ, ଜତୁଗୃହ, ବନବାସନ,
ମହାକୋପେ ଗରଜିଲେ ପବନତନୁଜ,
ଆକ୍ରୋଶେ ଧରିଲେ ଦୁଃଶାସନ ବାମଭୁଜ,
ବକ୍ଷେ ଶିରେ ପାଦ ରୁପି ଉପାଡ଼େ ସେ କର
ଶବଦେ ଅବନୀ ଭୟେ କମ୍ପେ ଥରହର,
ଭୁଜ ଉପାଡ଼ନ୍ତେ ଶବ୍ଦ ଶୁଭେ ଭୟଙ୍କର,
କି ଅବା ଉପୁଡ଼ି ପଡ଼େ ହିମାଦ୍ରି-ଶିଖର ।
ପ୍ରଚଣ୍ଡ ବୈଷ୍ଣବ-ତେଜେ ଗର୍ଜଇ ପାବକ,
କି ଅବା ଗଗନୁ ଖସେ ଭୀଷଣ ଅଶନି !
ଅଷ୍ଟକୁଳାଚଳ କମ୍ପେ, କମ୍ପେ ତ୍ରିପୁର,
ଆତଙ୍କେ କମ୍ପିଲେ ନାଗ ନର ସୁରାସୁର,
ରବିରଥେ ଶୂନ୍ୟପଥେ କମ୍ପିଲେ ଅରୁଣ,
କୂଳ-ପ୍ରକମ୍ପନ-ଦେବ କମ୍ପିଲେ ବରୁଣ,
କମ୍ପିଲା ସଘନେ ରମ୍ୟ ମୁକ୍ତା ସଦନ
ମଣି ଅମ୍ବୁରାଶି ତଳେ କମ୍ପିଲା ଆସନ,
ସୁରଙ୍ଗ ପ୍ରବାଳମୟ ଭେଦି ଜଳରାଶି,
ଛୁଟିଲେ ତରଙ୍ଗାବେଗ ପାଶାପାଶେ ପାଣି ।
ମହିଷ-ମର୍ଦ୍ଦିନୀ-ଚଣ୍ଡୀ-ପ୍ରଚଣ୍ଡ-ଶବଦ
ପ୍ରାଏକ କଲା ସେ ଶବ୍ଦ ଜଗେକ ସ୍ତବଧ ।
ଶୋଣିତ ପାଟଳ ଭୁଜ ଭୀମ ଉପାଡ଼ିଣ,
ଗଗନକୁ ଫିଙ୍ଗିଦେଲା ବେଗେ ବୁଲାଇଣ,

ବରଷେ ରୁଧିର-ବିନ୍ଦୁ ଆକାଶ ବିସ୍ତାରି,
ଅନ୍ତରୀକ୍ଷେ ଶ୍ୟେନପକ୍ଷୀ ଭୁଜ ନେଲା ମାରି ।
ପୁଣି ଦକ୍ଷ ଭୁଜ ଧରି ଉପାଡ଼ିଲା ବଳେ,
"ଏଭୁଜେ ଧର୍ମଙ୍କୁ ବସାଇଲୁ ସଭାତଳେ ।"
ବୁଲାଇଣ ଫିଙ୍ଗିଦେଲା ସେ ଭୁଜ ହୁଙ୍କାରି,
ଅନ୍ତରୀକ୍ଷେ ଶ୍ୟେନପକ୍ଷୀ ପୁଣି ନେଲା ମାରି,
କୃଷ୍ଣା-କୃଷ୍ଣକେଶେ ରକ୍ତ ବର୍ଷଇ ପ୍ରଚୁର,
ବିଦାରିଲା ବୃକୋଦର ଦୁଃଶାସନ ଉର,
ଦନ୍ତ କଡ଼ମଡ଼ି ସିଂହ ପଡ଼େ ଆଚମ୍ବିତ
ବୃଷସ୍କନ୍ଧେ ପଡ଼ି ଯେସନ୍ତେ ପିଅଇ ଶୋଣିତ
ତେସନେ ବିକ୍ରମ ସିଂହ ଭୀମ ମହାବୀର,
ରକ୍ତାକ୍ଷ, ଅରାତି ବକ୍ଷେ ପିଅଇ ରୁଧିର;
ଦୂରେ ବୃଷପତି ରହେ ସନ୍ତ୍ରାସେ ଅନାଇ,
ତେସନ ସନ୍ତ୍ରାସେ ଦୂରୁ ସ୍କନ୍ଦେଁ କୁରୁସାଇଁ,
ରକ୍ତ ହସ୍ତେ ଯାଜ୍ଞସେନୀ ମୁକ୍ତ-ଲମ୍ବ-କେଶ
ବାନ୍ଧିଲା ଆନନ୍ଦେ ବାୟୁନନ୍ଦନ ସାରେଶ,
ଅସ୍ତଗିରି-ଶୃଙ୍ଗେ ଏବେ ପ୍ରବେଶ ତପନ,
ପଶ୍ଚିମ ଆକାଶେ ଦିଶେ ଲୋହିତ ବରଣ,
ଅସ୍ତଗାମୀ ରବିପ୍ରଭା ପଡ଼ି ରଣସ୍ଥଳେ
ଦିଶଇ ମିଶ୍ରିତ ଯେସନ୍ତେ ପାଟଳ ପାଟଳେ ।
ସନ୍ଧ୍ୟା ଜାଣି ଦୁଇବଳ ଗଲେ ନିଜ ସ୍ଥାନ,
ମହାସୁଖେ ଏକ ପୁଣି ମହାଶୋକେ ଆନ,
ଦ୍ରୁପଦନନ୍ଦିନୀ ସଙ୍ଗେ ସୁନ୍ଦର ସ୍ୟନ୍ଦନେ
ବାହୁଡ଼ିଲେ ଭୀମବାହୁ ଭୀମ ହୃଷ୍ଟମନେ,
ଯମୁନା ନିର୍ମଳ ନୀରେ ପଖାଳି ଶରୀର
ମିଳିଲେ ସାନନ୍ଦେ ଯାଇଁ ପାଣ୍ଡବ-ଶିବିର ।

# ଭାରତ ଈଶ୍ୱରୀ

## ( ଭିକ୍‌ଟୋରିଆ )

ସୁନୀଳ ସାଗରେ ରାଜେ ଶ୍ୱେତଦ୍ୱୀପ,
ଅଜେୟ ଜଗତେ ନାମ ବ୍ରିଟାନୀୟା,
ପ୍ରାକାର ଯାହାର ନୀଳ ପାରାବାର,
ନୀଖିଳ ଅବନୀ ମଧ୍ୟେ ମାନନୀୟା,
ଅଖିଳ ଅବନୀ-ପତି ପୂଜନୀୟା ।
ଅଜେୟ ଜଗତେ ବ୍ରିଟିଶ-କେଶରୀ,
ବ୍ୟାପିଛି ଯା ଯଶ ସର୍ବ ମର୍ତ୍ତ୍ୟପୁର,
ଜଗତ-ନୟନ ସୁଧାଂଶୁ ତପନ
କିରଣର ଗତି ଯାଏ ଯେତେଦୂର,
ଦୁର୍ଜୟ ସର୍ବଦ ଶ୍ୱେତଦ୍ୱୀପ-ଶର ।
ନରପକ୍ଷେ ଯେହ୍ନ ଶମନ ସମାନ,
ଯେତେ ବୈଶ୍ୱାନର ପ୍ରାଏ ସର୍ବନାଶୀ,
ନ୍ୟାୟେ ବୃହସ୍ପତି, ପାଳନେ ଶ୍ରୀପତି,
ଦୟାର ଆଧାର ଶ୍ୱେତଦ୍ୱୀପ ବାସୀ,
ଶକ୍ତି ସତ୍ତ୍ୱେ କ୍ଷମା ଗୁଣ ପରକାଶି ।
ଖଟନ୍ତି ଯା ପଦେ ମାଳ ଅମୁପତି
ଗୋଲାମପଦେ ଯେସ୍ନେ ହର କରି-ବାସ,
ବିଜ୍ଞାନ କୌଶଳେ ଉଠି ନଭଃ ସ୍ଥଳେ
ତାରା ସଙ୍ଗେ ଯେହ୍ନ କରନ୍ତି ସମ୍ଭାଷ,
ତଡ଼ିତ ସଙ୍ଗେ ଯେ କରନ୍ତି ବିଳାସ ।
ମେରୁ-ମହାର୍ଣ୍ଣବ-ତୁଷାର-ଉରସେ,
ନରକମଣ୍ଡଳ-ଆଗ୍ନେୟ-ଉତ୍ସଙ୍ଗେ
ସାଗର ବକ୍ଷରେ, ଭୂଧର-କନ୍ଦରେ,
ସର୍ବଦ ଶ୍ୱେତାଙ୍ଗେ ବିହରନ୍ତି ରଙ୍ଗେ,
ରତ ଅବିରତ ବିଜ୍ଞାନ-ପ୍ରସଙ୍ଗେ ।
ସାଗର-କେଶରୀ ସଞ୍ଚାଳି କେଶର
ଗରଜେ ଯେ କାଳେ ଉଗାରି ଅନଳ,
କମ୍ପେ ବସୁମତୀ, କମ୍ପେ ଅମ୍ବୁପତି,
ବୁଡ଼ାଇ ଦିଅଇ ସାଗର ଚଞ୍ଚଳ,
ଅନୁକରେ ବଜ୍ରଧ୍ୱନି ଅବିକଳ ।
ସ୍ୱାଧୀନତା ଦେବୀ ପ୍ରିୟ ନିକେତନ
ଅଟେ ଯେ ବ୍ରିଟନ, ସେ ଦ୍ୱୀପ-ଈଶ୍ୱରୀ
ପୂର୍ବ ଭାଗ୍ୟଫଳେ, ପୂର୍ବ ତପୋବଳେ,
ଆର୍ଯ୍ୟଙ୍କର ଆଜ ରାଜରାଜେଶ୍ୱରୀ
ମଣି କାଞ୍ଚନର ସଂଯୋଗ ଏପରି ।
ମାନବ ଦାସତ୍ୱ-ଶୃଙ୍ଖଳ ମୋଚନ
କଲ୍ ଯେଉଁ ଜାତି, ସ୍ୱାଧୀନତା-ଦାନ
ଯାର ନିତ୍ୟବ୍ରତ, ତାର ଅନୁଗତ
ଆଜି ଏ ଯାବନ୍ତ ଭାରତ ସନ୍ତାନ,
ଏ ଅଟେ ଭାରତ ମଙ୍ଗଳ ନିଦାନ ।
ଆଜି ଭାରତର ବଦନ ଉଜ୍ଜ୍ୱଳ,
ନବ ବିକଶିତ ଭାରତ-କମଳ,
ଭାରତ-ଆକାଶେ ସୁଖ ପରକାଶେ
ନବ ଅରବିନ୍ଦ-ବନ୍ଧୁ ସୁବିମଳ,
ଉପୁଜଇ ଆର୍ଯ୍ୟ-ଦେହେ ନବ ବଳ ।
ଉରୁପା ଦଳନ ଦର୍ମୀନେପୋଲିୟନ,[୧]
ଦୁର୍ଜୟ ଜଗତେ କାର୍ତ୍ତବୀର୍ଯ୍ୟ ପରି,
ଯାର ଭୁଜବଳେ ନମ୍ର କଲେ ତଳେ
ନିଜ ଶିର, ସେହି ବ୍ରିଟନ-ଈଶ୍ୱରୀ
ଆର୍ଯ୍ୟଙ୍କର ଆଜ ରାଜରାଜେଶ୍ୱରୀ ।
ନବ ଇନ୍ଦ୍ରପ୍ରସ୍ଥେ ନବ ରାଜସୂୟେ
ଉପସ୍ଥିତ ଆଜି ରାଜନ୍ୟମଣ୍ଡଳ

୧ ଉରୁପା—ଇଉରୋପ

ରାଜେନ୍ଦ୍ର ଜଟିତ ଭୂଷଣେ ଭୂଷିତ;
ଯୋଗ୍ୟ ଉପହାର ଅର୍ପନ୍ତି ସକଳ,
ବନ୍ଦନ୍ତି ଈଶ୍ୱରୀ ଚରଣ ଯୁଗଳ ।
ମହାରାଷ୍ଟ୍ର-ଶୂର ବୀରେନ୍ଦ୍ର ସିନ୍ଧିଆ,
ମହାରାଷ୍ଟ୍ର-କୁଳ-ଗୌରବ-ଭାସ୍କର
ପ୍ରୌଢ଼ ହୁଲକାର୍, କିଶୋର ଗୁଇକାର୍,
ଯବନ ନିଜାମ-ଦାକ୍ଷିଣାତ୍ୟେଶ୍ୱର,
ଉଦୟପୁର-ପତି-ରବି ବଂଶଧର ।
କାବେରି-ମେଖଳ ଶ୍ରୀରଙ୍ଗ ପତନ,
ତୁଷାର-ଉଜ୍ଜ୍ୱଳ ସୁରମ୍ୟ କାଶ୍ମୀର,
ଶିଖ, ପଟିଆଲ, ଭୁଟାନ, ନେପାଳ,
ଏ ଆଦି ଯେତେକ ଦେଶ ରାଜାର
ନତ ପଦେ ଆଜି ଭାରତେଶ୍ୱରୀର ।
ନବ ଇନ୍ଦ୍ରପ୍ରସ୍ଥେ ନୂତନ କେତନ
ଉଡ଼ଇ ଅମ୍ବରେ ବାନ୍ଧବ-ନିସ୍ୱନ
ଶୁଭଇ ଗମ୍ଭୀର, ଯେହ୍ନେ ଯଦୁବୀର
ପାଞ୍ଚଜନ୍ୟ ନାଦ କରନ୍ତି ସଘନ,
ଚକିତେ ଶୁଣନ୍ତି ନୃପ ଅଗଣନ ।
ଏ ନବ ଘୋଷଣା ପ୍ରତିଧ୍ୱନି ଛଳେ
ଗାଇବେ ଭୀଷଣ ତୁଷାର-ଶିଖରୀ,
ବନ୍ୟ ଧରାଧରେ କନ୍ଦରେ କନ୍ଦରେ
ଉଠିବ ଏ ଧ୍ୱନି ଅମ୍ବରେ ସଞ୍ଚରି;
"ଜୟ ଭିକ୍ଟୋରିୟା ରାଜରାଜେଶ୍ୱରୀ" ।
"ଜୟ ଭିକ୍ଟୋରିୟା ରାଜରାଜେଶ୍ୱରୀ"
ଉଲ୍ଲାସେ କଲ୍ଲୋଳେ ଗାଇବେ ସାଗର,
ବେଳା ଉପକୂଳେ ନାଚି ଊର୍ମିକୁଳେ,
ଗାଇବେ ଗମ୍ଭୀରେ ମଳୟ ଭୂଧର,
ଝର୍ଝର ଶବଦେ ଗାଇବେ ନିର୍ଝର ।
"ଜୟ ଭିକ୍ଟୋରିୟା ରାଜରାଜେଶ୍ୱରୀ"
ଏ ଘୋଷଣା ଆଜି ବ୍ୟାପଇ ଉତ୍କଳ,
ଗାଏ ମହାନଦୀ, ଗାଏ ମହୋଦଧି,
ଗାବନ୍ତି ହରଷେ ପ୍ରହରୀ ଅଚଳ,
ଗାବନ୍ତି ଦକ୍ଷିଣେ ହ୍ରଦ ଊର୍ମିଦଳ ।
କାଞ୍ଚନ ବିମାନେ ଗଗନେ ସଞ୍ଚରି
କର ପୁଷ୍ପବୃଷ୍ଟି ସୁର ବିଦ୍ୟାଧରି !
ଏକାମ୍ର କାନନେ ଲତା-ଦୋଳାସନେ
ଗାଅ ବନଦେବି ! କରେ ବୀଣା ଧରି
"ଜୟ ଭିକ୍ଟୋରିଆ ରାଜରାଜେଶ୍ୱରୀ"
"ଜୟ ଭିକ୍ଟୋରିଆ ରାଜରାଜେଶ୍ୱରୀ" ।
ପ୍ରତିଧ୍ୱନି ଛଳେ ଗାଉନ୍ତୁ ଦେଉଳ,
ଖଣ୍ଡଗିରିଦରୀ ଉଦରେ ସଞ୍ଚରି
କୁଞ୍ଜେ କୁଞ୍ଜେ ରବ ଉଠୁ ସୁମଞ୍ଜୁଳ,
ମଧୁପ-ଗୁଞ୍ଜିତେ ହେଉ ସେ ପ୍ରତୁଳ ।
ଚନ୍ଦ୍ରଭାଗା ତୀରେ ସାଗର, ସୈକତେ
ଚନ୍ଦ୍ରାଲୋକେ ସୁଖେ କର ଯେ ବିହାର,
ଜଳଦେବୀକୁଳ ! ସର୍ବେ ହୋଇ ଠୁଳ
କର ଏ ଘୋଷଣା ସଙ୍ଗୀତେ ପ୍ରଚୁର;
ତାଳେ ତାଳେ ହେଉ ଲହରୀପ୍ରହାର ।
କର ଭାରତର ବାସନା ପୂରଣ
ପ୍ରଭୁ ନିରଞ୍ଜନ ! ଏ ଭିକ୍ଷା ଶ୍ରୀପଦେ ;
ଭାରତ-ତପନ ପ୍ରସାର କିରଣ
ପ୍ରକାଶୁ ଏ ମୃତ-ଆର୍ଯ୍ୟ-ମନଃ-ପଦ୍ମେ,
ଏକତା ବିରାଜୁ ଏ ଭାରତ-ସଦ୍ମେ ।

# କେଦାରଗୌରୀ

# କେଦାର-ଗୌରୀ ।

ହେମାଚଳଶିରେ ଲଲାଟ କେଶରୀ
ରଚିଲେ ରମ୍ୟ ନଗର,
ଉତ୍କଳଭୁବନେ ଦେଶେ ଦେଶେ ଖ୍ୟାତ
ହେଲା ଭୁବନ-ଈଶ୍ୱର ।
ବିନ୍ଦୁ ସରୋବର ଚଉପାଶେ ସୌଧ
ସୌଧ ଅନ୍ତେ ଘୋରବନ,
ଇନ୍ଦୁ ସ୍ପର୍ଦ୍ଧିବେଶ ଧଳା ମେଘମାଳା
ନୀଳ ଗଗନେ ଯେସନ ।
କେଦାର ଗଉରୀ କିଶୋର କିଶୋରୀ
ଥିଲେ ଭୁବନ-ଈଶ୍ୱରେ,
ତରୁଣୀ-ତିଳକ ଗଉରୀ, ତରୁଣ-
ତିଳକ କେଦାର ନରେ ।
ସୁନ୍ଦରପଣକୁ ନାହିଁ ପଟାନ୍ତର
ଏକକୁ ଆରେକ ବିନା,
ବାଲ୍ୟର କାଳରୁ ଦୁହେଁ ଦୁହିଁଙ୍କର
ହୃଦୟ ମୂଲ୍ୟରେ କିଣା ।
ପାଖ ପଡ଼ିଶା ସେ ବେନି, କାନ୍ଥ ହେଲା
ବେନି ମଧ୍ୟେ ଅନ୍ତରାଳ,
ଦାରୁଣ କାନ୍ଥକୁ ଅନୁକ୍ଷଣ ଶାପ
ଦେଲା ପ୍ରେମ ଅସମ୍ଭାଳ ।
କାନ୍ଥକୁ ବଳାଣ ହେଲେ ନିଦାରୁଣ
ବେନିଙ୍କର ଗୁରୁଜନେ,
ମଙ୍ଗଳ-ବନ୍ଧନ ଅନ୍ତ ହୋଇ ଭାଙ୍ଗି-
ଦେଲେ ଅତି ବିଜ୍ଞପଣେ ।
ବେନି ହୃଦୟରେ ଖରତର ହୋଇ
ଜଳିଲା ପ୍ରୀତି-ଅନଳ,
ମର୍ଯ୍ୟାଦା ପ୍ରକୃତି— ପଥେ ଦେଲେ ବାଧା
ଫଳିଲା ସିନା ଏହି ଫଳ ।

ଭେଟ ସମ୍ଭାଷଣ ବାରିଲେ ବାରଣ
ମାନେ କି ପ୍ରେମିକ ମନ ?
ସୂକ୍ଷ୍ମକୁ ସ୍ଥୂଳରେ ପଥ ଓଗାଳିଲେ
ସ୍ଥୂଳ କି ତହିଁ ଭାଜନ ?
ନିର୍ମାଣ ଦିନରୁ ପ୍ରାଚୀର ସନ୍ଧିରେ
ରନ୍ଧ୍ର ଥିଲା ଅଲକ୍ଷ୍ୟରେ,
ତରୁଣ ତରୁଣୀ ଝୁରୁଥାନ୍ତି ତହିଁ
କରୁଣ-ଅସ୍ଫୁଟ-ସ୍ୱରେ ।
ପ୍ରଣୟ ଉଚ୍ଛ୍ୱାସ ବେଗେ ବହୁଥିଲା
ଗୁପତେ ସେ ରନ୍ଧ୍ର ପଥେ,
ବାଧା ପାଇ ସିନା ସାଧଇ ପୀରତି
ନିଜ କାର୍ଯ୍ୟ ଏହି ମତେ ।
ରବି ଅସ୍ତ ହେଲେ ବ୍ୟସ୍ତେ ଦୁହେଁ ଯାଇ
ବସନ୍ତି ସେ ରନ୍ଧ୍ର ପାଶେ,
ବେନିଙ୍କ ବଦନ ଆପ୍ଲୁତ ହୁଅଇ
ବେନିଙ୍କର ଶୋକଶ୍ୱାସେ ।
କହନ୍ତି କାନ୍ଥକୁ— "ନିଦାରୁଣ ! ଏଥି
କେଉଁ ବଡ଼ପଣ ତୋର ?
ତନୁ ରୁ ତନୁକୁ ଅନ୍ତର କରି ତୁ
ଲଭିବୁ ଦୁଷ୍କୃତ ଘୋର ।
ତନୁ ମେଳେ ବାଧା ଦେଇ ଆଚରିଲୁ
ଭଗାଇ ପଣ ଆମ୍ଭର,
ଲଭେ ହୋଇ ଦ୍ୱିଧା ତୁମ୍ଭର ସୁବିଧା—
ବିଧାନେ ସୁଦୟା କର ।
ସାଧୁଅଛୁ ହିତ କାନ୍ଥ ! ତୁ ବହୁତ
ଋଣୀ ଆମ୍ଭେ ତୋହଠାରେ,
ବେନିଙ୍କ ବଚନ ବେନିଙ୍କ ଶ୍ରବଣେ
ଆସଇ ତୋହୋ କୃପାରେ ।"

ଏହିରୂପେ ଝୁରି     ଚତୁର ଚତୁରୀ
ମେଲ୍ଲଣି ନଅନ୍ତ ଦୁଃଖେ,
ସେ ଯାହା ପାଖରେ     ଚୁମ୍ବ ଦେଉଥାନ୍ତି
ପ୍ରେମଖେଳେ ରନ୍ଧ୍ରମୁଖେ ।
କେତେ ଦିନ ଅନ୍ତେ     ବେନିଏ ଏକାନ୍ତେ
ଏ ମନ୍ତ୍ରଣା କଲେ ସାର,
ପ୍ରେମର ସନ୍ନ୍ୟାସୀ     ସନ୍ନ୍ୟାସିନୀ ହୋଇ
ଦୁହେଁ ଯିବେ ଦେଶ ପାର ।
ନଗର ପ୍ରାନ୍ତରେ     ନିର୍ମଳ ନିର୍ଝର
କୁଟଜ-ବନ-ବେଷ୍ଟିତ,
ବେନିଙ୍କର ଭେଟ     ତହିଁ ହେବ ବୋଲି
ବେନିଏ କଲେ ନିଶ୍ଚିତ ।
ଅସ୍ତଗାମୀ ରବି —     ଛିଣ୍ଡା ଝଟକାଲି
ବଡ଼ ଦେଉଳ ତ୍ରିଶୂଳେ,
ଭାର୍ଗବୀ କୂଳକୁ     ହଂସାଳୀ ଉଡ଼ି
ଗଲେ ଖଣ୍ଡଗିରି-ଚୂଳେ ।
ବିନ୍ଦୁ ସରୋବରେ     ସିନ୍ଦୂର-ଲହରୀ
ଖେଳିଲା ମନ୍ଦ ସମୀରେ,
ରଥାଙ୍ଗମିଥୁନ     ଦାପଦଣ୍ଡି ଛାଡ଼ି
ଗଲେ ବିପରୀତ ତୀରେ ।
ତିମିର ରଜନୀ     ଘୋଟିଲା ଅବନୀ,
ଫୁଟିଲେ ତାରା ଗଗନେ,
ବନେ ଉପବନେ     କୁସୁମ ଫୁଟିଲା
ବାସ ଚହଟି ପବନେ ।
ଅନ୍ଧାରେ ବାହାରି     ପଙ୍କେରୁହ-ମୁଖୀ
ସଙ୍କେତ ସ୍ଥଳକୁ ଗଲା,
ପ୍ରେମରେ ମଜ୍ଜିଲେ     ଅସାଧ୍ୟ ସାଧନ
ହେଲେ କରନ୍ତି ଅବଳା ।
କୁଟିଳ କେଶୀ     କୁଟଜ ମୂଳେ ବସି
କାନ୍ତକୁ ରହିଲା ଚାହିଁ,
ପ୍ରୀତିରେ ତାଳକୁ     ମନ ପ୍ରାଣ ବାଳା
ଆନ କଥା ମନେ ନାହିଁ ।

ଗୌରବରେ ଅନ୍ଧାର;     ହୃଦାକାଶେ ତାର
ରାଜେ ପ୍ରେମ-ସୁଧାକର,
କଣ୍ଟକ କାନନ     ପୁଷ୍ପ-ଉପବନ
କଲା ପ୍ରେମ-ବାଜିଗର ।
ଉଇଁଲାଣି ଶଶୀ     ଅନ୍ଧକାରରାଶି
ଛାଡ଼ି ପଳାଏ ଗଗନ,
ବାରୁଣୀ-ତିଳକ     ପ୍ରାୟେ ଦିଶେ ଦେଖି
ଲିଙ୍ଗରାଜ ନିକେତନ ।
ସହସା ଭୀଷଣ     ଶାର୍ଦ୍ଦୂଳ ଆସିଲା
ମୃଗ ମାରି ସେ ନିର୍ଝରେ,
ଶୋଣିତେ ଆପ୍ଳୁତ     ନଖ-ଦନ୍ତ ତାର
ମୁଖରୁ ଶୋଣିତ ଝରେ ।
ବ୍ୟାଘ୍ର ଦେଖି ଦୂରୁ     ଗହ୍ୱର ଭିତରେ
ଲୁଚିଲା ଭୟେ ବିହ୍ୱଳେ,
ତରତରେ ଯାଉ     ଉତ୍ତରୀୟ ଦେହୁଁ
ଖସି ପଡ଼ିଲା ଭୂତଳେ ।
ଜଳ ପିଇ ବନେ     ବାହୁଡ଼ନ୍ତେ ବ୍ୟାଘ୍ର
ଭେଟିଲା ସେହି ବସନ,
ରକ୍ତ-ଲିପ୍ତ-ମୁଖେ     ଖଣ୍ଡ ଖଣ୍ଡ କରି
ପକାଇଲା ସେହିକ୍ଷଣ ।
ବ୍ୟଗ୍ରେ ଗୌଣେ ଆସୁଁ     ମାର୍ଗରେ କେଦାର
ଦେଖିଲା ବ୍ୟାଘ୍ର ପାହୁଲ,
ଗୌରୀ କଥା ଭାଳି     ଅନିଷ୍ଟ ଶଙ୍କାରେ
ହୃଦୟ ହେଲା ଆକୁଳ ।
ସଙ୍କେତ ସ୍ଥଳରେ     ରକ୍ତାକ୍ତ ଓଢ଼ଣା
ଭେଟି ପଡ଼ିଗଲା ଭ୍ରମେ,
ଛୁଟିଲା ଛଟକେ     ହୃଦୟର ତନ୍ତ୍ରୀ
ଶଲ୍ୟ ଫୁଟିଲା ମରମେ;
ଗୌରୀ କି ସମ୍ବୋଧି     କହେ ସାର କାନ୍ଦ—
"ଆହାରେ ପରାଣେଶ୍ୱରି !
ତୋ ନିଧନ ଭାଗୀ     ମୁହିଁ ସିନା, ଯେଣୁ
ନ ଆସିଲି ବେଗ କରି ।

ଶ୍ୱାପଦ-ସଙ୍କୁଳ— ବନକୁ ନିଶିରେ
ପ୍ରାଣାଧିକାଙ୍କୁ ପେଷିଲି,
ଧିକ ଏ ପ୍ରାଣକୁ ! ସ୍ବାମୀର ପ୍ରାଣ ନେଇ
କପାଁ ଭବନେ ବସିଲି ?
ମୋତେ ମାରିବାକୁ ଦୁଃଖୁଁ ତାରିବାକୁ
ନାହିଁ କି ବନେ ଶାର୍ଦ୍ଦୂଳ ?
କରେ ଏ କୃପାଣ ଥାଉଁ କପାଁ ମୁହିଁ
ହେଉଛି ଏଡ଼େ ଆକୁଳ ?"
ଆଦରେ କେଦାର ହୃଦେ ଜଡ଼ାଇଲା
ରୁଧିରେ ଆର୍ଦ୍ର ଓଢ଼ଣୀ;
ଦରଦର ବାରି ନୟନୁ ଝରିଲା
ସରିଲା ସର୍ବ ବାସନା ।
କୃପାଣ ଉଦରେ ଭୁଷିଦେଇ ପୁଣି
ନିଜ କରେ ନେଲା କାଢ଼ି,
ରକ୍ତସ୍ରୋତେ ଭିଜି ଅବଶେ ଅବନୀ
ତଳେ ପଡ଼ିଲା କମ୍ପିଡ଼ି ।
ଗହ୍ବରୁ ବାହାରି ଗୌରୀ ସୁକୁମାରୀ
ମିଳିଲା ଆସି ତକ୍ଷଣ,
ଭେଟ ନ ପାଇ ନିରାଶେ ଯିବ ବନ୍ଧୁ
ଏ ଭାବେ ମନ ଉଛନ୍ନ ।
ଚମକି ଦେଖିଲା ଚନ୍ଦ୍ରାନନା ବାଳା
ଧ୍ୱଂସ ପଡ଼ିଛି ଅଗ୍ରତେ ।
ମୃତ୍ୟୁ ଯନ୍ତ୍ରଣାରେ କମ୍ପୁଛି ଶରୀର
ରୁଧିର ଝରି ସତତେ ।
ଉନ୍ମାଦନ ପ୍ରାୟେ ଥରିଲା ଉନ୍ମାଦୁ
ସ୍ତମ୍ଭିତେ ହେଲା ସେ ଉକ୍ତି,
ମନ ପ୍ରାଣ ଯାଙ୍କୁ ଦେଇଛି, ନିରେଖି
ଦେଖିଲା ସେ ସେହି ଯୁବା ।
ମୁଣ୍ଡେ କର ମାରି ଦିଧିକ ଧିକ୍କାରି
ଧରାରେ ଲୋଟିଲା ଧନୀ,
କାନ୍ତ-ତନୁ କୋଳେ ଧରି ଦୁଃଖହୋଲେ
ଚୁମ୍ବ ଦେଲା ଚନ୍ଦ୍ରାନନା ।

ଗଦଗଦ ସ୍ୱରେ କାନ୍ଦି କହେ ବାଳା
"ଏ ଥିଲା ମୋ ଭାଗ୍ୟେ ପୁଣି !
ଏ କି ପ୍ରାଣନାଥ ! କି ଦୋଷ କଲି ମୁଁ ?
କମା ହେଲ ନିଦାରୁଣ ?
ତୁମ୍ଭ ବିନୁ ଗତି ନାହିଁ ଏ ଜଗତେ
ବିକା ମୁଁ ତୁମ୍ଭ ପୟରେ,
ପୟରେ ପଡ଼ି ମୁଁ କାତରେ ଡାକୁଛି
ଅନାଥ ଦାସୀକି ଥରେ ।"
ଶରପରଶର ସୁଶୋଭଣା ବାଣୀ
ପ୍ରାଣମିତଣୀର ଶୁଣି;
ଚାହିଁଲା କେଦାର ଅନନ୍ତ ନିଦ୍ରାରେ
ମୁଦିଲା ନୟନ ପୁଣି ।
ତଉଣୀ କପଣ ଏକାଳେ ଯେସନ,
ତାକୁ କି ଅଛି ବଚନ ?
ଅନୁମାନ ପର— ଭବମାନେ ଏଥି,
ଅନୁଭବ ହିଁ ଭାଜନ
ନିଜ ଉତ୍ତରୀୟୁ କାନ୍ତ-ହୃଦେ ଦେଖି
ଜାଣିଲା ସବୁ ବୃତ୍ତାନ୍ତ,
ଆତ୍ମଘାତୀ ହେଲା ପ୍ରାଣନାଥ ତାର
ଭ୍ରମରେ ପଡ଼ି ଏକାନ୍ତ ।
କାନ୍ଦି କହେ ବାଳା— "କମେଁ ଏହା ଥିଲା;
ଦୈବ କଲା ଏତେ ସରି !
ପ୍ରେମେ ଭ୍ରାନ୍ତ ହୋଇ ପ୍ରାଣ ଦେଲେ କାନ୍ତ,
ମୁଁ କି ଥିବି ପ୍ରାଣ ଧରି ?
ଅମୂଲ୍ୟ ଜୀବନ ଏ ଛାର ଜୀବନ
ହେତୁ କଲେ ବିସର୍ଜନ !
ସଙ୍ଗୀନ ହରାଇ ପ୍ରାଣରଙ୍କ ହେବି,
ମୁଁ କି ଏଡ଼େ ଅଭାଜନ ?
ପରଲୋକ ପଥେ କାନ୍ତ-ପାଦ-ଚିହ୍ନ
ଯିବି ମୁହିଁ ଅନୁସରି,
ମୃତ୍ୟୁ ଘଟାଇଲା ଏ ଛୁରିକା ମୃତ୍ୟୁ
କରିଦେବ ସହଚରୀ ।"

ଏକାମ୍ର-ଈଶ୍ବର ପ୍ରଭୁ ଦିଗମ୍ବର
ପାଦ-ପଦ୍ମ ଧ୍ୟାୟି ଚିତ୍ତେ,
ସାହସ ବାନ୍ଧିଲା ହୃଦୟେ ଅବଳା
ପ୍ରାଣ ଦେବ କାନ୍ତ ପ୍ରୀତେ ।
ଧନ୍ୟ ସେ ପ୍ରୀତିକି ମରଣ ଖାତିକି
ପ୍ରୀତି ଯେ ପାରଇ ଜିଣି,
ଶିରୀଷମୃଦୁଳା ଲବଣୀପିତୁଳା
ପ୍ରୀତି କଲା ସାହସିନୀ ।
ପଡ଼ିଲା କୃପାଣ— ମୁନେ ମହାବେଗେ
ମୃତ କାନ୍ତ ମୁଖ ଧ୍ୟାୟି;
ବକ୍ଷୋରୁହ ସନ୍ଧି— ଚଳେ ଫୁଟି ଅସ୍ତ୍ର
ପୃଷ୍ଠେ ବାହାରିଲା ଯାଇଁ ।
ସ୍ବପ୍ନାଦେଶ ପାଇ ଉଷାଯୋଗେ ଯାଇ
ଲଲାଟ କେଶରୀ ଧୀର,
ଦେଖିଲେ ଯୁଗଳ କିଶୋରୀ କିଶୋର
ଶୋଇଛନ୍ତି ଧୀର-ସ୍ଥିର ।

ସନ୍ଧ୍ୟାରାଗବେଳା ରଥାଙ୍ଗ ମିଥୁନ
ମୃତ କି ନବ ବିଚ୍ଛେଦେ
ଶ୍ରୀମୁଖ ଲାବଣ୍ୟ ଦିଶେ ସୁପ୍ରସନ୍ନ;
ମୃତ୍ୟୁ ଛୁଇଁ ନାହିଁ ଖେଦେ ।
ବନଦେବତାଏ ବନପୁଷ୍ପ ତୋଳି
ଢାଳିଛନ୍ତି ବେନି ପରେ;
ଦେବେ ଯଥା ପ୍ରେମ— ମହିମା ବୁଝନ୍ତି,
ତା କାହିଁ ବୁଝିବେ ନରେ
ବେନିଙ୍କର ଗୁଣ ସ୍ମରି ଝୁରି ହେଲେ
ଏକାମ୍ର ନଗର ଲୋକେ,
ବେନିଙ୍କ ଅନ୍ତିମ— ମଣ୍ଡନ ବହିଲେ
ଜରଜର ହୋଇ ଶୋକେ ।
ବେନିଙ୍କ ଅନଳ— ସତ୍କାର କରାଇ
ଦେଉଳ ତୋଳାଇ ତହିଁ,
ବେନିଙ୍କ ନାମରେ ପ୍ରତିମା ସ୍ଥାପିଲେ
ନରପତି ଆଜ୍ଞା ବହି ।

# ଚନ୍ଦ୍ରଭାଗା

# ଉତ୍ସର୍ଗପତ୍ର

ପରମକୀର୍ତ୍ତି ଶ୍ରୀଯୁକ୍ତ ବାମଣ୍ଡାଧିପ ବାସୁଦେବ ସୁଢ଼ଳଦେବ

ମହୋଦୟ ଶ୍ରୀକରକମଳେଷୁ—

ସବିନୟ ନିବେଦନମିଦଂ

ଶ୍ରୀମନ୍ ମହାରାଜ,

ପରସ୍ପରବିରୋଧୀ, ଶ୍ରୀ ସରସ୍ୱତୀ ଏବଂ ବିନୟ ଆପଣଙ୍କଠାରେ ଏକତ୍ରାବସ୍ଥିତ ହୋଇ ପରସ୍ପରର ଶୋଭା ବୃଦ୍ଧି କରୁଅଛନ୍ତି, ଏହା ସମସ୍ତେ ଏକ ବାକ୍ୟରେ ସ୍ୱୀକାର କରନ୍ତି । ବିଶେଷତଃ 'ଅଲଙ୍କାରବୋଧୋଦୟ' ଗ୍ରନ୍ଥ ପ୍ରଣୟନଦ୍ୱାରା ଉତ୍କଳସାହିତ୍ୟଚର୍ଚ୍ଚାର ମାର୍ଗ ପ୍ରଶସ୍ତ କରି ସେହି ସାହିତ୍ୟର ଗତିକୁ ସୁରୁଚି-ସମ୍ମତ ପଦବୀରେ ପ୍ରବର୍ତ୍ତିତ କରାଇବା ସକାଶେ ଆପଣ ଅଧିକ ପ୍ରୟାସ ସ୍ୱୀକାର କରିଅଛନ୍ତି । ଏହି କ୍ଷୁଦ୍ର ପଦ୍ୟଗ୍ରନ୍ଥ ଅତିସାମାନ୍ୟ ହେଲେହେଁ ଅଲଙ୍କାରବୋଧୋଦୟ ପ୍ରଣେତାଙ୍କ ଚକ୍ଷୁରେ ଏହା ନିତାନ୍ତ ଉପେକ୍ଷଣୀୟ ହେବ ନାହିଁ, ଏହି ଆଶାରେ ମୁଁ ଏହା ଛାମୁରେ ଅର୍ପଣ କରିବାକୁ ସାହସୀ ହେଲି ।

କଟକ
ତା ୨୫ । ୮ । ୮୬

ବଶମ୍ବଦ
ଶ୍ରୀ ରାଧାନାଥ ରାୟ

# ଚନ୍ଦ୍ରଭାଗା

ରାଗ—ରାମକେରୀ ।

ଅଭିଷେକୋତ୍ସବ(୧) ଦର୍ଶନ-
ଆସେ ସିଂହଦୁଆରେ (୨)
ବିଜେ ଆଜ ଦେବ-ଦେବୀଏ
ଯେଉଁଠା ପୂଜା ସମ୍ଭାରେ ।
କେତକ-କାନନ-ସଙ୍କୁଳ
ରମ୍ୟ ସିକତାସ୍ଥଳ
ଛାଡ଼ି ହରଚଣ୍ଡୀ(୩) ଆଗତ
ଆଜ ଶ୍ରୀ ନୀଳାଚଳ (୪)
ଭଗବତୀ ବାଣପୁରରୁ
ଉପନୀତ ସ୍ୱଗଣେ,
ଶୋଳସୀ (୫) ଦେଖଇ ସ୍ୱମୁଖ
ସର୍ବୀ ହ୍ରଦ-ଦର୍ପଣେ ।
ପ୍ରଭାମଣ୍ଡଳରେ ମଣ୍ଡିତ
ତନୁ କନକ-ଗୋରୀ,
ତୈଲଙ୍ଗୀ ବସନ ଭୂଷଣେ
ପୁଣି ଦିଶଇ ଚୋରୀ ।
ଉଭା ସେ ଭୁବନ ଈଶ୍ୱରୀ (୬)
ହେମଗିରି ବାସିନୀ,
ଏକାମ୍ରକାନନ-ଦେବତା
ବନ ପୁଷ୍ପ ଶୋଭିନୀ ।
ନରେନ୍ଦ୍ର (୭) ମଙ୍ଗଳ-କୁସୁମ
ରେଣୁ-ରକ୍ତଚରଣା,
ମୈନାକଶିଖର-ବାସିନୀ (୮)
ରଣପୁର-ମଣ୍ଡନା ।
ନାବିକ-ଅର୍ଚ୍ଚିତ ଚର୍ଚ୍ଚିକା—
ଦେବୀ ବାଙ୍କି-ଈଶ୍ୱରୀ,
ମହାନଦୀ କୂଳେ ଯାହାଙ୍କ
ଅଧିଷ୍ଠାନ-ଶିଖରୀ ।
ମଣ୍ଡନ୍ତ ବଦନମଣ୍ଡଳ
ଯେହୁ ସଦା ସୁହାଗେ
ସରଣ୍ଡା-ଦର୍ପଣ ଅଂଶୁପା (୯)
ଶତଦଳ ପରାଗେ ।
ବରୁଣୀ (୧୦)-ଶଇଳ ଶିଖରେ
ପୁଣି ଯେହୁ ବସନ୍ତି,
ଧୁଅନ୍ତି ଯାହାଙ୍କ ଚରଣ
ଝର ଲହରୀପନ୍ତି ।
ଏକାନ୍ତେ ସୁକାନ୍ତ-ତନୁଜା(୧୧)—
ତୀର-ଶୈଳବାହାର
ଛାଡ଼ି ଦେବୀଦ୍ୱାର (୧୨) ଚଣ୍ଡିକା
ବିଜେ ସିଂହଦୁଆର ।
ହାଟକ-ଗଉରୀ କଟକ—
ଚଣ୍ଡୀ ନାଗରୀ ବେଶେ,
ଅମଳ ରଜତ କୁସୁମ
ଶୋଭେ ଶ୍ୟାମଳକେଶେ ।

(୧) ପୌଷମାସର ରାମାଭିଷେକ । (୨) ପୁରୀ ବଡ଼ଦେଉଳର ସିଂହଦ୍ୱାର । (୩) ଚିଲିକାକୂଳ ନିକଟସ୍ଥ ହରଚଣ୍ଡୀ । (୪) ପୁରୁଷୋତ୍ତମ କ୍ଷେତ୍ର । (୫) ବାଣପୁର ନିକଟସ୍ଥ ଚିଲିକା କୂଳବର୍ତ୍ତୀ ପର୍ବତ (୬) ଭୁବନେଶ୍ୱର କ୍ଷେତ୍ରର ଅଧିଷ୍ଠାତ୍ରୀ ଦେବତା । (୭) ନରେନ୍ଦ୍ର, ରଣପୁର ରାଜାଙ୍କ ଉପାଧି । (୮) ମୈନାକ ଦୁର୍ଗ (୯) ଆଇଁଶପା ହ୍ରଦ ସରଣ୍ଡା ଗିରିର ପାଦଦେଶରେ ଅବସ୍ଥିତ । (୧୦)ଖୋରଧାର ବରୁଣୀ ପର୍ବତ । (୧୧) ସୁକାନ୍ତ ଋଷିଙ୍କ ତପଃପ୍ରଭାବରୁ ମହାନଦୀ ଜାତ ହୋଇଥିବାର କମ୍ବଦନ୍ତୀ ଅଛି । (୧୨) ଦେବୀଦ୍ୱାର ଉମପଡ଼ା ଅନ୍ତର୍ଗତ ମହାନଦୀ ତୀରବର୍ତ୍ତୀ ସ୍ଥାନ ।

ସଙ୍କଟତାରିଣୀ ଝଙ୍କଡ଼—
ଦେବୀ ସିଂହ ଶାରଳା (୧)
ଭଲ୍ଲୂକ-ବିକଟ କାକଟ—
ପୁର ମହାମଙ୍ଗଳା (୨)
ଚିଲିକା-ଲହରୀ-ମାଳିକା—
ଭେଦି ଗିରି ଉଦ୍ଧିତ
ଚଉଦିଗେ ନୀଳ ଚିଲିକା—
ବକ୍ଷ ତରଙ୍ଗାପ୍ଳୁତ,
ଚନ୍ଦ୍ରାଲୋକେ ଯହିଁ ନିଶିଏ
କଳ ଦେବୀ-ସଙ୍ଗୀତ,
ଶୁଣନ୍ତି ଚକିତେ ନାବିକେ
ଦୂରେ ବାହୁଁ ବୋଇତ,
କାଳିଜାଈ ଦେବୀ (୩) ଆଗତ
ଛାଡ଼ି ସେ ଗିରିଚୂଡ଼ା
ଧରିଛି ପରମ ମଞ୍ଜୁଳ
ଶିରେ ତୈଲଙ୍ଗୀ ଜୂଡ଼ା,
ମହୋଦଧି ଫେନପୁଞ୍ଜରୁ
ଜାତ ଯେତେ ଅପ୍‌ସରୀ,
ରମାଙ୍କର ବାଲ୍ୟସଙ୍ଗିନୀ
ସିନ୍ଧୁ-ଶିଶୀ-ସୁନ୍ଦରୀ,
ସବିତା, କୋଣାର୍କ (୪)-ଦେବତା
ନବଗ୍ରହ-ବେଷ୍ଟିତ,
ମହାତେଜଃପୁଞ୍ଜବିଗ୍ରହ
ସିଂହଦ୍ୱାରେ ଶୋଭିତ ।
ରଥ, ରଥପଥ ସେ ଠାବେ
ଆସି ମିଳିଲେ ଶେଷେ,
ଆଣିଥିଲେ ପୁଷ୍ପଭୂଷଣ
ସିନ୍ଧୁସୁତା ଆଦେଶେ

ରୂପ ରଚନାରେ ବିରଞ୍ଚି—
ଶିଳ୍ପସୀମା ଏ ବେଳେ
ଅବନୀରେ ଅବା ଉପମା
କହ କି ଦେବ ମେଳେ ?
ପ୍ରତିହାରୀ ଜୟ ବିଜୟ (୫)
ଛାଡ଼ିଦେଲେ ସରଣୀ,
ପଛେ ଆସି ଆଗେ ପଶିଲେ
ସ୍ମର, ସ୍ମରରମଣୀ !
ସ୍ୱଭାବେ ସଦୟ ଦେବଙ୍କ
ଗତି ଅପ୍ରତିହତ
ସୂର୍ଯ୍ୟ ନ ବୁଝିଲେ ଏ କଥା
ହେଲେ ମର୍ମ-ଆହତ ।
ମହୋତ୍ସବ ସାରି ସକଳେ
ସ୍ୱର୍ଗଦ୍ୱାରେ (୬) ମିଳିଲେ,
ଯେଉଁ ପୁରେ ଯିବା ମାନସେ
ନିଜ ଯାନେ ଚଢ଼ିଲେ ।
ବେଗେ ଦେବ ଦେବୀ ସ୍ୱପୁରେ
ଗଲେ ନ ପାହୁଁ ନିଶି,
ସିନ୍ଧୁଜାତ ଯେତେ ଅପ୍‌ସରୀ
ଗଲେ ତରଙ୍ଗେ ମିଶି ।
ଯିବା ବେଳେ ରବି କାମଙ୍କୁ
କୋପ-ଚକ୍ଷୁରେ ଚାହିଁ
କହିଲେ, "ଛଡ଼ାଇ ଦେବଟି
ତୋର ଏହି ବଡ଼ାଇ,
ସ୍ତ୍ରୈଣଜନ ମନ ମଜାଇ
ତୋର ଏତେ ଗୁମାନ,
ତେଜସ୍ୱି-ଧର୍ଷଣ ପ୍ରମାଦେ
ଦିନେ ଯିବ ତୋ ପ୍ରାଣ

(୧) କଟକ ଜିଲାର ଝଙ୍କଡ଼ ଗ୍ରାମରେ । (୨) ପୁରୀଜିଲା ଗୋପଥାନାରେ (୩) ଚିଲିକା ମଧ୍ୟବର୍ତ୍ତୀ ପର୍ବତରେ କାଳିଜାଈ ଠାକୁରାଣୀଙ୍କର ମନ୍ଦିର ଅଛି (୪) କଣାରକ ଦେଉଳ (୫) ଜୟ ବିଜୟ ପୁରୀ ବଡ଼ ଦେଉଳର ଦ୍ୱାରୀ ବୋଲି ପ୍ରସିଦ୍ଧ (୬) ପ୍ରବାଦ ଅଛି ଯେ, ଦେବତା ମାନେ ବଡ଼ଦେଉଳକୁ ଆସି ସ୍ୱର୍ଗଦ୍ୱାର ନାମକ ସ୍ଥାନରେ ଭୂଣ୍ଡ ହୋଇ ସ୍ୱସ୍ଥାନକୁ ଯାଆନ୍ତି ।

ହର-କୋପାନଳେ ଥରେ ତୁ
ଜଳିଥିଲୁ ମଦନ,
ପୁଣି ଜଳିବାକୁ ଏ ଦେହେ
ପଡ଼ୁ ବଳୁଛି ମନ ।
ସଂସାରେ ଯାବତ କଳଙ୍କ
ତାର ଅଟୁ କରତା,
ନାରୀ, ନାରୀରଙ୍କ ନରଙ୍କ
ତୁହି ଅଟୁ ଦେବତା ।
ଥୁଅ ଫୁଲଧନୁ ଧରି ତୁ
ଦୂରେ ବୋଲଉ ଶର;
ଲଜ୍ଜା ଯାଉ ନାହିଁ ଯାହେ ସେ
ଦେଖିଲେ ଜଣି ବିପ୍ରର ।"
ଶୁଣି ସୂର୍ଯ୍ୟବାଣୀ କହନ୍ତି,
ହସି ହସି ମଦନ,
"ଜଗତେ କେ ଲଙ୍ଘି ପାରିବ
ଫୁଲଧନୁ-ଶାସନ ?
ଯେତେ ଦମ୍ଭ କର, ଦେଖିଲେ ମୁଁ
ଦମ୍ଭ ହରିବି ଧନେ ?
ତୁମ୍ଭ ପ୍ରତିକୂଳେ ତୁମ୍ଭଙ୍କୁ
ସାକ୍ଷୀ କରିବି ଧନେ ।
ତମୋଦମ୍ଭହର ଜଗତେ
ତୁମ୍ଭ କର ସରି କେ ?
ଦର୍ପି-ଦମ୍ଭ-ହର ତେସନ
ଫୁଲଶର ସରି କେ ,
ଦାରୁଭେଦକ୍ଷମ ଭ୍ରମର
ପଶି କମଳକୋଳେ,
ପାଶୋରେ ଆପଣା ବିକ୍ରମ
ପ୍ରେମ-ମୋହନ-ଖେଳେ ।
ସୁକୁମାର ପଣେ ନଳିନୀ
ଭୁଲେ କେ ଅଛି ଆନ ?

ତା ସଙ୍ଗେ ଛନ୍ଦିଲା ତୁମ୍ଭଙ୍କୁ
ସିନା ଫୁଲକମାଣ ?
ସେ ଯେତେ ତେଜସ୍ୱୀ ତା ତେଜ
ମୋତେ ଅଛଇ ଜଣା,
ଫୁଲଶର ଆଗେ ପଡ଼ିଲେ
ବୁଦ୍ଧି ହୁଅଇ ବଣା ।"
ଏହା କହି ଦେବ କୁସୁମ—
ଧନୁ ପ୍ରିୟା ସଙ୍ଗରେ,
ଅନ୍ତରୀକ୍ଷେ ଲୁଚି ରହିଲେ
ମୀନକେତନ-ରଥେ ।
ପ୍ରତିକ୍ଷଣେ ଦେବ ଚାହିଁଲେ
ପ୍ରତିଶୋଧ ଉଆଣ,
ବେଲେଶ୍ୱରେ*ଦିବ୍ୟ ସୁଯୋଗ
ଜାଣି ଗୁଣିଲେ ବାଣ ।
ସୁମନ୍ୟୁ ନାମରେ ପରଶୁ—
ରାମ ଶିଷ୍ୟପ୍ରବର
ମହୋଦଧି-ତୀରେ ସମାଧି—
ଯୋଗେ ଥିଲେ ତତ୍ପର ।
ଚନ୍ଦ୍ରଭାଗା ନାମେ ଦୁହିତା
ସେହି ଋଷି-ପ୍ରଭାବେ
ସାଗର-ଅପ୍‌ସରା-ଗର୍ଭରୁ
ଜନ୍ମିଥିଲା ସେ ଠାବେ ।
ପାଳିଲେକ ଅତି ଯତନେ
ଯତି କନ୍ୟାରତନ,
ଯଥାକାଳେ ଅଙ୍ଗ ମଣ୍ଡିଲା
ଅଭିନବ ଯୌବନ ।
ନେତ୍ରଯୁଗେ ଯୁବା ପିଅନ୍ତି
ଯେଉଁ ରୂପ-ଅମୃତ,
ସେ ଅମୃତେ କଲା ଯୌବନ
ବାଳା-ତନୁ ଧଉତ ।

*ପୁରୀଠାରୁ ପ୍ରାୟ ପାଞ୍ଚ କ୍ରୋଶ ଦୂରରେ ସମୁଦ୍ରକୂଳରେ ବେଲେଶ୍ୱର ନାମକ ସ୍ଥାନ ଅଛି ।

ଶୋଭା ସେ ଲଭିଲ ଅହରହ
ଦିବ୍ୟ ଶୋଭାକୁ ବଳି
ଫୁଟିଲା ଲାବଣ୍ୟ ସରସେ
ନବ କମଳ-କଳୀ
ସ୍ୱଭାବେ ସୁ-ବର୍ଣ୍ଣ, ଯୌବନ
ହେଲା ଯୋଗ୍ୟ ରସାଣ,
ରୂପାସ୍ତ୍ର (୧) ହେଲା ରୂପସୀ
ଷଷ୍ଠ ଆମୋଦବାଣ ।
ସତେ୍ୟ ଶକୁନ୍ତଳା ଯେମନ୍ତ
ରୂପରାଜେ୍ୟ ଅତୁଳା,
ଚନ୍ଦ୍ରଭାଗା ହେଲା କଳରେ
ଦିବ୍ୟ ଶୋଭା-ପିତୁଳା ।
ଥିଲେ ଚନ୍ଦ୍ରଭାଗା ଜନନୀ
ପୂର୍ବେ ବାଲ୍ୟ ସମୟେ
ପ୍ରିୟ ସହଚରୀ ରମାଙ୍କ
ନୀଳ ବରୁଣାଳୟେ ।
ସଖୀ ଅନୁରୋଧେ ଇନ୍ଦିରା
ଦେଲେ କୋଠଭଣ୍ଡାରୁ
ଚନ୍ଦ୍ରଭାଗା ପାଇଁ ବିବିଧ
ବସ୍ତ୍ର ଭୂଷଣ ଚାରୁ ।
କୁମୁଦ-ହାସିନୀ ସୌନ୍ଦର୍ଯ୍ୟ—
ମଦେ ସଦା ବିହ୍ୱଳ,
ପ୍ରମୋଦେ ଭ୍ରମଇ ପ୍ରମଦା
ସଦା ବିଜନ ସ୍ଥଳ ।
ବୟ ପ୍ରାୟେ ପ୍ରେମ-ପ୍ରସଙ୍ଗେ
ସଦା ଅରୁଚି ତାର,
ପୁରୁଷ କଥାକୁ ଡରେ ସେ,
କରେ ଦୂରୁ ଜୁହାର ।

କିନ୍ତୁ ରୂପ ଥିଲେ ପ୍ରଚ୍ଛନ୍ନେ
କେବେ ରସିକ ଛାଡ଼େ ?
ମଧୁ ଥିଲେ ପୁଷ୍ପେ ଯତନେ
ଖୋଜି ମଧୁପ କାଢ଼େ ।
ଯେ ଅଟେ ଜଗତ ଜନର
ମନ-ନୟନ-କାମ୍ୟ
ଅପ୍ରକଟ ହୋଇ ରହିବା
ପାଇଁ କାହିଁ ତା ସାମ୍ୟ ?
ରୂପ-ଆକର୍ଷଣ ପ୍ରବଳ
ନରେ କିବା ଅମରେ
ଭୈମୀ-ସ୍ୱୟମ୍ବରେ (୨) ପ୍ରମାଣ
ହୋଇଅଛି ସତ୍ୟରେ ।
ମଧୁର ପ୍ରଦୋଷ ସମୟ,
ସ୍ୱର୍ଣ୍ଣକିରଣ ଦୋଳା,
କାଦମ୍ବିନୀ ଖେଳେ ଗଗନେ
ଧୀର ସମୀରଲୋଳା ।
ଗୋଧୂଳି-ଗଗନ ସୁରଙ୍ଗ
ଧରେ ଶତ ବରଣେ,
ଶତ ମନୋରଥ ଝଲକେ
ଯେସନ୍ତେ ଆଶା-କାନନେ ।
କଇଁସାଣଲତା-ଶ୍ୟାମଳ
ବାଲିସ୍ତୂପର ଛାୟା,
ଦିବା ଅବସାନ ଦେଖିଣ
କ୍ରମେ ବିସ୍ତାରେ କାୟା ।
ବାରୁଣୀ-ଦର୍ପଣ ପରାୟେ
ଝଟେ ସର-ସଲିଳ (୩)
ସୁବର୍ଣ୍ଣ-ଲହରୀ ସୃଜଇ
ତହିଁ ମନ୍ଦ ଅନିଳ ।

(୧) ରୂପାସ୍ତ୍ର—ମଦନ । (୨) ଦମୟନ୍ତୀ ସ୍ୱୟମ୍ବରରେ । (୩) ପୁରୀର ହରିହରଙ୍କୁ ସାଇ ପାଞ୍ଚ କୋଶ ଦୂରରେ ସର ନାମରେ ଗୋଟିଏ ହ୍ରଦ ଅଛି ।

ନୀଳ ପାରାବାର ଅଦୂରେ
ଗାଏ ଅମର ଗୀତ,
ଅମର ତରଙ୍ଗ ନର୍ତ୍ତନେ
ବେଳା ହୁଏ ଧ୍ୱନିତ ।
ଶୁକ୍ତି-ତାରକିତ-ସୈକତେ
ଫେନଚୂଡ଼-ଲହରୀ
ଚୁମ୍ବେ ଚନ୍ଦ୍ରଚୂଡ଼ * ଚରଣ
ସ୍ତରେ ସ୍ତରେ ସଞ୍ଚରି ।
ନାନାଜାତି ପୁଷ୍ପ-ପରାଗ
ଧୀରେ ହରେ ସମୀର,
ଗୁଡ଼ିକଙ୍କ ଯେସନ କନ୍ଦୁକ—
କ୍ରୀଡ଼ା କରେ ସମୀର ।
ଯୂଥ ଯୂଥ ହୋଇ ଭ୍ରମନ୍ତି
ନାନାରଙ୍ଗେ ହରିଣୀ,
ତରଙ୍ଗ ଗୃହାଣି ଗୃହାନ୍ତି
ଗୃହୁ ଗ୍ରୀବା ତୋଳିଣ ।
କନ୍ଦୁକ-କ୍ରୀଡ଼ାରେ ସୁନ୍ଦରୀ
ଆଜ ରତ ଏ ସ୍ଥଳେ,
ଉଠୁଛି ପଡ଼ୁଛି କନ୍ଦୁକ
ଗୃହୁ-କର-କମଳେ ।
କନ୍ଦୁକର ଗତି କଳନ୍ତେ
କ୍ରୀଡ଼ା-ଲୋଳ-ଲୋଚନ
ଚଳ-ଭ୍ରୁ-ଗୃହୁ ନର୍ତ୍ତନ
କ୍ଷଣେ କିବା ଶୋଭନ ।
ଲମ୍ବିତ ସୁଗୋଲ ନିତମ୍ବ—
ଚୁମ୍ବେ ହେମ-ମେଖଳା,
ସ୍ତନାଙ୍କୁରେ ବ୍ୟସ୍ତେ ଦୋଳଇ
ମୋତିମାଳା ତରଳା ।
ଶ୍ରବଣେ ଦୋଳଇ କୁଣ୍ଡଳ
ଦୋଳେ ନୀଳ ଅଳକ

ଲାବଣ୍ୟଦର୍ପଣ ପରାୟେ
ଝଳେ ଗଣ୍ଡ-ଫଳକ ।
ଅର୍ଦ୍ଧେନ୍ଦୁ ଲଲାଟେ ସିନ୍ଦୂର—
ବିନ୍ଦୁ ରମଇ ଆଖି,
ନୁହଇ ସିନ୍ଦୂର, ରହିଛି
ସ୍ମର-ହୃଦୟ ଲାଖି ।
ଦଶନ-ଅଂଶୁକ ମିଶଇ
ନାସାମଣି-ଅଂଶୁକେ,
ମୃଗମଦବିନ୍ଦୁ ସୁନ୍ଦର
ଶୋଭେ ଗୃହୁ ଚିବୁକେ ।
କାମ-କାଳକୂଟ-କାଳିମା
ଭ୍ରୁଯୁଗଳ ଧରେ,
ପ୍ରବାଳ-ଲତା କି ଅଧର,
ଆହା, ରୂପସାଗରେ ।
ବିଳାସ ବିଲୋଳ-ଲୋଚନ—
ତାର କନ୍ଦୁକ ସଙ୍ଗେ
ଉଦ୍‌ବେଗେ ଭ୍ରମଇ ଚୌଦିଗେ
କିବା ମଧୁର ରଙ୍ଗେ ।
ଭୁଟେ ଯୁବ-ଧୈର୍ଯ୍ୟ-କବଚ
ପ୍ରତି କଟାକ୍ଷ-ଘାରେ
ଉଠେ ନବ ଶୋଭା-ତରଙ୍ଗ
ପ୍ରତି ଅଙ୍ଗଭଙ୍ଗୀରେ ।
ଅସମ୍ଭାଳେ ଫିଟି କୁନ୍ତଳ
ଭୂମି ଯାଏ ପରଶି,
ଯେସଣେ ଅନାଉଛି ଲଳନା
ଫୁଲ ଯାଏ ବରଷି ।
ଦୁକୂଳ କବରୀ ସମ୍ଭାଳୁ –
ଅଛି ଦକ୍ଷିଣେତରେ,
ଫିଙ୍ଗୁଛି ଧରୁଛି କନ୍ଦୁକ
ବାମା ଦକ୍ଷିଣ କରେ ।

*ବେଲେଶ୍ୱର ନାମକ ମହାଦେବ ।

ଶୋଭା-ସଦନାକୁ ମଦନ
ଦେଖି ହେଲେ ହରଷ,
ପ୍ରତିଫଳ ଦେବେ ରତିଙ୍କି
ମନେ ହେଲା ସାହସ ।
ଅର୍କ କୋଣାର୍କରୁ ଏକାଳେ
ଆସୁଥିଲେ ଆକାଶେ,
ନୟନ ତାଙ୍କର ଦଇବେ
ଗଲା ସୁନ୍ଦରୀ ପାଶେ ।
ବନ୍ଧୁକ-ଅଧରୀ କନ୍ଦୁକ
ଫିଙ୍ଗି କର ପତାଇ,
ଚକ୍ଷୁ ଭୁରୁ ରଙ୍ଗେ ନଚାଇ
ଦେଲା ଊର୍ଦ୍ଧ୍ୱକୁ ଚାହିଁ ।
ଏହି କାଳେ ଦୃଷ୍ଟି ରତିଙ୍କ
ବାଳା ବର ବଦନେ,
ପଡିଲା, ଉଡ଼ିଲା ହୃଦୟ,
ଧୈର୍ଯ୍ୟ ବୁଡ଼ିଲା କ୍ଷଣେ ।
ଉକ୍ତ ଶୋଭା ଦେଖି ରତିଙ୍କ
ଭାବ-ସିନ୍ଧୁ ଉଚ୍ଛଳେ,
ଅବସର ଏବେ ବୁଝିଲେ
ମନୋଭବ କୌଶଳେ ।
ଫୁଲକାଣ୍ଡ ଫୁଲକୋଦଣ୍ଡ
ଗୁଣ୍ଡେ ଆକର୍ଣ୍ଣ ଟାଣି,
ସମ୍ମୋହନ ବାଣ ରତିଙ୍କ
ଦେଲେ ହୃଦୟେ ହାଣି ।
ବିପରୀତେ ମୀନକେତନ
ଖଞ୍ଜି ସେ ଫୁଲଶର,
ବିରାଗେ ମୃଗାକ୍ଷି ଗଞ୍ଜିମା
ତନୁ କଲେ ଜର୍ଜର ।
ଅନୁରାଗ ମନେ ଉପୁଜେ
ଯେଉଁ କୁସୁମବାଣେ,
ଓଲଟା ଯୋଖିଲେ ସେ ବାଣ
ପୁଣି ବିରାଗ ଆଣେ ।

ଫଳେ ଅନୁରାଗ, ବିରାଗ
କଳ୍ପନେ ତାହାର,
ପରିଣାମେ ତେଣୁ ବିରସ
ମନୋଭବ ବିକାର
ବିପ୍ରଯୁବା-ବେଶେ ମିହିର
ବାଳା-ସମୀପେ ଗଲେ,
ସ୍ୱର୍ଣ୍ଣ ତାଳ ପ୍ରାୟ ଶରୀର
ଚଉଦିଗ ଉଜଳେ ।
ମେରୁଗିରି ତଟେ ଅମର-
ଧୁନୀ ଯଥା ଶୋଭିତ;
ଶୁଭ୍ର ଉପବୀତ ତେସନ
ସ୍କନ୍ଧଦେଶେ ଲମ୍ବିତ
ମିହିରଙ୍କୁ ଦେଖି ନିକଟେ
ନାରୀ-ମୁକୁଟ-ହୀରା,
ବେଗେ ପଳାଇଲା ଛଇଳା
ଲାଜ ଭୟେ ଅଧୀରା ।
ବିଦ୍ୟୁତବରନୀ ବିଦ୍ୟୁତ
ବେଗେ ଧାଏଁ ବେଳାରେ
ଯେତେ ଦୂର ଯାଏ ରତିଙ୍କ
ମନ ତେତେ ଓଟାରେ ।
ଅଧୀରେ ସହସ୍ର ଦୀଧିତି
ଧୀରା ପଛେ ଗୋଡ଼ାଇ,
ଧନୀଙ୍କ ସମ୍ବୋଧି କାତର-
ସ୍ୱରେ କହନ୍ତି ଗାଇ,
—"କାହିଁ ପଳାଉଛୁ ସୁନ୍ଦରି !
ହୋଇ ଏଡ଼େ କାତର,
ଚରଣକଙ୍କର ଜନକୁ
କମ୍ପା ଏଡ଼େ ତୋ ଡର ।
ଚଞ୍ଚଳାକ୍ଷି ! ତୁ କି ପାଞ୍ଚିଲୁ,
ମୋତେ ବ୍ରାହ୍ମଣ କରି ?
ବଞ୍ଚାଇ ରଖିଛି ଜଗତ୍କୁ
ସିନା ତେଜ ମୋହରି ।

ବିଶ୍ୱଚକ୍ଷୁ ମୁହିଁ ତପନ,
ଭିଷାମନ୍ତ ମୋ ନାମ,
ପ୍ରଭାପୁଞ୍ଜ ଯେତେ ଜଗତେ,
ତାର ଅଟେ ମୁଁ ଧାମ ।
ବନ୍ଧା ମୋର ସ୍ନେହ-ରଜ୍ଜୁରେ
ଏହି ଗ୍ରହସୃଜନ
ଛିଣ୍ଡିଲେ ସେ ରଜ୍ଜୁ ଉତ୍ପାତେ
ସର୍ବେ ହେବେ ନିଧନ ।
ବର୍ଷ ମାସ ଦିନ ଲଗାଇ
ମୁହିଁ ଅଟେ ଅଧିପ
ଖଟନ୍ତି ଋତୁଏ ସେବକ
ପ୍ରାୟେ ମୋର ସମୀପ ।
ଶିଳ୍ପକର ପ୍ରାୟେ ମୋ କର
ଚିତ୍ରୁଅଛି ସଂସାର,
ତହୁଁ ନବ ଶୋଭା ତରଙ୍ଗ
ଭବେ ଉଠେ ଅପାର ।
ଅସଂଖ୍ୟ କ୍ଷତ୍ରିୟ ଭୂପତି
ମୋର ବଂଶ-ସମ୍ଭୂତ,
ପୂତ କଲେ ବଂଶ ଏ ବଂଶେ
ଜନ୍ମ ଲଭି ଅଚ୍ୟୁତ ।
କୋଣାର୍କ କ୍ଷେତ୍ରରେ ମୋହର
ଏହି ତୁଙ୍ଗ ମନ୍ଦିର,
ଉତ୍କଳ-ଦେବୀଙ୍କ ମୁକୁଟ
ପ୍ରାୟେ ରାଜେ ରୁଚିର ।
ସୁରତରୁ (୧)-କୁଞ୍ଜେ ମଞ୍ଜୁଳ
ମୋର ମୈତ୍ରେୟ ବନ (୨),
କୁସୁମ-ସମ୍ଭେଦ ବିରାଜେ
ଯହିଁ ଋତୁରାଜନ ।
ଭୋଜରାଜସୁତା ଲଭିଲା
ମୋତେ ଭକ୍ତ ଦ୍ୱାପରେ

ମହାବୀର୍ଯ୍ୟବନ୍ତ କୁମର (୩)
ନର-ହର୍ଯ୍ୟକ୍ଷ ନରେ ।
ମନ୍ତ୍ରବଳେ କୁନ୍ତୀ ଆକର୍ଷି
ମୋତେ ଆଣିଣ ଥିଲା,
ଆଣିଲୁ ଲାବଣ୍ୟ-ରଜ୍ଜୁରେ
ବାନ୍ଧି ତୁମ୍ଭ ଛଇଳା ।
ରାଜରାଜେଶ୍ୱରୀ ସୁଷମା—
ରାଜ୍ୟେ ତୁମ୍ଭ ସୁନ୍ଦରୀ,
ଛାୟାମୟୀ ଛାୟା ନୁହେ ତୋ
ଦାସୀ ଗଣକୁ ସରି ।
ପ୍ରଦକ୍ଷିଣ କରେ ମୋ ରଥ
ନିତ୍ୟ ମେରୁ ପର୍ବତ,
ଅସଂଖ୍ୟ ଅପ୍ସର ଦେଖଇ
ବେଶଭୂଷାରେ ରତ ।
ଦେଖିନାହିଁ କେବେ ଏମନ୍ତ
ମନୋହର ମାଧୁରୀ,
ଶୋଭା ଦେଖି ଶୋଭା-କମଳା
ଦୁଃଖେ ମରିବେ ଝୁରି ।
ନୟନ ନିମେଷ-ବିହୀନ
କରି ରଚିଲେ ବିଧି,
ସାର୍ଥକ କଲୁ ଏ ବିଧିକି
ତୁମ୍ଭ ଲାବଣ୍ୟନିଧି ।
ଶଙ୍କୁ ମୁଁ ନୁହଇ ତୋହର
କର ଯୋଡ଼ି ମାଗଇ,
ସ୍ଥିର ହୁଅ, ମୃଦୁ ଚରଣେ
ବଡ଼ ବ୍ୟଥା ଲାଗଇ ।
ତହୁଁ ବଳି ବ୍ୟଥା ଲାଗଇ
ବାଳା ! ହୃଦେ ମୋହର
ସୁକୁମାରୀ ହୋଇ କଷଣ
ଏତେ ଲଭିଲୁ ଘୋର ।

(୧) ସୁରତରୁ—ପୁନ୍ନାଗ, (୨) ମୈତ୍ରେୟ—କୋଣାର୍କସ୍ଥିତ ପବିତ୍ର ବନ, (୩) କୁନ୍ତୀପୁତ୍ର—କର୍ଣ୍ଣ ।

ମୁହଁ ମାଡ଼ି କାଳେ କଷ୍ଟଡ଼
ବାଳା, ପଡ଼ବୁ ଝୁଣ୍ଟି,
କୁଶାଙ୍କୁର ଯିବ କୋମଳ
ଶ୍ଳଷ୍ଟରୁ ଚରଣେ ଫୁଟି ।
ସଞ୍ଚାଣ ମୁଖରୁ କପୋତ
ଏହି ରୂପେ ପଳାଏ ;
ଶ୍ୱାନଠାରୁ ଖରୁ ଶଶକ
ପ୍ରାଣ-ଢକଲେ ଧାଏଁ ।
ସିଂହଠାରୁ ଖରେ ପଳାଏ
ମୃଗ ଏ ରୂପେ ସିନା,
କଣା କଙ୍କରକୁ ଏ ଶଙ୍କା
କମ୍ପା କରୁ ନଖାନା ?
ରଖ ଏ ଜୀବନ ସେବକ—
ପଦେ ବର, ସୁନ୍ଦର !
ତୋହୋ ଦୟା ବିନା ଗଲଣି
ନଷ୍ଟେ ସର, ସୁନ୍ଦର !"—
ବୃଥା ହେଲା ଏତେ ମିନତି,
ଏତେ ଶ୍ଳିଷ୍ଟ ବଚନ;
ପଳାଇଲା ଋଷିକୁମାରୀ
ବେଗେ ହୋଇ ଉଛନ୍ନ ।
ବ୍ୟଗ୍ରେ ଧାଉଁଛି ଲଳନା,
ରଚେ ଲୋକଲୋଚନ
ବେନ ଭାବ ବେନ ହୃଦୟେ
କରେ ବେଗ ବର୍ଦ୍ଧନ ।
ମାୟାବସ୍ତୁରୂପେ ପଶ୍ଚାତେ
ଅନୁସରନ୍ତି ହର *;
ଡୋର-ଲଗ୍ନ ଥୋପ ଯେସନ
ଅନୁସରେ ଫେସା ।
ପଳାୟନେ ପୁଣି ସୁନ୍ଦରୀ
ଦିଶେ ସୁନ୍ଦରତର,

ଅସମ୍ଭାଳ-ବେଶ-ଭୂଷଣ
ଆହା, କି ମନୋହର !
ଶୀଣ ଶୀର୍ଣ୍ଣ ପ୍ରାୟେ ଅଙ୍ଗନା —
ଅଙ୍ଗ ଶ୍ଳଷ୍ଟରୁ ବଳନ,
ବସନ ଉଡ଼ାଇ ଦେଖାଏ
ରଙ୍ଗେ ସିନ୍ଧୁ ପବନ ।
ଚୁମ୍ବି ଚରଣକୁ ଝଲ୍ଲୁର—
ରାଜ ଡୋଳେ ଚରମେ,
ମଦନ-କେତନ ଉଡ଼ଇ
କିବା ଶୋଭା-ଆଶ୍ରମେ ?
କଳିବାକୁ ଏହି ସୌନ୍ଦର୍ଯ୍ୟ
ଧୈର୍ଯ୍ୟ ସୂର୍ଯ୍ୟଙ୍କ କାହିଁ !
ନ ଧରଲେ ସେହି ବାଳୀକୁ
ତାଙ୍କୁ ଶାନ୍ତି ତ ନାହିଁ !
ହେମାଙ୍ଗ ହଳଦୀବସନ୍ତ
ଦେଖି ଯେସନ୍ତେ ସଞ୍ଚାଣ
ଅନ୍ତରୀକ୍ଷେ ଧାଏଁ ସଲକ୍ଷେ
କ୍ଷଣପ୍ରଭା ସମାନ ।
ଜୀବନ ଢକଲେ ସଭୟେ
ଖରେ ଧାଏଁ ଦୁର୍ବଳ,
ଖରତର ବେଗେ ଜୀବକା—
ଆଗେ ଧାଏଁ ପ୍ରବଳ ।
ମୁହୁ ଚଞ୍ଚୁମୁନ ସଞ୍ଚାଣ
ପଛୁଁ କରେ ବିସ୍ତାର,
ମଣେ କରଗତ ପଲକେ
ପରା ହେଲା ଶିକାର ।
ହଳଦୀବସନ୍ତ ଏକାନ୍ତ
ପ୍ରାଣ-ଭୟେ ଅସ୍ଥିର,
କ୍ଷଣେ ଧୃତ କ୍ଷଣେ ମୁକତ,
ମଣେ ନିଜ ଶରୀର


* ସୂର୍ଯ୍ୟ ।

କାଞ୍ଚନ-ପୁଚ୍ଛକୁ ସଞ୍ଚାଣ-
ଚଞ୍ଚୁ କ୍ଷଣେ ପରଶେ,
ଚଞ୍ଚଲେ ଏଡ଼ାଇ ଶିକାର
କ୍ଷଣେ ଡିର୍ଯ୍ୟକେ ଖସେ ।
ଏହିରୂପେ ହରି ଧାଆନ୍ତି
ପ୍ରେମକ୍ରୋଳେ ବିହ୍ୱଳ,
ଅବଳା ବାଳାକୁ ଏରୂପେ
ଶ୍ରାନ୍ତି ହଇଇ ବଳ ।
ହରିଣ-ଲୋଚନା ଏରୂପେ
ଧାଏଁ ଉତ୍ତରମୁଖେ,
ଉତ୍ଫୁଲ୍ଲଲୋଚନେ ହରିଣେ
ଦୂରୁ ଦେଖନ୍ତି ଦୁଃଖେ ।
ଅତି ଦ୍ରୁତବେଗେ ଦଉଡ଼ି
ଅବସାଦେ ଜଡ଼ିତ,
ଊର୍ଦ୍ଧ୍ୱଶ୍ୱାସେ ଧନୀ ଉଦଧି-
କୂଳେ ହେଲା ସ୍ଥଗିତ ।
କଣ୍ଠାଗତପ୍ରାଣ କାରୁଣ୍ୟ—
ମୂର୍ତ୍ତି ପ୍ରାୟେ ବରାକୀ,
ହାତ ଯୋଡ଼ି ନିଜ ମାତାଙ୍କୁ
କହେ ଉଦ୍ଦେଶ୍ୟେ ଡାକି—
"ଦୁଃଖ ଫେଡ଼ ମୋର ଜନନି !
ହର ଏ ରୂପ ମୋର,
ବିଭୂଷଣ ହୋଇ ହେଲା ଏ
ସିନା ଦୂଷଣ ଘୋର ।
ଦିବ୍ୟ ରୂପ ତୋର, ତା ସଙ୍ଗେ
ଅଛି ଦିବ୍ୟ ଶକତି,
ଶକ୍ତିହୀନ ରୂପ କେବଳ
ସିନା ଲଭେ ଦୁର୍ଗତି ।
ଭୂତଧାତ୍ରି ମାତଃ ବସୁଧେ !
ଦ୍ୱିଧା ହୁଅ ତୁ ଲଭେ,
ଶରଣ ସମ୍ଭାଳ ଆଶ୍ରୟ
ମୋତେ ଦିଅ ଗରଭେ ।"

ଏମନ୍ତ କହନ୍ତେ ଉଠିଲା
ଊର୍ମି ପର୍ବତାକାର,
ନୀଳ ବାତ୍ୟ ନୀଳ ସାଗର
କିବା କଲେ ବିସ୍ତାର !
ମହାକଲରବେ ଉଛୁଳେ
ନଭେ ଜଳ-ବିହଙ୍ଗ,
ବେଳାମୁଖେ ମାଡ଼ି ଆସିଲା
ବିଶ୍ୱଗ୍ରାସୀ ତରଙ୍ଗ ।
ମିଶିଯାଏ ଯଥା ପ୍ରଭାତ—
ତାରା ରବି-କିରଣେ,
ମିଶିଯାଏ ଯଥା ଜୀବାତ୍ମା
ବିଶ୍ୱ-ଆତ୍ମା ଚରଣେ,
ମିଶିଯାଏ ଯଥା ଚପଳା
ନୀଳ-ଜଳଦ-ଅଙ୍ଗେ,
ମିଶିଗଲା ତଥା ଅବଳା
ସେହି ନୀଳ ତରଙ୍ଗେ ।
ସ୍ତମ୍ଭୀଭୂତ ହୋଇ ରହିଲେ
ରବି ମହାବିସ୍ମୟେ,
ଭୟେ ଏତେବେଳେ ପଶିଲା
ଭୟଶୂନ୍ୟ ହୃଦୟେ ।
ଘନଘୋଷ ପ୍ରାୟେ ଏ କାଳେ
ହେଲା ଶଙ୍ଖ ଭୈରବ,
ଚକିତେ ଚାହିଁଲେ ପଶ୍ଚିମେ
ପ୍ରଭୁ ଅବ୍ଜ-ବାନ୍ଧବ ।
ଭୂମିସାତ୍ ଦେବ ଦେଖିଲେ
ନିଜ ପ୍ରିୟ ଦେଉଳ,
ଉତ୍କଳଭୁବନେ ଦେଉଳେ
ଯାହା ଥିଲା ଅତୁଳ ।
ଧ୍ୟାନଯୋଗେ ଜାଣି ସୁମନ୍ତ୍ୟ
ସୂର୍ଯ୍ୟ କାର୍ଯ୍ୟକଳାପ
କୋପାନଳେ ଜଳି ତପସ୍ୱୀ
ଦେଲେ ଦାରୁଣ ଶାପ ।

ଯେଣ୍ଟୁ ଶାପ ଯୋଗୁଁ ପଡ଼ିଲୁ
ଛଳେ ଦେଉଳସଜ,
ବସୁଁ ଦେବଶିଳ୍ପୀ † ଯା ଦେଖି
ଲଭୁଥିଲେକ ଲଜ ।
ବିଷମ କୁସୁମ-କୋଦଣ୍ଡ—
ଦଣ୍ଡ ଲଭିଣ ଭଲେ
ବିମନା ହୋଇଣ ମାର୍ତ୍ତଣ୍ଡ
ଗଲେ ନଭ-ମଣ୍ଡଳେ ।

କୋଣାର୍କ କ୍ଷେତ୍ରରୁ ଉଠିଲା
ଅର୍କ ପୂଜା-ବିଧାନ,
ପରିଣତ ହେଲା ସେଦିନୁ
ମରୁ ରୂପେ ସେ ସ୍ଥାନ ।
ସେ ପୂର୍ବ ଗୌରବ-ସାକ୍ଷିଣୀ
ମୁଖଶାଳା ମାତର
ପ୍ରତିଧ୍ୱନ ଛଳେ ପାନ୍ଥଙ୍କୁ
ଏବେ ଦିଏ ଉତ୍ତର ।



† ଦେବଶିଳ୍ପୀ—ବିଶ୍ୱକର୍ମା ।

# ଉତ୍ସର୍ଗପତ୍ର

ଗଙ୍ଗବଂଶାବତଂସ

ଶ୍ରୀଲ ଶ୍ରୀଯୁକ୍ତ ବାମଣ୍ଡାଧିପ ମହାରାଜ ବାସୁଦେବ
ସୁଢ଼ଳଦେବ ମହୋଦୟ ପରମମାନ୍ୟବରେଷୁ
ସବିନୟ ନିବେଦନମିଦଂ

ମହାରାଜ,

ଆପଣଙ୍କ ସହିତ ପରିଚିତ ହେବା ପୂର୍ବରୁ ଆପଣଙ୍କର ଯଶଃସୌରଭରେ ଆକୃଷ୍ଟ ହୋଇ 'ଚନ୍ଦ୍ରଭାଗା' ପୁସ୍ତିକା ଆପଣଙ୍କ ଗୌରବାନ୍ୱିତ ନାମରେ ଉତ୍ସର୍ଗ କରିଥିଲି । ବିଗତ ବର୍ଷ ଦେବଦୁର୍ଗ ରାଜଧାନୀରେ ଶ୍ରୀଛାମୁଙ୍କର ସାକ୍ଷାତ୍କାର ଲାଭକରି ଭବଦୀୟ ପାଣ୍ଡିତ୍ୟ, ଗ୍ରାହକତା ଏବଂ ସୌଜନ୍ୟର ଭୂୟିଷ୍ଠ ପ୍ରମାଣ ପ୍ରାପ୍ତ ହୋଇ ମୁଁ କି ପର୍ଯ୍ୟନ୍ତ ଚମତ୍କୃତ ଏବଂ ଆହ୍ଲାଦିତ ହୋଇଅଛି, ତାହା ଭାଷାରେ ବ୍ୟକ୍ତ କରିବା ଅସମ୍ଭବ । ଏହି କ୍ଷୁଦ୍ର ପୁସ୍ତକର ନାୟକ ଆପଣଙ୍କର ପୂର୍ବ ପୁରୁଷ ଅଟନ୍ତି ଏବଂ ବର୍ତ୍ତମାନ କାଳରେ ଆପଣ ସେହି ଉଜ୍ଜ୍ୱଳ ବଂଶର ଗୌରବ-କେତନରୂପେ ଉତ୍କଳଭୂମିକୁ ଅଳଂକୃତ କରିଅଛନ୍ତି । ଆପଣଙ୍କ ସହିତ ପ୍ରଥମ ସାକ୍ଷାତ୍‌ର ସ୍ମାରକ ସ୍ୱରୂପ ଏହି ପୁସ୍ତକ ଆପଣଙ୍କ ନାମରେ ଉତ୍ସୃଷ୍ଟ କରିବାକୁ ସାହସୀ ହୋଇ ସବିନୟରେ ପ୍ରାର୍ଥନା କରୁଅଛି ଯେ 'ଚନ୍ଦ୍ରଭାଗା'-ପ୍ରତି ଶ୍ରୀଛାମୁଙ୍କର ଯେମନ୍ତ ଅନୁକୂଳ ଦୃଷ୍ଟି ପତିତ ହୋଇଥିଲା, 'ନନ୍ଦକେଶରୀ' ପ୍ରତି ସେହି ଆନୁକୂଲ୍ୟ ପ୍ରଦର୍ଶିତ ହେଉ ।

କଟକ
୪-୯-୮୭

ବଶମ୍ବଦ
ଶ୍ରୀ ରାଧାନାଥ ରାୟ

# ନନ୍ଦିକେଶ୍ୱରୀ

# ନନ୍ଦିକେଶ୍ୱରୀ ।

## ପ୍ରଥମ ସର୍ଗ ।

( ନଟବାଣୀ ବୃତ୍ତ )

କାଠଯୋଡ଼ି ତୀରେ ଶୋଭଇ ଶିବିର,
କୋଳାହଳପୂର୍ଣ୍ଣ କାଠଯୋଡ଼ି ତୀର,
ଧାଡ଼ି ଧାଡ଼ି ହୋଇ ମହାନଦୀ ଯାଏ
ଶୁଭ୍ର ତାମ୍ବୁ ଶୋଭେ ଖଣ୍ଡଶୈଳ ପ୍ରାନ୍ତେ,
ଉଡ଼ଇ କେତନ ମନ୍ଦ ସମୀରଣେ,
ଝକଝକେ ଅସ୍ତ୍ର ପ୍ରଦୋଷ କିରଣେ,
ବାଦ୍ୟର ଶବଦେ କମ୍ପଇ ଅବନୀ,
ନଦୀଗର୍ଭୁ ଉଠେ ଶତ ପ୍ରତିଧ୍ୱନି,
ଲକ୍ଷ୍ୟ ବିନ୍ଧୁଛନ୍ତି କାହିଁ ଯୋଧଦଳ,
କ୍ଷଣେ କ୍ଷଣେ ଉଠେ ହର୍ଷ କୋଳାହଳ,
କାହିଁ ତଲବାର ଖେଳ-ବାଡ଼ି କରେ
ବିଜୁଳି ପରାୟେ ଝଲେ ସୌରକରେ,
ମଲ୍ଲଯୁଦ୍ଧ କାହିଁ କମ୍ପେ ରଙ୍ଗସ୍ଥଳୀ,
ତାଳି ଦେଉଛନ୍ତି ଦର୍ଶକମଣ୍ଡଳୀ,
କାହିଁ ଅଶ୍ୱାରୋହୀ ଯେନ ଅଶ୍ୱବର
କଦମେ ବୁଲାଇ ଦିଅଇ ଚକ୍କର,
କାହିଁ ଧରି ଅସ୍ତ୍ର ମାଜୁଛନ୍ତି ଲୋକେ,
କାହିଁ ଅବା ଗଳ୍ପ କରୁଛନ୍ତି ଥୋକେ,
ଅବଗାହୁଛନ୍ତି କରୀ ଦଳେ ଦଳେ
ବିଷମ ପରାଏ ପଶି ସ୍ରୋତ ଜଳେ,
ଦାସେରକ (୧) ଆସ୍ତାକର ତରୁତଳ
ଟେକାଉଛି ଗ୍ରୀବା ଟେକ ଲମ୍ବଦଳ,
ଗ୍ରାମବାସୀ ଯେତେ ଗର୍ବସ୍ଫୀତ କରି,
ଭ୍ରମୁଛନ୍ତି ଦୂରେ ଦଳେ ଦଳେ ଚରି,
ବିପଣି ବସିଛି କାଠଯୋଡ଼ି ବନ୍ଧେ,
ବିକା କିଣା ଲାଗିଅଛି ନାନା ଛନ୍ଦେ,
ନଦୀଶଯ୍ୟା, ନଦୀବନ୍ଧ, ନଦୀକୂଳ,
ସବୁଠାରେ ଲୋକେ ହୋଇଛନ୍ତି ଠୁଳ,
କୁଶଭଦ୍ରା-ଦୟା-ପ୍ରସୂତି ଭାର୍ଗବୀ
କାଠଯୋଡ଼ିଠାରୁ ଯହିଁ ଜନ୍ମ ଲଭି
ବହୁଛି ଦକ୍ଷିଣେ, ବିପରୀତେ ତାର
ବୈରିଗଣଙ୍କର ଶୋଭେ ସ୍କନ୍ଧାବାର,
ଶୂନ୍ୟ ଥିଲା ଆଜ ପ୍ରଭାତେ ଶିବିର,
ଏବେ ବେଢ଼ିଅଛି ମନୁଷ୍ୟ-ପ୍ରାଚୀର ।
ବହୁବର୍ଷ ବ୍ୟାପି ଲାଗିଛି ସଂଗ୍ରାମ,
ବହୁଅଛି ରକ୍ତ-ସ୍ରୋତ ଅବିଶ୍ରାମ,
ସମଗ୍ର ଉତ୍କଳୁଁ କେତେ ମହାବୀର,
ରଣାଙ୍ଗନେ ଆସି ଦେଲେ ନିଜ ଶିର,
ତାଳୀବନ-ଶ୍ୟାମ (୨) କନକା କୁଜଙ୍ଗ,
ମରିଚ ହରିଶପୁର ଅସ୍ତ୍ରରଙ୍ଗ,
ବରାହ-ପାଳିତ (୩) ବାଲିପୂର୍ଣ୍ଣ ଆଳି,
ଯୋଧବୃନ୍ଦ ଯାର ମହାବୀର୍ଯ୍ୟଶାଳୀ,
ପବିତ୍ର ତୁଳସୀକ୍ଷେତ୍ର (୪) ବକ୍ଷ ମୁଦ
ବିରାଜନ୍ତି ଯହିଁ ପ୍ରଭୁ ହଳାୟୁଧ,

---

(୧) ଦାସେରକ—ଉଷ୍ଟ୍ର । (୨) ତାଳୀବନ—ହେନ୍ତାଳବନ । (୩) ବରାହ-ଆଳିର ସର୍ବପ୍ରଧାନ ଦେବତା । (୪) ତୁଳସୀକ୍ଷେତ୍ର—କନ୍ଦରପଡ଼ା, ଲଳିତଗିରିବାସୀ କନ୍ଦରାସୁରକୁ ସଂହାର କରି ବଳରାମ ତାହାର କନ୍ୟା ତୁଳସୀକୁ ବିବାହ କରିଥିବାର ସ୍ଥାନୀୟ କିମ୍ବଦନ୍ତୀ ଅଛି । ଏହି ହେତୁରୁ କନ୍ଦରପଡ଼ାର ଅନ୍ୟନାମ ତୁଳସୀକ୍ଷେତ୍ର । ବଳଦେବ କନ୍ଦରାପଡ଼ାର ପ୍ରଧାନ ଦେବତା ।

ଅସୁର-ଈଶ୍ୱର ଯହିଁ ରକ୍ତପାନ
ନିତ୍ୟ କରେ ଚଣ୍ଡୀ (୧) ତୃଷାର୍ତ୍ତ କୃପାଣ,
ଶାଳପୁର ଯହିଁ ଚନ୍ଦ୍ରୋତ୍ପଳା-ନୀର
ପୂତ ଅଭିଷେକ ଶ୍ରୀଭଗବତୀର (୨)
ବହୁଦ୍ୱାରଶୋଭୀ ପୁର ଚଉଦ୍ୱାର,
ଉତ୍ତର କୋଶଳା (୩) ମୌଳି-ଅଳଙ୍କାର,
ସ୍ନେହ ବଢ଼ାଇଲେ ବଳାଗଡ଼-ପ୍ରିୟା (୪)
ଯା କଟକେ ଟେକ ଟଙ୍କିଲ ଛତିଆ,
ବିନାପୂକଶୈଳ ଦର୍ପ ଦର୍ପଣୀର,
ଉପବୀତ ଯା'ର ଶୁଭ୍ର ଝର ନୀର,
ଚନ୍ଦନ-ନିକୁଞ୍ଜ-ମଞ୍ଜୁଳା ଅଳତି (୫)
ସୁରୂପା ବିରୂପା ଯହିଁ କରେ ଗତି,
ବିରକାମଣ୍ଡଳେ ଯେତେ ବୀର-ପଲ୍ଲୀ,
ଚୂତମାନେ ଯହିଁ ଜଡ଼େ ନାଗବଲ୍ଲୀ,
ପରସ୍ପରେ ଭୁଜ ଛନ୍ଦିବାରେ ସଦା
ଚମ୍ପା ଚୂତ ଯହିଁ ବଳାନ୍ତ ଶରଧା,
ଭଦ୍ରକ ଯା ପାଦେ ବେଢ଼ିଅଛି ଛନ୍ଦ
ଉତ୍କଳେ କାଳନ୍ଦୀରୂପିଣୀ ସାଳନ୍ଦୀ,
ସୋର ଗର୍ବ ଯାର କରଇ ପ୍ରସାର
ପଶ୍ଚିମେ ପର୍ବତ ପୂର୍ବ ପାରାବାର,
ନୀଳଗିରି ଯହିଁ ମର୍କତ ମହୁଡ଼,
ଟେକନ୍ତି ଅମ୍ବରେ ଶୈଳ ସ୍ୱର୍ଣ୍ଣଚୂଡ (୬)

ସୁନଙ୍ଗ ଝରରେ ଯହିଁ ବରାଙ୍ଗନା
ସ୍ନାନ-କୂଳ ପର ମଣେ କୁସୁଅନା (୭)
ଗ୍ରାମ୍ୟ-ସୀମନ୍ତିନୀ-ନିଶା-ଅଭିସାର
ଅନୁକୂଳ ବାଲି-ସ୍ତୂପାବଳୀ ଯାର,
ସୁଗଭୀର ପ୍ରାଚୀ-ତୀରେ ଅଭିରାମ
ମାଧବ-ସନାଥ ମାଧବାଖ୍ୟ ଗ୍ରାମ (୮),
ନିଅଳୀ ଯା କୁଞ୍ଜେ ପାଞ୍ଚେଳ ପ୍ରସୂନ
କାମିଙ୍କି ତରଙ୍ଗେ ଯେହ୍ନେ କାମ-ତୂଣ,
କୋଠଦେଶ ମଞ୍ଜୁ ପୁନ୍ନାଗ-କେଶରେ,
ମଠେ ଗତି ଯହିଁ କୁଶଭଦ୍ରା କରେ,
କୋଠରାଙ୍ଗ ଯହିଁ ବଦନ ବିଜନେ
ଧଉଳୀ ଦେଖଇ ଦୟା ଦରପଣେ (୯)
ରାହାଙ୍ଗ ରଚନ୍ତି ଯହିଁ କେଳି-କଳା
ଇକ୍ଷୁଳ ନିକୁଞ୍ଜେ କଙ୍କୁଳ କୁନ୍ତଳା,
ଅନ୍ଧାରି ସିକତା କୂଳେ ତରଙ୍ଗିତ
ସୁନ୍ଦର ରଙ୍ଗଣେ (୧୦) ସଦା ସିନ୍ଦୂରିତ,
ପାରିକୁଦ ଅରି ଗରବ ଚର୍ବକ,
ନୀଳଦ୍ୟୁତି ହ୍ରଦ ହୃଦୟ ପଦକ,
ଦାଣ୍ଡିମାଳ ଯାର ଶଇଳ ବକ୍ଷରେ
ବୀର-ଯଶ ଲେଖା ଅକ୍ଷୟ ଅକ୍ଷରେ (୧୧)
ଖଲ୍ଲୀକୋଟ ଯହିଁ ସେଠ ମଲ୍ଲମାନେ
ନିର୍ମଳା ନିର୍ଝର ନୀରାମୃତପାନେ (୧୨),

(୧) ଚଣ୍ଡୀ—ଅସୁରେଶ୍ୱରର ପ୍ରଧାନ ଦେବତା ହରଚଣ୍ଡୀ । ଏଠାରେ ପ୍ରାୟ ପ୍ରତ୍ୟହ ବଳିଦାନ ହୁଏ । ଏପରି ବଳିଦାନ ଓଡ଼ିଶାର ଅନ୍ୟତ୍ର ଦେଖାଯାଏ ନାହିଁ । (୨) ଶାଳପୁରରେ ପ୍ରବାହିତ ମହାନଦୀର ଶାଖା ଚନ୍ଦ୍ରୋତ୍ପଳାତୀରରେ ଭଗବତୀଙ୍କ ମନ୍ଦିର ପ୍ରତିଷ୍ଠିତ । (୩) ପ୍ରାଚୀନ କାଳରେ ମହାନଦୀର ଉତ୍ତରାଂଶ ଉତ୍ତର କୋଶଳା ନାମରେ ଅଭିହିତ ହେଉଥିଲା । (୪) ବଳାଗଡପ୍ରିୟା—ଶଚୀ ଛତିଆର ଅଧିଷ୍ଠାତ୍ରୀ ଦେବୀ ଥିଲେ । ଟଙ୍କିଲ—ଟାଙ୍ଗି ପରିପୂର୍ଣ୍ଣ । (୫) ଅଳତିରେ ଅଦ୍ୟାପି ଚନ୍ଦନ ବୃକ୍ଷ ଦେଖାଯାଏ । (୬) ସ୍ୱର୍ଣ୍ଣଚୂଡ଼, ପ୍ରଚଳିତ ନାମ ସୁନଚଟ୍ । (୭) ସୁନଙ୍ଗରେ ଅନେକ କୁସୁଅନା ବୃକ୍ଷ ଦେଖାଯାଏ । (୮) ପ୍ରାଚୀତୀରବର୍ତ୍ତୀ ମାଧବ ଗ୍ରାମରେ ମାଧବଙ୍କର ମନ୍ଦିର ପ୍ରତିଷ୍ଠିତ । (୯) ଐତିହାସିକ ଧଉଳୀ ପର୍ବତ ଦୟାନଦୀ ତୀରରେ ଅବସ୍ଥିତ । (୧୦) ରଙ୍ଗଣ—କାଠରଙ୍ଗଣୀ ପୁଷ୍ପ । (୧୧) ଖଣ୍ଡଗିରିର ଗୁମ୍ଫାମାନ ବୀରପୁରୁଷଙ୍କ ପ୍ରଧାନ କୀର୍ତ୍ତି (୧୨) ନିର୍ମଳା ନିର୍ଝର ଖଲ୍ଲୀକୋଟ ରାଜଧାନୀର ଅଦୂରବର୍ତ୍ତୀ । ଏହାର ଜଳ ସ୍ୱାସ୍ଥ୍ୟକର ବୋଲି ପ୍ରସିଦ୍ଧ ।

ସ୍ମରୁଁ   ଝେଣ୍ଡେ ଉଡ଼ୁଥିଲା ପ୍ରାଚ୍ୟେ ଶ୍ରେଷ୍ଠ,
ଶୈଳେ, ସ୍ରୋତେ, ସରେ ସୁରମ୍ୟ ଶିମିଢ଼ି,
ଜଗଜ୍ଜନ-ମନୋରଞ୍ଜିନୀ ମଞ୍ଜୁଷା,
ଗିରୀନ୍ଦ୍ର ମହେନ୍ଦ୍ର ଯାର ମହାଭୂଷା (୧),
ଏହି ଦେଶ ଅନ୍ୟ ଦେଶବାସୀ ଶୂର
କାଠଯୋଡ଼ି-ତୀରେ ଗଲେ ପ୍ରେତପୁର ;
ଚଣ୍ଡାୟୁଧ ଗଣ୍ଡ ଯୁଦ୍ଧେ ହୋଇ ରୁଣ୍ଡ
ଶସ୍ତ୍ର-ଖଣ୍ଡାଘାତେ ଗଡ଼ାଇଲେ ମୁଣ୍ଡ,
ମାଲ୍ୟଗିରି (୨)-ବାସୀ ଦୁର୍ଦ୍ଧର୍ଷ ଜୁଆଙ୍ଗ,
କେତେ ହେଲେ ରଣଭୂମେ ବିକଳାଙ୍ଗ,
ହୋଁଇପକ୍ଷଚୂଡ଼ା ବାଦ୍ୟ ତାଳେ ତାଳେ
ନାଚଇ ଯାହାଙ୍କ ବୀରନୃତ୍ୟ କାଳେ,
ହରିଦ୍ରା ହରିତ ଅଧିତ୍ୟକାଗୃହୀ (୩)
କନ୍ଧଯୋଧବୃନ୍ଦ ମହାଧନୁର୍ଦ୍ଧାରୀ,
ଗାଲମୋଚ୍ଛଧାରୀ ତାଳଚେର-ଶୂର,
ଭଲ୍ଲାସ୍ତ୍ରେ ଦଳନ୍ତି ଦର୍ପ ଯେ ଶତ୍ରୁର,
ସ୍ୱାହା ସହଚରୀ ହିଙ୍ଗୁଳାଙ୍କ ବରେ (୪)
ଦାବାନଳରୂପୀ ଶତ୍ରୁ-କାନନରେ,
କପିଳାସ-ଖୋଲ-ନିବାସୀ ଶବର
ରଣେରଙ୍କ ଢେଙ୍କା ଯା ବଂଶ-ଶେଖର (୫)
ପରି ନାଶେ ପଟୁ ଯାହାଙ୍କ ପରଶୁ,
କେତେ ହେଲେ ଆସି ରଣ-ଯଜ୍ଞ-ପଶୁ,
ଯୁଦ୍ଧ-ଅଶ୍ୱ କେତେ ଯୁଦ୍ଧେ ହୋଇ ହଣା
ଗୃଧ୍ରଙ୍କର ହେଲେ ରୁଧିର ପାରଣା,
ସପ୍ତକୋଶୀ ଗଣ୍ଡ ଘଟେ ଶୈଳ-କୁଞ୍ଜେ (୬)
ସୁଶୀତଳ ତୁଙ୍ଗ ଶୈଳଗୁମ୍ଫାପୁଞ୍ଜେ,
ନିର୍ଜନେ ଦିଅନ୍ତି ନବଦ୍ରୁମାବଳୀ
ଜଳ-ଦେବତାଙ୍କୁ ଯହିଁ ପୁଷ୍ପାଞ୍ଜଳି,

ଯହିଁ ମହାନଦୀ ପ୍ରବାହେ ନଦୀଶେ
ପ୍ରିୟା ସଙ୍ଗେ ଖେଳୁଥିଲା ଅନୁରାଗେ
ମତ୍ତ ଦନ୍ତାବଳ, ଏବେ ରଣସ୍ଥଳ,
କରୁଅଛି ନିଜ ଅସ୍ଥିରେ ଧବଳ ;
ଭଗ୍ନାୟୁଧ, ଭିନ୍ନ ବର୍ମ, ଭିନ୍ନ ଢାଲ
ସଙ୍ଗେ ପଡ଼ିଅଛି ଅସଂଖ୍ୟ କଙ୍କାଳ ;
ଏକାଳେ ତୁଳସୀପୁରସ୍ଥିତ ଯହିଁ,
ପିଉଥିଲେ ତହିଁ ରଣରକ୍ତ ମହୀ,
ବିକଟେ ଓଟାରି ତହିଁ ଶବ-ସ୍ନାୟୁ
ଯୁଝୁଥିଲେ ଗୃଧ୍ର ସଙ୍ଗତେ ଗୋମାୟୁ,
ତହିଁ ବେନିପକ୍ଷେ ରଣଦେବୀଙ୍କର
ସ୍ୱଶିର-କମଳେ ପୂଜିଲେ ପୟର,
ଜୀବନେ ହେଲେହେଁ ପରସ୍ପର ବାଧୀ,
ମରଣେ ଲଭିଲେ ଏକଇ ସମାଧି ।
ବଡ଼ାନାସୀଗଡ଼େ ସୁବର୍ଣ୍ଣକେଶରୀ
ରୁଦ୍ଧ, ରୁଦ୍ଧ କଥା ପିଞ୍ଜରେ କେଶରୀ ;
ଯୁଦ୍ଧ ପରେ ଯୁଦ୍ଧ ହାରି ଅବଶେଷେ
ରୁଦ୍ଧ ଦୁର୍ଗଦ୍ୱାର ନୃପତି ଆଦେଶେ ;
ଅନଶନେ ସର୍ବେ ଚଣ୍ଡିକା ଦେଉଳେ
ଅଧା ପଡ଼ିଥିଲେ ହୃଦୟ ଆକୁଳେ,
ସ୍ୱପନେ ଚଣ୍ଡିକା ଭୂପତି ଅଗ୍ରତେ
ଉଭା ହୋଇ ଆଜ୍ଞା ଦେଲେ ଏହିମତେ,
"ଶତ୍ରୁ ତୋର ଦେବବଳେ ବଳୀୟାର
ସମ୍ମୁଖ ସଂଗ୍ରାମେ ଅଟେ ଦୁର୍ନିବାର,
ଦୁର୍ନିବାର ଦାବବହ୍ନି ଯଥା ବନେ
ଶୈଳସ୍ରୋତସ୍ୱତୀ ଅଥବା ପ୍ଳାବନେ,
ଦେବୀ ଚନ୍ଦ୍ରଚୂଡ଼-ମୌଳି-ନିବାସିନୀ
ସହାୟ ତାହାର ସୁରତରଙ୍ଗିଣୀ,

(୧) ମହେନ୍ଦ୍ର ଓଡ଼ିଶାର ସର୍ବୋଚ୍ଚ ପର୍ବତ । କୁଳାଚଳ ମଧ୍ୟରେ ଏହା ପରିଗଣିତ ।

(୨) ମାଳ୍ୟଗିରି—ଅଙ୍ଗୁଲର ସର୍ବୋଚ୍ଚ ପର୍ବତ, ଲହଡ଼ାରେ ଅବସ୍ଥିତ । (୩) କନ୍ଧମାଳର ପାର୍ବତ୍ୟ କ୍ଷେତ୍ରମାନଙ୍କରୁ ହଳଦୀ ଯଥେଷ୍ଟ ପରିମାଣରେ ଉତ୍ପନ୍ନ ହୁଏ । (୪) ହିଙ୍ଗୁଳାଦେବୀ ତାଳଚେରର ପ୍ରଧାନ ଦେବତା । (୫) ଢେଙ୍କା ନାମକ ଶବର ରାଜାଙ୍କ ନାମରୁ ଢେଙ୍କାନାଳ ନାମ ହୋଇଅଛି । (୬) ସାତକୋଶିଆ ଗଣ୍ଡ—ଦଶପଲ୍ଲା ଓ ବଉଦର ଅନ୍ତର୍ଗତ । ବଡ଼ମୂଳ ଘାଟୀ ଏହି ଗଣ୍ଡର ପୂର୍ବ ସୀମା । ଏହି ଗଣ୍ଡ ଗୋଟିଏ ପ୍ରଧାନ ଦୃଶ୍ୟ ।

ଗଙ୍ଗାବାକ୍ୟ ତାଙ୍କୁ ଦେବ ଚନ୍ଦ୍ରଚୂଡ଼
ବାଞ୍ଛିନ୍ତି ଦେବାକୁ ଉତ୍କଳେ ମହତ୍ତ୍ୱ,
ମନାସନ୍ତି ମହାରୁଦ୍ର ଯାହା ମନେ,
ବିଭୂତିରୂପେ ତା ଫଳେ ତ୍ରିଭୁବନେ,
ଶକ୍ତି ନାହିଁ, ବତ୍ସ, କାହାରି ଜଗତେ
ବିଭୂତିକି ନେବ ନିଜ ଇଚ୍ଛାପଥେ;
ସମ୍ମୁଖ ସଂଗ୍ରାମେ ଶତ୍ରୁ ଜିଣିବାର
ଆଶା ଛାଡ଼ି ରୁଦ୍ଧ କରି ଗଡ଼ଦ୍ୱାର;
ଶତ୍ରୁଦର୍ପହାରୀ ଏହି କୌସ୍ତୁଭମଣି
ଶିରୋମଣିରୂପେ ପିନ୍ଧିବୁ ନୃମଣି,
ଯାବତ ଏ ମଣି ଥିବ ତୋର ଶିରେ,
ଭେଦ ନ ପାରିବେ ଦୁର୍ଗ ଶତ୍ରୁବୀରେ,
ରକ୍ଷି ନ ପାରିଲେ ଏହା ଯତ୍ନକରି
ରାଜଦଣ୍ଡ ଯିବ କରୁଁ ଅପସରି ।"
ଏହା କହି ଦେବୀ ହେଲେ ଅଦର୍ଶନ,
ଏଣେ ଭୂପତିଙ୍କ ଭାଙ୍ଗିଲା ସ୍ୱପନ ।
ପାତ୍ରଙ୍କୁ ଛାମୁରେ ଡକାଇ ସେକ୍ଷଣି
ଦେବୀ-ଆଜ୍ଞା ଜଣାଇଲେ ନୃପମଣି ।
ସେହିଦିନୁ ରୁଦ୍ଧ ବଡ଼ାନାସିଦ୍ୱାର,
ବ୍ୟାଧ-କରୁଁ ମୁକ୍ତ ହୋଇଛି ଶିକାର ।
ଶିବିରେ ପ୍ରତୀକ୍ଷା କରି ବହୁଦିନ
ଶତ୍ରୁ ଯୋଧେ ହୋଇଛନ୍ତି ଧୈର୍ଯ୍ୟହୀନ,
ସ୍ୱଦେଶେ ବାହୁଡ଼ି ଯିବାକୁ ବାସନା—
—ବସୁଁ କରୁଛନ୍ତି ବିଜନେ ମନ୍ତ୍ରଣା ।
ଜୟ ଆଶା ହେଲା ହୃଦୟୁଁ ଅନ୍ତର,
ସେନାପତି ଭାଗ୍ୟେ ତୁଟିଲା ନିର୍ଭର,
ସେନାପତି ବାକ୍ୟେ ଆସ୍ଥା ଗଲା ଟଳି,
ଅସନ୍ତୋଷ ହେଲା ହୃଦର ସଙ୍ଗାଳି ।

ଇଙ୍ଗିତେ ଚତୁର ଚୋଡ଼ ସେନାପତି
ହେଲେ କଳିନେଲେ ତାଙ୍କ ମତିଗତି,
ହେଲେହେଁ ଆପଣେ ଅନ୍ତରେ ଚିନ୍ତିତ,
ଦେଖାଇଲେ କାର୍ଯ୍ୟେ ତହିଁ ବିପରୀତ,
"କାଲି ରାତିଯାଏ ରହ ଧୈର୍ଯ୍ୟ ଧରି,
ଏହାପରେ ଯେବେ ପାହିଲା ଶର୍ବରୀ,
ଛାଡ଼ି ଏ ନଗର ଯିବ ନିଜ ସ୍ଥାନ,
ଏ ବାଣୀକି ମୋର ଧ୍ରୁବ କରି ଜାଣ ।"
ଏହା କହି ତାଙ୍କୁ ଚୋଡ଼ ବୀରବର
ରାତ୍ରୁଁ ହୋଇଥିଲେ ଶିବିରୁ ଅନ୍ତର,
ଆସିଲେଣି ବୀର ଶିବିରେ ବାହୁଡ଼ି
ମୁହୂର୍ତ୍ତେ ଚୌଦିକେ ପଡ଼ିଗଲା ହୁଡ଼ି,
ଆସିଲେ ସାମନ୍ତେ ପାତ୍ରମିତ୍ର ଆଦି,
ଆସିଲେ ସୈନିକେ ମନେ ଆଶା ବାନ୍ଧି,
ମନ୍ତ୍ରୀ ବାସୁଦେବ (୧) ମିଳିଲେ ଅଗ୍ରତେ,
ସମ୍ଭାଷି ସାମନ୍ତଦଳେ ବିଧିମତେ,
ଜଳଦ-ଗମ୍ଭୀର ସ୍ୱନେ ସେନାପତି
ଆଶା-ଉଦ୍ଦୀପକ ଭାଷିଲେ ଭାରତୀ,
"କାଠଯୋଡ଼ି-ଶୁଭ୍ର ସିକତା-ଶୟନ
ଭେଦି କୁଆଁ ତାରା ମଣ୍ଡିଲେ ଗଗନ,
ଅବଗାହି କାଠଯୋଡ଼ି-ପୂତ ଜଳେ,
ତମ୍ବୁଛଦେ ତନୁ ଆବରି ରଞ୍ଜିଲେ,
ମାତୃ (୨) ପାଦପଦ୍ମ ଉଦ୍ଦେଶ୍ୟ ଜୁହାରି;
ଅସିପଦେ ମୁହିଁ ହେଲି ନଦୀ ପାରି,
ଏହି ଯେ ଦିଶଇ ମାଳଗିରିରେଖା,
ଏହି ମୁଖେ ବନେ ବନେ ଗଲି ଏକା,
ଧ୍ୟାନମଗ୍ନ ପ୍ରାୟେ ସ୍ତବ୍ଧ ବନସ୍ଥଳୀ,
ବନସ୍ପତି-ପତ୍ରୁଁ ଜ୍ୟୋସ୍ନା ପଡ଼େ ଝଳି,

(୧) ବାସୁଦେବ ନାମକ ଜଣେ ଉତ୍କଳୀୟ ବ୍ରାହ୍ମଣ ଚୋଡ଼ଗଙ୍ଗଙ୍କର ମନ୍ତ୍ରୀତ୍ୱ ସ୍ୱୀକାର କରିଥିଲେ । ପ୍ରଥମେ ସୁବର୍ଣ୍ଣକେଶରୀଙ୍କ ମନ୍ତ୍ରୀଥାଇ ତାହାଙ୍କ ସହିତ ବିବାଦ ହେବାରୁ ଚୋଡ଼ଗଙ୍ଗଙ୍କୁ ଉତ୍କଳୀୟ ସିଂହାସନରେ ବସାଇବାର ବାସୁଦେବଙ୍କ ଲକ୍ଷ୍ୟ ଥିଲା । (୨) ମାତୃପାଦପଦ୍ମ—ଗଙ୍ଗାଦେବୀ ଚୋଡ଼ଗଙ୍ଗଙ୍କର ଜନନୀ, ଏହି କିମ୍ବଦନ୍ତୀ ଉତ୍କଳର ଇତିହାସରେ ପ୍ରସିଦ୍ଧ ।

ମାତୃପଦ ଧ୍ୟାୟି ଗଲି ମୁଁ ନିଃଶଙ୍କେ,
ବନାନ୍ତେ ପଶିଲି ଯାଇ ଗିରିଟଙ୍କେ,
ଟଙ୍କେ ଟଙ୍କେ ଯାଇ ପଶ୍ଚିମ ମାର୍ଗରେ
ପଶିଲି ବିଜନ ପର୍ବତ-କନ୍ଦରେ,
ପର୍ବତ-ମେଖଳେ ବସି ତରୁତଳେ,
ମାତୃପାଦପଦ୍ମ ଧ୍ୟାଇଲି ନିସ୍ତଳେ ;
କଳ୍ପିନପକ୍ଷୀର ପବିତ୍ର ନିଃସ୍ୱନ
ଜଗତେ ସୂଚିଲା ଉଷା-ଆଗମନ,
କ୍ରମେ କ୍ରମେ ହେଲେ ଚନ୍ଦ୍ରମା ନିଷ୍ପ୍ରଭ,
ଉଷାରାଗେ ରକ୍ତ ହେଲା ପ୍ରାଚୀନଭ,
ମାତାଙ୍କ ପ୍ରବାହ ଯଥା ସିନ୍ଧୁଜଳେ,
ଉଚ୍ଛୁଳିଲା ପ୍ରଭା ନୀଳ-ନଭସ୍ତଳେ,
ନୀଳକାନ୍ତ-ବ୍ୟୋମ-ଅନ୍ତରାଳେ ଝଳି
ବିରାଜିଲା ବିଭା ଯେସନ୍ତେ ଅରାବଳୀ,
କୁଆଁରୀ ରାଗ ତହିଁ ମଧ୍ୟେ ବିରାଜିତା,
ପ୍ରାଚୀ କରୁଛି କି ରମାନନ୍ଦୀ ଶିତା !
କୁମ୍ଭାଟୁଆ ଖଗ ପ୍ରଭାତେ-ଉଚରି
ରଙ୍ଗେ ବଜାଇଲା କାନନ-ନାଗରି,
ବିହ୍ବଳେ କାନ୍ତାରେ କୁକ୍‌କୁଟ, କୌଶିକ,
ଚଷାପୁଏ (୧) ମିଳି ଉଷା ବୈତାଳିକ ।
ସେ ଘୋର ନିର୍ଜନେ ବସି ଏକାସନେ
ମାତାଙ୍କୁ ଧ୍ୟାୟିଲି ଏକତାନମନେ,
ଅର୍ଦ୍ଧଯାମ କାଳ ଗଲା ଏହିମତେ,
ସହସା ପଶିଲା ମୋ ଶ୍ରବଣ-ପଥେ,
( ଆଶା ମୃଦୁଭାଷା ନିରାଶେ ଯେସନ )
ପରିଚିତ ସେହି କଳକଳ ସ୍ୱନ,
ନୟନ ଫେରାଇ ମୁଁ ଦେଖିଲି କନ୍ଦରେ
ଭେଦ ପୂଜାବେଦି କୁପାଟର ଝରେ,
କାଚଧାର ପ୍ରାୟେ ସ୍ୱଚ୍ଛ ଜଳଧାର,
ଦେବମନ ପ୍ରାୟେ ବିଶାଳ ଉଦାର,
ଝୁରୁଁ ଝୁରୁଁ ହେଲା କ୍ଷୁଦ୍ରବାଳବତ,
ଗମ୍ଭୀର କନ୍ଦରୀ ହ୍ରଦେ ପରିଣତ,

ବନଦେବୀଙ୍କର ସ୍ୱଚ୍ଛାସଦର୍ପଣ,
କିମ୍ବା ବରୁଣର ସ୍ଫଟିକ ଭବନ,
ଅବା ଜଗତର ସତ୍ତ୍ୱଗୁଣରାଶି
ଗୁପତରେ ତହିଁ ରୁଣ୍ଡ ହେଲା ଆସି
ମଧ୍ୟେ ସୁଗଭୀର ଜଳ ନୀଳାକାର,
କିବା ସେ ଅତଳ ପାତାଳର ଦ୍ୱାର !
ହ୍ରଦ-ଆସ୍ତରଣ-ଶୋଭନ ଅଞ୍ଚଳ-
ରୂପେ ବିକସିଲେ ଜଳ-ପୁଷ୍ପ-ଦଳ,
ରମ୍ୟ ତାମରସ ସରସୀ-ସମ୍ପଦ,
କୁମୁଦ, କହ୍ଲାର, ରକ୍ତ-କୋକନଦ;
ସ୍ୱର୍ଗୀୟ ସୌରଭେ ପୂରିଲା ଅଟବୀ,
ଜଳରାଶି ଭେଦି ଶୋଭିଲେ ଜାହ୍ନବୀ,
ଶଙ୍ଖ-ସିଂହାସନେ, ସଙ୍ଗେ ସହଚରୀ
ଜଳକେଳୀପ୍ରିୟବେଶେ ଅପୂର୍ବ ସୁନ୍ଦରୀ,
ଇନ୍ଦ୍ରଧନୁପ୍ରଭା ମଣ୍ଡଳେ ମଣ୍ଡିତ,
ଶତଦଳେ ନୀଳ କବରୀ ଭୂଷିତ;
ମନ୍ଦାନିଳେ ଦୋଳୁଅଛି ସିଂହାସନ,
ବର୍ହ ତୋଳି ବର୍ହୀ ତାଣ୍ଡବେ ଯେସନ,
ହେଲେ ଯହୁଁ ଦେବୀ ଜଳେ ସମାସୀନା,
ବାଜିଣ ଉଠିଲା ବନଦେବୀ-ବୀଣା,
ତା ସଙ୍ଗେ ମିଶିଲା ଭ୍ରମର ସଙ୍ଗୀତ,
ବନ-ବିହଙ୍ଗର କାକଳି ଲଳିତ,
ଦରୀ-କୋଳେ ଶୋଇଥିଲେ ପ୍ରତିଧ୍ୱନି,
ଜାଗି ଉଠିଲେ ସେ ଗୀତେ ସେହିକ୍ଷଣି;
ହଂସ ଚକ୍ରବାକ ଜଳେ ଅବତରି,
ବେଢ଼ିଣ ଦେବୀଙ୍କି ବୁଲିଲେ ପହଁରି;
ମୃଗ ମୃଗୀ ତୀରେ ତୃଣାହାର ଛାଡ଼ି
ଉଦ୍‌ଗ୍ରୀବେ ରହିଲେ ହୋଇ ଧାଡ଼ି ଧାଡ଼ି,
ସେ ସ୍ୱର୍ଗୀୟ ରୂପ ପିଇଲେ ନୟନେ,
ସେ ସ୍ୱର୍ଗୀୟ ଗୀତ ପିଇଲେ ଶ୍ରବଣେ;
ମାତାଙ୍କ ଶ୍ରୀମୂର୍ତ୍ତି ଦେଖି ଜଳପରେ
ଝାଉଁ ନମ୍ରଶିରେ ନମିଲେ ପଯୁରେ ।

(୧) ଚଷାପୁଅ—ପକ୍ଷୀବିଶେଷ ।

'ଗୋଦାବରୀ ହ୍ରଦେ କମଳ-କାନନେ
ଦେଖିଥିଲି ଯେଉଁ ମୂରତି ସ୍ୱଜନେ,
ସେହିରୂପେ ଦେବୀ ଦେଖା ଦେଲେ ଆଜ,
ଲାଞ୍ଛିତ ଯେ ରୂପେ କୋଟି ଦ୍ୱିଜରାଜ,
କୁନ୍ଦ-ପ୍ରଭା-ନିନ୍ଦ-ଶ୍ରୀମୁଖ-ମୟୂଖ—
ଦର୍ଶନେ ଖଣ୍ଡିଲା ହୃଦୁଁ ସର୍ବ ଦୁଃଖ,
ସ୍ଥାବର ଜଙ୍ଗମ ଆଦିକରି ଯେତେ,
ସ୍ତବ୍ଧ ହେଲେ ସର୍ବେ ଦେବୀଙ୍କ ସଙ୍କେତେ,
ଚିତ୍ରାର୍ପିତ ପ୍ରାୟେ ହେଲେ ସବୁ ପ୍ରାଣୀ,
ଶ୍ରୀମୁଖ-ପଙ୍କଜୁଁ ନିଃସରିଲା ବାଣୀ —
'ସପତ୍ନୀର (୧) ପୂଜା ଉଠାଇବା ଆଶେ
ଆଣିଲି, ବାତ୍ସ, ତୋତେ ଏ ପ୍ରବାସେ,
ବୀର ଦେବବ୍ରତ (୨) ଦ୍ୱାପରେ ଯେମନ୍ତେ
ସ୍ଥାପିଲେ ବୈଷ୍ଣବ ଧର୍ମ ଭୂଭାରତେ,
ଦୂର ଶାକ୍ତମତ, ଶାକ୍ତ ଅନାଚାର
ଉଠାଇ ବୈଷ୍ଣବ ଭକତି ପ୍ରଚାର
କରିବାକୁ ଏକା ତୁହି ସେ ଭାଜନ,
ଅଛି ଶକ୍ତି ତୋର, ଅଛି ପୁଣି ମନ,
ରଣେ ଦେଖାଇଲୁ ସାହସ ବିଷମ;
ନ ଡରିଲୁ ଅଗ୍ରେ ଉଭା ଦେଖି ଯମ;
ଯୁଦ୍ଧବୀରଙ୍କର ଯେତେ ଗୁଣମାନ
ତୋଠାରେ ସକଳ ହୋଇଛି ପ୍ରମାଣ,
ମାତ୍ର ଯୁଦ୍ଧବୀର ନୁହେଁ ଧର୍ମବୀର,
କରକା ନୁହଇ କେବେ ମଣିହାର ;
ଧର୍ମବୀର ବିନା ଧର୍ମ ସଂସ୍ଥାପନ
କରିବାକୁ ଅନ୍ୟ ନୁହନ୍ତି ଭାଜନ,
ଧର୍ମ-ଅସ୍ତ୍ରେ ଯେହୁ କରନ୍ତି ବିଜୟ,
ଯୁଦ୍ଧକ୍ଷେତ୍ର ତାଙ୍କ ମନୁଷ୍ୟ ହୃଦୟ,
ଉପୁଜାଏ ବାହୁବଳ ଶତ୍ରୁ ଭୀତି,
ଧର୍ମବଳ ଆଣି ଦିଏ ଶତ୍ରୁ ପ୍ରୀତି,
ଧର୍ମଯୁଦ୍ଧେ ସେହି ପ୍ରୀତି ଲଭିବାର
ନିଯୁକ୍ତି ପିଠାଇ ଦେବ ତୋତେ ଦ୍ୱାର,
ଯୁଝିବାକୁ ହେବ ଏକା ଏ ସମରେ,
ପଡ଼ିବୁ ସହାୟ ଥିଲେ ହରବରେ,
ଭାଗ୍ୟର ମୀମାଂସା ହେବ ତୋର ଆଜ;
ଲଭିବୁ ତୁ ଚିର ଯଶଃ ଅବା ଲାଜ,
ଏ ରଣ ଜିଣିଲେ ହେବୁ ତୁହି ଧନ୍ୟ,
ଏହି ଦେବୀ ହେବେ ସଦା ସୁପ୍ରସନ୍ନ,
ଭବେ ଏହାଙ୍କର ନାମ ମହାନଦୀ,
ଉତ୍କଳ-ଭୁବନେ ଏହି ବିଷ୍ଣୁପଦୀ,
ନୀଳସାଗରର ଫେନିଳ ତରଙ୍ଗ
ଏହି ଶୈଳପଦେ ହେଉଥିଲା ଭଙ୍ଗ,
ମହାନଦୀ-ଲୀଳା ନିମନ୍ତେ ସ୍ୱର୍ଥେଶ
ସୃଷ୍ଟି ଦେଇଛନ୍ତି ଏହି ପୂର୍ବ ଦେଶ,
ଏହି-ମହାନଦୀ-ପ୍ରସାଦେ କେବଳ
ଜନ୍ମିଅଛି ଶସ୍ୟ-ଶ୍ୟାମଳ ଉତ୍କଳ,
ମହେନ୍ଦ୍ରକୁ (୩) ଭେଦି ମହୋଦଧି-ପଦେ
ମିଳିଲେ ଆସି ଏ ସଲିଳ ସଂପଦେ,
ତୁଷ୍ଟ ହୋଇ ମୁହିଁ ସୁକାନ୍ତକ ସ୍ତବେ
ପେଷିଲିଇଁ ଏହି ସଖିଙ୍କି ପୂରବେ,
ଲୋକେ ଏହାଙ୍କର ମହିମା ଅଦ୍ଭୁତ,
ନୀର ଏହାଙ୍କର ମର୍ତ୍ତ୍ୟରେ ଅମୃତ,
ଯା ତୀର ନିବାସ ମଣି ମହୋତ୍ସବ
ବସନ୍ତି ଶଇଳେ ଶ୍ରୀନୀଳମାଧବ, (୪)
ବସନ୍ତି ଉତ୍ତର ତଟେ ଭଟ୍ଟାରିକା, (୫)
ଦକ୍ଷିଣେ ନାବିକ-ଅର୍ଚ୍ଚିତା ଚର୍ଚ୍ଚିକା, (୬)

(୧) ପାର୍ବତୀ (ଶକ୍ତି) ଗଙ୍ଗାଙ୍କର ସପତ୍ନୀ । (୨) ଦେବବ୍ରତ—ଭୀଷ୍ମ । (୩) ଓଡ଼ିଶାର ପର୍ବତମାଳା ମହେନ୍ଦ୍ରଗିରିର ଅଂଶୀଭୂତ । (୪) ଖଣ୍ଡପଡ଼ା ଅନ୍ତର୍ଗତ ମହାନଦୀ ତୀରବର୍ତ୍ତୀ ସୁପ୍ରସିଦ୍ଧ କଣ୍ଟିଲୋ-ପାଟଣାର ଗୋଟିଏ ପର୍ବତ ଶିଖରରେ ନୀଳମାଧବ ମନ୍ଦିର ପ୍ରତିଷ୍ଠିତ । (୫) ଭଟ୍ଟାରିକା—ବଡ଼ମ୍ବା ରାଜ୍ୟରେ ପ୍ରତିଷ୍ଠିତ, ଏହାଙ୍କର ଅପର ନାମ ବୃହଦମ୍ବା । (୬) ଚର୍ଚ୍ଚିକା, ବାଙ୍କିର ପ୍ରଧାନ ଦେବତା ।

ସ୍ରୋତେ ଶୈଳଶୃଙ୍ଗେ-ଶଶାଙ୍କ ଶେଖର
ସିଂହନାଥ ପୁଣି ଧବଳେଶ୍ୱର, (୧)
ଗମନ୍ତ ଯେକାଳେ ସିଂହ ବୃଷାମନ୍ତ
ଜ୍ୟୋତିର୍ମୟ ବର୍ଣ୍ଣେ କୁମାରୀ ବସନ୍ତ,
ଗୈରିକ-ଅରୁଣ ସ୍ରୋତ ଜଳେ ଭାସି
ଯାଆନ୍ତି ସୁନ୍ଦରୀ ଭେଟିବାକୁ ପାଣି,
ସେ କାଳେ ହୁଅଇ ଇନ୍ଦ୍ରଧନୁମାଳ,
ତୀର ଅଦ୍ରି ସ୍ତମ୍ଭେ ତୋରଣ ବିଶାଳ
ମାଳାପ୍ରାନ୍ତେ ତଳେ ଖେଳେ ସୌଦାମିନୀ,
ବ୍ୟୋମେ ବନ୍ଧୁଆନ୍ତି ବିମାନଚାରିଣୀ
ଦେବୀଙ୍କି ସେବନ୍ତି ପବନ ଆଦରେ
ବିକସିତ କାଶକୁସୁମ-ଚାମରେ,
କାଣ୍ଡୀପେ ଜଳଦେବୀ ଗୀତରୋଳ
ସଙ୍ଗେ ମିଶେ ଜଳ-ତରଙ୍ଗ-କଲ୍ଲୋଳ
ଚନ୍ଦ୍ରବାଳେ ଶୋଭେ ଜଳ ଆସ୍ତରଣ
ଯେମନ୍ତ ବିଶ୍ୱଲକ୍ଷ୍ମୀ ବିଶାଳ-ଦର୍ପଣ,
ନିରତେ କରିବୁ ଦେବୀଙ୍କର ଧ୍ୟାନ,
ମୋଠାରୁ ଦେବୀଙ୍କି ନ ଜାଣିବୁ ଆନ,
ବ୍ରାହ୍ମୀ, ବୈତରଣୀ, ସୁବର୍ଣ୍ଣତଟିନୀ,
ବଳାଙ୍ଗୀ ଏ ଚାରି ଦେବୀଙ୍କ ଭଗିନୀ,
ନନ୍ଦତ ଯା ରୂପେ ପୂର୍ଣ୍ଣଇନ୍ଦୁ ପ୍ରଭା,
ମହାଦେବୀ ଦେବ-ଯଜନ-ସମ୍ଭବା (୨)
ବସନ୍ତି ଯା ତୀରେ ବିରଜାସୁନ୍ଦରୀ,
ମୋର ସ୍ରୋତ-ରୋଧେ ଯଥା ଛନ୍ନ୍ୟେଶ୍ୱରୀ,
ଗୋନାସିକା ଗିରି (୩) ପୂତ ଝରୁ ଜାତ
ଯାର ସ୍ରୋତ; ମହାବରାହ (୪) ଆଖ୍ୟାତ,
ମହାବସ୍ତୁ ସ୍ନାନେ ପୁଣ୍ୟ ଯାର ନୀର,
ପରିଖା ଉତ୍କଳେ ଆଦ୍ୟ ନଗରୀର,
ସେହି ବୈତରଣୀ ଅଗ୍ରତେ ଭୁମ୍ବର,
ବନ୍ଦ ବତ୍ସ, ଭାବେ ଦେବୀଙ୍କ ପୟର,
ମେଘାସନ ଶୈଳ (୫) ମେଘର ଆବାସ,
ସଦଳେ ଝଟିକା ଯହିଁ କରେ ବାସ,
ତହିଁ ଜନ୍ମି ସ୍ରୋତ ପ୍ରାଚୀ ମୁଖେ ଧାଏଁ,
ସିନ୍ଧୁ-ଅଙ୍ଗେ ନିଜ ତରଙ୍ଗ ମିଶାଏ,
ସେହି ସ୍ରୋତସ୍ୱତୀ-ସ୍ରୋତ-ଅଧୀଶ୍ୱରୀ
ବଳାଙ୍ଗୀ ଏ, ମହାନଦୀ ସହଚରୀ;
ଉତ୍କଳର ହେମ-ସୀମନ୍ତ ରୂପିଣୀ,
ଦେଖ, ବତ୍ସ, ଏହି ସୁବର୍ଣ୍ଣ ତଟିନୀ,
ସୁବର୍ଣ୍ଣ-ପରାଗ ଯହିଁ ଅହରହ
ଶବର ସୁବର୍ଣ୍ଣ କରନ୍ତି ସଂଗ୍ରହ,
ଯାର ତୀର-କୁଞ୍ଜ-ବିହାର ବାସନା
ଛାଡ଼ି ନ ପାରନ୍ତି ରମ୍ଭା (୬) ସୁଲୋଚନା,
ନନ୍ଦନେ ମନ୍ଦାର ନିକୁଞ୍ଜେ ବିହାର—
ସୁଖକୁ ତା ଲାଗି ଦିଅନ୍ତି ଧିକ୍କାର,
ଏହି ସେହି ବ୍ରାହ୍ମୀ ବ୍ରହ୍ମାଣ୍ଡପାବନୀ,
ଯାର କୃପାଯୋଗୁଁ ଉତ୍କଳେ ଅବନୀ
ପ୍ରସବୁଛି ନାନା ଶସ୍ୟ ଅବିରତ,
ବୈତରଣୀ ସଙ୍ଗେ ହୋଇଣ ସଙ୍ଗତ;
ଯାର ଜଳ ରାଶି ଅନୂପ ଉତ୍କଳେ
ମହାସିନ୍ଧୁ ସଙ୍ଗେ ଯୁଝେ କୁତୂହଳେ,
ପ୍ରଧାନ-ପାଟର ପ୍ରପାତ ଭୀଷଣ (୭)
ନିର୍ଜନ ଗହନେ ଗର୍ଜେ ଅନୁକ୍ଷଣ,

(୧) ମହାନଦୀର ସ୍ରୋତ ମଧ୍ୟରେ ପର୍ବତ ଶୃଙ୍ଗରେ ସିଂହନାଥ ଏବଂ ଧବଳେଶ୍ୱରଙ୍କ ମନ୍ଦିର ପ୍ରତିଷ୍ଠିତ । (୨) ବିରଜା ଦେବୀ ଯଜ୍ଞରୁ ସମ୍ଭୂତ ବୋଲି କିମ୍ବଦନ୍ତୀ ଅଛି । (୩) କେନ୍ଦୁଝର ଅନ୍ତର୍ଗତ ଭୂୟାଁପୀଢ଼ରେ ଗୋନାସିକା ପର୍ବତ ଅବସ୍ଥିତ । ଏହି ପର୍ବତରୁ ବୈତରଣୀ ଜାତ ହୋଇଅଛି । (୪) ବରାହନାଥ ଯାଜପୁରର ପ୍ରସିଦ୍ଧ ଦେବତା । (୫) ମେଘାସନ ଗିରି ଓଡ଼ିଶାର ଦ୍ୱିତୀୟ ଉଚ୍ଚ ପର୍ବତ, ମୟୁରଭଞ୍ଜରେ ଅବସ୍ଥିତ । ଏହା ଶିମ୍ଳିପାଳ ପର୍ବତର ପ୍ରଧାନ ଶିଖର । ଶିମୂଳିପାଳ ପର୍ବତରୁ ବଳାଙ୍ଗ ଜାତ । (୬) ବାମଣ୍ଡା ରାଜ୍ୟ ଅନ୍ତର୍ଗତ ବ୍ରାହ୍ମଣୀ ତୀରବର୍ତ୍ତୀ 'ବାଉକୁଣ୍ଟ' ଗ୍ରାମରେ ରମ୍ଭାଙ୍କ ମନ୍ଦିର ଅଛି । (୭) ପ୍ରଧାନପାଟର ପ୍ରପାତ ବାମଣ୍ଡା ରାଜଧାନୀ ଦେବଗଡ଼ ନିକଟବର୍ତ୍ତୀ ।

ମାର-ଆସ୍ଫାଳଣ ଭୃଗୁ-ପ୍ରସ୍ଥେ ଯାର
ସ୍ଥିରକଲୁ ସିଏ ସହସ୍ର ଧିକ୍‌କାର,
ନିରନ୍ତର ରତ୍ନ-ସୀମନ୍ତ ପରଶେ
ଇନ୍ଦ୍ରଧନୁ ଯାର ଶିରେ ଶୋଭାପାଏ,
ଯହିଁ କେଳିଲୋଳ ଜଳଦେବୀ-କେଳି
ଉପୁଜାଏ ଶତ ସଲିଳ-ହାବେଳି,
ଉଠିବେ ଯା ତଟେ ରୁଚିର ନଗର
ଦୂର ଭବିଷ୍ୟତେ ତୋର ବଂଶଧର, (୧)
ସେହି ପ୍ରଭାତରେ ପୂତ ତୋୟରାଶି
ମିଶୁଅଛି ଏହି ବ୍ରାହ୍ମୀଅଙ୍ଗେ ଆସି,
ତୁର ସଖୀ ସଙ୍ଗେ ସୁକାନ୍ତ-ତନୁଜା (୨)
ଅଖିଳ ଉତ୍କଳେ ପାଉଛନ୍ତି ପୂଜା,
ଅଖିଳ ଉତ୍କଳ ଦେଶବାସୀଚୟ
ବଢ଼ିଛନ୍ତି ପିଇ ଏହାଙ୍କର ପୟ,
ନବତୀର୍ଥ ଆଜ ମୋର ଆବିର୍ଭାବେ,
ଉପୁଜିଲା, ବତ୍ସ, ଏ ବିଜନ ଠାବେ,
ଏହି ତୀର୍ଥେ ଆସି ଏ ପୁଣ୍ୟ ତିଥିରେ
ପ୍ରତିବର୍ଷ ସ୍ନାନ କରିବୁ ଏ ନୀରେ,
ବୋଲାଇବ ଏହା ଉତ୍କଳେ ସନ୍ତତେ
'ଚୂଡ଼ଙ୍ଗ ଦହ'(୩)ତୋର ନାମ ମତେ,
ଏହା କହି ଦେବୀ ହେଲେ ଅନ୍ତର୍ହିତ,
ଜଳଦେ ଯେସନେ ମିଶଇ ତଡ଼ିତ,
ଜଳେ ମିଶିଗଲା ସେ ଛବି ପଲକେ,
ଅବଶେ ଆଖି ମୁଁ ବୁଜିଲି ଛନକେ,
ଭୂବପର ସ୍ତବ୍ଧ ହେଲା ସେ କାନ୍ତାର
ପୂର୍ବପର ଶୁଭ୍ର ଝିଙ୍କାରି-ଝଙ୍କାର,
କୌମୁଦୀ ବିହୁନେ ଶଶାଙ୍କ ଯେସନ
ମ୍ଳାନ ଭାବ ଏବେ ଭଜିଲା କାନନ,
ପ୍ରଭାବନ୍ତ ନଭେ ହେଲେ ଖରକର,
ତୋଳିନେଇ ସରୁଁ ମୃଣାଳ ସୁସ୍ୱର
ଦେବୀଙ୍କି ନୈବେଦ୍ୟ ଦେଇ ମନେ ମନେ
କ୍ଷୁଧା ନିବାରିଲି ପ୍ରସାଦ ସେବନେ,
ଅମ୍ବରେ ଉଜ୍ଜ୍ୱଳେ ଜଳିଲେ ତରଣି,
କିବା ଦିବାଦେବୀ କାଞ୍ଚୀମଧ୍ୟମଣି,
ତାପେ କ୍ଳାନ୍ତ ତରୁରାଜ ସରକୂଳେ
ଅଙ୍ଗ ଢେଲେ ସରକୁ ବୃନ୍ତଚ୍ୟୁତ ଫୁଲେ,
କପୋତେ ରାବିଲେ ତରୁଷଣ୍ଡେ ଲୁଚି
ପତ୍ର ଅନ୍ତରାଳେ ରାବିଲେ ଗୁଣ୍ଡୁଚି,
ଅଟଳେ କୋଚିଲାଖାଇଙ୍କର ରାବ
ପ୍ରଚାରିଲା ବନେ ମଧ୍ୟାହ୍ନ ପ୍ରଭାବ,
ନଦୀକୂଳୁଁ ଶୁଣି ସ୍ୱଜାତିର ସ୍ୱର
ନଦୀକୂଳବନ୍ଧୁ (୪) ଦେଲା ପ୍ରତ୍ୟୁତ୍ତର,
ବିଶ୍ରାମେ ମିଣ୍ଟାଇ ଶ୍ରମ ତରୁତଳେ
ଶିବିରକୁ ଫେରି ଅଇଲି ଚଞ୍ଚଳେ ।"
ଏହି କଥା କହି ବୃଦ୍ଧ ସେନାପତି
ତ୍ରିଦୋଷ କୃତ୍ୟରେ ବଳାଇଲେ ମତି,
ସାମନ୍ତେ ସୈନିକେ ଗଲେ ନିଜ ସ୍ଥାନ
ମନେ ଗୁଣି ସେନାପତି କଥାମାନ,
କି ଭାଗ୍ୟ ଫଳିବ ରଜନୀ ଗରଭେ,
ଏହି ପ୍ରତୀକ୍ଷାରେ ରହିଲେ ସରବେ ।

(୧) ବାମଣ୍ଡାର ରାଜଧାନୀ ଦେବଗଡ଼ ଏହି ଭବିଷ୍ୟତ୍ ବାଣୀର ଲକ୍ଷ୍ୟ ଅଟେ; ଚୂଡ଼ଙ୍ଗଦେବ ବାମଣ୍ଡା ରାଜବଂଶର ଆଦିପୁରୁଷ ଅଟନ୍ତି । (୨) ସୁକାନ୍ତ-ତନୁଜା— ମହାନଦୀ । । (୩) ଚୂଡ଼ଙ୍ଗଦହ— ଏହି ହ୍ରଦ କଟକରୁ ୪ କୋଶ ଦୂରବର୍ତ୍ତୀ ସାରଙ୍ଗଗଡ଼ର ନିକଟସ୍ଥ ଅରଣ୍ୟ ମଧ୍ୟରେ ଅବସ୍ଥିତ । ଏହା ଅତ୍ୟନ୍ତ ଗଭୀର ଏବଂ ଏହାର ଜଳ ଅତି ନିର୍ମଳ । କେହି କେହି କହନ୍ତି ଯେ ଏହା ମଧ୍ୟରେ ଗଙ୍ଗା ଦେବୀଙ୍କର ମନ୍ଦିର ଅଛି ଏବଂ ବିଗତ ନଅଙ୍କରେ କିଞ୍ଚିତ ଜଳ ଶୁଷ୍କ ହୋଇଯିବାରୁ ଉକ୍ତ ମନ୍ଦିରର ଚୂଡ଼ା ଦୃଷ୍ଟିଗୋଚର ହୋଇଥିଲା । (୪) ନଦୀକୂଳ ବନ୍ଧୁ—ଯାମଘୋଷୀ ପକ୍ଷିବିଶେଷ ।

## ଦ୍ୱିତୀୟ ସର୍ଗ

( ନଟବାଣୀ ବୃତ୍ତ )

ଡୁବନ୍ତି ବନାନ୍ତେ ତପ୍ତ ହେମ ଛବି
ଧୀରେ ଦେବାଦ୍ୱାର (୧) ଗିରିଶୃଙ୍ଗେ ରବି,
ପୀତ କରଜାଲେ ଝଟକୁଛି ଭୁବନ,
ସୁଖସ୍ୱପ୍ନ ପ୍ରାୟେ ହରେ ଜନମନ,
ବାରୁଣୀ ଗଗନ ପ୍ଲାବିତ ପ୍ରଭାରେ
ଗନ୍ଧର୍ବ ନଗର ଶୋଭାକୁ ଧିକ୍କାରେ,
ବାରୁଣୀ-ରାଣୀ କି ପିନ୍ଧି ସ୍ୱର୍ଣ୍ଣଚେଳ
ସଖୀ ସଙ୍ଗେ ଖେଳୁଛନ୍ତି ଫଗୁଖେଳ ;
ସୁବର୍ଣ୍ଣ ବିମାନ, ସ୍ୱର୍ଣ୍ଣ ରଥ ଦୋଳା
ନଭସ୍ଥଳେ କେତେ ହୋଇଛନ୍ତି ତୋଳା,
ସୁବର୍ଣ୍ଣର ନଦେ ବହେ ସ୍ୱର୍ଣ୍ଣ ସ୍ରୋତ,
ସୁବର୍ଣ୍ଣ ଅମ୍ବୋଧେ ଚଳେ ସ୍ୱର୍ଣ୍ଣପୋତ,
ସୁବର୍ଣ୍ଣ ମଞ୍ଚରେ ସୁବର୍ଣ୍ଣ ଆସନ,
ତହିଁକି ବସିଛି ଦେବ ବୈଶ୍ରବଣ,
ଦୂରେ ବାଲିରାଶି ମିଶିଛି ଗଗନେ
ବିଭୂଷିତ ସନ୍ଧ୍ୟା-କନକ-କିରଣେ,
ସାରଙ୍ଗ ଗଡ଼ରୁ ଆଠଗଡ଼ ଯାଏ
ଶୋଭେ ଶୈଳ ମାଳ ପ୍ରାଚୀର ପରାୟେ ;
ଠାବେ ଠାବେ ତୁଙ୍ଗ ନୀଳଶୃଙ୍ଗମାଳା
ଶୋଭେ ଯେସନ୍ତେ ଇନ୍ଦ୍ରନୀଳ ଚନ୍ଦ୍ରଶାଳା,
ଉଚ୍ଚତାରେ ଦେଇ ସର୍ବଶୈଳେ ଲଜ୍ଜା
ଟେକିଛି ଶିଖର ଗିରି ସପ୍ତଶଯ୍ୟା, (୨)

ମଣ୍ଡିଛନ୍ତି ସ୍ୱର୍ଣ୍ଣ କରେ ଗ୍ରହରାଜ
ବୌଦ୍ଧକୀର୍ତ୍ତିରାଜ ମଣ୍ଡିତ ନରାଜ ; (୩)
ଉତ୍ତରେ ବିରାଜେ ଶୈଳ ସର୍ପେଶ୍ୱର, (୪)
ସର୍ପେଶ୍ୱରୀ ଯାର ଧୂଆଇ ପୟର,
ବଙ୍ଗଗାମୀ ସ୍ରୋତେ, ବିସ୍ତୃତ ସୈକତେ
ସନ୍ଧ୍ୟାରାଗ ଖେଳୁଅଛି ନାନାମତେ ;
ସ୍ୱଚ୍ଛ ସ୍ରୋତଜଳେ ପୀତ ରବି ରୁଚି
ପଡ଼ି, ବୀଚିମାଳା ହଲୁଚି ଝଟକୁଚି ;
ଧୂମାକାରେ ଦୂରେ ପର୍ବତର ଗ୍ରାସି,
ମାଡ଼ି ଆସୁଅଛି ଜଳସ୍ଥଳ ଗ୍ରାସି ;
ରଥାଙ୍ଗୀ ଭାସଇ କାଠଯୋଡ଼ି-ନୀରେ
ଥରେ କାନ୍ତେ, ଥରେ ଅନାଇ ମିହିରେ ;
ପଟିଆଦହରୁ (୫) ପକ୍ଷୀ ଦଳେ ଦଳେ
ଉଡ଼ି ଆସୁଛନ୍ତି ନଭେ କୋଳାହଳେ ,
ଗଉଡେ ମଧୁରେ ମୁରଲୀ ବଜାଇ
ପଦାରୁ ଗୋଠକୁ ଆଣୁଛନ୍ତି ଗାଈ ,
ହମ୍ବାଁ ହମ୍ବାଁ ରବ ହେଲେ ଅସ୍ତମିତ,
ପଶ୍ଚିମାଶା ହେଲା କୁଙ୍କୁମେ ରଞ୍ଜିତ ;
କେତେ ରୂପ ଧରୁଅଛି ଚକ୍ରବାଳ,
ଦେଖାଉଛି ନବ ନବ ଇନ୍ଦ୍ରଜାଲ,
ରକ୍ତ, ପୀତ, ନୀଳେ ରଙ୍ଗ କରି ନଭ
ଭିଆଇଛି ନାନାବର୍ଣ୍ଣେ ବର୍ଣ୍ଣୋତ୍ସବ ,

(୧) ଡମପଡ଼ା ଅନ୍ତର୍ଗତ ସ୍ୱନାମପ୍ରସିଦ୍ଧ ପର୍ବତମାଳା । କଟକର ଦକ୍ଷିଣ-ପଶ୍ଚିମରେ ଅବସ୍ଥିତ । (୨) ସପ୍ତଶଯ୍ୟା ପର୍ବତ ଢେଙ୍କାନାଳର ଅନ୍ତର୍ଗତ । କଟକର ପଶ୍ଚିମରେ ଯେଉଁ ପର୍ବତମାନ ଦୃଷ୍ଟ ହୁଅନ୍ତି, ସେମାନଙ୍କ ମଧ୍ୟରେ ସପ୍ତଶଯ୍ୟା ସର୍ବୋଚ୍ଚ । (୩) ନରାଜର ବୌଦ୍ଧ-କୀର୍ତ୍ତି ଇତିହାସପ୍ରସିଦ୍ଧ । (୪) ସର୍ପେଶ୍ୱର ପର୍ବତ ଆଠଗଡ଼ର ଅନ୍ତର୍ଗତ । ନରାଜର ବିପରୀତ ପାର୍ଶ୍ୱରେ ଅବସ୍ଥିତ । ଆଠଗଡ଼ର ପ୍ରଧାନତମ ନଦୀ ସର୍ପେଶ୍ୱରୀ (ସାପୁଆ) ଏହି ପର୍ବତ ତଳେ ମହାନଦୀରେ ମିଳିଅଛି । (୫) ପଟିଆ—ଏହି ରାଜ୍ୟ କଟକରୁ ୩ କୋଶ ଦକ୍ଷିଣରେ ଅବସ୍ଥିତ । ଏହାର ପର୍ବତ ଏବଂ କାନନବେଷ୍ଟିତ ଦହମାନ ଅତି ରମଣୀୟ । ଏହି (ଦହମାନଙ୍କରୁ) ପଦ୍ମଫଳ; ପଦ୍ମସୂତ୍ର ଏବଂ ସିଙ୍ଗଡ଼ା ପ୍ରଭୃତି କଟକକୁ ଯଥେଷ୍ଟ ପରିମାଣରେ ଆମଦାନୀ ହୁଏ ।

ଭାଗନ୍ତିଏ ଫୁଟି ଗୋଧୂଳି-କୁନ୍ତଳେ
ଦେଖୁଅଛି ମୁଖ କାଠଯୋଡ଼ି-ଜଳେ,
ପର୍ବତକନ୍ଦରୁ ବାହାରି ଅନ୍ଧାର
କ୍ରମେ ସବୁ କରୁଅଛି ଏକାକାର,
ତଉଦରେ ଘୋଟି ତିମିର କାଳିମା
ଲଭିଗଲା ଜଳସ୍ଥଳ ବ୍ୟୋମସୀମା,
ମାତ୍ର ବଡ଼ାନାସୀ ଗଡ଼େ ତିମିରର
ପ୍ରବେଶର ଆଜ ନାହିଁ ଅବସର,
ଯହିଁ ଦେଖ ତହିଁ ଚନ୍ଦ୍ରୋଦୟ ଜଳେ,
ଯହିଁ ଦେଖ ତହିଁ ସଙ୍ଗୀତ ଉଥଳେ,
ଉଲ୍ଲାସେ ଗଡ଼ନ୍ତି ଗଡ଼ବାସୀ ଜନେ
ନାନା ମନୋରାଜ୍ୟ ଜାଗ୍ରତ ସ୍ୱପନେ,
ବଡ଼ାନାସୀ ଗୁଡ଼ ଆଜ ନିଶାଶେଷେ
ବାହୁଡ଼ିବ ଶତ୍ରୁ ସଦଳେ ସ୍ୱଦେଶେ;
ରିପୁ-ହସ୍ତ-ମୁକ୍ତ ହେବେ ନୃପ-ଶଶୀ,
ଉତ୍କଳ-ଗୌରବ ହସିବ ବିକଶି ।”
ଦେବାଳୟେ, ପଥେ, ଘାଟେ, ଘରେ ଦ୍ୱାରେ
ଏହି ଗୀତ ଆଶା ଗାଏ ସବୁଠାରେ,
ଉତ୍କଣ୍ଠା ହୃଦୟେ କରେ ଅଧିକାର,
ଆଶା ଧରେ ଇଷ୍ଟସିଦ୍ଧିର ଆକାର,
ଗହନେ ଗମନକାଳେ ବୈରୀଗଣ
କହିଯାଇଥିଲେ ଶିବିରେ ବସି ଗିର,
ସେହି କଥା ଆଜି ସବେ ବୁଢ଼ାଙ୍କର
କରିଥିଲା ଜନସମାଜେ ପ୍ରଚାର,
ସେହି ଆଶା-ସ୍ରୋତେ ମନୋରଥ-ତରୀ
ଛାଡ଼ ଦେଇଛନ୍ତି ନାଗର ନାଗରୀ,
ଚାଲିଛି ତରଣୀ ଉଲ୍ଲାସ ପବନେ,
ବିପଦ-ଆଶଙ୍କା-ଭ୍ରାନ୍ତି ନାହିଁ ମନେ,
ଦୁର୍ଗ ମଧ୍ୟେ ଆଜ ଆନନ୍ଦ ଉଚ୍ଛଳ,
ଚଣ୍ଡିକାଙ୍କ ଦେଉଳେ ଲାଗିଛି ଗହଳ,
ପଞ୍ଚ-ତାତ୍କାଳୀ-ଭୂଷା-ଭେରୀ-ରବେ
କମ୍ପୁଛି ଚଣ୍ଡିକା-ଗୃହ ମହୋତ୍ସବେ,
ସପଲ୍ଲବସ୍ତମ୍ଭେ ଶୋଭିତ ତୋରଣ,
ଧୂପ-ହୋମ-ଗନ୍ଧ ବହେ ସମୀରଣ,
ଧାଡ଼ି ଧାଡ଼ି ହୋଇ ଜଳେ ଦୀପାବଳୀ
ମନ୍ତ୍ର ଉଚାରନ୍ତି ପୁରୋଧା ମଣ୍ଡଳୀ,
ସ୍ଥାନେ ସ୍ଥାନେ କୁଞ୍ଜ ହୋଇଛି ରଚନା,
ସରଣୀରେ ଶୋଭେ ପଲ୍ଲବତୋରଣା,
ଉଡ଼େ ନାନାବର୍ଣ୍ଣେ ତରୁଚୂଡ଼େ ଧ୍ୱଜ,
ତରୁପର୍ଣ୍ଣେ ଯାଉ ନିନ୍ଦେ ତାରବ୍ରଜ,
ଉନ୍ମତ୍ତ ଆନନ୍ଦେ ଯେତେ ଦୁର୍ଗବାସୀ,
ଚୁଣ୍ଡି କଲେ ଆଣି ଭୋଗ ରାଶି ରାଶି,
କୁସୁମ ଚଙ୍ଗଡ଼ା ପଦ୍ମହସ୍ତେ ଧରି,
ଠାବେ ଠାବେ ଠୁଳ ପ୍ରାଙ୍ଗଣେ ନାଗରୀ,
ଉଭାହୋଇ ଭକ୍ତି ଭାବେ ନରବର
ଦେବୀଙ୍କ ସମ୍ମୁଖରେ ଡାଳନ୍ତି ଚାମର,
ଅର୍ଘ୍ୟସ୍ଥାଳୀ ହସ୍ତେ ମନ୍ତ୍ରୀ ସକଳ,
ଉପନୀତ, ସଙ୍ଗେ ସହଚରୀ ଦଳ,
ସର୍ବେ ହୋଇଛନ୍ତି ଏ ଉତ୍ସବେ ଭାଗୀ,
ମାତ୍ର ପ୍ରେମା-ମୁଖ ମଳିନ କି ଲାଗି;
ସନ୍ତତି ମଧ୍ୟରେ ଏକମାତ୍ର କନ୍ୟା,
ରୂପ ଗୁଣେ ଲୋକେ ହୋଇଅଛି ଧନ୍ୟା,
ଶତ ମନ୍ତ୍ରୀର ଉତ୍ସଙ୍ଗେ ଲାଳିତା,
ଶଶୀକଳା ପ୍ରାୟେ ବଢ଼ିଲା ଲଳିତା,
ଭ୍ରମିଲା ଯୋହାରେ ଶୈଶବେ ନଗରୀ
କୋଳୁଁ କୋଳେ ଯେହ୍ନେ କଳନାଦୀ ସାରୀ,
କ୍ରମେ ଦେହେ ହେଲା ଯୌବନ-ପ୍ରକାଶ,
ବସନ୍ତେ ଆସଇ ଯଥା ମଧୁମାସ,
କିମ୍ବା ମଧୁମାସେ ନବକିଶଳୟ,
କିଶଳୟେ ଅବା କୁସୁମନିଚୟ,
ଶୁଦ୍ଧାନ୍ତ ଉଦ୍ୟାନେ ଏକ ହିଁ ମୁକୁଳ,
ନିଧିକା ଏବେ ସେ ପ୍ରସ୍ଫୁଟିତ ଫୁଲ,
କେଉଁ କୀଟ ଆହା ପଶିଲା ଏ ଫୁଲେ ?
କି ଭାବନା ବାଳା ଭାବୁଛି ବ୍ୟାକୁଳେ ?
ଉଦାସୀନ ବାଣୀ ଅଟଳ ଗୃହିଣୀ
ହୃତ ହୃଦୟର କହଇ କାହାଣୀ,
ବୃଥା ସେ କୃତ୍ରିମ ଉଲ୍ଲାସେ ପ୍ରୟାସ,
ଫୁଟି ବାହାରୁଛି ରୁଦ୍ଧ ଦୀର୍ଘଶ୍ୱାସ;

ଭାବ ଦେଖି ଅଙ୍ଗ-ଗ୍ଲାନି ଅନୁମାନ
ସଖୀଏ ଘୁଞ୍ଚିଲେ ଅନ୍ତଃପୁରେ ଆଣି,
ପାନ ମିଷ୍ଟ ସଙ୍ଗେ କେଶରୀପ୍ରିୟାର
ବାହୁଡ଼ିଲେ ଆଦ୍ୟ ଯାମେ ଯାମିନୀର,
ଦିବାଶ୍ରମେ ଶ୍ରାନ୍ତ ଯେତେ ନରନାରୀ
ବାସେ ବାହୁଡ଼ିଲେ ମହୋତ୍ସବ ସାରି,
ଯାମିନୀ ହୁଅନ୍ତେ ସାର୍ଦ୍ଧ ଏକ ଯାମ
ଆହାରାନ୍ତେ ସର୍ବେ ଲଭିଲେ ବିଶ୍ରାମ,
କି ରାଜା, କି ପ୍ରଜା, କି ଧନୀ, କି ନିର୍ଦ୍ଧନ
ସ୍ୱପ୍ନରାଜ୍ୟେ ସୁଖେ କଲେ ବିଚରଣ,
କ୍ରମେ ଘରେ ଘରେ ପ୍ରଦୀପ ଲିଭିଲା ;
ଗାଢ଼ ତମଃ ସର୍ବସ୍ଥଳ ଆବରିଲା ।
ଗାଢ଼ୁଁ ଗାଢ଼ତର ହେଲାଣି ରଜନୀ,
ନିବିଡ଼ ତମସେ ଆବୃତ ଅବନୀ,
ମଗ୍ନ ବିଡ଼ାନାସୀ ନିବିଡ଼ ତମସେ,
ଜଡ଼ ପ୍ରାୟେ ଗଡ଼ବାସୀ ନିଦ୍ରାବଶେ,
ଲିଭିଲାଣି ଦୀପଶିଖା ଠାବେ ଠାବେ,
ଜଳୁଥିଲା ଯାହା ନଦୀବକ୍ଷେ ନାବେ,
ପଥ ବେନପାର୍ଶ୍ୱେ ଘନ ବନସ୍ପତି,
କିବା ସେ ବହଳ ତମିସ୍ର ସଂହତି;
ଗାଢ଼ତର ହୋଇ ଅନ୍ଧାର ବଢ଼ୁଛି,
ଥାଉ ଆନ ତହିଁ ନ ଗଳଇ ସୂଚି
ମହାନଦୀ-ପଠାବାସୀ ମହିପାଳ—
ମହାନଦୀ-ସ୍ରୋତବାହୀ ପୋତପାଳ —
ଉପହାସେ ଶଶୀ ହେବାକୁ ଉଦିତ
ଅଛି କାଳ ଅର୍ଦ୍ଧ-ଯାମ ପରିମିତ,
ସାଇଁ ସାଇଁ ଡାକୁଅଛି ବସୁନ୍ଧରା,
ମୌନବତୀ ଯେହ୍ନେ ସମାଧି-ତତ୍ପରା,
ତିମିର-ପ୍ରଭାବ ଏତ୍କାଳେ ଅତି,
ସୁଖ ଆଗେ ଯଥା ଦୁଃଖ ପରିଣତି,
ମହାଶୂନ୍ୟେ ରହି ତାରକାର ମେଳା,
ଭ୍ରୂଭଙ୍ଗେ ଦେଖନ୍ତି ଏ ଭବର ଖେଳା,

ମଗ୍ନ ବିଡ଼ାନାସୀ ତମଃ-ସିନ୍ଧୁ-ଗର୍ଭେ,
ଆଲୋକ ଝଲକେ କାହିଁ ହର୍ମ୍ୟ-ଶିରେ ?
ଉନ୍ମୋଚିଲେ ତାରା ପ୍ରାୟେ ନଭେ ସ୍ତୂରେ,
ନୁହଇ କି ଦୀପ ନେମା-ହଂସପୁରେ
ବିକଶିତ ନବ-ଲାବଣ୍ୟ-କଳିକା
ଚନ୍ଦ୍ରଶାଳା ଗୃହେ ବସିଛି ନନ୍ଦିକା,
ଏ ଗୃହେ ନିଭୃତେ ବସି କୁତୂହଳେ
ପୂର୍ବେ ଦେଖୁଥିଲା ରଣ ଗଡ଼ତଳେ,
ବୈରସାରଙ୍କର ଲଳିତ ମୂରତି,
ଦେଖି ହେଉଥିଲା ହୃଦୟ କରତି,
ଦେଖିଲା ଯେ ଦିନ ବୈରିଙ୍କୁ ରୂପସୀ
ଗଲା ମନ ତାର ନିଜ ବଶୁଁ ଖସି,
ବସି ଅଲୋଦସୀ ସଂକଳ୍ପ-ଦୋଳାରେ
ସୁକୁମାରୀ ଧୀର ହେଉଥିଲା ମାତରେ,
ଅଙ୍ଗେ ବର୍ମ, ଶିରେ ସ୍ୱର୍ଣ୍ଣ-ଶିରସ୍ତ୍ରାଣ,
ବରଭୁଜେ ଧରି ଝଲକ କୃପାଣ,
ବାଜପୃଷ୍ଠେ ବୈର ଯୁଝୁଥିଲେ ରଣେ,
ନିନ୍ଦୁଥିଲା ବାମା ଶିଖଣ୍ଡିବାହନେ,
ବନ୍ଧୁଥିଲେ ଚାପ ଚନ୍ଦ୍ରାକାରେ ଟାଣି,
ମଣୁଥିଲା ତାଙ୍କୁ ପୁଷ୍ପଧନୁପାଣି
ଯୁଝୁଥିଲେ ବୀର ଅସାଧ ଗଡ଼ତଳେ,
ପୋଛୁଥାଇ ବାଳା ଅଶ୍ରୁ ଚେଲାଞ୍ଚଳେ,
ହାସେ ହେଉଥାଇ ଚିତ୍ତବୃତ୍ତି ଲୋଳ,
ଉଠୁଥାଇ ପାଣ୍ଡୁ-ଭାବକୁ କପୋଳ,
ଆରତେ କରତି ହେଉଥାଇ ମନ,
ଭାବୁଥାଇ ବାଳା ସ୍ୱଗତେ ଏସନ,
ଆହା କି ଲଳିତ ଲାବଣ୍ୟ-ପ୍ରତିମା !
ଜଗତେ ସୁଷମା-ଉପମାର ସୀମା;
ଏ ନିଧିକି ବିଧି, ଆହା କି ହସ୍ତରେ
ଯୋଚିଲେ ଦାରୁଣ ରଣ-ବ୍ୟବସାୟରେ ?
ପୁଷ୍ପଉପବନ-ଯୋଗ୍ୟ ଯୁବାଙ୍ଗନେ
ପକାଇଲେ ନେଇ ଅସି-ଲତାବନେ

କୁସୁମ-ପରାଗ-ଯୋଗ୍ୟ କଳେବର
ହୋଇଅଛି, ଆହା ଧୂଳିରେ ଧୂସର !
ଶ୍ରମବାରି ଝରି ଝଁଳୁଛି ବଦନ,
କଳଧୌତେ ମୋତି ଜଡ଼ିତ ଯେସନ,
ଦୁଃସାହସ ଦେଖି ମନେ ତ୍ରାସ ମାଡ଼େ,
ସଦା ଯୁଝେ ବୀର ବିପଦର ଦାଢ଼େ,
କିଏ ଦେଖିଅଛି ଫେଡ଼ି ଭବିତବ୍ୟ ?
ହେବେ କାଳେ ଶତ୍ରୁ ଶରର ଶରବ୍ୟ !
କେ କହିବ, ଆହା, ବିଧାତା କିପାଇଁ
ମୃଣାଳକୁ ଦେଲେ କଣ୍ଟକେ ଜଡ଼ାଇ ?
କି ଲାଗି ଚନ୍ଦନ ପନ୍ନଗ-ନିବାସ
ବୁଝିବାର ସିନା ବିଫଳ ପ୍ରୟାସ !
ଦୈତ୍ୟ ଅସ୍ତ୍ରାଘାତ ସହିବାକୁ ରଣେ
ସୃଜିଲେ ଯେ ବିଧି ଶିଖଣ୍ଡିବାହନେ,
ସେହି ତ ସୃଜିଲେ ଏ ରୂପନିଧାନ,
ବିଧି ସେ ବୁଝନ୍ତି ତାଙ୍କର ବିଧାନ !
ଶୁଣିଛି ଶ୍ବେତର ଜନନୀ ଜାହ୍ନବୀ, (୧)
ହୃଦ କି ତାଙ୍କର ବଳଗଲା ପବି ?
କୁମରକୁ ପେଷି ଏ ଘୋର ସମରେ
ଧୈର୍ଯ୍ୟ ଧରି ରହିଛନ୍ତି ଦେଶାନ୍ତରେ,
ଦେବବ୍ରତକୁ ଯେ ଦେବୀ ପୂର୍ବ ଯୁଗେ,
ରଣେ ଶୁଆଇଲେ ସୁତୀକ୍ଷ୍ଣ ଆଶୁଗେ (୨)
ସେହି ଦେବୀଙ୍କର ଯେଣୁ ଏ କୁମାର,
ଏ ଭାଗ୍ୟ ଭଜିବା ନୋହେ ଚମତ୍କାର !
ଦେବକୂଟ ସିନା ଦେବତାଙ୍କୁ ଜଣା,
ମନୁଷ୍ୟ ତ ତହିଁ ସବୁବେଳେ ବଣା ।*

ଆଜ ଜଗତୀରେ ଜଗତମୋହିନୀ
କି ଭାବନା ଭାବୁଅଛି ଏକାକିନୀ ?
ମନେ ଉଠୁଅଛି ଶତ ମନୋରଥ,
ଲୋକ-ଲଜ୍ଜା ପୁଣି ରୋଧୁଅଛି ପଥ,
ଆବର୍ତ୍ତେ ଭ୍ରମୁଅଛି ଏଣେତେଣେ ମନ,
ମଶାରି ଭିତରେ ମଶକ ଯେସନ,
ଅବା ତରୁଶାଖା ପ୍ରଭଞ୍ଜନ ବଳେ,
ଅଥବା ତରଙ୍ଗ ମହୋଦଧିଜଳେ,
ଭବ-ଊର୍ମି-କୋଳେ ଦୋଳୁଅଛି ବାଳା,
ଅବଶ ଶିବିରେ ଆଲୋକର ମାଳା,
ଦେଖିଣ ହୃଦୟ ହେଉଛି ଉଚ୍ଛନ୍ନ,
ଗଣ୍ଡେ କର ଥୋଇ ଭାଳଇ ଏସନ,
ଆଜ ନିଶା ଶେଷେ ଉଇଁଲେ ତପନ
ମୋ ପ୍ରାଣ-ତପନ ହେବେ ଅଦର୍ଶନ,
ଅଶ୍ରୁହୀନ ହେବ ପଦ୍ମିନୀ-ନୟନ,
ମୋର କେବଳ ନେତ୍ର ଅଶ୍ରୁ-ପ୍ରସ୍ରବଣ,
ମୋହିହା ପକ୍ଷେ ହେଲା ଏ ରଣ ପ୍ରମାଦ,
ଭୁଆଇଲା ଚିତ୍ତ ହରଷେ ବିଷାଦ,
କି ବୁଦ୍ଧି କରିବ ସହଜେ ଅବଳା,
ଜଳିଛି ହୃଦୟେ ଦେବାକୁ ଅର୍ଗଳା,
ଅରି ହୋଇ ଶ୍ବେତ କରେ ମନ ଚୋରି,
ଅଲକ୍ଷ୍ୟ ଫିଙ୍ଗଇ କୁହୁଁ ପ୍ରେମଡୋରି,
କୁହୁଁ ଆସି ଏହି ଶିରଚୂଡ଼ାମଣି
ହଠେ ଲୁଟିକଲା ହୃଦୟ-ବିପଣି,
ନ ପଶୁଣୁ ଦୁର୍ଗେ ପଶିଲା ଅନ୍ତରେ
ଛାୟା ଯଥା ସ୍ବଚ୍ଛ ଦର୍ପଣ ଭିତରେ,
ଶ୍ବେତ ହାତେ ଦେଲି ପ୍ରଣୟପସରା,
ନ ଧରି ପଡ଼ିଲି ଶ୍ବେତ ହାତେ ଧରା,
ନାରୀମନଚୋର ଶ୍ବେତ ମହାବୀର,
ଶ୍ବେତ ନାମ ତେଣୁ ବହୁଛି ମନ୍ଦିର,
ଟଳି ହୃଦୟ ନ ଆସିବ ବାହୁଡ଼ି,
ପଣ ଥିଲେ ଦେହ ଯାଉଥାନ୍ତା ଉଡ଼ି,

(୧)ଶ୍ବେତଗଙ୍ଗ—ଗଙ୍ଗାଙ୍କର ପୁତ୍ର, ଏହି କମ୍ପୁଦଲ୍ଲୀ ଇତିହାସଗତ (୨) ଭୀଷ୍ମଦେବଙ୍କର ଶରଶଯ୍ୟାର ବିବରଣ ମହାଭାରତରେ ଅନୁସନ୍ଧେୟ ।

କରମକୁ ମୋର ପିତା ହେଲେ ବାମ,
ପୂର୍ଣ୍ଣ ହେଲା ଏବେ ତାଙ୍କ ମନସ୍କାମ,
ମୋର ହେତୁ ରାଜ୍ୟ ହେତୁ ଯତ୍ନ କରି
ମନ୍ତ୍ରୀ ବାସୁଦେବ ହେଲେ ଦେଶାନ୍ତରୀ ;
ସ୍ୱପନେ ଚଣ୍ଡିକା ହେଲେ ମଥାମଣି,
ମୋ ଭାଗ୍ୟେ ହେଲା ସେ ଦାରୁଣ ଅଶନି ;
ବାସୁଦେବ କଥା ରଖିଥିଲେ ତାତ
ହୋଇଥାଆନ୍ତା କି ଏତେ ରକ୍ତପାତ ?
ଆହା କେତେ ବୀର ହେଲେ ଧରାଶାୟୀ
କେତେ ପରିବାର ଭିକ୍ଷା-ବ୍ୟବସାୟୀ !
ଯେତେ ରକ୍ତ, ତାର ଅଶ୍ରୁ ଗୁରୁଗୁଣ
କଲା କଟକର ବକ୍ଷକୁ ଅରୁଣ ;
ହୋଇଛନ୍ତି ସର୍ବେ ବିଶେଷେ ସ୍ୱତର,
ପୁଣି ସୁହୃଦଙ୍କ ବାକ୍ୟରେ ବଧିର,
ବାସୁଦେବଙ୍କର ମନ୍ତ୍ରଣା ଗ୍ରହଣ
କରି, କରିଥିଲେ ମୋତେ ସମର୍ପଣ,
ପ୍ରବାସବେ ପ୍ରଜା ହୋଇଥାନ୍ତେ ସ୍ଥିର,
ନ ହୁଅନ୍ତା ଏହି କଳଙ୍କ ଘୋର ;
ତାତ ହେଲେ ସିନା ଅନର୍ଥର ହେତୁ,
ଶୁଭଗ୍ରହ କର୍ମେ ହେଲେ ଧୂମକେତୁ,
ଯାହା ଇଚ୍ଛା ତାହା ପରଭାଗ୍ୟେ ଘଟୁ,
ନିଜ ଶତ୍ରୁବୁଦ୍ଧି ଚର୍କ୍ଚିବାକୁ ପଟୁ,
ଚର୍କ୍ଚିବାକୁ ଶିଖି ନାହିଁ ପରମନ,
ସେ କି କେବେ ପ୍ରଭୁପଣକୁ ଭାଜନ ?
ସୁତାରେ ପିତାଙ୍କ ପୂର୍ଣ୍ଣ ଅଧିକାର
ଭଣେ ଯେଉଁ ଶାସ୍ତ୍ର ତାକୁ ନମସ୍କାର !
ବୃଥା ଭାବ ଭାବ ହେଉଛି ଉଚ୍ଛନ୍ନ,
ବୃଥା କରୁଅଛି ଅଶ୍ରୁ ବିସର୍ଜନ,
ଭୁଚ୍ଛା ଅଶ୍ରୁ, ଭୁଚ୍ଛା ଚିନ୍ତା ଆଶ୍ରା କରି
ଦୁଃଖସ୍ରୋତେ କେବେ କେ ପାରେ ସନ୍ତରି ?
ଭୁଚ୍ଛା ଚିନ୍ତା କେବେ ଫେଡ଼ିଲା କଷଣ ?
ଭାଗ୍ୟଦେବୀ କେବେ ଚିନ୍ତାରେ ପ୍ରସନ୍ନ ?

ଜାଳି ଜାଳି ହେଲା ଅସ୍ଥିଚର୍ମସାର,
ଭାଳୁଣିରେ ଦୁଃଖ ଗଲାଣି କାହାର ?
ଭାଗ୍ୟଦେବୀ ଅନୁକୂଳ ଉଦ୍‌ଯୋଗୀର,
ଅଳସ କଥାକୁ ସଦା ସେ ବଧିର ;
ନିଜ ପଥେ ବାଧା ବିଘ୍ନ ଅତିକ୍ରମ
କରିବାର ସିନା ପ୍ରେମର ଧରମ,
ଏହି ପ୍ରେମ ଦେନି ଅନ୍ୟ ସୀମନ୍ତିନୀ
ହେଲେ ପାରିଥାନ୍ତା ସବୁ ବାଧା ଜିଣି,
କୁଳ ମାନ ଦେଇ ପ୍ରେମପୀଠେ ବଳି,
ପ୍ରେମପ୍ରବାହରେ ପଡ଼ିଥାନ୍ତା ଢଳି;
ପ୍ରେମେ ଢଳ ଢଳ ଏହି ମହାନଦୀ
ଶତ ଶୈଳ ଲଙ୍ଘି ଧାଉଁଛି ଜଳଧି,
ମହାବଳୀ ପ୍ରେମ ଅଟଇ ମହୀର,
ପ୍ରେମ ସିନା କରେ ଅବଳାକୁ ବୀର,
ପ୍ରେମ ହିଏ ବୁଦ୍ଧି ଉଦ୍‌ଯୋଗ ସାହସ,
ପ୍ରେମ କରିପାରେ ଅବଶକୁ ବଶ ;
ଭୀରୁ ନାମ ଯେହୁ ବହନ୍ତି ସ୍ୱଭାବେ,
ବୀର ହୁଅନ୍ତି ସେ ପ୍ରେମର ପ୍ରଭାବେ ;
ସୁଭଦ୍ରାର କଥା ଜଗତେ ବିହିତ,
ପ୍ରେମବଳେ ସିନା ଲଭିଲା ଦୟିତ,
ଛାର ମନେ ମଣି ରାଜସିଂହାସନ,
ବନମସ୍ତୁ କଲା ବୀର ସଙ୍ଗେ ମନ ;
ଅଯୁତ ଯାଦବ-ଯୋଧ ପଛେ ଧାଇଁ
ନ ପାରିଲେ ବାଳା ମନକୁ ଫେରାଇ,
ସେହି ପ୍ରେମ ବନ୍ଧ ମୁହିଁ ହେଲି ଜଡ,
ତୁଟି ନ ପାରିଲା ଲଜ୍ଜାର ନିଗଡ଼,
ପ୍ରେମ ବଶ ହୋଇ କେତେ ରସବତୀ,
ଅକାତରେ ଜଳେ ଅନଳେ ପଶନ୍ତି ;
ପଶିଲେ ହୁଅନ୍ତେ ଯେବେ ସ୍ୱେର ବର,
ଜଳ ଅନଳକୁ ନ ଥିଲା ମୋ ଡର,
ଜଳେ କି ଅନଳେ କିବା ପ୍ରୟୋଜନ ?
ଏକା ଲୋଡ଼ା ସେହି ଦେବାଦତ୍ତ ଧନ ।

ହସ୍ତଗତ ହେଲେ ସେହି ରତ୍ନବର,
ପ୍ରାଣେଶ୍ୱର ହେବେ ଉତ୍କଳ ଈଶ୍ୱର,
ପ୍ରେମବଳେ ତାଙ୍କୁ କରି ହସ୍ତଗତ
ପ୍ରେମିକାକୁଳେ ମୁଁ ହୋଇବି ଖ୍ୟାତ ।”
ଏହା କହି ପାଦୁଁ ଭଳନାଦୀ ଭୂଷା
ଉତାରିଲା ଖେଳ-ଖଞ୍ଜନ-ହୃଷା,
ଅତି ମୃଦୁ ପଦେ ରାଜସଦ୍ମେ ଯାଇ
ନେଲା ମଣି ନୃପ-ମସ୍ତକୁ ଫେରାଇ,
ଥିଲେ ନରନାଥ ଗାଢ଼ ନିଦ୍ରାବଶ ;
ଥିଲେହେଁ ଜାଗ୍ରତ ଏ ପାପ ସାହସ
ଅସମ୍ଭବ ମଣି ଥାଆନ୍ତେ ଏକାନ୍ତ,
ନିଜ ଚକ୍ଷୁ ସାକ୍ଷ ମଣିଥାନ୍ତେ ଭ୍ରାନ୍ତ ;
ଦକ୍ଷିଣକୁ ଥିଲା ସୁଡ଼ଙ୍ଗ ଦୁଆର,
ଯୁଦ୍ଧବେଳେ ଖୁବ ଯାର ବ୍ୟବହାର,
ଯେଉଁ ଦୁଆରେ ପୂର୍ବେ ରାଣୀମାନେ
ଅନ୍ତଃପୁରୁ ଯାଉଥିଲେ ନଦୀସ୍ନାନେ ;
ସେହି ଦ୍ୱାର କଞ୍ଚି ନନ୍ଦିକାସୁନ୍ଦରୀ
ନ୍ୟାସ ପ୍ରାୟେ ରଖିଥିଲା ଯତ୍ନ କରି,
ସେହି କଞ୍ଚି ସେହି ରତନ ସହିତେ
ସୁଡ଼ଙ୍ଗକୁ ବାଳା ଗଲା ଅଲକ୍ଷିତେ,
ନିଶବଦେ ଫେଡ଼ି ସୁଡ଼ଙ୍ଗ ଦୁଆର,
ହେଲା ବିଡ଼ାଳାକ୍ଷୀ ଗଡ଼ରୁ ବାହାର,
ଚଳିଲା ବିହ୍ୱଳ ହୋଇ ଆଶା ସୁଖେ
ପଦ୍ମ-ଶର୍ବରୀଶ-ମୁଖୀ ପୂର୍ବମୁଖେ,
କୁସୁମ ପରଶ ଯେ ନ ପାରେ ସହି,
ଆଜ ସେ ଭ୍ରମଇ କଣ୍ଟକିତ ମହୀ !
ନିଜ ଛାୟା ଦେଖି କମ୍ପଇ ସାଧ୍ୱସେ,
ଆଜ ସେ ଧାଉଁଛି ନିବିଡ଼ ତମସେ !
ନିର୍ଭୟେ ନିଷ୍କଟେ ବୁଲଇ ସୁତନୁ,
ଯୁଗେ ଶର ଖଞ୍ଜି ସଙ୍ଗେ ଫୁଲଧନୁ,
କାଠଯୋଡ଼ି-ତୀରେ ପୂର୍ବସୂ ଦୁର୍ଗର (୧)
କାନ୍ତିରାଜି ଶିରେ ନିବେଶି ପ୍ରସ୍ଥର
ଝୁଲୁଛି ନିବିଡ଼ ତମିରେ ନଦୀକା,
ସିନ୍ଦୂମୀରେ କିବା ବାଡ଼ବାଗ୍ନି-ଶିଖା ;
ପ୍ରାଚୀନଭେ ଏବେ ରାଜହଂସବନ (୨)
ଚେଷ୍ଟି ଉଛୁଳଇ ପ୍ରଭାପ୍ରସ୍ରବଣ,
ରସାତଳୁ କିବା ଭେଦିଣ ଅବନୀ
ଉର୍ଦ୍ଧ୍ୱେ ଉଠେ ଫଣିପତି-ଫଣା-ମଣି,
ଦୂରେ ସହକାର-କୁଞ୍ଜରନ୍ଧ୍ରଜାଲେ
ଚନ୍ଦ୍ରମାମୃରକ୍ତ ଶୋଭେ ପ୍ରାଚୀଭାଲେ,
ଝରକାରେ ଇନ୍ଦୁ-କିରଣ ପଡ଼ିଲା ;
ଅତଣ୍ଡି (୩) କି ଶ୍ୟାମ ତମାଳେ ଜଡ଼ିଲା,
ଧବଳ କୁସୁମେ ଭୂଷିଲା କବରୀ
ଶୋଭେ ଅବା ଶୋଭାମୟୀ ଶ୍ୟାମବରୀ ;
ତେଜିଲା ତମିର ନିଜ ରାଜ୍ୟ ପାଠ
ନବୋଦ୍ଧତ ଦେଖି ସର୍ବସ୍ୱ-ସମ୍ରାଟ,
ଯାପିବ୍ରଦେ ପୁଣି ପର୍ବତ କନ୍ଦରେ
ଆଶ୍ରୟ ଭଜିଲା ଯାଇ ତରତରେ ;
ଧୂର୍ଜଟିଜଟାରୁ ଯେସନ୍ତେ ଗଙ୍ଗାଜଳ
ଜ୍ୟୋତ୍ସ୍ନାପୁର ପୂରିଅଛି ଧରାତଳ,
ଶୋଭାସଇ ଜ୍ୟୋତ୍ସ୍ନାହାସିନୀ ଯାମିନୀ,
ଶ୍ୱେତଦ୍ୱୀପ ପ୍ରାୟେ ଦିଶଇ ମେଦିନୀ,
ଝରେ କାଠଯୋଡ଼ି ମାଳ ଜଳରାଶି,
କୌତୁକେ ଚନ୍ଦ୍ରଙ୍କ ତହିଁ ବୁଲେ ଭାସି,
କଉସ୍ତୁଭ ସମ କରେ ଝଲମଲ
ପ୍ରାଚୀ ବାରିବକ୍ଷେ ଚନ୍ଦ୍ରମା-ପଦକ,
ଜ୍ୟୋତ୍ସ୍ନା-ଟୋଲା ହୋଇ ଝଟୁଛି ସୈକତ,
ଚନ୍ଦ୍ର ପ୍ରାୟୁ ଦୂରେ ଦିଶୁଛି ପର୍ବତ,
ଚତୁର୍ଦ୍ଦିଗରେ ବସି ଚକୋର ଚକୋରୀ (୪)
ନଭେ ଢାଳୁଛନ୍ତି ସଙ୍ଗୀତ-ଲହରୀ,

(୧)କାଠଯୋଡ଼ି ର ପଥରବନ୍ଧ ମରକତ କେଶରୀଙ୍କର ସର୍ବପ୍ରଧାନ କୀର୍ତ୍ତି । (୨)ରାଜହଂସ-ବନ କଟକର ପୂର୍ବବର୍ତ୍ତୀ । ପୂର୍ବକାଳରେ ଗୋଟିଏ ବୃହତ ବନ ଥିଲା (୩)ଅତଣ୍ଡି ଶୁଭ୍ର ପତ୍ରବିଶିଷ୍ଟ ବନଲତାବିଶେଷ (୪) ଚକୋର—ପାପିଆ ପକ୍ଷୀର ସଂସ୍କୃତ ନାମ ଚକୋର ।

ଜ୍ୟୋତ୍ସ୍ନାମୃତ ସଙ୍ଗେ ପ୍ରେମାମୃତ ପାନ
କରି କ୍ଷଣେ କ୍ଷଣେ ଧରୁଛନ୍ତି ତାନ,
ଦିଗୁଁ ଦିଗନ୍ତରେ ହୋଇ ଝଙ୍କାରିତ
ଚନ୍ଦ୍ରାଲୋକେ ମିଶି ଯାଉଛି ସେ ଗୀତ ।
ଶିବିର ସମ୍ମୁଖେ ବୀର ସେନାପତି
ରଣବେଶେ ବସି ଚିନ୍ତାକୁଳମତି,
ଗଙ୍ଗାଙ୍କ ବଚନ ଶୁଣି ମନେ ମନେ
ଉପୁଜଇ ନାନା ଭାବ କ୍ଷଣେ କ୍ଷଣେ ।
ସ୍ତବ୍ଧ ବନସ୍ଥଳୀ, ନୀରବ ସଂସାର,
ଗାଢ଼ ନିଦ୍ରାବଶେ ସ୍ତବ୍ଧ ସ୍କନ୍ଧାବାର,
ଦିଗଦିଗନ୍ତରେ ଶୁଭେ ଝିଲ୍ଲି ସ୍ୱନ,
କିବା ସେ ଯାମିନୀ ନୂପୁର-ନିକ୍ୱଣ,
କ୍ଷଣେ କ୍ଷଣେ କ୍ଷୁବ୍ଧ କରୁଅଛି ଜଳ,
ଶାନ୍ତସ୍ରୋତେ ଚଳ ବୋହିତ ଚଞ୍ଚଳ,
ଦେଖୁଛନ୍ତି ବୀର ଅନାଇ ନିଶ୍ଚଳେ
ଶଶିକରକ୍ରୀଡ଼ା କାଠଯୋଡ଼ି ଜଳେ,
କରବାଳ ମୁନେ କେବେ ଶୂନ୍ୟମନେ,
ଲେଖୁଛନ୍ତି ରେଖା ବସି ଧରାସନେ,
ବହୁବେଳଯାଏ ଶୂନ୍ୟପଥ ଚାହିଁ
ଭାଳନ୍ତି ନିରମ ଯାମେ ସେନାସାଇଁ,
"ଉଷା-ବନ୍ଦାପନା-ଆଶେ ଧୀରେ ଧୀରେ
ସପ୍ତର୍ଷି ଗଲେ କି ମାନସର ତୀରେ ?
ବିଳମ୍ବ ତ ନାହିଁ ପାହିବାକୁ ରାତି,
ଏବେ ସୁଦ୍ଧା ଦେଖା ନ ଦେଲା ଅରାତି,
ମାତାଙ୍କର ମାୟା ଦେବେ ଅଗୋଚର,
ଧାମ ଭାଗ୍ୟ-ଚକ୍ର ଯାର ବଚସ୍କର,
ସହସ୍ର ଘଟଣା କ୍ଷଣେ ଉପସ୍ଥିତ
କରିପାରେ ଦେବ-ଶକ୍ତି ଅପ୍ରମିତ,
ଦେବତା ଭିଆଣେ ଶୁଭାଶୁଭ ଘଟେ,
କେ ଜାଣେ କି ଅଛି ମୋହୋ ଭାଗ୍ୟପଟେ ?
ରାଜ୍ୟ ହେତୁ ରାଜ୍ୟେ ନାହିଁ ମୋ ଲାଳସା,
ଧର୍ମ ସ୍ଥାପିବାକୁ ଏକାନ୍ତ ଭରସା,
ଧର୍ମର ସହାୟ ବ୍ରହ୍ମାଣ୍ଡର ସାଇଁ,
ଚକ୍ରାୟୁଧ ଚକ୍ରେ ରଖିବେ ଯୋଡ଼ାଇ,
ନୀଳାଚଳପଦେ ଲୋଟେ ଅମ୍ବୁରାଶି,
ଦଣ୍ଡକେ ବ୍ରହ୍ମାଣ୍ଡ ଯେ ପାରଇ ଗ୍ରାସି,
ପାରେ ନାହିଁ ଯେଉଁ ପ୍ରଭୁଙ୍କ ଆଜ୍ଞାରେ
ବେଳାଭୂମି ସୀମା ଲଙ୍ଘିବାକୁ ଗାରେ,
କୃପା କରି ସେହି କୃପା-ଅକୂପାର ;
ଦୁଃଖ ମୋ ଦୁରିତ କରିବେ ସଂହାର ।"
ଭାବୁଛନ୍ତି ଚମୂପତି ଏହିମତେ,
ଆବିର୍ଭୂତ ହେଲା ସହସା ଅଗ୍ରତେ
ସୁଷମାରେ ନିନ୍ଦି ଶାରଦୀୟା ଉଷା,
ରାଜକନ୍ୟା, ସର୍ବବାମାଶିରୋଭୂଷା ;
ଅତ୍ୟଳ୍ପ ଭୂଷଣେ ଶୋଭେ ମତ୍ତକାଶୀ
ଅଳ୍ପତାରା ସିନା ଲୋଡ଼େ ପୂର୍ଣ୍ଣମାସୀ,
ସରଳ ଶରୀର ଶାଳଲତା ଭଳି
ସର୍ବାଙ୍ଗେ ଝଳୁଛି ଯୌବନର ଝଳି,
ଜ୍ୟୋତ୍ସ୍ନା ଉପାଦାନେ ଅମରଶିଳ୍ପାଣୀ
ସୁକୁମାର ଅଙ୍ଗ ଥିଲେ କି ନିର୍ମାଣି,
ଶରଦିନ୍ଦୁ-ଜିଣା ବଦନମଣ୍ଡଳ
ଲାବଣ୍ୟ-ସରେ କି ସୁବର୍ଣ୍ଣ କମଳ ?
ଶୋଭେ ଗ୍ରୀବା ସ୍ତୋକ ବଙ୍କିମ ଠାଣିରେ,
ଶତ ଦଳ ତଳ ପଡ଼ିଛି କି ମାରେ ?
କଳାସର ଖଣି ସେ ବଙ୍କିମ ଠାଣି,
ମିଶିଛି ତା ସଙ୍ଗେ ତରଙ୍ଗ-ଶୃଙ୍ଗାଣି,
ଯୁଗ୍ମ ଭ୍ରୂଲତା ତା ସଙ୍ଗେ ଖେଳଇ,
ମାର ଗାରୁଡ଼ିଆ ଖେଳାଏ କି ଅହି ।
ଦର୍ପିତ-ଦର୍ପଣ କପୋଳ-ଫଳକ
ସୁଧାକର-କରେ କରେ ଝକମକ,
ସ୍ରବୁଅଛି ଶ୍ରମବାରି ବଦନରୁ,
ସୁଧା ଧାରା ଯେହ୍ନେ ସୁଧାକରଶରୁ,
ଦୋଳି ଶ୍ରୁତିମୂଳେ ହୀରା କର୍ଣ୍ଣଫୁଲ;
ଗୁରୁ ଶୁକ୍ର କମ୍ପା ଶଶୀ ସଙ୍ଗେ ତୁଳ ?

କମଳକଳିକା ପରାୟେ ଲଳିତ
ଉରସିଜେ ଶୋଭୁ ଉର ବନ୍ଧୁରିତ,
କରଯୁଗେ ଶୋଭୁ ମରକତ ଚୂଡ଼ୀ,
ଚମ୍ପାଙ୍ଗୀଙ୍କେ ଅଳି ଜଡ଼ିଛି କି ହୁଡ଼ି ?
ସାକ୍ଷାତ ଅନଙ୍ଗ ପ୍ରାୟେ ସୂକ୍ଷ୍ମ କଟି,
ଛକ ଅନଙ୍ଗ କି ନାଚଇ ଧୂର୍ଜଟି ?
ରତ୍ନ ଛଳେ ଆହା, ରସିକର ଚିତ୍ତ
ନିତମ୍ବେ ରସନାଗୁଣେ କି ଗ୍ରଥିତ ?
ଦନ୍ତହାସ ଶୋଭୁ ରମ୍ଭା-ଉରୁମାନ
ଉନ୍ମଦ ମଦନ-ଦ୍ୱିରଦ ଆଲାନ,
ଲଳିତାଙ୍ଗୀ ପାଦେ ଅଲକ୍ତାମଣ୍ଡନ
ବାଳାତପ ସ୍ଥଳ କମଳେ ଯେସନ,
ହେମରେଖା ପ୍ରାୟେ ନିକଷ ସକାଶ
ଚରମେ ଦୋଳଇ ମାଳ କେଶପାଶ,
ପିଇବାକୁ ଶଶୀ ଦେହୁଁ ସୁଧାରାଶି
ପଛେ ଧାଇଁ ରାହୁ ଧରିଛି କି ଆସି ?
ଦେଖିଲେ ମନକୁ ଆସଇ ଏସନ—
ବେଦାଭ୍ୟାସଜଡ଼ ବିରଞ୍ଚି ସର୍ଜନ
ନୁହଇ ମୋହିନୀ, କାନ୍ତିଦାତା ଶଶୀ
ଏକାନ୍ତେ ଏ ରୂପ ରଚିଲେ ବସି,
ଅବା ଶୋଭାପକ୍ଷପାତୀ ପୁଷ୍ପଶର ;
ଅଥବା ଗଢ଼ିଲେ ଋତୁ ପୁଷ୍ପାକର ;
ଚହଟି ଆସୁଛି ଦେହୁଁ ସଉରଭ,
ଶରତ ନିଶିରେ ସୁଗନ୍ଧ-ବିଭବ
ଗଙ୍ଗଶିଉଳୀର ଅଙ୍ଗୁଁ ଗ୍ରହି କରି
ବହେ ଯଥା ଧୀର ସମୀରଲହରୀ ,
ଚାହିଁ ସେନାପତି ବିସ୍ମୟେ ଆପ୍ଳୁତ,
କ୍ଷଣକେ ରହିଲେ ହୋଇ ସ୍ତମ୍ଭୀଭୂତ,
ଅରି ପରିବର୍ତ୍ତେ ଉଭା ଦିବ୍ୟନାରୀ
ଯୁବାମନୋରାଜ୍ୟ କିଣି ମନୋହାରୀ,
ପୂର୍ବସୁକୃତ କି ଏହି ଶୋଭାରାଶି
ନାରୀରୂପେ ଅଗ୍ରେ ଉଭା ହେଲା ଆସି ?

ଶୁଭ୍ରଜ୍ୟୋତ୍ସ୍ନାପୁରେ ଶୋହେ ବିନୋଦିନୀ,
କ୍ଷୀରୋଦେ ଯେସନ କ୍ଷୀରୋଦ-ନନ୍ଦିନୀ,
ଦେଖି କି ମାନବୀ ହେଲା ଏ ସଂଶୟ,
ଛାୟାରୁ ଜାଣିଲେ ମାନବୀ ନିଶ୍ଚୟ ;
ଏକେ ନବ ଯୁବା, ଦୁଜେ ସେ କୁମାର,
ସମ୍ମୁଖେ କିଶୋରୀ ବିଶ୍ୱଶୋଭାସାର,
ନିର୍ଜ୍ଜନେ ଦୋହିଙ୍କ ଭେଟ ହେଲା ପୁଣି,
କାହିଁକି କୁସୁମ ଶର ହୋଇ ତୂଣୀ
ସ୍ମରର ପାଶେ ଆଣି କନକ-ଗୋଧିକା
ସ୍ୱକାର୍ଯ୍ୟ ମନୋଜ ଗଲା ପାସୋରି କି ?
ନାହିଁ, ଦେଖ ରହିଁ ଛକି ସେ ଗୋପନେ
ବାଳା-ନେନେ ବାଣ ନେହାଞ୍ଜନେ,
ମାତ୍ର ସ୍ମରର ପାଶେ ପ୍ରୟାସ ବିଫଳ,
ଅନଳେ କଦାପି ଟଳେ କି ଅଚଳ ?
ତୁଚ୍ଛ ସୁଖଲାଗି ଚିର ଲକ୍ଷ୍ୟଚ୍ୟୁତ
ହେବେ କି ସହଜେ ଶୂର ଗଙ୍ଗାସୁତ ?
ସୌମ୍ୟମୂର୍ତ୍ତି ଦେଖି ସେନାପତିଙ୍କର
ପ୍ରଗଲ୍‌ଭେ ନ ଦେଇ ପ୍ରଶ୍ନ ଅବସର
ଅଦ୍ଭୁତ ସାହସେ କହଇ ନାୟିକା,
"ପ୍ରେମେ ଶ୍ରୀପଦରେ ହେଲି ମୁହିଁ ବିକା,
ନାୟିକା ଉତ୍କଳ-ନରେନ୍ଦ୍ର ନନ୍ଦିନୀ
ତୁମ୍ଭ ପଦେ ଅଜ ପ୍ରେମ-ଭିଖାରିଣୀ,
ବୀରପକ୍ଷପାତୀ ସଦା ନାରୀକୂଳ,
ନାରୀପ୍ରେମେ ସଦା ବୀର୍ଯ୍ୟ ଅନୁକୂଳ,
ଏହି କୈଶମଣି ଅର୍ପୁଛି ଶ୍ରୀକରେ,
ବିରାଜୁଥିଲା ଯା ରାଜମସ୍ତକରେ,
ମଣି ନୁହଇ ଏ, ପିତାଙ୍କ ଜୀବନ,
ତୁମ୍ଭେ ଯେଣୁ ବିଶ୍ୱ-ବିଶ୍ୱାସଭାଜନ,
ନିଃଶଙ୍କେ ସମର୍ପି ଦେଲି ମୁଁ ସକଳ,
ପ୍ରତିଦାନେ ପ୍ରେମ ମାଗୁଛି କେବଳ,
ତୁମ୍ଭର ସନ୍ତୋଷ ସନ୍ତୋଷରେ ଗଣି
ପିତାଙ୍କ ଅଜ୍ଞାତେ ଆଣିଲି ଏ ମଣି,

ତୁମ୍ଭ ପଦେ ଭକ୍ତ ଦେଇଛନ୍ତି ପରାଣ,
ଏକମାତ୍ର ତୁମ୍ଭ ପ୍ରେମ ମୋର ଧ୍ୟାନ ।”
ଏହା କହି ମନ୍ତ୍ରୀ ବୈରଙ୍କ ସମ୍ମୁଖରେ
ଥୋଇ ଉପୁଡ଼ିଲା ରମଣୀ ଅଦୂରେ’
ଅଦ୍ଭୁତ ସୌନ୍ଦର୍ଯ୍ୟ ଅଦ୍ଭୁତ ଆଶୟ
ଶୁଣି ସେନାପତି ମଣିଲେ ବିସ୍ମୟ,
ସ୍ୱପନ କି ଅବା ସ୍ୱରୂପ ଘଟନା,
ସଂଶୟ-ଅନ୍ଧାରେ ପଡ଼ି ହେଲେ ବଣା,
କୋପେ, ଘୃଣା, ଦୁଃଖ, ବିସ୍ମୟ ମିଳିତ,
ହୋଇ ହୃଦ-ସର କଲେ ଆଲୋଡ଼ିତ,
କ୍ଷୋଭ ଅନ୍ତେ ଲଭି ବାକ୍ୟ ଅବସର
ରମଣୀକି ପୁଣି କହିଲେ ଉତ୍ତର,
“ଯାର କୀର୍ତ୍ତିରାଜି—ଅମରସାକ୍ଷିଣୀ
ନାଭିଗୟା ପଦେ ବହେ ତରଙ୍ଗିଣୀ, (୧)
ଏକାମ୍ରେ ଯାହାର ଅସଂଖ୍ୟ ଦେଉଳ
ଘୋଷେ ଯଶୋରାଶି ହୋଇ ପରା ଠୁଳ, (୨)
ଯାର କୀର୍ତ୍ତିମାଳା ଏହି ପୂତଜଳା—
କାଠଯୋଡ଼ି-ବୋଧ-ନଦୀ ମେଖଳା, (୩)
ଯଯାତି ଲଲାଟ ମରକତ ଭୂପ
ଅଟନ୍ତି ଯେ କୁଳ-କେତନସ୍ୱରୂପ,
ସେହି କୁଳେ ଜାତ ତୁହି କି ଦୁଃଶୀଳା ?
କେ କହିବ ମୋତେ କେମନ୍ତ ମିଶିଲା
ଦେବବାଣୀ ସଙ୍ଗେ ଆସି ଅପଭାଷା,
ପୂତ ଭାଗୀରଥୀ-ସ୍ରୋତେ କର୍ମନାଶା ?
ମନ୍ତ୍ରୀ କି ସହିଲେ ଏ ଘୋର ପାତକ ?
ସର୍ବଂସହା ନାମ କଲେ କି ସାର୍ଥକ ?
ପବିତ୍ର କେଶରୀବଂଶେ ଜାତ ହୋଇ
ଦେଶଦ୍ରୋହୀ, ରାଜଦ୍ରୋହୀ, ପିତୃଦ୍ରୋହୀ,
ତିନି ମହାପାପ ଏକ କରଣିରେ,
ଅଦ୍ଭୁତ ସାଧନା ତୋର ଧରଣୀରେ,
କି ସାହସେ ତୋର ଚିତ୍ତବୃତ୍ତି ଗଲା
ଏ ଦାରୁଣ କାର୍ଯ୍ୟେ; ତୁ ପୁଣି ଅବଳା ।”
ଉତ୍ତରଇ ଭାବ ବହ୍ନି ତାପେ ବହି
ତୈଳକ୍ଷେପେ ଯେହ୍ନେ ପୁନଃ ପଡ଼େ ନଇଁ,
ଛୁଟିଲା ଉତ୍କୂଳ-ହୃଦୟ-ଉଚ୍ଛ୍ୱାସେ,
ବିବେକ ଛେଦିଲା ଲବେ ମୋହପାଶ,
କଲା ଯେଉଁ ନିଶା ମନକୁ ବିହ୍ୱଳ,
ପ୍ରଭଞ୍ଜନ ସମ ଯାର ଶ୍ରମବଳ
ତରଙ୍ଗ-ତରଣୀ ଦୁଷ୍କୃତ-ଶୈଳେ
କରୁଥିଲା ଚୂନା କଲା ତଳେ ତଳେ,
ଛୁଟିଗଲା ଏବେ ସେ ନିଶା-ଝଟିକା,
ଦିଶିଲା ଆଲୋକେ ଶତ ବାଧିକା,
ଅନୁତାପ-ଫଣୀ ଉଗାରି ଅନଳ
ଦଂଶିଲା ସହସ୍ର ମୁଖେ ମର୍ମସ୍ଥଳ,
ସ୍ମୃତି-ପ୍ରଦୀପେ ଦେଖିଲା ଯୁବତୀ
ଆତ୍ମକୃତ ପାପ ବିକଟ ମୂରତି,
ମୋହ ଆବରଣେ ଥିଲା ଯା ଆବୃତ,
ପଲକେ ଦିଶିଲା ଭୀଷଣ ବିକୃତ,
ଫୁଟିଥିଲା ଯାହା ବାଲ୍ୟରୁ ଉଜ୍ଜଳ
ରୂପ-ପୁଷ୍ପ ଗଲା ନିମିଷେ ମଉଳ,
ମଉଳଇ ନବମାଳିକା ଯେମନ୍ତ,
ମୂଳ କାଟିଦେଲେ କାଳ୍ମୁକ ଦୁରନ୍ତ;
ନତମୁଖୀ ହୋଇ ମନ୍ତ୍ରୀଙ୍କ ପାଶରେ
ମାଗୁଥିଲା କି ସେ ଆଶ୍ରୟ ଗଭରେ ?
ସ୍ମୃତି ତ କଦାପି ନୁହେ ଫିଙ୍ଗିବାର,
ପାଶିଲେ ଫିଙ୍ଗି ସେ ଲଭନ୍ତା ନିସ୍ତାର ;

(୧) ବୈତରଣୀ ନଦୀତୀରସ୍ଥିତ ଯାଜପୁର ନଗର ଯଯାତିକେଶରୀଙ୍କ କର୍ତ୍ତୃକ ସଂସ୍ଥାପିତ । ଏହାର ପୌରାଣିକ ନାମ ନାଭିଗୟା । (୨) ଭୁବନେଶ୍ୱର ଦେଉଳ ଲଲାଟେନ୍ଦୁ କେଶରୀଙ୍କ ପ୍ରଧାନତମ କୀର୍ତ୍ତି । (୩) ମରକତ କେଶରୀଙ୍କ ପ୍ରଧାନ କୀର୍ତ୍ତି କାଠଯୋଡ଼ି ବନ୍ଧ ।

ଯାମ ମାତ୍ର ଆଗେ ଯେଉଁ ଦଶା ଥିଲା,
କି ହଇଲେ ବାଳା ସେ ଦଶା ଲେଉଡ଼ିଲା !
ମାତ୍ର ସ୍ୱଜନ କି ଭବେ କେହୁ ପ୍ରାଣୀ,
ଭାସିବାକୁ କାଳ-ପ୍ରବାହେ ଉଜାଣି ?
କାଳ-ସ୍ରୋତେ ଭାଗ୍ୟ-ବାୟୁ ବହେ ପୁଣ,
ସ୍ଥିର ନର ତହିଁ ପ୍ରପାତର ତୃଣ,
କହିବାକୁ କଷ୍ଟ ଇଚ୍ଛିଲା ସୁନ୍ଦରୀ,
ବାଷ୍ପପୂର ହେଲା କଣ୍ଠ ରୋଧ କରି ।
ମନ୍ତ୍ରୀଙ୍କି ଡକାଇ ବୀର ବୀରମଣି,
ସୁନ୍ଦର ଶିବିକା ଅଣାଇ ସେକ୍ଷଣି,
ମଣି ସଙ୍ଗେ ସେହି ରମଣୀରତନ,
ପେଷିଲେ କେଶରୀ-ରାଜନିକେତନ,
ଦୂତ ରକ୍ଷିଦଳ ଚାଲିଲେ ସଙ୍ଗତେ,
ପ୍ରବେଶିଲେ ଯାଇଁ ତୋରଣ ଅଗ୍ରତେ,
ବାକ ଉଠିବାରୁ ରାଜଦୂତ ବେଶୀ,
ଶ୍ରୁତଶବ୍ଦ ହେଲା ଦୁର୍ଗର ପ୍ରାଚେରୀ,
ଚେତ ଉଚ୍ଚ ହେଲେ ସୈନ୍ୟେ ସ୍ୱସ୍ତି ଲଭି,
ଜଗୁଥିଲେ ଯେତୁ ତୋରଣବଲ୍ଲଭି ;
କେଶରୀ ସମ୍ମୁଖରେ ଜଣାଇଲେ ଯାଇଁ,
ମୁକ୍ତ କଲେ ଦ୍ୱାର ରାଜ ଆଜ୍ଞା ପାଇ;
ଦୂତ ସଙ୍ଗେ ଯାନ ଶିବିକା ସତ୍ୱରେ
ପ୍ରବେଶିଲେ ଯାଇ ନବର ଭିତରେ,
ଚକିତେ ନୃମଣି-ଶୁଣିଲେ ସମ୍ବାଦ,
ଚିତ୍ତେ ଉପୁଜିଲା ବିସ୍ମୟ ବିଷାଦ,
"ହେମାଙ୍କୁ ସତ୍ୱରେ ଶିବିକାରୁ ଆଣ"
ସଖୀଙ୍କି ଆଦେଶ ଦେଲେ ନରରାଣ
ଆଳୀଏ ଶିବିକା ଦ୍ୱାରଦେଶେ ଯାଇ
ଡାକିଲେ ବାଳୀକି ପ୍ରତିବାକ୍ୟ ନାହିଁ ।
ତହୁଁ ଶିବିକାର ଆବରଣ ଫେଡ଼ି
ହେମାଙ୍କୁ ଦେଖିଲେ ନିଦ୍ରାଗତ ଚେଡ଼ୀ,
ଚେତାଇବାପାଇଁ ଦେଲେ ଦୋହଲାଇ,
ହେମା ଦେଇ ଏତେ ଶୀତଳ କପାଇଁ ?
ପୁଣି ଦୋହଲାଇ ଡାକିଲେ ଅବଳା,
ପାଦଠାରୁ ଶିରଯାଏ ହଲଗଲା !
ଅଲକ୍ଷଣେ ସଖୀ କାନ୍ଦିଲେ ଡରସେ,
ହଜେ ହେଲେ ନୃପ ନିଜେ ଯାନ ପାଶେ,
ଦେଖିଲେ ତନୁଯା ଦେହେ ପ୍ରାଣ ନାହିଁ
ଅବଶେ ସ୍ତମ୍ଭିତ ହେଲେ ନରସାଇଁ,
ଉଷ୍ମନେ ଶୋଇଛି ଦୁଃଖିନୀ ନନ୍ଦିକା
ପର୍ଯ୍ୟୁଷିତ ପଦ୍ମପ୍ରାୟେ ତନୁ ଫିକା;
ଥିଲା ଯେ ଶରୀର ଶୋଭାର ଉଦ୍ୟାନ
ଏବେ ତାହା ଆହା ! ଶୋଭାର ଶ୍ମଶାନ,
ଫୁଲେଶ୍ୱରୀ ଥିଲା ରୂପ-ଉପବନେ
ଯେଉଁ ଫୁଲ ଶୁଷ୍କ କାଳ-ହୁତାଶନେ,
ବିଲୁଳିତ ଭାବ ବହୁଛି ଲଳିତା,
ଶିଖା ଲିଭିଅଛି, ଉଡ଼ୁଛି ବଳିତା,
ଖେଳାଖଞ୍ଜରୀଟ ଯହିଁ ପରାଜିତ,
ଚାରୁନେତ୍ର ଚିର-ନିଦ୍ରାରେ ମୁଦ୍ରିତ,
ଅଞ୍ଚଳର କୋଣେ ବନ୍ଧା ଥିଲା ମଣି,
ହେଲା ଯାହା ଏତେ ଅନର୍ଥର ଖଣି,
ମଣି ସଙ୍ଗେ ସଖୀ ଦେଖିଲେ ଜଡ଼ିତ
ଲେଖ, କଜ୍ଜ୍ୱଳାକ୍ତ ଲେଖନେ ଅଙ୍କିତ,
ଫେଇ ଆଣିଦେଲେ କେଶରୀଙ୍କ କରେ.
ପଢ଼ିଲେ ଏ କଥା ତହିଁ ନରବରେ,
"ତାତ, ଜୀବଲୀଳା ସରୁଛି ମୋହର,
ଅନ୍ତିମେ ବନ୍ଦଇ ତୁମ୍ଭ ଶ୍ରୀପୟର,
ଶିରେ ଘେନି ଯାଉଅଛି ପାପଭାର,
ତହିଁ, ଯହିଁ ଚିର-ମୁକ୍ତ କୃପାଦ୍ୱାର,
କୁଳପାଂଶୁଳାକୁ ବହୁଦିନ କରି
ପାପଭାରୁଁ ଏବେ ମୁକ୍ତ ହେବେ ମନ୍ତ୍ରୀ,
ଦୁଃସ୍ୱପ୍ନ ପରାଏ ପାସୋରି ଅଚିରେ
ମୋ ସ୍ମୃତି ନିଭିବ ମୋହୋ ସମାଧିରେ;
କହିବ ମାତାଙ୍କୁ ସୁତାକୁ ନ ଶୋଚି
ସ୍ମୃତିପଟୁଁ ତାକୁ ପକାଇବେ ପୋଛି,

ବରିଥିଲୁ ଯାଙ୍କୁ ପ୍ରାଣପତି କରି,
ବାଞ୍ଛିଲେଁ ଜାଣିବ ନିଜପୁତ୍ର ପରି,
ଅଭାଜନ ହେଲି ମୁହିଁ ସିନା ପିତଃ,
ନୋହିବ ତୁମ୍ଭର ଧର୍ମ ବିଚଳିତ

ହେଟ୍ୟେ ଯେଠାବେ ମାନବ ସଞ୍ଚାର,
କରାଇବ ମୋର ପିଣ୍ଡର ସତ୍କାର,
ଦୁଃଖିମାନ, ହା ହା, ବିଧି ହେଲେ ବାମ,
ଏ ଜୀବର ହେଲା ଏହି ପରିଣାମ,

ଯୁବର ପ୍ରାଣ ଯିବା-ପଥରେ ହେଲାଣି,
ଶ୍ରୀପଦ-ପଙ୍କଜୁଁ ହେଉଛି ମେଲାଣି ।"
ଲେଖି ପଢ଼ି ରାଏ ରହି ଏକଧ୍ୟାନେ,
କି ଭାବିଲେ, ତାହା ତାଙ୍କ ମନ ଜାଣେ;

ନ ହେଲା ନୟନୁ ଅଶ୍ରୁ ବିଗଳିତ,
ଏ ଯାତନା ସିନା ଅଶ୍ରୁର ଅଜ୍ଞାତ ;
ଚଉଦିଗେ ପଡ଼ିଗଲା ହାହାକାର,
ଭାସିଲେ ଲୋତକେ ରାଜପରିବାର ,

କାନ୍ଦିଲେ ସଖୀଏ ମହାଶୋକାତୁରେ,
କାନ୍ଦିଲେ ରାଣୀଏ ଉଚ୍ଚେ ଅନ୍ତଃପୁରେ,
ନିଶାମୁଖେ ଯହିଁ ହାସ୍ୟର କଲ୍ଲୋଳ,
ନିଶାଶେଷେ ତହିଁ ରୋଦନର ରୋଳ !

ରାଜ-ଆଜ୍ଞାମତେ ରାଜପରିଜନ,
ବହିଲେ କୁମାର ଅନ୍ତିମ ମଣ୍ଡନ,
ବିଜନ ପଠାରୁ ନେଇ ଜଳଯାନେ
ଅନ୍ତ୍ୟେଷ୍ଟି ସାଧିଲେ ବିହିତ ବିଧାନେ,

ସମାଧି ରଚିଲେ ଶିଳ୍ପୀକୁଳ ଆସି
ଅବଶେଷ ଏବେ ଯାର ଶିଳାରାଶି
ଛାଡ଼ିଦେଲେ ତହିଁ ପାଳିତ କୁମାର
ମୟୂର ମୟୂରୀ ମୃଗୀ କୃଷ୍ଣସାର,
ଚଣ୍ଡୀ ଗୃହ ତହିଁ ହେବାରୁ ଗଠିତ,
ବେନି ନାମେ ପଠା ଅଦ୍ୟାପି କଥିତ । (୧)

ସେହି ମଣି ସଙ୍ଗେ ନିଜ ସିଂହାସନ
ଶେଖରଙ୍କ କରେ କରି ସମର୍ପଣ
ସୁବର୍ଣ୍ଣକେଶରୀ ବିଷାଦେ ଉଦାସୀ
ମହାନଦୀ-ତୀରେ ହେଲେ ବନବାସୀ ,
ଅଂଶୁପା ହ୍ରଦର ସନ୍ନିହିତ ବନେ,
ଖେଳୁଥିଲେ ଯହିଁ ପ୍ରାରବ୍ଧ ଯୌବନେ,
ଯହିଁ କରି ସ୍ନାନ ତଟିନୀ-ତରଙ୍ଗେ
ମଳୟ ଖେଳଇ ପୁଷ୍ପାଙ୍ଗନା ସଙ୍ଗେ,
ଅଦ୍ୟାପି ସେ ସ୍ଥାନ ଏ ଘଟଣା ଫଳେ
ବୋଲାଏ 'ସୁବର୍ଣ୍ଣପୁର' (୨) ସେ ଅଞ୍ଚଳେ,
ସମଗ୍ର ଉତ୍କଳୁଁ ଆସି ନୃପମାନେ
ଶେଖରଙ୍କୁ ପୂଜିଲେ ଭକ୍ତି-ଉପାଦାନେ,
ଶେଖରଙ୍କ ସେହି ଦେବଦତ୍ତ ମଣି
ନୀଳାଚଳେ ଦେଲେ ପଠାଇ ସେକ୍ଷଣି,
ବହୁକାଳ ତାହା ବିରାଜି ରୁଚିରେ
ଶୋଭାକଲା ନୀଳଗିରିସାଇଁ ଶିରେ ।

ସୌଧକିରୀଟିନୀ, ଶୂରଙ୍କ ଜନନୀ,
ମହାନଦୀ ମୁକ୍ତ-ବେଣୀ (୩) ମଥାମଣି,
କାଳସ୍ରୋତେ ଲୀନ ଏବେ ବିଡ଼ାନାସୀ,
ନାମ ସେହି ସ୍ରୋତେ ଆସିଅଛି ଭାସି ।

---

(୧) ନନ୍ଦକେଶରୀ ପଠା କଟକର ଉତ୍ତରରେ ମହାନଦୀ ମଧ୍ୟରେ ଅବସ୍ଥିତ । (୨) ଅଂଶୁପା ହ୍ରଦର ଅନତିଦୂରବର୍ତ୍ତୀ ସୁବର୍ଣ୍ଣପୁର ଗ୍ରାମ ବାଙ୍କି ଥାନାର ଅନ୍ତର୍ଗତ । (୩) ବିଡ଼ାନାସୀଠାରେ ମହାନଦୀର ବେଣୀ ମୁକ୍ତ ହୋଇ ମହାନଦୀ ଏବଂ କାଠଯୋଡ଼ି ଆଖ୍ୟାରେ ପ୍ରବାହିତ ହେଉଅଛି ।

# ଉଷା

# ଉତ୍ସର୍ଗପତ୍ର

ପରମମାନନୀୟ ବିଦ୍ୟୋତ୍ସାହିପ୍ରବର ଶୀଲ ଶ୍ରୀଯୁକ୍ତ ମହାରାଜ ରାମଚନ୍ଦ୍ର ବୀରବର
ହରିଚନ୍ଦନ ମର୍ଦ୍ଦରାଜ ବାହାଦୁର ତାଳଚେରାଧିପତି ମହୋଦୟ

ମହାମାନ୍ୟଚରିତେଷୁ !

ସବିନୟ ନିବେଦନମିଦଂ

ଶ୍ରୀମନ୍ ମହାରାଜ,

ଦୁଇ ବର୍ଷ ପୂର୍ବେ ମୁଁ ତାଳଚେର ରାଜଧାନୀରେ ଶ୍ରୀଯୁତମାନଙ୍କ ସହିତ ସାକ୍ଷାତ୍ କରି ଶ୍ରୀଯୁତମାନଙ୍କର ରାଜୋଚିତ ସୌଜନ୍ୟ ଏବଂ ବିଦ୍ୟାନୁରାଗିତାରେ ଯତ୍ପରୋନାସ୍ତି ପ୍ରୀତ ହୋଇ ତାଳଚେରରୁ ବାମଣ୍ଡାଭିମୁଖରେ ପ୍ରସ୍ଥାନ କଲି । ମାର୍ଗରେ ତାଳଚେର ଅନ୍ତର୍ଗତ ଗୋଟିଏ ସ୍ଥାନରେ ଅବସ୍ଥାନ କରୁଥିଲି, ଏମନ୍ତ ସମୟରେ ଜଣେ ଚିର-ରୁଗ୍ଣ ଅକ୍ଷମ ଭିକ୍ଷୁକ ଭିକ୍ଷାର୍ଥୀ ହୋଇ ମୋହୋଠାରେ ଉପସ୍ଥିତ ହେଲା । ସେ ତାହାର ଅବସ୍ଥା ବର୍ଣ୍ଣନା କରୁ କରୁ କହିଲା, "ମହାରାଜା ଅଳ୍ପଦିନ ମଧ୍ୟରେ ଏଠାକୁ ବିଜେ ହେବେ, ମହାରାଜାଙ୍କୁ ମୋହୋର ଅବସ୍ଥା ଜଣାଇଲେ ମୋହୋର ଦୁଃଖ ଯିବ ।" ମୁଁ ତାହାକୁ ଏହି ଉକ୍ତିର ତାତ୍ପର୍ଯ୍ୟ ପଚାରିବାରୁ ସେ କହିଲା, "ତାଳଚେରରେ ମୋହୋ ପରି ଅକ୍ଷମ ବ୍ୟକ୍ତିର ଗ୍ରାସାଚ୍ଛାଦନର ଭାର ମହାରାଜା ସ୍ୱୟଂ ଗ୍ରହଣ କରିଅଛନ୍ତି । ଅନେକ ଲୋକ ଏହିପରି ଚିରଜୀବନ ରାଜସରକାରରୁ ପ୍ରତିପାଳିତ ହେଉଅଛନ୍ତି ।" ଅନୁସନ୍ଧାନଦ୍ୱାରା ଜାଣିଲି ଯେ, ତାହାର ଏହି ଉକ୍ତି ସମ୍ପୂର୍ଣ୍ଣରୂପେ ସତ୍ୟ ଅଟେ । ମୁଁ ଯେତେ ସ୍ଥାନ ଭ୍ରମଣ କରିଅଛି, ଏପରି ପ୍ରକୃତ ସାତ୍ତ୍ୱିକଭାବାପନ୍ନ ସୁବ୍ୟବସ୍ଥା କୌଣସିଠାରେ ଦେଖି ନାହିଁ । ବସ୍ତୁତଃ

"ନୃପସ୍ୟ ବର୍ଣ୍ଣାଶ୍ରମପାଳନଂ ଯତ୍,
ସ ଏବ ଧର୍ମୋ ମନୁନା ପ୍ରଣୀତଃ ।" — [not so; see below]

କାଳିଦାସଙ୍କର ଏହି ଶ୍ଳୋକର ଗୋଟିଏ ଜୀବନ୍ତ ଉଦାହରଣ ତାଳଚେରରେ ଦେଖି ଶ୍ରୀଯୁତମାନଙ୍କ ପ୍ରତି ମୋହୋର ପୂର୍ବାର୍ଜିତ ଭକ୍ତି ଶତଗୁଣରେ ବର୍ଦ୍ଧିତ ହେଲା । ସେହି ଭକ୍ତିର କୌଣସି ଚିହ୍ନ ଶ୍ରୀମୁଖରେ ଉପସ୍ଥାପିତ କରିବାର ବାସନା ସେହି ଦିନରୁ ହୃଦୟରେ ଜାଗରୂକ ଥିଲା । ମାତ୍ର ସୁବିଧା ଅଭାବରୁ ଆଜି ପର୍ଯ୍ୟନ୍ତ ତାହା ଚରିତାର୍ଥ କରି ପାରି ନ ଥିଲି । ଏହି ସାମାନ୍ୟ ପୁସ୍ତିକା ଶ୍ରୀଯୁତମାନଙ୍କର ଉପଯୁକ୍ତ ଉପହାର ନ ହେଲେହେଁ ଭବଦୀୟ ସୌଜନ୍ୟ ଉପରେ ନିର୍ଭର କରି ଏହାକୁ ଶ୍ରୀମୁଖରେ ଅର୍ପଣ କରିବାକୁ ସାହସୀ ହେଲି । ପ୍ରଭାକର ସୂର୍ଯ୍ୟଦେବଙ୍କଠାରେ ଭକ୍ତର ଆରତି ପରି ଶ୍ରୀମୁଖରେ ଏହା ଗୃହୀତ ହେଲେ କୃତାର୍ଥ ହେବି ।

| | |
|---|---|
| କଟକ | ଏକାନ୍ତ ଅନୁଗତ |
| ୨୦-୭-୮୮ | ଶ୍ରୀ ରାଧାନାଥ ରାୟ |

# ଉଷା

ବୃତ୍ତ—ଖଣ୍ଡ କୁମ୍ଭକାମୋଦ

(ଯତିର ନିୟମ—ଛ ଅକ୍ଷର, ଛ ଅକ୍ଷର, ପାଞ୍ଚ ଅକ୍ଷର ।)

ଶାଲ୍ମଳୀଶୈଳରୁଁ (୧) ଭିନ୍ନ ସ୍ଥାନେ ଭିନ୍ନ ଭଙ୍ଗିମା ଧରେ,
ଲଂଘି ନାନା ବନ ଜନପଦ ମିଶେ ବଙ୍ଗସାଗରେ ;
ଉତ୍ତରେ ବଳାଙ୍ଗୀ, ମଧ୍ୟେ ଗଙ୍ଗାହାର ଶୋଣ ଦକ୍ଷିଣେ
ଜଳବେଣୀ-ବର୍ଣ୍ଣେ କୁରଙ୍ଗୀ-ନୟନ—ମାଳିମା ଜଣେ ;
ରଜ, ତମ, ସତ୍ତ୍ୱ ମିଶିଲା ପରାୟେ ବଳାଙ୍ଗୀ-ପଦେ
ଶୋଣ, ଗଙ୍ଗାହାର ମିଶନ୍ତି ଯେ ଯାହା ମାର ସମ୍ପଦେ ;
ତେମୁହାଣୀ ନାମେ ଏହି ସ୍ଥାନ ଏବେ ବିଦିତ ଲୋକେ ;
ଝଣ୍ଡୀକୁଞ୍ଜେ ଜାୟା—ସଙ୍ଗେ ରଙ୍ଗେ ଯହିଁ କ୍ରୀଡ଼ନ୍ତି କୋକେ,
ନିର୍ଭୟେ ନିରତେ ମାର-ଆସ୍ତରଣେ କରନ୍ତି ରଙ୍ଗ
ବାର ବାର ହୋଇ ଯହିଁ ଭଞ୍ଜଭୂମି—ବନ-ବିହଙ୍ଗ,
ନଭ-ନଦୀ-ଜଳ ନିଜ ପୁଣ୍ୟ-ବକ୍ଷେ ବଳାଙ୍ଗୀ ବହି
ଯୋଜନାନ୍ତେ ଯାଇ ନିଜେ ମହାସିନ୍ଧୁ—ବକ୍ଷେ ମିଶଇ ;
ଥିଲେ ତାର ତୀରେ ନୂରୁ (୨) ନାମେ ରାଜା ମହାପ୍ରତାପୀ,
ପୂଜୁଥିଲେ ଯେହୁ ନଦୀତୀରେ ଶ୍ୟାମା (୩) ପ୍ରତିମା ସ୍ଥାପି ;
ସ୍ୱପ୍ନାଦେଶେ ନଦୀ—ଗର୍ଭୁଁ ନରପତି ଲଭି ବିଗ୍ରହ
ଯଥାବିଧି ମାତ ଚଳାଇବା ପାଇଁ କଲେ ଆଗ୍ରହ ;
ନଦୀତଟେ ଦିବ୍ୟ—ଦେଉଳ ତୋଳାଇ ତହିଁ ସ୍ଥାପନା
କରାଇ ନଗର—ଅଧିଷ୍ଠାତ୍ରୀ ରୂପେ କଲେ ଅର୍ଚ୍ଚନା,
ହୋମ ଯାଗ ଆଦି ଅନୁଷ୍ଠାନେ ଦ୍ୱିଜେ ହେଲେ ଦୀକ୍ଷିତ,
ଛାଗ-ଲୋହେ ମାଳ—ବଳାଙ୍ଗୀ-ସଲିଳ ହେଲା ଲୋହିତ ;
ଦେବୀଙ୍କ ନିଯୋଗେ ନରବଳି ହେଉ—ଥିଲା ଅର୍ପଣ,
ଇତର ପଶୁଙ୍କ କଥା ଅବା କିଏ କରେ ଗଣନ ?
ଦେବୀଙ୍କ ପ୍ରସାଦେ ରାଜାଙ୍କର ହେଲା ଭାଗ୍ୟ ଉଦୟ
ଅରି-ଶତ୍ରୁ-କୁଳ ନତ କଲେ ଶିର ହୋଇ ସଭୟ ;

(୧) ମୟୂରଭଞ୍ଜ ଅନ୍ତର୍ଗତ ସୁଦୀର୍ଘ ପର୍ବତମାଳା । ସ୍ଥାନୀୟ ନାମ ଶିମୁଳ ପାଳ ଅଥବା ଶିମୁଳପାହାଡ଼ । (୨) ବାଲେଶ୍ୱର ନଗରର ଅଂଶବିଶେଷର ନାମ ନୁରୁପୁର । (୩) ମାଣିକଖମ୍ବ ନାମକ ବାଲେଶ୍ୱର ନଗରର ଅଂଶ ବିଶେଷରେ କାଳୀ ମନ୍ଦିର ଅଛି ।

ପାରଧିରେ ଥିଲେ ବାରସିଂହ ଭୁରୁ ସଦା ଲାଳସୀ,
ପାରଧି କରନ୍ତି ନିତ ନିତ ଶୈଳ କାନ୍ତାରେ ପଶି ;
ଚଳ-ଲକ୍ଷ୍ୟଭେଦେ ଅମୋଘ ତାଙ୍କର ଥିଲା ସନ୍ଧାନ,
ଗୁରୁ କରି ତାଙ୍କୁ ମାନୁଥିଲେ ଯେତେ ମୃଗୟୁମାନ ;
ସର୍ବ ସୁଖେ ଥାଇ ଏକ ସୁଖେ ରାଏ ଥିଲେ ବଞ୍ଚିତ,
ସନ୍ତତି ବିହୁନେ ନିରନ୍ତର ସେହୁ ଥିଲେ ଚିନ୍ତିତ;
ଦିନେ ନିଶି-ଯୋଗେ ଦେଖିଲେ ମହିଷୀ ସ୍ୱପ୍ନ ଅଦ୍ଭୁତ,
ଉଲ୍‌କାକାରେ ଉଡ଼ି ଆସିଲା ଆକାଶେ ଜ୍ୟୋତି ବହୁତ,
ଜଳିଗଲା କିବା ଅନମ୍ବର ଶର—ହାବେଳ ବାଣେ,
ଅଥବା ପଡ଼ିଲା ଶତ ସ୍ୱର୍ଣ୍ଣ-ରେଖା କଷ-ପାଷାଣେ,
ସବୁ ଜ୍ୟୋତି ମଧ୍ୟେ ବେନି ଜ୍ୟୋତି ଥିଲା ଉଜ୍ଜ୍ୱଳତମ,
ଶାରଦୀୟ ଉଷା—ଶିରୋଭୂଷା ଶୁକ୍ର ତାରକା ସମ ,
ଏକ ଜ୍ୟୋତି ଗଲା ମନୋରଥ ଗତି ବାୟବ୍ୟ ଦିଗେ,
ଅନ୍ୟ ଜ୍ୟୋତି ସମ—ଗତିରେ ଆସିଲା ରାଣୀ ଅନ୍ତିକେ,
ତହିଁ ଖର୍ବାକାର ଦିବ୍ୟ ନାରୀରୂପ ଦେଖିଲେ ରାଣୀ,
ମର୍ତ୍ତ୍ୟେ କି ସମ୍ଭବେ କେବେ ସେ ଅଦ୍ଭୁତ ଲାବଣ୍ୟ ଠାଣି ?
ପାଶେ ଆସି ଜ୍ୟୋତି ପଲକେ ପଶିଲା ରାଣୀ ଉଦରେ,
ଚମକାରେ ନିଦ୍ରା ଛୁଟିଗଲା, ରାଣୀ ଉଠିଲେ ଖରେ,
ନୃପ ସନ୍ନିଧାନେ ସ୍ୱପନ ବୃତ୍ତାନ୍ତ କହିଲେ ଯାଇ,
ଫଳ ଜିଜ୍ଞାସିଲେ ନୃପ ସ୍ୱପ୍ନବିତ-ବୁଧେ ଡକାଇ ,
ଦିବ୍ୟ କନ୍ୟାଲାଭ—ଫଳ ସ୍ୱପ୍ନବିତ-ବୁଧେ ବଖାଣି,
ବାହୁଡ଼ିଲେ ନୃପ—ଗ୍ରାମ୍ଭରୁ ସରବେ ସୁବର୍ଣ୍ଣ ପାଣି ,
ଦଶମାସ ଅନ୍ତେ ପ୍ରସବିଲେ ରାଣୀ ଦିବ୍ୟ ଦୁହିତା,
ଉଷାକାଳେ ଜାତ ବୋଲି 'ଉଷା' ନାମ ରଖିଲେ ପିତା ;
ଫଳେ-ଦମ୍ପତିର ଦୁଃଖ ତମିସ୍ରର ହେଲା ସେ ଉଷା,
ଜନନେତ୍ରେ ହେଲା ଲାବଣ୍ୟମଞ୍ଜୁଳା ରୂପ-ମଞ୍ଜୁଷା,
ଇନ୍ଦ୍ରାୟୁଧେ ତାର ଅଧ-ବିମ୍ବେ, ନଭେ ଯେଉଁ ତୁଳନା,
ତହୁଁ ବଳି ଇନ୍ଦୁ—ସଙ୍ଗେ ସୁନ୍ଦରୀର ତୁଳା ଅଲଣା ;
କ୍ରମେ କ୍ରମେ ବାଲ୍ୟ—ସୀମା ଅତିକ୍ରମ କରିଣ ବାଳୀ,
ଦିନୁଁ ଦିନ ହେଲା ଭୁରୁ ନୃପତିଙ୍କ ନେତ୍ର ସଙ୍ଖାଳି,
ଝୁରି ହେଉଥିଲେ ରାଏ, ଲଭେ ସୁତା ହେଲେ ଅନ୍ତର,
ଝୁରେ ଯେସନେ ଚନ୍ଦ୍ରକଳା—ଅଦର୍ଶନେ କୁମୁଦାକର ;

ପାରଧିଙ୍କ ବେଶେ ହେଲେ ନରବର ଆରୋହି ଦନ୍ତୀ,
କୁମାରୀଙ୍କ ସଙ୍ଗେ ଅମାରିରେ (୧) ଯେନ ବେଶେ ହୁଅନ୍ତି,
ପ୍ରତିଦିନ ଊଷା ଏହିରୂପେ ଯାଇ ନୃପ ଗହଣେ
ଦେଖୁଥାଇ ବନେ ମୃଗୟା କୌଶଳ ନିବିଷ୍ଟ ମନେ ;
ଦେଖୁଥାଇ ବନ—ପଶୁପକ୍ଷୀଙ୍କର ଚେଷ୍ଟା ଇଙ୍ଗିତ,
ସାହସ, ସାଧସ, ସ୍ନେହ, ମାୟା ଆଦି ଯହିଁ ସୂଚିତ ,
କୌତୁକେ କାନନେ କହୁଥାଇ ମନେ ଗଜେନ୍ଦ୍ର ସୁତା
ମୃଗୟୁକୁଳର ଦେଶ-କାଳ ଜ୍ଞାନ ସୁସ୍ତଲପୃତା ।
ନିତି ଦେଖି ରଙ୍ଗ ଏହିରୂପେ ମଞ୍ଚ ହସ୍ତୀ ଉପରୁ
ମୃଗୟା ଦୁଃଖକୁ ଶ୍ଲାଘ୍ୟ ମଣିଲା ସେ ଗୃହସୁଖରୁ ;
କ୍ରମେ ଯଥାକାଳେ ଛୁଇଁଲା ଛଇଳା ଯୌବନ-ସୀମା
ଉପମା-ସୃଷ୍ଟିକୁ ବୁଡ଼ାଇ ଦେଲା ତା ରୂପ-ଗରିମା,
ମରଲୋକେ ତାର ଯୋଗୀ ପଟାନ୍ତର କାହିଁ ମହିଳା ?
ଦିବ୍ୟଲୋକେ ଏକା ସମ୍ଭବେ ସିନା ସେ ଲାବଣ୍ୟଲୀଳା,
ତରଳ ତାରକା—ହାରମୟୀ ନାକ—ନାଗରୀ-ଟୀକା
ସମକକ୍ଷ ତାର ହେଲେ ହେବେ ଶଚୀ ସ୍ୱର୍ଗଚନ୍ଦ୍ରିକା,
ତରଙ୍ଗ ଦୋଳାରେ ଦୋଳାୟିତ କିବା ସିନ୍ଧୁ-ଦୁଲଣୀ,
ଲୀଳା-ଅରବିନ୍ଦ—ଧାରିଣୀ ଅମଳ—କମଳାନନା ,
ସ୍ୱଳ୍ପକାଳେ ଶିଳ୍ପ—କଳାଦିରେ ବାମା ହେଲା କୁଶଳା,
ମାତ୍ର ଶସ୍ତ୍ରଶିକ୍ଷା—ପ୍ରତି ମନ ତାର ସ୍ୱଭାବେ ଗଲା,
ଅନୁକ୍ଷଣ ଶସ୍ତ୍ର—ଶିକ୍ଷା, ମୃଗୟାରେ ହେଲା ସେ ରତ,
ସଖୀ ସଙ୍ଗେ ଶସ୍ତ୍ର—ହସ୍ତେ ଭ୍ରମୁଥାଇ ବନ ପର୍ବତ,
କେବେ ବିହରଇ ଶାଳତରୁପୂର୍ଣ୍ଣ ଶୈଳ କାନନେ,
କେବେ ଅବା ସିନ୍ଧୁ—ବାୟୁ-ବିଧୂନିତ—ହିନ୍ତାଳବନେ,
ରଙ୍ଗ କୋବିଦାର (୨) ପାଟଳ-ବସନେ ଶୋଭଇ ଧରା,
ରଙ୍ଗ ବନେ ଯେହ୍ନେ ଶୋଭେ ତାର ପ୍ରଭା—ମୟୀ ମିତ୍ରଣୀ ;
କେବେ ଅଶ୍ୱପୃଷ୍ଠେ ଭ୍ରମୁଥାଇ ବାଳା ବନ ଶାଦ୍ୱଳ, (୩)
ପ୍ଲୁତଗତିହେତୁ ଗଣ୍ଡେ ଦୋଳୁଥାଇ ସ୍ୱର୍ଣ୍ଣ-କୁଣ୍ଡଳ ;
କେବେ ଧନୁଶର ଶୋଭୁଥାଇ କରେ, ପୃଷ୍ଠେ ନିଷଙ୍ଗ,
କେବେ ସବ୍ୟ କରେ ଫଳା, ସବ୍ୟେତରରେ ଅସି ଉଲଙ୍ଗ,

(୧) ହାଉଦା । (୨) କଞ୍ଚନ ଫୁଲ । (୩) ତୃଣପୂର୍ଣ୍ଣ ପ୍ରାନ୍ତର

କେବେ ଶୂଳହସ୍ତେ ସଖୀଦଳେ ଭ୍ରମୁ—ଥାଇ ଛଇଳା,
ପଦ୍ମିନୀ-ବାହିନୀ ସଙ୍ଗେ ମହାବନେ ଯେସନ୍ତେ ପ୍ରମୀଳା, (୧)
କନକ-ବଲ୍ଲରୀ ମଧ୍ୟେ କି ବନ୍ଧରେ ସ୍ଥିର-ହ୍ଲାଦିନୀ,
ତାରା-ହଲ୍ଲୀଷକେ (୨) କି ଅବା ରୋହିଣୀ ଇନ୍ଦୁମୋହିନୀ ?
ଆନିତମ୍ବ-ଲମ୍ବୀ - କେଶଗୁଚ୍ଛେ ଶୋଭୁ—ଥାଇ ଚରମ,
ଦର୍ଶକ-ହୃଦୟେ ଉପୁଜାଇ ନୀଳ—ଭୁଜଙ୍ଗୀ-ଭ୍ରମ,
ସ୍ୱର୍ଣ୍ଣ-ସାରସନେ କୃଶୋଦରୀ କୃଶ—କଟି ଜଡ଼ିତ,
କବଚେ ଆବୃତ ସଞ୍ଚ ଘଞ୍ଚ ସ୍ତନ—କଳି ଲଳିତ,
ଆକର୍ଣ୍ଣ-ବିସ୍ତାରି—ନେତ୍ରେ ଉଠୁଥାଇ ଭାବ-ତରଙ୍ଗ,
ଭୁଲତେ ଚିହ୍ନିତ ପ୍ରାୟେ ବୁରୁଭୁରୁ କାମ-ଶାରଙ୍ଗ,
ହେଲେ ନେଉଥାଇ ଦେଖଣାହାରୀଙ୍କ ହୃଦୟ ହରି,
ଜଗତଯୋଷାଙ୍କ ଶୋଭାଭୂଷା ଯେସନ୍ତେ ଉଷାସୁନ୍ଦରୀ,
ଥରେ ପଡ଼ିଲେ ସେ ନୟନେ ଜଗତ—ନୟନ-ତାରା,
ହେଉଥାଇ ରୂପ—ବହ୍ନି ସ୍ମୃତି-ନଭେ ପ୍ରଭାତ-ତାରା,
ପ୍ରଦୋଷେ ସଙ୍ଗିନୀ—ବ୍ରାତେ ବିଜେ କରି ସୁଶିକ୍ଷ ଘୋଟକେ
କରୁଥାଇ ନଗ—ସନ୍ତାର ବଳାଙ୍ଗୀ—ହରିତ ସ୍ରୋତେ,
ରଙ୍ଗେ ଆଲୋଡ଼ିଣ ବଳାଙ୍ଗୀ ତରଙ୍ଗ କ୍ଷେପଣୀ ତଳେ,
ବେନି ତୀରେ ଶ୍ୟାମ ପାଦପ ବଲ୍ଲରୀ ଧାଏ ଚଞ୍ଚଳେ,
କୁସୁମିତ ସ୍ୱର୍ଣ୍ଣ—କାନ୍ତି ଶଣକ୍ଷେତ୍ର ପଳାନ୍ତି ଖରେ,
ବାମା-ବର୍ଣ୍ଣ-ଛଟା ଗୈରିକ କରି ଅବା ପଳାନ୍ତି ଡରେ ;
ଠାବେ ଠାବେ ଉଠେ ଶ୍ୱେତ ଶିଳାସ୍ତମ୍ଭ ପ୍ରାୟେ କୁମ୍ଭୀର,
ନ ବୁଡ଼ନ୍ତୁ ଉଷା ଖର ହସ୍ତେ ବନ୍ଧେ ତା ଦେହେ କ୍ଷୀର ;
ବୃଥା ହାଣୁଥିଲ ମୃଗୀ ଅଙ୍ଗେ ବାଣ ସିନା ସୁନ୍ଦରୀ,
ବୃହାଣି ଭଙ୍ଗୀରୁ ଥିଲେ ସେତୁ ଯେଣୁ ଆଗହୁଁ ମରି,
ଖଞ୍ଜିବା ଆଗରୁ ଶରାସନେ ଶର ଲକ୍ଷେ କରଭ
ପଳାଉଣଥିଲ ପରହରି ନିଜ ଉରୁଗରବ ;
ମୁଗ୍ଧ ହୋଇ ମୁଗ୍ଧା—ଚରଣ-ନୂପୁର-ଶିଞ୍ଜିତ ସ୍ୱନେ
କୁଜ ରାଜହଂସେ ଧାଉଁଥିଲେ ପଛେ ପଛେ ଗହନେ ;

(୧) ଅର୍ଜ୍ଜୁନ ଯେଉଁ କାଳରେ ଅଶ୍ୱମେଧ ତୁରଗ ସହିତ ଦିଗ୍‌ବିଜୟରେ ବାହାରି ହୋଇଥିଲେ ମହାବନ ନାମକ ଅରଣ୍ୟରେ ବୀରାଙ୍ଗନା ପ୍ରମୀଳାଙ୍କ ସହିତ ତାଙ୍କର ଭେଟ ହେଲା । ପ୍ରମୀଳାଙ୍କର ଅସଂଖ୍ୟ ସୁନ୍ଦରୀ ସ୍ତ୍ରୀସୈନ୍ୟ ଥିଲେ । ମହାଭାରତର ଅଶ୍ୱମେଧ ପର୍ବରେ ଏହାର ବିସ୍ତାରିତ ବିବରଣୀ ଅଛି । (୨) ହଲ୍ଲୀଷକ—ସ୍ତ୍ରୀମାନଙ୍କର ଏକପ୍ରକାର ନୃତ୍ୟ ।

ବନପଶୁ ମଧ୍ୟେ ଭ୍ରମେ ଜନମିବା ଆଶେ ଲଳନା
ହରିତ ପଲ୍ଲବେ ତନୁଚ୍ଛଦ କେବେ କରେ ରଚନା,
ବିଚିତ୍ର ବରଣ ବନମାଳେ ମଣ୍ଡି-ଥାଏ ମସ୍ତକ,
କଣ୍ଠେ ପୁଷ୍ପଗୁଚ୍ଛ, କର୍ଣ୍ଣେ କୁଣ୍ଡଳିକା ତାରା-ସ୍ତବକ,
ମାୟ ନ ଆବରେ ଅଧରୌଷ୍ଠ କର ବନପଶୁରୁ,
ବାରିତ ନୋହିବ ତାହା ବଣଜାମ୍ବୁ—ପଲ୍ଲବାଙ୍କୁରୁ,
ଶୂଳହସ୍ତେ ବନ—ପଶୁଙ୍କୁ ଗୋଡ଼ାଇ ଦ୍ରୁତ ଚରଣେ
ଦକ୍ଷ ହେଲା ବଡ଼ ମୃଗାକ୍ଷୀ ମୃଗୟା ଅନୁସରଣେ,
ସଂସାରେ ତା ସଙ୍ଗେ ଗତିବେଗେ କେହି ନ ଥିଲେ ସରି,
କି ଆକୃତି କିବା ଗତିରେ ଥିଲା ସେ ବିଜୁଳିପରି,
ସୁବର୍ଣ୍ଣ-ସୁଲଭ ସୌନ୍ଦର୍ଯ୍ୟ ମିଶିଲା ଶୌର୍ଯ୍ୟ ପ୍ରଖର,
ଦେବ ଗୁଣ ମିଳି କଲେ ରମଣୀକି ରୁଦ୍ର ସୁନ୍ଦର ;
ସର୍ବଶୋଭାଧାର ବିମ୍ବାଧରୀଠାରୁ ମାଧୁରୀ ଘେନି,
ବିରୋଧ ପାସୋରି ମଧୁର ମିଳନେ ମିଳିଲେ ବେନି,
ବିଷମ ପ୍ରତିଜ୍ଞା ମନେ ମନାସିଲା ସୁନ୍ଦରୀସାର,
ଗତିବେଗେ ତାକୁ ଯେ ଜିଣିବ, ହେବ ପତି ସେ ତାର ;
ରାଜାଦେଶେ ଦୀର୍ଘ ରାଜପଥ ରଚି ରାଜପୁରୁଷେ
ପୁଷ୍ପିତ ପାଦପ ଥୋଇଲେ ସେ ପଥ—ବେନି ପାରୁଶେ,
ବର୍ତ୍ମ ଆରମ୍ଭେ କାଳୀ—ପ୍ରତିନିଧି ଚଣ୍ଡୀ ସର୍ବଶୁଭଦା
ସ୍ଥାପିବାରୁ ସ୍ଥଳୀ ଏବେ ବୋଲାଉଛି ପ୍ରଥମାପଦା, (୧)
ବର୍ତ୍ମ ଅନ୍ତେ ପ୍ରୋଥିତ ହେଲା ଉଚ୍ଚ ସ୍ତମ୍ଭ ରତ୍ନ-ଜଡ଼ିତ ;
ଅଦ୍ୟାପି ମାଣିକ୍ୟ - ଖମ୍ବ (୨) ନାମ ଲୋକେ ଯେଣୁ ପ୍ରଥିତ,
ସଙ୍ଗେ ଧାଇଁ ଆଗେ ସ୍ତମ୍ଭକୁ ଛୁଇଁବ ଯେ ଯୁବାମଣି,
ସନ୍ତୁଷ୍ଟେ ତାକୁ ବରମାଳା ଦେଇ ବରିବ ଧନୀ,
ହାରିଗଲେ ଶିର—ଚ୍ଛେଦ ଦଣ୍ଡ ତାର ହେବ ନିଶ୍ଚୟ,
ଟାଣପଣ ଶୁଣି ଭୀରୁ-ଜନ-ମନ ହେଲା ସଭୟ ;
ଯୁବାବାରେ ଯେତେ ମାତିଲେ ସମରେ ମହାଉତ୍ସାହେ,
ବୀରବନ୍ଧୁନେ କି ସୁଖ-ମୂଲ୍ୟ କେହି ଦେବାକୁ ଚାହେଁ ?

(୧) ଗଡ଼ ପଶ୍ଚିମ ପ୍ରକାଶେ ଗୋଟିଏ ବର୍ତ୍ମ ପ୍ରସ୍ତୁତ ହେଲା । ପ୍ରଥମାପଦା ନାମକ ସ୍ଥାନ ତାହାର ପ୍ରଥମ ଏବଂ ମାଣିକ୍ୟଖମ୍ବ ଶେଷ ସୀମା । ପ୍ରଥମାପଦାର ପ୍ରଚଳିତ ନାମ ପଦ୍ମୁଆପଦା ।

(୨) ଏହି ସ୍ଥାନ ବାଲେଶ୍ୱର ନଗରର ବର୍ତ୍ତମାନ ଜନାକୀର୍ଣ୍ଣ ଅଂଶବିଶେଷ ।

ଯେ ସୁଖ ଯେସନ, ତା ମୂଲ୍ୟ ତେସନ ସିନା ମହୀରେ,
ମୂଲ୍ୟ ଶତଗୁଣ ମୂଲ୍ୟ ଦେବାକୁ କେବଳ ଜାଣନ୍ତି ବୀରେ,
କେତେ ରାଜସୁତେ ସାମନ୍ତେ ଆସିଲେ ଗୁଢ଼ ସ୍ୱପ୍ନଲୀ
ସ୍ୱୟମ୍ବର-ପଙ୍କେ ହୋଇ ଉଷା-ରୂପ—ପିପାସାକୁଳ
ଶୀତଳ-ରତନ ପ୍ରାପ୍ତେ ଶ୍ରାନ୍ତଲ ଦୂରୁ ସୁନ୍ଦରୀ,
ଛୁଇଁବା ବେଳକୁ ହେଲା ସେ ଜ୍ୱଳନ୍ତ ଅନଳ ପରି,
ଶତ ଶତ ଯୁବା ନାନା ଦେଶୁଁ ଆସି ସେ ନୂରୁପୁରେ
ଅଙ୍ଗ ଢାଳି ଦେଲେ ପତଙ୍ଗ ପରି ସେ ଶରବହ୍ନିରେ
ସ୍ୱୟମ୍ବରେ ଲୋଡ଼ ତନ୍ହିଁ ସେ ଅବମା କୁସୁମ-ହର
ଦକ୍ଷିଣ ମଣ୍ଡଣ ରାଜସୁତେ କଲେ ଲୋହେ ଉର୍ବରା ;
ଭିନ୍ନ ଭିନ୍ନ ଦେଶୁଁ ଆସିଥିଲେ ଯେତେ ରାଜକୁମାର
ଯଶଃପଟୁ କାଳ ଲିଭାଇ ଦେଇଛି ନାମ ତାଙ୍କର
କେଉଁ କେଉଁ ଦେଶ ସେ କଥା କାହାରି ନାହିଁ ତ ଜଣା
ବସୁମତି-ଗର୍ଭୁଁ ଉଦ୍ଧାରି ଆଣୁ ତା କବି କଳ୍ପନା ,
ବୀରକୁଳ (୧) ନାମେ ବୀରପରିପୂର୍ଣ୍ଣ—ସ୍ଥଳୀ କଥିତ
ପୂଗ-ଷଣ୍ଡ ଯହିଁ ନାଗବଲ୍ଲୀଦଳେ ଗାଢ଼େ ଜଡ଼ିତ ,
ହେମଫଳେ ନମ୍ର ଯହିଁ ଲଙ୍କାଆମ୍ର ପାଦପ ପନ୍ତି
ତୃଷାର୍ତ୍ତ ପଥିକେ ଶାଖାସଞ୍ଚାଳନ—ଛଳେ ଡାକନ୍ତି,
କୁମାରଦ (୨) ଆଦି ସ୍ଥଳୀ ବୀରଦ୍ରୁମ—ନିକୁଞ୍ଜେ ମାଳ
ସୁବର୍ଣ୍ଣତଟିମା—ପଟ୍ଟ ସୂତେ ଯାର ତନୁ ଉଜ୍ଜ୍ୱଳ,
ହେମଗରାଇ (୩) ଯାର ଦିଗନ୍ତବିସ୍ତାରି—ସିକତାଶ୍ରେଣି -
ଶିରେ ଖେଳୁଥିଲା ରଙ୍ଗେ ଦିନେ ସିନ୍ଧୁ—ତରଙ୍ଗ ଆସି,
ଏବେ ପାଦେ ଯାର ଚକ୍ରବାଳ ବ୍ୟାପୀ ଶାଳି-କେଦାର
ପରତେ ଧରଇ ବାତାହତ-ସିନ୍ଧୁ—ତରଙ୍ଗାକାର
ସେ ଶାଳି-କେଦାରେ ଦୂରୁଁ ଦିଶେ ଯାର ସିକତାକୁଦ,
ପାରାବାରେ ଯେସନେ ଜଳଦେବତାଙ୍କ ଶଙ୍ଖ-ସଉଧ,
ଯାମକୁଣ୍ଡ (୪) ଯହିଁ ଘନ-ତାଳୀବନ—ଶ୍ୟାମଳ-ଶିରୀ
ସୁବର୍ଣ୍ଣତଟିମା ସିନ୍ଧୁ ଅଙ୍ଗେ ଅଙ୍ଗ ଢାଳେ ଗଭୀରା,

(୧) ବାଲେଶ୍ୱରର ଉତ୍ତରପୂର୍ବ କୋଣରେ ସମୁଦ୍ରସନ୍ନିହିତ ସ୍ଥାନ । ବୀରକୁଳର ପାନ ବାଲେଶ୍ୱରରେ ପ୍ରସିଦ୍ଧ । (୨) ପ୍ରଚଳିତ ନାମ କମରଦା—ଏହି ଅଞ୍ଚଳରେ ଅନେକ ଅର୍ଜୁନ ବୃକ୍ଷ ଦେଖାଯାଏ । (୩) ସମୁଦ୍ରର ଅଦୂରବର୍ତ୍ତୀ ସିକତାସ୍ତୂପମୟ ସ୍ଥାନ । (୪) ସୁବର୍ଣ୍ଣରେଖାର ଦକ୍ଷିଣ ତୀରରେ ଅବସ୍ଥିତ । ପ୍ରସିଦ୍ଧ ପିପିଲି ବନ୍ଦର, ଯାମକୁଣ୍ଡାର ଅଦୂରବର୍ତ୍ତୀ ଭୂଷଣ୍ଡେଶ୍ୱର ମହାଦେବଙ୍କ ଦେଉଳ ସୁବର୍ଣ୍ଣରେଖାର ମୁହାଣରେ ପ୍ରତିଷ୍ଠିତ ।

ଯେଉଁମାନଙ୍କର ଯହିଁ ମାର ସଂଘର୍ଷଜ ଧୀର ନିର୍ଘୋଷ
ଉପୁଜାଏ ଦେବ ଭୂଷଣ୍ଡ-ଈଶ୍ୱରେ ନିରତେ ତୋଷ;
ଯେବାଲଙ୍ଗ (୧) ଖାଟକ—କୁଞ୍ଜ—ପୁଞ୍ଜେ ଯାର ମେଚକକାନ୍ତ
ଉପକୂଳେ ବାଲି—ସ୍ତୂପେ ଉପୁଙ୍କାନ୍ତ ଶଇଳଭ୍ରାନ୍ତ,
କରନ୍ତି ଯୁବକେ ପରପକ୍ଷ ଯହିଁ ଆୟୁଧ-ଶିକ୍ଷା
ରିପୁ-ଯୁବତୀଙ୍କି ପାରିଧିରେ ଦେଇ ବୈଧବ୍ୟ-ଦୀକ୍ଷା ;
ରଙ୍ଗଣେ ରଞ୍ଜିତ ସିକତିଳ ସ୍ଥଳ ଲିଙ୍ଗଳେଶ୍ୱର, (୨)
ଯାର ପାର୍ଶ୍ୱେ ସ୍ଥିତ ଶୂଳ-ହଳ-କ୍ଷତ ମହାପ୍ରାନ୍ତର,
ବାଲିସ୍ତୂପ-ଯେଖାଲେ ରଙ୍ଗେ ଯହିଁ ପ୍ରଜା—ପତିଙ୍କ ଥାଟ ;
ସୁରଭି ଶଗଡ଼—କାଟୁଆ ନିକୁଞ୍ଜେ କରନ୍ତି ନାଟ ;
ଜଳେଶ୍ୱର ଯାର ପ୍ରକ୍ଷାଳେ ପଯ୍ୟର ବନ୍ଦଗାମିନୀ
ସୁବର୍ଣ୍ଣରେଖିନୀ ମନ୍ଥରମୟୀ ସ୍ୱଚ୍ଛ—ଚନ୍ଦନାକ୍ଷିଣୀ,
ମୃତ-ପ୍ରତାପର ମୂକ-ସାକ୍ଷୀ ପ୍ରାୟେ ଟେକଇ ଶିଖ
ଏକାଳେ ଯା କୂଳେ ଶୂନ୍ୟାକାର ଦୁର୍ଗ ଐତିହାସିକ , (୩)
ନୀଳଗିରି ଯହିଁ ସ୍ୱର୍ଣ୍ଣଚୂଡ଼ (୪) ଚୂଡ଼ା ଚୁମ୍ବେ ଗଗନ,
ସିନ୍ଧୁକୂଳାରଣ୍ୟେ ବଣା ନାଗଙ୍କୁ ଦିଗବାରଣ,
ପର୍ବତ କଟକେ ଚଣ୍ଡିକା ନିର୍ଝର ଯହିଁ ଗଡ଼ଇ,
ଝର୍ଝର ଶବଦେ ଲୁଣ୍ଠନ୍ତ ଭୂଗୁକୁ ତେଜି ପଡ଼ଇ ,
ରଣବିଶାରଦ ଶୂରଙ୍କର ଭୂମି ସୋର (୫) ପ୍ରଥିତ,
କମଳାଳଙ୍କୃତ—ସର ରାଜେ ଯହିଁ ସୁରଣୋଜ୍ଜ୍ୱଳ ,
ସୋରବାସୀଙ୍କର ଦୁରିତବାରଣ ମଙ୍ଗଳଚଣ୍ଡୀ—
ରୂପେ ଚମକଇ ଯହିଁ ଉଗ୍ରଚଣ୍ଡୀ—ଖେଳାଇ ଖଣ୍ଡା ; (୬)

(୧) ବାଲେଶ୍ୱରର ଉତ୍ତର ପୂର୍ବରେ ଅବସ୍ଥିତ । ଏହି ସ୍ଥାନ ବଂଶବନାକୀର୍ଣ୍ଣ ଏବଂ ଏଠାରେ ପ୍ରାୟ ଅନେକ ସମୟରେ ଭଲ୍ଲୁକର ଉପଦ୍ରବ ଶୁଣାଯାଏ । (୨) ସ୍ୱନାମପ୍ରସିଦ୍ଧ ମହାଦେବଙ୍କ ନାମରେ ନାମିତ । ଏହାର ସଂଲଗ୍ନ ହୋଇ ବହୁଦୂରବ୍ୟାପୀ ସ୍ଥଳଖଣ୍ଡ (୧୬ କୋଶ) ପାଶୁ (ପ୍ରାନ୍ତର) ବିସ୍ତୃତ ହୋଇଅଛି । ଏହି ପ୍ରାନ୍ତର ସ୍ୱୟଂ ଶିବଙ୍କ ଦ୍ୱାରା କର୍ଷିତ ହୋଇଥିବାର ସ୍ଥାନୀୟ କିମ୍ବଦନ୍ତୀ ଶୁଣାଯାଏ । ଲିଙ୍ଗଳେଶ୍ୱର ନିକଟବର୍ତ୍ତୀ ସିକତାମୟ ଭୂମିମାନଙ୍କରେ ଆରଣ୍ୟ ରଙ୍ଗଣପୁଷ୍ପର ଶୋଭା ଓଡ଼ିଶାରେ ଗୋଟିଏ ଚକ୍ଷୁ ମନ୍ଦ୍ରଧିକର ଏବଂ ବିସ୍ମୟଜନକ ଦୃଶ୍ୟ । ଶଗଡ଼-କାଟୁଆ ବୃକ୍ଷ ଏହି ସିକତାମୟସ୍ଥାନରେ ବିଶେଷ ପରିମାଣରେ ଦେଖାଯାଏ । (୩) ରାଇବଣିଆ, ଜଳେଶ୍ୱର ପ୍ରଭୃତି ଦୁର୍ଗମାନ ସୁବର୍ଣ୍ଣରେଖାର ସନ୍ନିହିତ । ରାଇବଣିଆପରି ବୃହତ୍ ଦୁର୍ଗ ଓଡ଼ିଶାରେ ଆଉ ନାହିଁ । ଏହି ଗଡ଼ ପୂର୍ବେ ମୟୂରଭଞ୍ଜର ଅନ୍ତର୍ଗତ ଥିଲା । (୪) ନୀଳଗିରି ରାଜଧାନୀର ସନ୍ନିହିତ ପର୍ବତର ନାମ, ସ୍ୱର୍ଣ୍ଣଚୂଡ଼ ବା ସୁନଚଟ । ବାଲେଶ୍ୱରର ନିକଟବର୍ତ୍ତୀ ପର୍ବତମାନଙ୍କ ମଧ୍ୟରେ ଏହା ସର୍ବୋଚ୍ଚ । ଚଣ୍ଡିକା ନିର୍ଝର ନୀଳଗିରିର ପ୍ରାୟ ଦୁଇକୋଶ ଦୂରରେ ଅବସ୍ଥିତ । (୫) ସୋରରେ ବହୁ ପୁରାତନ ଏବଂ ବୃହତ୍ ପୁଷ୍କରିଣୀ ଅନେକ ଦେଖାଯାଏ । (୬) ଶିଙ୍ଗପୁରର ଖେଳାଇ ଦେବୀ ସୋରରେ ପ୍ରସିଦ୍ଧ ଦେବତା ।

ମହାମାନ ପୃଷ୍ଠେ ଶୋଭଇ ମଙ୍ଗଳ—ପୁର (୧) ରୁଚିର
ପୃଷ୍ଠେ ଶୋଭେ ଯାର ଅଭ୍ରଂକଷ ଦେବ—ଗିରି ପ୍ରାଚୀର,
ତମୋମୟ ଶିଳା - ଖଣି ସ୍ଥିତ ଯହିଁ ଶଇଳ-ପଦେ,
ମୁଖର-ଅରଣ୍ୟ ଯହିଁ ଶିଳାଶିଳ୍ପି—ଶାଣ-ଶବଦେ ,
ପାଟଣାମଣ୍ଡଳ (୨) ସଗର୍ବେ ମଣନ୍ତି ଯହିଁ ଶିଖରୀ,
ନୃମୁଣ୍ଡମାଳିନୀ ଉଗ୍ରଚଣ୍ଡା ଦେବୀ ମଣ୍ଡଳେଶ୍ୱରୀ,
ଚିହ୍ନାଙ୍ଗ ଶାର୍ଦ୍ଦୂଳ ସଦା ଯାକୁ ଆଜ୍ଞା—କାରୀ କିଙ୍କର,
ମେଣ୍ଢଆ-ଶୋଣିତେ ନରରକ୍ତେ ପୂରିତ ଯାର ଖର୍ପର,
କୂଆର (୩) ଯା ଟଙ୍କେ କୂପେଶ୍ୱର ହର ଏବେ ବସନ୍ତି
ପୂର୍ବକାଳେ ଯହିଁ ଉଡୁଥିଲ ବୌଦ୍ଧ—ବଇଜୟନ୍ତୀ,
ଅଦୂରେ ଯାହାର ବିରାଜଇ ଶାରି ଶୁଆ ପର୍ବତ,
ଶାରି ଶୁଆ ରବେ - ଝଙ୍କାରିତ ଯାର ଗୁହା ସତତ,
ନାଗବଲ୍ଲୀ-ଦଳ— ବରଙ୍ଗେ ଶ୍ୟାମଳ ବଣାଳଖଣ୍ଡ, (୪)
ତାଳବନେ ଯହିଁ ମରମରେ ସିନ୍ଧୁ—ବାୟୁ ପ୍ରଚଣ୍ଡ,
କଇଁସାରି ଲତା - ଶ୍ୟାମଳ ସିକତା—କୁଞ୍ଜେ ବିହାର
କରୁଥାନ୍ତି ଯହିଁ କୃଷ୍ଣସାର ସଙ୍ଗେ କୁରଙ୍ଗୀବାର
ଅଯାଚିତବୃତ୍ତି ଅଜଗର ତୃଣ ଭୂମିରେ ଲୁଚି
ଉଚାଟିବା ଆଶେ ଶ୍ୱାସେ ମୃଗ ଯହିଁ ରହନ୍ତି ଟାଳ ,
ସରହାର (୫) ଯାର ଟଙ୍କୁ ଝରୁଅଛି ପଦ୍ମହଧାର —
କାଁଶବାଁଶ ନାମେ ସୋରକଣ୍ଠେ ଗଜ—ମୁକ୍ତାହାର,
ଯା ରୁଚିର-ଗାତ୍ରେ ସ୍ଫୁରି ପଦ୍ମଳ— ମଧୁ ମଳୟ
ପୁଷ୍ପିତ-ପଳାଶେ ସିନ୍ଦୂରିତ କରେ ଆଶାବଳୟ,
ଗୁଞ୍ଜ (୬) ଅଭାବୃତ କୁଶାଙ୍କୁରମୟୀ ପବିତ୍ରସ୍ଥଳୀ,
କୁରଙ୍ଗ-ସେବିତ, ବିରାଜନ୍ତି ଯହିଁ ଦେବ ଲୁଙ୍ଗଳୀ,
ପାଟଣା (୭) ମଙ୍ଗଳା ପ୍ରତିଷ୍ଠିତ ଯହିଁ ପୟୋଧି ତଟେ
ବୈତାଳିକ ପ୍ରାୟେ ଶ୍ରୀପଦେ ପୟୋଧି କରତେ ଖଟେ,

(୧) ମହୁମାନ ଏବଂ ଦେବଗିରି ଏହି ଦୁଇ ପର୍ବତ ମଧ୍ୟରେ ମଙ୍ଗଳପୁର ଅବସ୍ଥିତ । ମୁଗୁନିପଥରର ବାସନ ହକାରେ ମଙ୍ଗଳପୁର ପ୍ରସିଦ୍ଧ । (୨) ପାଟଣା—ଦେବଗିରିର ପାଦ ଦେଶରେ ଅବସ୍ଥିତ । ଦେବଗିରିରେ ମଣ୍ଡଳେଶ୍ୱରୀ ଦେବୀ ପ୍ରତିଷ୍ଠିତ ଅଛନ୍ତି । ପୂର୍ବକାଳରେ ଏହି ଦେବୀଙ୍କ ନିକଟରେ ନରବଳି ହେଉଥିଲା । (୩) ସୋରର ଦକ୍ଷିଣ ପଶ୍ଚିମରେ ଅବସ୍ଥିତ । ଏହି ସ୍ଥାନରେ ବୌଦ୍ଧକୀର୍ତ୍ତିର ଚହ୍ନମାନ ଅଦ୍ୟାପି ଲକ୍ଷିତ ହୁଏ । (୪) ବଣାଳଖଣ୍ଡ—ପ୍ରଚଳିତ ନାମ ବଣାଳଖଣ୍ଡ । ସୋରର ପୂର୍ବବର୍ତ୍ତୀ ସମୁଦ୍ର ସନ୍ନିତ ସ୍ଥଳୀ । (୫) ସୋରର ପଶ୍ଚିମବର୍ତ୍ତୀ । ଏହି ଅଞ୍ଚଳରେ ଅସଂଖ୍ୟ ପଳାଶବୃକ୍ଷ ଦେଖାଯାଏ । (୬) ସୋରର ପୂର୍ବ ଦକ୍ଷିଣ କାଁଶବାଁଶ ନଦୀର ସନ୍ନିହିତ ସ୍ଥାନ ଏହି ଅଞ୍ଚଳର ଜଳାଶୟମାନଙ୍କରେ ଅନେକ ହରିଣ ଦେଖାଯାନ୍ତି (୭) କରଞ୍ଜିଆର ଅଦୂରବର୍ତ୍ତୀ ସିକତାମୟ ପ୍ରଦେଶରେ ପାଟନ-ମଙ୍ଗଳାଙ୍କ ମନ୍ଦିର ପ୍ରତିଷ୍ଠିତ ।

ମାଗଧ ଅନ୍ତରେ ସୀମାସ୍ତମ୍ଭରୂପେ ଟେକାଇଛି ଶିର
ଯେ ଦେଉଳ ବିରଞ୍ଚି-ନାରାୟଣଙ୍କର (୧) ତୁଙ୍ଗ ମନ୍ଦିର,
ଧାମରା ମୁହାଣେ ପାଣ୍ଡୁ ଜଳାରଣ୍ୟେ ବାହୁ ନୌକର
ପୂର୍ବମୁଖେ ଚଳି ଦେଖିଲି ସମ୍ମୁଖେ ମହାସାଗର,
ନୀଳ-ସେତୁ କାନ୍ତ ଧରିତ୍ରୀର ଶ୍ୟାମ—ସୀମା ବଳୟ,
ଅଲଙ୍ଘ୍ୟ, ଅଜେୟ ଚରାଚର-ତ୍ରାସ ବରୁଣାଳୟ,
ଉପରେ ଉପରେ ଆସିଣ ଭୀଷଣ ଭୀଷଣତର
ଫେନିଳ ଲହରୀ ଦୋହଲାଉଥାଇ ପୋତ-ପଞ୍ଜର,
ତରଙ୍ଗେ ଉଲଟି କ୍ରୂର-ରଙ୍ଗେ କରି ମୁଖ-ବ୍ୟାଦାନ
ନକ୍ର ଶିଶୁମାର ଶୋଷି ନେଉଥାନ୍ତି ନାବିକ ପ୍ରାଣ,
ପ୍ରଳୟ ଆଶଙ୍କା ଉପୁଜାଇ ସିନ୍ଧୁ-ସଖା ଉଚ୍ଛଳ
କରୁଥାଇ ପୁଣ ଛିନ୍ନ ଭିନ୍ନ ଗୁଣ- ବୃକ୍ଷେ ଅଖିଳ,
ଧନ-ଜନ-ପ୍ରାଣ-ବିନାଶ ଚିନ୍ତାରେ ହୋଇ ଅଥୟ,
ଭୟେ ଜଡ଼ କରି ଯୋଡ଼ି ପୋତ-ପତି ଯାଚେ ଅଭୟ ।
ତେଜୋଧାମା ଯେଉଁ ଧାମରା (୨) ଦେବୀଙ୍କ କଞ୍ଜ ପୟର,
ତାଙ୍କ ଅଧିଷ୍ଠିତ ଭୂମିରୁ ଆସିଲେ ଭୂପ-କୁମରେ;
ଭେଡ଼ା (୩) ଆଖ୍ୟାଧାରୀ ବୃକ୍ଷହୀନ ଭୂମି ସମୁଦ୍ର ଦାଢ଼େ
ଦ୍ୱୀପ ପ୍ରାୟେ କ୍ଷୁଦ୍ର ଜନପଦ ଯହିଁ ଭାସେ ଆଷାଢ଼େ,
ମାଢ଼ ହୋଡ଼େ ବସି ସାରସ-ଦମ୍ପତି ଯହିଁ ନବେଳେ
ପ୍ରାଂଶୁ-ତୃଣ-ବନେ ଦୋଳୁଥାନ୍ତି ସିନ୍ଧୁ-ବାୟୁ ହିଲ୍ଲୋଳେ,
ଭୀଷଣ ଅରଣା ବେଣା-ବଣେ ଯହିଁ ମହା ବିଷମ,
ଯମଙ୍କ ବାହନ ବୋଲନ୍ତି ସେ, ଫଳେ ସେହି ସେ ଯମ ।
ବୈତରଣୀ ଅଙ୍ଗୁ ବନ୍ଧଣ ତୋଳୁଟି ପ୍ରସନ୍ନମାରା
ଧୋଇଅଛି ଯହିଁ ମରୀଚିକାମୟୀ କ୍ଷେତ୍ର ଗୋହିରୀ, (୪)
ଜମିକେ ଉଭରୁ କାଟେଲ ଗଲେ ସର୍ବେ ଦେବତା ଉଭି,
ବାଜିବାରୁ ଯହିଁ କଳାପାହାଡ଼ର ରଣ-ଦୁନ୍ଦୁଭି,

(୧) ପାଳିଆ ନାମକ ସ୍ଥାନରେ ବିରଞ୍ଚିନାରାୟଣ ମନ୍ଦିର ପ୍ରତିଷ୍ଠିତ । ଏହି ସ୍ଥାନ ଭଦ୍ରକରୁ ପ୍ରାୟ ଷୋଳ କୋଶ ପୂର୍ବରେ ଅବସ୍ଥିତ । ଏହିଠାରେ ମାଗଧ ଅଞ୍ଚଳ ଶେଷ ହୋଇ ଅନୂପ ପ୍ରଦେଶର ଆରମ୍ଭ ହୋଇଅଛି । (୨) ଧାମରା ଦେବୀଙ୍କଠାରେ ଏହି ଅଞ୍ଚଳର ନାବିକମାନେ ପ୍ରାୟ ସର୍ବଦା ପୂଜା ଦିଅନ୍ତି । ମାଗଧର ସୀମାରୁ ଆରମ୍ଭ ହୋଇ ଭେଡ଼ା ଅଞ୍ଚଳ ସମୁଦ୍ରକୂଳ ପର୍ଯ୍ୟନ୍ତ ବିସ୍ତୃତ ହୋଇଅଛି । ବର୍ଷାକାଳରେ ଏହି ଅଞ୍ଚଳର ଗ୍ରାମମାନ କ୍ଷୁଦ୍ର ଦ୍ୱୀପ ପ୍ରାୟ ବୋଧ ହୁଅନ୍ତି । ପୂର୍ବେ ଏହି ଅଞ୍ଚଳରେ ଆରଣ୍ୟ ମହିଷର ବିଶେଷ ଉପଦ୍ରବ ଥିଲା । (୪) ଗୋହିରୀଟିକିରା-ଘାଟପୁରରୁ ଧାମନଗର ଯିବା ମାର୍ଗରେ ପୂର୍ବସ୍ଥିତ ଗୋହିରୀ କ୍ଷେତ୍ର ଅବସ୍ଥିତ । ମୁକୁନ୍ଦଦେବ ଏହି ସ୍ଥାନରେ ଯୁଦ୍ଧରେ ହତ ହୋଇଥିଲେ ବୋଲି ଐତିହାସିକ କିମ୍ବଦନ୍ତୀ ଅଛି ।

ନିମିଷେ ସରିଲା ଯହିଁ ଉତ୍କଳର ଗୌରବ-ଆଶା
ଲକ୍ଷ ବୀର-ରକ୍ତେ ଉତ୍କଳର ହେଲା ଭାଗ୍ୟ-ମୀମାଂସା ;
ମେଘାସନ (୧) ବନ-ଦ୍ରୁମଗୁଳ୍ମାବୃତ ଅଙ୍କାରେ ଯାର
କନ୍ଦରୁ ଝରଇ ମୃଦୁ କଳନାଦେ ନିର୍ମଳ ଧାର,
ଉପଳେ ସେକରେ ସ୍ୱଚ୍ଛସ୍ରୋତ ଯାର ନିରତେ ବନ୍ଧ
ପତ୍ର ପୁଷ୍ପ ଫଳ ଶସ୍ୟରେ ମଣ୍ଡନ କରଇ ମହୀ,
ଜ୍ୟୋତିର୍ଲିଙ୍ଗ ପ୍ରଭୁ ସ୍ୱୟମ୍ଭୂ ଅନନ୍ତ ଯା ସ୍ଥିରବାସୀ,
ଯା ହ୍ରଦ-ମଣ୍ଡନ ସୀତାକୁଣ୍ଡ ପୟଃ-ପୀୟୂଷରାଶି,
ଯା କୂଳେ ଭଦ୍ରକେ ଛନ୍ତି ରୁଦ୍ର ଜାୟା ଭଦ୍ରକାଳିକା
ଦପା-ନିବାସିନୀ ଦୁର୍ଗତିନାଶିନୀ ଦେବୀ ନାସ୍ତିକା,
ଗୋନାସିକା — ଶୈଳ-ସୁତା ପୂତ-ସ୍ରୋତେ ଢାଳେ ଯେ ଜଳ
ପ୍ରକ୍ଷାଳ ସଙ୍ଗମେ ଆଖଣ୍ଡଳମଣି— ପାଦ-କମଳ,
ସେହି ପୂତସ୍ରୋତ —ତୀରସ୍ଥିତ ଜନପଦ-ନିବା—
ବାସୀ ଆସିଥିଲେ ଉଷା ଲଭ-ଆଶା ହୃଦୟେ ଧରି,
ନ ପୂରିଲା ଆଶା, ପଣ ଅନୁସାରେ ଶିର ନଜର
ଦେଲେ ନଗରୀର ଦକ୍ଷିଣ ମଶାଣେ ନୋହି କାତର,
ମନ୍ତ୍ରର ସାଧନ, ଶରୀର ପାତନ, ବେନିରୁ ଏକ
ହେଲେ ବୀରଙ୍କର ତୁଟଇ କି କେବେ ସଂସାରେ ଟେକ ?
ରୂପ ଗୁଣ ବଳେ ନରକୁଳେ ଧନ୍ୟ ଥିଲେ ସକଳେ,
ମାତ୍ର ରୂପ ଗୁଣ-ଫଳେ କି ଲଲାଟ-ଲେଖନ ଟଳେ ?
ବଳୀ ହୋଇ ଦୈବ-ବିଧାନକୁ କିଏ କରିବ ଆନ ?
ମହାବଳୀଠାରୁ ବଳଆର ପୁଣି ଦୈବ-ବିଧାନ ;
ଏହିରୂପେ ରାଜ - ସୁତେ ନୁରୁପୁର - ଦକ୍ଷିଣ ଭାଗେ
ହତ ହେଲେ ଦେବୀ - କରାଳୀ ବିଜୟ - ପ୍ରତିମା ଆଗେ,
ଅଦ୍ୟାପି ସେ ସ୍ଥଳୀ ଅସଂଖ୍ୟ କିଶୋର — ନୃପ-ସୂନୁର
ଶୋଣିତେ ପଙ୍କିଳ ହୋଇ ବୋଲଉଛି ଶୋଣିତପୁର (୨)

(୧) ମୟୂରଭଞ୍ଜାନ୍ତର୍ଗତ ଶୈଳରୁ ଶାଳନ୍ଦୀ ନିର୍ଗତ ହୋଇଅଛି। ସୀତାକୁଣ୍ଡ କାଳିପୁରର ନିକଟରେ ଅବସ୍ଥିତ। ଏହିଠାରେ ସାଳନ୍ଦୀର ଶଯ୍ୟା ପ୍ରସ୍ତରମୟ। ଅନନ୍ତ—ମହାଦେବ, ଭଦ୍ରକାଳୀ ଏବଂ ଦପାନାମକ ଗ୍ରାମରେ ପ୍ରତିଷ୍ଠିତ ନାସ୍ତିକା ଦେବୀ ସାଳନ୍ଦୀ କୂଳର ପ୍ରଧାନ ଦେବତା। ଗୋନାସିକା ଶୈଳସମ୍ଭୂତ ବୈତରଣୀରେ ସାଳନ୍ଦୀ ମିଶିଅଛି। ଉଭୟର ସଙ୍ଗମ ସ୍ଥଳରେ ଭଗବାନ ଆଖଣ୍ଡଳମଣି (ଅପର ନାମ ଆରଡ଼େଶ୍ୱର) ପ୍ରତିଷ୍ଠିତ। (୨) ଶୋଣିତପୁରର ପ୍ରଚଳିତ ନାମ ସୁନହଟ। ଏହି ସ୍ଥାନଟି ନଗରର ଦକ୍ଷିଣରେ ଅବସ୍ଥିତ। ଶୋଣିତପୁରରେ କାହାରି ଗର୍ବ ରହି ନାହିଁ—ଏ ଗୋଟିଏ ସ୍ଥାନୀୟ କିମ୍ବଦନ୍ତୀ।

ସବୁ ରାଜସୁତ-ଦର୍ପ ଏଥି ଯେଣୁ ହେଲାଟି ଚୂନା,
ଦର୍ପି-ଦର୍ପ-ହର ସ୍ଥଳୀ ବୋଲି ଅଛି କଥା ପୁରୁଣା ।
ଏଣେ ଉଷା ସଖୀ-ଗହଣେ ପ୍ରତ୍ୟୁଷେ ମହାକୌତୁକେ
ବରାହ-ମୃଗୟା ପାଇଁ ପୁରୁଁ ଗଲେ ପଶ୍ଚିମ ମୁଖେ,
ରାମ-ଶରାଙ୍କିତ ଲଳିତ ମୂରତି ଯହିଁ ମୁରାରି
ଏବେ ଛନ୍ତି ସପ୍ତ-ସ୍ରୋତା ତୀରେ ଗୋପ-ନେପଥ୍ୟଧାରୀ, (୧)
ଝିଲ୍ଲି-ଝଙ୍କାରିତ-ମହାରଣ୍ୟ ତହିଁ ଥିଲା ସେ କାଳେ,
ସଦା ସୁଶୀତଳ ନାନା ବନସ୍ପତି—ବ୍ରତତୀ-ମାଳେ,
ମହାଘୋରବନ, ପଶିବାକୁ ଯହିଁ ଡରନ୍ତି କାକ,
ସୂଚିତ ହୋଇଛି ଯେହ୍ନେ କୃଷ୍ଣପକ୍ଷ-ଅନ୍ଧାରଯାକ ;
ଅଶନ, ଶିଂଶପା, କକୁଭ, ତିନ୍ଦୁକ, କୁଟଜ, ଶାଳ,
ହରିତକୀ, ନୀପ, ଧାତ୍ରୀ, ବିଭୀତକୀ, ଧବ, ପିଆଳ,
ଏ ଆଦି ଗହନ ପାଦପେ ଗହଳ ଥିଲା ସେ ସ୍ଥଳୀ
ସରୋଜାଳଙ୍କୃତ ଠାବେ ଠାବେ ଥିଲା ସଜଳ-ଜଳୀ
ଅଦୂରେ ତା'ହାର ନଳବନାକୀର୍ଣ୍ଣ ବିସ୍ତୀର୍ଣ୍ଣ ସର
ନୀର-ଆସ୍ତରଣ ନୀଳିମାରେ ଜଣେ କଳା ଭ୍ରମର,
କାହିଁ ନୀର ପାଣ୍ଡୁ-ବର୍ଣ୍ଣ ପଡ଼ି ପଦ୍ମ-କେଶର ଧୂଳି
ତାରକିତ କାହିଁ କରିଛି ପ୍ରସୂନେ ପାଣିଶିଉଳି,
ନୟନ ଶୀତଳ-କାନ୍ତି ପଦ୍ମବନ ଶ୍ୟାମାସ୍ତୁମାନ
ସମ୍ମୁକୁଳେ ତହିଁ ଦୋଳେ ପଦ୍ମଫୁଲ ଶୋଭା-ନିଧାନ
ଦୁଲୁଁ ପାଇ ମନ୍ଦ-ସମୀରେ ବିକଚ-କମଳ-ଗନ୍ଧ
ଗୁଞ୍ଜରି ଧାଆନ୍ତି ଅଳି-ପୁଞ୍ଜେ ମଧୁ-ସୌରଭେ ଅନ୍ଧ,
ବିତରଇ ମାଳ କରି ଅପ୍ରଗଲ୍‌ଭ ସ୍ନିଗ୍ଧ ସୌରଭ,
ବ୍ରୀଡ଼ାବତୀ ନବ-ପ୍ରେମଶୀଳା-ପ୍ରେମ-ଉଚ୍ଛ୍ୱାସ-ପ୍ରଭ,
ଲଳିତ-ମାରୁତେ ଦୂରୁଁ ଶୁଭେ ଯହିଁ ଶରାଳି-ସ୍ୱନ
ଜଳଦେବୀଙ୍କର କିଙ୍କିଣୀ ଶବଦ ପ୍ରାୟେ ମୋହନ,
ଶକ୍ର-ଧନୁ ଖଣ୍ଡ ପ୍ରାୟେ ମୟୂରଙ୍କ ଶପକ୍ଷ ଲକ୍ଷ୍ୟ—
ପରେ ରଙ୍ଗ ଆଖି ସ୍ଥିର ଥାଇ ଶୂନ୍ୟେ ଝାଡ଼ଇ ପକ୍ଷ,

(୧) ରେବଣା ପ୍ରତିଷ୍ଠିତ କ୍ଷୀରଚୋରା ଗୋପୀନାଥ । ରାମଚନ୍ଦ୍ର ଶରଦ୍ୱାରା ପ୍ରସ୍ତରରେ ଏହାଙ୍କର ବିଗ୍ରହ ଖୋଦନ କରିଥିଲେ ବୋଲି ସ୍ଥାନୀୟ କିମ୍ବଦନ୍ତୀ ଅଛି । ସପ୍ତସ୍ରୋତା ଗୋପୀନାଥ ମନ୍ଦିରର ଅତି ନିକଟବର୍ତ୍ତୀ ।

ମୀନ ଲୋଭେ କଳା ଘାଣିକାକ ବୁଡ଼ି ଆଲୋଡ଼େ ଜଳ,
ଦୀର୍ଘ ଗ୍ରୀବା ଟେକି ସ୍ଥାନେ ସ୍ଥାନେ ବକ ଧ୍ୟାନେ ନିଶ୍ଚଳ,
ନକାଞ୍ଚନେ ରହି, ନିଃଶଙ୍କେ ବିହରେ ଗୃହାନ୍ତ ନାହିଁ,
କଙ୍କ, ହଂସଶାଳୀ ଯହୁଁ ଚୋଞ୍ଚ କାଢ଼ି ପିବାକୁ କାହିଁ,
ବନପଶୁଙ୍କର ସଞ୍ଚରଣ-ଯୋଗ୍ୟ ସର ସେ ଜାଣି
ଜଗନ୍ତ ମୃଗୟା- ଜୀବୀ ଶବର-ବନେ କୋଦଣ୍ଡପାଣି;
ବିଧି-ଶିଳ୍ପ-ସୀମା ତହିଁ ନୃପ-ଜେମା ରୂପରେ ବସ
ମୃଗୟା-ଉଦ୍ଦେଶେ ଉତ୍ସୁକେ ନିରେଖୁ-ଥିଲା ସରସୀ
ବନପଶୁ-ଆଶେ ତହିଁ ବସି ବେଳେ ହେଲା ବିସ୍ତର,
ହରିଦଶ୍ୱ (୧) ହରି-ବିଭ୍ରମେ (୨) କ୍ରମଶଃ ହେଲେ ପ୍ରଖର,
ସହସ୍ର-କରେ ସେ ଭୂତଳେ ଫିଙ୍ଗିଲେ ଅନଳଗୁଣ୍ଡ,
ଚଞ୍ଚୁ-ଷଣ୍ଢେ ଲୁଚି ସଘନେ ରଟିଲା ସିନ୍ଦୁରମୁଣ୍ଡୀ ; (୩)
ଆତପ-ସନ୍ତାପେ ପଦ୍ମ-ବନୁ ଉଡ଼ି ଭ୍ରମର କୁଳେ
ଫୁଲ-କର୍ଣ୍ଣିକାର --ଗରଭେ ପଶିଲେ ଘର୍ମ ଆକୁଳେ,
କାସର-ଯୌବନ ଘୋଷିଲେ ସଘନେ ବନେ ଟୋପର, (୪)
ସେ ସ୍ୱରେ ମିଶିଲା ଦୂରବନୁ କ୍ଳାନ୍ତ - କୁକ୍କୁଟ-ସ୍ୱର,
ବନ-ପଶୁ-ପକ୍ଷୀ ମଧ୍ୟାହ୍ନରୌଦ୍ର- ତାପେ ଅଥୟ,
ରବି-ରଶ୍ମି-ରୋଧି—ଲତା କୁଞ୍ଜ କୋଡ଼େ ନେଲେ ଆଶ୍ରୟ,
ଜଳ-ପାନ-ଆଶେ ପ୍ରଥମେ ଆସିଲେ ହରିଣୀ-ଦଳ
ଚଞ୍ଚଦରେ ଖୁହିଁ ଅଳସେ ଚୋବାଇ କୁଶ କବଳ,
ସର୍ବାଗ୍ରେ କପଟେ ଯୂଥତ୍ରାଣ ପାଇଁ ଦିଏ ଯେ ପ୍ରାଣ
ଗର୍ବଭରେ ଅଗ୍ର—ସର କୃଷ୍ଣସାର ଦୀର୍ଘ-ବିଷାଣ,
ସ୍ତନ୍ୟପାୟୀ ଶିଶୁ ମୁହୁ ମୁହୁ ସ୍ତନ ଶୋଷଣେ ରତ—
ଥିବାରୁ ମୃଗୁଣୀ—ଖର-ଗତି ହେତୁ—ଥିଲା ବ୍ୟାହତ,
ଏକେ ଏକେ ସର୍ବେ ସରସେ ପ୍ରବେଶ ପିଇଲେ ଜଳ,
ଜଳ ପିଉଁ ପିଉଁ ବୃହାନ୍ତ ଚୌପାଶେ ଧାଏ ତରଳ,
ଜଳ ପିଇ ସର୍ବେ ବନେ ବାହୁଡ଼ନ୍ତେ, ସହସା ସରେ
ପଶିଲେ ବିକଟ ଦଂଷ୍ଟ୍ରାବନ୍ତ ବେନି ବନ୍ୟ ଶୂକରେ

(୧) ସୂର୍ଯ୍ୟ । (୨) ଆକାଶ (୩) ପକ୍ଷୀ ବିଶେଷ—ଏହାର ଦେହ ହରିଦ୍ବର୍ଣ୍ଣ ଏବଂ ମସ୍ତକ ରକ୍ତ ବର୍ଣ୍ଣ । ଓଡ଼ିଶାରେ ଏ ପକ୍ଷୀ ସବୁଠି ଦେଖାଯାଏ । ରୌଦ୍ରର ଆଧିକ୍ୟ ହେଲେ ଏହା କଚ୍ କଚ୍ କଚ୍ ରବରେ ବନ ଝଙ୍କାରିତ କରେ । (୪) ବନପକ୍ଷୀ ବିଶେଷ ।

ଘୋର-ଘୋଣାଘାତେ କ୍ଷଣେ ସର ଶାନ୍ତ କରି ସେ ଦୂର
ଫଙ୍କ ଆଲୋଡ଼ଣ ଭଙ୍ଗିଲେ ଶାର୍ଦ୍ଦୂଳ ମୃଗୟା ପ୍ରଚୁର,
ଫଙ୍କ-ଶରବାତେ ବୋଲା ହୋଇ ଜନ୍ତୁ ଉଠୁଁ ଉଲ୍ଲାସେ,
ଶୂଳ-ହସ୍ତେ ଉଷା ସେହିକ୍ଷଣି ଆସି ମିଳିଲା ପାଶେ,
ଉଷାକୁ ଦେଖି ସେ ସରୋଷେ କର୍କଶ ସଟା ଫୁଲାଇ
ମିଶିବା ଆଶାରେ ଗଲେ ଖର ବେଗେ ସଲଖେ ଧାଇଁ;
ଦେଖି ମଧ୍ୟେଁ ଏକ ଉଷା-ଶୂଳ-ମୁନେ ହେଲା ଗ୍ରଥିତ,
ଅନ୍ୟ ଶରେ ଭିନ୍ନ ହୋଇ ଅର୍ଦ୍ଧପଥେ ହେଲା ପତିତ,
କେହି ନ ଜାଣିଲେ କେଉଁ ଦିଗୁଁ ସେହି ଶର ଆସିଲା,
ଯଥାକାଳେ ଯଥା-ସ୍ଥାନେ ସେହି ଶର କିଏ ପେଷିଲା,
ସ୍ଵରଣରେ ଗୁହ୍ନିଁ ନାସୀଏ କିଛି ନ ପାଇଲେ ଅନ୍ତ,
ଶର ଫଳେ ଏକା ଅଙ୍କିତ ଦେଖିଲେ ନାମ "ଜୟନ୍ତ"
କେତେକାଳ ସେହି ବ୍ୟାଧ ପ୍ରଶଂସାରେ ରହି ଲଜ୍ଜିତା
ପୁରେ ବାହୁଡ଼ିଲା ସ୍ୱର୍ଣ୍ଣଚୂଡ଼ ଲଙ୍ଘି (୧) ଦେଖି ସ୍ୱଚ୍ଛତା।
ଶାଳ୍ମଳୀଶଇଳେ ହେମପୁର ନାମେ ଥିଲା ବସତି,
ତହିଁ ରାଜପଣ କରୁଥିଲେ ରାଜା ବାହନପତି,
ଜୟନ୍ତ-ଉତ୍ତମ କୁମର ତାଙ୍କର ଜୟନ୍ତ ନାମ,
ବଳେ ଶକ୍ତିଧର, ଜିଣିଥିଲା ସେହି ଲାବଣ୍ୟେ କାମ,
ଭାବୁଥିଲେ ଲୋକେ ଦେଖି ସେ ଯୁବାର ଭଗ୍ନହସ୍ତବ,
ମୂର୍ତ୍ତି ଭଗ୍ରହ ମର୍ତ୍ତ୍ୟେ ଧନୁର୍ବେଦ ଭ୍ରମଇ ଅବା ;
ଶସ୍ତ୍ରେ ଶାସ୍ତ୍ରେ କରି ଶସ୍ତ୍ରୀ ଶାସ୍ତ୍ରୀଙ୍କର ଦର୍ପ ଖଣ୍ଡନ
ମୃଗୟାରେ ରତ ହେଲା ସେ ତରୁଣ—ମୌଳି-ମଣ୍ଡନ,
ଶାଳ୍ମଳୀଶଇଳ—ଜଗୁର ବଳାଙ୍ଗୀ—ପାତ ଯହିଁ
ନଳ-କନାକାଣ୍ଡ ଜଳ ଗର୍ଭେ କଳ—ନାଦେ ଝଁପଇ,
ତହାକାରେ ଯହିଁ ତନ୍ଦ୍ରକାଳେ ରାଜେ ଗିରିମଣ୍ଡଳ,
ମଣ୍ଡଷାଳେ ଯହିଁ ନିର୍ଜନେ ଚରାନ୍ତି ମହିଷ-ଦଳ,
ସେହି ଜଳ-ପ୍ରାନ୍ତେ ବିରଚି ଜୟନ୍ତ ପର୍ଣ୍ଣ-କୁଟୀର
ମୃଗୟା-ବ୍ୟସନେ ଥିଲା ନିମଗନ ନିରତେ ବୀର।
ମହେନ୍ଦ୍ର (୨) ଅଚଳେ ଭାର୍ଗବ ଋଷିଙ୍କି ଭେଟିବା ଆଶେ
ଯାଉଥିଲେ ଦିନେ ଶିଖିଧ୍ୱଜ ଶିଖି—ପୃଷ୍ଠେ ଆକାଶେ,

(୧) ସ୍ୱର୍ଣ୍ଣଚୂଡ଼—ନୀଳଗିରି ନିକଟବର୍ତ୍ତୀ ପର୍ବତ (୨) ଓଡ଼ିଶାର ପଶ୍ଚିମାଞ୍ଚଳ ପର୍ବତମାନଙ୍କର ସାଧାରଣ ନାମ ମହେନ୍ଦ୍ରଗିରି। ଏହି ପର୍ବତରେ ପର୍ଶୁରାମଙ୍କର ଅବସ୍ଥିତିର କଥା ମହାଭାରତରେ ଉଲ୍ଲିଖିତ ଅଛି। କାର୍ତ୍ତିକେୟ ପର୍ଶୁରାମଙ୍କର ସହପାଠୀ, ଉଭୟେ ଶିବଙ୍କଠାରୁ ଅସ୍ତ୍ରଶିକ୍ଷା କରିଥିଲେ

ଚିର ସ୍ନେହ ଥିଲା ବେନଙ୍କର ମନ ବେନରେ ଲାଗି
ବେନଙ୍କର ଅସ୍ତ୍ର — ଗୁରୁ ଥିଲେ ଯେଣୁ ଦେବ ପିନାକୀ,
ବନଦେବୀ ଅନୁ — ରୋଧେ ଶିଖିଧ୍ୱଜ ଶୈଳେ ଓହ୍ଲାଇ
ଗୁଣ୍ଡ ଦେଲେ ଶିଖୀ ବଳାଙ୍ଗୀ-ନର୍ତ୍ତ୍ୟରେ ତୋଷିବା ପାଇଁ,
ଅସଂଖ୍ୟ କଳାପୀ ବର୍ଣ୍ଣୋଜ୍ଜ୍ୱଳ ପୁଚ୍ଛ — କଳାପ ଖୋଲି
ବ୍ରତତୀ-ଦୋଳାରେ ଖେଳୁଥିଲେ ତହିଁ ଅନିଳେ ଦୋଳି,
ବନଲକ୍ଷ୍ମୀ ବନେ ଉଆଇଥିଲେ କି ବର୍ଣ୍ଣ-ଉତ୍ସବ,
କିବା ହୋଇଥିଲା ମର୍ତ୍ତ୍ୟେ ଶତ ଇନ୍ଦ୍ର — ଧନୁ-ଉଦ୍ଭବ,
ତ୍ରିଦଶ-ମୟୂର ମିଶିଲା ଆସି ସେ ମୟୂର-ଦଳେ,
ଦେଖି ଅନ୍ୟ ଶିଖୀ ପୂରିଲେ ଗହନେ କେକା ରହଳେ,
ସେ ରବେ ଆହୂତ ହୋଇ ତହିଁ କେତେ କ୍ରୂର ଶବର
ଦେଖିଲେ ସୂର୍ଯ୍ୟାସ୍ତ — ଶୋଭା-ଅନୁକାରୀ ସେ ଶିଖିବର,
ସ୍ୱଭାବେ ଲୁବ୍ଧକ, ଲୋଭୀ ହେଲେ ସେହି କଳାପ ଦେଖି,
ମନେ ମନାସିଲେ ବଧିବେ କ୍ଷଣେକେ ଅପୂର୍ବ କେକୀ,
ଗୁପେ ଖଞ୍ଜି ଶର ଆକର୍ଣ୍ଣ ଶିଞ୍ଜିନୀ ଟାଣନ୍ତେ ତାର
ଶର ପଥେ ଉଭା ହୋଇ ନିବାରିଲା ନୃପ-କୁମାର,
ଶରବନ-ଭବ (୧) — ଦେବ ଜାଣି ଏହା ଜୟନ୍ତ ପ୍ରତି
ବାହନ-ବତ୍ସଳ ଅନ୍ତର୍ଗତରେ ହେଲେ ପ୍ରସନ୍ନ ଅତି,
ଶୂରୋଚିତ ବର ସୁରାଗ୍ରଣୀ ଦେବା — ପାଇଁ ସରାଗେ
ଉଭା ହେଲେ ଦେବ ନିଜ ଦିବ୍ୟ ରୂପେ ଜୟନ୍ତ ଆଗେ,
ଶାଣେ ଉତ୍କୀର୍ଣ୍ଣ କି ବରାଙ୍ଗ ଏସନ ଆସଇ ଚିତ୍ତେ,
ଗୌର ଗ୍ରୀବାଦେଶେ କୃଷ୍ଣକେଶଗୁଚ୍ଛ ଶୋଭେ କୁଞ୍ଚିତେ,
ଅଯୋଜିତ-ଗୁଣ ଧନୁଶୃଙ୍ଗେ ବୀର ଭଙ୍ଗୀରେ ଭର —
ଦେଇ ସବ୍ୟେତର କରେ ଧରିଛନ୍ତି ଶର ଭାସ୍ୱର,
ସ୍କନ୍ଧ ପୃଷ୍ଠେ ତୂଣ — ମୁଖେ ଶର କଙ୍କ — ପକ୍ଷନିଚୟ,
ଦେହ ପ୍ରଭା ସ୍ଫୁରି ବନଭୂମି ଦିଶେ କନକମୟ,
ସହସା ସମ୍ମୁଖେ ଆବିର୍ଭୂତ ଦେଖି ଦେବ-କୁମାର
କ୍ଷଣେ ସ୍ତମ୍ଭୀଭୂତ ଚକିତେ ହେଲା ସେ ନୃପ-କୁମାର,
ସାଷ୍ଟାଙ୍ଗେ ପ୍ରଣମି କରଯୋଡ଼ି ଉଭା ହୋଇ ଅଗ୍ରତେ
ଶକ୍ତିଧର-ପଦେ ବର ଭିକ୍ଷା ଯୁବା କଲା ଏ ମତେ,

(୧) କାର୍ତ୍ତିକେୟ ଶରବନରେ ଜାତ ହୋଇଥିବା କଥା ପୁରାଣରେ ଅନୁସନ୍ଧେୟ ।

"ଦେବ ଶକ୍ତିଧର, ହେଲ ଯେବେ ଦାସ—ପ୍ରତି ସଦୟ
ସଙ୍କଟେ ସ୍ମରିଲେ ଅବତରି ଦାସେ ଦେବ ଅଭୟ";
"ତଥାସ୍ତୁ" ଉଚ୍ଚାରି ଦେବ ତାରକାରି ଶିଖି-ବାହନେ
ପ୍ରଭାତରେ ଉଡ଼ିଲ ନୀଳବ୍ୟୋମ ଗଲେ ରାମ ( ୧ ) ସଦନେ
ବାହନ- ଶିଖରୁ ପଡ଼ିଲା ସେ କାଳେ ବର୍ହ ରୁଚିର,
ମହାଦରେ ତୋଳିନେଲେ ସେ କଳାପ ଜୟନ୍ତବୀର,
ଭେଟିଲେ ଭୂପତି—ସମ୍ମୁଖରେ ତା ନେଇ ଭୂପ-ସନ୍ତାନ,
ମୁକୁଟର ଭୂଷା କଲେ ସେ ବର୍ହକୁ ବାହିନୀପତି,
ଦେଇଲେ "ମୟୂର—ଧ୍ୱଜ" (୨) ପଦ ସେହି ଦିନୁ ରାଜନ,
ସେହି ଦିନୁ ରାଜ୍ୟେ ମୟୂର ନିଧନ ହେଲା ବାରଣ । (୩)
ଉଷା-ସ୍ୱୟମ୍ବର—ବାରତା ଜୟନ୍ତ ହରଷେ ଶୁଣି
ନିଜ କରଗତ ପରାଏ ମଣିଲା ସ୍ୱର୍ଗ-ନିଶ୍ରେଣି,
ଜୟନ୍ତର ଚେଷ୍ଟା—ଶଙ୍କା ସେହି ବର୍ଷେ କଲେ ଗଣକ,
ପଡ଼ିଲା ନୃପତି—ସୁତ-ମନୋରଥ—ପଥେ କଣ୍ଟକ,
ସ୍ୱୟମ୍ବରେ ଯିବା ପାଇଁ ନିଷେଧିଲେ ବାହିନୀପତି
ଶୈଳରୁଦ୍ଧ ସ୍ରୋତ—ଦଶାକୁ ଭଜିଲା ଜୟନ୍ତ-ମତି;
କଷ୍ଟେ ଚିତ୍ତବେଗ ରୋଧି ଗୁରୁ-ଆଜ୍ଞା ମସ୍ତକେ ଧରି
ପୂର୍ବପରି ସାରି ରହିଲା ମୃଗୟା—ବିଧି ଆଚରି,
ମୃଗୟା ବ୍ୟାପାରେ ଏଣେ ତେଣେ ଭ୍ରମି ବ୍ୟାକୁଳ ମନେ
ଅତର୍କିତେ ଆସି ପ୍ରବେଶିଲା ପୂର୍ବ—ବର୍ଣ୍ଣିତ ବନେ,
ସେହି ବନେ ଜଳ - ତୀର-ତରୁତଳେ ସଙ୍ଗିନୀ-ଦଳେ
ଉଷାକୁ ପ୍ରଥମେ ଦେଖି ସେ ବୁଡ଼ିଲା ବିସ୍ମୟ ଜଳେ,
ଭାଳିଲା, "ହୋଇଛି ଅବା ଏଥି ବନ—ଦେବୀଙ୍କ ମେଳା,
କିରାତିନୀ-ବେଶେ ଖେଳୁଛନ୍ତି ପରା ପାର୍ବତୀ ବାଳା
କି ଅବା ଶର୍ବରୀ—ରୂପେ ମୁକ୍ତକେଶୀ ହର-ସୁନ୍ଦରୀ
ଯୋଗିନୀ-ଗହଣେ ଭ୍ରମନ୍ତି ରଜତ ତ୍ରିଶୂଳ ଧରି,
ନାହିଁ, ନାହିଁ ସୁର-ନାଗରୀରୁ ଏଥି ଅଛି ବିଶେଷ,
ମର୍ତ୍ତ୍ୟନାରୀ ବୋଲି ଚିହ୍ନାଇ ଦେଉଛି ନେତ୍ର ଉନ୍ମେଷ,

(୧) ରାମ ଅର୍ଥାତ ପରଶୁରାମ (୨) ମୟୂରଧ୍ୱଜବଂଶୀୟ ରାଜାମାନେ ମୟୂରଭଞ୍ଜର ପୂର୍ବତନ ରାଜା ଥିଲେ । ସେହି ରାଜବଂଶର ଶବଂଶଜ୍ଞାନ କରି ସିଂହାସନ ଅଧିକାର କରିଥିବାରୁ ବର୍ତ୍ତମାନ ରାଜବଂଶର ନାମ ମୟୂରଭଞ୍ଜ ହୋଇଅଛି । ମୟୂରଭଞ୍ଜର ଇତିହାସରେ ଏହି କଥାର ଉଲ୍ଲେଖ ଅଛି । (୩) ବର୍ତ୍ତମାନ ମଧ୍ୟ ମୟୂରଭଞ୍ଜରେ ମୟୂର ବଧ ନିଷେଧ ଅଟେ ।

ନୂତ୍ତୁ ରାଜପୁର ନୁହଇ ଏଠାରୁ ଦୂର ବହୁତ,
ଖ୍ୟାତ ଯାର କଥା, ଏ ହେବ ପରା ସେ ରାମା ଅଦ୍ଭୁତ ?
ନୂତ୍ତୁ-ରାଜକେମା ନିଶ୍ଚେ ଏହି ବାମା ଲାଗଇ ମନେ,
ପାରଧି ବ୍ୟାପାରେ ସଖୀ ସଙ୍ଗେ ଆସି— ଅଛି ଗହନେ,
ଏତେ ଦିନ ଯାଏ ଥିଲା ସିନା ମୋର ନୟନ ତୁଚ୍ଛ,
ଦେଖି ନ ଥିଲି ତ କେବେ ଏ ଅପୂର୍ବ ରୂପର ଉଚ୍ଛ,
ସ୍ୱୟମ୍ବରେ କରି—ଅଛି ଯେଉଁ ପଣ ବାଳ ରତନ
ଏ ରୂପର ଯୋଗ୍ୟ ଅଟଇ ସିନା ସେ ଦାରୁଣ ପଣ;
ଏ ହୀଣ ପଣକୁ ଇତର ପୁରୁଷେ ହେବେ କି ସତି ?
କେଶରିଣୀ ମନେ ଆନ କେ ଲାଗିବ ବିନା କେଶରୀ ?
ଏହି ରୂପେ ଜୀନ ଘନ ଚତୁପର୍ଶ୍ୱେ ଆବରି ଅଙ୍ଗ
ଶାର୍ଙ୍ଗ ଧନୁଃଶର— ହସ୍ତେ ଦେଖିଥିଲ ନାରୀଙ୍କ ଭଙ୍ଗ;
ବିପଦ-କବଳେ ଅବଳାକୁ ଦେଖି—ପିଙ୍ଗିଲ ଶର,
ଯେ ଶରେ ଭୂତଳ ଭଜିଲ ବେଗରୁ ଏକ ଶୂକର,
ଉଷା-ବିଦ୍ୟୁରୂପେ ପୂର୍ବୁଁ ହୋଇଥିଲା ଚିତ୍ତେ ମୋହିତ;
ସାହସ କୌଶଳ ଦେଖି ହେଲା ପୁଣି ଦ୍ୱିଗୁଣ ପ୍ରୀତ,
ପାର୍ଥ ମନ ଶୌର୍ଯ୍ୟ ସୌନ୍ଦର୍ଯ୍ୟ ଯେସନ ଯଦୁ-କୁମାରୀ,
ଉଷା ସେହିପରି ଜୟନ୍ତର ମନ ନେଲା ଓଟାରି;
ବାରାଙ୍ଗନା ସିନା ଗୁଣେ ବୀରମନ ପାରଇ କିଣି,
ଶୟନେ, ସ୍ୟନ୍ଦନେ, ବିଜୟେ, ସଙ୍କଟେ, ଯୋଗ୍ୟ ସଙ୍ଗିନୀ,
ରାଜକେମା ପ୍ରେମେ ଉନମତ୍ତ ହୋଇ ସେ ନୂତ୍ତୁପୁରେ
ଈଶା ଯୋଗେ ଯାଇଁ ଉପସ୍ଥିତ ହେଲା ନୃପ ସମ୍ମୁଖରେ,
ସ୍ୱଜନଯେ ନିଜ ପରିଚୟ ଦେଲା ଶିର ନୋଆଁଇ,
ଅର୍ଥୀ ହେଲା ବୀର- ତରୁଣ ଦାରୁଣ—ପରୀକ୍ଷା ପାଇଁ,
ମୁଗ୍ଧ ହେଲେ ଦେଖି ନୃପତି ସହିତେ ଅମାତ୍ୟଜନ,
ଯୁବାକୁ ମଣିଲେ କିଶୋରୀ ମଣିର ଯୋଗ୍ୟ-କାଞ୍ଚନ,
ଜୟନ୍ତକୁ ଦେଖି ନୃପଙ୍କର ହେଲା ହର୍ଷେ ବିଷାଦ,
ବିବରି କହିଲେ ପରୀକ୍ଷାର ଯେତେ ପୂର୍ବ ସମ୍ବାଦ,
କାଳ ସ୍ୱୟମ୍ବରେ ଶିର ଦେଲେ ଯେତେ ବୀର ଯୁବାଏ,
ସମସ୍ତଙ୍କ ନାମ ଏକ ଏକ କରି କହିଲେ ବସ୍ୱେ,
କହୁଁ କହୁଁ ତାଙ୍କ ହୃଦେ ଉପୁଜିଲା ଦାରୁଣ ଖେଦ
ଅର୍ଥୀ ହେବାଲାଗି ସଜଳ ନୟନେ କଲେ ନିଷେଧ,

ମାନ ଜନ୍ମମୁଖ ପସ୍ୟଃ ଶୁଣି ଦୃଢ଼—ପ୍ରତିଜ୍ଞ ମନ
ଯେତେ ବାଣଲେହେଁ ମାନନ୍ତି ନାହିଁ ସେ କେବେ ବାରଣ,
ଊଷାଗତ ପ୍ରାଣ, ଊଷା ତାର ଧ୍ୟାନ, ଊଷା ସେ ଗତି,
ଊଷା ନ ଲଭିଲେ ପାରିବ କି ପ୍ରାଣେ ତିଳେ ବରତି ?
ପ୍ରଥମ ଦର୍ଶନେ ବେଳ୍ରୁ କରିଥିଲା ମନକୁ ଦୃଢ଼,
କାଳ-ସ୍ୱପ୍ନରେ ଅବହେଳେ କଲା ପ୍ରାଣକୁ ଦୃଢ଼, (୧)
ସେହିକ୍ଷଣି ରାଜ—ଆଜ୍ଞା ହୋଇଗଲା ପୁରେ ପ୍ରଚାର,
ପରୀକ୍ଷା ସକାଶେ ଯଥାବଧି ଠୁଳ ହେଲା ସମ୍ଭାର,
ପ୍ରାତେ ଅଭିନୟ ପୂର୍ଣ୍ଣ ହେବ ସେହି ଦାରୁଣ ବଧି,
ଜୟନ୍ତ-ଲଲାଟେ କେ କହିବ କିବା ଲେଖିଛି ବିଧି ?
ମହାଚିନ୍ତାକୁଳେ ଯାପିଲା ଜୟନ୍ତ ସେହି ରଜନୀ
"ମଣି ଲାଭ ହେବ, କିଅବା ପଡ଼ିବ ମୁଣ୍ଡେ ଅଶନି,
ଭାଗ୍ୟେ ଥିଲେ ମୋର ପାଇଁ ସଙ୍ଗୀ ହେବ ସେ ମହାଳସା,
ନତୁବା ଭଜିବ ପୂର୍ବପ୍ରାର୍ଥୀ ରାଜ—ସୁତଙ୍କ ଦଶା,
ଅରେ ମାନ ପଡ଼ି ନେହପଥେ ସେହି ରଙ୍ଗରଙ୍ଗିଣୀ
ହୋଇଅଛି ଚିର—ଦିନ ପାଇଁ ମନୋନେହ-ସଙ୍ଗିନୀ,
ସଫଳ ହେବ ଏ ଜୀବନ ମୋହର ଊଷା ବରଣେ,
ଏ ଭଳି ଜୀବନଠାରୁ ମୃତ୍ୟୁ ଶ୍ରେୟଃ ସହସ୍ର ଗୁଣେ,
ଯାହା ଥାଉ ଭାଗ୍ୟେ, କେବଳ ସାହସ ମୋର ସମ୍ବଳ,
ସାହସୀକୁ ଦେବେ ଅନୁକୂଳ ହୋଇ ଦିଅନ୍ତି ବଳ ।"
ଚିନ୍ତାକୁଳ ଚିତ୍ତେ ଊନିଦ୍ର ରଜନୀ ଯାପିଲା ବଳୀ,
ଚିନ୍ତା ନିଦ୍ରା ବେନି - ମଧ୍ୟେ ସବୁକାଳେ ସପତ୍ନୀ-କଳି,
ସଂଶୟ-ପ୍ରବାହେ ଚିନ୍ତାକୁଳ ମନ ବୁଲିଲା ଦୂର,
ବଳାଙ୍ଗୀ ହୃଦୟେ ପ୍ଲାବନେ ଯେସନେ ଭ୍ରମେ ଭଉଁରି,
ନ ଦିଶୁ ପୂରବେ ଊଷାର ପ୍ରଥମ ପାଟଳ-ରେଖା,
ଭେଣାରୁ ଶିଶିର—ବିନ୍ଦୁ ଝାଡ଼ିବ ଏ ନଭେ ଯେ ଦେଖା,
ଛଳ ଛଳ ଯାର ତରଳ ସଙ୍ଗୀତ ପଥିକ ଶ୍ରୁତି—
—ତାରେ ଝଙ୍କାରଇ ଅଶାନ୍ତ ସୁଖର ତରୁଣ ସ୍ମୃତି,
ପକ୍ଷୀଶାଳୀସେହେ ଯା ସ୍ୱପ୍ନ-ତରଙ୍ଗ ଭାସେ ଅନିଳେ,
ଊଷା-ଉଦ୍‌ବୋଧନ, ଭରତିଆ-ସ୍ୱନ ଶୁଭିଲା ବିଲେ,

(୧) ପଣ ।

ସାଗର-ଶୟନ ପରିହରି ଦେଖି ବିଶ୍ୱଦ୍ୟୋତିମା
ରଞ୍ଜିଲେ ପ୍ରବାଳ—ପାଟଳ ଆଲୋକେ ନଭ ମେଦିନୀ,
କୋକବଧୂ ସଙ୍ଗେ କମଳିନୀ କଲା ଉଷା-ବନ୍ଦନା,
ସମୁଜ୍ଜ୍ୱଳ ବେଶେ ରୌଦ୍ରରେ ହସିଲେ ଦିଗ-ଅଙ୍ଗନା,
ସୁରଞ୍ଜିତ ଦେଶେ ନାନା ଅଙ୍ଗରାଗେ ପ୍ରାଚୀ ତରୁଣୀ,
ତହୁଁ ବଳି ଶୋଭା ବିକାଶଇ ଶୈଳ-ମୟୀ ବାରୁଣୀ,
ସ୍ତରେ ସ୍ତରେ ଶୋହେ ଶଇଳ ପ୍ରାଚୀର ଶ୍ୟାମଳ ଦ୍ୟୁତି,
କାହିଁ ଶୂଳାକୃତି, ଭଲ୍ଲାକୃତି, କାହିଁ ତୋରଣାକୃତି,
କାହିଁ ଅବା କୂର୍ମ-ପୃଷ୍ଠାକାର, କାହିଁ ସେତୁ-ଆକାର,
ଉନ୍ନତ, ଆନତ, ସରଳ, କୁଞ୍ଚିତ ବପୁ-ବିସ୍ତାର,
ଉଷା-ରକ୍ତାଂଶୁକେ ରଞ୍ଜିତ ଶ୍ୟାମଳ ଭୂଧରଗଣ
ପିନ୍ଧିଛନ୍ତି ଅବା ଉତ୍ସବେ ମୟୂର-କଣ୍ଠି-ବସନ,
ମସ୍ତ୍ୟଶୈଳ ( ୧ ) ଦେଖ କିବା ଆଡ଼ମ୍ବରେ ଅଗ୍ରେ ଠିଆ;
ବାମ ପ୍ରାନ୍ତେ ଯାର ଦିଶେ ଗଣ୍ଡଶୈଳ ବାଇଗଣିଆ,
ନବ ସ୍ନିଗ୍ଧ ନୀଳ—କାନ୍ତି ମଦେ ନବ—ନୀରଦ-ଘଟା;
ମେହେରବ-ଶସ୍ୟ ଆକାଶେ ତୋଳିଛି ମନ୍ଧୁଷପଟା,
ଅପରାଜିତାର ନୀଳିମାକୁ ଦେଇ ଶତ ଧିକ୍କାର
ତୋଳିଛି ଅମ୍ବରେ ଶୃଙ୍ଗ ସ୍ୱର୍ଣ୍ଣଚୂଡ଼ ଗୋଶିଙ୍ଗାକାର,
ଇନ୍ଦ୍ରମଣି ଗଡ଼ ପ୍ରାନ୍ତେ ମାନଗଡ଼ ଶୋହେ ତା ପରେ,
ଦୀର୍ଘ ବିସ୍ତାରିତ ବପୁ ବିଭାସିତ, ଲୋହିତ କରେ;
ଅନ୍ତରାଳେ ଶୋଭେ ଠାବେ ଠାବେ ବାଳ—କିରଣ ଲଭି
ପୃଷ୍ଠଦେଶେ ଦୂର—ତର ଶୈଳଶ୍ରେଣୀ (୨) ଅସ୍ପଷ୍ଟ-ଛବି,
ବିରାଜଇ ନୀଳ—ବର୍ଣ୍ଣେ ତଳ ତଳ ନଭ-ବିତାନ
କଅବା ଅପର ସିନ୍ଧୁ ଊର୍ଦ୍ଧ୍ୱଦେଶେ ଲମ୍ବାୟମାନ,
ଉଡ଼ି ଯାଉଛନ୍ତି ହଂସେ ବୋଲା ହୋଇ ରକ୍ତ ଅଂଶୁକେ,
କୁଳୀର ଅରୁଣ (୩)-ପୂର୍ବ ପାରାବାର—ପୁଳିନ-ମୁଖେ,
ରାଜାଦେଶ ପାଇ ନିଶା ଶେଷ ଯାମେ ହୋଇ ସତ୍ୱର
ସୁସଜ୍ଜିତ ହୋଇ—ଥିଲା ବିଧିମତେ ନୁତୁନଗର,

(୧) ମସ୍ତ୍ୟ, ବାଇଗଣିଆ, ମନ୍ଧୁଷପଟା, ସ୍ୱର୍ଣ୍ଣଚୂଡ଼ ଏବଂ ମାନଗଡ଼ ପର୍ବତ ପ୍ରଥମାପଦାକୁ ଏକରେଖାରେ ଦୃଷ୍ଟ ହୁଅନ୍ତି । ପ୍ରତ୍ୟେକ ପର୍ବତର ଆକୃତି ବର୍ଣ୍ଣନାର ଅନୁରୂପ । (୨) ଶାଳୁଳୀ ଏବଂ ମେଘାସନ ଶୈଳମାଳା (୩) ବାଲେଶ୍ୱରର ୩ କୋଶ ପୂର୍ବବର୍ତ୍ତୀ ବେଳାଭୂମିରେ ଇନ୍ଦ୍ରଗୋପପ୍ରଭ ଅସଂଖ୍ୟ ରକ୍ତ କର୍କଟ ପ୍ରାୟ ସର୍ବଦା ଦେଖାଯାନ୍ତି ।

ନ ଗବୁଁ  କୁକ୍‌କୁଟ,  ନ ହେଉଣୁ  ପୂର୍ବେ ଅରୁଣୋଦୟ
ପରିଷ୍କୃତ ହୋଇ ପୁର ରଥ୍ୟ ହେଲା ତୋରଣାମୟ,
ଲୋହିତ ପତାକା ଚତ୍ର-ଶିରେ-ଉଡ଼େ ସମୀରେ ଛଳ,
ଶତାରେ ମଣ୍ଡିତ ହୋଇଅଛି ପୁର—ବାସି ଦେହଳୀ,
ରଙ୍ଗସ୍ଥଳେ ଦଳେ—ଦଳେ ଆସି ହେଲେ ଦର୍ଶକେ ଗଦା,
ନାନାଢଙ୍ଗେଁ ହେଲା  ନଳକେ  ଲୋକାରଣ୍ୟ ପ୍ରଥମାପଦା,
ଛାଦ ଅଳିନ୍ଦାଦି ଅସଂଖ୍ୟ ଦର୍ଶକ— ବୃନ୍ଦେ ଶୋଭିତ,
ବାତାୟନ ହେଲା ଲଲନା-ଲୋଚନେ କୁବଳୟିତ,
ପୁରୁଁ ବାହାରିଲେ ନୂତ୍ନ-ନରନାଥ ନନ୍ଦନୀସହ;
ବ ଝଣ ଉଠିଲା ନହବତେ ଉଚ୍ଚ— ନାଦେ ସଘନ,
ଝମକ, ନାଗରା, ମଧୁରିକା, ତୁରୀ, ଭେରୀ, କାହାଳ
ନାନା ବାଦ୍ୟକାରେ ସବାଗ୍ରେ ଚାଲନ୍ତି ମାଳକୁ ମାଳ;
କ୍ରୌଞ୍ଚ-ପକ୍ଷଧର ଚତୁରଙ୍ଗ ପତାକା ଶାର୍ଦ୍ଦୂଳପ୍ରଭ,
ଫଳକେ  ଚିତ୍ରିତ  ଶୋଭେ  ନାନାବର୍ଣ୍ଣେ ଗଣ୍ଡଭୈରବ, (୧)
ତାଙ୍କ ପଛେ ପଛେ ଗୁରୁ, ପୁରୋହିତ, ପଞ୍ଚଜ୍ୟୋତିଷ,
ରାଜ-ପାତ୍ର  ମନ୍ତ୍ରୀ ରାଜ-ପାରିଷଦ, ସେନା-ଅଧୀଶ,
ସର୍ବ ଶେଷେ କରି-ପୃଷ୍ଠେ ନୃପରାଜ—ନନ୍ଦନୀସହ,
ଚଉଦିଗେ ବେଢ଼ି ସୁଭଟ ପଡୁଛନ୍ତି ବନ୍ଧ-ନିବନ୍ଧ;
ସିନ୍ଧୁ-ଊର୍ମିପରି ଆଗେ ଆସୁଛନ୍ତି ମନୁଜ-ବ୍ରଜେ,
ପୂର୍ଣ୍ଣ ଶଶୀ ପରି ଶ୍ବେତ-ରାଜଛତ୍ର ସର୍ବ ପଶ୍ଚାତେ,
ଉପସ୍ଥିତ ଚଣ୍ଡୀ-ଦେଉଳେ ହୁଅନ୍ତେ ନୃପ ନରେଶ,
ବାଜ-ପୃଷ୍ଠେ ଶିଖି— ଧ୍ବଜ-ସୁତ ତହିଁ ହେଲା ପ୍ରବେଶ,
ଦେହେ ମହୋଜ୍ଜ୍ୱଳ ପରିଚ୍ଛଦ, ରତ୍ନ—ଉଷ୍ଣୀଷ ଶିରେ,
ରତ୍ନ-କଟିବନ୍ଧ, ଅସି-କୋଷେ  ଅସ ଝୁଲେ କଟିରେ,
ଅଶ୍ବରୁ ଓହ୍ଲାଇ ପ୍ରଣମିଲା ଯୁବା ନୃପେ ବିନୟେ,
ଶିଶିର-ମଣ୍ଡିତ କମଳ ଯେମନ୍ତ ନମେ ମଳୟେ,
ଜନତାକୁ ବୀର ନତ କଲା ନତ କରି ଉଷ୍ଣୀଷ,
ପ୍ରୀତ ହୋଇ ସର୍ବେ ଉଚ୍ଚ ରବେ ଦେଲେ ଶୁଭ ଆଶିଷ,
ଜୟନ୍ତକୁ ରଙ୍ଗେ ଦେଖି ରାଜବାଳା ହେଲା ସ୍ତମ୍ଭିତ,
ଅଦ୍ଭୁତ-ଗଣ୍ଡରେ ବୃନ୍ଦେ ପ୍ରବାହିତ ହେଲା ଶୋଣିତ,

(୧) ପତାକାମାନଙ୍କ ଫଳକରେ ଗଣ୍ଡଭୈରବ ପକ୍ଷୀ ଚିତ୍ରିତ ହୋଇଥାଏ ।

ମନୁଁ କରିଥିଲି ନିରାଶେ ପ୍ରଣୟ—ପ୍ରସଙ୍ଗ ଦୂର,
ଏବେ ଅଙ୍କୁରିଲା ହୃଦୟେ ଉଦ୍ଦାମ—ପ୍ରେମ ଅଙ୍କୁର,
ତନୁ ପୁଲକିଲା ଅଭିନବ ପ୍ରେମ—ମୋହନ-ବଳେ,
ସୁରଞ୍ଜିତ ହେଲା ଅମଳ-କପୋଳ ଲାଜ-ପାଟଳେ,
ସେହିକ୍ଷଣି ଚିତ୍ତେ ହର୍ଷେ ଉପୁଜିଲା ଘୋର ବିଷାଦ,
ଶୋକାର୍ତ୍ତେ ଭାବିଲା ହୃଦଗତେ, "ଆହା ଏ କି ପ୍ରମାଦ,
କେତେ ଯୁବା ଆସି ଅକାରଣେ ପ୍ରାଣ ଦେଲେ ଏ ଦେଶେ-
ଅଶ୍ରୁ ବୁହାଇଲେ କେବଳ, ନୟନେ ନ ରୁଚି ଲେଶେ;
ଏ ରୂପ-ମାଧୁରୀ କାହିଁ ଥିଲା ପୁଣି ଭୁବନେ ଲୁଚି ?
ଥରେ ପିଇ, ଆହା ! ପାରିବ କି ତାହା ନେତ୍ର ମୁରୁଛି ?

ସରଳ ସୁଢଳ ବୃନ୍ତ ବପୁ ଯେସନ୍ତେ ଶୋଭା-ବିଟପୀ,
କି ମଧୁର ଦିଶେ ଗୌର-ଗଣ୍ଡେ କଳା—କାନ-ଝିଲପି
କେଡ଼େ ଶୋଭା ଧରେ ବୃନ୍ତ କର୍ଣ୍ଣଯୁଗେ ବୀର ବଉଳ !
ଶୋଭା ଦେଖି ଯିବ ଶତ ମନୋଭବ—ଶୋଭା ମଉଳି !
କୃଶ-ଶ୍ମଶ୍ରୁ-ରେଖା ନବଜାତ ବୃନ୍ତ—ଓଷ୍ଠୋପରେ,
ବାଳ-କମଳକୁ ବେଢ଼ିଛନ୍ତି ଅବା ଶିଶୁ-ଭ୍ରମରେ !
ବିଧାତା ସୌନ୍ଦର୍ଯ୍ୟ—ସୃଷ୍ଟିରେ ସାର ଏ ରାଜ-କିଶୋର,
ହୋଇ ନ ଥିବଟି କେତେ ରସବତୀ—ହୃଦୟ ଚୋର !
ପଙ୍କଜାକ୍ଷୀ କେତେ ଭୁବନେ ହେଉ ନ ଥିବେଟି ରଙ୍କ !
ମଣ୍ଡିବାକୁ ଏହି ତରୁଣ-ତିଳକ—ଅଙ୍କ ପଲଙ୍କ ?
ସନ୍ତାପହାରିଣୀ କେତେ ତରଙ୍ଗିଣୀ ସଂସାରେ ନାହିଁ ?
ମୃଗତୃଷ୍ଣିକାରେ ମନ ଯୁବାମଣି ଦେଲା କିପାଇଁ ?
ଶୁଣି ତ ଅଛି ଏ ପୂର୍ବ ଅର୍ଥୀଙ୍କର ଯେତେ ବୃତ୍ତାନ୍ତ,
ଶୁଣି ହେଲା କିପାଁ ଏ ଯୁବା-ବୟସେ ଜୀବନେ କ୍ଳାନ୍ତ ?
ଏତେ ବୀର-ଯୁବା ହାରିଗଲେ ଯହିଁ, ତହିଁକି ସରି
ହେବା ଲାଗି ଅବା ଏମନ୍ତ କି ତପ ଅଛି ଆଚରି ?
ମୋ ରୂପ ତରୁଣୀ—ପାଇ ହେଲା ଏଡ଼େ ବାଇ କିପାଇଁ ?
ଏଡ଼େ ଶ୍ଳାଘ୍ୟ ପ୍ରାଣ—ବୟଃରୂପେ ଦେବ ହେଲେ ହରାଇ ।

ଆହା, କାଲି ପ୍ରାଣ ବଞ୍ଚାଇଲା ବନେ ମୋର ଯେ ଜନ,
ଧିକ ଶତ ଧିକ ମୋ ପାଇଁ ଆଜ ସେ ଦେବ ଜୀବନ ।
କେହି ଯେବେ ଆହା, ଫେରାଇ ଦିଅନ୍ତା ଯୁବାମଣିକି,
ତା ପାଦେ ଏ ରୂପ ପରଶିକୁ ହେଲେ ଦିଅନ୍ତି ବିକି ,

ବୃଥା ମୋ ଆଶାରେ କାଳ-ସ୍ୱପ୍ନମ୍ବରେ ଦେବାକୁ ମଥା
ଆଣିଲା ଏହାକୁ ରୂପ-ବୈଶ୍ୱ କେଉଁ ଉପଦେବତା ?
ଅବଳାସୃଷ୍ଟିକୁ ଜଣିବା ଆଶଟେ କରି ସଙ୍କାଳ
ନ ରଖିଲେ କପାଁ ରୂପାସ୍ତ୍ର ଏ ରୂପ ଦୂରେ ସମ୍ଭାଳି ?
ନୋହିଥିଲେ ଆହା, ଏହି ନିଦାରୁଣ ପଣ-ପ୍ରସ୍ତର
ଆଦରେ ଏହାକୁ କରନ୍ତି ନ କି ମୁଁ ଗଳାର ହାର ;
ଏ ଗୁଣ-ସାଗର ନାଗର ହୋଇଲେ ମୋ ପରାଣ-ସଖା,
ହୋଇଯାନ୍ତା ଏହି ମର୍ତ୍ତ୍ୟପୁର ମୋର ପକ୍ଷେ ଅଳକା ;
ଏ ମଲେ ଏହାର ସଙ୍ଗେ ହେବ ମୁହିଁ ମର୍ତ୍ତ୍ୟୁ ଅନ୍ତର,
ଯାହା ଥିବ ଏହା ଭାଗ୍ୟେ, ସେହି ଭାଗ୍ୟ ଧ୍ରୁବ ମୋହର ।

ହେମୁହାଣି-ବନେ ହାହାକରେ ମୁହିଁ ବନ୍ଧିଲି ହନେ,
ଶୋଣିତେ ପାଟଳ ହୋଇ ଗୁଡ଼ଲା ମୋ ପ୍ରାଣ ପୂଜନେ,
ଶୋକେ ଝରି ତାର ସଙ୍ଗେ ମଲା ହାୟ—ତର-ତରୁଣୀ,
ହାୟ ଅବା ସେହି ଦଶା ଭାଗ୍ୟ ମୋର ଲେଖୁଛି ପୁଣି !"
ବାଜଣ ଉଠିଲା ଉଚ୍ଚ ରବେ ରଙ୍ଗ—ଭୂମିରେ ଭେଶା,
ଲଗ୍ନ ହେଲେ ଲୋକେ ଉଷା-ଜୟନ୍ତକୁ ଚୌଦିଗେ ଘେରି,
ଉଚ୍ଚୈଃସ୍ୱରେ ଡାକ ଉଗାଷୀ ଘୋଷିଲା ପଣ ଉଷାର,
ଭାଗ୍ୟ ଅନୁକୂଳ ଯହୁଁ ହେବ, ଯହିଁ ଉପସଂହାର,
ଜୟେ ପରିଣୟ, ପରାଭବେ ପ୍ରେତ—ବସନ୍ତ-ଲାଭ
ମହାସୁଖ ମହା—ଦୁଃଖ-ମଧ୍ୟେ ନାହିଁ ମଧ୍ୟମ-ଠାବ ;
ସଙ୍କେତକୁ ଶୁଣି ପୂର୍ବ ମୁଖେ ଉଭା ହେଲେ ଉଭୟ,
ରମ୍ଭା-ପଦ ପ୍ରାପ୍ୟେ ଉଦ୍‌ବେଗେ ଥରିଲା ବେନି ହୃଦୟ,
ଜୟନ୍ତ ଏକାଳେ ଶକ୍ତିଧର-ପଦେ କଲା ଜଣାଣ—
"ହେ ଦେବ କୁମାର, କର ସେବକକୁ ସଙ୍କଟୁ ତ୍ରାଣ,
କୃପା କଟାକ୍ଷରେ କରି ପାର ପ୍ରଭୁ ସଙ୍କଟେ ପାରି,
ଯେମା ହେଉ ହବ୍ୟ—ଅବଧାନେ ଦୁଃଖୀ—ଜନ ଗୁହାରି,
ହରଶୈଳ (୧) କମ୍ବା ଦେବଗିରି (୨) ଭୂମି ବିହାର-ସ୍ଥଳ,
ଅବତରି ତହୁଁ ରକ୍ଷା କର ଦାସେ, ଦାସବତ୍ସଳ !"
ଅନେ୍ୟ ହୃଣ୍ୟ ନୋହି ସ୍କନ୍ଦ ଉଭା ହେଲେ ଭକ୍ତ-ଅଗ୍ରତେ,
କମ୍ପିଦେଲେ ବୀର ତରିବ ଯେରୂପେ ଦୁରୁହ-ବ୍ରତେ,

(୧) କୈଳାସ । (୨) ଏହି ଦେବଗିରି ମଧ୍ୟ ଭାରତବର୍ଷରେ ଅବସ୍ଥିତ । ଏହି ପର୍ବତ କାର୍ତ୍ତିକେୟଙ୍କର ପ୍ରିୟ ବାସଭୂମି ବୋଲି ସ୍କନ୍ଦପୁରାଣରେ ଉଲ୍ଲିଖିତ ହୋଇଅଛି ।

ମାନସର-ଜାତ ତିନି ସ୍ୱର୍ଣ୍ଣପଦ୍ମ ଦେଇ ତା କରେ
ଆଦେଶିଲେ ତାଙ୍କୁ ପଥେ ଫିଙ୍ଗିବାକୁ ପଣ-କାଳରେ ;
ପଶ୍ଚାତରେ ନିଜ ଭକ୍ତଜନ-ଜୟ ମନାସି ମନେ
ମୟୂର-ବାହନ ନଭେ ବିରାଜିଲେ ମୟୂରାସନେ ,
ସଙ୍କେତ-ଆଶାରେ ସ୍ତବ୍ଧ ଥିଲେ ଜନ ଶ୍ରବଣ ତେଜି,
ଭୂପତି-ଇଙ୍ଗିତେ ଭୈରବେ ବାଜିଲା ସଙ୍କେତ-ଭେରୀ,
ଚମକି ପଶିଲା ଲୋକ-ମନେ ଭେରୀ ସଙ୍କେତ-ସ୍ୱନେ,
ଦଉଡ଼ିଲେ ରାଜ—କୁମାର କୁମାରୀ ଦ୍ରୁତ ଚରଣେ ;
ଗଡ ଦେଖି ତଟେ ଆସଇ, ସାଗର—ଲହରୀ ପରେ
ଦଉଡ଼ିଲେ ବେନି, ନ ଲାଗିବ ପାଣି ମୃଦୁଁ ପଦରେ,
ପୃଷ୍ଠଦେଶେ ସ୍ନିଗ୍ଧ ଗୁଚ୍ଛ ଅତି ଦ୍ରୁତ ଧାବନ ହେତୁ
ଉଡେ ବାମା-କେଶ, ରଥେ ଯଥା ବେଗ—ନିସ୍ତମ୍ଭ-କେତୁ,
ସର୍ବେ ମନାସନ୍ତି ଜିଣୁ ରାଜ-ଯୁବା, ହାରୁ ରମଣୀ,
"ଜୟନ୍ତର ଜୟ—ହେଉ" ରବେ କମ୍ପୁ—ଅଛି ଅବନୀ,
କେ କହିବ ହେଲା କିଏ ସେହି ରବେ ହରଷେ ସୁଖୀ,
ଜୟନ୍ତ କୁମାର କିମ୍ବା ନୁହନ୍ତୁ-ଜେମା ଚନ୍ଦ୍ରମା ମୁଖୀ ?
ଯେ ସୁବର୍ଣ୍ଣ ଖର—ଗତିବଳେ ଜିଣି ପାରେ ଅନିଳ,
ସେ କପାଁ କରୁଛି ଠାବେ ଠାବେ ଆଜ ଗତି ଶିଥିଳ ?
ଅତି ଦ୍ରୁତେ ଧାଇଁ ଜୟନ୍ତର ବହେ ଖର-ନିଃଶ୍ୱାସ,
ମନେ ମଣୁଅଛି ରମାକୁ ଜିଣିବା ବୃଥା ପ୍ରୟାସ,
ଛୁଟୁଅଛି କ୍ରମେ ବୀର ମନୁ ସାପାଁ—ସୁଲଭ ଦମ୍ଭ,
ଛୁଟୁଅଛି ଆଶା ଆଗେ ଛୁଇଁବାର ମାଣିକ୍ୟ ସ୍ତମ୍ଭ,
ଦଉଡ଼ି ଦଉଡ଼ି ଅବସନ୍ନ ହୋଇ ଦାରୁଣ-ଶ୍ରମେ
ସୁବର୍ଣ୍ଣ-କମଳ ଫିଙ୍ଗିଲା ଗୋଟିଏ ସର୍ବପ୍ରଥମେ,
ଶୁଭ୍ର-ରଜତ-ଗଡ଼—ଗଡ଼ିଣ ଯାଉଛି ପଦ୍ମ ସଘନେ,
ଲୁଚକାଳି କିବା ଖେଳଇ ତାରକା ଶାରଦ-ଘନେ ?
ମୁକୁତା-କେଶର, ମରକତ-ନାଳ, ହେମ-କମଳ
ଦେଖି ଭୂଷା-ପ୍ରିୟ ଉଷା ମନ ହେଲା ତୃଷା-ତରଳ,
ତୋଳି ନେଲା ଗଡ଼ି ଯାଉଥିବା ଫୁଲ ଫୁଲବରଣୀ,
ଅଳଙ୍କାର-ସ୍ପୃହା ଗ୍ରନ୍ଥି ପାଉନ୍ତି କି କେବେ ଅଙ୍ଗନା ?
ଏହି ଅବସରେ ଅଗ୍ରସର ହେଲା ନୃପ-ତନୟ,
ହର୍ଷେ ତାଲି ଦେଲେ ମହାକୋଳାହଳେ ଦର୍ଶକଚୟ,

ପଦ୍ମନେତ୍ରା ନେତ୍ର—ପଲକେ କଲା ସେ ଷଷ୍ଠ-ପୂରଣ,
ଯେତେ ପଦ୍ମେ ଥିଲା ସେତକ ଆଗରୁ ଗଲା ବନ୍ଧନ,
ପୁଣି ସେହି ରୂପେ କୁମାର ଫିଙ୍ଗିଲା ଅନ୍ୟ କମଳ,
ସେହିରୂପେ ତାକୁ ତୋଳି ନେଲା ବାଳା ନଇଁ ଭୂତଳ ;
ଅଳ୍ପଦୂର ଅଗ୍ରସର ନ ହେଉଣୁ ଯୁବା-ମଣ୍ଡଳୀ,
ଖଞ୍ଜୁଳି ଗଣ୍ଡରେ ପଦ୍ମୁଁ ଧରି ନେଲା ମର୍ତ୍ତ୍ୟ-ଖଞ୍ଜନ ;
ଲକ୍ଷ୍ୟ ଛୁଇଁବାକୁ ଏବେ ଆଉ ନାହିଁ ବହୁ ବିଳମ୍ବ,
ଜକ ଜକ ହୋଇ ଅଗ୍ରେ ଝଟକଇ ମାଣିକ୍ୟ-ଖମ୍ବ,
"ବିଧି କି ଲେଖିଛୁ ଏ କଷଣ ମୋହୋ ଲଲାଟ-ପଟେ,
ଦେବ ଶକ୍ତିଧର, ସାହା ହୁଅ ଏହି ଘୋର-ସଂକଟେ,"
ଇଷ୍ଟ ଦେବେ ସ୍ତବ ଏହି ରୂପେ ଯୁବା ଚିନ୍ତା-ବିକଳେ
ତୃତୀୟ-କମଳ ମାର୍ଗେ ବନ୍ଧୁରେ ଫିଙ୍ଗିଲା ବଳେ ;
ଦୂରୁ ଆଣିବ କି ନ ଆଣିବ ଫୁଲ ଭାଳି ତରୁଣୀ
ପ୍ରଲୋଭନେ ପଡ଼ି ଦଉଡ଼ି ଦଉଡ଼ି ନେଲା ତା ପୁଣି ;
କୁହୁକ ଲଗାଇ ଦେଲେ ତହିଁ ଶୂର କୁଣ୍ଡିକା-ସୁତ,
ତୋଳି ନେବା ବେଳେ କୁମାରୀ ହେଲା ସେ ଭାରି ବଞ୍ଚିତ ;
ସ୍ତୋକମାତ୍ର ଗତି ମଠ ହେଲା ତାର ସେ ଫୁଲ ବହି,
ସ୍ତମ୍ଭ-ଗାତ୍ର ଆଗେ ପରଶି ଜୟନ୍ତ ହେଲା ବିଜୟୀ ;
ହର୍ଷେ ମାତି ଘନ—ଘନ କରତାଳି ଦେଲେ ସକଳେ,
ପୂରିଲା ଦିଗନ୍ତ "ଜୟନ୍ତର ଜୟ' ଏହି ରହଳେ,
ହରାଇ ନ ହେଲା ଜୟନ୍ତର ମନେ ଯେଉଁ ହରଷ
ହାରି ଶତଗୁଣେ ତହୁଁ ହୃଷ୍ଟ ହେଲା ଉଷା-ମାନସ,
ନାନାଦେଶୁଁ ଆସି କୁରୁ-ରାଜ-ପୁରେ ଦୁରାଶା-ଛଳେ
ଏତେ ରାଜ-ସୁତ ଦଗ୍ଧ ହେଲେ ଯାର ଜିଗୀଷାନଳେ,
ଜୟଠାରୁ ତାର ପରାଜୟ ଆଜ ପ୍ରିୟ ଅଧିକ,
ଘଟାଇ ନ ପାରେ କିସ ସୃଷ୍ଟି ପ୍ରେମ ଐନ୍ଦ୍ରଜାଲିକ ?
ପାହାନ୍ତ ସହିତେ ସ୍ତମ୍ଭ-ପାଶେ ଫେରି ଆସି ରାଜନ
ସ୍ନେହ-ଭରେ କଲେ ଭାବୀ ଜାମାତାର ଶିରଶ୍ଚୁମ୍ବନ,
କୁମାରୀ-ସଲଜ୍ଜ—ବଦନ-ସରୋଜ ଦେଖିଣ ରାୟେ
ଜାଣିଲେ ଜୟନ୍ତ ଜିଣିନାହିଁ ଖାଲି ନିଜ ଉପାୟେ ;
ପ୍ରଦୋଷେ ବିବାହ—ବିଧି ଆଚରିବା ପାଇଁ ଆଦେଶ
ଦେଇ ସ୍ୱ—ନବରେ ବିଜେ କଲେ କୁରୁ—ପୁର-ନରେଶ,।

ସ୍ୱୟମ୍ବରେ ଜୟ ଜୟନ୍ତଙ୍କୁ ଦେଇ ମହା ଉଲ୍ଲାସେ
ଦେବ ଶକ୍ରଧର ବାହୁଡ଼ିଲେ ଶିଖି-ପୃଷ୍ଠେ କୈଳାସେ ।
ବାଦ୍ୟ-ଶବଦେ ପ୍ରଦୋଷେ କମ୍ପିଲା କୁରୁ ନଗରୀ,
ପ୍ରଦୀପ-ମାଳୀ ରତ୍ନହାର, ଯେସନ୍ତେ ରାଜ ସୁନ୍ଦରୀ,
ପଥ ବେନି ପାର୍ଶ୍ୱ ରମ୍ଭା-ତରୁପୂର୍ଣ୍ଣ-କୁମ୍ଭେ ମଣ୍ଡିତ,
ଦ୍ୱାରେ ଦ୍ୱାରେ ହେଲା ରସାଳପଲ୍ଲବ—ମାଳା ଲମ୍ବିତ,
ପ୍ରତି ଶୃଙ୍ଗାଟକ ମୁଖରିତ ହେଲା ସଙ୍ଗୀତ ନାଟେ,
ନାଚିଲେ ନର୍ତ୍ତକୀ, ଗାଇଲେ ଗାୟକ, ରଟିଲେ ଭାଟେ ;
ବିବିଧ କୁସୁମ—ଉଷୀର ଚନ୍ଦନ—ସୌରଭେ ଧୃତ,
ପତାକା ଦୋଳାଇ ରଙ୍ଗେ ପ୍ରସରିଲା ସିନ୍ଧୁ ମାରୁତ,
ସେ ମାରୁତେ ଦୋଳେ ଶତ ପ୍ରତିବିମ୍ବ ରଚି ରୁଚିରେ
ପ୍ରଦୀପମାଳିନୀ ଶ୍ୱେତ ପୋତମାଳା ବଳାଙ୍ଗୀ ନୀରେ,
ସ୍ଥାନେ ସ୍ଥାନେ ବାଣେ ଫୁଟିଲା ଆଗ୍ନେୟ—ପୁଷ୍ପ-ମଞ୍ଜରୀ,
ଚଳ-ତାରକାରେ ଆକାଶେ ଉଡ଼ିଲା ଦୀପ-ପଞ୍ଜରୀ, (୧)
ବସନ ଭୂଷଣେ ଭୂଷି ସ୍ୱରୁ ଅଙ୍ଗ ପୁରକାମିନୀ,
ନକ୍ଷତ୍ରମାରୂପ—ପ୍ରଭାରେ ଉଜ୍ଜ୍ୱଳ କଲେ ଯାମିନୀ ,
ପ୍ରବେଶିଲୁ ଯଥା—କାଳେ ବର-ବେଶେ ବୀର ଜୟନ୍ତ,
ଧରଣୀ ବରିବା ପାଇଁ କି ଆସିଲେ ଋତୁ-ବସନ୍ତ ?
ବନ୍ଦାପନା ଅନ୍ତେ ବରକନ୍ୟା ବେଦୀ ମଣ୍ଡିଲେ ଯାଇ,
ଚନ୍ଦ୍ରମା ସଙ୍ଗେ କି ରୋହିଣୀ ବହିରେ ମର୍ତ୍ତ୍ୟେ ଓହ୍ଲାଇ ?
ଚନ୍ଦ୍ରମା-ରୋହିଣୀ—ଦର୍ଶନେ ଯେସନ ଫୁଲେ ସାଗର,
ଆନନ୍ଦେ ସେ ରୂପେ କଲ୍ଲୋଳିଲା କୁରୁ—ରାଜ ନଗର
ପରିଣୟ-ବିଧି ବିଧିରେ ଆଚରି ପୁରୋଧାଗଣ
ଶୁଭେ କଲେ ବର—ବଧୂଙ୍କର ହସ୍ତ—ଗ୍ରନ୍ଥି ବନ୍ଧନ ;
ସେ ପରଶେ ଜାତ—ସାତ୍ତ୍ୱିକ ବେନିଙ୍କି କଲା ଅଧୀର,
କ୍ରମେ କ୍ରମେ ହସ୍ତୁଁ ବ୍ୟାପିଲା ସ୍ପନ୍ଦନ ସର୍ବଶରୀର ;
ବିନ୍ଦୁ ବିନ୍ଦୁ ହୋଇ ସ୍ରବିଲା ବଦନ—ଇନ୍ଦୁରୁ କ୍ଷୀର,
ଚେତା ବୁଡ଼ାଇଲା କ୍ରମେ ସେ ସାତ୍ତ୍ୱିକ—ଭାବ ଉତ୍କଳ,
ଦେଖି ସଭାଜନେ ମହାବ୍ୟସ୍ତ ମନେ ବେଢ଼ିଲେ ଯାଇ,
ସ୍ୱହସ୍ତେ ଗୃହସ୍ଥେ ହେଲେ ବେନିଏ ବେଦିରେ ଅବନୀଶାୟୀ ;

(୧) ଦୀପପଞ୍ଜରୀ—ଫାନୁସ

ବ୍ୟସ୍ତେ ଅନୁଚରେ ବ୍ୟଜନେ ବିଞ୍ଚିଲେ, ସିଞ୍ଚିଲେ ଜଳ,
ମାତ୍ର ଯେତେ କଲେ ଉପଚାର, ହେଲା ସବୁ ବିଫଳ ,
ନବେ ହୋଇଗଲା ବିବର୍ଣ୍ଣ ବେନିଙ୍କ ଲାବଣ୍ୟ-ଛାୟା,
କରକା ପରାୟେ ପରଶେ ଶୀତଳ ଲାଗିଲା କାୟା,
ଲକ୍ଷଣୁଁ ଜାଣିଲେ ପ୍ରାଣ-ବିହଙ୍ଗମ ଗଲାଣି ଚାଲି,
ଚିର ପାଇଁ କରି ଏ ମୃଣ୍ମୟ-ଦେହ — ପଞ୍ଜୁରି ଖାଲି ,
ସୁଖେ ପଡ଼େ ପୁଣି ଏଭଳି ବିପାକ ଏଡ଼େ ବେଗରେ !
କେ କହିବ କାହିଁ ଏ ବଜ୍ରପଡ଼ିଲା ବିନା ମେଘରେ !
କି ହେଲା ! କି ହେଲା ! ବୋଲି ପଡ଼ିଗଲା ଚୌଦିଗେ ଗୋଳ,
ଆକୁଳ ଜନତା — ଅର୍ଣ୍ଣବେ ଉଠିଲା ଶୋକ-କଲ୍ଲୋଳ,
ଶୋକାଘାତେ ହେଲେ ଅଚେତନ ନୃପ — ନଗର-ସାଇଁ,
ରାଜ-ସୁଖ ସଙ୍ଗେ ରାଜ-ଶୋକ ଭାଗ୍ୟ ଦେଲା ଭୁଞ୍ଜାଇ ;
ମୂର୍ଚ୍ଛିତ-ଦଶାରେ ଭୂପତି ଦେଖିଲେ ସ୍ୱପ୍ନ ଅଦ୍ଭୁତ —,
ଅଗ୍ରେ ଉଭା କାଳୀ ବର୍ଣ୍ଣେ ଜିଣି ଘନ — କୃଷ୍ଣ-ଜୀମୂତ,
ଜୀମୂତେ ବଳାକା ପ୍ରାୟେ କକ୍ଷେ ଶୋଭେ ନର କପାଳ,
ବିଜୁଳି ପରାୟେ ଭୁଜେ ଚମକଇ ଖଡ୍ଗ କରାଳ,
ରାଜାଙ୍କୁ ସମ୍ବୋଧି କହୁଚନ୍ତି ଦେବୀ, "ଶୁଣ ହେ ବୀର,
ଅକାରଣ ଶୋକେ କିମ୍ପା କରୁଅଛ ମନ ଅସ୍ଥିର ?
ଜନ୍ମ ମୃତ୍ୟୁ ଯେଉଁ ଗୁପ୍ତ ଦେଶେ ହେଉ — ଅଛି ସର୍ଜନା,
ଥାଉ ଆନ, ତହିଁ ପଶି ନ ପାରଇ ଦେବକଳ୍ପନା !
ଦେବ ହେଲେ ସୁଦ୍ଧା ମୃତ୍ୟୁ-ନିବାରଣେ ନାହିଁ ଶକତି,
ଜୀବନ ଯାହାକୁ ବୋଲନ୍ତି, ସେ ସିନା ମୃତ୍ୟୁକୁ ଗତି,
ଅଜ୍ଞାନେ ଜନମି ମୋହ ଲୟ ଭଜେ ଜ୍ଞାନ- ଉଦୟେ,
ଅମୋଘ-ଆୟୁଧ ଏକମାତ୍ର ଜ୍ଞାନ ମୋହ-ବିଜୟେ ;
ଜନ୍ମ ମୃତ୍ୟୁ ଅବା ଯାବତ ଘଟଣା ଘଟେ ସଂସାରେ
ସମସ୍ତ ଗ୍ରଥିତ କାଳ-ନିୟନ୍ତ୍ରିତ — ନିୟତି-ଦ୍ୱାରେ,
ନିୟତି-ଫଳରୁ ଜନ୍ମିଥିଲା ଉଷା ଗୃହେ ତୁମ୍ଭର,
ନିୟତି-ଫଳରୁ ଜୟନ୍ତ ଆସିଲା ତୁମ୍ଭ ନଗର ;
ଉଷା-ସ୍ୱୟମ୍ବରେ ମ'ଲେ ଆସି ଯେତେ ନୃପ-ସନ୍ତାନ,
ଅଲଙ୍ଘ୍ୟ-ନିୟତି – ଶାସନ ସବେ କଲେ ପ୍ରମାଣ ,
ମନ ଦେଇ ଶୁଣ ରହସ୍ୟ କହିବଇଁ ପର୍ବ କାହାଣୀ,
ଏ ଅଦ୍ଭୁତ-କଥା – ନିଦାନ ଯହିଁରୁ ପାରିବ ଜାଣି,

ଏହି ଯେ ପଶ୍ଚିମେ ଶୋଭେ ଶୈଳମାଳା ପ୍ରାଚୀରୋପମ,
ପଞ୍ଚଲିଙ୍ଗଶୈଳ (୧) ତହିଁ ମଧ୍ୟେ ଅଟେ ପର୍ବତୋତ୍ତମ,
ହର-ମୌଳି-ମାଳା ତ୍ରିପଥଗା ଯହିଁ ଝର-ଆକାରେ
ପଞ୍ଚଲିଙ୍ଗ-ଶିରେ ନିରନ୍ତେ ବହନ୍ତି ନିର୍ମଳ-ଧାରେ ;
ଦିନେ ଚତୁର୍ଦ୍ଦଶୀ—ନିଶିଯୋଗେ ତହିଁ ହେଲା ଉତ୍ସବ,
ଅଭିନୟ କଲେ ଗନ୍ଧର୍ବେ ମିଳଣ ହର ତାଣ୍ଡବ,
ହରବେଶେ ଚିତ୍ର—ରଥ, ତିଲୋତ୍ତମା ପାର୍ବତୀ-ବେଶେ
ପରସ୍ପର ହସ୍ତ ଧରି ନାଚୁଥିଲେ ଭାବ-ଆବେଶେ,
ବାଦନ୍ତ ସଙ୍ଗୀତେ ରତ ଥିଲେ ଆନ ଗନ୍ଧର୍ବମାନ,
ଲୁବ୍ଧଭାବେ ଅଦ୍ରି—ଗୁହା ହେଉଥିଲା ଶବ୍ଦାୟମାନ,
ବନଦେବୀ ଦେଖୁ—ଥିଲେ ବସି ଲତା—ଦୋଳା-କଳପେ,
ସ୍ୱର୍ଗ ଦେବତାଏ ଦେଖୁଥିଲେ ସ୍ୱର୍ଣ୍ଣ—ମେଘ-ମଣ୍ଡପେ ;
ଚୌଦିଗୁଁ ଆସିଲେ ଦେବୀଏ ସେ ନାଟ ଦେଖିବା ପାଇଁ,
ବୈତରଣୀ ତୀରୁଁ କୀଚକ-ଈଶ୍ୱରୀ, (୨) ଯୋର ଖେଳାଇ,
ଘଟ-ଗ୍ରାମ-ଘୋର—ଅରଣ୍ୟଚାରିଣୀ ଦେବୀ ତାରିଣୀ, (୩)
କେନ୍ଦୁଝର-ବନ୍ଦ୍ୟ—ଦେବୀ (୪) ଦଣ୍ଡଧର—ଚାପ-ଧାରିଣୀ,
ଖାଳନ୍ଦୀ ସଲିଳେ ଅଭିଷିକ୍ତ ଦେବୀ ଭଦ୍ର-କାଳିକା
ଦୃପ୍ତା-ନିବାସିନୀ, ଦୈତ୍ୟ-ଦର୍ପହରା, ଦେବୀ ନାୟିକା,
ଦେବଗିରି-ମାଳ—ଶିଖର-ମଣ୍ଡନା ମଣ୍ଡଳେଶ୍ୱରୀ,
ଆସିଲେ ସରବେ ସେ ତାଣ୍ଡବେ ପଞ୍ଚ—ଲିଙ୍ଗ-ଶିଖରୀ,
ବଳାଙ୍ଗୀ-ତଟରୁ ମୁଁ ଯାଇ ମିଳିଲି ଦେବୀଙ୍କ ସଙ୍ଗେ,
ମୋତେ ଦେଖି ସର୍ବ ଗନ୍ଧର୍ବେ ମାତିଲେ ହାସ୍ୟ-ତରଙ୍ଗେ,
ନିରେଖି ବିକଟ—ମୂରତି ମୋହର ଘୋର-ଦର୍ଶନ
ଉପହାସ କଲେ ଏକକୁ ଆରେକ ଠାରି ନୟନ ;
ଅନୁଚରଙ୍କର ଉତର—ଆମୋଦେ ନ ଦେଇ ବାଧା
ହସିଲେ ଆପଣେ ଚିତ୍ରରଥ ଲଙ୍ଘି ନିଜ ମର୍ଯ୍ୟାଦା ;
ତ୍ରିଲୋକ-ମୋହିନୀ ତିଲୋତ୍ତମା ଦେଲା ସେ ହାସ୍ୟେ ଯୋଗ,
କୋପେ କଲି ମୁହିଁ ସେହିକ୍ଷଣି ଅଭିଶାପ ପ୍ରୟୋଗ ;—

(୧) ଏହି ପର୍ବତ ନୀଳଗିରିର ଅନ୍ତର୍ଗତ । (୨) ମୟୂରଭଞ୍ଜର ଅଧିଷ୍ଠାତ୍ରୀ ଦେବତା । ବୈତରଣୀର ଅଦୂରବର୍ତ୍ତୀ ଚରୁଆଁ ଗ୍ରାମସ୍ଥ ଅରଣ୍ୟରେ ଏହାଙ୍କର ଦେଉଳ ପ୍ରତିଷ୍ଠିତ । (୩) କେନ୍ଦୁଝରର ଏକ ପ୍ରଧାନ ଦେବତା । ଘଟଗାଁ ଏହାଙ୍କର ପୀଠସ୍ଥାନ । (୪) କେନ୍ଦୁଝରର ଅଧିଷ୍ଠାତ୍ରୀ ଦେବତା ।

"ସ୍ୱର୍ଗ କଳୁଷିତ କଲ ତୁମ୍ଭେ ଯେଣୁ ରୂପ-ଗରବେ
ମର୍ତ୍ତ୍ୟଲୋକେ ଯାଇ ମର୍ତ୍ତ୍ୟରୂପ ଧରି ରହ ସରବେ ,"
ଶାପେ ହସ୍ତ ଅଭି — ନେତ୍ର-ଦଳ ଧରି ମୋର ପୟର
ଶାପ-ମୁକ୍ତିପାଇଁ କାତରେ ବିନୟ କଲେ ବିସ୍ତର,
ବିଶେଷ ଅପ୍‌ସରୀ — ଶିରୋମଣି ହେଲା ଶୋକେ ବିକଳ
ପ୍ରସ୍ରବଣ ପ୍ରାୟେ ସ୍ରବିଲା କମଳ—ନୟନୁ ଜଳ,
କରୁଣେ ଭାଷିଲା, "କର, କୃପାମୟି, ଦାସୀକି ତ୍ରାଣ,
ଲଘୁ-ଦୋଷେ ମୋର ଏତେ ଗୁରୁ-ଦଣ୍ଡ କଲ ବିଧାନ !
ଭବ-ବନ୍ଧନର କ୍ଳେଶ, ଦେବି, ମୁହିଁ ଭୋଗିଲି ଥରେ
ଦୁର୍ବାସାଙ୍କ ଶାପେ ବାଣ-କନ୍ୟାରୂପେ (୧) ଜନ୍ମି ଦ୍ୱାପରେ ;
ମୋ ହେତୁ ମରତେ କେତେ ମହାପ୍ରାଣୀ ତେଜିଲେ ପ୍ରାଣ,
ମୋ ପାଇଁ ଘଟିଲା ଯେ ଅନର୍ଥ, ତାର ସାକ୍ଷୀ ପୁରାଣ,
ଧରଣୀବାସୀଙ୍କି କରେ ଯେତୁ ଜ୍ୱର ଜର୍ଜର ଶୋକେ,
ଅଦ୍ୟାପି ତାପାଇଁ ଅଭିଶାପ ମୋତେ ଦିଅନ୍ତି ଲୋକେ,
ଶୋକ ଦୁଃଖ ମୋହେ ନିରତେ ସଙ୍କୁଳ ମର୍ତ୍ତ୍ୟ-ବସତି,
ଭବବନ୍ଧେ ମୋହେ ଅନ୍ଧ ହୋଇ ପ୍ରାଣୀ ଲଭେ ଦୁର୍ଗତି,
ସେହି ମର୍ତ୍ତ୍ୟ-ସ୍ମୃତି ଅଦ୍ୟାପି ଦେଉଛି ଦୁଃଖ ଅପାର,
କୃପା କରି ମାତଃ, ଅଭିଶାପ କର ପ୍ରତିସଂହାର ।"
ଦୟା ଉପୁଜିଲା ଶୁଣି ସୁନ୍ଦରୀର କରୁଣ ବାଣୀ,
ବିଶେଷେ ତା ଲାଗି ଅଳି କଲେ ଆସି ଦେବୀ ଇନ୍ଦ୍ରାଣୀ,
ବାଳକ କହିଲା, "ଶୁଣ ସୁଲୋଚନା, ମୋର ବଚନ,
ଅଳ୍ପ ଦିନପାଇଁ ହେବ ତୋର ମର୍ତ୍ତ୍ୟ—ପୁରେ ଗମନ,
ତୋ ଗୁଣେ ତରିବେ ଅଭିଶାପୁଁ ଏହି ଗନ୍ଧର୍ବମାନେ,
ସମସ୍ତେ ତେଜିବେ ପ୍ରାଣ ଆସି ତୋର ଜନମ ସ୍ଥାନେ ;
ସର୍ବଶେଷେ ତୋର ସଙ୍ଗେ ଚିତ୍ରରଥ ଗନ୍ଧର୍ବପତି
ଶାପୁଁ ମୁକ୍ତ ହୋଇ ବାହୁଡ଼ି ଆସିବେ ସୁର-ବସତି ;
ହସ୍ତ ଧରାଧରି ହୋଇ ବେନି ହେଲେ ଶାପରେ ଯୁକ୍ତ,
ହସ୍ତ-ସ୍ପର୍ଶ ମାତ୍ରେ ମର୍ତ୍ତ୍ୟେ ବେନି ହେବ ଶାପରୁ ମୁକ୍ତ ;"

(୧) ତିଳୋତ୍ତମା ଦୁର୍ବାସାଙ୍କ ଶାପ ଯୋଗୁଁ ବାଣାସୁରର କନ୍ୟା ଊଷାରୂପେ ଦ୍ୱାପରଯୁଗରେ ଜାତ ହୋଇଥିଲେ । ଊଷା ଏବଂ ଅନିରୁଦ୍ଧର ଗୁପ୍ତପ୍ରଣୟ, ବାଣାସୁର ଏବଂ ଶିବଙ୍କ ସହିତ ଶ୍ରୀକୃଷ୍ଣଙ୍କର ଯୁଦ୍ଧ ଏବଂ ସେହି ଉପଲକ୍ଷରେ ପୃଥିବୀରେ ଜ୍ୱରରୋଗର ସୃଷ୍ଟି ବିଷୟ ପୁରାଣରେ ଅନୁସନ୍ଧେୟ ।

ବଚନାନ୍ତେ ମୋର ଗୃହୁଁ ଗୃହୁଁ ସର୍ବେ ଆକାଶେ ବୁଡ଼ି
ଉଲ୍କାକାରେ ଗଲେ ଭାଗ୍ୟ ଅନୁସାରେ ଚୌଦିଗେ ଉଡ଼ି,
ତିଲୋତ୍ତମା ଆସି ପ୍ରବେଶିଲା ତୁମ୍ଭ ରାଣୀ ଜଠରେ,
ଚିତ୍ରରଥ ନେଲେ ନର-ରୂପ ହେମ—ପୁର ନଗରେ
ସେହି ତିଲୋତ୍ତମା ଉଷା ସେହି ଚିତ୍ର—ରଥ ଜୟନ୍ତ,
ପୂର୍ବ-ଉପାଧିରୁ ହୋଇଥିଲେ ଏତେ ସୌଭାଗ୍ୟବନ୍ତ, (୧)
ପରୀକ୍ଷାରେ ହାରି-ପ୍ରାଣ ଦେଲେ ଯେତେ ନୃପନନ୍ଦନ,
ସେ ସିନା ଅନନ୍ତ ଶାପେ ସ୍ୱର୍ଗ-ଭ୍ରଷ୍ଟ ଗନ୍ଧର୍ବଗଣ,
ଦିବ୍ୟଲୋକ ଏବେ ଭଜିଲେ ଏ ବେନି ତ୍ୟଜି ସଂସାର,
ଶୋକ ପରିହରି କର ବେନିଙ୍କର ଯୋଗ୍ୟ ସତ୍କାର ।”

ଏହା କହି ଦେବୀ ନୃପ-ସନ୍ନିଧାନୁ ହେଲେ ଉଭାନ,
ମୂର୍ଚ୍ଛା ଭଙ୍ଗେ ରାଜା ସଭାକୁ କହିଲେ ସେ କଥାମାନ ;
ସ୍ୱପ୍ନ କଥା ଶୁଣି ବିସ୍ମୟେ ଦେଖିଲେ ସଭାସ୍ଥ-ନର
ଖେଦେ କୌତୂହଳେ ଅମର ଅମରୀ ଦେହ-ପଞ୍ଜର ;
ଶୋଇଛନ୍ତି ବେନି, ବର କନ୍ୟା ବେଶେ ଅବନୀ-ପରେ
ପଡ଼ିଛି କି ଆହା ! କିଂଶୁକ ଯୋଡ଼ିଏ ବନ ଭିତରେ !
ଲାବଣ୍ୟ ଝଟକ ଛାଡ଼ି ନାହିଁ ତନୁ ହେଲେ ହେଁ ଫିକା,
ମୁକ୍ତାହୀନ ହୋଇ ଝଟକେ ନାହିଁ କି ମୁକ୍ତା-ଶୁକ୍ତିକା ?
ରାଜ-ଅନୁଚରେ ରାଜାଙ୍କ ମୁଖରୁ ଆଦେଶ ପାଇ
ବିହିତ ବିଧାନେ କଲେ ଆୟୋଜନ ଅନ୍ତ୍ୟେଷ୍ଟିପାଇଁ,
ଉତ୍ସବ ସକାଶେ ଠୁଳ ହୋଇଥିଲା ଯେତେ ସମ୍ଭାର,
କିଏ ଜାଣିଥିଲା ଭିନ୍ନ ବ୍ୟବହାର ହେବ ତାହାର ?
କିଏ ଦେଖିଥିଲା ପିଠାଉ କରାଳ—କାଳ-କୁଞ୍ଜିକା
ବର-ଚତୁର୍ଦ୍ଦୋଳ ବେନିଙ୍କର ହେବ ଶବ-ଶିବିକା ?
ବେନିଙ୍କି ବସାଇ ଚତୁର୍ଦ୍ଦୋଳେ ସର୍ବେ ନେଲେ ଶ୍ମଶାନେ,
ପଦବ୍ରଜେ ଗଲେ ରାଜା ସଙ୍ଗେ ରାଜ—ଅମାତ୍ୟମାନେ,
ଉଠିଲା ସଘନେ ଶୋକ-ତାନେ ଶୋକ—ବାଦ୍ୟ ତରଳ,
ଧୂପ-କୁମ୍ଭ ଧରି ଚାଲିଲେ ଭଣ୍ଡାରି ଦଳକୁ ଦଳ,
ଅଗ୍ରେ ପୁରୋହିତ ଚାଲିଲେ ଗମ୍ଭୀରେ ବେଦ ଉଚ୍ଚାରି,
ଚତୁର୍ଦ୍ଦୋଳ ବେଢ଼ି ଚାଲିଲେ ପଦାତି ପତାକାଧାରୀ,

(୧) ସୌନ୍ଦର୍ଯ୍ୟବିଶିଷ୍ଟ, ଯେହେତୁ ଚିତ୍ରରଥ ଗନ୍ଧର୍ବରାଜ ଏବଂ ତିଲୋତ୍ତମା ସର୍ବପ୍ରଧାନ ଅପ୍ସରା ଥିଲେ ।

ପୂର୍ବେ ରାଜ-ସୁତେ ହୋଇଥିଲେ ଯହିଁ ପ୍ରାଣେ ଦଣ୍ଡିତ
ଉତ୍ତରେ ତାହାର ଆଗୁଁ ହୋଇଥିଲା ଚିତା ସଜ୍ଜିତ,
ତହିଁ ଝରଚଲେ ଦେଇ ରାଶି ରାଶି ପୁଷ୍ପ ଚନ୍ଦନ
ଏ କାଳ-ଝଞ୍ଜାହତ ବର-ବଧୂଙ୍କର ମଧୁଶୟନ,
ଉଷାର ମୃଗୟା—ଅସ୍ତ୍ର, ଶସ୍ତ୍ର, ଢାଲ, ତୂଣୀର, ବର୍ମ,
ପାରଧିରେ ଲବ୍ଧ ପଶୁ-ଶୃଙ୍ଗ, ଦନ୍ତ, ନଖର, ଚର୍ମ,
ଶବ ସଙ୍ଗେ ସବୁ ଥୋଇଣ ଚିତାରେ ଘୃତ ଗୁଗ୍ଗୁଳ
କର୍ପୂର କସ୍ତୁରୀ ରାଶି ରାଶି କଲେ ଉପରେ ଠୁଳ,
ସମବେତ-ଜନ ନୟନୁ ଝରିଲା ନୀରବେ ନୀର,
ନିର୍ବାତ କାନନେ ପ୍ରାନ୍ତେ ତରୁ ପତ୍ରେ ଯେସନ୍ତେ ଶିଶିର,
ସହସା ଅନଳେ ଧକ ଧକ ହୋଇ ଜଳିଲା ଚିତା,
ରକ୍ତ ବହ୍ନି-ଶିଖା ବରଣେ ଜଣିଲା ବାଳ-ସବିତା ;

ରଜନୀର ଗର୍ଭ ଉଜଳି, ଉଜଳି ଦିଗ-ଗଗନ
ଫଣି-ଫଣା ପରି ବାତେ ଦୋହଲିଲା ଚିତା ଦହନ ;
ସ୍ୱନିଲେ ପବନ ଯେସନ୍ତେ ନିଶୀଥିନୀ କରୁଣ ସ୍ୱର
ଝିଲ୍ଲି ରବ ପୁଣି କଲା ସେ ଦୃଶ୍ୟକୁ ଗମ୍ଭୀରତର,
ଦୂର ଦିଗନ୍ତର ମୁଖର ଭୈରବେ ଶୃଗାଳ ରାବ
କ୍ଷଣେ କ୍ଷଣେ ଭାଙ୍ଗୁ—ଥିଲା ସେ ଦୃଶ୍ୟର ନିସ୍ତବ୍ଧ ଭାବ,
ବେନି ତନୁ ହେଲା ଭସ୍ମେ ପରିଣତ ଅଳପ କ୍ଷଣେ,
ନିଭାଇଲେ ଚିତା ପୂତ ପୟୋରାଶି ଢାଳି ଦହନେ
ନ ପଡ଼ୁଣୁ ଉଷା—ରକ୍ତ-ଛବି ସ୍ୱଚ୍ଛ—ବଳାଙ୍ଗୀ-ଜଳେ
ଅନ୍ତ୍ୟେଷ୍ଟି ସମାଧି ବାହୁଡ଼ିଲେ ଶୂନ୍ୟ—ମନେ ସକଳେ ;
ପୁରେ ପ୍ରବେଶିବା ବେଳେ ଲଭିଥିଲେ ଗଗନ-ତାରା,
ଉଡ଼ି ଯାଉଥିଲେ ଦେଖା-ଗୃହ-ପାରା—ଝାଡ଼ିରୁ ପାରା ।

ରାଜ-ଆଜ୍ଞା ମତେ ଉଷା ଜୟନ୍ତର ସମାଧି-ସ୍ଥାନେ
ମଣ୍ଡପ ଗଢ଼ିଲେ ଶିଳ୍ପୀକୁଳ ଆସି ରାଜ ବିଧାନେ,
ଦୂରୁଁ ଦିଶୁଥିଲା ସେ ମଣ୍ଡପ ହର—ଶୈଳକଳପ,
ନୃପପୁର ଲୋକେ ବୋଲୁଥିଲେ ତାକୁ ଉଷାମଣ୍ଡପ , (୧)
କୀର୍ତ୍ତିକାଟ-କାଳ କେଉଁ କୀର୍ତ୍ତି ପ୍ରତି ନୁହଇ ବାମ ?
ମଣ୍ଡପ ଗଲାଣି, କାଳ ଗର୍ଭେ ମାତ୍ର ଅଛି ତା ନାମ ।

---

(୧) ସୁନହଟ ଗ୍ରାମର ଉତ୍ତରରେ ଅବସ୍ଥିତ । ବର୍ତ୍ତମାନ ନାମ ଉଷାମେଢ଼ ଅଥବା ଉଷାମଣ୍ଡପ ।

# ପାର୍ବତୀ ।

# ପାର୍ବତୀ

ମାଳାଚଳେ ଆଜ ଦୋଳ-ମହୋତ୍ସବେ
ମତ୍ତ ସର୍ବେ ପୁରବାସୀ,
ବାଦ୍ୟ-ଶବଦ ହେଳେ ଫଟାଉଛି
ସିନ୍ଧୁ-କୋଳାହଳ ଛାପି ।
ଶ୍ରୀଖଣ୍ଡ-ଶଇଳୁ ମୃଦୁଳେ ସମୀର
ପାରାବାର-ବକ୍ଷେ ବହି
ଶ୍ରୀକ୍ଷେତ୍ର-ଲଳନା — କପୋଳେ ଅଳକ
କମ୍ପାଉଛି ରହି ରହି ।
ଉଡ଼ୁଛନ୍ତି ସୌର — କରେ ପ୍ରଜାପତି
ସ୍ନାତ ଇନ୍ଦ୍ରଧନୁ-ବର୍ଣ୍ଣେ,
ଉଡ଼ି ଉଡ଼ି ଥରେ ବସିପଡ଼ୁଛନ୍ତି
କେବେ ପୁଷ୍ପେ, କେବେ ପର୍ଣ୍ଣେ ।
ଭରତିଆ ନଜ ପ୍ରିୟା ସଙ୍ଗେ ନାଟ୍ୟ
ତରଙ୍ଗେ ମଗ୍ନ ନାଚୁଆ,
ଇନ୍ଦ୍ରଧନୁ-ଖଣ୍ଡ — ପ୍ରାୟେ ଖଣ୍ଡିଉଡ଼ା
ଦେଇ ବୁଲେ ବାଲଶୁଆ ।
ସ୍କନ୍ଧରୁ ପୁଷ୍ପିତ — ଛୁରଅନା-ଗନ୍ଧେ
ବାସିତ ଉଦ୍ୟାନ ମାନ,
ଉଡ଼ୁଛନ୍ତି ଯୂଥେ — ଯୂଥେ ମଧୁକର
ସୌରଭେ ହୋଇ ଅଜ୍ଞାନ ।
ସ୍ୱର୍ଣ୍ଣପୀ-ନଳମା — ପ୍ରାଏ ମାଳାକାଶେ
ଦୋଳଇ ରଙ୍ଗ ଶାଳ୍ମଳୀ,
ନଚୂଳ କିଂଶୁକ — କୁସୁମ-ମଣ୍ଡନେ
ସିନ୍ଦୂରିତ ବନସ୍ଥଳୀ ।
କରୁଛନ୍ତି ରାଜ୍ୟ ଧରାଧାମେ ଆଜ
ରତି ସଙ୍ଗେ ରତିପତି,

ଟେକିଅଛି ନାଗ— କେଶର ବେନଙ୍କ
ଶିରେ ହେମ ପୁଷ୍ପ-ଛତ୍ର ।
ବର୍ଣ୍ଣ-ଅନୁରୂପେ ବନ୍ଦୀ ବେନଙ୍କର
ହଳଦୀବସନ୍ତ ପିକ, (୧)
ପଥିକ ମାନସେ ଭ୍ରାନ୍ତି ଆଣିବାକୁ
କେ ଊଣା କେ ବା ଅଧିକ !
ଢାଳଇ ସୁରଭି— ଗୁମର ଶିରୀଷ
ରାଜ-ପରିକର ଭାବେ;
ପ୍ରବାଳ-ପତାକା ଧରିଣ ତିନ୍ଦୁକ
ଉଭା ଦେଖ ଠାବେ ଠାବେ ।
ବହୁଅଛି ଯାହା ଶ୍ୟାମଳ ଚମ୍ପକ—
ପାଦପେ ହେମ-କଳିକା,
ରାଜା ରାଣୀଙ୍କର ନୀରାଜନା ପାଇଁ
ସେ ସିନା ପ୍ରଦୀପ ଶିଖା ।
ମଲ୍ଲିକା କୋରକ— ଶଙ୍ଖ ବଜାଉଛି
ଷଟ୍‌ପଦ ପୁଷ୍ପ ଲମ୍ପଟ,
ହେମଗୋଷ୍ଠ ସୂର୍ଯ୍ୟ— ମୁଖୀ ଧରିଅଛି
ଗୁମ୍ଫରେ ସ୍ୱର୍ଣ୍ଣ-ଆଲଟ ।
ମନ୍ଦାନିଳେ ନାନା ଅଙ୍ଗ-ଭଙ୍ଗୀ କରେ
ବଧୂର ଧୈର୍ଯ୍ୟ-ଘାତକା,
ପଦ୍ମରାଗ ପୁଷ୍ପ— କଙ୍କଣୀ-ଧାରଣୀ
ଧାତକୀ ରାଜ ନର୍ତ୍ତକୀ ।
ରାଜ ଅସ୍ତ୍ରାଗାର ପରିପୂର୍ଣ୍ଣ ଏବେ
କବା ଜଳେ କବା ସ୍ଥଳେ,
ଅଶୋକ ନିଆଳୀ ଚୂତେ ପୂର୍ଣ୍ଣ ବନ,
ସରଃ ଉତ୍ପଳ କମଳେ ।

(୧) ରଙ୍ଗ ଗୌରାଙ୍ଗୀ, ମଦନ ଶ୍ୟାମବର୍ଣ୍ଣ ।

କାଞ୍ଚନ-କୋରକ ହେଲେ କରୁଅଛି
ବିରହୀର ଦନ୍ତ ଚୂନା,
ଅବା ସେ ବିରହୀ ରୁଧିରେ ଲୋହିତ
ମଦନର ଏକମୂନା ।
ସ୍ଥାବର-ଜଙ୍ଗମ— ମନ ହୋଇଅଛି
ଅନଙ୍ଗର ଲୀଳାଗାର,
ପୁରୁଷେ ଦେଖନ୍ତି ନାରୀମୟ, ନାରୀ
ପୁରୁଷମୟ ସଂସାର ।
ଆନ କଥା ଥାଉ, ସନ୍ତଜନ ମନ
ହୋଇଛି ଆଜ ଅଥୟ,
ଦେଖୁଥିଲେ ଯେହୁ ବ୍ରହ୍ମମୟ ବିଶ୍ୱ
ଦେଖନ୍ତି ସେ ନାରୀମୟ ।
ଦଣ୍ଡଧର ସୁଖ— କୋଦଣ୍ଡ ଶାସନ
ଶିରୋଧାର୍ଯ୍ୟ କରି ଶିରେ,
ଯୁଗ୍ମେ ଯୁଗ୍ମେ ପ୍ରାଣୀ ବିହରନ୍ତି ଆଜି
କିବା ନୀରେ କିବା ତୀରେ ।
ସମରରି ପାଟେ ହଂସ ହଂସୀ ପଦ୍ମ—
ପରାଗେ ଶରୀର ବୋଳି
କରୁଛନ୍ତି କେଳି— ନାଦେ ପ୍ରେମାଳାପ
ଲହରୀ ଦୋଳାରେ ଦୋଳି ।
ଲଙ୍କାଆମ୍ର କୁଞ୍ଜେ ବିହରନ୍ତି ମୃଗୀ
କୃଷ୍ଣସାର ପ୍ରେମଖେଳେ,
ପ୍ରଭୁ ଲୋକନାଥ— ଅଧିଷ୍ଠିତ ଶୁଭ୍ର—
ବାଲିସ୍ତୂପାବଳୀ ଖୋଲେ ।
କପୋତ ଦମ୍ପତି ପ୍ରେମ କି ସମ୍ପତ୍ତି
ରଟୁଛନ୍ତି ତାଳବନ୍ତ,
ଉଲ୍ଲାସେ କମ୍ପାଇ ବସନ୍ତ-ରଚିତ
ଗଳେ ନବ ଇନ୍ଦ୍ରଧନୁ ।
ଏହା ପରେ ପୁଣି ଦୋଳ-ଚର୍ଚ୍ଚରୀର
ଲାଗିଛି ଆଜି ଗହଳ,
ଫଗୁବର୍ଣ୍ଣୋଦକେ ସର୍ବାଙ୍ଗ ରଞ୍ଜିତ
ବିହରନ୍ତି ଯୁବାଦଳ ।

ବାଳାତପ-ପୁଞ୍ଜ— ପ୍ରାୟେ ଫଗୁରାଶି
ଶୋଭେ ପ୍ରତି ବୀଥୀରେ,
ପ୍ରତିଯୁବା ହସ୍ତେ ଶୃଙ୍ଗକୋଷମାନ
ପରିପୂର୍ଣ୍ଣ ବର୍ଣ୍ଣମାରେ ।
ନବ ତରୁଣୀଙ୍କ ଅମଳ କପୋଳ
ଅରୁଣ ଗୁଲାଲଘାତେ
ଶବଳତ ବର୍ଣ୍ଣ— ମାରେ ପୀତ ତୈଳ
ଦୋଳାଇ ମୃଦୁଳ ହାତେ ।
ନାରିକେଳ-ପୂଗ— ପୁନ୍ନାଗ-ଶ୍ୟାମଳ
ଶାସନରୁ ଦଳେ ଦଳେ
ମଦନ-ଶତଘ୍ନୀ ଦ୍ୱିଜ-ସୀମନ୍ତିନୀ
ଆସୁଛନ୍ତି ମାଳାଚଳେ ।
ବିକସି ଆସିଲା କମଳ-କୋରକ
ପରାଏ ଦିଶେ ଘୁଂଟକ,
ଗୌର ଦେହେ ଶୋଭେ ରଙ୍ଗତେଲ, ନୀଳ
କେଶପାଶେ କୁରୁବକ ।
ଖର୍ଜ୍ଜୁର-କାନନ— ଅନ୍ଧାରିତ ପଥେ
ଆସୁଛନ୍ତି ବିପ୍ରଦାରା,
ସିନ୍ଦୂରମୁଖେ ଅବା ଆଗ୍ନେୟ-ଶଇଳୁ
ବହେ ଧାତୁଦ୍ରବ ଧାରା ।
ଏହିରୂପେ ହୁରି— ହରେ ଲାଗିଅଛି
ମହୋତ୍ସବ ରାଜପୁରେ,
ମାତ୍ର ରାଜେଶ୍ୱର ଗଙ୍ଗେଶ୍ୱର ଆଜ
ଛନ୍ତି ପୁରୁଁ ବହୁଦୂରେ ।
ଋଷିକୁଲ୍ୟାଠାରୁ ସୁବର୍ଣ୍ଣରେଖା-
ଯାଏ ସର୍ବ ଜନପଦ
ନାନା ଉପାୟନେ ପୂଜୁଛନ୍ତି ଆଜ
ବୀର ଗଙ୍ଗେଶ୍ୱର ପଦ ।
ସୁବର୍ଣ୍ଣରେଖା— ଶୁଭ୍ରକୂଳ-କୋଳେ
କରନ୍ତି ସ୍ୱର୍ଣ୍ଣ ସଂଚୟ
ହେବାପାଇଁ ରାଜ— ମଞ୍ଜୁକେଶୀଙ୍କର
ପଦୁରେ ଶିଞ୍ଜା-ବଳୟ ।

ରାଜରାଣୀଙ୍କର କବରୀମଣ୍ଡନ
ପାଇଁ ଖଣି ଅନ୍ଧକାରେ
ଖନକେ ଖୋଳନ୍ତି ମଣି ମହାନଦୀ—
ସ୍ଫଟିକ-ଶିଳା-ଶଯ୍ୟାରେ ।
କୌଷେୟ ବସନେ ଆବରିବେ ଅଙ୍ଗ
ମାଳାଚଳେ ରାଜଯୋଷା,
ଶାଲ୍ମଳୀ-ଶଇଳେ (୧) ସେଥିପାଇଁ କୋଷ-
କୃମି ହେଉଛନ୍ତି ପୋଷା ।
ବିମ୍ବାଧରୀଙ୍କର ଚମ୍ପକ-ଅଙ୍ଗୁଳି-
କମ୍ପନେ ମଧୁ-ଝଙ୍କାର,
ଉପୁଜିବା ଆଶେ କେନ୍ଦୁଝରେ ଗଢ଼ା
ହେଉଅଛି ଲୌହ ତାର । (୨)
ବ୍ରାହ୍ମୀ-ଶିର-ଗିରି— କନ୍ଦର-ବିହାରୀ
ଦନ୍ତାବଳ-ଦନ୍ତେ ଗଢ଼ା,
ମହିଷୀଙ୍କ ଶେଯ ସକାଶେ ପଲଙ୍କ
ଯୋଗାଏ ଉତ୍ସେ ଲହଡ଼ା ।
ଅଙ୍ଗନାଗିପାଇଁ କନ୍ଦପଲ୍ଲୀ-ଜାତ
ହରିଦ୍ରା ଯୋଗାଏ ବୋଦ,
ଅନୁଗୁଳ ଶାଳ— କ୍ଷୀରେ ହେଉଅଛି
ନଅରେ ଧୂପ ଆମୋଦ ।
ନୀଳ-ମାଧବଙ୍କ (୩) ଅଧିଷ୍ଠାନଗିରି—
ତଟ-ବାସୀ କାରିଗର
ଗଢ଼ୁଅଛି ଉତ୍ସେ ସୁଢଳ ତାମ୍ବୁଲ-
କରଙ୍କ ମହିଷୀଙ୍କର ।
ଭୁଜଙ୍ଗ ଯୋଗାଏ ଉଶୀର-ବ୍ୟଜନ
କନକା ମୁକ୍ତା ପ୍ରବାଳ,
ମହୋଦଧି ବକ୍ଷେ ବହୁ ଦ୍ୱୀପାନ୍ତରୁ
ଆଣନ୍ତି ଯା ପୋତମାଳ ।
ଲଳିତାଙ୍ଗୀଙ୍କର ଅଳକାମଣ୍ଡନ-
ପାଇଁ ବନେ ଅହରହ
ଅଞ୍ଜନାଭ ଗୁଞ୍ଜ ମାଳଆ ପାଭୁଆ (୪)
କରନ୍ତି ଜତୁ-ସଂଗ୍ରହ ।
ଯୋଗାଏ ଚନ୍ଦନ— ପେଣ୍ଡ ନୀଳଗିରି, (୫)
ଲଳିତଗିରି ଚନ୍ଦନ, (୬)
କଟକ ଯୋଗାଏ ଅମରୀ-ବାଞ୍ଛିତ
ମଞ୍ଜୁ ରଜତ-ଭୂଷଣ ।
ଚିତ୍ର ଚନ୍ଦ୍ରାତପ ପିପିଲିରୁ (୭) ଆସି
ଚତ୍ୱରେ ହୋଇ ଲମ୍ବିତ
ରାଜ-ଅବରୋଧ ଯେତ ଇନ୍ଦ୍ରଧନୁ—
ଶୋଭା କରେ ସମ୍ବର୍ଦ୍ଧିତ ।
ବାମଣ୍ଡା-ମଣ୍ଡନ (୮) ପ୍ରପାତ ଶୀକର-
ସ୍ନାତ ଘନ ବନସ୍ଥଳୀ
ରୂଢ଼ି ଶ୍ୟାମା ଏବେ ସମ୍ରାଟ ସଦନେ
କରୁଣେ କରେ କାକଳୀ ।
ମଣିଭଦ୍ରା-ଶୈଳେ (୯) ମୁନିକୁମାରୀଙ୍କ
ନୀବାର-ମୁଷ୍ଟି-ଆସ୍ୱାଦ
ସ୍ମରି-ରାଜ-ସଦ୍ମ ଶିକୁଳରେ ବନ୍ଧ
ଭଜୁଛି ଶୁକ ବିଷାଦ ।
ପିଞ୍ଜରେ ଘୂମାଇ ଘୂମାଇ ଶାରିକା
ସ୍ମରୁଅଛି ଜନ୍ମସ୍ଥାନ,
ସ୍ୱପ୍ନେ କରୁଅଛି ସପ୍ତକୋଶୀ ଗଣ୍ଡେ (୧୦)
ବନ୍ୟ ଫଳ ରସପାନ ।

(୧) ମୟୂରଭଞ୍ଜର ପ୍ରଧାନ ପର୍ବତ; ଏହି ପର୍ବତ ନିକଟବର୍ତ୍ତୀ ପ୍ରଦେଶ କୃମି-କୋଷ ସକାଶେ ବିଖ୍ୟାତ। (୨) ସେତାରର ତାର ନିମନ୍ତେ କେନ୍ଦୁଝର ପ୍ରସିଦ୍ଧ । (୩) ଖଣ୍ଡପଡ଼ା ଅନ୍ତର୍ଗତ କଣ୍ଟିଲୋରେ ନୀଳମାଧବଙ୍କ ଦେଉଳ ପ୍ରତିଷ୍ଠିତ । ଏଠାରେ ପିତ୍ତଳବାସନ ପ୍ରସ୍ତୁତ ହୁଏ । (୪) ଆରଣ୍ୟ ଜାତି ବିଶେଷ । (୫) ନୀଳଗିରି ପଥର ବାସନ ସକାଶେ ପ୍ରସିଦ୍ଧ । (୬) ଲଳିତଗିରିରେ ଅଦ୍ୟାପି କ୍ଷୁଦ୍ର କ୍ଷୁଦ୍ର ଚନ୍ଦନ ବୃକ୍ଷ ଦେଖାଯାଏ । (୭) ପିପିଲି ଉତ୍ତମ ସୂଚିକର୍ମ ସକାଶେ ପ୍ରସିଦ୍ଧ (୮) ବାମଣ୍ଡା-ନିସର୍ଗ-ଲକ୍ଷ୍ମୀର ମୁକୁଟାଲଙ୍କାର ପ୍ରଧାନପାଟ ପ୍ରପାତ । (୯) ଦଶପଲ୍ଲା ଅନ୍ତର୍ଗତ ମହାନଦୀ ତୀରବର୍ତ୍ତୀ ଅତି ସୁରମ୍ୟ ପର୍ବତ । ପୂର୍ବେ ଏଠାରେ ଅନେକ ଋଷି ଥିବାର କିମ୍ବଦନ୍ତୀ ଅଛି । (୧୦) ମହାନଦୀର ସାତକୋଶିଆ ଗଣ୍ଡ ।

ମକର ଉଦ୍ୟାନେ ସ୍ୱର୍ଣ୍ଣଯଷ୍ଟି ପରେ
ବସି ମୟୂର ମୟୂରୀ
ମଇନାକ ଶୈଳେ (୧) ମେଘାଗମ-ସୁଖ
ସ୍ମରୁଛନ୍ତି ଝୁରି ଝୁରି ।

ଏ ବିଭବେ ଥାଇ ମହାରାଣୀଙ୍କର
ମନେ ନାହିଁ ସୁଖ ଲେଶ,
କି କୌଶଳେ କଲା ଶୋକ-କୀଟ ଏହି
କୁସୁମ-ବନେ ପ୍ରବେଶ !

ମହୋତ୍ସବ-କ୍ଷେତ୍ରେ ଦେହମାତ୍ର ଅଛି
ମନ ଭ୍ରମୁଅଛି କାହିଁ,
ରୋଗୀ ହାସ୍ୟ ପରି ହର୍ଷ ଦେବୀଙ୍କର
ହୃଦୟୁ ଆସଇ ନାହିଁ ।

ସମସ୍ତ ଉତ୍କଳେ ଦିଗ୍‌ବିଜୟ ସାରି
ବୀରସିଂହ ଗଙ୍ଗେଶ୍ୱର
ଭଦ୍ରପୁର-ଦୁର୍ଗ (୨) ଅବରୋଧେ ଏବେ
ହୋଇଛନ୍ତି ତତ୍ପର ।

ପାଞ୍ଚବର୍ଷବ୍ୟାପୀ ଆହବେ ହେଲେଣି
କେତେ ମହାପ୍ରାଣୀ ହତ,
ମାତ୍ର ଭଦ୍ରପତି— ସ୍ଥିର ହୋଇ ନାହିଁ
ଶତ୍ରୁପଦେ ଅବନତ ।

ବିଜିତ ଯାବନ୍ତ ନୃପ-ସେନା ସଙ୍ଗ
ନିଜ ବାହିନୀ ମିଶାଇ
ଯୁଝୁଛନ୍ତି ରଙ୍ଗ— ପୁରେ ସେନାପତି
ରୂପେ ରାଜ-କୁଳ-ସାଇଁ ।

ତହିଁ ରାଜ-ଜେମା କୌଶଲ୍ୟା ସୁନ୍ଦରୀ
ଥିଲେ ସମ୍ରାଟ-ଗହଣେ,
ଏକମାତ୍ର ପୁଷ୍ପ ଅସ୍ତ୍ରମୟ ସେହି
ଶିବିର-କଣ୍ଟକ—ବନେ ।

ରୂପେ ଗୁଣେ ବାଳା ଅତୁଳା ଜଗତେ
ଜଗତ-ମନ-ମୋହିନୀ,
ରାଜ-କୁମରଙ୍କ ଲୋଚନ-ଭ୍ରମର-
ଅମଳ-ନବ-ନଳିନୀ ।

ଏସନ ତନୟା ପାଇ ରାଣୀଙ୍କର
କିମ୍ପାଇଁ ମଳିନ ମୁଖ ?
ଯା ଲାଗି ଜଗତେ ଯେତେ ସୁଖ ସେହି
ଦିଏ ପୁଣି ତେତେ ଦୁଃଖ !

ଗୁପ୍ତପ୍ରେମେ ପଡ଼ି ସପତ୍ନୀ କୌଶଲ୍ୟା
ହେଲା ସେ ସେନା-ନିବେଶେ,
ଜଳେ ତୈଳବିନ୍ଦୁ ପରାଏ କଳଙ୍କ
ବ୍ୟାପିଗଲା ଦେଶେ ଦେଶେ !

ପୁଣି ଜେମାମୁଖ ନ ଚାହିଁବେ ବୋଲି
ପ୍ରତିଜ୍ଞା କଲେ ରାଜନ,
ଜେମାବାସ ପାଇଁ ନିରୂପିତ ହେଲା
ନିର୍ଜନ କାରା-ଭବନ ।

ସେ ଭବନୁ ଜେମା ହେଲେ ନିରୁଦ୍ଦେଶ
ବହୁ ଅନ୍ୱେଷଣ କରି
ନ ଲଭି ଉଦନ୍ତ ଅବଶେଷେ କ୍ଷାନ୍ତ
ହେଲେ ଉତ୍କଳ-କେଶରୀ ।

ଏ ବାରତା ରାଣୀ ପାଇଲା ଦିନରୁ
ହୋଇଛନ୍ତି ମ୍ରିୟମାଣ,
ଅତୁଳ ବିଭବେ ଥାଇ ଜୀବନକୁ
କରୁଛନ୍ତି ତୁଚ୍ଛ ଜ୍ଞାନ ।

ପୁଟ ପାକ ପ୍ରାପ୍ତେ ଗୁପତେ ତପତେ
ଜଳୁଅଛି ମର୍ମସ୍ଥଳ,
ଧୈର୍ଯ୍ୟଶୀଳା ଧୈର୍ଯ୍ୟ ଆବରି ସେ ଭାବ
ବାହ୍ୟେ ଦିଶନ୍ତି ଶୀତଳ ।

ତଥାପି ସେ ସଜ— ସରୋଜ-ବଦନ
ଶୋକେ ହୋଇଅଛି ଫିକା,
କୋମଳ କପୋଳେ ଦାରୁଣ କଷଣ
ମାରୁଛି ନଖ-ମୁଦ୍ରିକା ।

(୧) ରଣପୁର ରାଜଧାନୀ ନିକଟବର୍ତ୍ତୀ ବିଶାଳପର୍ବତ । (୨) ମୟୂରଭଞ୍ଜ ଅନ୍ତର୍ଗତ ।

କୌଶଲ୍ୟାର ତତ୍ତ୍ୱ ଜାଣିବା ଆଶାରେ
ନୀରବେ ଚିତ୍ତ ଆକୁଳ,
କାହିଁ ଭ୍ରମୁଅଛି ଦୁଃଖେ,ସେ ଦୁଃଖିନୀ
କଳଙ୍କିତ କରି କୁଳ ।
ଆକୁଳେ ଗରୁଡ଼— ସ୍ତମ୍ଭ ପାଶେ ବସେ
ଅଧା ପଡ଼ିଥିଲେ ରାଣୀ,
ନିଦ୍ରାବଶେ ବସେ ନିଶୀଥେ ଶୁଣିଲେ
ଅଶରୀରୀ ଶୂନ୍ୟବାଣୀ ।
"କୌଶଲ୍ୟାର କଥା କହିବ ସେ ଆସି"
ଏ ଭାଷା କର୍ଣ୍ଣକୁହରେ
ପଶିବାରୁ ଚେଡେ ଜଲେ ଦେଉଳରୁ
ମନ୍ତ୍ରଶ୍ରୀ ନକ୍ଷ-ନବରେ ।
ଜପୁଥିଲା ତହୁଁ ଦୁହିତା-ଦର୍ଶନ-
ଆଶା ହୃଦୟେ ନବୀନ,
ତହିଁ ଧ୍ୟାନ ରଖି ଆନ କର୍ମେ ଦେବୀ
ହୋଇଥିଲେ ଉଦାସୀନ ।
ଚିତ୍ତରେ ଆତୁର ଦୋଳ ମହୋତ୍ସବ
ପଦ୍ମ-ଦଳେ ଜଳ ପରି,
ସେ ଆମୋଦେ ରତ ହୋଇଣ ବିରତ
ଥିଲେ ପାର୍ବତୀ ସୁନ୍ଦରୀ ।
ଦୁଇ ବର୍ଷ ପୂର୍ବେ ଆସିଥିଲା ଯୁଦ୍ଧ-
ଭୂମିରୁ ବୃଦ୍ଧ କଞ୍ଚୁକୀ,
ଶିଥିଳ ଶରୀର ବୟୋଧର୍ମେ ତା'ର
ଆଗକୁ ପଡ଼ୁଛି ଝୁଙ୍କି ।
ରାଜାଙ୍କ ଆଦେଶେ ଜଗୁଥିଲା ସେହି
ସର୍ବୋଚ୍ଚ-ପ୍ରାସାଦ-ଚୂଳେ,
ନିଶାଯାକ ଏକା— ଧ୍ୟାନେ ବସିଥାଇ
ବୃହତ୍ ଉତ୍ତରାଶା ମୂଳେ ।
ରାଜାଦେଶେ ପୂର୍ବୁଁ ପର୍ବତେ ପର୍ବତେ
ହୋଇଥିଲା ଆୟୋଜନ,
ଜୟ-ଦିବସେ ବିଜୟ-ସନ୍ଦେଶ
ସ୍ୱପୁରେ ହେବ ପ୍ରେରଣ ।

ପର୍ବତେ ପର୍ବତେ ବିଜୟ ସଙ୍କେତ—
ଅଗ୍ନି ଜଳିବ ଜାଗିଲେ
ଆସିବ ନିଶିରେ ବିଜୟ ସନ୍ଦେଶ
ରତ୍ନପୁରୁ ନୀଳାଚଳେ ।
ଦୁଇ ବର୍ଷ କାଳ ଏହିରୂପେ ଜଗି
ସ୍ଥବିର ହେଲାଣି ଶ୍ରାନ୍ତ,
ଆଜଯାଏ କେହି ନ ଜାଣିଲେ ରତ୍ନ-
ପୁରର ଯୁଦ୍ଧ-ବୃତ୍ତାନ୍ତ ।

—୦—

ଅସ୍ତରାଗେ ରଞ୍ଜି ତୁଙ୍ଗ ବାଲସ୍ତୂପ
ଶ୍ୟାମଳ ପୁନ୍ନାଗ ବନ,
ଲୋକନାଥ-ପଥେ ବୁଡ଼ନ୍ତି ସାଗରେ
କମଳିନୀ-ପ୍ରାଣଧନ ।
ଭାସମାନ ଚକ୍ର— ରକ୍ତ-ବିମ୍ବ ଦେଖି
ଏ ଭାବ ଆସେ ଅନ୍ତରେ,
ବିରଞ୍ଚି-ରଚିତ ସୁବର୍ଣ୍ଣ ବ୍ରହ୍ମାଣ୍ଡ
ଭାସଇ କିବା ସାଗରେ !
କିବା ଜଳନିଧି— ଶାୟୀ ମଧୁରିପୁ-
ନାଭି-ମାଳେ ଅରବିନ୍ଦ,
ଅବା ଦିଗ୍‌ବଳୟ— ରୂପୀ ବଳୟର
ଅନୁରୂପ କୁରୁବିନ୍ଦ ।
ବୁଡ଼ନ୍ତେ ମାର୍ତ୍ତଣ୍ଡ, ପ୍ରାଚୀମୂର୍ତ୍ତି ଏବେ
ସନ୍ଧ୍ୟା ପ୍ରବାଳ-ପାଟଳା
ଉର୍ଦ୍ଧ୍ୱେ ଉଠି ଇନ୍ଦୁ— କରଣେ ସୁନ୍ଦରୀ
ମଧ୍ୟାକାଶେ ମିଶିଗଲା ।
ପଞ୍ଚହ-କାହାଳୀ— ଶଙ୍ଖ-ଘଣ୍ଟାଧ୍ୱନି
ଉଠିଲା ପ୍ରତି ଦେଉଳେ,
ଦୀପାଲୋକ ଦେଖି ଚଞ୍ଚଳେ କଞ୍ଚୁକୀ
ଚଢ଼ିଲା ପ୍ରାସାଦ-ଚୂଳେ,
ତହିଁ ବସି ବୃଦ୍ଧ ଦେଖିଲା ଭୂତଳେ
ଧରଣୀ ଛବି ସୁନ୍ଦର,
ଦେଖିଲା ଉଦ୍‌ବେଳ କୋଳାହଳମୟ
କୌମୁଦୀ-ଧୌତ ସାଗର ।

କର୍ପୂର-ଧବଳ— ବାଲି ସ୍ତୂପାବଳୀ-
ଶୋଭିଲେ ଶୋଭେ ଉପବନ,
ଠାବେ ଠାବେ ଅବା ବସିଯାଇ ତଳେ
ତିମିର ହୋଇଛି ଘନ ।
ଶୀତଶେଷେ ପାଣ୍ଡୁ— ବେଶ ପରିହରି
ଅମଳ-ଶୁଭ୍ର-ବସନା
ଚନ୍ଦ୍ରିକା-କୁସୁମେ କରୁଛନ୍ତି କେଳି
ତରୁବରେ ଖଗାଙ୍ଗନା ।
ଦୂରେ ସମତଳ— ଦଗ୍ଧ ରଜତର
ଆସ୍ତରଣ ପରି ଦିଶେ,
ଦିଗ୍ବଳୟେ ନୀଳ— ତରୁରାଜି ତା'ର
ଦାଢ଼େ ଅଙ୍କରେଖା କି ସେ ?
ବିରାଜଇ ସ୍ତମ୍ଭ— ନନ୍ଦୀତଟ ପ୍ରାନ୍ତ
ଊର୍ଦ୍ଧ୍ୱେ ହୋଇ ଲମ୍ବମାନ
ବିରଳ-ତରଳ— ତାରକା-ଗୁମ୍ଫିତ
ସୁନୀଳ ନଭଃ-ଖିଲାନ ।
ସରପାଟେଁ (୧) ଉଡ଼ି ସୁଖେ ଭାସି ଭାସି
ତରଳ ଶଶୀ-ମୟୂଖେ,
ନଭେ ଶବ ଶବ ଯାଉଛି ଟେଁଙ୍କୋଇ
ସୁନୀଳ ଚିଲିକା-ମୁଖେ ।
କୋଳାହଳ-ନୃତ୍ୟ— ବାଦ୍ୟ-ପରିପୂର୍ଣ୍ଣ
ଗ୍ରାମମାନେ ବିଭୂଷିତ,
ଫଗୁଖେଳେ ରଙ୍ଗ— ବରଣା ନଗରୀ
ହର୍ମ୍ୟ ତଳେ ବିରାଜିତ ।
ଉଦାସ୍ୟ ହୋଇ ବସିଣ କଞ୍ଚୁକୀ
ଦେଖୁଅଛି କୁତୂହଳେ
ମନୁଷ୍ୟ-ଗହଳ ନୃତ୍ୟ ଫଗୁଖେଳ
ଆର୍ତ୍ତନାଦ ମହୀତଳେ ।
ଏହିରୂପେ ରାତ୍ର ଦଶଦଣ୍ଡ ଅନ୍ତେ
ଉତ୍ସବୁଁ ହୋଇ ବିରତ

ଯେ ଯାହା ଭବନେ ନାଗରିକେ ଯାଇ
ସୁଖେ ହେଲେ ନିଦ୍ରାଗତ ।
ଚନ୍ଦ୍ରମା ବୁଡ଼ିଲେ ହରଚଣ୍ଡୀଙ୍କର (୨)
ନିର୍ଜ୍ଜନ ଦୂର ପ୍ରାନ୍ତରେ,
ଏକ ଏକ ହୋଇ ପ୍ରଦୀପ-ଆଲୋକ
ନିଭିଗଲା ଘରେ ଘରେ ।
ଗାଢ଼ ଅନ୍ଧକାର ନଭେ ଜଳେ ସ୍ଥଳେ
ଚୌଦିଗୁଁ ଆସିଲା ମାଡ଼ି,
ପ୍ରକୃତି-ଦେହରୁ ଜୀବନ-ନାଡ଼ିକା
ସହସା ଗଲା କି ଛାଡ଼ି ?
ଝିଙ୍କାରି-ଝଙ୍କାର ମାତ୍ର କଲା ସେହି
ନୀରବତାକୁ ମୁଖର,
ହିମବିନ୍ଦୁ-ବାଷ୍ପ— ନିଶାନ୍ତ-ସମୀରେ
ଦେହ ହେଲା ଜରଜର ।
ସୌଧଚୂଳେ ବସି ସ୍ଥବିର କଞ୍ଚୁକୀ
ଭାବୁ ଅଛି ହୃଦଗତେ—
"କେତେକାଳ ମୁହିଁ ସଙ୍କେତକୁ ଚାହିଁ
ଜଗୁଥିବି ଏହିମତେ !
ଷୋଳବର୍ଷ ଜଗି ବସି ସୌଧଚୂଳେ
ହୋଇଗଲି ଅବସନ୍ନ,
ତଥାପି ବିଜୟ— ଲକ୍ଷ୍ମୀ ଗଙ୍ଗେଶ୍ୱର-
ପ୍ରତି ନ ହେଲେ ପ୍ରସନ୍ନ ।
ଅଧର୍ମରେ ମତି ରାଜାଙ୍କର ସଦା
ଅଧର୍ମରେ ସଦା ଗତି,
ବିଶାଳ ସାମ୍ରାଜ୍ୟ ଲଭି ନ ତୁଟିଲା
ଲୋଭ ପରରାଜ୍ୟ ପ୍ରତି ।
ସ୍ୱଧର୍ମ ତାଙ୍କର ପରସ୍ୱ-ଗ୍ରାସ
ବଳେ ଛଳେ କଉଶଳେ,
ପ୍ରବଳେ ରାସନା (୩) ନୀତି-ଆଚରଣ
ଦାଶନା (୪) ନୀତି ଦୁର୍ବଳେ ।

(୧) ପୁରୀର ନିକଟବର୍ତ୍ତୀ ହ୍ରଦ (୨) ପୁରୀର ଦକ୍ଷିଣ-ପଶ୍ଚିମ ୪ କୋଶ ଦୂରରେ ସାଗର ସୈକତରେ ହରଚଣ୍ଡୀଙ୍କର ଦେଉଳ ପ୍ରତିଷ୍ଠିତ (୩) ରାସନା—ରସନା ସମ୍ବନ୍ଧୀୟ (୪) ଦାଶନା—ଦଶନ ସମ୍ବନ୍ଧୀୟ । ରସନା ଦଶନର ସର୍ବଦା ଉପକାର କରେ । ମାତ୍ର ଦଶନର ଧର୍ମ ସମ୍ପୂର୍ଣ୍ଣ ବିପରୀତ ।

ପୁଣ୍ୟଶ୍ଳୋକ ଶ୍ରେଷ୍ଠ—    ଗଙ୍ଗର ଅଙ୍ଗଜ
ହୋଇ ହେଲେ ଏତେ ଶୂର,
ମଦେ ମତ୍ତ ହୋଇ    ମର୍ତ୍ତ୍ୟ ମଣନ୍ତି ଯା
ସ୍ୱଭାବେ କ୍ଷଣ-ଭଙ୍ଗୁର ।
କେହି ରହି ନାହିଁ    ରହିବ ନାହିଁଟି
ଭବ-ରଙ୍ଗ ଭୂମି-ତଳେ,
ସବେ ନିଜ ନିଜ    ଅଭିନୟ ସାରି
ବାହୁଡ଼ିବେ କାଳବଳେ ।
ସ୍ମୃତି-ତୀର୍ଥେ ଯାର    ନାମ ହୋଇଅଛି
ଅମର ବର୍ଣ୍ଣେ ଅଙ୍କିତ,
ପୁଣ୍ୟଶ୍ଳୋକ ବୀର (୧) ନରପତି ହେଲେ
କାଳ-ତୁଣ୍ଡେ କବଳିତ !
କାହିଁ ଗଲେ ଇନ୍ଦ୍ର—    ଦ୍ୟୁମ୍ନ ମହୀପତି
ଉତ୍କଳ-ଗୌରବ-ରବି
ନୀଳାଚଳେ ସ୍ଥାପି    ଏହି କୀର୍ତ୍ତି କଳି—
କଲୁଷ-ପର୍ବତ-ପବି ?
କାଳଗର୍ଭେ ଉଭେ    ଲୀନ ହେଲେ କେତେ
ମହୀପତି ମହାଯଶା,
ହୋଇଅଛି ଯାଙ୍କ    ଜୀର୍ଣ୍ଣ ସୌଧ ଏବେ
ବ୍ୟାଘ୍ର ଭଲ୍ଲୁକର ବସା !
ଶୈବାଳ ପାଷାଣ—    ଭେଦରେ ସଉଧ
ହୋଇଛି ନୀଳବରଣ,
କୃମି-ତନ୍ତୁ-ଜାଲ    ହୋଇଅଛି ଏବେ
ଗବାକ୍ଷର ଆସ୍ତରଣ !
ସ୍ୱର୍ଣ୍ଣ-ଦୀପାଲୋକେ    ଉଠୁଥିଲା ଯହିଁ
ଅଗୁରୁ ଧୂପର ଘଟା ।
ତିମିରକୁ ତହିଁ    ଖାଜନ୍ତି ବଜନେ
ପକ୍ଷବାତେ ଚମଚଟା !
ତୋଳାଇଲେ ଅତୁଳ    ଦୁର୍ଗ (୨)ଯେଉଁ ବୀର
ବିରୂପାତଟିନୀ-ତୀରେ

ବିରୂପା-ତରଙ୍ଗେ    ବୁଦ୍‌ବୁଦ ପରାୟେ
ମିଶିଗଲେ କାଳନୀରେ !
ଏବେ ସେହି ଦୁର୍ଗ    ଭୀଷଣ ନିର୍ଘୋଷେ
ପାଷାଣ ହୋଇ ସ୍ଖଳିତ
ଦୂର ଜନପଦେ    ସୁପ୍ତ ଜନେ କରେ
ନିଶୀଥେ ଭୀତ ଚକିତ ।
ମହୀ ଅବତଂସ—    ଉଜ୍ଜ୍ୱଳ କେଶରୀ
ରାଜବଂଶ କାହିଁ ଗଲା ?
ବେଢ଼ିଛି ଉତ୍କଳ—    କଳେବରରେ ଯାର
ଅମଳ କୀର୍ତ୍ତି-ମେଖଳା ।
'ସେହି ବଂଶ କାହିଁ ?'    ଏହି କଥା ଯେବେ
ଏକାମ୍ରେ ପୁଚ୍ଛିବ ଯାଇ,
ପ୍ରତିଧ୍ୱନି-ଛଳେ    କାନନେ ଦେଉଳ
ପ୍ରତିବାଣୀ ଦେବ 'କାହିଁ ?'
ଚିରଦିନ ପାଇଁ    କାହାର ନୁହନ୍ତି
କର୍ମଭୂମି ବସୁନ୍ଧରା;
ପାଞ୍ଛନ୍ତି ରାଜ୍ୟେ    ଭୁଜବଳେ ଭବେ
ଶରଣାର୍ଥୀ ହେବେ ପରା !
ନିଜ ନଶ୍ୱରତା    ଗଙ୍ଗେଶ୍ୱର କେବେ
ସ୍ମରିଲେ ନାହିଁ ସ୍ୱପନେ,
ତମ-ଧର୍ମ-ବଶେ    ଅନୁକ୍ଷଣ ରତ
କେବଳ ପର-ପୀଡ଼ନେ ।
ଦିଗ୍‌ବିଜୟ ବ୍ୟାଜେ    କେତେ ଭୂପାଳଙ୍କୁ
କଲେ ରାଜା ରଣେ ହତ,
ଥୋକେ ରାଜ୍ୟ ଛାଡ଼ି    ଦୂରେ ପଳାଇଲେ
ଥୋକେ ହେଲେ ପଦାନତ,
ଗଙ୍ଗେଶ୍ୱର-ଦମ୍ଭ—    ଉରେ ଥରହର
କମ୍ପଇ ଆଜି ଉତ୍କଳ,
କେତେକାଳ ଧର୍ମ    ସହିବ ଅନୀତି,
ଦିନେ ଦେବ ପ୍ରତିଫଳ !

(୧) ଖଣ୍ଡଗିରିରେ ବୀର ରାଜାଙ୍କର କୀର୍ତ୍ତି ଅଛି । (୨) ଚଉଦ୍ୱାରଗଡ଼ ।

ବୃଥା ଦମ୍ଭେ ମାତି ଦିଗ୍‌ବିଜୟୀ ବୀର
ଭ୍ରମୁଥାନ୍ତି ଦେଶେ ଦେଶେ,
ଜେତା ବିଜିତଙ୍କୁ କରାଳ କୃତାନ୍ତ
ପେଷିଦିଏ ନିର୍ବିଶେଷେ !
ଇଚ୍ଛନ୍ତି ଦାମ୍ଭିକେ ହସ୍ତେ ରଖିବାକୁ
ସମସ୍ତଙ୍କ ଭାଗ୍ୟ-ଡୋରି,
ନିଜ ଭାଗ୍ୟ-ଡୋରି କାଳହସ୍ତେ ଏହା
ଟକାନ୍ତି ହେଲେ ପାଶୋରି ।
ଅଜ୍ଞାନେ କଳ୍ପନା — ଉଦ୍ୟାନେ ଦାମ୍ଭିକ
ଗଢ଼େ ଆଶା-କୁଞ୍ଜମାନ,
ତା ଦେଖି ଅଲକ୍ଷେ ପାଖେ ପାଖେ ଥାଇ
ହସୁଥାନ୍ତି ଜନ୍ତୁଗଣ !
କ୍ରୂର କାଳଚକ୍ର ଘୂରୁଛି ମସ୍ତକେ
ଜାଣି ଲୋକେ ହୋନ୍ତି ବଣା;
କପାଇଁ ଲୋଡ଼ନ୍ତି ରଣଭୂମି-ରୂପ
କୃତାନ୍ତ-ରଙ୍ଗ-ଅଗଣା ?
ଅଗ୍ରେ ବାତ୍ୟା ଦେଖି ଜଳେ ଜଳଦସ୍ୟୁ
ଆକ୍ରମେ ବଣିକ-ତରୀ,
ଦିଗ୍‌ବିଜୟ ବ୍ୟାଜେ ସେହିରୂପେ ପର-
ରାଜ୍ୟ ଆକ୍ରମେ ମହାରଥୀ ।
ଦସ୍ୟୁ ବଣିକକୁ ମାରେ ବାତ୍ୟା ଯଥା
ବୁଡ଼ାଇ ଜଳଧି ଜଳେ
କାଳ ସେହିରୂପେ ଜେତା-ବିଜିତଙ୍କୁ
ଧରଇ ନିଜ କବଳେ ।
ଏ ଭବ-ସଂସାରେ ସର୍ବଗ୍ରାସୀ କାଳ-
ବାତ୍ୟା ବହେ ଅବିରତ,
ଏହା ଜାଣି ଲୋକେ କେଉଁ ଲୋଭ ଆଶେ
କଳହ ହୁଅନ୍ତି ରତ ?
ଗଜ କଚ୍ଛପର କଳି ପ୍ରାପ୍ତ ମହା-
ଦମ୍ଭେ କରୁଥାନ୍ତି ଲୀଳା,
ମନେ ନାହିଁ ସନେ କାଳ-ପକ୍ଷିରାଜ
ଉପରୁ ମାରିବ ଶଲା ।

ନାନା ଦୁର୍ନିମିତ୍ତ ନିତି ନିତି ଦେଖି
ମନେ ଲାଗେ ବଡ଼ ଡର,
ଆସ୍ଥାନ-ମଣ୍ଡପେ ଉଡ଼ି ଆସି ଗୃଧ୍ର
ବସୁଛି ଥରକୁ ଥର,
ପ୍ରତି ରାତ୍ରେ କେତେ ଉଲକାପିଣ୍ଡ ନଭୋ-
ମଣ୍ଡଳୁ ପଡ଼ୁଛି ଖସି,
ଆଜ ରାତ୍ରେ ପୁଣି ପେଚକ ରାବିଲା
ଚନ୍ଦ୍ରଶାଳା-ଚୂଳେ ବସି,
ନିଶାନ୍ତେ ନଅରେ ଶୁଭୁଛି ଶବଦ
ଅବଳା-ରୋଦନ ଭଳି,
କାହୁଁ ଆସୁଅଛି ସେ ବିକଳ ଧ୍ୱନି
କେହି ନ ପାରିଲେ କଳି,
ଅଲକ୍ଷଣ ଦେଖି ପୁରବାସୀଙ୍କର
ହୃଦୟ ସଦା ସଭୟ,
ଏତେ ଦିନେ ଅବା ରାଜାଙ୍କର ହେଲା
ପୂର୍ବ ତପୋବଳ କ୍ଷୟ,
ରତ୍ନପୁରପତି— ସଙ୍ଗେ ଅକାରଣେ
କୁକ୍ଷଣେ କଳି ଭିଆଇ
କେ ଜାଣେ କି ଭାଗ୍ୟ ଭଜିଲେ ସମର —
ରଙ୍ଗଭୂମେ ନରସାଇଁ ।
ଭବିତବ୍ୟ ଯାହା ଅବଶ୍ୟ ଘଟିବ,
କିଏ ତା କରିବ ଆନ ?
କିଏ ଅବା ଏହି ଜ୍ୟୋତିଷ୍କ-ଗତି
ରୋଧିବାକୁ ବଳବାନ ?
ସ୍ୱାତି ତାରା ବେନି ତରକୁ ଭୁଲାଇ
ବିରାଜେ ନଭୋମଣ୍ଡଳେ,
ଏହି ଦଣ୍ଡେ ଧାତା ତଉଲନ୍ତି ଅବା
ନରଭାଗ୍ୟ ମହୀତଳେ ।
କାହା ଭାଗ୍ୟ ଗୁରୁ କାହା ଭାଗ୍ୟ ଲଘୁ
ହେବ ଏ କାଳ-ସମରେ
ଅଛି ଏକା ସେହି ବ୍ରହ୍ମାଣ୍ଡ-ଠାକୁର-
ଅନନ୍ତ-ଜ୍ଞାନ-ଗୋଚରେ,

ସେହି ପାଇଁ କିନା ଶ୍ରୀହସ୍ତେ ରଖନ୍ତି
ଅଙ୍କେଷୁ ଅଦୃଷ୍ଟ-କଷ୍ଟ
ଯା ଭେଦ ନ ପାଇ ଭାବ ଭାବ ବଣା
ହୁଅନ୍ତି ଶିବ ବିରିଞ୍ଚି ।"
ଏହିରୂପେ ଭକ୍ତ ଉତ୍ତରାଶା ମୂଳେ
ପୁଣ୍ୟ ଧ୍ରୁବତାରା-ତଳେ
ସହସା କଞ୍ଜୁ ଦେଖା ଜ୍ୟୋତିଃପୁଞ୍ଜ ହେର
ନଭେ ଶିଖା କୁତୂହଳେ,
କ୍ରମେ କ୍ରମେ ଶିଖା ବଢ଼ନ୍ତେ ଜାଣିଲା
ଅନଳ୍ପ ନୂତନ ସେ ଆନ,
ଆନନ୍ଦେ ଗଦ୍ ଗଦ ହୋଇ ବୃଦ୍ଧ କହେ,
"ଧନ୍ୟ ଧନ୍ୟ ଭଗବାନ !"
ସ୍ୱାଗତ ହେ ବହ୍ନି— ଶିଖା ତୋରେ, ତୁ ଯା
ଆଣିଲୁ ଶୁଭ ସନ୍ଦେଶ
ଉତ୍କଳ ମାର୍ଗରେ ଅସୁକ୍ତ କନ୍ଦର
ଗିରି ନଦୀ ବନଦେଶ ।
ଆଦ୍ୟ ଆବିର୍ଭାବ ଅଗ୍ନି ଦେବଙ୍କର
ହୋଇଥିବ ମେଘାସନେ, (୧)
ରଶ୍ମି-ରେଖା ତହୁଁ ଧାଇଁ ଆସିଥିବ
ପଲକେ ଗନ୍ଧମାଦନେ, (୨)
ଦଣ୍ଡଦେବ (୩) ଅଧିଷ୍ଠିତ ସେହି ଶୈଳ
ଶାଳକାଷ୍ଠ କରି ଗଦା
ଅନଳ ଲଗାଇ ହୋଇଥିବ ମତ୍ତ
ସଙ୍ଗୀତେ ଭୂୟାଁ (୪)-ପ୍ରମଦା,
ଜ୍ୱଳିତ ହେବାରୁ ସେହି ଛଳ ଆଦ୍ୟ
ବୈତରଣୀ-ପୂତ ଧରେ
ଉଲ୍ଲାସେ ଜୁଆଙ୍ଗ (୫) ବହ୍ନି ଜାଳିଥିବେ
ଗୋନାସା-ଶୈଳ ଶିଖରେ,

'ଜୟ ଗଙ୍ଗେଶ୍ୱର' ବୋଲି ଯେଣେ ଯେଣେ
ଉଲ୍ଲାସେ ମାଡ଼ି କୁହାଟ
ଗଭିସାଙ୍କ ବସି ଶିଖରେ ଜୁଆଙ୍ଗ
କରୁଥିବେ ଗୁଙ୍ଗନାଟ,
ଖଣ୍ଡାଧାର (୬) ଚଣ୍ଡ— ପ୍ରପାତ-ଶବ୍ଦେ
ଝଙ୍କାରିତ ଗର୍ଭ ଯାର,
ଅଟଇ ସେ ସ୍ଥଳୀ ବୈତରଣୀଙ୍କର
ନିର୍ଜନ ସୂତିକାଗାର,
ସ୍ତରେ ସ୍ତରେ ଶାଳ— ଶୃଙ୍ଗମାନ ନଭେ
ଟେକିଛନ୍ତି ଗିରି ଯହିଁ,
ଯାର ଭୃଙ୍ଗ ତଟେ ବନସ୍ପତି-ପର୍ଣ୍ଣେ
ତାରପୁଞ୍ଜ ସଞ୍ଚରଇ,
ସେହି ସ୍ଥଳୀ ଗୁଡ଼ି ମହାରଣ୍ୟମୟ
ଉପତ୍ୟକା ଲଙ୍ଘି ପଥେ
ମନୋରଥ-ଗତି ଆସିଥିବ ରଶ୍ମି
ମାଲ୍ୟଗିରି-ପର୍ବତେ (୭)
ଶିକୁଳା ଦୁର୍ଗମ ଅଭ୍ରଂକଷ ସେହି
ଶିଖର-ଚୂଳେ ବିହରି
ଜାଳିଥିବେ ଶୁଷ୍କ— ଧନ୍ୱନ୍ତରୀ-ଭୃଣେ
ଅନଳ ଗଣ୍ଡ-ସୁନ୍ଦରୀ, (୮)
ମୁକ୍ତଥିବ ତହିଁ କନ୍ଦରେ କନ୍ଦରେ
ସଘନେ ପ୍ରତିଶବ୍ଦକ
ମର୍ଦ୍ଦଳର ତାଳେ ପଲ୍ଲବ-ମଣ୍ଡନା
ଗଣ୍ଡବାଳା-ହଲ୍ଲୀଶକ
ବାଳଶିଶୁ ପରି କୃଶାନୁ ସ୍ଫୁରିବ
ଏ ଅନ୍ତେ ବାସ ଅଚଳେ (୯)
ପ୍ରକ୍ଷାଳଇ ଚନ୍ଦ୍ର— ବାଳକା ବାହ୍ମଣୀ
ପାଦ ଯାର କଳକଳେ,

(୧) ମୟୂରଭଞ୍ଜର ଉଚ୍ଚତମ ପର୍ବତ । (୨) କେନ୍ଦୁଝରର ଉଚ୍ଚତମ ପର୍ବତ । (୩) କେନ୍ଦୁଝରର ଅଧିଷ୍ଠାତ୍ରୀ ଦେବତା । (୪) ଆରଣ୍ୟ ଆଦିମ ଜାତିବିଶେଷ । (୫) ଆରଣ୍ୟ ଜାତିବିଶେଷ । (୬) କେନ୍ଦୁଝରର ଅନ୍ତର୍ଗତ ଜଳପ୍ରପାତ । (୭) ଲହ୍ମଗିରି ଏବଂ ଓଡ଼ିଶାର ଉଚ୍ଚ ପର୍ବତ । (୮) ଗଣ୍ଡ— ଆଦିମ ଜାତି ବିଶେଷ (୯) ତାଳଚେର ଅନ୍ତର୍ଗତ ପର୍ବତ ।

ହିଙ୍ଗୁଳା (୧) ପୀଠରୁ ଭାସି ଆସିଥିବା
ଅଙ୍ଗାର-ସଙ୍ଗେ ମିଶ୍ରିତ
ଖଦିର ଇନ୍ଧନ— ଜାତ ବୈଶ୍ୱାନରେ
ଗିରି ହେବ ସୁରଞ୍ଜିତ
ରଥାଙ୍ଗ-ଦମ୍ପତି— ମାନସେ କ୍ଷଣିକ
ସୁଖ ଭ୍ରମ ଉପୁଜାଇ
ଅଭ୍ର-ଗର୍ଭ ଗିରି କପିଳାସେ (୨) ରଶ୍ମି
ତହୁଁ ଆସିଥିବ ଧାଇଁ
ସ୍ଫଟିକ-ପାବକ ପଡ଼ିଏ ଯେ ଶୈଳେ
ଶୋଭେ କଳନଦୀ ତୀର,
ରକ୍ତାଶୋକ-କୁଞ୍ଜେ ବନଜନ୍ତୁ ଯାର
ମେଖଳେ ଚନ୍ଦ୍ରଶେଖର, (୩)
ବଂଶୀଟେ ଓଷ୍ଠାଇ କନ୍ୟାଏ ଯହିଁ
ଗାଆନ୍ତି ମନ୍ମଥସ୍ତବ,
ଉତ୍କର୍ଣ୍ଣେ ଶୁଣନ୍ତି ହରିଣୀଏ ମୁଗ୍ଧ
ହୋଇ ସେ ସଙ୍ଗୀତ ରବ,
ଯୋଗିଜନେ ତହିଁ ବହ୍ନି ଜାଳିଥିବେ
ବନଜପୁ-ସଙ୍କେତ ପାଇ,
ତା ଦେଖି ହରିଣେ ଦାବାନଳ ଭ୍ରମେ
ଚୌଦିଗେ ଯିବେ ପଳାଇ,
ତଳେ ମହାରଣ୍ୟେ କୃଷିକ୍ଷେତ୍ର-ମଧ୍ୟେ
କୃଷିରକ୍ଷୀ କୃଷୀବଳ—
ନେତ୍ରେ ଜନ୍ମାଇବ ଚମକ ଚପଳା-
ସନ୍ନିଭ ଜ୍ୟୋତି ଚପଳ,
ଏ ଅନ୍ତେ ଜାଳିବେ ବୃକ୍ଷଖଣ୍ଡପ୍ରଦ
ଅନଳଶିଖା ଉଜ୍ଜ୍ୱଳା,
ଶିର-ଉପବୀତ— ଧାଗ୍ରେ ସପ୍ତଶଯ୍ୟା
ଶିଖର-ଶୃଙ୍ଗେ ତଅଁଳା (୪)

ଉଦ୍ଦୀପ୍ତ-ଇନ୍ଧନ — ଜନ୍ମା ବିସ୍ଫୁ-
ସ୍ଫୁଲିଙ୍ଗ-ମାଳା ଆକାଶେ
ଦେଖି ତୀର ଗୁଡ଼ ଜଳାର୍ଥୀ କରଭେ
ଦୂରେ ପଳାଇବେ ତ୍ରାସେ,
ବନସ୍ପତି-ଡାକେ ସୁଖେ ସୁପ୍ତ-ଗିରି
ନଦୀ-ବିହାର-ବରଟା
ତ୍ରାସେ ଖଣ୍ଡ ତ୍ୟଜି ପଳାଇବେ ଶୁଣି
ନବ ଅନଳ-ଚଟଚଟା ;
ଏ ପରେ ଶରଣ୍ଡା (୫)- ମୂର୍ଦ୍ଧ୍ନେ ପରବର୍ତ୍ତେ
ଉଠିବ ବହ୍ନି-ମୟୂଖ
ଅଂଶୁପା-ସରସେ (୬) ମୁହୂର୍ତ୍ତେ ଉଜ୍ଜଳ
କମଳମା-ମ୍ଳାନ-ମୁଖ,
ମହାନଦୀ-ଖାଲ— ସଲିଳ-ଦର୍ପଣେ
ଉଦନ୍ତେ ହୋଇ ବିମ୍ବିତ
ଦିଶୁଥିବ ରଶ୍ମି ଧୂମକେତୁ-ପୁଚ୍ଛ
ପ୍ରାଏ ଦୀର୍ଘ ପ୍ରସାରିତ,
ତଣ୍ଡି ପଠାରୁଖ ମହିଷିଏ ଦୁରୁ
ଗୁହିଁଥିବେ ଏକଧ୍ୟାନେ,
ଦେହରିଏ ହର୍ଷେ ପକାଇବେ ହୁରି
ଚର୍ଚ୍ଚିକା-ଶୈଳ-ସୋପାନେ, (୭)
ତହୁଁ ବହ୍ନି ସ୍ଫୁରି ଶାଳ-ମହାରଣ୍ୟେ
ଦିଶିବ ମହାପର୍ବତେ (୮)
ଶୋଭିତ ଅଚଳ ଦୀପସ୍ତମ୍ଭ ପ୍ରାଏ
ଖଳ ପାରାବାର-ପଥେ,
ଶବର ଯୁବାଏ ସେ ବହ୍ନିରେ ଦଗ୍ଧ
କରଣ ବନ୍ୟ ଶିକାର
ଶୀତେ ମଦ୍ୟ ସଙ୍ଗେ ସୁଖେ ତପ୍ତ ମାଂସ
କରୁଣ ଥିବେ ଆହାର,

(୧) ହିଙ୍ଗୁଳା ତାଳଚେର ରାଜ୍ୟରେ ପ୍ରତିଷ୍ଠିତ । ଏହାକୁ ଉତ୍କଳର ଜ୍ୱାଳାମୁଖୀ ବୋଲିଯାଇ ପାରେ । (୨) କପିଳାସରେ କୃଷ୍ଣାଭ୍ର ମିଳେ । (୩) କପିଳାସ ପ୍ରତିଷ୍ଠିତ ମହାଦେବ । (୪) । ସପ୍ତଶଯ୍ୟା ପର୍ବତ ଢେଙ୍କାନାଳର ଅନ୍ତର୍ଗତ । ତଅଁଳା—ଅରଣ୍ୟ ଜାତବିଶେଷ । (୫) ବାଙ୍କି ଅନ୍ତର୍ଗତ ମହାନଦୀର ଉତ୍ତରତୀରବର୍ତ୍ତୀ ପର୍ବତ । (୬) ଶରଣ୍ଡା ପର୍ବତର ପାଦଦେଶରେ ଅବସ୍ଥିତ । (୭) ଚର୍ଚ୍ଚିକା ବାଙ୍କିର ରାଜଧାନୀ । ଏଠାରେ କ୍ଷୁଦ୍ର ଶୈଳୋପରି ଚର୍ଚ୍ଚିକା ଦେବୀ ପ୍ରତିଷ୍ଠିତ । (୮) ବାଙ୍କିର ସର୍ବ ପ୍ରଧାନ ପର୍ବତ ।

ହାଟକେଶ୍ୱର (୧)ର ତପ୍ତ ପ୍ରସ୍ରବଣ
ରଖି ବାମେତର ତଟେ
ରଶ୍ମି-ରେଖା ମହା — ଶିରେ ଆସୁଥିବ
ବରୁଣୀଶିଖର-ଶିଖେ, (୨)
ଲତା-ଦୋଳା ଶେଯେ ବନଦେବତାଙ୍କୁ
କେଳି-ଦୀପ ରୂପେ-ଶୋଭି
ତହିଁ ଉଜଳବେ ବଜ୍ରବସୁ ଦେବୀ-
ଅଧିଷ୍ଠିତ-ଶୈଳ-କଟି,
ଦାସ୍ୟୀ ଥରେ ତନୁ— ସ୍ନାନ ଟଙ୍କ ସହିଁ
ନିଦାଘେ ମଧ୍ୟାହ୍ନ-କାଳେ
ମାର୍ତ୍ତଣ୍ଡ ମୟୂଖେ ନୀଳ ମରୀଚିକା-
ସଦା ଖେଳେ ଚକ୍ରବାଳେ,
ଭରତଆ-ରୂପେ ମୃଗର ସେ ଟଙ୍କ
ଭୂମି ଅନ୍ତରୀକ୍ଷ ପଥେ
ଆସିଅଛି ରଶ୍ମି ଶୁଭ୍ରଜଟାଧର
ବିଶ୍ୱନାଥ-ପରବତେ, (୩)
ଚନ୍ଦ୍ରଚୂଡ଼-ବଡ଼ ଶୃଙ୍ଗାର-ରଚନା-
କାଳେ ଯେ ଶୈଳେ ସେବକେ
ଆନନ୍ଦେ ଅନଳ ଜାଳିଲେ ଦେଉଳ-
କାଶୀଠ-ଗିରି-ମସ୍ତକେ,
ପୁନ୍ନାଗ ଖର୍ଜୁର— ନାରିକେଳପୁଞ୍ଜି
ଲଙ୍ଘି ନାନା ଜନପଦ
ଶଙ୍ଖ-କ୍ଷେତ୍ର (୪ ଆସୁ ଅଛି ରଶ୍ମି-ରେଖା
ଏ ବାରତା ସୁଖପ୍ରଦ ।
ଜଳ ଉଠିଲାଣି ବହ୍ନି-ଶିଖା ପୁଣି
ସଘନେ କମ୍ପି ଅନଳେ
ସୁନୀଳ ଚିଲିକା— ତରଙ୍ଗ-ତାଡ଼ିତ
ଭାଗବତୀଙ୍କ ଶଇଳେ । (୫)

ବିଜୟ ସଙ୍କେତ ଏହି ବହ୍ନି ଶିଖା,
ଏଥିରେ ନାହିଁ ସଂଶୟ,
ଖରେ ନରପତି ପରବାସୁଁ ଏବେ
ବାହୁଡ଼ିବେ ନିଜାଳୟ,
ଅଲକ୍ଷଣ ଦେଖି ମହାଭ୍ରାନ୍ତ ଜାତ
ହୋଇଥିଲା ଲୋକମନେ,
ଏହି ରଶ୍ମି ଦୂର— କଲା ସେ ଭ୍ରାନ୍ତିକି
ଶ୍ରୀ-କ୍ଷେତ୍ରେ ଆସି ସୁକ୍ଷଣେ,
ରାଜାଙ୍କ କୁଶଳେ ରାଜ୍ୟର କୁଶଳ
ରାଜା ରାଜ୍ୟ-କର୍ଣ୍ଣଧାର
ରାଜ-ଯନ୍ତ୍ରୀ ବିନୁ ରାଷ୍ଟ୍ର-ଯନ୍ତ୍ର କ୍ଷଣେ
ହୁଅଇଟି ନାରଖାର ।
ନୀଳାଚଳସାଇଁ- ପ୍ରସାଦେ ନରେଶ
ଗଙ୍ଗେଶ୍ୱର ସର୍ବଜୟୀ,
ପଦାନତ ଆଜ ଦେବରାଜଙ୍କର
ସମଗ୍ର ଉତ୍କଳ-ମହୀ,
ଏ ସମ୍ବାଦ ମୁହିଁ ନିବେଦିବ ଯାଇ
ମହାଦେବୀଙ୍କ ଶ୍ରୀମୁଖରେ,
ଦୋଳୋତ୍ସବ ସହ ବିଜୟ ଉତ୍ସବ
ମିଶିବ କାଲି ଏ ପୁରେ ।"
ଏହା କହି ମହା— ଉଲ୍ଲାସେ କଞ୍ଚୁକୀ
ଧୀରେ ଓହ୍ଲାଇଁ ସୋପାନେ
ଦେଖି ଚମକିଲା ଅଶରୀରୀ ନାରୀ
ମୂରତି ପୁର-ଉଦ୍ୟାନେ ।
ଦେଖୁଁ ଦେଖୁଁ ମୂର୍ତ୍ତି ଅନ୍ଧକାରେ ମିଶି
ଗଲା ଉଦ୍ୟାନ-ପ୍ରାଚୀରେ,
ସ୍ୱିନ୍ନ, କଣ୍ଟକିତ ହୋଇ ବୃଦ୍ଧ ଭୟେ
ରମିଲା ସର୍ବ ଶରୀରେ ।

(୧) ଖୋର୍ଦ୍ଧାରୁ ୫ କୋଶ ଦୂରରେ ଅବସ୍ଥିତ ଉଷ୍ଣପ୍ରସ୍ରବଣ । ହାଟକେଶ୍ୱର ମହାଦେବ ଏହିଠାରେ ପ୍ରତିଷ୍ଠିତ । (୨) ବରୁଣୀ ପର୍ବତ ଖୋର୍ଦ୍ଧାନଗରର ନିକଟବର୍ତ୍ତୀ । ଏହି ପର୍ବତର ମେଖଳାରେ ବରୁଣୀଦେବୀ ପ୍ରତିଷ୍ଠିତ । (୩) ଟେଲଙ୍ଗ ନିକଟବର୍ତ୍ତୀ ସ୍ୱନାମପ୍ରସିଦ୍ଧ ପର୍ବତ । ଏହି ପର୍ବତର ଶିଖରଦେଶରେ ବିଶ୍ୱନାଥଙ୍କ ଦେଉଳ ବିରାଜିତ (୪) ଶଙ୍ଖକ୍ଷେତ୍ର—ଶ୍ରୀକ୍ଷେତ୍ର । (୫) ଚିଲିକା ତୀରବର୍ତ୍ତୀ ଗୋଟିଏ ପର୍ବତର ପାଦ ଦେଶରେ ଭାଗବତୀଙ୍କ ଦେଉଳ ଅବସ୍ଥିତ ।

ସୌଧ-ପୃଷ୍ଠୁ ବୃଦ୍ଧ   ସତ୍ୱରେ ଓହ୍ଲାଇ
ରାଣୀଙ୍କ ଭେଟି ନିର୍ଜନେ
ସମ୍ମୁଖେ ପ୍ରଣତ   ହୋଇ ଯୋଡ଼କରେ
କହେ ବିନମ୍ର-ବଚନେ,—
"ହେ ଦେବି ! ଆସିଲା   ନିଶା-ଅନ୍ତେ ରତ୍ନ-
ପୁର ବିଜୟ-ଉଦନ୍ତ
ଏତେକ୍ଷଣେ ତୁମ୍ଭ   ଭାଗ୍ୟେ ସୁପ୍ରସନ୍ନ
ବଡ଼ଦେଉଳ-ସାମନ୍ତ ।
ଉଦୀଚୀ-ବଦନେ   ଝଟିଲ ଯେସନେ ନବ
ସୁବର୍ଣ୍ଣର ଅବତଂସ,
ଶୈଳଶୃଙ୍ଗେ ଜଳି   ସୁବର୍ଣ୍ଣ ରୋହିତ (୧)
ଦୁଃଖ-ତମ କଲେ ଧ୍ୱଂସ ।
ଏକମାତ୍ର ରତ୍ନ—   ପୁର-ପତି ଥିଲେ
ଦେବରାଜାଙ୍କର ଅରି,
ଦେବକୃଷ୍ଟେ ପଡ଼ି   ରାଜପଦେ ଏବେ
ସେବିବେ ସେବକ ପରି
ମାତ୍ର ଦେବି ! ତଳେ   ଓହ୍ଲାଇବା ବେଳେ
ଦେଖିଲି ଯାହା ନୟନେ;
ଅଭୟ ଏ ଦାସେ   ଆଜ୍ଞା ଦେଲେ ତାହା
ନିବେଦିବି ଶ୍ରୀଚରଣେ ।"
ମହାଦେବୀଙ୍କର   ଆଶ୍ୱାସ-ବଚନ
ପାଇ କହଇ ସ୍ଥବିର,—
"ଦେଖିଲି ଯା, ଦେବି !   ଅଦ୍ଭୁତ ସେ କଥା
ସ୍ମରଣେ କମ୍ପେ ଶରୀର ।
ମନ୍ଦର-ଉଦ୍ୟାନେ   ମାଧବୀ-ମଣ୍ଡପେ
ଦେଖିଲି ନାରୀ-ମୂରତି
ଦେଖୁଁ ଦେଖୁଁ ତାହା   ଝଟିତେ ପ୍ରାଚୀରେ
ମିଶିଗଲା ଖରେ ଅତି ।
ତୁମ୍ଭଙ୍କ ଆକାର   ତୁମ୍ଭ-ବେଶଭୂଷା
ସମସ୍ତ ଅଟଇ ଏକା,

ସେ ପ୍ରଫୁଲ୍ଲ ଭାବ   ନାହିଁ ସେ ବଦନେ
କେବଳ ବିଷାଦ- ରେଖା ।
ଦର୍ପଣଫଳକେ   ତୁମ୍ଭ-ପ୍ରତିବିମ୍ବ
ଯେସନେ ଖରସଂଘୃଷା,
ନୟନ-ପଲକେ   ନୟନରୁ ମୋର
ଅଦୃଶ୍ୟ ହେଲା ସେ ନାରୀ ।
ଅତି ଅଦଭୁତ—   ରୂପେ ମୋର ଦୃଷ୍ଟି-
ପଥରୁ ନେଲା ମେଲାଣି,
ଆକାରୁ ଜାଣିଲି   ମହାଦେବି ! ସେହି
ନିଶ୍ଚେ ଅଶରୀରୀ ପ୍ରାଣୀ ।
ଦେହକେ ଏ କଥା   ଦେଖି ନ ଥିଲି ମୁଁ
ନ ଦେଖି କୁହନ୍ତା ପ୍ରତେ,
ପାଶୋର ନ ଯିବ   ମନୁ ସେ ମୂରତି
କି ସ୍ୱପ୍ନେ କିବା ଜାଗ୍ରତେ !
ଏହା କହି ବୃଦ୍ଧ   କରଯୋଡ଼ କରି
ନତ କଲା ପୁଣି ମଥା,
ବିସ୍ମୟେ ମହିଷୀ   ସ୍ତମ୍ଭିତ ହେଲେ
ଶୁଣି ଏ ଅଦ୍ଭୁତ କଥା !
ମନରେ ପାଞ୍ଚିଲେ   ରଜନୀରେ ହେବ
ଏ ଗୂଢ଼ ରହସ୍ୟ-ଭେଦ
କାହାରିକି କିଛି   କହିବାକୁ ଦେବୀ
ବୃଦ୍ଧକୁ କଲେ ନିଷେଧ ।
ରାଣୀଙ୍କ ଆଦେଶେ   ବିଜୟ-ବାରତା
ନଗରେ ହେଲା ପ୍ରଚାର ;
ନଗରବାସୀଙ୍କ   ଉଲ୍ଲାସ-ଚହଳେ
କମ୍ପିଗଲା ରାଜଦ୍ୱାର ।
ଗଙ୍ଗେଶ୍ୱର-ସୁତ—   ବନ୍ଦନା ତୋରଣେ
ଉଲ୍ଲାସେ ଗାଇଲେ ଭାଟେ,
କମ୍ବୁଦନ୍ତୀ ତାହା   ପ୍ରଚରିଲା ପୁରର
ଦେବାଳୟେ, ପଥେ, ଘାଟେ ।

(୧) ସୁବର୍ଣ୍ଣ-ରୋହିତ—ଅଗ୍ନି ।

ଝୁହ୍ମଁ ଝୁହ୍ମଁ ହେଲା ରଙ୍ଗଧ୍ୱଜ ବନେ
ଘରଣତ ମାଲ ନଭଃ,
ଚୌଦିଗେ ଶୁଭିଲା ଲୋକ କୋଳାହଳେ
'ଜୟ ଗଙ୍ଗେଶ୍ୱର' ରବ,
ଫଗୁଖେଳେ ମାତ 'ଜୟ ଗଙ୍ଗେଶ୍ୱର'
ଉଚ୍ଚାରି ହର୍ଷେ ଯୁବକେ
ସଘନେ ପିଙ୍ଗିଲେ ଫଗୁ ନାଗରୀଙ୍କ
ଅମଳ ଗଣ୍ଡ ଫଳକେ ।
ଗାଇଲେ ମଧୁରେ 'ଗଙ୍ଗେଶ୍ୱର ଜୟ'
ମାହାରୀ ଦେବ-ବଲ୍ଲଭା,
ସାଗର-ସମୀର ରଙ୍ଗେ ଦୋଳାଇଲା
ମସ୍ତକେ କୁସୁମ ଗନ୍ଧ ।
ସୁମଧୁର ଛନ୍ଦ— ସ୍ଫୁଟ ମିଷ୍ଟ ସ୍ୱରେ
ଅଧଃକୃତ କରି ସାତ
'ଜୟ ଗଙ୍ଗେଶ୍ୱର' ବୋଲି ସାହିଦାଣ୍ଡେ
ଶିଶୁଏ ବୁଲନ୍ତି ନାଚ ।
ଅଶ୍ୱତ୍ଥ-ଓହଳ ପଗଏ ଜଟିଳ
ପୂର୍ତ୍ତି-ଛତ୍ରତଳବାସୀ
'ଜୟ ଗଙ୍ଗେଶ୍ୱର' ଏକତନ୍ତ୍ରୀ ତାନେ
ଗାଇଲେ ବୃଦ୍ଧସନ୍ନ୍ୟାସୀ ।
'ଜୟ ଗଙ୍ଗେଶ୍ୱର' ବୋଲି ଦାଣ୍ଡେପଣ୍ଡା
ଯାତ୍ରୀ ଆଗେ ଆଗେ ଚଲେ,
ତା ଶୁଣି ଯାତ୍ରୀଏ ସମସ୍ୱରେ ଯୋଗ
ଦିଅନ୍ତି ସେହି ଚହଳେ ।
ଭଗବନେ ମଲ୍ଲ— ଗାଳେ ମଲ୍ଲମାନେ
ମତ୍ତ ହୋଇ ଉଙ୍ଗୋଦକେ
'ଜୟ ଗଙ୍ଗେଶ୍ୱର' ବୋଲି ମାଲଖମ୍ବ
କମ୍ପାନ୍ତି ବାହୁ-ସ୍ଫୋଟକେ ।
'ଜୟ ଗଙ୍ଗେଶ୍ୱର' ବୋଲି ସ୍ୱର୍ଗଦ୍ୱାରେ
ଯାତ୍ରୀଏ କରନ୍ତି ଗୋଳ,
ନାଚ ନାଚ ତର୍ଜ୍ଜି ଯୋଗ ଦିଏ ଆସି
ଫେନଳ-ସିନ୍ଧୁ-କଲ୍ଲୋଳ ।
ଟିପାକାଠି ପୃଷ୍ଠେ (୧) ତରଙ୍ଗେ ନୋଳିଆ
ଗାଏ 'ଜୟ ଗଙ୍ଗେଶ୍ୱର',
ଜାଲ ବୁଣୁଁ ବୁଣୁଁ କରୁଁ ନୋଳିଆଣୀ
ଦିଅନ୍ତି ହର୍ଷେ ଉତ୍ତର ।
ଇନ୍ଦ୍ରଦ୍ୟୁମ୍ନ-ତୀରେ ହ ତେ ଲଆ ଧରି
ଡାକଇ କୌତୁକୀ ହୋଇ
କମଠକୁ ଯାତ୍ରୀ ନ ଆସିଲେ ତର୍ଜ୍ଜି
ଦିଏ ଗଙ୍ଗେଶ୍ୱର ଦୋହି ।
ବାଲୁକା-ପ୍ରାନ୍ତରେ ଗୋରୁ ଜଗି ଗୋପ-
ଶିଶୁ ଗାଏ ଗ୍ରାମ୍ୟ ତାନେ
ଗଙ୍ଗେଶ୍ୱର-ଗାଥା ଦୋହଲି ଦୋହଲି
ଭୂମି ଲମ୍ବୀ-ବରତ୍ତାନେ ।
ଏରୂପେ ବିଜୟ ଉଦ୍‌ଘୋଷିତ ହେଲା
କିବା ଜଳେ, କିବା ସ୍ଥଳ,
ଉତ୍ସବ ଉପରେ ଉତ୍ସବ ଅପର
ଲାଗିଗଲା ନୀଳାଚଳେ ।
ଅଭ୍ୟୁଦୟ-ସଙ୍କେତ ଜାଳିବା ଆଗରୁ
ମେଘାସନ ପରବତେ,
ପେଶିଥିଲେ ଅଶ୍ୱ — ଆନେ ଗଙ୍ଗେଶ୍ୱର
ପ୍ରଣିଧି ମାଗଧ-ପଥେ,
ପ୍ରଦୋଷେ ସେ ଦୂତ ପ୍ରବେଶି ନଗରେ
ବିନୟେ ନୁଆଇଁ ମଥା
ନିବେଦିଲା ମନ୍ତ୍ରୀ— ଦେଶୀ ପଦେ ରହ-
ସ୍ୱରର ଜୟ-ବାରତା ।
କହିଲା ପ୍ରଣିଧି, "ରହସ୍ୱର ଦେବ !
ହୋଇଅଛୁ ଭୂମିସାତ,
ଏତେ କାଳେ କଲେ ମନୋରଥ ପୂର୍ଣ୍ଣ
ପ୍ରଭୁ ନୀଳାଚଳନାଥ,

(୧) ଟିପାକାଠି—କାଷ୍ଠଦଣ୍ଡବିଶେଷ । ନୋଳିଆମାନେ ତାହା ଉପରେ ବସି ଅବଲୀଳା-କ୍ରମେ ତରଙ୍ଗମୟ ସମୁଦ୍ରରେ ବିଚରଣ କରନ୍ତି ।

ବୃଦ୍ଧ ରତ୍ନପୁର— ପତି ହେଲ ମହା
ରାଜାଙ୍କ ହସ୍ତେ ନିଧନ,
ରତ୍ନପୁର-କେମା ଅନ୍ନପୂର୍ଣ୍ଣା ଏବେ
ସେବିବେ ଦେବୀ-ଚରଣ,
ପୂର୍ଣ୍ଣିମାସୀ ଦିନେ ବୀର ଗଙ୍ଗେଶ୍ୱର
ବିଜେ କରିବେ ଭବନେ,
ଉତ୍କଳ ଯାବତ ସାମନ୍ତ ଭୂପାଳ
ଆସିବେ ନୃପ ଗହଣେ ।”
ଶୁଣି ରାଣୀ ରାଜ— ଆଗମନ ପାଇଁ
ଯଥାଯୋଗ୍ୟ ଆୟୋଜନ
କରିବାକୁ ଭୃତ୍ୟ— ଦଳେ ଆଜ୍ଞା ଦେଇ
ଭଜିଲେ ପୁର ନିର୍ଜନ,
ଢଳିଲେ ଅବନୀ— ଶୟନେ ନିଜ୍ଜିଲେ
ନିଜ ତନୁ ସୁକୋମଳ,
ବିଷାଦେ କମଳ— ନୟନଯୁଗଳୁଁ
ଝରିଲା ଲୋତକ ଜଳ ।
‘ଆହା ରେ କୌଶଲ୍ୟା’ କହିଲେ ସୁନ୍ଦରୀ
“‘ଏହା କି ଥିଲା ତୋ ମନେ ?
ନିଜ ମୁଖେ କାଳି ଦେଇ ସେହି କାଳି
ଦେଲୁ ମୋହର ବଦନେ !
ଉତ୍କଳ-ଆକାଶେ ଅମଳ ଶଶାଙ୍କ
ଗଙ୍ଗେଶ୍ୱର ନରସାଇଁ,
ସୁତା ହୋଇ ତାଙ୍କ ଉଜ୍ଜ୍ୱଳ-ଶ୍ରୀମୁଖେ
କଳଙ୍କ ଦେଲୁ ଲଗାଇ !
ଏଡ଼େ ରାଜକୁଳେ ଜନ୍ମ ଲଭି ତୁହି
ହେଲୁ ପୁଣି କଳଙ୍କିନୀ,
ମହିଳା-ମଣ୍ଡଳ କର୍ଣ୍ଣେ ହାତ ଦେଲେ
ତୋର ଏ ଅନୀତି ଶୁଣି ।
ଫୁଟି ଆସୁଥିବା ରଙ୍ଗପଦ୍ମ ପ୍ରାୟେ
ସୁନ୍ଦର ତୋର ବଦନ,
ହୋଇ ଦେଉଥିଲା ଦେଖିଲା ଜନର
ନୟନେ ଅମୃତାଞ୍ଜନ,
ଯେ ଅମଳ କାନ୍ତି ପାପି-ପାପ-ମନୁ
ପାପ ଦେଉଥିଲା ତଡ଼ି,
ଖର ସୌରକରେ ଶୁଷ୍କ ହୋଇ ସେହେ୍ନ
ପଙ୍କ ପଡ଼େ ତଳେ ଝଡ଼ି ।
କ୍ଷମାଏ କହନ୍ତୁ ସୌନ୍ଦର୍ଯ୍ୟ-ସୃଜନ
ହୋଇନାହିଁ ପାପ ପାଇଁ,
ସତ୍ୟ ମଣିଥିଲି ମାଆ ଲୋ, ତୋହର
ସରୋଜ-ମୁହଁକୁ ଚାହିଁ ।
ବିଶ୍ୱଜନ-ମନ— ପ୍ରହ୍ଲାଦନ ତୋର
ସୁରୁଚି ଚନ୍ଦ୍ର-ବଦନ
ବିନୟ, କରୁଣା, ଲଜ୍ଜାଦିର ଥିଲା
ଅମଳ ହେମ-ଦର୍ପଣ ।
କି କୁହକେ ପଡ଼ି ଅପଥେ ନିହାଲୁ
ପାଦ ଧର୍ମପଥ ଛାଡ଼ି ?
ବୁଡ଼ାଇଲୁ କୁଳ କଳଙ୍କ-ସାଗରେ
ନିଜେ ସେ କଳଙ୍କେ ବୁଡ଼ି ।
କିଏ ଜାଣିଥିଲା କର୍ମେ ମା’ ଲୋ, ତୋର
ବିଧି ହେବ ଏଡ଼େ ବାମ ?
କିଏ ଜାଣିଥିଲା, ସେ ରୂପର ହେବ
ଏ ଦାରୁଣ ପରିଣାମ ?
କେଉଁ ମହାପାପୀ ନାରକୀ ତୋର, ମା’,
କଲା ଏ ଘୋର ଦୁର୍ଗତି ?
ଏ ଘୋର ଅନୀତି କେମନ୍ତେ ସହିଲେ
ବିଶ୍ୱଧାତ୍ରୀ ବସୁମତୀ ?
ତିନି ଦିନ ପରେ ନୃପ-ଚୂଡ଼ାମଣି
ବିଜେ କରିବେ ଏ ପୁରେ,
ଦେଖାଇବି କିପ୍ପ ଦଗ୍ଧ-ମୁଖ, ମାଗୋ,
କେମନ୍ତେ ନୃପ-ସମ୍ମୁଖେ ?
ଏ କି କଥା ! ପୁଣି କହିଲା କଞ୍ଚୁକୀ
ଖାଲି ପାଉନାହିଁ କୂଳ,
ବିଷମ ସଂଶୟେ ପଡ଼ି ମନ ମୋର
ହେଉଛି ସଦା ଆକୁଳ,

ଜେମାର ସ୍ୱରୂପ ଦେଖିଲା ପ୍ରହରୀ
କହୁଛି ନିଜ ନୟନେ,
ସତ କି ମିଛ ତା ରହେ ଆଜ ଜଗି
ଦେଖିବ ବସି ନିର୍ଜନେ ।
ଶୁଣିଲା ବେଳରୁ ଘାଣ୍ଟି ହେଉଅଛି
ହିଆ ମୋର ଅନ୍ତରତେ,
ଏ ଅଦ୍ଭୁତ କଥା ନିଜେ ନ ଦେଖିଲେ
କେମନ୍ତେ ବା ହେବ ପ୍ରତେ ?"
ଏହିରୂପେ ରାଣୀ ଭାଳୁ ଭାଳୁ ଦିନ
ହୋଇଗଲା ଅବସାନ,
ଉଠିଲା ଦେଉଳେ ସନ୍ଧ୍ୟା-ଆଳତିର
ଶଙ୍ଖ-ଘଣ୍ଟା-ବାଦ୍ୟତାନ,
ସନ୍ଧ୍ୟା ଜାଣି ରାଣୀ ସନ୍ଧ୍ୟାକୃତ୍ୟ ସାରି
ଆଦେଶ ଦେଲେ ବନ୍ଦନ
ରାଜ-ବନ୍ଦାପନା — ପାଇଁ ଯଥାବିଧି
କରିବାକୁ ଆୟୋଜନ,
ଅର୍ଦ୍ଧରାତ୍ର ଯାଏ ବଧିରେ ନଅରେ
ହେଲା ଦୋଳ ମହୋତ୍ସବ,
ନିବରିଲା ତହୁଁ କ୍ରମେ କ୍ରମେ ପୁର-
ମାର୍ଗେ ଲୋକ-କଳରବ,
ବିରାମଦାୟିନୀ ନିଦ୍ରାଦେବୀ-କୋଳେ
ବିରାମ ଲଭିଲେ ପ୍ରାଣୀ,
ଅମ୍ବୁର ଜୀବନ — ଊର୍ମିମାଳାକୁଳ ।
ସ୍ତବ୍ଧ ହେଲା ରାଜଧାନୀ,
ନିସ୍ତବ୍ଧ, ନୀରବ, ଜୀବଶୂନ୍ୟ ପ୍ରାଏ
ହୋଇଗଲା ଧରାତଳ,
କେବଳ ଶୁଭିଲା ଦୂରେ ସୁଗମ୍ଭୀର
ଅମ୍ବୁରାଶି-କୋଳାହଳ ।
ମଧୁର ସ୍ୱପ୍ନ ତ— ସୁଖ ନିଶୀଥିନୀ
ସର୍ବ ଜୀବେ ଦେଲେ ଆଣି,
ଏ ସୁଖରୁ ଏକା ବଞ୍ଚିତ ସିନା ରେ
ଚିନ୍ତାକୁଳା ରାଜରାଣୀ ।

ନିଦ୍ରା ଭଜିବାରୁ ପକ୍ଷୀଏ, ନୀରବେ
ବାହାର ପୁଷ୍ପ ବଟିକା
ମକର-ଉଦ୍ୟାନେ ବୃକ୍ଷବାଟିକାରେ
ବସିଲେ ଯାଇ ଏକାକୀ ;
ଗୋଟିଏ ପଲ୍ଲବ ହଲୁ ନାହିଁ ଡାଳେ
ନିଶ୍ଚଳ ପାଦପ ପନ୍ତି,
ଊର୍ଦ୍ଧ୍ୱ-ବାହୁ-ଧ୍ୟାନେ ମଗ୍ନ ଯତି ଯଥା
ଉଭାହୋଇ ବସନ୍ତି ।
ନିରନ୍ତର ସେହି ଝିଲ୍ଲି-ରବ ବିନୁ
ଆଉ କିଛି ଶୁଭୁ ନାହିଁ,
କେବେ ଅବା ସ୍ୱପ୍ନେ ଝାଉଁଅଛି ଡେଣା
ବିହଙ୍ଗ ସ୍ୱନୀଡ଼ଶାୟୀ ।
ଜ୍ୟୋତିର୍ମୟ-ବପୁ ଜକ ଜକ ହୋଇ
ଊର୍ଦ୍ଧ୍ୱେ ଜଳୁଛନ୍ତି ତାରା,
ସାଧୁ-ଆତ୍ମା ଅବା ଅନନ୍ତେ ବିହରେ
ମର୍ତ୍ତ୍ୟେ ତେଜି ଦେହ-କାରା !
ଅର୍ଦ୍ଧ ଯାମ କାଳ ବସିଲା ଉତ୍ତାରୁ
ଅସ୍ଫୁଟ ରୋଦନ-ସ୍ୱନ,
ଶୁଣି ରାଣୀ ସେହି ଧ୍ୱନି ଲକ୍ଷ୍ୟ କରି
ଡେରିଲେ ତହିଁ ଶ୍ରବଣ,
ନିତାନ୍ତ କରୁଣ ସେହି ଧ୍ୱନି ଶୁଣି
ପାଷାଣ ଯିବ ତରଳି,
କିଏ କାନ୍ଦୁଅଛି ସେ ବିକଳ-ସ୍ୱରେ
ନ ପାରିଲେ ଦେଖି କଳି,
କିଛିକ୍ଷଣ ପରେ ଚକିତେ ସ୍ତମ୍ଭିତେ
ଦେଖିଲେ ରାଣୀ-ପାର୍ବତୀ,
ମାଧବୀ-ମଣ୍ଡପେ ଉଭା ହୋଇଅଛି
ଅସ୍ପଷ୍ଟ-ନାରୀ-ମୂରତି ।
ଅବିକଳ ଜେମା- ପରି ଦିଶୁଅଛି
ରୂପ ବେଶଭୂଷା ଆଦି,
ମାଡି ପକାଇଛି ମୁଖ-ଚନ୍ଦ୍ରମାକୁ
ବିଷାଦ-ମେଘ ଆଚ୍ଛାଦି,

କୁହୁଡ଼ରେ ବୁଡ଼ି ଦିଶନ୍ତି ପ୍ରତ୍ୟୂଷେ
ଯେସନ ଆକୃତି ମାନ,
ସେହିପରି ବାମା— ପାଣ୍ଡୁ ଦେହ ଛବି
ମଣ୍ଡପେ ଦିଶଇ ମ୍ଳାନ,
ସ୍ଥୂଳ ଦେହେ ସଦା ଅସୁଲଭ ସେହି
ପାଣ୍ଡୁର ଛବି ବାମାର,
ସେଥିପରେ ପୁଣି ଚନ୍ଦ୍ରାଲୋକ ପଡ଼ି
ଦିଶଇ ପାରଦାକାର ।
ଦେଖି ଦେବୀଙ୍କର ଭୟେ ହୋଇଗଲା
ପାଣ୍ଡୁବର୍ଣ୍ଣ ଗଣ୍ଡସ୍ଥଳ,
ରୋମମୂଳମାନ ଟାଙ୍କୁର ଉଠିଲା,
ସର୍ବାଙ୍ଗେ ବହିଲା ଝାଳ,
ସ୍ତମ୍ଭୀଭୂତ ହୋଇ ବହୁକ୍ଷଣ ଦେବୀ
ରହିଲେ ମହାବିସ୍ମୟେ,
ମୂର୍ତ୍ତି-ଅଭିମୁଖେ ହେଲେ ଅଗ୍ରସର
ସାହସ ବାନ୍ଧି ହୃଦୟେ ।
ପୁଚ୍ଛିଲେ ମହିଷୀ, "କହ ତୁ କିଏ ସେ,
କିମ୍ପାଇ ଭ୍ରମୁ ଏ ପୁରେ
ଏ ବିକଳ-ବେଶେ ? କେଉଁ ଦୁଃଖେ ପୁଣି
ଝୁରୁଛୁ ଏଡ଼େ ଆତୁରେ ?
ମର୍ତ୍ତ୍ୟବାସୀଙ୍କର ଲକ୍ଷଣ ତୋହର
କିଛି ହେଁ ତ ଦିଶୁନାହିଁ,
କେଉଁ ଯୋନି ତୁହି, କି ଆଶ୍ରୟେ ମର୍ତ୍ତ୍ୟେ
ଭ୍ରମୁ, ତା କହ ପିଟାଇ ;
ଏ ବଡ଼ ଅଦ୍ଭୁତ ଲାଗଇ ମନକୁ
ନିଜ ରୂପ ପରିହରି
ମର୍ତ୍ତ୍ୟ-ଲୋକେ ତୁହି ବିହରୁ କି ଲାଗି
କୌଶଲ୍ୟାର ରୂପ ଧରି ?
ସଂଶୟ-ଦୋଳାରେ ପଡ଼ି ଚିତ୍ତ ମୋର
ହେଉଅଛି ଆନ୍ଦୋଳିତ
ସ୍ତ୍ରୀର ନାରୀ ହୋଇ କେମନ୍ତେ ବୁଝିବି
ଏ ତୋର ଗୂଢ଼ ଚରିତ !

ଏ କି ମାୟା ତୋର ? କପାଁ ଏ ରଜନୀ
କରୁ ବିଭୀଷିକାମୟୀ ?
ଏତେ ସ୍ଥଳୀ ଥାଉଁ ରାଜପୁରେ ପୁଣି
ଆସୁ କେଉଁ ଆଶା ବହି ?
ରାଣୀଙ୍କ ବଚନ ଶୁଣି ଛାୟାମୟୀ
ଖେଦେ ଗ୍ରହି ଦୀର୍ଘଶ୍ବାସ
କରତଳେ ଥରେ ଲଲାଟ ପରଶି
କହେ ଗଦଗଦ ଭାଷ,
'ଦୁଃଖିନୀ କୌଶଲ୍ୟା, ଜନନି ଲୋ, ତୋର
ଅଛି କି ଆଉ ଜୀବନେ ?
ସ୍ନେହବଶେ ମାତା, ଏ ଦୁରାଶା ବୃଥା
ପୋଷୁ ତୁହି କି କାରଣେ ?
ସ୍ନେହରେ ପାଳିତା ତନୟା ତୋହର
ନାହିଁ ଏ ମର୍ତ୍ତ୍ୟ ସଂସାରେ
ଆରେଁ ଭ୍ରମୁଅଛି ଅଭାଗିନୀ ଏବେ
ଭବ-ଯବନିକା ପାରେ !
ବର୍ଷେକାଳ ଡାକି ଡାକି, ମାତା, ତୋତେ
ହେଲଣି ମୂର୍ଚ୍ଛି ଅସ୍ଥିର,
ଅଭାଗିନୀ ସୁତା— ଦୁଃଖେ ମାତା ହୋଇ
ହେଲୁ କି ତୁହି ବଧିର ?
ସେ ଘୋର ବିପାକ କହିବାକୁ ତୋତେ
ନିତ୍ୟ ଆସୁଅଛି ମହୀ,
କେମନ୍ତେ ଶୁଣିବୁ ସେ କଥା ମାଆ ଲୋ !
ରକ୍ତ-ମାଂସ-ଦେହ ବହି ?
ଏକାକୀ ବୁଡ଼ଇ ତରଣୀ ଯେସନେ
ଜଳଧି ନୀଳ-ତରଙ୍ଗେ,
ଫେନଚୂଡ଼ ତୁଙ୍ଗ— ତରଙ୍ଗ ତୌଣ୍ଡବେ
ନାଚୁଥାନ୍ତି ସ୍ବ ର ରଙ୍ଗେ,
ଊର୍ମି-ଅଟ୍ଟହାସ ବୁଡ଼ାଇ ଦିଅଇ
ତରଣୀ-କରୁଣ-ଧ୍ବନି,
ଶୂନ୍ୟକୁ ଅନାଇ ନିଜ ଦୁଃଖ ଗାଇ
ଆକୁଳେ ବୁଡ଼େ ତରଣୀ,

ସେହି ଦଶା ମାତା,  ଭୁଞ୍ଜିଲୁ ତୋ ସୁତା
ଭବେ ଅଳ୍ପଦିନ ଥାଇ,
ଦୁଃଖିମାର ଘୋର  ଦାରୁଣ କଷଣ
କେହି ତ ଜାଣିଲେ ନାହିଁ ;
ଧିକ ସେ ସଂସାର !  ପ୍ରବଳର ପାଇଁ
ସବୁ କଥାରେ ସୁଯୋଗ,
ଦୁର୍ବଳର ପାଇଁ  ଲଲାଟ-ଲେଖନ
ସାରବେ ଲାଞ୍ଛନା-ଭୋଗ !
ଲୋକେ ଯେ ବୋଲନ୍ତି  ଜନମ ଲଭଇ
ରାଜକୁଳେ ଭାଗ୍ୟବାନ,
ଧିକ ମୋ ଜନମ,  ଧିକ ରାଜକୁଳ,
ଧିକ ସେ ଲୋକ-ସମ୍ମାନ !
ରାଜକୁଳେ ଜନ୍ମି  କୌଶଲ୍ୟାର ଭାଗ୍ୟେ
ଫଳିଲା ଯେଉଁ କଲ୍‌ବଷ,
ନର କେଉଁ ଛାର,  ସେ ଦୁଃଖ ଶୁଣିଲେ
ତରଳିଯିବ କୁଳିଶ ।
ରାଜାଙ୍କ ଆଦେଶେ  ମନ୍ଦା ହର୍ଷଭରେ
ଯାଉଥିଲି ଯୁଦ୍ଧସ୍ଥଳେ,
ପିତୃସେବା, ରାଜ—  ସେବାରେ ମୋହର
ଦିନ ଯାଉଥିଲା ଭଲେ,
ରାଜାଙ୍କ ସକାଶେ  ଗୁନ୍ଥି ଦେଉଥିଲି
ସୁରଭ-କୁସୁମ-ହାର,
ରାଜାଙ୍କ ଶ୍ରବଣ  ତୋଷୁଥିଲା ମୋର
ମଧୁର ବୀଣାଝଙ୍କାର,
ରାଜାଦେଶେ ମୁହିଁ  ବୋଲୁଥିଲି ଯେବେ
ସୁସ୍ୱରେ ଗୀତ ଲହରୀ;
ନିସ୍ତଳେ ସେ ଗୀତ  ଶୁଣୁଥିଲେ ଲୋକେ
କାଷ୍ଠ-ପୁତ୍ତଳିକା ପରି ।
ଦିନାନ୍ତେ ରାଜାଙ୍କ  ସିଂହାସନ ପାଶେ
ବସୁଥିଲି ସଭାତଳେ

ଦିନର ଯାବତ  ସମର-ବାରତା
ଶୁଣୁଥିଲି କୁତୂହଳେ,
ଅଗ୍ରେ ବୀରାସନେ  ବସିଥାନ୍ତି ଯେତେ
ସାମନ୍ତ ରାଜ-ଯୁବକ,
ଭୂତଳେ ଲମ୍ବିତ  ଶୋଭୁଥାଇ କୃଶ—
କଟିତଟେ କୌକ୍ଷେୟକ, (୧)
ଦିନେ ସଭାତଳେ  ବୀରଙ୍କୁ ସମ୍ବୋଧି
କହିଲେ ଉଚ୍ଚେ ରାଜନ,
"ଶୁଣ ରାଜ-ବୀରେ,  ଅବହିତ ଚିତ୍ତେ
ଗଙ୍ଗେଶ୍ୱରର ଏ ପଣ,
ଲୋକାଖ୍ୟାତ ଯାର  ରୂପ-ଗୁଣ-କଥା
ଶୁଣିଥିଲ ଲୋକମୁଖେ,
ସେହି ବାଳାମଣି  କୌଶଲ୍ୟା ମୋହର
ବସିଛି ତୁମ୍ଭ ସମ୍ମୁଖେ,
ଜନଶ୍ରୁତି ଯାହା  କହିଥିଲା, ତାହା
ଦେଖିଲ ନେତ୍ରେ ଏଥର,
ନେତ୍ରେ ଦେଖି ଏବେ  ନିଃସ୍ପୃହ ଘୁଞ୍ଚିଯିବ
ବିବାଦ ଚକ୍ଷୁ-କର୍ଣ୍ଣର,
କଳ୍ପନା-ଜଳ୍ପନା—  ମାତ୍ର ସିନା ସେହି
ତ୍ରିଦଶବାସୀ ଅପ୍‌ସରା,
ଚମ୍ପକ-ବରଣୀ  କୌଶଲ୍ୟା ମୋହର
ଧରଣୀର ଚମ୍ପାଝରା,
ବୀରେ ସେ ଜାଣନ୍ତି  ସୌନ୍ଦର୍ଯ୍ୟର ପୂଜା
ସୌନ୍ଦର୍ଯ୍ୟର ଯେଉଁ ମୂଲ,
ସୁନ୍ଦରୀଏ ତେଣୁ  ନରରେ ହୁଅନ୍ତି
ବୀର ପ୍ରତି ଅନୁକୂଳ,
ବିଳାସ-କୁଶଳ—  ଯୁବକର ଗୃହ
କରନ୍ତି ଅସାର ଜାଣି
ମନାସନ୍ତି ସିନା  ସୁନ୍ଦରୀ ଶିଞ୍ଜିନୀ-
କର୍ଷଣ-କର୍କଶ-ପାଣି,

(୧) କୌକ୍ଷେୟକ—ତଲବାର ।

ତେଜସ୍ୱୀର କରେ କର ଛନ୍ଦିବାକୁ
ପ୍ରୟାସୀ ସଦା ସୁନ୍ଦରୀ,
ନୋହିଲେ କି ଫୁଲ— ରାଣୀ କମଳିନୀ
ରବିଙ୍କି ଥାଆନ୍ତା ବରି ?
ନୋହିଲେ କି ଯାର ରୂପଛଟା କରେ
ହେମମୟ ହରିଦ୍‌ବଳୟ,
ଚପଳା ରୂପସୀ କରିଥାନ୍ତେ କେବେ
ବଜ୍ରର ଅଙ୍କ ଆଶ୍ରୟ ?
କାର୍ଯ୍ୟସ୍ଥଳେ ବାକ୍ୟ — ଯାରୁଁ କାର୍ଯ୍ୟଭାର
ବାନ୍ଧି ନେଇ ନିଜ ନେତ୍ରେ
ସ୍ୱୟମ୍ବର ହେବା — ପାଇଁ କ୍ଷତ୍ରକନ୍ୟା
ଆସିଅଛି ରଣ-କ୍ଷେତ୍ରେ ;
ଏ କନ୍ୟାକୁ ଅଙ୍କ— ଲକ୍ଷ୍ମୀ କରିବାର
ଅଭିଳାଷ ଥିଲେ ମନେ,
ଦେଖାଅ ବିକ୍ରମ ଅରି ସଙ୍ଗେ ରଣ-
ରଙ୍ଗେ ଯୁଝି ପ୍ରାଣପଣେ,
ଏହି ଦୁର୍ଗ-ଶିରେ ପତାକା ପୋତିବ
ଶତ୍ରୁକୁ ଯେ ଯୁବା ଜିଣି,
କ୍ଷତ୍ରାକାଶେ ସେହି ଶଶାଙ୍କର ଅଙ୍କ-
ଲକ୍ଷ୍ମୀ ହେବେ ଏ ରୋହିଣୀ ।”
ଏଇ କଥା ଶୁଣି ମସ୍ତକ ନୁଆଁଇ
ସର୍ବ ଯୁବା ଏକକାଳେ,
କର ପକାଇଲେ ସଦର୍ପେ ଯେ ଯାହା
କଟି-ଲମ୍ବି-କରବାଳେ,
ଏ ଉକ୍ତିରେ ମୁଖ ହୋଇଗଲା ମୋର
ପାଟଳ ଲାଜ-ସିନ୍ଦୂରେ,
ଜାଣିଲି କି ଲାଗି ନେଇ ଯାଇଥିଲେ
ରାଜା ମୋତେ ରଣସ୍ଥଳେ
ସନ୍ତତ ମୋ ସୁଖ — ସନ୍ତୋଷ-ବିଧାନେ
ରାଜାଙ୍କୁ ଦେଖି ପ୍ରୟାସୀ,
ଶିବିରର ଅଧି— ଦେବୀ ପ୍ରାୟେ ମୋତେ
ପୂଜିଲେ ଶିବିରବାସୀ ।

ରାଜାଙ୍କର ଗାଢ଼— ସ୍ନେହକୁ ମଣିଲି
ପୂର୍ବ ତପସ୍ୟାର ଫଳ,
କିଏ ଜାଣିଥିଲି ମିଶିଥିଲା ସେହି
ସ୍ନେହ-ରସେ ହଳାହଳ ?
ସବୁକାଳେ ଲୋକେ କୀର୍ତ୍ତନ କରନ୍ତି
ଅପତ୍ୟ ସ୍ନେହର ଗୁଣ,
କିଏ ଜାଣିଥିଲା ଘୃଣାରୁ ଏ ସ୍ନେହ
ସହସ୍ର ଗୁଣେ ଦାରୁଣ ?
ବେଶଭୂଷା ପାଇଁ ନାନା ଦ୍ରବ୍ୟ ରାଜା
ଦେଉଥିଲେ ମୋତେ ଆଣି,
ଅନୁକ୍ଷଣେ ମୋତେ ତୋଷୁଥିଲେ ମୋର
ସୁନ୍ଦରପଣ ବଖାଣି,
ସସ୍ମିତେ ପୁଚ୍ଛିଲେ ଦିନେ ନୃପ ମୋତେ
“କହିବୁଟି କେମାମଣି,
ଲାବଣ୍ୟପ୍ରତିମା ଗ୍ରହଣ କରିବା
ଅନ୍ୟପକ୍ଷେ ତା କି ମଣି ?”
ମୁଁ କହିଲି, “ତହିଁ କେଉଁ ଦୋଷ ?” ରାଜା
ଶୁଣି ହେଲେ ହୃଷ୍ଟମନ,
କହିଲେ, “ଯେମନ୍ତ ଆକୃତି ଯାହାର
ଅନ୍ତର ତାର ତେସନ ।”
କହିବାର ନୁହେ ବଚନେ ଘଟିଲା
ନିଶାଯୋଗେ ଯାହା ମାତଃ !
ଅଭାଗୀର କର୍ମ— ଦୋଷକୁ ହେଲା ସେ
ଦାରୁଣ ନିଶା ପ୍ରଭାତ !
ନିଦ୍ରାଭଙ୍ଗେ ମୁହିଁ ପର୍ଯ୍ୟଙ୍କୁ ପଡ଼ିଲି
ଭୂମିତଳେ ଦେଇ ଲମ୍ଫ,
ଏବେ ସୁଦ୍ଧା ସେହି ସ୍ମୃତି ଜନ୍ମାଉଛି
ଏ ଘୃଣ୍ୟା-ଦେହେ ପ୍ରକମ୍ପ !
ଦୁଃଖେ ମୁଣ୍ଡ କୋଡ଼ି ରକ୍ତେ ଅଶ୍ରୁଜଳେ
ସିକ୍ତ କଲି ମୁହିଁ ମହୀ,
ଡାକିଲି ଧରାକୁ ଗର୍ଭେ ସ୍ଥାନ ମୋତେ
ଦେବାକୁ କରୁଣା ବହି,

ପର୍ଯ୍ୟଙ୍କୁ ଓହ୍ଲାଇ ହସ୍ତ ଧରି ରଜା
କହିଲେ ଯେଉଁ ବଚନ,
ଜାଳିଲା ହୃଦେ ତା ଦାରୁଣ ଯାତନା
ଯେସନେ କ୍ଷତେ ଲବଣ ।
ସେ କଥା ଶୁଣି ମୁଁ କର୍ଣ୍ଣେ ହାତ ଦେଇ
ରହିଲି ହୋଇ ସ୍ତମ୍ଭିତ,
ଜାଣିଲି ଏ ପାପ— ସଂସାରେ ମୋହର
ଗାଇବାର ଅନୁଚିତ ।
ଏ ଦୁଃଖ କାହାକୁ କହିବି ଜଗତେ
କିଏ ଅବା ଯିବ ପ୍ରତେ ?
ମାରବେ ରହିଲି ସେହିଦିନୁ ମନ
ଦୃଢ଼ କରି ମୌନ-ବ୍ରତେ,
ଏତିକି ମାତର ଆଶା ଥିଲା ମନେ,
ତୋ ଆଗେ ଏ ଦୁଃଖ ଗାଇ
କାଳ-ସିନ୍ଧୁ-ମାରେ ପାପେ ଭରା ଦେହ-
ତରୀକି ଦେବି ଭସାଇ,
ପ୍ରତିଦିନ ରାଜା କରୁଥିଲେ ଆସି
କେତେମତେ ଅନୁନୟ,
ନିରସ୍ତ ହେବାରୁ ଶତ୍ରେ ହେଲା ପୁଣି
ଦାରୁଣ କୋପ ଉଦୟ,
ନିର୍ଜ୍ଜନ କାରାରେ ପୁରାଇଣ ମୋତେ
ରଖିଲେ ଶିବିର-ପାଶେ,
ଭ୍ରଷ୍ଟାପଣ ଦେଖି ଏ ଦଣ୍ଡ ବିହିଲେ
କହିଲେ ଲୋକ ସକାଶେ,
କେହି ନ ଆସିଲେ ଦେଖିବାକୁ ମୋତେ
ଏକା ସେ ରାଜା ବିହୁନେ,
ରାଜା ସଙ୍ଗେ ଦେଖା— ଠାରୁ ସେ ନିର୍ଜନ
ଶ୍ରେୟଃ ଥିଲା ଶତଗୁଣେ,
ଭୀଷଣ ତର୍ଜନ କେତେ ଅବା କହିବି—
ବଚନ ଭୀଷଣତର,

ଦୁଃଖାନଳେ ଜଳି ନିର୍ଜନେ ଦୁଃଖିନୀ
ଶୁଣୁଥିଲି ରାଜାଙ୍କର,
ମର୍ତ୍ତ୍ୟକୁମ୍ଭୀପାକେ ଏହିରୂପେ ମାତା
ଗଳିଗଲା କେତେ ମାସ,
ପାପ-ପରିପାକେ ହେଲା ପାପଗର୍ଭ—
ଲକ୍ଷଣ ମୋର ପ୍ରକାଶ,
ଜଗତେ ଯା ଯୋଗୁଁ ଭାଗ୍ୟବତୀ ବୋଲି
ବୋଲାନ୍ତି କୁଳ-ଅଙ୍ଗନା,
ଅଭାଗିନୀ-ଭାଗ୍ୟେ ସେ ହେଲା ଜନନୀ,
ମହା ଘୋର ବିଡ଼ମ୍ବନା !
ଏ ସଂବାଦ ସଙ୍ଗୁଁ ରଟିଲା ଶିବିରେ
ପିତୃ ଦତ୍ତ ଅପବାଦ,
ସତ୍ୟ ମଣି ଲୋକେ ମୁକ୍ତ-କଣ୍ଠେ କଲେ
ରାଜାଙ୍କ ପ୍ରଶଂସାବାଦ,
ସମସ୍ତଙ୍କ ନେତ୍ରେ ଦୋଷୀ ହେଲି ମୁହିଁ
ନୃପ କଲେ ଅପହବ,
ଧନ୍ୟରେ ସଂସାର ଧନ୍ୟ ଲୀଳା ତୋର !
ଧନ୍ୟ ତୋ ଗତି ବିଚିତ୍ର !
ଯଥାକାଳେ କାରା— ଗୃହେ ପ୍ରସବିଲି
ସୁତ ଦୁଷ୍କୃତ-କାରଣୀ,
ମୋହୋ ଭାଗ୍ୟେ ଥିଲା ହେବାକୁ ଜନନୀ
ଜାରଜ-ଗର୍ଭଧାରିଣୀ,
ଜାର-ଅବୟବ ଦେଖିଲେ ନୃପତି
ସେ ପୁତ୍ରେ ପ୍ରତିଫଳିତ,
ଜାର-ପାପ-ଚିହ୍ନ ଘୋଡ଼ାଇବାପାଇଁ
ଅନ୍ତରେ ହେଲେ ଚିନ୍ତିତ,
ମହାପାପେ ମହା— ପାପ-ସଂଗୋପନ
ସଂକଳ୍ପ ମନାସି ମନେ
ଶିଶୁସଙ୍ଗେ ମୋତେ ଧଉଳୀ ପର୍ବତେ (୧)
ପଠାଇଦେଲେ ଗୋପନେ,

(୧) ଭୁବନେଶ୍ୱରର ଅଦୂରବର୍ତ୍ତୀ ଦୟାନଦୀ-କୂଳରେ ଅବସ୍ଥିତ ।

ବିଶ୍ୱସ୍ତ ତାଙ୍କର ଅସ୍ତ୍ରଧାରୀ ଥୋକେ
ସୈନିକ ଦେଇ ସଙ୍ଗତେ,
ପଠାଇଲେ ମୋତେ ସେହି ଶୈଳେ ମହା-
ଦୁର୍ଗମ ଅରଣ୍ୟ-ପଥେ ।
ତହିଁ ବାରପୂର୍ଣ୍ଣ ସଚ୍ଛିଦ୍ର ସୁବର୍ଣ୍ଣ-
କଳସ ମୋ କକ୍ଷେ ଦେଇ
ନିଶାରେ ସୈନିକେ କାନନେ ଭ୍ରମିଲେ
ଶିଶୁସଙ୍ଗେ ମୋତେ ନେଇ,
ବାରି ଖୋଳା ହେବ ସେଠାଏଁ, ଯେଠାଏ
କଳସୁଁ ପଡ଼ିବ ନୀର,
କହିଥିଲେ ରାଜା ମୋହୋପାଇଁ ଏହି
ପ୍ରାୟଶ୍ଚିତ୍ତ-ବିଧି ସ୍ଥିର,
ନୀର ସରିଲାରୁ ଯଥାସ୍ଥାନେ ଚିହ୍ନ
ଯତନେ ଥୋଇ ସୈନିକେ
ବେନିଗଲେ ମୋତେ ଶିଶୁସଙ୍ଗେ ସେହି
ଧଉଳୀ ଶଇଳ-ଶିଖେ ।
ପର୍ବତ ତାଳୁରେ ସୁଗଭୀର ଶୁଷ୍କ
କୂପେ ବେନିଙ୍କି ପୁରାଇ
କୂପ-ମୁହଁ ଯାକ ଦେଲେ ସେ ନୃଶଂସେ
ବିଶାଳ ପାଷାଣେ ଛାଇ,
କେହି ନ ଶୁଣିଲେ ଶିଶୁପାଇଁ ଯେତେ
ବିକଳେ କହିଲି କାନ୍ଦି,
ଶିଶୁସଙ୍ଗେ ମା ଗୋ, ଏହିରୂପେ ମୋର
ଜୀବନ୍ତେ ହେଲା ସମାଧି ;
'ଅବଳା ଅବଧ୍ୟ' ବିଧି ହେଲା, ମାତଃ
ପରିଣତ ଏହି ଫଳେ !
ସ୍ୱଧର୍ମେ ପାପୀଏ ଧର୍ମ ଆଚରିଲେ
ସେ ଧର୍ମ ପାପକୁ ବଳେ,
ପାପଠାରୁ ଆହା, ପାଷଣ୍ଡର ପୁଣ୍ୟ
ଶତଗୁଣେ ଭୟଙ୍କର,
ନିକ୍ତଠାରୁ ଯେହ୍ନେ କଟୁ ଶତଗୁଣେ
ମାଧୁରୀ ନିମ୍ବଫଳର,
ନସ୍ପୃହବା ପାଇଁ ସେ ଦାରୁଣ ଦୁଃଖ-
ଛବି ମୋ ନେତ୍ର ଅଗ୍ରତେ
ବାଟବଣା ପ୍ରାୟେ ରବି-ରଶ୍ମି-କଣା
ଆସୁଥିଲା ଛିଦ୍ର-ପଥେ,
କେହି ନ ଶୁଣିଲେ ବାହୁନି ବାହୁନି
କଲି ମୁଁ ଯେତେ ବିଳାପ,
କ୍ଷୁଧା ବହ୍ନି ଆଶୁ ମୃତ୍ୟୁ ଦିବବାକୁ
ନ ଥିଲେ ସେ କୂପେ ସାପ,
ସ୍ତନ୍ୟ-ଦାନେ କେତେ ଦିନ ବଞ୍ଚାଇଲି
ତନୟର କ୍ଷୀଣ ପ୍ରାଣ,
ଶୁଖୁଁ ଶୁଖୁଁ ହୋଇ ଗଲା ଆଶ୍ରୟର
ଜୀବନ-ପ୍ରଦୀପ ନିର୍ବାଣ ।
ମୋତେ ଛାଡ଼ି ମୋର ଆଗେ ପ୍ରାଣ ତା'ର
ବେନିଗଲା ପ୍ରେତପାଇଁ
ଜନନୀ ହୋଇ ମୁଁ କାନ୍ଦିବାକୁ ମୋର
ମନ ତ ବଳିଲା ନାହିଁ ।
କି ଆଉ କାନ୍ଦିବି ? ଶୁଖି ଯାଇଥିଲା
ନେତ୍ର-ଯୁଗେ ଅଶ୍ରୁ ଝର !
ଘୋର ଦୁଃଖେ ମନ ହେଉଥିଲା, ମା ଗୋ
କଠିଣ ଯେହ୍ନେ ପଥର !
ପୁଣି କେତେଦିନ ଗଲା ଅନଶନେ
'ଅପ୍ସି ଦେବି' ବିଶ୍ୱମ୍ଭରେ !
କେତେ ନ ଡାକିଲି ଦ୍ୱିଧା ହୋଇ ମୋତେ
ଗ୍ରାସିବାକୁ ନିଜୋଦରେ !
ଜିଣିଲା ଶୋକକୁ ଜଠର-ଯାତନା
ହୃଦୟ ହେଲା ଅସ୍ଥିର,
କେମନ୍ତେ କହିବି କପାଁ ଦରାଣ୍ଡିଲି
ଶିଶୁର ସଢ଼ା ଶରୀର !
ସୌଭାଗ୍ୟ-ସମୟେ କୌଶଲ୍ୟା ତୋହର
ଦେଖୁଥିଲା ହୋଇ ଶୋଷୀ,
ଖାଉଥିଲା କି ସେ ଅନ୍ନପାନ-ଦାନେ
ଅତିଥି ଆଗେ ନ ତୋଷି ?

ସେ କୌଶଲ୍ୟା ଏବେ ଜଠର-ଜ୍ୱଳାରେ
ଖିଆଇଲା ଶିଶୁ ଶବ !
ବଳବାନ ଦେବ-ପକ୍ଷେ ଭବେ ମା ଗୋ,
କେଉଁ କଥା ଅସମ୍ଭବ ?

ପିତା ହୋଇ ସୁତା— ପ୍ରାଣ ଏହି ରୂପେ
ନାଶିବାର ଅନଶନେ,
ମାତା ହୋଇ ମନ ବଳାଇବା ମୃତ-
ତନୟ-ତନୁ-ଭୋଜନେ
ଦେଖିବାର ଥାଉ ତେଣିକ, ଏହା କି
ଶୁଣିଥିଲ କର୍ଣ୍ଣେ କେବେ ?
କେ କହିବ ଏହି ଅମାନୁଷୀ କଥା
କେମନ୍ତେ ସହିଲେ ଦେବେ ?

ଦୟା-ଅବତାର— ବୁଦ୍ଧଦେବଙ୍କର
ବିଶ୍ୱ-ବନ୍ଦ୍ୟ ବିଧିମାନ
ଅକ୍ଷୟ ଅକ୍ଷରେ ଯେଉଁ ଶୈଳସ୍ଥଳେ
ହେଉଅଛି ଘାପ୍ୟମାନ, (୧)
ଦୟା-ଖାର ମୁନି ଦଧୀଚି ପଦୂର—
ପ୍ରକ୍ଷାଳନେ ପୂତମାଳ
ବହେ ପାଦେ ଯାର ଦୟା-ପ୍ରବାହିଣୀ
ସୁପ୍ରସନ୍ନା ସୁଗଭୀର (୨)
ସେହି ସ୍ଥାନେ ଆହା ! ହେଲା, ମାତା, ଏହି
କ୍ରୂର ବିଧି ଆଚରଣ !
ସେହି ସ୍ଥଳେ କଲା ଦୁଃଖେ ଅଭାଗିନୀ
ଭବ-ବ୍ରତ ଉଦ୍‌ଯାପନ !

ଉତ୍ତରାଶା-ସ୍ୱର୍ଣ୍ଣ— ଶିରୋଭୂଷା ଏହି
ତେଜଃପୁଞ୍ଜ ସପ୍ତଋଷି
ଦିବ୍ୟଲୋକୁ ଦିବ୍ୟ— ନେତ୍ରେ ଦେଖୁଥିଲେ
ଏ ଘଟଣା ଅମାନୁଷୀ,

ଶତଗୁମ୍ଫାମଧ୍ୟୁ— ଚର୍ଚ୍ଚିତ ନିର୍ଝର—
ସୁଶୀତଳ ଖଣ୍ଡାଚଳ
ଚୂଳେ ବସି ମୋର ଦୁଃଖ ଦେଖୁଥିଲେ
ପୂଣ୍ଣ୍ୟତୀର୍ଥଙ୍କର ଦଳ, (୩)
ଦେଖିଥିଲ ପୁଣି ଏକାମ୍ରେ ତ୍ରିଶୂଳ
ମନ୍ଦିର-ଶିର-ଲଲାମ, (୪)
ଅଙ୍ଗୁଳି ନିର୍ଦ୍ଦେଶି ଦେଖାଉଛି ଯେହୁ
ମର୍ତ୍ତ୍ୟ-ଜନେ ନିତ୍ୟ ଧାମ,
ଜାଣି ଶୁଣି ପାଦ ଦେଇ ନ ଥିଲି ମୁଁ
କେବେଁ ଅଧରମ-ବାଟେ,
ଅଳ୍ପବୟସେ ମାତଃ ! ସଜଡ଼ା ମୋହର
ସରିଗଲା ଭବ-ହାଟେ,

ସେଥିଲାଗି ନାହିଁ ଦୁଃଖ ଲେଶ ମୋର,
ପାଇଥିଲି ଯା ପ୍ରସାଦେ
ଦେହ, କାଟେଁ ତା'ର ସ୍ଥିର ଦେହ ମାଗୋ,
ଦେଇଥାନ୍ତି ମହାହ୍ଲାଦେ,
ଲୋଡ଼ା ହୋଇଥାନ୍ତା ନରପିତ୍ତ ଯେବେ
ରାଜାଙ୍କ ଔଷଧ ଲାଗି,
ଘାତକଙ୍କୁ ବୁକୁ ଦେଖାଇ ଦିଅନ୍ତା
ସର୍ବ ଅଗ୍ରେ ଏ ଅଭାଗୀ,
କେଉଁ ଶ୍ରେୟଃଲାଗି ସେ ସୁଖରୁ ମୋତେ
ବଞ୍ଚିତ କଲେ ରାଜନ,
କେଉଁ ଶ୍ରେୟଃ ଲାଗି ଦୁଃଖିମାନ ଦେଲେ
ଲୋକାଶ୍ରିତ ଏ କଷଣ ।

ଦୁଃଖ-କଥା ତୋତେ ନ କହି ହୃଦୟ
ଫାଟି ହେଉଥିଲା ଶୋକେ,
ସେଥିଲାଗି ନିଶା ଯୋଗେ ଆସୁଥିଲି,
ନିତି ନିତି ମର୍ତ୍ତ୍ୟଲୋକେ,

(୧) ଧଉଳୀ ପର୍ବତରେ ବୌଦ୍ଧଧର୍ମାବଲମ୍ବୀ ଅଶୋକ ରାଜାଙ୍କର ଶାସନ ଅଙ୍କିତ ଅଛି । (୨) ଦଧୀଚି ମୁନି ଦେବଲୋକର ରକ୍ଷା ନିମନ୍ତେ ନିଜ ଶରୀର ଉତ୍ସର୍ଗ କରିଥିବା କଥା ପୁରାଣରେ ପ୍ରସିଦ୍ଧ । ଦୟାନଦୀ କୂଳରେ ତାହାଙ୍କର ଆଶ୍ରମ ଥିବାର କିମ୍ବଦନ୍ତୀ ଅଛି । ତାହାଙ୍କର ନାମାନୁସାରେ ଏହି ନଦୀର ଅନ୍ୟନାମ ଦଧିଭଦ୍ରା ଥିଲା । ଅପଭ୍ରଷ୍ଟ ହୋଇ 'ଦଧିଆ' ଅଥବା 'ଦହିଆ' ହୋଇ ଅବଶେଷରେ 'ଦୟା' ରେ ପରିଣତ ହୋଇଅଛି । (୩) ଖଣ୍ଡଗିରି-ଶୃଙ୍ଗରେ ପରେଶନାଥ ପ୍ରଭୃତି ଜୈନମାନଙ୍କର ମନ୍ଦିର ପ୍ରତିଷ୍ଠିତ । (୪) ଭୁବନେଶ୍ୱର-ଦେଉଳର ତ୍ରିଶୂଳ ।

ମାଗୁଛି ମେଲାଣି, ଯିବ ଫେରି ଏବେ
ରାବିଲାଣି ତାମ୍ରଚୂଡ଼,
ମହୋଦଧି ଊର୍ମି ଭେଦି ଅବିଳମ୍ବେ
ଉଦିବ ଉଷା-ମହୁଡ଼,
ନୀଳାଚଳ-ଧାମେ ପ୍ରତ୍ୟୁଷେ ମଙ୍ଗଳ
ଆଳତି-ଦର୍ଶନ ପାଇଁ
ବଶାଖା-ତୋରଣ — ମାର୍ଗେ ସୁରଦଳେ
ଓହ୍ଲାଇବେ ଶଚୀସାଇଁ,
ସୁରପତି-ସଙ୍ଗେ ଆସିବେ ଆକାଶେ
ଶଚୀ ଆଦି ସୁରାଙ୍ଗନା,
ଶ୍ରୀକ୍ଷେତ୍ରେ ଏକାଳେ ବୁଲିବାକୁ ପ୍ରେତ-
ଯୋନିଙ୍କ ଅଛଇ ମନା,
ଯାଉଛି ମା' ମୋତେ ଯୁଗେ ଯୁଗେ ମିଳୁ
ତୋ ପରି ଜନନୀ ଭବେ,
ମୋ ପରି ଦୁଃଖିନୀ ସୁତା ଜାତ ପୁଣି
ନ ହେଉ କାହାର ଗରଭେ ।"
ଏହା କହି ଛାୟା — ରୂପିଣୀ ସହସା
ମିଶିଗଲା ଅନ୍ଧକାରେ,
ହୃଦ-ଯନ୍ତ୍ରେ ଧୈର୍ଯ୍ୟ ତନ୍ତ୍ରୀ ତୁଟିଲାରୁ
ବସିଲେ ରାଣୀ ଧରାରେ,
ଭେକା କରିଦେଲା ଦେବୀଙ୍କି ଭୀଷଣ
ଅଶ୍ରୁତପୂର୍ବ ଘଟନା,
ଫେରି ଆସିଲା ସେ ପାପର ସ୍ୱରୂପ
କଳି ନ ପାରେ କଳ୍ପନା,
ଅକୂଳ ଅତଳ ବିସ୍ମୟ-ଅର୍ଣ୍ଣବେ
ହୃଦୟ ହେଲା ମଗନ,
ଅବସନ୍ନ ଚିତ୍ତେ ଜଡ଼ ପ୍ରାୟେ ଦେବୀ
ରହିଲେ ବହୁତ କ୍ଷଣ,
ସହସା ଶ୍ରବଣେ ପଶିଲା ମଙ୍ଗଳ-
ଆଳତିର ବାଦ୍ୟ-ଧ୍ୱନି
ଆତ୍ମବିସ୍ମୃତିରୁ ସଚକିତେ ଉଠି
କହିଲେ ନୃପ-ଘରଣୀ,

"ସତ୍ୟ ଅବା ମୁହିଁ ମଣୁଛି ନିଦ୍ରାରେ
ଦେଖି ଏ ଦୁଃସ୍ୱପ୍ନ ଘୋର
ନାହିଁ, ନାହିଁ, ଏହି ଦିଶୁଛି ସେହି
ମଣ୍ଡପ ସମ୍ମୁଖେ ମୋର,
ଉଭା ହୋଇ ଯହିଁ କହିଲା ଦୁଃଖିନୀ
ଅଦ୍ଭୁତ ଦୁଃଖ-କାହାଣୀ
ଏବେ ସୁଦ୍ଧା ଲାଗି ରହିଛି ଶ୍ରବଣେ
ଅମାନୁଷୀ ସେହି ବାଣୀ ।
ସତେ ଭବଲୀଳା ସରିଛି ତୋର ମା' ।
ହା ହା ! ପ୍ରଭୁ ଭଗବାନ !
ଏହା ଶୁଣିବାକୁ ଅଛିଯାଏ ମୁହିଁ
ଧରିଛି କି ଛାର ପ୍ରାଣ ?
ମାଆ, ତୁ ପଶିଲୁ ସେ ଦେଶେ ଯେ ଦେଶୁ
ବାହୁଡ଼ି ନ ଆସେ କେହି,
ସ୍ୱପ୍ନ ପ୍ରାୟେ ଆସି ସ୍ୱପ୍ନ ପ୍ରାଏ ଗଲୁ
ଗଲୁ ମୋତେ ଦେଖା ଦେଇ,
କମଳ-କଳିକା — ସୁକୁମାର ତୋର
ତନୁ ହୋଇଅଛି ମାଟି,
କି କରିବି ? ଏହା କେମନ୍ତେ ସହିବି ?
ହୃଦ ତ ଯାଉଛି ଫାଟି ;
ଆହା, ମନ ମୋର ଡାକୁଥିଲା ଯାହା
ସେହି ତା ଘଟିଲା ଫଳେ,
ଅବଶେ ଏ ଶଶି— କଳା ପଡ଼ିଗଲା
କଳି ବିଷ-ରାହୁ-କବଳେ,
ସଦା ମନେ ଶୁଚି, ପାପେ ଅଭିରୁଚି
କେବେ ତ ନ ଥିଲା ତା'ର,
ମାନସ-ସରସୀ— ବିହାରିଣୀ ହଂସୀ
କେବେ କି ଲୋଡ଼େ କାସାର ।
ଏ ବିଷମ କଥା ଏ ସଂସାରେ କେହି
ଶୁଣି ନାହିଁ କେଉଁ କାଳେ,
ମାତା ହୋଇ ଏହା ଶୁଣିବାର ଏକା
ଲେଖାଥିଲା ମୋର ଭାଳେ,

ମୋର ସୁତା-ଭାଗ୍ୟେ ଏହି ପିତା, ହା ହା
ମୋହର ଭାଗ୍ୟେ ଏ ପତି !
କେଉଁ ଦୁଷ୍କୃତର ପ୍ରାୟଶ୍ଚିତ୍ତ ଲାଗି
ସହିଥିଲେ ପ୍ରଜାପତି ?
ରାଜରାଣୀ ବୋଲି ଭାଗ୍ୟବତୀ ମୋରେ
ବୋଲନ୍ତି ଜଗତେ ପୁଣି,
ମୋହୋ ଭାଗ୍ୟେ ଈର୍ଷା ବହି ଦହି ହେବ
ଭବେ କେଉଁ ଚଣ୍ଡାଳୁଣୀ ?
ହେ ବିଧାତା, ମର୍ତ୍ତ୍ୟ— ଧାମେ ଜନ୍ମ ପୁଣି
ଲଭନ୍ତି ଏତେକ ପାଷଣ୍ଡ !
ଧର୍ମରକ୍ଷା ଲାଗି ଏ ପୁଣି ଧରନ୍ତି
ଭୂମଣ୍ଡଳେ ରାଜଦଣ୍ଡ !
ଜଗତ ସତ୍କାର ଲଭନ୍ତି ଏ ପୁଣି
ଧନେ ପ୍ରାଣେ ଜନେ ନାଶି,
ତୁମ୍ଭେ ପୁଣି ଦିଅ ଏହାଙ୍କର ପଦେ
ଅଜାଡ଼ି ସୌଭାଗ୍ୟରାଶି ?
ଦେବ ପଦ୍ମଭବ ! ଏହି ଭବ ଟିକି
ତୁମ୍ଭ ଶ୍ରୀହସ୍ତ-ସର୍ଜନା ?
ଅହିପତି, ଏହା ସହିଲଟି ମସ୍ତ-
ଭାର ସଙ୍ଗେ ତୁମ୍ଭ ଫଣା ?
ଆହେ କ୍ଷେତ୍ରପାଳ, ତ୍ରିଶୂଳ ତୁମ୍ଭର
ରଖିଲ କାହିଁ ସମ୍ବର ? (୧)
ବଜ୍ରଧର, ତୁମ୍ଭ ଅସ୍ତ୍ରାଗାରେ ବଜ୍ର-
ଅସ୍ତ୍ର କି ଗଲାଣି ସର ?
ହେ ଧର୍ମ, ଏ ଭବେ ଧାର୍ମିକର ତୁମେ
ଅଟ ପରା ବନ୍ଧୁ-ସେହ୍ଲା ?
କେଉଁ ଦୋଷେ ମୋର କୌଶଲ୍ୟାର ଦୁଃଖ
ତୁମ୍ଭରେ ନ ହେଲା ବେଦନା ?
ସର୍ବ-ସାକ୍ଷୀରୂପେ, ହେ ଗ୍ରହ ନକ୍ଷତ୍ର,
ଭ୍ରମୁଛ ତ ବ୍ୟୋମ ପଥେ,
ଏ ପାପର ଛାଇ ପଡ଼ି ନ ଥିଲା କି
ତୁମ ଜ୍ୟୋତିର୍ମୟ-ରଥେ ?
ଅଥବା କରୁଛ ତୁମ୍ଭରେ ତୁମ୍ଭର
ବୃଥା ମୂର୍ଚ୍ଛି ଏ ବଳାତ,
ତୁମ୍ଭ କ୍ଷୋଭ ଜାତ କରି ନ ପାରଇ
ମର୍ତ୍ତ୍ୟଲୋକ ପାପ-ତାପ !
ଆରତ ଭଞ୍ଜନ— ବାନାଟି ତୁମ୍ଭର
ଆହେ ପ୍ରଭୁ ଭଗବାନ,
ଆତୁର-ଗୁହାରି ଶୁଣିବାକୁ, ନାଥ
ଡେରିଥାଅ ଟିକି କାନ,
ରାଜାପରେ ରାଜା, ରାଜରାଜେଶ୍ୱର
ବିଶ୍ୱେ ତୁମ୍ଭେ ମହାବାହୁ !
ତୁମ୍ଭ ହସ୍ତେ ଚକ୍ର ଥାଉଁ ଏ ଚନ୍ଦ୍ରମା
ଗ୍ରାସିଲା ଏ ପାପ-ରାହୁ !
ଆରତର ମାନ୍ୟ କେତେ ହେଲେ ନାଥ,
ଟଳେ କୃପା-ସିଂହାସନ ?
ସଂଶୟ ଫେଡ଼ିବା— ପାଇଁ ଆଜ୍ଞା ହେଉ
ଶ୍ରୀମୁଖୁ ପ୍ରତିବଚନ !
ଭୂଭାର ହରଣ — ଲାଗି ଯୁଗେ ଯୁଗେ
ହୁଅ ପ୍ରଭୁ, ଅବତାର,
ପୂର୍ଣ୍ଣ ହେବାପାଇଁ ଆଉ କେତେ ଅଛି
ଅବନୀର ପାପଭାର ?”
ଏହାକହୁଁ କହୁଁ ଶୋକାବେଗେ ରୁଦ୍ଧ
ହୋଇଗଲା କଣ୍ଠ-ସ୍ୱର
କୋପେ ନେତ୍ରୁଁ ଅଗ୍ନି- କଣା ନିଃସରିଲା
ସ୍ଫୁରିଲା ରଙ୍ଗ-ଅଧର,
ରତନ ହଜାଇ ଭୁଜଙ୍ଗୀ ଯେସନ
ଶ୍ୱାସୁଥାଇ ଘନଘନ,
କୋପ-ଧାରା ପ୍ରାଏ ଦେବୀଙ୍କ ନାସାରୁ
ବହିଲା ଖର ପବନ,

(୧) ଶ୍ରୀଲୋକନାଥ ମହାଦେବ ପୁରୁଷୋତ୍ତମର କ୍ଷେତ୍ରପାଳ ଅଟନ୍ତି ।

କଷ୍ଟେ ମନସ୍ୱିନୀ ଉତ୍ତରନ୍ତ-କ୍ରୋଧ
ରୋଧିଣ ଧୈର୍ଯ୍ୟ-ରଜ୍ଜୁରେ
ନିଶାନ୍ତ-ଅନ୍ଧାରେ ମୃଦୁ ପାଦଗୁରେ
ଫେରିଗଲେ ହଂସପୁରେ ।

— * —

— —ଦ୍ୱିତୀୟ ସର୍ଗ—

ଫିଟାଇଲେ ପ୍ରାଚୀ— ତୋରଣ ଅରୁଣ—
ତରୁଣୀ ଉଷା ସୁନ୍ଦରୀ,
ପୂର୍ଣ୍ଣିମାସୀ-ରବି— ସ୍ୱର୍ଣ୍ଣରଥ ଚଢ଼ି
କାଟିଲା ସିନ୍ଧୁ-ଲହରୀ,
ସରିତା-ବନ୍ଧୁନେ ଥିଲା ପ୍ରାଚୀ-ବାଳା
ବିରହ-ଦୁଃଖେ ବଧୁରୀ,
ସମାଗମେ ଏବେ ଗଣ୍ଡେ ସୁନ୍ଦରୀର
ଫିଟିଲା ଲାଜ-ସିନ୍ଦୁରୀ,
ପ୍ରଭାତ-ସନ୍ଧ୍ୟାର ଅଭିନବ ରାଗେ
ରଞ୍ଜିତ ହୋଇ ସତ୍ୱର,
ବେଳାରେ ପିନ୍ଧିଲେ ବାଲି ସ୍ତୂପେ ଅବା
ବନ୍ଧୂଳି-ପୁଷ୍ପ-ଶେଖର,
କ୍ରମେ କ୍ରମେ ନିକ— ବାଳ ରେଖା ଲଙ୍ଘି
ସ୍ଫୁରିଲା ବାଳ-କିରଣ,
ଚକ୍ର-ନାଭି-ଊର୍ଦ୍ଧ୍ୱେ ଅର ରେଖାବଳୀ
ପରାଏ ଦିଶି ଶୋଭନ,
ସ୍ୱର୍ଣ୍ଣ-ଶଲ୍କପୁଞ୍ଜ— ପରାୟେ ପ୍ରଲମ୍ବେ
ମୀନ-ରୂପୀ ବିଷ୍ଣୁଙ୍କର
ଧପ ଧପ ହୋଇ ପ୍ରାଚୀ-ମୂଳେ ଝଲେ
ଉର୍ମିମାଳୀ ରତ୍ନାକର,
ଅବା ସିନ୍ଧୁଶାୟୀ- ଶ୍ରୀପତି-ସମ୍ମୁଖେ
ଆବରି ସମୁଦ୍ର-ଫେଣା
ସୁବର୍ଣ୍ଣସଙ୍କାଶ ବେନତେୟ ଝାଡ଼େ
ଯୋଜନା-ବିସ୍ତାରି-ଡେଣା,
ଖୁରରୁ ଚଷକ ଝଟନ୍ତି ଅଲଗା
ହୋଇଗଲେ ଯଥା ହରଷେ,
ସେହିପରି ରବି ମାର-ଶଯ୍ୟା ତେଜି
ଉଠିଲେ ନଭେ ନିମିଷେ,
ସାଗର-ଗରଭୁଁ କି ଅବା ଉଦୟ-
ଆଲୋକେ ଝଲକାନନା
ସୁବର୍ଣ୍ଣ-ଶୃଙ୍ଗରେ ସୁବର୍ଣ୍ଣ-କଳସ
ତୋଳୁଛନ୍ତି ଦିଗଙ୍ଗନା ।
ରାତେ ଶୀତ-ବାତେ ସମଗରୁ-ଦନ୍ତ
ପ୍ରସୂତ ହୋଇ କୁହୁଡ଼ି
ମଳୟ-ସମୀରେ ରଭ-କରେଗଲା
ଦିଗ-ଦିଗନ୍ତରେ ଉଡ଼ି,
ସମଗରୁ ପଦ୍ମ— ବନେ କମଳିନୀ
ନୟନୁଁ ହିମ-ଲୋତକ
ସଗରେ ପୋଛିଲେ ନିଜ କରେ ଦେବ
ମିହିର ବିଶ୍ୱ-ଦ୍ୟୋତକ,
ଖେଳିଲେ ସୁମୀନ— ସମଗରୁ-ବକ୍ଷେ
ଚଞ୍ଚଳ-ଶଫରୀ-ଜାଳ,
ରବିଙ୍କି ଦେଖିବା— ପାଇଁ ସମଗରୁ
ଫେଡ଼ିଲେ କି ନେତ୍ରମାଳ ?
କ୍ରମେ ବାଳାତପ ଶ୍ରୀକ୍ଷେତ୍ରେ ରଞ୍ଜିଲା
ସୌଧ-ମାଳା ଅବଦାତ,
ଗୌରୀଗୁରୁ-ଶ୍ୱେତ— ଶୃଙ୍ଗୁ ଝରିଲା କି
ଗୈରିକ-ଧାରାପ୍ରପାତ ? (୧)
ଫଗୁମୟ-ଦାଣ୍ଡେ ଧ୍ୱଜମୟ-ନଭେ
କୁସୁମମୟ-ଆରାମେ
ବାରି ହେଉନାହିଁ ପୁନରୁକ୍ତିଦୋଷ,
ବାଳାତପ କ୍ଷେତ୍ର-ଧାମେ,
ବନ୍ଧୁଦିନ ପରେ ଆଜ ମହାରାଜ
ବିଜେ ହେଲେ ନିଜ ପୁରେ,

(୧) ଗୌରୀଗୁରୁ—ହିମାଳୟ ।

ନବ-ସୁଖ ରବ ଆଜ ଜଇଁ ଦୁଃଖ
ତମକୁ ଛଡ଼ିବ ଦୂରେ
ରାଜ ଦରଶନ — ପୁଣ୍ୟ ଲଭିବାକୁ
ଉତ୍ସୁକ ଆଜ ସକଳେ,
ସ୍ଥାରେ ଜନ-ସ୍ରୋତ ଜନପଦୁଁ ତେଣୁ
ବହୁଅଛି ମାଳାଚଳେ,
ଯାର ଯେତେ ଥିଲା ପରିଚ୍ଛଦ, ପୁଣି
ଯାର ଯେତେ ଅଳଙ୍କାର,
ବକ୍ଷବନ ପରେ ପଡାକୁ ସ୍ନେହସବୁ
ହୋଇଛି ଆଜ ବାହାର,
ନାଗରୀଙ୍କ ବେଶ— ଭୂଷାରେ ନମ୍ବନ
ମଜ୍ଜି ଅଛି କୁତୂହଳେ,
ଶାରଦ ସୂର୍ଯ୍ୟାସ୍ତ— ଶୋଭା ଖେଳଇ କି
ଅବତରି ଧରାତଳେ ?
ଠିକରି ପଡୁଛି ଠାବେ ଠାବେ ନେଇ
ହେରି ଏ ଚନ୍ଦ୍ରମା-ହାଟ,
ହୃଦୟେ ପଶିବା— ପାଇଁ ସେ ସୁଷମା
ଭାଙ୍ଗୁଛି ଧୈର୍ଯ୍ୟ-କବାଟ,
ହାଟ୍ରେ ନିଜ ନିଜ ବିପଣି-ମଣ୍ଡନେ
ବ୍ୟାପୃତ ଆଜ ବଣିକେ,
ରଥ୍ୟା-ସଂସ୍କରଣ- ତୋରଣା-ଗଠନେ
ବ୍ୟାପୃତ ଯେତେ ବୈଷ୍ଟିକେ,(୧)
ବେହରଣ ଲାଗି ଦେଉଳସମ୍ମୁଖେ
ହେଉଛି ମଞ୍ଚ ରଚନା,
ସରଣୀରେ ଊର୍ଦ୍ଧ୍ୱେ ଲମ୍ବିତ ହେଉଛି
ସପୁଷ୍ପ-ପର୍ଣ୍ଣ-ତୋରଣା,
ପ୍ରତିଦ୍ୱାରେ ପୁଷ୍ପ— ଦାମ ବିଲମ୍ବିତ
କଦଳୀ-ତରୁ ରୋପିତ,
ପ୍ରତି ଦେହଳୀର ବେନିପାଶେ ହେଲା
ପୂର୍ଣ୍ଣ-କୁମ୍ଭ ସଂସ୍ଥାପିତ,

ବଡ଼ଦାଣ୍ଡଠାରୁ ଦେବାଳୟେ ଯାଏଁ
ଜନାକୀର୍ଣ୍ଣ ମହାଗାର;
ସଙ୍ଗୀ ରାଜାଙ୍କର ବାସପାଇଁ ହେଲା
ପ୍ରୋଥିତ ପଟ୍ଟ ମନ୍ଦିର ।
ଏହାପରେ ପୁଣି ଲାଗିଛି ନଗରେ
ସ୍ଥଳେ ସ୍ଥଳେ ହୋଳଯାତ୍ରା
କଳାରୂପେ ଯାହା— ଚଳୁଥିଲା, ଏବେ
ଭଜିଛି ସେ ପୂର୍ଣ୍ଣମାତ୍ରା,
ମହାହର୍ଷଭରେ ଉନ୍ମତ୍ତ ସରବେ
ସ୍ଥବିର ଯୁବା ବାଳକ,
ମର୍ତ୍ତ୍ୟ-ବଇକୁଣ୍ଠ ନାମ ଶ୍ରୀକ୍ଷେତ୍ରର
ହୋଇଛି କାର୍ଯ୍ୟେ ସାର୍ଥକ ;
ରବିଙ୍କି ଅନାଇ କୃନ୍ତେ ଯେସନେ ଉଷା
ଉଚ୍ଛ୍ୱାସେ ଫୁଲ୍ଲ ରାଜୀବ,’
ରାଜା-ଆଗମନ — ବେଳକୁ ଅନାଇ
ସମସ୍ତେ ଆଜ ଉଦ୍‌ଗ୍ରୀବ ।
ଛଅ ଘଡ଼ି ଦିନ, ଉଦ୍ୟାନେ ରଟିଲା
କୁହରୀ-କଣ୍ଠ-ଘଣ୍ଟିକା,
ପୁରେ ପ୍ରବେଶିଲା ସାନ୍ଧ୍ୟଦଳେ ବୃତ
ଦ୍ୱିରଦ-ଦନ୍ତ-ଶିବିକା ।
ସ୍ୱର୍ଣ୍ଣ-ତାରକିତ ରଙ୍ଗରେଳ ବାସେ
ଆବୃତ ଶିବିକା-ଶିର,
ଚହାକାରେ ଚହୁ— ପାଶେ ବେଢ଼ିଅଛି
ପ୍ରହରି-ଅସ୍ତ୍ର-ପ୍ରାଚୀର,
ବଡ଼ଦାଣ୍ଡେ ରୁଣ୍ଡ ଅସଂଖ୍ୟ ଦର୍ଶକ-
ସିନ୍ଧୁ ଭେଦି ଅନାୟାସେ
ପ୍ରବେଶିଲା ଯାଇ ସନ୍ମୁଖେ ଶିବିକା
ନବର-ତୋରଣ-ପାଶେ ।
“ରତ୍ନଚୂଡ଼ା-ଘାଟରେ (୨)—ବିଜୟନ୍ତ ଆଜ
ଯାର ରତ୍ନପୁର-ଜେତା,

(୧) ବୈଷ୍ଟିକ—ବେଠିଆ । (୨)ରତ୍ନଚୂଡ଼ା ନଦୀ—ସତ୍ୟବାଦୀ ନିକଟରେ ପ୍ରବାହିତ ।

ଏବେ ହେବେ ପୂରେ ପ୍ରଦୋଷେ" ଦାଉତା
କହିଲ ସୁହରି-ନେତା ।
ନିଜ ସୀମା ଜାଣି ପ୍ରହରୀ ସୈନକେ
ରହିଲେ ପୁର-ବାହାରେ,
ଶିବିକାଙ୍କୁ ଘେନ ପଶିଲେ ବାହକେ
ରାଣୀହଂସପୁର ଦ୍ୱାରେ,
ମହାଦେବୀ-ସଙ୍ଗେ ମନ୍ତ୍ରୀଏ ଆସି
ଉଭା ହେଲେ ସେ ପ୍ରାଙ୍ଗଣେ,
ଅଚମ୍ବିତେ ଅବା ନବ ଅମ୍ଭୋଜମା
ଫୁଟିଗଲା ପଦ୍ମବନେ,
ଶିବିକାରୁ ତହୁଁ ଓହ୍ଲାଇଲେ ରତ୍ନ-
ପୁର-ଜେମା ରତ୍ନହାସ୍ୟ,
ସନ୍ଧ୍ୟା-ମେଘଁରୁ କବା ହଇଁ ବାହାରିଲା
ବହ୍ନାସ୍ୟସେ କାବ୍ୟ-ତାରା,
କାବ୍ୟ-ତାରା ପାବଣ ଆନ ତାରା ଯେତେକ
ଦିଶନ୍ତି ନଭେ ନିଷ୍ପ୍ରଭ,
ରାଜ-ଅବରୋଧ — ରୂପ-ଅଭିମାନ
ସେ ରୂପେ ହେଲା ଖରବ,
କେତେଢ଼େ ସୁକୁମାର ବପୁ, ସତେ ଅବା
ମଇଳା ଯିବ ପରଶେ,
ହସ୍ତ ନ ଲଗାଇ ଗଢ଼ିଲେ କି ବିଧି
କେବଳ ଶନ୍ତୁ ମାନସେ ?
ଉପମାର ପ୍ରତି — ଉପମା ରୂପସୀ,
ବିଭୂଷଣ ଭୂଷଣର,
ବୃଥା ଶ୍ରମ ସିନା ଏ ଥାଇଁ ବହିବା
ଫୁଲ-ଶର ମଦନର,
ଯହିଁ ଯା ଶୋଭିବ ସେହି ତା ବିଧାତା
ଖଞ୍ଜିଅଛନ୍ତି ସେହି ସ୍ଥାନେ,
ଭସାଣିଛି ପୁଣ ଶୋକ ସେ ମୂରତି
ମଧୁର-ସ୍ନିଗ୍ଧ-ରସାଣେ,
ମ୍ରିୟମାଣା ଆହା ଅମ୍ବୁରାଶି-ତଳେ
କମ୍ବା ବିମ୍ବାଧରା ରମା,
ଅଥବା ବହୁଳ — ପକ୍ଷେ ପ୍ରାଚୀ-ମୂଳେ
ହିମାଂଶୁ କଳା ତରମା,
ବନେ ନିର୍ବାସିତା ସୀତା ଅବା ରାମ-
ହୃଦୟ ଜ୍ୟୋତ୍ସ୍ନା ରୂପିଣୀ,
ହିମାଚଳେ କାମ- ବିୟୋଗ-ବିଧୁରା
କିମ୍ବା କାମ-ସୀମନ୍ତିନୀ,
କାଳିନ୍ଦୀ-ପୁଳିନେ ଶ୍ୟାମ-ବିରହିଣୀ
ଅବା ବୃଷଭାନୁ-ସୁତା,
ଅବା ନବ ରମା କରୁଣା-ସମୁଦ୍ର-
ମନ୍ଥନରୁ ସମୁଦ୍‌ଭୂତା,
ସ୍ଥୂଳ ଅଙ୍ଗ-ଯଷ୍ଟି ସରଳ ସୁଢ଼ଳ
ଯେସନ ଶାଳ-ବଲ୍ଲରୀ,
ବିଜୁଳିରେ ଘନ — ଘର କରିଅଛି,
ରକ୍ତ ଶାଢ଼ୀ ନୀଳାମ୍ବରୀ,
କୁମୁଦେ କୌମୁଦୀ- ଲାସ୍ୟ-ହାସ୍ୟ-ଆସ୍ୟ-
ମଣ୍ଡଳୁ ଯାଇଛି ଲୁଚି,
ଜମ୍ବୁନଦ-ବର୍ଣ୍ଣେ ବୋଲିଅଛି ଆହା,
ଶୋକ-କମ୍ବୁବର-ରୁଚି,
ଶ୍ୟାମ-କ୍ଷୀଣ-ଗୌର — କପୋଳ-ଫଳକ
ଭଜିଅଛି ପାଣ୍ଡୁରତା,
ତହିଁ ଜଡ଼ିଅଛି ଅସ୍ତେ ବ୍ୟସ୍ତେ ନୀଳ
ବିଲୋଳ-ଅଳକ-ଲତା,
ନିରଞ୍ଜନ ନେତ୍ର — ନୀଳୋତ୍ପଳ-ଯୁଗ
ଖେଦନ ଯୋଗୁଁ ଲୋହିତ,
ଉଷ୍ଣ ଶ୍ୱାସନଳେ ସ୍ଥୂଳ ବିମ୍ବାଧର
ଭିନ୍ନ ବର୍ଣ୍ଣେ ବିଭାସିତ,
ନୀଳ-ପକ୍ଷ୍ମମାଳେ ଅଶ୍ରୁ-ବିନ୍ଦୁ ଝଲେ,
ସ୍ୱଚ୍ଛ ମୁକ୍ତାଫଳ ଜିଣି
ତହୁଁ ଅବଶିଷ୍ଟ ଭବତଳେ, ଆହା,
କରୁଣା କି ଶରୀରିଣୀ ।
ଦେଖି ବସନ୍ତର ନୀଳାମ୍ବର ଶୋଭ—
ସୁସ୍ଥୂଳ-ଅଙ୍ଗ-ଲତିକା,

ସ୍ମରିଲେ ରାଣୀଏ  ପରିଚିତ ମାଳ—
ସିନ୍ଧୁ-ହିଲ୍ଲୋଳ ଚନ୍ଦ୍ରିକା ;
ଦେବୀ-ପାଦ ଧରି  କାନ୍ଦିଲା ସୁନ୍ଦରୀ
ଲୋଟାଇ ଭୂମେ ବକ୍ଷୋଜ,
ଲି ଶ୍ୟାମଳ-ଦୁର୍ବା —  ଉଷା-ପଦେ ଯେସନେ
ଶିଶିର-ସିକ୍ତ ସରୋଜ ।
ଗଦଗଦ ଭାଷେ  କହଇ ଦେବୀ ଗୋ,
ମୁହିଁ ଭାଗ୍ୟହୀନା ଅତି,
ଜଗତେ ସୁଭାଗୀ—  ମହିଳା-ମଣ୍ଡଳେ
ତୁମ୍ଭେ ମହାଭାଗ୍ୟବତୀ,
ଦଗ୍ଧ ମୁଖୁଁ ମୋର  ଲଜ୍ଜା ପୋଛିବାକୁ
କେହି ନାହିଁ ନର-କୁଳେ
ଆଶ୍ରାହୀନା ହୋଇ  ଅଭାଗିନୀ ମୁହିଁ
ଭାସୁଛି ସିନା ଅକୂଳେ,
କୁକ୍ଷଣେ ଜନମି—  ଜଠରୁ ମହୀରେ
ପଡ଼ି ମୁହିଁ ଅଲକ୍ଷଣୀ
ସୁଖୋଚିତ ପିତା—  ମାତାଙ୍କର ହେଲି
ଯେବେ ଅନର୍ଥର ଖଣି,
ସର୍ବ-ସୁଖ-ପାଶୀ  ହୋଇ ବଢ଼ିଥିଲି
ଅତୁଳ ସ୍ନେହ ପିତାର,
ସେ ଋଣ ଶୁଝିଲି  ହୋଇ ରାଜାଙ୍କର
ଜୀବନ-ତରୁ-କୁଠାର !
ରାଜ-ସୁତା ହୋଇ  ଲଲାଟେ ମୋହର
ଲେଖା ଥିଲା ଏ ଦୁର୍ଗତି,
କେଉଁ ଭିକାରୁଣୀ ହେବ,  ଦେବି, ଏବେ
ମୋର ଭାଗ୍ୟେ ସ୍ପୃହାବତୀ ?
ବିପଦ-ଅନଳରେ  ଭବ-ମରୁଭୂମେ
ଭ୍ରମି ହୋଇଅଛି ବଣା,
ସୁଖେ ବଢ଼ି ଦୁଃଖ—  ଭାଗୀ ହେବାଠାରୁ
କିବା ଅଛି ବିଡ଼ମ୍ବନା ?
ଅସ୍ତ ବ୍ୟସ୍ତ ହୋଇ ହେ  ଦେବି, ଦାରୁଣ-
ବିପଦର ସ୍ରୋତ-ନଦ୍ୟେ,
ଦୁଃଖ-ଜଳେ ଭାସି  ଲାଗିଲି ଆସି ମୁଁ
ତୁମ୍ଭର ଚରଣାଶ୍ରୟେ,
ଆତୁର ତାରିବା  ପାଇଁ ଦେଇଛନ୍ତି
ତୁମ୍ଭଙ୍କୁ ପ୍ରଭୁ ଶକତି,
ତୁମ୍ଭ ଦରଶନେ—  ଆଶାରେ ଏ ପିଣ୍ଡ
ଏ ପ୍ରାଣ ଥିଲା ବରତି,
ମାତୃ-ପିତୃ-ହୀନା  ଅନାଥା ବାଳିକା
ଶରଣ ମାଗେ ବିକଳେ,
ଶରଣ ସମ୍ଭାଳ,  ଦୁଃଖୀ ଝିଅକୁ ମା'
ରଖ ଶ୍ରୀଚରଣତଳେ ।"
କାରୁଣ୍ୟ-ପ୍ରତିମା  ଅନ୍ନପୂର୍ଣ୍ଣା ରୁଚି
ବଦନ-ଇନ୍ଦୁ-ମାଧୁରୀ
ଦେଖି ସମବେତ  ରାଣୀଙ୍କର ଗଣ
ଲୋତକ ଲୋଚନେ ପୂରି,
ସାନ୍ତ୍ୱନା-ବଚନେ  ମହାଦେବୀ ତାକୁ
ଆଶ୍ୱାସ ଦେଇ ସତ୍ୱରେ
ନିଜ ତଉରିକ  ନେଇଗଲେ ତାର
ହସ୍ତ ଧରି ମହାଦରେ,
ଯିବାବେଳେ ବେନି  ସୁନ୍ଦରୀଏ ଶୋଭା
ଅନ୍ୟୋନ୍ୟ-ଯୋଗେ ବିଳସୁଁ
ଦିଶୁଥିଲା ଯେସନେ  ଉଇଁଛି ଭୂତଳେ
ଯୁଗ୍ମତାରା ପୁନର୍ବସୁ ।
ବସନ୍ତ-ଆକାଶ—  କେନ୍ଦ୍ରେ ବିରାଜିଲେ
ଗ୍ରହମାନଙ୍କର ରାଜା,
ମନ୍ଦ୍ରନାଦେ ବଣ୍ଡ—  ଦେଉଳେ ବାଜିଲା
ମଧ୍ୟାହ୍ନ-ଧୂପର ବାଜା !
ପ୍ରଭାକର-କର  ଖରତର ହୋଇ
ଉତ୍ତାପେ ତାପିଲା ମହୀ,
ତରୁ-ତଳେ ଆର୍ଦ୍ର—  ମନ୍ଦାରେ ପ୍ରାଙ୍ଗଣେ
ବସିଲା ପାଇଁ ବରହୀ ;
ପିଞ୍ଜରୁ ସାରିକା  'ଜଳ' 'ଜଳ' ବୋଲି
ରାବିଲା ଉଚ୍ଚେ ସଘନେ,

ଉଦ୍ୟାନ-ମୃଗୀଏ   ବିଶ୍ରାମ ଭଜିଲେ
ଶୀତଳ ପୁନ୍ନାଗ-ବନେ ।
କଷ୍ଟେ ଦିନ-କୃତ୍ୟ   ସାରି ମହାଦେବୀ
ଦୁଃଖ-ଭାର ବହି ବକ୍ଷେ
ଅନ୍ନପୂର୍ଣ୍ଣା-ସଙ୍ଗେ   ଏକାକିନୀ ଯାଇ
ବସିଲେ ନିଭୃତ କକ୍ଷେ,
ବାଳାପ୍ରତି ପକ୍ଷ—   ପାତି ହୋଇଥିଲା
ସ୍ୱଭାବେ ଦେବୀଙ୍କ ଚିତ୍ତ,
ଦୁଃଖୀକି ପାଇଲେ   ଯେ ସୁଖ ଦୁଃଖୀର
ସୁଖୀ ସେ ସୁଖେ ବଞ୍ଚିତ,
ପୁଚ୍ଛିଲେ ପାର୍ବତୀ   ସ୍ନେହମୟ ଭାଷେ
ଆଶ୍ୱାସି ମନ ବାଳାର,
"କହ ଗୁରୁଶୀଳା,   ମୂଳରୁ ଯେତେକ
ଯୁଦ୍ଧଭୂମି-ସମାଚାର,
ଏତେକାଳ ଦୁର୍ଗ   ରତ୍ନପୁର-ପତି
ସମ୍ଭାଳି ବଳେ କୌଶଳେ,
କି ବିପାକେ ପୁଣି   ନିଜ-ପ୍ରାଣ ଦେଲେ
ଆହୁତି ଆହବାନଳେ,
କି କୌଶଳେ ଅରି   ଆଣିଲେ ଏ ପୁରେ
ରତ୍ନପୁର-ରତ୍ନୋତ୍ତମା
ଅନ୍ନପୂର୍ଣ୍ଣା ସ୍ୱର୍ଣ୍ଣ—   ନଳିନୀ, ରୂପର
ଅମଳ ନବ-ଚନ୍ଦ୍ରମା ।"
ମହାଦେବୀ-ମୁଖୁଁ   ଏହିରୂପେ ଶୁଣି
ନିଜ ରୂପ-ଶ୍ଳାଘା-ଗିର
ଗଣ୍ଡେ ଅଧରେଷ୍ଟେ   ଲାଜ-ପାଟଳିମା
ଫିଟିଲା ବିମ୍ବାଧରୀର ,
କମ୍ବୁକଣ୍ଠୀ ବାଷ୍ପ—   ରୁଦ୍ଧ କଣ୍ଠେ କହେ
କରେ ନେତ୍ର-ଯୁଗ ମଳି,
"ଧିକ ଏ ରୂପକୁ !   ଏହି ସିନା ଦେବି !
ଭିଆଇଲା ଯେତେ କଳି,
ଏହାପାଇଁ ରତ୍ନ—   ପୁର ରାଜଧାନୀ
ଭଜିଲା କାଳ-ଗରଭ,
ଏହାପାଇଁ କେତେ   ମହାପ୍ରାଣୀ ହେଲେ
ଆହବାନଳେ ଶଲଭ,
ଏହାପାଇଁ ସେହି   ହାସ୍ୟମୟୀ ପୁରୀ
ହେଲାଟି ମହା ଶ୍ମଶାନ
ଏହାପାଇଁ ସେହି   ତନୁଜା-ବତ୍ସଳ
ରାଜା ହରାଇଲେ ପ୍ରାଣ,
ହା ହା ରେ ଦଇବ !   ସେ ପିତାକୁ ନେଇ
ରଖିଲୁ ମୋତେ ଜୀଆଇ !
ଏଡ଼େ ଦୁଃଖେ ଏହି   କଠିନ ପରାଣ
ପିଣ୍ଡୁ ବାହାରିଲା ନାହିଁ !"
ଏହା ବୋଲି ବାଳା   ଭୂତଳେ ପଡ଼ିଲା
ଛିନ୍ନ-ତାର ବୀଣାପରି,
ସମ-ଦୁଃଖେ ଦୁଃଖୀ   ପାର୍ବତୀ ବାଳାକୁ
ନେଲେ ନିଜ କୋଳେ ଧରି,
ଉଛଳ-ଶୋକ   ଝଟିତ ବୁଡ଼ାଇ
ଦେଲା ସୁବଦନୀର ଧୃତି,
ପ୍ରିୟ-ସଖୀ ପ୍ରାୟେ   ମୂର୍ଚ୍ଛା ଆସି ଦେଲା
ଶୋକର କ୍ଷଣ-ବିସ୍ମୃତି,
ସୁନ୍ଦରୀର ଗୁରୁ—   ବଦନ ସରୋଜେ
ଶୀତଳ ସଲିଳ ସିଞ୍ଚି,
ଚେତା କରାଇଲେ   ଯତନେ ମହିଷୀ
ରତନ-ପଣନ୍ତେ ବିଞ୍ଚି,
ବୋଇଲେ, "ସେ କଥା   କହିବାକୁ ଯେବେ
ହୃଦ ହେଉଅଛି ଭାରି,
ତୁନି ହ, ସେ କଥା   ଶୁଣିବାକୁ ମନ
ବଳୁ ନାହିଁ ସୁକୁମାରି !"
ବୀଣା-ଜୀଣା ସ୍ୱରେ କହେ ଜେମା, "ଆହା,
ଏ ସ୍ନେହ ପାଇବି କାହିଁ ?
ତୁମ୍ଭଠାରେ ଦୁଃଖ   ନ କହିବି, ତେବେ
କହିବି କାହାକୁ ଆଉ ?
ଭବ-ମରୁ-ସ୍ଥଳେ   ଦୟାମୟି ! ତୁମ୍ଭେ
ଶୀତଳ-ବାରି-ନିର୍ଝର,

ତରଳ ହେବାକୁ ଜାଣେ ପର-ଦୁଃଖେ
କୋମଳ ତୁମ୍ଭ ଅନ୍ତର,
ଦେବ ଗୋ, ପ୍ରାବୃଟେ ତଟିନୀ ଯେସନେ
ନ ପାରେ ବାରି ସମ୍ଭାଳି,
ଅସମ୍ଭାଳେ ହିଁ ପୂର ପ୍ରବାହକୁ
ବେନି କୂଳେ ଦିଏ ଢାଳି,
ଦୁଃଖୀ ସେହିପରି, ହୃଦେ ଯେବେ ତାର
ବଳପଡ଼େ ହୃଦ-ବ୍ୟଥା,
ସମ-ଦୁଃଖୀ ଜନେ ହୃଦୟ ଫିଟାଇ
କହେ ନିଜ-ଦୁଃଖକଥା,
କରୁଣା ବିହୁନେ ଦୁଃଖୀକି ମୁଖର
କରଇ ଆଉର କିଏ ?
ତୋ ପରି କରୁଣା— ମୟୀ ଭବେ ସିନା
କୋଟିରେ ମିଳେ ଗୋଟିଏ !
ଦିନଯାକ ଜଳ ଚଣ୍ଡ-ଅଂଶୁମାଳୀ—
ପ୍ରଚଣ୍ଡ-କର-ହୁତାଶେ—
କୁମୁଦିନୀ ହୃଦ ଫେଟେଡ଼ ବିଶ୍ୱବନ୍ଦ୍ୟ
ଚନ୍ଦ୍ରିକା-ସୁନ୍ଦରୀ-ପାଶେ,
ଏ ନିର୍ଦ୍ଦୟ ଭବେ, ମହାଦେବି, ତୋତେ
ଦୟାର ମୂରତି ଜାଣି
ଆଶ୍ରୟେ ଏ ସାନା ଅନାଥା ତେସନେ
କହିବ ଦୁଃଖ-କାହାଣୀ,
ଦୟାମୟି ! ତୋର ଚରଣ-ସରୋଜ
ଦୁଃଖୀର ଆଶ୍ରୟସ୍ଥଳୀ
ଦୟା ଏକା ସିନା ସହିପାରେ, ଦେବି,
ଦୁଃଖର ଯେତେକ ଅଳି,
ଅବଧାନ ହେଉ ସ୍ରମୂରେ ଆରତି
କରୁଛି ଦୁଃଖୀ ଗୋଚର,
ତୁମ୍ଭେ ଯେବେ ଦୁଃଖ ନ ଶୁଣିବ, ଦେବି !
ଶୁଣିବ କିଏ ଆଉର ?
ଏକମାତ୍ର ମୁହିଁ ଅଟଇ ସନ୍ତତି
ରତ୍ନପୁର-ଭୂପତିର,

ଜନ୍ମ ଦେଇ ଜନ୍ମ— ଦିନେ ମାତା ମୋତେ
ଛାଡ଼ିଗଲେ ଲୋକାନ୍ତର
ଜନ୍ମ କାଳୁ ମୁହିଁ ଏହିରୂପେ, ଦେବି,
ହୋଇଣ ଥିଲି ଅନାଥା,
ମାତ୍ର ସ୍ନେହମୟ ପିତା ମୋର ପକ୍ଷେ
ସ୍ନେହ ହେଲେ ମାତାପିତା,
ତନେ ପିତୃସ୍ନେହ— ମହିମାକୁ ଅବା
କରିବା ପାଇଁ ପ୍ରଥିତ,
ବିଧି କଲେ ମୋର ଜନ୍ମଦିନୁ ମୋତେ
ଜନନୀ-ସ୍ନେହୁ ବଞ୍ଚିତ,
ପ୍ରେୟସୀ-ବିୟୋଗ— ଶୋକେ ରାଜାଙ୍କର
ହେଲେହେଁ ମନ ବିଧୁର,
ମୋତେ ଦେଖି ସେହି ଶୋକ ନିରପତ୍ତି
ମନୁ କରିଥିଲେ ଦୂର,
ସୁଖୀ ହୋଇଥିଲେ ମୋତେ ପାଇ ଯେସନ୍ତେ
ଦରିଦ୍ର କୋଟି-ବିଭବ,
ମୋ ଜନ୍ମ-ଠାରୁ ଦଳକରି ମୋର
ପାଳିଲେ ଜନ୍ମ-ଉତ୍ସବ,
ପାଞ୍ଚବର୍ଷ କାଳ ଉପାଳିଲେ ଦେଶ
ହୋଇଥିଲା ନାରଖାର,
ହସୁଥିଲା ମାତ୍ର ମୋର ଜନ୍ମ-ବର୍ଷେ
ଶସ୍ୟେ ମୁଖ ବସୁଧାର,
ବହୁକାଳ ପରେ ପୂରିଥିଲା ଯେଣୁ
ପ୍ରଜାଙ୍କର ମନସ୍କାମ
ଅନ୍ନପୂର୍ଣ୍ଣା ଦେଖି ମହୀଙ୍କି, ରଖିଲେ
'ଅନ୍ନପୂର୍ଣ୍ଣା' ମୋର ନାମ,
ମୃତ-ମହିଷୀର ମୂର୍ତ୍ତିମତୀ ସ୍ମୃତି—
ପ୍ରାଏ ସ୍ନେହେ ମୋତେ ମଣି
ନୟନର ମଣି- ପ୍ରାୟେ ମଣୁଥିଲେ
ସ୍ନେହେ ସଦା ନରମଣି,
ସ୍ନେହ-କୋଳେ ତାତ କରୁଥିଲେ ମୋତେ
ନିଜ ଅଙ୍କାସନଶାୟୀ,

ଅଙ୍କଛଡ଼ା ହେଲେ  ରଙ୍କ ପ୍ରାଏ ରାଏ
 ଝୁରୁଥିଲେ ମୋର ପାଇଁ,
ଅବ୍ୟକ୍ତ ବାସନା  କ୍ଷୁଦ୍ରହୃଦେ ମୋର
 ହେବା କ୍ଷଣି ସମୁଦିତ,
ସମକାଳେ ହେଉ—  ଥିଲା ତାଙ୍କ ସ୍ନେହ
 ମୁକୁରେ ପ୍ରତିଫଳିତ,
ଏହିରୂପେ ଗଲା  ମଧୁର ଶୈଶବ
 ଦୁଃଖଶୋକେ ଅନାକୁଳ,
କ୍ରମେ ପ୍ରବେଶିଲା  ଜୀବନ-କାନନେ
 ଯୌବନ-ମଳୟାନିଳ ;
ମଳୟର ଶ୍ୱାସେ  ପଦ୍ମ-କଳି ହେଲେ
 ସରସୀ-କୋଳୁ ବାହାର,
ଲାଗି ରହିଥାଏ  ସରସୀ-ଉରସେ
 ମୃଣାଳ ଯେସନେ ତାର,
ଲଜ୍ଜାଶାନ୍ତି-ବଶେ  ପିତୃପାଶୁ ମୁହିଁ
 ସ୍ୱତନ୍ତ୍ର ହୋଇ କୈଶୋରେ,
ହୃଦୟ ମୋହର  ବନ୍ଧାଥିଲା ତାଙ୍କ
 ପାଦପଦ୍ମେ ସ୍ନେହ-ଡୋରେ,
ସ୍ୱହସ୍ତେ ରୋପିତ  ଯତନେ ବର୍ଦ୍ଧିତ
 ପ୍ରସୂନ-ଲତା ପୁଷ୍ପିତ
ଦେଖି ପ୍ରମୁଦିତ  ହୁଅଇ ଯେସନେ
 ଉଦ୍ୟାନପାଳର ଚିତ୍ତ,
ତହୁଁ ଶତଗୁଣେ  ହର୍ଷ ଉପୁଜିଲା
 ହୃଦୟେ ନୃପ-ମଣିର,
ଯୌବନର ସୀମା  ପରଶିଲା ଯହୁଁ
 ବୟଃକ୍ରମ ଦୁଃଖିନୀର,
କି ଅଛି ଜଗତେ  ସ୍ନେହମୟ ପିତା-
 ସ୍ନେହ ସଙ୍ଗେ ହେବ ଲକ୍ଷ୍ୟ ?
ପିତୃ-ସ୍ନେହ ସଙ୍ଗେ  ତୁଳା ଲଭିବାକୁ
 କେବଳ ସିନ୍ଧୁ ସେ ଶକ୍ୟ,
ଅଗାଧ ଗମ୍ଭୀର  ପିତୃ-ସ୍ନେହ, ଦେବ,
 ଅଗାଧ ଯେସନ ସିନ୍ଧୁ,
ସନ୍ତତି-ବୃଦ୍ଧିରେ  ପିତୃସ୍ନେହ ବଢ଼େ
 ସିନ୍ଧୁ ଦେଖି ପୂର୍ଣ୍ଣ ଇନ୍ଦୁ,
ଲୋକ-ରକ୍ଷାହେତୁ  ଲୋକପିତାଙ୍କର
 ଅମୋଘ-ଆଦେଶ-ଫଳେ
ସୁରଧୁନୀ-ପ୍ରାୟେ  ପିତୃସ୍ନେହ ବହୁଁ
 ଓହ୍ଲାଇଛି ଭବତଳେ,
ପରିଣୟ ଯୋଗ୍ୟ  ବୟଃ ଦେଖି ମୋର
 ହରଷେ ହୋଇ ଆପ୍ଲୁତ
ପାତ୍ର ଅନ୍ୱେଷିଲେ  ରତ୍ନପୁର-ପତି
 ନାନା ଦେଶେ ପେଷି ଦୂତ ;
ରାଜପୁତ୍ରବୃନ୍ଦେ  ନିମନ୍ତ୍ରଣ କରି
 ଚୌଦିଗେ ପେଷିଲେ ଲେଖ,
ସ୍ୱୟମ୍ବରପାଇଁ  କରାଇଲେ ଠୁଳ
 ସମ୍ଭାର ପୁରେ ଅନେକ ;
ଯଥାକାଳେ ମୋତେ  ରାଜ୍ୟ ସଙ୍ଗେ ଯୋଗ୍ୟ-
 ପାତ୍ରେ କରି ସମର୍ପଣ
ବନେ ବାନପ୍ରସ୍ଥ—  ବ୍ରତ ଆଚରିବେ
 ମନାସି ଥିଲେ ରାଜନ,
ସଂସାର ଗହଳ—  ମଧ୍ୟେ ଥାଇ ପିତା
 ସଦା ଥିଲେ ଉଦାସୀନ,
ବିଷୟ-ବିଷରେ  ବୁଡ଼ି ରହି ଥିଲେ
 ବିଷୟ-ବାସନା-ହୀନ ;
ନିଜେ ରସହୀନ  ଉତ୍ତୁଙ୍ଗ-ଶିଖରୀ
 ଆଦରେ ପୋଷଇ ଯଥା
ନିର୍ମଳ ନିର୍ଝର—  ନୀରଦାନେ ସଦା
 ପଦାଶ୍ରିତ ତରୁଲତା,
ଲାଲସା-ବିହୀନ  ହୋଇ ପାଳୁଥିଲେ
 ପ୍ରଜା ରତ୍ନପୁର-ପତି,
ରାଜରୂପେ ବାହ୍ୟେ  ଦିଶୁଥିଲେ ମାତ୍ର
 ହୃଦୟେ ଥିଲେ ସେ ଯତି,
ମାତାଙ୍କର ମୃତ୍ୟୁ  ସଙ୍ଗେ ତୁଟିଥିଲା
 ସଂସାରର ସ୍ନେହ-ପାଶ,

ମୋରେ ମଣୁଥିଲେ ସ୍ନେହେ ସେହି ମୃତ-
ମନ୍ତ୍ରୀର ସୁତ-ନ୍ୟାସ ,
ଭାଳିଥିଲେ ମୋତେ ରାଜ୍ୟ ସଙ୍ଗେ କରି
ଯୋଗ୍ୟ-ପାଣି-କରଗତ,
ମାତାଙ୍କର ସ୍ନେହ— ଋଣ-ମୁକ୍ତ ହୋଇ
ଏଥରୁଁ ହେବେ ବିରତ ।
ଦାସପୁର ଦୁର୍ଗ (୧) ଅବରୋଧେ ରତ
ଥିଲେ ରାଜା ଗଙ୍ଗେଶ୍ୱର
ସଙ୍ଗେ ଥିଲେ ଯୁବ— ରାଜ ଏକଜାତ (୨)
ଅପର ନୃପ-କୁମର,
ଏହା ଜାଣି ତାତ ମନ୍ତ୍ରୀବର-ହସ୍ତେ
ପଠାଇଲେ ମହାହ୍ଲାଦେ
ସର୍ବ ରାଜସୁତେ ନିମନ୍ତ୍ରଣ କରି
ଲେଖ ଗଙ୍ଗେଶ୍ୱର-ପାଦେ,
ଅଳ୍ପଦିନ ପରେ ଦାସପୁରୁଁ ଦେବ,
ଆସିଲା ପ୍ରତି-ଉତ୍ତର
ପତ୍ନୀରୂପେ ମୋତେ ଯାଚିଥିଲେ ତନ୍ୱୀ
ନିଜେ ଦେବ ଗଙ୍ଗେଶ୍ୱର,
ଲେଖ ପାଇ ରତ୍ନ — ପୁର-ପତିଙ୍କର
ହେଲା ମନ ଖିନ୍ନ ଅତି,
ପୁଣି ଦୂତ ପେଷି ଗଙ୍ଗେଶ୍ୱରଦେବେ
ଜଣାଇଲେ ଅସମ୍ମତି ;
ଲେଖ ପାଇ ହେଲା ଗଙ୍ଗେଶ୍ୱରଙ୍କର
ଅରୁଣ ବେନି ଲୋଚନ,
ପୂର୍ଣ୍ଣାହୁତି ଲଭି ଯଜ୍ଞକୁଣ୍ଡେ ଯେହ୍ନେ
ଭୀଷଣେ ଜଳେ ଜ୍ୱଳନ,
କୋପ-କମ୍ପିତ — ସ୍ୱରେ ପ୍ରତିଧ୍ୱନି
କହିଲେ ଉଚ୍ଚ ହୁଙ୍କାରି,
"ଆସନ୍ନ-ମୃତ୍ୟୁର ନଷ୍ଟ ବୁଦ୍ଧି ସିନା
ହୁଅଇ ତା'ର ଉଗାର !
ନ ହେବ, ଆରେ ବର୍ବର ରାଜାର
ବର୍ବର-ବାରତା-ବହ !
ନିଶ୍ଚେ ରାଜା ତୋର ନିଜ ମୁଣ୍ଡ-ଭାର
ମଣଇ ସ୍କନ୍ଧେ ଦୁଃସହ !
ଏ ଲେଖର ପ୍ରତି— ଲେଖ ଦେବ ମୁହିଁ
ବେଗେ ରତ୍ନପୁରେ ପଶି,
ଲେଖନୀ ତାହାର ଏହି ଅସି, ତୋର
ରାଜ-ରକ୍ତ ହେବ ମସୀ !
ଏହା କହି ରାଜେ ପାର୍ଶ୍ୱଚର ରାଜ-
କୁମାରଙ୍କୁ କରି ଲକ୍ଷ୍ୟ
ବୋଇଲେ, ଶଠେକ ମନାସଇ ଏବେ
ଧର୍ଷିବାକୁ ହର୍ଯ୍ୟକ୍ଷ !
ରତ୍ନପୁରପତି — କଣ୍ଡୂଳ-ଚରଣ
ଲୋଡ଼ଇ ଲୌହନିଗଡ଼,
ଉଠ ଏହିକ୍ଷଣି, ଉଠାଇ ଗୁଳ୍ଜଣି
ଯିବ ରତ୍ନପୁର ଗଡ଼,
ଦୁରସ୍ତ ଶିସ୍ମାତ୍ୱର ଦୁଷ୍ଟପଣ ତା'ର
ଅଧିକେ ଦିଏ ବଢ଼ାଇ,
ଆଉଁସିଲେ କେବେ ମତ୍ତ ମତଙ୍ଗଜ
ବଶକୁ ଆସଇ ନାହିଁ,
କହୁଅଛି ଯାହା ଅନ୍ୟଥା ନୋହିବ
କଦାଚିତେ ମୋର ଗିର,
ବାନ୍ଧି ଆଣିଦେବ ବର୍ବର ରାଜାକୁ
ଭୂମି ମଧ୍ୟେ ଯେତେ ବୀର
ସେହି ବୀର ସଙ୍ଗେ ଭଗ୍ନି ଦେବି ମୁହିଁ
ଅଣାଇ ପୁର-ବାଳୀକ
ଶତ ଅନ୍ନପୂର୍ଣ୍ଣା ନୁହଇ ଯାହାର
ଭଜନ ନଈଁ ତୁଳକ ।"
ରାଜା ଆଜ୍ଞା ପାଇ ରାଜପୁତ୍ରବୃନ୍ଦ
ସେହିକ୍ଷଣି ହେଲେ ସଜ,

(୧) ମୟୂର ଭଞ୍ଜର ଅନ୍ତର୍ଗତ (୨) ଏକଜାତ—ଗଙ୍ଗେଶ୍ୱର ଦେବଙ୍କ ଜ୍ୟେଷ୍ଠପୁତ୍ର ।

ପ୍ରସ୍ଥାନ-ଦୁନ୍ଦୁଭି— ନାଦେ ସଜ ହେଲେ
ଚତୁରଙ୍ଗ ସେନାବ୍ରଜ ;
ଦାସପୁର—ଜୟ ଲାଗି କୁମାରଙ୍କୁ
ରଖି ତହିଁ ନରରାଜ
ଅର୍ଦ୍ଧ ସେନାସଙ୍ଗେ ସେହିକ୍ଷଣି ତହୁଁ
ସବେଗେ କଲେ ପ୍ରୟାଣ,
ସ୍ୱୟମ୍ବର ପାଇଁ ଯେଉଁ ବନ ଦେଶ,
ପୂର୍ବେ ହୋଇଥିଲା ସ୍ଥିର,
ସାଳନ୍ଦୀ-ସନ୍ନିଧେ ସେହି ବନ ହେଲା
ପ୍ରୋଥିତ ଶତ୍ରୁ-ଶିବିର,
ଉତ୍ସବ-ଆଶାରେ ଆଶାପ୍ତି ହୋଇଣ
ବନ୍ଧୁବନ୍ଦ ଦିନ ଗଣି
ଆଗକେ ଶୁଣିଲେ ରତ୍ନପୁରବାସୀ
ଅସ୍ୱତ-ଦୁନ୍ଦୁଭି-ଧ୍ୱନି,
ତୁରଙ୍ଗମ-ହ୍ରେଷା ମାତଙ୍ଗ-ବୃଂହିତ
ସୈନ୍ୟଙ୍କର ସିଂହନାଦ
ଶୁଣି ଉପୁଜିଲା ପୁରବାସୀଙ୍କର
ହୃଦୟେ ମହା-ବିଷାଦ,
ଉତ୍କଳ-ସମ୍ରାଟ— ବିରାଟ-ବାହିନୀ-
ସହିତେ ସମ୍ମୁଖରଣ
ଅସମ୍ଭବ ଜାଣି ଦୁର୍ଗ-ରକ୍ଷା ଲାଗି
କଲେ ଚାତ ଆୟୋଜନ,
ସାଳନ୍ଦୀ-ଚଟିନୀ— ଗର୍ଭରେ ପ୍ରବେଶନ୍ତେ
ଉତ୍କଳପତିଙ୍କ ଥାଟ,
ପ୍ରତିହାରି-ଦଳେ କିଳିଦେଲେ ସେହି
ମୁହୂର୍ତ୍ତେ ଗଡ଼ କବାଟ,
ତେବେ ପାର୍ଶ୍ୱେ ମହା— ବନ, ପୃଷ୍ଠେ ତୁଙ୍ଗ-
ଶିଖର ଟେକନ୍ତି ଗିରି,
ପଶ୍ଚିମେ ସମ୍ମୁଖେ ସାଳନ୍ଦୀ ଦୁର୍ଗର
ନିସର୍ଗ-ଜାତ ପରିଖା,
ତିନି ଦିଗେ ଦୁର୍ଗ ଅଗମ୍ୟ, କେବଳ
ପଶ୍ଚିମ ପ୍ରାଚୀର ପାଇଁ

ଦଶଶତ ଧନ୍ୱୀ ପଦାତି ସଙ୍ଗରେ
ନିୟୋଜିଲେ ନରସାଇଁ
ଗୃହେ ଖଞ୍ଜି ଅଗ୍ନି— ଶିଖା-ସମରେଖ
ନିଜ ପ୍ରାଣ ତୃଣ ଗଣି,
ସଦର୍ପେ ପ୍ରାଚୀର— ଶିରେ-ଭ୍ରମିଲେ ସେ
ଫଣା ତୋଳି ଯେସନେ ଫଣୀ,
ପନସ-ଶସ୍ୟରେ କଣ୍ଟକ, କୁପିତ
ଶଲ୍ଲକୀ ଶରୀରେ କାଠି —
ପ୍ରାଏ ତାଙ୍କ ହସ୍ତେ ବିଶିଖ ରହିଲା
ଅସ୍ୱତ-ମୁଖେ ଉଗ୍ରଟି,
ସ୍ୱକାର୍ଯ୍ୟସାଧନେ ବ୍ରତୀ ଯେହ୍ନେ ଦେବ
ପାତନେ ନୋହି କାତର,
ଥାଉ ଆନ, ନିଜେ ଭାଗ୍ୟଲକ୍ଷ୍ମୀ ତାଙ୍କୁ
ଯୋଡ଼ନ୍ତି କର-ପତର ;
ଅମୋଘ ସନ୍ଧାନେ ବିନ୍ଧି ଶର ଶୂରେ
ଶତ୍ରୁଙ୍କୁ କଲେ ଅଥୟ,
ଶରପ୍ରସରର ସୀମା ହେଲା ତାଙ୍କ
କୃତାନ୍ତର ରଙ୍ଗାଳୟ,
ଦକ୍ଷ କର ତାଙ୍କ ଦିଶୁଥିଲା ଯେହ୍ନେ
ସଦା ଲଗ୍ନ ନିଷଙ୍ଗରେ,
ପ୍ରସବୁଥିଲା କି ଅଦ୍ଭୁତ ଶିଞ୍ଜିନୀ
ଶରଶ୍ରେଣୀ ନିରନ୍ତରେ !
ରମ୍ଭା-ତ୍ୱକ ପ୍ରାଏ ହେଲେ ଛେଦ ଭେଦିଲେ
ଚର୍ମ-ବର୍ମ ବିପକ୍ଷରେ,
ଗୁନ୍ଥ ଦେଲେ ହସ୍ତ— ଦେହେ ହସ୍ତିପକ
ଅଶ୍ୱ-ଦେହେ ସାଦିବରେ,
ମୁଣ୍ଡ ବଞ୍ଚାଇବା— ପାଇଁ ଯେତେ ଯୋଧେ
ପିନ୍ଧିଥିଲେ ଶିରସ୍ତ୍ରାଣ,
ମୁଣ୍ଡ ବଞ୍ଚାଇ ସେ ପାଦେ ଛିନ୍ନ ହୋଇ
ରଣେ ବିସର୍ଜିଲେ ପ୍ରାଣ,
ପ୍ରାଣରଙ୍କ ଯେତେ କାପୁରୁଷ ରଣେ
ଭଙ୍ଗ ଦେଲେ ପ୍ରାଣ ଲାଗି,

ପୃଷ୍ଠେ ହାଣ ଖାଇ ହେଲେ ସେହି ସିନା
ବୃଥା ଅପଯଶଭାଗୀ,
ଏକ ଏକ ହୋଇ ରାଜପୁତ୍ର ଆସି
ସଦଳେ କଲେ ଚଢ଼ାଉ,
କେତେ ମଲେ, କେତେ ରଣୁ ବାହୁଡ଼ିଲେ
ଧିକ୍କାରଣ ନଜ-ବାହୁ ;
ସମର-ଦୁର୍ମଦ କେତେ ମହାଯୋଧ
ରାଜଦ୍ୱାରେ ଯଶ ଲୋଡ଼ି
ଆସିଥିଲେ ଦମ୍ଭେ ଓଷ୍ଠ କାମୁଡ଼ଣ
ପଡ଼ିଲେ ମାଟି କାମୋଡ଼ି,
ଧନ୍ୟ କଉଶଳ ନୂର-କାରୁଣିକ
ରତ୍ନପୁର-ଧନ୍ୱୀଙ୍କର,
ଶିର ଉତ୍ତରି ଯା ଅରିଙ୍କି ନ ଦେଲା
ତୃଣଜ୍ଞାନ ଅବସର !
ଭୈରବ-ଭୈରବୀ— ଭୋଜ-ଭୂମି ପ୍ରାଏ
ଦିଶିଲା ସଂଗ୍ରାମସ୍ଥଳୀ,
ଶରଚ୍ଛିନ୍ନ ଶିରଃ ଫଳ ଦେଲା ଛନ୍ତି
କଣ୍ଠେ ତପକାବଳୀ,
ଶବ-ମେଦ ଦିବ୍ୟ ଚନ୍ଦନ ଶବର
ହୃଦ ଦିବ୍ୟ ସିଂହାସନ,
ସଦ୍ୟଃପାତ ରକ୍ତ ପାଟଳ ମଦସ୍ର
ପ୍ରେତକୁଳ-ସନ୍ତର୍ପଣ ।



# ଚିଲିକା

# ଉତ୍ସର୍ଗ

ଭକ୍ତଜନତିଳକ, ଅଖିଳଗୁଣନିକେତନ, ଦିନକର-କୁଳଚନ୍ଦ୍ର
ଶ୍ରୀଯୁକ୍ତ ମହାରାଜ ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେବ ମହୋଦୟସ୍ୟ
ଶ୍ରୀଚରଣକମଳେଷୁ ।

ସବିନୟ ନିବେଦନମିଦଂ

ଶ୍ରୀମାନ୍ ମହାରାଜ,

କଟକରେ ଅବସ୍ଥାନ ସମୟରେ ସଦୟ ବ୍ୟବହାରଦ୍ୱାରା ଆପଣ ଏ ସେବକକୁ ଅନେକ ଥର ଆପ୍ୟାୟିତ କରିଥିଲେ । ବର୍ତ୍ତମାନ ଦୂରରେ ଥାଇ ଏବଂ ବୃହତ୍ ରାଜ୍ୟର ଭାର ବହନ କରି ସୁଦ୍ଧା ସମୟ ସମୟରେ ମାଦୃଶ ସାମାନ୍ୟ ଲୋକର ତତ୍ତ୍ୱ ନେଇଥାନ୍ତି । ହୃଦୟର ଭକ୍ତି ଏବଂ କୃତଜ୍ଞତା ପ୍ରଦର୍ଶନ ବ୍ୟତୀତ ଅସାଧାରଣ ଅନୁକମ୍ପାର ଅନ୍ୟ କୌଣସି ପ୍ରତିଦାନ ମାଦୃଶ ଦୁଃସ୍ଥ ଜନ ପକ୍ଷରେ ସମ୍ଭବପର ନୁହେ । ଶ୍ରୀଗ୍ରନ୍ଥଙ୍କ ପ୍ରଦତ୍ତ ଉତ୍ସାହରେ ଉତ୍ସାହିତ ହୋଇ ମୋହର ପିତା ମହାଶୟ ଏହି କ୍ଷୁଦ୍ର କାବ୍ୟ ପ୍ରଣୟନ କରିଥିଲେ । ସୂର୍ଯ୍ୟ-କର-ବିକସିତ ଅରବିନ୍ଦଦ୍ୱାରା ଲୋକେ ଯେମନ୍ତ ସୂର୍ଯ୍ୟଙ୍କର ଅର୍ଚ୍ଚନା କରନ୍ତି, ମୁଁ ଏହି କାବ୍ୟକୁସୁମଦ୍ୱାରା ଶ୍ରୀଗ୍ରନ୍ଥଙ୍କର ଚରଣାର୍ଚ୍ଚନା କଲି । ମୋହର ସମ୍ପୂର୍ଣ୍ଣ ଆଶା ଅଛି ଯେ ସ୍ୱକୀୟ ଅସାଧାରଣ ମହାନୁଭବତା ଯୋଗୁଁ ଆପଣ ମୋହର ବାଲ୍ୟକାଳରୁ ମୋ ପ୍ରତି ଯେପରି ଦୟା ପ୍ରଦର୍ଶନ କରି ଆସୁଅଛନ୍ତି, ମୁଁ ଆଜୀବନ ସେହି ଦୟାରୁ ବଞ୍ଚିତ ହେବି ନାହିଁ ।

| | |
|---|---|
| କଟକ<br>୨୯—୫—୯୨ | ଶ୍ରୀଗ୍ରନ୍ଥଙ୍କର<br>ଚିରବିନୟାବନତ, ଆଶ୍ରିତ<br>ସେବକ<br>ଶ୍ରୀ ଶଶିଭୂଷଣ ରାୟ |

# ଚିଲିକା

ଉତ୍କଳ-କମଳା-ବିଳାସ-ଦୀର୍ଘିକା,
ମରାଳମାଳିନୀ ନୀଳାମ୍ବୁ ଚିଲିକା,
ଉତ୍କଳର ତୁହି ଚାରୁ ଅଳଙ୍କାର,
ଉତ୍କଳଭୁବନେ ଶୋଭାର ଭଣ୍ଡାର,
ସ୍ୱଭାବେ ଭାବୁକ-ମାନସ-ଉଲ୍ଲାସୀ,
ଦିଗନ୍ତ- ବିସ୍ତାରୀ ତୋର ବାରିରାଶି,
ପ୍ରସନ୍ନବଦନା ଉତ୍କଳବରଣୀ,
ମୁଖଶ୍ରୀ ଦେଖନ୍ତି ଯହିଁ ଦିଗଙ୍ଗନା,
ନୀଳ ଅଙ୍ଗ ତୋର ଚଙ୍ଗ ଅନ୍ତରାଳେ
ନାସି, ନଳବନ, ଶୈଳ, ଦ୍ୱୀପମାଳେ,
ଦକ୍ଷିଣେ ମିଶିଛି ତୋର ଗର୍ଭେ ଆସି
ସୌରକରେଭାସୀ ନୀଳ ରମ୍ଭାନାସି, (୧)
ବିମାନ ଆକାରେ ଭାସେ ଶତ ଶତ
ନୀଳୋରସେ ତୋର ଶୈଳ ମାରକତ,
ପକ୍ଷଚ୍ଛେଦ-ଶଙ୍କା-ଭୟେ କି ଶଇଳେ
ଲୁଚି ରହିଥିଲେ ତୋହର ସଲିଳେ ?
ସନ୍ନିଧି ଲଭିଣି ଭଗବତୀଙ୍କର (୨)
ତୋଳିଛନ୍ତି ଗୁଳ୍ମ-ଜଟିଳ ଶିଖର ?
ଦେଉଳବିଶିଷ୍ଟ କାଳୀଜାୟୀ ଗିରି, (୩)
ମରକତ ସେତୁ ପ୍ରାୟେ ଯାର ଶିରୀ,
ଶ୍ୱେତାଙ୍ଗ ଚଢ଼ାଇଗୁହା (୪) ସମୁଦ୍‌ଗତ,
ନୀର ଭେଦ କରି ଉଠେ ଶୀରବତ ?
ତରଙ୍ଗବେଷ୍ଟିତ କାଙ୍କଣଶିଖରୀ, (୫)
ଆଦ୍ୟଫଳେ ଯାର ତଣ୍ଡ ପୂର୍ଣ୍ଣ କରି

ବର୍ଷେ ବର୍ଷେ ହ୍ରଦବିହାରୀ ଧୀବରେ
ଆଦରେ ପ୍ରେରନ୍ତି ଲକ୍ଷ୍ମୀ-ରେଷଘରେ,
ସ୍ଥାନେ ସ୍ଥାନେ ନୀର ଭେଦିଛି ସୈକତ
ଶାରଦ ଆକାଶେ ଯେସନ୍ତେ ଛାୟାପଥ,
ତାରାପୁଞ୍ଜେ ଯଥା ଶୋଭେ ହରିତାଳୀ
ପୁଳିନ ତେସନ ଶୁଭ୍ର-ଶୁକ୍ତି-ଶାଳୀ,
ଚାରୁ ସ୍ଥିର ତୋର ଶୋଭାର ଆଶ୍ରମ;
ଶୈଳ, ଟଙ୍କ, ବଟେ ମଧୁର ବିଷମ,
ଗିରିଖୋଲ, ନାସି, କାନ୍ତାର, କନ୍ଦରା,
ସୁରମ୍ୟ ତଟିନୀ ଜନମନୋହରା,
ବିକଟ ସଂକଟ ତୁଙ୍ଗ ଶୈଳସାନୁ,
ଗତିପଥେ ଯାହା ପରଶନ୍ତି ଭାନୁ,
ନୀଳଗଣ୍ଡ ଯାର ଗମ୍ଭୀର ବିବର
ଫଣିପତି-ଫଣା-ମଣିରେ ଭାସ୍ୱର,
ଭଗ୍ନ ଦୁର୍ଗ, ଜରାଜର୍ଜ୍ଜର ଦେଉଳ
ଶୈବାଳ-ଅରଣ୍ୟ ଲତା-ଗୁଳ୍ମାକୁଳ,
ମୂର୍ତ୍ତିମତୀ ହୋଇ ଭବଭଙ୍ଗୁରତା
ପ୍ରତିଧ୍ୱନିଛଳେ କହେ ଯହିଁ କଥା,
କୁରଙ୍ଗ-କୁରଙ୍ଗୀ-ଚିର-କ୍ରୀଡ଼ାସ୍ଥଳ
ନବଦୁର୍ବାଦଳ-ଶ୍ୟାମଳ ଶାଦ୍‌ବଳ,
ବିଶାଳ ପୁଳିନ ମନୋମୋହକରୀ,
ମରୀଚିକା ଯାର ଚିର ସହଚରୀ,
ଦ୍ୱୀପମାଳା ଶତେ ହରିତାମ୍ବୁମାନ,
ଏମାନେ ତୋହର ଶୋଭା-ଉପାଦାନ,

(୧) ରମ୍ଭା ଗ୍ରାମ ଅନ୍ତର୍ଭୁକ୍ତ ସ୍ୱନାମପ୍ରସିଦ୍ଧ ପର୍ବତ । (୨) ଚିଲିକାତୀରସ୍ଥ ବାଣପୁରରେ ଶ୍ରୀଭଗବତୀ ଦେବୀଙ୍କ ମନ୍ଦିର ଅଛି । (୩) କାଳୀଜାୟୀ—ଚିଲିକା ମଧ୍ୟସ୍ଥିତ ପର୍ବତ । ଏହି ପର୍ବତ-ଶୃଙ୍ଗରେ ପାରିକୁଦ-ରାଜାଙ୍କ ପ୍ରତିଷ୍ଠିତ କାଳୀଜାୟୀ ଦେବୀଙ୍କ ମନ୍ଦିର ଅଛି । (୪) ଚିଲିକାନୀରୋଦ୍‌ଗତ ଶ୍ୱେତବର୍ଣ୍ଣ ଶୈଳ । (୫) ଚିଲିକା-ମଧ୍ୟସ୍ଥିତ ସ୍ୱନାମପ୍ରସିଦ୍ଧ ପର୍ବତ । **ଏଠାରେ ଅପର୍ଯ୍ୟାପ୍ତ କାଙ୍କଣଫଳ ଜାତ ହୁଏ ।**

ଏତେ ଛବି ଯେଣୁ ଏକାଧାରେ ଠୁଳ
ଛବିଳ ଉତ୍କଳେ ତୋ ଛବି ଅତୁଳ ।
ବହୁଦିନ ଭ୍ରମି ଭ୍ରମି ଅବିରତେ
ଦେଖିଲଇଁ ନାନାସ୍ଥାନ ଭୂଭାରତେ ,
କି ଉତ୍ତରଖଣ୍ଡ କି ଦକ୍ଷିଣାପଥ
ଭ୍ରମିଲି ମୁଁ ଭାଗ୍ୟବଶେ ଚକ୍ରବତ,
ଭାରତର ଉତ୍ତ-ସୀମନ୍ତ-ଅଚଳ
ଦେଖିଲି ହିମାଦ୍ରି ହିମ-ଉର୍ଜ୍ଜ୍ୱଳ,
ପାଦେ କୋଟି କୋଟି ଶିଖରସମାଜ,
ସର୍ବୋଚ୍ଚେ ଶୋଭନ୍ତି ଶୁଭ୍ର ଶୈଳରାଜ,
ଶୃଙ୍ଗୋପରି ଶୃଙ୍ଗ—ଶୃଙ୍ଗ ତଦୁପରି
ନୀଳ ବ୍ୟୋମପଟେ ଚିତ୍ର ହେଲା ପରି,
ନୀହାର-ମୁକୁଟେ ମସ୍ତକ ମଣ୍ଡିତ
ସ୍କନ୍ଧେ ଶୋଭେ ଶୁଭ୍ର ଗଙ୍ଗା-ଉପବୀତ,
ନିସ୍ତବ୍ଧ ନୀରବ ସେ ମହାବିଜନେ
ସନାତନ ଶ୍ୱେତ ତୁଷାର-ଆସନେ
ବ୍ୟୋମକେଶ-ମୂର୍ତ୍ତି ଦେଖିଲି ଚମକି,
ପଡ଼ିଲା ସେ ରୂପେ ଚିତ୍ତବୃତ୍ତି ଅଟକି,
ମନେ ମନେ କହି ନମିଲି ନୀରବେ
"ନମୋ ଦେବାତ୍ମନେ ଶ୍ରୀଗୌରୀଗୁରବେ !"
ରାଜସ୍ଥାନେ ଭ୍ରମି ଭୀମ-ମରୁସ୍ଥଳୀ
ଦେଖିଲି ଭୀଷଣ ରୁକ୍ଷ ଶୈଳାବଳୀ,
ନୀର-ତରୁ-ହୀନ, ବନ୍ଧୁର, କର୍କଶ,
କରାଳ ଯେସନ କାଳ ସର୍ବଂକଷ;
ଚଣ୍ଡାଂଶୁ-କିରଣେ ଖର ଅଗ୍ନିମୟ,
ଦଗ୍ଧଶାଖି-ଶ୍ରେଣି ଶ୍ୱାସେ ବିଷମୟ,
ତପ୍ତ-ବାୟୁ ଯହିଁ ପ୍ରଚଣ୍ଡେ ସଞ୍ଚରି
ପାନ୍ଥ ଆୟୁ ନଏ ପ୍ରତିପଦେ ହରି,
ଗ୍ରୀଷ୍ମାବାନେ ଦଗ୍ଧ ଯହିଁ ନାଗଫେଣୀ,
ନୀରଦାନେ ପୁଣି ମରୀଚିକା-ବେଣୀ,

ତୃଷାତୁର ରୋଗୀ ସ୍ୱପ୍ନେ ଯଥା ବସି
ସ୍ମରେ କମଳନୀ ହରିତ ସରସୀ,
ସେହି ରୁକ୍ଷ ଦୃଶ୍ୟେ ସ୍ନିଗ୍ଧ-ଛବି ତୋର
ନେହାତିଥି ସ୍ମୃତି କରୁଥିଲା ମୋର,
ଭ୍ରମିଲି ଭୀଷଣ ବିନ୍ଧ୍ୟାଦ୍ରି-କାନ୍ତାର,
ଧୁଆଁଧାରେ * ଯହିଁ ହୋଇ ଶତଧାର
ଭୈରବ ଆରବେ ରେବା ଦେଇ ଲମ୍ଫ
ଜନମାଏ ଜନ-ମାନସେ ପ୍ରକମ୍ପ,
ଶୁଭ୍ର ସ୍ୱଚ୍ଛ ପୟଃ-ପ୍ରପାତ-ସୁଭଗା
ହର-ଜଟା ଭ୍ରଷ୍ଟା ଯଥା ତ୍ରିପଥଗା,
ଶୀକର ଜଳଦେ ବିସ୍ତାରସୁନ୍ଦର
ସୃଜେ ଯହିଁ ଶକ୍ରଚାପ ମନୋହର,
ଶୁଣିଲି ଶ୍ରବଣେ ସେ ସୁଭୈରବ ରବ,
ଉର୍ଦ୍ଧ୍ୱେ ଦେଖିଲି ସେ ଜଳର ତାଣ୍ଡବ ,
ଭ୍ରମିଲି ଦକ୍ଷିଣାପଥେ ଉପତ୍ୟକା,
ଝିଲ୍ଲି-ଝଙ୍କାରିତ ଅଟବୀ ଦଣ୍ଡକା,
ଋଷ୍ୟାଶ୍ରମ, ଗିରି, ତଟିନୀ, କନ୍ଦର···
ମହାରଣ୍ୟମାଳେ ଚିତ୍ର-କଳେବର,
ଦୂଷଣ-ତ୍ରିଶିରା-ଖର-ଅଧ୍ୟାସିତ
ଜନସ୍ଥାନ ଯାର ଥିଲା ସନ୍ନିହିତ,
ଧାରାସ୍ରାବୀ, ଶ୍ୟାମରାଗୀ, ତଡ଼ିଦ୍ବନ୍ତ—
ପର୍ଜ୍ଜନ୍ୟ ଗର୍ଜ୍ଜନେ କମ୍ପିଲେ ଦିଗନ୍ତ,
ଯହିଁ ମେଘାଲୋକେ ପ୍ରଫୁଲ୍ଲ ଅନ୍ତର,
-ମୈଥିଳୀ-ପାଳିତ କେକୀ-ବଂଶଧର,
ନାଚେ ନୃତ୍ୟକାରୀ ନୀଳକଣ୍ଠ-କେକା
ଅଦ୍ୟାପି ସୂଚଇ ରାମାଶ୍ରମରେଖା,
ଭୀଷଣ କନ୍ଦରା ମଧ୍ୟେ ବସି ତହିଁ
ଗଦ୍ଗଦ ଶବଦେ ଗୋଦାବରୀ ଯହିଁ
କୁହରେ ପଡ଼ୁଛି ଭୃଗୁ ଦେହେ ଝରି,
ତହିଁ କି ଟିକେ ତୋତେ ନ ଥିଲି ସୁମରି ?

*ନର୍ମ୍ମଦା ପ୍ରପାତର ନାମ ଧୂଆଁଧାର ।

ବାତ୍ୟା ଆନ୍ଦୋଳିତ ମହାଭୟଙ୍କର
ଭ୍ରମିଲି ଭୀଷଣ ରାଜ୍ୟେ ବରୁଣର,
ଯହିଁ ଚକ୍ରବାଳେ ଅସ୍ପୃଷ୍ଟପ୍ରଭ
ନୀଳାର୍ଣ୍ଣବ-ଦେହେ ଲଗ୍ନ ନୀଳ ନଭଃ,
ଊର୍ମିପରେ ଊର୍ମି—ଊର୍ମି ତଦୁପରେ
ପୋତ ଗ୍ରାସିବାକୁ ଆସୁଥାଇ ଖରେ,
ସ୍ତବ୍ଧଭାବେ ଏହି ମହାଦୃଶ୍ୟମାନ
ଦେଖିଲି ଭାରତେ ଭ୍ରମି ନାନାସ୍ଥାନ
ଭୀଷଣ, ବିରାଟ, ବିକଟ, ଉଦାର
ଦୃଶ୍ୟ ଦେଖି ହେଲି ବିସ୍ମୟ ଅପାର
ଚିତ୍ତବୃତ୍ତି ଗଲା ନିଜ ପଥ ହୁଡ଼ି
ସତ୍ତା ଗଲା ସେହି ମହାଭାବେ ବୁଡ଼ି,
ଖର ସୌରକରେ ତାରକା ଯେସନ
ଅସ୍ମିତା (୧) ବିସ୍ମୟେ ହେଲା ନିଗମନ,
ଗୁରୁ ପ୍ରାୟେ ତାଙ୍କୁ ହୃଦୁଁ କରି ଭକ୍ତି
ସଖୀ ପ୍ରାୟେ ତୋତେ ସ୍ମରୁଥିଲି ନିତି;
ଇତର ଜନର ଅବସାଦକର
ଯୋଗୀ ଋଷିଙ୍କ ସେ ସ୍ଥାନ ମନୋହର
ରବି-କରେ ମୃଦୁ କମଳ ଲଭଇ,
ଝାଉଁଳି ପଡ଼ନ୍ତି ଅନ୍ୟ ପୁଷ୍ପ ତହିଁ,
ସେହିପୁଷ୍ପ ପୁଣି ସ୍ନିଗ୍ଧ ଶଶିକରେ
ପିଅନ୍ତି ପୀୟୂଷ ପ୍ରଫୁଲ୍ଲ ଅନ୍ତରେ,
ତୋ ଛବି ଦର୍ଶନେ ସେହିରୂପେ ମନ
ଲଭେ ସୁମଧୁର ଶାନ୍ତି ଆସ୍ୱାଦନ,
ବିରାଟ ନୋହି ତୁ ଯେଣୁ ସୁବୃହତ
ସ୍ତବ୍ଧ ନୋହି ମନ ହୁଅଇ ଉନ୍ନତ;
ଅବସାଦେ ଅବା ଆତ୍ମବିସ୍ମୃତିରେ,
ବୁଡ଼େ ନାହିଁ ମନ ତୋର ରମ୍ୟତାରେ,
ସ୍ନିଗ୍ଧରୂପ ତୋର ଚିତ୍ତ-ଉଲ୍ଲାସକ
ସୁମଧୁର ଦ୍ୱୈତ-ଭାବର ଦ୍ୟୋତକ।

ସଙ୍ଗୀତ ତୋହର ଚିର ସହଚର,
ନୀଳବକ୍ଷ ତୋର ସଙ୍ଗୀତେ ମୁଖର ;
ଭାସମାନ ଶ୍ୱେତ ପ୍ରାସାଦ ଆକାରେ —
ଗାଆନ୍ତି ବିହଙ୍ଗେ ତରଙ୍ଗ-ଦୋଳାରେ,
ନୀଳତର କରି ସ୍ୱପ୍ନାଭେ ତୋ ଅଙ୍ଗ
ଊର୍ଦ୍ଧ୍ୱେ ମେଘାକାରେ ଉଡ଼ନ୍ତି ବିହଙ୍ଗ,
ପକ୍ଷ ଝାଡ଼ି ଶୂନ୍ୟେ ସ୍ଥିରଲକ୍ଷ୍ୟ ହୋଇ
ଚଳ-ମତ୍ସ୍ୟ ଝପ ମାରନ୍ତି ଗାଦୋଇ ;
କଳା, ନୀଳ, ପୀତ, ହରିତ, ଲୋହିତ —
ବିହଙ୍ଗମେ ଊର୍ମି କାହିଁ ବିମଣ୍ଡିତ,
ଜଳଦେବୀ-କର କଙ୍କଣୀ-ନିକ୍ୱଣ
ପ୍ରାୟେ ଶୁଭୁଥାଇ ଶୀକର-ନିସ୍ୱନ,
ଯୂଥେ ଯୂଥେ ମତ୍ସ୍ୟ ନିଜ ଶୁଭ୍ରକାନ୍ତି
ନୀଳ ନୀରେ ଡେଇଁ ଉଲ୍ଲାସେ ଦେଖାନ୍ତି,
ଧିକ୍କାରି ମୁକୁତା-ଶୁକ୍ତି-ବର୍ଣ୍ଣ-ଛଟା
ଶଳ୍କାବୃତ ବପୁ ପ୍ରକଟେ ଭେକଟା ; (୨)
ବିଷଦିଗ୍ଧ ଶଙ୍କୁ ପ୍ରାୟେ ବକ୍ର ପୁଚ୍ଛ
ଶଙ୍କା ଉପୁଜାଏ ବିକଟ ଶାଙ୍କୁଚ,
ଶିଶୁମାର ଖେଳେ ତରଙ୍ଗେ ଓଲଟି,
ଉଠି ବୁଡ଼ଇ ନ ପଡ଼ୁଁ ନେତ୍ରେ ପଟୀ,
କଳାମୁଣ୍ଡ ଜଳେ ଛଟକେ ଦେଖାଇ
ବୁଲନ୍ତି ମଗର ଏଣେ ତେଣେ ଧାଇଁ,
କୋଟି କୋଟି ଜୀବେ ଲଭନ୍ତି ଜୀବିକା
ତୋ ହେତୁ ଏରୂପେ ଜଗତେ, ଚିଲିକା,
କୋଟି କୋଟି ଜୀବେ ଯୋଗାଇ ଆହାର
ନ ସରଇ ତୋର ଅକ୍ଷୟ ଭଣ୍ଡାର !
କି ଆଶ୍ରିତ, କିବା ଆଗନ୍ତୁକ-ଚୟ
ନିର୍ବିଶେଷେ ସର୍ବେ ପୂରନ୍ତି ଆଶ୍ରୟ,
ଏହି ଯେ ତୋ ନୀଳ-ବକ୍ଷ ତାରକିତ
କରି ବିହରନ୍ତି ହଂସ ଅଗଣିତ,

(୧) ଅସ୍ମିତା—ମୁଁ ଅଛି ଏହି ଜ୍ଞାନ। ( Self-Consciousness )
(୨) ଏହି ମତ୍ସ୍ୟକମନ୍ତେ ଚିଲିକା ପ୍ରସିଦ୍ଧ।

କେବଣ ଦେଶୁଁ ଏ ବର୍ଷେ ବର୍ଷେ ଆସି
ହୀଡ଼ନ୍ତି ତୋ ଅଙ୍ଗେ ନାନାରଙ୍ଗେ ଖସି ?
କଲୁଷିତ ବାରି କଲୁଷହାରକ,
କାହାରେ କୁମୁଦ ହାସ ପ୍ରକାଶକ
ଦକ୍ଷିଣାଶା-ବଧୂ ଅବତଂସ ମୋତି
ମହୋଜ୍ଜ୍ୱଳ କୁମ୍ଭ ସମ୍ଭବ ଜ୍ୟୋତି
ଉଇଁଲେ ଆକାଶେ, ଆସ ଦଳେ ଦଳେ
ପୂରନ୍ତି ତଳ ଏ କଳକୋଳାହଳେ,
ଏମାନେ କି ସହଚର ଶରତର,
ଶରତ ସଙ୍ଗତେ ହୁଅନ୍ତି ଅନ୍ତର ?
ଉଜ୍ଜ୍ୱଳ ଶରତ ଲକ୍ଷ୍ମୀ ପରିଜନ—
ପ୍ରାପ୍ତ ଦେଶେ ଦେଶେ କରନ୍ତି ଭ୍ରମଣ,
ଶଶାଙ୍କ-ଧବଳା ନିଶା ଜ୍ୟୋତିଷ୍ମତୀ,
କାଶହାସମୟୀ ସ୍ୱଚ୍ଛ ସ୍ରୋତସ୍ୱତୀ,
ମାଲତୀ ବିଶଦ ନବୀନ ନିକୁଞ୍ଜ,
କୁମୁଦ ଧାବଳ ସରୋବର ପୁଞ୍ଜ,
ଲଭି ସ୍ଥିରତର ଶରତ ପ୍ରସାଦ,
ଏ ସମ୍ପଦର ଏ ଅଟନ୍ତି ଦାୟାଦ,
ନିଜେ ଶୁଭ୍ର, ଶୁଭ୍ରେ କରନ୍ତି ବିହାର,
ଶୁଭ୍ରମୟ ସଦା ଏହାଙ୍କ ସଂସାର;
ଶୁଭ୍ର ଶରତର ଜୟ ବୈଜୟନ୍ତୀ—
ପ୍ରାୟେ ପନ୍ତି ବାନ୍ଧି ନଭେ ବିହରନ୍ତି ।
କମଳା-ବିଳାସ ଭୂମି ତୋର ତୀର,
ଫଳ ଫୁଲ ଶସ୍ୟେ ସଦା ସୁରୁଚିର,
ନାରିକେଳ, ପୂଗ, ପନସ, ରସାଳ,
ମୁଚୁକୁନ୍ଦ, ରମ୍ଭା, କେଶର, ତମାଳ,
ଅଶୋକ ବସନ୍ତ ବିଭବ ବିକାଶୀ,
କଦମ୍ବ ଜଳଦ ଡମ୍ବର ବିଳାସୀ,
ହରଶିବପ୍ରିୟ ପବିତ୍ର ଶ୍ରୀଫଳ,
ସଦା ଚଳଦଳ ପବିତ୍ର ପିପ୍ପଳ,
ସୁରଣ ଶାଲ୍ମଳୀ ସୁବିଶାଳକାୟ,
ଶ୍ୟେନ ଶ୍ୟେନୀ ଯହିଁ ରଚନ୍ତି କୁଳାୟ,
ଗ୍ରାମ ଦେବତାଙ୍କ ମଣ୍ଡପ-ବିତାନ
ସିନ୍ଦୂରିତ ପୁଷ୍ପ-ଗୁଚ୍ଛ-ଗୋଡ୍ଡବାଣ ;
ଶିବାଳୟ ଉପକଣ୍ଠେ କନିଅର
ସୁବର୍ଣ୍ଣ ଚଷକ ଧରି ମଧୁପର,
କର୍ଣ୍ଣପୂରରୂପେ ପୁଷ୍ପ ଯାର ଦୋଳେ
ପଲ୍ଲୀ-ବିଳାସିନୀ ଅମଳ କପୋଳେ ;
ବୈଦୁର୍ଯ୍ୟ-କଣ୍ଟକ-ଧାରୀ ଭୃଙ୍ଗ ଜାଲ
ସରୋବର ତୀରେ ଶୋଭେ ମାଳ ମାଳ,
ମହାନନ୍ଦେ ଯାର ବାହୁଚ୍ଛାୟାଶ୍ରୟେ
ବାୟୁ ବାୟୁବଧୂ ବସନ୍ତି ନିର୍ଭୟେ,
ମୂଳେ କାଳରୂପୀ ଭୀଷଣ ଭୁଜଙ୍ଗ —
ଭ୍ରୂକୁଟି ନ ଗଣି କରୁଥାନ୍ତି ରଙ୍ଗ,
ତାଳ ବିଳମ୍ବିତ ସ୍ୱର୍ଣ୍ଣବର୍ଣ୍ଣ ଦୋଳେ
ଦୋଳାନ୍ତି ଶାବକକୁଳେ ସ୍ନେହକୋଳେ,
ପଦାଶ୍ରିତ ଯାବେ ଛାୟା ପ୍ରଦାୟକ,
କଷ୍ଟ ସହି ପରକଷ୍ଟ ସଂହାରକ,
ବଟଦ୍ରୁମ ଯାର ଯୋଗ୍ୟ ସ୍ତବ୍ଧବତ
ଭୂ-ସ୍ପର୍ଶୀ ଉଦ୍ଧଳ ସ୍କନ୍ଧେ ପରିଣତ,
ମରକତ ପତ୍ରେ, ପଦ୍ମରାଗ ଫଳେ
ଯା ବିରାଜ ଗ୍ରାମ ସୀମାନ୍ତ ଉଜ୍ଜଳେ,
ମଧ୍ୟାହ୍ନ ଫୁରଇ ଯହିଁ କଳଗିର
ହଳଦିବସନ୍ତ ସଙ୍ଗେ ଗୁଣ୍ଡୁରିର ;
ଏ ଆଦି ପାଦପମାନେ ଅନାଚିତ
ତୀର ପଲ୍ଲୀ ତୋର ସ୍ନିଗ୍ଧ ପୁଲକିତ,
କୁତରେ ପୁଷ୍ପ ତ କେତକୀକି ଯହିଁ
ସମୀରଣ ତୋର ନିରତେ ସେବଇ,
କେତେ ଥର ଦେଖିଅଛି ଏସବୁମାନ,
ମାତ୍ର ପ୍ରତିଥର ଦିଶେ ଆନ ଆନ ।
ଦୃଷ୍ଟପୂର୍ବ ହୋଇ ଅପୂର୍ବ ପ୍ରତୀତି
ସୁନ୍ଦରପଣର ଚିରନ୍ତନ ରୀତି ;
ସୁନ୍ଦର ତୃପ୍ତିର ଅବସାଦ ନାହିଁ,
ଯେତେ ଦେଖିଲେହେଁ ନୂଆ ଦିଶୁଥାଇ ।

ତୋ ପଶ୍ଚିମସ୍ଥିର ଶୋଭାର ନିଳୟ,
ଦେଖି ନ ଉଲ୍ଲସିବ ଲକ୍ଷି କା ହୃଦୟ !
ଶ୍ୟାମଳରୁ କ୍ରମେ ନୀଳ, ନୀଳତର
ସୋପାନସ୍ୱରୂପେ ଦିଶେ ଶୈଳସ୍ତର,
ଅଭ୍ରଙ୍କଷ ଭୃଙ୍ଗ ପ୍ରସ୍ତରୀ-ପ୍ରାଚେସ୍ତ
ଶୋଭେ ଶୋଭାମୟ ଭୂଧର ଖାଲେଷ୍ଟି, (୧)
କ୍ରମନମ୍ର ହୋଇ ନୀଳ ଜଳରାଶି
ଭେଦିଅଛି ଯାର ସୁଶ୍ୟାମଳ ନାସି,
ଶୋଭା ତୋଷା ହୋଇ ପଡ଼ିଛି ଶିଖ
ଠାବେ ଠାବେ ଯାର ମାର୍ଗ ଗଇଳକ
ସୁଶ୍ୟାମଳ ବୃକ୍ଷ-ଜଟିଳ ଜଟିଆ (୨)
ଶିରୁ ନାରେ ଯାର ହୋଇଅଛି ଠିଆ,
ଭିନ୍ନ ଆଉ ଯାକୁ ଚର୍ଚ୍ଚି ସ୍ୱାତଦଳ
ସ୍ଫୁରନ୍ତି ନିଜ ସ୍ନୁବନ୍ଧୁ କେବଳ,
ତଟବନେ ଯାର ରାଜେ ଅନ୍ଧାରୁଆ
ଜଳଦେବୀଙ୍କର କେଳିଯୋଗ୍ୟ ଗୁହା,
ପାଷାଣଭେଦୀରେ(୩) ମଣ୍ଡିତ ତୋରଣ,
ଶଇବାଳସ୍ତରେ ଭିତ୍ତି ସୁଚିକ୍କଣ,
ବସି ଯହିଁ ହ୍ରଦବାସିନୀ ଅମରୀ
ସ୍ୱଚ୍ଛ ମୁକ୍ତାଫଳେ ବାନ୍ଧନ୍ତି କବରୀ,
ବୃକ୍ଷହୀନ, ଶିଳାରୁକ୍ଷ-କଳେବର
ସିଂହେଶ୍ୱରଙ୍କର(୪) ଯାମଳା ଭୂଧର,
ବହଇ ସାଳିୟା ପ୍ରସନ୍ନ-ସଲିଳା, (୫)
ତଟ ଦେଶେ ଯାର ଶୈଳ ଘଣ୍ଟଶିଳା ;
ଇନ୍ଦ୍ରନୀଳକାନ୍ତି ବିଶାଳ ଶୋଲସ୍ତି, (୬)
ଦେଖି ମୋ ମନକୁ ଆସଇ ଏପରି,
ଊର୍ଦ୍ଧ୍ୱେ ଉଠନ୍ତି କି ଭେଦିଣ ଅବନୀ
ମସ୍ତକରତର ଯାନେ ବୈରୋଚନ ?
ଅପରାଜିତା'ର ନୀଳମା-ତସ୍କର
ଦୂରେ ଗିରିରାଜ ରାଜେ ମନୋହର,
କରମୁଣ୍ଡାକୃତି ଗିରି ଖଣ୍ଡାହଣା, (୭)
କାନ୍ତାରେ ହୁଅନ୍ତି ପାନ୍ଥେ ଯହିଁ ବଣା ;
ମଧ୍ୟାହ୍ନେ ଅନ୍ଧାର ହଣଇ ଅଳନ୍ଦୁ
କନ୍ଦରୀମନ୍ଦିର-ବିଶ୍ରାମର ବନ୍ଧୁ ;
ମାରନ୍ଦୁ-ନିବିଡ଼ କାଚକବଣିଆ,
ଅଭ୍ରଙ୍କଷ-ଶିଖ ଗିରି ଗଞ୍ଜଣିଆ, (୮)
ଫଣାଧରାକୃତି ମୈନାକ ଶିଖରୀ
ଯା ଶିରେ ବସନ୍ତି ରଣପୁରେଶ୍ୱରୀ, (୯)
ବାରୁଣୀ-ବଦନେ ଏ ଜରିପଟଳୀ
ଶୋଭେ ଯେସନେ ମୃଗମଦ-ପତ୍ରାବଳୀ ।
ପୂର୍ବଶାରୁଁ ଭୋର ଆରୋହି ତରଣୀ
ଆସୁଥିବାବେଳେ, ଏ ତୀର-ଅବନୀ
ଏହି ବୃକ୍ଷାବଳୀ ନିଜ ଚିତ୍ରପଟେ
ଦର୍ଶକ ନୟନେ କ୍ରମଶଃ ପ୍ରକଟେ,
କୁହେଳିକା ଭେଦି ଯେସନେ ଶୈଳକୂଟ
କ୍ରମେ ହେଉଥାନ୍ତି ନଭେ ପରିସ୍ଫୁଟ,
ଜଳୋଦ୍‌ଗତ ଇନ୍ଦ୍ରନୀଳର ଗମ୍ବୁଜ
ପ୍ରାୟେ ଦିଶୁଥାଇ ଦ୍ୱୀପ-ଶୈଳବ୍ରଜ,
ଯେତେ ହେଉଥାଇ ତରୀ ଅଗ୍ରସର,
ଅଲଗା ଦିଶନ୍ତି ଲଙ୍ଘି ପରସ୍ପର,
ସ୍ପଷ୍ଟ ହେଉଥାଏ କ୍ରମେ କ୍ରମେ ସ୍ଥିତ,
ଏକ ବର୍ଣ୍ଣ ନାନା ବର୍ଣ୍ଣେ ବିଭାସିତ,

(୧) ସ୍ୱନାମପ୍ରସିଦ୍ଧ ପ୍ରାଚୀରାକୃତି ବିଶାଳ ପର୍ବତ । ଚିଲିକା କୂଳରେ ଏହାର ଅବସ୍ଥିତି ଅତି ସୁନ୍ଦର । (୨) ସ୍ୱନାମପ୍ରସିଦ୍ଧ ପର୍ବତ । (୩) ପାଷାଣଭେଦୀ—Forns. (୪) ସ୍ୱନାମପ୍ରସିଦ୍ଧ ପରସ୍ପରସଂଲଗ୍ନ ଯୋଡ଼ିଏ ପର୍ବତ । ମହାଦେବ ସିଂହେଶ୍ୱରଙ୍କ ନାମାନୁସାରେ ନାମିତ । (୫) ବାଣପୁରର ନିକଟବର୍ତ୍ତୀ ପର୍ବତ । ଏହାର ପାଦଦେଶରେ ସାଳିୟା ନଦୀ ପ୍ରବାହିତ । (୬) ଓଡ଼ିଶା ମଧ୍ୟରେ ଏପରି ସୁଦୃଶ୍ୟ ପର୍ବତ ବିରଳ । ବାସ୍ତବରେ ଏହା ଗୋଟିଏ ନୀଳକାନ୍ତମଣି-ଗଠିତ ବିମାନପ୍ରାୟ ବୋଧହୁଏ । (୭) ମୋଗଲବନ୍ଦୀର ସର୍ବୋଚ୍ଚ ପର୍ବତ । ଏ ଅଞ୍ଚଳରେ ଅନେକ କନ୍ଦପଲ୍ଲୀ ଅଛି (୮) ରଣପୁର ଅନ୍ତର୍ଗତ ସ୍ୱନାମପ୍ରସିଦ୍ଧ ଶୈଳ । ଏହାର ଶୃଙ୍ଗ ଗଞ୍ଜଣି ପରି ଦିଶେ । (୯) ରଣପୁର ରାଜଧାନୀର ନିକଟବର୍ତ୍ତୀ ବିଶାଳ ପର୍ବତ । ବିରାଟ ସର୍ପାକୃତି ଏହି ପର୍ବତ ଭାଲୁରେ ରଣପୁର ଅଧିଷ୍ଠାତ୍ରୀ ଦୁର୍ଗାଦେବୀଙ୍କ ମନ୍ଦିର ବହୁଦୂରରୁ ଦୃଷ୍ଟ ହୁଏ ।

ପଲକେ ପଲକେ ହୁଅଇ ପ୍ରକାଶ
ଛାୟା ଆଲୋକର ଅପୂର୍ବ ବିଳାସ,
ସାୟନ୍ତନ ଘନ ଖେଳଇ ଗଗନେ
ସୂର୍ଯ୍ୟାସ୍ତର ଐନ୍ଦ୍ରଜାଲିକ ବରଣେ,
ଠାବେ ଠାବେ ଅଭ୍ରଖଣ୍ଡ ସ୍ୱର୍ଣ୍ଣକାନ୍ତି
ଶିର ତୋଳି ଶୈଳଶିଖୁଁ ଝାଙ୍କୁଥାନ୍ତି,
ଶୋଭାରାଶି ଫୁଟି ଅନ୍ତରୀକ୍ଷେ, ସ୍ଥଳେ,
ତହୁଁ ତୋ ତରଳବକ୍ଷେ ପ୍ରତିଫଳେ,
ଆହା ଏ ଶୋଭାର କାହିଁ ପଟାନ୍ତର ?
ଥିଲେ ଥିବ ସ୍ୱର୍ଗେ, ମର୍ତ୍ତ୍ୟେ ଅଗୋଚର,
ପାସୋରିବ ଦେଖି, କହ, କେହୁ ଜନ
ଏ ଶୋଭାପାସୋରି ଅପ୍ସରାଭୁବନ ?
ଭାରତୀ-ଭକତ କେଉଁ ରୂପପାୟୀ
ତୃପ୍ତ ହେବ ଏହା ଥରେ ମାତ୍ର ଧ୍ୟାୟି ?
ବଚନ-ବିଷୟ ନୁହଇ ଏ ଛବି,
ହୃଦ ସେ କେବଳ ପାରେ ଅନୁଭବି ।
ନାନା ତୀର୍ଥଜଳ ଆସି ଦିବା-ନିଶି
ପୂତ କରେ ତୋର ଅଙ୍ଗ ତହିଁ ମିଶି,
ସର୍ବ-ଦେବ-ଦେବୀ ସ୍ନାନେ ପବିତ
ନୀଳାଚଳ-ପାଦେ ବହେ ଯେ ସରିତ (୧)
ପୁନ୍ନାଗ-ଅରଣ୍ୟ-ଲକ୍ଷ୍ମୀ-ଦରପଣ,
ତେଜଃପୁଞ୍ଜ-ଭୃଗୁ-ପ୍ରଭାବେ ପାବନ (୨)
ଭାର୍ଗବୀ, ସ୍ୱର୍ଗର ସୁଗମ ନିଃଶ୍ରେଣୀ,
ମନୋହର ଯାର ନୀଳ-ନୀରବେଣୀ,
ସ୍ନାନକାଳେ ଦ୍ୱିଜକୁମାରୀନିଚୟ —
ମୁଖେ ଧରେ ହେମ-ତାମରସମୟ,
ମଞ୍ଜୁ କୁସୀଅନା-କୁଞ୍ଜ-ବିହାରିଣୀ
ଶାନ୍ତି-ଗୋପୀନାଥ-ହୃଦୟ ହାରିଣୀ,
ଦ୍ୱିଜକନ୍ୟା ଲକ୍ଷ୍ମୀ - ସ୍ନାନେ ପୁଣ୍ୟମୟୀ,
ସୌଗନ୍ଧିକ-ଗନ୍ଧେ ଗୁରୁ ଉନ୍ମଦୀ ; (୩)
ଦୟା-ତୀର ଧୀର ମୁନୀନ୍ଦ୍ର ଦଧୀଚି—
ଅଭିଷେକମଙ୍ଗଳେ ପୂତ ଯାର ବୀଚି, (୪)
ଭବତଳେ ଶୁଭ୍ର-ଦୟା ମୂର୍ତ୍ତିମତୀ,
ଧଉଳୀଦର୍ପଣ ଦୟା-ସ୍ରୋତସ୍ୱତୀ ;
ଭୁବନେଶ୍ୱରଙ୍କ କେଳି ଉପବନ
କିଶଳୟ-ତାମ୍ର ଏକାମ୍ର କାନନ —
ଦ୍ରୁମରାଜି-ଛାୟା — ଅନ୍ଧାରେ ଯାହାର
ମୃଦୁ କଳନାଦେ ବହେ ସ୍ୱଚ୍ଛ ଧାର, (୫)
ନଦୀ-ମନ୍ଦାକିନୀ ଅମନ୍ଦଗାମିନୀ,
ରଣପୁର ରାଷ୍ଟ୍ର—ବନବିହାରିଣୀ,
ଏ ଆଦି ବିବିଧ ପୁଣ୍ୟତୀର୍ଥ-ସଙ୍ଗ
ଲଭି ପରିପୁଷ୍ଟ ତୋର ନୀଳ ଅଙ୍ଗ,
ନିଜେ ତୀର୍ଥେଶ୍ୱର ସର୍ବ-ତୀର୍ଥାଶ୍ରୟ
ତୋ ସଙ୍ଗେ କରନ୍ତି ନୀର-ବିନିମୟ ;
ପବିତ୍ର ସୁନ୍ଦର, ସୁନ୍ଦର ପାବନ,
ତୋଠାରେ ହୋଇଛି ଏହା ସଙ୍ଘଟନ ;
ତେଣୁ ସିନା ତୋର ତୀର-ଦ୍ୱୀପାବଳୀ
ଦେବ-ଦେବୀଙ୍କର ପ୍ରିୟ ବାସସ୍ଥଳୀ,

(୧) ଅଠରନଳା ନଦୀ । (୨) କମ୍ବଦନ୍ତୀ ଅଛି ଯେ ଭୃଗୁମୁନି ଏହି ନଦୀକୂଳରେ ତପସ୍ୟା କରିଥିବାରୁ ଏହାର ନାମ ଭାର୍ଗବୀ ହୋଇଅଛି । ଏହି ନଦୀ ତୀରରେ ଅନେକ ପ୍ରସିଦ୍ଧ ବ୍ରାହ୍ମଣ-ଶାସନ ପ୍ରତିଷ୍ଠିତ । ଏହାର ଉଭୟ ତୀର ପୁନ୍ନାଗ ବନାକୀର୍ଣ୍ଣ । (୩) ଏହି ନଦୀ ସ୍ରୋତସ୍ୱତୀ ନ ହେଲେହେଁ ଏହି ଅଞ୍ଚଳର ଗୋଟିଏ ପ୍ରଧାନ ପୟଃ-ପ୍ରଣାଳୀ ଅଟେ । ସତ୍ୟବାଦୀ-ନିବାସୀ ଜଣେ ପଣ୍ଡାର ଲକ୍ଷ୍ମୀନାମ୍ନୀ ଗୋଟିଏ ପରମା ସୁନ୍ଦରୀ କନ୍ୟା ଥିଲା । ସ୍ୱୟଂ ଗୋପୀନାଥ ଏହି ସୁନ୍ଦରୀର ପ୍ରେମରେ ଆସକ୍ତ ହୋଇଥିବାର କମ୍ବଦନ୍ତୀ ଅବଧି ପ୍ରଚଳିତ ଅଛି । ରାଧିକାଙ୍କ ସୁବର୍ଣ୍ଣ ପ୍ରତିମା ଗଠନାରମ୍ଭ-ଦିନଠାରୁ ଲକ୍ଷ୍ମୀ ପୀଡ଼ିତ ହେଲା ଏବଂ ଯେଉଁଦିନ ସେହି ପ୍ରତିମାର ଜୀବନ୍ୟାସ ହେଲା ସେହି ଦିନ ଲକ୍ଷ୍ମୀର ପ୍ରାଣବିୟୋଗ ହେଲା । ସତ୍ୟବାଦୀରେ ଅନେକ କୁସୀଅନା ଗଛ ଅଛି । (୪) ଦଧୀଚି ମୁନି ଦୟାକୂଳରେ ତପସ୍ୟା କରିବାରୁ ନଦୀର ନାମ ପ୍ରଥମେ ଦଧିଭଦ୍ରା ହେଲା । ଦଧିଭଦ୍ରାର ଅପଭ୍ରଂଶ 'ଦାହୁଆ' ଏବଂ 'ଦାହୁଆ'ର ଅପଭ୍ରଂଶ 'ଦୟା' ହୋଇଅଛି । ଐତିହାସିକ ଧଉଳୀ ପର୍ବତ ଦୟାତୀରରେ ଅବସ୍ଥିତ । (୫) ଗନ୍ଧବତୀ, ଦୟାର ଉପନଦୀ ।

ତେଣୁ ସିନା ତାରା, ଚଣ୍ଡୀ ଭଗବତୀ (୧)
ସଗର୍ବେ ତୋ ତଟରେ ରହିଲେ ବସନ୍ତି,
ତେଣୁ ନାଗେଶ୍ୱର-ନିକୁଞ୍ଜ-ବିଳାସୀ (୨)
ପ୍ରଭୁ ଚନ୍ଦ୍ରେଶ୍ୱର ହେଲେ ତୀରବାସୀ ।
ତୋ ଦର୍ଶନେ-କ୍ଷୁଦ୍ର ମନୁଷ୍ୟର ଗତି
ଦେଖେ କାଳେ ହୁଏ ଦୂର-ବିସ୍ତାରିତ,
ଅତୀତର ତୁହି ସାକ୍ଷୀ ପୁରାତନ,
ଦେଖିଲୁ ନରର ଉତ୍‌ଥାନ ପତନ,
କେତେ ରାଜଧାନୀ ତୋ ତଟରେ ଉଠିଥିଲ
ହୋଇ ଉନ୍ନତି ସୃଷ୍ଟି ହେଲେ ଅସ୍ତମିତ,
ଧୋଉଅଛି ତୋର ନୀଳ ଊର୍ମିମାଳ
ଏବେ ତାଙ୍କ କାଳ-ଚର୍ବିତ କଙ୍କାଳ ;
କେତେ ରାଜା, କେତେ ଦିଗ୍‌ବିଜୟୀ ବୀର
ଆଲୋଡ଼ିଲେ ତୋର ସ୍ନିଗ୍ଧ ନୀଳ ନୀର,
ତୋ ଆକାଶ ପୂରି ଜୟ-ବାଦ୍ୟରୋଳେ,
ଉଡ଼ାଇ ବାନା ତୋ ପବନ-ହିଲ୍ଲୋଳେ,
ସଦମ୍ଭେ ବାହିଲେ ତୋର ବକ୍ଷେ ତରୀ
ଅକ୍ଷୟ ଯଶର ଆଶା ବକ୍ଷେ ଧରି,
ଅଭିଯାନେ ତାଙ୍କ ତରୀ-ମେରୁଦଣ୍ଡେ
ଯେ ରେଖା ପଡ଼ିଲା ତୋର ନୀଳ ଗଣ୍ଡେ,
ସେହି ରେଖା ସାଥେ ତାଙ୍କ ଯଶମାନ
ଜାତ ମାତ୍ରେ ସିନା ହେଲା ଅନ୍ତର୍ଦ୍ଧାନ !
ବୃଥା ହାଣି, ଆହା, ଲକ୍ଷ ଲକ୍ଷ ମଥା !
କେତେ ରକ୍ତନ ପାଇଁ କଲେ କେତେ କଥା
ଯଶର ହୋଇ ସଦାଙ୍କ ସେ ଶାନ୍ତର
ରଖି ପାରିଲେ କି ଯଶ ପଦତାରେ ?
ସୁଲଭ ଯେ ଲୋଭ-ବଢ଼କୁଳଯଶଃ
କାଳ କି ସେ ଲୋଭେ କେବେ ହୁଏ ବଶ ?
ଇତିହାସ-ରଙ୍ଗସ୍ଥଳୀ ତୁ ଚିଲିକା,
ତୋର ତଟରେ ପରା ଶ୍ରୀମନ୍ତ ମାଣିକା—

ହସ୍ତେ ଭୁଞ୍ଜିଥିଲେ ସାଦରେ ଲବଣୀ
ଶାବରାତ୍ମୀ ପ୍ରଭୁ ଭକ୍ତଚିନ୍ତାମଣି ;
ଦିନେ ତୋର ତଟରେ ବସି ନିକାଞ୍ଚନେ
କାଞ୍ଚି ଯାତ୍ରା କଥା ପଡ଼ିଗଲା ମନେ,
ସ୍ୱପ୍ନେ ଭାସି କାଳସ୍ରୋତ ପ୍ରତି-କୂଳେ
ଦେଖିଲି ଅମର ବିରଚିତ ବ୍ୟୋମେ ;
ଧରନ୍ତି କଳ୍ପନା ନାମ ସେ ସୁନ୍ଦରୀ,
ବୀଣାପାଣିଙ୍କର ଚିରସହଚରୀ ,
ଭକ୍ତିଭାବେ ତାଙ୍କୁ କଲି ଆରାଧନା,
ଦିବ୍ୟଚକ୍ଷୁ ମୋତେ ଦେଲେ ଚନ୍ଦ୍ରାନନା,
ଦେଖିଲି ଦୃଶ୍ୟ ମୁଁ ବସି ତୋର ତଟେ,
ଲେଖି ରହିଛି ଯା ସଦା ସ୍ମୃତି-ପଟେ,
ସମୀରେ ଅଙ୍ଗୋଲ-ମାଳା ସ୍ଫୀତ କରି
ଦକ୍ଷିଣୁ ଆସିଲା ଶତ ଶତ ତରୀ,
ତରୀରେ ଆସୀନ ସୈନିକ-ନିକର,
ସୌର-କରେ ବର୍ମ ଆୟୁଧ ଭାସ୍ୱର,
ସ୍ୱର୍ଣ୍ଣ-ସୁଦର୍ଶନ—ଲାଞ୍ଛନେ ଲାଞ୍ଛିତ
କେତନ ପତାକା ବାତେ ଆନ୍ଦୋଳିତ,
ତାଳେ ତାଳେ ଗଡ଼ି ତୋ ବକ୍ଷେ କ୍ଷେପଣୀ
ଉଠଇ ଗମ୍ଭୀରେ ଜୟଗୀତ-ଧ୍ୱନି,
ମଧ୍ୟେ ଶୋଭେ ତରୀ ଅତି ମନୋହର
ଗଜଦନ୍ତେ ଗଢ଼ା ଯାର କଳେବର
ରଙ୍ଗ ଚନ୍ଦ୍ରାତପ ସ୍ୱର୍ଣ୍ଣ-ତାରକିତ
ସ୍ଫଟିକଯଷ୍ଟିରେ ଊର୍ଦ୍ଧ୍ୱେ ବିଲମ୍ବିତ,
ଚନ୍ଦ୍ରାତପ-ତଳେ ଝୁଲଇ ମଞ୍ଜୁଳ—
ଝାଲର ପରାଏ ପାଟ ସଙ୍ଗେ ଫୁଲ,
ତହିଁ ସିଂହାସନେ ସୁନ୍ଦରୀ ଆସୀନା,
ଜଗତେ ତୁଳନା ନାହିଁ ତାର ସିନା,
ପାରିଜାତ-କୁଞ୍ଜେ ଉର୍ବଶୀ ସୁନ୍ଦରୀ-
ସମ୍ଭ୍ରମଜନକ ବାହାରିଲା ପରି,

(୧) ଚିଲିକାତୀରସ୍ଥ ପର୍ବତ-ତଳେ ତାରାଦେବୀ ପ୍ରତିଷ୍ଠିତ । ଶ୍ରୀକ୍ଷେତ୍ରରୁ ୭ କୋଶ ଦୂରରେ ଗୋଟିଏ ଉଚ୍ଚ ବାଲୁକାସ୍ତୂପ ଉପରେ ହରଚଣ୍ଡୀ ଦେବୀଙ୍କର ଦେଉଳ ଅବସ୍ଥିତ । ଭଗବତୀ ବାଣପୁରର ଅଧିଷ୍ଠାତ୍ରୀ । (୨) ଏହି ମନ୍ଦିର ପୁରୀ, ଭୁବନେଶ୍ୱର ଏବଂ କୋଣାର୍କ ମନ୍ଦିରର ଚତୁର୍ଥ ସ୍ଥାନୀୟ ଅଟେ । ଏଠାରେ ଅନେକ ନାଗେଶ୍ୱର ବୃକ୍ଷ ଦେଖାଯାଏ ।

ମ୍ଲାନ ମୁଖଚ୍ଛବି ବିଷାଦ-ରେଖାରେ,
ଭ୍ରୂଲତା ଅଙ୍କା କି ଲଜ୍ଜା ତୂଳିକାରେ ?
ଭ୍ରୂମଧ୍ୟେ କୁଙ୍କୁମ-ବିନ୍ଦୁ ସୁମଧୁର,
ବେନି କର୍ଣ୍ଣେ ଶୋଭେ ମଣି-କର୍ଣ୍ଣପୂର,
ବୈପରୀତ୍ୟେ ଦ୍ୟୁତି ବଢ଼ାଇ ବିଶେଷେ
କୃଷ୍ଣ କେଶପାଶ ଦୋଳେ ପୃଷ୍ଠଦେଶେ,
ଗନ୍ଧାମୋଦେ ଅନ୍ଧ ହୋଇ ଅଳିକୁଳ
ଗୁଞ୍ଜରି ବାମାକୁ କରନ୍ତି ଆକୁଳ,
ବରଭୁଜେ ସ୍ଥଳ ଲୀଳା-ଅରବିନ୍ଦ
ସମ୍ଭ୍ରମେ ସୁନ୍ଦରୀ ତଡ଼ଇ ମିଳିନ୍ଦ,
ମଣ୍ଡାଇ ସୁଷମା ନେତ୍ର ପଙ୍କଜାସ୍ୟେ
ଅପୂର୍ବ-ମଣ୍ଡନ ଚଳଭୃଙ୍ଗ-ଲାସ୍ୟେ,
ବରଭୁଜେ ଧରି ରଜତ କ୍ଷେପଣୀ
ତରୁଣୀଏ ମିଳି ବାହାନ୍ତି ତରଣୀ ;
କ୍ଷେପଣୀ-କ୍ଷେପଣେ ତୋହରି ସଲିଳେ
ହୀରକର ଉତ୍ସ ଉଠିଲା ସଲିଳେ,
ସୁନ୍ଦରୀର ନେତ୍ର-ଶୋଭା ଅନୁକରି
ତୋ ଜଳେ ଫୁଟିଲେ ରଜତ ଶଫରୀ,
ନୀଲିମାରେ ବାମା-ଗୁଚ୍ଛ-କେଶପାଶ
ତୋ ନୀଳ-ଶାଟକ କଲା ଉପହାସ,
ତେଣୁ କି ତରଙ୍ଗେ ଅପମାନ-ଭରେ
ଶିର ପିଟୁଥିଲେ ତରଣୀ-ପଞ୍ଜରେ ?
କାମିନୀ-ଚିକୁରେ କୁସୁମ-ମୁକୁଟେ
କମଳ-ପାଖୁଡ଼ା ବାତେ ପଡ଼େ ଝଟେ,
ସୁନ୍ଦରୀର ତରୀ ସମ ବିଭୂଷିତ
ଗଜଦନ୍ତ ଗଢ଼ା ଅପର ବୋଇତ
ସମସଂଖ୍ୟା ଯୁବା ବର୍ମୋଜ୍ଜ୍ୱଳ ଅଙ୍ଗ,
ତସ୍ୱଦନ୍ତେ (୧) ରଙ୍ଗେ କାଟନ୍ତି ତରଙ୍ଗ,
ତହିଁପରେ ମଣ୍ଡିଛନ୍ତି ସିଂହାସନ
ଯୁବା ଦେବାକୃତି, ସିଂହ-ସିଂହାନନ ;

ବଦନଶ୍ରୀ ତେଜ-ଗାମ୍ଭୀର୍ଯ୍ୟ-ବ୍ୟଞ୍ଜକ,
କୃପାଣ ପାଣିରେ କରେ ଜକ ଜକ,
ମୂର୍ତ୍ତି ପରିଗ୍ରହି ଉଦେ କି ସାହସ ?
କିମ୍ବା କ୍ଷାତ୍ର-ଧର୍ମ କିମ୍ବା ବୀରରସ ?
ଋଷିକୁଲ୍ୟା-ତଟୁଁ ସୁବର୍ଣ୍ଣତଟିନୀ—
ଯାଏ ଗ୍ରସ୍ଥା ଯାର ବ୍ୟାପଇ ମେଦିନୀ,
ଶିରପରେ ଶୋଭି ସେହି ସ୍ୱର୍ଣ୍ଣଛତ୍ର
ଚିହ୍ନାଇ ଦେଉଛି ଉତ୍କଳର ପତି ;
ତୀରେ ଦୁର୍ଗଶିରେ ଶସ୍ତ୍ର କରେ ଧରି
ଦେଖୁଥିଲେ ଦୃଶ୍ୟ ସମ୍ଭ୍ରମେ ପ୍ରହରୀ,
ଗିରିବାସୀ ଯେତେ ସାମନ୍ତ ପ୍ରଧାନ
ଓଗର ସମ୍ବାଦେ ଆଗୁଁ ସାବଧାନ
ହୋଇ ଦଳେ ଦଳେ ଥିଲେ ଉପସ୍ଥିତ
ଦେଖି ନାନା ବସ୍ତ୍ର-ଆୟୁଧ-ଲାଞ୍ଛିତ,
ମସ୍ତକ ନୁଆଇଁ ସର୍ବେ କଲେ ନତ
ପାଶେ ଆସିବାରୁ ତରଣୀ-ପଙ୍କତି
ଗାଇଲେ ମଧୁର କଣ୍ଠେ ବନ୍ଦିଦଳେ
"ହେ ବିଶ୍ୱସୁନ୍ଦରି ! ସ୍ୱାଗତ ଉତ୍କଳେ,
ଜୟ କାଞ୍ଚିଜେମା ବିଶ୍ୱମନୋରମା,
ବିରଞ୍ଚିସୃଷ୍ଟିରେ ଶୋଭାର ଉପମା,
ତୁମ୍ଭ ଆଗମନେ ପବିତ୍ର ଉତ୍କଳ,
ଜାହ୍ନବୀ-ପରଶେ ଯେସନେ ଧରାତଳ,
ଶୋଭିବ ଉତ୍କଳ-ସଦ୍ମେ ସଦାଶସ୍ୟା,
ସରେ ଯଥା ପଦ୍ମ ପଦ୍ମେ ପଦ୍ମାଳୟା !
ଜୟ ଅରିନ୍ଦମ ଶ୍ରୀପୁରୁଷୋତ୍ତମ,
ବିଶ୍ୱେ ତୁମ୍ଭେ ବିଶ୍ୱ-ରକ୍ଷା-ବ୍ରତ-କ୍ଷମ,
ଲଭିଲ ଦେଖାଇ ଜଗତେ ଯୋଗ୍ୟତା
ସରଜିସ୍ଥାରୂପେ ଏ ରୂପ-କଳ୍ପଲତା,
ସୁନ୍ଦର ମଧୁର ବେନିଙ୍କ ମିଳନ,
ଶୌର୍ଯ୍ୟ ସଙ୍ଗେ ଆହା ସୌନ୍ଦର୍ଯ୍ୟ ଯେସନ ;

(୧) ତସ୍ୱଦନ୍ତ—କ୍ଷେପଣୀ ।

ଚନ୍ଦ୍ରା ସଙ୍ଗେ ଏବେ ମିଳିଲେ ଚନ୍ଦ୍ରମା,
ଶ୍ରୀପତି ସଙ୍ଗରେ ଲୋକମାତା ରମା ;
ବେନିଙ୍କ ସୃଜନେ ବିରଞ୍ଚି-କୌଶଳ
ହେଲା ବେନିଙ୍କର ମିଳନେ ସଫଳ ।"
ବନ୍ଦାପନା ଅନ୍ତେ ବାନ୍ଧବ-ଶବଦ
ଉଠିଲା କମ୍ପାଇ ମଞ୍ଚ, ବସ୍ତୁପ୍ରଦ,
ଶେଷରେ ଗିରିଗୁହା ଯୋଗ ଦେଲେ ତହିଁ,
ସମୀର ନେଲା ତା ଦିଗେ ଦିଗେ ବହି,
ସେ ଉତ୍ସବେ ହୋଇ ହରଷେ ଉତ୍ତାଳ,
ଚିଲିକା ! ତୋ ସାଥି ତହିଁ ଦେଲେ ତାଳ,
ସେ ଘୋର ଆଧ୍ମାନେ ଭାଙ୍ଗିଗଲା ଧ୍ୟାନ,
ଧ୍ୟାନ ସଙ୍ଗେ ଦୃଶ୍ୟ ହେଲା ଅନ୍ତର୍ଦ୍ଧାନ,
ଜାଣିଲି ସେସବୁ କଳ୍ପନାକୌଶଳ ;
ଫେଡ଼ିଲେ ନୟନ ଦେଖିଲି କେବଳ
ଅନନ୍ତ-ନୀଳିମା-ଦ୍ୟୁତି-ବିଭାସିତ
ତୋ ଅମର-ସତ୍ତ୍ୱ ଅଗ୍ରେ ବିରାଜିତ ।
ରୁଦ୍ର ମୂର୍ତ୍ତି ତୋର ରଖୁ ତୁ ଯୋଡ଼ାଇ,
ଦୁରନ୍ତ ଉତ୍କଳ-ପରପନ୍ଥୀପାଇଁ,
ସୂର୍ଯ୍ୟକାନ୍ତ ଯଥା ପରଶେ ଶୀତଳ,
ତେଜସ୍ୱୀ ଦର୍ଶନେ ହୁଏ ଊର୍ଜସ୍ୱଳ,
ଶତ୍ରୁ ଦେଖି ତୁହି ସେରୂପେ ଚିଲିକା ।
ପ୍ରକଟୁ ପ୍ରଚ୍ଛନ୍ନ ଶକ୍ତି ମାୟାମ୍ବିକା,
ସେହି ମୂର୍ତ୍ତି ତୋର ଉତ୍କଳେ ଚଡ଼ାଉ
କରି ଦେଖିଥିଲା ଦୈତ୍ୟ ରକ୍ତବାହୁ,
ତମୋଗୁଣେ ଭଜ ଆୟୁଧ ପିଶାଚୀ
ମନୁଷ୍ୟଙ୍କୁ ଯେହୁ ମଣୁଥିଲା ମାଛି,
ଉତ୍କଳପତ୍ତନ କରି ଭସ୍ମୀଭୂତ
ନରରକ୍ତେ ଧରାକରି ପରିପ୍ଲୁତ
ସର୍ବରତ୍ନପ୍ରସୂ ଭାରତର ସାର
ହଠେ ଲୁଟି କରି ଶ୍ରୀକୋଠଭଣ୍ଡାର
ବିଜୟ-ଉଲ୍ଲାସ-ମଦେ ବାସି ତଥି
ବାହୁଡ଼ିଲା ଯେବେ ସ୍ୱଦେଶେ ମସ୍ତ୍ରସି
ତା ଉଲ୍ଲାସ-ଗୀତ ତୋହର ପ୍ରତାପେ
ପରିଣତ ହେଲା ପଲକେ ବିଳାପେ !
ଉତ୍ତରଳେ ଯାଇ ଓଗାଳିଲୁ ବାଟ,
ଆକାଶ ପାତାଳ ଗୁଞ୍ଜିଲେ କୁହାଟ,
କାଳୀଜୟୀ ଶୈଳେ ଦେବୀ ହେମବତୀ
ଉଭାହୋଇ କଲେ ସଙ୍କେତ ତୋ ପ୍ରତି
ଫିଙ୍ଗି ତୋ ତରଙ୍ଗେ ସୁବର୍ଣ୍ଣ ତ୍ରିଶୂଳ,
ସେ ସଙ୍କେତେ ଫେନଚୂଡ଼ ଊର୍ମିକୁଳ
ଉତ୍କେଶର ଦେବୀ ବାହନ କେଶରୀ-
ପ୍ରାୟେ ଦଉଡ଼ିଲେ ଗ୍ରାସିବାକୁ ତଥି,
ତୋ ଇଙ୍ଗିତ ସଙ୍ଗେ ଘେନି ଊର୍ମିଥାଟ
ଦଉଡ଼ି ଆସିଲେ ମାଳାମ୍ବୁ-ସମ୍ରାଟ ;
ବିଶ୍ୱ-ଧ୍ୱଂସ-ରୁଦ୍ର-ପ୍ରଖର-ନିଶ୍ୱାସ-
ପରାୟେ ବହିଲା ବାୟୁ ଅଣଚାଶ ;
ଦୈତ୍ୟହନ୍ତା ବଜ୍ରୀ ଶ୍ୟାମ ବଜ୍ରକରେ
ଜୀମୂତ-ବାହନେ ଉଇଁଲେ ଅମ୍ବରେ ;
ଦମ୍ଭୋଳି ସେକାଳେ କଲା ଘୋର ଧ୍ୱନି,
ଥରହର ହୋଇ କମ୍ପିଲା ଅବନୀ,
ଥରହର କମ୍ପି ଅବନୀ-ସଙ୍ଗରେ
ପର୍ବତଙ୍କୁ ଡାକା ଛାଡ଼ିଲେ ପର୍ବତେ,
ଖଲେସା କହିଲା ଶୋଳସାଙ୍କ ସାଇ,
ଗଲା ସେ ଆରାବ ଶୃଙ୍ଗୁ ଶୃଙ୍ଗେ ଧାଇଁ
ତୋ ଉରଦର୍ପଣେ ସଘନେ ବିମ୍ବିତ
ହୋଇ ଚମକିଲା ଜୀମୂତେ ତଡ଼ିତ,
ଦେଖାଇଦେଲା ତୋ ସଂହାର-ମୂରତି,
ପ୍ରକୃତିର ସେହି କରାଳ-ଆରତି ; (୧)
ଯା ଦେଖି ଆତଙ୍କେ ଦୈତ୍ୟ-ଆଖଣ୍ଡଳ
ବିଫଳ ମଣିଲା ନିଜ ଭୁଜବଳ,

(୧) ଲେଖକ ସ୍ୱୟଂ ଥରେ ବର୍ଷାର୍ଥ ସମୟରେ ଚିଲିକାର ଗମ୍ଭୀରତମ ଏବଂ ବିଷମ ସଙ୍କୁଳ ଅଂଶ କାଳୀଜୟୀଗଣ୍ଡରେ ନୌକାଯୋଗେ ଯାଉଁ ଯାଉଁ ଭୟଙ୍କର ଝଟିକା-ନିବନ୍ଧନ ପ୍ରାଣସଂଶୟରେ ପଡ଼ିଥିଲେ[…]

ତା କୃପାଣୁ ଅଛୁ ଶକ୍ତି ବଳବାନ,
ଅକାଳେ ଏ ଜ୍ଞାନ ଲଭିଲୁ ଅଜ୍ଞାନ,
ଜାଣିଲୁ ତୋହର କଷାଘାତେ ଶିଖି,
ତେବେ ନ ଡରଇ ନର-ଭ୍ରୂକୁଟୀକି ;
ତସ୍କ ଧରି ଊର୍ମି ଫେନ-ଅଟ୍ଟହାସେ
କନ୍ଦୁକ ସଦୃଏ ଫିଙ୍ଗିଲେ ଆକାଶେ,
ହାନ୍ତି ହାନ୍ତି ତଟା ପାରି ଧର୍ମଦ୍ରୋହୀ
କେ କାହିଁ ପଡ଼ିଲେ ଛିନ୍ନ ଭିନ୍ନ ହୋଇ,
ସବେଁ ହୋଇଗଲେ ନିର୍ମୂଳ ନିଃଶେଷ,
କେହି ନ ରହିଲେ ଦେବାକୁ ସନ୍ଦେଶ !
କାହିଁ ଗଲା ସେହି ବିଜୟ ଉତ୍ସବ ?
ଭାସିଲା ତୋ ବକ୍ଷେ ବିଜୟୀଙ୍କ ଶବ !
ଆସିଥିଲେ ଯେଉଁ ଉତ୍କଳର ବନ୍ଧୁ,
ବହିଲେ ଉତ୍କଟ ତା'ର ପ୍ରାୟଶ୍ଚିତ୍ତ !
ଭ୍ରୂଭଙ୍ଗରେ ଯାଙ୍କ କମ୍ପିଲା ଭୂତଳ,
ମଷ ଉଡ଼ିବାକୁ ଏବେ ନାହିଁ ବଳ !
ଦ୍ୱିସପ୍ତ ଭୁବନ ଯେ ମଣିଲେ ଅଳ୍ପ
ଆଶ୍ରିଲେ ସେ ସପ୍ତ-ଭୂଖଣ୍ଡର ତଳ୍ପ !

ପାରିଲେଣି ଏବେ ଦେବ ବିକର୍ତ୍ତନ
ଭିଲେଷ୍ଟ-ଶିଖରେ ସ୍ୱର୍ଣ୍ଣ-ସିଂହାସନ ;
ଠାବେ ଠାବେ ସ୍ନିଗ୍ଧ ପଡ଼ିଣ ଶାଇନେ
ହରିତ ହେଲଣି ପରିଣତ ମାନେ,
ଗଳ-ଘଣ୍ଟେ ନାଦ ଗିରି-ତଟଦେଶ
ବାହୁଡ଼ନ୍ତି ପଲେ ପଲେ ଗ୍ରାମ ମେଷ,
ମନ୍ଥର-ଟିପାର ଗୁରୁ ଗୁରୁ ଧ୍ୱନି—
ଘୋଷେ ମୁଖରିତ ଅରଣ୍ୟ-ସରଣୀ,
ଗୋଷ୍ଠୁ ଧୂମରେଖା ଉଠି ଗିରିପାଦେ
କୁଞ୍ଚିତ ଗତିରେ କାନନେ ଆଚ୍ଛାଦେ,

କଳରବେ ଏଗ୍ରେ (୧) ଉଡ଼ିଣ ହ୍ରଦରୁ
ଅରଣ୍ୟେ ଲୋଡ଼ିନ୍ତି ସେଥା ନୀଡ଼-ତରୁ,
ପୀତ ଅସ୍ତ-କର ହେବାରୁ ପତିତ
ଦେଖ ଦଶେ ଯେସନ୍ତେ ସୁବର୍ଣ୍ଣମଣ୍ଡିତ,
ରଜତରାଜ ବୁଣି ବର୍ମ ଅନ୍ତରାଳେ
ବୁଣ୍ଟିଲେ ମିହିର ସ୍ୱଲେର ଉଡ଼ାଳେ,
କେତେ ଯତ୍ନେ ଆହା, କାଦମ୍ବିନୀ ଧନୀ
ବସ୍ତ୍ରାଞ୍ଚଳେ ବାନ୍ଧି ନେଉଛି ସେ ମଣି !
ଧରଣୀ ବଦନ ପୀତ ଅସ୍ତରାଗ
ମୋଳି ଦେଉଛି କି ସୁବର୍ଣ୍ଣପରାଗ,
ଶାରଦ-ଦିନାନ୍ତ-ଲକ୍ଷ୍ମୀ ଲୀଳାମୟୀ
ପ୍ରକାଶନ୍ତି କେତେ ନବ ନବ ଛଇ ।
ବିଶାଳ ଚିଲେର ସ୍ନିଗ୍ଧ ଜଳସ୍ଥଳ
ଆଦରଇ କ୍ରମେ ବ୍ୟାପି ପୂର୍ବାଞ୍ଚଳ,
ପୀତ ଅସ୍ତାତପ ଦୀପ-ଶିଖ-ମାଥେ
ଲିଭିଗଲା ସେହି ମହାସ୍ଥିସ୍ଥାପାତେ,
ପଡ଼ିଲା ଚିଲିକା-ବକ୍ଷେ ସନ୍ଧ୍ୟାଲୋକ,
ଶୋକେ ବଧୂ ଛାଡ଼ି ଦୂରେ ଗଲା କୋକ,
ସନ୍ଧ୍ୟାରାଗ ହେରି ହ୍ରଦ-ମାଲୋଇସେ
ଆସଇ ଏ ଭାବ ଭାବୁକ-ମାନସେ,
ପ୍ରଚେତା-ପ୍ରବାଳ-ପ୍ରାସାଦର ଛୁଟି
ନୀଳ-ମାରୁ ଅବା ଫୁଟି ବାହାରୁଛି ।
କୂଳେ ଦ୍ୱୀପେ, ଶୈଳପାଦପେ ବିହଙ୍ଗେ
ଉଡ଼ିଯାଇ ବସୁଛନ୍ତି ନାନାରଙ୍ଗେ,
ପଶ୍ଚିମା ସନ୍ଧ୍ୟାର ବନ୍ଦାପନାପାଇଁ
ଯତେଏ ଆସନ୍ତି ଶଙ୍କନ୍ତି ଉଦ୍ଭାଇ,
ପୂର୍ଣ୍ଣ ପ୍ରାଚେତସୀ (୨) ବର୍ଣ୍ଣ-ବଇଭବେ
ମିଶେ ହବା ଯହିଁ ଭୂତ-ମହାର୍ଣ୍ଣବେ ,
ଏଣେ କରେ ବୋଲି ଅମର-ସରଣୀ
ହିଗ୍ରିନ୍ତି ଚନ୍ଦ୍ରଚୂଡ଼ ଚୂଡ଼ାମଣି,

(୧) ଚିଲିକାହ୍ରଦର ପକ୍ଷିବିଶେଷ । ଏହାର ଶୁଭ୍ର ପକ୍ଷକୁ ପାଇକମାନେ ଭୂଷଣ-ସ୍ୱରୂପ ଟୋପରରେ ସଂଲଗ୍ନ କରନ୍ତି । (୨) ପ୍ରାଚେତସୀ—ପ୍ରଚେତା ଅର୍ଥାତ୍ ବରୁଣାଧିଷ୍ଠିତ ପଶ୍ଚିମ ଦିଗ ।

ତାପହିଏ ରଜ ତାପଶତ-ପ୍ରାଣେ
ବେଦନଏ କରନ୍ତି ରାଜ୍ୟ ଅର୍ଦ୍ଧାକାଶେ,
ବାଳ-ଜ୍ୟୋତ୍ସ୍ନା-ସ୍ରୋତେ ଧୌତ ପୌରନ୍ଦରୀ
ଅମରଙ୍କ ମୁଖେ ବୋଲି ହେଲା ପରି, (୧)
ଯେଉଁ ରୂପ-ଶୋଭା ଦର୍ପଣରେ ବସି
ଦେଖାନ୍ତି ଗରବେ ପ୍ରାଚୀ ପ୍ରାଚେତସୀ,
ଚନ୍ଦ୍ରାଲୋକେ ଧୌତ ପୂର୍ବାକାଶ, ପୁନଃ
ବାରୁଣୀ ଆକାଶ କୁଙ୍କୁମେ ଅରୁଣ,
ଅର୍ଦ୍ଧାଙ୍ଗ ଈଶ୍ୱର, ଅର୍ଦ୍ଧାଙ୍ଗ ପାର୍ବତୀ
ପ୍ରାୟେ ଦିଶେ ତହୁଁ ବ୍ୟୋମର ମୂରତି,
ଦିଗ୍‌ବଳୟବ୍ୟାପି ନୀଳ-ଜଳାରଣ୍ୟେ
ରଞ୍ଜିଲା ଚନ୍ଦ୍ରିକା ନିଜେ ଶୁଭ୍ରବର୍ଣ୍ଣେ ,
ପ୍ରାଚୀ-ମୂଳ ଏବେ ମୀନଜୀବି-ନାବେ
ଛାୟାକରେ ତହୁଁ ଦିଶେ ଠାବେ ଠାବେ,
ମତ୍ସ୍ୟ ଧରି ସେହୁ ସମୁଦ୍ର ମୁହାଣେ
ନିଜ ଗୃହ କଥା ଭାବି ଏକଧ୍ୟାନେ
ଘଟେଲେଶ୍ୱ ଶିଖରେ ସନ୍ଧ୍ୟାତାରା ଦେଖି
ଆସନ୍ତି ପଟିକା (୨) ମହୋଲ୍ଲାସେ ଟେକ,
ତାଙ୍କ କଣ୍ଠ-କବିସୂର୍ଯ୍ୟ-ଗୀତାମୃତ (୩)
ଦୂରୁ ବହିଆଣେ ଚିଲିକା-ମାରୁତ,
ଉଲ୍ଲାସର ଆତ୍ମା ପ୍ରାୟେ ଗୀତ-ତାନ
କ୍ଷୁଦ୍ର-ନୀଳ-ବକ୍ଷେ କରେ ଅଧିଷ୍ଠାନ,
ହସନ୍ତି ଚୌଦିଗେ ମଧୁର-ହାସିନୀ,
ଦିଗଙ୍ଗନା ଜ୍ୟୋତ୍ସ୍ନା-ଦୁକୂଳ-ବାସିନୀ,
ଭାବାନ୍ତର ପୁଣି କ୍ଷଣେ କରେ ଜାତ
"ଗଲାଣି ତ ଗଲା କଥାରେ ସଙ୍ଗାତ",
ସଙ୍ଗୀତ ଆବେଶେ ନାନାରୂପେ ମନ
ଅତୀତ ସ୍ମୃତିଦେଶେ କରେ ବିଚରଣ,
ଗୁଲ୍ଲଯାଏ ଶୂନ୍ୟେ ଶୂନ୍ୟେ କେଉଁ ସ୍ଥାନେ
କି ଲୋଡ଼ିବା ଆଶେ ସେହି ତା ନ ଜାଣେ,
ଧନ୍ୟ ସେହି ଯାର ଆଜ୍ଞା ଶିରେ ଧରି
ଏ ଲୀଳା ରଚନ୍ତି ଦେବୀ ବାଗୀଶ୍ୱରୀ,
ଧନ୍ୟ ରଥେ ! ତୁମ୍ଭ ଜନ୍ମ ଶୁଭକ୍ଷଣେ,
ମୃତ୍ୟୁଞ୍ଜୟ ତୁମ୍ଭେ ଉତ୍କଳଭୁବନେ,
ତୁମ୍ଭ ନାହିଁ ଦେହ ଗ୍ରାସିଛି ଶ୍ମଶାନ,
ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ ।
ମୀନ-ଆକର୍ଷଣ ଆଶେ ପୋତପାଳ
ତରଣୀରେ ଜାଳି ଦେଲେଣି ମଶାଲ,
ଭବେ ପାପମୂର୍ତ୍ତି ପରି ଅଟଇ ସେ,
ସ୍ୱର୍ଣ୍ଣେ ମାୟାତ୍ମକ, ରୂପେ ରମ୍ୟ ଦିଶେ ,
ପାପ-ଗର୍ତ୍ତେ ଯେହ୍ନେ ପଡ଼ଇ ଅଜ୍ଞାନ,
ତଥି-ଗର୍ତ୍ତେ ମୀନେ ଡେଇଁ ଦେବେ ପ୍ରାଣ,
ତରଙ୍ଗେ ଦୋହଲି ଦୋହଲି ହୋଇତ
ଥରେ ଦିଶେ ଥରେ ହୁଏ ଅନ୍ତର୍ହିତ,
ଦୁଃଖିମନେ ଆଶା ଉତ୍ଥାନ ପତନ —
ପ୍ରାୟେ ଶିଖା ଉଠେ ପଡ଼େ ଘନ ଘନ,
ନିଶାଗମେ କ୍ରମେ ଲୋକ-କୋଳାହଳ
ନିବର୍ତ୍ତି ଅବନୀ ହେଉଛି ନିସ୍ତଳ,
ଜଳ ସ୍ଥଳ ନଭଃ ଜ୍ୟୋତ୍ସ୍ନା ପରିପ୍ଲୁତ,
ସୃଷ୍ଟି ଦିଶେ ଯେହ୍ନେ ପାରଦ-ଧଉତ,
ପ୍ରତିବିମ୍ବରାଜ ଦ୍ୱୀପ-ଶୈଳ ତଳେ
ସ୍ୱପ୍ନାକାରେ ଶୋଭେ ହ୍ରଦ-ଅନ୍ତସ୍ତଳେ ;
କ୍ଷୀରୋଦ-ସୋଦର ଜ୍ୟୋତ୍ସ୍ନାର୍ଣ୍ଣବେ ଭାସି
ଦିଶନ୍ତି ବିଶଦ ଗିରି, ବନ, ନାସି,
ସ୍ନିଗ୍ଧ ତରୁପତ୍ରେ, ମସୃଣ ଉପଲେ
ଝକଝକ ହୋଇ ଜ୍ୟୋତ୍ସ୍ନା ପ୍ରତିଫଳେ,

---

(୧) ପୌରନ୍ଦରୀ—ପୂର୍ବଦିଗ (୨) ପଟିକା—ପାଲ । (୩) କବିସୂର୍ଯ୍ୟ ବଳଦେବ ରଥ । ଉତ୍କଳ ସାହିତ୍ୟବିତ୍‌ମାନଙ୍କଠାରେ ଏ ମହାତ୍ମା ସୁପରିଚିତ । ଏହାଙ୍କର ଗୀତାବଳୀ ଏ ଅଞ୍ଚଳରେ ପ୍ରାୟ ସର୍ବତ୍ର ଗୀତ ହୁଏ । ବଳଦେବ ଜଣେ ସଂସ୍କୃତଜ୍ଞ ପଣ୍ଡିତ ଥିଲେ । ଏହାଙ୍କର ରଚନା ଅତି ବିଶୁଦ୍ଧ ଏବଂ ସୁରୁଚିସମ୍ପନ୍ନ । ବଳଦେବ ଅନ୍ୟାନ୍ୟ ଉତ୍କଳ କବିଙ୍କପରି ବ୍ୟାକରଣର ଅବମାନନା କରିନାହାନ୍ତି । "ଗଲାଣି ତ ଗଲା କଥାରେ ସଙ୍ଗାତ" ଏହା ବଳଦେବଙ୍କର ଗୋଟି ସୁନ୍ଦର କରୁଣରସାତ୍ମକ ଗୀତର ଘୋଷା ।

ସର୍ପେ ଶିର ଚନ୍ଦ୍ରଚୂଡ଼-ତନୁ ଭଳି
ଗୁମ୍ଫା-ମିଶ୍ର-କରେ ଶୋଭେ ବନସ୍ଥଳୀ,
ପ୍ରଶାନ୍ତ, ନୀରବେ ଗିରି ବନ ଦେଶ,
ନାହିଁ ଏଥି ନର ଚରଣର ଲେଶ,
ଦୂର ଝରନାଦ, ଝିଙ୍କାରି ଝଙ୍କାର
କରେ ନିଶୀଥିନୀ ପ୍ରଶ୍ୱାସ-ହୁଙ୍କାର
କଳି ଉପଦ୍ରବେ ତ୍ୟଜି ଲୋକାଳୟ
ଶାନ୍ତି କି ଏ ସ୍ଥଳେ ଭଜିଲେ ଆଶ୍ରୟ ?
ଚିଲିକା ! ତୋହର ଏହି ଶୋଭାବନ (୧)
ବର୍ଣ୍ଣ-ଗୌରବମୟ ଦୃଶ୍ୟ ସ୍ୟମନ୍ତକ
ଅଟେ ସର୍ବଶୋଭା ସୀମନ୍ତର ଟୀକା,
ପ୍ରକୃତିର ଚିତ୍ର-ଆଲେଖ୍ୟ-ଶାଳିକା,
ଏ ସୁଖର ମୁହିଁ ନୁହଇ ଭାଜନ,
ମୋ ଭାଗ୍ୟେ ଏ ସିନା ଭଙ୍ଗୁର ସ୍ୱପନ,
ସଂସାର ନିଗଡ଼େ ସଂସାର-କାରାରେ,
ଯାପିବି ଜୀବନ ସଦା ହାହାକାରେ,
ବନ୍ଦୀ କାରାରୁଦ୍ଧ ସ୍ମରୁଥାଇ ଯଥା
ଚିରହୃତ ତା'ର ପୂର୍ବ ସ୍ୱାଧୀନତା,
ସଂସାର ନିରୟେ ଅଙ୍ଗ ଦେଇ ଢାଳି
କରିବି ଏହାକୁ ସ୍ମୃତିର ଶିଙ୍ଖାଳି ।
ମାଗୁଛି ଚିଲିକା, ମେଲଣି ତୋଠାରେ,
ବାହୁଡ଼ିବି ଏବେ ଦାରୁଣ ସଂସାରେ,
କରିଥିଲି ଆଶା କରିବି ଯାପନ
ତୋ ପଶ୍ଚିମତଟରେ ପଶ୍ଚିମ-ଜୀବନ,
ତନା ପ୍ରସ୍ତାବରେ ସୌନ୍ଦର୍ଯ୍ୟ-ପିପାସା
ମେଣ୍ଟିବାର ଥିଲା ତୋହଠାରେ ଆଶା,
ଭାଗ୍ୟ ହୋଇଥିଲେ ରୁଚି-ଅନୁକୂଳ,
ଆଶ୍ରିଥାନ୍ତି ମୁହିଁ ତୋର ରମ୍ୟକୂଳ,
କୁଟୀର ବରତି ଜଟିଆ-ଚରଣେ
କାଟୁଥାନ୍ତି ଆୟୁ-ଶେଷ ନିକାଞ୍ଚନେ,
ମାତ୍ର ଖରଶାଣେ ଗୁମ୍ଫା ବାଜିବତ
ଆଶାରେ ସେ ଆଶା ହେଲା ପରିଣତ,
ସଂସାରେ ଥାଇ ମୁଁ ସଦା ଉଦାସୀନ,
ଉଦାସୀନ ପ୍ରାୟେ କଟାଇଲି ଦିନ,
ସଂସାରୀ ସଙ୍ଗରେ ସଙ୍ଗୀ ହେବାପାଇଁ
କେବେହେଁ ମୋହର ମନ ବଳେ ନାହିଁ,
ହସି ଖେଳି ସେହୁ ଗମନ୍ତି ସମୟ,
ଜୀବନ ମଣନ୍ତି ମହୋତ୍ସବମୟ,
ଘୋର ଭାଗ୍ୟ ମୋର ପିଣ୍ଡିତ ପାଷାଣେ,
ମୋ ଜୀବନ ଗଢ଼ା ଅନ୍ୟ ଉପାଦାନେ,
ଘୋର ହାହାମୟ ଏ ଘୋର ଜୀବନ,
ଜୀବନ ନୁହଇ, ଜୀବନ୍ତ ମରଣ !
ଚିରଦିନ ଦୁଃଖ-ପ୍ରହାରେ ଜର୍ଜର,
ପଞ୍ଚଶିଖା ମୁହିଁ ଦୁଖ ଗୁରୁଙ୍କର,
ଦୁଃଖଦତ୍ତ ଜ୍ଞାନ-ଚକ୍ଷୁରେ ଜଗତ
ଦେଖିବାରେ ମୁହିଁ ଅଭ୍ୟସ୍ତ ସତତ,
ସୁଖ ବୋଲି ଯାକୁ ବୋଲଇ ସଂସାର,
କରୁଥାଇ ତାକୁ ଦୂରୁଁ ମୁଁ ଜୁହାର
ସୁଖରୂପେ ଯାହା ଜନନେତ୍ରେ ଦିଶେ,
ହାତେ ଆସେ ହାତୁଁ ପଳିବା ପାଇଁ ସେ,
ବସ୍ତୁ ନୁହଇ ସେ ଅଟଇଟି ଧୂମ,
ଅନ୍ୟନାମ ତା'ର ଆକାଶ କୁସୁମ,
ତୋହରି ପୁଲିନେ ମୃଗତୃଷ୍ଣା-ପ୍ରାୟେ
ମନମୃଗକୁ ସେ ଜଗତେ ଭ୍ରମାଏ,
ସେ ସୁଖେ ନ ଥିଲା କେବେ ମୋର ସ୍ପୃହା,
ଲକ୍ଷ୍ୟ ଥିଲା ମାତ୍ର ତୋର ଶିରଗୁହା,
ଶାନ୍ତିରସାସ୍ପଦ ସେହି ଦଣ୍ଡି-କୋଳେ
ବାଗ୍‌ଦେବୀ-ଚରଣ ପୂଜିବି ନିର୍ବୋଳେ,
ପୂଜିଲେ ଯେସନ ମହର୍ଷି ନିରଜନେ
ତୋ ମଧୁର ରୂପ-ମଧୁ-ଆସ୍ୱାଦନେ

(୧) ଶୋଭାବନ—ସୁନ୍ଦର । ହିନ୍ଦୀ ଶୋହାବନ ଶବ୍ଦର ଅପଭ୍ରଂଶ ।

ଭାଗ୍ୟବାନ ବେନି ବାଣୀଙ୍କ କୁମର—
କବି ବଳଦେବ, ଭଞ୍ଜ ବୀରବର, (୧)
କାହିଁ ସେହି, କାହିଁ ମୁହିଁ ଅକିଞ୍ଚନ ?
ଦେଖୁଥିଲି ସିନା ଜାଗ୍ରତ ସ୍ୱପନ !
ଆଶାମଦେ ମତ୍ତ ହୋଇ କେତେ ଥର
ଝୁରାଇଲି ମନ-ମୋଦକେ ଉଦର,
ନ ଦେଖି ମୋହର ଜୀବନ-ପଞ୍ଜିକା
ଗଢ଼ୁଥିଲି ବସି ମନ-ଅଟ୍ଟାଳିକା,
ତୋଳୁଥିଲି ସିନା ବ୍ୟୋମ-ପୁଷ୍ପମାନ,
କରୁଥିଲି ମୃଗତୃଷ୍ଣା-ଜଳେ ସ୍ନାନ,
ଅଚିରେ ପଡ଼ି ଭ୍ରମ ଭବିତବ୍ୟ-ଛାୟା
ପଲକେ ତୁଟିଲା ସେ ମୋହନ-ମାୟା,
ସେ ଛାୟା-ଅନ୍ଧାରେ ଦେଖିଲି ଭୀଷଣ
ନୈରାଶ୍ୟ ପ୍ରେତର ବିକଟ ନର୍ତ୍ତନ,
ସ୍ମୃତି ଛବି ତୋର ସେହି ବିଭୀଷିକା
ଭଙ୍ଗି ଦେଲା ମନ ନିମିଷେ, ଚିଲିକା !
ଦେବି ବୀଣାପାଣି ! କେଉଁ ପାପଫଳେ
କରୁଣା ତୋହର ଊଣା ଏ ଉତ୍କଳେ ?
ସ୍ୱଭାବେ ଉତ୍କଳ ଶୋଭାର ନିଧାନ,
ମାତ୍ର ଏ ଶୋଭାରେ ତୋର ଅଧିଷ୍ଠାନ—
ବିନୁ ସିନା ମାତା ହୋଇଛି ବିବଶା,
ଭଜିଛି ଅରଣ୍ୟ-ପ୍ରସୂନର ଦଶା,
କ୍ଷୁଦ୍ର ଶିପ୍ରା-ସ୍ରୋତ ବିଖ୍ୟାତ ଜଗତେ, (୨)
ମହାନଦୀ ନାମ ରହିଲା ଗୁପତେ !
ସୁରୂପା ଅଂଶୁପା ଲୋକେ ଅଗୋଚର ! (୩)
ପୂଜାସ୍ପଦ ହେଲା ଗୋଷ୍ପଦ-ପୁଷ୍କର ! (୪)
ତୋର କୃପାବଳେ କ୍ଷୁଦ୍ର ମହୀସ୍ଥାନ
ତୋ କୃପା ବିହୁନେ ବଡ଼ ହୁଏ ସାନ,
ଖର୍ବ ଗୋବର୍ଦ୍ଧନ ଗିରୀନ୍ଦ୍ର ବୋଲାଏ, (୫)
ମହାତୀର୍ଥରୂପେ ଲୋକେ ପୂଜା ପାଏ,
ସ୍ୱଭାବେ ଗିରୀନ୍ଦ୍ର ହୋଇ ମେଘାସନ
ଲଭିନାହିଁ ଗିରି-ସମାଜେ ଆସନ ।
ତୋ କୃପା ବିହୁନେ ଉତ୍କଳମାତାର
ନାମେ ଖ୍ୟାତିଗ୍ରନ୍ଥେ ପଡ଼ିନାହିଁ ଗାର,
ଭାଗ୍ୟଦୋଷେ ଏଙ୍ଗ ଅଜ୍ଞାନ-ଶର୍ବରୀ—
ଅନ୍ଧାରେ ଅଦ୍ୟାପି ରଖିଛି ଆବରି ।
ପାହିଲାଣି ଘୋର ତାମସୀ-ଯାମିନୀ,
ଫୁଟିବ ଉତ୍କଳ-ଭାଷା-କମଳିନୀ,
ଏ ଘୋର ଯାମିନୀ-ଅବସାନ-ଶଂସୀ
କାବ୍ୟତାରାରୂପେ ବୀର ଗଙ୍ଗବଂଶୀ (୬)
ଉଦିଲେ ପ୍ରଥମେ ବାମଣ୍ଡା-ରାଜନ
ବାସୁଦେବ ବିଶ୍ୱ-କଲ୍ୟାଣ-ଭାଜନ,
ରଖିଲେ ସୁନାମ ଯେହୁ କାଳେ କାଳେ
ଗୁଣଯନ୍ତ୍ରେ ଖୋଳି ଯଶୋଗିରିଭାଳେ,
କ୍ରମଃ ପଳାଉଛି ହୋଇ ତରତର,
ପ୍ରାଚୀନଭଃ ନବ-ବିଭାରେ ଭାସ୍ୱର,
ରବିରୂପେ ଏବେ ଉଦୟ-ଅଚଳେ
ରବି-ବଂଶ-ମଣି ଉଦିତ ଉତ୍କଳେ, (୭)

(୧) ବଳଦେବ ରଥ ଚିଲିକାକୂଳସ୍ଥିତ ଖଲ୍ଲିକୋଟ-ନିବାସୀ ଥିଲେ । ଉପେନ୍ଦ୍ର ଭଞ୍ଜ ଚିଲିକା-କୂଳସ୍ଥିତ ବାଣପୁରରେ ବିବାହ କରି ସେଠାରେ କିଛିକାଳ ଅତିବାହିତ କରିଥିଲେ । ବାଣପୁର ରାଜକନ୍ୟା କାବ୍ୟଶାସ୍ତ୍ର-ବିନୋଦିନୀ ଥିଲେ ଏବଂ କାବ୍ୟ-ରଚନାରେ ଭଞ୍ଜ-କବିଙ୍କର ପ୍ରଧାନ ସହାୟ ଥିଲେ (୨) ଶିପ୍ରା—ଉଜ୍ଜୟିନୀର ନିକଟବର୍ତ୍ତୀ ନଦୀ । ଏହି ନଦୀ ସଂସ୍କୃତସାହିତ୍ୟରେ ପ୍ରସିଦ୍ଧ । (୩) ବାଙ୍କି ଅନ୍ତର୍ଗତ ସୁରମ୍ୟ ହ୍ରଦ । ଓଡ଼ିଶାରେ ଏହାର ସୌନ୍ଦର୍ଯ୍ୟ ଅତୁଳନୀୟ । (୪) ଆଜମିର ନିକଟବର୍ତ୍ତୀ ହ୍ରଦ—ଆକୃତିରେ ଏହା ଅଂଶୁପାର ଦଶମାଂଶ ସୁଦ୍ଧା ହେବ ନାହିଁ । (୫) ମଥୁରାର ନିକଟବର୍ତ୍ତୀ ଗୋବର୍ଦ୍ଧନ ଓଡ଼ିଶାର କୌଣସି କୌଣସି ପୁଷ୍କରିଣୀର ହୁଡ଼ା ଅପେକ୍ଷା ଅଧିକ ଉଚ୍ଚ ନୁହେଁ । (୬) ବାମଣ୍ଡାର ମହାରାଜ ସୁଢଳଦେବ ଗଙ୍ଗବଂଶୀୟ ଅଟନ୍ତି । (୭) ମୟୂରଭଞ୍ଜର ରାଜବଂଶ 'କୌଶେୟ' ଅର୍ଥାତ ରାମଚନ୍ଦ୍ରଙ୍କ ଜ୍ୟେଷ୍ଠପୁତ୍ର କୁଶଙ୍କ ବଂଶୋଦ୍ଭୂତ ଅଟନ୍ତି ।

ଶ୍ରୀମାନ ଶ୍ରୀରାମଚନ୍ଦ୍ର-ଆଖ୍ୟାଧାରୀ ;
ଉତ୍କଳ-ଅଜ୍ଞାନ-ତମୋଧ୍ୱଂସକାରୀ,
ସୌଦାମିନୀ-ଲାସ୍ୟ ସମୁଜ୍ଜ୍ୱଳ-ଶିଖ —
ମେଘାସନ-କୁଞ୍ଜ-ବିହାର-ରସିକ,
ଅଶ୍ୱ-ସଂଚାଳନେ ଅଦ୍ଭୁତ-କୌଶଳୀ,
ଦୁଷ୍ଟ-ଭେଦସାର ବଜ୍ରନାଦୀ ନଳୀ,
ବୀଣାପାଣି-ପୂଜାଯୋଗ୍ୟ-କଞ୍ଜକୁଳ
ଫୁଟିବାର ଏହି କାଳ ଅନୁକୂଳ,
ଯେ ପଦ୍ମ ଫୁଟିବ କବି-ହୃଦ-ସରେ
ନବୋଦ୍ଗତ ଏହି ଭୃଙ୍ଗ-ରବ-କରେ,
ପୂଜିବେ ତୋ ପଦ ଉତ୍କଳ ସନ୍ତତି
ସେହି ପଦ୍ମେ, ପଦ୍ମବାସିନି ଭାରତି !
ଚିଲିକା, ତୋ ତୀର ବନ୍ଧୁର ଲଳିତ
ସେହି ଉତ୍ସବରେ ହେବ ଆଲୋକିତ,
ବାଣୀ-ଆବିର୍ଭାବ-ଯୋଗ୍ୟ ସ୍ଥଳ ଜାଣି
ଆଶ୍ରିବେ ତୋ ତୀର ବୁଧ କବି ଜ୍ଞାନୀ,
ହୋଇ ତୁ ତାଙ୍କର ବିହାର-ଭଣ୍ଡାର
ଲଭିବୁ ଅଖିଳ-ଜନ-ଅନୁରାଗ ।



# ଉତ୍ସର୍ଗପତ୍ର

ଆର୍ଯ୍ୟଗୌରବ ମହାମାନ୍ୟ ଶ୍ରୀଯୁକ୍ତ ରମେଶଚନ୍ଦ୍ର ଦତ୍ତ

I. C, S., C. I. E, ମହୋଦୟ

କରକମଳେଷୁ—

ସବିନୟ ନିବେଦନମିଦଂ

ମହାତ୍ମନ୍,

ଉତ୍କଳରେ ଆପଣ ରାଜପ୍ରତିନିଧିରୂପେ ବିରାଜମାନ ହେବାରୁ ଆପଣଙ୍କ ଗୌରବରେ ଆମ୍ଭେମାନେ ମଧ୍ୟ ଆପଣାକୁ ଗୌରବାନ୍ୱିତ ମଣୁଅଛୁଁ । ଉଚ୍ଚ-ପଦାରୂଢ ହେବାରୁ ଆପଣଙ୍କର ଯେଉଁ ସୁଖ୍ୟାତି ଏବଂ ସମ୍ମାନ ହୋଇଅଛି, ସ୍ୱକୀୟ ଅସାଧାରଣ ପ୍ରତିଭା, ମନଃସ୍ୱିତା ଏବଂ ପାଣ୍ଡିତ୍ୟ-ଦ୍ୱାରା ଆପଣ ସେଥିରୁ ଶତଗୁଣ ସୁଖ୍ୟାତି ଏବଂ ସମ୍ମାନ ଲାଭ କରିଅଛନ୍ତି । ଆପଣଙ୍କ ସୁଖ୍ୟାତି ସ୍ଥାନୀୟ, ପ୍ରାଦେଶିକ କିମ୍ବା ଦେଶୀକ ସୁଖ୍ୟାତି ନୁହେଁ । ବର୍ତ୍ତମାନ ତାହା ଜଗଦ୍‌ବ୍ୟାପିନୀ ହୋଇଅଛି । ଅଧିକନ୍ତୁ 'ଶତବର୍ଷ' ପ୍ରଭୃତି ଗ୍ରନ୍ଥ ରଚନାଦ୍ୱାରା ଆପଣ ସମସ୍ତ ଭାରତବର୍ଷରେ ଆର୍ଯ୍ୟମାନଙ୍କର ଭାରତ-ବତ୍ସଳତାର ଅନ୍ୟତର ଶିକ୍ଷାଗୁରୁରୂପେ ପ୍ରତିଷ୍ଠିତ । ରାଜପ୍ରତିନିଧି ବୋଲି ଉତ୍କଳରେ ସର୍ବତ୍ର ଆପଣଙ୍କର ସମୁଚିତ ପୂଜା ହେବ । ମାତ୍ର ଶତବର୍ଷ ପ୍ରଣେତା କବିଙ୍କର ପୂଜାପ୍ରଣାଳୀ ଭିନ୍ନ ପ୍ରକାର । ସେ ପୂଜାର ଉପଯୁକ୍ତ ପୁଷ୍ପ ଅନୁର୍ବର ଉତ୍କଳୀୟ ସାହିତ୍ୟକ୍ଷେତ୍ରରେ ସୁଲଭ ନୁହେ । ଏହା ହେଲେ ସୁଦ୍ଧା ଏଭଳି ପ୍ରୀତିକର କର୍ତ୍ତବ୍ୟାନୁଷ୍ଠାନରେ ଆମ୍ଭମାନଙ୍କର ସଙ୍କୁଚିତ ହେବାର କୌଣସି କାରଣ ନାହିଁ । ଆନ୍ତରିକ ଭକ୍ତିର ଅଭିବ୍ୟକ୍ତି ସକାଶେ ଉପକରଣର ଅଧିକ ଲୋଡ଼ା ହୁଏନାହିଁ । ହୃଦୟର ଭକ୍ତି ସହିତ ଯାହା ପ୍ରଦତ୍ତ ହୁଏ ଭବାଦୃଶ ସହୃଦୟ ମହାତ୍ମାମାନଙ୍କଠାରେ ତାହା ଉପେକ୍ଷିତ ହେବା ସମ୍ଭବପର ନୁହେଁ । ତେଣୁ ନବ୍ୟ ଉତ୍କଳ-ସାହିତ୍ୟ-ଉଦ୍ୟାନରେ ଯାହା ସୁଲଭ, ମୋହର ପ୍ରକାଶିତ ସେହିଭଳି ଗୋଟିଏ କାବ୍ୟ-କୁସୁମ ମୋହର ସ୍ୱାଭାବିକ ଭକ୍ତିର ନିଦର୍ଶନ ସ୍ୱରୂପ ଆପଣଙ୍କ ଶ୍ରୀହସ୍ତରେ ଅର୍ପଣ କରିବାକୁ ସାହସୀ ହେଲି । ସଦୟ ହୋଇ ଗ୍ରହଣ କଲେ ଚରିତାର୍ଥ ହେବି ।

| | |
|---|---|
| କଟକ | ଆପଣଙ୍କର |
| କନିକା ନଗର | ଚିରାଶ୍ରିତା |
| ୨୦-୧-୧୮୯୭ | ଶ୍ରୀ ରାଣୀ କୃଷ୍ଣପ୍ରିୟା ପାଟମହାଦେଈ |

# ମହାଯାତ୍ରା

# ମୁଖବନ୍ଧ

୪

ଅସମ୍ପୂର୍ଣ୍ଣ ବା ଅର୍ଦ୍ଧସମାପ୍ତ ଗ୍ରନ୍ଥର ସମାଲୋଚନା କରିବା ନାନା-କାରଣରୁ ବାଞ୍ଛନୀୟ ନୁହେଁ । 'ମହାଯାତ୍ରା' ଅସମ୍ପୂର୍ଣ୍ଣ କାବ୍ୟଗ୍ରନ୍ଥ । ତାହାର ସବିଶେଷ ସମାଲୋଚନା କରିବା ମୋହର ଅଭିପ୍ରାୟ ନୁହେଁ । କିନ୍ତୁ ବିଶିଷ୍ଟ-କାରଣବଶତଃ କୌଣସି ଗ୍ରନ୍ଥ ଅସମ୍ପୂର୍ଣ୍ଣ ଅବସ୍ଥାରେ ସାଧାରଣଙ୍କ ସମୀପରେ ଉପସ୍ଥାପିତ ହେଲେ, ତାହା ସବୁ ସ୍ଥଳରେ ଉପେକ୍ଷଣୀୟ ହୋଇ ନ ପାରେ । ବିଶେଷତଃ ସେହି ଗ୍ରନ୍ଥ ଯଦି କୌଣସି ପ୍ରଥିତନାମା ପ୍ରତିଭାଶାଳୀ ଲେଖକଙ୍କ ଲେଖନୀରୁ ବାହାରିଥାଏ ଏବଂ ଗ୍ରନ୍ଥର ବିଷୟ ଯଦି ସୁମହାନ୍, ଗମ୍ଭୀର ଏବଂ ଉପାଦେୟ ହୁଏ, ତେବେ ତାହା ଆଡ଼କୁ ପାଠକ-ସମାଜର ପ୍ରୀତି ଓ ଆଦର ଆକୃଷ୍ଟ ହେବା ଏକାନ୍ତ ସ୍ପୃହଣୀୟ । ଆଧୁନିକ ଉତ୍କଳସାହିତ୍ୟ-ମନ୍ଦିରର ସର୍ବଶ୍ରେଷ୍ଠ ବନ୍ଦାଣୀ 'ମହାଯାତ୍ରା'ର କବି ଅଟନ୍ତି । ପୃଥିବୀର ଇତିହାସରେ ଅତୁଳନୀୟ ମହା କୁରୁକ୍ଷେତ୍ର-ଯୁଦ୍ଧରେ ଜୟଶ୍ରୀମଣ୍ଡିତ ଅଖଣ୍ଡ ଭାରତ-ସାମ୍ରାଜ୍ୟର ଅଧୀଶ୍ୱର ଅଥଚ ବିଜୟୋତ୍ସବାନ୍ତେ ଐଶ୍ୱର୍ଯ୍ୟାତୃପ୍ତ, ମହାଶୂନ୍ୟାୟିତହୃଦୟ, ଶୋକନିର୍ବେଦନମଗ୍ନ, ବୈରାଗ୍ୟବ୍ୟାକୁଳ, ଶାନ୍ତିପ୍ରୟାସୀ ଧର୍ମନନ୍ଦନ ଯୁଧିଷ୍ଠିର-ପ୍ରମୁଖ ପାଣ୍ଡବ-ବୀରେନ୍ଦ୍ରମାନଙ୍କର ସେହି ପରମସ୍ମରଣୀୟ ମହାପ୍ରସ୍ଥାନରୂପ ଚରମୂତକଥା 'ମହାଯାତ୍ରା'ର ବର୍ଣ୍ଣନୀୟ ବିଷୟ । ଭାରତର ଚିରବୃଦ୍ଧ ମହାଭାରତରୂପ ବିରାଟ ମହା-କାବ୍ୟର ସେହି ମହାଶୋକବୈରାଗ୍ୟାନ୍ତ ମହାଯାତ୍ରା-ଉପାଖ୍ୟାନ ପରି ଉଦାର ବା ଗମ୍ଭୀର ଗାଥା ଆଉ କ'ଣ ଅଛି ? କବି ରାଧାନାଥ ଶୁଭକ୍ଷଣରେ ଏହି ମହାବିଷୟ ନିର୍ବାଚନ କରି ନିଜ କବି-ଜୀବନକୁ ଧନ୍ୟ ଓ ସାର୍ଥକ କରିଅଛନ୍ତି ଏବଂ ଆଧୁନିକ ଉତ୍କଳସାହିତ୍ୟର ଆଶା ଓ ଗୌରବକୁ ଶତଗୁଣିତ କରି ଦେଇଅଛନ୍ତି । ମହାଯାତ୍ରା ପରି ମହାଗାନ ଯେଉଁ ସାହିତ୍ୟରୂପ ସାରସ୍ୱତାଶ୍ରମରେ ସଙ୍ଗୀତ ହୁଏ, ତାହା କବି-ଗୁରୁ ବ୍ୟାସଙ୍କର ବଦରିକାଶ୍ରମ ପରି ଅମର ଏବଂ ବନ୍ଦନୀୟ, ଏଥିରେ ସନ୍ଦେହ ନାହିଁ ।

'ମହାଯାତ୍ରା, ଆଧୁନିକ ଉତ୍କଳସାହିତ୍ୟର ପ୍ରଥମ ମହାକାବ୍ୟ । ଇଉରୋପୀୟମାନେ ମହାକାବ୍ୟକୁ 'ଏପିକ୍' ନାମରେ ଅଭିହିତ କରିଅଛନ୍ତି । ଇଉରୋପୀୟ ଏପିକ୍ ଏବଂ ସଂସ୍କୃତ ମହାକାବ୍ୟ ଉଭୟ ମଧ୍ୟରେ ପ୍ରଣାଳୀଗତ କିଞ୍ଚିତ୍ ବୈଷମ୍ୟ ଥିଲେହେଁ ସେମାନଙ୍କର ଉଦ୍ଦେଶ୍ୟ ଏକ ଅଟେ । କୌଣସି ଦେବଭାବସମ୍ପନ୍ନ ଉଦାରଚରିତ୍ର ମହାପୁରୁଷଙ୍କ ଏକ ମହତ୍ ଓ ମନୋହର କାର୍ଯ୍ୟ ବା ଅନୁଷ୍ଠାନ ମହାକାବ୍ୟର ପ୍ରାଣ ଅଟେ । ଅନୁଷ୍ଠାନର ଏକତ୍ୱ, ଅନୁଷ୍ଠାନର ମହତ୍ତ୍ୱ, ଅନୁଷ୍ଠାନର ଉପାଦେୟତ୍ୱ ବା ଚୈତନ୍ୟମୟୀ ମନୋହାରିତା ଦେଖାଇ ମହାକାବ୍ୟର କବି ଆମ୍ଭମାନଙ୍କର କଳ୍ପନାର

ଚରିତ୍ରର ବର୍ଣ୍ଣନ କରିବାପରେ ଆମ୍ଭମାନଙ୍କ ନିକଟରେ ଧର୍ମାନୁପ୍ରାଣିତ ଆଦର୍ଶଚରିତ୍ର ଗାଉର ଉପାଦେୟ ଆଲେଖ୍ୟ ଉପସ୍ଥାପିତ କରି ଆମ୍ଭମାନଙ୍କ ହୃଦୟରେ ବିଶ୍ୱାସ, ଭକ୍ତି, ଉଦାର ସହାନୁଭୂତି ପ୍ରଭୃତି ମହାଭାବମାନଙ୍କୁ ଜାଗରିତ କରନ୍ତୁ ଏବଂ ଆମ୍ଭମାନଙ୍କର କ୍ଷୁଦ୍ର ସଂକୀର୍ଣ୍ଣ ନୀଚ କାମନାମାନଙ୍କୁ ଅପସାରିତ କରି ତତ୍ପରିବର୍ତ୍ତରେ ଉଦାର ପୁଣ୍ୟସଂକଳ୍ପ ପ୍ରତିଷ୍ଠିତ କରିବାପାଇଁ ଏକାନ୍ତ ଚେଷ୍ଟା କରନ୍ତୁ ।


ପ୍ରଥମତଃ ଅନୁଷ୍ଠାନର ଏକତ୍ୱ ବା ଅଖଣ୍ଡତ୍ୱର ଅର୍ଥ ଏହି ଯେ, ମହାକାବ୍ୟ-ବର୍ଣ୍ଣିତ ଘଟନାଗୁଡ଼ିକ ଅନ୍ୟୋନ୍ୟାଶ୍ରିତ ହୋଇ ଗୋଟିଏ ମାତ୍ର ଉଦ୍ଦେଶ୍ୟ ସାଧନ କରିବ । 'ମହାଯାତ୍ରା' କାବ୍ୟର ପ୍ରକାଶିତ ଅଂଶରେ କାର୍ଯ୍ୟଗତ ଏକତ୍ୱର ବ୍ୟାଘାତକାରୀ କୌଣସି ବର୍ଣ୍ଣନା ସନ୍ନିବେଶିତ ହୋଇନାହିଁ ଏବଂ ମୁଁ ଆଶା କରେ ଅବଶିଷ୍ଟ ଅଂଶରେ ମଧ୍ୟ ଏ ପ୍ରକାର ଦୋଷ ଲକ୍ଷିତ ହେବନାହିଁ । ଦ୍ୱିତୀୟତଃ ଅନୁଷ୍ଠାନର ମହତ୍ତ୍ୱ ବୋଇଲେ ବୁଝିବାକୁ ହେବ ଯେ, କାବ୍ୟ-ବର୍ଣ୍ଣିତ କାର୍ଯ୍ୟଟି ସାମାନ୍ୟ ବା କ୍ଷୁଦ୍ର ନ ହୋଇ ମହତ୍, ଗୌରବଯୁକ୍ତ ଏବଂ ଲୋକପ୍ରସିଦ୍ଧ ହେବ ଏବଂ ତଦ୍ଦ୍ୱାରା ନାୟକର ବୀରତ୍ୱ ବା ଚରିତ୍ରର ମହିମା ସ୍ପଷ୍ଟରୂପେ ପ୍ରତିପନ୍ନ ହେବ । ମୁଁ ଏଥିପୂର୍ବେ କହିଅଛି ଯେ, ପାଣ୍ଡବମାନଙ୍କ 'ମହାପ୍ରସ୍ଥାନ' ପରି ଅନୁଷ୍ଠାନର ମହିମା ଓ ଗୌରବ ବିଷୟରେ କାହାରି ସନ୍ଦେହ ହୋଇ ନ ପାରେ । ପୁଣି ପାଣ୍ଡବକୁଳଶିରୋମଣି ଯୁଧିଷ୍ଠିରଙ୍କ ଅପେକ୍ଷା ମହାକାବ୍ୟର ଉପଯୁକ୍ତ ମହାପୁରୁଷ କେଉଁଠାରେ ମିଳିବେ ? ଅତଏବ ଏହା ନିଃସଂଶୟ ଯେ, 'ମହାଯାତ୍ରା'ର ବର୍ଣ୍ଣିତ ଅନୁଷ୍ଠାନ ଏବଂ ସେହି ଅନୁଷ୍ଠାନର ମୁଖ୍ୟକର୍ତ୍ତା ଯୁଧିଷ୍ଠିର ପରସ୍ପର ଯୋଗ୍ୟ ହୋଇ କାବ୍ୟର ଉତ୍କର୍ଷ ସୂଚନା କରିଛନ୍ତି । କବି ପ୍ରକାଶିତ ଅଂଶରେ କାର୍ଯ୍ୟ ଓ ନାୟକର ଗୌରବ ସଂରକ୍ଷଣ ବିଷୟରେ ଯଥୋଚିତ ଯତ୍ନ କରିଅଛନ୍ତି ଏବଂ ଏହା ମଧ୍ୟ ଆଶା କରାଯାଏ ଯେ, ସେ ଭବିଷ୍ୟତରେ ସେହି ଗୌରବ ଅକ୍ଷୁଣ୍ଣ ଭାବରେ ରକ୍ଷା କରି ପାରିବେ । ତଥାପି ଏଠାରେ ମୋର କହିରଖିବା ଉଚିତ ଯେ ପ୍ରକାଶିତ ଅଂଶମଧ୍ୟରେ କବି ଚରିତ୍ର-ଚିତ୍ର ବିଷୟରେ ସାଧାରଣାତିରିକ୍ତ କ୍ଷମତା ଦେଖାଇ ନାହାନ୍ତି ବା ଦେଖାଇବାର ଅବସର ପାଇନାହାନ୍ତି । ଏ ପର୍ଯ୍ୟନ୍ତ କାବ୍ୟର ନାୟକ ଓ ଅନ୍ୟାନ୍ୟ ପାତ୍ରମାନଙ୍କର ଯେଉଁ ଚରିତ୍ର-ଚିତ୍ର ଦିଆଯାଇଛି, ସେଥିରେ ପ୍ରତ୍ୟେକ ଚରିତ୍ରର ସୂକ୍ଷ୍ମ ତାରତମ୍ୟ ବା ବିଶେଷତ୍ୱ ସୁପରିସ୍ଫୁଟ ହୋଇନାହିଁ । ତୃତୀୟତଃ, ଅନୁଷ୍ଠାନର ମନୋହାରିତା କହିଲେ ବୁଝିବାକୁ ହେବ ଯେ, କବି କାବ୍ୟର ଉପାଖ୍ୟାନକୁ ସରସ, ଉପାଦେୟ ଓ ମନୋହର କରିବା ନିମିତ୍ତ ନାନା ବିଚିତ୍ର ଅଦ୍ଭୁତ ଏବଂ ସୁନ୍ଦର ବର୍ଣ୍ଣନାମାନ ନୈପୁଣ୍ୟ-ସହକାରେ ସଂଯୋଜିତ କରିବେ । ଏ ସମ୍ବନ୍ଧରେ ମୋର କର୍ତ୍ତବ୍ୟ ଏହି ଯେ 'ମହାଯାତ୍ରା ର କବି ବର୍ଣ୍ଣନାବିଷୟରେ ସର୍ବତ୍ର ଯେଉଁ ଶକ୍ତି, ସୌନ୍ଦର୍ଯ୍ୟ ଓ କୌଶଳ ଦେଖାଇଛନ୍ତି, ତାହା ଅସାମାନ୍ୟ ଏବଂ ସମଗ୍ର ଉତ୍କଳ-ସାହିତ୍ୟମଧ୍ୟରେ ଅତୁଳ୍ୟ ବୋଇଲେ ଅତ୍ୟୁକ୍ତି ହେବନାହିଁ ; କିନ୍ତୁ ସେ ବର୍ଣ୍ଣନାଗୁଡ଼ିକ-ମଧ୍ୟରୁ କତିପୟ ଅଂଶ ସରସତା-ସତ୍ତ୍ୱେ ମହାକାବ୍ୟରେ ଅନୁପଯୁକ୍ତ ଅଥବା ବର୍ତ୍ତମାନ ଯୁଗର ଜ୍ଞାନୋଜ୍ଜ୍ୱଳ ବିଶ୍ୱାସର ବିରୋଧୀ । ସମଗ୍ର ଚତୁର୍ଥ ସର୍ଗ ଗୋଟିଏ ରତିସୁନ୍ଦର

ହୃଦୟଦ୍ୱାରା ରୂପକମାଳା; ଇଉରୋପୀୟ ଆଳଙ୍କାରିକମାନଙ୍କ ମତରେ ନାନା ରୂପକ-ସନ୍ନିବେଶଦ୍ୱାରା ମହାକାବ୍ୟର ଉଦ୍ଦେଶ୍ୟ ସଫଳୀକୃତ ହୁଏ । କୌଣସି କୌଣସି ବର୍ଣ୍ଣନା ପ୍ରାଚୀନ କବିମାନଙ୍କର ଉପଯୁକ୍ତ ହେଲେହେଁ କୁସଂସ୍କାର-ପରିପୋଷକତା-ହେତୁରୁ ଆଧୁନିକ ପ୍ରଶସ୍ତ ବିଶ୍ୱାସର ବିରୋଧୀ ହୋଇଛି । ସ୍ଥଳରେ ପ୍ରକୃତିର ରୁଦ୍ର-ସୁନ୍ଦର ଦୃଶ୍ୟ, ରଣାଙ୍ଗନର ମହାଭୈରବ ବ୍ୟାପାର ପ୍ରଭୃତି ବର୍ଣ୍ଣନାରେ କବିଙ୍କର ପ୍ରତିଭା 'ମହାଯାତ୍ରା' କାବ୍ୟରେ ମୁକ୍ତଭାବରେ କ୍ରୀଡ଼ା କରୁଅଛି । ମହାଯାତ୍ରାର ଛନ୍ଦ ଓ ଭାଷା ବିଷୟରେ ମଧ୍ୟ କିଛି କହିବାର ଅଛି । ମହାଯାତ୍ରା ଅମିତ୍ରାକ୍ଷର ଛନ୍ଦରେ ଲିଖିତ ହୋଇଅଛି । ଉତ୍କଳ କାବ୍ୟରେ ଅମିତ୍ରଛନ୍ଦ ପ୍ରବର୍ତ୍ତନର ଏହି ପ୍ରଥମ ଶୁଭ ପ୍ରୟାସ । ଏଥିପୂର୍ବେ ବଙ୍ଗୀୟ କବିବର ଶ୍ରୀ ମାଇକେଲ ମଧୁସୂଦନ ଦତ୍ତ ବଙ୍ଗଳା ପଦ୍ୟର ପ୍ରକୃତି ଓ ନିୟମ ଆଲୋଚନା କରି ଏହି ଛନ୍ଦକୁ ପ୍ରବର୍ତ୍ତିତ କରିଥିଲେ । ସୁତରାଂ ବଙ୍ଗୀୟ ପଦ୍ୟର ଏକାନ୍ତ ଅନୁରୂପ ଉତ୍କଳ ପଦ୍ୟ-ସାହିତ୍ୟ ମଧ୍ୟରେ ଏହି ନୂତନ ଛନ୍ଦର ଅବତାରଣାଦ୍ୱାରା କବି ଶ୍ରୀ ରାଧାନାଥ କିଛି ମୌଳିକତା ଦେଖାଇ ନାହାନ୍ତି ; କିନ୍ତୁ ଏହା ମୁଁ ମୁକ୍ତକଣ୍ଠରେ କହିପାରେ ଯେ ତାଙ୍କ ଛଡ଼ା ଅନ୍ୟ କୌଣସି ଉତ୍କଳୀୟ ଲେଖକ ଏହି ଛନ୍ଦର ଯଥାଯଥ ପ୍ରୟୋଗ ବିଷୟରେ ଦକ୍ଷତା ଦେଖାଇ ପାରନ୍ତେ ନାହିଁ । ବଙ୍ଗ ଭାଷାରେ ଅମିତ୍ରାକ୍ଷର ଛନ୍ଦ ପ୍ରବର୍ତ୍ତିତ ହେଲାଦିନୁ ଅନେକ ଲୋକପ୍ରସିଦ୍ଧ ବଙ୍ଗୀୟ କବି ଉକ୍ତ ଛନ୍ଦରେ କାବ୍ୟ ଲେଖିଅଛନ୍ତି ; କିନ୍ତୁ ମୋ କ୍ଷୁଦ୍ରମତରେ ଜଣେ ଦୁଇଜଣଙ୍କୁ ଛାଡ଼ିଦେଲେ କାହାରି ରଚନା ମାଇକେଲଙ୍କ ରଚନା ପରି ମନୋଜ୍ଞ ହୋଇନାହିଁ । ଯେଉଁ ଅତ୍ୟଳ୍ପ ସଂଖ୍ୟକ ଲେଖକ ଏ ବିଷୟରେ କୃତକାର୍ଯ୍ୟ ହୋଇଅଛନ୍ତି, ସେଥିମଧ୍ୟରେ ଆମ୍ଭମାନଙ୍କର କବି ଶ୍ରୀ ରାଧାନାଥ ଜଣେ ଅଟନ୍ତି । ଅମିତ୍ରାକ୍ଷର ଛନ୍ଦରେ ତାଙ୍କ ରଚିତ ଅନେକଗୁଡ଼ିଏ ବଙ୍ଗଳା କବିତା ଗୁଣିଗଣାଗ୍ରଗଣ୍ୟ ଶ୍ରୀ ଭୂଦେବ-ମୁଖୋପାଧ୍ୟାୟ ପ୍ରଭୃତିଙ୍କଦ୍ୱାରା ଭୂୟୋଭୂୟଃ ପ୍ରଶଂସିତ ହୋଇଅଛି । 'ମହାଯାତ୍ରା'ର ଛନ୍ଦ, ମାତ୍ରାନିୟମ ଓ ଯତିପାତକୌଶଳ ହେତୁରୁ ଯେପରି ସୁଖପାଠ୍ୟ, ସେହିପରି ସୁଶ୍ରାବ୍ୟ ହୋଇଅଛି । ଓଡ଼ିଆଭାଷାରେ ଅମିତ୍ରାକ୍ଷର ଛନ୍ଦ ନୂତନ ବୋଲି ପ୍ରଥମେ ଅନେକଙ୍କର ଅବଜ୍ଞାତ ବା ଉପହାସିତ ହୋଇ ପାରେ ; କିନ୍ତୁ ସେମାନଙ୍କର ଜାଣିବା ଉଚିତ ଯେ, ଆବହମାନ କାଳରୁ ପୃଥିବୀର ପ୍ରସିଦ୍ଧ ସାହିତ୍ୟମାନଙ୍କରେ ଅମିତ୍ରାକ୍ଷର ଛନ୍ଦ ପ୍ରଚଳିତ ହୋଇ ଆସୁଛି ଏବଂ ପୃଥିବୀର ସର୍ବୋତ୍କୃଷ୍ଟ ମହାକାବ୍ୟମାନ ସେହି ଛନ୍ଦରେ ଲିଖିତ । ଦୃଷ୍ଟାନ୍ତ ନିମିତ୍ତ ଦୂରକୁ ଯିବାର ପ୍ରୟୋଜନ ନାହିଁ, ଭାରତର ପରମାରାଧ୍ୟ ସଂସ୍କୃତସାହିତ୍ୟର ସମୁଦାୟ ଉଲ୍ଲେଖଯୋଗ୍ୟ କାବ୍ୟ ନାନାବିଧ ଅମିତ୍ରାକ୍ଷର ଛନ୍ଦରେ ରଚିତ । ଯେତେବେଳେ ବଙ୍ଗଳାରେ ସର୍ବପ୍ରଥମେ ମାଇକେଲ ଅମିତ୍ରାକ୍ଷର ଛନ୍ଦ ପ୍ରବର୍ତ୍ତିତ କଲେ, ସେତେବେଳେ ଶତ ଶତ ଲୋକ ତାହାର ବିରୋଧୀ ହୋଇଥିଲେ ; କିନ୍ତୁ ବର୍ତ୍ତମାନ ସମସ୍ତେ ସ୍ୱୀକାର କରୁଛନ୍ତି ଯେ, ଉକ୍ତ ଛନ୍ଦ-ପ୍ରବର୍ତ୍ତନଦ୍ୱାରା ବଙ୍ଗଳା-କବିତାର ଗୌରବ ନିଃସନ୍ଦେହରୂପେ ବର୍ଦ୍ଧିତ ହୋଇଅଛି । ବାସ୍ତବରେ ଅମିତ୍ରାକ୍ଷର କବିତାର ବିକାଶ ନିମିତ୍ତ ଅପରିହାର୍ଯ୍ୟ

ଉପାଦେୟରୂପେ ଅବଲମ୍ବନୀୟ ନୁହେଁ । ଏହା ମଧ୍ୟ କବିତାର ପ୍ରକୃଷ୍ଟ ଭୂଷଣ ନୁହେ । ବରଂ ଅନେକ ସମୟରେ ଭାବର ଦାରିଦ୍ର୍ୟ ଘୋଡ଼ାଇବା ନିମିତ୍ତ ମିତ୍ରାକ୍ଷର ଗୋଟିଏ କୃତ୍ରିମ ଭୂଷଣରୂପେ ବ୍ୟବହୃତ ହୁଏ । ଭାବ ହିଁ କବିତାର ପ୍ରାଣ ଏବଂ ସଙ୍ଗୀତମୟ ଭାଷା ତାହାର ଶରୀର ଅଟେ । ମିତ୍ରାକ୍ଷର ବା ଅମିତ୍ରାକ୍ଷର ହେଉ, ଯେଉଁ କବିତାର ଭାବ ମହାନ୍ ଓ ମର୍ମସ୍ପର୍ଶୀ, ଯାହାର ଭାଷା ମଧୁର, ସଙ୍ଗୀତମୟ ଏବଂ ସୁ-ଭାବର ଉପଯୁକ୍ତ ଅର୍ଥାତ୍ ମାତ୍ରା-ବିରାମାଦି-କୌଶଳ ହେତୁରୁ ସୁଗେୟ, ତାହା ହିଁ ପ୍ରକୃତ କବିତା-ପଦବାଚ୍ୟ । ଭାବ ଓ ଭାଷା ଉଭୟ ବିଷୟରେ 'ମହାଯାତ୍ରା' ଯେ ଉତ୍କୃଷ୍ଟ ହୋଇଅଛି, ତାହା ଯେଉଁମାନେ ଥରେ ଅବଧାନପୂର୍ବକ ଅବହିତଚିତ୍ତରେ ପଢ଼ିବେ ସେମାନେ ଅବଶ୍ୟ ମୁକ୍ତକଣ୍ଠରେ ସ୍ୱୀକାର କରିବେ ।

ପରିଶେଷରେ ମୋର ଏହି ଆଶା ଏବଂ ପ୍ରାର୍ଥନା ଯେ, କବି ଶ୍ରୀ ରାଧାନାଥ ମହାଯାତ୍ରାରୂପ ଯେଉଁ ସୁଧାମୟ ମନୋହର ଗୀତ ଆରମ୍ଭ କରିଛନ୍ତି, ତାହା ଆଦିକବି ବିଧାତାଙ୍କ କୃପାରେ ସମାପ୍ତ କରି ଉତ୍କଳ ସାହିତ୍ୟମନ୍ଦିରକୁ ଜ୍ୟୋତିର୍ମୟ କରନ୍ତୁ ।

ଶ୍ରୀ ମଧୁସୂଦନ ରାଓ



# ମହାଯାତ୍ରା

## ପ୍ରଥମ ସର୍ଗ

ପଙ୍କଜବାସିନୀ, ଦେବୀ ଉତ୍କଳଭାରତୀ,
ସାରଳେ, କି କଲେ, କହ କୁରୁଚୂଡ଼ାମଣି (୧)
ଶୁଣିଲେ ଯେକାଳେ ସାରବାର୍ତ୍ତାବହ ମୁଖେ
ପ୍ରଭାସେ ଯାଦବଙ୍କର ଜ୍ଞାତି-କ୍ଷୟକାଣ୍ଡ (୨)
ମହାଓଜୂବ, ଧୀରମଣି ଧୈର୍ଯ୍ୟ ଧନ ଆହା,
କେମନ୍ତେ ଶୁଣିଲେ ସେହି ଦାରୁଣ ବାରତା ?
କି କଲେ ଶୁଣିଣ ଚିର ବିପଦ-ବାନ୍ଧବ
ଯଦୁବଂଶ-ଅବତଂସ-ଯାଦବପତିର (୩)
ନିଦ୍ବବ ପ୍ରୟାଣ-ବାର୍ତ୍ତା, କହ କୃପା ବହି ।
ଯଦୁବଂଶ ଧ୍ୱଂସ ଶୁଣି କୁରୁକୁଳମଣି
ଯୁଧିଷ୍ଠିର କିରୀଟୀଙ୍କି କହିଲେ ସମ୍ବୋଧି,
"ହେ ବୀର, ଦୁସ୍ତର କୁରୁ-ସମର-ସାଗରେ
(ତିମି-ତିମିଙ୍ଗଳ-ରୂପେ ଭ୍ରମିଲେ ଭୈରବେ
ଯହିଁ ମହାରଥୀପତି ଭୀଷ୍ମ ଦ୍ରୋଣ ଆଦି) (୪)
ଯେ ମହାପୁରୁଷ ନିଜ କୃପା ତରଣୀରେ
ପାରିକଲେ ପାଣ୍ଡବଙ୍କୁ କର୍ଣ୍ଣଧାର-ରୂପେ,
ଚଳୁଥିଲେ ଅନୁକ୍ଷଣ ଶ୍ରୀକରେ ଯାଙ୍କର
ନ୍ୟାୟବଳ ବଳରୂପେ କୋଟିକୋଟି ପ୍ରାଣୀ (୫)
ଗଲେ ମର୍ତ୍ତ୍ୟଧାମ ତେଜି ନିଜ ଧାମେ ସେହି
କେଶବ, କି ସୁଖେ ଆଉ ରହିବା ସଂସାରେ
ସଂସାରର ଲୀଳା ଖେଳା ସରିଲା ଆମ୍ଭର,
ସଂସାର-ବିଷବୃକ୍ଷ-ବିଷେ ଜରଜର ହୋଇ
ସାରସତ୍ତ୍ୱ ପାସୋରିଣ ସାରିଲୁଁ ଆୟୁଷ,
ଦୁଃଖମୟ ଭବ ସିନା ମହାସୁଖ ବୋଲି
ବୋଲନ୍ତି ଜଗତେ ଯାକୁ, ଜଡ଼ିତ ସେ ସଦା
ମହାଦୁଃଖେ, ଆଲୋକ ସେ ଜଡ଼ିତ ତମସେ,
ହତହେଲେ ସୁଯୋଧନ କୁରୁକ୍ଷେତ୍ରରଣେ (୬)
ଜୟୀହୋଇ ଆମ୍ଭେ ତହିଁ ହେଲୁଁ ଜୀବନ୍ମୃତ (୭)
ପୁତ୍ର-ମିତ୍ର-ରକ୍ତ ସ୍ରୋତେ ସନ୍ତରି ସନ୍ତାପେ
ସନ୍ତାପରେ ସିଂହାସନ ହେଲା ସିନା ଲାଭ,
ଭଙ୍ଗୁର ଭବର, ଭାଇ, ସୁଖ ଏହିପରି !
ଧନ୍ୟ ସେହି ଅତନ୍ଦ୍ରିତ-ଋଷିବୃନ୍ଦ ଭବେ (୮)

(୧) ଶାରଳା ଦେବୀଙ୍କ ମନ୍ଦିର ମହାନଦୀର ଅଦୂରବର୍ତ୍ତୀ ଝଙ୍କଡ଼ ଗ୍ରାମରେ ଅବସ୍ଥିତ । ଓଡ଼ିଶାରେ ଏହି ଦେବୀ ବିଦ୍ୟାର ଅଧିଷ୍ଠାତ୍ରୀରୂପେ ପ୍ରତିଷ୍ଠିତ । କୁରୁଚୂଡ଼ାମଣି—ଯୁଧିଷ୍ଠିର । (୨) ପ୍ରଭାସ—ଦ୍ୱାରକାର ଅଦୂରବର୍ତ୍ତୀ ସମୁଦ୍ରକୂଳସ୍ଥିତ ତୀର୍ଥ । ଋଷି-ଅଭିଶପ୍ତ ଯଦୁବଂଶୀୟମାନେ ଏହିଠାରେ ସୁରାପାନରେ ମତ୍ତହୋଇ ପରସ୍ପର ଯୁଦ୍ଧକରି ନିହତ ହୋଇଥିଲେ (୩) ଯାଦବପତି—ଶ୍ରୀକୃଷ୍ଣ (୪) ଭୀଷ୍ମ, ଦ୍ରୋଣ, କର୍ଣ୍ଣ ପ୍ରଭୃତି ଦୁର୍ଯ୍ୟୋଧନ ପକ୍ଷ ପ୍ରଧାନ ଯୋଦ୍ଧା ଥିବାରୁ ରଣ-ସମୁଦ୍ରର ତିମି-ତିମିଙ୍ଗିଳରୂପେ ବର୍ଣ୍ଣିତ ହୋଇଅଛନ୍ତି (୫) ନ୍ୟାୟବଳ—ସତରଞ୍ଜି ଖେଳର ପୁତ୍ତଳିକା (୬) ସୁଯୋଧନ—ଦୁର୍ଯ୍ୟୋଧନ । (୭) ପାଣ୍ଡବ ପକ୍ଷ ଜୟୀ ହୋଇଥିଲେ ସତ୍ୟ, ସେ ଜୟ ମଧ୍ୟ ଶୋଚନୀୟ ହୋଇଥିଲା । ପାଣ୍ଡବମାନଙ୍କର ପ୍ରଧାନ ଆତ୍ମୀୟ ଯଥା—ଦ୍ରୁପଦ, ବିରାଟ, ଧୃଷ୍ଟଦ୍ୟୁମ୍ନ, ଶିଖଣ୍ଡୀ, ଅଭିମନ୍ୟୁ ଘଟୋତ୍କଚ, ଦ୍ରୌପଦୀଙ୍କ ପଞ୍ଚପୁତ୍ର ପ୍ରଭୃତି କୁରୁକ୍ଷେତ୍ରରେ ହତ ହୋଇଥିବାରୁ ଜୟୀ ପାଣ୍ଡବମାନେ ସୁଦ୍ଧା ଜୀବନ୍ମୃତ ପ୍ରାୟ ହୋଇଥିଲେ । ତେଣୁ ଯୁଧିଷ୍ଠିରଙ୍କ ସିଂହାସନ 'ସନ୍ତାପର ସିଂହାସନ' ହୋଇଥିଲା । (୮) ଅତନ୍ଦ୍ରିତ—ଜାଗରୁକ, ସଂସାରମାୟାରେ ଯେଉଁମାନେ ମୁଗ୍ଧ ନୁହନ୍ତି ।

ବିଷୟବିମୁଖ ହୋଇ ସାଧନ୍ତି ଯେ ସଦା
ସୁଖବୃଦ୍ଧି ତୃଷ୍ଣାକ୍ଷୟେ ତୃଷ୍ଣାଲୟେ ପୁଣି
ସୀମାଶୂନ୍ୟ-ସୁଖରାଜ୍ୟେ ବିହରନ୍ତି ମୁଦେ, (୧)
ନିରୁଦ୍‌ବେଗେ ରହନ୍ତି ସେ କାଳକୁ ଅନାଇ,
ଏ ଜୀବ ନୁହଇ ସ୍ଥିର, ସ୍ଥିରଟି ମରଣ,
ମାଟିର ଏ ଘଟ ନଷ୍ଟେ ମିଶିବ ମାଟିରେ,
ସର୍ବହର କାଳ ମହାବଳୀଠାରୁ ବଳୀ !
କଠୋର ଏ ଧନୁ ତୋର, କଠୋରଭୀମର
ମହାଗଦା, ଗ୍ରାସଇ ସେ ପକ୍ୱରମ୍ଭା ପର !
ଲଗାଇଛି ଫାଶ ସେହୁ ସମସ୍ତଙ୍କ ଗଳେ —
କି ରାଜା, କି ପ୍ରଜା, କିବା ବୀର, କିବା ଭୀରୁ
ଗୁଣୀ, ଗୁଣହୀନ ଅବା ସୁନ୍ଦର କୁତ୍ସିତ,
ଧନିକ, ନିର୍ଧନ ଅବା ପ୍ରବଳ, ଦୁର୍ବଳ
ସେ ରୂପର ଫାଶୁଁ କେହି ନୁହନ୍ତି ମୁକତ,
ଜନ୍ମିବା ଆଗରୁ ସେହି ଫାଶ ପିନ୍ଧି ଗଳେ
ଭୂମିଷ୍ଠ ହୁଅଇ ଜୀବ ଜନନୀ ଜଠରୁ ;
ନିଜ ଧନ କ୍ଷୀଣ ଦେଖି ଦୁରନ୍ତ ସଂହାରୀ
ଅତର୍କିତେ ସଂହାରିବ ଓଟାରି ସେ ଫାଶ,(୨)
କାହାରି ବେଳକୁ କାଳ ଅନାଇଁ ନ ବସେ
ପାସୋରିଲେ ତାକୁ ସେହି କେବେ ନ ପାସୋରେ
ଅଦ୍ଭୁତ ସେ ବୈର, ତାକୁ ରୋଧିଲେ ତୋରଣ
ପାଚେରି ଲଙ୍ଘିଣ ପୁରେ ପଶେ ଅନାୟାସେ
ତାଲକ-କୀଳିତ ଗୃହେ ପଶେ ଅକୁଣ୍ଠିତେ (୩)
ନ ଫିଟାଇ ସେ ତାଲକ, ଖଣ୍ଡିଶିରୋମଣି,
ସେ ଆସି ଖୋଜିବା ଆଗୁଁ ଏ ଭବରମାସ୍ଥା
ତେଜ ହେ ବୀରେନ୍ଦ୍ର, ଚାଲ ଖୋଜିବା କାଳକୁ"
ବୋଇଲେ କିରୀଟୀ ତହୁଁ ଅଗ୍ରଜ ଛାମୁରେ,

"ହେ ଗୋସାଇଁ, ଶୁଣ ନାହିଁ କାଳ କାହାରିକି,
ସମସ୍ତଙ୍କୁ ଲୋଡ଼ି ନିଏ ଯଥାକାଳେ ସେହୁ ,
ମୁଁ ଯାଇ ଲୋଡ଼ିବି ତାକୁ ତୁମ୍ଭର ଗହଣେ ।"
ଭୀମ, ବେନି ମାଦ୍ରୀସୁତେ କିରୀଟୀ-ବଚନେ
ଜଣାଇଲେ ଅଭିମତ ପରମ ଆଗ୍ରହେ,
ହିମାଦ୍ରି ପ୍ରୟାଣେ ସର୍ବେ ବଳାଇଲେ ମନ ।
ଶୁଣି ଏ ସଂକଳ୍ପ ଦେବୀ ଦ୍ରୁପଦନନ୍ଦିନୀ
ସହଚରୀ ହେବା ପାଇଁ ବାନପ୍ରସ୍ଥବ୍ରତେ
କଲେ ନାନା ମତେ ଅତି ଭୂପତି-ଛାମୁରେ,
କି ଧଣ କହିଲେ ଦେବୀ ଗଦଗଦ ଭାଷେ —
"ପାଣ୍ଡବର ବନ୍ଧୁ ବୋଲି ବାନ୍ଧିଥିଲେ ଯାକୁ
ଭୁବନେ ଯେ ମହାପ୍ରଭୁ, ସେ ପ୍ରଭୁ ବିହୁନେ
କେଉଁ ଲୋଡ଼ା ପାଣ୍ଡବର, ନାଥ ଏ ସଂସାରେ
କେଉଁ ଲୋଡ଼ା ଏ ସଂସାରେ ପାଣ୍ଡବ ବିହୁନେ
ପାଣ୍ଡବ ଶରଣ ବିନା ଦ୍ରୁପଦକନ୍ୟାର ?
କି ଲୋଡ଼ା ମୋହର ଅଶ୍ରୁସିକ୍ତ ରାଜଗେହେ
କି ସୁଖ, ହେ ପାଣ୍ଡୁନାଥ, ଏ ଦଗ୍ଧ ପରାଣେ
ଗୃହେ ଥାଇ ? ଥାଉ ଗୃହ-ସୁଖ ନେଇ ,
ରାଜ୍ୟ ରାଜ୍ୟସୁଖ ନେଇ, ଏ ବେନିଙ୍କି ଛାଡ଼ି
ଛାୟା ପ୍ରାୟ ତୁମ୍ଭ ସଙ୍ଗେ ବିଚରିବ ବନେ,
ସୁଖୀ ଥିଲି ବନେ, ଦୁଃଖୀ ହେଲି ସିଂହାସନେ
ଦୁଃଖୀପାଇଁ ସ୍ଥାନ କାହିଁ ସଂସାର ଗହନେ ?(୪
ଦୁଃଖୀ ଲୋଡ଼େ ନିର୍ଜନ, ଦୁଃଖୀର ନୟନେ
ସଂସାର-ସମ୍ପଦ ସିନା ମହାବିଡ଼ମ୍ବନା ।
ନଳିନୀ ନୟନେ, ନାଥ, ଯେସନେ ଚନ୍ଦ୍ରିକା
ଅକ୍ଷମ ସମ୍ପଦ ଦୁଃଖ ମେଣ୍ଟାଇବା ପାଇଁ ;
ପକାଏ କେବଳ ମାତ୍ର କଣ୍ଟକ ସେ ପଥେ

(୧) ବିଷୟୀ ଲୋକମାନେ ବିଷୟବୃଦ୍ଧି ଦ୍ୱାରା ସୁଖୀ ହେବାକୁ ଚେଷ୍ଟା କରନ୍ତି । ଋଷିମାନେ ବାସନାକ୍ଷୟଦ୍ୱାରା ସୁଖୀ ହେବାକୁ ଚେଷ୍ଟା କରନ୍ତି । ବାସନା କ୍ଷୟ ହେଲେ ସୀମାବଦ୍ଧ ସୁଖ ଅସୀମ ହୁଏ । କ-ରାଶି ଶୂନ୍ୟଦ୍ୱାରା ବିଭକ୍ତ ହେଲେ ତାହାର ଭାଗଫଳ ଅସୀମ, ଏହି ଗାଣିତିକ ସୂତ୍ର ସହିତ ଏହି ଭାବର ସାଦୃଶ୍ୟ ଅଛି । (୨) କାଳ କାହାର ସୁବିଧା ଅସୁବିଧା, ସମସ୍ତ ଅସମସ୍ତ ପ୍ରତି ଦୃକ୍‌ପାତ କରେ ନାହିଁ । ନିଜର ସମୟ ବୁଝି ପ୍ରାଣୀମାନଙ୍କୁ କବଳିତ କରେ । (୩) ତାଲକକୀଳିତ—ତାଲଦ୍ୱାରା ବନ୍ଦ । (୪) ସଂସାରରେ ସମସ୍ତେ ସ୍ୱାର୍ଥ-ସଂଗ୍ରାମରେ ବ୍ୟତିବ୍ୟସ୍ତ । ଦୁଃଖୀ ଦୁଃଖରେ ସହାନୁଭୂତି ଦେଖାଇବାକୁ କାହାରି ଅବସର ନ ଥାଏ ।

ସମବେଦନାର, ନାଥ, ଏହି ତାର ସାକ୍ଷ୍ୟ ! (୧
ଭେଦାଭେଦ ବାରିବାର ପ୍ରାସାଦେ କୁଟୀରେ
ସହିଛି ସେ ଧନ ମୋର ଚିରଦିନ ଲାଗି,
ନୁହଇ କେବଳ ମୁହିଁ ସମ୍ପଦ ସଙ୍ଗିନୀ
ପାଣ୍ଡବଙ୍କ, ପୂର୍ବେ ଯଥା ସେବୁଥିଲି ବନେ
ଚରଣେ ତୁମ୍ଭର, ଏବେ ସେବଇ ସେମନ୍ତେ,
ଏହି ଭିକ୍ଷା ମାଗେ ଦାସୀ ଶ୍ରୀପଦେ ଗୋସାଇଁ"
ଧର୍ମମତି ଯୁଧିଷ୍ଠିର ଯାଜ୍ଞସେନୀ ବାଣୀ
ଶୁଣି ଯିବାପାଇଁ ତାଙ୍କୁ ଦେଲେ ଅନୁମତି ।
ତହୁଁ ରାଜସିଂହାସନେ ପରୀକ୍ଷିତଙ୍କର (୨)
ଅଭିଷେକ-ବିଧି ରାଜା ଯତନେ ସମାପି,
ବୈଶ୍ୟା-ଗର୍ଭଜାତ ଶାନ୍ତ ଧୃତରାଷ୍ଟ୍ରସୁତ
ଯୁଯୁତ୍ସୁଙ୍କୁ ନିଯୋଜିଲେ ପ୍ରତିନିଧିପଦେ (୩)
ସାମ୍ରାଜ୍ୟ ଶାସନପାଇଁ ଶୈଶବେ ତାଙ୍କର,
ତହୁଁ ବୃଦ୍ଧା ସୁଭଦ୍ରାଙ୍କୁ ଚାହିଁ ନରସାଇଁ
କହିଲେ, "ଏ ଶିଶୁ, ଦେବି, ହେବ ଦଣ୍ଡଧର
ମୋର ଅନ୍ତେ ହସ୍ତିନାରେ ରାଜସିଂହାସନେ,
ଏକମାତ୍ର କୁଳାଙ୍କୁର ଏହି କୁରୁକୁଳେ !
ଗୋଟିଏ ପ୍ରସୂନ, ଆହା, ବଂଶେ-ବଂଶ ଗ୍ରାସି
କାଳ-ଦାବାନଳ-ମୁକ୍ତ କୁରୁବଂଶବନେ । (୪)
ଭବିଲେ ଜୀବନ୍ତ ଏ ଦୟା-ନିଦର୍ଶନ
କାଳଦର୍ପହାରୀ ଦେବ ଦୀନବନ୍ଧୁଙ୍କର !
ପତି-ପିତୃ-ଭ୍ରାତୃ-ଶୋକେ-ଆତୁରା ଉତ୍ତରା
ଅଶ୍ୱତ୍ଥାମା-ଅସ୍ତ୍ରାନଳେ ନଷ୍ଟ ହୋଇ ସେବେ
ଡାକିଲେ ଶରଣ ଗଲା ଶରଣବତ୍ସଳ —
ପାଦପଦ୍ମେ ଚକ୍ରାୟୁଧ ଚକ୍ରର ଉଢ଼ାଳେ
ଝଟିତି ଆଚ୍ଛାଦି ସେହି ଦୁଃଖିନୀ-ଗରଭ
ବଞ୍ଚାଇଲେ ଶିଶୁ ସହ ଜନନୀ ଜୀବନ,
ପାଳିବ ଏ ଶିଶୁ ଦେବି, ପରମ ଯତନେ
ବୃଦ୍ଧାଶ୍ରମେ, ମୋର ଏହି ଅନ୍ତିମ ନିୟୋଗେ ।"(୫
ସୁଭଦ୍ରାଙ୍କୁ ଏହିରୂପେ ଆଦେଶି ନୃମଣି
ଆଚରିଲେ ଶ୍ରାଦ୍ଧବିଧି ମାତୁଳବଂଶର,
ଉଗ୍ରସେନ, ବସୁଦେବ ଆଦି ଗୁରୁଜନେ
ଶାସ୍ତ୍ରବିଧାନେ ଦେଇ ପ୍ରେତ-ଜଳାଞ୍ଜଳି,(୬)
ଅସ୍ତ୍ରଗୁରୁଙ୍କର ଗୁରୁ ବୃଦ୍ଧ ଭରଦ୍ୱାଜ, (୭)
ବଦରିକାଶ୍ରମବାସୀ ଋଷି ଦ୍ୱୈପାୟନ, (୮)
(ଭାରତ-ଭାରତୀ ଯାଙ୍କ ରସନା-ନର୍ତ୍ତକୀ),
ସୂର୍ଯ୍ୟ ଶିଷ୍ୟ ଯାଜ୍ଞବଲ୍କ୍ୟ ସଂହିତା-ପ୍ରଣେତା
ଯଜ୍ଞରତ ଜନକର ଗୁରୁ ପୁରାତନ, (୯)
ମାର୍କଣ୍ଡେୟ କଳ୍ପଜୀବୀ, ଦେବର୍ଷି ନାରଦ,
ଅନନ୍ତେ ଅନନ୍ତ-ନାମ-କୀର୍ତ୍ତନ-ରସିକ-(୧୦)
ଯା ସଙ୍ଗୀତେ ପ୍ରେମୋଲ୍ଲାସେ ପ୍ରସ୍ଫୁରଣ ଛଳେ
ଲୋମାଞ୍ଚ ଲଭନ୍ତି ନଭେ ଜ୍ୟୋତିଷ୍କ-ମଣ୍ଡଳୀ,
ଜ୍ଞାନୀନ୍ଦ୍ର ବାଦରାୟଣି ଆଦି ମୁନିଗଣେ (୧୧)
ମହାଦରେ ଡାକି ରାଜା ଦେଲେ ନାନା ଦାନ
ଗୋ, ଭୂମି, କାଞ୍ଚନ, ରତ୍ନ, ବସ୍ତ୍ର, ଆଭରଣ,
ଗଜ, ବାଜି, ମହୋତ୍କୁଳ ସ୍ୟନ୍ଦନାଦି କରି ୧୫

(୧) ଯେଉଁମାନଙ୍କର ସମ୍ପଦ ଅଛି ସେମାନେ ନିଜ ଦୁଃଖରେ ଅନ୍ୟର ସହାନୁଭୂତି ପାଆନ୍ତି ନାହିଁ । (୨) ପରୀକ୍ଷିତ-ଅଭିମନ୍ୟୁଙ୍କ ପୁତ୍ର । (୩) ଯୁଯୁତ୍ସୁ—ଧୃତରାଷ୍ଟ୍ରଙ୍କ ପୁତ୍ର । କୁରୁଯୁଦ୍ଧ ଆରମ୍ଭ ସମୟରେ ଯୁଧିଷ୍ଠିର ଧର୍ମ ଡାକ ଦେବାରୁ ଧର୍ମଭୀରୁ ଯୁଯୁତ୍ସୁ ଦୁର୍ଯ୍ୟୋଧନଙ୍କ ପକ୍ଷ ପରିତ୍ୟାଗ କରି ନିଜ ଦଳ ସହିତ ପାଣ୍ଡବ ଦଳରେ ମିଶିଥିଲେ । (୪) ଯୁଦ୍ଧରେ ସମସ୍ତେ ନିହତ ହୋଇଥିବାରୁ ଏକମାତ୍ର ପରୀକ୍ଷିତ ହସ୍ତିନା ସିଂହାସନର ଉତ୍ତରାଧିକାରୀ ଥିଲେ । (୫) ଅନ୍ତିମ ନିୟୋଗେ—ଶେଷ ଆଦେଶରେ । (୬) ଯୁଧିଷ୍ଠିର ଯଦୁବଂଶୀୟ ବସୁଦେବ ପ୍ରଭୃତିଙ୍କର ଭଣଜା ଥିଲେ । (୭) ଭରଦ୍ୱାଜ ପାଣ୍ଡବମାନଙ୍କର ଅସ୍ତ୍ରଗୁରୁ ଦ୍ରୋଣାଚାର୍ଯ୍ୟଙ୍କର ଗୁରୁ ଅର୍ଥାତ୍ ପିତା । (୮) ଦ୍ୱୈପାୟନ ବ୍ୟାସ, ମହାଭାରତ-ପ୍ରଣେତା । (୯) ଜନକଙ୍କ ଦୀକ୍ଷାଗୁରୁ ଯାଜ୍ଞବାଲ୍କ୍ୟ ଭାରତବର୍ଷର ଜଣେ ପ୍ରଧାନ ସ୍ମୃତିକାର । (୧୦) ଆକାଶରେ ଈଶ୍ୱରଙ୍କ ନାମ ସଂକୀର୍ତ୍ତନରେ ରତ । (୧୧) ବାଦରାୟଣି—ଶୁକଦେବ ।

ସ୍ୱର୍ଗତ ଶାରଙ୍ଗଧର କେଶବ ଉଦ୍ଦେଶେ ;(୧)
କୁଳଗୁରୁ କୃପାଚାର୍ଯ୍ୟ-ପଦେ ପରୀକ୍ଷିତେ (୨)
ସମର୍ପି କହିଲେ, "ଗୁରୋ, ଦାସ ଅନୁଦାସ
ଏ ତୁମ୍ଭର, ଦୟା କରି ବାଲ୍ୟେ ଯଥା ମୋତେ
ଶିଖାଇଲ ଧନୁର୍ବେଦ, ଏହାକୁ ସେପରି
ଶିଖାଇବ, ଏହି ଭିକ୍ଷା ମାଗୁଛି ପଦଯୁଗେ ;
ଆହେ ରଣବିଶାରଦ ସେନାପତିଦଳ,
ତୁମ୍ଭ ବାହୁ-ଛାୟା-ତଳେ ବଢ଼ୁ ଏ କୁମର
ମଣ୍ଡିବାକୁ ହସ୍ତିନାର ଶୂନ୍ୟ ସିଂହାସନ,
ରଣମୁଖେ ଅଗ୍ରଯାୟୀ ଥିଲା ଯେ ତୁମ୍ଭର,
ଯା ବିକ୍ରମେ ବିଚଳିତ ହୋଇ ରଣସ୍ଥଳେ
ଲଙ୍ଘିଣ ସମର ଧର୍ମ ଆଚାର୍ଯ୍ୟ ଆପଣେ
ଅସମ ସମରେ ଯାର ସାଧିଲେ ନିଧନ,
କୁରୁସେନା ବିମର୍ଦ୍ଦନ, ପରବ୍ୟୂହଭେଦୀ
ମହାରଥୀ ଅଭିମନ୍ୟୁ ହୃଦୟ-ଶୋଣିତ
ବହୁଛି ଏ ଶିଶୁ ଦେହେ, ଏହା ନ ବିସୋରି
ରଖିବ ଶିଶୁକୁ ନିଜ ଦେହ ଆବରଣେ,
ନେତ୍ରେ ନେତ୍ର-ପତ୍ର ଯଥା,ପ୍ରମାଦେ ସଙ୍କଟେ,
ସାଙ୍ଗ ହେଲା ଆଜଠାରୁ ରାଜପଣ ମୋର,
ସମସ୍ତଙ୍କୁ କର ଯୋଡ଼ି ମାଗୁଛି ମେଲାଣି,
ବନେ ଚରି ଆଚରିବି ଆରଣ୍ୟକ ବ୍ରତ ।"
ବିଷଣ୍ଣ ସରବେ ହେଲେ ରାଜାଙ୍କ ବଚନେ
'ରାଜ୍ୟ ତେଜିଯିବେ ରାଜା' ଏ ବାର୍ତ୍ତା ନଗରେ
ନଗରୁ ନଗରେ, ତହୁଁ ବ୍ୟାପି ଜନପଦେ
ବୁଡ଼ାଇଲା ଶୋକୋଚ୍ଛ୍ୱାସେ ସମଗ୍ର ମେଦିନୀ,
ବୋଲବୋଲହେଲେ ଲୋକେ ଯାର ଛତ୍ରତଳେ
ଜାଣୁ ନ ଥିବେଟି ଜନେ ନିର୍ଦ୍ଦୋଷ ଯାବତ
ରାଜଦଣ୍ଡ ଅଛି ବୋଲି, ଦୋଷୀ ଦେଖି ପୁଣି
ନ ସହାରେ ବହୁଥିଲା ସଂସାର ମାତର
କରୁଣା-କୋମଳ ନ୍ୟାୟ ଯାର ଏ ଜଗତେ
ଭନ ଲୋକେ ପୁଣ୍ୟଶ୍ଳୋକ ସେହି କୁରୁମଣି
ଯିବେ କି ଆମ୍ଭଙ୍କୁ ଛାଡ଼ି ? ଆହାରେ ଦଇବ
ସତେ କି ସାଧିବୁ ଦାଉ ତୁହି ଏତେ ଦିନେ !
ହେ ଧର୍ମ, ହେ ସତ୍ୟ,ତୁମ୍ଭେ ହେଲଟି ଅନାଥ
କେ ଆଉ ନିଷ୍କାମେ ଧନ, ପ୍ରାଣ, ମାୟା ତେଜି
ତୁମ୍ଭଙ୍କୁ ତୁମ୍ଭର ଲାଗି ଭଜିବ ଏ ଭବେ ?
ଦୟା, କ୍ଷମା, ତୁମ୍ଭେ ଏବେ, ହେଲଟି ଅସାର ?
ଅସାରା ମା ବସୁନ୍ଧରା ! — ଅସାର ସନ୍ତତି
ହେଲେ ସିନା ଏତେ ଦିନେ ଦୀନହୀନ,ପ୍ରଜା,
ଚଉଦିଗୁଁ ପ୍ରଜାପୁଞ୍ଜ ଆସି ଦଳେ ଦଳେ
(ଚଉପାଶୁଁ ହ୍ରଦ ମୁଖେ ଗିରିସ୍ରୋତଯଥା)
ନଗର-ପ୍ରାଙ୍ଗଣ ପ୍ଲାବି ଲୋତକ-ପ୍ଲାବନେ
ନୃପଙ୍କ ଛାମୁରେ କରେ ରହିବାକୁ ଅଳି ।
ଭବର ଭଙ୍ଗୁର ଭାବ ଜାଣି ଯୁଧିଷ୍ଠିର
ନିବେଶିଣଥିଲେ ଚିତ୍ତ ସୁଚେତା ଶାଶ୍ୱତେ(୩)
ତେଣୁ ପ୍ରଜାଙ୍କର ମାୟା ତୁଟିଲା ସହଜେ ।
ସମାଦରେ ଯଥାବିଧି ଆମନ୍ତ୍ରି ଭୂପତି
ସାମନ୍ତ-ରାଜନ୍ୟ ଦଳେ, ପୌର ଜାନପଦେ
ମହାଯାତ୍ରା ଲାଗି ତହୁଁ ହେଲେ ସଜ୍ଜୀଭୂତ
ଚାରିଭାଇ କୃଷ୍ଣା ସହ ; ବସ୍ତ୍ରଙ୍କୁ ଉତାରି
ରତ୍ନମୟ ଶିରସ୍ତ୍ରାଣ, ସାରସ୍ୱତ ଭୂଷା,
ବସନ ଭାସ୍ୱର ଯେତେକ ଗଢ଼ା ସୌରକରେ ;
ପିନ୍ଧିଲେ ବଳ୍କଳ ରାଜେ, ଭୀମ ସବ୍ୟସାଚୀ;
ଯାମଳ ସୋଦର ବେନି, ପାଟମହାଦେଈ
ଦ୍ରୁପଦ-ଦୁଲଣୀ ପଦ୍ମପଲାଶ-ଲୋଚନା,
ବଳ୍କଳୀ ରାଜାଙ୍କୁ ଦେଖି ସର୍ବେ ହୃଷ୍ଟମନେ
ସଜହେଲେ ସେହିକ୍ଷଣି ଆରଣ୍ୟକ ବେଶେ,
ପୂର୍ବେ ଦ୍ୟୂତେ ପରାଜିତ ହୋଇ ପଞ୍ଚଭାଇ
କୃଷ୍ଣା ସଙ୍ଗେ ଯେଉଁ ବେଶେ ବାହାରିଥିଲେ
ପୁରୁଁ ପୁରନାରୀବ୍ରଜ ପୁଣି ସେହି ବେଶେ
ଦେଖି ସର୍ବେ ଜରଜର ହେଲେ ମହାଶୋକେ
ମର୍ମଭେଦୀ ହାହାକାରେ ପୂରିଲା ନଗର,

(୧) ପରଲୋକଗତ ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ । କୃଷ୍ଣଙ୍କ ଧନୁର ନାମ 'ଶାରଙ୍ଗ' ଥିଲା । (୨) କୃପାଚାର୍ଯ୍ୟ—ଦ୍ରୋଣଙ୍କ ଶ୍ୟାଳକ । ପାଣ୍ଡବମାନଙ୍କର ଅନ୍ୟତମ ଅସ୍ତ୍ରଗୁରୁ । (୩) ଶାଶ୍ୱତେ—ଭଗବାନଙ୍କ ପ୍ରତି ।

ମାତ୍ର ଏ ଭାଷାରେ ଭାଗୀ ନୋହିଲେ ଯାତ୍ରିକେ
ଥୋଇଥିଲେ ମନ ଯେଣୁ ମାୟାମୋହ-ପାରେ
ତାମସ-ପ୍ରପଞ୍ଚାତୀତ ଅନାମୟଧାମେ,
ଆତର ସେ କାଳୋଚିତ-ଯଜ୍ଞ ପାଣ୍ଡୁସୁତେ
ଶୋଭନା-ହସ୍ତିନା-ରୌପ୍ୟରସନା-ଜାହ୍ନବୀ-
ଜଳେ ପଞ୍ଚାନଳ ତହୁଁ କଲେ ଜଳସାତ,
କୃଷ୍ଣା ସଙ୍ଗେ ପଞ୍ଚଭାଇ ବାହାରିଲେ ପୁରୁ,
ଦିଶିଲା ଅନାଥା ପ୍ରାୟ ହସ୍ତିନା ନଗରୀ
ବିକଳା, ଯେସନ ରାହୁଗ୍ରସ୍ତ ଶଶିକଳା
ଚୌଦିଗେ ଉଠିଲା ମହାଶୋକର ଚହଳ,
ଉଦ୍‌ବେଳ ସାଗର ପ୍ରାୟ ଲକ୍ଷ ଲକ୍ଷ ପ୍ରଜା
ଗଳଦଶ୍ରୁ ନେତ୍ରେ, ପୁଣି ଦୀନହୀନ ବେଶେ
ଉଚ୍ଚୈଃସ୍ୱରେ କାନ୍ଦି ସର୍ବେ ଚାଲିଲେ ଗହଣେ,
ପାଦଚାରୀ ବଲ୍କଳିନୀ ଦ୍ରୌପଦୀଙ୍କୁ ଦେଖି
ବକ୍ଷେ କର ମାରି ଉଚ୍ଚେ କାନ୍ଦିଲେ ଅଙ୍ଗନା
ଅଳିନ୍ଦେ,ଗବାକ୍ଷେ,ଦ୍ୱାରେ,ପ୍ରାସାଦଶିଖରେ ;
ଚାରି ସହୋଦର ପୁଣି ଯାଜ୍ଞସେନୀ ମେଳେ
ଚାଲିଲେ ରାଜେନ୍ଦ୍ର ତେଜି କୁଳ ରାଜଧାନୀ ;
ସ୍ନେହବଶେ ଶ୍ୱାନଟିଏ ଚାଲିଲା ପଶ୍ଚାତେ,
ଚାଲିଲେ ରାଜେନ୍ଦ୍ର ସହ ଲକ୍ଷ ଲକ୍ଷ ପ୍ରଜା,
ପାତ୍ର, ମନ୍ତ୍ରୀ, ସଭାସଦ, ନଗର-ନିଯୋଗ,
ବହୁଦୂର ଯାଇ ଗୃହେ ବାହୁଡ଼ି ଯିବାକୁ
ରାଜାଙ୍କ ବିନୟ ବାଣୀ ଶୁଣି ପୁନଃ ପୁନଃ
'ଆଜ୍ଞା ଖଣ୍ଡେ' 'ଆଜ୍ଞା ଖଣ୍ଡେ' କହି କଲେ ଅନ୍ତ
ବାଷ୍ପାକୁଳ ନେତ୍ରେ, ବାଷ୍ପ-ଗଦ୍‌ଗଦ ବଚନେ
ଯୋଡ଼ିଥିଲେ ଆଶା ଅବା ଫେରିବେ ପାଣ୍ଡବେ
କୁରୁପୁରେ, ବୃଥା ଆଶା ! ଫେରଇ କି କେବେ
ସିନ୍ଧୁଗାମୀ ସ୍ରୋତେ, ଅବା ରୁକ୍ମଣୀର ରଥ ?
ରବିଙ୍କୁ ଦିନାନ୍ତେ ଦେଖି ଅସ୍ତାଚଳ-ଚୂଡ଼େ
କୃପ ଯୁଯୁତ୍ସୁଙ୍କ ସଙ୍ଗେ ସର୍ବେ ବାହୁଡ଼ିଲେ
ମହାଶୋକେ, ରାଜଶୂନ୍ୟ ପୁରେ ପୁରବାସୀ
ଉଲୂପୀ ନାଗେନ୍ଦ୍ର ଜେମା କାନ୍ଦି ସୁତା ସ୍ରୋତେ
ଝାମ୍ପିଣ ପଶିଲେ ତହୁଁ ଅତଳ ପାତାଳେ, (୧)
ବାହୁଡ଼ିଲେ ପତିଶୋକେ ବଧୂରା ସୁନ୍ଦରୀ
ଚିତ୍ରାଙ୍ଗଦା ମଣିପୁରେ ନିଜଦଳବଳେ । (୨)

## ଦ୍ୱିତୀୟ ସର୍ଗ

ତେଜି ପ୍ରପଞ୍ଚର ମାୟା ତହୁଁ ପଞ୍ଚଭାଇ (୩)
ପାଞ୍ଚାଳୀ ସଙ୍ଗତେ ଆଗେ ଗଲେ ପୂର୍ବାଞ୍ଚଳେ
ତୀର୍ଥାଟନ ମହାବ୍ରତ ମନାସି ମାନସେ,
ଏକମାତ୍ର ଧର୍ମୋନ୍ମୁଖ ହୃଦୟ ତାଙ୍କର,
ଆତ୍ମା ପରମାତ୍ମା ପ୍ରତି ନିରତେ ଧାବିତ,
ବିଶ୍ୱାସରେ ମହାବଳୀ, କ୍ଲେଶ ମଣି ସୁଖ
ଭ୍ରମିଲେ ଅସଂଖ୍ୟ ଗିରି,କାନ୍ତାର, କନ୍ଦର,
ନଦ, ନଦୀ,ମହାରଣ୍ୟ, ଅଗ୍ରେ ଯୁଧିଷ୍ଠିର
(ଧର୍ମବୀର, ସତ୍ତ୍ୱଗୁଣେ ଅଗ୍ରଣୀ ଜଗତେ,)
ବୟୋଜ୍ୟେଷ୍ଠ, ଗୁଣଜ୍ୟେଷ୍ଠ, ଶିଷ୍ଟ ଶାନ୍ତମତି,
ତାଙ୍କ ପଛେ ଭୀମ,ଭୀମ ପଛେ ଧନଞ୍ଜୟ
ଧନୁଷ୍ପାଣି, ଚିର ପୂର୍ଣ୍ଣ-ଦିବ୍ୟ-ତୂଣ-ଧାରୀ,
ଯେଣୁ ସେହି ସର୍ବଜୟୀ ଧନୁତୂଣମାୟା
ତୁଟି ନ ପାରିଣ ସଙ୍ଗେ ଆଣିଥିଲେ ବଳୀ
ସେହି ଧନୁ, ସେ ତୂଣୀର ବୈରାଗ୍ୟ-ବିରୋଧୀ
ଚାଲନ୍ତି ଫାଲ୍‌ଗୁନ ପଛେ ମାଦ୍ରୀସୁତ ବେନି,
ତାଙ୍କ ପଛେ ଯାଜ୍ଞସେନୀ ଗଜେନ୍ଦ୍ର-ଗାମିନୀ
ରମଣୀ ସୀମନ୍ତ ରେଖା ରମା ମହୀତଳେ,
ସ୍ନେହ ଗୁଣେ ବଦ୍ଧ ଶ୍ୱାନ ଚାଲେ ସର୍ବ ପଛେ,
ମଥୁରା କଳୁଷ ହରା ଜଗତୀରୁ ଯହିଁ (୪)

(୧) ଉଲୂପୀ—ନାଗକନ୍ୟା ; ଅର୍ଜ୍ଜୁନପତ୍ନୀ । (୨) ଚିତ୍ରାଙ୍ଗଦା—ମଣିପୁରର ଜେମା, ଅର୍ଜ୍ଜୁନପତ୍ନୀ । (୩) ପ୍ରପଞ୍ଚ—ସଂସାର । (୪) ଜଗତୀ—ଚନ୍ଦ୍ରଶାଳା

ଦେଖୁଥିଲେ କୁତୂହଳେ ଯାଦବୀ ଯୁବତୀ,
ଘନ-ନୀଳଦ୍ୟୁତି ଚକ୍ରବାକନୀ ଯମୁନା,
ହେମ ଭକ୍ତିମନ୍ତ କି ସେ ଅବନୀର ବେଣୀ(୧)
ପ୍ରୟାଗ, ପାବନ ଗଙ୍ଗା ଯମୁନା ସଙ୍ଗମେ,
କଳ୍ପସ୍ଥାୟୀ କଳ୍ପବଟ ଛାୟାରେ ଶୀତଳ,
ପତିଙ୍କ କୁଶଳ ଭିକ୍ଷା ପତିପ୍ରାଣା ସୀତା
କରିଥିଲେ ଯାର ମୂଳେ ବନଯାତ୍ରା-କାଳେ ,
ହରଶୂଳ-ଶିଖୋପରି ପୁଣ୍ୟ ବାରାଣସୀ,
ହର-ଶୈଳୋପମ ଯହିଁ ତୁଙ୍ଗ ସୌଧପନ୍ତି
ଦେଖନ୍ତି ବିମ୍ବିତ ମୁଖ ଜାହ୍ନବୀ-ଦର୍ପଣେ, (୨)
ସରଯୂର ସ୍ରୋତେ ପୂତ ସାକେତ ନଗରୀ
ରଘୁକୁଳ-ରାଜଧାନୀ ଧନ୍ୟା ଧନ୍ୟ ଗୀତେ (୩)
ବରେଣ୍ୟ ନୈମିଷାରଣ୍ୟ ପର୍ଣ୍ଣାଶନ-ବ୍ରତୀ(୪)
ଯଜ୍ଞହେତୁ ଅଧ୍ୟାତ୍ମବାଦୀ ଅବିରତେ ରତ
ଯହିଁ ଆଧ୍ୟାତ୍ମିକ ଯାଗେ, ହୃଦ ବେଦୀ ଯହିଁ,
ଆତ୍ମା ଯଜମାନ, ଶ୍ରଦ୍ଧା ପତ୍ନୀସ୍ୱରୂପିଣୀ,
ତପ ବହ୍ନି କାମ ଆଜ୍ୟ, କ୍ରୋଧ ଯଜ୍ଞପଶୁ,
ଧୈର୍ଯ୍ୟଯୂପ, ତ୍ୟାଗହୋତା, ବଚନଉଦ୍‌ଗାତା
ସୋମରସ ସୁମଧୁର ଭକ୍ତି ଅପୌଷଜେ ;
ଯେଥାପୁଣ୍ୟ ପ୍ରତିଷ୍ଠିତ ଗୟାସୁର ଶିରେ,
ଯହିଁ ବହେ ଫଲ୍‌ଗୁ ଅନ୍ତଃସଲିଳା ତଟିନୀ,
ରାଜଗିରି ଉଷ୍ଣଜଳ ଶତ ପ୍ରସ୍ରବଣେ (୫)
ଜରାସନ୍ଧେ ବଧିଥିଲେ ଗିରିଦୁର୍ଗେ ଯହିଁ
ବାୟୁସୁତ ବୃକୋଦର କେଶବ କୌଶଳେ,
ମହାଶକ୍ତିପୀଠ ପୂତ ଭାଗୀରଥୀ-ତୀରେ
ବିରାଜନ୍ତି ଯହିଁ ଦେବୀ ନୃମୁଣ୍ଡମାଳିନୀ ; (୬)
ଲୌହିତ୍ୟତଟରେ ଯେଉଁ ପ୍ରାଗ୍‌ଜ୍ୟୋତିଷପୁରୀ
ଲଭନ୍ତି ଅଭୀପ୍ସା ଯେଥି କାମାଖ୍ୟା-ପ୍ରସାଦେ(୭)
ପାଣ୍ଡୁ କଳାରମ୍ୟ ମଧ୍ୟେ କପିଳ-ଆଶ୍ରମ, (୮)
ମହର୍ଷିଙ୍କ ରୋଷାନଳେ ହୋଇ ଭସ୍ମୀଭୂତ
ମୁକତି ଲଭିଲେ ଯହିଁ ସାଗର ସନ୍ତତି
ଭଗୀରଥ-ତପଃଫଳେ ଅବନୀପ୍ଲାବିଣୀ
ତ୍ରିଲୋକପାବନୀ ଗଙ୍ଗା ପାବନ-ପରଶେ,
ବର୍ଗଭୀମା ଅଧିଷ୍ଠିତ ମହୀସ୍ୱର୍ଗୋପମା,
ଇନ୍ଦ୍ରମୃଗ ବହୁ-ପୋତ-ପତାକା-ମାଳିନୀ
ଗଙ୍ଗାମୁଖେ ପୋତଧାତ୍ରୀ ତାମ୍ରଲିପ୍ତ ପୁରୀ (୯)
ବିପଣିରାଜିକା ଯାର ସମୁଜ୍ଜ୍ୱଳ ସଦା
ଦ୍ୱୀପାନ୍ତରାଗତ ମଣି ମୌକ୍ତିକ-ପ୍ରବାଳେ,
ପଞ୍ଚାଳେ, କୋଶଳେ ପୁଣି ବିଦେହେ ମଗଧେ
ଅଙ୍ଗେ, ବଙ୍ଗେ ଏହିମତେ ନାନାସ୍ଥାନେ ଭ୍ରମି,
ନାନା ତୀର୍ଥ ସେବି, ଶେଷେ ଆସିଣ ମିଳିଲେ,
ଉତ୍କଳର ପ୍ରାଚ୍ୟ-ନୀର ପ୍ରାଚୀର-ଆକୃତି (୧୦)
ନୀଳ-ଫେନାକୁଳ-ତୁଙ୍ଗ-ତରଙ୍ଗ-ଭଙ୍ଗୁର-
ନୀଳାଚଳ ତଟେ, ଯହିଁ ଲୋଟେ ବାରିନିଧି(୧୧)
ଗମ୍ଭୀର ନିର୍ଘୋଷେ ଘୋଷି ବିଶ୍ୱ ଚରାଚରେ,
ଗର୍ଜିଇ କି ନିଜ ବିଷଜ୍ୱାଳା ଅସମ୍ଭାଳେ
ଫଣୀନ୍ଦ୍ର ବାସୁକି ଅବା ଫଣାଶ୍ରେଣୀ ତୋଳି !
ଅନନ୍ତ-ନୀଳିମା ମଧ୍ୟ ସେ ଜଳକାନ୍ତାରେ (୧୨)

(୧) ନୀଳ ଯମୁନା ଅବନୀର ବେଣୀ ପରି, ପୀତ ଚକ୍ରବାକମାଳା ସେହି ବେଣୀର ସୁବର୍ଣ୍ଣ ରଚନା ପରି । (୨) କାଶୀ ହରଶୂଳଶିଖାଉପରେ ଅବସ୍ଥିତ ବୋଲି ପୌରାଣିକ କମ୍ବଦନ୍ତୀ ଅଛି । (୩) ସାକେତ—ଅଯୋଧ୍ୟା, ରାମାୟଣରୂପୀ ଧନ୍ୟ ଗୀତଦ୍ୱାରା ଯାହା ଧନ୍ୟ ଅର୍ଥାତ୍ ପ୍ରତିଷ୍ଠିତା । (୪) ନୈମିଷାରଣ୍ୟ—ଆଧୁନିକ ନାମ ନିମଖାର । (୫) ରାଜଗିରି—ବେହାରର ଅନ୍ତର୍ଗତ । ଜରାସନ୍ଧଙ୍କ ଗଡ଼ ଏହିଠାରେ ଥିବାର କମ୍ବଦନ୍ତୀ ଅଛି (୬) କାଳୀଘାଟ କଲିକତାର ନିକଟବର୍ତ୍ତୀ । (୭) ଲୌହିତ୍ୟ—ବ୍ରହ୍ମପୁତ୍ର, ପ୍ରାଗ୍ ଜ୍ୟୋତିଷ—ଆସାମ, କାମାଖ୍ୟାଦେବୀଙ୍କ ମନ୍ଦିର ଏହି ପ୍ରଦେଶରେ ଅବସ୍ଥିତ । ଅଭୀପ୍ସା—ଇଚ୍ଛା । (୮) ଗଙ୍ଗାସାଗର ଦ୍ୱୀପ (୯) ତାମ୍ରଲିପ୍ତର ଆଧୁନିକ ନାମ ତମଲୁକ । ଏଠାରେ ବର୍ଗଭୀମା ଦେବୀଙ୍କ ମନ୍ଦିର ପ୍ରତିଷ୍ଠିତ । (୧୦) ଉତ୍କଳର ପୂର୍ବଦିଗସ୍ଥ ଜଳ ପ୍ରାଚୀରରୂପୀ (୧୧) ନୀଳାଚଳ—ଶ୍ରୀକ୍ଷେତ୍ର । (୧୨) କାନ୍ତାର—ଅରଣ୍ୟ ।

ଉଲ୍ଲୋଳ-କଲ୍ଲୋଳ-ଲୀଳା ହେରି କୂତୂହଳେ
ବୀରବୃନ୍ଦ ସର୍ବେ ହେଲେ ସ୍ତବ୍ଧ ବିସ୍ମୟେ !
ସହସା ତରଙ୍ଗ ଭେଦି ଉଠିଲେ ଅଗ୍ରତେ
ଦିବ୍ୟ-ବପୁଷ୍ମନ୍ତ ଜ୍ୱାଳମାଳା-ବିଭୂଷିତ
ଭାସ୍ୱର ପୁରୁଷ ଏକ ସାଗର ଉଦ୍ଭାସି,
ଯା ଦର୍ଶନେ ବେଳାଭୂମିତ୍ରସ୍ତ ମୃଗଯୂଥ
ସଚକିତେ ମହାବେଗେ ପଳାଇଲେ ଦୂରେ !
ମଧ୍ୟମ ପାଣ୍ଡବେ ଲକ୍ଷି ସେ ଦିବ୍ୟପୁରୁଷ (୧)
ବୋଇଲେ, "ହେ ବୀର, ଚିହ୍ନି ପାରିଲଟି ମତେ
ଦହିଣ ଖାଣ୍ଡବ ବନ ବାସବ-ପାଳିତ
ତୋଷି ମତେ ଲଭିଥିଲ ଦେବ ଦୈତ୍ୟ ନରେ
ଦୁର୍ଜ୍ଜୟ ହେ ଜିଷ୍ଣୁ, ଏହି କୋଦଣ୍ଡଗାଣ୍ଡୀବ,(୨)
ଏ ଅକ୍ଷୟ ତୂଣଯୁଗ୍ମ କର୍ଣ୍ଣରୂପେ ଯାହା
କର୍ଣ୍ଣଧାରରୂପେ ତୁମ୍ଭେ ଧରି ବରଭୁଜେ
ପାଣ୍ଡବର ଆଶା-ତରୀ ପାରି କଲ ହେଳେ
ଅକୂଳ ଅତଳ କୁରୁସମର-ସାଗରେ,
ପ୍ରଚେତା ଆୟୁଧାଗାରୁ ଅଚ୍ୟୁତ ଆଦେଶେ (୩)
ଆଣି ଦେଇଥିଲ ମୁହିଁ ଏହି ମହାଧନୁ
ତୂଣସଙ୍ଗେ ଯେଉଁ କାର୍ଯ୍ୟେ, ସାଙ୍ଗ ସେ ଭୂତଳେ
ଏବେ, ମହାବାହୁ, ଆଉ ରଖିବ କି ଲାଗି
କରେ ଏହା ? ଉଚିତ ତା ଦେବାର ଫେରାଇ,
ଫିଙ୍ଗିଦିଅ ପାରାବାରେ ତୂଣ ସଙ୍ଗେ ଧନୁ ।"
ଅଗ୍ନିଙ୍କି ନମିଲେ ସର୍ବେ ପୟୋଧି-ପୁଳିନେ,
ଅଗ୍ରଜ-ସଙ୍କେତେ ତହୁଁ ପାର୍ଥ ମହାମତି
ଫିଙ୍ଗିଲେ ସାଗରେ ଧନୁ ବେନି ତୂଣ ସହ,
ଆଦରେ ନୀଳାମ୍ବୁ ସୀମା ପ୍ରସାରି ଅମ୍ବରେ
ଉତ୍ତୁଙ୍ଗ-ତରଙ୍ଗ-ବାହୁ ନେଲେ ତା ତକ୍ଷଣେ,
ବୁଡ଼ିଗଲା ଜଳେ ସେହି ଆଭାମୟ ଧନୁ,
ମିଶିଯାଏ ମେଘେ ଯେହ୍ନେ ବିବର୍ଣ୍ଣ-ରଞ୍ଜିତ
ଶକ୍ରଚାପ, ତଡ଼ିଲ୍ଲତା-ଶିଞ୍ଜିନୀ- ସଂଯୁତ,
ତନୟେ ଅନଳ ଦେବେ ବିନୟଭୂଷଣ
ପୁଚ୍ଛିଲେ ପାଣ୍ଡବପତି କୃତାଞ୍ଜଳିପୁଟେ,
"ଭୋ ଦେବ, ଏ କେଉଁସ୍ଥଳୀ ? କି ଲାଗି ଏଠାରେ
ସିନ୍ଧୁ ଗର୍ଭେ ହୋଇଥିଲା ତୁମ୍ଭ ଆବିର୍ଭାବ ?"
ଉତ୍ତରିଲେ ଅଗ୍ନି , "ଏହା ନୀଳାଚଳ ଧାମ,
ସୃଷ୍ଟିଦିନୁ ଅପ୍ରତ୍ୟକ୍ଷ ଥିଲା ମହୀତଳେ,
ମୁହିଁ ଥାଏଁ ଗୁପତେ ଯେହ୍ନେ ଭସ୍ମ ଆବରଣେ,
ପ୍ରଭାସେ ଯେ ଦିନେ ହେଲା ଯଦୁବଂଶ କ୍ଷୟ,
ଚତୁର୍ଭୁଜଙ୍କ ରୂପ ପ୍ରଭୁ ଧରିଲେ ସେକାଳେ
ଯୋଗବଳେ ଯୋଗେଶ୍ୱର ସାଙ୍ଗ ଦେଖି ଭବେ
ଭୂଭାର ହରଣ-ବ୍ରତେ ହେଲେ ପୁଲକିତ,
ଏକମାତ୍ର ନିଜ କୁଳେ ପ୍ରଦ୍ୟୁମ୍ନେ ନିରେଖି
ଜୀବନ୍ତ, ଭକତବାକ୍ୟ ଫଳାଇବା ଲାଗି
ଚେଷ୍ଟିଲେ ଆୟୁଧ ତାର ନିଧନ ମନାସି,
ସଂହାରି ଶମ୍ବରରିପୁ, ନ ବାହୁଡ଼ି ଆଉ (୪)
ଶ୍ରୀକରେ ତାଙ୍କର ଚକ୍ର, ଅମ୍ବରେ ଉଦ୍ଭାସି,
ହରଗଲେ, ବ୍ୟୋମଚରେ ହୋଇ ନମସ୍କୃତ
ମହାବେଗେ ଆସିଲା ସେ ରତ୍ନାକର କୂଳ
ପଟମୁଖେ, ମ୍ଳାନପ୍ରଭ କରି ଦିନନାଥେ,
(ହୀନାଂଶୁ ତାଙ୍କର ତେଜେ ସୁଧାଂଶୁ ଯେସନ)
ଏହିଭଳି ଦୃଶ୍ୟ ବିଶ୍ୱେ ଦେଖିଥିଲେ ଥରେ
ତ୍ରେତାଯୁଗେ ବିଶ୍ୱବାସୀ, ବିଶ୍ୱମ୍ଭରସୁତ ।
ସୁନ୍ଦରୀ-ସୀମନ୍ତ-ମଣି ସତୀ-ଶିରୋମଣି
(ପୂତ ହେଲା ମୁହିଁ ଯାଙ୍କ ଶ୍ରୀଅଙ୍ଗ ପରଶେ(୫)
ଲଙ୍କାପୁରେ) ସୀତା ସଙ୍ଗେ ଯେବେ ରଘୁବୀର
ଅଯୋଧ୍ୟାକୁ ବିଜେ କଲେ ଉଜ୍ଜ୍ୱଳ ପୁଷ୍ପକେ

(୧) ଦିବ୍ୟପୁରୁଷ—ଦେବପୁରୁଷ । (୨) ଅଗ୍ନିଦେବ ଖାଣ୍ଡବ ଦହନ ସମୟରେ ଅର୍ଜ୍ଜୁନଙ୍କୁ ଗାଣ୍ଡୀବଧନୁ ଏବଂ ଅକ୍ଷୟ ତୂଣ ଦେଇଥିଲେ । (୩) ପ୍ରଚେତା—ବରୁଣ । ଅଚ୍ୟୁତ—ଶ୍ରୀକୃଷ୍ଣ । (୪) ଶମ୍ବରରିପୁ—କାମଦେବ । (୫) ଲଙ୍କାରେ ସୀତାଦେବୀଙ୍କ ଅଗ୍ନି ପରୀକ୍ଷା ଏହି ଉକ୍ତିର ଲକ୍ଷ୍ୟ ।

ମହାମ୍ବରେ, ଦିଗ୍‌ବଳୟ ପ୍ଲାବି ପ୍ରଭାପୂରେ,(୧)
ବିଶ୍ୱ ତେଜସାର ଚକ୍ର ଆଲୋକେ ସେକାଳେ
ଅଲୋକିତ ହେଲା କ୍ଷଣେ ସୃଷ୍ଟି ସୀମାପରେ
ଅଧମ-ତମସଗର୍ଭ,ତେଜୋରୂପୀ ଯେତେ (୨)
ରବି, ଶଶୀ, ଗ୍ରହ, ତାରା, ମୂର୍ତ୍ତି ଆଦି କରି
ଅନ୍ଧ ହୋଇଗଲେ ସର୍ବେ ସେହି ତେଜପୂରେ
ସ୍ଥିରଲିଙ୍ଗ ତାଙ୍କର ସିନା ମୂର୍ତ୍ତି, ରାଜର୍ଷି,
ପ୍ରସରଣ ଥିଲା ଆଗେ ଅଶରୀରୀ-ବାଣୀ
ଦେବଲୋକେ, କୃଷ୍ଣ କରୁଁ ଆସି ଚକ୍ରବର
ଶୋଭିବ ଯେ ଠାବେ, ତହିଁ ହେବ କଳିଯୁଗେ
ଶ୍ରୀବତ୍ସାଙ୍କ କେଶବର ଭାବି ଅବତାର,
ପତିତପାବନବାନା ଉଡ଼ିବ ଭୂତଳେ,
ଅବତରି ଏହିଠାବେ ତେଜଃପୁଞ୍ଜପତି
ସୁଦର୍ଶନ ବିଶ୍ୱଦ୍ରୋହୀ ଦନୁଜ-ଧର୍ଷଣ
ସିନ୍ଧୁଗର୍ଭେ ପ୍ରବେଶିଲେ ସଙ୍କୋଚି ସ୍ୱବପୁ,
ତଥାପି ଉଚ୍ଛୁଳି ହୋଇ ବାରି ଅସମ୍ଭାଳେ
ପ୍ଲାବିଲା ଭୂଖଣ୍ଡ ଖଣ୍ଡପ୍ରଳୟ ଆକାରେ,
ଘୋର ନାଦେ ତରଙ୍ଗରେ ଉପୁଜାଇ ତ୍ରାସ
ମହାପ୍ରୟାସେ ପାରୀ ତହୁଁ ଊର୍ମି-ପାଶଯୋଗେ
ସଂସ୍ଥାପିଲେ ନିଜ ରାଜ୍ୟେ, ରହିଗଲା ଯାହା
ହ୍ରଦାକାରେ ପରିଣତ ବେନି ଦିଗେ ଏବେ
ନିମ୍ନଭୂମେ, ସର ପୁଣି ଚିଲିକା ଆଖ୍ୟାତ,(୩)
ସେହିନୁ, ହେ ପୁଣ୍ୟଶ୍ଳୋକ,ଲୋକେ ଏହି ସ୍ଥଳୀ
ସିନ୍ଧୁତୀରେ ବୋଲୁଅଛି ଚକ୍ରତୀର୍ଥ ନାମେ (୪)
ସଚେତନ ହରିହେତି ରଶ୍ମିବେସମ୍ଭୃତ, (୫)
କାଶିପାଟଣ ଅବତୀର୍ଣ୍ଣ ହେଲେ ବିଶ୍ୱମ୍ଭର,
ଶୂନ୍ୟବର୍ତ୍ମରେ ଯାଇ ଖଟିବେ ଶ୍ରୀପଦେ,
ଆସିଥିଲ ଖଟଣିରେ ଶ୍ରୀଚକ୍ର ଗ୍ରାମରେ
ଆଜ ମୂର୍ତ୍ତି, ତେଣୁ ହେଲା ଭୂମି ସଙ୍ଗେ ଭେଟ
ଭାଗ୍ୟଫଳେ ଭୂମେ ଆସି ମିଳିଲ ଏଠାବେ
ବୈଶ୍ୟତମ ଏ ସୈକତ ବିଶ୍ୱ ତଳଚରେ, (୬)
ବାଛି ନେଇଛନ୍ତି ଯାହା ନିଜେ ଲୀଳାମୟ
ପୁଣି ମର୍ତ୍ତ୍ୟଲୀଳାଲାଗି ଅଖିଳ ଭାରତେ,
ପୃଥ୍ୱିଦଳେ ଶ୍ରେଷ୍ଠ ଯେହ୍ନେ ପ୍ରସୂନ ଲଳିତ
ଶ୍ରେଷ୍ଠ ଏ ଉତ୍କଳଭୂମି ଗୁଣେ ଗରୀୟସୀ,
ଯାମ୍ୟେ ଯାର ଋଷିକୁଲ୍ୟା, କପିଶା ଉତ୍ତରେ(୭
ପଶ୍ଚିମେ ଭାର୍ଗବାଶ୍ରମ ମହେନ୍ଦ୍ର-ଶିଖରୀ (୮)
ତରକୋଳାହଳମୟ ପୂର୍ବେ ପୟୋନିଧି,
ପୁଷ୍ପକୁଣ୍ଡେ ଶ୍ରେଷ୍ଠ ତାର କେଶର ଯେସନେ,
ଶ୍ରେଷ୍ଠ ଏ ନୀଳାଦ୍ରି ଧାମ ସମଗ୍ର ଉତ୍କଳେ,(୯)
ନିବସନ୍ତି ନାନା ସ୍ଥାନେ ଦେବଦେବୀ ଯେତେ
ଭାରତ, ଭାରତଖଣ୍ଡେ, ଆସି ଏ ପ୍ରଦେଶେ
ବିହରିବେ ଠାବେ ଠାବେ ନିଜ ରୁଚିମତେ,
ଠୁଳ ହେବ ଅବଶେଷେ ପୁଣି ଏ ପୁଳିନେ,
ଅଖିଳ-ଭାରତ-ତୀର୍ଥ ଭ୍ରମଣ-ସୁକୃତ
ଲଭିବେ କଳିରେ ଲୋକ ଏହି ସ୍ଥଳେ ଭ୍ରମି,
ମାନସୁ କଳୁଷ ମଳ ଯିବ ଅପସରି,
ମୋ ଯୋଗେ ସ୍ୱର୍ଣ୍ଣର ଯଥା, ଏ ତୀର୍ଥସେବନେ
ସ୍ଫୁରିବ ଅମଳ ଜ୍ଞାନ, ଲଭି ପୂର୍ଣ୍ଣାହୁତି
ହୋମକୁଣ୍ଡେ ଜଳି ଉଠେ ଯଥା ମୋର ଶିଖା
ଶଙ୍ଖ, ଚକ୍ର, ଗଦା, ପଦ୍ମ ହୋଇ ପ୍ରତିଷ୍ଠିତ
ଚାରି ସ୍ଥଳେ, ବିରାଜିବ ଚାରିକ୍ଷେତ୍ରବର (୧୦)

(୧) ପ୍ରଭାର ପ୍ଲାବନରେ ଚକ୍ରବାଳ ପ୍ଲାବିତ କରି । (୨) ଅଧମ ତମସଗର୍ଭ—ଅଧମ ଅନ୍ଧକାର ଗହ୍ୱର । (୩) ପୁରୀର ଏକ ପାର୍ଶ୍ୱରେ ଚିଲିକା, ଅନ୍ୟପାର୍ଶ୍ୱରେ [illegible] ଅବସ୍ଥିତ । (୪) ଚକ୍ରତୀର୍ଥ—ପୁରୀସ୍ଥିତ ସ୍ୱର୍ଗଦ୍ୱାରର ଅଦୂରବର୍ତ୍ତୀ । (୫) ହରିହେତି—ବିଷ୍ଣୁଙ୍କର ଆୟୁଧ । ସୈକତ—ଶ୍ରୀକ୍ଷେତ୍ର ସିକତାମୟ । (୭) ଯାମ୍ୟ—ଦକ୍ଷିଣଦିଗ । କପିଶା—ସୁବର୍ଣ୍ଣରେଖା (୮) ଉତ୍କଳର ପଶ୍ଚିମାଂଶସ୍ଥିତ ପର୍ବତମାଳାର ସାଧାରଣ ନାମ ମହେନ୍ଦ୍ର । ମଞ୍ଜୁଷାଗଡ଼ ନିକଟରେ ଏହି ପର୍ବତମାଳାର ସର୍ବୋଚ୍ଚ ଶୃଙ୍ଗ ଅଦ୍ୟାପି ମହେନ୍ଦ୍ର ନାମରେ ଅଭିହିତ । ମହେନ୍ଦ୍ର ପର୍ବତରେ ଯାମଦଗ୍ନ୍ୟଙ୍କ ଆଶ୍ରମ ଥିଲା । (୯) ନୀଳାଦ୍ରିଧାମ —ଶ୍ରୀକ୍ଷେତ୍ର । (୧୦) ପୁରୀ ଶଙ୍ଖକ୍ଷେତ୍ର, କୋଣାର୍କ ପଦ୍ମକ୍ଷେତ୍ର, ଭୁବନେଶ୍ୱର ଚକ୍ରକ୍ଷେତ୍ର, ଯାଜପୁର ଗଦାକ୍ଷେତ୍ର ।

ଏ ଉତ୍କଳ କଳେବରେ ଏବେ ଦେବାଦେବେଶ
ଅଛିଲେଣି ସୁଦର୍ଶନ, ଶଙ୍ଖ, ପଦ୍ମ, ଗଦା
ରଖିଛନ୍ତି ରତ୍ନାକର ମହାଦରେ ଯାହା (୧)
ଦେବାଦେବେଶମତେ ମୂର୍ତ୍ତି ତାଙ୍କ ପାଶେ ଯାଇ,
ଆଣି, ହେ ପାଣ୍ଡବଗଣ, ନନ୍ଦବ ଉତ୍କଳେ,
ଇଚ୍ଛାଯେବେ, ମୋର ସଙ୍ଗେ ଚାଲ, ମହାବାହୁ !
ଦେଖିବ ଅଶେଷ ତୀର୍ଥ ଗିରି ନଦ ନଦୀ,
ଦେବଙ୍କ ବଚନେ ସର୍ବେ ପ୍ରସନ୍ନମାନସେ
ଅବଗାହି ସିନ୍ଧୁଜଳେ ଉଦ୍ଦେଶେ ନମିଲେ
ଭାବୀ-ମର୍ତ୍ତ୍ୟ- ବଇକୁଣ୍ଠ-ସାଇଁ-ପଦ୍ମ ପାଦେ (୨)
ଅହୋରାତ୍ର ରଥ ଚଢ଼ି, ଛାଡ଼ିଲ ଯେକାଳେ
ଉଷାର ସୀମନ୍ତମଣି ତାର ପାହାନ୍ତିଆ
ପ୍ରତୀମୂଳେ ଉର୍ମିଶିରେ, (ଘୁଞ୍ଚୁଦିଏ ଯେବେ
ନିଜ ପଲ ମତ୍ସ୍ୟପାଳ ସିନ୍ଧୁ-ତୀରବାସୀ
ତରିବାକୁ ବର୍ତ୍ମ-ଶୂନ୍ୟ ବେଣାପୂର୍ଣ୍ଣ ପାଟେ
ପୂର୍ଣ୍ଣମାସୀ ଭାର୍ଗବୀର (ନୀଳାଚଳ ତେଜି (୩)
ଚାଲିଲେ ମହେନ୍ଦ୍ର-ମୁଖେ ଅନଳ-ସନ୍ନିଭେ ।

## ତୃତୀୟ ସର୍ଗ

ହେମଗୌରବପୁ ଯୁବା ବିପ୍ରବେଶଧାରୀ
ଅଗ୍ନି ସଙ୍ଗେ ପଞ୍ଚଭାଇ ବାୟୁକୋଣେ ଯାଇ
ମହେନ୍ଦ୍ର-କାନ୍ତାର-ପଥେ, ମିଳିଲେ ବହନ (୪
କଲ୍ଲୋଳିନୀ-କୁଳେଶ୍ୱରୀ-ମହାନଦୀକୂଳେ,
ଗଗନ-ପରଶୀ ବେନି ବଗେ ତୁଙ୍ଗଭୃଗୁ—
ସଙ୍କଟେ ସଂକୋଚ ବପୁ, ବାହାରଇ ଯହିଁ
ପୁଣି ପୂର୍ବାକାରେ ସ୍ରୋତ ପୂର୍ବସିନ୍ଧୁଗାମୀ,(୫)
ବିଜନ-ଭୀଷଣ ସ୍ଥଳ, ବନଗଜବ୍ରଜ—
କଣ୍ଡୂଳ-କପୋଳ-ପିଣ୍ଡ-ଘର୍ଷଣେ କର୍ମିତ—
ଦ୍ରୁମାବଳୀ-ଦେହୁଁ ଯହିଁ ଝରଇ ପ୍ରବାହେ
ସୁରଭି ଅରଣ୍ୟ ପୁଷ୍ପ ପୁଞ୍ଜି ପୁଞ୍ଜି ହୋଇ,
ବନଦେବୀଙ୍କର କି ସେ ଅର୍ଘ-ଲଜାଞ୍ଜଳି ?(୬)
ଏକ ଥାଉଁ ଥାଉଁ ଚଢ଼ି ମହା ଶୈଳଛାୟା
ବ୍ୟାପିଜଳେ, ସ୍ଥଳେ, ନଦୀପୁଳିନେ, କାନନେ
ଉପୁଜାଏ ମନେ ସନ୍ଧ୍ୟା ଆଗମର ଭ୍ରମ,
ତୁଟଇ ଯେ ଭ୍ରମ ଦେଖି ଦୂରେ ପୃଷ୍ଠଭାଗେ
ଅସୁଖୀର, ଆହା ପୂର୍ବସୁଖ-ସ୍ମୃତି ପରି ।
ଅସ୍ତାତପେ ଉଦ୍ଭାସିତ ତୁଙ୍ଗ ଶୃଙ୍ଗାବଳୀ, (୭
ପର୍ଣ୍ଣ-ଶେଷେ ଚଢ଼ି କଣି ଯାପି ବଟମୂଳେ (୮)
(ଯେନାମେ ଅଦ୍ୟାପି ସ୍ଥଳୀ ବୋଲାଏ ଜଗତେ)
ପଶିଲେ ଯାତ୍ରୀଏ ସେହି ବିକଟ ସଙ୍କଟେ,
ଗୁମ୍ଫା-ମଧ୍ୟ ଅନୁକ୍ଷଣେ ପୂର୍ଣ୍ଣ ଝିଲ୍ଲୀରବେ,
କୁହେଳୀରେ ନୀଳବର୍ଣ୍ଣ ଭୃଗୁମାନ ଶିର (୯)
ଧାଡ଼ିହୋଇ ବେନି ତୀରେ, ଏକପରେ ଏକ
ଶିଖା ତୋଳି କଳନ୍ତି କି ଗଗନର ସୀମା ?
ଦିଗବାରଣ-ଶୁଣ୍ଡାକାରେ ବାନ୍ଧି ଅବା ନୀରେ

(୧) ରତ୍ନାକର—ଆରବ୍ୟ ସାଗର (୨) ମର୍ତ୍ତ୍ୟବୈକୁଣ୍ଠ—ଶ୍ରୀକ୍ଷେତ୍ର । (୩) ଭାର୍ଗବୀ—ଶ୍ରୀକ୍ଷେତ୍ରର ଅଦୂରବାହିନୀ ନଦୀ । ପୂର୍ବକାଳରେ ଏହାର ତୀର ଦିଗନ୍ତବ୍ୟାପୀ ବେଣାପାଟରେ ପରିପୂର୍ଣ୍ଣ ଥିଲା । (୪) ମହେନ୍ଦ୍ରକାନ୍ତାର—ଓଡ଼ିଶା ଗଡ଼ଜାତର ମହାରଣ୍ୟ (୫) ସାତକୋଶିଆ ଗଣ୍ଡର ପୂର୍ବସୀମା ବଡ଼ମୂଳଘାଟି ଦଶପଲ୍ଲା ରାଜ୍ୟର ଅନ୍ତର୍ଗତ । ସାତକୋଶିଆ ଗଣ୍ଡ ଅଂଶତଃ ଦଶପଲ୍ଲାରେ ଏବଂ ଅଂଶତଃ ବୌଦରେ ଅବସ୍ଥିତ । ଏପରି 'ଭୀମକାନ୍ତ' ଦୃଶ୍ୟ ଉତ୍କଳରେ ବିରଳ । ଏଠାରେ ମହାନଦୀ ଶଯ୍ୟା ଉଭୟ ପାର୍ଶ୍ୱସ୍ଥିତ ପର୍ବତମାଳାଦ୍ୱାରା ଅତ୍ୟନ୍ତ ସଙ୍କୁଚିତ । (୬) ଲଜାଞ୍ଜଳି—ଖଇ ଅଞ୍ଜଳି । (୭) ପଥିକର ପୃଷ୍ଠଭାଗରେ ଦୂରସ୍ଥିତ ଅସ୍ତକରୋଜ୍ଜ୍ୱଳ ଶୃଙ୍ଗ ଦର୍ଶନ ସହିତ ଅସୁଖୀ ବ୍ୟକ୍ତିର ପୂର୍ବସୁଖ ସ୍ମୃତିର ଉପମା । (୮) ବଡ଼ମୂଳଘାଟି—ସାତକୋଶିଆ ଗଣ୍ଡର ତୋରଣ ସ୍ୱରୂପ । ଏଠାରୁ ମହାନଦୀ ପୁନର୍ବାର ପୂର୍ବ ପ୍ରଶସ୍ତତା ଲଭିଅଛି । (୯) ଭୃଗୁମାନ—ଅତଟଯୁକ୍ତ ।

ମିଶିଛୁ ଭଙ୍ଗୀରେ ଆସି ଶ୍ୟାମଶୈଳନାସି,(୧)
ଛାୟାଲୋକେ ଶବଳିତ ହୋଇ ଠାବେ ଠାବେ
ଛାନ୍ତି କଳ କଳ ରବେ ଗିରି-ନିର୍ଝରିଣୀ
(ସୃଷ୍ଟି ଯାକୁଁ ପଡ଼ି ନାହିଁ ସୌରକର ଯହିଁ)
ସୁଚିକ୍କଣ କୃଷ୍ଣଶିଳା ସୋପାନ ଶ୍ରେଣୀରେ
ତମୋମୟ କନ୍ଦରରୁ ଆସଇ ଓହ୍ଲାଇ
ଅପ୍ରଗଲ୍‌ଭେ ଅପ୍ରଗଲ୍‌ଭେ ଦୀନ ସାଧୁ ଯଥା
ସାଧେ ପରହିତ ହୋଇ ବୀତସ୍ପୃହ ଯଶେ
ନିବିଡ଼ କୀଚକକୁଞ୍ଜେ ଭିନ୍ନାଞ୍ଜନପ୍ରଭ—
ତମିରେ ଆଚ୍ଛନ୍ନ ମହାଘୋରଶୈଳଖୋଲେ(୨
ଲୁଚି ଏକାକିନୀ କାନ୍ଦି ଝୁରଇ କରୁଣେ
କୁରରୀ କି ଦୁଃଖେ ତାହା ଜାଣେ ସେ ଦୁଃଖିନୀ
ଶୃଙ୍ଗ ଯାଏ ଶୈଳତଟେ ପରେ ପରେ ଉଚ୍ଚ
ବନଦେବୀ ସୌଧାକୃତ ବନସ୍ପତି ଶାଖେ
ପୂରି ସେ ଜୀବନ, ବୀଣାଜିଣା କଣ୍ଠରବେ
ସବୁଚନ୍ଦ୍ର ଅସ୍ତକାଳେ କସ୍ତପେଣ୍ଡ ଶୁଆ, (୩)
ନଦୀକୂଳବନ୍ଧୁ, ଶ୍ୟାମା, ସାରି, ଚଷାପୁଏ (୪)
ଯାଉଁ ଯାଉଁ ସେହି ରମ୍ୟ ଭୀଷଣ ସଂକଟେ
ବିସ୍ମୟେ ଉତ୍‌ଫୁଲ୍ଲନେତ୍ର ପାଣ୍ଡୁପୁତ୍ରେ ଦେଖି
ଦେବ ବୈଶ୍ୱାନର ତହିଁ କହିଲେ ସସ୍ମିତେ,
"ହେ ରାଜନ, ଦେଖ ଏଥି ବହନ୍ତି କେମନ୍ତେ
ମହାନଦୀ ନାମେ ପୂର୍ବସାଗରଗାମିନୀ
ହରମୌଳିମାଳା ଦେବୀ ତ୍ରିସ୍ରୋତା ଜାହ୍ନବୀ,
ସୁକାନ୍ତ ମହର୍ଷି-ତପେ ଜଗତପାବନୀ (୫)
ତୁଷ୍ଟ ହୋଇ ଏହି ମୁଖେ ଆସିଲେ ସେକାଳେ.
ଅର୍ଦ୍ଧପଥେ ତାଙ୍କ ଗତି ରୋଧିଲେ ଏଠାରେ
ନୀରନ୍ଧ୍ର-ପ୍ରାଚୀରବୃତ ଏହି ମହାଗିରି,
ତହୁଁ କୁଳିଶୀଙ୍କି ଋଷି ତୋଷି ତପୋବଳେ
ଏ ବର୍ତ୍ମ ଛେଦିବା ଲାଗି କଲେ ଅନୁରୋଧ,
ବଜ୍ରକରେ ଅବତରି ଏହି ଶୈଳଚୂଳେ
ଛେଦି ଏ ଶଇଳ ବଜ୍ରୀ ରଚିଲେ କୌଶଳେ
ଉତ୍କଳର ମୁକ୍ତଦ୍ୱାରରୂପୀ ଏ ତୋରଣ
ସପ୍ତକ୍ରୋଶବ୍ୟାପୀ, ଶୈଳ କୁଞ୍ଜେ ଅନ୍ଧାରିତ,
ଛିନ୍ନ ଶିଳାପୁଞ୍ଜ ଯାର ବିଷମି ଏ କାଳେ
ନଦୀଶଯ୍ୟା ଉପ୍‌କାନ୍ତ ଅସଂଖ୍ୟ ପ୍ରପାତ (୬)
ଠାବେ ଠାବେ, କଳରବେ ପୂରଇ ଅଟବୀ।
'ମହେନ୍ଦ୍ରର ଅଧିଷ୍ଠାନ ଜନୁ ଏ ଶିଖରୀ
ବୋଲାଏ ମହେନ୍ଦ୍ରନାମେ କୁଳାଚଳକୁଳେ,(୭
ପରମ ପବିତ୍ର ଗିରି, ସେବନ୍ତି ଆଦରେ
ଦେବ ଋଷି ସିଦ୍ଧେ ଯାର ଶୃଙ୍ଗ ଅଗଣିତ,
ମେଘାସନ ମେଘାସନ ମଘବା-ବାଞ୍ଛିତ (୮)
ସୁବର୍ଣ୍ଣ ଚପଳାଲାସ୍ୟେ ନରତେ ଭାସ୍ୱର,
ନରତେ ମୁଖର କେକୀକୁଳ-କେକାରବେ;
ପୂତବୈତରଣୀ-ସ୍ରୋତପ୍ରଭବ-ଗୋନାସା, (୯
ଋଷିସଭା ମଧ୍ୟେ ତହିଁ ଭାର୍ଗବମୁଖରୁ

(୧) ପର୍ବତ ନାସିକାକୃତ କୋଣ୍ଟୀ । ପର୍ବତନାସି ଦୂରରୁ ବିରାଟ ହସ୍ତୀ-ଶୁଣ୍ଡପରି ଦିଶେ । (୨) ଭିନ୍ନାଞ୍ଜନପ୍ରଭ ତମିର-ଦଳିତକଜ୍ଜ୍ୱଳ ପରି କୃଷ୍ଣବର୍ଣ୍ଣ ଅନ୍ଧକାର । (୩) କସ୍ତପେଣ୍ଡ୍ୟା ମଧୁରନିନାଦୀ ବନପକ୍ଷି-ବିଶେଷ । ବଙ୍ଗୀୟ ନାମ 'ବଉକଥାକଓ' । (୪) ନଦୀକୂଳବନ୍ଧୁ—ପକ୍ଷି-ବିଶେଷ । ଚଷାପୁଅ—ପକ୍ଷି-ବିଶେଷ । (୫) ସୁକାନ୍ତ ଋଷିଙ୍କ ତପଃପ୍ରଭାବରେ ଗଙ୍ଗା ମହାନଦୀ-ରୂପରେ ମଧ୍ୟଭାରତ ବର୍ଷରୁ ଉତ୍କଳକୁ ଆସିଥିବାର କିଂବଦନ୍ତୀ ଅଛି । (୬) ସାତକୋଶିଆର ପଶ୍ଚିମଦିଗରେ ମହାନଦୀର ଶଯ୍ୟା ବିଷମପୂର୍ଣ୍ଣ । ପ୍ରସ୍ତରମୟ ହେବାରୁ ସ୍ରୋତରେ ନୌଚାଳନ ନିତାନ୍ତ ବିପତ୍ତିସଂକୁଳ । (୭) ମହେନ୍ଦ୍ର-ସପ୍ତକୁଳାଚଳର ଅନ୍ୟତର । (୮) ମେଘାସନଶୃଙ୍ଗ ମୟୂରଭଞ୍ଜରେ ଅବସ୍ଥିତ । ସ୍ୱଚ୍ଛନୀରା ଶାଳନ୍ଦୀ ଏହି ପର୍ବତରୁ ନିଃସୃତ । (୯) ଗୋନାସା-କେନ୍ଦୁଝରରେ ଅବସ୍ଥିତ । ବୈତରଣୀର ପ୍ରଭବସ୍ଥାନ । ଏହିଠାରେ ପର୍ବତ ଦେହରେ ଦେବନାଗରାକ୍ଷରେ 'ଆଦ୍ୟ ବୈତରଣୀ' ଏହି ଶବ୍ଦ ଅଙ୍କିତ ଅଛି । ଏହି ପର୍ବତର ପାଦଦେଶରେ ଋଷି ସଭା ନାମକ ପ୍ରସ୍ତରମୟୀ ସ୍ଥଳୀ ବୈତରଣୀର ସ୍ରୋତଦ୍ୱାରା ଧୌତ ହେଉଅଛି ।

ଝରେ ପୂତତର ପୁଣ୍ୟଶ୍ଳୋକ- କଥାମୃତ,
ଗିରି ମାଲ୍ୟବନ୍ତ ଗିରି-ମାଳେ ମଧ୍ୟମଣି,(୧)
ସ୍କନ୍ଧେ ଶୁଭ୍ର-ଝରଣୀର-ଉତ୍ତରୀୟ-ଧାରୀ,
ମୈନାକ-ପିନାକପାଣି-ଚ୍ଛିନ୍ନ-ପ୍ରିୟସ୍ଥଳୀ, (୨)
ଝର-ଉପବୀତଧର, କପର୍ଦ୍ଦିସେବିତ
କପିଳାସ ଅଭ୍ରଗର୍ଭ ଅଭ୍ରଂକଷଗିରି, (୩)
ପଞ୍ଚଧାର ଜଳଦେବ-କେଳିମଞ୍ଚରୂପୀ, (୪)
କେତକ ନିକୁଞ୍ଜେ ଯା'ର ଝରଇ ଅଦୂରେ
ତପ୍ତ ପୂତ ପ୍ରସ୍ରବଣ ରୁଦ୍ର ଅଧିଷ୍ଠାନେ,
ଏ ଆଦି ବିଶାଳ ଶୃଙ୍ଗକୁଳେ ବିଭ୍ରାଜିତ
ଉତ୍କଳ-କଳଙ୍କ ବପୁ ମଣ୍ଡିଛି ଶିଖରୀ,
ମଧ୍ୟେ ଦ୍ବିଖଣ୍ଡିତ ହୋଇ ଏହି ଦେବଖାତେ
ଅଗ୍ନିଙ୍କ କରନେ ସର୍ବେ ସେହି ପୂତନୀରେ
ଅବଗାହି ଭକ୍ତିଭାବେ ଦେଲେ ଜଳାଞ୍ଜଳି
ପିତୃଲୋକେ, ସେ ବିକଟ ସଙ୍କଟୁ ବାହାରି
ଗୃହିଲେ ଗନ୍ତବ୍ୟ ପଥେ ପଶ୍ଚିମଶାମୁଖେ,
ଦେଖିଲେ କୌତୁକେପାନ୍ଥେ ସେକାନ୍ତାରପଥେ
ଅନନ୍ତ ବୈଚିତ୍ର୍ୟମୟୀ ଅରଣ୍ୟ-ପ୍ରକୃତି,
'କି ଅବା ସେ ମାର୍ଗରେଖା ଗୈରିକେ ଅରୁଣ
ସୀମନ୍ତେ ସିନ୍ଦୂରରେଖା ବନଲକ୍ଷ୍ମୀଙ୍କର !
କାହିଁ ଉର୍ଦ୍ଧ୍ବେ ଉଠି ମାର୍ଗ ମିଶିଛି ଆକାଶେ
(ଯହୁଁ ଚନ୍ଦ୍ରାକାରେ ଦିଶେ ବନାବୃତ ଧରା
ଚୌଦିଗେ,ବାରିଧି ପ୍ରାୟେ ଦିଗନ୍ତେ-ବିସ୍ତାରୀ)
କାହିଁ ଅବା ତଳେ ଯାଇ ମିଶିଛି ପାତାଳେ
ଏହିରୂପେ ଯାଇଁ ଯାଇଁ ନାନା ଦୃଶ୍ୟରାଜି

ପାନ୍ଥଙ୍କର ପଥେ ହେଲା ନୟନ ଅତିଥି ;
ନୀଳବନସ୍ଥଳୀ ମଧ୍ୟେ ଦୂରପ୍ରସାରିତ
ଗୈରିକରେଖାଭାସୀ ଶୁଭ୍ର ନଦୀବାଲିରେଖା,
ସ୍ନିଗ୍ଧାଚ୍ଛାୟା-ଦ୍ରୁମମଣ୍ଡି ଭୀମ ମହାଟବୀ,
ଆବରିଛି ମହୀନଭଃପଲ୍ଲବ ଗହଳେ,
ଶୁଭି ନାହିଁ କେବେ ଯାର ନିସ୍ତବ୍ଧ ଗରଭେ
ସୃଷ୍ଟିଦିନୁ କାଷ୍ଠଜୀବୀ-କୁଠାର-ଶବଦ ,
କାହିଁ ମୁଖରିତ ସ୍ଥଳୀ ଶ୍ୱାପଦ-ନିର୍ଘୋଷେ
ପ୍ରତିଘୋଷେ ପ୍ରତିବାଣୀ ଦିଅଇ ଯା ଶୁଣି
ପ୍ରତିଧ୍ୱନି ଗିରିଗୁହା-କ୍ରୋଡ଼- ପ୍ରଣୟିନୀ,
ଶିଳାଶଯ୍ୟା-ପ୍ରବାହିଣୀ ଶୈଳ-ସ୍ରୋତସ୍ୱତୀ,
ଉପଳେ ସ୍ଖଳିତ ହୋଇ ଯାର ବାରିଧାରା
ମିଶାଏ ଝର୍ଝର ରବ ଘୋର ଝିଲ୍ଲୀରବେ
ପ୍ରପାତେ-ମଣ୍ଡିତ ଇନ୍ଦ୍ରକୋଦଣ୍ଡ-କିରୀଟେ,
କାଟେ ଫରଫର ରୂପାଜରିର ପାଚୁଡ଼ି—
ଶରୀରେ ଯା ଶୋହେ ପର୍ଣ୍ଣଶ୍ୟାମଶୈଳଦେହେ,
ଭୁଗୁରୁ ଭୁଗୁରୁ ତେଇଁ ଗମ୍ଭୀର ଗର୍ଜନେ ,
ଗିରି-ଦରପଣରୂପୀ ଗିରି-ପାଦଦେଶେ
ସ୍ୱଚ୍ଛହ୍ରଦ, ଅଳଂକୃତ ଫୁଲ୍ଲ-କୋକନଦେ,
ସ୍ନିଗ୍ଧଗନ୍ଧ-ସୌଗନ୍ଧିକେ,କୁମୁଦେ କହ୍ଲାରେ
ସରାଳ,ଗାଗୋଇ,ହଂସ,କୋକ,ପାଣିକୁଆ—
ଆଦି ଜଳବିହଙ୍ଗମେ ସଦା ଝଂକାରିତ,
ଶଙ୍କାହୀନେ ଯୂଥେ ଯୂଥେ ଚରନ୍ତି ଯା ତୀରେ
ଶୃଙ୍ଗଧର କୃଷ୍ଣସାର ସଙ୍ଗେ କୁରଙ୍ଗିନୀ ,
ଧରଣୀ-ସୀମାନ୍ତ-ସେତୁ ସମ ଟଙ୍କଭୂମି (୫)

(୧) ମାଲ୍ୟବନ୍ତ—ଲକ୍ଷ୍ମୀପୁରର ମାଲ୍ୟଗିରି । ଏହାର ବିଶାଳ ନୀଳ ଦେହରେ ଶୁଭ୍ର ନୀହାରର ଦୂରରୁ ଅତି ମନୋହର ଦିଶେ । ଏ ମାଲ୍ୟବନ୍ତ ରାମାୟଣର ମାଲ୍ୟବନ୍ତ ନୁହେ । ଆଧୁନିକ ରାଜନୈତିକ ଓଡ଼ିଶା ମଧ୍ୟରେ ମାଲ୍ୟଗିରି ସବୁଠାରୁ ଉଚ୍ଚ । (୨) ମୈନାକ—ରଣପୁର ଅନ୍ତର୍ଗତ ଦୁର୍ଗାଦେବୀ-ଅଧିଷ୍ଠିତ ପର୍ବତ । ରଣପୁରର ରାଜଧାନୀ ଏହି ପର୍ବତର ପାଦଦେଶରେ ଅବସ୍ଥିତ । (୩) କପିଳାସ—ଢେଙ୍କାନାଳର ଅନ୍ତର୍ଗତ । ଝରଣା ଏବଂ ଅଭ୍ରସକାଶେ ଏହା ପ୍ରସିଦ୍ଧ । ଓଡ଼ିଶାର ଏହା ଗୋଟିଏ ପ୍ରସିଦ୍ଧ ଶିବକ୍ଷେତ୍ର । (୪) ପଞ୍ଚଧାର—ଆଠମଲ୍ଲିକ ରାଜ୍ୟର ଅନ୍ତର୍ଗତ । ଏହାର ଅଦୂରରେ 'ଦେଉଳଝର' ନାମକ ସୁପ୍ରସିଦ୍ଧ ତପ୍ତପ୍ରସ୍ରବଣ । ଗଡ଼ଜାତ ମଧ୍ୟରେ ଏହା ଗୋଟିଏ ଶିବକ୍ଷେତ୍ରରୂପେ ପ୍ରତିଷ୍ଠିତ । ଆଠମଲ୍ଲିକାଧୀଶ୍ବର ମହାରାଜ ଶ୍ରୀରାମଚନ୍ଦ୍ର ଦେଓଙ୍କ ପୂର୍ବପୁରୁଷମାନେ ଏଠାରେ ଅନେକ କୀର୍ତ୍ତି ସ୍ଥାପନ କରିଥିଲେ । (୫) ଟଙ୍କଭୂମି—ଟାଙ୍ଗୀ । ଗୁଳ୍ମଶ୍ୟାମଳ ଟାଙ୍ଗୀ ଦୂରରୁ ଦୀର୍ଘସେତୁ ପରି ଦିଶେ । ଖୋର୍ଦ୍ଧା ଅଞ୍ଚଳରେ ଏଭଳି ଅନେକ ଟାଙ୍ଗୀ ଦେଖାଯାଏ ।

ଦିଗନ୍ତେ ଶ୍ୟାମାଙ୍ଗମାନ ବିଶାଳ ଆବେଗରେ
ଦନ୍ତୁର ରେଖାରେ ଯାର ସ୍ପଷ୍ଟେ ଦିଗପଟେ
ତୋଳିଛନ୍ତି ନୀଳଶିଖା ଦୂର ଗିରିମାଳା
ଗଜା ବଉଦର ଭ୍ରମ ଚିତ୍ତେ ଉପୁଜାଇ, (୧)
କାହିଁ ଅବା ଶିଶୁ ଶୈଳ ଆବରେ ଉଡ଼ାଳେ
ସ୍ପଷ୍ଟେ ସୁବିଶାଳ ଗିରି, ଜୀବନେ ଯେସନ
ଉପସ୍ଥିତ ଦୁଃଖ, ଆହା ଆବରେ ନୟନୁ
ଲୁଚି ଘୋରତର-ଦୁଃଖ-କରାଳ-ମୂରତି ,
ଘୁଣଲାଗି ହତ ହୋଇ ପୁଳନ୍ଦ-କୁଠାରେ(୨)
ସ୍ଥାନସ୍ଥାନବେଶେ କାହିଁ ଶୋଭନ୍ତେ ଉଭା
ସୁବିଶାଳ ଶାଳତରୁ କଙ୍କାଳର ମାଳ ;
ବାତେ ତରଙ୍ଗିତ ଶସ୍ୟକେଦାର ଶ୍ୟାମଳ,
ମଧ୍ୟେ ଶୋଭେ ମଞ୍ଚ,ଯହିଁ ଜଗି ନିଶିଯୋଗେ
ଶାଳଗୋପେ ଜରଜର ନିଦାରୁଣ ଶୀତେ(୩)
ବରାହ, ଶମ୍ବର, କପି ଆଦି ଶସ୍ୟହାରୀ
ଜୀବଙ୍କୁ ତଡ଼ନ୍ତି କ୍ଷେତ୍ରୁ ବିକଟ ହୁହାଟେ ;
ସଶର-କମାଣଧର କାହିଁ ଗୋପଶିଶୁ
ଜଗିଛନ୍ତି ଧେନୁପଲ ବିଜନ ପ୍ରାନ୍ତରେ,
କାହିଁ ଶସ୍ୟ କାଟୁ କାଟୁ କ୍ଷେତେ କୃଷୀବଳେ
ଭାଲେ କର ଦେଇ ଦୂରୁଁ ଦେଖନ୍ତି କୌତୁକେ
ମୁଣ୍ଡାଇ ଇନ୍ଧନ-ବୋଝ କାହିଁ ଅବା ବନୁ
ଗୁଞ୍ଜିମାଳେ ବିମଣ୍ଡିତା କିରାତ-ସୁନ୍ଦରୀ (୪)
ଆସୁଛନ୍ତି ଦଳେ ଦଳେ ଆଳାପି ମଧୁରେ ;
ଏହିରୂପେ ନାନା ଦେଶ, ବନ, ଜନପଦ —
ତୀର୍ଥାଶ୍ରମଗିରିପୂର୍ଣ୍ଣ ମହାନଦୀ ଦ୍ରୋଣୀ (୫)
କ୍ରମେ କ୍ରମେ ଅତିକ୍ରମି ପ୍ରବେଶିଲେ ଧୀରେ
ଦକ୍ଷିଣାପଥର ଦ୍ୱାର ଦେହଳୀ ରୂପିଣୀ
ମାଳଭୂମି, ତିନି ମହାସ୍ରୋତର ପ୍ରସୂତା,(୬)
ଯାର ପ୍ରସ୍ରବଣେ ପୂର୍ଣ୍ଣ ଯହୁଁ ପ୍ରବାହିତ—
ଅସଂଖ୍ୟ-ଶଇଳ-ସ୍ରୋତୁଁ ବାରି-କର ସେନା,
ଉତ୍ତରେ ବହିଣ ଶୋଣ ମିଶେ ଗଙ୍ଗାଦେହେ,
ପଶ୍ଚିମେ ବହଇ ରେବା ପୂର୍ବେ ମହାନଦୀ(୭)
ସ୍ଥାନେ ସ୍ଥାନେ ଗିରିପାଦେ କୁଞ୍ଜିତ ଗହନରେ
(ତରୁଦେହେ ପୁଞ୍ଜୀଭୂତ ପାରାବତ-ଛବି)
ଉଠନ୍ତି ହେତାଗ୍ନି ଧୂମ ତପସ୍ୱୀ-ଆଶ୍ରମେ, (୮)
ଦୂର୍ବାଦଳେ, ଦେବାର୍ଚ୍ଚନକୁସୁମେ,ଅକ୍ଷତେ,
ସ୍ଥଳେ ସ୍ଥଳେ ଚର୍ଚ୍ଚିତ ନିମ୍ନଗା-ସୈକତେ
ବିଚରନ୍ତି ମୃଗଶିଶୁ ନିରୁଦ୍‌ବେଗେ ବନେ
ଦଳେ ଦଳେ, କୁଶାଙ୍କୁର-କବଳ-ଲାଳସୀ ;
ବିରାଜିତ ଠାବେ ଠାବେ ଗୁମ୍ଫାତରୁମୂଳେ
ଶିଳାଖଣ୍ଡ, ମସୃଣିତ ଇଙ୍ଗୁଦୀ-ତଇଳେ ;(୯)
କାହିଁ ବନସ୍ପତିଡାଳେ ବାଳାତପ ପ୍ରଭ
ଜଳାର୍ଦ୍ର ବଲ୍‌କଲ ଦୋଳେ ମୃଦୁବନବାତେ
ପାନ୍ଥେ କୌତୂହଳୀ ଜାଣି ଦେବ ବିଭାବସୁ
କହିଲେ ସମ୍ବୋଧି ତହୁଁ—"ମହାସ୍ଥଳୀ ଏହୁ
ମହିମା ଏହାର ଜାଣି ବସନ୍ତି ଏ ଦେଶେ
ନାନାସ୍ଥାନେ ଋଷିବୃନ୍ଦ ; ସେତିକାରେ ଏ ପଥେ
ଚିତ୍ରକୂଟୁଁ ପଞ୍ଚବଟୀ ବିଜେ ହେବା କାଳେ

(୧) ଗଜାବଉଦ—ମେଘାଙ୍କୁର। ବର୍ଷାର ଆଗମସୂଚକ ଦିଗ୍‌ବଳୟଭେଦି ବୃକ୍ଷାକାର ନୀଳମେଘ । (୨) ପୁଳନ୍ଦ—ବନ୍ୟଜାତି । ଘୁଣପ୍ରାପ୍ତି ନିମନ୍ତେ କନ୍ଧ, ଭୂୟାଁ । ପ୍ରଭୃତି ଜାତିମାନେ ଶାଳତରୁର ମୂଳଦେଶରେ ଚକ୍ରାକାରରେ ଛିଦ୍ ମାଟିଦେଇ ଅଗ୍ନି ଜାଳି ଦିଅନ୍ତି । ଏହି ସାମାନ୍ୟ ଉପାୟଦ୍ୱାରା ବୃହତ୍ ଶାଳଗଛମାନ ଅତି ଅଳ୍ପ ସମୟରେ ଝାଉଁଳି ମରିଯାନ୍ତି । ମହାରଣ୍ୟମାନଙ୍କରେ ଏହି ମୃତ ଶାଳଗଛ ଅନେକ ଦେଖାଯାଏ (୩) ଶାଳଗୋପ—ଯେଉଁମାନେ କ୍ଷେତରେ ଶସ୍ୟ ଜଗନ୍ତି । (୪) ଗୁଞ୍ଜିଆଭରଣା—ବନ୍ୟନାରୀ (୫) ଦ୍ରୋଣୀ—ଉପତ୍ୟକା । (୬) ମାଳଭୂମି—ଉଚ୍ଚଭୂମି । (୭) ରେବା—ନର୍ମଦା । ରେବା, ମହାନଦୀ ଏବଂ ଶୋଣ ଏମାନେ ଏକ ମାଳଭୂମିରୁ ଭିନ୍ନ ଭିନ୍ନ ଦିଗରେ ପ୍ରବାହିତ । (୮) ହେତାଗ୍ନି—ଦକ୍ଷିଣ, ଗାର୍ହପତ୍ୟ ଓ ଆହବନୀୟ ଏହି ତିନି ଅଗ୍ନି । (୯) ତପସ୍ୱୀମାନେ ଜଟାରେ ଇଙ୍ଗୁଦୀ ତୈଳ ବ୍ୟବହାର କରୁଥିଲେ ।

ପର୍ଣ୍ଣଶାଳା ରଚି ଏଥି ଥିଲେ ଦାଶରଥି,(୧)
ଚିତ୍ରରେ ଅଙ୍କିତ ତାଙ୍କ ପଦାଙ୍କ ଏ ବନେ
ବନପୁଷ୍ପାଞ୍ଜଳି ଦେଇ ପୂଜନ୍ତି କିରାତେ
ଚିତ୍ରି-ମୃଗ ତାଳବୃନ୍ତ ତାଳି ଭକ୍ତିଭାବେ,
ଦାଶରଥି-ଶରେ ହତ ହୋଇ ଏହି ସ୍ଥଳେ
ଲଭଣ ବିରାଧ ମୁକ୍ତି ଗଲା ଦିବ୍ୟଲୋକେ,
ଅଶୋକ,ମାଧବୀ, ନାଗକେଶର ବଲ୍ଲରୀ-
ଦୋଳନେ ଦୋଳନ୍ତି ଏଥି ନିଭୃତେ ଅପ୍‌ସରୀ
ମଧୁମାସେ, ରାମାୟଣ ଗାଇ ମଧୁତାନେ
ଫଗୁଖେଳ ରଚି ବନ-ପ୍ରସୂନ-ପରାଗେ,
ନବକିଶଲୟେ,ଦେଖି କିରାତେ କେସନେ,
ଚୌଦିଗେ ଅରଣ୍ୟଭୂମି ଦିଗ୍‌ବଳୟ ଯାଏ,
ମୈଥିଳୀ ସୁନ୍ଦରୀ ଯେବେ ତୋଳୁଥିଲେ ଏଥି
ବନପୁଷ୍ପ, ଝଁର ତାଙ୍କ ଶ୍ରୀକରୁ ଅଳତା
ରଞ୍ଜିଲା କି ତରୁ ଲତା ଏ ମଞ୍ଜୁଳ ରାଗେ ?
ତାଙ୍କ ବରେ ସେହୁ କାନ୍ତୁ ଅଛି ମୋତେମନା
ଦାବାନଳରୂପେ ଏଥି ସଞ୍ଚରିବାପାଇଁ ;
ଦୟାବତୀ ମୈଥିଳୀର ଶ୍ରୀହସ୍ତ-ଲାଳିତ
ଅଦ୍ୟାପି ଏ ବନେ ଛନ୍ତି ବୃନ୍ଦ କୃଷ୍ଣସାର
ଜରାଜୀର୍ଣ୍ଣ, ଶୁଣି ଯେହ୍ନେ ଜଳଦ ଆଗମେ
ସୁଗମ୍ଭୀର ଘନଘୋଷ ସ୍ମରନ୍ତି ବିଷାଦେ
ବ୍ରହ୍ମାଣ୍ଡବିବରବ୍ୟାପୀ କୋଦଣ୍ଡଟଙ୍କାର
ଲଙ୍କାପତି-ଅରାତିର,ତୃଣାହାର ତେଜି

ନିର୍ନିମେଷେ ଏକଧ୍ୟାନେ ମୁଞ୍ଚନ୍ତି ଲୋତକ,
ଏହି କଥା ଶୁଣି ତହୁଁ ପଞ୍ଚପାଣ୍ଡୁ ସୁତେ
ପାଞ୍ଚାଳୀ ସଙ୍ଗରେ ଭ୍ରମି ଆଶ୍ରମେ ଆଶ୍ରମେ
ଋଷି-ଋଷିପତ୍ନୀପଦ ବନ୍ଦିଲେ ଆଦରେ ,
ତହୁଁ ପଥ ଅତିବାହି,ରଖି ବାମଭାଗେ
ନିଷଧ ବିଦର୍ଭଦେଶ, ଚଳିଲେ ପଶ୍ଚିମେ,(୩)
ଲଙ୍ଘି ପଥେ ଇନ୍ଦ୍ରାଦ୍ରି, ଯାଇ ଚଟବନେ(୪
ଭବାନୀଭବନ ଶୋହେ ମହାଶକ୍ତି-ପୀଠେ,
କେତେଦିନ ଅନ୍ତେ ପାନ୍ଥେ ମିଳିଲେ ପ୍ରଦୋଷେ
ତାପତୀ ତଟିନୀ ତୀରେ ଅଗ୍ନିଦେବ ସତ୍ତ୍ୱ,(୫)
ତାପତୀର ପୂତସ୍ରୋତେ ତର୍ପଣ କରାଇ
ବସନ୍ତେ ପାଣ୍ଡବେ ଦେବ ବୈଶ୍ୱାନର ତହୁଁ
ବୋଇଲେ ବାରୁଣୀଦିଗେ ଅଙ୍ଗୁଳି ନିର୍ଦ୍ଦେଶି
"ସନ୍ଧ୍ୟାରେ ଅରୁଣ ଏହି ବାରୁଣୀ-ଅମ୍ବରେ
ସନ୍ଧ୍ୟାତାରା ଚୁମ୍ବେ ଯାର ନୀଳୋଜ୍ଜ୍ୱଳ ଶିଖା,
ବୋଲାଏ ସହ୍ୟାଦ୍ରି ଏହୁ ଅଚଳ-ସମାଜେ(୬)
ମହା ପ୍ରଭବନ୍ତ ଗିରି,ଦକ୍ଷିଣାପଥର
ପଶ୍ଚିମ ପ୍ରାଚୀରରୂପେ ସର୍ବେ ମହୀତଳେ
ବିସ୍ତୃତ ଦକ୍ଷିଣେ ଏହୁ ସେତୁବନ୍ଧଯାଏ ,
ଏହାଦେହୁ ବହି ତିନି ମହାପ୍ରବାହିଣୀ
ପୂର୍ବେ ଯାଇ ମିଶିଛନ୍ତି ପୂର୍ବପାରାବାରେ,
ଜନସ୍ଥାନ ଦ୍ରୁମରାଜି—ଧାତ୍ରୀସ୍ୱରୂପିଣୀ(୭)
ସରିଦ୍‌ବରା ଗୋଦାବରୀ, କୃଷ୍ଣାକୃଷ୍ଣବେଣୀ(୮)

(୧) ଚିତ୍ରକୂଟ—ପ୍ରୟାଗର ଦକ୍ଷିଣରେ ଅବସ୍ଥିତ । ମନ୍ଦାକିନୀ ନଦୀ ଏଠାରେ ପ୍ରବାହିତ । ବନଯାତ୍ରା ସମୟରେ ରାମଚନ୍ଦ୍ର ଚିତ୍ରକୂଟରେ ଅବସ୍ଥାନ କରିଥିଲେ । (୨) ବିରାଧବଧ ବୃତ୍ତାନ୍ତ ରାମାୟଣରେ ଅନୁସନ୍ଧେୟ । (୩) ନିଷଧ ଏବଂ ବିଦର୍ଭଦେଶ ମଧ୍ୟଭାରତବର୍ଷରେ ଅବସ୍ଥିତ ଥିଲା । ବିଦର୍ଭ ଆଧୁନିକ ନାମ ବେରାର । (୪) ଇନ୍ଦ୍ରାଦ୍ରି—ଅନ୍ୟନାମ ସାତପୁରା ପର୍ବତ । ଏହି ପର୍ବତର ଉପତ୍ୟକାରେ ଖଣ୍ଡବା ନାମକ ସ୍ଥାନରେ ଭବାନୀଦେବୀଙ୍କର ମନ୍ଦିର ଅବସ୍ଥିତ । ଖଣ୍ଡବା ଭାରତବର୍ଷର ଅନ୍ୟତର ଶକ୍ତିପୀଠ । ମଧ୍ୟଭାରତବର୍ଷର 'ଠଗ'ମାନେ ଏହି ଦେବୀଙ୍କର ଉପାସକ ଥିଲେ । (୫) ତାପତୀ—ଏହି ନଦୀ ପଶ୍ଚିମ ମୁଖରେ ପ୍ରବାହିତ ହୋଇ ଆରବ୍ୟସାଗରେ ପତିତ ହୋଇଅଛି । (୬) ସହ୍ୟାଦ୍ରି—ପଶ୍ଚିମଘାଟ ପର୍ବତ । ଗୋଦାବରୀ ପ୍ରଭୃତି ନଦୀ ଏହି ପର୍ବତରୁ ପ୍ରବାହିତା । (୭) ଜନସ୍ଥାନ—ଦାଣ୍ଡକାରଣ୍ୟର ଅଂଶବିଶେଷ । ଗୋଦାବରୀ ଜନସ୍ଥାନ ମଧ୍ୟରେ ପ୍ରବାହିତ । (୮) କୃଷ୍ଣବେଣୀ—ସ୍ୱନାମ ପ୍ରସିଦ୍ଧ ନଦୀ, ପୂର୍ବମୁଖରେ ପ୍ରବାହିତ ହୋଇ ମହୋଦଧିରେ ପତିତ ହୋଇଅଛି । ଆଧୁନିକ ନାମ କୃଷ୍ଣା ।

ମଳୟ ବଳୟସ୍ୱରୂପା ବିମଳା କାବେରୀ, (୧)
ଚନ୍ଦନକାନନ ଯାର ରୁଚିର ତୀରଭୂମେ
ସମୁଜ୍ଜ୍ୱଳ କୁମ୍ଭଯୋନିମୁନି-ପ୍ରଣୟିନୀ
ସତୀଶିରୋମଣି ଧନ୍ୟା ଲୋପାମୁଦ୍ରାରୂପେ,
ଏହି ଗିରି ପ୍ରାନ୍ତବନୁ ନେଇଥିଲା ହରି
ରକ୍ଷୋଧୀଶଗର୍ବ-ବନରାଜି-ଦାବାନଳଶିଖା—
ସୀତାଙ୍କୁ ଯେତାରେ ଛଳି ସ୍ୱୟମେ ରାମାନୁଜେ,
ତ୍ରିଦଶବୀର୍ଯ୍ୟନିକଷ-ନୈକଷେୟ ବଳୀ, (୨)
ସୁଗ୍ରୀବପ୍ରମୁଖ ପଞ୍ଚବୀର-ଅଧ୍ୟାସିତ
ଏହି ଗିରି ପଦସ୍ଥିତ ଶୈଳ ଋଷ୍ୟମୂକେ (୩)
ଫିଙ୍ଗିଥିଲେ ଅଙ୍ଗୁ ଦେବୀ ନିଦର୍ଶନ ଲାଗି,
ସେକାଳେ ଆକାଶଗାମୀ ପୁଷ୍ପକରଥରୁ
ଚଞ୍ଚଳିତା-ତାରାପୁଞ୍ଜରାଜୀ ବାସଭୂଷା,
ଲୋଟନ୍ତି ଏ ଗିରିପାଦେ ନୀଳ ରତ୍ନାକର,(୪)
ଯିବ ନାହିଁ କାର୍ଯ୍ୟେ ମୁହିଁ ତାଙ୍କର ସଦନେ
ପ୍ରକଟେ ବାସୁକ୍ୟ-ମୂର୍ତ୍ତେ ଦ୍ୱାରାବତୀପୁରେ
ଯିବ ତୁମ୍ଭେ ଏଠାରୁ, କାଲିଠାରୁ ଆଉ
ତୁମ୍ଭ ସଙ୍ଗେ ଭେଟ ମୋର ନୋହିବ ମରତେ
ଦ୍ୱାପରର ଶେଷ ଆଜି; ଏହି କ୍ଷଣଯୋଗେ
ଓହ୍ଲାଇବେ ଦଳବଳେ କଳି ଭବଧାମେ,
ନିଷିଦ୍ଧ କଳିରେ ଦେବ ମାନବର ଭେଟ,
(ଇଚ୍ଛା ଯେବେ, ମୋର ସଙ୍ଗେ ଚାଲ କୁରୁମଣି
ଏହି ଶୈଳଶୃଙ୍ଗେ ବସି ଦେଖିବ କୌତୁକେ
ଉଦେ କଳି ଅବତାର ମୋର ଦିବ୍ୟାଲୋକେ
ସତ୍ତ୍ୱଗୁଣୋଜ୍ଜ୍ୱଳ ଏକା ତୁମ୍ଭରି ଲୋଚନେ
ସହିବ ସେ ଦିବ୍ୟଜ୍ୟୋତି ଚାଲ ବେଗ କରି ।)

—:*:—

## ଚତୁର୍ଥ ସର୍ଗ

ସତ୍ୟାଦ୍ରିଶିଖରେ ବସି, ଦିବ୍ୟାଲୋକଯୋଗେ
ଦେଖିଲେ ପାଣ୍ଡବେଶ ଅନଳ ପ୍ରସାଦେ
ବିସ୍ମୟେ ଅଦ୍ଭୁତ ଦୃଶ୍ୟ, ଦିଶିଲା ଆକାଶେ
ତାରକାଗୁମ୍ଫିତ ଶୁଭ୍ର-ଚନ୍ଦ୍ରାତପ ତଳେ
ସ୍ୱର୍ଣ୍ଣମେଘେ ଦେବସଭା, ବିରାଜନ୍ତି ତହିଁ
ଦେବଗଣ, ଚିନ୍ତାମଗ୍ନ ସର୍ବେ ଏକମନେ,
ଚନ୍ଦ୍ରାକାରେ ବେଢ଼ିଅଛି ସର୍ବ ଦେବଦେହ
ସୁନ୍ଦର ପ୍ରଭାମଣ୍ଡଳ, ବିଧୁଙ୍କୁ ଯେସନ
ବେଢ଼ଇ ବିବିଧବର୍ଣ୍ଣେ ଉଜ୍ଜ୍ୱଳପରିଧି
ନିଶାକାଳେ, ବରଷାର ଆଗମସୂଚକ, (୫)
ଏକ ଏକ କରି ଦେବ ସୁବର୍ଣ୍ଣ-ଦୀଧିତି (୬)
ପୌରବେ ଚିହ୍ନାଇ ଦେଇକହିଲେ ଏସନ(୭)
"ତୁଷାର ଧବଳକାନ୍ତି, ଦେଖ ସିଂହାସନେ
ବିରାଜନ୍ତି 'ଧର୍ମଦେବ' ଅମଳବସନେ,
କରେ ଜ୍ୟୋତ୍ସ୍ନାଶୁଭ୍ର ଦଣ୍ଡ, ବଦନମଣ୍ଡଳେ
ବିରାଜେ ଅପୂର୍ବ ଜ୍ୟୋତି ପ୍ରଶାନ୍ତ ପାବନ ,
ସ୍ଥିତବକ୍ଷ ଅନୁଚର ଧର୍ମଙ୍କ ସମ୍ମୁଖରେ
ଉଭା ଯେହ୍ନ, ଦିବେ ସେହ 'ସାହସ' ଆଖ୍ୟାତ
ଧର୍ମପାଶେ 'ସତ୍ୟ' ମହାତେଜସ୍ୱୀ ନିର୍ଭୀକ,
ସ୍ୱଚ୍ଛବତ ଦିଶେ ଯାଙ୍କ ସମସ୍ତ ବିଗ୍ରହ,
ହେଲେହେଁ ଭୂଷଣହୀନ ନୈସର୍ଗିକରୂପେ
ଦିଶଇ ସୁନ୍ଦର ଅତି ସେ ଦିବ୍ୟମୂରତି ,
ସତ୍ୟଙ୍କ ଅଦୂରେ ଦେଖ ତୁଳାଦଣ୍ଡଧାରୀ,
ନିସ୍ତରଙ୍ଗହ୍ରଦ ପରି ଗମ୍ଭୀରମୂରତି
'ନ୍ୟାୟଦେବ' ନେତ୍ର ବନ୍ଧ ଘନକୃଷ୍ଣବାସେ,

(୧) ମଳୟ ପର୍ବତର ପାଦଦେଶରେ ପ୍ରବାହିତ କାବେରୀ କୂଳରେ ଅଗସ୍ତ୍ୟାଶ୍ରମ ଥିଲା । ଲୋପାମୁଦ୍ରା ଅଗସ୍ତ୍ୟପତ୍ନୀ । ମଳୟପର୍ବତ ଚନ୍ଦନବନରେ ପ୍ରସିଦ୍ଧ । ଅଗସ୍ତ୍ୟ କଳସରୁ ଜାତ ବୋଲି ପୌରାଣିକ କିମ୍ବଦନ୍ତୀ ଅଛି । (୨) ନିକଷାସୁତ ଲଙ୍କେଶର ଦେବବୀର୍ଯ୍ୟର ନିକଷପ୍ରାୟ ଥିଲେ । (୩) ସହ୍ୟାଦ୍ରିର ପାଦପର୍ବତ ପମ୍ପାସରୋବରର ସନ୍ନିହିତ । ସୁଗ୍ରୀବାଦି ପଞ୍ଚମହାବୀର ବାଲୀଙ୍କ ଭୟରେ ଏହି ପର୍ବତରେ ଆଶ୍ରୟ ଗ୍ରହଣ କରିଥିଲେ । (୪) ରତ୍ନାକର—ଆରବ୍ୟସାଗର । (୫) ଚନ୍ଦ୍ରମଣ୍ଡଳ ବର୍ଷାଗମର ସୂଚକ । (୬) ସୁବର୍ଣ୍ଣଦୀଧିତି—ଅଗ୍ନି । (୭) ପୌରବ —ଯୁଧିଷ୍ଠିର ।

ସାନବଡ଼ ନିଜ ପର ଜ୍ଞାନର ଶୋଧକ , (୧)
ତାଙ୍କ ପାଶେ 'ତପଃ' କ୍ଷୀଣବପୁ ଜଟାଧାରୀ,
ମୁଞ୍ଜିମେଖଳାରେ ବଦ୍ଧଶୋଭେ କଟିଦେଶେ (୨
ବଲ୍କଳ, ଲମ୍ବିତ ଲମ୍ବଶ୍ମଶ୍ରୁ ବକ୍ଷଃସ୍ଥଳେ ,
ତପଃ ପାଶେ 'କ୍ଷମ',ହସ୍ତେ ଆବରଣପଟ,
ବ୍ୟସ୍ତ ସଦା ପର ଦୋଷ ଆବରିବାପାଇଁ,
ତାଙ୍କପାଶେ 'ଦୟାଦେବୀ'ସ୍ନିଗ୍ଧଜ୍ୟୋତିର୍ମୟୀ
ମୁକ୍ତାଫଳଚଞ୍ଚି -ଅଶ୍ରୁ ଝରେ ନେତ୍ରଯୁଗେ
ପରଦୁଃଖେ, ବାହୁତୋଳି ଡାକୁଛନ୍ତି କି ସେ
ଦୁଃଖିଜନେ ଆଶ୍ରା ଦେବାପାଇଁ କରଯୋଡ଼େ!
ପୂର୍ଣ୍ଣକୁମ୍ଭ ଜଳ ଇଚ୍ଛି ପ୍ରକ୍ଷାଳନ୍ତି ଦେହ
'ଶୌଚ ଦେବ',ସଙ୍କୁଚିତ ସଦା ଅନାଗ୍ରହେ ;
ବରଙ୍ଗ୍ କାଢ଼ନ୍ତି ଯେତୁ ବସ୍ତ୍ର, ଆଭରଣ,
ନିବେଦିତ ଦେହ ମନ ପର-ସେବା ଲାଗି,
'ତିତିକ୍ଷା' ସେ ରତସଦାମହାତ୍ୟାଗବ୍ରତେ;(୩)
ସାଧୁଜନ-ସେବ୍ୟ ଏହି ଉଦାର 'ଆର୍ଜବ'(୪)
ଶାଳସମ ଋଜୁ ଦେହ, ଋଜୁ ଦୃଷ୍ଟିରେଖା ,
ବିଶ୍ୱଶୋଭାଧାରିଣୀ, ଦେଖ, ଦେବୀ 'ପଦ୍ମାଳୟା'
ଆଭରଣ ପ୍ରଭାଜାଲେ ନଭ-ଉଦ୍ଭାସିନୀ ;
ଫୁଲ୍ଲ ରକ୍ତଶତଦଳ ଶୋଭେ ଦକ୍ଷକରେ,
ବାମେ ଶୋଭେ ଧାନମେଣ୍ଟି,ଦେବୀଙ୍କପ୍ରସାଦେ(୫)
ମେଘେ ରାଜେ ଇନ୍ଦ୍ରଧନୁ,ପୁଷ୍ପରାଜି ବନେ,
ଜଗତଜୀବନଯଷ୍ଟି ଶସ୍ୟ ଶସ୍ୟକ୍ଷେତ୍ରେ,
ନିରତେ ଅସ୍ଥିର ଦେବୀ, ଆସନ୍ତୁ ଆସନେ
କରନ୍ତେ କରନ୍ତି ସ୍ଥିତ, ସ୍ୱଭାବେ ଚପଳା ;
ଶ୍ୱେତପଦ୍ମାସୀନା ଏହି ଦେବୀ ସରସ୍ୱତୀ'
କୁନ୍ଦେନ୍ଦୁ-ତୁଷାର-ଶୁଭ୍ରା, ଶୁଭ୍ରବସ୍ତ୍ରାବୃତା,
ଏକହସ୍ତେ ଗ୍ରନ୍ଥ, ଆନେ ବୀଣା ସପ୍ତସ୍ୱରା,
ଅସାଧ୍ୟ ସାଧନ ଫଳେ ତୁଷ୍ଟ ହୋଇ ଥରେ
ଦେଇଥିଲେ ଏହି ମୃତସଞ୍ଜୀବନୀବୀଣା
ନବତାନେ ବାଇବାକୁ ବାଲ୍ମୀକିପ୍ରଭବ—
ମୁନିବରେ, ପୁଣି ଥରେ କୃଷ୍ଣଦ୍ୱୈପାୟନେ,(୬)
ସେଭଳି ସେବକ ଆଉ ନ ଦେଖି ଭାରତେ
ଭାରତୀ ସେ ବୀଣା ଏବେ ଧରନ୍ତି ଗ୍ରୀବରେ
ଏ ଆଣ୍ଡ ଯାବନ୍ତ ଦେବ ଦେବୀ ଭାରତର
କଳି-ଆଗମନ-ଭୟେ କରନ୍ତି ମନ୍ତ୍ରଣା—
କେ କାହିଁ ଲୁଚିବେ, କେଉଁ ବିଜନ ପ୍ରଦେଶେ
ବିଲମ୍ବ ତ ନାହିଁ ଆଉ ! ଭାରତ ବଦନେ
ବିରାଜଇ ଯେଉଁ ଶିରୀ ଯିବ ସିନା ଲଭି
ଅଲକ୍ଷଣେ, ଗଲେ ମାତ୍ର ରହିବ ତା ସ୍ମୃତି !
ଧର୍ମର ଏ ଉପବନ ହେବ ପରିଣତ
ପାପ ମରୁଭୂମେ ଏବେ, ଲକ୍ଷ୍ମୀବିଳାସଭୂଃ
ଶୁଖିଯିବ, ଆହା ଏହି କ୍ରୂର-ଅବଗ୍ରହେ ।"(୮)
ଏହା କହୁଁ କହୁଁ ନଭଃଶ୍ରୋଣୀ ତମସେ
ଗଲା ପୂରି, ବିକଟାଳ-କରାଳ ଆକୃତି
ଉଦ୍ଧ୍ୱେଁ ଉଠିଲାଇଲେ କଳି ନିଜ ଦଳବଳେ
ଲୋହିତ ମଙ୍ଗଳଗ୍ରହ ପ୍ରାଚ୍ୟେ ଉଦୀୟମାନ
ଅମଙ୍ଗଳ ବେନଚକ୍ଷୁ, ନିଃସରଇ ଯହୁଁ
ଧୂମଧୂମକେତୁପୁଚ୍ଛସମ ଜ୍ୟୋତିରେଖା,
କୃତାନ୍ତର କରପତ୍ର ପ୍ରାୟ ହାସ୍ୟପ୍ରଦ (୯)
ଆବର୍ତ୍ତିସନ୍ନିଭ ତୁଣ୍ଡେ ତୀକ୍ଷ୍ଣଦନ୍ତାବଳୀ; (୧୦
ଆସୁଛନ୍ତି ଯେଝା ବେଶେ କଳି ପଛେ ପଛେ

(୧) ସାନ ବଡ଼, ନିଜ ପର, ଏହି ଜ୍ଞାନର ଶୋଧକ । ପନ କୃଷ୍ଣବସନରେ 'ନ୍ୟାୟଦେବ'ଙ୍କ ନେତ୍ର ବନ୍ଧ । (୨) ମୁଞ୍ଜ—ତୃଣବିଶେଷ । (୩) ମହାତ୍ୟାଗବ୍ରତେ—ଆତ୍ମୋତ୍ସର୍ଗ ବ୍ରତରେ । (୪) ଆର୍ଜବ—ସରଳତା । (୫) ଲକ୍ଷ୍ମୀ ଶୋଭା ଏବଂ ସମ୍ପଦର ଅଧିଷ୍ଠାତ୍ରୀ । ଶତଦଳ ଶୋଭାବ୍ୟଞ୍ଜକ ଧାନମେଣ୍ଟି ସମ୍ପଦବ୍ୟଞ୍ଜକ (୬) ଲକ୍ଷ୍ମୀଙ୍କର ଚଞ୍ଚଳା ନାମ ପୁରାଣପ୍ରସିଦ୍ଧ ଏବଂ ତାଙ୍କର ଚଞ୍ଚଳତା ଅନୁଭବପ୍ରସିଦ୍ଧ ଅଟେ । (୭) ସରସ୍ୱତୀ ବାଲ୍ମୀକି ଏବଂ ବ୍ୟାସଙ୍କୁ ତାହାଙ୍କର ଯୋଗ୍ୟଭକ୍ତ ଜାଣି ସ୍ୱକୀୟ ବୀଣା ନବତାନରେ ବଜାଇବା ସକାଶେ ଦେଇଥିଲେ । ଭାରତରେ ଏମାନଙ୍କର ସମକକ୍ଷ ସରସ୍ୱତୀଭକ୍ତ ଆଉ ନାହାନ୍ତି । (୮) ଅବଗ୍ରହ—ଅନାବୃଷ୍ଟି । (୯) କରପତ୍ର—କରତ । (୧୦) ଆବର୍ତ୍ତି—ଭଉଁରୀ ।

ଖଳ-ଅନୁଚରବୃନ୍ଦ,ସଦା ଧର୍ମଦ୍ରୋହୀ,
ଲଲଲ୍ଲଲନାଭ୍ରୂଲତା-ବୃନ୍ତରୂପଧାରୀ
ଅଗ୍ରେ ବିଶ୍ୱଜୟୀ 'କାମ', ପୁଷ୍ପର ମୁକୁଟ
ଶୋଭେ ଶିରେ, ପୁଷ୍ପମାଳା ଲମ୍ବିତ ଉରସେ,
ଆସୁଛନ୍ତି ତତ୍‌ପାଶେ ବେଢ଼ି ନବାପ୍‌ସରା
କୁରଙ୍ଗ ତରଳେକ୍ଷଣୀ ଚମ୍ପକ-ବରଣୀ
ବିମ୍ବାଧରା, ଘନଲମ୍ବକେଶୀ, ସ୍ମେରାନନା
ବାରଙ୍ଗନାଦଳ ରଙ୍ଗ ଜାଣି ରୂପବତୀ,
ଗୁରୁ ବକ୍ଷ କୋରକତ ଉରଜ କୋରକେ
ଲାଳସାର ସ୍ୱର୍ଣ୍ଣନୀଡ଼ କି ଅବା ସେ ବେନି ! (୧)
ସୁବଳିତ ରମ୍ଭାଊରୁ ଆବୃତ ଦୁକୂଳେ,
ଯେଉଁ ଆବରଣ ଭେଦି ନିତମ୍ବପ୍ରଦେଶ
ସଂଚରଣେ ଲୋଳ ସଦା କାମୁକ-କଳ୍ପନା !
ବୀଣାଧ୍ୱନି ସଙ୍ଗେ ଉଠେ ସଙ୍ଗୀତର ଧ୍ୱନି
ଯେ ବକ୍ତ୍ରୁ, ହେ ଯୁବାକୁଳ କ୍ଷଣମାତ୍ରସ୍ଥାୟୀ
(ଯୁବାକାଳ, ମଧୁକାଳ ଏହ୍ନ ଟି ଜୀବନେ !
ଏହା ଜାଣି, ଆନେ ତେଜ, ମଜ୍ଜି ପ୍ରେମରସେ
ପୂରାଅ ବେଗରେ ସ୍ପୃହା, ପୁରୁଷଜୀବନେ
ପୁରୁଷାର୍ଥ ଏକା ସିନା ବାମା-ଉପାସନା !
କାମାତୁରା ନବୀନାଙ୍କ କାମନା ପୂରାଇ
ସାର୍ଥକ ପୁରୁଷପଣ କର ଏ ବୟସେ,
ସୁବାସଶିଶିରେ ସ୍ନାନ, ସଜପୁଷ୍ପ ସେବେ
ବୃନ୍ତାସନେ ହସୁଥାଇ ଅଳକ ଅନାଇ
ପ୍ରେମୋନ୍ମୁଖେ, ବିଳମ୍ବଇ କେବେ କି ସେ ଅଳି
ଖରରେ ମଞ୍ଜୁଳ ପୁଷ୍ପ ବାସି ହେବା ଯାଏ ?
ମଦାଳସୀ-ରମ୍ୟସ୍ତନ-ସ୍ୱର୍ଣ୍ଣମେରୁରୂପୀ,
ଏ ପ୍ରତ୍ୟକ୍ଷ ସ୍ୱର୍ଗ ଛାଡ଼ି କେଉଁ ଭ୍ରମେ ଚଢ଼ି,
ହେ ଯତି, ନରକେ ତୁମ୍ଭେ ରତ ଯୋଗତପେ
ଅପ୍ରତ୍ୟକ୍ଷ ଅନିଶ୍ଚିତ ସ୍ୱର୍ଗ ଲୋଭ ଆଶେ ?
କି ଭୋଗ ସେ ସ୍ୱର୍ଗେ ଅଛି ଏ ଭୋଗକୁ ବଳି
ହେ ପଣ୍ଡିତକୁଳ, ଆତ୍ମବଞ୍ଚନାରେ ପଡ଼ି
ଗ୍ରନ୍ଥକୀଟ ହୋଇ ସିନା କଟାଉଛ ବୃଥା
ଯୁବାକାଳ କବିତାର ସଂକଳ୍ପ ଆମୋଦେ ।
ସୁନ୍ଦରୀ-ଅଧର ମଧୁ ସଙ୍ଗେ କି ସେ ସବୁ
କାବ୍ୟରସ ? ଆନ କାବ୍ୟ ଫିଙ୍ଗିଦେଇ ଦୂରେ
ଯୁବତୀ-ଯୌବନ-କାବ୍ୟ ପଢ଼ ଅବିରତେ ,
ହେ ବୀର, ବିଫଳେ-କାହିଁ ମର ଅନୁସରି
ରଣଭୂମି-ମରୁଭୂମେ ଯଶ-ମରୀଚିକା,
ସମ୍ମୁଖେ ସୁଲଭ ଥାଉ ସୁଧା-ତରଙ୍ଗିଣୀ ?
ମହାବିଭୀଷିକାମୟୀ ରଣସ୍ଥଳୀ ତେଜ
କେଶରି-ବିକ୍ରମେ ପଶ ସେ ସଂଗ୍ରାମେ ଯହିଁ
ରସିକା ସଙ୍ଗତେ ଯୁଝି କାମ କୁତୂହଳେ
ଜୟେ ପରାଜୟେ ତୁଲ୍ୟ ହୁଅନ୍ତି ରସିକେ",
ତାଙ୍କର ଶ୍ରବଣେ ସୁଧା କଣ୍ଠ ଯନ୍ତ୍ର ଧ୍ୱନି
ଏସନେ ସୁତାନେ ମିଶି ଭୂଷଣ ଶିଞ୍ଜିତେ
କଜ୍ଜ୍ୱଳକେଶୀଙ୍କ ରୂପ ସମୁଜ୍ଜ୍ୱଳ ଦିଶେ
ସେ ଦେଶ, ବସନ୍ତେ କୁଞ୍ଜ ପୁଷ୍ପ-ଗୁଚ୍ଛେ ଯଥା
ପୁଷ୍ପାବୃତ ଖାତପ୍ରାନ୍ତେ ବାଦ୍ୟ ତୋରା ବାମା
ହସ୍ତେ ଶୋଭେ ପୁଷ୍ପ ମାତ୍ର ବସ୍ତ୍ରତଳେ ଭଲେ
ଗଳି ଗଳି ଗୁଲୁଚନ୍ତି ଅଳଙ୍କିତ ରୂପେ
ପରିଗୁରୁଦଳ 'ମେହ', 'ଉପଦଂଶ' ଆଦି
ତାମ୍ବୁଳକରଙ୍କଧର ଗୃଳନ୍ତି ପଶ୍ଚାତେ
ଧନକନନ୍ଦନଗଣ ସମ୍ମୁଖୀଶୋଷିତ (୨)—
ସର୍ବସ୍ୱ,ପାଣ୍ଡୁର ରକ୍ତ ଶରଦଭ୍ର ଯଥା, (୩)
ଯହିଁ ଆଜୀବନ କବା ରୂପାଜୀବା-ପଦେ ।
କାମ ପ୍ରତି ବୈଶ୍ୱାନର ଅଙ୍ଗୁଳି ନର୍ଦ୍ଦେଶି

(୧) କାମୁକମାନଙ୍କର ଲାଳସା-ବିହଙ୍ଗର ସୁବର୍ଣ୍ଣନୀଡ଼ ପରି । (୨) କୁଟ୍ଟଣୀମାନଙ୍କଦ୍ୱାରା ହୃତ-ସର୍ବସ୍ୱ । (୩) କାମୁକମାନେ ଇନ୍ଦ୍ରିୟାସକ୍ତ ହୋଇ କ୍ରମଶଃ ନିର୍ବୀର୍ଯ୍ୟ ହୁଅନ୍ତି ଏବଂ ସେମାନଙ୍କ ଦେହ ବିବର୍ଣ୍ଣହୋଇ ପାଣ୍ଡୁର ଦିଶେ । ସେମାନଙ୍କ ଦେହରେ ରକ୍ତ ନ ଥାଏ । ଶରଦଭ୍ର ଯେପରି ଜଳଶୂନ୍ୟ ଏବଂ ପାଣ୍ଡୁର, କାମୁକମାନେ ସେହିପରି ରକ୍ତଶୂନ୍ୟ ଏବଂ ବିବର୍ଣ୍ଣ ହୋଇଯାନ୍ତି ।

କହିଲେ ଗୌରବେ, "ମହାଦୁଷ୍ଟମତି ଏହି !
ଥରେ ମୂର୍ଖ ଚନ୍ଦ୍ରଚୂଡ଼ନୟନ ବାହାଣ (୧)
ଦହିଥିଲି ଏ ଦୁରନ୍ତେ, ତାଙ୍କୁ ସେହି ହେତୁ
ଡରେ ଦୁଷ୍ଟ, ତାଙ୍କ ଭକ୍ତପାଶୁଁ ରହେ ଦୂରେ ।
ଆକ୍ରୋଶେ ଗରଜି 'କ୍ରୋଧେ'ଆସେ କାମପଛେ
ରକ୍ତଚକ୍ଷୁଃ ସତେ କି ସେ ଦହିବ ଜଗତ !
ବଜ୍ରର ଔରସେ, ବାତ୍ୟାଗର୍ଭେ ଜାତ ହୋଇ
ବଡ଼ବାର ସ୍ତନ୍ୟେ ବଢ଼ିଥିଲା ସେ ସାଗରେ,(୨)
ଭୂକମ୍ପ-ଦୋଳାରେ ସୁଖେ ଦୋହଲି ଶୈଶବେ
ମହାଭସ୍ମଙ୍କର ଶିଷ୍ୟ ! ରକ୍ତିମା ଜନ୍ମାଇ
ଉପୁଜାଏ ବିରକ୍ତି କି, ବହ୍ନିଶିଖା ଜାଳି
ଉପୁଜାଏ ତମଃଜ୍ଞାନ-ବିବେକ ବିଲୋପୀ ; (୩)
ସହଚରରୂପେ ତାର ଆସଇ ସଙ୍ଗତେ
'ହତ୍ୟା' କରବାଳହାତେ, ରକ୍ତଲିପ୍ତବାସେ,
ତମ୍ପ ପ୍ରାୟେ ଫଁଫଁ ସ୍ୱନେ ନିଶ୍ୱାସି ସଘନେ
ଆସୁଛନ୍ତି ପରିଜନେ, ବହଇ ଅଧରୁ
ଲହୁଧାର, ନିଜ ଦନ୍ତେ ନିଜକୁ କାମୋଡ଼ି,
କାଳଭୁଜଙ୍ଗିମା ପ୍ରାୟେ ଭ୍ରୂକୁଟି ଲଲାଟେ,
ଶୃଙ୍ଗହୀନ ହୋଇ ସୁଦ୍ଧା ଏକଲୁ ଆରକେ
ବିନ୍ଧନେଉଦ୍ୟତ,ଯେହ୍ନେସବତ୍ସା ଧେନୁକା,(୪)
କଥାକେ କଥାକେ ଥୋକେ ଯାଉଛନ୍ତି ରୁଷି
ରସବହ୍ନି ଯୋଗେ ଯଥା,କଥାକେକଥାକେ(୫)
ବାଢ଼ଆବାଡ଼େଇ ହୋଇ ମରନ୍ତି ଧାମରେ ;
କ୍ରୋଧ ପଛେ 'ଲୋଭ' ସଦା ପ୍ରସାରିତପାଣି
ଭିକ୍ଷାଲାଗି, କାକୁବାଣୀ ନିରତେ ବଦନେ,(୬)
ସକଳ ଇନ୍ଦ୍ରିୟେ ସେହୁ କଲେହେଁ ବସତି
ଶ୍ରଦ୍ଧା ସମଧିକ ତା'ର ରସନାଗ୍ରବାସେ ;
କୋଡ଼ାନ୍ତି ସଙ୍ଗତେ ଯାଉଅନ୍ତି ବହୁଦଳ,
ଅତ୍ୟାହାରେରୋଗୀ,ପୁଣି ବେଗେ ଅତ୍ୟାହାରୀ,
ରସନାରୁ ଅହର୍ନିଶ ସ୍ରବୁଅଛି ଲାଳ,
ଗୋଡ଼ାନ୍ତି ଏ ଦଳ ସଙ୍ଗେ ଧନଲୋଭୀ ମୂଢ଼
ଧନ ଯାଙ୍କ ପିତା ମାତା, ଅଭୀଷ୍ଟ ଦେବତା,
ଅକାତରେ କନ୍ୟା କିବା ବନିତା ଭଗିନୀ
ଦେବାକୁ ଧନିକେ ଭୁଞ୍ଜି ଧନ-ବିନିମୟେ !
ଏ ଦଳ କରନ୍ତି ବୃଦ୍ଧି ବୃଦ୍ଧ ବାର୍ଦ୍ଧକେ
ଅଧମର୍ଣ୍ଣ-ମକ୍ଷୀଙ୍କର ଉର୍ଣ୍ଣନାଭରୂପୀ,
କୁବେରଙ୍କ ବରପୁତ୍ରେ, ବଢ଼ଇ ନିରତେ
(ମଦ୍ୟପର ତୃଷ୍ଣା ଯଥା ମୁହୁର୍ମୁହୁ ପାନେ)
ଧନବୃଦ୍ଧି ସଙ୍ଗେ ଯାଙ୍କ ଧନର ଲାଳସା,
ମହାରଙ୍କ, ମିଷ୍ଟବାକ୍ୟଦାନେ ମହାଦାତା !(୭)
ଭବଦୁଃଖହର-ମୋକ୍ଷପଥର ବିରୋଧୀ,
ଶୂନ୍ୟକୁ ଆକଟେ ଧରି ନିବିଡ଼ ଆଶ୍ଳେଷେ;
ଆସେ 'ମୋହ' ଶିଷ୍ୟବ୍ୟୂହ ଆସନ୍ତି ଗହଣେ ;
କୁଟୁମ୍ବ-ଜଞ୍ଜାଳେ ମଗ୍ନ, କୁଣ୍ଠିତ ଯେ ସଦା (୮)
ଘଟାନ୍ତରକାଳେ ସୁଦ୍ଧା ଈଶ୍ୱରସ୍ମରଣେ !
ଶାସ୍ତ୍ରଜ୍ଞାନସତ୍ତ୍ୱେ ଜଡ଼ ! ଅନ୍ଧ ଚକ୍ଷୁ ଥାଇ !
ହେଲେହେଁ ଜାଗ୍ରତ ଗାଢ଼ନିଦ୍ରା-ଅଭିଭୂତ !
ଦରିଦ୍ର ହୁଅନ୍ତି ଆହା, ମହାଘୋରତମେ
ପାପସତ୍ତ୍ୱେ, ମମତାର ଦୁର୍ଚ୍ଛେଦ୍ୟ ବନ୍ଧନେ !
ଆସେ 'ମଦ' ତୁଙ୍ଗଶିର ଲଗିଛି ଆକାଶେ,
ମହାଅହମିକାମତ୍ତ, ହସ୍ତ ବକ୍ଷସ୍ଥଳେ, (୯)
ସଙ୍ଗେ ଉପାସକଦଳ ଗମ୍ଭୀରମୂରତି,

(୧) ହରକୋପାନଳରେ ମଦନ ଦଗ୍ଧ ହୋଇଥିବାର କଥା ପୁରାଣରେ ଅନୁସନ୍ଧେୟ । (୨) ବଡ଼ବା—ସମୁଦ୍ର-ଗର୍ଭସ୍ଥିତ ବଡ଼ବାନଳର ପ୍ରସୂତିରୂପା ଘୋଟକୀ । ସମ୍ଭବତଃ ଜଳମଗ୍ନ ଆଗ୍ନେୟଗିରି ମାଳା । (୩) କ୍ରୋଧ ରକ୍ତିମା ଜନ୍ମାଏ, ଅଥଚ ସେଥି ସଙ୍ଗେ ସଙ୍ଗେ ବିରକ୍ତି ଜାତ କରେ, ଅଗ୍ନି ଜାଳହଏ ଅଥଚ ସେହି ଅଗ୍ନି ଦ୍ୱାରା ଆଲୋକ ନ ଜନ୍ମାଇ ତମଃଜାତ କରେ । (୪) ଧେନୁକା—ଗାଈ । (୫) ରସ—ବାରୁଦ । (୬) କାକୁ—ଦୈନ୍ୟୋକ୍ତି । (୭) କୃପଣମାନେ ଅନ୍ତରକ୍ତ ମିଷ୍ଟଭାଷୀ ହୁଅନ୍ତି । (୮) ଜଞ୍ଜାଳ—ପଙ୍କ । (୯) ଅହମିକା—ମୁଁ ବଡ଼, ମୋହପରି ଆଉ କେହି ନାହିଁ—ଏହି ଜ୍ଞାନ ।

ଊର୍ଦ୍ଧ୍ୱଦୃଷ୍ଟି, ପଦଭରେ ଟଳେ ବସୁନ୍ଧରା,
ଆପଣାକୁ ବଡ଼ ମଣି ସମସ୍ତେ କୁଣ୍ଠିତ
ମହାର୍ଦ୍ଦବଚନବ୍ୟୟେ, ମାନଦାନଭୟେ,
ଅହମିକା-କୂପେ କୂପମଣ୍ଡୂକ ସରବେ,
ଧନମଦେ ମତ୍ତ କେହ୍ନ, କେହ୍ନ ଜନମଦେ,
ଭଜନର ମଦେ କେହ୍ନ, ପଦେ କେହ୍ନ ଅବା,
କେହ୍ନ ରୂପମଦେ, କେହ୍ନ ଆଭିଜାତ୍ୟମଦେ,
ବିଦ୍ୟାମଦେ, ବୁଦ୍ଧିମଦେ ସ୍ଫୀତ ହୋଇ କେହ୍ନ
ନିଜକୁ ଅତୁଳ ମଣି ଧରା ମଣେ ସରା !
ଅନ୍ୟଠାରେ ଅବନତ ହୋଇ ଅନ୍ତରେକେ
ଅନ୍ତ ବିନୟର ଭାନ କରଇ କେ ପୁଣି, (୧)
ଅହଙ୍କାରଶୂନ୍ୟ ବୋଲି ମନେ ଅହଙ୍କାରୀ !
ମଦ ପଛେ ଆସେ 'ଈର୍ଷା' କୃଶକଳେବରା (୨)
କରାଳକୁଟିଳଦୃଷ୍ଟି, ପାଣ୍ଡୁରବଦନା,
କ୍ରୂର ଦୃହାଣିରେ ଯାର ଯାଉଛି ଝାଉଁଳି
ତଡ଼ିତରେ ତରୁ ଲତା, ଯଥା ତପ୍ତବାତେ,
ରୋଗକ୍ଳିଷ୍ଟ ପ୍ରାୟେ ଦୁଷ୍ଟା ଅପ୍ରସନ୍ନା ସଦା;
ଶୁଷ୍କାସ୍ୟେ ଉପୁଜେ ହାସ୍ୟ ଯଦି କଦାଚିତେ;
ସେ କେବଳ ପରଦୁଃଖେ, ଦୁଃଖେ ତାହାରିକ
କାନ୍ଦିବାର ନ ଦେଖିଲେ ପକାଏ ସେ କାନ୍ଦ ।
ସ୍ରବେ ରସନାରୁ ତାର ବିଷ ଅହର୍ନିଶ,
ଏ ବଡ଼ ବିଷମ ବିଷ, ଯାର ତୀବ୍ର ତେଜେ
ଅନ୍ୟେ ଯାରି, ତହିଁ ଦୁଷ୍ଟା ଆପେ ହୁଏ ଖାକ
ପରଦୋଷ ଦରଶନେ ଦିବ୍ୟ ଚକ୍ଷୁଷ୍ମାନ,
ପରନିନ୍ଦାବାବଦୂକ, ମୂକ ପରଯଶେ,
ପରହାନିପ୍ରିୟ ଖଳ, କାନକୁହା ଆଦି
ଭକ୍ତଙ୍କର ମୁଖ ଦୁଃଖେ ଯାଉଅଛି ଶୁଖି
ପରସ୍ପର ମୁଖଶିରୀ ଦେଖି ପରସ୍ପରେ ;
ଯାଶି ହେଉଅଛି କେହ୍ନ ଶୁଣି ଲୋକମୁଖେ
ପରଯଶକଥା ଯଥା ବୃଶ୍ଚିକଦଂଶନେ,
ପରସୌଭାଗ୍ୟେ କେହ୍ନ ମହାଖେଦ ବହି
ଲଘୁ କରେ ହୃଦଭାର ଦୀର୍ଘଶ୍ୱାସ ତେଜି ,
ମହାଘୋର ଈର୍ଷାନଳେ ଜଳି ନିରନ୍ତରେ
ଜୀବନ୍ତେ ନରକଭୋଗ କରନ୍ତି ପିଶୁନେ !
ଖଳା ପ୍ରାୟେ ରଚି ରଚି କହି ନାନା କଥା (୩)
ଆସୁଅଛି 'ମିଥ୍ୟା', ଯାର ବସ୍ତ୍ରଯାକ ତାଳି,
ତାଳି ପରେ ତାଳି, ପୁଣି ତାଳି ତା ଉପରେ,
ଏମନ୍ତ ତାଳି ସତ୍ତ୍ୱେ ଫୁଟି ଦିଶୁଛି ତା ଦେହ,
ପୁନଃ ପୁନଃ ତେଣୁ ନୂଆ ନୂଆ ତାଳିମାନ
ଲଗାଉଛି ମହାବ୍ୟସ୍ତେ ସେ ଜୀର୍ଣ୍ଣ ଜୀବନେ ;
ଆସନ୍ତି ପୂଜକଦଳ ଜଳ୍ପି ନାନାମତେ,
ପ୍ରବୀଣ ଗ୍ଳାମୁଆପଣେ, ଚାରୁଷଦପଣେ,
ପ୍ରଭୁର ଅଳୀକଯଶ ରଟନେ କେ ରତ
ଘୃଷ୍ଟପଟୁ, ପ୍ରଭୁମନତୋଷଣକୌଶଳୀ,
କେହ୍ନ କରୁଅଛି ନିଜ ବଂଶର ବଡ଼ିମା, (୪)
କେହ୍ନ ବିଦ୍ୟା ସମ୍ପତ୍ତିର, ପ୍ରେତାଦିର କଥା
କହେ କେହ୍ନ, ଦୂରଦେଶପର୍ଯ୍ୟଟକ କେହ୍ନ
କହଇ, ସେ ଯାଇଥିଲା ମାନସସରୋବରେ,
ଦେଖିଲା ସେ ତହିଁ ଗଣ୍ଡଭେରଣ୍ଡ ବିହଙ୍ଗ,
ଊର୍ଦ୍ଧ୍ୱେ ଚଳି ମାରି ସରସ୍ୱାରି କରିପଲିଁ
ଭେନଗୋଷ୍ଠୀ କରି ନେଇଗଲା ଚଞ୍ଚୁନଖେ ;
କେହ୍ନ କହେ, କିଷ୍କିନ୍ଧ୍ୟାର ମର୍କଟ ନଗରେ
ଶୁଣିଛି ସେ ନିଜ କର୍ଣ୍ଣେ କର୍ଣ୍ଣ-ରସାୟନ
ମର୍କଟସୁନ୍ଦରୀଙ୍କର ସଙ୍ଗୀତ-ମାଧୁରୀ ;
କେହ୍ନ କହେ ବିଭୀଷଣପାଳିତ ସିଂହଳେ
ଦେଖି ଆସିଛି ସେ ରକ୍ଷଃ ଅଦ୍ଭୁତ-ମୂରତ,

(୧) ଭାନ—ଛଳ । (୨) ପରର ସୌଭାଗ୍ୟ ଦେଖି ଈର୍ଷାନ୍ୱିତ ଲୋକଙ୍କର ଦେହ ଶୁଷ୍କ ହୋଇଯାଏ । 'ଈର୍ଷା' ଏମାନଙ୍କର ଅଧିଷ୍ଠାତ୍ରୀଦେବତା, ସୁତରାଂ କୃଶକଳେବରା । (୩) ମିଥ୍ୟାବାଦୀ ଲୋକେ ଅନର୍ଗଳ ସ୍ପଷ୍ଟବାକ୍ୟ କହି ପାରନ୍ତି ନାହିଁ । ଗୋଟିଏ ମିଥ୍ୟା ଯୋଡ଼ାଇବା ସକାଶେ ଆଉ ଗୋଟିଏ ମିଥ୍ୟା କହନ୍ତି, ତାକୁ ଯୋଡ଼ାଇବାପାଇଁ ପୁଣି ମିଥ୍ୟା କହନ୍ତି । ଏତେ କରି ସୁଦ୍ଧା ଧରା ପଡ଼ନ୍ତି । (୪) ବଡ଼ିମା-ବଡ଼ପଣ ।

ଚତୁର୍ମୁଖ, ଅଷ୍ଟଭୁଜ, ଅଷ୍ଟପାଦ ଆଦି ;
କେହି କହେ, କାଶୀରେ ମୁଁ ଦେଖିଲି ମାନବ
ଲମ୍ବକର୍ଣ୍ଣ, ଏକ କର୍ଣ୍ଣ ଶେଯ ରୂପେ ପାରି,
ଆନ କର୍ଣ୍ଣେ ଘୋଡ଼ିହୋଇ ଶୁଅନ୍ତି ସେ ଶେଯେ ।
ଅବିଶ୍ୱାସବ୍ୟଞ୍ଜି-ସ୍ମିତ ଶ୍ରୋତାମୁଖେ ଦେଖି,
ସଦର୍ପେ ପକାଇ ଗୁଣ କହଇ ସେ ପୁଣି—
"ଆଜନ୍ମ ମୁଁ କହି ନାହିଁ ମିଥ୍ୟା କେଉଁକାଳେ
ମିଥ୍ୟାଠାରୁ ପାପ ଆଉ ନାହିଁ ଜଗତରେ ।"(୧)
ସ୍ଥୂଳସ୍ଥ ଲୁଣ୍ଠିତ ବପୁ ଆବରି ଯତନେ
ହାସ୍ୟେ ମିଷ୍ଟମୁଖ 'ଶାଠ୍ୟ' ଆସଇ ତା ପରେ.
କକ୍ଷତଳେ ଶାଣିତ ଗୁପ୍ତି ଗୁପତେ ପୂରାଇ
ବକବିଦଗ୍ଧ, ବାହ୍ୟେ ବଡ଼ ନମ୍ର-ମୂରତି,
ମାତ୍ର ବଡ଼ ଦାଉଘାତୀ ଦୁର୍ମତି ଅନ୍ତରେ,
ଆସୁଛନ୍ତି ଅନ୍ତେବାସୀ ଦୁରନ୍ତ ସଙ୍ଗତେ,(୨)
କେହି ଚୌର୍ଯ୍ୟେ ରତ,କେହି କୃତ୍ରିମ ମୁଦ୍ରଣେ
କୃତ୍ରିମଲେଖ୍ୟ ଲେଖନେ, ସିନ୍ଧେ କେହୁ ଅବା,(୩)
କେହି ବିଷଦାନେ, କେହୁ, ଗୁପତ ମାରଣେ,
ଧର୍ମଭେକଧାରୀ କେହି ଗୈରିକବସନେ,
ଦୀର୍ଘ ଶ୍ମଶ୍ରୁ, ଦୀର୍ଘ ନଖ, ଦୀର୍ଘ ଜଟା-ଜୁଟେ
ମଣ୍ଡିତ, କାହାର ଅବା ଭସ୍ମେ ବୋଳା ତନୁ,
କେହି ଅବା ଜପାମାଳା ଜପେ ଅବିରତେ ;
ନାନା ଗୂଢ଼-ଆବରଣେ ଆବୃତ ସରବେ,
ଭେଦି ନ ପାରଇ ଯାହା ଚକ୍ଷୁ ସାରସ୍ୱତ ।(୪)
କୃଷ୍ଣଶୁକ୍ଳ ବେଣୀବର୍ଣ୍ଣ-ଛିନ୍ନବସ୍ତ୍ରଧାରୀ,
ବେନି କରେ ବେନି କାଠି ବଜାଇ କୌତୁକେ
ଆସଇ 'କଳହ', ଯାର ଶିରୋରୁହ ଶିରେ
ପରସ୍ପର ଅସଂଲଗ୍ନ, କଣ୍ଟକ ଯେସନ,
ଲେଖ୍ୟ,ନିଦର୍ଶନ,ସାକ୍ଷ୍ୟ,ବ୍ୟବସ୍ଥା,ପ୍ରମାଣ
ମୀମାଂସା, ବର୍ଣ୍ଣନା ପତ୍ର ଆଦି ଲିପି ଯେତେ ,
ବଡ଼ା ବଡ଼ା କରି ଦୁଷ୍ଟ ଖୋସିଛି କଟୀରେ
ଅମୋଘ ଶୋଷଣ ଅସ୍ତ୍ର ! ସେ ଅସ୍ତ୍ର ପ୍ରୟୋଗେ
ଶୋଷିନିଏ ଧନୀ-ଧନ, ଅନ୍ନ ଦରିଦ୍ରର
ଅଳକ୍ଷିତେ; ନାନାମତେ ଅନର୍ଥ ଭୁଆଇ,
ସମଦଣ୍ଡଭାଗୀ କରି ଅର୍ଥୀ-ପ୍ରତ୍ୟର୍ଥୀଙ୍କ ; (୫)
ସଙ୍ଗେ ସଙ୍ଗେ ଆସୁଛନ୍ତି ବ୍ୟବହାରାଜୀବ, (୬)
କରଣ, ପାଞ୍ଜିଆ, ସାକ୍ଷୀ, ପଦାତିକ ଆଦି,(୭)
ଶିବାଗୃଧ୍ର ରୂପୀ ଅଧିକରଣ-ମଶାଣେ ।(୮)
ମହୁର୍ମୁହୁଃ ମାରି ହାଇ ପୁଟୁକି ପୁଟାଇ,
ଅର୍ଦ୍ଧ ନିମୀଳିତନେତ୍ରେ ଆସୁଅଛି ମଠେ
'ଆଳସ୍ୟ', କମଠଗତି, ଲୁଣ୍ଠିତମୂରତି,
ସେବକେ ମଳିନବେଶ, ଧୂଳିରେ ଧୂସର,
କେ ଆତ୍ମଶ୍ଳାଘୀ ପରଚ୍ଛିଦ୍ର-ଅନ୍ୱେଷଣେ ସଦା,
ପରନିନ୍ଦା-ପରକୁତ୍ସା-କଥନେ, ସର୍କନେ
ରତ କେହି,ମତ୍ତ ହୋଇ କେହି ଗଳ୍ପାମୋଦେ
ଫୁତ୍କାରେ ଉଡ଼ାଏ କେତେ ରାଜା, ମହାରାଜା,
ସର୍ବଙ୍କ ପରୋକ୍ଷେ କେହି ନ ଦେଖି ନ ଶୁଣି
କହେ କେତେ ରଙ୍ଗେ କଥା ବାହାପିଆପଣେ,
କେହି ବା ଠାପୁଆପଣେ, ଧର୍ମଧ୍ୱଜ ଧରି
ପରଠାରୁ ସଦା ଅର୍ଥଶୋଷଣ-ପ୍ରୟାସୀ,
ଧର୍ମ ନାମେ ନିଜପେଟ ପୋଷଣ-ସକାଶେ ;
ଗୁଲୁଁ ଗୁଲୁଁ ମାର୍ଗେ ବସି ପଡୁଅଛି କେହୁ,
ଦନ୍ତେ କେହୁ କାଟେ ତୃଣ, କେହୁ ମାଟିପରେ
ନଖେ ଲେଖେ ଏଣ୍ଡୁ ଚେଣ୍ଡୁ ମନକୁ ଯା ଆସେ।
ପେଣ୍ଡ୍ରାବାଳ ମୁକୁଳାଇ ବସୁଅଛି କେହି.

(୧) ମୁଁ ଜୀବନରେ କେବେ ମିଥ୍ୟା କହିନାହିଁ । ଏପରି ଉକ୍ତି ମିଥ୍ୟାବାଦୀଙ୍କ ମୁଖରୁ ପ୍ରାୟ ଶୁଣାଯାଏ । ମିଥ୍ୟାବାଦୀ ସାମାନ୍ୟ କଥାରେ ଶପଥ କରେ । (୨) ଅନ୍ତେବାସୀ—ଶିଷ୍ୟ। (୩) କୃତ୍ରିମଲେଖ୍ୟ—ଜାଲ୍ ଦସ୍ତାବିଜ (୪) ଚକ୍ଷୁ ସାରସ୍ୱତ—ସରସ୍ୱତୀଙ୍କ ଚକ୍ଷୁ (୫) ମୋକଦ୍ଦମାରେ ବାଦୀ ପ୍ରତିବାଦୀ ଉଭୟ ପକ୍ଷର ସର୍ବନାଶ ହୁଏ (୬) ବ୍ୟବହାରାଜୀବ—ଓକିଲ । (୭) କରଣ—ମୋହରିର; ପାଞ୍ଜିଆ—ମହାଫିସ୍, ସାକ୍ଷୀ—ଗୁହା, ପଦାତିକ—ପେଆଦା । (୮) ଅଧିକରଣ—ବିଚାରାଳୟ, ଏହି ସ୍ଥାନରେ ଅର୍ଥୀ ପ୍ରତ୍ୟର୍ଥୀ ଶବସ୍ଥାନୀୟ ।

ପଚ୍ଛେ ବସି ଆନ କେହ୍ନ ମାରଇ ଉକୁଣି !"
ଏ ଆହ୍ଵ ଅନ୍ତେ ଯେବେ ମହା ସେନାପତି
କଳିର କଲ୍‌ମଷଦଳେ, ସମସ୍ତଙ୍କୁ ଦଳି
ପ୍ରଚଣ୍ଡ ବିକ୍ରମେ କଳି ଆକ୍ରମିଲା ଆସି ;
ଭାରତର ଧର୍ମପୁଞ୍ଜେ ଦୁର୍ଜୟପ୍ରତାପୀ ;
ଚିଲିକାର ନୀଳବକ୍ଷେ ଶ୍ୱେତ ହଂସାଳୀ
ଶରତେ ଯେ କାଳେ ଥାନ୍ତି ରତ ସନ୍ତରଣେ
କୁଞ୍ଚିତ ଚିଲିକା-ବୀଚି-ପ୍ରବାହରେ ଅଟଳ —
ଜଟିଆ ଜଟାରୁ ଯେବେ ସହସା ସଞ୍ଚାଣ (୧)
ମହାଖରବେଗେ ଖସି ଆସେ ଅଧୋମୁଖେ
ବକ୍ରନଖ, ଅସ୍ତେ ବ୍ୟସ୍ତେ ପକ୍ଷିପଙ୍କ୍ତି ଯଥା
ପଳାନ୍ତି ଚୌଦିଗେ ଉଡ଼ି ଜୀବନବିକଳେ,
କିମ୍ବା ଯଥା କୋଣାର୍କର ଅନନ୍ତ ସୈକତେ(୨)
କେତକୀ-କୁନ୍ତଳ-କୁଞ୍ଜୁଁ କ୍ରୁଦ୍ଧ ମହାବଳ (୩)
ଆସିଲେ ତଳକୁ ଖସି, ପଳାନ୍ତି ତରାସେ,
ଦ୍ରୁତପଦେ କୃଷ୍ଣସାର ସଙ୍ଗେ ମୃଗବଧୂ ;
ସହଲେ କଳଙ୍କ ଦେଖି, ବିକଳେ ଯେସନ
ଅସ୍ତେ ବ୍ୟସ୍ତେ ଭାରତର ପୁଣ୍ୟପୁଞ୍ଜ ଯେତେ,
ସଙ୍ଗି ଶ୍ରଦ୍ଧା ପଳାଇଣ ଲୁଚିଲେ କେ କାହିଁ ;
ପୃଷ୍ଠରକ୍ଷୀ ଏକମାତ୍ର ଧର୍ମ-ସହଚର
'ସାହସ' ପଛକୁ ରହି, କଳିସୈନ୍ୟହାତେ
ହେଲା ବନ୍ଦୀ, ତହୁଁ କାମ କଲା ଆକ୍ରମଣର
କଙ୍କରସ୍ୱରୂପେ ତାକୁ ନେଲା ନିଜବଳେ ,
ସ୍ତମ୍ଭିତ ପୌରବେ ବହ୍ନି ଅନଳ ବିଷାଦେ
କହିଲେ, 'ହେ ବୀର, ଏବେ ଦେଖ କି ଦୁର୍ଗତି
'ସାହସ'ର ହେଲା କଳିଶାସନେ ଭାରତେ !
ଭାରତର ରକ୍ଷାପାଇଁ ଷଦିସ୍ତୁର ନେତା ।
ଥିଲା ଆଜଯାଏ ଯେହ୍ନୁ ଏବେ ସେହି ବିନା
ଲମ୍ପଟର ସଖା ହେବ ଅଗମ୍ୟଗମନେ, (୪)
ପ୍ରାଚୀର, ପରିଖା, ପୁର ଲଙ୍ଘି ଯିବାବେଳେ !"
ପଳାଇବାବେଳେ ଧର୍ମ ଯାଇଥିଲେ ଛାଡ଼ି
ଦିବ୍ୟପରିଚ୍ଛଦ 'ମୌନ' ନାମେ ଅଭିହିତ,
ସାଇଁଟି ସେ ପରିଚ୍ଛଦ 'ଶାଠ୍ୟ' ମହୋଲ୍ଲାସେ
ଅଗ୍ନିଦ, ଗରଦ, କୂଟଲେଖ୍ୟର ଲେଖକ,(୫)
ହତ୍ୟାକାରୀ, ସିନ୍ଧିଆଳ, ଚୌରାଦିଙ୍କି ଡାକି
ନିଜଦଳୁଁ ତାଙ୍କ ମୁଣ୍ଡେ ଦେଲା ଶାଢ଼ୀ ବାନ୍ଧି ;
ଶାନ୍ତିରକ୍ଷକଙ୍କୁ ମାତ୍ର, ତାଙ୍କ ପରିଚ୍ଛଦ
ନିଜ ବଳେ ସହ୍ଲୀଭୂତ କରଇ ଯେସନେ
ଲୋକପ୍ରବଞ୍ଚନାପଟୁ ଦୁଷ୍ଟ ଦସ୍ୟୁପତି ।
ବିଷଣ୍ଣ ଅନ୍ତରେ ତହୁଁ କୌନ୍ତେୟ ସୁମତି
କହିଲେ, 'ହେ ଦେବ, ବଡ଼ ବିଷମ ଏ କଥା !
ଅସହ୍ୟ ଏ ଦୃଶ୍ୟ ମୋର ! ପବିତ୍ର ଭାରତେ
ବ୍ରାହ୍ମଣର ମନ୍ତ୍ରବଳେ କ୍ଷତ୍ରବୀର୍ଯ୍ୟ ବଳେ
ସୁରକ୍ଷିତ ଆର୍ଯ୍ୟ-ଦେଶେ ଘଟିବ ଅଶାନ୍ତି
ଏତେ ସବୁ ? ଲାଗେ ବଡ଼ ଅସମ୍ଭବ ମୋତେ !"
ଶୁଣି ହବ୍ୟବାହ ଦେବ ନିଜ ଦିବ୍ୟତେଜ
ସମ୍ବରିଣ ଦରହାସ୍ୟ କହିଲେ ପୌରବେ,
"ବ୍ରାହ୍ମଣ-କ୍ଷତ୍ରିୟ-ଘରେ ସର୍ବ ଅଗ୍ରେ ସିନା
ପଶିବ କୌଶଳେ କଳି ବଲ୍ମୀକସ୍ୱରୂପେ,
ପଶିଣ ଗୁପତେ ସେହି ଧର୍ମତରୁମୂଳେ
ଅଲକ୍ଷିତେ କୋରି ମୂଳ, ଅନ୍ତଃସାର ହରି
କଲୁଷିବ ସେ ଦ୍ରୁମର, ଦୁହିଁ ଭାଙ୍ଗି ଆଣି
ଯବନଙ୍କୁ,ତାଙ୍କ ହସ୍ତେ ଗଡ଼ାଇବ ଭୂମେ,
ଅସାଧ୍ୟ ସେ ବ୍ୟାଧି, ଯାହା ଭାରତର ଦେହେ

(୧) ଜଟିଆ—ଚିଲିକାତୀରସ୍ଥ ପର୍ବତବିଶେଷ । (୨) କୋଣାର୍କ—ଅର୍କକ୍ଷେତ୍ର, ପୁରୀର ୧୧ କୋଶ ଉତ୍ତର-ପୂର୍ବରେ ଅବସ୍ଥିତ । ଏ ଅଞ୍ଚଳର ସମୁଦ୍ରବେଳାରେ ସହସ୍ର ସହସ୍ର ହରିଣ ଦେଖାଯାନ୍ତି, ଏ ଅଞ୍ଚଳର କେତକୀବନ ବ୍ୟାଘ୍ରସଂକୁଳ । (୩) ମହାବଳ—ପଟାଳିଆ ବାଘ । (୪) ଅର୍ଥାତ୍ ଭାରତବାସୀମାନେ ଦେଶରକ୍ଷା ବିଷୟରେ ଭୀରୁ ହେବେ ଏବଂ ପାପକାର୍ଯ୍ୟରେ ସାହସୀ ହେବେ । (୫) ଗରଦ—ବିଷପ୍ରୟୋଗକାରୀ । କୂଟଲେଖ୍ୟ—ଜାଲ୍ ଦସ୍ତାବିଜ ।

ଘୋଟିବ,ଜାଣି ନ ଥିବେ ଧାନେ ଧନ୍ୱନ୍ତରି ! (୧)
ସୁଶ୍ରୁତର ଶଲ୍ୟ-ତନ୍ତ୍ର ହାରିବ ସେ ବ୍ରଣେ !(୨)
ନୁହଇ ଉଚିତ ଆଜ ରହିବାର ଏବେ
ବହୁଦିନ ଏ ଭାରତେ, ତୀର୍ଥାଟନ ବ୍ରତ
ସାରି,ହେ ଭାରତ,ବେଗେ ଯାଅ ହିମାଚଳେ, (୩)
ଧର୍ମେ ଏକାତ୍ମାନମତି, ଧର୍ମ-ପକ୍ଷପାତୀ
ତୁମ୍ଭେ, ବୀର. ଅନାର୍ଯ୍ୟର ଦମନେ ଅକ୍ଷମ
ହୋଇ ଦଗ୍ଧ ହେବ ସିନା ଆପେ ଅନୁତାପେ,
ବନ୍ଦୀ ପତି ଯେସନେ ପତ୍ନୀ-ଲାଞ୍ଛନା ଦର୍ଶନେ ;
ଆସୁଛି ପାପର ବନ୍ୟା, ଭାରତଭରସା
ପାପ-ଜଳେ ଦ୍ୱୀପରୂପୀ ମହତ ଦେହ ଜନ
ବୁଡ଼ିଯିବେ ସିନା, ଅହା, ଏ ଘୋର ପ୍ଲାବନେ,
ତୁମ୍ଭପରି ସୁଚନ୍ଦନ ଦ୍ରୁମପାଇଁ ଆଜ
ନ ଥିବ ଟି ଠାବ ଏହି ବିଷବଲ୍ଲୀବନେ ;
ଧର୍ମ-ଅନୁଷ୍ଠାନବ୍ରତେ ସହାୟ ବିହନେ
ସାଧୁର ଜୀବନ ହେବ ମହା ବିଡ଼ମ୍ବନା,
ମହା ଅନର୍ଥର ହେତୁ ହେବ କାଳବଶେ
ଧୈର୍ଯ୍ୟ, ବୀର୍ଯ୍ୟ, ସ୍ୱାତନ୍ତ୍ର୍ୟ ମହତ୍ତ୍ୱ ଯା କିଛି
ପ୍ରକୃତିର, କାପୁରୁଷ-ପ୍ଲାବିତ ଭାରତେ ;
କଳିଶିଷ୍ୟ-କୁକ୍ଷିମ୍ଭରି-ଦ୍ୱିଜାତି-ଦୁଷ୍କୃତି-(୪)
ଯୋଗେ ନାରକୀୟ ହେବ ଅଚିରେ ଏ ମହୀ,
ସେହି ଦେଶ, ସେହି ଗିରି, ସେହି ନଦ ନଦୀ,
ନଗର, ନଗରୀ, ତୀର୍ଥ, ଆଶ୍ରମାଦି କରି
ସବୁ ଥିବେ ପୂର୍ବପରି, ମାନବେ କେବଳ
ନାମକୁ ମାନବ ରହି, ପଶୁଠାରୁ ହୀନ
ହୋଇଯିବେ ଯୁଗଧର୍ମେ ଭାରତମଣ୍ଡଳେ ।”

## ପଞ୍ଚମ ସର୍ଗ

ଆଶାସ୍ୱୀ-ଉତ୍କଳ-ଆଶା-କିଶୋରପାଦପ,(୫)
ଗୁଣାରାମ ରାମଚନ୍ଦ୍ର, ଭଞ୍ଜକୈରବ, (୬)
ଭଞ୍ଜକୁଳ-ଧ୍ୱଜ-କୃଷ୍ଣଚନ୍ଦ୍ର-ଜ୍ୟେଷ୍ଠାତ୍ମଜ,
ଶୁଣିଲି ମୁଁ ବହୁମୁଖୀ-ଜନଶ୍ରୁତି-ମୁଖେ,
ନବରେ ତୁମ୍ଭର ଜଳ ପଶନ୍ତେ ପ୍ରଥମେ,
ଅବିରତ ଦାନବାରି ପିଚ୍ଛିଳପ୍ରାଙ୍ଗଣେ (୭
ସେ ନବରେ, ବୁଲୁଁ ବୁଲୁଁ ଅତି ସାବଧାନେ
ଖସଡ଼ି ତା ଗୋଡ଼, ଦୁଷ୍ଟ ପଙ୍କିଲ କବୁଡ଼
ଜଳନେ, ବାହୁଡ଼ି ତେଣୁ ଗଲ ଅପମାନେ,
ସତ୍ୟ କହେ ଏ କାହାଣୀ ? ମିଥ୍ୟା ବୋଲିଅବା
କେମନ୍ତେ ବୋଲିବି ? ଯେଣୁ ଦେଖୁଛି ନୟନେ
ପଶିନାହିଁ ଦୁଷ୍ଟ ତୁମ୍ଭ ହୃଦୟ-କୁସୁମେ
କୀଟରୂପେ, କୁଟନୀତି-ପ୍ରୟୋଗ-ଅଗ୍ରଣୀ;(୮)
'ମଦନ''ଆଳସ୍ୟ' ନାମେ ବେନି ସେନାପତି-
ଦ୍ୱୟ ଯେହୁ କଲେ ସୈନ୍ୟ ବଡ଼ ପଟୁ ସେହି
ଜିଣିବାକୁ ରାଜକୁଳ, ଜିଣି ଅବହେଳେ
ଅଳ୍ପକାଳେ ଶତ ଶତ ଭୂପ ଭୂଭାରତେ,
କଲ ରାଜସଭାତଳେ ବନ୍ଧାଇଲେ ଶାନ୍ତି ;
ତରୁଣ ଯୌବନ, ପୁଣି ରୂପ ଅପ୍ରତିମ,
ଗର୍ଭେଶ୍ୱରପଣ ଦେଖି ତୁମ୍ଭର ଏ ତେଜ,(୯)
ପାଞ୍ଚିଥିଲେ,ରିପୁ ଏହି ଭିନମାର୍ଗେ ପଶି (୧୦)
ତୁମ୍ଭ ହୃଦ ଦୁର୍ଗଚୂଳେ ପୋତିବେ ପତାକା,

(୧) ଧନ୍ୱନ୍ତରି— ଆର୍ଯ୍ୟ ବୈଦ୍ୟଙ୍କର ଆଦ୍ୟ ପ୍ରଣେତା । (୨) ସୁଶ୍ରୁତ—ଚିକିତ୍ସାଶାସ୍ତ୍ର-ପ୍ରଣେତା ଋଷି । ଶଲ୍ୟତନ୍ତ୍ରର ( Surgery ) ଆଦ୍ୟପ୍ରଣେତା । (୩) ଭାରତ—ଭରତବଂଶୋଦ୍ଭବ, ଯୁଧିଷ୍ଠିରଙ୍କୁ ସମ୍ବୋଧନ । (୪) କୁକ୍ଷିମ୍ଭରି ସ୍ୱୋଦର ପୋଷଣରେ ବ୍ୟସ୍ତ (୫) ଆଶାସ୍ୱୀ—ଆଶାଯୁକ୍ତ (୬) ରାମଚନ୍ଦ୍ର—ମୟୂରଭଞ୍ଜାଧିପତି ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ । (୭) ଦାନ ଦେବା ସମୟରେ ଯେଉଁ ଜଳ ଦେବାକୁ ହୁଏ ତଦ୍ୱାରା ପିଚ୍ଛିଳ । ବ୍ରାହ୍ମଣମାନଙ୍କ ପ୍ରତି ମୟୂରଭଞ୍ଜ ରାଜବଂଶର-ବଦାନ୍ୟତା ଉତ୍କଳପ୍ରସିଦ୍ଧ । (୮) କୁଟନୀତି ପ୍ରୟୋଗ ଅଗ୍ରଣୀ ଦୁଷ୍ଟ କୀଟର ବିଶେଷଣ । (୯) ଗର୍ଭେଶ୍ୱର—ଗର୍ଭରୁ ଅର୍ଥାତ୍ ଜନ୍ମରୁ ରାଜା (୧୦) ଯୌବନ ରୂପ ଏବଂ ଗର୍ଭେଶ୍ୱରତ୍ୱ ପାପର ଏ ତିନୋଟି ଭିନ୍ନମାର୍ଗ ।

ମାତ୍ର ସଦମ୍ଭେ ଦେଖି ବିବେକ ପ୍ରହରୀ
ପ୍ରାନ୍ତମାର୍ଗେ,ବ୍ୟଗ୍ରେ ଦୂରେ ପଳାଇଲେ ଦୂରେ,
'କ୍ରୋଧ'ଟି ଦୁର୍ଜୟ ରିପୁ, ନକେ ମୃତ୍ୟୁଞ୍ଜୟ
କାମେ ଜିଣିବାକୁ ଯାଇ ହାରିଲେ ଯା ପାଶେ,
ନିରଙ୍କୁଶ ପ୍ରଭୁତ୍ୱେଣ ସତ୍ତ୍ୱେ ସେ ନୃପର
ଆଣି ନ ପାରିଲ ଶୁଭ୍ର ନେତ୍ରେ ଅରୁଣିମା, (୧)
ସ୍ୱଦୋଷଦର୍ଶିତାରୂପ ପ୍ରଚ୍ଛନ୍ନ କଣ୍ଟକେ
ଅବୃତ ତୁମ୍ଭର ହୃଦ ନ ଜାଣି ଏ କଥା (୨)
ନିଜ ଗୁଣ ଶୂନ୍ୟ ସିନା କଲ ସେ ବିଫଳେ(୩)
ଖଳ କାନକୁହା ଆଦି ଈର୍ଷା ଉପାସକେ
ପଶନ୍ତି ସଦା ରାଜ ସଭା, 'ଈର୍ଷା' ଏହା ଜାଣି
ଟାଙ୍କେ ରଚିଥିଲ ତୁମ୍ଭ ହୃଦେ ପଶିବାକୁ
ତାଙ୍କଯୋଗେ,ବୃଥା ହେଲା ଈର୍ଷାର ସେ ଆଶା
ଯେଣୁ ତୁମ୍ଭେ ଏକ କର୍ଣ୍ଣେ କାନକୁହା ବାଣୀ
ଶୁଣି ଅନ୍ୟ କର୍ଣ୍ଣ ମୁକ୍ତ ରଖିଲ ସ୍ୱମତେ
ଶୁଣିବାକୁ ଅଭିଯୁକ୍ତ କଥା ଯଥାକାଳେ ;
ଆଉ ଯେତେ ଥିଲେ ଖଳ ମୁଖ୍ୟ ସେନାପତି
କାମ କ୍ରୋଧ ଆଦିଙ୍କର ଦେଖି ଏ ଦୁର୍ଦ୍ଦଶା,
ମୁଣ୍ଡେ କର ଦେଇ ସର୍ବେ ବସିଛନ୍ତି ଦୂରେ
ନିରାଶେ, ଛୁଟିଛି ମନୁ ଦାରୁଣ ଜିଗୀଷା ;
ମାତ୍ର ଏ ଦୁରନ୍ତଦଳେ ଭଲେନାହିଁ ସ୍ୱତେ,
ବିଶ୍ୱାସଘାତକ ହୁଏ, ଛିଦ୍ର ଲୋଡ଼ିବାର
ନିତ୍ୟବ୍ରତ ଏହାଙ୍କର କଳି ରାଜପଣେ
ରହିବା ଉଚିତ ତେଣୁ ଜାଗରୁକ ହୋଇ
ତୁମ୍ଭର, ହେ ବୀର, ଏବେ ତରୁଣ ଯୌବନେ
ସ୍ମରିବ ନିରତେ, ପ୍ରଜାପୁଞ୍ଜ ଋଣଙ୍କର
ମୁଣ୍ଡାଇଛ ମୁଣ୍ଡେ ରାଜମୁକୁଟର ବ୍ୟାଜେ,
ସ୍ମରିବ ନିରତେ ତୁମ୍ଭ ଜନ୍ମ ଭବତଳେ,
ନୁହଇ ହେ କ୍ଷଣଜନ୍ମା, ଏକା, ତୁମ ପାଇଁ
ତାରକାଦଳର ଜ୍ୟୋତି ତାଙ୍କ ପାଇଁ ସିନା,
ମାତ୍ର କି ଚନ୍ଦ୍ରର ପ୍ରଭା ଏକା ଚନ୍ଦ୍ରପାଇଁ ?
ଉତ୍କଳର ଆଶା-ନଭେ ତୁମ୍ଭେ ଶୁଭକ୍ଷଣେ,
ହେ ରାଜେନ୍ଦ୍ର, ବିରାଜୁଛ ଦ୍ୱିଜରାଜରୂପେ (୪)
'ରାଜା ରାଜ୍ୟାଶ୍ରମଋଷି' କବିର ଏ ବାଣୀ (୫)
ଫଳି ଅଛି ତୁମ୍ଭ ପବିତ୍ର ଜୀବନେ ;
ଧୈର୍ଯ୍ୟେ, କର୍ମେ, ବେଶ ଭବେ ସୁଲକ୍ଷଣେଯୁକ୍ତ
ତୁମ୍ଭପରି ପୁତ୍ର ପାଇ ପୁତ୍ରବତୀ ଆଜି
ଚିର ଅଭାଗିନୀ ଏହି ଉତ୍କଳଜନନୀ,
ସ୍ୱୀୟ ନୀଳା ଆଦି ଗ୍ରାମ୍ୟ ଆଭରଣଙ୍କରେ
ଯାହାକାନ୍ତ ଭୂପଦଳେ ନିରତେ ଦୁର୍ଲ୍ଲଭ
ବିଦ୍ୟା ଦୟା ବିନୟାଦି ଅଗ୍ରାମ୍ୟ ଭୂଷଣେ
ଭୂଷିତ ତୁମ୍ଭଙ୍କୁ, ଭଞ୍ଜ-ରାଜଲକ୍ଷ୍ମୀସହ
ଦେଖାଇ ଉତ୍କଳ, ଆହା ଯେସନେ ନିଶୀଥିନୀ
ଧ୍ରୁବଙ୍କୁ ଦେଖାନ୍ତି କୋଟି ତାରା ନେତ୍ର ଫେଡ଼ି
କିମ୍ବା ଯଥା ଦେବଦଳ ଜଳଧିମନ୍ଥନେ
ହେରିଲେ ହରଷେ ଦିବ୍ୟ ଜ୍ୟୋତିପୂର୍ଣ୍ଣଧାରୀ
ସିନ୍ଧୁବୀଚିସମୂହଥିର ପାରିଜାତ ତରୁ,
ସଙ୍ଗେ ବିଶ୍ୱବନ୍ଦ୍ୟା ଦେବୀ ଇନ୍ଦିରା ସୁନ୍ଦରୀ
ଜ୍ୟୋତିର୍ମୟୀ ଜ୍ୟୋତିର୍ମୟ କମଳ ବାସିନୀ,
କଲ୍ପତରୁ ଲଭି ଯଥା ଦୈବ-ଦୁର୍ଗତି
ଘୁଞ୍ଚିଗଲା, ଘୁଞ୍ଚିଯାଉ ଉତ୍କଳ ମାତାର,
ଭଞ୍ଜିକଟ, ତୁମ୍ଭଯୋଗେ ଦୁର୍ଯୋଗ ଜଡ଼ତା ;
ଚିରନିରାନନ୍ଦ ମୂର୍ତ୍ତି ଦାରୁଣ-ବିପାକେ,
ଝୁରୁଅଛି ନୈରାଶ୍ୟର ଅତଳ କୂହରେ,
ତଥାପି ଯଶସ୍ୱି, ତୁଚ୍ଛ ସୁଯଶ-ସୌରଭେ
ଜଡ଼କଣ୍ଠ ମୋର ଆଜି ମୁଖର ସଙ୍ଗୀତେ,
ପଲ୍ଲବ ମୁକୁଳ ଫୁଲ ମୃଦୁଳେ ଦୋଳାଇ
କୁଞ୍ଜାଇ ତରଙ୍ଗମାଳେ ତଟିନୀର ବେଣୀ,

(୧) ତରୁଣବୟସ୍କ ମହାରାଜ ଶ୍ରୀରାମଚନ୍ଦ୍ରଙ୍କୁ କ୍ରୋଧାଧୀନ ହେବାର ପ୍ରାୟ ଦେଖା ଯାଇନାହିଁ । (୨) ସ୍ୱଦୋଷଦର୍ଶୀ ଲୋକେ ଅନ୍ୟ ଉପରେ ପ୍ରାୟ କ୍ରୋଧ କରନ୍ତି ନାହିଁ । ବାଲ୍ମୀକି ରାମଚନ୍ଦ୍ରଙ୍କ 'ସ୍ୱଦୋଷଦର୍ଶୀ' ଏହି ବିଶେଷଣ ଦେଇଛନ୍ତି । (୩) ତାହାର ସମସ୍ତ ଶର ବିଫଳ ହେଲା । (୪) ଦ୍ୱିଜରାଜ—ଚନ୍ଦ୍ରମା । (୫)କାଳିଦାସଙ୍କର ଉକ୍ତି । ରାଜ୍ୟରୂପ ଆଶ୍ରମର ରାଜା ଋଷି ଅଟନ୍ତି । ବିଳାସିତ ଭୋଗାର୍ଥ ନହେ । (୬) ନିଶୀଥିନୀ—ରଜନୀ

ମୁଖରି ନିକୁଞ୍ଜବନେ ବନପ୍ରିୟକୁଳେ,
ସୁହୁସ୍ୱରୁ ସ୍ୱନେ ଯେବେ କେଦାରେ କାନ୍ତାରେ
ପ୍ରସରେ ମଳୟସ୍ରୋତ ପରିମଳସଖା,
ଉଲ୍ଲାସେ ଦୁଃଖର କ୍ଷଣକଣ୍ଡୁତିକ ଲଭି
ପିଞ୍ଜରବିହଙ୍ଗ ଯଥା ଗାଏ କ୍ଷଣେ କ୍ଷଣେ,
ତୁମରି ଆଦେଶେ, ବୀର, ଏ ମହାଗୀତିକା
ଗାଇବା ଆଶୟେ ଏବେ ଧରିଛି ମୁଁ କରେ,
ଚିରମୂକ ବୀଣା ମୋର ସିକ୍ତ ନେତ୍ରଜଳେ,
ଆନନ୍ଦେ ଏ ଗୀତ ଆସୁ ଭବ୍ୟ ଅବଧାନେ ।
ଗୃହସ୍ଥ ସଞ୍ଚୟପତ୍ର ଯତନେ ସମ୍ପାଦି
ସାମ୍ପତ୍ତିକ, ଠୁଳକରି ରଖି ଆନ୍ଧୁଘରେ,
ନିଶ୍ଚିନ୍ତ ରହଇ ଅଗ୍ନିଭୟେ ମନେ ମନେ,
ଦେବେ ଯେବେ ଦେଖେ ବହ୍ନି ଆତ୍ମମଣ୍ଡପତଳେ
ଗୃହପତି, କାତର ସେ ହୁଅଇ ଯେସନେ,
ବପ୍ର, କ୍ଷତ୍ରିୟର ବାଣୀ ଅବନତ ଶୁଣି
କାତର ତେସନ ହେଲେ କୌନ୍ତେୟସୁମତି,(୧)
ସାଶ୍ରୁ ନେତ୍ରେ କରଯୋଡ଼ି ବୈଶ୍ୱାନରପଦେ
ପଭଣି କହିଲେ, "ପ୍ରଭୁ, ତ୍ରିକାଳଦରଶୀ
ତୁମ୍ଭେ ଯେଣୁ, କହ ମୋତେ କିରୂପେ ଭାରତେ
ଘଟିବ ଏ ମହାନର୍ଥ, ସୁଜଳା ସୁଫଳା
ଏ ଶସ୍ୟଶ୍ୟାମଳା ଧରା ପରହାତେ ଦେଇ
ପରପଦାନତ କି ହେ ହେବେ ଆର୍ଯ୍ୟସୁତେ ?
ଏ ମର୍ତ୍ତ୍ୟନନ୍ଦନ, ଦେବ ହେବ କି ହେ ସତେ
ଭୀଷଣ ଦାନବଙ୍କର ବିହାର-ଅଙ୍ଗଣ ?
ଆର୍ଯ୍ୟସ୍ୱାଧୀନତା-ରବି ଅସ୍ତମିତ ହୋଇ
ଭାରତ କି ପରିଣତ ହେବ ଅବଶେଷେ
ଉର୍ଜସ୍ୱଳ ଆର୍ଯ୍ୟଙ୍କର ଗୌରବ-ଶ୍ମଶାନେ ?"

ଉତ୍ତରିଲେ ଅଗ୍ନି, "ବୀର, ଘଟିବ ନିକଟ
କହିଲି ଯା, କେବେ ତାହା ନୋହିବ ଅନ୍ୟଥା;
ସ୍ୱାଧୀନତା ବୋଲି ଯାହା ବୋଇଲି ଆପଣେ,
ସେ କେବଳ ଷଡ଼ରିପୁ ପ୍ରଭୁତାର ଛାୟା, (୨)
ସେ ପ୍ରଭୁତା ଖୁଲିଗଲେ କାଳର କୌଶଳେ
ଚଳେ ଯିବ ସ୍ୱାଧୀନତା, ପିଣ୍ଡ ସଙ୍ଗେ ଯଥା
ଚାଲିଯାଏ, ପାଣ୍ଡୁନାଥ, ସେ ପିଣ୍ଡର ଛାୟା,
ରିପୁ-ଅଧୀନତା ସଙ୍ଗେ ପର-ଅଧୀନତା
ଆସିବ ସ୍ୱଭାବେ ; ବେଗେ ଉପସର୍ଗ ପରି,
ସାରସ୍ୱତ ବ୍ରାହ୍ମଣର ବାଣୀ-ଆରାଧନା (୩)
ଚିରବ୍ରତ, ଏବେ ସେହି ଦେବୀ-ଭବୋଭାବେ
ବ୍ରହ୍ମଚର୍ଯ୍ୟ ତେଜି ସ୍ୱପ୍ନେ ହେବେ କଳିଯୁଗେ
ଲୋଭ-ମୋହ-ଜାଲେ ପଡ଼ି ଅବିଦ୍ୟା-ସେବକ,
ଚନ୍ଦ୍ରିକା ପୀୟୂଷ-ପାୟୀ ଚକୋର ଔରସେ
ଜନ୍ମିଲେ ଉଲ୍ଲୁକ ଯେମା ତିମିର-ପ୍ରଣୟୀ
ଅକର୍ମଣ୍ୟ ଦ୍ୱିଜାତିର ହେବ ଅବଶେଷେ
ଷଟକର୍ମେ ଷଷ୍ଠକର୍ମ ଏକମାତ୍ର ବ୍ରତ, (୪)
ତପ, ଦମ, ନିୟମାଦି ସବୁ ଦୂରେ ଯାଇ
ଏକମାତ୍ର ଯଜ୍ଞସୂତ୍ର ଗୁଣ ଥିବ ଗୁଣେ, (୫)
ଧର୍ମକୁ କରିବେ ସ୍ୱପ୍ନେ ଜୀବନଜୀବିକା,
ମୃତପର୍ଣେ ଏହି ଜାତି ଏ ମର୍ତ୍ତ୍ୟମଣ୍ଡଳେ
(କୂପକୁ ସେ କୂପବାସୀ ମଣ୍ଡୂକ ଯେସନ)
ଏକମାତ୍ର ଦେଶ ଏହି ଭାରତକୁ ମଣି,
ଭାରତବାସୀଙ୍କ ଦୃଢ଼ କର୍ମକାଣ୍ଡ-ଜାଲେ
ବନ୍ଧିବେ, ସେ ଜାଲେ ପୁଣି ନିଜେ ହେବେ ବନ୍ଧ
ସେ କଠିନ କର୍ମକାଣ୍ଡେ ହୋଇ ବଶଗତ,
ଧର୍ମର ଯେ ସାର, ତାକୁ ହୁଡ଼ି ଆର୍ଯ୍ୟସୁତେ

(୧) କୌନ୍ତେୟ—କୁନ୍ତୀପୁତ୍ର ଯୁଧିଷ୍ଠିର । (୨) ଷଡ଼ରିପୁପ୍ରଭୁତା—ଷଡ଼ରିପୁ ଉପରେ ପ୍ରଭୁତ୍ୱ ଅର୍ଥାତ୍ ପ୍ରକୃତ ସଂଯମୀ ନ ହେଲେ ଲୋକେ ସ୍ୱାଧୀନ ପଦବାଚ୍ୟ ହୁଅନ୍ତି ନାହିଁ । (୩) ସାରସ୍ୱତ—ସରସ୍ୱତୀ ଭକ୍ତ (୪) ଷଟ୍‌କର୍ମ—ଯଜନ, ଯାଜନ, ଅଧ୍ୟୟନ, ଅଧ୍ୟାପନା, ଦାନ, ପ୍ରତିଗ୍ରହ । ସବୁ ଯାଇ କେବଳ ଶେଷକର୍ମ ଅର୍ଥାତ୍ ପ୍ରତିଗ୍ରହ ରହିବ, ଅର୍ଥାତ୍ ବ୍ରାହ୍ମଣମାନେ ଭିକ୍ଷୋପଜୀବୀ ହେବେ (୫) ପ୍ରଥମ ଗୁଣ ଶବ୍ଦର ଅର୍ଥ ରଜ୍ଜୁ । ଦ୍ୱିତୀୟ ଶବ୍ଦର ଅର୍ଥ ଧର୍ମ ।

ଯାପିବେ ଜୀବନ ଧର୍ମ-ତୁଷେ ତୁଷ୍ଟ ହୋଇ(୧)
ଯଜମାନପାଇଁ ଖାଉ ଶୋଷଣ ଋତ୍ୱିଜେ,
ତହୁଁ ଯଜମାନଙ୍କର ବିରାଟସମ୍ପାତେ (୨)
ବାଟ ନ ପାଇବେ ନିଜେ ଚଳାଇବାପାଇଁ,
ଯଜମାନ ସଙ୍ଗେ ହେବେ ପ୍ରୋଥିତ ସେ ଖାତେ;
ଅକ୍ଷୁଣ୍ଣ ରଖିବା ଲାଗି ସ୍ୱଜାତି-ପ୍ରଭୁତା,
ଯଜମାନ ଜାତିଙ୍କର ଐକ୍ୟ ଭାଙ୍ଗିଦେଇ
ଶତ ଶତ ଉପଜାତି ସୃଜିବେ ବ୍ରାହ୍ମଣେ,
ଭେଦବୁଦ୍ଧି ଉପୁଜାଇ ମାନବେ ମାନବେ
ସମାଜେ ଏ ହୀନଭାବ ଘୃଣାରୂପେ ପଶି
ଅସ୍ଥି ମଜ୍ଜା ଶୋଷି ତାକୁ କରିବ ଜର୍ଜର ;
ଏକ ଆରେକ ସ୍ପର୍ଶେ ମଣିବ ଅଶୁଚି
ଆପଣାକୁ, ଅପବିତ୍ର ପଶୁଠାରୁ ପୁଣି
ହୀନ କରି ମାନବକୁ ମଣିବେ ମାନବେ,
କ୍ରମେ ଗୃହବିଗ୍ରହର ସୂତ୍ରପାତ ହୋଇ
ଏହିରୂପେ ଛିନ୍ନଭିନ୍ନ ହେଲେ ଆର୍ଯ୍ୟଜାତି,
ବିଶ୍ୱପୂଜ୍ୟ ଆର୍ଯ୍ୟଙ୍କର ଏହି ପୁଣ୍ୟତମା
ଭୂମି ହେବ ଛିଦ୍ରାନ୍ୱେଷୀ ଶତ୍ରୁର ଆମିଷ ; (୩)
ବ୍ରାହ୍ମଣର ତପଃଫଳେ ହୋଇଥିଲା ଯେହୁ
ଭାରତୀର ଲୀଳାକ୍ଷେତ୍ର, ସେ ଭାରତ ଏବେ
ହେବ ପରିଣତ ସେହି ବ୍ରାହ୍ମଣର ପାପେ
ଅଜ୍ଞାନ-ଅନ୍ଧକାରମୟ ଭୀଷଣ ଶ୍ମଶାନେ !
'ମଦନ', 'ଆଳସ୍ୟ', 'ଈର୍ଷା', ତିନି ସେନାପତି
ପଶିବେ ରାଜନ୍ୟଗୃହେ କଳି-ଆଜ୍ଞାମତେ,
ଅମଙ୍ଗଳସାଧନ ସେହି ଦୃଢ଼ପ୍ରତିଜ୍ଞତା,
ସେ ସାହସ ତୃଣ ପ୍ରାଣ ଦେଶରକ୍ଷାବ୍ରତେ, (୪)
ସେ ପ୍ରଭାବ ପ୍ରୀତି ମନ୍ତ୍ର ଯେତେକ ମୋର ଶିକ୍ଷା ;
ବିଜୟାର ସେହି ବୀର୍ଯ୍ୟ ଥିଲା ଆଜଯାଏ
କ୍ଷତ୍ରିୟର ଯା ପ୍ରିୟଧର୍ମ ସବୁ ଯିବ ଭୁଲି
ସବୁ ଯାଇ ଅଭିମାନ ରହିବ କେବଳ,
ସରସେ କର୍ଦ୍ଦମ ଯଥା ରହେ ଅବଶେଷେ
କମଳ କୁମୁଦ ସଙ୍ଗେ ଜଳ ଗଲେ ଶୁଖି,
ଜୀବନ୍ତ ଭାରତଦୁର୍ଗରୂପୀ ଏହି ଜାତି (୫)
ବୀର୍ଯ୍ୟହୀନ ଅକର୍ମଣ୍ୟ ହେବେ ଅଳ୍ପଦିନେ,
ଅଳ୍ପଦିନେ ଦ୍ରୋଣାଚାର୍ଯ୍ୟଶିଷ୍ୟବଂଶଧରେ
ଆଚରିଲେ ଯୁଦ୍ଧବିଧି କେବଳ ଗଳ୍ପେ,
ଧନୁ, ଗଜାଙ୍କୁଶ, ଅସି, ଗଦା ଆସ୍ଫାଳନେ
କର୍କଶ ଯାଙ୍କର ହସ୍ତ, ତାଙ୍କରି ସନ୍ତତି
ଭୀରୁ, ପ୍ରାଣରଙ୍କ, ଆହା, ହୋଇକାଳବଶେ (୬)
ହସ୍ତୀ ଦେଖି ଦଶଶତ ଅଶ୍ୱ ଦେଖି ଶତ-
ହସ୍ତ ଦୂରେ ଯାଇ ଉଭା ହେବେ ମହାତ୍ରାସେ,
ନିଜ ସନ୍ତତିଙ୍କୁ ପୁଣି, ଆଚାର୍ଯ୍ୟ ଅଣାଇ,
ଶ୍ଳୋକରୂପେ ଶିଖାଇବେ ଏହି ଭୀରୁନୀତି,
ଏ ମହାପ୍ରତାପୀ ଜାତି ହୀନୁ ହୀନତର
ହୋଇଯିବେ ଦିନୁ ଦିନ କଳିଉତ୍ପୀଡ଼ନେ,
ପୂର୍ବତେଜୁ ଅବଶିଷ୍ଟ ଥିବ ଯାହା କିଛି
ଉଡ଼ାଇବ ସେହି ତେଜେ ଯୁଦ୍ଧ ପରସ୍ପରେ,
'ଈର୍ଷା' ଆସି, ରତ ହୋଇ ସେ ବୃଥା ଦ୍ୱନ୍ଦ୍ୱେ
ବହିରାକ୍ରମଣଭୟ-ପ୍ରତିକାର-ବିଧି
ଭାଳିବାକୁ ନ ଥିବ ଟି ଅବସର ତିଳେ,
ଉପରେ ଉଡ୍ଡୀୟମାନ ଯବନ-ଗରୁଡ଼େ
ଦେଖି ସୁଦ୍ଧା ଯୁଝୁଥିବେ ଗଜ କୂର୍ମ ପରି
ଭାବି ଅନ୍ଧ ବର୍ତ୍ତମାନ-ସର୍ବସ୍ୱ ବର୍ବରେ (୭)
ସର୍ବେ ଆତ୍ମଚିନ୍ତାରତ ସର୍ବେ ଜାତିଦ୍ରୋହୀ,

(୧) ବାହ୍ୟ ଅନୁଷ୍ଠାନାଦି ଧର୍ମର ଅସାର ଅଂଶ (୨) ବିରାଟ ସମ୍ପାତ—ବୃହତ୍ ପତନ । (୩) ଆମିଷ—ଶିକାର । (୪) ଯେ ସାହସ ଦେଶରକ୍ଷା ସକାଶେ ନିଜର ପ୍ରାଣକୁ ତୃଣବତ୍ ମଣେ । (୫) କ୍ଷତ୍ରିୟମାନେ ଭାରତବର୍ଷର ଜୀବନ୍ତ ଦୁର୍ଗସଦୃଶ ଥିଲେ । (୬) ପ୍ରାଣରଙ୍କ—ପ୍ରାଣରକ୍ଷା ନିମନ୍ତେ ଆତୁର । (୭) ଭାବୀ ଅର୍ଥାତ୍ ଭବିଷ୍ୟତ ଅନିଷ୍ଟ ପ୍ରତି ଅନ୍ଧ କେବଳ ବର୍ତ୍ତମାନ ଅର୍ଥାତ୍ ଉପସ୍ଥିତ ସ୍ୱାର୍ଥ ଯେଉଁମାନଙ୍କର ସର୍ବସ୍ୱ । ଗଜ କଚ୍ଛପ ପରସ୍ପର ଯୁଦ୍ଧ କରୁ କରୁ ଉଭୟେ ଗରୁଡ଼ଙ୍କର ଆମିଷ ହୋଇଥିଲେ । ଆର୍ଯ୍ୟମାନେ ସେହିପରି ଆପଣା ମଧ୍ୟରେ କଳହ ଉଠାଇ ଦୁର୍ବଳ ହୋଇ ଯବନର ଅଧୀନ ହେବେ । (୮) ଜାତିର ମଙ୍ଗଳରେ ବ୍ୟକ୍ତିର ମଙ୍ଗଳ, ଏ କଥା ଆର୍ଯ୍ୟମାନେ ବିସ୍ମୃତ ହୋଇ କେବଳ ନିଜ ବ୍ୟକ୍ତିଗତ ସ୍ୱାର୍ଥ ଲୋଡ଼ିବେ ।

ଅମ୍ବରଷାବୃତ୍ତି ଜନ୍ମଭୂମି-ଅଧଃପାତେ,
ଭାରତର ନାନା ଅଂଶେ ଛନ୍ତି ଆର୍ଯ୍ୟ ଯେତେ
ଭିନ୍ନ ଭିନ୍ନ ନାମ ବହି, ଆର୍ଯ୍ୟହିଁ ସରବେ ;
ହୋମାନଳ, ଦାବାନଳ, ବାଡ଼ବ-ଅନଳ
ଏ ଆଦି ବିବିଧ ନାମେ ପ୍ରସିଦ୍ଧ ଜଗତେ
ଯଥା ମୂର୍ତ୍ତି, କୁରୁବର୍ଷେ, ପାଞ୍ଚାଳେ, ଅବଧେ(୧)
କାଶ୍ମୀରେ, ନେପାଳେ, ପୁଣି ମଗଧେ, ମିଥିଳେ
ଅଙ୍ଗେ, ବଙ୍ଗେ, ଉଡ୍ରେ, ପୁଣି କଳିଙ୍ଗେ, ଦ୍ରାବିଡ଼େ
କର୍ଣ୍ଣାଟେ କେରଳେ, ପାଣ୍ଡ୍ୟେ ମହାରାଷ୍ଟ୍ରେ ଗୌଳେ
ବିଦର୍ଭେ, ନୈଷଧେ, ମତ୍ସ୍ୟେ, ତ୍ରିଗର୍ତ୍ତେ, ଗୁର୍ଜ୍ଜରେ
ଗାନ୍ଧାରାଦି କରି ସିନ୍ଧୁ-ମାତୃକ ପ୍ରଦେଶେ (୨)
ନିବସନ୍ତି କୁରୁବର୍ଯ୍ୟ ! ଆର୍ଯ୍ୟସୁତ ଯେତେ (୩)
ଆଖ୍ୟାରେ ପୃଥକ, ମାତ୍ର ରକ୍ତେ ସର୍ବେ ଏକ।
ଈର୍ଷାର କୁହୁକେ, ଆହା, ପାସୋରି ଏ କଥା
ଆର୍ଯ୍ୟରକ୍ତସ୍ରୋତେ ଆର୍ଯ୍ୟେ ପ୍ଲାବିବେ ଅବନୀ
କଳିର ଆତ୍ମହା-ନୀତ ନୀତିନକ ହୋଇ (୪)
ଫଣିନୀର ଶିରୋମଣି କାଢ଼ି ନେବାପାଇଁ
ନ ଲୋଡ଼ିବେ କେ ? ମାତ୍ର ତାର ବିଷଦନ୍ତ କେନି
କୃତାନ୍ତର ଦୂତ ମଣି କର ପଶିବାକୁ
ଭରସିପାରେକ କେହୁ ? ରାଜନ୍ୟବ୍ରାହ୍ମଣେ (୫)
ଭୂତଳେ ଅତୁଳରୂପରତନକୁନ୍ତଳା—
ଭାରତ-ଭୁଜଙ୍ଗୀର ଏ ଥିଲେ ସିନା ବେନି
ବିଷଦନ୍ତ, ସର୍ବ ଅଗ୍ରେ ଭାଙ୍ଗିବ ତା କଳି,
ନିର୍ବିଷ ଭାରତେ ଦେଖି, ଆସିବେ ଦଳତ
ଦୁଷ୍ଟ ବୈଦେଶିକଦଳ ଶିରୋମଣି ଲୋଭେ
ପଲେ ପଲେ, ଶସ୍ୟକ୍ଷେତ୍ରେ ଶଲଭ ଯେପର
ଭାଗ୍ୟେ ଯାବତ ବୀର ! ମୋ ନେତ୍ର ଅଗ୍ରରେ
ପାରେ କି ପରଶି କେହୁ ? ହେଲେ ତା ନିର୍ବାଣ
ଅବଜ୍ଞାରେ ଲୋକେ ତାହା ଦଳନ୍ତି ଚରଣେ
ନିର୍ଜୀବର ତେଜପୁଞ୍ଜ ଲଭିଲେ ସେରୂପେ
ଏ ଆର୍ଯ୍ୟସମାଜ ତଥା ଦଳି ବୈଦେଶିକେ
ଅକ୍ଷମ ଭାରତ ରୂପବତୀ ନାରୀ ପରି,
ନିଯୋଜିବେ ନିଜଭୋଗେ ଭାରତ-ଅବନୀ,
ଶକ୍ତିରେ ସିଂହାର ଯାହା ଶକ୍ତି ଗଲେ ଗୁଣ (୬)
ପାର୍ଥ ! ସେ ସିଂହାର ହୁଏ ଅନର୍ଥର ହେତୁ(୭)
ଅନର୍ଥର ହେତୁ ତେଣୁ ହେବ କଳିଯୁଗେ
ଭାରତଭୂମିର ଏହି ଅନୁପମ ଶୋଭା ।”
ବୋଇଲେ ପାଣ୍ଡବମଣି ଆର୍ଯ୍ୟଶିରୋମଣି
ଭାବି ଆର୍ଯ୍ୟ ଦୁଃଖେ ଦୁଃଖୀ, “ହେ ଦେବ ଭାରତେ
ବିଶାଳ ଭାରତେ ଆହା ଜଣେ ହୋଇକେହି
ଜନ୍ମିବ ନାହିଁ କି କେବେ ଉଦ୍ଧରିବାପାଇଁ
ଆର୍ଯ୍ୟଙ୍କର ପୁରାତନ ଲୁପ୍ତ ଗଉରବ ?
ବ୍ରାହ୍ମଣେ ଏ ଦୁଷ୍ଟ ସ୍ଵା-ପ୍ରତିହିଂସାବ୍ରତେ
କେହି କି ନୋହିବେ ବ୍ରତୀ? କେହି କି ନୋହିବେ
ଶକ୍ତ ଭାଙ୍ଗିବାକୁ ସେହି ସ୍ଵାର୍ଥର ଶିକୁଳି,
ଶାସ୍ତ୍ରାଖ୍ୟ ଯେ ଅଶାସ୍ତ୍ରର ଅବୈଧ ବଧିକ ?
ସାମ୍ୟ ଐକ୍ୟ ବୀଜମନ୍ତ୍ରେ ଜୀବନ୍ୟାସ ଦେଇ
ମୃତ ଆର୍ଯ୍ୟସନ୍ତତିଙ୍କ ପୁନରୁଜ୍ଜୀବିତ
କରିବାକୁ କେହୁ କି ହେ ନୋହିବେ ପ୍ରୟାସୀ
ବୀରସୂପ୍ରସୂ, ଆହା, ଏ ମହୀ କି ଆଉ
ପ୍ରସବିବେ ନାହିଁ କେବେ କୁମର ସେଭଳି ?”
ତହୁଁ ଦେବ ହବ୍ୟବାହ, “ଏ ଭାରତଖଣି (୮)
ପ୍ରସବିବ କଳିଯୁଗେ ଅଙ୍ଗାର କେବଳ,
ବହୁଶତ ବର୍ଷ ଗତ ହେଲେ ଏହିରୂପେ,
ଯଥାକାଳେ ତାହାରି ସେଖଣି-ଗରଭୁ
ମହାମଣି, ଯାର ଦିବ୍ୟଜ୍ୟୋତିର ଝଟକେ

(୧) ଅବଧ—ଅଯୋଧ୍ୟା । (୨) ଗାନ୍ଧାର-କାନ୍ଦାହାର । ବର୍ଣ୍ଣିତ କାଳରେ ଏ ଅଞ୍ଚଳ ଆର୍ଯ୍ୟ ଭୂମିର ଅଂଶ ଥିଲା । (୩) କୁରୁବର୍ଯ୍ୟ—କୁରୁଶ୍ରେଷ୍ଠ, ସମ୍ବୋଧନ ପଦ । (୪) ଆତ୍ମହାନୀତ—ଯେଉଁ ନୀତିରେ ନିଜର ସର୍ବନାଶ ହୁଏ । (୫) ରାଜନ୍ୟ—କ୍ଷତ୍ରିୟ । (୬) ସିଂହାର—ଅଳଙ୍କାର, ଭୂଷଣ । (୭) ପାର୍ଥ—ପୃଥାପୁତ୍ର ଯୁଧିଷ୍ଠିର, ସମ୍ବୋଧନ ପଦ । (୮) ତହୁଁ ଦେବ ହବ୍ୟବାହ—କହିଲେ ଏହି କ୍ରିୟାପଦ ଏଠାରେ ଉହ୍ୟ ଅଛି ।

ମୀନପ୍ରଭ ହୋଇଯିବ ନଭେ କାବ୍ୟତାରା
ଗୋଧୂଳିର ମଥାମଣି, ଅଥବା କୌସ୍ତୁଭ
ବିଶ୍ୱଲୀଳାଦରପଣ ବିଶ୍ୱମ୍ଭର-ହୃଦେ,
ଅଭ୍ରଭେଦୀ-ହିମଗିରି ପାଦେ ଶୁଭକ୍ଷଣେ (୧)
ଜନମିବେ ଶାକ୍ୟସିଂହ ଧର୍ମବିଗ୍ରହୀ
ଦେବଅଂଶେ,ରାଜବଂଶେ ରଜୋରିକ୍ତମନାଃ (୨)
କାମଜୟୀ, କାମଜୟୀ ଯଥା ଉମାପତି,
ମୁକ୍ତିକାମକାର ହେମ-ସିଂହାସନ ତେଜି, (୩)
ସଂସାରମମତା-ପାଶ ଛେଦି ଜ୍ଞାନବଳେ,
ମହାଜ୍ଞାନୀ, ଭାରତର ଅଜ୍ଞାନ ଅନ୍ଧାରେ
ଜାଳିବେ ଜ୍ଞାନ-ଦୀପ, ଯାର ଜ୍ୟୋତିଃପ୍ରଭା
ବିଶ୍ୱତମଃସ୍ତୋମ-ମହାଦାବାନଳରୂପେ (୪)
ଆଲୋକିବ ଲୋକମନ ଦେଶଦେଶାନ୍ତରେ,
କି ଉଦୀଚୀ ହୈମବତୀ ସପ୍ତର୍ଷିଶବଳା, (୫)
ପ୍ରାଚୀ ତ୍ୱିଷାମ୍ପତି-ଦ୍ୟୁତି-ଉଷା-ସହଚରୀ,
କିଅବା ଅବାଚୀ ସ୍ନିଗ୍ଧମଳୟ-ସୌରଭା, (୬)
ପ୍ରତୀଚୀ କୁଙ୍କୁମାରୁଣା ବରୁଣଲାଞ୍ଛିନା, (୭)
ସବୁଦିଗେ ଏହି ଜ୍ୟୋତିଃ ବ୍ୟାପି କ୍ରମେକ୍ରମେ
ଶୋଭିବ ଦିଗଙ୍ଗନା-ଅବତଂସରୂପେ, (୮)
କି ଶୈଳ କି ପାରାବାର, ନ ପାରିବେ କେହି
ରୋଧିବାକୁ ଏ ଜ୍ୟୋତିର ଦୁର୍ନିବାରଗତି,
ଅଗସ୍ତ୍ୟର ଜ୍ୟୋତି ହୃଦେ ଧରି ଭାଦ୍ରପଦେ(୯)
ନିର୍ମଳେ ବହଇ ବାରି ଭବତଳେ ଯଥା,
ସେହିରୂପେ ଏ ଜ୍ୟୋତିର ପାବନପରଶେ
ଭାରତୁ କଳୁଷରାଶି ଯିବ ଅପସରି,
ସାମ୍ୟ-ମୈତ୍ରୀ ମହାମନ୍ତ୍ର ହୋଇଣ ଘୋଷିତ,
ଭେଦମତି ପରସ୍ପର ସଂହତି-ବନ୍ଧନେ (୧୦)
ବାନ୍ଧିହେବେ ଆର୍ଯ୍ୟଭୂମେ ଆର୍ଯ୍ୟସୁତ ଯେତେ
ଶାକ୍ୟସିଂହଶିଷ୍ୟାଗ୍ରଣୀ ନୃପଶିରୋମଣି
ଜନ୍ମିବେ ଅଶୋକ-ନାମେ ନୃପ ମହାତେଜାଃ
ପୁଷ୍ପପୁରେ, ପୂତନୀରାସୁରଧୁନୀତୀରେ, (୧୧)
ଅନନ୍ତ-ରତନ-ପ୍ରସୂ ହିମାଚଳଠାରୁ
ମୁକ୍ତାପ୍ରସ୍ର ତାମ୍ରପର୍ଣ୍ଣୀ ଯାଏ ଦେଶେଦେଶେ(୧୨
ଉଡ଼ିବ ତାଙ୍କର ଜୈତ୍ରକେତନ ସଗର୍ବେ,(୧୩
ସ୍ଥାନେ ସ୍ଥାନେ ଶୈଳ-ଗାତ୍ରେ ଅକ୍ଷୟ ଅକ୍ଷରେ
ଶୋଭିବ ଏ ନବସାକ୍ଷୀ କଳୁଷନାଶିନୀ
ଅଶୋକର ଅନଶ୍ୱର ଯଶୋଲିପିରୂପେ,(୧୪
ବରବାଜିପ୍ରସୂତ ପାରସ୍ୟମଣ୍ଡଳେ, (୧୫)

(୧) ହିମାଳୟର ପାଦଦେଶବର୍ତ୍ତୀ କପିଳବାସ୍ତୁ ନଗରରେ ବୁଦ୍ଧଦେବ ଜନ୍ମଗ୍ରହଣ କରିଥିଲେ । (୨) ରଜୋରିକ୍ତମନାଃ—ରଜୋଗୁଣରୁ ମୁକ୍ତ । (୩) ବୁଦ୍ଧଦେବ ରାଜସିଂହାସନ ପରିତ୍ୟାଗ କରି ଧର୍ମାଲୋଚନା ଏବଂ ଧର୍ମପ୍ରଚାରର ନିମନ୍ତେ ସନ୍ନ୍ୟାସଧର୍ମ ଗ୍ରହଣ କରିଥିଲେ । (୪) ଜଗତର ଅଜ୍ଞାନରୂପ ମହାରଣ୍ୟର ଦାବାନଳ ସ୍ୱରୂପ । (୫) ଉଦୀଚୀ—ଉତ୍ତର ଦିଗ । ଶବଳ—ଚିତ୍ର ବିଚିତ୍ର । (୬) ଅବାଚୀ—ଦକ୍ଷିଣ ଦିଗ । (୭) ପ୍ରତୀଚୀ—ପଶ୍ଚିମଦିଗ । ସୂର୍ଯ୍ୟାସ୍ତ ରାଗରଞ୍ଜିତ ହେବାରୁ କୁଙ୍କୁମାରୁଣା, ବରୁଣଦ୍ୱାରା ଅଧିଷ୍ଠିତ ହେବାରୁ ବରୁଣଲାଞ୍ଛିନା । (୮) ଦିଗ୍‌ବଧୂମାନଙ୍କର କର୍ଣ୍ଣପୂରସ୍ୱରୂପ । (୯) ଶରତ-କାଳରେ ଦକ୍ଷିଣାକାଶରେ ଅଗସ୍ତ୍ୟ ତାରାର ଉଦୟ ହୁଏ । ଅଗସ୍ତ୍ୟଙ୍କ ଉଦୟରେ କଳୁଷିତ ଜଳ ନିର୍ମଳ ହେବାର କିମ୍ବଦନ୍ତୀ ଅଛି । (୧୦) ସଂହତିବନ୍ଧନେ—ଏକତା ବନ୍ଧନରେ । (୧୧) ପୁଷ୍ପପୁର (ଆଧୁନିକ ପାଟଣା) ଅଶୋକ ନୃପତିଙ୍କର ରାଜଧାନୀ ଥିଲା । ପୁଷ୍ପପୁରର ଅନ୍ୟନାମ ପାଟଳିପୁତ୍ର । (୧୨) ତାମ୍ରପର୍ଣ୍ଣୀ—ସେତୁବନ୍ଧ ରାମେଶ୍ୱର ଅନତିଦୂରବର୍ତ୍ତିନୀ ସ୍ୱନାମପ୍ରସିଦ୍ଧ ନଦୀ । ଏହି ନଦୀର ସମୁଦ୍ରସଙ୍ଗମ ସ୍ଥଳରୁ ମୁକ୍ତାଶକ୍ତି ଉତ୍ତୋଳିତ ହେଉଥିଲା । (୧୩) ଜୈତ୍ରକେତନ—ଜୟଶୀଳ ପତାକା । ଅଶୋକ ସମଗ୍ର ଭାରତବର୍ଷର ସମ୍ରାଟ ଥିଲେ । (୧୪) ଭାରତବର୍ଷର ନାନାପ୍ରଦେଶରେ ପର୍ବତଦେହରେ ଅଶୋକଙ୍କର ଶାସନ ଅଦ୍ୟାପି ଦେଦୀପ୍ୟମାନ । ଓଡ଼ିଶାରେ ପୁରୀ ଧଉଳି ପର୍ବତରେ ଅଶୋକଙ୍କର ଶାସନ ଅଙ୍କିତ ହୋଇଅଛି । (୧୫) ପ୍ରାଚୀନ କାଳରେ ପାରସ୍ୟ ଦେଶ ଉତ୍କୃଷ୍ଟ ଘୋଟକ ନିମନ୍ତେ ପ୍ରସିଦ୍ଧ ଥିଲା ।

ଶ୍ୱେତଗଜ-ନିସେବିତ ନୀଳଇରାବତୀ - (୧)
ଧୌତବସ୍ତ୍ରେ,ବର୍ଣ୍ଣୋଜ୍ଜ୍ୱଳଚେଲ ପ୍ରସୂଚୀନେ ୧
କିଂପୁରୁଷେବର୍ଷେ (ଯହିଁ ମାନସ-ଦର୍ପଣେ
ହରଶୈଳ ହେଟର ନିଜ ଭୀଷଣମୂରତି (୩)
ହରିବର୍ଷେ ଯହିଁ ଦ୍ରୁମବର୍ଷିଣୀ ଉଦୀଚୀ
ମଣ୍ଡେ ନିଜଭାଲ ଚିତ୍ରଜ୍ୟୋତି ସ୍ତୂପପୁଞ୍ଜେ,(୪
ନୀଲରତ୍ନାକର ବକ୍ଷେ ଶଦକରୂପିଣୀ
ସାଗରସମ୍ଭବା-ଲଙ୍କା-ଶ୍ୟାମଳଉରସେ (୫)
ପ୍ରାଚୀଦ୍ୱୀପପୁଞ୍ଜେ ଯହିଁ ସୌରଭ ଗ୍ରେଁରାଇ (୬
ମଞ୍ଜୁଳ ପ୍ରଫୁଲ୍ଲ ଏଳା-ଲବଙ୍ଗ-କୁଞ୍ଜରୁ
ଚାରିଧାର-ବକ୍ଷେ ବକ୍ଷେ ସ୍ନିଗ୍ଧ ଗନ୍ଧବହ,
ନାବିକହୃଦୟେ ଗୃହସ୍ମୃତି ଉପୁଜାଇ
ଶୋଭିତ ସଂସାରାର୍ଣ୍ଣବ-ଦୀପସ୍ତମ୍ଭ ପ୍ରାୟେ (୭)
ଭାରତୁଁ ବିକୀର୍ଣ୍ଣ ହୋଇ ତୋ ଧର୍ମଜ୍ୟୋତି;
ମାତ୍ର ଲଭିଥିବ ଏହା ଅଚିରେ ଭାରତେ,
ଜରାଜୀର୍ଣ୍ଣ ଦେଉଳରେ ତାମସଗରଭେ
ସଂସ୍କାର ସକାଶେ ଯେବେ ଜାଳଇ ସ୍ଥପତି
ଦୀପୁଡ଼ି, ତା ଶିଖା ଯେବେନ୍ତେ ଦିଅନ୍ତି ଲିଭାଇ
ଡେଣା ବାଡ଼ି ଚିରତମଃସଂଗୃହୀ ଚମଣି,
ପଲ ପଲ ବାହାରି ସେ ଦେଉଳସନ୍ଧିରୁ; (୮)

ସେହିରୂପେ ଏହି ଜ୍ଞାନ ପ୍ରଦୀପର ଶିଖା
ଲିଭାଇଦେବେ କିଟିବେବେଗେ ସ୍ୱାର୍ଥାନ୍ଧଦ୍ୱିଜାତି (୯)
ଅଜ୍ଞାନେ-ତମିସ୍ରାଚ୍ଛନ୍ନ ଭାରତମଣ୍ଡଳେ,
ଆଦିତ୍ୟପ୍ରତିମତେଜାଃ, ଅରାତିବିଜୟୀ
ବୀରେନ୍ଦ୍ର ବିକ୍ରମାଦିତ୍ୟ ଉଜ୍ଜୟିନୀପତି (୧୦)
ଦ୍ୱିଜାତିର ପକ୍ଷ ହୋଇ, ପ୍ରଚଣ୍ଡ ବିକ୍ରମେ
ଆକ୍ରମିଲେ ଶାକ୍ୟସିଂହଶିଷ୍ୟ ରାଜଦଳେ,
ପ୍ରବଳ ମାରୁତେ ଆହା ତୂଳରାଶି ଯଥା,
ପ୍ରତାପେ ତାଙ୍କର ସର୍ବେ ଛିନ୍ନଭିନ୍ନ ହୋଇ
ତେଜିବେ ଏ ଭୂମି, ଜନ୍ମା ନବଧର୍ମ ମତ ;
ନିଜ ଦଣ୍ଡ ପ୍ରତିଷ୍ଠିତ କରିବ ଉଲ୍ଲାସେ
ପୁଣି ଦଣ୍ଡଧର କଳି, ଏ ସୁଯୋଗ ପାଇ;
ଥିଲା ଯେ ଜନମିରେ ପୁଣି ବୁଢ଼ବ ଭାରତ
ସେ ଜନମିରେ, ସତ୍ୟଧର୍ମ ହୋଇ ଅସ୍ତମିତ,
ଦୀପରୂପେ ଥିବ ମାତ୍ର ଏ ଘୋରପ୍ଲାବନେ
କେବଳ ଗୋଟିଏ ସ୍ଥଳୀ ସମଗ୍ର ଭାରତେ,
ଧନ୍ୟରେ ଉତ୍କଳ ଭୂମି, ଏ ଘୋର ଅନ୍ଧାରେ
ତୁମ୍ଭେ ସେ ରଖିବୁ ଦିବା ପୋଷି ସ୍ନେହଦାନେ
ଗୁପତେ ଏ ଧର୍ମ ଦୀପ ନୀଳାଦ୍ରି କନ୍ଦରେ(୧୧
ପୁଣ୍ୟଧାମ ! ଅସ୍ତଗରେ କମଳିନୀ-ସଖା,

---

ଇରାବତୀ ବ୍ରହ୍ମଦେଶରେ ପ୍ରଧାନ ନଦୀ । ଇରାବତୀ ଉପତ୍ୟକାରେ ଶ୍ୱେତହସ୍ତୀ ଦେଖାଯାନ୍ତି । (୨) ପ୍ରାଚୀନ କାଳରେ ଚୀନାର କୌଶେୟ ବସ୍ତ୍ର । (ଚୀନାଂଶୁକ) ଭାରତବର୍ଷରେ ଆଦୃତ ହେଉଥିଲା । (୩) କିଂପୁରୁଷବର୍ଷ—ତିବ୍ବତ, ହରଶୈଳ—ମାନସରୋବର ସନ୍ନିହିତ କୈଳାସଗିରି । (୪) ହରିବର୍ଷ — ସାଇବେରିଆ ଦେଶ । ଏହି ଦେଶର ଉତ୍ତରାକାଶ ବିବିଧବର୍ଣ୍ଣ ଜ୍ୟୋତିଃପୁଞ୍ଜରେ ଶୋଭିତ । ବୌଦ୍ଧ ପରିବ୍ରାଜକମାନେ ସାଇବେରିଆ ଯାଏ ନିଜ ଧର୍ମ ପ୍ରଚାର କରିଥିଲେ । (୫) ସିଂହଳ ଦ୍ୱୀପ ଅତି ସୁନ୍ଦର । ବନ ଏବଂ ଉପବନରେ ସର୍ବଦା ହରିତାଭମାନ । (୬) ପ୍ରାଚୀଦ୍ୱୀପପୁଞ୍ଜ — ଯବ ସୁମାତ୍ରା ପ୍ରଭୃତି ଦ୍ୱୀପ । (୭) ଧର୍ମଭବାର୍ଣ୍ଣବର ଦୀପ ସ୍ତମ୍ଭପରି । ଦୀପସ୍ତମ୍ଭ ଯୋଗୁଁ ନାବିକମାନେ ନିରାପଦରେ ସମୁଦ୍ର ପଥରେ ବିଚରଣ କରନ୍ତି । ଜୀବନ ପଥରେ ଧର୍ମ ସେହିପରି । (୮) ପ୍ରାଚୀନ ଏବଂ ଜୀର୍ଣ୍ଣ ଦେଉଳ ସଂସ୍କାର ସମୟରେ ଅସଂଖ୍ୟ ଚମଣି ଦେଉଳସନ୍ଧିରୁ ବାହାରି ସ୍ଥପତିମାନଙ୍କର ପ୍ରଦୀପ ଲିଭାଇ ଦିଅନ୍ତି, ଯେ ହେତୁ ଆଲୋକ ସେମାନଙ୍କର ଅସହ୍ୟ । ପୁରୀର ବଡ଼ଦେଉଳରେ ଏହା ଘଟିଥିଲା (୯) ସ୍ୱାର୍ଥାନ୍ଧ ବ୍ରାହ୍ମଣମାନେ ବୌଦ୍ଧଧର୍ମରୂପପ୍ରଦୀପ ଲିଭାଇଦେବେ । (୧୦) ସୁପ୍ରସିଦ୍ଧନାମା ବିକ୍ରମାଦିତ୍ୟ ବୌଦ୍ଧମାନଙ୍କର ଉଚ୍ଛେଦ ସାଧନରେ ବ୍ରତୀ ହୋଇ ଥିବାର କିମ୍ବଦନ୍ତୀ ଅଛି । (୧୧) କେବଳ ଓଡ଼ିଶାରେ ବିଶେଷତଃ ଶ୍ରୀକ୍ଷେତ୍ରରେ ବୌଦ୍ଧଧର୍ମ ବହୁକାଳସ୍ଥାୟୀ ହୋଇ ପଛକୁ ରୂପାନ୍ତରିତ ହୋଇ ଯାଇଥିବାର କଥା ପ୍ରାତ୍ନିକମାନଙ୍କର ଗବେଷଣାଦ୍ୱାରା ସ୍ୱୀକୃତ ହୋଇଅଛି ।

ରଖିଲ ମୋ ଶିଖା ଯଥା ଆଦରେ ସମ୍ପାଦି
ପ୍ରଖର ସାବିତ୍ର ଜ୍ୟୋତିଃ ତମିସ୍ରା-ତମସେ,(୧)
ଅଞ୍ଜନ-ଅନ୍ଧାରେ ଆହା, ହେବେ ଅନ୍ଧୀଭୂତ
ପୁଣି ଅଳ୍ପଦିନେ ଆର୍ଯ୍ୟେ, ସ୍ୱାର୍ଥାନ୍ଧ ହୋଇଣ
ଭିଡ଼ିବେ ସୁହୃଦେ ପୁଣି ସ୍ୱାର୍ଥର ସାଙ୍କୋଳି
ଭାରତର ଗଳଦେଶେ, ବଜ୍ରଗ୍ରନ୍ଥି ଦେଇ ;
ଔଷଧେ ଶମିତ ବ୍ୟାଧି ଛିଦ୍ର ପାଇ ଯଥା
ଆକ୍ରମଇ ରୋଗିଦେହ ଦ୍ୱିଗୁଣ ବିକ୍ରମେ,
ଲଭିବ ଭାରତ ପୁଣି ଦାରୁଣ ଦୁର୍ଗତି,
ପାପେର ପୁରସ୍କାର-ମହିମା ପ୍ରଭାବେ
ମୃତଜଡ଼ପିଣ୍ଡବତ ହେବେ ଅଳ୍ପଦିନେ
ନିରୁତ୍ସାହ, ନିରୁଦ୍ୟମ, ଦେବପରାଙ୍ମୁଖ,
ପୁଣି ଛିନ୍ନ ଭିନ୍ନ ହୋଇ ପରସ୍ପରେ ଦ୍ୱେଷୀ
ହେବେ ଆର୍ଯ୍ୟାବର୍ତ୍ତବାସୀ, ଆର୍ଯ୍ୟଧ୍ୱଂସଲାଗି
ଯବନଙ୍କୁ ଆହ୍ୱାନିବେ ସ୍ୱେଚ୍ଛା ଆର୍ଯ୍ୟେ ପୁଣି
କୁଲ୍ୟା ଖୋଳି ନଦକୁଳେ ଆହ୍ୱାନିଲ ପରି,
କୁଠାରେ ଲଗନ ହୋଇ ବେଣ୍ଟରୂପେ ଯଥା
ନାଶେ ତରୁ ବନଦେଶେ ଅନ୍ୟ ତରୁ ଦଳେ,
ଯବନ ସଙ୍ଗରେ ମିଶି ଆର୍ଯ୍ୟକୁଳାଙ୍ଗାରେ (୨)
ହାଣିବେ ଆର୍ଯ୍ୟଙ୍କୁ ଆହା, ଏହି ଆର୍ଯ୍ୟଭୂମେ ,
ନଭେ ଏହି ତାରପୁଞ୍ଜ ପ୍ରାୟେ ଠାବେ ଠାବେ
ଭୂଶି ହୋଇସିବେ ଦେଶେ ଅସଂଖ୍ୟ ଯବନେ
ଆତ୍ମହା ନିଜର ଦାସ, ପରକୁ ଦେଖାଇ
ଆତ୍ମଛିଦ୍ର, ସେ ପାପର ପ୍ରାୟଶ୍ଚିତ୍ତରୂପେ
ସ୍ୱଶୋଣିତେ ଆର୍ଯ୍ୟେ ଧରା କରିବେ ଉର୍ବରା
ହିମାଦ୍ରିଠୁ କୁମାରୀର ତାଳୀବନଯାଏ (୩)
ହିମାଦ୍ରି ନିଷ୍ୟନ୍ଦ-ନୀରେ ପୁଷ୍ଟ ଯାର ବପୁ,
ପଞ୍ଚ ମହା ସ୍ରୋତସ୍ୱତୀ ବାରି-କର ଦେଇ
ପୂଜାରୂପେ ନିରନ୍ତର ଯାଚନ୍ତି ଯା ପଦେ,
ସ୍ୱର୍ଗତୁଲ୍ୟ ଭାରତର ନିସର୍ଗ ପରିଖା
ଲଙ୍ଘି ନରପତି ସିନ୍ଧୁ, ପଶିବେ ଏ ଦେଶେ
ଶୃଙ୍ଖଳ ଯବନକୁଳ, ଗୋଗୋଷ୍ଠେ ଯେସନେ
ପଶନ୍ତି ଶ୍ୱାପଦେ ଗୋଷ୍ଠକୁଳ ଅତିକ୍ରମି,
ଶ୍ୱାପଦ ପରାୟେ ସର୍ବେ ମାଂସାଶୀ ନିରତେ,
ଶ୍ୱାପଦପରାୟେ ତେଣୁ ନୃଶଂସ, କ୍ରୋଧନ,
ଅକ୍ଷମାସର୍ବସ୍ୱ, ଗ୍ରାମ୍ୟସୁଖପକ୍ଷପାତୀ
କୂଟଯୁଦ୍ଧେ ରତ, କୂଟ ରାଜ୍ୟତନ୍ତ୍ରେ ପଟୁ,
ଧର୍ମବ୍ୟପଦେଶେ ଆସି ଲୁଟିବେ ଭାରତ
ଏ ଜାତି, ଭାଙ୍ଗିବେ ହଠେ ଦେଉଳ-ବିଗ୍ରହ,
ଦୂଷିବେ ପବିତ୍ର ତୀର୍ଥ ଅମେଧ୍ୟ ନିକ୍ଷେପି,
ଦହିବେ ଅଶେଷ ଶାସ୍ତ୍ର ଆର୍ଯ୍ୟଜ୍ଞାନନିଧି,
ଲୋଭେ କାମେ ମତ୍ତ ହୋଇ ହରିବେ ସବଳେ
ଭୂପତିର ଶିରୋଭୂଷା ମହାର୍ଘ ମୁକୁଟ,
ସତୀର ମହାର୍ଘତର ସତୀତ୍ୱ-ଭୂଷଣ,
ପତିଙ୍କି ଅକ୍ଷମ ଦେଖି ସତୀତ୍ୱରକ୍ଷଣେ
ହାସେ ଲକ୍ଷ ଲକ୍ଷ ଆର୍ଯ୍ୟକୁଳ-କମଳିନୀ
ଜ୍ୱଳନ୍ତ ଶିଖାରେ ମୋର ଅର୍ପିବେ ସ୍ୱବପୁ
ପ୍ରାଣାଧିକ ମାନରକ୍ଷା ଲାଗି ମନସ୍ୱିନୀ,
'ସ୍ୱଧର୍ମେ ନିଧନ ଶ୍ରେୟଃ' ପାସୋରି ଏ କଥା
କେତେ ଆର୍ଯ୍ୟ ନରନାରୀ ନିର୍ଯ୍ୟାତନ ଭୟେ
ଗ୍ରହିବେ ଯବନଦୀକ୍ଷା ଆର୍ଯ୍ୟ-ଧର୍ମ ତେଜି;

× × ×

ସଂହତିରେ ଜଳାଞ୍ଜଳି ଦେଇ ଏହି ଜାତି
ପରମୁଖପେକ୍ଷୀ ହୋଇ ରହିବେ ନିରତେ,
ଦାସତ୍ୱ ଅଭ୍ୟାସ ଫଳେ ସ୍ୱାଧୀତାର ବଧି
ମଣି ଉଦାସୀନ ସିନା ରହିବେ ସରବେ,
ହୀନସେବା ଶ୍ଳାଘ୍ୟ ମଣି, ଧର୍ମ ଆତ୍ମସ୍ନେହ
ନିଷ୍କ୍ରିୟ ରହିବେ ମୂଢ଼େ ଆତ୍ମସୁଖେ ରତ ;

(୧) ରାତ୍ରିକାଳରେ ସୂର୍ଯ୍ୟତେଜ ଅଗ୍ନିଠାରେ ନିହିତ ହେବାର ପ୍ରସିଦ୍ଧି ଅଛି । ସାବିତ୍ର—ସୂର୍ଯ୍ୟ-ସମ୍ବନ୍ଧୀୟ । ତାମିସ୍ରାତମସେ—ନୈଶ—ଅନ୍ଧକାରରେ । (୨) କାନ୍ୟକୁବ୍ଜପତି ଜୟଚନ୍ଦ୍ର ଏହି କୁଳାଙ୍ଗାରମାନଙ୍କର ଅଗ୍ରଣୀ ହୋଇଥିଲେ । (୩) ହିମାଳୟଠାରୁ କୁମାରିକାର ତାଳବନ ପର୍ଯ୍ୟନ୍ତ ଅର୍ଥାତ୍ ସମସ୍ତ ଭାରତବର୍ଷରେ ।

ମୂର୍ଚ୍ଛାକଳ୍ପ କୁଶାନ୍ତରେ ପ୍ରତାରିତ ହୋଇ
ନିଶ୍ଚିନ୍ତେ ରହିବେ ଶୋଇ,ଯେସନ୍ତେ ଧେନୁପଲ
ଶ୍ରାନ୍ତ, ଶୋଣିତ ଦେହୁ ଅଲକ୍ଷିତେ ଯେବେ
ଶୋଷଇ ଜମଣି, ମଶା ତଡ଼ ପକ୍ଷବାତେ ;
ତରୁରେ କୁସୁମ ସାର,କୁସୁମେ ତା ମଧୁ,
ସେ ମଧୁ ନ ଲଭେ ଯଥା ସେ ପୁଷ୍ପର କୀଟ
ସେହିରୂପେ ଆର୍ଯ୍ୟେ ହେବେ ବଞ୍ଚିତ ସ୍ବଦେଶେ
ତୁର୍କ ଆସି ମଧୁଲିଟ ଲୁଣ୍ଠନ୍ତି ଆହ୍ଲାଦେ
ସେ ମଧୁ ଯେସନେ,ଏହି ଧାତ୍ରୀ-ସାରଭୂତ
ଭାରତର ସାର ଯାହା,ଆସିବେ ସେ ସବୁ
ଯବନର ଉପଭୋଗ ଆର୍ଯ୍ୟ-କର୍ମଫଳେ
କାପୁରୁଷ ଆର୍ଯ୍ୟସୁତେ ଗ୍ରାମ୍ୟଶ୍ୱାନ ପରି
ଯୁଝିଥିବେ ପରସ୍ପରେ (ହର୍ଷେ ଉପଜାଇ
ଯବନର ) ଯବନର ଉଚ୍ଛିଷ୍ଟ-ଲାଳସେ,
ଜଇ ପ୍ରାୟେ ଭାରତକୁ ଉପରେ ଦୋହାଇ,
କ୍ରମେ ଅନ୍ତଃସାର ତାର ହରି ଅଲକ୍ଷିତେ,
ବୋଲାଇବେ ସର୍ବଗ୍ରାସୀ ଏ ଯବନେ ପୁଣି

ଭାରତଖଣ୍ଡର ଋଷି ପ୍ରେରିତ ପ୍ରହରୀ
ଭାରତ-ସୁରଭି କ୍ଷୀରୁଂ ହେବଟି ବଞ୍ଚିତ
ନିଜ ଦୋଷେ ଆର୍ଯ୍ୟବଂଶେ,ବହୁ ତୁର୍କ ଆସି
ଶୋଷିବେ ଭାରତଦେହୁଁ ଶୋଣିତ ନିରତେ
ଯବନ-ଜଳୌକାପୁଞ୍ଜ ଶୋଷଣ କୌଶଳେ,
ହିମାଦ୍ରିର ଦେବଦାରୁ-ନିକୁଞ୍ଜ ସଦନେ
ମଳୟେ ଚନ୍ଦନଦ୍ରୁମ ସ୍ନିଗ୍ଧଚ୍ଛାୟାତଳେ,
ଭାରତର ଦେବ ଦେବୀ ନିରଜନେ ବସି
ବର୍ଷିବେ ଅଶ୍ରୁ ଦେଖି ଆର୍ଯ୍ୟର ଦୁର୍ଗତି ।
କହିଲି ଘଟିବ ଯାହା, ବିସ୍ତାର ଏ କଥା
କହିବାକୁ ନାହିଁ ଆଜ ଅବସର ଏବେ,
ଯାମମାନ ପାହିବାକୁ ଅଛି ଅଳ୍ପବଶ,
ଦେଖ ଆସିଲେଣି ଏବେ ଧ୍ରୁବ-ମେରୁ ବୁଲି
ମେରୁନଭେ ସପ୍ତର୍ଷିର ସୁବର୍ଣ୍ଣ-ବେଙ୍ଗଲା (୧)
ଦିବ୍ୟାଞ୍ଜନ ଯୋଗେ ତୁମ୍ଭ ଦୃଷ୍ଟିକି ପ୍ରସାରି
ଦେଶେକାଳେ,ଭବିଷ୍ୟତ ଷେପେଦେଖାଇ(୨)
ଛାମୁରୁ ମେଲାଣି ଦେଇ ଯିବି କୁରୁମଣି !”

---

## ଷଷ୍ଠ ସର୍ଗ

ଦିବ୍ୟ ଅବଧାନେ ଆସୁ ଏ ଗୀତ ଶୁଣିବ
ହେ ରାଜେନ୍ଦ୍ର ମନ୍ଦ୍ରାନାଦ-ପ୍ରାକାରର ପତି,(୩)
ବାମଣ୍ଡାମଣ୍ଡଳେଶ୍ୱର ଉତ୍କଳମଣ୍ଡନ,
ତୁମ୍ଭ ଶୁଭ-ଆବିର୍ଭାବେ ହୋଇଛି ଉତ୍କଳେ
ଦେବଦୁର୍ଗ, ଦେବ,ଏବେ ତୀର୍ଥ ସାରସ୍ୱତ(୪)
ବୁଧହଂସ-କୋଳସରଃ ଅବିଦ୍ୟା-ଉଷରେ

ରଜତ-କାଞ୍ଚନମୁକ୍ତାମଣିରେ ଗଠିତ
ଧନମତ୍ତ ଭୂପଙ୍କର ଗଣ୍ଡିଧନକୁଳି
ତୁଚ୍ଛା ଅଳଙ୍କାରେ, ତୁମ୍ଭେ ପ୍ରୀତି ନ ବଳାଇ
ଅପ୍ରାକୃତ ଅଳଙ୍କାର ଖୋଜିଲ ଯତନେ,(୫)
ହେ ନୃପ-ସବିତା, ପଶି କବିତାଭଣ୍ଡାରେ
ସେ ଭଣ୍ଡାରୁ ବାଛି ବାଛି ସଜାଡ଼ କୌଶଳେ

---

(୧) ଉତ୍ତରାକାଶରେ ସପ୍ତର୍ଷି ଧ୍ରୁବଙ୍କୁ ପ୍ରଦକ୍ଷିଣ କରି ଅପର ପାର୍ଶ୍ୱକୁ ଆସିଲେଣି । ଧ୍ରୁବଙ୍କ ସହିତ ମେରୁର ଏବଂ ସପ୍ତର୍ଷିଙ୍କ ସହିତ ବେଙ୍ଗଲାର ଉପମା. ପ୍ରଥମ ମେରୁ ଶବ୍ଦର ଅର୍ଥ କେନ୍ଦ୍ର ସ୍ତମ୍ଭ, ଦ୍ୱିତୀୟ ମେରୁ ଶବ୍ଦର ଅର୍ଥ ଉତ୍ତରଦିଗ । ସପ୍ତର୍ଷିଙ୍କର ଧ୍ରୁବ-ପ୍ରଦକ୍ଷିଣ ରଜନୀର ଅବସାନ-ସୂଚକ । (୨) ଦେଶେ, କାଳେ—ଦୂରଦେଶ ପ୍ରତି ଏବଂ ଭବିଷ୍ୟତ୍‌କାଳ ପ୍ରତି । (୩) ବାମଣ୍ଡା ରାଜ୍ୟର ଅଧୀଶ୍ୱର ମହାରାଜ ଶ୍ରୀଯୁକ୍ତ ସୁଚଳଦେବଙ୍କ ପ୍ରତି ସମ୍ବୋଧନ । ପ୍ରୋକ୍ତ ପ୍ରପାତର ନାମ ପ୍ରଧାନପାଟ, ଏହା ବାମଣ୍ଡା ରାଜଧାନୀ ଦେବଗଡ଼ର ଅତି ନିକଟବର୍ତ୍ତୀ । ଏହାର ମନ୍ଦ୍ରନିନାଦ ସର୍ବଦା ଦେବଗଡ଼ରେ ଶ୍ରୁତ ହୁଏ । ଏହି ପ୍ରପାତ ଓଡ଼ିଶାର ଗୋଟିଏ ପ୍ରଧାନ ଦୃଶ୍ୟ । 'ପ୍ରଧାନ-ପାଟ' ନାମକ ଖଣ୍ଡିଏ ଅଭିନବ କାବ୍ୟରେ ଏହି ପ୍ରପାତର ସୁବିସ୍ତୃତ ବର୍ଣ୍ଣନା ହୋଇଅଛି । (୪) ଦେବଗଡ଼ ଉତ୍କଳସାହିତ୍ୟ ଚର୍ଚ୍ଚାର ଅନ୍ୟତର କେନ୍ଦ୍ର, ଉତ୍କଳରେ ସଂସ୍କୃତସାହିତ୍ୟ ଚର୍ଚ୍ଚାର ମଧ୍ୟ ସର୍ବପ୍ରଧାନ କେନ୍ଦ୍ର. (୫) ମହାରାଜ ସୁଚଳଦେବ ଓଡ଼ିଆ ଅଳଙ୍କାର ଗ୍ରନ୍ଥର ପ୍ରଥମ ପ୍ରଣେତା ।

ଦେଖାଇଲ ନବଭୂଷା ଉତ୍କଳ-ଗୁରୁକେ
ଦାନେ ଯାର ନାହିଁ କ୍ଷୟ, ନ ଲାଗଇ ଯହିଁ
କଳଙ୍କ, ତସ୍କର ଯାହା ନ ପାରଇ ହରି,
ଯା ଝଟକ କେବେ ଲବେ ନ ପାରଇ ମ୍ଳାନ
କରି କାଳ,ନଶ୍ୱରତ କାନ୍ତି-ନିକୃନ୍ତନେ ;(୧)
କେତେ ଯେ ବିଭବ ଅଛି ବାଗ୍‌ଦେବୀଭଣ୍ଡାରେ
ତା ସବୁ ଗୁଣୁରେ ଜଣା,ତୁମ୍ଭର ଭର୍ତ୍ସନା
ମୂର୍ଖ ଶ୍ଳାଘାଠାରୁ ଶ୍ଳାଘ୍ୟ ମଣେ ଶତଗୁଣେ (୨)
ଅମନ୍ଦିଲି କରଯୋଡ଼ି ଯୋଗ୍ୟ ଶ୍ରୋତାଜାଣି,
ଦୀପୁଁ ଜାତ ଦୀପ ପ୍ରାୟେ ତୁମର ଆତ୍ମଜ
ଶ୍ରୀସଚ୍ଚିଦାନନ୍ଦ ଦେବ କୁମାର ପ୍ରଥମ,(୩)
କୁମାର ସହିତ ଆସି ବାଗ୍‌ଦେବୀମଣ୍ଡପେ
କର ଅଧିଷ୍ଠାନ,ଦେବ ଶୁଣିବ ଏ କଥା
ପାବନୀ, ପାବନୀ ଯଥ ନତାପହାରିଣୀ
କଳୁଷନାଶିନୀ ତୁମ୍ଭ କୁଳ-ଅଧିଦେବୀ । (୪)
ଅଗ୍ନିଙ୍କ ବଚନ ଶୁଣି ଦୀର୍ଘଶ୍ୱାସ ତେଜି
ଚୂଷ୍ଟୀନ୍ଥାବ ଭଜ ରାଜା ରହିଲେ ବଷାଦେ
କିଛିକ୍ଷଣ, ତଦାର୍ପିତ ପ୍ରତିମା ଯେସନେ ;
ସିଙ୍ଗଡ଼ାତଟିନୀଧୌତ ଅଗାର ପ୍ରାନ୍ତରେ
ପ୍ରଭନ୍ତି ହୁଙ୍ଗୁଳାପୀଠେ ଜଳି ଉଠେ ଯଥା
ଆଚମ୍ବିତେ ବହ୍ନି ଶିଖା ନିଦାଘ ନିଶୀଥେ (୫)
ଅମ୍ବୁରେ ଉଠିଲା ଜଳ ସହ୍ୟଗିରିତଟେ
ବହ୍ନିଶିଖା ସେହିମତି,ସେ ଶିଖା ମଧ୍ୟରୁ

ବାହାରିଲେ ବନଭୂମି ପ୍ରଭାରେ ଉଭାସି
ହେମଆଜ୍ୟପାତ୍ରହସ୍ତେ ସ୍ୱାହା ମହାଦେବୀ(୬)
ଜ୍ୟୋତିର୍ମୟୀ,ଆହା,ଯଥା ମନ୍ମଥମର୍ଦ୍ଦିନୀ
ବାଳେନ୍ଦୁ ଶେଖରା, ନୀଳପ୍ରଳମ୍ବକୁନ୍ତଳା,
ଶମ୍ଭୁର ଉଜ୍ଜ୍ୱଳଶୂଳ ଧରି କରଭୁଜେ
ବାହାରିଲେ ବ୍ରହ୍ମକୁଣ୍ଡୁଁ ବିରଜାସୁନ୍ଦରୀ
ଦେବଯଜ୍ଞେ ପୂତନୀର ବୈତରଣୀ ତୀରେ (୭)
ଆଜ୍ୟପାତ୍ର ନିଜ ଦେବୀ ବୀତହୋତ୍ରକରେ(୮)
ବଢ଼ାଇଲ ବେଗେ ଗଲେ ଉଭେଇ ପଲକେ,
ସେଅନନ୍ତ ଭସ୍ମ ନେଇ ସେଆଜ୍ୟେମିଶାଇ
ରଚି ଦିବ୍ୟାଞ୍ଜନ ତହୁଁ ଦେବ ହବ୍ୟବାହ
ସୁଧିଷ୍ଠିର ପ୍ରତି ଚାହିଁ କହିଲେ ଏସନ
"ହେ ବୀର, ଯାବତ ମୋର ଅଧିଷ୍ଠାନ ଏଥି,
ଏ ଅଞ୍ଜନ ଯୋଗେ ତୁମ୍ଭ ଇହସୁ-ନୀଳରେ
ପ୍ରସରିବ ଦିବ୍ୟଶକ୍ତି,ଦେଖିବ ଭବିଷ୍ୟେ
ଦୃଶ୍ୟାବଳୀ, ଏବେ ଯାହା ନରନେତ୍ରାତୀତ,
ଭାରତର ଭାଗ୍ୟପଟ ଫେଟାଇବ ଆଜ
ଦେଶକାଳବ୍ୟବଧାନ-ଉନ୍ମୋଳନପଟୁ(୯)
ଏ ଅଞ୍ଜନ ତୁମ୍ଭ ଆଗେ ତୁମ୍ଭ ଇଚ୍ଛାମତେ,
ଏହି ସେ ଅଞ୍ଜନ,ଯାହା ଦ୍ୱୈପାୟନ ଋଷି
ଦେଇଥିଲେ ସଞ୍ଜୟଙ୍କୁ ଏ ଅଞ୍ଜନଯୋଗେ
ଦୂର କୁରୁକ୍ଷେତ୍ର ରଣ ଦେଖି ସ୍ୱନୟନେ ,
କହୁଥିଲେ ବାର୍ତ୍ତା ତୁମ୍ଭ ଜ୍ୟେଷ୍ଠତାତ ପଦେ

(୧) କାନ୍ତି ନିକୃନ୍ତନକାରୀ କାଳପ୍ରଭାବରେ ପ୍ରାକୃତ ଅଳଙ୍କାରର ପ୍ରଭା ମଳିନ ହୁଏ । ମାତ୍ର ଭାରତୀର ଅପ୍ରାକୃତ ଅଳଙ୍କାରର ପ୍ରଭା ଚିରଦେଦୀପ୍ୟମାନ । କାଳ ସେଥିର ପ୍ରଭା ମଳିନ କରି ନ ପାରେ । (୨) ମୂର୍ଖର ପ୍ରଶଂସା ଅପେକ୍ଷା ପଣ୍ଡିତର ଭର୍ତ୍ସନା ଶ୍ରେୟସ୍କର (୩) ବାମଣ୍ଡା ରାଜ୍ୟର ଯୁବରାଜ ଶ୍ରୀ ସଚ୍ଚିଦାନନ୍ଦ ଦେବ ଯୋଗ୍ୟ ପିତାର ଯୋଗ୍ୟ ପୁତ୍ର । କୁମାରପ୍ରଥମ କୁମାର–କାର୍ତ୍ତିକେୟ ପରି ପୁତ୍ର । (୪) ଗଙ୍ଗାଦେବୀ ବାମଣ୍ଡା ରାଜବଂଶର ଅଧିଷ୍ଠାତ୍ରୀ ଦେବତା । (୫) ହୁଙ୍ଗୁଳାପୀଠ—ତାଳଚେର ରାଜ୍ୟର ଅନ୍ତର୍ଗତ । ସିଙ୍ଗଡ଼ା ନଦୀ ଏହିଠାରେ ପ୍ରବାହିତ । କିମ୍ବଦନ୍ତୀ ଅଛି ଯେ ଏଠାରେ ଅକସ୍ମାତ ଅନଳର ଆବିର୍ଭାବ ହୋଇ ହୁଙ୍ଗୁଳାଦେବୀଙ୍କର ଅଧିଷ୍ଠାନ ହୁଏ । ଏ ଅଞ୍ଚଳରେ ପଥରକୋଇଲା ଖଣି ଅଛି । (୬) ସ୍ୱାହା—ଅନଳ ପତ୍ନୀ (୭) ଯାଜପୁରର ବିରଜାଦେବୀ ବର୍ଣ୍ଣିତ ବେଶରେ ଯଜ୍ଞାନଳରୁ ବାହାରିଥିବାର କଥା ବିରଜା 'ମାହାତ୍ମ୍ୟ'ରେ ଅନୁସନ୍ଧେୟ । (୮) ବୀତହୋତ୍ର—ଅଗ୍ନି । (ଦୂରଦେଶସ୍ଥିତ କିମ୍ବା ଭବିଷ୍ୟଦ୍‌ଗର୍ଭ ନିହିତ ବିଷୟକୁ ଯାହା ପ୍ରତ୍ୟକ୍ଷ କରାଏ ।

ହସ୍ତିନାପ୍ରାସାଦେ ବସି ଅଦୃଶ୍ୟଦରଶୀ, (୧)
କହ କି ଦେଖିବ ଆର, ଦେଖାଇ ଏକ୍ଷଣି
ଯେ ଦୃଶ୍ୟ,ଅନ୍ତର ହେବ ନ ପାରୁ ଶବଦ ।
କହିଲେ କୌନ୍ତେୟ,'ଦେବ,ଦେଖାଅ କିରୂପେ
ଯବନର କରଗତ ହେବ କାଳସ୍ରୋତେ
ହସ୍ତିନା-ନଗରୀଶ୍ୱରୀ, ବୀରପ୍ରସବିନୀ ;
ଦେଖାଅ କିରୂପେ ଆର୍ଯ୍ୟ-ହର୍ଯ୍ୟକ୍ଷର ଗୁହା
ଯବନ-ଜମ୍ବୁକ-ଦଳେ ହେବ ପରିଣତ ।"
ଉତ୍ତରିଲେ ଋଷି, "ବୀର, ବହୁଦିନ ପରେ
ନ ରହିବ ଗର୍ବେ ହୋଇ ବଳୀୟାନ ହସ୍ତିନା,
ଆର୍ଯ୍ୟରାଜଧାନୀ ହେବ ଇନ୍ଦ୍ରପ୍ରସ୍ଥପୁରେ
ସୁପ୍ରଥିତ ମର୍ତ୍ତ୍ୟେ ହୋଇ ଦିଲ୍ଲୀ ଅଭିଧାନେ ।"
ଏହା ବୋଲି ବସାଇଣ ପୂର୍ବୋତ୍ତର ମୁଖେ(୨)
ରାଜାଙ୍କୁ, ଉଚ୍ଚାରି ମନ୍ତ୍ର, ଦେବ ଋଷିବର
ଅଞ୍ଜନ ଲଗାଇ ଦେଲେ ତାଙ୍କର ନୟନେ,
ନବାମ୍ବୁ ଉତ୍ସବେ ଯଥା ବର୍ଷି କଣାଯୋଗେ,
ଦ୍ରଷ୍ଟୃବୃନ୍ଦେ ଚମକାଇ, ଭେଦେ ନୈଶ ତମଃ
ଆଗ୍ନେୟ ବାଣର ରଙ୍ଗ ସ୍ଫୁରେ ଆଚମ୍ବିତେ,
କିମ୍ବା ନୈଶସିନ୍ଧୁବାସୀ ନାବିକର ଆଗେ
ଝିକିସାଇ, ଉଠେ ଯଥା ଦିଗନ୍ତେ ଉଜ୍ଜ୍ୱଳ
ନୀଳ ଊର୍ମିମାଳା ଭେଦି ବାଡ଼ବାଗ୍ନି ଜ୍ୱାଳା,
ସ୍ଫୁରିଲ ସହସା ଅଗ୍ରେ ଶଙ୍ଖଗୃହ ଶୁଭ୍ର-
ତୋରଣା-ଶୋଭନା ଦିଲ୍ଲୀ ପତାକାମାଳିନୀ,
ମନୋମୋହକରୀ, ସୁଖସ୍ୱପନ ଯେପରି,
ତରୁଣ-ଅରୁଣ-ରାଗେ ଦିଶି ଝକଝକ
କାଞ୍ଚନ-କଳସ ଭୃଙ୍ଗ-ଦେବାଳୟ-ଚୂଡ଼େ
ଶାରଦସନ୍ଧ୍ୟାଭ୍ରପୁଞ୍ଜ ପ୍ରାୟେ ମହୋଜ୍ଜ୍ୱଳ ;
ସୁନ୍ଦର ଗୋପୁରବୃନ୍ଦ ଜଡ଼ିତ ରତନେ, (୩)
ନାନାବର୍ଣ୍ଣଶୋଭୀ ଶ୍ରେଣୀ ଶ୍ରେଣୀ ସ୍ତମ୍ଭାବଳୀ
ଅଳନ୍ଦେ, ଦ୍ୱିରଦ-ରଦ ଗବାକ୍ଷ-ଶୋଭିତ
ସ୍ଫଟିକ-ଜଗତୀ-ସୌଧେ ମନୋହର ଅତି,(୪)
ଉଦ୍ଭାସିଲେ ସମୁଜ୍ଜ୍ୱଳ ବିପଣି-ବୀଥିକା
ଅଗସ୍ତ୍ୟଶୋଷଣେ ପୁଷ୍ଟ ରତ୍ନାକରତଳ,
ଅବିରତ ମୋତିପ୍ରଭ ଶୀକରବର୍ଷୀ
ପ୍ରଧାନଘାଟର ପୂତପ୍ରପାତପ୍ରତମ (୫)
ଉତ୍ସମାଳେ କେଡ଼ା ଇନ୍ଦ୍ରନୀଳକ୍ରୀଡ଼ାଗିରି,
ନଭସ୍ପର୍ଶୀ କୀର୍ତ୍ତିସ୍ତମ୍ଭ, କୈଳାସ-ସଙ୍କାଶ
ପ୍ରାକାର, ସୁରମ୍ୟ ଚନ୍ଦ୍ରଲତା-ଗୃହାରାମେ,
ମଞ୍ଜୁଳ ପ୍ରବାଳେ, କଳି-ସୁମନ-ସମ୍ଭାରେ,
ଅଦୂରେ କାଳିନ୍ଦୀସ୍ରୋତେ ଧାଏଁ ଖରବେଗେ(୬
ଲୀଳାତରୀ, ରଙ୍ଗେ ତୋଳି ଧବଳପଟିକା (୭)
ହଂସାବଳୀ-କେଳିସ୍ମୃତି ଚିତ୍ତେ ଜନ୍ମାଇ,
ତୋରଣ-ସମ୍ମୁଖେ ମହାବିସ୍ତୃତ ପ୍ରାନ୍ତରେ
ରୁଣ୍ଡ ହୋଇଛନ୍ତି ଆଜି ଚଉଦିଗୁଁ ଆସି
ନାନାଜାତି ସେନା ନାନାବେଶଭୂଷାଧାରୀ,
ଗିରିପୃଷ୍ଠେ ବିଶାରଦ ଗିରି-ଦୁର୍ଗ ଜେତା
ଆସୁଛନ୍ତି ଅଜାମିଳେ ଦୀପ୍ତିମନ୍ତ ତେଜେ,(୮)
ଊର୍ଦ୍ଧ୍ୱେ ବିଶାଳଶୂଳ ଥୋଇ ସ୍କନ୍ଧଦେଶେ
ଧ ଢ଼ି ଧାଉଁ ଦୀପ୍ତ ଯେତେ ଫଣାଧରଫଣୀ,(୯
ଚକ୍ରାଙ୍କ କେତନବର ସମୀରେ ଉଡ଼ାଇ(୧୦)
ହସ୍ତେ ଚନ୍ଦ୍ର ଦେନ ଆସେ ଗୁର୍ଜରବାସିନୀ
ବୀର୍ଯ୍ୟବତୀ ଊର୍ଜ୍ଜସ୍ୱଳା ଯଦୁ-ଅନୀକିନୀ,

(୧) କୌରବ-ଦ୍ୱାରପାଳ ସଞ୍ଜୟ ବ୍ୟାସଦେବଙ୍କ ପ୍ରସାଦରୁ ଦିବ୍ୟଚକ୍ଷୁ ଲାଭ କରି ଅନ୍ଧ ରାଜା ଧୃତରାଷ୍ଟ୍ର ସମ୍ମୁଖରେ କୁରୁକ୍ଷେତ୍ରଯୁଦ୍ଧ ବର୍ଣ୍ଣନା କରୁଥିଲେ । (୨) ହସ୍ତିନାର ଉତ୍ତରପୂର୍ବରେ ଦିଲ୍ଲୀ ନଗରୀ (୩) ଗୋପୁର—ବୃହଦାକାର ତୋରଣବିଶେଷ । ଦାକ୍ଷିଣାତ୍ୟର ମନ୍ଦିରମାନଙ୍କରେ ଅନେକ ଗୋପୁର ଦେଖାଯାଏ । (୪) ଜଗତୀ—ଚନ୍ଦ୍ରଶାଳା । (୫) ପ୍ରଧାନଘାଟ—ବାମଣ୍ଡାର ସୁନାମପ୍ରସିଦ୍ଧ ପ୍ରପାତ । ସର୍ଗାରମ୍ଭରେ ଏହି ପ୍ରପାତର ଉଲ୍ଲେଖ ହୋଇଅଛି । (୬) କାଳିନ୍ଦୀ—ଯମୁନା । (୭) ଲୀଳା-ତରୀ—କ୍ରୀଡ଼ାନୌକା । ପଟିକା—ଅଞ୍ଚଳ । (୮) ଅଜାମିଲ—ଆଜମିରନିବାସୀ । ଆଜମିର ଗିରିବେଷ୍ଟିତ ଅଟେ । ଏ ଅଞ୍ଚଳରେ ଅନେକ ଗିରିଦୁର୍ଗ ଅଛି । (୯) ଦୀପ୍ତ—ଦୀପ୍ତିମନ୍ତ । (୧୦) ଗୁର୍ଜର ଅନ୍ତର୍ଗତ ଦ୍ୱାରକା ଯାଦବମାନଙ୍କର ରାଜଧାନୀ ଥିଲା । ଯଦୁସେନାର ପତାକା ଚକ୍ରଲାଞ୍ଛିତ ।

(ତୁମ୍ଭ ଯୋଗେ, ବାସୁଦେବ ବାମଣ୍ଡାମଘବା',
ହେ ଭୂପାଳମୌଳିମଣି, ମଣ୍ଡିତ ଏକାଳେ
ଥିଲେ ସେ ମହାବଂଶ) ଦୁର୍ଦ୍ଧର୍ଷ ସଂଗ୍ରାମେ (୧)
ହେମସାରସନେ ଗାଢ଼େ ବାନ୍ଧି ସିଂହକଟି
ଆସଇ ସୈନ୍ଧବୀ ଚମୂ ;ଗାଳିମୋଟୁଧାରୀ, (୨)
ଶିକ୍ଷିତ ସୈନ୍ଧବୀ-ଘୋଡ଼ାଖୁରେ ସମୁତ୍ଥିତ
ଧୂଳିରେ ଅନ୍ଧାରି ନଭଃ ଧରି ରଣୋନ୍ମାଦେ
ଯମଦଣ୍ଡ ପ୍ରାୟେ କରେ ବକ୍ର କରବାଳ (୩)
(ତୁମ୍ଭ ଯଶେ ସମୁଜ୍ଜ୍ୱଳ ସେ ବଂଶ ଏ ଦେଶେ
ହେ ଯଶସ୍ୱି, ରାମଚନ୍ଦ୍ର ଭଞ୍ଜଭୂମିପତି ।)
ଆସନ୍ତି କୌଶେୟ ଭଟେ ଢାଲୀପାଳଧାରୀ(୪)
ମରୁଦେଶୁଁ ମରୁସ୍ଥଳୀ-ମୃଗେନ୍ଦ୍ର ବିକ୍ରମେ (୫)
ଅପମାନ ଅସହିଷ୍ଣୁ, କୋପନପ୍ରକୃତି
ଦୀପ୍ତ ହୁତଭୁକ୍ ଯଥା, ହରଣେ ପ୍ରସ୍ତୁତ
ନେବାକୁ ଦେବାକୁ ପ୍ରାଣ କଥାକେ କଥାକେ,
ବୀରଦର୍ପେ ମତ୍ସ୍ୟାଙ୍କିତ କେତନ ଉଡ଼ାଇ
ଆସନ୍ତି ସମ୍ବରକୂଳୁଁ ବୀରେ ପଦାତି (୬)
ପ୍ରାଂଶୁତନୁ, ଭୀମଧନୁ ଝମକ ଭୈରବେ
ସବ୍ୟକରେ ସବ୍ୟେତରେ ଭାସ୍ୱର ପରଶୁ ;
କରନ୍ତି ସେ ସୁଶାଣିତ ଲାଙ୍ଗଳର ଫାଳେ
କାଳିନ୍ଦୀର ବେଣୀକୂଳ ଶସ୍ୟେ ଶ୍ୟାମଳିତ ,
ଆସୁଛନ୍ତି ଉରସିଲ ସୌରସେନୀ ବୀରେ(୭)
ଶାଣିତ ପାଣିତ ଅସି କୌତୁକେ ଆସ୍ଫାଳି (୮)
ଚର୍ମଣ୍ୱତୀ - କୂଳଶର ଖୋସି ଶିରସ୍ତ୍ରାଣେ(୯)
କର୍କଶ କର୍କଶ ସେହ୍ନେ କର୍କରସେ ସ୍ରୋତେ,
ବିଶାଳ ଆପୁସୀ ଖଡ଼ା ଧରି ଅନାୟାସେ
ଆସୁଛନ୍ତି ମାଳବେଶେ ମାଳବନିବାସୀ(୧୦)
ଦାରିଦ୍ର୍ୟଧୂଳିରେ ରଙ୍ଗେ ବୋଳି ବାହୁଭଲୁ ,
ଜାହ୍ନବୀ-ଯମୁନା-ବେଣୀ-ମଧ୍ୟମଣି-ରୂପୀ
ଶସ୍ୟଶାଳୀ ବହ୍ନିଦେଶୁ ଆସୁଛନ୍ତି ସାଦୀ(୧୧)
ଦଳେ ଦଳେ ଅଶ୍ୱପୃଷ୍ଠେ, ପିଙ୍ଗଳବର୍ମିତ,(୧୨)
ଗ୍ରୀବା ଉଚ୍ଚାବଚ ଢାଲ ଦୋଳାଇ ଚରମେ ,
କରେ ଖରଶାଣ ଭଲ୍ଲ-ପରହୃଦଭେଦୀ
ସରଯୂ ତମସା ପୁଣି ଗୋମତୀ ତଟିନୀ—(୧୩)
ତୀରଦେଶୁଁ ଅସୁଛନ୍ତି ସୂର୍ଯ୍ୟବଂଶୀ ବୀରେ
ମହୋଲ୍ଲାସେ, ତୋଳି ସୂର୍ଯ୍ୟଲାଞ୍ଛିତ ପତାକା,
ପୃଷ୍ଠଦେଶେ ଦୋଳେ ଫୁଲମଣ୍ଡିତ ତୂଣୀର,
ଯମଦଂଷ୍ଟ୍ରା-ସହଚର ଶର ଦକ୍ଷକରେ,
ଦିବ୍ୟଧନୁ ହାତରେ ଯା ଗୁଣ କର୍ଣ୍ଣପାଏ
ଶତ୍ରୁ-ସୀମନ୍ତିନୀ-କର୍ଣ୍ଣେ ବେଗେ ପଶେ ଝଙ୍କ

(୧) ବାମଣ୍ଡାରାଜବଂଶ ଯଦୁବଂଶସମ୍ଭୂତ । ବାସୁଦେବ—ସମ୍ବୋଧନ ପଦ । ବାମଣ୍ଡାମଘବା—ବାମଣ୍ଡାର ଇନ୍ଦ୍ରସ୍ୱରୂପ । 'ଦୁର୍ଦ୍ଧର୍ଷ' ଅନୀକନୀର ବିଶେଷଣ । (୨) ସୈନ୍ଧବୀ ଚମୂ—ସିନ୍ଧୁଦେଶୀୟ ସେନା, ସିନ୍ଧୁଦେଶ ଘୋଟକ ନିମନ୍ତେ ପ୍ରସିଦ୍ଧ ଥିଲା । (୩) କରବାଳ—ବକ୍ରାକାର ଅସ୍ତ୍ରବିଶେଷ । (୪) ମୟୂରଭଞ୍ଜ ରାଜବଂଶ କୌଶେୟ ଅର୍ଥାତ୍ କୁଶୋବଂଶୋଦ୍ଭୂତ ଅଟନ୍ତି । ଏମାନଙ୍କର ଆଦ୍ୟସ୍ଥାନ ରାଜପୁତାନା । ରାଜପୁତାନାର ମରୁ ପ୍ରଦେଶରେ ପୂର୍ବକାଳରେ ଅନେକ ସିଂହ ଥିଲେ । (୫) ବିକ୍ରମେ—ପଦକ୍ଷେପରେ । (୬) ଜୟପୁରରାଜ୍ୟ ରାଜପୁତାନା ଅନ୍ତର୍ଗତ । ସମ୍ବର ହ୍ରଦର ଅଦୂରବର୍ତ୍ତୀ ବିରାଟବାସୀମାନେ ପ୍ରାଂଶୁକାୟ ବୋଲି ପ୍ରସିଦ୍ଧ ଥିଲେ । ସୈନିକ କାର୍ଯ୍ୟ ନିମନ୍ତେ ଏମାନେ ବିଶେଷ ଉପଯୋଗୀ ବୋଲି ଭାରତବର୍ଷରେ ସର୍ବତ୍ର ଆଦୃତ ହେଉଥିଲେ । (୭) ମଥୁରା ଅଞ୍ଚଳର ଲୋକମାନେ ସୌରସେନୀ ଆଖ୍ୟାରେ ଆଖ୍ୟାତ ହୋଇଥିଲେ । ଉରସିଲ—ବିଶାଳବକ୍ଷା । (୮) ଶାଣିତ—ପାଣିଦିଆ । (୯) ଚର୍ମଣ୍ୱତୀ—ଚମ୍ବଲ ନଦୀ । (୧୦) ମାଳବ—ମାଲବା । (୧୧) ଦୋଆବର ପ୍ରାଚୀନ ନାମ ବହ୍ନିଦେଶ । ସାଦୀ—ଅଶ୍ୱାରୋହୀ । (୧୨) ବର୍ମିତ—ବର୍ମଧାରୀ (୧୩) ସରଯୂ, ତମସା, ଗୋମତୀ ଅଯୋଧ୍ୟରାଜ୍ୟର ନଦୀ । ତମସାର ଆଧୁନିକ ନାମ ଟୋଁସ ।

କର୍ଣ୍ଣୋତ୍ପଳ, ଛୁଟେ କରୁକଙ୍କଣ ଝଙ୍କାରେ (୧)
ମହାଖରସ୍ରୋତସ୍ୱତୀ, ପୂତ ଶିଳାମୟୀ
ଗଣ୍ଡକୀର ତୀର ଗ୍ରାହ ଚୂର୍ଣ୍ଣୀଭୂତ ଆସି (୨)
ନିର୍ମୋକନିର୍ମୁକ୍ତ ଉଗ୍ରପ୍ରାୟେ କମ୍ପ୍ରଦ (୩)
ନାଗରଧାରିଣୀ ସୀରଲାଞ୍ଛିତ ଧ୍ୱଜିନୀ
ମୈଥିଳାଖ୍ୟ, ମହାଦକ୍ଷ ବିପକ୍ଷଦଳନେ (୪)
ମାଳେ ମାଳେ ଉଭା ସେହି ବିଶାଳ ପ୍ରାନ୍ତରେ
ବିନ୍ଧ୍ୟେଶ୍ୱରୀ-ଦେବୀଭକ୍ତ ସଦା ଦ୍ୱନ୍ଦ୍ୱପ୍ରିୟ (୫)
ଯୋଧବୃନ୍ଦ, ବଳିପଶୁ ଶୋଣିତେ ପିଶୁନ
ତୀକ୍ଷ୍ଣଧାରଖଡ୍‌ଗ ହସ୍ତେ, ବାଳାର୍କପ୍ରତିମ
ଶୋଭଇ ସିନ୍ଦୂରଟୋପା ପ୍ରଶସ୍ତ ଲଲାଟେ,
ଦେବୀଙ୍କ ବାହନ ସିଂହ ଶୋଭେ ଧ୍ୱଜପଟେ;
ତେଜ୍ୟୋତିର୍ମୟ ସିଂହ ଆହା, ଖଣିଚକ୍ଷେ ଯଥା,
ମହାଜବ ପୃଷ୍ଠ୍ୟ ପୃଷ୍ଠେ ଆସେ ଆସ୍କନ୍ଦିତେ (୬)
କାଳଦନ୍ତ ପ୍ରାୟେ କୁନ୍ତ ମୁଷ୍ଟିପୀଡ଼େ ଧରି (୭)
କର୍ଣ୍ଣକୁଳତନୁ-ବୃଷକେତୁ ବଂଶଧର (୮)
ଉଡ଼ାଇ ବୃଷାଙ୍କ ବାନା, ଅଙ୍ଗଦେଶୀ ସେନା (୯)
ଶ୍ୱେତ-ମଣି-ଶିଳା-ଦ୍ରୋଣୀ-ବାହିନୀ-ନର୍ମଦା୧୦
ତୀରବନେ ଅନୁକ୍ଷଣେ ମୃଗୟା ବିନୋଦୀ
ଆସନ୍ତି ଅମିତତେଜା-ଚେଦୀ-ମହାବୀର
ମହୋଜ୍ଜ୍ୱଳ-ମରକତ-ଅବତଂସଧାରୀ (୧୧)
ଘନ-ତାଳୀ-ବନାକୀର୍ଣ୍ଣ ଜଳଦୁର୍ଗବାସୀ, (୧୨)
ଅଜସ୍ର କ୍ଷେପଣୀକ୍ଷେପେ ବଜ୍ରଦୃଢ଼ବପୁ, (୧୩)
ଗାଙ୍ଗେୟ-ତରଙ୍ଗେ ତଳମଗ୍ନ ଭେଳେ ଉଠି
ସାବେଲି, ଭାସ୍ୱର ବଳ ହାବେଲିର ଶିଖା, (୧୪)
ସ୍କନ୍ଧେ ଥୋଇ ଆସୁଅଛି ଅମନ୍ଦ ବିକ୍ରମେ
ବଙ୍ଗଦେଶୀ ରଣରଙ୍ଗ ରସିକ ପୃତନା (୧୫)
ହିମାଦ୍ରି-ନିଃସ୍ୟନ୍ଦିନୀର ପ୍ରବାହେ ପ୍ଲାବିତ,

---

(୧) ଏହି ଯୋଦ୍ଧାମାନେ ଧନୁର୍ଗୁଣ ନିଜ କର୍ଣ୍ଣ ପର୍ଯ୍ୟନ୍ତ ଆକର୍ଷଣ କଲା ମାତ୍ରେ ଶତ୍ରୁ ରମଣୀମାନଙ୍କ କର୍ଣ୍ଣରୁ କର୍ଣ୍ଣୋତ୍ପଳ ଖସି ପଡ଼େ, ଏମାନଙ୍କର ଧନୁଷ୍ଟଙ୍କାର ଶବ୍ଦରେ ଶତ୍ରୁରମଣୀମାନଙ୍କର କଙ୍କଣ ଭଗ୍ନ ହୁଏ, ଅର୍ଥାତ୍ ସେମାନେ ବିଧବା ହୁଅନ୍ତି । (୨) ଗଣ୍ଡକୀ ମିଥିଳାରେ ପ୍ରବାହିତ । ପବିତ୍ର ଶିଳା ସକାଶେ ଏହି ନଦୀ ପ୍ରସିଦ୍ଧ । (୩) କାତି ଛାଡ଼ିଥିବା ଉଗ୍ରସାପ ପରି ଭୟଙ୍କର । (୪) ମୈଥିଳରାଜଙ୍କ ପତାକା ଲାଙ୍ଗଳଲାଞ୍ଛିତ ଥିଲା । ଏହି ହେତୁରୁ ରାଜର୍ଷି ଜନକଙ୍କର ଅପର ଆଖ୍ୟା ସୀରଧ୍ୱଜ । (୫) ବିନ୍ଧ୍ୟେଶ୍ୱରୀ—ମିରଜାପୁର ସହରର ନିକଟବର୍ତ୍ତୀ ସ୍ଥାନରେ ଗଙ୍ଗା ତଟରେ ବିନ୍ଧ୍ୟବାସିନୀ ଦେବୀଙ୍କର ମନ୍ଦିର ପ୍ରତିଷ୍ଠିତ । (୬) ମହାଜବ—ବେଗଗାମୀ । ପୃଷ୍ଠ୍ୟ—ଟାଙ୍ଗୁ ଘୋଡ଼ା । ଆସ୍କନ୍ଦିତ—କଦମ । (୭) କୁନ୍ତ—ଅସ୍ତ୍ରବିଶେଷ । ମୁଷ୍ଟିପୀଡ଼େ—ଦୃଢ଼ମୁଷ୍ଟିରେ । (୮) ବୃଷକେତୁ—କର୍ଣ୍ଣପୁତ୍ର । (୯) ମୁଙ୍ଗେର ପ୍ରଭୃତି ଅଞ୍ଚଳର ନାମ ଅଙ୍ଗଦେଶ । କର୍ଣ୍ଣଙ୍କ ହତ୍ୟାରୁ ତାହାଙ୍କ କନିଷ୍ଠପୁତ୍ର ବୃଷକେତୁ ଅଙ୍ଗଦେଶରେ ରାଜ୍ୟପଣ କରିଥିଲେ । (୧୦) ଶ୍ୱେତମଣି ଶିଳାଦ୍ରୋଣୀ—ଶ୍ୱେତ କର୍ଣ୍ଣ ମାରବଲ ପର୍ବତର ଉପତ୍ୟକା । ମଧ୍ୟ ଭାରତବର୍ଷରେ ଜବଲପୁରର ନିକଟବର୍ତ୍ତୀ ଭେଡ଼ାଘାଟ ନାମକ ସ୍ଥାନରେ ନର୍ମଦାର ସ୍ୱଚ୍ଛ ନୀଳସ୍ରୋତ ଧବଳ ମାରବଲ ପ୍ରସ୍ତରର ଦ୍ରୋଣୀରେ ପ୍ରବାହିତ । ଏହି ସ୍ଥାନ ଭାରତବର୍ଷର ଗୋଟିଏ ପ୍ରଧାନ ଦୃଶ୍ୟ । ନର୍ମଦାର ସୁପ୍ରସିଦ୍ଧ ଧୂଆଁଧାର ପ୍ରପାତ ଏହାର ଅଦୂରବର୍ତ୍ତୀ । (୧୧) ଜବଲପୁର ପ୍ରଭୃତି ଚେଦୀ ରାଜ୍ୟର ଅନ୍ତର୍ଭୁକ୍ତ ଥିଲା । ମରକତ ଖଣି-ବିଶିଷ୍ଟ ପାଟ୍ନାଗଡ଼ ଚେଦୀ ରାଜ୍ୟର ଅନ୍ତର୍ଗତ ଥିଲା । (୧୨) ତାଳୀବନ—ହିନ୍ତାଳବନ । ସମୁଦ୍ରତୀରବର୍ତ୍ତୀ ଦେଶମାନ ହିନ୍ତାଳବନାକୀର୍ଣ୍ଣ । (୧୩) ସର୍ବଦା ଆହୁଲ ଟାଣିବା ହେତୁରୁ ସେମାନଙ୍କର ପେଶୀ ସୁଦୃଢ଼ । (୧୪) ସାବେଳି—ଅସ୍ତ୍ରବିଶେଷ । (୧୫) ପୃତନା—ସେନା । ପୂର୍ବବଙ୍ଗ ଜଳାକୀର୍ଣ୍ଣ, ଏହି ହେତୁରୁ ବଙ୍ଗୀୟ ସେନାଙ୍କୁ ଜଳଦୁର୍ଗବାସୀ ବୋଲି ଯାଇଅଛି । କାଳୀଦାସ ବଙ୍ଗୀୟ ଯୋଦ୍ଧାମାନଙ୍କୁ 'ନୌସାଧନୋଦ୍ୟତାନ' ବିଶେଷଣ ଏହି ହେତୁରୁ ଦେଇଥିଲେ । ଓଡ଼ିଶାରେ କୁଜଙ୍ଗ ପାରିକୁଦ ପ୍ରଭୃତି ସ୍ଥାନମାନଙ୍କୁ ଜଳଦୁର୍ଗ ବୋଲାଯାଇପାରେ ।

ଶାର୍ଦ୍ଦୂଳସେବିତ-ପ୍ରାଂଶୁ-ତୃଣବନାକୁଳ (୧)
ପୌଣ୍ଡ୍ର ଦେଶୁଁ ଆସୁଅଛି ବାର୍ଷଦୁର୍ଗବାସୀ(୨)
ରଣବୃଷ-ଅମାନିନୀ ଅନବର୍ତ୍ତୀ ରଣେ, (୩)
ଶିପ୍ରବର-ଛିନ୍ନକାୟ, ବରଷ୍ଟିଧାରିଣୀ; (୪)
ଆସନ୍ତି ଆୟୁସ-ସେନ୍ଥା-ଅନଦ୍ଧ-ଶରୀରେ(୫)
ଧୂପଖଣ୍ଡାଧାରୀ, ଚଣ୍ଡରିପୁଦଣ୍ଡଦାତା, (୬)
ଜାଲପି-ମଣ୍ଡିତ-ଗଣ୍ଡ ଉଜ୍ଜଳ-ଗ୍ରୀବାରେ,
ହୁଁ ଛନ୍ତି କେବଳ-ସିନା ଚନ୍ଦ୍ରୋଜ୍ଜ୍ୱଳ ଭୂଷା
ଯାହାଙ୍କର ଚନ୍ଦ୍ରହାସବ୍ରଣାଙ୍କିତ ଦେହେ (୭)
ଆସୁଛନ୍ତି ନେପାଳର ମହାବୀର୍ଯ୍ୟଶାଳୀ,
ଖର୍ବଦେହ ମାତ୍ର ରଣେ ପର୍ବତ ପରାୟେ
ଅଟଳ, ଦ୍ରୁଟକେ ଶତ୍ରୁ କଣ୍ଟକ-ସଂହାରୀ, (୮)
କଟିଦେଶେ ବିଲମ୍ବିତ କଟାରି ପିଧାନେ,
ଶହାୟୁଧ-ବର୍ଣ୍ଣଶୋଭ-ପ୍ରବେଣୀ-ଆବୃତ,(୧୦
ଝରେଶ୍ୱର-ଖଣ୍ଡଗିରି ପ୍ରାୟେ ମଦସ୍ରାବୀ(୧୧)
ସଙ୍ଗେ ଦନ୍ତାବଳଘଟା ଉଗ୍ର-ନିର୍ଘୋଷୀ
ଘନଘଣ୍ଟାରବେ,ପୁଣି ଭୈରବ-ବୃଂହିତେ;(୧୨
ବ୍ୟାଘ୍ର ଚର୍ମ-ଅଙ୍ଗଦାଣେ ସର୍ବାଙ୍ଗ ଆବରି
ଆସନ୍ତି କଟିଦେଶୁ କର୍ମନାଶା-ତୀରବାସୀ,
ବଜ୍ରବକ୍ଷ କଷ୍ଟସହ, ନିଷ୍ଠୁର ଯେସନେ
ନିଷ୍ଠୁର ଅକର୍ମଣିକା କର୍ମନାଶା-ସ୍ରୋତେ(୧୩)
ହସ୍ତେ ଶାର୍ଙ୍ଗଧନୁଃ ପୃଷ୍ଠେ ନିଷଙ୍ଗେ ପୂରିତ
ଅଗଣ୍ଡ ମାରଣ-ପଟ୍ଟ ଆୟୁସ-ବାଟୁଳ,
ଆସୁଛନ୍ତି ଭିଲ୍ଲସେନା ଏକମୁନାଧାରୀ, (୧୪)
ବିନ୍ଧ୍ୟଗିରି-ବନଗଜ-ମୃଗସ୍ପୃକୌତୁକୀ;
ଅସ୍ଥିନାଭି, ଗୁଞ୍ଜାମାଳେ ମଣ୍ଡିତ ବିଗ୍ରହ,
ମଧୂକ-ମଦିରାପାନେ ରକ୍ତାକ୍ତ ଅରବେ,(୧୫)
ଘନ ଘନ କଟିତଟେ ବାଜେ ଘର୍ଘରିକା,(୧୬)
ଗୁଡନାହିଁ ପେଷିବାକୁ ଏ ମହାମିଳନେ
ନିଜ ନିଜ ପତାକାମା ବର୍ଣ୍ଣ ଉଜ୍ଜୟିନୀ
ଉଜ୍ଜୟିନୀ ମହାକାଳ-ପାଳିତା ନଗରୀ,
ନିରତେ ଶୀତଳ ସିପ୍ରା-ତରଙ୍ଗପବନେ (୧୭)
ନର୍ମଦା-ମେଖଳା ମହାପୁରୀ ମହିଷ୍ମତୀ,
କାର୍ତ୍ତବୀର୍ଯ୍ୟାର୍ଜ୍ଜୁନ-ଯୋଧାହାବଳ୍ପ ତଦିଲେକେ(୧୮)
ବେତ୍ରବତୀ-ଧୌତ ପୁରୀ ବିଦିଶାଲକ୍ଷଣା,(୧୯)
ହେଉଛନ୍ତି ଏହିମତେ ରୁଣ୍ଡ ସେ ପ୍ରାନ୍ତରେ

ବ୍ୟାଘ୍ରସଙ୍କୁଳ ବୃହତ୍ ଘାସବନପୂର୍ଣ୍ଣ । (୨) ପୌଣ୍ଡ୍ର ଦେଶ—ହିମାଳୟର ପାଦଦେଶସ୍ଥିତ ରାଜସାହି ପ୍ରଭୃତି ଅଞ୍ଚଳ । ବାର୍ଷଦୁର୍ଗ—ବୃକ୍ଷଘଟିତ ଦୁର୍ଗ । ବର୍ତ୍ତମାନ ସୁଦ୍ଧା ଅନେକ ରାଜା ଏବଂ ଜମିଦାରମାନଙ୍କ ଗଡ଼ ନିବିଡ଼ ବାଉଁଶ ବନବେଷ୍ଟିତ ଦେଖାଯାଏ । (୩) ରଣରୁ ଯେଉଁମାନେ ନିବୃତ୍ତ ହେବାର ନୁହନ୍ତି । (୪) ଶତ୍ରୁବରଚ୍ଛିନ୍ନକାୟ—ପ୍ରଧାନ ଶତ୍ରୁ ଛେଦକ । (୫) ଲୌହକବଚାବୃତ ଦେହରେ । (୬) ଧୂପଖଣ୍ଡା—ଅତ୍ୟୁତ୍କୃଷ୍ଟ ଖଡ୍ଗବିଶେଷ । (୭) ଚନ୍ଦ୍ରହାସ—ଖଡ୍ଗ । ସୈନ୍ୟମାନଙ୍କ ଦେହର ଖଡ୍ଗାଘାତର ଚିହ୍ନ ଥିଲା । ତାହା ସେମାନଙ୍କର ସର୍ବୋତ୍କୃଷ୍ଟ ଭୂଷଣ । ସେମାନଙ୍କ ଦେହରେ ଆଉ ଯେଉଁ ଭୂଷଣ ଥିଲା, ତାହା ହିଁ ରୁଦ୍ର ମାତ୍ର; ଅର୍ଥାତ୍ ନିଷ୍ପ୍ରୟୋଜନ । ଅସ୍ତ୍ରବ୍ରଣାଙ୍କଠାରୁ ବୀରମାନଙ୍କର ଉତ୍କୃଷ୍ଟ ଭୂଷଣ ଆଉ ନାହିଁ । (୮) ନେପାଳର ଗୁର୍ଖା ସୈନ୍ୟ ଖର୍ବକାୟ, ମାତ୍ର ଅତ୍ୟନ୍ତ ସାହସୀ ଏବଂ ରଣଦକ୍ଷ । (୯) ପିଧାନ—କୋଷ । କଟାରି—ଅସ୍ତ୍ରବିଶେଷ । (୧୦) ପ୍ରବେଣୀ—ହସ୍ତୀର ପୃଷ୍ଠାସ୍ତରଣ । (୧୧) ଖଣ୍ଡଗିରି—କ୍ଷୁଦ୍ର ଶୈଳ । (୧୨) ବୃଂହିତ—ହସ୍ତି ଗର୍ଜନ । (୧୩) କର୍ମନାଶା ନଦୀ ବିହାର ଅନ୍ତର୍ଗତ ଭୋଜପୁର ନିକଟବର୍ତ୍ତୀ ଭୋଜପୁରବାସୀଙ୍କ ପ୍ରକୃତ ସ୍ୱାବଲମ୍ବନ ପ୍ରସିଦ୍ଧି ଲାଭ କରିଅଛି । (୧୪) ଏକମୁନା ଶୂଳାକାର ଅସ୍ତ୍ରବିଶେଷ । (୧୫) ମଧୁକମଦିରା—ମହୁଲମଦ । (୧୬) ଘର୍ଘରିକା—କ୍ଷୁଦ୍ର ଘଣ୍ଟି । (୧୭) ଉଜ୍ଜୟିନୀର ପାଦଦେଶରେ ସିପ୍ରା ପ୍ରବାହିତା । ଭଗବାନ ମହାକାଳ ମହାଦେବଙ୍କ ମନ୍ଦିର ସକାଶେ ଉଜ୍ଜୟିନୀ ଭାରତବର୍ଷର ପ୍ରଧାନ ତୀର୍ଥ ମଧ୍ୟରେ ପରିଗଣିତ । (୧୮) କାର୍ତ୍ତବୀର୍ଯ୍ୟଙ୍କ ରାଜଧାନୀ ମାହିଷ୍ମତୀ ନର୍ମଦା ତଟରେ ଅବସ୍ଥିତ ଥିଲା । (୧୯) ବିଦିଶାଲକ୍ଷଣା—ବିଦିଶାନାମ୍ନୀ । ବିଦିଶାର ଆଧୁନିକ ନାମ ଭିଲସା । ଏହା ବେତ୍ରବତୀ ଅଥବା ବେତୁଆ ତୀରରେ ଅବସ୍ଥିତ ।

କେତେଦେଶୁ କେତେ ଜାତି କଳେବରେ ତାହାଁ
କେ ଗଣିବ ନରେ ତାରା ଲହରୀ ଅଣ୍ଟିବେ,
କି ଅବା ଶଲିକା-ନୀଳବକ୍ଷେ ହଂସାବଳୀ ?(୧)
କୃଷ୍ଣା-ସ୍ୱୟମ୍ବରେ ଯଥା ଲକ୍ଷ୍ୟଭେଦ କାଳେ
ପାଞ୍ଚାଳେ, କି ଅବା ଇନ୍ଦ୍ରପ୍ରସ୍ଥେ ରାଜସୂୟେ,
କୁରୁକ୍ଷେତ୍ରଯୁଦ୍ଧୋଦ୍ୟୋଗେ ଅବା ମତ୍ସ୍ୟଦେଶେ
ଅବା ଯଥା ଅଶ୍ୱମେଧେ ହସ୍ତିନାତୋରଣେ
ଦେଖିଥିଲେ କୁନ୍ତୀ ଆଗେ ପାଣ୍ଡୁ କୁଳମଣି
ଅସଂଖ୍ୟ ବାହିନୀ ପୁଣି ଦୃଶ୍ୟ ସେହିପରି
ଦେଖିଲେ ସେ ଆଜି ବସି ଅନଳ-ପ୍ରସାଦେ
ସହ୍ୟଶୈଳେ, ତହୁଁ ତାଙ୍କୁ ଏକ ଏକ କରି
ଚିହ୍ନାଇ ଜ୍ୱଳନଦେବ ଅଙ୍ଗୁଳି ନିର୍ଦ୍ଦେଶି
କୋଇଲେ ଦେଖୁଛ ଯାହା ଘଟିବ ଭାରତେ
ବହୁଶତ ବର୍ଷ ଗତେ ଏହି ନବଯୁଗେ,
କଳିପାପେ ବୀର୍ଯ୍ୟ-ହୀନ ହେଲେ ଆର୍ଯ୍ୟଜାତି
ଆରମ୍ଭିବେ ମହାଯାଗ ଅର୍ବୁଦପର୍ବତେ (୨)
ଭାରତର ହିତକାମେ ଚାରି ମହାତପା—
ବଶିଷ୍ଠ କୃଶାଶ୍ୱଶିଷ୍ୟ ପରାଶର ଭୃଗୁ—
ନିଜ ତେଜଃପୁଞ୍ଜ ଧାମ୍ନ ମଞ୍ଚେ ଅବତରି (୩)
ପ୍ରତିହାର ପ୍ରମାରକ ରାଠୋର ଚୌହାନ—
ନାମଧାରୀ କ୍ଷତ୍ରି ଚାରି ଷତ ମହାବୀରେ
ଜନ୍ମଭୂମି ଲାଗି ଝାସ ଦେବେ ଯଜ୍ଞାନଳେ
ମହାନନ୍ଦେ ମହାମନା ମୁନିଙ୍କ ଆଦେଶେ
ବୀର ବିନୁ ଆନେ କେହି ପାରେ କି ମୁଞ୍ଚି
ଜୀବନର ବ୍ରତ ଲାଗି ଜୀବନର ମାୟା ?
ଜନ୍ମଭୂମି-ଟେକରକ୍ଷା-ଶଙ୍କିତ କି କେବେ
ଧରଇ ଦେହ ପଣ୍ଡୁରାଣ ପ୍ରାଣରଙ୍କ ପ୍ରାଣୀ ?
ଝାସ ଦେଇ ସେ ଅନଳେ ସେହି ଚାରି ବୀରେ
ନବବପୁ ଧରି ପୁଣି ବାହାରିବେ ତହୁଁ
ପ୍ରଦୀପ୍ତକବଚୀ ଖଡ୍‌ଗୀ ଧୃଷ୍ଟଦ୍ୟୁମ୍ନ ପରି(୪)
ମୋ ଶିଖାରୁ ଜାତ ତେଣୁ ହେବେ ଏହିବାରେ
ବୋଲଇବେ ଭବେ ତହୁଁ ଅଗ୍ନିକୁଳ ନାମେ
ଯଥା ନାମେ କର୍ମେ ତଥା ତେଜଃପୁଞ୍ଜରୂପୀ
ଶୋଭିବ ଏ ଦେଶ ଏହି ଚାରି ମହାବୀରେ
ଦନୁଜ-ଦାରୁଣ-ଦନ୍ତେ ସୁରଗଜ ଯଥା (୫)
ଐରାବତ ଚାରିଦନ୍ତେ ଅବା ଦନୁଜାରି (୬)
ଅବା ସୁରବାଳାଙ୍କର ଜ୍ୟୋତିଃପର୍ଯ୍ୟଙ୍କିକା
ଖୁରାରୂପୀ ଭଦ୍ରପଦ ତାରାଚତୁଷ୍ଟୟେ ; (୭)
ଏହି ସେ ଦେଖୁଛ ବୀର ଆର୍ଯ୍ୟବରୁଥିନୀ (୮)
ସମବେତ ନାନା ଦିଗ ଦିଗନ୍ତରୁ ଆସି
ଜନ୍ମିବେ ସରବେ ଏହି ଚାରି ବୀରକୁଳେ (୯)
ଭାରତର ନାନା ରାଜ୍ୟ ରାଜ୍ୟଦଣ୍ଡ ଚାଳି
ଏ ବୀରଙ୍କ ବଂଶଧରେ ରଖିବେ ଯତନେ
ଯବନ-ରାହୁର ଗ୍ରାସୁଁ ଭାରତ-ଚନ୍ଦ୍ରମା
ବହୁକାଳ ମାତ୍ର ତାହା ନ ସହିବ କଳି
କଳିର ପ୍ରେରଣେ ଈର୍ଷା ଅଲକ୍ଷିତେ ପଶି
ଲଗାଇବ ପୁଣି କଳି ଭୂପାଳେ ଭୂପାଳେ
ଜନମିବେ ଚୌହାନକୁଳେ ଏହି ଦିଲ୍ଲୀପୁରେ

(୧) ଶରଦାରମ୍ଭରେ ତଳିକାର ନୀଳବକ୍ଷ ବକହଂସରେ ଧବଳିତ ହୋଇଥାଏ। (୨) ଆବୁ ପର୍ବତ ଆରାବଲୀର ପ୍ରଧାନ ଶୃଙ୍ଗ । କିମ୍ବଦନ୍ତୀ ଅଛି ଯେ, ଭାରତବର୍ଷର ଅଧଃପତନର ସମ୍ଭାବନା ଦେଖି ବଶିଷ୍ଠ, ବିଶ୍ୱାମିତ୍ର ପରାଶର ଏବଂ ଭୃଗୁମୁନି ପର୍ବତ ଶୃଙ୍ଗରେ ଯାଗାରମ୍ଭ କଲେ । ସେହି ଯାଗାନଳରୁ ଚାରି ମହାବୀର ଆବିର୍ଭୂତ ହେଲେ । ଏହି ବୀରଚତୁଷ୍ଟୟର ସାଧାରଣ ନାମ 'ଅଗ୍ନିକୁଳ' ଅଟେ । (୩) ସପ୍ତର୍ଷିରୂପ ଜ୍ୟୋତିର୍ମଣ୍ଡଳରୁ । (୪) ଦ୍ରୁପଦଙ୍କ ପୁତ୍ର ଧୃଷ୍ଟଦ୍ୟୁମ୍ନ ଦୀପ୍ତିମାନ କବଚ ଏବଂ ଖଡ୍‌ଗ ଧାରଣ କରି ଯଜ୍ଞକୁଣ୍ଡରୁ ବାହାରିଥିବା ପ୍ରସଙ୍ଗ ମହାଭାରତରେ ଅନୁଲିଖିତ । (୫) ଐରାବତର ଚାରିଦନ୍ତ ଥିବାର ପ୍ରସିଦ୍ଧ ଅଛି । (୬) ଦନୁଜାରି ଅର୍ଥାତ୍ ବିଷ୍ଣୁ ଯେପରି ଚତୁର୍ଭୁଜଦ୍ୱାରା ପରିଶୋଭିତ । (୭) ଭଦ୍ରପଦ ତାରାଚତୁଷ୍ଟୟ ପର୍ଯ୍ୟଙ୍କାକାର (୮) ବରୁଥିନୀ—ସେନା (୯) ଆର୍ଯ୍ୟାବର୍ତ୍ତର ଅଧିକାଂଶ ରାଜନ୍ୟବର୍ଗ ଏହି ଚାରିନାମରେ ଆଖ୍ୟାତ । ଉତ୍କଳରେ ଅଧିକାଂଶ ରାଜବଂଶ ମଧ୍ୟ ଏହି ବଂଶସମ୍ଭୂତ ।

କ୍ଷୀରୋଦୁଁ ପୀୟୂଷ ପ୍ରାପ୍ତେ ପୃଥୁ ପୃଥୁଯଶାଃ(୧)
ସଂଗ୍ରାମେ ଅପ୍ରତିରଥ ଯଥା ପାର୍ଥ ରଥୀ (୨)
ଜନ୍ମିବ ରାଠୋରକୁଳେ ସେ କୁଳପାଂଶୁଳ
କ୍ଷୀରୋଦୁଁ ଗରଳ ପ୍ରାପ୍ତେ ଯେମା ଶେଖାରୁ ଅବା
ସମଳ ଅଳାନ୍ଧୁ ପ୍ରାପ୍ତେ କାନ୍ୟକୁବ୍ଜପତି (୩)
ମଦମତ୍ତ ଜୟଚନ୍ଦ୍ର ଆର୍ଯ୍ୟ ଭୂମିଦ୍ରୋହୀ,
ପୃଥୁଙ୍କ ଉତ୍ତମ ଯଶଃ ଶୁଣି ଏ ଦୁର୍ମତି
ଅନୁକ୍ଷଣେ ହେବ ଧାଇ ସ୍ୱଭାବେ ଉଦାସ
ଗୁଣୀଙ୍କର କର୍ଣ୍ଣଶୂଳ, ମଣିବ ସେ ସୁତ,
ଯାହ କର୍ଣ୍ଣାମୃତରୂପେ ପଶିବ ସେ ବାଣୀ
ସାସଙ୍ଗନା ବୀରେନ୍ଦ୍ରୋଚ୍ଚ-ସିଂହାସନାର୍ଥିନୀ (୪)
କାନ୍ୟକୁବ୍ଜ-ହେମାମଣି-ସଂଯୁକ୍ତା-ଶ୍ରବଣେ(୫
ସଂଯୁକ୍ତା ସୁନ୍ଦରୀଗଣେ ଅତୁଳା ଭୂତଳେ
ରାଠୋର-କଳଙ୍କ ଜୟଚନ୍ଦ୍ରର ଔରସେ
ପ୍ରସୂତା ପଙ୍କିଳ ସରୁଁ ଯଥା ପଙ୍କଜିନୀ ;
ସୁନ୍ଦରୀ ମୋହନମନ୍ତ୍ର ନୁହେ କେଉଁ କାଳେ
କେଉଁଦେଶେ ହେ ବୀରେନ୍ଦ୍ରବୀର-ଯଶୋଗାଥା
ପୃଥୁଙ୍କ ଯେ ଯଶୋଗାଥା ଜାଳିବ ଯେତିକି
କ୍ରୋଧ ପିତୃହୃଦେ ପ୍ରେମ ସେତିକି ସେ ପୁଣି
ଜାଳିଦେବ ସମକାଳେ ଦୁହିତୃହୃଦୟେ
ରାଜସୂୟଯଜ୍ଞେ ଜେମା ସ୍ୱୟମ୍ବର-ବିଧି
ଉଆଇଲେ ଜୟଚନ୍ଦ୍ର କାନ୍ୟକୁବ୍ଜପୁରେ
ଲେଖା ଯାଇ ଭାରତର ଦିଗଦିଗନ୍ତରୁ
ଆସିବେ ସେ ରାଜସୂୟେ ରାଜନ୍ୟମଣ୍ଡଳୀ,
ମାତ୍ର ନ ଆସିବେ ପୃଥୁ, ପ୍ରତିନିଧିରୂପେ,
ପୃଥୁଙ୍କର ପ୍ରତିରୂପ ଗଢ଼ାଇ କାଞ୍ଚନେ
ଥୁଆଇବ ଜୟଚନ୍ଦ୍ର ରାଜସଭାତଳେ,
ଉପେକ୍ଷି ସେ ସ୍ୱୟମ୍ବରେ ପିତୃବରସ୍ଥ
ନୃପକୁଳେ, ଉପେକ୍ଷି ସେ ପିତାର ଭ୍ରୁକୁଟି
ସେହି ପ୍ରତିମାର ଗଳେ ଦେବେ ବରମାଳା
ସଂଯୁକ୍ତା,ରାଠୋର-ସରେ ମଞ୍ଜୁ ସରୋଜିନୀ,
ଦିଲ୍ଲୀର ଚୌହାନ-ରବି ପ୍ରେମମୁଗ୍ଧ ହାବତୀ, (୬)
ମନସ୍ୱିନୀ ବାଳାର ଏ ଉତ୍ତମ ସାହସ
ଦେଖି ହେବେ ସମବେତ ରାଜନ୍ୟ ଚକିତ,
ଚମକେ ଚମକ ପୁଣି ଉଆଇବ ତହିଁ,
ପୃଥୁଙ୍କ ସଂଗ୍ରାମ-ଶିଙ୍ଗା ଘୋଷି ବଜ୍ରଘୋଷେ
ଅଦୂରେ, ସହାସ୍ୟ ସେହି ସ୍ୱୟମ୍ବର-ସଭା
କମ୍ପାଇବ ଅଶ୍ୱବାର-ଅଶ୍ୱଖୁରଟାପୁ (୭)
ହେମବର୍ମାବୃତବପୁ ବରାଶ୍ୱବାହନେ (୮)
କୃପାଣଦ୍ୱିତୀୟ ପୃଥୁଁ ରକ୍ଷିଦଳ ଭେଦି, (୯)
ଚମକେ ଉଲକା ପ୍ରାୟ ରାଜାଙ୍କ ସମ୍ମୁଖେ
ଉଲ୍‌କାବେଗେଆସିବୀର୍ଯ୍ୟଶୁଳ୍‌କାରୂପସୀକି (୧୦
ଅନୁକୂଳ ବଳାତ୍କାରେ ନେଇଯିବେ ହରି
ସଭତକୁଁ ସୁଭଦ୍ରାଙ୍କୁ ଯେସନେ ଫାଲ୍‌ଗୁନି (୧୧

(୧) ପୃଥୁଯଶାଃ—ମହାଯଶସ୍ୱୀ । (୨) ଅପ୍ରତିରଥ—ତାହାଙ୍କର ଉପଯୁକ୍ତ ପ୍ରତିଯୋଦ୍ଧା ନାହିଁ । ଅଦ୍ୱିତୀୟ । (୩) କାନ୍ୟକୁବ୍ଜ—ଆଧୁନିକ କନୌଜ । ଜୟଚନ୍ଦ୍ର ପୃଥୁଙ୍କ ଯଶରେ ଈର୍ଷାନ୍ୱିତ ହୋଇ ତାହାଙ୍କୁ ଦମନ କରିବା ସକାଶେ ସର୍ବପ୍ରଥମେ ବୈଦେଶିକମାନଙ୍କର ସାହାଯ୍ୟ ଲୋଡ଼ିଥିଲେ । (୪) ବୀରେନ୍ଦ୍ରୋଚ୍ଚରୂପ ସିଂହାସନ ପ୍ରାର୍ଥିନୀ—ବୀରବନିତା ହେବା ସକାଶେ ଇଚ୍ଛୁକା । (୫) ରାଠୋରରାଜ ଜୟଚନ୍ଦ୍ରଙ୍କର କନ୍ୟା ସଂଯୁକ୍ତା । ତାଙ୍କର ସ୍ୱୟମ୍ବର ଭାରତ ଇତିହାସରେ ଗୋଟିଏ ପ୍ରଧାନ ଘଟଣା । ଭାରତବର୍ଷର ସ୍ୱାଧୀନତାଲୋପ ଏହି ଘଟଣାର ଗୌଣ ଅଟେ । (୬) ଚୌହାନରବି—ପୃଥୁ । ସଂଯୁକ୍ତା ପୃଥୁଙ୍କ ସୁବର୍ଣ୍ଣପ୍ରତିମାର ଗଳଦେଶରେ ବରମାଲ୍ୟ ଦେଇଥିବାର କଥା ଇତିହାସରେ ପ୍ରସିଦ୍ଧ । (୭) ଅଶ୍ୱବାର—ଅସ୍‌ବାର । (୮) ବରାଶ୍ୱ—ଉତ୍କୃଷ୍ଟ ଘୋଡ଼ା । (୯) କୃପାଣଦ୍ୱିତୀୟ—ଅସି ଯାହାର ଏକମାତ୍ର ସଙ୍ଗୀ (୧୦) ବୀର୍ଯ୍ୟଶୁଳ୍‌କା ରୂପସୀ—କେବଳ ବୀର୍ଯ୍ୟ ରୂପ ଶୁଳ୍‌କ ପ୍ରଦାନଦ୍ୱାରା ଯେଉଁ ସୁନ୍ଦରୀ ଲଭ୍ୟା, ବୀର ବ୍ୟତୀତ ଅନ୍ୟର ଅଲଭ୍ୟା । (୧୧) ଅର୍ଜୁନ-କର୍ତ୍ତୃକ ସୁଭଦ୍ରାହରଣ ପ୍ରସଙ୍ଗ ମହାଭାରତରେ ଅନୁସନ୍ଧେୟ ।

କିମ୍ବା ମେଘାକର୍ଷୀ ମହାଚଣ୍ଡ ପବନବେଗେ(୧)
ହେମାଙ୍ଗପକ୍ଷୀନ୍ଦ୍ର ବଳେ ହରିଲେ ଅମୃତ
ସୁରେନ୍ଦ୍ର-ରକ୍ଷିତ ଶଶିମଣ୍ଡଳୁଁ ଯେସନେ ;
ପୃଥ୍ୱୀର ଏ ବୀର-ଯଶଃ ଧାରି ଗ୍ରାସେ ଘଟେ
କାଳଦେବ ରୋଷାନଳ ଜୟଚନ୍ଦ୍ର-ହୃଦେ,
ପରିଣାମ ଜ୍ଞାନ ଅନ୍ଧ ବୈରନିର୍ଯ୍ୟାତନେ(୨)
ଦୁଷ୍ଟମତି ଜାମାତାର ନିଧନ ମନାସି
ଶରଣାର୍ଥୀ ହେବ ଯାଇ ଯବନର ପଦେ,
ବାହ୍ୟେ ତୋଷି, ନିରନ୍ତର କୁଟିଳ ଅନ୍ତରେ
ଛିଦ୍ରାର୍ଥୀ ଯବନପତି ଆର୍ଯ୍ୟନିର୍ଯ୍ୟାତନୁ (୩)
ଆର୍ଯ୍ୟୋଦ୍ଧାରବ୍ରତଚ୍ଛଳେ ପଶିବ ଏ ଦେଶେ
ସ୍ୱଦଳେ,ଯେ ଦଳେ ପୁଣି ଆର୍ଯ୍ୟକୁଳାଙ୍ଗାରେ
ମିଶାଇବେ ନିଜ ସେନା ଆର୍ଯ୍ୟଧ୍ୱଂସ ଲାଗି,
ପୃଥ୍ୱୀଙ୍କ ଭଗିନୀପତି ଅଜାମିଲ-ପତି (୪)
ଅମର୍ଷୀ ଅମିତତେଜାଃ ପରପୁରଞ୍ଜୟୀ,(୫)
ପୃଥ୍ୱୀଙ୍କ ସହାୟ ହୋଇ ଯୁଝିବେ ସଂଗ୍ରାମେ
ଯବନପତିର ସହ, ପୁଣି ଯବନର
ପଦଲେହୀ ଆର୍ଯ୍ୟଦ୍ରୋହୀ ଜୟଚନ୍ଦ୍ର ସହ ,
ସିକ୍ତ କରି କୁରୁକ୍ଷେତ୍ର ଯବନଶୋଣିତେ(୬)
ଉଡ଼ିବେ ଯବନସେନା ଭଡ଼ିତ ଭାରତୁଁ,

ଯେବେ ଆର୍ଯ୍ୟବାରେ ଆର୍ଯ୍ୟଗୌରବର କେତୁ,
ତେଜସ୍ୱୀ ଅସ୍ତ୍ରେ ନତମସ୍ତକ ଯବନ
ପୃଥ୍ୱୀପାଶେ ପ୍ରାଣଭିକ୍ଷା କରି କରଯୋଡ଼େ
ପଳାଇବ ନିଜ ଦେଶେ ଦଳବଳ ସହ,
ଦଣ୍ଡଶକ୍ତିସତ୍ତ୍ୱେ କ୍ଷମା ଆର୍ଯ୍ୟଧର୍ମନୀତି,
ତେଣୁ ଦସ୍ୟୁସିନ୍ଧୁ ଆର୍ଯ୍ୟଧୁରନ୍ଧର ପୃଥ୍ୱୀ
ଅରିକି କାତର ଦେଖି ଆଚରିବେ କ୍ଷମା ।
ମାତ୍ର ଆତ୍ମଦ୍ରୋହୀ ସିନା କ୍ଷମା ଅଭାଜନେ ।(୭)
ଅଭାଜନେ ଏହି କ୍ଷମା ପୃଥ୍ୱୀ ପ୍ରତି ତେଣୁ
ପରିଣାମେ ହେବ ମହା ଅନର୍ଥର ହେତୁ ;
ଭୋଗତୃଷ୍ଣାବଶେ ରତ ପରସ୍ୱ – ହରଣେ,
ଦୁର୍ମତି ଯବନ ବେଗେ ଭାରତୁଁ ପଳାଇ,
[ଦୁଷ୍ଟପୂର୍ବ ରୂପସୀକି ଲମ୍ପଟ ଯେସନେ]
କି ସ୍ୱପନେ, କି ଜାଗ୍ରତେ ଧ୍ୟାୟି ଅନ୍ତରେ
ଭାରତର ଏହି ଶସ୍ୟସ୍ନିଗ୍ଧା ବସୁନ୍ଧରା, (୮)
ପୁଣି ପ୍ରବେଶିର ଆଶେ ରହିଥିବ ଟାକି,
ଦୂତ ପେଷି ଜୟଚନ୍ଦ୍ର ଆଣିବ ଆହ୍ୱାନ
ପୁଣି ଏ ଭାରତେ ତାକୁ ବିନାଶ ମନାସି
ଜାମାତାର, ଆତ୍ମନାଶ-ଅଧିବାସରୂପେ,(୯)
ସାମାନ୍ୟ-ଶତ୍ରୁର ଏହି ଅଭିଯାନ-ରବେ (୧୦)

(୧) ପ୍ରଚଣ୍ଡ ପବନବେଗଦ୍ୱାରା ମେଘକୁ ଯେ ଆକର୍ଷଣ କରେ (୨) ଶତ୍ରୁ ଉପରେ ଦାଉ ସାଧିବାକୁ ଯାଇ ପରିଣାମରେ ସେ ନିଜର ଏବଂ ସ୍ୱଦେଶରେ ସର୍ବନାଶ ହେବ ସେ ବିଷୟରେ ଅନ୍ଧ । (୩) ଆର୍ଯ୍ୟମାନଙ୍କଦ୍ୱାରା ଆର୍ଯ୍ୟମାନେ ନିପୀଡ଼ିତ ହେଉଅଛନ୍ତି, ସେଥିରୁ ସେମାନଙ୍କୁ ଉଦ୍ଧାର କରିବା ଛଳନାରେ ଯବନରାଜ ସସୈନ୍ୟରେ ଭାରତବର୍ଷକୁ ଆସିବେ । ପରରାଜ୍ୟଲୋଲୁପ ରାଜାଙ୍କର ଏ ଗୋଟିଏ ଚିରପ୍ରସିଦ୍ଧ କୌଶଳ । ଜିଗୀଷାକୁ ଧର୍ମର ବହିରାବରଣରେ ଆବୃତ କରି ସେମାନେ ନିଜର ଦୁରଭିସନ୍ଧି ଚରିତାର୍ଥ କରନ୍ତି । (୪) ଏହି ସମୟରେ ବୀରମାନଙ୍କ ମଧ୍ୟରେ ଦିଲ୍ଲୀପତି ପୃଥ୍ୱୀ ପ୍ରଥମସ୍ଥାନୀୟ ଏବଂ ଆଜମିରପତି ଅମର୍ଷୀ ଦ୍ୱିତୀୟସ୍ଥାନୀୟ. ଭାରତବର୍ଷର ସ୍ୱାଧୀନତା-ରକ୍ଷାସକାଶେ ଏହି ଦୁଇ ବୀର ଜୀବନୋତ୍ସର୍ଗ କରି ମର୍ତ୍ତ୍ୟ-ଅମରତା ଲାଭ କରିଅଛନ୍ତି । ରାଜପୁତନାର ମହାକବି ଚାନ୍ଦଙ୍କ ଲେଖନୀ ପୃଥ୍ୱୀଙ୍କ ପ୍ରତିଷ୍ଠାକୁ ଅବିନଶ୍ୱର କରି ରଖିଅଛି । (୫) ପରପୁରଞ୍ଜୟୀ—ଶତ୍ରୁନଗରଜେତା । (୬) ପୃଥ୍ୱୀଙ୍କ ସହିତ ଯବନପତିଙ୍କ ଯୁଦ୍ଧ କୁରୁକ୍ଷେତ୍ରରେ ହୋଇଥିଲା । (୭) ଦୁଷ୍ଟକୁ କ୍ଷମା, ନିଜର ସର୍ବନାଶର ନାମାନ୍ତର ମାତ୍ର । (୮) ଶସ୍ୟସ୍ନିଗ୍ଧା—ଶସ୍ୟଯୋଗୁଁ ହାସ୍ୟମୟୀ, ଶସ୍ୟଶୋଭିତା । (୯) ଯବନପତିଙ୍କୁ ଜୟଚନ୍ଦ୍ରଙ୍କ ଆମନ୍ତ୍ରଣ ତାଙ୍କ ନିଜର ସର୍ବନାଶର ଅଧିବାସ ସ୍ୱରୂପ ହୋଇଥିଲା । ପ୍ରଥମେ ପୃଥ୍ୱୀ ନିହତ ହେଲେ ସତ୍ୟ, ମାତ୍ର ଶେଷକୁ ସେହି ଜୟଚନ୍ଦ୍ର ଯବନପତିଙ୍କ ହସ୍ତରେ ଉତ୍ପୀଡ଼ିତ ଏବଂ ଲାଞ୍ଛିତ ହୋଇ ଗଙ୍ଗାରେ ଝାସ ଦେଇ ଉତ୍କଟ ପାପର ଉତ୍କଟ ପ୍ରାୟଶ୍ଚିତ୍ତ କଲେ । (୧୦) ସାମାନ୍ୟ ଶତ୍ରୁ—ସମସ୍ତଙ୍କ ଶତ୍ରୁ । ଅଭିଯାନ—ଦେଶଜୟ ସକାଶେ ଯୁଦ୍ଧଯାତ୍ରା ।

ଭାରତର ନାନା ଦେଶୁଁ ଆସିବେ କ୍ଷତ୍ରିୟେ
ଦିଲ୍ଲୀପୁରେ, ଦିଲ୍ଲୀପତି ନିମନ୍ତ୍ରଣ ପାଇ,
ସେ ଭବିଷ୍ୟଦୃଶ୍ୟ ଏବେ ଦିବ୍ୟାଞ୍ଜନ ଯୋଗେ
ଦିଶୁଛି ତୁମ୍ଭର ନେତ୍ରେ ବର୍ତ୍ତମାନମତ ।"(୧)
ଉତ୍ତରିଲେ ସବିସ୍ମୟେ ପାଣ୍ଡୁ-ଚୂଡ଼ାମଣି,
"ଶତଭ୍ରାତା କୁରୁ ପଞ୍ଚପାଣ୍ଡବ ସହିତେ
ଥିଲେହେଁ ବିବାଦେ ରତ ଦେଶବୈରୀ ସହ
ଯୁଝିଥିଲୁଁ ଆମ୍ଭେ ହୋଇ ପାଞ୍ଚୋତ୍ତର ଶତ,
ଏହି ମାତ୍ର ଅନୁସରି ସର୍ବେ ଏକମେଳେ
ଗନ୍ଧର୍ବ-ବାହିନୀ ସଙ୍ଗେ ଯୁଝି ବନବାସେ
ଉଦ୍ଧରିଲୁଁ ଅରି-ହସ୍ତୁ ବନ୍ଦୀ ସୁଯୋଧନେ(୨)
ଅନ୍ତରେ ଜର୍ଜରଭାବ ନିରନ୍ତର ବହି
ସହିତ ମହିଷ-ଶୃଙ୍ଗ ଶତ୍ରୁଭେଦେ ଯଥା, (୩)
ସାମାନ୍ୟ ବିପଦେ ଗୃହବିଗ୍ରହ ବିସ୍ମରି (୪)
ଯୁଝନ୍ତି ଯେସନ ଆର୍ଯ୍ୟ ଦେଶବୈରୀସହ,
ଆର୍ଯ୍ୟର ଏ ଚିରନୀତି ବିସ୍ମରି କି ସତେ
ବାଲୁକାରତ୍ନର ଧର୍ମ ଭଜି କର୍ମଦୋଷେ(୫)
ଏଡ଼ିବୁଟି ଆର୍ଯ୍ୟ, ଆହା ଯିବେ ରସାତଳେ ।

## ସପ୍ତମ ସର୍ଗ

ଅଗ୍ନି-ସଙ୍ଗେ ସନ୍ଧ୍ୟାବେଳେ ନୀକାଶନେ ବସି
କହନ୍ତେ ଏସନ ରାଜା ଫିଟିଲା, ସହସା
ଇନ୍ଦ୍ରଧନୁତୋରା-ଦିଲ୍ଲୀ-ତୋରଣ ଅଗ୍ରତେ
ବଜ୍ରନାଦେ, ସିଂହନାଦେ କମ୍ପାଇ ମେଦିନୀ
ବାହାରିଲେ ଦଳେ ଦଳେ ସେ ତୋରଣମୁଖୁ
ଅସଂଖ୍ୟପଦାତି, ସାଦୀ,ଆଧୋରଣ, ରଥୀ, (୬)
ଭାଗୀରଥୀ ଭର୍ଗଜଟାମଣ୍ଡଳୁ ଯେସନେ,(୭)
ଜଳେ ଜକଜକ ବର୍ମେ, ଚର୍ମେ, ବରାୟୁଧେ(୮)
ଧ୍ୱଜଦଣ୍ଡେ ପ୍ରଭାପୁଞ୍ଜ ଜିଣି ସୌଦାମିନୀ,
ଖେଳେ ନାନାବର୍ଣ୍ଣ ରଙ୍ଗେ କେତନ-ଅଂଶୁକେ
ମହାରଣ୍ୟପ୍ରବାହିଣୀ ମହାନଦୀ-ସ୍ରୋତେ
କେଳିମଦେ ମତ୍ତ କରିକୁଳ କରୋଚ୍ଛ୍ୱାସେ(୯)
ଉଦ୍ଗୀର୍ଣ୍ଣନିରଜତୋଜ୍ଜ୍ୱଳ-ଜଳକଣାଜାଳେ(୧୦)
ମଧ୍ୟାହ୍ନେ ଯେସନ ଖେଳେ କୋଟି ଇନ୍ଦ୍ରଧନୁ,

(୧) ବର୍ତ୍ତମାନମତ—ପ୍ରତ୍ୟକ୍ଷ ପରି । (୨) ପାଣ୍ଡବମାନେ କୌରବମାନଙ୍କ ଦୁରଭିସନ୍ଧିରେ ବନବାସର ଘୋର କଷ୍ଟ ଭୋଗ କରୁଥିଲେ । ଦୁରନ୍ତ କୌରବମାନେ ନିଜର ସୌଭାଗ୍ୟ ଦେଖାଇ ପାଣ୍ଡବମାନଙ୍କୁ ଅଧିକତର ମନଃପୀଡ଼ା ଦେବା ସକାଶେ ସେହି ବନକୁ ଆସିଲେ । ଏମନ୍ତ ସମୟରେ ଗନ୍ଧର୍ବମାନଙ୍କର ହଠାତ୍ ଯୁଦ୍ଧ ହେବାରୁ କୁରୁରାଜା ଦୁର୍ଯ୍ୟୋଧନ ସେମାନଙ୍କ ହସ୍ତରେ ବନ୍ଦୀ ହେଲେ । ଯୁଧିଷ୍ଠିରଙ୍କ ଶ୍ରୁତିରେ ଏହି ବାର୍ତ୍ତା ପହଞ୍ଚିବାରୁ ସେ ଦୁର୍ଯ୍ୟୋଧନଙ୍କୁ ଗନ୍ଧର୍ବମାନଙ୍କ ହସ୍ତରୁ ମୁକ୍ତ କରିବା ସକାଶେ ଅର୍ଜୁନଙ୍କୁ ଆଦେଶ ଦେଲେ । ଭୀମ ପ୍ରଭୃତି ଯୁଧିଷ୍ଠିରଙ୍କ ଏହି କାର୍ଯ୍ୟରେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ପ୍ରତିବାଦ କରିବାରୁ ଯୁଧିଷ୍ଠିର କହିଲେ, "ଆପଣା ମଧ୍ୟରେ କଳହ ହେଲେ ଆମ୍ଭେମାନେ ୫ ଭାଇ ଏବଂ କୌରବମାନେ ୧୦୦ ଭାଇ; ମାତ୍ର ବୈଦେଶିକ ସହିତ କଳହ ହେଲେ ଆମ୍ଭେମାନେ ୧୦୫ ଭାଇ ।" ଅପରିଣାମଦର୍ଶୀ ଆର୍ଯ୍ୟମାନେ ଏହି ମହାବାକ୍ୟର ମର୍ମ ବୁଝି ନ ପାରିବାରୁ ଭାରତବର୍ଷର ସର୍ବନାଶ ହେଲା । (୩) "ମହିଷଶିଙ୍ଗ ଫାଟା, ଯୁଝିଲା ବେଳକୁ ଗୋଟା," ଏ ପ୍ରବଚନ ଉତ୍କଳର ସର୍ବତ୍ର ପ୍ରଚଳିତ । ସଂହତ —ଅଭିନ୍ନ । (୪) ସାମାନ୍ୟ ବିପଦ—ସାଧାରଣ ବିପଦ, ଗୃହବିଗ୍ରହ—ଆପଣା ମଧ୍ୟରେ କଳହ । (୫) ବାଲୁକାରତ୍ନର ଧର୍ମ—ସହତର ସମ୍ପୂର୍ଣ୍ଣ ଅଭାବ । (୬) ଆଧୋରଣ—ଗଜାରୋହି । ଭର୍ଗ—ମହାଦେବ । (୮) ବରାୟୁଧେ—ଉତ୍କୃଷ୍ଟ ଅସ୍ତ୍ରରେ । (୯) କେଳିମଦ ବନ୍ୟହସ୍ତୀମାନଙ୍କର ଶୁଣ୍ଢର ଫୁତ୍କାରରେ । (୧୦) ରୌପ୍ୟବତ୍ ଶୁଭ୍ର ଜଳଶୀକରର ଆବରଣରେ ।

ସବାପଛେ ବିଜେ କଲେ ଅଶ୍ୱବାର ବୀରେ
ଖରତରକୃପାଣପାଣି, ହେମବର୍ମଧାରୀ,
ଅରାତିପ୍ରମାଥୀ ପୃଥୁ ଦିଲ୍ଲୀ-ଅଧିପତି,,
ଅମର୍ଷୀ ଅମିତତେଜାଃ ପର-ପୁରଞ୍ଜୟୀ,
ତାଙ୍କ ପଛେ ଅଶ୍ୱାରୂଢ଼ା ସଂଯୁକ୍ତା ରୂପସୀ,
ମୁକ୍ତକେଶା, ମୁକ୍ତାହାରା, ମଣିକରୀଟିନୀ,
ମନୋହରା, ଆହା, ଯେସନ୍ତେ ଶାରଦୀୟ ଉଷା
ନୀହାରଭୂଷଣା ଚାରୁତାରାକୁନ୍ତଳିନୀ
ପୁନର୍ବସୁ-ପୃଷ୍ଠେ ଉଦେ ପ୍ରାଚୀନଭଃପଟେ,(୧)
ଢଳ ଢଳ ଦିଶେ କାନ୍ତି, ଉନ୍ମୀଳିତ ଯଥା
ତୂଳିକାରେ ଚିତ୍ର, ଅବା, ସଦ୍ୟ ସରସିଜ
ସରସୀ-ନିର୍ମଳ-ନୀରେ ବାଳରବି-କରେ,
କିଅବା ସେ ଅଙ୍ଗଠାଣି, ଗଢ଼ିଛି ବିଧାଣି
ସତେ କି କରୀନ୍ଦ୍ରରଦେ କୁନ୍ଦେ ତା ବସାଇ !
କି ମଧୁରେ ଖେଳେ ମନ୍ଦହାସର ସ୍ପନ୍ଦନୀ
ବିଧୁବଦନୀର ରୁଚି-ବନ୍ଧୂଳୀ-ଅଧରେ !
କେତେଭଙ୍ଗୀଲୀଳା ନୃତ୍ୟକରେକେତେମତେ
ଶ୍ରୀମୁଖ-ପଙ୍କଜ-ରଙ୍ଗେ-ଭ୍ରୂଲତା-ନର୍ତ୍ତକୀ !(୨)
କମଳ-ପାଟଳ-ଆଭା ଖେଳେ କ୍ଷଣେ କ୍ଷଣେ
ଅଯତ୍ନମଣ୍ଡନ, ଗଣ୍ଡଯୁଗେ, ଗଳଦେଶେ; (୩)
ମୋହିନୀର ଶ୍ରୁତିମୂଳେ ଅବତଂସ ବେନି
ସ୍ୱାତି ଚିତ୍ରା ତାରା କି ସେ ମୁଖଚନ୍ଦ୍ରପାଶେ ?(୪)
ନୀଳୋତ୍ପଳ-ନେତ୍ରଯୁଗ୍ମ ଆକର୍ଣ୍ଣବିସ୍ତାରୀ
ମାର-ଅସ୍ତ୍ରାଗାରରୂପେ ଭ୍ରୂ-ଶିଳଣ ତଳେ
ବିରାଜେ,ମନୋଜ ଯହିଁ ଉଗ୍ରହର ଦିନେ
ଧୃତସମ୍ପତ୍ତିକ ଖଣ୍ଡ ଲୁଣ୍ଠେ ଅକୁଣ୍ଠିତେ,
ଉଚ ଘନ କୁଚକଳା ଆବୃତ କଞ୍ଚୁକେ
ସ୍ଥୂଳ କ୍ଷୀଣକଟି ବନ୍ଧ ରତ୍ନସାରସନେ
ଉଚ କ୍ଷୀଣ ଏକ ପୁଣି ଆରେକ ସକାଶେ,(୫)
କାନ୍ତିକୁଳଦେବୀ ପ୍ରାୟେ ବିଜେ ସୀମନ୍ତିନୀ(୬)
ସେନାକୂଳ ସେ ପ୍ରାନ୍ତରେ, ଇନ୍ଦୁ କୁଳଯଥା(୭)
ବିଜେ,.ଆହା, ଉତ୍ତରଳସିନ୍ଧୁଧାରଦଳେ, (୮)
ଛତହ୍ରଦେ ଛତଫଳ,ସେ ଶୋଭା-ପିତୁଳୀ
ଶୋଭିଲା ସେ ବୀରବକ୍ଷେ ଯଥା ବିଧୁଛବି,
ରୂପେ ଦେବ ସେନାପତି ଦେବ ସେନାପତି(୯
ପୃଥୁ ପୃଥୁପ୍ରେୟସୀଙ୍କି ସେ ତୋରଣମୁଖେ
ଦୁହିଁ ଦେଖି, ନିଜ ନିଜ ବାହିନୀ ସହିତେ
ନାନାଦେଶୀ ସେନାପତି ବନ୍ଦିଲେ ସାଦରେ
ବୀର-ବୀରାଙ୍ଗନା-ପଦ ସର୍ବେ ଯଥାବିଧି,
ସମସ୍ତଙ୍କୁ ଦିଲ୍ଲୀପତି ସସ୍ନେହେ ସମ୍ଭାଷି
ଆରମ୍ଭିଲେ ମହୋତ୍ସାହେ ରଣର ମନ୍ତ୍ରଣା,
ରଣପ୍ରିୟ, ମାତି ସେହି ଉତ୍ସାହର ବଶ
ବିମ୍ବିତ ନ ଦେଖି ସେନାପତିଙ୍କ ବଦନେ,
କ୍ଷୁବ୍ଧ ହେଲେ ବୀରମଣି ବିସ୍ମୟ-ବିଷାଦେ ;
ବୀର୍ଯ୍ୟପୁଷ୍ଟି ଆର୍ଯ୍ୟଗଣ ଫିଙ୍ଗି ପୃଷ୍ଠଦେଶେ
ଆର୍ଯ୍ୟାବର୍ତ୍ତେ, ଖିନ୍ନମତି କଲ ଉଦ୍ଦୀପନେ,
ଖିନ୍ନଚିତ୍ତ ବର୍ତ୍ତେ ଚାହିଁ ରଣ-ବିଭୀଷିକା (୧୦)
ସ୍ପନ୍ଦ କଲେ ଅଳ ଦିଲ୍ଲୀପତିଙ୍କ ସ୍ଥମୂରେ
ପରହ୍ନାର ଯାଚବାକୁ ପରପନ୍ତି-ପଦେ (୧୧)
ମାନବ୍ୟସ୍ତେ,ଧିକ୍କାରିତ ପ୍ରାଣର ଭିକାରୀ,
ପ୍ରାଣରଙ୍କ, ଭୟାତୁର, ଅତୁରଦରଶୀ,
ହୀନଚେତାଙ୍କର ଏହି ହୀନମତି ଦେଖି,

(୧) ଶରତ୍କାଳରେ ରାତ୍ରି ଶେଷରେ ପୂର୍ବଦିଗରେ ଅତ୍ୟୁଜ୍ଜ୍ୱଳ ଯୁଗ୍ମତାରା ପୁନର୍ବସୁର ଉଦୟ ହୁଏ । ଏହାତଳେ ପ୍ରଭାତ ତାରା ଏବଂ ପ୍ରଭାତ ତାରାତଳେ ଉଷାର ପାଟଳାଭ ଦୃଷ୍ଟ ହୁଏ । (୨) ମୁଖ ରଙ୍ଗଭୂମି, ଭ୍ରୂଲତା ସେହି ରଙ୍ଗଭୂମିର ନର୍ତ୍ତକୀ । (୩) ପାଟଳାଭ ଗଣ୍ଡ ଏବଂ ଗଳଦେଶର ଅଯତ୍ନସିଦ୍ଧ ଅଳଙ୍କାର । (୪) ସ୍ୱାତି ଚିତ୍ରା ପରସ୍ପର ନିକଟବର୍ତ୍ତୀ ତାରା । (୫) ସ୍ତନର ଉଚ୍ଚତା ବଶତଃ କଟି କ୍ଷୀଣ ଦିଶୁଅଛି, ପୁଣି କଟିର କୃଶତାବଶତଃ ସ୍ତନ ଉଚ୍ଚ ଦିଶୁଅଛି । (୬) କାନ୍ତି-କୁଳଦେବୀ—ଶୋଭାର ଅଧିଷ୍ଠାତ୍ରୀ ଦେବତା । (୭) ସେନାକୂଳ—ସେନାପରିପୂର୍ଣ୍ଣ । (୮) ସମୁଦ୍ର ଲହରୀ ସହିତ ସୈନ୍ୟମାନଙ୍କର ଏବଂ ଇନ୍ଦୁକୂଳ ସହିତ ସଂଯୁକ୍ତାଙ୍କର ଉପମା । (୯) ଦେବ-ସେନାପତିଙ୍କ—କାର୍ତ୍ତିକେୟ । (୧୦) ଖିନ୍ନଚିତ୍ତ—ଖିନ୍ନମନୋରଥ । (୧୧) ପରପଦ୍ମୀରୁ ଶତ୍ରୁ ।

ଏ ହୀନ ମନ୍ତ୍ରଣା ଶୁଣି, ରୋଷେ ଆର୍ଯ୍ୟମଣି
ଅମର୍ଷୀ ସମ୍ବୋଧି ତାଙ୍କୁ, ସମ୍ବୋଧି ବାନ୍ଧବୀ
କହିଲେ ଏମନ୍ତ ବୀର ବୀରୋଚିତ ଗିରେ—
"ଏହୁ କି ସେ ଆର୍ଯ୍ୟଭୂମି ? ଏ ଭୂମିର ସୁତ
ତୁମ୍ଭେ ଟିକି ଆର୍ଯ୍ୟନାମଦାୟାଦ ଜଗତେ?(୧)
ଦନାୟୁଛେ ନ ଦେବାର ସୂଚ୍ୟଗ୍ରମେଦିନୀ(୨)
ପଣ ଯେଉଁ ଆର୍ଯ୍ୟଙ୍କର, ତାଙ୍କର ଶୋଣିତ
ବହେ ଟିକି, ଆହେ ଯୋଧେ, ତୁମ୍ଭ ଧମନୀରେ
ଧିକ ! ଧିକ ! ଶତ ଧିକ ! ଧିକ ଏ ମନ୍ତ୍ରଣା !
ଏ ହୀନ ମନ୍ତ୍ରଣା, ଭୀରୁ-ପାମର ଉଚିତ,
ଉଚ୍ଚାରି ଯା କଲ ଶତେ ଅପବିତ୍ର ଆଜି
ନିଜ ମୁଖ, ଶ୍ରୋତା କର୍ଣ୍ଣ, ଆର୍ଯ୍ୟବଂଶଧରେ !
ଅବା ଅଭାଜନ ତୁମ୍ଭେ ଏ ନାମ ଧାରଣେ ?
ଲଘୁତା ଯେ ସେହି ମିନା ବୀରର ମରଣ,(୩)
ଲଘୁଭାବ ବହି ତୁମ୍ଭେ ମୃତ ଏ ଜଗତେ;
ନୋହିଲେ କି କହନ୍ତ ଏବେ ମୃତର ମନ୍ତ୍ରଣା ?
ପଳାଇ, ଏ ରଣସ୍ଥଳୁ ରହିବ କି ଜୀଇ
ଚିରଦିନ ଭବେ ? ଯେବେ ନାହିଁ ସେ ଦୂରନା
ନିଜ ମୁଖ, ପିତୃ ନାମ, ବୃଥା କଳଙ୍କିତ
କରିବ ଏରୂପେ କିପାଁ ପ୍ରାଣରଙ୍କ ମୂଢ଼େ ?
ହା ଧିକ ! ଏ ରଙ୍କପ୍ରାଣ ଆତଙ୍କେ ବଞ୍ଚାଇ
ଆଶ୍ୱ ମୃତ୍ୟୁପ୍ରଦ ରଣୁ ଅତପି ଯବନେ
ନିଜର ଏ ସ୍ୱର୍ଣ୍ଣପ୍ରସୂ ଭୂମି ସନାତନୀ, (୪)
ଯାପିବ କି ଦିନ ଚିର-ଅନଶନବ୍ରତେ ?
କଳ୍ପଲତା-ମୂଳେ ବସି ଚିର ଉପବାସୀ!
କ୍ଷୁଧାର୍ତ୍ତ ନରକେ ରହି ସୁରଧୁନୀତୀରେ !
ଦିଗ୍ବିଜୟୀ ଆର୍ଯ୍ୟସିଂହ ଔରସେ ଜନମି
ହେଲ କି ଅକ୍ଷମ, ଆହା, ନିଜସ୍ୱରକ୍ଷଣେ ?
ହିମ-ଉର୍ଜସ୍ୱଳ ଶ୍ୟାମ-ହିମାଦ୍ରି-ପ୍ରାଚୀରେ
ଦୁର୍ଗମି ଭାରତଦୁର୍ଗ କାପୁରୁଷ-ହାତେ
କେ କହିବ ମୋତେ, କିପାଁ ଅର୍ପିଲେ ବିଧାତ
ହା ଦେବ ! ଜମ୍ବୁକ ପରି ହର୍ଯ୍ୟକ୍ଷ-ଗୁହାରେ,
ଗୋଇଠା ପ୍ରହାରି, ନେବେ ତା ମୁଖୁଁ ଉଦ୍ଧାରି
ଗ୍ରାସ ତାର, ହର୍ଯ୍ୟକ୍ଷ ତା ସହିବ ମଉନେ !
ଏ ଲାଞ୍ଛନା ଥିଲା ଟିକି ଆର୍ଯ୍ୟର ଲଲାଟେ !
ଆତଙ୍କେ ସେ ହର୍ଯ୍ୟକ୍ଷର ଭୈରବଗର୍ଜନେ,
ଲୁଚିଥିଲା ଏ ଜମ୍ବୁକ ନିଜ ବିଳେ ଯାଇ, (୫)
ସେହି ଦିଲ୍ଲୀପତି ପୃଥୁ ତୁମ୍ଭର ଅଗ୍ରଣୀ
ଏ ସଂଗ୍ରାମେ, ସେହି ଶତ୍ରୁ ଶୋଣିତପିପାସୁ—
କୃପାଣ ତାଙ୍କର ପୁଣି ନିଷ୍କୋଷିତ ଆଜି,
ସେହି ଧ୍ୱଜପଟ ପୁଣି ଉଡ଼ଇ ସମୀରେ,
ଡରିଲ କି ଯୁଝିବାକୁ ଯବନ ସଙ୍ଗତେ
ଯବନ-କାନନ-ମହାଦାବାନଳରୂପୀ
ଅରାତିପ୍ରମାଥୀ ପୃଥୁ-ବାହୁଚ୍ଛାୟା-ତଳେ ?
ଏତେ ମାୟା ପ୍ରାଣେ ଯେବେ, ତେଜି ରଣଭୂମି
ଶୃଙ୍ଖଳସ୍ୱରୂପ ତୁମ୍ଭ ରଙ୍କ ପ୍ରାଣ ନେଇ,
ବାନ୍ଧି ରଖ ଗୃହେ ଯାଇ ନାରୀ ବସ୍ତ୍ରାଞ୍ଚଳେ,
ହେ ନାରୀଏ, ଘୃଣାସ୍ପଦେ ନରଦେହଧାରୀ(୬)
ବାହୁଡ଼ ସ୍ୱଗୃହେ ବେଗେ କଳଙ୍କିତମୁଖେ,
ଲାଙ୍ଗୁଳ ସଙ୍କୋଚି ଶ୍ୱାନ ପଳାଏ ଯେମନ୍ତେ,
ଅଇଁଠା-ଗୋଇଠା-ଭୋଗୀ ସେହି ଶ୍ୱାନପରି
ପ୍ରାସାଦାର୍ଥୀ ହୁଅ ଯାଇ ଯବନ ଦୁଆରେ !
ବାହୁଡ଼ ସ୍ୱଗୃହେ ବେଗେ ଖଡ୍ଗ ଶୂଳ ଆଦି
ଭୂଷଣ ନ ହୋଇ ଯାହା ମହାଭାର ଏବେ(୭)
ତୁମ୍ଭ ଭୀରୁ ହାତେ କରି ପାଟେ ପରିଣତ,
ଯବନର ଭୋଗଲାଗି ଦିଅ ନିରୁଦ୍ବେଗେ
ଯବନର ଲୁଣ୍ଠନବଳ ପୈତୃକ ଅବନୀ,
ଫିଙ୍ଗି ଦିଅ ଏହି ଢାଲ କି ଲୋଡ଼ା ଏ ତାଳେ

(୧) ଆର୍ଯ୍ୟପଦର ଉତ୍ତରାଧିକାରୀ । (୨) ଦୁର୍ଯ୍ୟୋଧନର ପ୍ରସିଦ୍ଧପଣ (୩) ଲଘୁତା ହିଁ ବୀର-ମାନଙ୍କର ମୃତ୍ୟୁ । (୪) ସନାତନୀ—ଚିରକାଳର । (୫) ପ୍ରଥମଥର ପୃଥୁ ଯବନରାଜଙ୍କୁ ଭାରତବର୍ଷରୁ ତଡ଼ିଦେଇଥିଲେ । (୬) ହେ ନାରୀଏ—ଅବଜ୍ଞାବ୍ୟଞ୍ଜକ ସମ୍ବୋଧନ । ଘୃଣାସ୍ପଦେ ନରଦେହଧାରୀ ମାତ୍ର ବସ୍ତୁତଃ ନାରୀ । (୭) ଅସ୍ତ୍ର ବୀରମାନଙ୍କର ଭୂଷଣ, ମାତ୍ର କାପୁରୁଷଙ୍କପକ୍ଷରେ ଭାର ଅଟେ ।

ତୁମ୍ଭଯୋଗ୍ୟ ତାଳ ସିନା ଝଙ୍କାର,ଲେଉଛ !
ସେହି ତାଳେ ଆତ୍ମରକ୍ଷା ଆଚରିବ ଏବେ,
ବିଳାସର କ୍ଷେତ୍ର ନୁହେ ସଂଗ୍ରାମ-ଅଗଣା,
ତପସ୍ୟାର କ୍ଷେତ୍ର ଏହୁ, ତପସ୍ୱି-କାଙ୍କ୍ଷିତ,
ବିପଦର ଯଜ୍ଞବେଦୀ, ଜୀବନ ଆହୁତି
ଦିଅନ୍ତି ଆହ୍ଲାଦେ ସର୍ବେ ଯଶୋଲିପ୍ସୁ ବୀରେ,
ତୁମ୍ଭପରି ଶ୍ୟାମିକାର ରେଖା ଏ ନିକଷେ(୧)
ପଡ଼ିବାର ଲେଖି ନାହିଁ ବିଧି କେଉଁକାଳେ,
କି ସାହସେ କଲ ତୁମ୍ଭେ ଅପବିତ୍ର ଆସି
ଏ ତୀର୍ଥ, ଆର୍ଯ୍ୟର ଏହି ଧର୍ମଯୁଦ୍ଧସ୍ଥଳୀ ?(୨)
ଆର୍ଯ୍ୟନାମେ ଏ କାଳିମା ବୋଳିଲ କପାଇଁ ?
ଆସ ହେ ସଂଗ୍ରାମସିଂହ, ଅଙ୍ଗାମିଳ ବୀରେ !
ଏ ମହାକଳଙ୍କ ଯାଉ ପଖାଳିବା ଖରେ
ରଣକ୍ଷେତ୍ରେ ରିପୁଲୋହେ ଅବା ନିଜ ଲୋହେ,
ବଞ୍ଚିତ ତୁମ୍ଭର ଶୂଳ ରିପୁରକ୍ତ ସ୍ୱାଦୁଁ
ବନ୍ଧୁହିନୁ ଦିଅ ତାଙ୍କୁ ଶୋଣିତ-ପାରଣା,
ଖଡ୍ଗଦେହେ ତାଙ୍କ ମୁନ ପୁଣି ନିଅ ଶାଣି,
ଆସ ବେଗେ, ରଣସ୍ଥଳୁଁ ଝିଙ୍କି ମହୋଲ୍ଲାସେ
ଆଣିବା ବିଜୟ-ଲକ୍ଷ୍ମୀ, ନ ପାରିଲେ ତାହା
ବୀରଶେଯେ ଆଶ୍ରିବା ତ ନିଜହାତକଥା, (୩)
ଆର୍ଯ୍ୟର ଦୁର୍ଭାଗ୍ୟଫଳେ ଆସିବ ଏ ଦେଶେ,
ଯେବେ କି ଯବନ,ଆସୁ ଆମ୍ଭ ଶବ ମାଡ଼ି,(୪)
ଫଳୁ ଯା ଫଳିବ କର୍ମେ, ରହ ଧର୍ମଧରି,
'ମନ୍ତ୍ରର ସାଧନ ଅବା ଶରୀର ପାତନ'
ଆର୍ଯ୍ୟର ଯା ସାର ଧର୍ମ, ପାଳ ଆର୍ଯ୍ୟବୀରେ !
ଆର୍ଯ୍ୟକୁଳଧ୍ୱଜ ପୃଥୁରାଜଙ୍କ ଗହଣେ ।”
ସୂର୍ଯ୍ୟତେଜ-ସ୍ପର୍ଶେ ଯେସନ୍ତେ ସୂର୍ଯ୍ୟକାନ୍ତମଣି
ଉଗାରେ ଅନଳ କଣା, ଅମର୍ଷୀର ବାଣୀ
ଜାଳି ଦେଲା ତେଜ-ବହ୍ନି ନିସ୍ତେଜ-ହୃଦୟେ
ଯୋଧଙ୍କର, ସର୍ବେ ଦମ୍ଭେ ଗର୍ଜିଲେ ହୁଙ୍କାରେ
'ଜୟ ପୃଥୁରାଜ'—ରବେ କମ୍ପିଲା ମେଦିନୀ,
ହ୍ରେଷିଲେ ତୁରଙ୍ଗେ,ଗଜେ ଗର୍ଜିଲେ ଭୈରବେ
ଉଠିଲା ଅମ୍ବର କରି ଅସ୍ତ୍ରର ଝମକେ,
ଦାବାନଳେ ବନ ଯଥା, ବୀରବାଦ୍ୟସ୍ୱନେ
ଚକ୍ରବାଳେ ପ୍ରତିଧ୍ୱନି ଜାଗିଲେ ଚମକି ;
ବ୍ୟଗ୍ରହେଲେ ଅଗ୍ରସର ହେବାକୁ ସଂଗ୍ରାମେ
ଉଦାୟୁଧ ଯୋଧବୃନ୍ଦ, ସର୍ବେ ଏକମେଳେ(୫)
ବରିଲେ ଅମର୍ଷୀ ବୀରେ ସେନାପତିପଦେ
ମହାଦରେ ପୃଥୁ ରତ୍ନ ବାନ୍ଧିଦେଲେ ଶାଢ଼ୀ
ତାଙ୍କ ଶିରୋଦେଶେ ଅଶ୍ରୁପୂର୍ଣ୍ଣ ଅବତର,
ବନ୍ଦାଣ-ରତନ-ଥାଳୀ ପଦ୍ମହସ୍ତେ ସେନି
ସମ୍ପାଦିଲେ ବଲ୍ଲୀରାଣୀ ନୀରାଜନାବିଧି,
ଦୈତ୍ୟଯୁଦ୍ଧେ ଶଚୀ ଯଥା ଦେବସେନାନାଥେ (୬)
ପୃଥୁଙ୍କୁ ମେଲାଣି ଦେଇ ବାହୁଡ଼ିଲେ ରାଣୀ
ଅଶ୍ରୁପୂର୍ଣ୍ଣମୁଖେ ପୂର୍ଣ୍ଣ-କଳାକରମୁଖୀ;
'ଜୟ ପୃଥୁ'-ନାଦେ ଏଣେ କମ୍ପାଇ ମେଦିନୀ
ରଣକ୍ଷେତ୍ରଯାତ୍ରୀ ହୋଇ ଚଳିଲା ବାହିନୀ,
ଦଳେ ଦଳେ ରଣୋନ୍ମାଦେ, ରଣବାଦ୍ୟତାଳେ
ତାରକାଭୂଷିତଦଳେ ବ୍ୟୋମ-ତୁଳା ଭଙ୍ଗି;(୭)
ପ୍ରାସାଦେ,ପ୍ରାଚୀରେ,ପୁଣି ଗବାକ୍ଷେ, କୁଟ୍ଟିମେ
ନିରେଖିଲେ ବୃନ୍ଦ ହୋଇ ଦିଲ୍ଲୀପୁରବାସୀ
ଆର୍ଯ୍ୟର ସେ ରଣଯାତ୍ରା କରପଟଯୋଡ଼ି
ବିଜୟବାହୁଡ଼ା ଯାଚି ରଣଲକ୍ଷ୍ମୀପଦେ,

(୧) ଶ୍ୟାମିକା—ଭଲ ସୁନା, ରଣକ୍ଷେତ୍ରରୂପ ନିକଷରେ କାପୁରୁଷରୂପୀ କୃତ୍ରିମ ସୁବର୍ଣ୍ଣର ରେଖା ପଡ଼େ ନାହିଁ । (୨) ଧର୍ମଯୁଦ୍ଧ—ସ୍ୱଦେଶରକ୍ଷାର୍ଥ ଯୁଦ୍ଧ । ପରରାଷ୍ଟ୍ର ଗ୍ରାସ ସକାଶେ ଯୁଦ୍ଧ ପାପଯୁଦ୍ଧ । (୩) ଯୁଦ୍ଧରେ ପ୍ରାଣବିସର୍ଜନ ନିଜର ଆୟତ୍ତ । ବୀରର ସୌଭାଗ୍ୟରୁ ବଞ୍ଚିତ ହେଲେ ସୁଦ୍ଧା ବୀରର ମୃତ୍ୟୁରୁ ଆମ୍ଭେ ବଞ୍ଚିତ ହେବୁ ନାହିଁ । (୪) ଆମ୍ଭେମାନେ ଜୀବିତ ଥାଉଁ ଥାଉଁ ଯବନ କଦାପି ଆସି ପାରିବ ନାହିଁ । (୫) ଉଦାୟୁଧ—ଯେଉଁମାନେ ଅସ୍ତ୍ର ଉତ୍ତୋଳନ କରିଅଛନ୍ତି । (୬) ଦେବସେନାନାଥ—କାର୍ତ୍ତିକେୟ । (୭) ସଶସ୍ତ୍ର ସୈନ୍ୟମାନଙ୍କ ଗତି ଦେଖି ବୋଧ ହେଲା, ଯେମନ୍ତେ କି ନକ୍ଷତ୍ରମଣ୍ଡିତ ନଭୋମଣ୍ଡଳ ଚାଲି ଯାଉଅଛି ।

ବରଷିଲେ ଲାଜାଞ୍ଜଳି କାହିଁ ବୀରାଙ୍ଗନା,
କାହିଁ ରଣଯାୟୀ ପୁତ୍ରେ ବଧୂର ଜନନୀ
ଚୁମ୍ବି ଦେଇ, ମୁହୁର୍ମୁହୁଃ ମୁଣ୍ଡେ କର ହାଣି,
କାନ୍ଦିଲା କରୁଣେ ଦୋଷି ଦାରୁଣ ବିଧିଙ୍କ;
ଅଶ୍ରୁପ୍ଲୁତନୟନେ କାହିଁ ଉଭା ପ୍ରଣୟିନୀ
ବ୍ୟାବର୍ତ୍ତିତ ପ୍ରିୟମୁଖ ଦେଖିବାର ଆଶେ
ଥରେ ହେଲେ ଆମରଣ ସ୍ମୃତିର ସମ୍ବଳି,(୧)
କାହିଁ ପ୍ରେମଶୀଳା ନବଉଦ୍ବାହିତା ବାଳା
ଚକାଏ ରମଣପଥେ, କେଉଁରୂପେ କି ସେ,
ନୀଳୋତ୍ପଳଦଳଦାମ ଛୁଟି ଦେବା ଆଖି ?
ଅଙ୍ଗୁଳି-ନିର୍ଦ୍ଦେଶେ ବାଷ୍ପଗଦଗଦସ୍ୱରେ
କୋଡ଼ସ୍ଥ ଶିଶୁକୁ କାହିଁ କହଇ ଚିହ୍ନାଇ
ରଣଯାୟୀ ପିତୃ ତାର ସେ ଶିଶୁର ମାତା,
ଲୋଚନେ ଲୋଚନଜଳ ସ୍ତମ୍ଭି ସୁଲୋଚନା;(୨)
ଶୋକୋଚ୍ଛ୍ୱାସେ କାହିଁ ପୁଣି ଦେଖଇ କୁମାରୀ
ମାନସପତିର ଯୁଦ୍ଧମୂରତି ସଭୟେ (୩)
ସୁଖର ଆକାଶ-ହର୍ମ୍ୟ, ଆଶା-ବିରଚିତ,(୪)
ମିଶି ଯାଇଅଛି ତାର ଆଶା ଚକ୍ରବାଳେ; (୫)
ଭାଇକି ଅନାଇ କାହିଁ କାନ୍ଦଇ ଭଉଣୀ,
ପିତାକୁ ଅନାଇ କାହିଁ କାନ୍ଦଇ ଦୁହିତା
ଶ୍ୱାସ ସଙ୍ଗେ ତେଜି ପୁଣି ଦର୍ଶନର ଆଶା
ଦିଲ୍ଲୀପୁରୀ-ଶିରୋଦେଶେ ପୂରିଲା ଏରୂପେ
ଅବଳା-ବିଳାପେ ବଳ, ବ୍ରତର ମନାସେ ।
ଘନସନ୍ନିବେଶେ, ସେନା-ସନ୍ନଦ୍ଧ-ଶରୀରେ
ଅଗ୍ରେ ଉଭା ଯବନର ବ୍ୟୂହିତ ବାହିନୀ,(୬)
ମହାଦୃପ୍ତ, ଉଚ୍ଛ୍ୱସିତ ସଂଯତ ସାହସେ,(୭)
ଦୃଢ଼ପ୍ରତିଜ୍ଞାର ମୁଦ୍ରା ମୁଦ୍ରିତ ଲଲାଟେ ;
ଅସି, ଶୂଳ, ଭଲ୍ଲ ଆଦି ଝଲେ ଝକଝକେ
ସୌରକରେ, ଠିକରାଇ ଆଖି ଖରତେଜେ,
ଭୀମଉପପ୍ଳବଶଂସୀ ଧୂମକେତୁ ପ୍ରାୟେ,
ବାଳେନ୍ଦୁଲାଞ୍ଛିତ-ଧ୍ୱଜ ଉଡ଼ଇ ସମୀରେ (୮)
ଊର୍ଦ୍ଧ୍ୱଦେଶେ, ଧିକ ଧିକ, ସେ ଧ୍ୱଜ ସହିତେ
ଦେଶଦ୍ରୋହୀ ଜନଙ୍କର ନାନାରୂପେ ପୁଣି
ତୋଳିଅଛି ନିଜ ଧ୍ୱଜ ରାଠୋରବଂଶଜ
ଜୟଚନ୍ଦ୍ର ଯବନର ପ୍ରସାଦଭିକାରୀ (୯)
ନିଜପାଇଁ, ମାତୃଭୂମି ଆର୍ଯ୍ୟାବର୍ତ୍ତ ପାଇଁ
ବ୍ରତ ଯାର ଅଧୀନତା-ଶୃଙ୍ଖଳ-ସର୍ଜନା
ସେ ପାପୀ ସହିତେ ବନ୍ଧ ପାପସନ୍ଧି-ପାଶେ,
ଆର୍ଯ୍ୟନାଶେ ଯବନର ଆର୍ଯ୍ୟସହକାରୀ
କାଶ୍ମୀର, ପୁଷ୍କଳାବତୀ, ତକ୍ଷଶିଳାପୁରୀ,(୧୦)
ଶାଳାତୁର,ହଂସପୁର ଆଦି କରି ଯେତେ(୧୧)
ମଞ୍ଚସ୍ୱର୍ଗ ଭାରତର ତୋରଣକୁଞ୍ଚିକା—
ପଞ୍ଚନଦ-ଜନପଦ-ରାଜନ୍ୟମଣ୍ଡଳୀ(୧୨)
ମିଶିଛନ୍ତି ତହିଁ ଆସି ନିଜ ଦଳବଳେ,
ସଦ୍ୟ ଲାଭଲୋଭୀ, ମାତ୍ର ଅନ୍ଧ ପରିଣାମେ ।
ଚତୁରଙ୍ଗ ହୋଇ ତହୁଁ ବେନି ଅନୀକିନୀ

(୧) ଯୁଦ୍ଧଯାତ୍ରୀ ପ୍ରଣୟୀ-ମୁଖ ଫେରାଇ ଥରେ ଅନାଇଲେ ସେହି ଦୃଷ୍ଟି ମରଣ ପର୍ଯ୍ୟନ୍ତ ସ୍ମୃତିର ସମ୍ପତ୍ତି ହୋଇ ରହିବ, ଏହି ଆଶାରେ ପ୍ରଣୟିନୀ ଉତ୍ସୁକ ନୟନରେ ଉଭା ହୋଇ ରହିଅଛି । (୨) ଲୋତକ ବିସର୍ଜନ ଅଶୁଭସୂଚକ ଅଟେ ; ଏହି ହେତୁରୁ ସେଥିର ସ୍ତମ୍ଭନ । (୩) ମାନସପତି—ମନେ ମନେ ଯାହାକୁ ପତିତ୍ୱରେ ବରଣ କରିଅଛି । (୪) ଆଶାବିରଚିତ—ଆଶାଗଠିତ ସୁଖର ପ୍ରାସାଦ । (୫) ଆଶାଚକ୍ରବାଳେ—ଦିକ୍‌ଚକ୍ରରେ ।

(୬) ବ୍ୟୂହିତ—ବ୍ୟୂହରେ ସଜ୍ଜିତ । (୭) ସଂଯତ ସାହସ—ଯେଉଁ ସାହସ ଉଚ୍ଛୃଙ୍ଖଳ ନୁହେଁ । (୮) ଯବନମାନଙ୍କର ଧ୍ୱଜ—ବାଳେନ୍ଦୁ ଲାଞ୍ଛିତ । (୯) କାନ୍ୟକୁବ୍ଜପତି ରାଠୋର ବଂଶୀୟ ଜୟଚନ୍ଦ୍ର ସଂଯୁକ୍ତାଙ୍କ ପିତା ଏବଂ ପୃଥ୍ୱୀଙ୍କ ଶ୍ୱଶୁର । (୧୦) ରାମାନୁଜ ଭରତଙ୍କ ପୁତ୍ର ତକ୍ଷ ଓ ପୁଷ୍କଳ କର୍ତ୍ତୃକ ତକ୍ଷଶିଳା ଓ ପୁଷ୍କଳ ନଗରୀ ସ୍ଥାପିତ ହୋଇଥିଲା । ଏମାନ ପଞ୍ଜାବର ଅନ୍ତର୍ଗତ । (୧୧) ଶାଳାତୁର—ବର୍ତ୍ତମାନ ଲାହୋର । ହଂସପୁର—ଆଧୁନିକ ମୁଲତାନ । (୧୨) ପଞ୍ଚନଦ ଜନପଦ ଅର୍ଥାତ୍ ପଞ୍ଜାବ ଭାରତବର୍ଷର ତୋରଣର କଣ୍ଠସ୍ୱରୂପ ।

ଛୁଟିଲେ ଭୈରବ ରଡ଼ି, ଯେସନେ ଘଡ଼ଘଡ଼ି
ଯୁଗାନ୍ତର, ନଭଗର୍ଭ ବିଦାରି ସେ ଧ୍ୱାନେ,
ଭ୍ରୂକୁଟି-କୁଟିଳ ମୁଖେ, ଆରକ୍ତଲୋଚନେ
ନିରେଖିଲେ ଯେଣି ସେନା ଯେଣିକି ଦୃଷ୍ଟିରେ
ଲଭେ ମ୍ଳାନ,ବାତ୍ୟାଆଗେ ବାତସ୍ତମ୍ଭଯଥା,(୧)
ବିଷମ ହୁଣସ୍ତ ଦମ୍ଭ -ଆକରଣ ତଳେ
ଆନ୍ଦୋଳିଲା ମୁହୁର୍ମୁହୁଃ ବୀରବୃନ୍ଦମନଃ,
ରକ୍ତ ହୋଇଗଲା ଜଳ, ପାଣ୍ଡୁ ଗଣ୍ଡସ୍ଥଳୀ,
ଥରିଲା ପାଦର ଭଣ୍ଡା ଥରଥର ଥରେ
ଏକ ଆରେକରେ ଭେଟି, ସାହସ ବିସ୍ମରି
ଭଜିଲା ଆତଙ୍କ ମହାସାହସୀର ହିଆ
ବିକଟାଳ-କାଳ ଆସ୍ୟ-କୁହର ଅଗ୍ରତେ,(୨)
ସଂଗ୍ରାମସଙ୍କେତଶଂସୀ ନାଦିଲା ଭୈରବେ
ଏ କାଳେ ସଂଗ୍ରାମ ଶିଙ୍ଗା,ଢକ୍କା,ତୂରୀ,ଭେରୀ
ଝଗଝମ୍ପ,ଝରଜରୀ, ଦାମାମା, ଦୁନ୍ଦୁଭି,
ପ୍ରତିଧ୍ୱନି ଉପୁଜାଇ କନ୍ଦର-କୁହରେ
ପୁନଃ, ପୁନଃ ବିଶ୍ୱଧ୍ୱଂସୀ ରୁଦ୍ରଶିଙ୍ଗାପରି, (୩)
ଆମୂଳ ବସୁଧା-ବକ୍ଷ କମ୍ପାଇ ସେ ତାନେ,
ସେ ଆରବେ ମହାଦମ୍ଭେ ମିଶିଲେ ଆହବେ
ଆସି ଯବନର ସେନା ଗର୍ଜି ହୁହୁଙ୍କାର
ପ୍ରଳୟ-ଜୀମୂତ ଯେସନେ,ପୂର୍ଣ୍ଣ ଇରମ୍ମଦେ,(୪)
ପ୍ରଭଞ୍ଜନପୃଷ୍ଠେ ନଭେ ବେଗେ ଉଡ଼ି ଆସି
ଯେଣି ଆଡ଼ ଯେଣି ପରେ ପଡ଼ନ୍ତି ଯେବଣେ,
ଆତଙ୍କେ କମ୍ପିଲା ବିଶ୍ୱ ସେ ଘୋର ନିର୍ଘୋଷେ
ଦୈତ୍ୟେଶ୍ୱର ବୃତ୍ର-ଶିରେତପଃସାରରୂପି-(୫)
ଦମ୍ଭୋଳିକ୍ଷେପିଲେଅବାଦମ୍ଭୋଳିନିକ୍ଷେପୀ;(୬

କି ପୁରେ, କି ଜନପଦେ, ଭୂକମ୍ପନେ ଯଥା
ମଡ଼ ମଡ଼ ମଡ଼ି ହୋଇ କମ୍ପିଲା ସଘନେ
ଭବନ,ପାଚେରୀ, ପୀଡ଼ା, ଖରତର ସ୍ରୋତେ
ଗୁଳିଲା ଯମୁନାପାଣି ସୁରଧନୀମୁଖେ,
ପ୍ରଜାପତି ଦକ୍ଷ-ଧ୍ୱଂସେ ବୀରଭଦ୍ରରୂପୀ
ବିଶ୍ୱନାଶୀ ରୌଦ୍ରଜ୍ୱର-ପ୍ରଶ୍ୱାସ ପରଶେ (୭)
ବହିଲା ମରୁତ, ଦୂର ଦିଙ୍ମୁଖ ଘୋଡ଼ାଇ
ଧୂଳି ମେଘେ, ମହାବେଗେ ଉପାଡ଼ି ଦ୍ରୁମାଳି,
ଶାବକର ମାୟା ଛାଡ଼ି ଉଡ଼ିଗଲେ ନୀଡ଼ୁ
ବିହଙ୍ଗେ, ଗଗନ ପୂରି କରୁଣ କୂଜନେ,
ପଳାଇଲେ ଜୀବକୁଳ ଭିଏ କେଉଁ ଆଡ଼େ
ବଣାହୋଇ, ପଳାଇଲେ ଯୋଗୀ ଯୋଗ ଛାଡ଼ି
ଗର୍ଭିଣୀର ଗର୍ଭ ସ୍ରବ ପଡ଼ିଲା ଅକାଳେ ;
ଚକିତ ଶିଶୁକୁ ହସ୍ତେ ଧରିଲେକ ଜାବି
ଆକଟେତାମାତାହୋଡ଼େସ୍ତନ୍ୟଦାନେରତା (୮
ଛୁନକାରେ ହସ୍ତ ହୋଇ ହେଲେ ଛନ୍ନମତି
ସର୍ବପ୍ରାଣୀ କି ଜଳେ, କି ସ୍ଥଳେ; ବିହାୟସେ;
ଆହିଳା ଫେନିଳା, ଗିରିଗୈରିକେ ଅରୁଣା,
ଜଳୋଚ୍ଛ୍ୱାସେ ବନ୍ଦିଗର୍ଜି ତ୍ରିତ୍ରିଆପ୍ରାନ୍ତରେ(୯)
ଯଣେ ଘୋ ଘୋ ରବେ ଯଥା ନଦୀକୁଳେଶ୍ୱରୀ
ମହାନଦୀ, ସେ ବିଶାଳ ପୁଳୀନ ଆବୋରି,
ଜଳ ଆସ୍ତରଣେ ଦୂର ଶୈଳ ଶ୍ରେଣୀ ଯାଏ
ବୁଡ଼ାଇ ଶ୍ୟାମଳ କ୍ଷେତ୍ର କୃଷୀବଳ-ଆଶା
ଭସାଇ ଗୋଶାଳା, ଖଳା,ମଞ୍ଚ, ଧାନକୋଠି
ମହାବେଗେ ମହାଦ୍ରୁମ-ବିଟପ-ପଲ୍ଲବେ
ଝାଡ଼ିଥିଲେ ଆଗେ ଯହିଁ ବିହଙ୍ଗଦମ୍ପତି

(୧) ମହାବାତ୍ୟାର ଅବ୍ୟବହିତ ପୂର୍ବେ ପବନ ଯେପରି ସ୍ତମ୍ଭିତ ହୋଇଯାଏ । (୨) ସମର ଭୟଙ୍କର ମୁଖ-କୁହର ସମ୍ମୁଖରେ । (୩) ବିଶ୍ୱପ୍ରଳୟକାରୀ ମହାଦେବଙ୍କ ଶିଙ୍ଗାପରି (୪) ଇରମ୍ମଦ—ବଜ୍ରାଗ୍ନି । (୫) ତପସ୍ୟା ଅତି କଠିନ ପଦାର୍ଥ । ବଜ୍ର ଅତି କଠିନ ହୋଇଥିବାରୁ ତପସ୍ୟାର ସାରରୂପେ ବର୍ଣ୍ଣିତ ହୋଇଅଛି । (୬) ଦମ୍ଭୋଳି—ବଜ୍ର । ଦମ୍ଭୋଳିନିକ୍ଷେପୀ—ଇନ୍ଦ୍ର । (୭) ଦକ୍ଷଯଜ୍ଞ ଧ୍ୱଂସ ସମୟରେ ଶିବଦୂତ ବୀରଭଦ୍ର ଜ୍ୱରରୂପ ଧାରଣ କରିଥିଲେ । (୮) ଆକଟେ—ନିବିଡ଼ରୂପେ । (୯) ତ୍ରିତ୍ରିଅ ପ୍ରାନ୍ତର ବାଙ୍କିରାଜ୍ୟ ଅନ୍ତର୍ଗତ ମହାନଦୀର ଦକ୍ଷିଣ ତୀରରେ ଅବସ୍ଥିତ । ମହାନଦୀର ପ୍ରବଳ ବନ୍ୟା ସମୟରେ ଏହା କ୍ୱଚିତ୍ ଜଳକାରେ ପରିଣତ ହୁଏ ।

ପ୍ରେମାମୋଦେ ଯେଉଁଠାରେ ଖେଳାଇ ବିହଙ୍ଗାଳୀ(୧
ସେରୂପେ ସବନଦଳେ ଅର୍ଯ୍ୟବରୁଥିନୀ
ପଡ଼ିଲେ ପ୍ରଚଣ୍ଡ ବେଗେ—ରଥୀ ସହ ରଥୀ,
ପଦାତି ପଦାତି ସହ, ସାଦୀ ସଙ୍ଗେ ସାଦୀ,
ନିଷାଦୀ ନିଷାଦୀ ସହ ମିଶିଲେ ଆହବେ ,
ରଣୋନ୍ମାଦ- ଉଦ୍ଦୀପନ ରଣବାଦ୍ୟତାନେ
ଅସ୍ତ୍ରର ଝଁନ୍‌ଝନେ, ଧନୁଷ୍ଟଙ୍କାର-ଶବଦେ,
ଆହତର ଆର୍ତ୍ତ ଆର୍ତ୍ତ ନାଦେ, ଯୋଦ୍ଧାର ହୁଙ୍କାରେ
ଚକ୍ରର ଘର୍ଷରେ, ବାଜିରାଜି-ହ୍ରେଷାରବେ,
ଦନ୍ତାବଳ-ଘଣ୍ଟାରବେ ଆଉର ବୃଂହିତେ,
ଉଠିଲା ନିର୍ହ୍ଲାଦ କର୍ଣ୍ଣବିବରବଧିର,
ଅମ୍ବୁରାଶି-ଘୋଷ ଯଥା ପ୍ରଳୟପବନେ,
ବ୍ରହ୍ମାଣ୍ଡ-ଉଦର ଫାଟିଗଲା କି ସେ ନାଦେ ।
ବାଣବୃଷ୍ଟି ଘୋଟିଲେ ଶଲଭ ପରାୟେ (୨)
ନଭୋଦେଶ, ଧୂଳିରାଶି ଅଶ୍ୱ ଖୁରେ ଉଠି
ରଥଚକ୍ରେ ସାନ୍ଦ୍ର ହୋଇ, କରି-କର୍ଣ୍ଣତାଳେ
ପ୍ରସରି, ଭାସ୍କରବିମ୍ବ ରୋଧିଲା ଆକାଶେ,
ରଣ-ଉତ୍ସବର ଯୋଗ୍ୟ ଚନ୍ଦ୍ରାତପରୂପେ, (୩)
ବାଳାତପ ପ୍ରାୟେ ଶୋଭି ସେ ଧୂଳି-ଅନ୍ଧାରେ
ରକ୍ତଧାରା, କର୍ଦ୍ଦମାକ୍ତ କଲା ବସୁନ୍ଧରା,
ରଣଚଣ୍ଡୀଙ୍କର କି ସେ ଅଲକ୍ତକ-ଲାଗି ? (୪)
ଯୁଗାନ୍ତ-ମାର୍ତ୍ତଣ୍ଡ ପ୍ରାୟେ ଜଳିଲା ଅମ୍ବରେ
ଉଜ୍ଜ୍ୱଳ ଯାଦବଚକ୍ର, ମୈଥିଳ-ନାରାଚେ
ଅନ୍ଧାର ଦିଶିଲା ଦିଗ, ଚପଳା-ଚମକେ
ଚମକି ଉଜ୍ଜ୍ୱଳୀ ଖଣ୍ଡା, ନେପାଳୀ କଟାରି,
କୌଶେୟର ଭିନ୍ଦିପାଳ, ବୈରାଟ ପରଶୁ,
ପଡ଼ିଲା ଝଁନ୍‌ଝନେ ଟାଣେ ରିପୁବାରବାଣେ(୫)
ପ୍ରମତ୍ତ-ମାତଙ୍ଗ-ଦନ୍ତ ତୀବ୍ର ଅସ୍ତ୍ରାଘାତେ
ଅନଳସ୍ଫୁଲିଙ୍ଗ ଝଡ଼ି ଲଭିଲା ତତକ୍ଷଣେ
ଉଚ୍ଛ୍ୱାସେ ଉଦ୍ଭୂତ-କର-ଶୀକର ଆସାରେ(୬)
ଭାସ୍କର ଶାଣିତ ଶର ସୈନ୍ୟଙ୍କ ଶରୀରେ
ପଶିଲା ସବେଗେ ଯେସନ୍ତେ ଉରଗ ବାଲ୍ମୀକେ(୭
ଭ୍ରୂକୁଟିକୁଟିଳ ମୁଖେ ଅଧର କାମୋଡ଼ି
ଅରାତି ଅରାତି ସଙ୍ଗେ ଯୁଝିଲେ ବିକ୍ରମେ,
ନିଦାରୁଣ ସେ ବିମର୍ଦ୍ଦେ,ପ୍ରହାର ନିର୍ଦ୍ଦୟେ(୮)
ଅବିକ, ପ୍ରହାର ତାର ଖାଇ ଅକାତରେ,
ରକ୍ତାକ୍ତ ସଘନେ ପିଙ୍ଗି ରୋଷାନଳକଣା,
ହତରଥ ହତାଶ୍ୱ ହୋଇ ରଥୀ ଅଶ୍ୱବାରେ
ଯୁଝିଲେ ପଦାତରୂପେ ଶସ୍ତ୍ରେ ଶସ୍ତ୍ରେ ହାଣି,
ଶସ୍ତ୍ର ଭାଙ୍ଗିଲାରୁ ଗାଢ଼େ ହୋଇ ଜଡ଼ାଜଡ଼ି
ମୁଷ୍ଟାମୁଷ୍ଟି ମୁଥାମୁଥି କରୁକରି ରତ
ଗଡ଼ିଲେ ଅବନୀତଳେ ବେନି ରଣରୋଳେ,
ହସ୍ତୀ, ଅଶ୍ୱ, ରଥୁଁ ଖସି ପଡ଼ିଲେ ପ୍ରବୀରେ
ହତ ହୋଇ, ପୂର୍ଣ୍ଣ୍ୟ ଯସେ ପଡ଼ନ୍ତି ଭୂତଳେ
ତୀରବେଗେ ତାରକାରେ ଯଥା ପୁଣ୍ୟପ୍ରାଣୀ,
ଅକାଟ୍ଟ ଧାରଣ କରେ ଶତ ଶତ ଭଟେ (୯)
ଅଚ୍ଛେଦ୍ୟ ଅଭେଦ୍ୟ ଅସ୍ତ୍ରେ ନିଜ ଦେହ ମଣି
ରଣରୋଳେ ପଶି, ଶତ୍ରୁ ହସ୍ତେ ହାଣ ଖାଇ,
ବଧିଲେ ପି କାଟିବାକୁ ଅକ୍ଷମ ଅକାଟ୍ଟ,
କିଣିଲେ ଏ ମହାଜ୍ଞାନ ପ୍ରାଣ-ମୂଲ୍ୟ ଦେଇ,

(୧) ବୃକ୍ଷମାନଙ୍କର ଶାଖାପଲ୍ଲବ ମଧ୍ୟରେ ପୂର୍ବେ ପକ୍ଷୀମାନେ କ୍ରୀଡ଼ା କରୁଥିଲେ, ବନ୍ୟାଜଳ ସେ ପର୍ଯ୍ୟନ୍ତ ଉଠିବାରୁ ସେଠାରେ ବର୍ତ୍ତମାନ ମତ୍ସ୍ୟମାନେ କ୍ରୀଡ଼ା କରୁଛନ୍ତି । (୨) ଶଲଭ—ଫଡ଼ିଙ୍ଗ, ଝିଣ୍ଟିକା (୩) ରଣଧୂଳି ଆକାଶରେ ବ୍ୟାପ୍ତ ହୋଇ ରଣୋତ୍ସବର ଉପଯୁକ୍ତ ଚନ୍ଦ୍ରାତପ ହେଲା । (୪) ରକ୍ତଧାରା ଯୁଦ୍ଧର ଅଧିଷ୍ଠାତ୍ରୀ ଦେବୀଙ୍କର ଅଳକ୍ତକ ପ୍ରାୟ ହେଲା । (୫) ଟାଣେ—ଭୟଙ୍କରରୂପେ । ରିପୁବାରବାଣେ—ଶତ୍ରୁମାନଙ୍କର ଧାତୁଗଠିତ କବଚ ଉପରେ (୬) ଶୁଣ୍ଡର ଫୁତ୍କାରଜନିତ ଶୀକର ବୃଷ୍ଟିରେ । (୭) ଉଇ ହୁଙ୍କା ମଧ୍ୟରେ ସାପ ପରି । (୮) ବିମର୍ଦ୍ଦ—ଯୁଦ୍ଧ (୯) ଅସ୍ତ୍ରରେ ଅଚ୍ଛେଦ୍ୟ ହେବେ ଏହି ବିଶ୍ୱାସରେ ପୂର୍ବେ ଯୋଦ୍ଧାମାନେ ଶରୀରରେ ଏକ ପ୍ରକାର ଜଡ଼ି ଧାରଣ କରୁଥିଲେ । ସେହି ଜଡ଼ିର ନାମ ଅକାଟ୍ଟ । ଭଟ—ଯୋଦ୍ଧା ।

ଗଣ୍ଡିରୁ ବିଚ୍ଛିନ୍ନ ହୋଇ ଛୁଟନ୍ତେ ଛୁଟନ୍ତି
ଛୁଟ ଛୁଟ ହେଲା ଭୂମେ ରକ୍ତ ଜଳସ୍ରାବ (୧)
ସାଳଙ୍କାର ହସ୍ତପାଦ, ସଶିରସ୍ତ୍ର ଶିରଃ ; (୨)
ସେସି ହୋଇଗଲେ ପତ୍ତି ଅଶ୍ୱେଅଶ୍ୱ ରଥେ(୩
ରଥ, ଗଜେ ସେ ଚମର୍ଦ୍ଦେ, ରୁଧିର-କର୍ଦ୍ଦମେ
ମସ୍ତିଷ୍କ, ଯକୃତ, ପ୍ଲୀହା, ଅନ୍ତ୍ର, ମାଂସ, ବସା,
ହୃତପିଣ୍ଡ ମିଶି ହେଲା ଅଯତ୍ନେ ସେକାଳେ
ଭୈରବୀର ଭୋଗଯୋଗ୍ୟ ବୀଭତ୍ସ ଖାଣ୍ଡିଆ (୪
ରଣବ୍ୟୋମେ ଶ୍ୟେନପନ୍ତି ଉଡ଼ିଲେ କୌତୁକେ
ମାଂସଲୋଭେ, ରଣଲକ୍ଷ୍ମୀ-ପାରାବତରୂପୀ (୫)
ରଥୀଙ୍କ ଅଚେତା ଦେଖି ହେଲା ବାତୁଳାଇ
ରଥ ରଥଯନ୍ତା କାନ୍ଧେ ବଜ୍ରଲର ବେଗେ, (୬)
ତୀବ୍ରକଶାଘାତେ ତ୍ୱରେ ତଡ଼ି ବାହ୍ୱାବଳୀ;(୭)
କାନ୍ଧେ ଫେନୋଦ୍‌ଗାରମୁଖେ, ରକ୍ତାକ୍ତ ବିଗ୍ରହେ
ଅନଳ ଉଗାରି ଘୋଣାନିଃସୃତ-ଫୁତ୍କାରେ
ବ୍ୟସ୍ତେ ପଳାଇଲେ ଅଶ୍ୱ, ନିହତ ସାଦୀଙ୍କ
ପୃଷ୍ଠେ ବହି, ଶିରସ୍ତ୍ରାଣ ଲୋଟାଇ ଭୂତଳେ
ସେ ସାଦୀର, ଶୋଣିତାର୍ଦ୍ର କୁନ୍ତଳ ସହିତେ ;
ପଳାଇଲେ ରଣସ୍ଥଳୁଁ ବିକଟ ଚିତ୍କାରେ
ସୌଦାମିନୀପ୍ରଭ-ହେମ-ସ୍ରବେଣୀମଣ୍ଡିତ (୮)
କରିବୃନ୍ଦ, ମନ୍ଦ୍ରଘୋଷିଘନଘଣ୍ଟାକୃତ,

ଯାହେ ସେ ଥୋଇପାରି ଟେକ, ଫିଙ୍ଗି ଆସେଷ୍ଟି ବା
ସ୍ୱଦଳ ବିପକ୍ଷଦଳ ଦଳି ନିର୍ବିଶେଷେ,
ଅସଂଖ୍ୟ ଯବନଯୋଧେ ହେଲେ ରଣଶାୟୀ,
କେତେଆର୍ଯ୍ୟବୀରପକ୍ଷେଗଲେ ପ୍ରେତପୁରେ
କେ କଳିବ ? କେ ଗଣିବ ବରଷାର ଧାର ?
ଅମୂଲ୍ୟ ଯେ ରକ୍ତ, ଆହା, ଦେଶରକ୍ଷା ଲାଗି
ବହିଲେ ସ୍ରବିଲା ତାହା ଭ୍ରାତୃଘାତରଣେ ,(୯
ଦେବାକୃତ ଦେବାମୀର ହଂସପୁରପତି (୧୦)
ଶୁଆଇଲେ ଉଜ୍ଜ୍ୱଳିମାପତିଙ୍କି ଝଟତି
ଅସ୍ୱପ୍ନସୁଭଗ ତଲ୍ପେ ପରଶୁ ଆଘାତେ, (୧୧)
ଅଞ୍ଜନ ଅଞ୍ଜନପ୍ରଭ ପାଞ୍ଚାଳଭୂପତି (୧୨)
ଜୟଚନ୍ଦ୍ର ପ୍ରିୟସଖା ହେଲେ ଧରାଶାୟୀ
ଚେଦିନାଥଗୋବିନ୍ଦରାୟ ବକ୍ଷଭେଦନେ,(୧୩
ଶସ୍ତ୍ର ଭ୍ରମି ଗୋବିନ୍ଦରାୟ ଶତ୍ରୁ ନାଭିତଳେ
ଉତାରି ନେଲେ ତା ମୁକ ଶତ୍ରୁ ପ୍ରାଣ ସହ ;
ବିକ୍ରମ କାଶ୍ମୀରପତି ଯୁଝିଲେ ବିକ୍ରମେ (୧୪)
ରଣଚଣ୍ଡି ବସ୍ତ୍ରରାଜ ରଣଚଣ୍ଡି ଭୁଲେ, (୧୫)
ରଣଚଣ୍ଡ-ଭଲ୍ଲ ତାଙ୍କ କଣ୍ଠ ମୁଣ୍ଡେ ପଶି
ଶୋଣିତ ଉଳକା ସହ ଅଇଲା ବାହାରି,
ତୁରଙ୍ଗୁ ବିକ୍ରମ ଖସି ଆଲିଙ୍ଗିଲେ ଅନ୍ତେମେ
ଭୂମିଶଯ୍ୟା, ଚନ୍ଦ୍ରାନନା କାଶ୍ମୀର-ତରୁଣୀ (୧୬)

(୧) ରକ୍ତହ୍ରସ୍ରାବ—ରୁଧିର ପସ୍ରବଣସ୍ରାବ । (୨) ସଶିରସ୍ତ୍ର—କଣ୍ଟପ୍ରୁକ୍ତ । (୩) ପତ୍ତି—ପଦାତିକ । (୪) ଭୈରବୀ—ପ୍ରେତମାନଙ୍କର ଅଧିଷ୍ଠାତ୍ରୀ ଦେବତା । (୫) ପାରା ଲକ୍ଷ୍ମୀଙ୍କର ପ୍ରିୟ ପକ୍ଷୀ । ଶେନ୍ୟମାନେ ରଣଲକ୍ଷ୍ମୀଙ୍କର ପାରାସ୍ୱରୂପ ହେଲେ । (୬) ରଥଯନ୍ତା—ସାରଥି । (୭) ବାହ୍ୱାବଳୀ—ଘୋଟକମାନଙ୍କୁ । (୮) ବିଜୁଳିପରି ଉଜ୍ଜ୍ୱଳ ସୁବର୍ଣ୍ଣାଭରଣ ଆବୃତ । ହସ୍ତୀମାନଙ୍କ ସହିତ ମେଘର ଏବଂ ସ୍ରବେଣୀ ସହିତ ସୌଦାମିନୀର ଉପମା । (୯) ଆର୍ଯ୍ୟମାନଙ୍କର ଉଚିତ ଥିଲା ଯେ ସେମାନେ ଏକତାବନ୍ଧନରେ ବଦ୍ଧ ହୋଇ ଜନ୍ମଭୂମିର ସ୍ୱାଧୀନତା ରକ୍ଷା ନିକଟେ ସେମାନଙ୍କର ବହୁମୂଲ୍ୟ ଶୋଣିତ ପ୍ରଦାନ କରନ୍ତେ । ସେମାନେ ତାହା ନ କରି ଆପଣା ମଧ୍ୟରେ ହଣାହଣି ହୋଇ ସେହି ଶୋଣିତ ବୃଥା ବ୍ୟୟ କଲେ । (୧୦) ଦେବାମୀର—ମୂଲତାନର ଅଧୀଶ୍ୱର, ଯବନପକ୍ଷୀୟ । (୧୧) ଅସ୍ୱପ୍ନସୁଭଗତଲ୍ପ—ଯେଉଁ ଶଯ୍ୟାରେ ନିଦ୍ରା ସ୍ୱପ୍ନଦ୍ୱାରା କ୍ଷୁଭିତ ହୁଏ ନାହିଁ । ମହାନିଦ୍ରାର ଶଯ୍ୟା । (୧୨) ଅଞ୍ଜନ ପଞ୍ଜାବର ରାଜା, ଯବନପକ୍ଷୀୟ, ଅଞ୍ଜନପ୍ରଭ—କୃଷ୍ଣବର୍ଣ୍ଣ । (୧୩) ଗୋବିନ୍ଦରାୟ—ଚେଦିରାଜ, ଆର୍ଯ୍ୟପକ୍ଷୀୟ । (୧୪) ବିକ୍ରମ କାଶ୍ମୀରରାଜ—ଯବନ ପକ୍ଷୀୟ । (୧୫) ରଣଚଣ୍ଡି—ବଙ୍ଗଦେଶର ରାଜା, ପୃଥ୍ୱୀ ପକ୍ଷୀୟ । (୧୬) କାଶ୍ମୀରଦେଶୀୟ ନାରୀମାନେ ସୌନ୍ଦର୍ଯ୍ୟ ନିମନ୍ତେ ପ୍ରସିଦ୍ଧ ।

ପଲ୍ଲବବର୍ଣ୍ଣେ ଶୋଣିମା ଲଭି ଶଯ୍ୟାସଙ୍ଗୀରୂପେ ;
ରଣଚଣ୍ଡି-ଉପହର୍ଷ ହେଲା କ୍ଷଣସ୍ଥାୟୀ,
କନ୍ଦୁକାବପୃଷ୍ଠ-ପୃଥୁ ରକ୍ତବିନ୍ଦୁ ସ୍ରାବ (୧)
କନ୍ଦମର ମୁଣ୍ଡ ଊର୍ଦ୍ଧ୍ୱେ ଟେକି ଭଲ୍ଲମୁନେ
ସଦର୍ପେ ଦେଖାନ୍ତେ, ତାଙ୍କ ମୁଣ୍ଡ ସେହିକ୍ଷଣି
ଭଲ୍ଲଲଗ୍ନ ମୁଣ୍ଡ ସଙ୍ଗେ ଗଡ଼ିଲା ଭୂତଳେ
କନ୍ଦମସୋଦର-କ୍ଷେମଧନ୍ୱାଖଡ୍ଗାଘାତେ,(୨)
ଅଙ୍ଗନାଥ ଯୁଧାଜିତ ଆକ୍ରମିଲେ ବେଗେ (୩)
ମଦନ-ସୁନ୍ଦର ଯୁବା ପ୍ରସେନେ ପ୍ରବୀରେ, (୪)
ଜୟଚନ୍ଦ୍ର-ସୁନନ୍ଦନ, ରଥୀ, ରଥବାହୀ
ଏକା ରଥେ, ଏକମନା ଭିନ୍ନ ମାତ୍ର ଦେହେ
ଯୁଆଳିଇ କୁରକୁଳ ସୁରୂପ-ନର୍ମମ, (୫)
ସୁରୂପ ପ୍ରସେନେ ବକ୍ଷେ ସ୍ତନୋପରି ପଶି
ଫୁଟିଲା ରକ୍ତାକ୍ତମୁଖେ ପୃଷ୍ଠେ ଗ୍ରୀବାତଳେ,
ବଲ୍‌ଗାଧାରୀ ପ୍ରବୀରଙ୍କୁ ଆବରି ସେକ୍ଷଣି (୬)
ଲୋଟାଇଲେ ଯୁଧାଜିତ ଭୂମେ ଅସିଘାତେ
କାଷ୍ଠାଜୀବଯେସନ୍ତେ ବନେପୁଷ୍ପିତ କିଂଶୁକେ, (୭
ଶୈଳଖୋଳେ ଭ୍ରମି ଭ୍ରମି ମୃଗସ୍ୟା-ଆଶ୍ରୟେ,
ହରିଣଶିଶୁଙ୍କୁ ପଥେ ହର୍ଯ୍ୟକ୍ଷ ଯେପରି
ହାବୋଡ଼, କାମୋଡ଼ ଦନ୍ତେ କ୍ଷୀଣ ପ୍ରାଣ-ତାର
ଦିଏ ଛାଡ଼ି, ଅକ୍ଷମ ସେ ଶିଶୁର ରକ୍ଷଣେ
ଯାସେ ମୃଗୀ ସେହି ବୃକ୍ଷ ଗୁଳ୍ମତଳେ ଲୁଚି
ଦେଖୁଥାଇ ଥରି ଥରି ସ୍ୱିନ୍ନ-କଳେବରେ (୮)

ସୁନ୍ଦଙ୍କର ଏହି ଦଶା ଅଦୂରୁଁ ନିରେଖି
ରହିଲେ ତେସନେ ଉଷ୍ଣ କାନ୍ୟକୁବ୍‌ଜପତି
ସ୍ତମ୍ଭୀଭୂତେ, ଶସ୍ତ୍ରହସ୍ତେ, ଲୋତକନୟନେ,
ପୁଷ୍କଳାବତୀର ପତି ଶମ୍ଭୁ-ଶିରୋପରେ (୯)
ପ୍ରହାରିଲେ ମହାଗଦା ମହାଗଦାଧାରୀ
କନ୍ଧାଳମାଳବ-ରାଜ,ଯେ ଭୀମରଣଦାତେ(୧୦)
ଚୂର୍ଣ୍ଣ ହୋଇ ଶମ୍ବୁକାଭ ଶମ୍ଭୁ-ଶିରସ୍ତ୍ରାଣ (୧୧)
ଫାଟିଗଲା ଭାଲ-ଅସ୍ଥି, ପଡ଼ିଲା ବାହାରି
ନୟନକୋଟରୁ ବେନି ନୟନର ଡୋଳା,
ନ ପାରିଲେ ସଣରଙ୍ଗ ସ୍ୱଶିର ବଞ୍ଚାଇ
ଶାଳାତ୍ତୁର-ପତି ଶଙ୍ଖ, ଅମୋଘ ନରାଚି(୧୨)
ଉତ୍କଳପତି ଯଯାତିର ଧ୍ରୁପଖଣ୍ଡ-ଶ୍ରେଷ୍ଠ ; (୧୩)
ଦ୍ୱିଧା ହୋଇ ମୁଣ୍ଡ, ଭଗ୍ନ ଦଧିଭାଣ୍ଡ ଯଥା,
ପଡ଼ିଲା ମସ୍ତିଷ୍କ ତଳେ ଥପ ଥପ ହୋଇ,
ବଙ୍ଗେଶ୍ୱର ଶାଳାଦିତ୍ୟପିଙ୍ଗିଳେସାବେଲ(୧୪)
ତକ୍ଷଶିଳାପତିବକ୍ଷ ଲକ୍ଷି ମହାବଳେ,
ତକ୍ଷଶିଳା-ଡାଲଗୁବା ଭେଦିଲାକି ହୋଇ(୧୫)
ଦୋହଲିଲା ସେ ସାବେଲି, ଅକ୍ଷତେ ସେ ରହି
ଶାଳାଦିତ୍ୟ ପରେ ପଡ଼ି ବାହୁଳର ବେଗେ
ଭୂଷଦେଲେ ତାଙ୍କ ଗଳେ ସୁତୀକ୍ଷ୍ଣ କଟାରି,
ଖଣ୍ଡି ତାଙ୍କ ରଣକଣ୍ଡୂ ଚିରଦିନ ଲାଗି, (୧୬)
ମାତ୍ର ପ୍ରତିଶୋଧ ତାର ଲଭିଲେ ସେକ୍ଷଣି
ପୌଣ୍ଡ୍ର ପତି ମହେନ୍ଦ୍ରର ବରଛିର ମୁନେ (୧୭)

---

(୧) କନ୍ଦୁ କାବପୃଷ୍ଠ ପର ସ୍ଥୂଳ ରକ୍ତବିନ୍ଦୁ ଯେଉଁ ମୁଣ୍ଡରୁ ସ୍ରବୁଥିଲା । (୨) କ୍ଷେମଧନ୍ୱା—କାଶ୍ମୀର ପତିଙ୍କ-ଭ୍ରାତା, ଯବନପକ୍ଷଭୁକ୍ତ । (୩) ଯୁଧାଜିତ—ଅଙ୍ଗରାଜ, ଆର୍ଯ୍ୟପକ୍ଷୀୟ । (୪) ପ୍ରସେନ ଏବଂ ପ୍ରବୀର ଜୟଚନ୍ଦ୍ରଙ୍କ ପୁତ୍ର, ଏକ ରଥରେ ଜଣେ ରଥୀ ଏବଂ ଜଣେ ସାରଥୀ ହୋଇ ଯୁଦ୍ଧ କରୁଥିଲେ । ସ୍ୱରୂପ ନର୍ମମ—ସୌନ୍ଦର୍ଯ୍ୟ ପ୍ରତି ଯାହାର ଲେଶମାତ୍ର ମାୟାମମତା ନାହିଁ, କୁଲ୍ତର ବିଶେଷଣ । (୬) ବଲ୍‌ଗଧାରୀ—ସାରଥୀ । (୭ କାଷ୍ଠ କାଟିବା ଯାହାର ଜୀବିକା । (୮) ସ୍ୱିନ୍ନ—ସ୍ୱେଦଯୁକ୍ତ ; ଘର୍ମାକ୍ତ । (୯) ଶମ୍ଭୁ—ପୁଷ୍କଳାବତୀର ଅଧୀଶ୍ୱର, ଯବନପକ୍ଷୀୟ । (୧୦) କନ୍ଧାଳ—ମାଳବପତି, ଆର୍ଯ୍ୟପକ୍ଷୀୟ । (୧୧) ଶମ୍ବୁକାଭ—ବଜ୍ରପରି କଠିନ । (୧୨) ଶଙ୍ଖ—ଲହୋରରାଜ, ଯବନପକ୍ଷୀୟ । (୧୩) ଯଯାତି—ଉତ୍କଳରାଜ, ଆର୍ଯ୍ୟପକ୍ଷୀୟ (୧୪) ଶାଳାଦିତ୍ୟ—ବଙ୍ଗଦେଶର ରାଜା, ଆର୍ଯ୍ୟପକ୍ଷୀୟ । (୧୫) ତକ୍ଷଶିଳାପତି—ଯବନ-ପକ୍ଷୀୟ । (୧୬) ରଣକଣ୍ଡୂ—ଯୁଦ୍ଧାଭିଳାଷ । (୧୭) ମହେନ୍ଦ୍ର—ପୌଣ୍ଡ୍ରରାଜ, ଆର୍ଯ୍ୟପକ୍ଷୀୟ ।

ସେ ବରଣୁ ତକ୍ଷଶିଳା ପିତୃକୁଳପ୍ରଦେଶେ
ପଶି ଲୋଟାଇଲା ତାଙ୍କୁ ଉଷ୍ଣନେ ଭୂତଳେ,
ଭକ ଭକ ରକ୍ତ ସ୍ରାବ ବୁଜିଲେ ସେ ଆଖି,
କୌଶେୟପ୍ରବର-ବଜ୍ରଘୋଷ ଭଦ୍ରପାଳେ (୧)
କନଖଲପତିଙ୍କର ସ୍କନ୍ଧସନ୍ଧି ଛିଡ଼-(୨)
ଗଲା ସେହ୍ଣା ଖଡ଼୍ଗ ସେତୁ ପଡ଼ିଲେ ଝନ୍‌ଝନେ,
ବେକପଣ୍ଡା ସଙ୍ଗେ ଗଲା ଉବକଣ୍ଠା ଭାଙ୍ଗି,
ଅମ୍ବାଲାସ୍ଥପତି-ଶିରୁ ଶିରସ୍ତ୍ର ସୁନ୍ଦର, (୩)
କଣ୍ଠୁ ସେ ଶିର ଖଣ୍ଡି ଲୋଟାଇଲେ ଭୂମେ
ଅମର୍ଷି-ଅନୁଜ ଜମ୍ବୁ ଦେବନ ଅସିଘାତେ, (୪)
ବାଳେନ୍ଦୁ-ଲାଞ୍ଛିତ ଧ୍ୱଜ ପରେ ଲକ୍ଷ୍ୟ ରଖି
ଯୁଝିଲେ ସ୍ୱଦଳେ ପୃଥୁ, ଅସ୍ତ୍ରପ୍ରମାଥୀ
ଆର୍ଯ୍ୟତରୀ-କର୍ଣ୍ଣଧାର ସମର ସାଗରେ,
ନର୍ତ୍ତିତକଙ୍କଟ ଦେବ-କାର୍ତ୍ତିକପ୍ରତିମ, (୫)
ଅନାବର୍ତ୍ତୀ ରଣେ, ସୈନ୍ୟ ସଦା ଅଗ୍ରଯାୟୀ,
ପରପୁରଞ୍ଜୟୀ ଶୂର ଅମର୍ଷୀର ଅସି
ବୁଲିଲା କୁଲାଳଚକ୍ର ପ୍ରାୟେ ସେ ସଂଗ୍ରାମେ
ସହସ୍ର ସହସ୍ର ଶତ୍ରୁ ଲୋଟାଇ ଭୂତଳେ,
ସକଙ୍କଟ-କାହା ଶିରଃ ସଶସ୍ତ୍ର କା ବାହୁ,
ସକଙ୍କଟ କାହା ଉରଃ,ସମେଖଳ କଟି (୬)
କାଟିଲେ କଦଳୀକାଣ୍ଡ ପ୍ରାୟେ କରବାଳେ

ଅଶ୍ୱବାର ମହାବୀର, ଛେଦିଲେ ତାହାର
ଉଦ୍‌ଗ୍ରୀବଚ୍ଛନ୍ଦେ ଦେହ, ସ୍କନ୍ଧୁ କଟିଯାଏ, (୭)
ଶ୍ମଶ୍ରୁଳ-ଯବନମୁଣ୍ଡ ଶତ ଶତ ଭୂମେ
ଗଡ଼ାଇ ପୂଜିଲେ କି ସେ ରଣଚଣ୍ଡୀ-ପଦ
ସରଘାମଣ୍ଡିତ ରକ୍ତକମଳକୁସୁମେ ? (୮)
ଊର୍ମି ପରେ ଊର୍ମି ଯଥା ଅମ୍ଭୋଧିକୂଳେ,
ଦଳେ ଦଳେ କଲେ ଆସି ସଦମ୍ଭେ ଚଢ଼ାଉ
ବୀରପରେ ଯବନର ବ୍ୟୂହିତ ବାହିନୀ,
ବୃଥା ଶ୍ରମ ! ଗିରି କେବେ ଟଳଇ କି ଘାତେ ?
ତରୁ ଉନ୍ମୂଳନ ଝଂଝାବାତ୍ୟାର ଆଘାତେ ?
ବର୍ତ୍ତି ନ ପାରିଲେ କେହି ଅମର୍ଷି ସମ୍ମୁଖେ
ସେ ଖାମ ରୁଧିରବର୍ଷି ରୋମହର୍ଷ-ବାଣେ,(୯)
ଶୋଭିଲେ ସେ ଅରିଦଳେ, ଗିରିବ୍ରଜେ ଯଥା
ବଜ୍ର,ତମଃପୁଞ୍ଜେ ତେଜଃ,ଔର୍ବ ସିନ୍ଧୁଜଳେ,(୧୦
ଦାବାନଳ ତରୁତଳେ, ବଇଶ୍ୱ କପୋତେ,
ବାସନା-ପ୍ରପଞ୍ଚେ ଯଥା ବିବେକ ଯେସନେ;(୧୧
କୃପାଣ-ମନ୍ଥନଦଣ୍ଡେ ଯବନ-ବାରିଧି
ମନ୍ଥି ଯଶଃ-କଉସ୍ତୁଭ ଅର୍ଜିଲେ ସୁରଥୀ, (୧୨)
ତେଜଃପୁଞ୍ଜ ଅଜାମିଳେ ଶୂଳର ପ୍ରାଚୀରେ
ରଖିଲେ ବୀରଙ୍କୁ ବେଢ଼ି ବଜ୍ରଦୁର୍ଗ ପ୍ରାୟେ,
ଉତ୍ପେଳି ଶଳାକା ଯେସନେ କୁପିତ ଶଲ୍ଲକୀ, ୧୩

(୧) ବଜ୍ରଘୋଷ—ଆର୍ଯ୍ୟପକ୍ଷୀୟ ରାଜା । (୨) କନଖଳ—ହରିଦ୍ୱାରର ଅଦୂରବର୍ତ୍ତୀ, କନଖଳପତି—ଯବନପକ୍ଷୀୟ । (୩) ଅମ୍ବାଲସ୍ଥ—ଆଧୁନିକ ଅମ୍ବାଲା । ଅମ୍ବାଲସ୍ଥପତି—ଯବନ ପକ୍ଷୀୟ । (୪) ଜମ୍ବୁ—ଅମର୍ଷିଙ୍କ କନିଷ୍ଠ ସହୋଦର, ଆର୍ଯ୍ୟପକ୍ଷୀୟ । (୫)ଦୋଦୁଲ୍ୟମାନକଙ୍କଟ—କାର୍ତ୍ତିକେୟଙ୍କ ପରି । ଅମର୍ଷୀର ବିଶେଷଣ । (୬) ସକଙ୍କଟ—କବଚଯୁକ୍ତ । (୭) ଦେହରେ ପଇତା ଯେଉଁ ଭାବରେ ପଡ଼ିଥାଏ । (୮) ସରଘା ମଣ୍ଡିତ—ଝିଣ୍ଟିଭ୍ରମରଯୁକ୍ତ । ଯବନମାନଙ୍କ ମସ୍ତକସହିତ କମଳର ଏବଂ ଶ୍ମଶ୍ରୁ ସହିତ ଭ୍ରମରର ଉପମା । (୯) ରୋମହର୍ଷିବାଣ—ଲୋମହର୍ଷଣକାରୀ ପ୍ରହାର । (୧୦) ଔର୍ବ—ବଡ଼ବାନଳ । (୧୧) ବିବେକ ଅର୍ଥାତ ଜ୍ଞାନୋଦୟ ହେଲେ ବାସନାସମୂହ ନଷ୍ଟ ହୁଏ (୧୨) କୌସ୍ତୁଭ ସମୁଦ୍ର ମନ୍ଥନରୁ ଉଦ୍‌ଗତ ହୋଇଥିଲା । (୧୩)ଶଲ୍ଲକୀ—ଝିଙ୍କ, କୁପିତ ହେଲେ ତାହାର ଶଳାକାମାନ ଉଦ୍ଧଣ୍ଡ ହୁଏ ।

ଯଥା ମହାନଦୀ-ବନ୍ୟା ମହାବେଗରେ ଆସି
ମହାଶମ୍ଭୁ ସିଂହନାଥ-ଅଧିଷ୍ଠାନେ ପୂତ—(୧)
ଦ୍ୱୀପଶୈଳମୂଳ ଭେଟି, ପ୍ରତିଘାତ ବଳେ
ପଛକୁ ନେଉଟି, ପୁଣି ବେଣୀଧାର ହୋଇ
ଗିରି ବେଣୀପାଖେ ବହିଯାଏ ପୂର୍ବମୁଖେ,
ସମରେ ଦୁର୍ଦ୍ଧର୍ଷ ବୀର ଅମର୍ଷୀ ଅଗ୍ରତେ
ପ୍ରତାପେ ତେସନ ତାଙ୍କ ଅସ୍ତ୍ରବ୍ୟସ୍ତ ହୋଇ
ଦ୍ୱିଧା ବିଦାରିତ ହେଲା ଯବନବାହିନୀ
ପୁନଃ ପୁନଃ ଦଳେଦଳେ ପଡ଼ି ରଣୋନ୍ମାଦେ
ଅସି-ଆସ୍ଫାଳନ-ବେଗେ ତାଙ୍କର ମୂରତି
ଦିଶିଲା ପ୍ରଚ୍ଛନ୍ନ କି ସେ ବିଦ୍ୟୁତ୍-ପଞ୍ଜରେ, (୨)
ଜ୍ୱାଳାବଳି-ଜିହ୍ୱା ଲୁଳ ଲୁଳେ ଖରବେଗେ(୩)
ଦାବାନଳ ନିରର୍ଗଳ ଯେସନେ ମହାବନେ(୪)
ଜ୍ୱଳିଲେ ପ୍ରଚଣ୍ଡେ ସେହୁ ବୈରିଦଳ ଭେଦି,
ସହସା ସ୍ୱଦଳୁଁ ବୀର ବିଶ୍ଳିଷ୍ଟ ହୋଇଣ
ପଶିଲେ ଯବନବ୍ୟୂହେ, ଶତ୍ରୁ ଭଲ୍ଲାଘାତେ
ଗଳେ ବିଦ୍ଧ ହୋଇ ତାଙ୍କ ତୁରଙ୍ଗ ଏକାଳେ
ପଡ଼ିଲା ନିହତ ହୋଇ ରୁଧିର-କର୍ଦ୍ଦମେ,
ଅଶ୍ୱୁଁ ଡେଇଁପଡ଼ି ବୀର ପଦାତିକରୂପେ
ଯୁଝିଲେ ଅରାତି ସଙ୍ଗେ ଅତୁଟ ସାହସେ,
ଲଘୁହସ୍ତଯୋଗୁଁ ଶୀଘ୍ର ସେ ମହାସଙ୍କଟେ(୫)
ସର୍ବାଙ୍ଗେ ଆବୃତ ଯେସନେ ନିଜ କରବାଳେ,
ଝୁଣ୍ଡିଲା ଯବନମୁଣ୍ଡ ସେ କୃପାଣ ରୋଷେ
ଶତ ଶତ ପକ୍ୱପର୍ଣ୍ଣ ଶୀତାନ୍ତେ ଯେସନେ,
କୃଷିବଳ-ଦାଣେ ଅବା ପକ୍ୱଶସ୍ୟାବଳୀ (୬)
କୃଷିକ୍ଷେତ୍ରେ, କୃଷୀବଳପ୍ରିୟ-ଧନୁମାସେ (୭)
ଶତପ୍ରସରଣେ ଏବେ ବେଢ଼ିଲେ ଅରାତି
ଅମର୍ଷୀଙ୍କି, ଆର୍ଜ୍ଜୁନିକି ଯଥା କୁରୁଚମୂ; (୮)
କିମ୍ବା ଦାବାନଳଚକ୍ର ଯଥା କେଶରୀକି,
ମାତ୍ର ଭରସିଲେ ନାହିଁ ପାଖେ ପଶିବାକୁ
ମୂର୍ତ୍ତିମନ୍ତ କାଳପ୍ରାୟେ ଜାଣେ ତାଙ୍କୁ ମଣି,
ମୂର୍ତ୍ତିମନ୍ତ କାଳପ୍ରାୟେ ଶାର୍ଦ୍ଦୂଳବଂଶର (୯)
ବାମଣ୍ଡାକୁମାର ବୁଧ-ଚକୋର-ଚନ୍ଦ୍ରମା
ହେ ସଚ୍ଚିଦାନନ୍ଦ ! ତୁମ୍ଭ ପାରିଧିର ସ୍ଥଳୀ—
ଚୁଲିଆ ଅଚଳତଟୁଁ ଶାର୍ଦ୍ଦୂଳ ଯେସନେ (୧୦)
ଉତ୍ଫାଳନ୍ତେ ଶିକାରିଲୋକେ ବ୍ରାହ୍ମଣୀତୀରଭୂମେ,
ତେଣ୍ଟା, ଏକମୁନା, ଝାଙ୍ଗି ଆଦି ଶସ୍ତ୍ର ଧରି
ବେଢ଼ନ୍ତି ଚୌଦିଗେ ତାକୁ ମନ୍ଦ୍ରଘୋଷେ ଯାଇ
ଦଳେଦଳେ ମହୋଲ୍ଲାସେ, ମହାକୋଳାହଳେ
ଅକ୍ଷୁବ୍ଧ ସେ ଆକ୍ରମଣେ ନିର୍ଭୀକ ସ୍ୱଭାବେ,
ଉତ୍ତୁଙ୍ଗହୋଇ ଏକଠାବେ ରହେ ମହାବଳୀ
ମହାବଳ, ଅରିଦଳ ତୃଣ କରି ଗଣି,
ଫୁଲାଇ ତା ବପୁ ରୋଷେ, ଲାଙ୍ଗୁଳ ବୁଲାଇ
ଗର୍ଜ୍ଜୁଁ ଥାଏ କ୍ଷଣେ କ୍ଷଣେ ବିଦ୍ୟୁତ-ଚାହାଣି

(୧) ସିଂହନାଥ—ବାଙ୍କି ଅନ୍ତର୍ଗତ ବୈଦେଶ୍ୱର ସମ୍ମୁଖବର୍ତ୍ତୀ ଦ୍ୱୀପଶୈଳ । ଏହି ଶୈଳର ପାଦଦେଶରେ ସିଂହନାଥଙ୍କ ଦେଉଳ ପ୍ରତିଷ୍ଠିତ । ମହାନଦୀର ବନ୍ୟା ପଶ୍ଚିମରୁ ଆସି ଏହି ଶୈଳର ପ୍ରତିଘାତରେ କିଛି ଦୂର ଉଜାଣି ପ୍ରବାହିତ ହୁଏ । ସେଠାରୁ ପୁଣି ଦ୍ୱିଧା ବିଭକ୍ତ ହୋଇ ଦୁଇ ପ୍ରବାହ ସିଂହନାଥ ଶୈଳର ଉଭୟ ପାର୍ଶ୍ୱ ଦେଇ ପୂର୍ବମୁଖରେ ପ୍ରବାହିତ ହୁଏ । ଏହି ପର୍ବତର ପ୍ରତିଘାତ ଯୋଗୁ ମହାନଦୀ ଏହିଠାରେ ଦ୍ୱିସ୍ରୋତା । (୨) ଅତିବେଗରେ ଅସି ଆସ୍ଫାଳନ ଯୋଗୁଁ ଅମର୍ଷୀ ତଡ଼ିତ୍‌ପୁଞ୍ଜର ମଧ୍ୟଗତ ପରି ବୋଧ ହେଉଥିଲେ । (୩) ଜ୍ୱାଳାବଳି ଜିହ୍ୱା—ଜ୍ୱାଳାମାଳାରୂପ ରସନା । (୪) ନିରର୍ଗଳ—ଅପ୍ରତିହତ ଗତି । (୫) ଲଘୁହସ୍ତ—ବେଗଗାମୀ ହସ୍ତ । (୬) କୃଷୀବଳଦାଣେ କୃଷକଙ୍କ ଦାଆରେ । (୭) ଧନୁ ଅର୍ଥାତ ପୌଷମାସରେ ଧାନକଟା ଯୋଗୁଁ କୃଷକମାନଙ୍କର ଗୃହ ଶସ୍ୟରେ ପୂର୍ଣ୍ଣ ଥାଏ । (୮) କୁରୁ ସେନା ଚକ୍ରବ୍ୟୂହ ଦ୍ୱାରା ଅଭିମନ୍ୟୁଙ୍କୁ ଯେପରି ବେଢ଼ିଥିଲେ । (୯) ବାମଣ୍ଡା ଯୁବରାଜ ଶ୍ରୀ ସଚ୍ଚିଦାନନ୍ଦ ଦେବ ଯେମନ୍ତ ବିଦ୍ୟାରସିକ, ମୃଗୟାରେ ସେହିପରି ସିଦ୍ଧହସ୍ତ । (୧୦) ଚୁଲିଆ ବାମଣ୍ଡା ରାଜ୍ୟର ଗୋଟିଏ ଉଚ୍ଚପର୍ବତ, ବ୍ରାହ୍ମଣୀନଦୀର ଅଦୂରବର୍ତ୍ତୀ ।

ମୁହୁର୍ମୁହୁଃ ଭୂମିତଳେ ଲାଙ୍ଗୁଳ କଚ୍ଛଡ଼
ପ୍ରକଟି ଦଶନପାଟି ମାରଇ ହାକ୍ରୁଟି,
ମହାଷଣ୍ଡିସ୍ଥ ସେ ଚେଣ୍ଟ, ପଛକୁ ହଟିବା(୧)
ଅବା ପଳାୟନେ କେବେ ନ ବଳାଏ ମତ ;
ତେସନେ ଅମର୍ଷୀ ବୀର ପରପୁରଞ୍ଜୟୀ
ଊର୍ଜସ୍ୱଳ କବା ବଳ କି ଶିକ୍ଷାକୌଶଳେ,
ଶୋଭିଲେ ଅକ୍ଷୋଭେ, ସେହି ଅରିପରିବେଶେ
ଆକ୍ରମଣେ ଅଗ୍ରସର ହୋଇ କେତେ ଶୂରେ
ଅଗ୍ରସର ହେଲେ ମାତ୍ର-କୃତାନ୍ତ ସଦନେ,
ପ୍ରଦୀପର ଶିଖା ସ୍ପର୍ଶେ ପତଙ୍ଗ ଯେପରି ;
ଏକକ ସେ ଦିଶୁଥିଲେ ଅପୂର୍ବ ପରାସ୍ତେ
ଶତ୍ରୁନେତ୍ରେ, ପ୍ରତିଜନେ ପ୍ରତି-ଯୋଧରୂପେ, (୩)
ମହାଶୂଳୀ ଅଜାମିଳେ ପ୍ରାଣପଣେ ଯୁଝି
ଶୂଳେ ଅରି ପରେ ଅରି ପ୍ରେରି ହେତିପରେ,
ଭେଦି ନ ପାରିଲେ ସେହି ଯବନ-ପାଚେରି
ଅଭେଦ୍ୟ, ଅଭେଦ୍ୟ ଯଥା କୁରୁ-ଅନୀକିନୀ;
ଚକ୍ରବ୍ୟୂହେ ସନ୍ନିଭୂତ ଦ୍ରୋଣର ଉଆଣେ,(୪)
ଢାଲେ ଢାଲ, ଭଲ୍ଲେ ଭଲ୍ଲ କବାଟ କବାଟେ।
କଙ୍କଟ କଙ୍କଟେ ଲାଗି ହୋଇ ସେ ପ୍ରାଚୀର
ଦିଶିଲା ଭାସ୍ୱର, ଯେସନ୍ତେ ଶାରଦ ପ୍ରଭାତେ
ପ୍ରାଚୀପଟେ ରାଜେ ସ୍ୱର୍ଣ୍ଣବର୍ଣ୍ଣ ମେଘରାଜି
ତମୋଜୟୀ ତପନର ଉପକାର୍ଯ୍ୟରୂପେ,(୫)
କିମ୍ବା ବର୍ଣ୍ଣି-ଆସ୍ତରଣ ଯେସନ୍ତେ ବେଣାବନେ,
ଆଲୋକେ ଯା ଶୀତଋତେ କନକା ଅଞ୍ଚଳେ
ମୃଗମଦ କଚ୍ଛଭୂମି ଲବଣସୈନ୍ଧବୀ (୬)
ଦିଗ୍‌ବାରଣରୂପେ ସେହି ସିନ୍ଧୁବାହ୍ନି ନାବେ, (୭
ଅମର୍ଷୀଙ୍କି ଦେଖି ଘୋର ବିପଦ କବଳେ,
ପରନ୍ତପ ପୃଥୁ ଦେଲେ ତୁରଙ୍ଗ ଝଂପଟାଇ
ଅଶ୍ୱବର, ପୃଥୁ ସଙ୍ଗେ ଆସିଲେ ଦଉଡ଼
ଅଙ୍ଗଦେଶୀ ସାଦିଦଳ ବିଜୁଳିର ବେଗେ,
ସର୍ପରେ ଚଳାଇ ରଥ ଦିଲ୍ଲୀପୁରୀ-ରଥୀ
ଆସିଲେ, ରଥାଙ୍ଗବେଗେ ରକ୍ତଛିଟିକାଇ (୮)
କବନ୍ଧ-ବନ୍ଧୁର ପଥେ ପୃଥୁଙ୍କ ସଙ୍କେତେ(୯)
ଆସିଲେ ସୈନ୍ଧବୀ ଚମୂ ମନୋରଥଗତି,
ପିତ୍ତଳବର୍ମିତ ବସ୍ତ୍ରଦେଶୀ-ଅଶ୍ୱବାରେ
ତୀକ୍ଷ୍ଣଭଲ୍ଲଧାରୀ ଖରେ ମିଳିଲେ ତତ୍କ୍ଷଣେ,
କାଟି ଶିର ସଙ୍ଗତେ ଯୁଝୁଥିଲେ ଯେ ଅବୁଝେ
ସୌରସେନୀ ଶୂରବୃନ୍ଦ ଆସିଲେ ଦଉଡ଼ି,
ମତ୍ତ-ମତଙ୍ଗଜେ ଚଢ଼ି ଆସିଲେ ନେପାଳୀ,
ସମରତରଙ୍ଗ, ଏବେ ଦ୍ୱିଗୁଣେ ଉଚ୍ଛୁଳି
ଭସାଇଲା ରଙ୍ଗେ ତହିଁ ଚତୁରଙ୍ଗ ସେନା,
ବ୍ୟାଧଜାଲେ ଶିଶୁ ଦେଖି ବାଘୁଣୀ ଯେସନେ,

(୧) ଜାଙ୍ଗଲ ଦେଶରେ ଲୋକେ ବାଘକୁ 'ମହାଷଣ୍ଡିସ୍ଥ ବୋଲନ୍ତି (୨) ଅରିପରିବେଶେ—ଶତ୍ରୁଚକ୍ର ମଧ୍ୟରେ । (୩) ଅମର୍ଷୀ ଏକା ହୋଇ ସୁଦ୍ଧା ଦଶସହସ୍ର ପ୍ରାୟ ବୋଧ ହେଉଥିଲେ । ପ୍ରତ୍ୟେକ ଯୋଦ୍ଧା ତାହାଙ୍କୁ ଆପଣାର ପ୍ରତିଯୋଦ୍ଧା ମଣିଲା (୪) ଦ୍ରୋଣାଚାର୍ଯ୍ୟଙ୍କର ଚକ୍ରବ୍ୟୂହରଚନା-ପ୍ରସଙ୍ଗ ମହାଭାରତରେ ଅନୁସନ୍ଧେୟ । (୫) ତମୋଜୟୀ ସୂର୍ଯ୍ୟଦେବଙ୍କର ଉମ୍ବୁସ୍ୱରୂପ ଯେଉଁ ସ୍ୱର୍ଣ୍ଣବର୍ଣ୍ଣ ମେଘମାଳା ଶରତ୍ ପ୍ରଭାତରେ ପୂର୍ବ ଦିଗରେ ଶୋଭାପାଏ, ଅସ୍ତ୍ରୋଜ୍ଜ୍ୱଳ ଯବନପ୍ରାଚୀର ସେହିପରି ଦିଶୁଥିଲା । (୬) କନକା ଅଞ୍ଚଳରେ ସମୁଦ୍ର ତଟରେ ବହୁଦୂରବ୍ୟାପୀ ବେଣାବନ ଦେଖାଯାଏ । ଏହି ବେଣାବନରେ ଅସଂଖ୍ୟ ହରିଣ ଦେଖାଯାନ୍ତି । ଶୀତ ଋତୁରେ ଏହି ବେଣାବନରେ ଅଗ୍ନି ଲଗି ବହୁକ୍ରୋଶବ୍ୟାପୀ ପ୍ରାଚୀରବତ୍ ଦିଶେ । ଲବଣସୈନ୍ଧବୀ—ଲବଣସିନ୍ଧୁ ସମ୍ବନ୍ଧୀୟ, କଚ୍ଛଭୂମିର ବିଶେଷଣ । (୭) ନାବିକମାନେ ସମୁଦ୍ରରେ ଏହି ଅଗ୍ନି ପ୍ରାଚୀର ଦେଖି ସମସ୍ତ ସମୟରେ ଦିଗ ନିରୂପଣ କରନ୍ତି । (୮) ରଥାଙ୍ଗେ—ରଥଚକ୍ରଦ୍ୱାରା । (୯) କବନ୍ଧ-ବନ୍ଧୁର ପଥେ—ଶବବନ୍ଧୁର ମାର୍ଗରେ ।

ମହାବେଗେ ଗର୍ଜ୍ଜି ଆଟେମ୍ୟ ପ୍ରଚଣ୍ଡ ବକ୍ରମେ
ନାରନ୍ତ୍ର ସେ ଶତ୍ରୁ ଦଳ ପକାଇଲେ ଘାଣ୍ଟି,(୧)
ଅଗ୍ରସର ହୋଇ ଯେତେ ଯବନ ସାହସେ
ଓଗାଳିଲେ ବାଟ, ପଡ଼ି କାଟମୋଡ଼ିଲେ ମାଟି,
ମୁହୂର୍ତ୍ତେ ଯବନ ବ୍ୟୂହ ବୀରେନ୍ଦ୍ର-କେଶରୀ
ଭେଦି ଆର୍ଯ୍ୟ-ସେନାମାନ ଲଙ୍ଘିଲେ ତହୁଁ
କରବାଳେ ବାଟ କାଟି ପୃଥୁ ପୃଥୁଯଶାଃ
ସେ ରଣଶୋଣିତପଙ୍କ-ପିଚ୍ଛିଳ ପ୍ରାଙ୍ଗଣେ;(୨)
ସେ ସଙ୍କଟୁ ମୁକ୍ତ ହୋଇ ଶୋଭିଲେ ସେନାନୀ
ମେଘମୁକ୍ତ ଶଶୀ ଯଥା, ଶୀତାନ୍ତେ ଅଥବା
ନିର୍ମୋକ-ନିର୍ମୁକ୍ତ ଯଥା ଊର୍ଦ୍ଧ୍ୱଫଣା ଫଣୀ,(୩)
ବାୟୁଙ୍କୁ ସାରଥି ପାଇ ବହ୍ନିବସୁ ପ୍ରାୟେ (୪)
ତପିନେ, ଅମର୍ଷୀ ପୃଥୁ ଯୁଝି ଏକସ୍ଥାନେ
ଦୁର୍ବାର ହେନିଏ ହେଲେ ବଇରିବିଭ୍ରାଟେ;(୫)
ଶକଟ ଯବନ ଥାଟ ହଟିଲା ସହସେ
ଉଦ୍ଧକେଶର-ହରିଆଗେ କରୀପଲପ୍ରାୟେ,(୬)
ଭଙ୍ଗ ଦେଲା ଠାବେ ଠାବେ ଯବନପୃତନା,
ପଛୁ ପଳାୟୁକବୃନ୍ଦେ ପଛୁ ହାଣି ହାଣି
ଦୁର୍ଦ୍ଦିନ ଭିଆଇ ତାଙ୍କ ରୁଧିର-ଆସାରେ,(୭)

ତଡ଼ି ନେଇଗଲେ ବୈରିଦଳ ହେନ୍ତି ହାରେ,
ମହା ବାତ୍ୟା ଯଥା,ଅମାସୌରିସ୍ୱାତିଯୋଗେ(୮
ସିନ୍ଧୁ ସହ ଦ୍ୱନ୍ଦ୍ୱ ଧାଏଁ ବିଶ୍ୱ ଧ୍ୱଂସିବାକୁ
ହିନ୍ତାଳକୁନ୍ତଳା ବେଳ ଲଙ୍ଘି ଘୋରବେଗେ,
ରଥ,ଅଶ୍ୱ,ଗଜ ଖସିପଡ଼ି କେତେ ଯୋଧେ (୯)
ଚିତ ହୋଇ, ମୁହିଁ ମାଡ଼ି, ଅଥବା ପାର୍ଶ୍ୱରେ,
ଖଣ୍ଡ ଖଣ୍ଡ ପିଷ୍ଟ ହେଲେ ଅଶ୍ୱଖୁରଘାତେ,
ରଥଚକ୍ରେ, କରୀପଦେ,ପଦାତିମର୍ଦ୍ଦନେ,(୧୦)
ସହସା ଯବନସେନାପତିର ସଙ୍କେତେ
ନୀରବ ଏକାଳେ ହେଲା ସମର-ବାଜଣା,
ଶାନ୍ତିର ପତାକା ଦେଖି ନିବର୍ତ୍ତି ସମରୁଁ
ରହିଲେ ଯେ ଯହିଁ ତହିଁ ଶସ୍ତ୍ର କରେ ଧରି,
ଦିଶିଲାଆଲେଖ୍ୟପ୍ରାୟେ ରକ୍ତାକ୍ତସ୍ଥଳୀ;(୧୧
ଶୁଭ୍ରବାନାଧାରୀ ସାଦୀ ଯବନ-ପ୍ରଣିଧି (୧୨)
ପୃଥୁଙ୍କ ସମ୍ମୁଖରେ ଆସି ଜୁହାରି ବିନୟେ;
ଦେଖାଦେଲ ଆଣ୍ଠେଘେନି,ବାଦ୍ଶାହଲେଖରେ,(୧୩
ପଲକେ ଏ ମହାଦୃଶ୍ୟ ହେଲା ଅନ୍ତର୍ହିତ
ସୁଧୀଙ୍କ ର ନେତ୍ରୁ ସେହି ସହ୍ୟଗିରିତଟେ
ଅଚିନ୍ତ୍ୟ-ଇଚ୍ଛାମତେ,ସ୍ୱପ୍ନ,ଯଥାଜାଗରଣେ ।(୧୪

(୧) ନାରନ୍ତ୍ର—ଅତି ନିବିଡ଼ । (୨) ରକ୍ତପିଚ୍ଛିଳ-ରଣଭୂମି । (୩) ନିର୍ମୋକ-ନିର୍ମୁକ୍ତ—ଖୋଳ ଛାଡ଼ିଥିବା । (୪) ବହ୍ନିବସୁ—ଅଗ୍ନି । (୫) ବୈରିବିଭ୍ରାଟେ—ଶତ୍ରୁମର୍ଦ୍ଦନରେ । (୬) ଉଦ୍ଧକେଶର ହରି—ସ୍ଫୀତକେଶର ସିଂହ । (୭) ଦୁର୍ଦ୍ଦିନ—ବର୍ଷାଦିନ । ରୁଧିର ଆସାରେ—ରକ୍ତ ବୃଷ୍ଟିରେ । ଅମାବସ୍ୟା, ଶନିବାର, ସ୍ୱାତି ନକ୍ଷତ୍ର ଏ ତିନିଙ୍କର ଏକତ୍ର ଯୋଗ ମହାବାତ୍ୟା ସୂଚକ । (୯) ହିନ୍ତାଳକୁନ୍ତଳା ବେଳା —ହିନ୍ତାଳବନାକୀର୍ଣ୍ଣ ସମୁଦ୍ରତୀର । (୧୦) ଅଶ୍ୱଖୁର ଏବଂ ରଥଚକ୍ରରେ ଖଣ୍ଡ ଖଣ୍ଡ ହେଲେ ହସ୍ତିପାଦରେ ଏବଂ ପଦାତିମାନଙ୍କ ମର୍ଦ୍ଦନରେ ପିଷ୍ଟ ହେଲେ । (୧୧) ଆଲେଖ୍ୟ—ଚିତ୍ର (୧୨) ଶ୍ୱେତପତାକାଧାରୀ ଅଶ୍ୱାରୋହୀ ଯବନବାର୍ତ୍ତାବହ । (୧୩) ଲେଖ—ପତ୍ର । (୧୪) ଜାଗ୍ରତ ହେଲେ ସ୍ୱପ୍ନ ଯେପରି ଅନ୍ତର୍ହିତ ହୁଏ ।

# ଯଯାତିକେଶରୀ

# ଉତ୍ସର୍ଗପତ୍ର

ପରମମାନନୀୟ ଅଶେଷସଦ୍‌ଗୁଣନିଧାନ ଶ୍ରୀଲ ଶ୍ରୀଯୁକ୍ତ ବାମଣ୍ଡା ଯୁବରାଜ ଶ୍ରୀ ସଚ୍ଚିଦାନନ୍ଦ ଦେବ ମହୋଦୟଙ୍କର ଗୌରବାନ୍ୱିତ ନାମକୁ ଏହି ପୁସ୍ତକର ଶିରୋଭୂଷଣ କରି ନିଜର ଦ୍ୱିତୀୟ ଥର ବାମଣ୍ଡା-ଦର୍ଶନର ସ୍ମାରକସ୍ୱରୂପ ଗ୍ରନ୍ଥକାର ଏହା ତାହାଙ୍କ ଶ୍ରୀକରକମଳରେ ଅର୍ପଣ କଲା ।

ପୁରୀ
୨୦।୧୭।୧୮୯୫ } ଶ୍ରୀ ରାଧାନାଥ ରାୟ

# ଯଯାତିକେଶରୀ

## ପ୍ରଥମ ସର୍ଗ

ମଗଧନବାସୀ କ୍ଷତ୍ରବଂଶ-ଜାତ
ଯାମଳ ଯୁଗଳ ଭଗିନୀ
ଯଯାତି ବିମଳା ପ୍ରବେଶିଲେ ଆସି
ବଙ୍ଗେ ଯହିଁ ପ୍ରବାହିନୀ,
ଗୋନାସା ପ୍ରଭବା ଶ୍ରୀବିରଜା ଦେବୀ—
ଦେଉଳ ପାବଚ୍ଛ ଧୋଇ,
ତୀର-ବନ ବନ— ଲକ୍ଷ୍ମୀ ପ୍ରମୁରେ କ
ମଣି ଦରପଣ ଥୋଇ ?
ଭବର ଭଙ୍ଗୁର— ବିଳାସକୁ ହସି
ଧବଳ ଫେନନବହେ
ଯା ଶାଶ୍ୱତ ସ୍ରୋତ ଶାଶ୍ୱତ ଶାନ୍ତିଁ
ଶାଶ୍ୱତ ସିନ୍ଧୁକୁ ବହେ,
ମାଳ ମାଳ ହୋଇ ନୀଳ-ଦେହେ ଯାର
ରାଜହଂସେ କ୍ରୀଡ଼ୁଥାନ୍ତି,
ବ୍ୟୋମଗଙ୍ଗାଙ୍କର ମନେ ଜନ୍ମାଇ
ମଲ୍ଲିକା-ମାଳର ଭ୍ରାନ୍ତି,
ଯା ତଟରେ ମଧ୍ୟାହ୍ନ— ତାପେ କ୍ଲାନ୍ତ ହୋଇ
ଅଙ୍ଗେ ଅଙ୍ଗ ଲଗା-ପତ୍ରେ
ଦୋଳୁଥାନ୍ତି ସୁର— ବାଳା ଲତାଦୋଳେ
ରକ୍ତାଶୋକ-ଲତା-ସତ୍ରେ,
ବନଦେବୀଙ୍କର ଅଭିସାର-ସ୍ଥଳ
ଚଳୁଥାଇ ଅବିରତେ

ଚନ୍ଦ୍ରାଲୋକେ ଯାର ଅଭ୍ର-ତାରକିତ (୧)
ବିଶାଳ ଶୁଭ୍ର ସୈକତେ,
ତରୁ ବ୍ରତତୀର ପ୍ରେମେ ବନ୍ଧାବନ୍ଧ
ଛନ୍ଦାଛନ୍ଦ, ଯେନାଯେନ —
ଯୋଗୁଁ କୁଞ୍ଜ-ପୁଞ୍ଜେ ଅନ୍ଧାରିତ ଯାର
ଠାବେ ଠାବେ ନୀର-ବେଣୀ,
ଦେବଯକ୍ଷଭୂମି ସ୍ରୋତ ଯାର ସପ୍ତ
ମାତୃକା-ମାର୍ଜଣା-ପୂତ, (୨)
ସିକତିଲ ବକ୍ଷେ ଶ୍ରୀ ବରାହରୂପୀ (୩)
ବସନ୍ତି ଯାର ଅଚ୍ୟୁତ ।
ସରାଗେ ମୃଗୀଏ ଚହରୁଣ ଥାନ୍ତି
ତୀରେ ଯାର ତଣ ବୁଲି,
ପଦାଙ୍କ ତାଙ୍କର ପୂରି ହେଉଥାଇ
ଚୂତ-ମୁକୁଳର ଧୂଳି ।
ଅନୁକ୍ଷଣେ ମଦ— ମତ୍ତ ପିକ-ବଧୂ-
ବଧୂନନେ ଭ୍ରମେ ଝିର,
ପାଦଚକ୍ଷୁ ଅନୁ— ଯାଗ୍ରି ନିଷାଦର
ଶଙ୍କା ନେଉଥାଏ ହରି ।
ଏବେ ଯା ନଗରୀ ଥିଲା ଆଗେ ତାହାଁ
ମହାବନକାଞ୍ଚନ ସ୍ଥଳ,
ବିହଗ-ସଙ୍ଗୀତେ ପୂର୍ଣ୍ଣ ନାନା ଜାତ
ତରୁଲତାରେ ଗହଳ ।

(୧) ଅନେକ ନଦୀର ବାଲୁକାରେ ଉଜ୍ଜ୍ୱଳ ଅଭ୍ରକଣା ମିଶ୍ରିତ ଥିବାର ଦେଖାଯାଏ । (୨) ଐନ୍ଦ୍ରୀ, କୌମାରୀ ପ୍ରଭୃତି ସପ୍ତମାତୃକାର ମନ୍ଦିର ବୈତରଣୀ ତୀରରେ ଅବସ୍ଥିତ । ଏହି ମୂର୍ତ୍ତି ଏବଂ ଶୁଭସ୍ତମ୍ଭ ଯାଜପୁରର ପ୍ରଧାନ ପ୍ରାଚୀନ କୀର୍ତ୍ତି ଅଟେ । (୩) ବରାହନାଥ ଯାଜପୁରର ପ୍ରଧାନ ଦେବତା । ଏହାଙ୍କ ମନ୍ଦିର ବୈତରଣୀ-ବକ୍ଷରେ ଅବସ୍ଥିତ ।

କସ୍ତୁଫେଡ଼-କଣ୍ଠ — ଚାନସ୍ତୁଳ ଚର୍ଦ୍ଧ
ବାଜୁଥାଇ ବନଯାଜ, (୧)
ଦିନ ଅନ୍ତେ ପୁଣି ଧରୁଥିଲେ ତାନ
ଚକ୍ରବାକୀ ଚକ୍ରବାକ ,
ଭଦଭଦଲିଆ ମାଳେ ମାଳେ ନଭେ
ପ୍ରକାଶି ବଚନ ତନୁ
ରଚୁଥିଲେ ରଙ୍ଗେ ନବ-ଜୀମୂତର
ମୂର୍ତ୍ତି-ମଣ୍ଡନ-ଧନୁ !
ମେଘାଗମେ ଯହିଁ ପୁଷ୍ପିତ କଦମ୍ବେ
ଶିଖଣ୍ଡି-ତାଣ୍ଡବ ରଙ୍ଗ
ଦେଖି ଆସୁଥିଲ ପ୍ରକଟ, ଇନ୍ଦ୍ରଜାଲ
ଭିଆଇଛି କି ଅନଙ୍ଗ !
ସାରି, ଶୁଆ, ଶ୍ୟାମା, ଭୃଙ୍ଗ, ଚଷାପୁଅ,
ଦୟାଲୁ ପୁଣି ମୂନିଆ,
ନେଦୋହ୍ରିବ, କର୍ଣ୍ଣୋତ୍ସବ ବହୁଥିଲେ,
ସେ ବନେ ହୋଇ କୁଣିଆ ।
ନୀଳବନ-ବ୍ୟୋମ— ନିତସେ ଝଲସି-
ବସନ୍ତ ସୁକାନ୍ତି-ସୁନା
ମୁହୁର୍ମୁହୁଃ କମ୍ପ କରୁଥାଇ ବାର-
ବାଣୀ-ସୁନା-ଦର୍ପ ଚୂନା ।
ନଦୀକୂଳ ବନ୍ଧୁ ସୁଖେ ବସା ବାନ୍ଧି
ନଦୀକୂଳ-ତରୁ-ଡାଳେ
ବିରଜା ଦେବୀଙ୍କ ବୈତାଳିକରୂପେ
ଗାଉଥାଇ ଯଥାକାଳେ,
ଝିଙ୍କାରିଆ-ଗୁମ୍ଫା— ତରୁ ମଞ୍ଜୁ କୁଞ୍ଜେ
ଶୁଭୁଥାଇ ଅନୁକ୍ଷଣ
ବନଦେବୀଙ୍କର ଝୁଣ୍ଟିଆ ପରାଏ
ଝିଙ୍କାରି ଝଙ୍କାର ସ୍ୱନ,

ମନ୍ଦ ଗନ୍ଧବହ ଦୋହଲାଉ ଥାଇ
ପଲ୍ଲବ ପୁଷ୍ପ ମୁକୁଳ,
ହେଉଥାଇ ପ୍ରତେ ନନ୍ଦନ କି ସତେ
ହୋଇଛି ଏ ବନେ ଠୁଳ !
କି ଅବା ମଞ୍ଜୁଳ ଆସିଛି ଉଡ଼ିଆଇ
ଅଳକାପୁରୁଁ ବୈଭ୍ରାଜ : (୨)
ଅବା ଗନ୍ଧର୍ବର ଗୁପତେ ରଖିଛି
ପୁଷ୍ପାକର ଋତୁରାଜ !
ଚମ୍ପା, ନାଗେଶ୍ୱର, ପାଟଳୀ, ବକୁଳ,
ମୁଚୁକୁନ୍ଦ, ତମାଳାଦି—
ତରୁଏ ପ୍ରସୂନ— ପଲ୍ଲବ ଗହଳେ
ସ୍ଥଳୀକି ଥିଲେ ଆଚ୍ଛାଦି,
ଅସଙ୍ଗତ ଯେବେ ନୁହନ୍ତା ମହତେ
କ୍ଷୁଦ୍ରର ତୁଳା ପ୍ରସଙ୍ଗ,
ଛୁରିଅନା ପୁଷ୍ପ— ପରାଗ ପିଶଙ୍ଗ,
ଏକମାତ୍ର କାଇଜଙ୍ଗ—(୩)
ସତ୍ୟତେ ଏ ମର୍ତ୍ତ୍ୟ— ନନ୍ଦନର ଏକା
ହୁଅନ୍ତା ଏବେ ତୁଳନା,
ମାତ୍ର ଏ ତୁଳନା ଅଶୋଭନ ସିନା
ଯେସନେ କ୍ଷୀରଫେଳେ ଚଣା ।
ଶ୍ରୀବିରଜାଦେବୀ— ମଠର ସନ୍ନିଧେ
ଯାମଳ ଭଉଣୀ ଭାଇ
ଅତି ନିକାଞ୍ଚନେ ଦିନ ନେଲେ କାଟି
ସେ ବନେ ମତ ବଳାଇ,
ଏକ ରୂପ ଏକ— ବେଶ ଦେହଙ୍କର
ନ ଥିଲା ତିଳେ ବିଶେଷ,
ପୁଂସ ପ୍ରାୟେ ସଦା ବିମଳାର ବେଶ
ପୁଂସ ପ୍ରାଏ ଥିଲା କେଶ,

(୧) ବନଭୂମିର ଗୋଟିଏ ଗୋଟିଏ ପ୍ରଧାନ ଗାୟକ । ବଙ୍ଗୀୟ ନାମ 'ବଉକଥାକଣ୍ଠ'
(୨) ବୈଭ୍ରାଜ—କୁବେରଙ୍କ ବଦ୍ଧରୁଦ୍ୟାନ । (୩) କାଇଜଙ୍ଗ—ଏ ବନ କଟକରୁ ଛ କୋଶ ଦୂରରେ ମହାନଦୀର ଦକ୍ଷିଣ କୂଳରେ ଅବସ୍ଥିତ । ଚମ୍ପା, ତମାଳ, ନାଗେଶ୍ୱର, ଅଶୋକ, ଛୁରିଅନା, ବିଶେଷତଃ ଛୁରିଅନା ବୃକ୍ଷରେ ଏ ବନ ପରିପୂର୍ଣ୍ଣ । ବନର ଦୈର୍ଘ୍ୟ ୩ କୋଶ ଏବଂ ପ୍ରସ୍ଥ ଅର୍ଦ୍ଧ କୋଶ । ବହୁକାଳ ସମ୍ଭବତଃ ଗୋଟିଏ ଉଦ୍ୟାନ ଥିଲା ।

ଶିକ୍ଷାଫଳେ ଯେଣୁ ବାତ୍ସଲ୍ୟ ଲଭିଥିଲେ
ଅସ୍ତ୍ରଚାଳନାରେ ସିଦ୍ଧି,
ଶାସୁଥିଲେ ଦିନ ସେ ମହା ବିଜନ—
ବନେ ଆଚରି ସାଧି ;
ଖେଳୁଥିଲା ନବ— ଲାବଣ୍ୟ-ତରଙ୍ଗ
କଶୋଷ୍ଠ-କିଶୋର କାୟେ,
ପାର୍ଥିବର ବେଶେ ଦିଶୁଥିଲେ କି ସେ
ଅଶ୍ୱିନୀକୁମାର ପ୍ରାଏ ।
ତରୁଣ ପୁନ୍ନାଗ— ତରୁ ପ୍ରାଏ ତନୁ
ମସୃଣ ସ୍ନିଗ୍ଧ ଉଜ୍ଜ୍ୱଳ,
ଏକ ବୃନ୍ତେ ଯେଣି— ପୁଷ୍ପ କି ସେ, ଏକ
ମୃଣାଳେ ଯେଣି କମଳ ?
ମାତୃସ୍ନାନ ଯେଣି, ଦାରୁଣ ସାବତ—
ମାତାର କ୍ରୁର ମନ୍ତ୍ରଣେ
ସିଂହାସନଭାଗୀ ତାତ ହୋଇଥିଲେ
ଭଗାରି ତାଙ୍କ ଜୀବନେ
ଯେଣୁ ନିଜ ଦେଶେ, ସେ ତେଣୁ ତପସେ
ଆସିଣ ଥିଲେ ପଳାଇ,
ଭାଗ୍ୟକୁ ଆଦରି ପଡ଼ିଥିଲେ ତର୍ଣ୍ଣି
ଦେବୀ ପାଦପଦ୍ମ ଧ୍ୟାଇ ।
ଥିଲେ ଏହିକାଳେ କପାଳେଶ ଦୁର୍ଗେ
ହିରଣ୍ୟବର୍ମ ଭୂପତି,
ହିଞ୍ଜର କୋଶଳେ ଠେକାଇଲେ ଯେହୁ
ଯଶୋରୂପ ଶ୍ୱେତଛତ୍ର,
ଲଳିତା ରାଜାର ଏକମାତ୍ର ସୁତା
ରୂପେ ଗୁଣେ ଅନୁପମା
ନାବସୃଣ ବସ ତେଜ ମଞ୍ଜୁପୁରେ
ଅବତୀର୍ଣ୍ଣ କିବା ରମା !
ଅବା ମର୍ତ୍ତ୍ୟେ ବକ୍ଷେ ଅମର୍ତ୍ତ୍ୟ ଲାବଣ୍ୟ
ନିଧିର ଅଧିଦେବତା,
ମଦନର କେଳି— ଅସ୍ତ୍ର ମଦାଳସା,
କିମ୍ବା ରୂପକଳ୍ପଲତା,

ରାଜା ରାଣୀଙ୍କର ନୟନ ପିତୁଳା
ଥିଲା ସେ ରାଜଦୁଲଣୀ,
ପୂରୁଥିଲା ତାର ଉଠିଲା ବେଳକୁ
ଯେବଣି ଯେବେ ବାସନା,
ସୁକୁମାର କଳା ସଙ୍ଗେ ଶସ୍ତ୍ରବିଦ୍ୟା
ଶିଖିଥିଲା କଳାବତୀ,
ମୃଗୟା ବିହାରେ ଅନୁକ୍ଷଣେ ତେଣୁ
ବଳାଉଣ ଥିଲା ମତି,
ମୃଗୟା ବିହାରେ ସଖୀ ସଙ୍ଗେ ଦିନେ
ବୈତରଣୀ ତୀର ବନେ
ପ୍ରବେଶି ସୁକେଶୀ ଦରଶନ ଲାଗି
ଗଲା ଦେବୀଙ୍କ ସଦନେ,
ପାରିଧି ସକାଶେ ବିମଳା ସେ ଦିନ
ଯାଇଥିଲା ବହୁଦୂରେ
ପୁଷ୍ପ ତୋଳି ହାର ଗୁନ୍ଥୁଥିଲା ବସି
ଯଯାତି ଦେବୀ ସ୍ତମ୍ଭରେ,
ଫଲ ଗୁଚ୍ଛ ବୃନ୍ତ ଚକିତେ ସହସା
ଦେଖିଲା ଯୁବାମଣ୍ଡଳୀ,
ମୃଗାସ୍ତ୍ରୀର ବେଶେ ଅଗ୍ରେ ଉଭା ଆସି
ଅପୂର୍ବ ଶୋଭା ପିନ୍ଧିଲି,
ବେଗେ ଲୁଚିଯାଇ ଦେଉଳର କୋଣେ
ସଙ୍ଗିନୀ ଦଳେ ବାଳୀକି
ଦେଖି ସେହିକ୍ଷଣି ବିନାମୂଲ୍ୟେ ନିଜ
ହୃଦୟକୁ ଦେଲା ବିକି,
ଅସମ୍ଭାଳେ ତାର ମନ ଲାଖିଗଲା
ସେମ୍ନହ୍ନମାର ମୂର୍ଦ୍ଧାନନେ,
ଲୌହ ଯଥା ଆହା ଅୟସ୍କାନ୍ତମଣି—
ଶଳାକାର ଆକର୍ଷଣେ ।
ସବୁ ସୁନ୍ଦରୀଏ ସଜ ହୋଇଥିଲେ
ମୃଗୟାର ପଶ୍ଚାଦେ,
ଅଙ୍ଗ ଢାଙ୍କେ ଯେତ୍କେ ଅଳତା ବୋଳା କି
ହୋଇଛନ୍ତି ଦ୍ୱିରଦ ରଦେ ।

ଉତ୍ସବର ପ୍ରାଏ ଢଳେ ଗଣ-ବଣା—
ଏଣୀଦୃଶାଙ୍କର ଭୂଷା,
ରଙ୍ଗ-ଅଙ୍ଗନାଣେ ଆବୃତ ସରବେ
ରଙ୍ଗ-ଘଟନେ ଯେଦ୍ଧେ ଊଷା,
କଣ୍ଠକେ ମୃଣାଳ ହ୍ରାସେ ବରଭୁଜ-
ଯୁଗ୍ମ ଶୋଭେ ଧନୁ-ଗୁଣରେ
ପୃଷ୍ଠେ ଦୋଳେ ବେଣୀ, ହେମ କଟିବନ୍ଧ
ଝଟକେ କୃଶ କଟିରେ,
ଯୌବନର ମାଠେ ମଠା ହୋଇ ଅଙ୍ଗ-
ଯଷ୍ଟି କବା ପଲ୍ଲବିତା !
ଶାରଦ-ଶିଶିର— ନାରେ ସ୍ନାତ କ ସେ
ଲତିକା ଅପରାଜିତା !
ବସାଇଛୁ ହସ୍ତେ ବିହଙ୍ଗ-ସନ୍ତାପ୍ତି,
ବାଜ ବଇଶ୍ରି କେ ନାସ୍ତି,
ଚଳାପାଙ୍ଗତଟେ ସୁତୀକ୍ଷ୍ଣ କଟାକ୍ଷ
ମନ-ବିହଙ୍ଗ-ସନ୍ତାପ୍ତି,
ସୁରଭି ନିଃଶ୍ୱାସ— ବାସେ ଲୁବ୍ଧଚିତ୍ତ
ପ୍ରସୂନ ଗୁଣ୍ଡ ମଧୁପେ
ଯୂଥେ ଯୂଥେ ଉଡ଼ି ପଡ଼ୁଥିଲେ ଆସି
ସେ ରୁଦ୍ର-ସୁନ୍ଦର ରୂପେ ;
ଅପ୍ସରା-ନନ୍ଦିତ ଏ ସୁନ୍ଦରୀବୃନ୍ଦେ
ଝଟକେ-ହାଟକ-ଗୋସ୍ତି
ଶୋଭା-ସ୍ୱର୍ଗପୁର— ନଗ୍ରୀ ପ୍ରାପ୍ତେ ରାଜେ
ଉତ୍କଳ-ରାଜ-କିଶୋରୀ,
ବିକସିଥିଲେହେଁ କୋଟି କୋଟି ତାର
ନିର୍ମଳ-ଶାରଦ-ନଭେ,
ଘନବସ୍ତୁ ସଙ୍ଗେ ଆନ କେହୁ କେବେ
ସର କ ପ୍ରଭା ଲଭବେ ?
ମଞ୍ଜୁ ମଧୁକାଳେ କୋଟି କୋଟି ଫଲ
ଥିଲେହେଁ ଫୁଟି ଉଦ୍ୟାନେ

ଚୂତ-ମୁକୁଳକୁ ମୁନୁଛୁ ମଧୁପ
ରସରେ କି କେବେ ଆନେ ?
ତେସନ ରହିଲା ଯଯାତିର ମନ
କଟାଶାଗ୍ରୀ-ଶୋଭା-ସମ୍ଭାରେ,
ଶିକାଗ୍ର ହୋଇ ସେ ପଡ଼ିଲା ଶିକାସ୍ତି
ଫୁଲଧନୁ-ବାଗୁରାରେ ।
ଦେବୀଙ୍କ ଗୁମ୍ଫରେ ମଧ୍ୟେ ରାଜବାଳା
ବେଣ ସଖୀ ବେଣୀ ପାଶେ,
ତନିମୂର୍ତ୍ତି ଏକ ରେଖାରେ ଦିଶଇ
ଇଲ୍ୱଳା ଯଥା ଆକାଶେ, (୧)
ମୋହିନୀକ କବା ପଦ୍ମପ୍ରେ ମଣାଇ
ଆଣନ୍ତି ବେଣୀ ଅପ୍ସରା,
ଲକ୍ଷ୍ମୀ ବେଳିପାଶେ ସମୁଦ୍ରଥିତ କବା
କ୍ଷୀରେନ୍ଦୁ କଳ୍ପ-ବଲ୍ଲରୀ !
ଠିକେ ବର୍ଣ୍ଣିବି ମୁଁ ଯେମା-ରୂପ, ଯେମା-
ଚକ୍ଷୁର ଗାର ଫଗ୍ରଏ
ଓଲ୍ଟାଇ ଯାଉ ମୋ ଭାରତୀ ତା ଶିର-
କମଳ୍ପ ପଦ୍ମର ଯାଏ,
ସୁମୁଖୀ-ଚନ୍ଦ୍ରମା— ମୁଖ ଦେଖି ମୁଗ୍ଧ-
ମାନସ ଏସନ ଗାନ୍ଧି
ବିଶ୍ୱ-କାନ୍ତି-ସାର ଗୋଳି ଅବା ମାର
ଢାଳିଅଛି ପ୍ରେମ-ଗ୍ରନ୍ଥେ !
ହେମାଙ୍ଗୀର ମାଙ୍ଗ ଭାଗେ ମଥାମଣି
ବଜିରଇ ଦିବ୍ୟ ପ୍ରଭା,
ମଳୟ-ଶ୍ୱାସିନୀ ଦକ୍ଷିଣା-ଲଲାଟେ
ଅଗସ୍ତ୍ୟ ତାର ସେ ଅବା !
ମୁକ୍ତକେଶୀ-କେଶ ଲାଲ-ମଧ୍ୟେ ରତ୍ନ-
ଅଳକା କି ମନୋହାରୀ,
ତାରକିତ ନିଶା ଦିବା ମଧ୍ୟେ ସନ୍ଧ୍ୟା—
ସୀମା କି ଦିଶଇ ବାରି ?

(୧) ଇଲ୍ୱଳା—ଆର୍ଦ୍ରା ନକ୍ଷତ୍ରର ନିକଟବର୍ତ୍ତୀ ଶ୍ରେଣୀବଦ୍ଧ ତିନୋଟି ତାରା ।

ବେଣୀ କଣ୍ଠେ ସ୍ୱର୍ଣ୍ଣ-ଚାମ୍ପକ କିବା ସେ
ରଚ୍ଛ ଶଶୀ ଏକା ସ୍ଥଳେ !
ନେତ୍ର-ନୀଳାବ୍ଜ କି ଉଦିତ ମୁଦ୍ରିତ
ଭଙ୍ଗିର ପଲ୍ଲବ ତଳେ !
ଲଜ୍ଜାର ସ୍ମିତ- ଲଳିତ ଅଧର
ଉପମାକୁ କରେ ଛି ଛି,
ଯୌବନ-ପବନ କ୍ଷୁଭିତ ନାଭି ସେ
ରାଗ-ସାଗରର ଘାତ !
ଖୋପି ଗଢ଼ୁଅଛୁ କି ରଙ୍ଗେ ଚନ୍ଦ୍ରମା
ସେ ଭଙ୍ଗ ଓଷ୍ଠୁ ଅଧରେ,
ଦନ୍ତପନ୍ତି ତହିଁ ମୋତିପନ୍ତି କି ସେ
ମାଣିକ୍ୟ ପୃଷ୍ଠ କୁହରେ ?
ଭଙ୍ଗା ହୋଇ ଉଚ ଘଞ୍ଚ ସ୍ତନ ଯୁଗ୍ମ
କାଞ୍ଚନ-କଞ୍ଚୁକେ ବନ୍ଧ,
ବକୁଳ-କୁସୁମ ଶୀତାନ୍ତେ କି ପକ୍ୱ
ପାଣ୍ଡୁର ପର୍ଣ୍ଣେ ପିନଦ୍ଧ ?
ସ୍ତନ ଜଘନର ମଧ୍ୟେ କଟି କାମ
ତୀର୍ଥପ୍ରାପ୍ତେ ସ୍ରୁତପାତ,
ତୀର୍ଥକାକ ପ୍ରାପ୍ତେ (୧) ଲକ୍ଷି ନେତ୍ର ଯହିଁ
କରୁଥାଇ ଆତଯାତ,
ଘନ-ଜଘନାର ଘନ ଜଘନ କି
କାମ-ବଣିକର ଫନ୍ଦା ?
ଉରୁଯୁଗେ କାଞ୍ଚ- ଦାମେ ମତ୍ତ କାମ
କଣ୍ଠ କି ହୋଇଛି ବନ୍ଧା ?
ଆହା, ସେ ବାମୋରୁ ! କାମ-ବୈଜୟନ୍ତ—
ତୋରଣ-କନକ-ସ୍ତମ୍ଭ !
କଳ୍ପନା ପଣର ଯହିଁରେ ନ ସ୍ପୃହା
କବି-ବର୍ଣ୍ଣନା ବିଳମ୍ବ,
ଶାରଦ ପ୍ରଭାତେ ଶିଶିର-ମୁକ୍ତିତ
ଧିକ୍କାରି ସ୍ଥଳ-କମଳ

ରକ୍ତିମା ଜଗାଇ ଝଲକାଇ ରତ୍ନ-
ମଣ୍ଡିତ ପାଦଯୁଗଳ,
ଝଲ ଝଲକନ୍ତେ ବଙ୍କିମ ଭ୍ରୂଲତା
ଘରକେ ଲୀଳା-ତାଣ୍ଡବ,
ମନେ ଆସେ ପାଞ୍ଚ ଆଞ୍ଚ ଶାର୍ଙ୍ଗଧନୁ
ଚଳେ ଅବା ମନୋଭବ !
ରକ୍ତ-କରେ ଦର- ଫୁଲ୍ଲ ଅରବିନ୍ଦେ
ଯେଉଁ ଆସ୍ୱ କରେ କ୍ରୀଡ଼ା,
ସେ ଆସ୍ୱ ସଦନେ ବ୍ରୀଡ଼ାବତୀ ଗଣ୍ଡେ
ବୋଳି ଦେଉଥିଲା ବ୍ରୀଡ଼ା,
ସୁନ୍ଦରୀଙ୍କ ଗଣ୍ଡ- ଉଦ୍ୟାନୁ ଏ ଫୁଲ
କମାଣେ ଯୋଖି ଆହ୍ଲାଦେ
ଫୁଲଶର ପଞ୍ଚ- ଫୁଲଶର କାର୍ଯ୍ୟ
ଏକ ହିଁ ଶରେ ସମ୍ପାଦେ,
ଜଗ୍ଧ ଆଳି ସଦା ଜେମାର ଗଣ୍ଡଣେ
ଅଲକ୍ଷିତେ ଫୁଲଶର,
କନ୍ଦର୍ପେ ସେ ଶରେ ବିନ୍ଧ ଯଯାତିର
ହୃଦୟ କଲ ଜର୍ଜର ।
ସୁନେତ୍ରୀ ଏକାଳେ ଯଯାତି ଆଡ଼କୁ
ଅକ୍ଷିରେ ଢାଳି ଚାହାଣୀ
ସହାସ୍ୟ ନେଲା ତା କି ଚୁଟାରେ ଖେଳ-
ଖଞ୍ଜନା ଲେଉଟ ଆଣି,
ତୁଳନା ଏକା ସେ ସେଦ୍ଧ ତାର ସିନା
ହେଲା ଯେ ଶୋଭା ସେ ବେଳେ,
ହରନେତ୍ରାନଳେ ଦଗ୍ଧ ମଦନକୁ
ଜୀଆଇଥାନ୍ତା ତା ହେଳେ,
କାମ କାଣ୍ଡ ସଙ୍ଗେ ସେ କଟାକ୍ଷ ଗଲା
ଯଯାତି ମରମେ ପଶି,
ନବ-ପ୍ରେମ-ସ୍ରୋତ- ଉଚ୍ଛ୍ୱାସେ ପଡ଼ିଲା
ଧୈର୍ଯ୍ୟତଟ-ମୂଳ ଖସି,

(୧) ତୀର୍ଥକାକ ଉଭୟ ତୀରସ୍ଥିତ ବଳ ତଣ୍ଡୁଳ ଲୋଭରେ ନଦୀଗର୍ଭରୁ ବାହାରି ପାରେ ନାହିଁ ; ସର୍ବଦା ଦୁଇ କୂଳମଧ୍ୟରେ ଗମନାଗମନ କରୁଥାଏ ।

ତନୁ ଲୋମାଞ୍ଚିଲା, ସର୍ବାଙ୍ଗୁ ବହିଲା
ସ୍ୱେଦ-ନୀର ଦରଦରେ,
ନାସିକା-ପୁଟାରୁ ବହିଲା ସଘନେ
ତପତ ଶ୍ୱାସ ସୁଖରେ ,
ସ୍ତମ୍ଭିତେ ରହିଲା ଯୁବାମଣି ବାଳା
ସେ କାଳ ଠାଣିକି ଧ୍ୟାୟି,
ମନୋନଦୀ ତାର ଉଚ୍ଛଳେ ସେ ଶୋଭା
ସିନ୍ଧୁରେ ମିଶିଲା ଯାଇ ;
ଆଣ୍ଠୋଇ ଆୟୁଧ ଥୋଇ ଅବନୀରେ
ଉଳଗି ହୋଇଲେ ଅବଳା,
କୋରକିତ କରି କରକୁ ଅବନୀ-
ଲମ୍ବିତ-ଲମ୍ବକୁନ୍ତଳା ,
ଶୋଭାର ତରଙ୍ଗେ ତରଙ୍ଗ ଉଠିଲା
ପୁଣି ସେ ସୁନ୍ଦରୀକୁଳେ,
ଅମଳ କପୋଳେ ମଣିକର୍ଣ୍ଣପୂର
ଏକାଳେ ଦୋଳି ମୃଦୁଳେ,
ସହସା ଚନ୍ଦ୍ରମା ହାଃ ଭୁଲିଗଲା,
ଦେବାଦରଶନ ସାରି
ଦେଉଳକୁଁ ବାହାର ଯେସ୍ଥା ବାଟ ତହୁଁ
ଚଢ଼ିଲେ ଯେତେକ ନାରୀ,
ଉଭେଇ ଗଲେ ସେ ଗହନ-ଉଡ଼ାଳେ
ବିଦ୍ୟୁଲ୍ଲତା ଯଥା ଘନେ
ମନୋମୋହକର ସ୍ୱପନ-ସମ୍ପଦ
କିମ୍ବା ଯଥା ଜାଗରଣେ,
ପଶ୍ଚିମାଦ୍ରି-ପୃଷ୍ଠେ କୁଙ୍କୁମବରଣା
ଶାରଦ-ସନ୍ଧ୍ୟାର ଲୀଳା।

ଅନୁସରି ସେହି ଜନଶୂନ୍ୟ ବନେ
ବାଲ୍ମୀକ ହୋଇଲେ ଚକିତା।
ବିସ୍ମୟେ ସ୍ତମ୍ଭିତେ ଦେଖିଲେ ଯଯାତି
ପ୍ରସ୍ଥାନ ନୃପସୁତାର
ନବପ୍ରେମେ ଭୋଳ ହୋଇ ବିଶ୍ୱ ତାଙ୍କୁ
ଦିଶିଲା ଆନ ପ୍ରକାର
ଫିଟିଗଲା ଯୁବା- ନୟନ ଅଗ୍ରତେ
ନବପ୍ରେମ କାବ୍ୟଗ୍ରନ୍ଥ
ପ୍ରେମଗୁରୁଠାରୁ ଶିଖିଲା ସେ ଆତ୍ମ
ବିସ୍ମୃତିର ଆଦ୍ୟ ମନ୍ତ୍ର ;
ଅନାବିଳ କରି ଦେଲା ନବ ପ୍ରେମ
କାମନା-ସ୍ରୋତର ଧାରା
କାମନା-ନଦୀର କଲୁଷ ଶୋଧନେ
ପ୍ରେମ ସେ ଅଗସ୍ତ୍ୟ ତାରା, (୧)
ପ୍ରେମଗଦଗଦେ କିଶୋର-ତିଳକ
ଭାଳିଲା ମନେ ଏସନ,
"କଷ୍ଟ ସହିଥିଲି ବୋଲି ସିନା ଆଜ
ଧନ୍ୟ ହେଲା ଏ ଜୀବନ,
ସହିଲିକି ସିନା ହୀରକ ଦାରୁଣ-
ଅୟୋଘନ-ଘାତ-ଦୁଃଖ (୨)
ଅବତଂସଛଳେ ଲଭଇ ସୁନ୍ଦରୀ-
କପୋଳ ଚୁମ୍ବନ-ସୁଖ
କଷ୍ଟ ଗଲେ ସିନା ଦେଖିଲି ପ୍ରକାଶେ
ଆସି ଏ ମର୍ତ୍ତ୍ୟ-ଚନ୍ଦ୍ରମା,
ବିଶ୍ୱ-ସୀମନ୍ତିନୀ- ଶିରୋମଣି-ରମା,
ବିଶ୍ୱଶୋଭା-ତିଲୋତ୍ତମା,

(୧) ଅଗସ୍ତ୍ୟ ତାରା ଉଦୟରେ ନଦୀର କଳୁଷିତ ପ୍ରବାହ ନିର୍ମଳ ହେବାର କିମ୍ବଦନ୍ତୀ ଅଛି । ହୃଦୟରେ ବିଶୁଦ୍ଧ ପ୍ରେମ ଉଦିତ ହେଲେ ଜୀବନ-ପ୍ରବାହ ସେହିପରି ନିର୍ମଳ ହୁଏ । ଅଗସ୍ତ୍ୟ ଦକ୍ଷିଣାକାଶର ଗୋଟିଏ ଅତ୍ୟୁଜ୍ଜ୍ୱଳ ତାରକା, ଶରତର ଆରମ୍ଭରୁ ଗ୍ରୀଷ୍ମର ଶେଷ ପର୍ଯ୍ୟନ୍ତ ଏହା ଦେଖାଯାଏ । (୨) ଅୟୋଘନ ଘାତଦୁଃଖ—କିଂବଦନ୍ତୀ ଅଛି ଯେ ହାତୁଡ଼ିରେ ପ୍ରହାର କଲେ ଯେଉଁ ହୀରା ଚୂର୍ଣ୍ଣ ହୁଏ ନାହିଁ ତାହା ପ୍ରକୃତ ହୀରା । ପ୍ରହାରରେ କଷ୍ଟ ସହ୍ୟ କଲା ଉତ୍ତାରୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ବୋଲି ପରିଗଣିତ ହୁଏ ଏବଂ ସହିଷ୍ଣୁତାର ପୁରସ୍କାରସ୍ୱରୂପ ସୁନ୍ଦରୀମାନଙ୍କର କର୍ଣ୍ଣଭୂଷଣ ହୋଇ ତାହାଙ୍କର କପୋଳ-ଚୁମ୍ବନର ସୁଖ ଅନୁଭବ କରେ ।

ଧନ୍ୟ ଏ ଉତ୍କଳ-ଭୂମି ଗର୍ଭେ ଧରି-
ଥିଲା ଏ ଚନ୍ଦ୍ରମାମୁହିଁ !
ଚକ୍ଷୁ ଲଭି ଚକ୍ଷୁ- ଫଳ ଏତେକାଳେ
ଅରଜିଲି ସିନା ମୁହିଁ ;
ରଚିଥିଲେ ବିଶ୍ୱ- ଶିଳ୍ପୀ ଏ ଶୋଭାଙ୍ଗୀ
କେତେ କଳ୍ପ ଏଥିଲାଗି
ବିଶ୍ୱ-ଲୋଚନକୁ କବି-ବଚନକୁ
ପବିତ୍ର କରିବା ଲାଗି ।
ଅନୁମାନେ ଆସେ ଆଜେ ବିଧି ସାଧି
ପଦ୍ମେ ଚନ୍ଦ୍ରେ ହାତବଳା,
ଅଭ୍ୟାସେ ପାଟବ ଅରଜି ପଟୁକୁ
ଗଢ଼ିଲେ ଏହୁ ଅବଳା ;
ଯେ ଯହିଁ ଶୋଭିବ ଉପମାର ଦ୍ରବ୍ୟ
ଏକତ୍ରେ ସକଳ ଚିହ୍ନ,
ଏକଠାରେ ଶୋଭା ଦେଖିବାକୁ ଅବା
ଏ ରୂପ ବାନ୍ଧିଲେ ବିଧି,
ସୁଷମାର ସୃଷ୍ଟି- ଉପବନ ପ୍ରାନ୍ତେ
ଆସିଛେ ଉତ୍କଳ-ଧରା,
ସୃଷ୍ଟି-ସୁକୁମାରୀ ଏ କୁମାରୀ ଏଥି
ସାରସୃଷ୍ଟି ହେବ ପରା ?
ପୁଣ୍ୟ ଭୂମି ନୋହି- ଥିଲେ କି ଏ ବାଳା
ଜନମିଥାନ୍ତା ଉତ୍କଳେ,
ସଦଣ-ସୁନ୍ଦରୀ ସୌଦାମିନୀ କେବେ
ସ୍ଥିରେ କି ବସୁଧା ତଳେ ?
ଅନାଘ୍ରାଣ-ଫୁଲ ଅନଙ୍ଗ-ଲୁନ-
କାଶଳସ୍ଥ ପ୍ରାନ୍ତେ ତନୁ
ଥାଉଁ ଏ ବାଳାର ଫୁଲଧନୁଶର
ବହେ କମ୍ପା ଫୁଲଧନୁ ?
ନରେ ସ୍ୱର୍ଗେ ଟେକି- ଦେବାକୁ, ଅମରେ
ମର୍ତ୍ତ୍ୟେ ଆଣିବାକୁ ଝିଙ୍କି
ଭୁବନ-ଲାବଣ୍ୟ ଲକ୍ଷ୍ମୀ ଏହି ସିନା
ଭାଜନ ଏକା ତହିଁକି ।

ମଗଧେ, ମୈଥିଳେ, ଅଙ୍ଗେ ବଙ୍ଗେ ପୁଣି
ଦେଖିଛୁ କେତେ ସୁନ୍ଦରୀ
ଏ ଯୋଷା-ଚରଣ- ଧୂଳି ପଥରକୁ
ନୋହିବେଟି କେହି ସରି ।
ଆନ ନାରୀ ସିନା ମର୍ତ୍ତ୍ୟର ତଟିନୀ
ଏ ଯେ ମନ୍ଦାକିନୀ-ଧାରା
ଆନ ନାରୀ ସିନା ମର୍ତ୍ତ୍ୟରେ କୁସୁମ
ଏ ତ ଗଗନର ତାରା !
ମାଏ ଆହା, କାହିଁ ଅକିଞ୍ଚନ ମୁହିଁ
କାହିଁ ଉତ୍କଳେଶ-ସୁତା,
ନୋହିବା କଥାକୁ ମନେ ପୋଷି ମନ
ଥାଇ ଧରୁ ନାହିଁ ବୃଥା ;
ଆକୁଳ ହେଉଛି ବାତୁଳ ନ ଜାଣି
ଶୋଭାଙ୍ଗୀ-ଶୋଭା-ଅରଣ୍ୟେ,
ବାତୁଳ-ହୃଦୟ କୁରୁକ୍ଷେତ୍ରେ ଯଥା
ଚକ୍ରବ୍ୟୂହେଁ ଅଭିମନ୍ୟୁ
ସାଉରନ୍ତ ଦେହେ, ଷଦବୀର୍ଯ୍ୟ ହୃଦେ
ଧରି ଏଥି କେଉଁ ଫଳ
ନ ହକାଏ ଦେହ ସଂସାରେ, ହକାଏ
ଅବସ୍ଥା ସିନା କେବଳ,
ଭାଗ୍ୟଧର-ଭାଗ୍ୟ- ଆକାଶେ ଫୁଟିବ
ତାରାରୂପେ ଏ ନବୀନା,
ମୋହ ପକ୍ଷେ ନୁହେଁ ଆଶାର ତାରା ଏ
ଦୁରାଶାର ଉଲ୍କା ସିନା !
ବାମନର ଚନ୍ଦ୍ର- ପରାସ୍ତେ ମୋହର
ଦୁର୍ଲ୍ଲଭ ଏ ରାଜବାଳା,
କି ଶ୍ରେୟେ ଗୁନ୍ଥିବ ଦୁରାଶାର ସୂତେ
ଆକାଶ-କୁସୁମ-ମାଳା !
ବୃଥା ନ ବଳାଇ ମସ୍ତକ ଏ ବାଳା-
ମଣ୍ଡଳି-ରତନ-ଲୋଭେ,
ନୟନ-ରଞ୍ଜନ- ନବ-ଇନ୍ଦୁ-କଳା
ଦେଖନ୍ତି ଜନେ ଯେ ଭାବେ,

ସେହି ଗର୍ବେ ମୁହିଁ ତୁହିଁ ପ୍ରେମ-ସ୍ପୃଷ୍ଟେ
ପୂଜିବ ଏ ରୂପରାଶି,
ଧନେ ହେଲେ ହେବ ଶ୍ଳାଘ୍ୟ ଅଙ୍ଗ କାଳା
ଶ୍ରୀଅଙ୍ଗ-ସେବାରେ ଆସି ।”
ଧନ ନେଲା ଯୁବା- ମଣି ଏହିରୂପେ
କିଶୋରୀ-ଶୋଭାକୁ ଭାଳି,
କିଶୋରୀର ସ୍ମୃତି ଯଯାତିକୁ ହେଲା
ରଙ୍କକୁ ଯଥା ସଞ୍ଚାଳି ;
ତା ନେତ୍ରେ ଲଳିତା ଢାଳିଲା କିବା ସେ
ବିଶ୍ୱ ଶୋଭା ରୁଣ୍ଡୀଭୂତ,
ଯହିଁ ଦେଖିଲା ସେ ସେ ଶୋଭା, ମଣିଲା
କାଳାମଣି-ଅଙ୍ଗ ଚ୍ୟୁତ,

କାହୁଁ କାହିଁ ଯାଇ ଉଚ୍ଛଳେ ଭ୍ରମିଲା
ଠାବେ ଲଭେ ନ ବସତି,
ନବ-ପ୍ରେମିକର ଅବଧ୍ୟା-ନାଗରୀ-
ଶତଲପିକଶ୍ରୀମତ, (୧)
ଅନ୍ତରେ, ବାହାରେ, ଆଗେ, ପଛେ ସେହି
ସୁନେତ୍ରା-ନେତ୍ର-ଉତ୍ପଳ
ଗୃହେ ପୋଷି ମାର ବଢ଼ୁଥିଲା ତାର
ଅନ୍ତରରେ ଅନ୍ତଃସ୍ଥଳ ;
ଧୈର୍ଯ୍ୟ-ଆବରଣେ ଘୋଡ଼ାଇ ପ୍ରେମକୁ
ପୋଷିଲା ସେ ଅନ୍ତର୍ଗତେ,
ଫଲ୍‌ଗୁ ଅନ୍ତଃସ୍ରୋତା ନୀର-ସ୍ରୋତ ଯଥା
ଘୋଡ଼ାଇ ରଖେ ସୈକତେ ।

## ତୃତୀୟ ସର୍ଗ

ଗଜେନ୍ଦ୍ର-ତନୁଜା- ଗହନେ ଗହନ-
ବନେ ବୈତରଣୀ-ତୀରେ
ମତ୍ତ ହେଲେ ମତ୍ତ- ମାତଙ୍ଗ-ଗମନା
ନାନା ରଙ୍ଗେ ପାରିଧିରେ ;
ନଭେ ତାରା ପ୍ରାୟ ବାମାଦଳ ଗଲେ
ବିଚ୍ଛିନ୍ନ ହୋଇ କାନନେ,
ସଂହାରିଲେ ବନ୍ୟ ନାନା ପଶୁ ପକ୍ଷୀ
ଆମୋଦଘାତୀ ମାର୍ଗଣେ
ଚିତ୍ରବିଚିତ୍ରାଙ୍ଗ ମୃଗଟିଏ ଦେଖି
ଗଜେନ୍ଦ୍ର-ସୁତା ଉପରେ
ଝମ୍ପାଇ ଦେଲା ଖରେ ତୁରଙ୍ଗମ
ସେ ଘୋର-କାନ୍ତାର-ପଥେ ;
ମୃଗୀ ପଛେ ପଛେ ଏକାକିନୀ ଧାଇଁ
ଭେଟିଲା ରମ୍ୟ ସରସୀ,
ନିବିଡ଼ କାନନେ ଚୌଦିଗେ ବେଷ୍ଟିତ
ମେଘମାଳେ ଯେସନ୍ତେ ଶଶୀ ;
ସ୍ୱଚ୍ଛ ସୁଗଭୀର ତୁଳୁ ଆଭାସଇ
ନଭ ପ୍ରାୟେ ନୀଳିମାରେ,

ଝଙ୍କାରିତ ଊର୍ଦ୍ଧ୍ୱେ ଆକାଶେ ଉଡ୍‌ଡୀନ
ସରାଳି-କୁଳ-ଝଙ୍କାରେ,
ନୀର ଦେଖି ଭ୍ରମେ ଆସେ କି ପୁଞ୍ଜିତ
ତ୍ରିଭୁବନ ପୁଣ୍ୟରାଶି—
ସ୍ୱର୍ଗଭବ ଅବା ନିଭୃତେ ଥୋଇଛି
ଶରତର ପୌର୍ଣ୍ଣମାସୀ ?
ଶରଦଭ୍ର ଦ୍ରବ ରହିଛି ଗୁପତେ
ହୁଅଇ କମ୍ପ୍ରା ପ୍ରତୀତ,
ପୂର୍ଣ୍ଣ ଥାଇ ସୁଦ୍ଧା ଶୂନ୍ୟ ପ୍ରାୟେ ଦିଶେ
ମହତର ଯଥା ଚିତ୍ତ,
ନୀର-ବସନର ଧଡ଼ି ପ୍ରାୟେ ଫୁଟି
ରହିଛି ରମ୍ୟ କମଳ,
ତୀରଭୂମି ସଦା ହରିତ, ଚାହିଁଲେ
ଲୋଚନ ହୁଏ ଶୀତଳ
ତୀରପ୍ରାନ୍ତେ ସେହି କମଳିନୀ-ଷଣ୍ଡେ
ଉଠିଛି ଅଳପ-ଅନ୍ତରା
ନୀଳ-କଇଁ ଶ୍ୱେତ- କହ୍ଲାର-ଲକ୍ଷିତ
ହରିତ-ଦଣ୍ଡ-ସନ୍ତରା,

(୧) ସଲ୍ଲନାସ୍ତ୍ରୀକାର ଛଦ ସେ ପୁନଃ ପୁନଃ ଉଚ୍ଚ କରୁଥାଏ ।

ବୈତରଣୀ-ତୀର- ନିବାସିନୀ-ବନ
ଦେବତା-ସୌଧ ପ୍ରକାଣ୍ଡ,
ପଦାଶ୍ରିତ ବନ- ଲତା-ବିଜଡ଼ିତ-
ଶିଉଳି-ସମ୍ପୃଣ-କାଣ୍ଡ,
ଠାବେ ଠାବେ ଉଚ୍ଚ ନଭସ୍ତଳଚୁମ୍ବୀ
କଲ୍ପାନ୍ତଜୀଙ୍କ ପାଦପ,
ଊର୍ଦ୍ଧ୍ୱେ ରୋଧେ ଚଣ୍ଡ- ଚଣ୍ଡାଂଶୁ-କିରଣ
ଘନପୁଞ୍ଜ-ଚନ୍ଦ୍ରାତପ,
ସେ ନୀରନ୍ଧ୍ର ପୂର୍ଣ୍ଣ- ଗୃହୁଆ-ଛାୟାରେ
ଘଟିଲା ଯା ଏବେ ଶୁଣ,
ସର୍ବଶକ୍ତିମନ୍ତ ଭବିତବ୍ୟତାର
ଅସାଧ୍ୟ କି ଅଛି ପୁଣ,
କରୁଅଛି ଆହା, ମର୍ତ୍ତ୍ୟେ ସେ ପ୍ରାଣୀଙ୍କି
କେତେମତେ ହଟହଟା,
ଖେଳାଇ ଜୀବନ- ଜଳଧିରେ ସୁଖ-
ଦୁଃଖର ଜୁଆର ଭଟ୍ଟା !
ସେଠାରେ ଏକ ତରୁମୂଳେ ତନ୍ବୀ
ଦେଖିଲା ରାଜକୁମାରୀ
କନ୍ଦର୍ପ-ସୁନ୍ଦର- ଯୁବା ଶୋଇଛନ୍ତି
ମୃଗୟାର ବେଶଧାରୀ,
ସ୍ୱଭାବେ ପୁରୁଷ ନୁହେ ସେ, ମାତର
ପୁରୁଷରୂପୀ ଅବଳା
ଆନ କେହି ନୁହେ, ମଗଧ-ନରେନ୍ଦ୍ର-
ନନ୍ଦନା ସେହି କମଳା ;
ଝୁଲ ଗୌର-ବପୁ- ଆରପୃଷ୍ଠ ବାର-
କାନ୍ତି-ସୁନା-ଦର୍ପ ହରେ,
ହେମାଙ୍ଗ ମୈନାକ ଲୁଚି ରହିଛି କି
ଆସେ ଏ ବନ-ସାଗରେ !
ଏକା ମୁଖଚନ୍ଦ୍ର ହାର-ପରିଚ୍ଛଦ-
ଆବୃତ କମଳା-ତନୁ,
କୃଶ-କଟି-ତଟେ ଲଗ୍ନ ଅସି-ଲତା
ପାଶେ ଥୁଆ ଶରଧନୁ ;

ସରସୀର ମୃଦୁ- ବାତେ-ମନ୍ଦ ଦୋଳ
ସ୍ୱେଦାର୍ଦ୍ର ଗଲେ ବାକୁରି—
କୁନ୍ତଳର ଲଗ୍ନ ଗୁଚ୍ଛ ଉଆଇଛି
ଅପରୂପ କାନ୍ତି ମାଧୁରୀ ;
ସେ ରୂପ-ଦର୍ଶନେ ରାଜକୁମାରୀର
ଛୁଟିଲା କୁମାରୀ-ଦମ୍ଭ,
ସ୍ୱେଦେ ଆର୍ଦ୍ର ହୋଇ ପଦ୍ମକର-ତଳ
ଶରୀର ଭଜିଲା ସ୍ତମ୍ଭ ,
ରାଗାଙ୍କୁର-ନିଭ ପୁଲକ-ପଟଳେ
ଟାଙ୍କୁରିଲା ଗଣ୍ଡସ୍ଥଳ,
ନବରାଗୋଚ୍ଛ୍ୱାସେ ସଘନେ ସ୍ଫୁରିଲା
କିଶୋର କୁଚଯୁଗଳ ;
ଭୂରଙ୍କୁ ଓହ୍ଲାଇ ମନେ ମନେ ବାଳୀ
ଭାବିଲା ସେ ରୂପ ଧ୍ୟାୟି;
“ଆହା, ଏ ସୁନ୍ଦର- ବର ତ ମଣର
ନର ପ୍ରାଣେ ହରୁ ନାହିଁ,
ପ୍ରେମସିଂହାସନେ ଏହାପରି ଜଣେ
ବସିବା ପାଇଁ ରାଜନ
ମର୍ତ୍ତ୍ୟମଣ୍ଡଳେ ତ ଆଜଯାଏ ଦେଖି
ନ ଥିଲା ମୋର ନୟନ,
ମର୍ତ୍ତ୍ୟ ଉପାଦାନେ କେବେ କି ସମ୍ଭବେ
ଏ ଅପୂର୍ବ ରୂପଠାଣି ?
ଦେବ ହୋଇଥିଲେ ଆନ କଏ ହେବ
ବିନା ପୁଷ୍ପଧନୁପାଣି ?
ବିଶ୍ୱରୂପ-ସାର ଅବା ଏ କୁମାର
ହେବ ପରି ଆସେ ଧ୍ରୁବେ,
ବନଦେବୀଙ୍କର ଅତିଥି ହୋଇ କି
ଭ୍ରମେ ଏ କାନ୍ତାର-ପଥେ ?
ନର ହେଲେ, ଧନ୍ୟ ସେ ଭୂମି ଯେ ଭୂମି
ଏ ଯୁବା-ଜନମେ ପୂତ,
ଧନ୍ୟ ସେ ଦମ୍ପତି, ଏ ନନ୍ଦନେ ଯା’ର
ଅଙ୍କ ହେଲା ଅଲଙ୍କୃତ,

ହୋଇ ନ ଥିବଟି କେତେ ଭାଗ୍ୟବତୀ
ଜନନୀ ଯୁବାମଣିର,
ଏ ଲଳିତ ବପୁ ବଢ଼ାଇଲା ଯେତୁ
ନିଜ ସ୍ତନ୍ୟ ଦେଇ କ୍ଷୀର ;
ତହୁଁ ଶତଗୁଣେ ଭାଗ୍ୟବତୀ ପୁଣି
ଭବେ ସେ ମଣ୍ଡକାମିନୀ;
ତପଫଳେ ଯେତୁ ହୋଇଛି ଏ ବଶ୍ୟ-
ମୋହନ-ମନୋମୋହିନୀ,
କେଉଁ ବାଳା ଦେଖି ନୋହିବ ଯୁବାର
ସଂକଳ୍ପ ପ୍ରଣୟ-ସଖୀ ?
ମାର କି ଗଢ଼ିଲା ଏ ମୂର୍ତ୍ତି କି କରି
ଯୁବତି-ଧୃତି-ପାରଖୀ ?
ଚନ୍ଦ୍ରାନନ ଦେଖି ଅମରୀ ଏ ସୁଧା
ଚୁମ୍ବିବେ ହୋଇ ସରାଗ
ସରାଗେ ଚୁମ୍ବିବେ, ଚାରୁବିମ୍ବାଧର
ରୂପଖଣି-ପଦ୍ମରାଗ ;
ରୂପାକାଶେ ଏହି ପୂର୍ଣ୍ଣଚନ୍ଦ୍ର, ରୂପ-
ସରେ ଏ ଫୁଲ୍ଲ ରାଜୀବ,
ଥରେ ଦେଖିଲା ଯେ ଗାଢ଼ ପ୍ରୀତି ଏହା
କେବେ କି ତା ମନୁ ଯିବ ?
ମର୍ତ୍ତ୍ୟ-ନାରୀ-ଭାଗ୍ୟ ନିଶ୍ଚେଁ ପ୍ରଶଂସିବେ
ରମ୍ଭା, ଉର୍ବଶୀ, ମେନା,
ଥରେ ମାତ୍ର ନେତେ ଆସ୍ୱାଦି ଏ ରୂପେ
ଯୁବତି-ପରାଣଦେନା,
ଏତେଦିନଯାଏ ଥିଲା ମୋ ହୃଦୟ
ବଜ୍ରସ୍ୱର ମୋର ହୋଇ,
କିଏ ଜାଣିଥିଲା କ୍ଷଣେ ହୋଇଯିବ
ଏହିରୂପେ ପ୍ରଭୁଦ୍ରୋହୀ !
ଚାହିଁଲେ କି ପୁଣି ନୋହିବ ? ମୁଦ୍ରିତ
ନୟନେ ତ ଏତେ ସବୁ !
କିକ ହେବେ ପାଦେ ଏକ କଣ୍ଠାହର
ମୂଲ୍ୟ କାନ୍ତିକୁଳେଶ୍ୱରୀ ;

କୁମାର ଏ ଯେବେ କରନ୍ତି ଏହାକୁ
ପ୍ରେମତରୀ-କର୍ଣ୍ଣଧାର,
କୁମାର ନୋହିଲେ ଲେଖାଅଛି ମୋର
ଲଲାଟେ ଚିରକୌମାର,
ନୋହେ ମୋର ଯେବେ, କି ଫଳ ଉଆଇ
ପ୍ରାରବ୍ଧ ସଙ୍ଗେ ବିରୋଧ ?
ବୋଧିବ ନାହିଁ ତ ପ୍ରାରବ୍ଧ ଯୁବାର
ସଙ୍କଳ୍ପ-ସଙ୍ଗ-ବିନୋଦ ?"
ଏହିରୂପେ ଭାଳି ସେ ସୌନ୍ଦର୍ଯ୍ୟ-ମଦ
ପିଇଲା ହରିଣୀତୃଷ୍ଣା,
ଯେତେ ପିଇଲା ସେ ନିଶାକରେ ତାର
ତେତିକି ବଢ଼ିଲା ତୃଷା,
ଲକ୍ଷି ରହିଲା ତା କମଳ-ନୟନ
ବିମଳା-ରୂପ-ଶୋଭାରେ,
କମଳାର ନିଦ୍ରା ଛୁଟିଲା କେମାର
ଘୋଟକ ଘୋଣା-ଫୁତ୍କାରେ ;
ଚକିତେ ଦେଖିଲା ନେତ୍ର ଫେଡ଼ି ବାଳା
ଅଗ୍ରତେ ଶମ୍ପା-ଗଞ୍ଜରୀ,
ଉଭା ଚିତାର୍ପିତ ପରାୟେ ଉତ୍କଳ-
ଧରଣୀ-ଚମ୍ପା-ଚଉରୀ ;
ଏକାଠି ହେବାରୁ ଚାରିନେତ୍ର କେମ୍ପା
ନିପାତେ ଗୋଡ଼ଲା ମଥା,
ମଉଳଇ ମୃତ- ପ୍ରାୟେ ପର-ସ୍ପର୍ଶେ
ଯଥା ଲଜ୍ଜକୁଳୀଲତା,
ଅଯତନ-ମୁଖ- ରାଗେ ରଞ୍ଜି ଦେଲା
ସେ ନିପା କଣ୍ଣକପୋଳ,
ଲଳିତ-କୁମାରୀ— ବିଭ୍ରମାଦି ତହିଁ
ରଙ୍ଗେ ରଚିଲେ କି ଦୋଳ ?
ନିପାର ପାଟଳ ଏକ ଯୋଗ୍ୟପୁଟ
ସିନା ରୂପ-ସୁନାପ୍ରଭା,
ଆଭାସେ ଲଳିତା ସେ ପାଟଳେ କିବା
ରାଗଲତା ପୁଷ୍ପବତୀ ;

ଦରସ୍ଫୁଟ ଭାଷେ ଦେଲା ପରିଚୟ
ପୁଚ୍ଛିଲାରୁ ଚନ୍ଦ୍ରମୁଖୀ
ନିଆଳୀ-ବିକାଶୀ ଟେଣ୍ଟୁରା ବସନ୍ତକୁ
ମନେ ଯଥା ଫୁଲଚୁଇଁ (୧)
ନ କହିଲା ସେ ଯା ନୀରବ ଭାଷାରେ
କହିଦେଲା ସେ ସକଳ
ପ୍ରେମ-ଆର୍ଦ୍ର ତାର ଦରମୁକୁଳିତ
ଲଜ୍ଜାଲୋଳ ନେତ୍ରୋତ୍ପଳ,
କ୍ଷେମା-ମୁଖଭଙ୍ଗି, ଚାହାଣୀ, ଭାଷାରୁ
ଅନୁରାଗ ଲକ୍ଷି ତାର
ଦରହାସ-ଛଟା ବିଭାସିଲା ଚାରୁ-
ଆସ୍ୟ-ପଦ୍ମେ କମଳାର ;
ବିଭାସିଣ ଥିଲା ହାସ-ଛଟା ଯଥା
ସମୁଦ୍ର-ମନ୍ଥନ-ବେଳେ
ମୋହନ ମୋହିନୀ- ରୂପୀ ହରିମୁଖେ
ତ୍ରିପୁରାରିଙ୍କର ମେଳେ ;
ଲକ୍ଷି ଲଳିତାର ଲଳିତ ମଧୁର
ହାବ, ଭାବ ବିଳାସାଦି
ଜାଣିଲା ତାଠାରେ ହୋଇଛି ଦୁରନ୍ତ
କୁସୁମ-କାଣ୍ଡ ବିବାଦୀ,
ବୋଇଲା କମଳା, "ଶୁଣ କ୍ଷେମାମଣି,
ଏ ନୁହେ ଲଜ୍ଜାର ସ୍ଥଳ
ମଳମ୍ବା-ଅମ୍ବରେ ହେମ ଏ ତୁମ୍ଭର
ସୁବର୍ଣ୍ଣ ଭ୍ରମ କେବଳ,
ଯା ମନେ ମଣିଲ, ନୁହଇ ମୁଁ ତାହା
ଅବଳା ତୁମରି ପରି,
ଦେଶ ଦେଶାନ୍ତରେ ଏକାକିନୀ ଭ୍ରମେ
ଭୈରବୀ-ବ୍ରତ ଆଚରି ;
ପିତୃ-ମାତୃ-ସୁଖୁଁ ଶୈଶବୁଁ ବଞ୍ଚିତ
ସଂସାର-ମାୟା ମୁକ୍ତିଷ୍ଠି,
ନିକାଞ୍ଚନ ଭକ୍ତ ହିନ ଗମଇ ମୁଁ
ଯହିଁ ଯେବେ ଅଭିରୁଚି ,
ମୁଗ୍‌ଧ-ମୃଗାଙ୍ଗନା- ସେବିତ ସୁରମ୍ୟ
କୋମଳ ଶ୍ୟାମଳଚ୍ଛବି
ବୈତରଣୀ-ତୀର ଶୀକର-ଶୀତଳ
ଶ୍ରୀ ବିରଜାପୀଠାଟବୀ
ନୀଳାଚଳ ପଥେ ଦେଖି ଉତ୍ସୁକଚିତ୍ତେ
ହୃଦରେ ଅପାର ପ୍ରୀତି
ସେହି କାଳୁଁ ପଥି ପର୍ଣ୍ଣଶାଳା ରଚି
କରୁଅଛି ଅବସ୍ଥିତି ;
ଶୈଶବେ ମୃଗୟା, ଅସ୍ତ୍ର ଚାଳନାରେ
ଦକ୍ଷ ହୋଇ ନିଜ ଦେଶେ
ପ୍ରବାସେ ଭ୍ରମଇ ଅନୁକ୍ଷଣ ଏହି
ବୀରପୁରୁଷର ବେଶେ,
ବନ୍ଧୁବାନ୍ଧବ ଜନ- ଶ୍ରୁତ କହଇ ଯା
ତା ପ୍ରାୟେ ହୁଏ ଅଳୀକ,
ମାତ୍ର ତୁମ୍ଭ କଥା ଶୁଣିଥିଲା ଯେତେ
ଦେଖିଲି ତହୁଁ ଅଧିକ,
ଶୋଭାମୟି ! ତୁମ୍ଭେ ରୂପେ ଗୁଣେ ଏହି
ଉତ୍କଳ-ମହୀଗୌରବ,
ଉତ୍କଳ-ସରସେ ଶତଦଳ, ଅବା
ସେ ଶତଦଳେ ସୌରଭ,
ଦ୍ରଷ୍ଟବ୍ୟର ସୀମା ଏତେଦିନେ ସଖି
ଜୀବନ ମଣିଲି ଶ୍ଳାଘ୍ୟ,
ତୁମ୍ଭ ସଙ୍ଗେ ମୋର ଏ ମିଳନ ଆଜ
ଘଟାଇଲା ସିନା ଭାଗ୍ୟ ।"
କମଳାର ବାଣୀ ଶୁଣି ରାଜବାଳା
ଅସଙ୍କୋଚେ ପାଖେ ଯାଇ
ଭକ୍ତିଭରେ ନତ କଲା ତା ପୟରେ
ମହୀରେ ଶିର ଲଗାଇ,

(୧) ପକ୍ଷିବିଶେଷ । ବସନ୍ତପ୍ରାରମ୍ଭରେ ପୁଷ୍ପିତ ବୃକ୍ଷମାନଙ୍କରେ ବସି 'ଚୁଇଁ ଚୁଇଁ' ରବ ଦିଏ । ଗ୍ରାମମାନଙ୍କରେ ପୁଷ୍ପିତ ସଜାନାଗଛରେ ଏହା ପ୍ରାୟ ଦେଖାଯାଏ ।

ମାତ୍ର ପୂର୍ବ ପୁଂସ୍ତ୍ୱ— ଭ୍ରମ ଛୁଟିବାରୁ
ମର୍ମେ ବାଳା ହେଲା ଦଗ୍ଧ,
ବିଦ୍ଧ ସ୍ମରଶର ଆସିଲା ବାହାର,
ମାତ୍ର ଫଳା ଗଲା ବିଦ୍ଧ,
ଭ୍ରମ ଅଟେ ସିନା ନାମାନ୍ତର ତାର
ବିଶ୍ୱେ ଯା ସୁଖ ବୋଲାଏ,
ତତ୍ତ୍ୱାଲୋକେ ବିଶ୍ୱ ଶୂନ୍ୟ ଦେଖିବାକୁ
କିଏ କେବେ ସୁଖ ପାଏ ?
ଶ୍ରାନ୍ତ ଜାଣି ରାଜ- ସୁତାକୁ ବିମଳା
ସରସେ ଧରି ତକ୍ଷଣ,
ଟେକି ଆଣି ଫୁଲ୍ଲ ପଦ୍ମ, ପଦ୍ମଦଳେ
ବିରଚି ପୁଷ୍ପ ଶୟନ,
ଲତାଦୋଳା ପରେ ତନ୍ୱୀ ଲଳିତାକୁ
ବସାଇଲା ପ୍ରେମାଦରେ,
ପାର୍ଶ୍ୱେ ବସି ତାର ସୁମନ୍ଦେ ବିଞ୍ଚିଲା
ଜଳାର୍ଦ୍ର ପଦ୍ମପତ୍ରରେ,
ସ୍ତୋକ ପରିଚର୍ଯ୍ୟେ ବେନି ହୋଇଗଲେ
ବେନିଙ୍କର ପ୍ରେମଦାସୀ,
ଜଳପିଲେ କେତେ ରଙ୍ଗେ ବେନି କଳ-
କଲ୍ଲୋଳିନୀ କଳଭାଷୀ,
ଯଯାତିର କଥା- ପ୍ରସଙ୍ଗ ବିମଳା
ନ କଲା ତହିଁ ପ୍ରକାଶ,
ଆନ କଥା ଦେନି ନାନାମତେ ବେନି
କଲେ ହାସ ପରିହାସ,
କର-ପଦ୍ମେ ତହୁଁ ଲଳିତା ସୁନ୍ଦରୀ
ଧରି ବିମଳାର କର
ଅଳି କଲା ତାକୁ ସେବାସିବା ପାଇଁ
ଗହଣେ ପିତୃ-ନଗର,
ଜେମା ଅନୁସରି ଆଳୀଏ ଏକାଳେ
ତହୁଁ ହେଲେ ଉପସ୍ଥିତ,
ପୁରୁଷ-ସଙ୍ଗିନୀ ଲଳିତାକୁ ମଣି
ସରବେ ହେଲେ ବିସ୍ମିତ ;
କାନ୍ତା କାନ୍ତ ପ୍ରାୟେ ଯୁଗଳବେଶରେ
ବେନିଙ୍କି ଦେଖି ନୟନେ
ବିଷମ ସମସ୍ୟା ଫେଡ଼ିବାକୁ କେତେ
ଯାଞ୍ଚି ସେ ପାଞ୍ଚିଲେ ମନେ ;
ଜେମାର ସସ୍ମିତ- ସଙ୍କେତେ ସେ ଭ୍ରମ
ଛୁଟିଗଲା ତାହାଙ୍କର,
ବିମଳା-ପଦରେ ସର୍ବେ ଯାଇଁ ତହୁଁ
ଓଳଗି ହେଲେ ସତ୍ୱର,
ବେନି ସୁନ୍ଦରୀର ଆଗେ ସେ ସଖୀଏ
ବନ୍ଦନା କାଳେ ଶୋଭିଲେ,
ଉଷା କାବ୍ୟତାରା ଆଗେ ଯଥା ଆଦ୍ୱା,
ପଦ୍ମାକର ମନ୍ଦାନିଳେ !
ବେଢ଼ିଣ ବସିଲେ ବେନିଙ୍କ ସେ ମଞ୍ଜୁ-
ଭୂଷଣା ବାମା ସକଳ,
ତାରା ଚନ୍ଦ୍ରମାକୁ ଯଥା ନବବର୍ଣ୍ଣ-
ଉଜ୍ଜ୍ୱଳ ବିଧୁମଣ୍ଡଳ,
ରଙ୍ଗରସେ ରହି ସନ୍ଧ୍ୟାଯାଏ ରାଜ-
ନନ୍ଦନୀ ସେ ଅଟବୀରେ
ବିମଳାକୁ ସଙ୍ଗେ ଦେନି ସଖୀଦଳେ
ବାହୁଡ଼ିଲା ସ୍ୱଶିବିରେ ;
ଜେମା ଅନୁରୋଧେ ଶିବିରେ ବିମଳା
ପୁରୁଷର ବେଶ ଛାଡ଼ି
ଇନ୍ଦୀବରେକ୍ଷଣା ପିନ୍ଧିଲା କନକ-
କୁସୁମିତ ଝୀନଶାଢ଼ୀ,
ବିମଳାର ବାସ ଲାଗି ଦିବ୍ୟ ତମ୍ବୁ
ଟୋଳାଇ ଦେଲେ କଞ୍ଚୁକୀ,
ସେ ତମ୍ବୁରେ ସୁଖେ ଯାପିଲା ରଜନୀ
ପୂର୍ଣ୍ଣ ରଜନୀଶ-ମୁଖୀ ;
କମଳର ମୁଦ୍ରା- ଭଙ୍ଗକାଳେ ନିଦ୍ରା
ପରିହରି ରାଜସୁତା
ଦୁର୍ଗେ ବିଜେ ହେଲା ବିମଳା ସଙ୍ଗତେ
ରକ୍ଷିଦଳେ ହୋଇ ଯୁତା ।

## ତୃତୀୟ ସର୍ଗ

ମାର୍ଗେ ଯାଉଁ ଯାଉଁ ବେନି ସୁନ୍ଦରୀର
ପ୍ରୀତିଭାବ କ୍ରମେ ବଢ଼ିଲା
କ୍ଷୀର ନୀର କମ୍ବା ସିନ୍ଧୁ ସମୁଦ୍ରର
ମିଳନ ଗଲା ଯେ ବଳି ;
ଏକା ବୟସ, ରୂପ ରୁଚି ଯେଣୁ ସେହି
ବେନି କମ୍ବୁକଣ୍ଠକଣ୍ଠୀ,
ହୃଦେ ହୃଦେ ପଡ଼- ଗଲା ପ୍ରୀତିଭର
ସୁଷ୍ପବନ୍ଧ-ମୟ ଗଣ୍ଠି ;
ବନପଥେ ଖର- ସ୍ରୋତା ବ୍ରାହ୍ମୀ ପାର
ହୋଇ ସେ ଗହନ ଦଳ
ମିଳିଲା ବିରୂପା ତୀରେ ଉଭା ଯହିଁ
ପୁରାଣ ଉଦୟାଚଳ, (୧)
ଗୁଳ୍ମାକୀର୍ଣ୍ଣ ଯାର ଅସଂଖ୍ୟ ଗୁମ୍ଫାରୁ
ବୋଧିସତ୍ତ୍ୱଙ୍କର ଶିଳା –
ମୂର୍ତ୍ତିଏ ଦେଖନ୍ତି ଯୁଗେ ଯୁଗେ ଏହି
ମର୍ତ୍ତ୍ୟରେ ଭଙ୍ଗୁର ଲୀଳା ;
ଶୈଳତଟେ ଆମ୍ର କୋଠାରେ ପଥିକେ
ମଧ୍ୟାହ୍ନ ନୀତି ବଢ଼ାଇ
ଅସ୍ତାଚଳେ ରବି ସଙ୍ଗେ କପାଳେଶ
ଦୁର୍ଗେ ପ୍ରବେଶିଲେ ଯାଇ ;
କେ ବର୍ଣ୍ଣିବ ସେହି ନଗରର ଶୋଭା ?
ଥିଲା ତା ଶୋଭା ପସରା,
ରାଜମାଳା-ରୂପେ ପିନ୍ଧିଥିଲା ଯାକୁ
ଶୋଭାଙ୍ଗୀ ଉତ୍କଳ ଧରା ;
ବାଟେ ଭଳି ଭଳି ସନ୍ଧ୍ୟାକାଶେ ସ୍ୱର୍ଣ୍ଣ
ବର୍ଣ୍ଣ ଅଭ୍ରଖଣ୍ଡାକାର,

ଜରିଗୁଳ୍ମାକୀର୍ଣ୍ଣ (୨) ଜୀର୍ଣ୍ଣ ସୌଧରାଜି
ଅଦ୍ୟାପି ବଳସେ ଯାର ,
ଯୋଡ଼ାଇଛି ଆହା, କାଳ ଖ୍ୟାତ ଯାର
ସ୍ମୃତିର ଆବରଣେ, (୩)
ଜରାଜୀର୍ଣ୍ଣ ତାର ଦେଉଳପନ୍ତିକ
ଶୈବାଳ-ସ୍ତରେ ଯେସନେ ;
ତୁଙ୍ଗ ଟେକେ ଶିର ପ୍ରାୟ ଗୁରୁ ଛବି
ଫୁଟୁଥିଲା ସେ ପୁରୀର,
ବାରୁଣୀଗଗନେ ଭେଦି ପ୍ରାୟେ ପୃଷ୍ଠେ
କବାଟ ଶୈଳ-ପ୍ରାଚୀର ;
ଶଙ୍ଖସ୍ୱରୂପୀ ପୁଷ୍କର ନିଦାଘେ
ଯେତେ ଯେତେ ବର୍ଣ୍ଣ ଖେଳେ,
ଚୂନେ ଖେଳୁଥିଲା ସେହି ବର୍ଣ୍ଣ ତାର
ଦେଉଳର ଧ୍ୱଜ-ଚେଳେ
ପ୍ରାଚୀର-ନିତମ୍ବେ ବହୁଥିଲା ତାର
ଇନ୍ଦ୍ର ନୀଳ କାନ୍ତିରୂପା,
ତରଙ୍ଗ ମାଳିନୀ କଳନାଦିନୀ
ପ୍ରସନ୍ନ-ନୀରା ବିରୂପା,
ପ୍ରଦୋଷ-କିରଣେ ରୁଚି ପୁରୀ ଦେଖି
ମଗଧରାଜ-ନନ୍ଦନା-
ଚିତ୍ତେ ହେଲା ପ୍ରତେ ଶୈଳ କି ପିନ୍ଧିଛି
ଦାବାନଳର ଓଢ଼ଣା !
କେମା ସଙ୍ଗେ ବାଳା ମୃଗାକ୍ଷୀ ମାଗଧୀ
ପ୍ରବେଶନ୍ତେ ସେ ନଗରେ,
ରାଣୀ ଦେଳେ ପାଟ ମହାଦେଈ ତାଙ୍କୁ
ସଙ୍ଗୋଳି ନେଲେ ଆଦରେ ,

(୧) ଐତିହାସିକ ଉଦୟଗିରି ବିରୂପା କୂଳରେ ଅବସ୍ଥିତ । ଏ ପର୍ବତରେ ଯେତେ ବୌଦ୍ଧ ମୂର୍ତ୍ତି ଦେଖାଯାଏ ଉତ୍କଳର ଅନ୍ୟ କୌଣସି ପର୍ବତରେ ତାହା ନାହିଁ । ଲଳିତଗିରି ଏହାର ଅଦୂରବର୍ତ୍ତୀ । (୨) ପ୍ରାଚୀନ ପ୍ରସ୍ତରଗଠିତ ହର୍ମ୍ୟର ଭଗ୍ନାବଶେଷରେ ଜରିଗୁଳ୍ମ ଅଧିକ ପରି- ମାଣରେ ଦେଖାଯାଏ । ଏହି ବୃକ୍ଷ ପ୍ରସ୍ତରଗୃହର ଶତ୍ରୁ ବୋଲି ବିଖ୍ୟାତ । ଚୌଦ୍ୱାରର କପାଳେଶ୍ୱର ଗଡ଼ର ଭଗ୍ନାବଶେଷ ଉତ୍କଳରେ ସର୍ବାପେକ୍ଷା ପ୍ରାଚୀନ ବୋଧହୁଏ ।

ଶୋଭା ଖଣି ଋତୁ ଶଲାକାରୂପିଣୀ
ହେଉ ସେ ନବକିଶୋରୀ
ରାଜରୂପସୀଙ୍କ ନୟନ ବସ୍ତ୍ରେ
ପଲକ ଗଲା ପାସୋରି,
ସେ ରୂପ ଦର୍ଶନେ ରାଜ ଅବରୋଧ
ରୂପମଦ ହେଲା ଚୂନା,
ଭାଳିଲେ "ଉଦ୍ୟାନ ଫୁଲୁଁ ବନଫୁଲ
କେଉଁ ଗୁଣେ ଆହା ଊଣା !
ଏ ବାଳାକୁ ବନ ବାସ ସହାଇଲେ
ବିଧି ଆହା କି ଗୁଣରେ ?
ଶମୀ ଛେଦିବାକୁ ଲୋଡ଼ିଲେ ସିନା ସେ
ନୀଳୋତ୍ପଳ ଦଳ ଧାରେ ।"
ପ୍ରେମାଦରେ ଜେମା ନିଜ ଚଉଁରୀକି
କମଳାକୁ ଗଲା ନେଇ,
ପ୍ରେମଯୋଗୁଁ ଯେଣୁ ହୋଇଥିଲେ ବେନି
ବେନି ଦେହେ ଏକଦେହୀ,
ଏକତେ ଅଶନ ଆଦି ନିତ୍ୟ ସାରି
ଶୋଇଲେ ଏକ ପର୍ଯ୍ୟଙ୍କେ
ଶାନ୍ତି ଲଭିବାକୁ ନିଦ୍ରାଦେବୀଙ୍କର
କୁସୁମ କୋମଳ ଅଙ୍କେ,
ଏକ ଶଯ୍ୟା ହୋଇ ଥିଲେହେଁ ବେନିଙ୍କ
ହୃଦୟେ ଭିନ୍ନ ଭାବନା,
ଏକର ପ୍ରଗାଢ଼ ନିଦ୍ରାଭୋଗ ମାତ୍ର
ଆନର ପରିବେଦନା,
କମଳା ସଙ୍ଗରେ ଆଦ୍ୟ ଭେଟ କାଳେ
ଜନମିଥିଲା ଯେ ଭ୍ରମ,
ଯେଉଁ ଭ୍ରମରନ୍ଧ୍ରେ କ୍ରୂର ଫୁଲଧନୁ
ପଶିଲା ଜେମା ମରମ,
ଭ୍ରମ ସଙ୍ଗେ ସେହି ସୁତୀକ୍ଷ୍ଣ ବିଶିଖ
ହୋଇଥିଲେହେଁ ଉତଖାତ
ନିଃଶେଷେ ବିଶଲ୍ୟ ନୋହି ଅନ୍ତର୍ଗତେ
ଶୁଖି ନ ଥିଲା ସେ ଘାତ,
ଭସ୍ମାବୃତ ବହ୍ନି ପ୍ରାୟେ ଅନ୍ତଃସ୍ଥଳେ
ଲୁଚିଥିଲା ସେହି କାମ,
କମଳାକୁ ଶଯ୍ୟା ସହଚରୀ ଦେଖି
ପୁଣି ତା ହେଲା ଉଦ୍ଦାମ,
ସେ ଉଦ୍ଦାମ କାମ ନୁହେଁ ତୃପ୍ତିକ୍ଷମ
ପାରୁଥିଲା ବାଳା ଜାଣି,
ମାତ୍ର ସେ ନୈରାଶ୍ୟ ସେହି ବାସନାର
ଧାର ଦେଉଥିଲା ଶାଣି,
ଗଡୁଥିଲା ବାଳା ଶୟନେ ତନୁକୁ
ଏ ପଟେ ସେ ପଟେ ଭଙ୍ଗି,
ଆତୁର କି ଦୋଷ ରୋଗୀ ଗଡ଼େ ଯଥା
ଫୋଟିଲେ ଶଯ୍ୟାକଣ୍ଟକୀ,
ଶୁଷ୍କ-କଣ୍ଠ ତୀବ୍ର ଜ୍ୱରେ ରୋଗୀ ଯଥା
ତୃଷାରେ ହୋଇ ଅସ୍ଥିର
ସଂକଳ୍ପେ ପିଅଇ ଦୃଷ୍ଟପୂର୍ବ ଯେତେ
ନଦୀ ସରସୀର ନୀର,
କମଳାକୁ ଜେମା ସଂକଳ୍ପେ ପୁରୁଷ
ଗଢ଼ିନେଇ ସେହିପରି
କଳିତ ସମ୍ଭୋଗ ସୁଖମାନ ମନେ
ଆଚରିଲା ଅଲ୍ପୋଦଶୀ,
ସେ ସଂକଳ୍ପ-ସୁଖେ ତୃପ୍ତି କାହିଁ ସେ ତ
କେବଳ ତୃଷାବର୍ଦ୍ଧକ ?
ପୂରାଇଲା ଆହା, କେଉଁ କାଳେ କାହା
ଉଦର ମନମୋଦକ !
ନୂଆ ସ୍ମୃତି ସ୍ପନ୍ଦଣ ଭାଙ୍ଗି ଦେଉଥିଲା
ସଂକଳ୍ପ-ସୁଖ-ପ୍ରାସାଦ
ବଦ୍ୟୁ ଝଂକାରେ ତମ ପ୍ରାଏ ଆଣି
ଦ୍ୱିଗୁଣେ ହୃଦେ ବିଷାଦ,
ନିଦ୍ରାପଥ ନେତ୍ରେ ରୁଦ୍ଧ ହେଉଥିଲା
ଲୋତକ-ବିନ୍ଦୁ-କଳାପେ,
ଶୁଖି ଯାଉଥିଲା ଗୁରୁ ବିମ୍ବାଧର,
ଶୋକ-ଉଚ୍ଛ୍ୱାସର ତାପେ,

ଏ ପ୍ରପଞ୍ଚେ ପୁଣି ପ୍ରପଞ୍ଚ ଉଆଁଣେ
ଶକ୍ତି ଯାର ନିରର୍ଗଳା,
ଦେଶକାଳ-ସୀମା ଲଙ୍ଘି ଅଘଟନ-
ଘଟନେ ସଦା କୁଶଳା,
ନିଦ୍ରାସଖୀ ସ୍ୱପ୍ନ- ଦେବୀ କଦାଚିତେ
ସୁଖ ଦେଉଥିଲେ ଆଣି,
କ୍ରୂର ଜାଗରଣ ଦେଉଥିଲା ପୁଣି
ଅଙ୍କୁରେ ସେ ସୁଖ ହାଣି
ଲୌହକାର ଖଣ୍ଡ- ଆସି ପ୍ରାଏ ସ୍ୱପ୍ନ
କ୍ଷଣେ ସୁଖମୟ କଲେ
ବୁଡାଇ ପୋଡ଼ାଉ- ଥିଲା ତାକୁ ପୁଣି
ପରକ୍ଷଣେ ଦୁଃଖାନଳେ,
ସ୍ମୃତିବିନାଶିନୀ ଭ୍ରାନ୍ତିବିଳାସିନୀ
ସ୍ୱପନଦେବୀ କୁହୁକେ
ଲଳିତା ପୁରୁଷ- ରୂପେ କମଳାକୁ
ଭେଟନ୍ତେ ଗାଢ଼େ ସ୍ୱବୁକେ
ଜାଗରଣ ଆସି ନମିଷେ ସେ ସୁଖ
ଦେଉଥିଲା ସଂହାରି,
ଦେଖୁଥିଲା ପୁଣି କମଳାକୁ କେମା
ସେ ନାୟିକା ସେହି ନାରୀ,
ମାୟାକାନ୍ତ-ଚୁମ୍ବ- ଯୋଗେଁ ତା କପୋଳ
ଉଲ୍ଲସି ଉଠିଲା କ୍ଷଣେ,
ଫିକା ହେଉଥିଲା ତାହା, ଆହା, ସେହି
ବିଷାଦର ଜାଗରଣେ;
ଭୁଜଲତା ପାଶେ ସ୍ୱପ୍ନେ ମାୟାକାନ୍ତ-
କଣ୍ଠକୁ ଧରନ୍ତେ ଯାକି,
ଜାଗି ଦେଖୁଥିଲା, ଶୂନ୍ୟକୁ ଆକଟେ
ଭିଡ଼ିଛି ସିନା ବସ୍ତ୍ରା
ବଳୟିତ ଭୁଜେ ବନ୍ଧ କରି ବାଲା
କାନ୍ତାକୁ ପ୍ରେମ-କୌତୁକେ
ଜାଗି ଦେଖୁଥିଲା କର-ମାଣ୍ଡି ମାତ୍ର
କୁଣ୍ଡାଉଛି ଭ୍ରାନ୍ତ ସୁଖେ,

ଜାଗରର ଯେତେ ସଂକଳ୍ପ ନିଦ୍ରାରେ
ଫଳୁଥିଲା ସ୍ୱପ୍ନାକାରେ,
ଟୋଳୁଥିଲା ସ୍ୱପ୍ନ- ହଂସ ରୂପଧାରି
ଅନୁକୂଳ ବଳାକାରେ,
ସ୍ୱପ୍ନେ ଲଭେ ବାଳା ପଳାଇବା ବେଳେ
ଯଯାତିଙ୍କ ସୁଖ ପରିଷ୍ୱଙ୍ଗ
ଆଚରନ୍ତେ କାନ୍ତ, କରି ଦେଉଥିଲା
ଜାଗରେ ସେ ରସଭଙ୍ଗ,
ମର୍ତ୍ତ୍ୟ ସ୍ୱର୍ଗ-ସୁଖ ଆଣି ଦେଉଥିଲା
ସ୍ୱପ୍ନ ହୋଇ ଆକାଂକ୍ଷା
ମାତ୍ର ସେହି ସୁଖ ସାରି ଦେଉଥିଲା
ଜାଗର ହୋଇ ଭଗାରି !
ଜୀବନ କେବଳ ଦୀର୍ଘ ସ୍ୱପ୍ନ ମାତ୍ର,
ଜ୍ଞାନୀଙ୍କର ଏହା ମତ,
ଲଳିତା ବାଞ୍ଛିଲା ଏ ସ୍ୱପନ ହେଉ
ପୁଣି ସ୍ୱପ୍ନେ ପରିଣତ,
ବୋଇଲା ଛଇଳା, "ସୁଖ ଦେଇ ବିଧି
ସାଧିଲା କପାଁ ଏ ବାଦ ?
ଜାଗରଣ-ଦୁଃଖେ ଯେପରି ଭୁଆଇଲା
କି ହର୍ଷେ କେଡ଼େ ବିଷାଦ !
କପାଁ ସ୍ୱପ୍ନ-ସଜ୍ୟ ଘଉଡ଼ାଇ ମୋତେ
ଦେଲା ଏଡ଼େ ତରତରେ ?
ସୁଖର ଶଇଳ- ଶୃଙ୍ଗୁ ପେଲିଦେଲା
ଗଭୀର ଦୁଃଖ ଗହ୍ୱରେ ?
ଦେବ ପୁଷ୍ପବାଣ, ତୋହ ବରେ ପୁଣି
ଏ ସୁଖ ଭୁଞ୍ଜିବ ପ୍ରାଣୀ,
ସୁଖେ ବଢ଼ି ସୁଦ୍ଧା ଆଜଯାଏ ମୁହିଁ
ଏ ସୁଖ ନ ଥିଲି ଜାଣି,
ମଜ୍ଜାପାଏ ତନୁ ଉଲୁସି ଉଠିଲା
କି ମଧୁର ସୁଖେ ରସି,
କାହିଁଥିଲି କମି ଦୁର୍ଯ୍ୟୋଗକୁ ଏବେ
କାହିଁ ମୁଁ ପଡ଼ିଲି ଖସି ।

ଏବେ ସୁଦ୍ଧା ଲାଗି ସେ ସୁଖ- ତରଙ୍ଗ
ସ୍ମୃତି କରେ ଦୁଲୁଦୁଲୁ,
ସ୍ମରଣେ ଯାହାର ଏତେ ସୁଖ, ସୁଖ
କି ଅଛି ବଳି ସେ ସୁଖୁ ?
ବାଣସୁତା ସ୍ୱପ୍ନ- ପୁଂସ ସଙ୍ଗେ ମାତି
ନାନାରଙ୍ଗେ ପ୍ରେମୋଲ୍ଲାସେ
ଚେତି ଚତୁରୀ ସେ ପୁଂସ-ରତନକୁ
ଅଣାଇଲା ନିଜ ପାଶେ ;
ସତେ ଥିଲାକୁ ସେ ପୁଂସ, ସୁଖୀ ହେଲା
ଜାଗରଣେ ଭାଗ୍ୟବତୀ
ଅବସ୍ଥାରେ ଯେଣୁ ନିର୍ବନ୍ଧ ମୋହର
ସ୍ୱପ୍ନ ଏକା ମୋର ଗତି ,
କର ଯୋଡ଼ି ବିଧି, ମାଗୁଛି ପଦ୍ମରେ
ଦିଅ ମୋତେ ଏହି ବର
ସ୍ୱପ୍ନ-ସୁଖ- ରାଜ୍ୟ ଚିର ଦିନ ଲାଗି
ବସନ୍ତ ହେଉ ମୋହର ।
ନେତ୍ର-ନୀରେ ପୁଣି ସିକ୍ତ ହୋଇ ଧନୀ
ବୋଲେ ଦୁଃଖ ଅସମ୍ଭାଳେ,
"ଅଲେକିତ କଥା ବିଧି କି କେବଳ
ଲେଖିଥିଲା ମୋହ ଭାଲେ !
ପ୍ରେମତନ୍ତ୍ରମତେ ପୁଂସରେ ପ୍ରମଦା
ପ୍ରମଦାରେ ପୁଂସ ରତ,
ଚତୁର୍ଦ୍ଦଶ ପୁରେ ଚକ୍ରଅଛି ଏହି
ବିଧିର ବିଧି ଶାଶ୍ୱତ,
ରଙ୍ଗରସେ କେବେ କୁରଙ୍ଗୀଠାରେ କି
ରସଇ କୁରଙ୍ଗ-ନାରୀ ?
ବିହଙ୍ଗୀକି ହେରି ବିହଙ୍ଗୀ କି କେବେ
କାମଶରେ ହୁଏ ଘାରି ?
ପୁରାଣେ ଶୁଣିଛି, ଭିନ୍ନ ଯୋନି ହୋଇ
ପୁରୁଷେ ନାରୀର ପ୍ରୀତି
ଗୁରୁ କରମକୁ ତହୁଁ ବଳିଗଲା
ମୋର ଏ ପୀରତି-ରୀତି !

କି ଜଙ୍ଗମେ କିବା ସ୍ଥାବରେ ବିଧାନ
ପ୍ରବଳ ସଦା ବିଧିର,
ଲତା! ସଙ୍ଗେ ଲତା ପ୍ରେମାମୋଦେ କେବେ
ଛନ୍ଦ କି ହୁଏ ଶରୀର !
ଏ କି ଘଟଘଟା ଭିଆଇଲୁ ଆହା,
ଫୁଟିଆ କେଳଡ-ପତ୍ର !
ତରୁଣୀକି ପୁଣି କରିଦେଲୁ ଆନ
ତରୁଣୀରେ ସ୍ପୃହାବତୀ !
ନିଦାରୁଣ ଭାଗ୍ୟ ନାରୀକି କରାଇ
ଦେଲୁ ମୋର ମନ ଚୋର !
ଯତେ ଯାର ପ୍ରାଏ କଲୁ ତାକୁ ପୁଣି
ଶତ୍ରୁକ ସଙ୍ଗୀ ମୋହର !
ସୁଖ ଦେଇ ସୁଖ- ପଥେ ବନ୍ଧୁବାଡ଼
ଦେଇ ବୁଜିଦେଲୁ ରାହା,
ଜଳେ ଥାଇ ମିନା ସେ ଜଳ ବିହୁନେ
ତୃଷାରେ ମଲି ମୁଁ ଆହା !
ସେନାଇ କହିଲି ଅବୋଧ ମନକୁ
ବୋଲି ମୋର ସେନୁନାହିଁ,
ଅଥଚ ଦଉଡ଼ି ସଂକଳ୍ପର ପଥେ
ବାହୁଡ଼ଇ ବାଧା ପାଇ,
ଆଶାଭୂମେ ମିନା ଜନ୍ମେ ପ୍ରେମାଙ୍କୁର
ବଢ଼ଇ ଆଶା ସଲିଳେ,
ନୈରାଶ୍ୟ ଉଷରେ ପ୍ରେମ ବୀଜ ଆହା
କି ଫଳ ହେବ ବୁଣିଲେ ?
ବୁଝା କିପାଁ ମୁହିଁ ମନାସିଲି ମନେ
ମୃଗତୃଷ୍ଣିକାରେ ସ୍ନାନ ?
ମୋହର ଭାଗ୍ୟେ କି ଲେଖା ଥିଲା ଏହା
ଲୋଡ଼ିବା ଶଶବିଷାଣ ?
କାହିଁ ସେ ସୁନ୍ଦର; ଯେ ସୁନ୍ଦର ବଳେ
ପୁରୁଷ ହେବ ରମଣୀ
ଦେବ ହେଲେ ଶକ୍ତି ନାହିଁ ଓଲଟାଇ
ଦେବାକୁ ବିଧି-କରଣୀ !

ନୋହିବାର ଯାହା, ଏସନ ବିଷମ
ବାସନାକୁ ମନେ ପୋଷ,
ନିଜେଇ ଦୋଷୀ ହୋଇ ଅକାରଣେ କିମ୍ପା
ବିଧିଙ୍କ କରୁଛୁ ଦୋଷୀ ?
ବିଧି-ସୃଷ୍ଟିକ୍ରମ- ପ୍ରତିପେ ବାସନା
ପୋଷଇ ହୃଦେ ଯେ ପ୍ରାଣୀ,
ତୃଣ ହୋଇ ସିନା ଭାସିବାକୁ ଲୋଡ଼େ
ପ୍ରଭାତ-ସ୍ରୋତେ ଉଜାଣି,
ଭ୍ରମେ ପଡ଼ି ମୁହିଁ ପ୍ରେମ-ସ୍ରୋତେ-ମନ-
ତରୀ କି ଦେଲି ଭସାଇ
ଭ୍ରମ ଛୁଟିଗଲା, ମାତ୍ର ସେହି ମନ
ତରୀ ତ ଫେରିଲା ନାହିଁ,
ନୈରାଶ୍ୟ ଚରାରେ ଲାଗି ରହିଲା ସେ
ବାହୁଡ଼ିବ ନାହିଁ ଆଉ,
ଚିର କୌମାର ଯା ମନାସିଣ ଥିଲି
ସାଧିଲି ବିଧି ସେ ଦାଉ ।"
ଅରେ ଥରେ ଶେଯ ତେଜି ବରାଙ୍ଗନା
ଭ୍ରମୁଣ ଥିଲା ପ୍ରାଙ୍ଗଣେ,
ଚନ୍ଦ୍ରାଲୋକେ ଧୌତ ଧରଣୀ ଗଗନ
ଦେଖୁଥିଲା ଶୂନ୍ୟମନେ,
ସୌଧ ଗୃହପାଶେ ପୁଷ୍ପୋଦ୍ୟାନେ ପୁଷ୍ପ
ପଲ୍ଲବ ଭରେ ନମିତ
ତରୁତଳେ ଅନ୍ଧ କାରେ ହୋଇଥିଲା
ଜ୍ୟୋସ୍ନା ଛଳ ତଣ୍ଡୁଲିତ, (୧)
ପୌର୍ଣ୍ଣମାସୀ ନଭେ ଶୋଭୁଥିଲେ ଦେବ
କ୍ଷୀରାବ୍ଧି-ଶୁକ୍ତି-ମୌକ୍ତିକ,
ତାରାଗୋଷ୍ଠେ ପଣ୍ଡ ଅଖଣ୍ଡ ଚନ୍ଦ୍ରମା
ସୁରଧୂମା ପୁଣ୍ଡରୀକ,

ବିୟୋଗିନୀ-ମର୍ମ- ଛେଦୀ କାମଦଣ୍ଡ
ସଂୟୋଗିନୀ-ହୃଦାହ୍ଲାଦୀ,
ମୁଗ୍ଧ ଦିଗଙ୍ଗନା- ବିଭ୍ରମ-ଦର୍ପଣ
ଶୃଙ୍ଗାର-ଅଦ୍ୱୈତବାଦୀ, (୨)
କୋଟି ଜ୍ୟୋତି ପୁଷ୍ପେ ମଣ୍ଡି ନୀଳବପୁ
ବହୁଥିଲା ଦୁର୍ଗପାଦେ
ବିରୂପା ମିଶାଇ ନିଜ କଳନାଦ
ସୁଗମ୍ଭୀର ଝିଲ୍ଲୀ ନାଦେ ;
ଉତ୍କୀର୍ଣ୍ଣ ପରାଏ ଆଭୂଷଣ ଥିଲା
ସୁଧାଂଶୁ କରଣେ ଭାସି
ଚକ୍ରବାଳେ ଶୈଳ, ବନ, ଝଙ୍କଭୂମି
ନଦୀଶଯ୍ୟା, ନଦୀନାରୀ,
ଦିଶୁଥିଲା ଦୂରେ ଦିଗନ୍ତବିସ୍ତାରୀ
ଚନ୍ଦ୍ରିକା ସ୍ନାତ ସୈକତେ
ନୀଳ ମହାନଦୀ, ବିଷ୍ଣୁ କି ଶାୟିତ
କ୍ଷୀରୋଦ ଶୟନେ ସତେ !
ବ୍ୟୋମ ଗଙ୍ଗାନୀରେ ନାରକେଳି ରତ
ପୁଣ୍ୟାଙ୍ଗନା ଶ୍ରେଣୀରେ
ଛିଟା ଉଠି, ପଡ଼ି ଥିଲା କି ଆସି ତ
ହିମଛଳେ ଧରଣୀରେ !
ମାନିନୀ ଚକୋରୀ ମାନ ଫେଡୁଥିଲା
ଚନ୍ଦ୍ରିକା ପୀୟୂଷ-ପାୟୀ
ସହକାର ଚୂଳେ ଚଟୁଳ ଚକୋର (୩)
ନିଜ ପ୍ରେମଗୀତ ଗାଇ,
ସଙ୍ଗତେ ଉଡ୍ଡୀନ ପ୍ରେୟସୀର ପ୍ରେମ
ରବେ ପ୍ରତିରବ ଦେଇ
ଉଡ଼ି ଯାଉଥିଲା ଉଲ୍ଲାସେ ଟିଛିଭ
ସଙ୍ଗୀତ କିବା ସେ ଦେହୀ ?

(୧) ତଣ୍ଡୁଲ ଶ୍ୱେତ, ଛଳ କୃଷ୍ଣବର୍ଣ୍ଣ—ଅର୍ଥାତ୍ ଛାୟାରେ ଜ୍ୟୋସ୍ନା । ଚିତ୍ରବିଚିତ୍ର ହୋଇଥିଲା (Chequered). (୨) ଶୃଙ୍ଗାରରସ ବ୍ୟତୀତ ଆଉ ଜଗତରେ କିଛି ନାହିଁ, ଏହି ମତର ପ୍ରବର୍ତ୍ତକ । (୩) ପଟେଷ୍ଟା—ବାଲେଶ୍ୱର ଜିଲ୍ଲା ଏବଂ ଖୋର୍ଦ୍ଧା ଅଞ୍ଚଳରେ ଏହା ସଚରାଚର ଦେଖାଯାଏ ।

ଶୀତଦ୍ୟୁତି-କରେ ଦ୍ୱିଗୁଣେ ଢେଳମାର
ବଢ଼ିଲା ହୃଦ-ତପତ,
ତା ନେତେ ଚନ୍ଦ୍ରମା ହାଣିଲେ କିବା ସେ
ମନ୍ମଥ ଶରର ନୂତ,
ଚକୋର ଶିଞ୍ଜିତ ସ୍ୱର ଶୁଣି ବାଳା
ଦ୍ୱିଗୁଣେ ହେଲା ଆକୁଳ,
ଆନନ୍ଦର ଧ୍ୱନି ଉପୁଜାଏ ଯିନା
ଦୁଃଖୀର ଶ୍ରବଣ-ଶୂଳ ।
ଏ ଅଞ୍ଚଳେ ସାନ୍ତ୍ୱନା ଲଭୁଥିଲା ଧନୀ
ମର୍ମଭେଦୀ ସେ ସନ୍ତାପେ
ହରୁପାତଟିନୀ ଭଣ୍ଡି ପଠାଗ୍ରର
ରଥାଙ୍ଗ-ବଧୂ ବିଳାପେ,
ରଥାଙ୍ଗୀକି ଗୃହିଁ କହିଲା, "ବିହଙ୍ଗୀ
ଝୁରୁ କିମ୍ପା ମୋହ ପରି ?
ଆଶ୍ୱାସନା ପାଇଁ ଅଛି ତ ତୋହର
ସଙ୍ଗେ ଆଶା ସହଚରୀ,
ବିଭାବରୀ ତୋର ବିରହ ଅବଧି
ଏଥିକି ଏତେ ତୁ ଦୀନା ?
ଏ ବିରହ ତୋର ମିଳନର ସ୍ୱାଦୁ
ବଢ଼ାଇବା ଲାଗି ଯିନା,
ଅତର ବିରହେ ଗ୍ଲାନ ତୋର ଏତେ
ହେଉଛି ଦୁଃଖେ କରତ,
ମାନ ମୋହ ସଙ୍ଗେ ଭାଗ୍ୟ-ବିନିମୟେ
ବଳାଇବୁ କି ତୁ ମତ ?
ସୁଖାନ୍ତ ବିରହ ସହି ନ ପାରି ତୁ
ନିଜ-ଭାଗ୍ୟ ମଣୁ ମନ୍ଦ
ଏ ଅନ୍ଧାର ତୋର କ୍ଷଣସ୍ଥାୟୀ ଯିନା
ମୁଁ ଯେ ବେଳା ନେତେ ଅନ୍ଧ !
ନିଶାରେ ଦେଖୁ ତୁ ଆଶା-ମୁଖ-ଶଶୀ
ଅନ୍ତେ ଦେଖୁ-କାନ୍ତ-ମୁଖ,
ସୁଖସୀମା ଯିନା ମୋ ଲେଖାରେ ତାହା
ତୋ ଲେଖାରେ ଯାହା ଦୁଃଖ ।"

ବାହୁନି ବାହୁନି କାନ୍ଦିଲା ଏରୂପେ
ନିରାନନ୍ଦେ ଚନ୍ଦ୍ରାନନା
ନ ଶୁଭଲା ଯାଏ ଜଳ-ବଇଁଶିଆ
ଭରଡଆ-ବଂଶୀଧ୍ୱନି,
ହରୁପାର ପାଟେ ସେ ବିହଙ୍ଗ-ଭୃଣ
ଶଯ୍ୟାରୁ ହୋଇ ଉତ୍ଥିତ
ନୀଳ ବ୍ୟୋମେ ଉଠି ଢାଳିଲା ତାହାର
ଅମର୍ତ୍ତ୍ୟ ମର୍ତ୍ତ୍ୟ ସଙ୍ଗୀତ,
ଦେଖୁ ଦେଖୁ ଦେଖା ଦେଲା ପାଟଳିମା
ପରାଚୀ-ମୂଳେ ବିରାଜି,
ତାରାରତ୍ନାଞ୍ଚିତ ତମଃସିନ୍ଧୁରେ କି
ପ୍ରବାଳ-ନିକୁଞ୍ଜ-ରାଜି !
କାହିଁ ଜ୍ୟୋତ୍ସ୍ନା-ଧଳା, କାହିଁ ପୁଣି କଳା-
ମସୀଭୂତ ଅନ୍ଧକାରେ,
କାହିଁ ଫୁଲ-ପଦ୍ମ- ପରାଗେ ହାରିଦ୍ର,
ପ୍ରାତଃ-ସନ୍ଧ୍ୟା-ରକ୍ତିମାରେ
କାହିଁ ରଙ୍ଗ ବର୍ଣ୍ଣ, ଦଣିଲା ବ୍ରହ୍ମାଣ୍ଡ
ନିଶାନ୍ତେ ଚିତ୍ର ବିଚିତ୍ର,
ଉନ୍ମୀଳିତ ହୋଇ ତୂଳିରେ ଯେସନ
ଶୋଭେ ବର୍ଣ୍ଣୋଜ୍ଜ୍ୱଳ ଚିତ୍ର,
ପ୍ରାଚୀ-ଗିରିରଙ୍ଗେ ଫିଟିଗଲା ଏବେ
ବିଭାବରୀ-ଯବନିକା
ଅଭିନୟପାଇଁ ସୁସଜ୍ଜିତ ମଞ୍ଚ
ଅଚେନ-ମହାନାଟିକା ,
ସମୁଜ୍ଜ୍ୱଳ ବେଶେ ଉଭା ହୋଇ ଦେବ
ପ୍ରଭାମୟ ସେ ମଞ୍ଚରେ
ସୂତ୍ରଧାରରୂପେ ତାରାପୁଷ୍ପ-ପୁଞ୍ଜ
ଫିଙ୍ଗିଲେ ରଙ୍ଗ ସ୍ଥଳରେ
ବାଳାତପ ଠାବେ ଠାବେ ଶୈଳଦେହେ
ଦେଖି ହେଲା ମନେ ଭ୍ରମେ
ସଦ୍ୟଃପକ୍ଷଚ୍ଛିନ୍ନ ହୋଇ କି ଶୋଣିତ
ପର୍ବେ ତାଙ୍କ ଦେହୁ ଝରେ !

ନିଦ୍ରା ପରିହରି      କଳିମାସୁନ୍ଦରୀ
  ସୁଷମା କଲା ବିସ୍ତାର
କୁମୁଦିନୀଠାରେ      ଜେମାଠାରେ ନ୍ୟସ୍ତ-
  କରି ନିଜ ଦୁଃଖଭାର,
ନିଦ୍ରା ପରିହରି      କମଳା ସୁନ୍ଦରୀ
  ଧରି ଲଳିତାର ପାଣି,
ବାହୁଡ଼ିବା ଲାଗି      ସ୍ବବାସେ ମାଗିଲା
  ବିନୟ-ବଚନେ ମେଲାଣି,
"ଅଳ୍ପଦିନେ ଆସି      ଭେଟିବି ତୁମ୍ଭରେ"
  ଅଶ୍ରୁମୁଖୀ ଲଳିତାର
ଅନୁରୋଧେ ଏହି      ପ୍ରତିବାଣୀ ଦେଇ
  ସେ ପରୁଁ ହେଲା ବାହାର,
ଯାତ୍ରାକାଳେ ତାଙ୍କୁ      ମହାଦରେ ଜେମା
  ମହାର୍ଘ ଶାଢ଼ୀ ପିନ୍ଧାଇ,
ନିଜ କଣ୍ଠୁ ରତ୍ନ-      କଣ୍ଠୀ ନେଇ ତାର
  କଣ୍ଠରେ ଦେଲା ଲମ୍ବାଇ,
ଗୋରି ମଣିବନ୍ଧେ      ପିନ୍ଧାଇ ଆଦର
  ଦେଲା ଇନ୍ଦ୍ରମଣି-ବାଳା
ଦନ୍ତ-କୁନ୍ଦ-କଳି-      ଆବରଣେ ଦେଲା
  ସୁରୁଚିର ରତ୍ନ-କାଞ୍ଚଳା,
କମଳା ତଳକୁ      କରିହ ସନ୍ତାପେ
  ବିବର୍ଣ୍ଣ ହେଲା ସେ ରାମା,
ଚନ୍ଦ୍ରିକା ସଜନୀ      ଛାଡ଼ିଗଲେ ଯେବେ
  କାଳିମା ସିନା ନିଯାମା !
ବୈଶାଖର ଖର      ପବନ ପରଶେ
  ସହଜେ କ୍ଷୀଣଜୀବନୀ
ମଉଳିଲା, ଆହା,      ନିଆଳୀ ଲତା କି
  ନବପୁଷ୍ପସ୍ତବକିନୀ ।
କର-ପଦ୍ମେ ଗଣ୍ଡ-      ମଣ୍ଡଳ ବିନ୍ୟାସି
  କରୁଥାଇ ବାଳା ଧ୍ୟାନ,

କୃଶାଙ୍ଗୀର ହେଲା      ଶ୍ରୀଅଙ୍ଗ ମୁଦ୍ରିତ-
  ମୃଣାଳୀ ପରାଏ ମ୍ଳାନ ।
ଫିକା ହୋଇଗଲା      କାନ୍ତମୁଖ-କାନ୍ତି
  ବିଧୁ ଯଥା ଦିବାଭାଗେ ,
ବନ ହୁତାଶନେ      ଦଗ୍ଧ ହେଲା ଧନୀ
  ହରିଣୀ ଯେସନ ମାଘେ ।
ତୁହିନ-ଶୀତଳ      ଶୁଭ୍ର ଶେଯେ ପଡ଼ି
  ଜଳୁଥାଇ କୃଶୋଦରୀ
ତୁଷାର-ଭୂଧର-      ପୃଷ୍ଠେ ନିଶାକାଳେ
  ତୃଣ-ଜ୍ୟୋତିର୍ଲତା ପରି
କରଗତ ଦେବ-      ଦୁର୍ଲ୍ଲଭ ସମ୍ପଦେ
  ଉଦାସୀନ ହେଲା ଧୀରା,
କରତୋୟା ପ୍ରାୟେ(୧)   ସରୋଜ-ନେତ୍ରୀର
  ବୃଷ୍ଟି ହେଲା ସଦାନୀରା
ନିଦାଘେ ଚାତକୀ      କାଦମ୍ବିନୀ ପ୍ରତି
  ଯେସନ୍ତେ ଲକ୍ଷ୍ୟ ରଖିଥାଇ
ଉତ୍କଳିକା କୂଳେ      ରହିଲା କମଳା
  ଆଗମନକୁ ଅନାଇଁ ,
ଉତ୍କଳିକା କୂଳେ      ଦୂତ ପଦେ କରି
  ପେଷୁଥିଲା ତା ଅନ୍ତର
ପୟୋଦ ପଡ଼ତୀ      ଆଦ୍ର କରି ଯେତେ
  ନଭଃସିନ୍ଧୁ-ସଂଯାତ୍ରିକ,
ଜଗତରେ ଗନ୍ଧ-      ଦନ୍ତ-ବାତାୟନ
  ବିବରେ ନିନ୍ଦ୍ୟ ବଦନ
ଗୁଣି ହେଉଥିଲା      କମଳାର କଥା
  ଉତ୍ତରାସ୍ୟେ ଅନୁକ୍ଷଣ,
ଉତ୍ତରା ପବନେ      ଆଲିଙ୍ଗନ ବାଳା
  କରୁଥିଲା ଭୁଜ ଟେକି
ମାର୍ଗେ ଆସୁଁ ଆସୁଁ      କମଳାର ଅଙ୍ଗ
  ଛୁଇଁ ଆସିଅଛୁ ବୋଲି ।

(୧) ହିମାଳୟୋତ୍ପନ୍ନ ବଙ୍ଗଦେଶୀୟ ନଦୀ, ଏହାର ଅପର ନାମ ସଦାନୀରା ।

## ଚତୁର୍ଥ ସର୍ଗ

ତିନିଦିନ କାଳ ବନ ପଥେ ଭ୍ରମି
ପୁଣି ବୈତରଣୀ-ତୀରେ
ସୋଦର ସହିତେ ମାଗଧୀ ସୁନ୍ଦରୀ
ମିଳିଲା ଯାଇ କୁଟୀରେ ;
ଅଦର୍ଶନେ ତାର ଯଯାତିର ମନ
ହୋଇଥିଲା ଶଙ୍କାକୁଳ,
ତେନଙ୍କି ତେବେଏ ଦେଖି ହେଲେ ଏବେ
ହରଷରସେ ପ୍ରଫୁଲ୍ଲ ;
ଉତ୍କଳେଶ-ଜେମା- ସଙ୍ଗେ ଭେଟହେଲା
ଦିନରୁ ଆରମ୍ଭ କରି
ଘଟିଥିଲା ଯେତେ ଚରିତ ବିମଳା
କହିଲା ସବୁ ବିବରି,
ଉପହାର ବସ୍ତ୍ର- ଆଭରଣମାନ
ଦେଖାଇ ହରଷମନେ
ସାଇତ ସୁଦନ୍ତୀ ରଖିଲା ସେମାନ
ପେଡ଼ିରେ ଅତି ଯତନେ ;
ଲଳିତାର ଦଶା ଯଯାତି ନ ଯାହା
ଜାଣିଲା-ବିମଳା-ଗିରୁ,
ତହୁଁ ବଳି ତାହା- ଜାଣିଲା ସୁଧୀର
ସଲଜ୍ଜ ମୁଖଭଙ୍ଗୀରୁ,
ଜାଣିଲା ଯା ଦେନ ଉତ୍କଳେଶ-ଜେମା
ହୋଇଛି ଏଡ଼େ ଉତ୍ସୁକ
ଚତୁର-ଶ୍ରବଣେ ମୌନ ଠାବେ ଠାବେ
ହୁଏ ବଡ଼ ବାବଦୁକ !
ଆଶ୍ରମସ୍ଥ ବସ୍ତ୍ର- ଆଭରଣ ଦେଖି
ହୃଷ୍ଟ ହେଲା ଯୁବାମଣି
ନୈରାଶ୍ୟ-ନିଦାଘ- ଅନ୍ତେ ତାଙ୍କୁ ଆଶା
ମେଘେ ବିଦ୍ୟୁଚ୍ଛଟା ମଣି ;
ସ୍ଥିର ମଣୁଥିଲା ଜୀବନକୁ ଯେହ୍ନ,
ଏବେ ଆଶା-ବାରି ଲଭି

ଶୁଷ୍କପ୍ରାୟ ହୃଦେ ପ୍ରେମାଙ୍କୁର ତାର
ଉଠିଲା ପୁଣି ପଲ୍ଲବ ;
ଜନମ-ରଙ୍କ କି ପରଶୁ ପାଇଲା,
ଅମୃତ ଜନମ-ରୋଗୀ,
ଲୋଚନ କି ଅବା ଅନ୍ଧ, ମୂକ ବାଣୀ
ଅବା ମହାତତ୍ତ୍ୱ ଯୋଗୀ ।
କହିଲା ସ୍ୱଗତେ, "ଭାଗ୍ୟ-ଦେବୀ ଆଗେ
ପେଷି ମୋର ମନୋରଥ
ଜେମା ପାଶେ ଏବେ ଯିବାପାଇଁ ମୋତେ
ଫିଟାଇ ଦେଲେ ଏ ପଥ,
ନ ଲଭି ଲଭିଛି ବଲ୍ଲଭୀର ପ୍ରେମ
ଏଥିରେ ନାହିଁ ସଂଶୟ,
ଅଜ୍ଞାତେ ଚୋରାଇ ନେଇ ମୋ ହୃଦୟ
ଦେଇଛି ନିଜ ହୃଦୟ,
ଯେଉଁ ପୁଷ୍ପାୟୁଧ ବାନ୍ଧିଲା ମୋ ହୃଦ
ବାନ୍ଧିଛି ସେହି ତା ହୃଦ
ମଣିଥିଲି ଯାକୁ ଅରି କରି ଏବେ
ସେ ମୋର ଇଷ୍ଟ ସୁହୃଦ ;
ବିମଳାର ବେଶେ ଅନାୟାସେ ହେବ
ଜେମା-ପାଶେ ଉପଗତ,
ଥାଉ ଆନ, ଭେଦ ବାରି ନ ପାରିବ
ହେଲେ ଚକ୍ଷୁ ସାବହିତ ;
ତଥାପି ବିଷମ- କଥା ଛଦ୍ମ-ବେଶେ
ଭେଟିବାର ଜେମାମଣି,
କଣ୍ଟକ-ବେଷ୍ଟିତ ପଦ୍ମ ସେ ରମଣୀ,
କିମ୍ବା ଫଣି-ଶିରେ ମଣି !
ମଲେ ପଛେ ମୁହିଁ ମରିବ, ଏ କାର୍ଯ୍ୟେ
ପ୍ରାଣକୁ କରିବ ତୁଚ୍ଛ,
ଚନ୍ଦ୍ରାଲୋକୁଁ ସୁଧା ହରଣେ କୁଣ୍ଠାଣେ
ଡରି କି ଥିଲେ ଗରୁଡ଼ ?

ଅଙ୍ଗସଜ୍ଜ, ଅବା ଜେମା-ଅଙ୍ଗ-ସଙ୍ଗ
ଲଲାଟ-ଲିପି ମୋହର,
ବଜ୍ର ପଣ୍ଡୁ ମୁଣ୍ଡେ, କାଳ ଅବା ଭୁଣ୍ଡେ
ମେଘ ଗତି ଗୃହଙ୍କର,
ଅନଳର ଶିଖା— ରୂପିଣୀ ଲଳିତା
ଉଜ୍ଜ୍ୱଳ-ଲାବଣ୍ୟ-ଗଣୀ
ପତଙ୍ଗର କବା ଚକୋରର ଦଶା
କି ଅଛି ଭାଗ୍ୟେ ନ ଜାଣି ।"(୧)

ଏହିମତେ ଭାଳି ବିମଳା-ସମ୍ମୁଖେ
ଜେମା-ଉପହାରମାନ
ସଙ୍ଗେ ନେଇ ଯୁବା କପାଳେଶ ଦୁର୍ଗେ
ଏକାକୀ କଲା ପ୍ରସ୍ଥାନ ।
ଯିବାକାଳେ ଦେବୀ- ଚରଣ ପ୍ରାନ୍ତରେ
ସାଷ୍ଟାଙ୍ଗେ କରି ପ୍ରଣତି
କରଯୋଡ଼ ଭକ୍ତି- ଗଦଗଦ ହୃଦୟେ
ଜଣାଇ ଗଲା ଏମନ୍ତ—

"ମାତଃ ବସୁଧାରେ, ବରାଭୟ-ଦାଏ,
ଦିଅ ବର କୃପାକରି
ତୋର ଏ କେଶରୀ ହେଉ ସଦା ମୋର
ବିପଦ-କରି-କେଶରୀ ।"

ଦୁର୍ଗ-ଉପକଣ୍ଠେ ମହାବନେ ବେନି-
ଛଦ୍ମବେଶେ ହୋଇ ପ୍ରବେଶ
ଜେମା-ଦତ୍ତ ବାସ- ଭୂଷଣେ ବଦଳି
କପଟେ ଅବଳା-ବେଶ,
ପ୍ରଦୋଷେ ସେ ବେଶେ ପ୍ରବେଶିଲା ବୀର
ଉତ୍କଳରାଜ-ନବରେ
ବୃହନ୍ନଳାରୂପୀ ପାର୍ଥ-ରଥୀ ଯଥା
ବିରାଟପୁରେ ଦ୍ୱାପରେ,

ଜେମା ସଖୀ ମଣି ଛାଟ ଛାଡ଼ିଦେଲେ
ଅନ୍ତଃପୁରେ ପ୍ରତିହାରୀ,
ବାମାରୂପୀ ନୃପ- କୁମାର ଉଲ୍ଲାସେ
ଭେଟିଲା ନୃପକୁମାରୀ ;
ଅସ୍ତ ଯାଉଥିଲେ କପିଳାସ-ଶୃଙ୍ଗେ (୨)
ଏକାଳେ ଦେବ ତପନ
ବିଶ୍ୱରାଜ ତେଜ- ଭଣ୍ଡାର ମେଢ଼ାପ (୩)
ପଦ୍ମ-ମୁଦ୍ରା-କରଣ, (୪)
ବାରୁଣୀ-କୁଞ୍ଜେ ମେ କୋଟି ହୀରା ନୀଳା
ମଣି ମୁକ୍ତା ଜରି ଶାଢ଼ୀ
ପ୍ରକୃତି କି ସ୍ତରେ ସ୍ତରେ ରଖିଥିଲା
ଗଣତି ଲାଗି ସଜାଡ଼ି ?
ସେହି ଆଭା ପଡ଼ି ପ୍ରାସାଦର ଚୂଡ଼େ
ଦେଉଳର ଆମଳକେ
ଝଟକୁଥିଲା ସେ ରତ୍ନେନ୍ଦ୍ର-କଟକ
ଶୈଳତଟେ ଝକଝକେ,
ଦିଶୁଥିଲା ଅସ୍ତ- ଆତପ ହେବାରୁ
ନୀଳ ଦେହେ ନିପତିତ
ପ୍ରତୀଚୀର ଗଣ୍ଡ- ପ୍ରାଚୀର କୋମଳ
ଧୂମଳବର୍ଣ୍ଣେ ରଞ୍ଜିତ, (୫)
ମାଡ଼ି ଆସୁଥିଲା କ୍ରମେ ପୂର୍ବମୁଖେ
ପ୍ରସାରି ବିରାଟ କାୟା
ଝିଲ୍ଲି ସଙ୍ଗେ ଖରା ଘୁପି ଘୁପିକରି
ପ୍ରଦୋଷର ମହାଛାୟା,
ତଉଦାରେ ସ୍ୱର୍ଣ୍ଣ- ବର୍ଣ୍ଣେ ବୋଳିଥିଲା
ଅସ୍ତଗାମୀ ସୂର୍ଯ୍ୟାଂଶୁକ
କାନନ, କେଦାର, ଟଙ୍କ, ନଦୀ ସ୍ରୋତେ
ଶଙ୍କଳ ମେଦିନୀ-ମୁଖ,
ଜଗତୀ ଉପରେ ଜଗତମୋହିନୀ
ବସି ହେଉଥିଲା ବେଶ,

(୧) ପତଙ୍ଗ ଅନଳରେ ଦଗ୍ଧ ହୁଏ । ଚକୋର ଅନଳକଣା ଆହାର କରୁଥିବାର କିଂବଦନ୍ତୀ ଅଛି । (୨) କପିଳେଶ୍ୱର ଦୁର୍ଗର ପଶ୍ଚିମରେ ବିରାଟ ଜନ୍ଧାକୃତି କପିଳାସପର୍ବତଶ୍ରେଣୀ ସ୍ପଷ୍ଟ ପରିଦୃଶ୍ୟମାନ । (୩) ଭଣ୍ଡାର ରକ୍ଷକ । (୪) ଯେଉଁ କର୍ମଘୃଷ୍ଟ ତାଲା ବନ୍ଦ କରି ମୋହର ଦେଇଯାଏ । (୫) ନୀଳ ରକ୍ତ ମିଶ୍ରିତ ହେଲେ ଧବଳ ବର୍ଣ୍ଣ ହୁଏ ।

ପିଠି ଉଲଟୁଥିଲା ସୁସ୍ପଷ୍ଟେ ତରଙ୍ଗେ
ତରଙ୍ଗ-କୁଞ୍ଚିତ କେଶ,
କରେ ଚୂଡ଼ି, ବାହୁ- ଯୁଗେ ବାଜୁବନ୍ଧ
ଗ୍ରୀବାଦେଶେ ଗ୍ରୈବେୟକ
ଗୌର ଗଣ୍ଡ ଚୁମ୍ବି ହୀରା ଅବତଂସ
କରୁଥିଲା ଝକଝକ,
ଦିଶୁଥିଲା କିଶୁ- ହରିଣାକ୍ଷୀ ତନୁ-
ଭୂଷଣେ କିବା ମଞ୍ଜୁଳ
ଭୁଜ ତାର ଯିବା ହୁଅନ୍ତା ତଡ଼ିତ-
ଲତାରେ ଫୁଟିଲେ ଫୁଲ !
ନିତମ୍ବିନୀ-ଗୋଲ ପୃଥୁଳ-ନିତମ୍ବେ
ଶୋଭୁଥିଲା କାଞ୍ଚିଦାମ,
ସ୍ଥାନ ଜାଣି ଅବା ନାଦୁଥିଲା ତହିଁ
କାର୍ମୁକ-ଶିଞ୍ଜିନୀ କାମ !
ସରଳ ସୁଠାମ ବାଳୀ-ଅଙ୍ଗ-ଯଷ୍ଟି
ଆହା କିବା ସୁଲଳିତ
ହୋଇଥିଲା କି ସେ ଅନଙ୍ଗ ଶିଳ୍ପୀର
ଶାଣ-ଯନ୍ତ୍ରେ ସୁବଳିତ !
ବିଭାସିତ ହୋଇ ବିମ୍ବାଧରୀ ଚାରୁ-
ଆସ୍ୟ-ବିମ୍ବ ଅସ୍ତ୍ରକରେ
ପ୍ରତେ ହେଉଥିଲା, ସତେ କି ମୃଗାଙ୍କ-
ମଣ୍ଡଳୁଁ ପୀୟୂଷ କ୍ଷରେ,
ଯୁବାଜନ ମନ- ଉନ୍ମାଦନ ଲାଜ
ଲୁଚିଥିଲା କି ବିଳାସେ !
କୁନ୍ଦେ ଆହା, ତାର ସୁବାସ ଯେସନ
କୁନ୍ଦହାସୀ-ଦରହାସେ !
ପଛେ ବସି ସଖୀ ଗୁନ୍ଥୁଥିଲା ବେଣୀ
ଗଜଦନ୍ତ-କଙ୍କତିକା,
ମଞ୍ଜୁ ପାଦପଦ୍ମ ରଞ୍ଜୁଥିଲା ଅଗ୍ରେ
ଲାକ୍ଷାରସେ ପ୍ରସାଧିକା,
ଆହା ସେ ଅବନୀ- ରମ୍ଭାର ଉଲଟ
କନକ-ରମ୍ଭା-ଚରଣ,

ପାଦ୍ମତଳେ ଯାହାର ଈର୍ଷା ବନ୍ଧ ବନ୍ଧ
ହୁଅଇ ରସିକ ମନ !
ଉପୁଜାଏ ଆହା, ସଦମ୍ଭେ ଦେଖାଇ
ଯେଉଁ କମନୀୟ ଊରୁ
ଶତ ମନୋରାଜ୍ୟ ହୃଦୟେ ମନୋଜ
ମନୋରାଜ୍ୟ-ଦୀକ୍ଷାଗୁରୁ !
ଯୁବା-ମନୋରାଜ୍ୟ- ରୂପିଣୀ ରୂପସୀ
ବିମଳ-ହେମ-ଦର୍ପଣ
କରପଦ୍ମେ ଧରି ଦେଖୁଥିଲା କ୍ଷଣେ
କ୍ଷଣେ ପୂର୍ଣ୍ଣ ଚନ୍ଦ୍ରାନନ ।
ମାନି ମୁଖଭଙ୍ଗୀ କହୁ ଦେଉଥିଲା
ବେଶେ ତାର ଆସ୍ଥା ନାହିଁ
ଦେହେ ମାନି ତହିଁ ବସିଅଛି, ମନ
ଯାଇ ଚରୁଅଛି କାହିଁ
ବିଷାଦର ଛାୟା ବଢ଼ାଇଣ ଥିଲା
ଦ୍ୱିଗୁଣେ କାନ୍ତି ବାଳାର,
କି ବର୍ଣ୍ଣିବ ତାହା ରୂପ-ଶୋଭା, ଆହା,
ବିଷାଦ ଯାର ସିଙ୍ଗାର ?
ଝଲିଲା ତରୁଣ ତରୁଣୀର ସେହୁ
ଲାବଣ୍ୟ ଦେଖି ଅତୁଳ,
ସମ୍ଭୁଥିତା ଆହା, ନବ ଇନ୍ଧନ କି
କନ୍ଦର୍ପ-ଦର୍ପ-ସିନ୍ଧୁରୁ ?
ବହ୍ନି-ଶିଖା-ପ୍ରାୟ ରୁଦ୍ର-ସୁନ୍ଦର ଯେ
ଆନ ବେଶେ ଦିଶୁଥିଲା,
ପ୍ରଶଂକ୍ଷମ ତନୁ ଘାତେ ପ୍ରତିଘାତ
ଏବେ ହେଲା ସେ ସୁଶୀଳା,
ମନୋବୃନ୍ତେ ତାର ଆଶାସ୍ୱୀ ଧ୍ୱଂସର
ଫୁଟିଲା ଆଶା-କଳିକା
ସ୍ନେହେନ୍ମୁଖସ୍ୟନ୍ଦିନୀ ସୁନ୍ଦରୀଏ ଲଭ
ବଦନ ଚନ୍ଦ୍ର ଚନ୍ଦ୍ରିକା,
ପ୍ରେମସୁଧାଭୂରେ ଅବୁଝ ତରୁଣ
ଦେଖି ସେ ନବ ଛଇଳୀ

ହସ୍ତାହତ ନେତେ  ଅସମ୍ଭାଳେ ତାକୁ
ପକାଇଲା କି ସେ ଗିଳି ।
ସଖୀ ମଣି ଯୁବା-  ମଣିକି ହରଷେ
ପୁଲକିଲା ହେମାମଣି,
ହରଷ ନିଶାନ୍ତେ  ଊଷା ଦେଖି ଯଥା
ଉଲ୍ଲସିତ କୋକ-ରମଣୀ,
ଅଥବା ଜ୍ୟୋସ୍ନାରେ  କୁମୁଦିନୀ ଚନ୍ଦ୍ର
ଚନ୍ଦ୍ରାଂଶୁ ତାପେ କାତର
ଦିନାନ୍ତେ ଯେସନ  ଉଲ୍ଲାସେ ଶାରଦ
ଜ୍ୟୋତ୍ସ୍ନା ଯୋଗେ ହିମକର,
ହେମା-ସୁଖେ ସୁଖୀ  ସହଚରୀ ବୃନ୍ଦ
ବନ୍ଦିଲେ ଯୁବା ପଦରେ,
କର ଧରି ତାକୁ  ବସାଇଲା ହେମା
ନିଜ ପାଖେ ପ୍ରେମାଦରେ,
ଜାୟା ପାଶେ ବସି  ଛଦ୍ମବେଶୀ ହେଲା
ଅପୂର୍ବ ସୁଖେ ଅବଶ,
ସଖୀଗଣେ ଶଶି  ଚମ୍ପକୁ ଛୁଇଁଲା
କିବା ତୃଷାତୁର ଶଶ !
ଆହା, କି ସରସ !  ସେ ଦିବ୍ୟ ପରଶ
ଲେଶ ମାତ୍ର ଯାର ପାଇ
ଜୀବନ୍ୟାସ ଲଭି  ଉଲ୍ଲାସେ ଉଠିବ
ଶୁଷ୍କ ତରୁ କଅଁଳାଇ,
ସୁନ୍ଦରୀର ସେହି  ସାନ୍ଦ୍ର-ସ୍ପର୍ଶସୁଖେ
ବିହ୍ୱଳ ହୋଇଗଲା ମନ,
ସାବଧାନେ ଯୁବା  କଲା ସେ ଉଦ୍ୟମ
ସାତ୍ତ୍ୱିକ ଚିହ୍ନ ଗୋପନ,
ସଂଯମ ଆପଟେ  ଏହିରୂପେ ରହି
ନିପଟ ରଙ୍କ ପରିଏ
ମନେ ମନେ ଗଲା  ଚୁମ୍ବି ସେ ବାଳାକୁ
ଚିକୁରୁ ଚରଣଯାଏ,
ସମ୍ଭାଷଣ ପରେ  ଅଶନାଦି ନୀତ
ଏକତ୍ରେ ଦୁହେଁ ଆଚରି

ଶୋଇଲେ କିଶୋର  କିଶୋରୀ ନିଭୃତେ
ଏକା ଶେଯେ ପୂର୍ବ ପରି,
ଦୁଃଖ-ଶେଯ ତାକୁ  ଜାଣି ହେମା ତହିଁ
ଆଗ୍ରହେ କଲା ଶୟନ,
ଅଳ୍ପ ଦୁଃଖେ ଯଦି  ମୁକ୍ତି ଲଭିବାକୁ
ନ ଲୋଡ଼ଇ ଦୁଖୀମନ,
ଶେଷେ ଶୋଇ କହେ  ଲଳିତା, "ସଜନ,
ମେଲାଣି ହେବା ସମୟେ
ଏତେ ବେଗେ ପୁଣି  ଦେଖା ହେବ ଆସି,
ନ ଥିଲା ଆଶା ହୃଦୟେ,
ଶୁଝି ନ ପାରିବ  ତୁମ୍ଭ ସ୍ନେହ ଋଣ
ହେଲି ପାଦେ ଚିରଋଣୀ
ଏ ସୁବସ୍ତୁ ରତ୍ନ  ହୃଦୟ-କମଳେ
ଏଣିକି ମୋର ମାଗୁଣି ।"
ବୋଲେ ବାମାରୂପୀ,  "କି ଲାଗି ଅଇଲି
କହିବି ସେହି ଚରିତ
ସମ୍ଭବ ଥିଲେ ହେଁ  ଅନ୍ୟ ଯୁକ୍ତି ତାହା
ବଳକାଳେ ଆଲୋକିତ ;
ଯେ ଦିନେ ନୟନେ  ଅଙ୍ଗଶୋଭା ତୋର
ଦେଖିଲି ନୟନ ଭରି,
ପାଞ୍ଚିଲି ଗଡ଼ିଲେ  ନାହିଁ କିମ୍ପା ମୋତେ
ବାରଅଁ ପୁରୁଷ କରି
ପୁଂସ ହୋଇଥିଲେ,  ପ୍ରଭାତେ ଯେସନ
ଜଡ଼ ରହିଥାନ୍ତି ମଣି,
ସ୍ତ୍ରୀଅଙ୍ଗେ ତୋହର  ଅଙ୍ଗକୁ ମିଶାଇ
ରହିଥାନ୍ତି ହେମାମଣି !
ପୁଂସ ହୋଇଥିଲେ  ହୋଇଥାନ୍ତି ସିନା
ସେକାଳରେ ତୋର ନିପୁଣ,
ଖଣ୍ଟିଣି କଙ୍କର  ପାଦେ ହୋଇ ତୋର
ନିନ୍ଦିବ ମଣନ୍ତି ତୃଣ,
ଖ-ପୁଷ୍ପ ପ୍ରାପ୍ତେ ଏ  ବାସନାକୁ ଜାଣି
ଖେଦ ମାରିଥିଲି ମନେ

ମାତ୍ର ଧାତ୍ରୀ କୋଳେ ପୁଣି ସଙ୍ଗେ ତୋର
ଏକାସନେ ଶୋଇ ଶୟନେ,
ଲୁଚେ କଣ୍ଠା ପ୍ରାୟେ ଏ ନିତମ୍ବ ତୋର
ଦେଖି ହେଲା ବଡ଼ ଶୋକ,
ପୂର୍ଣ୍ଣ-ଇନ୍ଦୁ-ବିମ୍ବ ଦେଖି ମନ-ଦୁଃଖେ
ଝୁରି ହୁଏ ଯିନା କୋକ !
ଭାଳିଲି, ବିଧି କି ଗୁଣ୍ଡ ଦେଲା ମୃଗ
ଭୁଣ୍ଡେ ବକ୍ର-ଭଙ୍ଗି ଦେଇ
ଶୈଳ-ଦରୀ ଝର- ଶୋଭ ଶୋଭାବନ
ତା ଚକ୍ଷୁ ଅଗ୍ରତେ ଦେଇ,
ଧିକ ମୋ ବିଧିକି ! ଆଗୁଁ ଯେବେ ମୋରେ
ଅବଳା କରି ଗଢ଼ିଲୁ,
ଅକାରଣେ କପା ତୋ ପରି ରୂପସୀ
ପାଶେ ଆଣି ଭେଟାଇଲୁ ?
ନାରୀ ସ୍ପୃଷ୍ଟେ ନାରୀ ପୁଷ୍ପର ଯୋଜନା
ନିଷ୍ଫଳ ଯିନା କେବଳି !
ସେ ପୁଷ୍ପରୁ ପୁଷ୍ପ ପରାଗନେ ଏକା
ବାହକ ପୁଂସ ଭ୍ରମର, (୧)
ପୁଂସ ଅଳି ଯୋଗେ ପୁଷ୍ପ କୁମାରୀ
କୁମାରୀ ହୁଏ ପ୍ରସୂତ,
ଏ ବିଧିରେ ବିଧି କରାଉଛି ଭବେ
ନୂତନ ଶୋଭା ସମ୍ଭୂତ,
ଏ ବିଧି ବିଧିର ଆନ ହେବ ନାହିଁ,
ଯେଣୁ ସେ ସ୍ୱବିଧି ବଶ,
ମୋତେ ହଠହଠା କରାଇ ଏରୂପେ
ଅଭଜିଲା କେଉଁ ଯଶ ?
ଖିନ୍ନ ମନେ ଶେଷ ତେଜି ଉଷାକାଳେ
ତୋଠାରୁ ନେଲି ବିଦାୟ
କଲି ଦୃଢ଼ପଣ ପୁରୁଷ ହେବା
ଲୋଡ଼ିବ ଥିଲେ ଉପାୟ,

ଶୁଣିଥିଲି ପୂର୍ବେ ଶିଖଣ୍ଡିନୀବାଳା (୨)
ପାଞ୍ଚାଳ-ମହୀମଣ୍ଡଳେ
ଦେବବ୍ରତେ ହିଂସା ବଦ୍ଧ ହୋଇଥିଲା
ପୁଂସ ଉଗ୍ର-ତପଃଫଳେ ;
ଭାଳିଲି, ସମ୍ଭବ ନୋହିବ କି ପ୍ରେମେ
ସମ୍ଭବିଥିଲା ଯା ଦ୍ୱେଷେ ?
ସେହି ତପଃଶିକ୍ଷା ଲାଗି ମୁଁ ଖୋଜିବି
ଦୀକ୍ଷା-ଗୁରୁ ଦେଶେ ଦେଶେ,
ଭେଟିଲି କାନନ- ପଥେ ପଥେ ଯାଇ
ସେ ଉଦୟ ସାନୁମାନ,
ତୋ ଗହଣେ ଆସୁ ଆସୁ ତଟେ ଯାଇ
କରିଥିଲି ଅବସ୍ଥାନ,
ପୁଂସବେଶେ ସେହି ଶୈଳେ ଭ୍ରମୁ ଭ୍ରମୁ
ଦେଖିଲି ଦିବ୍ୟ ଆଶ୍ରମ
ଅକାଳ କୁସୁମ- ଫଳେ ସର୍ବ-ତରୁ
ଲତାରାଜି ମନୋରମ,
ଆଉରି ଦେଖିଲି ଶୋଇଅଛି ଅହି
ନୀଳକଣ୍ଠ-ପୁଚ୍ଛତଳେ ;
କୁରଙ୍ଗ-ଶିଶୁଙ୍କୁ ପିଆଉଛି ସ୍ତନ୍ୟ
ଶାର୍ଦ୍ଦୂଳୀ ସ୍ନେହ-ବକ୍ଷଳେ,
ଆଶ୍ରମର ମଧ୍ୟ- ସ୍ଥଳେ ଦିବ୍ୟ ସର
ମୁକୁର ପ୍ରାୟେ ନିର୍ମଳ,
ସମସ୍ତ ଆଶ୍ରମ- ଛବି ହୃଦେ ବହି
ଜଳ କରେ ଟଳ ଟଳ ।
ତା ତୀରେ ଦେଖିଲି ମହାତେଜଃପୁଞ୍ଜ
ତପୋଧନ ଧ୍ୟାନେ ରତ,
ନିଭୃତେ ନଗତଳେ ଆସୀନ ; ନିବାତେ
ନିଷ୍କମ୍ପ ପ୍ରଦୀପବତ ।
କେ ଜାଣି ସେ ଯତି ସମାଧି-ଆସନେ
ଥିଲେ ତହିଁ କେତେ କାଳ,

(୧) ଭ୍ରମର ଓ ମଧୁମକ୍ଷିକାର ସଂଯୋଗରେ ପୁଷ୍ପର ଗର୍ଭଧାରଣ ବିଜ୍ଞାନ-ସମ୍ମତ ଅଟେ ।

(୨) ଶିଖଣ୍ଡିନୀ ପ୍ରଥମେ ସ୍ତ୍ରୀ ଥିଲା । ଭୀଷ୍ମଙ୍କୁ ସଂହାର କରିବାପାଇଁ ତପସ୍ୟା କରି ପୁରୁଷ ହେବାର କଥା ମହାଭାରତରେ ଦେଖ ।

ମାତ୍ର ତାଙ୍କ ଦେହେ ଉର୍ଣ୍ଣନାଭ ଠାକେ-
ଠାକେ ବୁଣିଥିଲା ଜାଲ ।
ସମାଧି ସରିଲେ ଦୁଃଖ ଜଣାଇବି
ଏହି ଆଶା ବାନ୍ଧି ମନେ
ଜୀବନେ ମମତା ତେଜି, ଅଧା ପଡ଼ି
ରହିଲି ତାଙ୍କ ଚରଣେ ।
ଯଥାକାଳେ ଯୋଗ- ସାଧିଲ ଆଚରି
ଉଠିଲେ ସେ ମହାଜ୍ଞାନୀ,
'ଉଠ ବତ୍ସ' ବୋଲି ଶ୍ରୀମୁଖୁଁ ତାଙ୍କର
ନିଃସରିଲା ଆଶାବାଣୀ ।
'କି ମାଗୁଣି ତୋର" ଏହି ପ୍ରଶ୍ନେ କର-
ଯୋଡ଼ି ବୋଇଲି ବଚନ,
'କିଛି ମାଗୁନାହିଁ, ମାତ୍ର ପୂର୍ଣ୍ଣ ହେଉ
ତୁମ୍ଭ ଶ୍ରୀମୁଖ-ବଚନ ।
ନାରୀ ଅଟଇ ମୁଁ ନୁହଇଁ ପୁରୁଷ
ନାରୀଜନ୍ମୁ କର ପାର,
ଶ୍ରୀମୁଖନିଃସୃତ ବାଣୀ ସତ୍ୟ ହେଉ
ଏତିକି ମୋର ଗୁହାରି ।'
ମୋ ଆରତି ଦେଖି କୃପା ଅକୂପାର
କୃପା ବହି ତପୋଧନ
ଆଦେଶିଲେ ମୋତେ କରିବାକୁ ସେହି
ସରସୀ-ନୀରେ ମଜ୍ଜନ ।
ସରସୀରେ ମଜ୍ଜି ଉଠିଲା କ୍ଷଣି ମୁଁ
ଦେଖିଲି ହୋଇ ବିସ୍ମିତ,
ସେ ଆଶ୍ରମ ସଙ୍ଗେ ତପୋଧନ ତହୁଁ
ହୋଇଛନ୍ତି ଅନ୍ତର୍ହିତ ।
ମାତ୍ର ସେହିକ୍ଷଣେ ସଞ୍ଚରିଲା ମୋର
ଶରୀରେ ଅପୂର୍ବ ବଳ,
ପୂର୍ବ ବନ୍ଧୁରତା ତେଜି ହୋଇଗଲା
ସମତଳ ବକ୍ଷସ୍ଥଳ,
କଣ୍ଟକିତ ହେଲା ଚିବୁକ, ଚରଣ
ତେଜିଲା ମନ୍ଥର-ଗତି,

ଦକ୍ଷିଣ ପସ୍ପର ପ୍ରସାରି ଘାଟେ ମୁଁ
ଉଠିଲି ଯାଇ ତଡ଼ତ ।
ଉଦ୍ଦେଶେ ସାଷ୍ଟାଙ୍ଗେ ପ୍ରଣମି ମୁନିଙ୍କି
ସେ ଶୈଳୁଁ ତଳେ ଓହ୍ଲାଇ
ପୂର୍ବ ନାରୀ-ବେଶ ଧରି ମୁଁ ଆସିଲି
ଏ କାରତା ଦେବା ପାଇଁ ।
ତୋହରି କଙ୍କର ହେବା ଆଶାରେ ମୁଁ
ଆଶ୍ରିଲି ପୁଂସ-ବିଗ୍ରହ,
ପୁଂସ ହେଲି ବୋଲି ମାଗୁଛି ପସ୍ପରେ
ଉଣା ନୋହୁ ଅନୁଗ୍ରହ ।"
ଏହା ବୋଲି ହିନ୍ଦୁଁ କାଞ୍ଚିଲି ଫିଟାଇ
ଦେଖାଇଲା ବକ୍ଷଃସ୍ଥଳ,
ପକାଇଲା ଇନ୍ଦ୍ର- ନୀଳମଣି ଚୂଡ଼ି
ପ୍ରକୋଷ୍ଠୁଁ କାଢ଼ି ଚଞ୍ଚଳ ।
ଶାଢ଼ୀ କାଢ଼ିବାରୁ ଆଡ଼ କରି ମୁଖ
ଦେଖିଲା ଚନ୍ଦ୍ର-ବଦନୀ,
ପିନ୍ଧିଛି ସେ ଶାଢ଼ୀ ତଳେ ପୁରୁଷର
ପରିଚ୍ଛଦ ଯୁବାମଣି ।
ବିସ୍ମିତ, ହରଷ ଏକ ପରେ ଏକ
ରାଜସୁତା-ହୃଦେ ଆସି
କଲେ ଧୃଷ୍ଟପଣ, ଅବଶେଷେ ତାଙ୍କୁ
ଲଜ୍ଜା ପକାଇଲା ଗ୍ରାସି ।
ଲଜ୍ଜାବଶେ ବାଳା ଶଯ୍ୟାରୁ ଓହ୍ଲାଇ
ତଳେ ଯାଇଁ ହେଲା ଉଭା,
ସଙ୍ଗେ ସଙ୍ଗେ ତଳେ ଓହ୍ଲାଇ ତା କର-
ପଲ୍ଲବ ଧରିଲା ଯୁବା ।
ଚାଟୁଗିରେ ବାଳା- ମଣିକି ମନାଇ
ଆଣିଲା ଖଟକୁ ପୁଣି,
ମନ୍ଦବାତେ ପଦ୍ମ— ଲତା ପ୍ରାୟେ ଥରେ
ତଥାପି ମନେ ତରୁଣୀ ।
ଆଶ୍ୱାସନା ଦେଇ ପ୍ରଗଲ୍‌ଭେ ରସିକ-
ବର ପ୍ରେମ ଉଦ୍ଧରିଲେ,

କମଳ-କୋରକ- ସ୍ତନା-ନୂତନାଙ୍କୁ
କୋଳେ ବସାଇଲା ବେଳେ ।
ପ୍ରେମ ଲଜ୍ଜା ମଧ୍ୟେ ବଳ ଟଣାଟଣି
ଲାଗି ପ୍ରେମଶୀଳା-ମନେ
ହାରି ପଳାଇଲା ଲଜ୍ଜା ଲାଜ ପାଇ,
ଜିଣିଲା ପ୍ରେମ ଏ ରଣେ ।
ସ୍ମିତ-ଜ୍ୟୋତ୍ସ୍ନା ଦେଖି ସୁନ୍ଦରୀ-ବଦନେ
ଯୁବକ ହେଲା ଜାଗ୍ରତ
ଜାଣିଲା ତା ପ୍ରେମ ପାଟ୍ଟି ନେବାକୁ
ଆସିଲାଣି ଅଧେ ପଥ,
ଦଣ୍ଡ ବିନା ହେବ ସମ୍ଭୋଗ କେସନେ ?
ଏତିକ ମାତର ବାଧା,
ମାନ କଏ କେବେ ଏ ଭଳି ସୁଯୋଗେ
ରଖଇ ଶାସ୍ତ୍ର-ମର୍ଯ୍ୟାଦା ?
ମଦୋତ୍କଟ-ଦନ୍ତୀ ମାନଇ କି କେବେ
ମୃଣାଳ-ତନ୍ତୁ-ଅର୍ଗଳା ।
ବାଲିବନ୍ଧେ କେବେ ସମ୍ଭାଳି ହୁଏ କି
ମହାବେଗା ଚିତ୍ରୋତ୍ପଳା ?
ସୁସର୍ଗ-ଲାଳସୀ ଦୋନଏ, ହୋଇଛନ୍ତି
ବେନିଙ୍କ ଭେଟ ନିର୍ଜନେ,
ଜର୍ଜର କରଇ ବେନିଙ୍କର ତନୁ
ଅତନୁ ପୁଷ୍ପମାର୍ଗଣେ,
ସୁରୂପ, ଯୌବନ, ପ୍ରେମ ଏ ତିନିହେଁ
ବିବେକ-ବୈରୀ ସର୍ବଥା
ତିନିହେଁ ମିଳିଲେ ବିବେକର ବୋଲ
ମୋଡ଼ି ଦେବା କିବା କଥା ?
ତଥାପି ବିବେକ- ମୁଖକୁ ଅନାଇଁ
କି ପ୍ରକୃଷ୍ଟ, କିବା ରମା
ବିବେକ ସମ୍ମତେ ଗାନ୍ଧର୍ବ-ବିଧାନେ
କରି ନେଲେ ଉପଯାମା,
ମଣିହର୍ମ୍ୟ ଛାୟା- ମଣ୍ଡପ ରତନ-
ପଲଙ୍କ ହେଲା ବେଦିକା,
ନାୟକନାୟିକା- ଭୁଜଯୁଗ୍ମ ହେଲା
ବରଣ-ପୁଷ୍ପ-ମାଳିକା,
କନ୍ୟାକର୍ତ୍ତା ହେଲା କନ୍ୟା ଏ ବିବାହେ
ବରକର୍ତ୍ତା ହେଲା ବର,
ପୁରୋଧା ଅଭାବ ଘୁଞ୍ଚାଇଲା ଆସି
ଧନୁଷ୍ପାଣି ପୁଷ୍ପଶର,
ମିଳନର ଆଗେ ଯେତୁ ହୋଇଥିଲା
ବେନିଙ୍କର ପରିପନ୍ଥୀ,
ପୁରୋହିତ ହୋଇ ସେହି ହର୍ଷେ ଏବେ
ପକାଇଲା ହସ୍ତଗ୍ରନ୍ଥି,
ନାସାମଣି ହେଲା ନର୍ତ୍ତକୀ, ବାଦ୍ୟକାର
କଙ୍କଣ ପୁଣି କିଙ୍କିଣୀ,
ଅହ୍ୟାରୂପେ ଦ୍ୱିଜେ ହେଲେ ଏ ଉତ୍ସବେ
ଜପେ କାମ-ସୀମନ୍ତିନୀ ।
ତପ୍ତ ଥାଉ ଯଥା ଲୌହକୁ ଯୋଡ଼ଇ
ଅସ୍ୱୋଦନେ ଲୌହକାର,
ପ୍ରହାର କରିଣେ ରସିକା ରସିକେ
ଯୋଖିଲା ତେସନେ ମାର ।

---

## ପଞ୍ଚମ ସର୍ଗ

ରସିକ ରସିକା ପରସ୍ପରେ ମିଳି
ଏହିରୂପେ ସଂଗୋପନେ
ପ୍ରେମ ସୁଖେ ରତ ହୋଇ କଟାଇଲେ
ଦିନ ଅତ ହୃଷ୍ଟମନେ
ରସିକ-ଶେଖର ଭ୍ରମର, ଭ୍ରମାସ୍ତ
ରସିକା-କଳକଣ୍ଠୀ,
ଲଭିଲେ ଅଶେଷ ରତନ ସୁହାଗେ
ଭାବ-ସାଗରକୁ ମନ୍ଥି,
ରାଜକିଶୋରୀର ତତ୍ତ୍ୱ ଶୋଷୁଥିଲା-
ନିଭୃତେ ରାଜକିଶୋର
ବିଶ୍ୱମନୋରମା ଉତ୍କଳେଶ-ଜେମା-
ଶ୍ରୀମୁଖ-ଚନ୍ଦ୍ର-ଚକୋର,

ଲଳିତ-କନକ ଲଳିତ-କେତକୀ-
ଗଉରୀଙ୍କ ଯୁବାମଣି
ସୁହାଗ ରଭସେ ମଣୁଥାଉ ପ୍ରେମ-
ପୟୋଧି-ହେମ-ତରଣୀ,
ପ୍ରେମଗୁରୁଠାରୁ ପ୍ରେମତନ୍ତ୍ର ଶିଖି
ସେ ତତ୍ତ୍ୱେ ହୋଇ ପ୍ରବୀଣା,
ସ୍ନବଭ-ଚତୁରୀ ଦେଉଥିଲା ଧନୀ
ଗୁରୁଙ୍କୁ ଗୁରୁଦକ୍ଷିଣା,
ବିବାହଯୋଗେ ଯୁବା- ଠାରୁ ମଞ୍ଜୁକେଶୀ
ହେଉଥିଲେ ଅଙ୍ଗଯୁତା,
କଣାଯୋଗେବେନି ତନୁ ମଧ୍ୟେ ଗନ୍ତୁ
ନ ଥିଲା ମୃଣାଳ ସୂତା ,
ହୃଦୟର ଦେହେ ମିଶାଇ ଦେବାକୁ
ସୌଚିକ କୁସୁମ ଧନୁ
ସିଇଁ ଦେଉଥିଲା ସୂକ୍ଷ୍ମ ପୁଷ୍ପଶର—
ସୂଚୀରେ କି ବେନି ତନୁ ?
ଅଙ୍ଗଯୋଗେ କେବେ ବେନିଠାରୁ ବେନି
ଛୁଟିଲ ହେଲେ ଏକଦଣ୍ଡ,
ଲଭୁଥିଲେ ଏକ ଆରେକରୁ ସୁଧା
ସୋଦର ସୁହାଗ ଦଣ୍ଡ;
ଉତ୍ତର ଘଟିଲେ ଏକର, ଆରେକ,
ଜଗି ବସିଥିଲେ କଣ୍ଠ,
ଶତ ପ୍ରାୟଶ୍ଚିତ୍ତ କଲେ ହେଉଥିଲା
ଦୋଷକୁ ତାହା ନାଅଣ୍ଟ !
ଉଠୁଥିଲା ଯେବେ ଯେବଣ ଲଳିତ
ସ୍ପୃହା ଜଣକର ମନେ;
ଦର୍ପଣ ପରାୟେ ପ୍ରତିବିମ୍ବୁଥିଲା
ଆନ ମନେ ତତକ୍ଷଣେ,
ବେନିଙ୍କ ବଦନ ବେନିଙ୍କି ହେଲା କି
ପ୍ରେମର ହେମ ଦର୍ପଣ ?
ବେନିଙ୍କୁ ଦେଖିବା ଲାଗି କି ବେନିଏ
ବହୁଥିଲେ ଈକ୍ଷଣ ?

ପଲକ-ଜନିତ ଦୃଷ୍ଟିବାଧା ହେଲା
ସମ୍ଭୂମର ପ୍ରାୟେ ପ୍ରତେ
ପୁଲକ-ଅନ୍ତର ସରିରମ୍ଭେ ପୁଣି
ଯୋଜନ ବେନିଙ୍କ ମତେ,
ନାୟିକ ହୃଦୟେ ରଖିଲେ ପ୍ରେମିକ-
ଶେଖର କମଳାବର,
ନାରୀ-ପ୍ରେମେ ଦେବ ଅର୍ଦ୍ଧେନ୍ଦୁ-ମଣ୍ଡଳ
ହେଲେ ଅର୍ଦ୍ଧନାରୀଶ୍ୱର,
ମାତି ଏ ଯୁବକ- ଯୁବତୀର ପ୍ରୀତି
ସେ ପ୍ରୀତିକି ବଳିଗଲା.
ପ୍ରେମେ ଏକାକାର ହୋଇଗଲେ କି ରେ
ମତେହାଦୟି ଶବ୍ଦୋୟିଲା ?
ପ୍ରେମ-ରସାୟନ- ଯୋଗେ ବେନି ହୋଇ
ପୂର୍ବ-ରୂପ-ବିରହିତ
ହେଲେ ଅବା ସୁଧା — ହରିଦ୍ରାପରାୟେ
ରାଗୀକାରେ ଆକାଶିତ ?
ପରସ୍ପରେ ବଶ୍ୟ- ବିଲୋଚନ-ଗ୍ରେର
ସେ ସୁନ୍ଦରୀ, ସେ ସୁନ୍ଦର
ହୋଇଥିଲେ ସବୁ ମତେ ଯେଷ୍ଠା ଯୋଗ୍ୟ
ସହଚରୀ ସହଚର,
କଳକଲେଶ କେମା ରତି-ସ୍ୱରୂପିଣୀ;
ଯୁବାମଣି ରତିନାଥ,
ପ୍ରଫୁଲ୍ଲ ପଦ୍ମିନୀ କେମା, ଯୁବାମଣି
ପଦ୍ମିନୀ-ପ୍ରାଣ-ସଙ୍ଗାତ,
ବାସନ୍ତୀ ଲତିକା ସେ ନବ ବାଳିକା
ଯୁବା କାନ୍ତ-ସହକାର,
ପ୍ରେମତରଙ୍ଗିଣୀ ସେ ନବ-ରଙ୍ଗିଣୀ
ଯୁବା ପ୍ରେମ-ପାରାବାର,
ଯୌବନ-କାନନେ ପୁଷ୍ପଲକ୍ଷ୍ମୀ କେମା,
ଯୁବାମଣି ଋତୁରାଜ,
ଚନ୍ଦ୍ରିକାରୂପିଣୀ ସେ ଚନ୍ଦ୍ରବଦନୀ,
ଚନ୍ଦ୍ର ଯୁବା-ଶିରି-ତାଜ,

ଚପଳା-ରୂପିଣୀ ପ୍ରେମାକାଶେ ଜେମ୍ନା
ଯୁବା ନବ ଜଳଧର
କୁସୁମ-ମଞ୍ଜରୀ ପ୍ରେମ-କୁଞ୍ଜେ ଜେମା
ଯୁବା ମତ୍ତ ମଧୁକର
ଶୋଭା-ରାଜ୍ୟେ ରାଜା ରାଣୀର ଭିଆଇ
ଏ ମିଳନ ଅଭିରାମ
ବିଶ୍ୱ-ଶିଳ୍ପୀ-ଶିଳ୍ପ ବିଳସିଲା ପୁଷ୍ପ-
କାର୍ମୁକ ହେଲା ସକାମ ;
ଯୁବତୀ-ଜଘନ- ସ୍ୱର୍ଣ୍ଣ-ସିଂହାସନ
ପୂର୍ଣ୍ଣ-କୁମ୍ଭ ସ୍ତନଯୁଗ-
ଯୋଗେ ପ୍ରେମ-ରାଜେ- ଯୁବା ଅଭିଷେକ
ଭିଆଇଲା ପୁଷ୍ପାଶୁଗ,
ନିକାଞ୍ଚନେ ନିଶା- ଯୋଗେ ରତିସୁଖେ
ମଜ୍ଜିଲେ ନାରୀ ପୁରୁଷ,
ରସିକ ଯେ, ତାଙ୍କୁ ଜଣାସିନା ରତିର
ସୁଖସେ ଜଣା ପୀୟୂଷ !
ଅଳିରୂପେ ଗୁପ୍ତ- ପ୍ରୀତିରୁ ଯେ ମଧୁ
ପିଅନ୍ତି ପୁଂସ ନାଗରୀ,
ରସିକଙ୍କ ମତେ ସୁନାଶୀର-ଶ୍ରୀ
ସେ ସୁଖରୁ ନୋହେ ସରି ।
ଚଳରଶ୍ମି ତାରା- ପୁଞ୍ଜ ନଭଃସ୍ଥଳେ-
ପୁଷ୍ପରାଜି ଉପବନେ,
ବେନିଙ୍କ ପ୍ରଣୟ- ସାକ୍ଷୀ ହେଉଥିଲେ
ହର୍ମ୍ୟପୃଷ୍ଠେ ନିକାଞ୍ଚନେ,
ନବ ଦମ୍ପତିର ଆବର ଚକୋର
ଚକୋର-ପ୍ରାଣକାନ୍ତାର
ହେଉଥିଲେ ଇନ୍ଦୁ ଶରତ୍ପ୍ରେମ-ବନ୍ଧୁ
ଶୃଙ୍ଗାର-ସୁଧା-ଭୃଙ୍ଗାର;
କେତେ ଛନ୍ଦାଛନ୍ଦ, ଗଲା ଗୁନ୍ଥାଗୁନ୍ଥି
କେତେରେ ଗେଲ ଡେଙ୍ଗାଡେଙ୍ଗ
ବିହରୁଥିଲେ ବେନି ବିଜନେ ହୋଇ କ
କାମ-କୁଞ୍ଜ-ଏଣ-ଏଣୀ

କି ଅବା ପହଁରୁ- ଥିଲେ ସେ ରସିକ
ରସିକା ସୁହାଗଭରେ
ହଂସହଂସୀରୂପେ ପ୍ରେମ-ସୁଧାପୂର୍ଣ୍ଣ
ମାନସିକ-ପଦ୍ମାକରେ ?
ଏକକୁ ଆରେକ ଆଶ୍ଳେଷ-ପଞ୍ଜରେ
ଭିଡୁଥିଲା ସଦା କାମ,
ନିଦ୍ରାକାଳେ ଯୁଗ୍ମ ସ୍ୱପ୍ନ-ବଶେ ତାଙ୍କ
ନ ଥିଲା ରସେ ବିରାମ,
ଗ୍ରୀଷ୍ମକାଳ ହୋଇ ମନ୍ଦାନିଳ ମହା-
ନଦୀ-ନୀର-କଣବାହୀ
ସ୍ୱେଦବିନ୍ଦୁ-ମୋତି ନେଉଥିଲା ଅଳି-
କୁନ୍ତଳା-ଗଣ୍ଡୁ ଚୋରାଇ,
ଶେଯ ତ୍ୟାଗ ଆଗେ ମଣୁଥାନ୍ତି ନବ-
ତରୁଣୀ ନବ-ତରୁଣ
ଏକେ ଆରେକର ମୁଖ-ବିଲୋକନ
ପ୍ରତ୍ୟୂଷେ ଶୁଭ-ଶକୁନ,
ମନରତିର ସଙ୍ଗେ ରତି-ସୁଖ-ଭୋଗେ
ଯାପି ନିଶା ସୁକୁମାରୀ
ଦିବସେ ରଥାଙ୍ଗ- ଦମ୍ପତିର ସଙ୍ଗ
ଦେଖି ହେଉଥାଇ ଧୀର,
ସଙ୍ଗେ ଥାଇ ଯୁଗ୍ମ ବିଚ୍ଛେଦେ ବେନିଏ
ଉତ୍କଣ୍ଠ ହୋଇ ସତତ
ଦିନେ ମଣୁଥାନ୍ତି ନିଜକୁ ଯାମିନୀ
କୋକ-କୋକୀ-ଛାୟାବ୍ରତ,
ପ୍ରେମ-ସୁଖ-ଭୋଗେ ପଦେ ପଦେ ବାଧା
ଲଭି ସେ ଜନ-ସମୀପେ
କଳ୍ପନା-ଡେଣାରେ ଉଡ଼ି ଯାଉଥାନ୍ତି
ସୁଖର ନିର୍ଜନ ଦ୍ୱୀପେ,
ଯାଉଥିଲେ ବନ ସଖୀଙ୍କର ମେଳେ
ବେନିଏ ନାନା ବିନୋଦେ
ଚିତ୍ରକର୍ମେ, ବୀଣା- ବାଦନେ, ସଙ୍ଗୀତେ
ଦ୍ୟୂତେ ଅବା ବାକ୍ୟାମୋଦେ,

କାବ୍ୟର ଅବ୍ୟକ୍ତ ଚମ୍ବିତାର୍ଦ୍ଧ ବଦନେ
ହୃଦୟେ କରି ସଞ୍ଚୟ
ପ୍ରେମାମୋଦେ କେବା କରୁଥାନ୍ତି ତାହା
ନାଶାଯୋଗେ ଅଭିନୟ;
କା ଉଲ୍ଲାସେ କେବା କରୁଥାନ୍ତି ଦିବା
ଜଗାସେ ଅଧୀରମନା
ଦିବା-ଉପବାସେ ଦ୍ୱିଗୁଣ ମଧୁର
ନିଶାର ପ୍ରେମପାରଣା !
କେତେ ଅଙ୍ଗଭଙ୍ଗୀ ଶିଖାଉଣଥାଇ
ନାଟଗୃହ ପୁଷ୍ପବାଣ
କେଳିତଳେ, ନୂଆ ଗୃହକୁ ଯେସନେ
ଗୁହ ଧରି ଅବଧାନ;
ସ୍ୱୟମ୍ବର-ଶିକ୍ଷା- ଫଳେ ସେ ଛଇଳୀ
କେତେ ଛଇ ପ୍ରକଟଇ,
ନେଉଥାଏ ନାନା- ରଙ୍ଗେ ସେ ନବୀନ-
ନାଗର-ମନ ରସାଇ,
ଅଳୀକ କାତର- ପଣକୁ ଦେଖାଇ
କେବେ କର-ପଦ୍ମ ଯୋଡ଼ି,
କେବେ ଅବା ମାନି ହୋଇ ଅଭିମାନେ
ବଙ୍କ-ବଦନ ମୋଡ଼ି,
ଭର୍ତ୍ସନା ସହିତେ ବିଳସୁଣଥାଇ
ସ୍ମିତ-ପ୍ରଭା ବାଳାମୁଖେ
ଲାଜ ସଙ୍ଗେ ପୁଣି ଲଳିତ ଧୃଷ୍ଟତା,
ଶୁଣିଲି ରୋଦନ ସୁଖେ,
ହାବଭାବ-ବଶେ ଥରେ ଥରେ ଥରି
ଉଠୁଥାଇ ବାଳା ଅଙ୍ଗ,
ଉଦ୍ବେଳ ସିନ୍ଧୁ-ବକ୍ଷେ ଆହା, କି ସେ
ଶାରଦ-ଚନ୍ଦ୍ରିକା-ରଙ୍ଗ ? (୧)
ଅଳୀକ କୋପରେ ଉଠୁଥାଇ କେବେ
ଅର୍ଦ୍ଧେନ୍ଦୁ ଭାଲେ ଭ୍ରୂକୁଟୀ,

କେତେବେଳେ ଅବା ଯାଉଥାଇ ଲାଜ-
ପଟଳ-ଗଣ୍ଡେ ଫୁଟି;
ଆଖି ଠାରଠାର ଦେଉଥାନ୍ତି କେବା
ଅନ୍ୟ ସଙ୍ଗୀଙ୍କ ଆଗେ
ଭୁକ୍ତ-ସୁଖ-ସ୍ମୃତି- ଅପେକ୍ଷିତ ସୁଖ-
ଆଶାର ସାନ୍ଦ୍ର ଉଲ୍ଲାସେ ;
କେବାଙ୍କ ହୃଦୟେ କରୁଥାଇ କେତେ
ବିଳାସ ଲାଲସା ଜାତ
କେବାଙ୍କ ଉପରେ କେବାଙ୍କର ସ୍ମିତ-
ମଧୁର କଟାକ୍ଷପାତ ;
ପ୍ରେମ-କୂଟ-ଭାଷା ବୁଝି ନେଉଥାନ୍ତି
କେବା କେବାଙ୍କ ନୟନୁଁ,
ବୁଝିବାର ଅର୍ଥ କି କଠିନ, ସଖୀ
ଲକ୍ଷ୍ୟକାର ପୁଷ୍ପଧନୁ ?
ଅସତର୍କେ କେବେ ଦେଖିଲେ ସିହାଣୀ
କାନ୍ତକୁ ରାଗ-ତରଳ
ବୋଧୁଥାଇ ତାକୁ କ୍ଷଣେ କ୍ଷଣେ ଭରେ
ମୃଦୁ ଲୀଳା-ଶତଦଳ ;
କେବେ ଅବା କାନ୍ତ ଚୁମ୍ବନଛଳେ
ରହସ୍ୟର ବ୍ୟାଜ ଧରି
କାନ୍ତ-କର୍ଣ୍ଣେ କହେ କଥା, ପୁଷ୍ପ-କର୍ଣ୍ଣେ
ମଳୟାନିଳ ଯେପରି,
ନେତ୍ରଯୁଗ୍ମ-ପ୍ରାନ୍ତେ ଗୁପ୍ତ ଭାବ-ସୂତ୍ରେ
ବନ୍ଧି ବେନିଙ୍କର ଚିତ୍ତ,
ଏକର କଷଣେ ଆରେକ ଦୁଃଖଇ,
ସମକାଳେ ବିଚଳିତ,
ନୟନ ଇଙ୍ଗିତେ ବ୍ୟୟେ କାନ୍ତାକାନ୍ତ
ଚୁମ୍ବନାନନ୍ଦ କରି ମୂଳ
ରାଗେ କରୁଥିଲେ କେନିଠାରୁ ତାହା
ନିର୍ଜନେ କେନି ଅସୁଲ ;

(୧) ରଙ୍ଗ—ନର୍ତ୍ତନ ।

କି ମଧୁର ପ୍ରେମ- ରଣ ସେ, ଯେ ରଣେ
ଅନୁରାଗେ ହଂସ ନାରୀ
ଏକକୁ ଆରେକ ଜିଣିବାକୁ ଯାଇ
କୃତାର୍ଥ ହୁଅନ୍ତି ହାରି !
ହାରି ଯାଉଥିଲା ଅନୁକ୍ଷଣେ ହଂସ,
ଜିଣୁଣ ଥିଲା ପ୍ରମଦା
ଅବଳା ପ୍ରବଳା ନୁହନ୍ତି କି ଏଥି
ପୁଷ୍ପାୟୁଧ-ବରେ ସଦା ?
ସୁନ୍ଦର ସୁନ୍ଦରୀ- ମଣି ଏହିମତେ
ସନ୍ତତ ପ୍ରେମ-ସମରେ
କଟାଇଲେ କିଛି ଦିନ, ମାତ୍ର ସଦା
ମହାଶଙ୍କା ବହି ଚିତ୍ତେ,
ମଧୁର ଯେମନ୍ତ ସେହିପରି ଗୁପ୍ତ-
ପ୍ରୀତିଟି ବଡ଼ ପ୍ରମାଦ !
ନରଭାଗ୍ୟେ ଏତେ ଭୋଗକୁ ନ ସହି
ଭିଆଏ ଦୈବ ବିବାଦ,
ଏହା ଜାଣି ମହା- ସତର୍କେ ବେନିଏ
ଦିନେ ରହୁଥିଲେ ଭଳି
ଯୋଡ଼ାଉଣଥିଲେ ମହାଯତ୍ନେ ଯେତେ
ତତ୍ତ୍ୱବିକାରର ଚିହ୍ନ,
ସମ୍ଭୋଗର ଯେତେ ଚିହ୍ନମାନ,ଗୁପ୍ତ-
ସୁଖର ନୀରବ ସାକ୍ଷୀ,
ଲିଭାଉଣ ଥିଲ ଅତି ଯତ୍ନେ ନିଶା
ଶେଷେ ଶିଶୁ-ହରିଣାକ୍ଷୀ,
ଶ୍ଲଥ କେଶପାଶ, ବିଶୀର୍ଣ୍ଣ ଜର୍ଜର
ସୁରଭି କୁସୁମମାଳ,
ରତନ-ପଲଙ୍କେ ବିଚଳିତ ଶେଯ
ସୁଖ ନ ଥାଇ ବାଗୁଳ,
ସଜାଡୁଥିଲେ ସେ ଅତି ସାବଧାନେ
ରମଣୀମଣି ରମଣ,
ଯୋଡ଼ାନ୍ତି ଯତନେ ଯଥା ଦୋଷୀ-ଜନେ
ନିଜ ଦୋଷ ନିଦର୍ଶନ,
ଏମାନ ଆଚରି ସୁଚତୁରୀ ଫେଡ଼ି
ଶୟନ-ମନ୍ଦିର ଦ୍ୱାର
କପଟ ଅବଳା- ବେଶୀ କାନ୍ତ ସଙ୍ଗେ
ହେଉଣଥାଇ ବାହାର,
ସହସ୍ର ଯତନେ ଲୁଚାଇଲେ ହେଲେ
ଲୁଚଇ କି ଏ ରହସ୍ୟ ?
ଦୈବସ୍ତରେ ବନ୍ଧି ଯୋଡ଼ାଇଲେ ପୁଷ୍ଟି
ବାହାରିବ ସେ ଅବଶ୍ୟ,
ଅଳ୍ପଦିନେ ସେହି ଗୁପତ ଚରିତ
ସଖୀଙ୍କଠାରେ ପ୍ରକଟ
ହୋଇଗଲା, ସଖୀ- ଠାରୁ ଅବରୋଧେ
କ୍ରମେ ତା ହେଲା ଚହଟ;
ଶତ-ମୁଖୀ ଜନ ଶ୍ରୁତି-ସ୍ରୋତେ କଥା
କର୍ଣ୍ଣୁ କଲା କର୍ଣ୍ଣାନ୍ତର,
କ୍ରମେ ଏ ରହସ୍ୟ ଜାଣିଲେ ଉତ୍କଳ-
ଧରାଖଣ୍ଡ-ଦଣ୍ଡଧର,
ଆଚମ୍ବିତେ ଦିନେ ଛଦ୍ମବର କଞ୍ଚୁକୀ
ପଠି ଜେମା-ହଂସପୁରେ
କପଟରୂପିଣୀ ନେଇଗଲା ନୃପ-
ଆଦେଶେ ନୃପ-ସମ୍ମୁରେ,
ସ୍ତ୍ରୀ-ବେଶ ଉତାରି ନିଜବେଶେ ତାକୁ
କଲା ତହିଁ ଉପଗତ,
ରୂପ ଦେଖି ରାଜା- ସଭାଜନେ ହେଲେ
ଆଲେଖ୍ୟ-ପିତୁଳାବତ,
ଏ ସଙ୍କଟେ ଯୁବା ଯୁବାର ମୂରତ
ଅଟଳ ଧୀର ଗମ୍ଭୀର,
ବିପଦ ସିନା ସେ ବୀରର ପରଖ
ହୀରାର ପରଖ ନୀର ; (୧)

(୧) କିମ୍ବଦନ୍ତୀ ଅଛି ଯେ ପ୍ରକୃତ ହୀରାର ପରୀକ୍ଷା ଏହି ଯେ ତାହା ଜଳରେ ମଗ୍ନ ହେବ ନାହିଁ ; ପ୍ରକୃତ ବୀର ବିପଦରେ ଏବଂ ହୀରା ଜଳରେ ବୁଡ଼େ ନାହିଁ ।

ସେ ଶାରଦ-ବିଧୁ ବିମଳ ବଦନ
ନିର୍ଭୀକ-ଜ୍ୟୋତି ପ୍ରକାଶୀ
ସେ ବିଶାଳ ବକ୍ଷ, ଦୀର୍ଘ ବାହୁଯୁଗ,
ସେ ମତ୍ତ-କେଶରୀ-ଠାଣି ;
ସ୍ୱଗତେ ବଖାଣି ସର୍ବ ସଭାଜନେ
କହିଲେ ହର୍ଷ-ବିଷାଦେ,
"ବିଧିଥିଲା ବିଧି ଏ ରୂପ କି ଆହା,
ନାଶିବାକୁ ଏ ପ୍ରମାଦେ !
ଅରି-କରୁଁ ଆସି ସୁଦର୍ଶ-ମନରୁ
ଧୂଳି ପଡ଼ନ୍ତେ କ୍ଷଣେ ଖସି
ଯାକୁ ଦେଖି, ସେହି ପୁରୁଷ ବୋଲଏ,
ଏହି ସେ ପୁରୁଷ-ଶଶୀ !
ହୋଇଥିବ କେଉଁ ପ୍ରସିଦ୍ଧ କୁଳର
ଅପ୍ରସିଦ୍ଧ ଏ ଅଙ୍କୁର,
ଆସିଅଛି କେଉଁ ଧରାଦଣ୍ଡ କରି
ନିଜ ଶିରରେ ବିଧୁର,
କେମା ପାଇଁ ଯୁବା ଯୁବାପାଇଁ କେମା
ଗଢ଼ିଥିଲା ଯେବେ ବିଧି,
ଅବଧିରେ କମା ମିଳାଇ ବେନିଙ୍କି
ପଣ୍ଡ କଲା ନିଜ ବିଧି ?
ଅବାଟରେ ଯୁବା ଯାଇ କେମାମଣି
ଲକ୍ଷ୍ୟ ତ ନ ଥିଲା ତୁଣ୍ଡ
ମାତ୍ର ସବୁଗୁଣ ଯିବ ଯିନା ସେହି
ଅବଧି-ଦୋଷରେ ବୁଡ଼ି !"
ବଧ-ଦଣ୍ଡ-ଆଜ୍ଞା ରାଜମୁଖୁଁ ଶୁଣି
ତରୁଣ-ମୌଳି-ମଣ୍ଡନ
ନିର୍ଭୟେ ବିନୟେ କରପଦ୍ମ ଯୋଡ଼ି
କହିଲା ଗିର ଏସନ—
"ଭୋ ଦେବ, କ୍ଷତ୍ରିୟ- କୁଳେ ଜାତ ମୁହିଁ
ସଦା କ୍ଷତ୍ରଧର୍ମାଗ୍ରହୀ,
କ୍ଷତ୍ରୀୟ-ମରଣ ଆଜ୍ଞା ହେଉ ମତେ
ଏତିକି ପାଦେ ଗୁହାରି,

ରାଜ-ଅସ୍ତ୍ରାଗାରୁ ଆଜ୍ଞା ହେଉ ମୋତେ
ଆୟୁଧ, ବର୍ମ, ବାହନ,
ରାଜବାହିନୀରୁ ସପ୍ତବୀର ମୋତେ
ଦିଅନ୍ତୁ ରଣେ ନିଧନ,
ପୂରିବ ଏମନ୍ତେ ମୋର ବାଞ୍ଛା, ହେବ
ଦୁଷ୍କୃତର ପ୍ରାୟଶ୍ଚିତ୍ତ,
ଏତିକି ପ୍ରସାଦ ଆଜ୍ଞା ହେଉ ପ୍ରଭୋ,
ଉତ୍କଳ-ପଦ୍ମ-ଆଦିତ୍ୟ ।"
ସଭାଜନ ନେତ୍ରୁ ନୀରବେ ଏ କାଳେ
ଝରୁଥିଲା ଅଶ୍ରୁ-ଧାର,
ନିର୍ବାତ କାନନେ ଝରେ ତରୁପତ୍ରୁ
ନିଶାନ୍ତେ ଯଥା ତୁଷାର,
ସଭାଜନ ମନ ଜାଣି ପ୍ରାତଃକାଳେ
ରଣ ଲାଗି ଆୟୋଜନ
କରିବାକୁ ଚମୂ- ପତିଙ୍କୁ ଆଦେଶ
କହିଲେ ରାଏ ତକ୍ଷଣ,
ସପ୍ତ ଅଶ୍ୱବାର ବାହିନୀରୁ ବଛା
ହୋଇ ଲଭିଲେ ଆଦେଶ
ଶସ୍ତ୍ର ସଜ୍ଜ ହୋଇ କରିବାକୁ ରଙ୍ଗ-
ପ୍ରାଙ୍ଗଣେ ପ୍ରାତେ ପ୍ରବେଶ ;
ବିଜୁଳି ବେଗେ ଏ ବାର୍ତ୍ତା ପ୍ରସରିଲା
କି ନଗରେ କିବା ଗ୍ରାମେ
ସଭାରୁ ଶୁଭାନ୍ତେ ବିଜେ ହେଲେ ରାଏ
ଯାମିନୀ-ଦ୍ୱିତୀୟ-ଯାମେ ;
ଯୋଗାଣାନ୍ତେ ରାଏ ରତନ ପର୍ଯ୍ୟଙ୍କେ
ହୋଇ ନିଦ୍ରା-ଅଭିଭୂତ
ନିଶା-ଶେଷଯାମେ ଶଯ୍ୟନୁଁ ଉଠିଲେ
ସ୍ୱପନ ଦେଖି ଅଦ୍ଭୁତ,
କେମାକୁ ସୁବେଶ କରାଇବା ଲାଗି
ସତ୍ୱରେ କେମା-ସଜନୀ-
ବୃନ୍ଦକୁ ଡକାଇ ମହାବ୍ୟଗ୍ରେ ଆଜ୍ଞା
କହିଲେ ଭୂପାଳମଣି,

ସଜନୀ ସହୃତେ  ରାଣୀଦଳ ପୁଣି
ଜେମାଙ୍କୁ ନେଇ ଗହଣେ
ଛଳେ ହେଲେ ଯାଇ  ପ୍ରତ୍ୟକ୍ଷେ ସୁସଜ୍ଜ-
ମଞ୍ଚେ ସେ ରଣ-ପ୍ରାଙ୍ଗଣେ,
ପ୍ରତକ୍ଷ୍ୟ-ଗୃହିଣୀ-  କରୁଣା ପରାଏ
ଜେମାର ଏକାଳ ରୁଚ
ଦେଖିଥିଲେ ନରେଶେଁ  ତରଳ ଯାଆନ୍ତା
କି ଗ୍ରାବା କି ଅବା ପବ ?
ଯାଉଥିଲ ଶିଶୁ-  ସାରଙ୍ଗ-ଲୋଚନ
ନରକେ ବେଦନେ ଫୁଲ
ଶିଥିଳପରାଣ  ହୋଇଥିଲା କି ସେ
ନିଶାନ୍ତ-ଗଙ୍ଗଶିଉଳି
ସଖୀ-କରେ-କର-  ଟଉଠିକ ଦେଇ
ମଞ୍ଚେ ଉଭା କୁଶୋଦରୀ,
ନୈରାଶ୍ୟେ ନୀରବ  ନିଶ୍ଚଳ ଆଲେଖ
ଲିଖିତ-ପ୍ରତିମା ପରି,
ପୁରଜନପଦୁ  ରୁଣ୍ଡ ହେଲେ ଜନେ
ଦେଖିବାକୁ ସେ ସମର,
ଦର୍ଶକେ ଭରିଲା  ସେ ସ୍ଥଳୀ କିବା ସେ
ମନୁଷ୍ୟ-ଶିର-ସାଗର,
ବସ୍ତୁତ ସେ ରଙ୍ଗ-  ଭୂମି ହୋଇଥିଲା
ବୃତରେ ଦୃଢ଼େ ବେଷ୍ଟିତ,
ଜଗୁଆଳ ଥିଲେ  ଚଉଦିଗେ ଅସ୍ତ୍ର-
ଶସ୍ତ୍ରେ ହୋଇ ସୁସଜ୍ଜିତ,
ରଣଶିଙ୍ଗା-ନାଦେ  ଆଗେ ରଣସ୍ଥଳେ
ପଶିଲା ଆସି ଯଯାତି,
ଦୈତ୍ୟଯୁଦ୍ଧ ଲାଗି  ସନ୍ନଦ୍ଧ ହୋଇ କି
ଆସିଲେ ଭାରତାବ୍ରତ !
କି ଅବା ମାନସେ  ପଦ୍ମବନୋନ୍ମାଥି-
ଦ୍ୱିରଦ ବୃନ୍ଦରେ ଲାଗି
ଶଇଳୁଁ ଖସଲା  ସିଂହ-କିଶୋରକ
ତାଙ୍କୁ ସଂହାରିବା ଲାଗି !

ସ୍ୱର୍ଣ୍ଣ-ବର୍ଣ୍ଣ-ବର୍ମେ  ବର୍ମିତ, ଧବଳ-
ତୁରଙ୍ଗପୃଷ୍ଠେ ଆରୂଢ଼,
କାବ୍ୟ-ତାରା ପ୍ରାୟେ  ଭାସ୍ୱର ଲଲାଟେ
ଝଟକେ ଦିବ୍ୟ ମହୁଡ଼,
ରାହୁଗ୍ରାସେ ରବି-  ପରିଧି ପରାଏ
ଫଳକ ପୃଷ୍ଠେ ବର୍ତ୍ତୁଳ
ସ୍କନ୍ଧେ ମହାଶୂଳ  ଲକ୍ଷ୍ମୀଭାବ କି ସେ
ନାଶିବାକୁ ବୈରିକୁଳ !
ସମକାଳେ ଅସ୍ତ୍ରେ  ଶସ୍ତ୍ରେ ସୁସଜ୍ଜିତ
ବର୍ମିତ ହୋଇ କଞ୍ଚୁକେ
ସପ୍ତ ପ୍ରତିଯୋଧ  ପ୍ରବେଶିଲେ, ମାତ୍ର
ବିଷାଦ-ମଳିନ-ମୁଖେ,
ଅଶ୍ୱୁଁ ଅବତରି  ଭୂତଳେ ଆୟୁଧ
ଥୋଇ, ଯୋଡ଼ି ବେନିକର
ବୋଇଲେ, "ଶୁଣ ଦେବ, ଅବଧାନ ହେଉ
ଉତ୍କଳ-ମଣ୍ଡଳେଶ୍ୱର,
ଦୁଃସ୍ୱପ୍ନ ଦେଖିଲୁଁ  ସର୍ବେ ନିଶାଶେଷେ
ଦର୍ପୋଦ୍ଧତ ଉର୍ଜ୍ଜସ୍ୱଳ
ଏକ ପରେ ଏକ  ଆସି ଆକ୍ରମିଲେ
ସପ୍ତ ମତ୍ତ ଦନ୍ତାବଳ
ଏ ଯୁବା ବୀରକୁ,  ମାତ୍ର ଅସ୍ତବ୍ୟସ୍ତେ
ସର୍ବେ ପଳାଇଲେ ଡରି,
ଗର୍ଜି ତଡ଼ ଦେଲା  ତାଙ୍କୁ ଆସି ଏକ
ଅଦ୍ଭୁତ ଜ୍ୟୋତିଃ କେଶରୀ,
ରୋଷାନଳକଣା  ଉଡ଼ୁଥିଲା କିବା
ସେ ସିଂହର ଦୃଷ୍ଟିପାତେ
ତପ୍ତ ଲୌହଖଣ୍ଡୁ  ସ୍ଫୁଲିଙ୍ଗ ଯେସନେ
ଛିଟକେ ଅୟୋଘନ-ଘାତେ ;
ସେ ଭୈରବ ରବ  ଶୁଣି ହେବ ମହା-
ନିଦ୍ର ଭର ନିଦ୍ରାଭଙ୍ଗ
ଅଦ୍ୟାପି ସେ ରବ  ସ୍ମରି କ୍ଷଣେ କ୍ଷଣେ
ଥରି ଉଠୁଅଛି ଅଙ୍ଗ,

ଘୁମୁ ଆଖି ହେଲେ ଏହିକ୍ଷଣି ରଙ୍ଗେ
ଶୁଣିବୁଁ ସର୍ବେ ସବୁକଥା;
ମାତ୍ର ଏକା ସ୍ୱପ୍ନ ସମସ୍ତେ ଦେଖିଲୁଁ
ଏ ବଡ଼ ଅଦ୍ଭୁତ କଥା !"
ମଞ୍ଚୁ ଅବତରି କହିଲେ ସୁରେନ୍ଦ୍ର
ଛିଡେ ହୋଇ ଅବନୀରେ
ଜନତାକୁ ଚାହିଁ "ଶୁଣିଲ ତ ସର୍ବେ
କହିଲେ ଯା ସପ୍ତବୀରେ,
ଯା କହିଲେ ବୀରେ ସ୍ୱପ୍ନେ ହେଲେ ସୁଦ୍ଧା
ନୁହଇ ଛୁଚ୍ଛା ସ୍ୱପନ
ଏ ବୀର-କିଶୋର ଅଜଣା ହେଲେହେଁ
ନୁହନ୍ତି ପ୍ରାକୃତ ଜନ,
ଗତ ରାତ୍ରେ ମୁହିଁ ଦେଖିଲି ସ୍ୱପନେ
କରାଳରୂପୀ-ହର୍ଯ୍ୟକ୍ଷ
ଆକ୍ରମିବା ଲାଗି ମୋତେ ଝୁଲିଝୁଲି
ପୁନଃ ପୁନଃ କଲା ଲକ୍ଷ୍ୟ
ସେ ବକ୍ତ୍ର-ବିବର, ସ୍ଫୁରିତ-କେଶର,
ଘୂର୍ଣ୍ଣିତ ରକ୍ତଲୋଚନ
ଦେଖି ତ୍ରାସେ ମୁହିଁ ମନେ ମନେ ଦେବୀ-
ଶ୍ରୀପାଦେ ନେଲି ଶରଣ,
ଦେବୀଙ୍କ ସ୍ମରଣେ ସୌମ୍ୟମୂର୍ତ୍ତି ଧରି
ଉଭା ହେଲେ ସେ କେଶରୀ
ତା ପୃଷ୍ଠେ ଦେଖିଲି ତ୍ରିଶୂଳଧାରିଣୀ
ମୁକ୍ତକେଶୀ ଶକ୍ତିସ୍ୱରୂପା,
ମାତାଙ୍କ ଶ୍ରୀମୁଖେଁ ସ୍ମିତଜ୍ୟୋତି ମୋର
ହୃଦୁଁ କାଟି ପାପ-ମଳ
ସେହିକ୍ଷଣି କରି- ଦେଲା ହୃଦେ ଶାନ୍ତି-
ଛଟିମା ପ୍ରାପ୍ତେ ନିର୍ମଳ,'
ନିତେ ପୁଷ୍ପାକର ସେ ଦିବ୍ୟ ସୌରଭ
ଘ୍ରାଣି ନ ଥିବେ ସ୍ୱପନେ,
ଛଅ ରାଗ ପୁଣି ଛତିଶ ରାଗିଣୀ
• ମୂକ ହେବେ ସେ ବଚନେ,

ଅପୂର୍ବ କଥା ସେ ମର୍ତ୍ତ୍ୟେ କେବେ ନର
ନୟନ, ନାସା, ଶ୍ରବଣ
ଦେଖି ଘ୍ରାଣି ଶୁଣି ନ ଥିବ ସେ ଶୋଭା,
ସେ ସୌରଭ, ସେ ବଚନ ,
ବୋଇଲେ ଜନନୀ, "ବୈତରଣୀ-ତୀରେ
ଅଟେ ମୋର ଅଧିଷ୍ଠାନ,
ବିରଜା ଦେବୀ ମୁଁ, ଆସିଛି ବାଞ୍ଛିତ
ମନାସି ତୋର କଲ୍ୟାଣ,
ସପ୍ତ ଅଶ୍ୱବାର ନିଯୋଜିଲି ଆଜ
ହୋଇ ମହାକ୍ରୋଧ ଭାଗୀ
ଅସମ-ସଂଗ୍ରାମେ ଭକତକୁ ମୋର
ରଙ୍ଗେ ହରାଇବା ଲାଗି,
ଏହି ସେ କେଶରୀ, ଯା ସ୍ମରଣେ ଜନେ
ବିଶ୍ୱ-ପ୍ରକମ୍ପନ କାଳ
ନ ଜାଣିଲୁ ବତ୍ସ ଢାଲରୂପେ କରେ
ଯୁବାକୁ ସଦା ଉଡ଼ାଳ,
ଏ କେଶରୀ ଆଜି ବୀରକିଶୋରର
ବିପଦ କରି କେଶରୀ,
କାର୍ଯ୍ୟେ ଥାଉ, ରକ୍ଷା ନାହିଁଟି ତାଠାରେ
ମାନସେ ଦ୍ରୋହ ଆଚରି ;
ଯଯାତି ଅଟଇ ମଗଧ-ମଣ୍ଡଳ-
ନରେନ୍ଦ୍ର ଜ୍ୟେଷ୍ଠ କୁମର,
ରୂପେ-ଗୁଣେ-କୁଳେ ଶୀଳେ ସବୁମତେ
ଲଳିତାର ଯୋଗ୍ୟ ବର ;
ମୋର ଇଚ୍ଛାବଳେ ଉତ୍କଳମଣ୍ଡଳେ
ଆସିଛି ଯୁବା-ରତନ,
ପୁତ୍ରରୂପେ ପୁଣି ଜାମାତା ରୂପରେ
କର ତୁ ତାକୁ ଗ୍ରହଣ ,
ଉତ୍କଳମଣି ମୋର ଅଟଇ ନୃମଣି
ପ୍ରସ୍ଥିତ-କୁଳ-ଲଲାମ,
ଅପ୍ରଧୃଷ୍ୟ ରଣେ ଅସ୍ତ୍ର-କଉଶଳେ
ଅଗାଧ ବୀର୍ଯ୍ୟର ଧାମ ,

ଅଖିଳ ଉତ୍କଳ ସ୍ଥାପିବ ଯଯାତି
କୀର୍ତ୍ତିଗିରି ଅନଶ୍ବର,
ନଦୀତୀରେ ମୋର ଅଧିଷ୍ଠାନ ବନେ
ରଚିବ ଦିବ୍ୟ ନଗର,
ହେବ ଏ ଅବନୀ ଯଯାତିର ଯଶ
ଗୀତର ପ୍ରଶସ୍ତ-ସ୍ଥଳୀ,
ଯୁଗେ ଯୁଗେ ଏହି ଯଯାତିର ଯଶ-
ଗାଇବେ ହର୍ଷେ ଉତ୍କଳୀ ;
ଯଯାତିର କୀର୍ତ୍ତି- ପାଦ ପ୍ରକ୍ଷାଳିବେ
ଅମ୍ବୁରାଶି ନିଜ ନୀରେ,
ସେ କୀର୍ତ୍ତି ପିନ୍ଧିବେ କିରୀଟସ୍ବରୂପି
ଶୈଳରାଜ ନିଜ ଶିରେ ;
ଏକାମ୍ରରୁ ଭେଦି ନଭଃ ପରଶିବ
ଯଯାତି-କୀର୍ତ୍ତି-ଲତିକା,
ପୁଷ୍ପରୂପେ ଯାର ଆଶ୍ରିବେ ଗ୍ରହ-
ନକ୍ଷତ୍ର-ତାରାମାଳିକା ;
ଚକ୍ରବର୍ତ୍ତୀ ହୋଇ ମଣ୍ଡିବ ଏ କ୍ଷିତି
ଏହି ଯଯାତିର ବଂଶ
ହେବ ଯାର ଯଶଃ- ପ୍ରସୂନ ସ୍ତବକ
ଦିଗଙ୍ଗନା- ଅବତଂସ,
ମହାଦରେ ଏହି ଯୁବା-ବଂଶଧର
କୀରତି-ମାଳା ଅମଳା
ମଣି-କାଞ୍ଚି-ରୂପେ ନିତମ୍ବେ ପିନ୍ଧିବେ
ଶରଦ୍‌ବରା ଚତ୍ରୋତ୍ପଳା,
ଯଥାକାଳେ ହୋଇ ଏ ମହାବଂଶର
କୀର୍ତ୍ତି-ମୁଦେ ସମୁଜ୍ଜ୍ୱଳ,
ନାନା ଦେବ ଦେବୀ- ଅଧିଷ୍ଠାନେ ମର୍ତ୍ତ୍ୟ-
ନିବାକ ହେବ ଉତ୍କଳ,
ରତନ ଲୋଭନ୍ତ ଯତନେ ମାନବେ
ନାନା ଦୂରଦେଶେ ଯାଇ
ଅଯତନ-ଲବ୍ଧ ସେ ରତ୍ନ ବସିଛୁ
ତୁଚ୍ଛ ଫିଙ୍ଗ ଦେବାପାଇଁ ?
ସର୍ବଜନ ଆଗେ ପ୍ରୀତେ ରଙ୍ଗେ ତୁହି
ତନୟାକୁ ସମ୍ପ୍ରଦାନ
କରିବୁ ଏ ବୀର- ଯୁବାକୁ, ସେବେ ତୁ
ମନାସୁ ନିଜ କଲ୍ୟାଣ,
କର ତୁ ଏକ୍ଷଣି ବିଭା ଆୟୋଜନ
ମୋର ଆଜ୍ଞା ଶିରେ ଧରି,
ନିକେ ମୁଁ ଶକୁନ ହେବି ଏ ବିବାହେ
ମାୟାରୂପେ ଅବତରି ।”
ରାଜାଙ୍କ ବଚନେ ଜନତାରୁ ଉଠି
ମହାହର୍ଷ-କୋଳାହଳ
ପ୍ରତିଧ୍ୱନି-ଯୋଗେ ସ୍ଥୂଳତା ଭଜି
କମ୍ପାଇଲା ରଙ୍ଗସ୍ଥଳ,
ହର୍ଷ-ବିକଶ୍ବର ହେଲା ଉତ୍କଳେଶ-
କିଶୋରୀ-ଚନ୍ଦ୍ରବଦନ
ଘର୍ମାନ୍ତେ ମୟୂରୀ ଶୁଣିଲା କି ଆହା,
ନବ-ଜଳଧର-ସ୍ବନ ?
ଅଣସର ଖର- ମଧ୍ୟାହ୍ନେ ଯେସନେ
ଦୁଃସହ ଗ୍ରୀଷ୍ମ ଆକୁଳେ
ରହିଥାଇ ବୃକ୍ଷ- କୋଟରେ ଝିଙ୍କାରୀ
ଗୃହକରୀ ବୃକ୍ଷମୂଳେ,
ଅନଳ-ଜ୍ବାଳ- ତୁଲା ବାହାରଇ
ଉତ୍ତପ୍ତ ମେଦିନୀ ଅଙ୍ଗେ,
ଲଣ୍ଡା ତରୁସନ୍ଧି- ବିବରେ ଧକେଇ
ହେଉଣଥାନ୍ତି ବିହଙ୍ଗେ,
ବାତସ୍ତମ୍ଭ ଯୋଗୁଁ ଗୋଟିଏ ପଲ୍ଲବ
ହେଲେ ନାହିଁ ବୃକ୍ଷଡାଳେ,
ବାଷ୍ପ ଆବରଣେ ଦିଶୁଥାଇ ଗିରି
ଧୂସରିତ ଚକ୍ରବାଳେ,
ମଧ୍ୟାହ୍ନ ମଉନ ଭାଙ୍ଗେ ଏକା ସେହି
ଝିଙ୍କାରୀ-ଗୃହକୀ-ସ୍ବନ,
କାହିଁ କାହିଁ ଅବା ଭଣ୍ଡିତ୍ର-କୁସୁମେ
ମଧୁମକ୍ଷି-ଗୁଞ୍ଜରଣ, (୧)

(୧) କେଉଁଠି ଜଙ୍ଗଲରେ ଏହି ସମୟରେ ଫୁଲ ଫୁଟେ ।

ଏବେ କୋଳେ ଅମ୍ବର ଶୋଭି, ନୀଳିମାରେ
କଳା ଭ୍ରମରକୁ ଜିଣି
ଜଳଧୂରେ ସ୍ନାତ ଦେଖିଲେ ଅବନୀକି
ବଳାକିନୀ କାଦମ୍ବିନୀ,
କାସାରେ ମଣ୍ଡୂକ, କାସାର ଉପାନ୍ତେ
ବାଉଁଶବନେ ଡାହୁକ
ନାନା ତାନେ ଗୀତ ଜଗତେ ଘୋଷନ୍ତି
ନବ ନୀରଗର୍ଭ ସୁଖ,
ଅପରାଜିତାର ନୀଳବର୍ଣ୍ଣେ ବୋଳା
ହେଲା ସ୍ନାନ୍ତେ ଦଶେ ଗିରି,
ନୟନ ରଞ୍ଜିଲ ତରୁ ବଲ୍ଲରୀର
ପ୍ରଫୁଲ୍ଲ ଶ୍ୟାମଳଶିରୀ,
ପ୍ରକୃତିର ପୂର୍ବ ମାନ ତୁଟି ଯାଏ
ପାଲଟି ଯଥା ପଲକେ,
ପାଲଟିଲା ଯେମା କାନ୍ତି ସେହ୍ନମତି
ପାରନ୍ତୁ କ୍ଷଣେ କନକେ,
ଆନନ୍ଦ ସଲିଳେ ପୂରିଗଲା ତାର
ହୃଦର ଶୁଷ୍କ ସରସୀ,
ଶୋକର ନିଦାଘ ଦଗଧ ଆଶା ବନେ
ଅମୃତ ଗଲା ବରଷି,
ହୃଦୟ ଉଚ୍ଛ୍ୱାସ କରି ଦୀର୍ଘ ଶ୍ୱାସେ
ସ୍ନିଗ୍ଧନେତ୍ରେ ବାଳା ଚୁମ୍ବି
ମୂର୍ଦ୍ଧାନମା ପ୍ରାଣ କାନ୍ତକୁ ଦେଲା କି
ଦୁଗ୍ଧସ୍ରୋତେ ଅବଗାହି ?
ରାଜାଦେଶେ ଲଜ୍ଜା ନମ୍ରମୁଖ ତଳେ
ଓହ୍ଲାଇଲା କୃଶୋଦରୀ,
ରାଜାଦେଶେ ପୂର୍ବା ଯେମା ପାଶେ ଉଷା
ହେଲା ଅଙ୍କୁ ଅବତରି,
କାହିଁ ନୁହଇ କି ସୁଷମା କରିଲେ
ବେଦୀପାଶେ ରହି କେନ୍,
ଦ୍ୱାପରେ ପାଞ୍ଚାଳ ସ୍ୱୟମ୍ବରେ କି ସେ
ଧନଞ୍ଜୟ ପାଞ୍ଚାଳୀ !

କମ୍ବା ସୀତା, ସୀତା— ହୃଦୟଚନ୍ଦନ
ବଶୁ ବନ୍ଦନ ଶ୍ରୀରାମ
କମ୍ବା ନଳ, ଦେଭିମୀ ମର୍ତ୍ତ୍ୟ ସୌଦାମିନୀ
ରମଣୀ-କୁଳ ଲଲାମ,
ଯଯାତିଙ୍କି ଚୁମ୍ବି କହିଲେ ଗୋସାଇଁ
"ବାବୁ ମୋର ଗଣ୍ଠିଧନ,
ଯୋଗ୍ୟପାତ୍ର ଜାଣି ତୋର ହସ୍ତେ ମୁହିଁ
କଲି ଆଜ ସମର୍ପଣ,
ପରମ ଭକତ ତୁମ୍ଭେ, ବତ୍ସ ଯେଣୁ
ବଂଶେ ବଶ୍ୱଦାଣୀଙ୍କର,
ଦେବ ଉତ୍କଳ ଧନ୍ୟ ହେଲେ ଏବେ
ତୋ ଯୋଗୁଁ ପବିତ୍ରତର,
ନାରୀକୁଳେ ଧନ୍ୟା ଏ କନ୍ୟା ମୋହର
ନରକୁଳେ ତୁମ୍ଭେ ଧନ୍ୟ,
ମଣି-କାଞ୍ଚନର ଯୋଗ ଭିଆଇଲା
ଦୈବ ହୋଇ ସୁପ୍ରସନ୍ନ,
ବନ୍ଦୁଦନ ମୁହିଁ ପାଳିଲି ଯତନେ
ଏ ଉତ୍କଳ ବସୁନ୍ଧରା,
କର୍ଣ୍ଣମୂଳ ମୋର ଆଣିଲାଣି ଆସି
ପଳିତଜନମୀ ଜରା,
ଯୌତୁକସ୍ୱରୂପେ ତୋର ହସ୍ତେ ନ୍ୟସ୍ତ
ମୋର ଏ ରାଜସମ୍ପଦ
ବାନପ୍ରସ୍ଥ ଧର୍ମ ଆଶ୍ରି, ବାବୁ ମୁହିଁ
ଧ୍ୟାଇବି ଶାଶ୍ୱତ ପଦ ।"
ଏହା କହି ହର୍ଷେ ଯେମା କର ଦେଲେ,
ଯଯାତି କରେ ନୃମଣି,
ଫୁଲମାଳେ ବେନି ହସ୍ତ ବାନ୍ଧି ବିପ୍ରେ
ଉଚ୍ଚେ କଲେ ବେଦଧ୍ୱନି
ବାଜିଲା ମଙ୍ଗଳ ବାଜଣା ଏ କାଳେ
ଉଚ୍ଛୁଳାଇ ଧରାକମ୍ପ,
ତୂରୀ, ଭେରୀ, ଢକ୍କା, ଢୋଲ, ମଧୁରିକା,
ଝାଞ୍ଜରୀ, ଜଗଝମ୍ପ,

ସହଚରୀ ସହ ହର୍ଷେ ହୁଳହୁଳି
ମଞ୍ଜୁ ଦେଲେ ରାଣୀଦଳ,
ଯଯାତିର ସ୍ତୁତି- ସଙ୍ଗୀତ ଗାଇଲେ
ଆନନ୍ଦେ ବନ୍ଦି-ସକଳ
ଜନତା-ନୟନ ଏ ଦୃଶ୍ୟୁ ସହସା
ଫେରିଗଲା ଅନ୍ୟ ପାଶେ,
ପଦ୍ମାକରୁଁ ଭୃଙ୍ଗ ମିଳନ୍ତେ ଯେସନେ
ମୁକୁଳିତ ଚୂତ-ଶାଖେ,
ସହସା ଅପୂର୍ବ ଜ୍ୟୋତିରେ ଦ୍ୟୋତିତ
ହେଲା ପ୍ରାଚୀ ନଭୋଦେଶ,
ନବୋଦିତ-ରବି ଉପରେ ଦିଶିଲା
ଇନ୍ଦ୍ରଧନୁ ପରିବେଶ,
ବୃତ୍ତାର୍ଦ୍ଧାକାର ବ୍ରହ୍ମାଣ୍ଡ ମୁକୁର
ବିରଞ୍ଚି ଦେଲେ ଝୁଲାଇ
ପରାଚୀକାନ୍ତେ କି ରଙ୍ଗେ ତ୍ରିଣ୍ଡ ଜନ-
ବ୍ରତେଜ ଦେଖାଇବାପାଇଁ ?
ସେହି ପରିବେଶେ ହେଲା ସ୍ୱର୍ଣ୍ଣବର୍ଣ୍ଣ
କେଶରୀର ଆବିର୍ଭାବ
ପଦ୍ମରାଗ-ଦ୍ୟୁତି ବର୍ତ୍ତୁଳ ଲୋଚନ
ନଖ ଦନ୍ତ ହୀରକାଭ,
ଜ୍ୟୋତିଃ କେଶରୀର ସ୍ଫୁରିତ କେଶରୁ
ପ୍ରଭା ସ୍ଫୁରି ମହୋଜ୍ଜ୍ୱଳେ-
ସଶୈଳ କାନନ ଧରଣୀକି ଧୌତ
ହେଲା କି ସୁବର୍ଣ୍ଣ-ଜଳେ
ସ୍ୱର୍ଣ୍ଣ ଆସ୍ତରଣ ପରାଏ ଶୋଭିଲା
ପ୍ରବାହ ବେନି ନଦୀରେ,
ସ୍ୱର୍ଗର ସୁବର୍ଣ୍ଣ- ଦିନ ଆସି ମର୍ତ୍ତ୍ୟ-
ଦିନେ ମିଶିଗଲା କିରେ ?
କେଶରୀର ପୃଷ୍ଠେ ଅଦ୍ଭୁତେ ସ୍ଫୁରିଲା
ରଙ୍ଗ ଜ୍ୟୋତିଃ-ପଦ୍ମାସନ,

ସେ ଆସନେ ଆଭା- ପୁଞ୍ଜ ଦେଖି ଦୃଢ଼
ପଡ଼ିଲା ଜନ ନୟନ,
ଦୃଷ୍ଟିକ୍ଷମ ହେଲା ତହିଁରୁ କେବଳ
ଊର୍ଦ୍ଧ୍ୱେ ମୁକୁଟର ଛବି,
ଝଟକୁଥିଲା ଯେ ରତନ ମୁକୁଟେ
ଲଳିତା କଳା ଐନ୍ଦବୀ, (୧)
ଝଟକୁଥିଲା ସେ ପ୍ରଭା ଆଗେ ପୁଣି
ଦୁଷ୍ଟଦୈତ୍ୟ-କୁଳ ତ୍ରାସ
ବିଶାଳ ତ୍ରିଶୂଳ- ଦଣ୍ଡ ତରସ୍ୱୀନେ
ତପନ-ହେମ-ସଙ୍କାଶ, (୨)
ପଦ୍ମରାଗ-ପକ୍ଷ ଇନ୍ଦ୍ରପ୍ରଭା-ଚିଲ
ସେ ପ୍ରଭା-ପୁଞ୍ଜୁ ନିଃସରି
ବରବଧୂ-ଶିର- ପରେ ଉଡ଼ିଗଲା
ପଶ୍ଚିମେ ବିଜୁଳି ପରି,
ପଲକମାତ୍ରେ ଏ ସବୁ କଥା ଦେଖି
ବିସ୍ମିତ ହେଲେ ସରବେ,
ପଲକେ ସହସ୍ର ଘଟନା ଦେଖନ୍ତି
ସ୍ୱପନେ ଯେସନ୍ତେ ମାନବେ ;
"ଜୟ ଜୟ ସିଂହ- ବାହିନ ଚରଣେ"
ବୋଲି ସର୍ବେ ଉଚ୍ଚୈଃସ୍ୱରେ
ବୈତରଣୀ-ତୀର- ବାସିନୀ ଦେବୀଙ୍କି
ପ୍ରଣମିଲେ ଭକ୍ତିଭରେ,
ସର୍ବେ ହର୍ଷେ ହେଲେ ଗଦ୍‌ଗଦ ଯଯାତି-
ଜେମାଭାଗ୍ୟ ଶ୍ଲାଘ୍ୟମଣି,
ଗାଇଲେ ବନ୍ଦୀଏ "ଧନ୍ୟ ଭାଗ୍ୟବତୀ,
ଧନ୍ୟ ତୁହି ଜେମାମଣି ।
ସୌହ୍ଵଣୀ-ଗଞ୍ଜିମା, ଯେଣୁ ତୁହି ଧନ୍ୟା
ତୋହର ସୁକୃତରାଶି
ଯୋଗ୍ୟ ଏ ଶଶାଙ୍କ ଗଞ୍ଜନ କୁମର
ଦେଖିଲେ ଉତ୍କଳବାସୀ ।

(୧) ଐନ୍ଦବୀ—ଲତା । (୨) ତରସ୍ୱୀନ—ବେଗସ୍ତ ।

ଦେବସେନା ସଙ୍ଗେ ମିଳିଲେ କି, ଆହା,
ଦେବ ଶିଖିଧ୍ୱଜ ସ୍କନ୍ଦ !
ମହୋଦଧି-କେମା ସଙ୍ଗେ ଅବା ପ୍ରଭୁ
ଜଗତ-ଆନନ୍ଦକନ୍ଦ !
ଧନ୍ୟ ହେ ମଗଧ- ନରେନ୍ଦ୍ର ନନ୍ଦନ
ଶୂରେନ୍ଦ୍ର-ସିଂହ ଯଯାତି !
ତୁମ୍ଭ ଆବିର୍ଭାବେ ପ୍ରତ୍ୟାବର୍ତ୍ତିଲା ଏବେ
ଉତ୍କଳର ଦୁଃଖ ରାତି
ସୁଖିନୀ ତୁମ୍ଭଙ୍କୁ ପତିରୂପେ ଲଭି
ନୃପବାଳା ଗୁଣଶୀଳା,
ତୁମ୍ଭ ଯୋଗ୍ୟ ତମ- ନୟନେ ଦେଖିଲୁଁ
ଏ ଅଦ୍ଭୁତ ଦୈବୀ ଲୀଳା,
ରତ୍ନପ୍ରସୂ ସଦା ତୁମ୍ଭ ଭାଗ୍ୟେ ହେବେ
ରତ୍ନଗର୍ଭା ଏ ଧରଣୀ,
ତୁମ୍ଭେ ଯେଣୁ ବୀର, ଶ୍ରୀବିରଜାଦେବୀ-
ଭକ୍ତକୁଳ ଚୂଡ଼ାମଣି,
ଦେବୀଙ୍କ ବାହନ- କେଶରୀ-ପ୍ରସାଦ
ଅନୁକ୍ଷଣ ଶିରେ ଧରି
ଅରି-କରି-କୁଳ- ମର୍ଦ୍ଦନ-କୁଶଳ
ତୁମ୍ଭେ ଯଯାତି କେଶରୀ ।"
ବନ୍ଦୀଙ୍କ ବଦନୁ ସ୍ତୋତ୍ର ତାନ ଧରି
ରଙ୍ଗେ ରୁଣ୍ଡ ସର୍ବଜନେ
'ଯଯାତି କେଶରୀ' 'ଯଯାତି କେଶରୀ'
କହିଲେ ଉଚ୍ଚେ ସଘନେ,
'କେଶରୀ' 'କେଶରୀ' ଉଠିଲା ପ୍ରତିଧ୍ୱନି
ଗାଇଲା ପ୍ରତିଦିଗନ୍ତରେ
ବିରୂପା-ଗରଭେ ପୂରବେ, ଆବର
ପଶ୍ଚିମେ ଗିରି-କନ୍ଦରେ ।
'କେଶରୀ' ଉପାଧି ଧରି ବୀରମଣି
ପାଳିଲେ ସୁଖେ ଉତ୍କଳ,
ଯଥାକାଳେ ହେଲା ଦେବୀଙ୍କ ଭବିଷ୍ୟ-
ବାଣୀ ସବୁ ସଫଳ
ଯଥାକାଳେ କଲେ କମଳାକୁ ଯୋଗ୍ୟ
ରାଜସୁତେ ସମ୍ପ୍ରଦାନ,
ବୈତରଣୀ-କୂଳେ ଯଥାକାଳେ କଲେ
ସୁରମ୍ୟ-ପୁରୀ ନିର୍ମାଣ ।

ସ ମା ପ୍ତ

# ତୁଳସୀ ସ୍ତବକ

## ଉତ୍ସର୍ଗପତ୍ର

ନିଖିଳଗୁଣନିଧାନ ଅଷ୍ଟମଲ୍ଲିକାଧୀଶ୍ୱର

ଶ୍ରୀଳ ଶ୍ରୀଯୁକ୍ତ ମହାରାଜ ମହେନ୍ଦ୍ର ଦେଓ ବାହାଦୁର

ଶ୍ରୀକରକମଳେଷୁ—

ସବିନୟ ନିବେଦନମିଦଂ ।

ଶ୍ରୀମନ୍ ମହାରାଜ,

'ମହାଯାତ୍ରା' ରଚନା ସମ୍ବନ୍ଧରେ ଯେଉଁଦିନ ମୁଁ ଶ୍ରୀମୁଖଙ୍କଠାରୁ ଉତ୍ସାହପ୍ରଦ ଓ ସହାନୁଭୂତିବ୍ୟଞ୍ଜକ ଅନୁଗ୍ରହଲିପି ପାଇଥିଲି, ସେ ଦିନ ମୋହର ଜୀବନର ଗୋଟିଏ ସ୍ମରଣୀୟ ଦିନ । ପୂର୍ବେ ମୋହର ଧାରଣା ଥିଲା ଯେ, ଭାଷାନୁରାଗ, ସାହିତ୍ୟରସିକତା ଏବଂ ଗ୍ରାହକତା ଓଡ଼ିଶା ପରିତ୍ୟାଗ କରି ଗଙ୍ଗବଂଶାବତଂସ ଶ୍ରୀ ସୁଚଳଦେବପାଳିତ ସୁଦୂର ବାମଣ୍ଡା ରାଜ୍ୟରେ ଆଶ୍ରୟ ଗ୍ରହଣ କରିଅଛନ୍ତି ; ମାତ୍ର ଉଲ୍ଲିଖିତ ଦିନଠାରୁ ମୋହର ସେହି ଧାରଣା ପରିବର୍ତ୍ତିତ ହେଲା । 'ମହାଯାତ୍ରା' ରଚନା ସମାପ୍ତ ହେଲେ ତାହା ଶ୍ରୀମୁଖଙ୍କୁ ଉତ୍ସର୍ଗ କରିବାର ସଂକଳ୍ପ ଥିଲା, ମାତ୍ର ସେହି ସଂକଳ୍ପକୁ କାର୍ଯ୍ୟରେ ପରିଣତ କରିବାର ଆଶା ବର୍ତ୍ତମାନ ଦୁରାଶାବତ୍ ପ୍ରତୀୟମାନ ହେଉଅଛି । ସ୍ୱାସ୍ଥ୍ୟ, ଶାନ୍ତି ଏବଂ ଅବକାଶ ବ୍ୟତୀତ ବାଗ୍‌ଦେବୀଙ୍କର ଆରାଧନା କେବଳ ବିଡ଼ମ୍ବନାରେ ପରିଣତ ହୁଏ ।

ଶ୍ରୀମୁଖଙ୍କ ପ୍ରତି ଭକ୍ତି ଏବଂ କୃତଜ୍ଞତା ପ୍ରଦର୍ଶନ ମୋହର ନିତାନ୍ତ କର୍ତ୍ତବ୍ୟ । ବାଗ୍‌ଦେବୀଙ୍କ ଉଦ୍ୟାନରୁ ସୁନ୍ଦର ପୁଷ୍ପ ତୋଳି ସେହି ପୁଷ୍ପରେ ସ୍ତବକ ପ୍ରସ୍ତୁତ କରି ଉପହାର ଦେଲେ ତାହା ଶ୍ରୀମୁଖଙ୍କ ଗୌରବାନ୍ୱିତ ନାମର କଥଞ୍ଚିତ୍ ଉପଯୁକ୍ତ ହୁଅନ୍ତା, ମାତ୍ର ମୋହର ସେପରି ସୁବିଧା ନ ଥିବାରୁ ରୂପସମ୍ପର୍କରହିତ କେତେଗୁଡ଼ିଏ ତୁଳସୀଦଳରେ ଏହି ସ୍ତବକ ପ୍ରସ୍ତୁତ କରି ଶ୍ରୀମୁଖରେ ଅର୍ପଣ କରିବାକୁ ସାହସୀ ହେଲି । ଗ୍ରହଣାନୁମତି ହେଲେ ଚରିତାର୍ଥ ହେବ ।

| | | |
|---|---|---|
| କଟକ | } | ଶ୍ରୀ ଶ୍ରୀମୁଖଙ୍କର |
| | | ଚରଣାବନତ ଭୃତ୍ୟ |
| ୨୭।୭।୯୪ | | ଶ୍ରୀ ରାଧାନାଥ ରାୟ |

# ତୁଳସୀସ୍ତବକ

## ବର୍ଷା

ରାଗ—କଳହଂସକେଦାର ।

ପ୍ରସ୍ରବଣ-ଶଇଳେ କଲେ ନିବସତି *
ସୌମିତ୍ରି ସଙ୍ଗେ ପ୍ରଭୁ ରଘୁକୁଳ-ପତି,
ବହଇ ଗୋଦାବରୀ ଯେ ଗିରି-ପାଦେ
ଲୀଳା-ବନ୍ଧୁର ବେଶେ ଝର୍ଝର ନାଦେ ।
ଏକେ ସୁନ୍ଦର ଗିରି ଝର-ଶୀତଳ,
ଦୁଜେ ମହୀରେ ହେଲେ ବରଷାକାଳ ;
ମେଘମାଳେ ମେଦୁର ଦେଖି ବିତାନ
କହନ୍ତି ଲକ୍ଷ୍ମଣଙ୍କୁ ଶ୍ରୀ ରଘୁରାଣ—
"ଲକ୍ଷ୍ମଣ, ଘନ ଦେଖି ନାଚଇ କେକୀ,
ଭକତ ଯଥା ଭବମାୟା ଉପେକ୍ଷି ;
ବିତରେ ଅକାତରେ ଜୀବନ ଘନ,
ଧନ୍ୟ, ଯେ ଦାତା ଜାଣେ ଯାଚକ-ମନ ।
ନୀଳ-ନୀରଦମାଳେ ଖେଳେ ଚପଳା,
ଖଳପୀରତି ପ୍ରାୟେ ସଦା ଚପଳା ;
ବର୍ଷନ୍ତି ମହୀମୁଖେ ନଇଁ ଅମ୍ବୁଦେ,
ବିଦ୍ୟା-ସମ୍ପଦେ ଯଥା ନମନ୍ତି ବୁଧେ ।
କେନି କୋଟିକି ନଦ କେନି ଶିଖରେ,
ନିବର୍ତ୍ତି ଜ୍ୟୋତିଃସ୍ରୋତ ସୃଜି ଅମ୍ବରେ
ମଣ୍ଡୋଳୀମୂତ-ଜାଲ ଶବ୍ଦ ଦାମ୍ଭିକ,
ଆଶା ଭଜନେ ଯଥା ଆସ୍ତିକ-ମୁଖ ।
ଠାବେ ଠାବେ ଶଇଳ-ମାଳବକ୍ଷେ
ଧବଳ ଅଭ୍ରଖଣ୍ଡ କି ଶୋଭା ବହେ !
ଜଣେ ହୁଅଇ ପ୍ରତେ ପଡ଼ୁଛି ଟିକି
କ୍ଷୀରୋଦ-ଫେଣ ବସ୍ତ୍ର ଅଙ୍ଗେ ଲୁଣ୍ଠିକ ।
ଜଳପ୍ରପାତ ଗର୍ଜି ଗମ୍ଭୀର ରବେ
ତୁଙ୍ଗ ଭୃଗୁରୁ ଡେଇଁ ପଡ଼େ ଭେ ରବେ;
ସେ ରବେ ପ୍ରତିସ୍ୱନ ଉଠଇ ଦରୀ
ଧର୍ମଶାସନେ ହିନ୍ଦୁ ବିବେକ ପରି ।
ସହନ୍ତି ଧାରା-ପାତ ଶଇଳଗଣ,
ଖଳବଚନ ଯଥା ସହେ ସୁଜନ ;
ଫିଟିଛି ଝର, ଦେଖ ଶୈଳର ଅଙ୍ଗେ,
ପାପଖଣ୍ଡେ ହରି-ପ୍ରେମ ଯଥା ସୁସଙ୍ଗେ ।
ଗୁଳନ୍ତି କୂଳ ଲଙ୍ଘି ଗିରି-ସରିତେ,
ମତ୍ତ ପାମର ଯଥା ଅଳପ ବିତ୍ତେ ;
ଗୋଦାବରୀଙ୍କ ସଙ୍ଗେ କରନ୍ତି ଗତି,
ମହତ-ଆଶ୍ରା ବିନୁ କାହିଁ ମୁକତି ?
ଆବିଳ ନବଜଳ ପରଶି ମହୀ,
ମାୟାରେ ଜୀବ ଯଥା ଜଡ଼ ହୁଅଇ ,
ଶରତେ ନୀରପାତେ ପୂରିଲା ସର,
ସାତ୍ତ୍ୱିକ-ଗୁଣେ ଯଥା ସାଧୁ ଅନ୍ତର ।
ନିମ୍ନଗା-ନୀର ବେଗେ ସାଗରେ ଧାଏଁ,
ଶାଶ୍ୱତେ ଭକ୍ତ-ଜନ-ମନ ପଶାୟେ, †
ସାଗରେ ନିଜ ଗୋତ୍ର ଯାଏ ବିସ୍ମରି,
ଭକ୍ତ ତନ୍ମୟ ଯଥା ଲଭିଲେ ହରି ।
ଉତ୍ଫୁଲ୍ଲ ପଡ଼େ ତୀର-ବିଟପୀ ନୀରେ,
ବିଟପୀ-ମନ ଯଥା ଲମ୍ପଟ-ଗିରେ,
ମାନ ଶଇଳ, ଦେଖ, ଉଭା ଅଟଳେ
କାମିଙ୍କ କରେ ସତୀ-ମନ କି ଟଳେ ?

* ପ୍ରସ୍ରବଣ ଗୋଦାବରୀ-ତୀରବର୍ତ୍ତୀ ନିର୍ଝରଶୋଭିତ ସୁନାମପ୍ରସିଦ୍ଧ ପର୍ବତ ।
† ଶାଶ୍ୱତେ—ଭଗବାନଙ୍କ ପ୍ରତି ।

ଲଙ୍ଘଇ ନଦୀସ୍ରୋତ ସେତୁ-ବନ୍ଧନ,
ରାଜଦ୍ରୋହୀ ଯେସନ ରାଜଶାସନ ,
ବନ୍ଧ ଯାଉଛି ବାଟ ଭେଦି ଜଳାଶ,
ମର୍ଯ୍ୟାଦା ଲଙ୍ଘେ ଯଥା ସ୍ୱତନ୍ତ୍ରା ନାରୀ ।
ଦର୍ଦ୍ଦୁର-ରବ ଶୁଣି ନୀରବ ପିକ,
ମୂଢ଼-ସଙ୍ଘରେ ମୂକ ଯଥା ଧାର୍ମିକ ;
ଖଦ୍ୟୋତ ବଂଶକୁଞ୍ଜେ ଶୋଭନ୍ତେ ରାବେ,
ବହୁଭାଷୀ ଯେସନ କଳେଷ୍ଟ ସ୍ୱଭାବେ ।
ହରିତ ଦୂର୍ବାଦଳେ ହୋଇ ମଣ୍ଡନ
ଶାଦ୍ୱଳ-ଭୂମି ମଞ୍ଜୁ ଦିଶେ ଯତନ,
ସରସ ସାଧୁ-ହୃଦ ହୁଏ ଯେପରି
ଶୁଷ୍କ ବୈରାଗ୍ୟେ ଭକ୍ତିରସ ସଞ୍ଚରି ।
ପଲ୍ଲବ କଅଁଳିଲା ବୃକ୍ଷେ ଅନେକ,
ସାଧକ-ହୃଦେ ଯଥା ଉଦେ ବିବେକ ;
ଅର୍କ-ପାଦପ ହେଲା ପତ୍ର-ବିହୀନ,
ସୌଭାଗ୍ୟ ଖଣ୍ଡେ ଯଥା ଦୁରନ୍ତ ଦୀନ ।
କଦମ୍ବ ବିକଶିଲା ଗିରି-କାନନେ
କଦମ୍ବ-ବନ୍ଧୁ-ମେଘ-ମନ୍ଦ୍ର-ନିଃସ୍ୱନେ,
ଭକତବନ୍ଧୁ-ହରିନାମ କୀର୍ତ୍ତନୁ
ହର୍ଷେ ପୁଲକେ ଯଥା ଭକତ-ତନୁ ।
ଗୁଳ୍ମ ଗହଳେ ପଥ ଗଲାଟି ହରି,
ବିଧର୍ମି ରାଜପଣେ ଶାସ୍ତ୍ର ଯେପରି
ଶସ୍ୟେ ବସୁଧା ଦେଖେ ଶୋଭା ଆସ୍ପଦ !
ଉପକାରୀ ଜନର ଯେସନ୍ତେ ସମ୍ପଦ ।
ଉଭେଇଁ ଗଲେ ନଭୁଁ ଜ୍ୟୋତିଷ୍କଗଣେ;
ଜ୍ୟୋତି ଦେଖାଇ ହେଲେ ଜ୍ୟୋତିରିଙ୍ଗଣେ;
ମୂର୍ଖସଙ୍ଗେ ଯେସନେ ବଢ଼େ ଆଦର
ନିର୍ଗୁଣେ ଗୁଣୀ ଜନେ ହୁଅନ୍ତି ପର ।

କୃଷକେ ଉପାଡ଼ନ୍ତି ବାଳୁଙ୍ଗା କ୍ଷେତ୍ରୁଁ,
ସାଧୁ ଯେସନ ଆତ୍ମା-ବଧମା ଚିତ୍ତୁଁ ,
ସଲିଳ ପଳାଇଲେ କୋକେ ଭୂରତେ,
ଅତ୍ୟାଚାରୀ ରଜା-ରାଜ୍ୟୁ ଯଥା ପଣ୍ଡିତେ ।
ନ ଉଠେ ନୀର-ସହେ ତୃଣ ଉପରେ,
ଛକାରେ କାମ ଥାଏ ସନ୍ତ-ଅନ୍ତରେ,
ଜନ୍ତୁ-ସଙ୍କୁଳ ବନସ୍ଥଳୀ ସମ୍ପ୍ରତି,
ସୌଭାଗ୍ୟେ ପ୍ରଜା-ପୀଡ଼ା ରାଷ୍ଟ୍ର ଯେମନ୍ତି ।
ବାଟୋଇ ଠାବେ ଠାବେ ଅଟକି ରହେ,
ଇନ୍ଦ୍ରିୟ ଯଥା ଦିବ୍ୟ-ଜ୍ଞାନଉଦୟେ,
ପ୍ରବଳ-ବାୟୁ କେବେ ତଡ଼େ ଜଳଦ,
କୁପୁତ୍ର ଯଥା କୁଳ-ଧର୍ମ ସମ୍ପଦ
କ୍ଷଣେ କଳଙ୍କ ତମ ଗ୍ରାସଇ ଧରା ,
କ୍ଷଣେ ଉଦୁଳେ ପୁଣି ପ୍ରଚଣ୍ଡ ଖରା,
କୁସଙ୍ଗ ଏହିପରି ସୁଜ୍ଞାନ ନାଶେ,
ସୁସଙ୍ଗ ଏହି ପରି ଜ୍ଞାନ ପ୍ରକାଶେ ।
ଦେଖି ମଳିନ ହୋଇ ଆଶ୍ରମ-ସର
ନ ବହେ ହୃଦେ ରୁଚି ତୀର-ବନର,
ମଳିକା କଳୁଷିତ କଲେ ଯେସନେ
ଅକ୍ଷମ ଜନେ ପର-ଗୁଣଗ୍ରହଣେ ।
ଦେଖି ଦେଖି ଅଗ୍ରତେ ସରସୀଜଳେ
ପଙ୍କ ମଣ୍ଡୂକ ଦୂର-ଅନ୍ଧ-କନ୍ଦରେ
ଡାକେ ରବୁ ରବୁ, ଉର୍ଦ୍ଧ୍ୱେ ଉଚ୍ଚ ଗ୍ରୀବ
ଉତ୍ତଙ୍କି ଶିଶୁ କଳ୍ପି ଦେଲା ଗିଳଣ !
କାଳ କବଳେ ଦିନା ଏକୁଟେ ଖେଳି
ଆରତେ ନର ଯାରି ହେଉଣଥାଇ
ତେବେହେଁ ମନାସଇ ଲଭି ଏ ଧଣୀ
ମେଣ୍ଟାଇବାକୁ ଭବ-ଭୋଗ-ଲାଳସା !

ବରଷାକାଳ ଅଟେ ଉତ୍ତମ ମିତ
ମାତ୍ର ପଙ୍କଜ ମଳ ନୋହେ ବଞ୍ଚିତ !
ଜଳ-ଗହଳ ହେଲା ତା ପକ୍ଷେ ଯମ
ଅଳ ସମ୍ପଦ ବାରି ମହାବଷମ ।"

## ଶରତ

ଗିରି-ତଟେ ଶରତ-ଶୋଭାକୁ ଦୃଷ୍ଟି
କହିଲେ ଅନୁଜଙ୍କୁ କୋଦଣ୍ଡସାଇଁ—
"ବର୍ଷାଗତେ ଆସିଲା ଋତୁ ବିମଳ,
ଦିଗନ୍ତ କାନ୍ତି-ବାସେ ଦିଶେ ଉଜ୍ଜ୍ୱଳ ।
ଜରତୀ ବରଷାର ଧବଳ ଜଟା-
କାଶକୁସୁମେ ଶୁକ୍ଳ ଚଟିମା-ଛଟା ;
ଅଗସ୍ତ୍ୟ ମାର୍ଗ ପାଣି ଶୁଖାଇ ଦେଲେ, (୧)
ସନ୍ତୋଷ ଚିତ୍ତେ ଯଥା ଲୋଭକୁ ହେଳେ ।
ଦୁଃସହ ହେଲା ଖର-ରଶ୍ମି-କିରଣ,
ଦୁଃସହ ଗୁଣି-ଧନ ଖଳେ ଯେସନ ;
ସର-ସରିତ-ନୀର ପ୍ରସନ୍ନ ଅତି,
ମୋହ ଛୁଟିଲେ ଯଥା ସଜ୍ଜନ-ମତି ।
ସର-ସରିତ-ନୀର କ୍ରମେ ହଟଇ,
ମମତା ଯଥା ସାଧୁ ମନୁ ଛୁଟଇ ,
ଆସିଲା ରମ୍ୟ ଋତୁ ଦେଖି ଖଞ୍ଜନ,
ସୁକୃତ ଫଳେ ଯଥା ପାଇ ସୁକ୍ଷଣ ।
କ ଇଙ୍ଗେ ସାର ସ୍ୱର-ତରଙ୍ଗ ତୋଳେ(୨)
ପୂର୍ଣ୍ଣ-ଶ୍ୟାମଳ ଭୂରି ଶଇଳ-କୋଳେ,
ମୁମୁକ୍ଷୁ-ସାଧୁ-କଣ୍ଠେ ନାରଦ-ବୀଣା-
ଝଙ୍କାର ପରି ଏହି ସଙ୍ଗୀତ ସିନା !

କର୍ଦ୍ଦମ-ରେଣୁ ବିନୁ ଶୋହେ ଧରଣୀ,
ଯେସନେ ନୀତପଟୁ-ନୃପ-ଧରଣୀ,(୩)
ଜଳସ୍ୱ କୋଡେ ହେଲା ଦାକଳ ମୀନ,
ବହୁକୁଟୁମ୍ବୀ ଯଥା ସମ୍ବଳହୀନ ।
ଘନ ବିନୁ ନିର୍ମଳ ହେଲା ଆକାଶ,
ଭଜନ୍ତ ଛେଦ ଯଥା ଆଶାର ପାଶ,
ଦୁଅଇ ଅଳ୍ପ ବୃଷ୍ଟି କାହିଁ କ୍ୱଚିତେ,
ଲକ୍ଷକେ ଭକ୍ତ ଯଥା ଏକର ଚିତ୍ତେ ।
ବଣିକ, ଭିକ୍ଷାଜୀବୀ, ନୃପ, ତାପସ (୪)
ସ୍ୱବାସୁ ବାହାରିଲେ ହୋଇ ହରଷ ;
ସୁକୃତ-ଫଳେ ଭକ୍ତ ଭରିଲେ ମନେ,
ମାୟା-ବନ୍ଧନ ଛୁଟି ଯେବେଳେ ସୁଜନେ ।
ନିଃଶଙ୍କ ମୀନ ଯହିଁ ନୀର ଅଗାଧ,
ହରି ଆଶ୍ରିତ ଯଥା ନାହିଁ ପ୍ରମାଦ ;
କମଳ ଫୁଟି ଦହ ଶୋହେ ତେସନ,
ନିର୍ଗୁଣ-ବ୍ରହ୍ମ ଗୁଣ ଆଶ୍ରି ଯେସନ ।
ତଡ଼ାଗ ତାରକତ ଶ୍ୱେତ କୁମୁଦେ,
ତାମସ-ହୃଦେ ସତ୍ତ୍ୱଗୁଣ କି ଉଦେ ? (୫)
ପଦ୍ମବନେ ଶୁଭଇ ଅଳି-ଝଙ୍କାର
ବ୍ରହ୍ମବାଦୀର କି ସେ ନାଦ ଓଁକାର ?

(୧) ଅଗସ୍ତ୍ୟ—ଦକ୍ଷିଣ ଆକାଶରେ ଶରତ୍‌ରେ ଅଗସ୍ତ୍ୟ ତାରାର ଉଦୟ ହୁଏ । ଅଗସ୍ତ୍ୟର ଉଦୟରେ ପଙ୍କମୟ ମାର୍ଗ ଶୁଷ୍କ ଏବଂ ନଦୀ ଓ ପୁଷ୍କରିଣୀ ଜଳ ନିର୍ମଳ ହେବାର ପ୍ରସିଦ୍ଧି ଅଛି । (୨) ସାରୀ—ମଇନା, ଯେଉଁମାନେ ମହାରଣ୍ୟରେ ଭ୍ରମଣ କରି ନାହାନ୍ତି, ସାରର ସ୍ୱର-ମିଷ୍ଟତା ଏବଂ ବିଚିତ୍ରତା ସେମାନେ ଉପଲବ୍ଧି କରି ପାରିବେ ନାହିଁ । ଶରତ୍ କାଳରେ ମହାନଦୀର ସାତକୋଶିଆ ଗଣ୍ଡରେ ଅସଂଖ୍ୟ ସାରର ମଧୁର ରବ ଶ୍ରୁତିଗୋଚର ହୁଏ । ଗୃହପାଳିତ ସାରର ସ୍ୱରରେ ସେ ମଧୁରତା ଅନୁଭୂତ ହୁଏ ନାହିଁ । (୩) ନୀତିନିପୁଣ ରାଜାମାନେ ଏକ ପକ୍ଷରେ ଅଭାବ ଓ ଅପର ପକ୍ଷରେ ଆଧିକ୍ୟ, ଏହି ଉଭୟକୋଟିର ଅସୁବିଧା ପରିହାର କରିବାରେ ଯତ୍ନବାନ୍ ହୁଅନ୍ତି । (୪) ଶରଦାରମ୍ଭରେ ବଳଦିଆମାନେ ଘଣ୍ଟିମଣ୍ଡିତ ବଳଦ ଘେନି ବାଣିଜ୍ୟ ନିକାଶେ ଗଡ଼ଜାତକୁ ଯାଆନ୍ତି । ପୂର୍ବେ ଭାରତୀୟ ରାଜାମାନେ ଶରତ୍‌କାଳରେ ଦିଗ୍‌ବିଜୟ ନିକାଶେ ବହିର୍ଗତ ହେଉଥିଲେ । ତାପସମାନେ ଚାତୁର୍ମାସ୍ୟ ଅନ୍ତେ ତୀର୍ଥାଟନ ନିକାଶେ ବହିର୍ଗତ ହୁଅନ୍ତି । (୫) କୃଷ୍ଣବର୍ଣ୍ଣ ହେବାରୁ ତଡ଼ାଗର ତାମସହୃଦୟ ସହିତ ଉପମା । ଶୁଭ୍ରକୁମୁଦ ସତ୍ତ୍ୱଗୁଣ ସହିତ ଉପମିତ ।

ଅଦୃଶ୍ୟ ସୋମଫୁଲ ଶରତରେ ବାସ,
ସାର୍ତ୍ତିକର ନ ଥାଏ ନାମେ ପ୍ରୟାସ;
ସ୍ଥଳ କମଳେ କେଡ଼େ ରୂପର ଭାତ !
ନିର୍ଗୁଣ ହେଲେ ଲୋକେ ହୁଏ ଏ ଜାତ ।
ଠାବେ ଠାବକେ ଦେଖ ଶ୍ୟାମ ଅଟବୀ
ସପ୍ତଚ୍ଛଦ-ପ୍ରସୂନେ ଶବଳ-ଛବି,
ଆଘ୍ରାଣ ଯାର ଶିର-ଶୂଳ ଜନ୍ମାଏ
ଗୁଣଗର୍ବୀସ୍ୱ ଆତ୍ମଶ୍ଲାଘା ପରାୟେ ।
ସୁନତ ଶାଳି-ତୃଣ ଏବେ କେଦାରେ
ମଞ୍ଜୁଳ ପକ୍ୱ ଫଳଗୁଚ୍ଛର ଭାରେ,
ଏଥୁ ଏ ଶିକ୍ଷା ସିନା ଲଭେ ହୃଦୟ
ପରିପକ୍ୱ ଜ୍ଞାନର ଫଳ-ବିନୟ ।
ନିର୍ମଳ ରଜୋହୀନ ରମ୍ୟ ଶରଦେ
ଶୋଭେ ପ୍ରକୃତ ପୂର୍ଣ୍ଣ ଶୋଭା-ସମ୍ପଦେ,
ହୃଦୁଁ ରାଜସଭାବ ହେଲେ ନିଃଶେଷ
ସ୍ପଷ୍ଟ ଟ ଦିଶେ ଯଥା ଅଧ୍ୟାତ୍ମଦେଶ ।
ଗଗନର ନୀଳମା-କୁହରେ ବୁଡ଼ି
ହୃଦୟ ଯାଏ ନିଜ ସତ୍ତ୍ୱ ହୁଡ଼ି,
ନ ପାଇ ଆଦ୍ୟ ଅନ୍ତ ହୁଏ ସ୍ତବଧ !
ଜୀବନେ ଲଭେ କି ସେ ନିର୍ବାଣପଦ ?
ପ୍ରଦୋଷେ କାଦମ୍ବିନୀ ବାରୁଣୀପଟେ
କୁଙ୍କୁମବର୍ଣ୍ଣେ କେତେ ଛବି ପ୍ରକଟେ !
କି ରଙ୍ଗେ ଶୂନ୍ୟେ ବେଗେ ହୁଏ ଉଭାନ ।
ଭଙ୍ଗୁର ସୁଖ-ଆଶା ସୌଧ ସମାନ ।

ରଥାଙ୍କ ବିଶ୍ୱବଶ ଦେଖି ବିରସ,
ପର-ସମ୍ପଦେ ଯଥା ଖଳ-ମାନସ,
ନିଶା-ଶିଶିର ହରେ ଦିବସ-ତାପ
ସାଧୁ-ସଙ୍ଗମ ଯଥା ବିନାଶେ ପାପ ।
ନିଶାରେ ଉପୁଜାଏ କେଡ଼େ ଉଲ୍ଲାସ
ତଳତଳ-ଚନ୍ଦ୍ରମା-ଧୌତ ଆକାଶ,
ସେ ଭାବେ ଶୋଭ ହୋଇ ସାଧୁ-ହୃଦୟ
ଭାଳେ, ହେଲ କି ଜଡ଼ ବିଶ୍ୱ ଚିନ୍ମୟ !
ଚକୋର ବଧୂଛନ୍ତି ହେଉ ଉପନ୍ତ,
ହରିଙ୍କି ଧ୍ୟାନେ ଧରି ଯଥା ଭକତ,
ଶୀତେ ଉଭେଇ ଗଲେ ମଶକ, ଦଂଶ,
ସଦ୍‌ଗ୍ରନ୍ଥ ଯୋଗେ ଯଥା ଅବିଦ୍ୟା ଧ୍ୱଂସ ।
ଉଜ୍ଜ୍ୱଳ ଛାୟାପଥ ନୟନ ରମେ,
ଧରମ-ଦାଣ୍ଡ କି ସେ ପାପ-କର୍ଦ୍ଦମେ ?
ଜ୍ୟୋତିଷ ବିଭା କିବା ଉଜ୍ଜ୍ୱଳ ଦିଶେ ?
ଜ୍ୟୋତି ଧାମର କୋଟି ଗବାକ୍ଷ କି ସେ ?
ବିଶ୍ୱଦ୍ୟୋତନୀ, ଦିବ୍ୟ ଦ୍ୟୁତିମାଳିନୀ,
ମୌକ୍ତିକନୀଢ-ଭ୍ରମ-ଉଦ୍ଭାଳିନୀ,
କେଡ଼େ ସୁନ୍ଦର ଆହା, ଶରତ ଉଷା
ସୁନ୍ଦର ଗୋଦାବରୀ ଶରତ-କୃଶା !
ଦେଖାଇ ନିତ ଉଇଁ ଏ ଗିରି-ଶିରେ
ପ୍ରଭାତୀ ତାରା ମୁଖ ଗୋଦାବରୀରେ,
ପରଜ୍ୟୋତିର ପ୍ରଭା ଭକ୍ତ-ମାନସେ
ପ୍ରାପ୍ୟେ ତା ଛବି ସ୍ୱଚ୍ଛ ସ୍ରୋତେ ବିକଶେ !

ପ୍ରଳୟ କୁହେଳିକା ହୋଇ ପ୍ରକଟ
କ୍ରମେ ଆବରେ ଶ୍ୟାମ ଶଇଳ ତଟ,
ବାଳାତପେ ତରଳ ଯାଏ ତା କାୟା,
ତତ୍ତ୍ୱ ଆଲୋକେ ଯଥା ସଂସାର-ମାୟା ।”

# ଉର୍ବଶୀ

# ଉର୍ବଶୀ

## ପ୍ରଥମ ସର୍ଗ

ଅତି ମନୋହର — କାଳ, ଶୀତଋତୁ
ଧରି ଗୁଡ଼ ଗୁଡ଼ନାହିଁ,
ପଲ୍ଲବ-ପାଟଳ ମଧୁ-ଋତୁ-ରାଟ
ଧରି ମାଡ଼ ମାଡ଼ନାହିଁ ;
ନଦୀତୀର ସ୍ୱର୍ଣ୍ଣ- ବର୍ଣ୍ଣ ସମତଳା
ସର୍ଷପ କୁସୁମେ ହସେ,
ମଧ୍ୟେ ନୀର ବେଣୀ ସନ୍ଧ୍ୟା-ମେଘ-ରନ୍ଧ୍ରେ
ନୀଳ ନଭ ରେଖା କି ସେ ?
ଖଳା ଅଗଣାରେ କଳେଇ ଗଦାର
ଆମୋଦ ସଙ୍ଗରେ ମିଶି
ବଉଳ ପ୍ରସୂନ- ବାସ ଜନପଦେ
ପ୍ରସରଇ ଅହର୍ନିଶି ;
ଥରେ ଥରେ ଚୈତ୍ର ମଳୟ ଚେତାଇ
ଆସି ଚୁମ୍ବିଯାଏ ଧରା,
ଜ୍ୟୋସ୍ନାରେ ଲାଗଇ ଶୀତ, ପୁଣି ଗଲେ
ଖରକୁ କାଟଇ ଖରା,
ଖରାବେଳେ ପାନ୍ଥ ଭ୍ରାନ୍ତ ଜନମାଏ
ନିଦାଘ ଅଗ୍ର ଦୂତିକା
ସମୟେ ସମୟେ ଭରଇ କୂଜିତ
ଦିଗନ୍ତେ ମୃଗ-ତୃଷ୍ଣିକା ;
କୁହେଳିକା ତଳେ ଜଳୁଁ କମଳିନୀ
ଟେକିପାରୁ ନାହିଁ ମୁଣ୍ଡ,
ମୁକୁଳ ଉଦ୍‌ଗମ ଲାଗି ଚୂତଡାଳେ
ବାନ୍ଧୁଅଛି ପର୍ଣ୍ଣକୁଣ୍ଡ ;
ମଧୁ-ସ୍ରାବ ପୁଷ୍ପ- ସ୍ତବକେ ସରାଗେ
ମଣ୍ଡିବାକୁ ନିଜ ଅଙ୍ଗ,

ଡେମ୍ଫେ ଡେମ୍ଫେ ଶୁଷ୍କ କ୍ଷୁଦ୍ର ପର୍ଣ୍ଣକୋଷ
ସଜାଡ଼ୁଅଛି ବାସଙ୍ଗ ;
ଦ୍ରୁମ ଯୋଗୁଁ ଅଳି- ସଂଯୋଗ ବନ୍ଧନେ
ସୁନ୍ଦରୀ-ରଦନ-ଛବି
କୁନ୍ଦ ସୁନ୍ଦରୀଙ୍କ କଟାକ୍ଷ ଲକ୍ଷ୍ମୀର
ନିନ୍ଦା ପାରୁନାହିଁ ଲଭି,
ଚୌଦିଗେ ଶୁଭଇ ସିନ୍ଦୁରମୁଣ୍ଡିର
ସ୍ୱାଗତ ଋତୁନାୟକେ,
ମଧୁ ଗୁଞ୍ଜି ଗୁଞ୍ଜି ପ୍ରଜାପତି କୁଳେ
ଗେଣ୍ଡୁ ଫୁଲେ, କୁରୁବକେ,
ଯାମେ ଯାମେ ଆମ୍ର- କୁଞ୍ଜେ ନଦୀତୀରେ
ସମସ୍ୱରେ ଚୋଳ ଧ୍ୱନି
ଦୁଳଦୁଳି ହର୍ଷେ ବିଅନ୍ତି ସଘନେ
ଖଟରଶୁମା-ଭରଣୀ ;
କାନନେ ଅସ୍ଫୁଟେ ଶୁଭେ କେବେ କେବେ
କଳଗୀତ କୋକିଳାର,
ଟକାର ଚଢ଼ାଉ- ଅଛି କି ସେ ନିଜ
କଣ୍ଠ ଯନ୍ତ୍ରେ ନୂଆ ତାର ?
କାନନେ କାନନେ ଠାବେ ଠାବେ ଶ୍ୱେତ
ରଞ୍ଜକେ ସ୍ୱୟମ୍ଭୂ ମଣ୍ଡ
କାନନ-ଲକ୍ଷ୍ମୀର ଚନ୍ଦନରଚନା
ପରସ୍ତେ ଶୋଭେ ଅତନ୍ତି ,
ନିଆଳି ବସନ୍ତ- ପୂଜା ଲାଗି କଣ୍ଟ-
ଗୁଚ୍ଛକୁ କରୁଛି ସଜ,
ବଢ଼ାଇଛି ବନେ ପିଆଳ-କଟଗୀ,
ମାଟି ବାନ୍ଧ ନାହିଁ ରଜ ;

ସୁଖ-ଆଶେ ତେଜି      ସରବେ ଏକାଳେ
ସୁଖ ତ ଭବେ କ୍ଷଣିକ,
କିଏ ନ ଜାଣଇ      ସୁଖଠାରୁ ସୁଖ
ଆଶାରେ ସୁଖ ଅଧିକ ?
ହିମାଦ୍ରି-କାନ୍ତାରେ      ମୃଗୟା ରଚନ୍ତି
ହସ୍ତେ ଧରି ଧନୁଶର
ପ୍ରଦୋଷେ ଏକାକେ      ଯୁବା ପୁରୁରବା
ବତ୍ସଦେଶ ଅଧୀଶ୍ୱର,
ସୁପଣ୍ଡିତ ଶାସ୍ତ୍ରେ      ଶସ୍ତ୍ରେ ମହାବୀର
ନିଖିଳ ସଦ୍‌ଗୁଣଧାମ,
ରୂପ ଦେଖି ଯତ୍ରେ      ଆସଇ ମର୍ତ୍ତ୍ୟେ କି
ମୂର୍ତ୍ତି ଧରି ରତେ କାମ !
ସିଂହ ବ୍ୟାଘ୍ର ମାରି      ଭ୍ରମନ୍ତି ଏକାକୀ
ନରେନ୍ଦ୍ର ନିର୍ଭୀକମନେ
ମଦକଳ-ହସ୍ତି-      ଛୁଟନ୍ତେ ଝଙ୍କାରିତ
ସେ ଘୋର ନିର୍ଜନ ବନେ ;
ନିର୍ଝର ଶୀକରେ      ଶ୍ୟାମଳ ସେ ବନ,
ଶଷ୍ପ ପତ୍ର ପୁଷ୍ପଜାଳେ,
ଉତ୍ଫୁଲ୍ଲେ ମୟୂରୀ      ନାଚୁଥାନ୍ତି ଯହିଁ
ମତ୍ତ କରି କଣ୍ଠ ତାଳେ ,
ଗୁଞ୍ଜରଇ କାହିଁ      ମଧୁଚକ୍ରେ ମଧୁ-
ମକ୍ଷିକା ତରୁକୋଟରେ,
କାହିଁ ଝରେ ଝର      ଝର୍ଝରେ, ଝିଙ୍କାରି
କାହିଁ ରବେ ଝିଁ ଝିଁ ସ୍ୱରେ ;
ଜନ ପ୍ରାନ୍ତେ ସଦା      କୋଳାହଳଦ୍ୱେଷୀ
ବିବିକ୍ତ ସ୍ଥଳୀ ବିଳାସୀ,
ମୃଦୁନାଦେ କାହିଁ      ରଟେ ଟିକଟିକ
ବିହଙ୍ଗ ଜାଙ୍ଗଲବାସୀ ,
ଭ୍ରମି ଭ୍ରମି ଠାବେ-      ଠାବେ ଉଭା ହୋଇ
ସ୍ତମ୍ଭିତେ ରହନ୍ତି ସଭୟେ

ସ୍ୱମର୍ଦ୍ଦିତ ଶୁଷ୍କ      ପତ୍ର ଖଣ୍ଡଖଣ୍ଡେ
ଚମକ ପଡ଼ଇ ପ୍ରାନ୍ତେ ,
ଗୋଟିଏ ଗୋଟିଏ      ଶଶ ଚନ୍ଦ୍ରଭାନୁ
ଖସାଇଣ ପବମାନ
ମଧ୍ୟେ ମଧ୍ୟେ ଆସି      ଶୀଘ୍ରମୂଳେ ଭେଟି
ହେଉଅଛି ଅନ୍ତର୍ଦ୍ଧାନ ,
ପାଦ ଗିରି ଇନ୍ଦ୍ର      ନୀଳ-ବେଦୀ ପରେ
ଅଗ୍ରତେ ହିମ ଶିଖରୀ,
ଛୌଟବେଷ୍ଟ ଲଲାଟେ      ଶୋଭେ କୋଟି ମଣି
ଶିଳା ଚନ୍ଦ୍ରଶାଳା ପରି, (୧)
ଶାଶ୍ୱତ ଦର୍ପଣ      ବିମାନେ ବିମାନ-
ଗୃହିଣୀ ସୁରବାଳାର,
ସୁର ତରଙ୍ଗିଣୀ      ଗଙ୍ଗାର ଶାଶ୍ୱତ
ତୁଷାର ସୂତିକାଗାର ;
ବିରାଟ ମୂରତି      ବ୍ୟୋମକେଶ ଗିରି
କୋଟି କୋଟି ସାନୁମାନ
ଭେଦି ଉଠିଅଛି      ଊର୍ଦ୍ଧ୍ୱେ, ଗଢ଼ା କି ସେ
ସୃଷ୍ଟିକେ ସ୍ୱର୍ଗ ସୋପାନ ।
କୋଟି ଇନ୍ଦ୍ର-ଗୃହ      ଲକ୍ଷିତ ପ୍ରପାତେ
ମଣ୍ଡିତ ବପୁ ବିଶାଳ,
କୋଟି ରତ୍ନପୂର୍ଣ୍ଣ      ଗୃହପୃଷ୍ଠ ବିଶ୍ୱେ କି
ବିଶ୍ୱକର୍ମା ଶିଳ୍ପଶାଳ ?
ଝଟକେ ଆଲୋକେ      ଧଳା ମେଢ଼ସ୍ତବ୍ଧ
ହିମର ହିମାଦ୍ରି ଶିରେ,
ଗଢ଼ା ହୋଇଛି କି      ବିରାଟ ବିମାନ-
ବାଦ୍‌ଦନ୍ତ ଦନ୍ତ ମୌକ୍ତିକେ ?
ଠାବେ ଠାବେ ଦୃଷ୍ଟ      ମସୃଣ ରଜତ
ଧବଳ ମେଘମାଳିକା
ଲଭଇ ବିଶ୍ରାମ      ସୁଖ ଆଶ୍ରି ପାଦ
ଗିରି କୋଡ଼ ପର୍ଯ୍ୟଙ୍କିକା,

(୧) ମଣିଶିଳା—ମାରବଲ ପ୍ରସ୍ତର ।

ଏ ଅଦ୍ଭୁତ ଶୋଭା     ନିରୀକ୍ଷଣେ ଲୋଭ
ସମ୍ବରି ନୋହି ନୃପର,
ଉଚ୍ଚରେ ଓଃହାର     ନେଲା ପ୍ରାଣେ ନେଲା
ସ୍ତ୍ରୀକଣ୍ଠ ସମ୍ଭବ ସ୍ୱର,
ଅତୁଳନା ଭବେ     ସେ ସ୍ୱର ମାଧୁରୀ
ଭୁଲିବାର ସମ୍ଭବ,
ସ୍ୱର ସଙ୍ଗେ ତାହା     ଭୁଲିବାର ଯିନା
ଗର୍ବ ସଙ୍ଗେ ସର୍ବ !
ଖଣ୍ଡେ ଦୂର ଯାଇ     ଦେଖିଲେ ଭୂପତି
ଭୂତଳେ ଏକ ସୁନ୍ଦରୀ
ସଂଜ୍ଞା ଅଚେତେ,     ବାତାହତ, ଆହା,
କନକ ଲତିକା ପରି !
ଦୂର ଗଗନର     ବେଗ ବଳେ ପଡ଼ି
ନିସ୍ପନ୍ଦେ ରହିଛି ଅବା
ନରେନ୍ଦ୍ର ବିହାରୀ     ମେଘ କୋଳୁ ଖସି
ମହୀରେ ଅଚିର-ପ୍ରଭା,
ସଖୀ ଅନୁଯାୟୀ     କାନ୍ଦେ ପାର୍ଶ୍ୱେ ବସି
ସୌନ୍ଦର୍ଯ୍ୟ କାନନ ଦ୍ୟୋତ,
କମଳ-ନୟନୁ     ଅବିରଳେ ଝରେ
ଅମଳ କରୁଣା-ସ୍ରୋତ,
ଅଶ୍ରୁସିକ୍ତ ମୁଖେ     ନିରୁପମ ଶୋଭା
କହୁ ସେ ମତ୍ତକାଶିନୀ
ହିମ-ବିନ୍ଦୁ ସ୍ରବ-     କିମ୍ବା ଅମ୍ଭୋଜିନୀ
ଶୋଭା ଯାଇଥିଲା ଜିଣି ;
ବସ୍ତ୍ରାର୍ଦ୍ର ବଦନ     ନରେନ୍ଦ୍ରର ଦେଖି
ସୁନ୍ଦରୀ ହୃଦ ଆଶ୍ୱାସେ
ଶ୍ରୀମୁଖରେ ଦୁଃଖ-     କାହାଣୀ ଏରୂପେ
ତୋଳିଲା ଗଦ୍‌ଗଦ ଭାଷେ,

"ଶୁଣ ଦେବ, ନିଶାନ୍ତେ     ଦିବାକର ସଙ୍ଗେ
ହେଲେ ଏକତ୍ର ରଥେ
ଇନ୍ଦ୍ରାଦେଶେ ନୃତ୍ୟ     ଗୀତ କରି ଯାଉଁ
ଆମ୍ଭେ ସେ ରଥ ଅଗ୍ରତେ,
ବ୍ୟୋମେ ଆମ୍ଭ ପଥେ     ହେଉଥାଇ ଖର-
ତାପ ଖରଦୀଧିତିର
ସୁରଗଜ-ମଦ-     ସୁରଭି ସ୍ୱର୍ଗଦୀ-
ଶୀକର-ଶୀତ-ସମୀର ,
ତିଲୋତ୍ତମା(୧)ଆଦି ରମା,     ଏଣୀ ନେତ୍ରା
ମେନା, ରମ୍ଭା, ରମ୍ଭା-ଉରୁ,
ସୁକେଶିନୀ ମିଶ୍ର-     କେଶୀ, ଯା ସଙ୍ଗୀତ
ଆସ୍ୱାଦେ ନିଜେ ତୁମ୍ବୁରୁ (୨)
ସହଜନ୍ୟା ରୂପ     ଧନ୍ୟା, ପ୍ରେମଶୀଳା
ପ୍ରମ୍ଲୋଚା ସୁମଧ୍ୟମା,
ସୁନ୍ଦରୀ ଅନୁ-     ମ୍ଲୋଚା, ଦ୍ୱିଜରାଜ
ଜିତମୁଖୀ-ଦ୍ୱିଜୋତ୍ତମା,
ବିଶ୍ୱନେତ୍ର-ହୃତ     ଘୃତାଚୀ, ବିଶ୍ୱାଚୀ
ବିଶ୍ୱ-ମନୋମୃଗ-ପାଶ,
ଚନ୍ଦ୍ରଲେଖା ମୂର୍ତ୍ତି,     ଏ ସଖୀ ମୋହର
ଉର୍ବଶୀ, ହେ ମହେଶ୍ୱାସ,
ବଜ୍ରର ଅସାଧ୍ୟ     ତ୍ରିଦିବ ସମ୍ପଦ
ଲୋଭେ ତୀବ୍ରତପସ୍ୱାରୀ
ଶମ୍ଭୁ ଜିଣିବାକୁ     ସୁକୁମାର ଅସ୍ତ୍ର
ଶମ୍ବର ଏ ସୁକୁମାରୀ,
ହେମ-ବଲ୍ଗାଧାରୀ     ଅନୂରୁ ଶ୍ରୀମୁଖୁ (୩)
ବେନିଏ ମେଲିଣି ମାଗି
ଖଃଣି ବଢ଼ାଇ     ଅସିଥିଲୁଁ ଆଜ
ଏ ବନେ ଭ୍ରମିବା ଲାଗି,

(୧) ୧୨ ଜଣ ଅପ୍‌ସରା ସୂର୍ଯ୍ୟଙ୍କ ରଥ ସମ୍ମୁଖରେ ନୃତ୍ୟଗୀତ କରିବା କଥା ପୁରାଣରେ ପ୍ରସିଦ୍ଧ । ଅପସରାଙ୍କ ନାମ, ଯଥା—ତିଲୋତ୍ତମା, ମେନକା, ରମ୍ଭା, ମିଶ୍ରକେଶୀ, ସହଜନ୍ୟା, ପ୍ରମ୍ଲୋଚା, ଅନୁମ୍ଲୋଚା, ଦ୍ୱିଜୋତ୍ତମା, ବିଶ୍ୱାଚୀ; ଚନ୍ଦ୍ରଲେଖା, ଉର୍ବଶୀ (୨) ତୁମ୍ବୁରୁ—ଦେବତାମାନଙ୍କ ସଙ୍ଗୀତାଚାର୍ଯ୍ୟ । ଅନୂରୁ—ସୂର୍ଯ୍ୟସାରଥି ।

ଉଚ୍ଛ୍ୱାସେ ନୀଳ- ବ୍ୟୋମୁ ଅବତରି
ନିଶାଚରଙ୍କ ମଣି ବନ
ନିଃଶଙ୍କେ ବେନିଏ ନିବାଅନେ ଏଥି
କରୁଥିଲୁ ବିଚରଣ ;
ସାହସୀ ଦାନବ- ଯୁବା ଜଣେ ଏହି
କନ୍ଦରୁ ହୋଇ ବାହାର
ବଳେ ଯେନ ସାଉ- ଥିଲ ସଙ୍ଗୀଙ୍କ
ପାଶ ପାଶୁ ଦୁସ୍ତର ;
ପାପାତ୍ମା ମାନେ ପାପଦଣ୍ଡଦାତା
ତୁମ୍ଭଙ୍କୁ ଦେଖି ସେ ଡରେ
କମଳିନୀ-ସଖା ଆଗେ ତମ ପ୍ରାୟେ
ପଳାଇଲ ଦୁଷ୍ଟ ଶରେ ;
ତ୍ରିଦିବ-ଚନ୍ଦ୍ରମା ମୁକ୍ତ କଲ ଆଜ
ଦାରୁଣ ଦାନବ-ରାହୁ-
ମୁଖୁଁ ପିନା, ଯାର ଅଭୟ ଦକ୍ଷିଣା
ଦାନ-ବସ ତୁମ୍ଭ ବାହୁ ;
ହାସେ ମୂର୍ଚ୍ଛା ଭଜି କି ବିକଳେ ଆହା
ଭୂତଳେ ପଡ଼ିଛୁ ବାଳା !
ହୃଦ-କର୍ମ ଯୋଗ୍ୟ ଦେଖ, ଉଠେ ପଡ଼େ
ବକ୍ଷେ ପାରିଜାତମାଳା;
ଅମର ହେଲେହେଁ ଶୁଝିବାକୁ ମୋର
ଶକତ ନାହିଁଟି ପୁଣ,
ଶରଣପଞ୍ଜର ହେ ଦେବ, ତୁମ୍ଭର
ହାତରେ ଏ ଦୟା-ଋଣ ।"
ଅଚେତେ ଅବଶା ସେ ତ୍ରିଦଶ ଯୋଷା
ମଜିଲ କୁସୁମ-ରସ
ଉର୍ବଶୀଙ୍କ ଦେଖି ଅବଶେ ସେ ରୂପେ
ମୁଗ୍ଧ ହେଲେ ପୁରୁରବା ;
ଭାଳିଲେ, "ଅମରେ ଅପଲକ କରି
ଗଢ଼ିଲା ବିଧି କି ସତେ !
ଏ ରୂପ-ନିର୍ଝରୁ ନେତ୍ରେ ରୂପାମୃତ
ପିଇବାକୁ ଉଚିତେ ?"
କଳସେ ନିର୍ଝରୁ ନୀର ଆଣି ସଖୀ
ସିଞ୍ଚାଇ ପଙ୍କଜ-ହାତେ
ଚେତା କରାଇଲେ ଉର୍ବଶୀଙ୍କ ନବ-
ପଲ୍ଲବ-ବିଞ୍ଚଣା ବାତେ,
ଚେତନା-ପ୍ରବେଶେ ଉର୍ବଶୀର କାନ୍ତି
ଝଟକିଲା ଅଭିରାମେ,
ସେ ଚେତନା ଯଥା ଭଜେ ନିର୍ମଳତା
ଯାମିନୀ-ଅନ୍ତିମ-ଯାମେ ; (୧)
ଯାମିନୀର ଅଙ୍ଗ ଉଦ୍ଭାସିଲ, ଆହା,
ଉଇଁ କି ନବ-ଚନ୍ଦ୍ରିକା ?
କିବା ସେ ଯାମିନୀ- ଯୋଗେ ଉଜ୍ଜ୍ୱଳେ କି
ଜଳିଲା ଅନଳ-ଶିଖା ?
ବିଶ୍ୱଦାସଙ୍କର ବିଷମେଷୁ-ଶର
ଶାଳିକ ତ ରକ୍ଷା ନାହିଁ,
ସେ ଶରକୁ ଦେଲ ମାର କି ସେ ଶାନ୍ତ
ବହ୍ନି-ବିଶେଷ ବିଷାଇ ?
"ବରାରୋହା, ନେଇ ଫେଡ଼ ଗ୍ରୀବା, ଦୈତ୍ୟ
ତସ୍କର-ଭୟ ଗଲଣି,
ତୋ ଭାଗ୍ୟେ ସ୍ୱର୍ଗର- ରୂପେ ଅଗ୍ରେ ଉଭା
ପୁରୁରବା ଧନୁଷ୍ପାଣି ;
ମର୍ତ୍ୟଲୋକ-ପାଳ ତ୍ରିଦଶ-ବାନ୍ଧବ
ଚନ୍ଦ୍ରପ୍ରଭ ଚନ୍ଦ୍ରବଂଶୀ;
ତରୁଣୀ-ନଳିନୀ- ବିକାଶି-ତରଣି
ବିପଦ୍ଭୂତ-ଧ୍ୱାନ୍ତ-ଧ୍ୱଂସୀ ।"
ଏ ଆଶ୍ୱାସ-ଗିରେ ସଖୀର ନୟନ
ଫେଡ଼ିଲା ନାକ-ନାଗରୀ,
ମୁଦ୍ରିତ ପଙ୍କଜ ମୋଚେ ପଙ୍କଜିନୀ
ପ୍ରାତେ ଫୁଟାଇଲା ପରି,

(୧) ରାତ୍ରିର ଶେଷ ପ୍ରହରରେ ମନୁଷ୍ୟର ଚୈତନ୍ୟ ଅର୍ଥାତ୍ ବୁଦ୍ଧିବୃତ୍ତି ନିର୍ମଳ ହୁଏ ।

ରାଜମୁଖ ଦେଖି ଲାଜେ ଚନ୍ଦ୍ରମୁଖୀ
ଆଡ଼ କଲା ଚନ୍ଦ୍ରମୁଖ,
ମାନ ଅନାସ୍ଥରେ ମନ ହେଲା ତାର
ମନୋଜ-କ୍ରୀଡ଼ା-କନ୍ଦୁକ ,
ରାଗେ ପାଟଳିତ ହୋଇ ଗଣ୍ଡସ୍ଥଳ
ପୁଲକ ବଢ଼ାଇଲା ପୁଣ,
ମନୋଜ-ଚୂତରେ ପଲ୍ଲବ କଅଁଳ
ଫୁଟିଲା ପରା ପ୍ରସୂନ ?
ଉଚ୍ଛ୍ୱାସର ବ୍ୟାଜେ ଦ୍ରୁତୀଭୂତ ହୃଦ
ଅଜାଡ଼ି ଦେଲା ଅବଳା,
ସୁରଭି ସମୀର ମୂର୍ଚ୍ଛିଲା କି ହେର
ଦକ୍ଷିଣା ସିନ୍ଧୁ-ମେଖଳା ?
ଭାଳିଲ ନୃପତି, "ଭଲ ପ୍ରହରୀ ତ
ଦଇବ ଦେଲା ଭେଟାଇ
ଦୈବର ଥିଲ ଭଲ, ଏଭଳି ପ୍ରହରୀ-
ହସ୍ତରୁ ତ ରକ୍ଷା ନାହିଁ !
ବଳାତ୍କାରେ ଦେହ ମାତ୍ର ବନ୍ଦୀ କରି
ଥିଲା ଦୈତ୍ୟ ଦୁରାଶୟ,
ଦେହ ମୁକୁଳାଇ ପ୍ରହରୀ ହୋଇ ଏ
ଚୋରାଇ ନେଲା ହୃଦୟ !
ଅବା ଏ ଭ୍ରମଇ ମର୍ତ୍ତ୍ୟରେ କପଟ-
ବନିତ-ରୂପେ ଅନଙ୍ଗ,
ବାଗୁରାରେ ଯା'ର ମନକୁ ପଡ଼ଇ
ଅବଳା-ମନ-ବିହଙ୍ଗ ;
ଜାଣିଲି ନିଶ୍ଚେ ସେ ଦୈତ୍ୟ ଆସି ମତେ
ହରିଥିଲା ଶୁଭକ୍ଷଣେ,
ସେ ବିପଦ ଯୋଗୁଁ ଏ ରୂପ-ସମ୍ପଦ
ଦେଖିଲି ସିନା ନୟନେ !
ନିଜ ସ୍ଥଳୀ ବୋଲି ସ୍ୱର୍ଗ ଟେକେ ସିନା
ବଡ଼ାନ୍ତି ଅମରଗଣ,
ଏ ମୂର୍ତ୍ତିକି ବଳି ଉତ୍ସଙ୍ଗେ ସ୍ୱର୍ଗର
ସ୍ୱର୍ଗ ଏ ମର୍ତ୍ତ୍ୟଭୁବନ !"

ପ୍ରେମାବେଶେ ରାଣୀ ଏହିରୂପେ ଭଣି
ଅପାଙ୍ଗେ ନୃପଙ୍କୁ ସ୍ପର୍ଶି
ଲଜ୍ଜାବେଶେ ଆଣ୍ଠୁ- ଥାଇ ସେ ଗୃହିଣୀ
ମୁହୁର୍ମୁହୁଃ ବାହୁଡ଼ାଇ ;
ସାଧୁବାଦ ନୃପେ ଦେବା ଲାଗି ଧନୀ
ମନାସିଲା ବାରମ୍ବାର,
ମାତ୍ର ସାଧୁବାଦ ହୃଦୁଁ ଉଠି ତାର
ରହିଲା ଲାଗି ଗଳାର ;
ମନ-ପ୍ରାଣ-ଦାନ- ସ୍ଥଳେ ଶିଷ୍ଟାଚାର
କି ସ୍ଥିର ଅବା ସମ୍ମତି ?
ରତ୍ନ ଦେଇ ପୁଣି ବରାଟକ ଦାନେ
ବଳେ କି କାହାର ମତି ?
ସାରଥି ଏ କାଳେ ବନେ ବନେ ଭ୍ରମି
ରାଜାଙ୍କ ପାଇ ସନ୍ଧାନ
ଶ୍ରୀ ସମ୍ମୁଖରେ ଆଣି ରଥ କଲା ଜଣା
ହେବା ଜାଣି ଅବସାନ ;
ଦିଗ୍‌ବଳୟ-ପାରେ ରବିରଥ ଏଣେ
ନେବାରୁ ବାହୁ ଅନ୍ତର,
ଅଭିନବ ମୂର୍ତ୍ତି ପ୍ରକଟିଲେ ଗିରି-
ଚକ୍ରବର୍ତ୍ତୀ ଗୌରୀଗୁରୁ ;
ସନ୍ଧ୍ୟାରାଗ ଅର୍ଦ୍ଧ- ଅଙ୍ଗେ, ଅର୍ଦ୍ଧଅଙ୍ଗେ
ଜ୍ୟୋତ୍ସ୍ନା-ପ୍ରତିବିମ୍ବ ଲଭି
ପ୍ରତିଶୃଙ୍ଗ ଚଢ଼ି- ଦିଲା ମାହେଶ୍ୱରୀ
ଅର୍ଦ୍ଧନାରୀଶ୍ୱର ଛବି ,
ଅସି-ଶ୍ୟାମ-ବ୍ୟୋମ ଭିତ୍ତିରେ ଏ ରୂପ
ଲେଖି ସର୍ବେ ଭକ୍ତିଭରେ
ଗିରିଜା-ଗିରିଶ- ମୂର୍ତ୍ତି ମଣି ତାକୁ
ପ୍ରଣମିଲେ ଯୋଡ଼ିକରେ,
ବନସ୍ପତି-ଡାଳେ ପକ୍ଷୀ ବୃନ୍ଦ ଦେଖି
ହୃଦୟେ ହେଲା ପ୍ରଶାନ୍ତ,
ଦିନର ଚରିତ- କଳ୍ପନା ଲାଗି କି
ବସିଲା ପକ୍ଷି-ସମିତି ?

ଗାଇଲେ ସ୍ୱାଗତ    କଳକଣ୍ଠେ ପ୍ରେମ
    ଅନୁକୂଳା ରଜନୀକି
ନୀରନ୍ଧ୍ର ଝାଟକ-    କୁଞ୍ଜେ ମଦକଳ
    କଳକଣ୍ଠ କଳକଣ୍ଠୀ,
ପ୍ରବେଶିଲେ ଶୈଳେ    ମୃଦୁପଦେ ଆସି
    ଶକ୍ତି-ଗୃହସ୍ଥ-ବିଳାସିନୀ
ତାପସୀମନ୍ତ୍ରଣା-    ସନ୍ଧ୍ୟା ପଟ୍ଟେ ପଟ୍ଟେ
    ତାରାହାର ନିଶୀଥିନୀ,
ସ୍ମିତଶୀଳା ଶତ-    ଲେଖା ଅଗ୍ରେ ଦେଖି
    ଉପସ୍ଥିତ ସଭାବଶ
ସ୍ୱର୍ଗେ ବାହୁଡ଼ିବା    ଲାଗି ହେଲା ବ୍ୟଗ୍ର
    ସଙ୍ଗେ ଯେନ ସହଚରୀ;
ରଥେ ରତ୍ନ ବେନି    ବାଳୀକ ବସାଇ
    ସ୍ୱହସ୍ତେ ସେ ରଥ ବାହି,
ଦାନବ-ଅଗମ୍ୟ    ହେମକୂଟ ଶୈଳେ
    ଦେଲେ ରାଜା ପହଞ୍ଚାଇ ;
ସଙ୍କଳ୍ପ-ରମଣୀ-    ସଙ୍ଗେ ଗନ୍ଧୋଲ୍ଲାସେ
    ବାହୁଲେ ନୃମଣି ରଥ,
ସଙ୍କଳ୍ପ-ଘୋଡ଼ାରେ    ଦଉଡ଼ିଲା ସଙ୍ଗେ
    ରଙ୍ଗେ ତାଙ୍କ ମନୋରଥ ;
ପଥେ ରଥଘୋଷେ    ଭେଟିବାକୁ ନଇ
    କ୍ଷୁଆରେ ଖୁଆ ପ୍ରିୟାର,
ସେ ସ୍ପର୍ଶ ମଣିଲେ    ନରେଶ ଶ୍ରମର
    କୋଟିଗୁଣ ପୁରସ୍କାର,
ନୈଦଭଙ୍ଗୀ, ସ୍ମିତ,    ସ୍ପର୍ଶ ଆଦି ମୁଦ୍ରା
    ହୁଏ ଯାହା ପ୍ରଚଳନ
ପ୍ରେମ-ବିପଣୀରେ,    ଚିତ୍ତରୂପ-ଗ୍ରାହକ
    ତାର ସିନା ପ୍ରେମିଜନ !
ମୋହନ ପରଶେ    ନରେନ୍ଦ୍ରର ବପୁ
    ସ୍ୱେଦେ ହେଲା ଜରଜର,
ସଞ୍ଚରିଲା ପ୍ରଭ-    ଶିରେ ପ୍ରେମର
    ବୈଦ୍ୟୁତ-ସ୍ରୋତ ପ୍ରଖର,

ମୋହନ ପରଶେ    ଜଗତୀର ମନ
    ତରଳି ଗଲା ନିତାନ୍ତ,
ତରଳିଲା ଗିରି    ତଟେ ଯେଉଁକାଳେ
    ଯଥା ମଣି ଚନ୍ଦ୍ରକାନ୍ତ ;
କ୍ରମେ ନଭେ ଶଶୀ    ଉଠନ୍ତେ କନ୍ଦରେ
    ତମସ୍ତୋମ ପଶିଗଲା,
ସହସ୍ର-ସ୍ଫଟିକ-    ଶୃଙ୍ଗେ ଚମକିଲା
    ଜ୍ୟୋତ୍ସ୍ନାଜାଳ-ଝଲଝଲ ;
ଶଶିକରଜାଳେ    ଭରିଲା ଶଇଳେ
    ଶଶୀମଣି ପ୍ରେମାନନ୍ଦେ,
କନ୍ଦଳିଲା ପୁଣି    ଚନ୍ଦ୍ରିକା କି ସେହି
    ଶଶିମଣି-ମକରନ୍ଦେ !
କଳ୍ପପାଦପର    ସ୍ୱର୍ଣ-ଶାଖାପୁଞ୍ଜ
    ମୁକ୍ତାଗୁଚ୍ଛେ ଯଥା ଶୋଭେ
ମଞ୍ଜୁଳ ହସିଲା    ପ୍ରଭ ଶୃଙ୍ଗ ସେହି
    ଉଜ୍ଜ୍ୱଳ ଜ୍ୟୋତିଃପ୍ରାଚୁର୍ଯ୍ୟେ ;
ଚନ୍ଦ୍ରିକା ସ୍ପନ୍ଦନେ    ଗିରୀନ୍ଦ୍ରର ଶୋଭା
    ଅପୂର୍ବ ଏ ଅନୁଭବ,
ସ୍ମରିଲେ ସ୍ୱଚ୍ଛନ୍ଦ-    କାଳୀନ ମନ୍ଦର-
    କ୍ଷୁଭିତ-କ୍ଷୀରୋଦ ଛବି,
ହେମକୂଟ ଗିରି-    ନିତମ୍ବେ ପ୍ରବେଶି
    ସ୍ୱପ୍ନରେ ଯିବା ସକାଶେ,
ଯୋଜିଲେ ମେଳଣି    ବେନି ନିତମ୍ବସ୍ଥ
    ବନସ୍ଥ-ମଧୁର-ଭାଷେ ;
ବନସ୍ଥ-ମଧୁର-    ଭାଷେ ସୁନ୍ଦରୀଙ୍କି
    ମେଲାଣି ଦେଲେ ରାଜନ,
ମାତ୍ର ପ୍ରିୟା ପଟ୍ଟେ    ପଟ୍ଟେ ଦଉଡ଼ିଲା
    ପ୍ରେମୋଚ୍ଛଳ ଯୁବା ମନ ;
ଉପୁଜାଉଥିଲା    ଏକାଳେ ବିରହ-
    ବିରହଣୀ-ବର୍ଣ୍ଣଜ୍ୱର
କୌମୁଦୀ-ମୁଦିତ-    ଚକୋର-ଚକୋରୀ-
    ସ୍ୱର ହର୍ଷ-ବିକସ୍ୱର ;

ଯାଉଁ ଯାଉଁ ମୁଖ ପଦ୍ମକୁ ବୁଲଇ
କାନ୍ତକୁ ମିଳନ୍ଦ-ମାଳା—
ରମ୍ୟ ନେବେ ବନେ ଗୃହକୁ ଆସିଲା ଖେଳା-
ଖଞ୍ଜନ-ଲୋଚନା ବାଳା ,
ଶୃଙ୍ଗେ ଉଠି ଉଠି ଉର୍ବଶୀର ମଠ
ଦେଖି ଡାକିବାରୁ ସଖୀ
କଣ୍ଟାବନେ ଲାଗି ପଣତ ବାଳାର
ସହସା ଗଲା ଅଟକି,
ବିଳମ୍ବର ବ୍ୟାଜ ଲୋଡ଼ନ୍ତି ଏପରି
ଘାଇ ହୋଇ କାମ-ବାଣେ
କାମିନୀଏ ସବୁ ଜନେ; ଏ କଥା ତ
ପ୍ରସିଦ୍ଧ ପ୍ରୀତି-ପୁରାଣେ,

"ରହ, ଅଟକିଲି କଣ୍ଟାରେ ବସନ"
ବୋଲିବାରୁ ଉରୁବଶୀ
"ଅଟକିବ, ଜାଣି- ଥିଲି, ଛୁଟିକଣ,"
ସଜନୀ ବୋଇଲା ହସି,
ଶୃଙ୍ଗୁ ଉଠି ସଖୀ- ସଙ୍ଗେ ଶଶିମୁଖୀ
ମିଶିଗଲା ନଭସ୍ଥଳେ,
ଏକଦୃଷ୍ଟେ ତାର ପ୍ରସ୍ଥାଣ ଦେଖିଲେ
ନରେନ୍ଦ୍ର ନିରିମେଖରେ,
ରାଜେନ୍ଦ୍ରଙ୍କ ମନ ଉଠାଇଣ ଥିଲା
ଊର୍ଦ୍ଧ୍ୱେ ଉଠି ସୁରବାଳୀ,
ଛିନ୍ନ ମୃଣାଳରୁ ଅଗ୍ରେ ସୂତ୍ର ଯଥା
ଉଠାଇ ଊର୍ଦ୍ଧ୍ୱେ ମରାଳୀ ।



# ଦ ର ବା ର

# ଦରବାର

ଉତ୍କଳର ପୂର୍ବକୀର୍ତ୍ତି-ସ୍ମୃତି-ପୂତ
ବାରବାଟୀ ଆଜ ସାଜେ ସଜ୍ଜୀଭୂତ,
ଐତିହାସିକ ଏ ଦୁର୍ଗ ବାରବାଟୀ,
ବୀରରକ୍ତସିକ୍ତେ ଗଢ଼ା ଯାର ମାଟି,
ବାରବାଟୀ ଯହିଁ ମନ ସ୍ମୃତି-ପୋତେ,
ବାହିଯାଏ ଅତୀତଲୋକେ କାଳସ୍ରୋତେ,
କାଳେ କାଳେ କେତେ ଦେଖି ଯେ ଆସିଲା
ନଶ୍ୱର ନରର ଗରିମାର ଲୀଳା !
ପୁଣି ନୂଆ ଲୀଳା ଲଗିଛି ଏଠାରେ,
ପୁଣି ମତ୍ତ ନରେ ନଶ୍ୱର ବ୍ୟାପାରେ,
ପୁଣି ଦେଖ ଆଜ ଗରିମାର ଘଟା,
ଲୁଚି ବସି କାଳ କରେ ଯାକୁ ଥଟ୍ଟା,
ଦେଖିବାକୁ ଏହି ରାଜସି ଉତ୍ସବ
ଛୁଟନ୍ତି ଦୁର୍ଗାଙ୍ଗନେ ଅସଂଖ୍ୟ ମାନବ,
କାଞ୍ଚି-ଅଭିଯାନେ ଯେ ଦୁର୍ଗ-ପ୍ରାଚୀର
ବାଦ୍ୟନାଦେ ଦେଇଥିଲା ପ୍ରତିଗିର,
ଜରାଜୀର୍ଣ୍ଣ ବେଶେ ଦେଖାଇ ସେ ଆଜ
ନବ୍ୟ-ଉତ୍କଳର ଏ ସଭ୍ୟସମାଜ,
ପୂର୍ବ ନରପତି-ଶ୍ରେଷ୍ଠ-ଆତ୍ମାମାନ
ବ୍ୟୋମେ ବ୍ୟୋମଯାନେ ହୋଇ ଅଧିଷ୍ଠାନ
ଦେଖନ୍ତି ସଖେଦେ ତାଙ୍କର ଦୁର୍ଗସ୍ଥ
ଉତ୍କଳର ଏହି ଦଶାବିପର୍ଯ୍ୟସ୍ତ, (୧)
ଏହି ଶିଳାବନ୍ଧ ଯାଙ୍କର କୀରତି,
ପୁଣ୍ୟଶ୍ଳୋକ ମରକତ ମହୀପତି,
ଦେଖୁ ନାହାନ୍ତି କି ମନେ ବହି ଲାଜ
କି ଥିଲା ଏ ରାଜ୍ୟ, କି ହୋଇଛି ଆଜ !
ଇନ୍ଦ୍ରନୀଳ-ଶିର ଚୋଳ ନଭସ୍ତଳେ,
ଏ ଦୃଶ୍ୟ ଦେଖନ୍ତି ଶାଶ୍ୱତ ଅଚଳେ,
ମଞ୍ଜରମା-କାଞ୍ଚୀକେମା-ସ୍ନାନେ ଶୁଭ୍ରା, (୨)
କାଞ୍ଚୀ-କେମା-ବେଣୀ-ପ୍ରଭ-ବେଣୀଯୁକ୍ତା,
ଦୃଷଦ୍ବତୀରୂପେ ଜର୍ଜର ମୁଖରା, (୩)
ସୈକତମାରୂପେ ନୀଳନୀରମ୍ବରା,
ଠାବେ ଠାବେ ଦ୍ୱୀପ-ଶୈଳ-ଦୀପଦଣ୍ଡୀ-
ପୁଞ୍ଜେ ବକ୍ଷ ଯାର ହୋଇଅଛି ମଣ୍ଡି,
ପ୍ରବାହ-ବିହାର-ଅରଣ୍ୟ-ଦନ୍ତୀର
ମଦେ ଚନ୍ଦ୍ରାଙ୍କିତ ଯାର ନୀଳ ନୀର,
ଅତ୍ରେ ସେହି ନଦୀ ବହୁଅଛି ରଙ୍ଗେ
ଏ ରଙ୍ଗ ନିରେଖି ତରଙ୍ଗ ଭ୍ରୂଭଙ୍ଗେ ।
ଏକ ପରେ ଏକ ରାଜା, ମହାରାଜା,
ଆସନ୍ତି ବଜାଇ ନାନାରଙ୍ଗେ ବାଜା,
ଉଡ଼ାଇ ପତାକା, ଝଟକାଇ ବାସ,
ପାଏକ-ଭୁହାଟେ ମନେ ଲଗେ ତ୍ରାସ,
ଆସ୍କନ୍ଦେ ଆସନ୍ତି ଅଶ୍ୱ ମାଳମାଳ,
ଶିରମୁଣ୍ଡି କେତେ ଆସନ୍ତି ଶୁଣ୍ଡାଳ,
ଯାନ ବାହନରେ ଲଗିଅଛି ଧୂମ୍,
ଫୁଟୁଅଛି ତୋପ ଗୁଡ଼ୁମ୍ ଗୁଡ଼ୁମ୍ ।
ଚନ୍ଦ୍ରାତପ ତଳେ ବିରାଜଇ ମଞ୍ଚ
ମହାର୍ଘ ବସନ-ଭୂଷଣେ ସୁସଞ୍ଚ,

(୧) ଯେଉଁମାନେ ଭୁବନେଶ୍ୱର, କୋଣାର୍କ ପ୍ରଭୃତିରେ ପ୍ରାଚୀନ କୀର୍ତ୍ତିରାଜି ସ୍ୱଚକ୍ଷୁରେ ଦେଖିଅଛନ୍ତି, ପ୍ରାଚୀନ ଏବଂ ଆଧୁନିକ ଉତ୍କଳର କିପରି ପ୍ରଭେଦ ତାହା ସେମାନେ ଅବଶ୍ୟ ହୃଦୟଙ୍ଗମ କରିଥିବେ । (୨) କାଞ୍ଚୀକେମା — ପଦ୍ମାବତୀ ପୁରୁଷୋତ୍ତମ ଦେବଙ୍କ ମହିଷୀ । (୩) ସମ୍ବଲପୁର, ସୋନପୁର ଏବଂ ବୌଦ୍ଧ ରାଜ୍ୟରେ ମହାନଦୀର ଦୃଷଦ୍ବତୀରୂପ ଦେଖିଲେ ଏହି ଉକ୍ତିର ଯାଥାର୍ଥ୍ୟ ଉପଲବ୍ଧ ହୋଇପାରିବ । (୪) ହସ୍ତିଗଣ୍ଡନିଃସୃତ ମଦ ତେଲାକ୍ତ ହେବାରୁ ସେଥିର ସଂଯୋଗରେ ନଦୀର ନୀଳ ପ୍ରବାହ ମୟୂରଚନ୍ଦ୍ରକରେ ଆଚ୍ଛନ୍ନ ପ୍ରାୟ ହୁଏ ।

ସମ୍ମାନଲୀ ଘଟେ ହୋଇଛି ମଣ୍ଡନ;
ଅଗ୍ରେ ଧାଡ଼ି ଧାଡ଼ି ରଚିଛି ବେଞ୍ଚାସନ,
ନାରବେ ଗରବେ ସ୍ତବରମାଳକା
ଦେଖାନ୍ତି ଭାସ୍ୱର-ଅସ୍ତ୍ର-ଦୀପିକା,
ଉପାଧି-ଜଳଧିରେ ଉପାଧି-ଜନ୍ତୁ
ଉପାଧିରେ ଆଜ କରନ୍ତେ ଜଡ଼ତ୍ୱ,
ପଦଟିଏ ଦେବେ କଣ୍ଠ-ରସାୟନ,
ପଦ-ଅନୁରୂପେ ବସନ, ଭୂଷଣ
ଜଙ୍ଗ-ଭକ୍ଷ୍ୟ-କ୍ଷୟଶୀଳ ତଲବାର,
ପୋଷାକ-ଚୂଡ଼ିଆମୂଷାର ଆହାର,
ମ୍ୟୋତ୍ତମାଳ ଅସ୍ଥି-ଢକାର କେବଳ,
ଜଳକା ନୟନେ ଦିଶେ ଯା ଉଜ୍ଜ୍ୱଳ,
ଶିର ପେଞ୍ଚ ଯାହା କଣ୍ଟକବନ ଅନ୍ତେ
ଉରଲେ କରକା ପ୍ରାପ୍ୟେ କାଳଦନ୍ତେ,
ପଦାର୍ଥ-ସମ୍ପର୍କ-ଶୂନ୍ୟ ନୂଆ ପଦ
ସଙ୍ଗେ ମିଳିବ ଏ ନୂଆ ଉରିଚ୍ଛଦ !
ଏହି ଖ୍ୟାତି ଏହି ଅକାଙ୍କ୍ଷିତକର
ସମ୍ମାନ ସକାଶେ ଏତେ ବ୍ୟସ୍ତ ନର !
ହା ଧିକ ! ଏ ଭୁଷସାର ପଦପାଇଁ (୧)
ଛଡ଼ାଉଛନ୍ତି ଲୋକେ ସମ୍ପଦ ଉଡ଼ାଇ !
ଏଥିପାଇଁ ଲୋକେ ଦିଅନ୍ତି କି ଭଳ
ମନୁଷ୍ୟତା ହୀନ-ସେବା ପୀଠେ ବଳି !
ଉପାଧି-ଲାଳସା-ରୂପୀ ମହାବ୍ୟାଧି
ହୋଇଛି ସାମ୍ପ୍ରତିକ ଧରମର ବାଧି !
ଅସାର ଝୁଟକ ହୋଇଅଛି ସାର,
ଭଣ୍ଡତାର ବଢ଼ି ଯାଇଛି ପ୍ରସାର !
କରୁଛନ୍ତି ଲୋକେ ଉପାଧି-ଆଶାରେ
ମନୁଷ୍ୟର ପୂଜା ଷୋଡ଼ଶୋପଚାରେ,
ମନୁଷ୍ୟ ତୋଷିବା ପାଇଁ ସହି କଷ୍ଟ
ମନୁଷ୍ୟ-ପଣରୁ ହେଉଛନ୍ତି ଭ୍ରଷ୍ଟ,
ପଦପାଇଁ ଲୋକେ ହୋଇ ଲାଳାୟିତ
ତୋଷିବାକୁ ବ୍ୟସ୍ତ ମନୁଷ୍ୟର ଚିତ୍ତ,
ଭ୍ରମନ୍ତି ମନୁଷ୍ୟ-ପାଦ ଅନୁସରି
ସେହି ମନୁଷ୍ୟର ପୋଷା ଶ୍ୱାନପରି,
ମନୁଷ୍ୟର ସ୍ମିତ, ମନୁଷ୍ୟ ଭ୍ରୂକୁଟୀ
ହୋଇଛି ଜୀବନ ମରଣର କୁଟୀ,
ମାନୁଷୀ-ଅର୍ଚ୍ଚନା ଲାଗି ଅଗଣନ
ରଚନ୍ତି ଯତନେ ପୁଷ୍ପ-ଉପବନ,
ଦେବାପାଇଁ ତହୁଁ ପୁଷ୍ପ ନେଲେ କେହି;
ମାଳୀଏ ମରନ୍ତି ଜରିମାନା ଦେଇ ;
ଯବନ ଶ୍ରୋତ୍ରିୟେ ନ କରି ଗୋଦାନ,
ଇତରେ ଦିଅନ୍ତି କିଣି ଦ୍ରବ୍ୟ ଶ୍ୱାନ;
ତପ୍ତ ବୈତରଣୀ ହେବେ ପରା ପାର
ସେହି କୁକୁରର ହୋଇ ପୁଚ୍ଛଧାରୀ ?
ଧିକ ଧିକ, ଆହା ! ଜାଣି ଶୁଣି ନରେ
ଶାଶ୍ୱତକୁ ଛାଡ଼ି ଆସକ୍ତ ନଶ୍ୱରେ !
ଚିଦାକାଶ-ପକ୍ଷୀ ଜାଣି ଶୁଣି ମହା-
ଭ୍ରମ-ଜାଲେ ପଡ଼ି ହୁଅନ୍ତି ଆମ୍ଭହା !
ଜାଣି ଶୁଣି ସିନା ବଣିକର ପାଣ୍ଡି
କରନ୍ତି ଭେଳକି, ହୁଡ଼ି ସୁନା ଖଣ୍ଡି !
ସନ୍ତ୍ରାମ୍ଭକ ହୁଡ଼ି ହୁଅନ୍ତି ସକାଳେ
ନଖଶିଖ (୨) ଯାର ରାଜସ ଗରଳେ,
ନଖଶଖ ଯାର ଥିବାରୁ ଅଜ୍ଞାନ
ଅବସ୍ଥାରେ ହୋଇଅଛି ବସ୍ତୁଜ୍ଞାନ ।
ମନୁଷ୍ୟ ପୂଜାରେ ଯେତେ କାଳ ଯାଏ,
ଆତ୍ମତତ୍ତ୍ୱେ ଯେବେ ସେହିଥିରୁ ଖାଏ
ସାରସାର ବୁଝି ହେଉଥାନ୍ତେ ଲୋକେ
ଓଲ୍ହାଇ ଆସନ୍ତା ସ୍ୱର୍ଗ ମର୍ତ୍ତ୍ୟ ଲୋକେ,
ନିରୁପାଧି-ସତ୍ତ୍ୱ-ପୀୟୂଷ ଆସ୍ୱାଦ
ସ୍ୱପ୍ନେ କେହି ଲୋଡ଼ନ୍ତେ ନ ଥାନ୍ତେ ଉପାଧି ;

---

(୧) ଭୁଷସାର—ପୋଲ । ପାରଲୌକିକ ଦୃଷ୍ଟିରେ ଭୁଷସାର ସାଂସାରିକ ଦୃଷ୍ଟିରେ ରାଜଦତ୍ତ ଉପାଧି ଏବଂ ରାଜଦତ୍ତ ସମ୍ମାନ ସବୁଆ ତୃଣୀୟ ଏବଂ ଗୌରବାବହ ଅଟେ ।

(୨) ନଖଶିଖ—ଆପାଦମସ୍ତକ ।

ହେଉଥାନ୍ତା ସିନା ଅକ୍ଳେଶେ ଅର୍ଜନ
ଏ ମର୍ତ୍ତ୍ୟ ଜୀବନେ ଅମର ଜୀବନ,
ହେଉଥାନ୍ତା, ଆହା, ମର୍ତ୍ତ୍ୟ ସ୍ୱର୍ଗ ଗେହ,
ଦେବତା ମାନବ ଏହି ମର୍ତ୍ତ୍ୟଦେହେ !
ମଞ୍ଚ ପାଶେ କମ୍ପା ଏତେ ଲୋକ ଠିଆ ?
ଲାଗିଅଛି ପରା ଆସନ କଜିଆ !
ନିଜ ଅହମିକା-ସଦୃଶ ଆସନ
ନ ଦେଖି ଥୋକାଏ ମହା କ୍ଷୁଣ୍ଣମନ ,
ଉପାଧିକ ରାଜା ଉଚ୍ଚାସନେ ବସି
କ୍ଷୁଣ୍ଣ ହୋଇଛନ୍ତି ରାଜା ମଣ୍ଡଳୀସ ;
ଆସନ ସକାଶେ ବୃଦ୍ଧେ ଏତେ ବାଇ !
ବାଳକେ ଯେସନେ କ୍ରୀଡ଼ନକ ପାଇଁ ।
ଲଡ଼ୁଲାଗି ଯଥା ଲୁହୁଥାନ୍ତି ପିଲା,
କେତେ ବୃଦ୍ଧେ କରୁଛନ୍ତି ବାଲଲୀଳା—
କେହୁବୋଲେ, "ମୁହିଁ ଉଚ୍ଚପଦଧାରୀ,
ଉଚ୍ଚ ଆସନର ମୁହିଁ ଅଧିକାରୀ !"
ଆନ ବୋଲେ, "ମୁହିଁ ଉଚ୍ଚ ବଂଶଧର,
ତୁ ସିନା ଅଟେଇ ଧନର ଗୁମର !
ବଡ଼ ସିନା ତୁହି ରାଜ-ଦତ୍ତ ମାନେ,
ମାହ ତୋର ଜାଣି ନାହିଁ ଭୂମି ମାଣେ !
ମୋତେ କେ ନ ଜାଣେ ଏ ମନ୍ତ୍ରୀମଣ୍ଡଳେ ?
ମୋର ଏ ଆସନ କମ୍ପା ହେଲା ତଳେ ?"
ଆନ ବୋଲେ, "ମୁହିଁ ପାଇକର ନାହା,
ବପଦେ ରାଜାର ଆଶ୍ରା ମୋର ବାହା,
ଏହି ହସ୍ତେ କେତେ ମସ୍ତକ ଗଡ଼ାଇ,
କେତେ କେତେ ଗ୍ରାମ ଦେଇଛି ପୋଡ଼ାଇ,
ସଂଗ୍ରାମେ ପଦକ ଦେଲେ ମୋତେ ରାଣୀ,
ମୋହଠାରୁ ପୁଣି କିଏ ବଡ଼ ମାନୀ ?"
ଆନ ବୋଲେ, "ମୁହିଁ ଅଟଇ ପୁଲିସ,
ଜନା ମେଘେ ସୃଜି ପାରଇ କୁଳିଶ,
ନ ଦ୍ରୋଷୀ, କଅବା ଦୋଷଶୂନ୍ୟ ନର
ମୋ ପ୍ରତାପେ ରାଜ୍ୟେ ସର୍ବେ ଥରହର,
କବା ଦୁଃଖୀ ରଙ୍କୀ କ ଦୋଷିଷତଏ
ଲାଲ-ପଗଡ଼ିକି ନ ଡରନ୍ତି କିଏ ?
ମୋତେ ଦେଖି କିଏ ନ ଭଜେ ଧର୍ମକୁ ?
କିଏ ନ ଡରଇ ହରପଣ ଚର୍ମକୁ ?
ରାଜାଙ୍କ ଅଟଇ ବିଶ୍ୱାସ ମୋଠାରେ,
ମୋହଠାରୁ କିଏ ବଡ଼ ଦରବାରେ ?"
ଆନ କହେ ମୁହିଁ, "ନଗର-ରକ୍ଷିଣୀ-
ସଭାର ସଦସ୍ୟ-ଦଳର ଅଗ୍ରଣୀ,
ଲାଟଙ୍କର ହେଲେ ଶୁଭ ଆଗମନ
ସର୍ବାଗ୍ରେ କରନ୍ତି ମୋ ପୂଜା ଗ୍ରହଣ,
ମୋର ହସ୍ତେ ନ୍ୟସ୍ତ ନଗରର ସ୍ୱତ୍ୱ,
ସମ୍ମାନେ ମୋହର ସର୍ବୋପରେ ଦାବୀ ।"
କେହୁ ବୋଲେ ମୁହିଁ ଅଟଇ ଜମିଦାର,
ଜଣା ଲୋକଙ୍କର ଉଲ୍ଲୁଭର କୋହି
ଲଭିଅଛି ମୁହିଁ ବଳେ ଛଳେ କଳେ,
ମୋତେ ପୁଣି କିଏ ବସାଇବ ତଳେ ?"
ଲୋଭୀ ହେବେ ଯଥା ସ୍ୱମର୍ଯ୍ୟାଦା ଲାଗି
ପ୍ରଜାବାସି-ପ୍ରତେ କହେ ଦେବା ଲାଗି,
କେହୁ ଅବା ନିଜ ଦୁଃଖରୁ ଦୋହାଇ
ପ୍ରଜାବାସି-ଦୁଃଖ ଗାଇ ହେଉଥାଇ,
କହେ, "ନ୍ୟାୟ ନାହିଁ ଏହି ଦରବାରେ,
ତା ଆସନ ତୁମ୍ଭ ଆଗେ କି ବିଚାରେ ?"
ସଭାପତିଙ୍କର ଘଣ୍ଟଣୀ-ଜଙ୍ଗର
ବୋଲି କେହି ହେଉଛନ୍ତି ଫରଫର,
ଗଣ୍ଡୁଡ଼ି ଉପରେ ଦେଖାନ୍ତି ପ୍ରତାପ,
ସେ ଯେଣୁ ଅଟନ୍ତି ଶିବଙ୍କର ସାପ !
ସବୁଦେଶେ, ସବୁକାଳେ ଉଦ୍ଧ୍ୱମୁଦ୍ଦାଁ
ହୋଇଥାନ୍ତି ସିନା ଖାସ୍ତୁମ୍-ଖୁମ୍ୟା ।
ଲାଗିଛି ଏରୂପେ ଅହମିକା-ଖେଳ,
ଅହମିକା-ସିନ୍ଧୁ ହୋଇଛି ଉଦ୍‌ବେଳ,
ଅହମିକା-ବାୟୁ-ଗ୍ରସ୍ତ ହୋଇ ବ୍ୟସ୍ତେ
'ମୁଁ' 'ମୁଁ' କରି, ଆହା, ମରନ୍ତି ସମସ୍ତେ !

ଘୋଷିବାରୁ ଘୋର ରକ୍ତୋତ୍ପୀ ବ୍ୟାଧି
ଉପାଧିରେ ବୃଦ୍ଧ ଲୋଡ଼ନ୍ତି ଉପାଧି !
'ମୁଁ' ଭବେ ଉନ୍ନତ ଅମର ଚିର-ଜଣା ।
ଦେଖାଉଛନ୍ତି ଭବେ ଅସଂଖ୍ୟ ପେଖନା,
ଲଭଇ ଲଜ୍ଜିନା, ଆସ୍ଥା, କେତେ ରୂପେ,
ପଡ଼ି ଅହମିକା-ରୂପୀ ଅନ୍ଧକୂପେ !
ପିନ୍ଧି ନୂଆ ଚକଚକିଆ ପୋଷାକ
ଥୋକାଏ ବହନ୍ତି ମନେ ବଡ଼ ଜାଁକ ,
ଭ୍ରମନ୍ତି ଚୌଦିଗେ ଅଙ୍ଗଭଙ୍ଗୀ କରି
ଅହମିକା-ବନେ ପ୍ରଜାପତି ପରି,
ଜମ୍ପା ଘନକାଳେ ଉଚେ ବର୍ହ ତୋଳି
କେକୀ ନାଚେ ଯଥା ଦୋହଲି ଦୋହଲି ।
ସାହେବି-ପୋଷାକ କେହୁ ଅବା ପିନ୍ଧି
ସସ୍ମିତେ କହଇ ବଙ୍କା ବଙ୍କା ହିନ୍ଦୀ,
ଥରେ ଅରେ କାସି ସାହେବି-ଠାଣିରେ
ପୋଛୁଇ ବଦନ ରୁମାଲ-କାନିରେ,
ପ୍ରକଟାଇ ପୂରା ସାହେବି-ପଣିଆ
ଫରକଟା ଗୋଡ଼େ ହୁଏ ପୁଣି ଠିଆ !
ମିଶି ପଶିଥିବା ହସିନୀ ଯେସନ
କରୁଥାଇ ଦନ୍ତ୍ୟ ବର୍ଣ୍ଣ ଉଚ୍ଚାରଣ,
କୁଣ୍ଡଳ ଦେଖାଇ ଦେବା ଅଭିପ୍ରାୟେ
କୁଣ୍ଡଳୀ ଯେସନେ ମୁଣ୍ଡକୁ ହଲାଏ,
ସମସ୍ତ ଜାଣିବା ମିଛ ବାହାନାରେ
ଘଣ୍ଟି କାଢ଼ି କେହୁ ଦେଖାଏ ବାହାରେ ।
ନାନା ଅଳଙ୍କାର କରେ ଝଲମଲ,
ନବ୍ୟଘଡ଼ି ଚେନ, ପ୍ରାଚୀନ କୁଣ୍ଡଳ,
ହୃଦେ ଲମ୍ବମାନ ସୁବର୍ଣ୍ଣ-ଚକମା,
ନାସିକା-ଶୋଭନ ସୁବର୍ଣ୍ଣ ଚଷମା,
କେତେ ରଙ୍ଗ କରୁଛନ୍ତି କେତେ ଜଣ,
କହିଲେ ନ ସରେ ନର-ଫୁଲ୍ଲପଣ,
ଲାଗିଅଛି ପ୍ରତିଜନେ ଯେସନ୍ତେ ନିଶା ,
କି ସ୍ଥିର କଥାରେ କି ଘୋର ଜିଗୀଷା ।

ଅକିଞ୍ଚନ କେହୁ କହେ ହାତ ଯୋଡ଼ି,
"ବୃଥା ଲଗ କପାଁ କାମୋଡ଼ା କାମୋଡ଼ି ?
ଅଳ୍ପ ଦିନ ସ୍ଥିତି ପାଇଁ ଭବ-ତଟେ,
ଏଥିଲଗି କପାଁ ଏତେ କଷ୍ଟାକଷ୍ଟି ?
ମଣ ମିନା ଆପଣାକୁ ବଡ଼ କରି,
ମାନ କଥା-ବୃଷ (୧) ଦେହ ମଣାପରି
ମନ୍ଦିରେ କାହାର ପ୍ରବେଶ ପ୍ରୟାଣେ
ଉଚ୍ଚନ ଉଶ୍ବାସ ମନ୍ତ୍ରୀ ତ ନ ଜାଣେ !
ଦେଖ ସାବଧାନେ ଜ୍ଞାନ-ନେତ୍ର ଫେଇ,
ତୁମ୍ଭ ମଧ୍ୟେ ସାନ ବଡ଼ ନାହିଁ କେହି ;
ସାନ ବଡ଼ ଜ୍ଞାନ ଭେଦର ଉଆଣ,
ଭେଦ ଗଲେ କେହି ନାହିଁ ବଡ଼ ସାନ ।
ଜଣେ ଜଣେ ଗୋଟି ଗୋଟିଏ ସୁଆଙ୍ଗ,
ଖେଳିଯିବ ଭବ-ଲୀଳା ହେଲେ ସାଙ୍ଗ,
ସର୍ବେ ମିଶିବ; ଭାଇ, ଉଭେଇ ଅଚିରେ
ବୁଦ୍‌ବୁଦ ପରାୟେ ଏହି ନଦୀ-ନୀରେ !
ଅଖଣ୍ଡ ଦଣ୍ଡାୟମାନ-କାଳସିନ୍ଧୁ- !
ମଧ୍ୟେ ବିନ୍ଦୁ ବହି ନୁହ ଏକବିନ୍ଦୁ !
ମାଟି-ଘଟେ ବୃଥା ବନ୍ଧ ଅଭିମାନ
ଅଜ୍ଞାନେ ଧରିଛ କର ଶରୀ ଜ୍ଞାନ ।
ଅଜ୍ଞାନେ ନଶ୍ୱର ଶରୀର ଗରବେ
ଜଳ ବୁମ୍ବେ ଭ୍ରମି, ଶଫରୀ ସରବେ ।
ସପ୍ତବିତସ୍ତିର କାଠ ହୋଇ, ଭାଇ,
ବୃଥା କର କପାଁ ଶରୀର ବଡ଼ାଇ ?
ବୃଥା କର କପାଁ ସମ୍ପଦେ ବିଶ୍ୱାସ ?
ବିଜୁଳି ପ୍ରାୟ ଯା ବିଭବ ବିକାଶ,
ସୁଖ ଝଟକେ ଯେ ଚକ୍ଷୁ ଚମକାଇ,
ଦୁଃଖ-ବଜ୍ରେ ପରେ କରେ ଧରାଶାୟୀ ,
ବୃଥା ବହି ଏହି ଭଙ୍ଗୁର ଦେହଭୁ (୨)
ମଣ ଆପଣାକୁ ଜଣେ ଜଣେ ପ୍ରଭୁ !

(୧) କଥାବୃଷ—କଶ୍ୟପ୍‌-ରଚିତ ମଶକ ଓ ବୃଷର ଗଳ୍ପ ଦେଖ । (୨) ଦେହଭୃ—ଶରୀର

ଯେତେ ବ୍ୟାଙ୍କେ ଜାଳ ଥରେ ଥରେ ଉଠି
ଏଁ କି ଦେଲେ, ଏହୁ ଦର୍ପ ଯାଏ ଛୁଟି ;
ଦର୍ପ ଛୁଟେ କ୍ଷଣେ ଭେଟେ ବିପଦର,
ହାଜୋଡ଼େ ଆସି ସେ ନ ଦେଇ ଖବର ।
ଅବଧି କ ସେହି ଦର୍ପ ଛୁଟି ନାହିଁ ?
ଲକ୍ଷ୍ମୀ-କପଟ, କିବା କଥାପାଇଁ ?
କେତେ ଧନ ଲଗି ମର୍ତ୍ତ୍ୟ ଅବା ଘର ?
ଏଥି ଲଗି କର୍ତ୍ତା ଏତେ ଆଡ଼ମ୍ବର ?
ମର୍ତ୍ତ୍ୟ ଛାଡ଼ି କାନ୍ଦ ଲୋଡ଼ ଦୁଧ ଥୋଡ଼ା,
ଯିବାବେଳେ ଚୁଅ ଖଣ୍ଡ କାଠ ଲୋଡ଼ା,
ମଧ୍ୟେ କେତେ ଧନ ମାତର କୁଣିଆ,
ଏଥିପାଇଁ ପୂର୍ଣ୍ଣ ନ ଅଟେ ଦୁନିଆ !
କେତେ ଜନପାଇଁ ଦର୍ପର ପତକା
ତୋଳି, ଦେଉଥିବ, ଖାଉଥିବ ଧକା ?
ଏହୁ ଦରବାରେ ଛୁଣ୍ଡ ଯେତେ କରେ;
ଏଥିରୁ ଥୋକାଏ ବର୍ଗଙ୍କ ଭିତରେ
ଅନ୍ୟ ଦରବାରେ ହେବଟି ତଲବ,
ତୁମ୍ଭେ ତହିଁ ଥିବା ନୋହେ ଅସମ୍ଭବ ।
ସେ ଦାରୁଣ ଦରବାରେ ଯିବାପାଇଁ
ଗାଡ଼ି ଘୋଡ଼ା ଆଦି ଲୋଡ଼ା ହେବ ନାହିଁ ;
ପାଇକ ସ୍ୱରୂପେ ଆସି ବେଗ ନାନା
ଦେଖାଇବେ ତଲବର ପରୱାନା
ତଲବ ନୁହଇ, ଓ୍ୱାରେଣ୍ଟ ସିନା ସେ ।
ନ ଦେବ ମାଗିଲେ ମହଲତ ମାସେ
କରି ଯିବାପାଇଁ, ନୋହୁ ବ୍ୟତିବ୍ୟସ୍ତ,
ଘରଦ୍ୱାର, ଜମି, ଜମା ବନ୍ଦୋବସ୍ତ,
ଆଉ-ଦାସ-ସୁତ ରୋଦନେ ମୁଖର,
ସ୍ନେହକାରୀ-ଜନ-ଲୋତକେ ଜର୍ଜର,
ମୃତ୍ୟୁଶଯ୍ୟା ଅଣଞ୍ଜାଶ ଜ୍ୱାଳାମୁଖୀ
ସେ ଦରବାରର ଭୀଷଣ ଦେହଳୀ ।

ଅଭ୍ରାନ୍ତ-ଦର୍ଶିକା ସର୍ବ କାମ କରେ,
ଭୀମ କାଳଦଣ୍ଡ ଧରି ବାମେତରର,
ସେହୁ ବୈଶ୍ୱାନର (୧) ଦରବାରେ ଖଣ୍ଡି
ପ୍ରେତପତି ସର୍ବପତିରୂପେ ବସେ ।
ଥରେ ମନେକର ସେହି ଦରବାର,
କଭଳି ଆସନ ଲଭିବ ସେଠାରୁ,
କଭଳି ପୋଷାକ ଲୋଡ଼ା ହେବ ତହିଁ,
ଲଭିବ ସମ୍ମାନ କେଉଁ ଗୁଣ ବହି ?
ଏ ଦରବାରର ଆଇନ ଫରଦ,
ଚିତ୍ରଗୁପ୍ତ-ପାଞ୍ଜି କରିଦେବ ରଦ ।
ତୋତେ ରୋଚୁ ଅବା ନ ରୋଚୁ ସେ ନ୍ୟାସ୍ତ,
ଚରମ ଅଟଇ ଚିତ୍ରଗୁପ୍ତ ସ୍ପଷ୍ଟ ।
ନ ଥିବେ ଉକିଲ, ଲଢ଼ି ସେ ମାମଲା
କରିଦେବେ ଯୁକ୍ତିବଳେ କଳା ଧଳା ;
କରିବୁ ନାହିଁଟି ସ୍ୱପନେ ଏ ଆଞ୍ଚ;
ଉଚ୍ଚାସନ ନେବୁ ତହିଁ ଦେଇ ଲାଞ୍ଚ,
କେଜାଣି ବସିବ ତୋତେ ପାଦେ ଦଳି
ତୋହର ଉପରେ ତୋର ଅରଦଳି ,
ସେ ଦରବାରେ ତ ଗଣା ହେବ ନାହିଁ
ଉଚ୍ଚ ପଦ ତୋର କିମ୍ବା ଦରମା ହିଁ,
କିମ୍ବା ଭୂସମ୍ପତ୍ତି, କିମ୍ବା ରାଜପଣ,
କିମ୍ବା ବିଦ୍ୟା, କିମ୍ବା ବୁଦ୍ଧି ବିଚକ୍ଷଣ,
ଉଇଲ୍ ସେନ ଢଙ୍ଗୁ ସୁଆର ଅଣାଇ
କେତେ କେତେ ଭୋଜ ଦେଇଅଛୁ ଖାଇ,
ଦେଇଅଛୁ ଡାଲି ଭରି ମେବା ନାନା,
କେତେଥର ଦେଇଅଛୁ ନାଚଖାନା,
ଦୁଃଖୀ ରଙ୍କୀ ତଣ୍ଟି ଚିପି ବାରମ୍ବାର
ଦାତାପଣ କେତେ କରୁଛୁ ପ୍ରଚାର ।
ସମ୍ପାଦିବା ଲାଗି ଜନତାର ପ୍ରୀତି
ଭୋଜ ପରେ ଭୋଜ ଦେଉଅଛୁ ନିତି,

(୧) ବୈଶ୍ୱାନର—ଶବ୍ଦ ନରସମ୍ବନ୍ଧୀୟ, ସାବଜନକ ।

ଘାତ-ମୁଣ୍ଡ ଖାଇ ନଶୃଙ୍ଖଳ ବାଣ,
ଫୁଟାଉଛ ବାଣ ଚକ୍ଷୁ ଚମକାଇ
ସୁଜ୍ଞ ଜନେ ତୁମ୍ଭ ନାଟ ଦେଖି କାବା ।
ଜନତା କୁହାଟେ 'ବାହାବା, ବାହାବା'
ବହୁ ବ୍ୟସ୍ତେ ଏହି ବହୁଶୀର୍ଷ ପଶୁ (୧)
ଚୋଷି ପିନା ଖାଲି କୁଟୁଅଛ ଚକ୍ଷୁ !
ଅଡ଼େଇ-ଦିନିଆ ଯଶ ଲାଗି ବାଇ
ହୋଇ ବୃଥା କାହିଁ ମାତିଛ କପାଇଁ ?
ଭାଳିଛ ପରା ଏ କଥା ମର୍ତ୍ତ୍ୟ ନର
ଗାଇବେ ଯାବତ ଚନ୍ଦ୍ର ଦିବାକର ।
ଭାଳିଛ ପରା ଏ ଦୀପ ନ ଲିଭିବ,
ବିସ୍ମୃତି-ଅନ୍ଧାରେ ସଦା ଜଳୁଥିବ ।
ଲେଖୁଅଛ ନିଜ ନାମ ଏହିମତେ
କାଳ ପ୍ରାୟେ କାଳ ସିନ୍ଧୁ-ସଇକତେ,
ଲିଭାଇ ଦେବ ଯା ପରକ୍ଷଣେ ଆସି
ନାଚି ନାଚି ଫେନଚୂଡ଼-ଜଳରାଶି,
ବୃଥା କରୁଅଛ ଅପାର ଆଟୋପ,
ଛୁହାଙ୍କ ପ୍ରାୟେ ଯା ଉଇଁ ଭଜେ ଲୋପ,
ବୃଥା ଲୋଡ଼ି ହେଉଅଛ ଆତ୍ମଘାତୀ
ଦୁନିଆର ଦୁଇଦିନିଆ ସୁଖ୍ୟାତି ।
ଜନତାର ଯଶ ପାଣିର ଫୋଟକା,
ହୀରାଭ୍ରମେ କିପାଁ ଲୋଡ଼ୁଛ କରକା ?
ସାର ମଣ କିପାଁ ଅସାର ଧନକୁ ?
ଭାନୁ ମଣ କିପାଁ ଜ୍ୟୋତିରିଙ୍ଗଣକୁ ?
ଏ ଯଶ ତୁମ୍ଭର ଖ୍ୟାତି ଦୁନିଆରେ
ପଣ୍ଡ ହେବ ସିନା ଯମ-ଦରବାରେ ।
ଗ୍ରାସେ ଅନ୍ନ ଦେଇ ଭୋକୀଙ୍କୁ କେବଳ,
ଶୋଷୀଙ୍କୁ ମନ୍ଦାଏ ମାତ୍ର ଦେଇ ଜଳ,
ତୋହପରେ ତହିଁ ବସିବେ ଗୌରବେ,
ତୋର ମତେ କେତେ ନଗଣ୍ୟ ମାନବେ ;
କଡ଼ ଖାଣ, ଖର ଚିତ୍ରଗୁପ୍ତ-ଜୁଆ ।
ବିଚକ୍ଷଣ ତାର ପାଞ୍ଜିଆ-ଚଷିଆ ।
ଆଜି ଆନ, ଚିତ୍ତେ ଚିନ୍ତୁଥାଉ ଯାହା,
ତା ପାଞ୍ଜିରେ ଲେଖା ହୋଇଯାଏ ତାହା,
ନରର ସମଗ୍ର ଜୀବନର ଚିତ୍ର
ପଲକେ ଦେଖାଏ ସେ ପାଞ୍ଜି ବିଚିତ୍ର,
ଚିନ୍ତାସ୍ରୋତେ ଅଛି ଯେତେ ଗଳିକୁଞ୍ଜ,
ରହି ନ ପାରେ ତା ଆଲୋକରେ ଲୁଚି !
କି ବହିର୍ଜଗତେ, କି ଅନ୍ତର୍ଜଗତେ,
ଯେତେବେଳେ ଯାହା ଘଟେ ଏ ମରତେ,
ସବୁ ଲେଖେ ସେହି ପାଞ୍ଜିକାର ଗଢ଼,
କଡ଼ା ଦାଢ଼ ତହିଁ ଯାଏନାହିଁ ଗୁଡ଼ ।
ବ୍ରହ୍ମାଣ୍ଡେ ତା ପରି ନାହିଁ ପାଞ୍ଜିକାର,
ତା ହିସାବ ପୁଣି ଦୁନିଆ ବାହାର ;
ଏ ପଦଗୌରବ ଏତେ ସାଜ ସଜ୍ଜା—
ପ୍ରଭୁ ତାର ଭଲେ ନାହିଁ ଚକ୍ଷୁଲଜ୍ଜା ।
ସେ ନ ମାନେ ତୋର ମୃଦୁ ହାସଛଟା,
ସେ ନ ଜାଣେ ପାନ ଅତରର ଘଟା ।
ସେ ଗଣିବ ନାହିଁ ତୋର ସୁନାଦଣ୍ଡି,
ଗଣିବ ନାହିଁ ତୋ ସାଲର ପଗଡ଼ି ।
କହିନେବ ଯେବେ ସେହୁ ତୋତେ କାଲୁ,
ସେଠାରେ ନଥିବେ କେହି ଦେଶୀ ବାବୁ
ତୋହର ଆସନ ଟେକି ଦେବାପାଇଁ
ଶ୍ୱେତାଙ୍ଗ ଗ୍ରୁମ୍ଭରେ ମିଛ ସତ ଗାଇ,
ପ୍ରତାରଣା ବର୍ତ୍ତି ନ ପାରେ ତା ଆଗେ,
ବାହାର ଭିତର ଦେଖେ ସେହି ଲାଗେ ;
ବଡ଼ ତାର୍କିକ ସେ, ଶୁଣି ତା ଯୁକତି
ବଣା ହେବ ନିଜେ କଣାଦ-ଭାରତୀ ; (୨)
ମାନଦଣ୍ଡ ତାର ଅଦ୍ଭୁତ ଭିଆଣ,
ମାପେ ଯାର ସାନ ବଡ଼, ବଡ଼ ସାନ ;

(୧) ବହୁଶୀର୍ଷପଶୁ—ଜନତା । (୨) କଣାଦ—ବୈଶେଷିକ ଦର୍ଶନ ପ୍ରଣେତା । ଏହି ଦର୍ଶନ ଭାରତର ପ୍ରଧାନ ତର୍କଶାସ୍ତ୍ର ଅଟେ ।

ଲଳ ସୁନା ବୋଲି ଭବେ ଯେ ବିଳସେ,
ଭେଲ ସିନା ଚନ୍ଦ୍ରଗୁପ୍ତର ନିକଟେ !
ତଥାପି ତାହାର ଦୁନିଆ-ବାହାର,
ଗୁରୁ ଲଘୁ, ଲଘୁ ଗୁରୁ ହୁଏଲେ ଯାର !
ଜେତା ଜିତେ ତାର ନାହିଁ ଭେଦଜ୍ଞାନ,
କଳା ଧଳା ଚର୍ମ ତା ନେତେ ସମାନ,
ଭିଆଇ ନ ପାରେ ତା ଶତ୍ରୁ ଚମକ
ଏ ମହାଶାସ୍ତ୍ରର ଅସ୍ତ୍ରର ଝମକ,
କରଇ ସେ କେତେ ରଙ୍ଗ, କେତେ ମଜା,
ବସାଇ ଦିଅଇ ରଜା ପରେ ପ୍ରଜା,
ବାଗୀଶ ଉପରେ ବସାଏ ବାଲିଶ,
ସବାର ଉପରେ ବସାଏ ସଇସ,
ଦୁର୍ବଳକୁ ଦିଏ ବଳୀ ପରେ ସ୍ଥାନ,
ସୁସ୍ଥଠାରୁ ଦିଏ ରୋଗୀକି ସମ୍ମାନ,
ସୁନ୍ଦର ଉପରେ ବସାଏ କୁତ୍ସିତ,
ବସାଇ ଦିଏ ସେ ଜେତା ପରେ ଜିତ,
ଯେତେ ହୋଇ ଯାଇଥିଲେ ଘଷି ମାଜି ;
ଖଣ୍ଡିଦିଏ ଦର୍ପ ଚନ୍ଦ୍ରଗୁପ୍ତ-ପାଞ୍ଜି ।
ସେ ନ ମାନେ, ଭାଇ, ଫେସନ ଚେହେରା,
ବାବୁ ପରେ ଦିଏ ବସାଇ ବେହେରା ।
ସିଂହ ପରେ ଦିଏ ବସାଇ ଶଶାକୁ,
କରଣ ଉପରେ ବସାଏ ଚଷାକୁ,
ଜଜପରେ ଦିଏ ବସାଇ ଆସାମୀ,
ରଇତ ବସାଇ, ବସାଏ ଭୂସ୍ୱାମୀ,
ବସାଏ ଚଣ୍ଡାଳ ତଳେ ଶ୍ରେଷ୍ଠବର୍ଣ୍ଣ,
ଅଧମର୍ଣ୍ଣ ତଳେ ତାର ଉତ୍ତମର୍ଣ୍ଣ,
ମାଗିବ ଯେବେ ସେ ମର୍ତ୍ତ୍ୟର ହିସାବ,
କି ହିସାବ ଦେବ, କେଉଁ ତାହା ଜବ,
ଭଣ୍ଡିବାର ତାକୁ ନୁହଇ ସହଜ,
ନିଖାର ନଖାର ଦେଖେ ସେ କାଗଜ,
ଦେଇଅଛ କେତେ କୋଟି ଟଙ୍କା ଛାଡ଼ି,
ଦେଇଅଛ କେତେ ଥର ଘୋଡ଼ାଗାଡ଼ି,
କେତେ ଥର ଯାଇ ତନସ୍ତ-ଜଳମେ
କଣିଅଛ ଦ୍ରବ୍ୟ ଚତୁର୍ଗୁଣ ଦାମେ,
ବାଣ-ପ୍ରଦର୍ଶନ, ତୋରଣ-ଗଠନ,
ସ୍ୱର୍ଣ୍ଣାକ୍ଷରେ ଅଭିନନ୍ଦନ-ମୁଦ୍ରଣ—
ଆଦି ଶୁଭ-କାର୍ଯ୍ୟେ ନେତୃପଣ ନେଇ
ଅକାତରେ କେତେ ମୁଦ୍ରା ଅଛ ଦେଇ,
ଦେଇଅଛ ଭୋଜେ କେତେ ମାଂସ, ସୁରା,
ତାପାଇଁ କଡ଼ାଏ ନୋହିବ ମଜୁରା !
ସେ ଦରବାରର ରୀତିନୀତି ଭିନ୍ନ
ଧର୍ମେ ବଳବାନ କର ନିଜ ଦାବୀ,
ଚତୁରପଣର ଥିଲେ ଅଭିମାନ,
ମର୍ତ୍ତ୍ୟଅଭିମାନ ଦିଅ ବଳିଦାନ,
ଶୋଭଇ କି, ଭାଇ, ତୁମ୍ଭର ବକ୍ଷରେ
ଶାଶ୍ୱତ ହୋଇ ଏ ମମତା ନଶ୍ୱରେ ?
ହେବାର ଲୋଡ଼ୁଛ ଯେ ସମ୍ମାନ ପାତ୍ର,
ସ୍ୱର୍ଣ୍ଣ ନୁହଇ ତା, ସ୍ୱର୍ଣ୍ଣାଭାସ ମାତ୍ର, (୧)
ସ୍ୱର୍ଣ୍ଣମଣି ଯାର ପାଇବାର ଆଶ,
ଭଲପାଇଁ କିମ୍ପା ତାର ଏ ପ୍ରୟାସ ?
ବିନୟେ କହୁଛି, ଘେନ ମୋର ବୋଲ,
ନିଦା ମଣି ତୁମେ କିମ୍ପା କର ଗୋଳ ?
ଶିଶୁ-ମନୋହର ବାହାରର ଝଲ
ଦେଖି କର କିମ୍ପା ଶିଶୁ ପ୍ରାୟେ ଛଳ ?
କେତେ ବଡ଼ ତୁମ୍ଭେ, କେତେ କ୍ଷୁଦ୍ର ସୃଷ୍ଟି,
ଜାଣି ହୁଅ ଏହି କଳିଆରେ ତୃଣୀ ।
ଅସାର ବ୍ୟାପାରେ ନିରତେ ନିର୍ଲେପ
ରହି ସାର ତତ୍ତ୍ୱେ କର କାଳକ୍ଷେପ,
ନ ପଡ଼ି ବଡ଼ିମା-ତାମସ-ଗହ୍ୱରେ
କ୍ରମେ ଉଠ ଧର୍ମଶଇଳ-ଶିଖରେ,

(୧) ସ୍ୱର୍ଣ୍ଣାଭାସ—ବହିଃଦୃଷ୍ଟିରେ ଯାହା ସ୍ୱର୍ଣ୍ଣ ପରି ଦିଶେ ।

ସୃଷ୍ଟିରେ ଯେସନ ଶଇଳ-ଶିଖରୁ
ସମ ଦିଶେ ମହୀସ୍ଥିତ ତୃଣ ତରୁ,
ଧର୍ମନେତେ ସାନ ବଡ଼ ଦୁନିଆର
ହୁନ୍ତି ସବୁ ସିନା ଦିଶେ ଏକାକାର,
ଧର୍ମ-ଶୈଳେ ବସି କରନ୍ତେ ନିଃସଙ୍ଗ (୧)
ଦେଖାଇ ଦେଖ ଦୁନିଆର ନାଟ ରଙ୍ଗ ।
ଦୁନିଆର କଳ କୋଳର ତୋଫାନ—
ଊର୍ଦ୍ଧ୍ୱେ ରହି କର ଶାନ୍ତି-ସୁଧା ପାନ ।
ମଣ ନାହିଁ ମୁହିଁ ନେଇଛି ଏସନ
ଜ୍ଞାନଦର୍ପେ ଜ୍ଞାନଦାତାର ଆସନ,
ଥୋଇ ଏ ମୂଢ଼ର ତୁମ୍ଭ ଆଗେ, ଭାଇ,
ନିଜ ମୁଖ ମୁଁ କି ନାକେ ଦେଖୁନାହିଁ ?
ପାସୋରି ନାହିଁ ମୁଁ, ହେଉଅଛୁଁ ବ୍ୟସ୍ତେ
ଏକା ଅନ୍ଧକୂପେ ଦଗ୍ଧି ସମସ୍ତେ,
ପାସୋରି ନାହିଁ ମୁଁ ସ୍ୱପ୍ନେ କଦାଚିତେ
ସର୍ବେ ଅଛୁଁ ଏକ ଦଦରା ବୋଇତେ,
ଆଗେ ପଛେ ଲୋଳ ଭୀମ ଉର୍ମିମାନ
ଭବ-ଜଳଧିରେ ଗର୍ଜଇ ତୋଫାନ,
ଯେଣେ ମନ ତେଣେ ଗୁଳୁଅଛି ନାଆ
ନାହିଁ କଡ଼ୁଆଳ ଦେଖାଇବ ରାହା,
କାହୁଁ ଆଇଲା ଏ, କାହିଁ ଯିବ ବାହି,
କହିବାକୁ ଏହା ନାବେ କେହି ନାହିଁ ।
କେହି ନାହିଁ ଏଥି, ହେବ ସେ ଭାଜନ
ଫେଡ଼ିବାକୁ ଏ ସମସ୍ୟା ସନାତନ,
ଜାଣେ ମୁହିଁ ଏହି ସାଂଯାତ୍ରିକଦଳେ (୨)
ହୀନଠାରୁ ହୀନ ମୁହିଁ ଜ୍ଞାନବଳେ,
ଅଜ୍ଞାନ ଅଟେ ମୁଁ ଏ ଜ୍ଞାନୁ ବଞ୍ଚିତ
ଭାଳ ନାହିଁ, ଭାଇ, ମୋତେ କଦାଚିତ,

ସ୍ତ୍ରବେଦ୍ୟ ମଧ୍ୟରେ ଏତିକି କେବଳ—
ଯହିଁ ତୋଫାନର ସବୁଠାରୁ ବଳ
ଗୁଣ-ବୃକ୍ଷ-ତଳେ, କେଜାଣି କମ୍ପାଇଁ (୩)
ଭାଗ୍ୟ, ଭାଇ, ମୋତେ ଦେଇଛି ବସାଇ ;
ହେଉଅଛି ନାଆ କେତେ ଟଳମଳ,
ତୋଫାନ ଉପର ହେଉଛି ପ୍ରବଳ,
ସବୁଠାରୁ ମୁହିଁ ଜାଣୁଛି ଅଧିକ,
ସବୁଠାରୁ ଯେଣୁ ହଲୁଛି ଅଧିକ,
ତେଣୁ ଆରତେ ସିନା ଡକାଉଛି ଦୂର,
ନୋହେ ଏହା ଜ୍ଞାନଗୁମାନ ଗୁରୁସ୍ୱ,
ସମଦୁଃଖୀପାରେ-ଦୁଃଖି-ଆର୍ତ୍ତନାଦ
ସିନା ଏହା, ନୁହେଁ ଅଜ୍ଞ ପ୍ରଜ୍ଞାବାଦ ।
ଆହେ ମାନଶ୍ରେଣି ଭୂପାଳ-ମଣ୍ଡଳୀ,
ଦେଇଛ କି କୁଳଧର୍ମେ ଜଳାଞ୍ଜଳି ? (୪)
ବୃଥା କିମ୍ପା ହେଉଅଛ ମ୍ଳାନମାନ ?
ସିଂହାସନ କର ସ୍ୱର୍ଗର ସୋପାନ ;
ଜନ୍ମଫଳେ ଲଭିଅଛ ଅପ୍ରମିତ—
ଶକ୍ତି ସାଧିବାକୁ ସଂସାରର ହିତ,
ଜନ୍ମ ଫଳେ ଲଭି ସମ୍ପଦ ଅମାପ
ଭୋଗି ନାହିଁ କେବେ ଅଭାବର ତାପ,
ଜମା ଅନୁଭୂପେ ବ୍ୟସ୍ତିଲାଗି ତ୍ରାସ୍ତି
ହେବ, ଏହା ଦିନେ ମନ କଲ ନାହିଁ !
ଏ ଯୋଗ ଜଗତେ ପାନ୍ତି କେତେ ଜଣ ?
ଏହା ପାଇଁ ତୁମ୍ଭେ ହେଲେ ଅଗ୍ରଜନ !
ତୁହିଣ ଉଜ୍ଜ୍ୱଳ ଆମୋଦେ ଆବାଲ୍ୟ
ଢଦ୍ୟାକୁ ମଣିଲ ଜୀବ-ନରମାଲ୍ୟ !
ରକ୍ଷଣ, ପାଳନ, ଭୋଗ ଏ ଧରାର,
ତେଜ ଚାତୁର୍ଯ୍ୟ କଲ ଭୃତ୍ୟଙ୍କୁ ସାର,

(୧) ନିଃସଙ୍ଗ—ଆସକ୍ତିରହିତ । (୨) ସାଂଯାତ୍ରିକ—ସମୁଦ୍ରଯାତ୍ରୀ । (୩) ଗୁଣବୃକ୍ଷ—ଜାହାଜର ମାସ୍ତୁଲ । (୪) ଉତ୍କଳୀୟ ରାଜବୃନ୍ଦରେ ଉତ୍କୃଷ୍ଟ ମନସ୍ୱୀ ଏବଂ ମହାନୁଭବ ରାଜାମାନଙ୍କ ପ୍ରତି ଏହି ଉକ୍ତି ଅବଶ୍ୟ ପ୍ରଯୋଜ୍ୟ ନୁହେ । ଦୁର୍ଭାଗ୍ୟକ୍ରମେ ଏପରି ରାଜାଙ୍କର ସଂଖ୍ୟା ନିତାନ୍ତ ଅଳ୍ପ ।

ପରସେବା ଲାଗି ତୁମର ଜନମ,
ଆତ୍ମସେବା କଲ କୌଳିକ ଧରମ ;
ବାବୁ-କଣ୍ଠୀରବ ମାତ୍ର ଜଣେ ଜଣେ
ପ୍ରଧାନ ମନୁଷ୍ୟେ ଅମନୁଷ୍ୟଗଣେ !
ଐଶ୍ୱର୍ଯ୍ୟ-ଡମ୍ଫରେ ଦୃଷ୍ଟି ପ୍ରତିହତ,
ଧନଦର୍ପ-ଶୋଥେ ରୁଦ୍ଧ କର୍ଣ୍ଣପଥ,
ଆଭସନ୍ତ୍ରି ତୁମ୍ଭ ନେହେ ବାଗୀଶ୍ୱରୀ
ଦିବା ବିଭାବର ନୟନେ ଯେପରି ;
ପଣ୍ଡିତଙ୍କୁ ଗଣ କେବଳ କଣ୍ଟକ,
ଆସ୍ଥାନ-ନଳିନୀ-ଧୂର୍ତ୍ତ ବକ ଠକ,
ପ୍ରତିଧ୍ୱନି ପରି ସଦା ସ୍ତବକାରୀ,
ତୁମ୍ଭ ପ୍ରିୟପାତ୍ର ଗଡ଼ଡ଼ ଭଣ୍ଡାରୀ ! (୧)
ସ୍ତବ୍ଧ ବୋଲାଇଣ ତୁମ୍ଭେ ଅନୁକ୍ଷଣ
ହେଲ ଦେହଲଗା ଭୃତ୍ୟର ବାହନ !
ବାଇ ଶୁଣିବାକୁ ଖଳର କଳ୍ପନା,
ଭଲକଥା ଲାଗେ କାନକୁ ଅଲଣା !
ସତ୍ୟ ହୃଦେ ବାଜେ ଯେପରି ଶତ ସୂଚୀ,
ସ୍ୱାର୍ଥାନ୍ୱେଷି-ମିଥ୍ୟାବାଦେ ସଦା ରୁଚି !
ସତ୍ତ୍ୱ ଲେଶେ ସ୍ଥାନ ନ ଲଭେ ମାନସେ,
ସଦା ଅଭିଭୂତ ରାଜସେ, ତାମସେ;
ସଙ୍ଗୀତ, ମୃଗୟା, ପକ୍ଷୀ ନାଶା ପଶା—
ଖେଳ କଲ ତୁମ୍ଭେ ଜୀବନ-ବ୍ୟବସା !
କିଏ ତୁମ୍ଭେ, ମର୍ତ୍ତ୍ୟେ ଆସିଲ କାହିଁକି ?
କାହିଁ ଯିବ ଅନ୍ତେ ଭାଳିବ ନାହିଁ କି ?
ମୂର୍ଖତ୍ୱ ଯୋଡ଼ାଇ ରଖିଲ ପଳକ,
ଦେଖିଲ ସ୍ୱର୍ଲୋକ ଦୃଷ୍ଟି ଊର୍ଦ୍ଧ୍ୱ ସିତ,
ନିଜକୁ ନିଜର ବଡ଼ମାନ ଗଣେ
ମାପି ବଡ଼ ତୁମ୍ଭେ ହେଉଛ ସହଜେ,

ଆସନର ବଡ଼ପଣ ଶାଳଠାବେ
ଆରୋପି ମାତଛ ସିନା ଅହଙ୍କାରେ !
ପ୍ରାଂଶୁ ନରସ୍କନ୍ଧେ ବସି ଶିଶୁଜନେ
ନିଜକୁ ମଣନ୍ତି ସର୍ବୋଚ୍ଚ ଯେସନେ,
ନିଜସ୍ୱ ତୁମ୍ଭର କି ଅଛି ତହିଁରେ
ଯା ଦେଖି ବୋଲାଅ ବଡ଼ ଏ ମହୀରେ ?
କାଠିଲଗି, ନୀତି, ମୁଦେଶୋଧ, ପଦ୍ଧତି
ଯେବେ କି ହେ ତୁମ୍ଭେ ନର ମଧ୍ୟେ ବଡ଼ ?
ବଡ଼ ପର, ଯେଣୁ ସଦା ପରବଶ,
ଜଡ଼ପରି ପର ହାତେ ଉଠ ବସ ।
କ୍ରୀଡ଼ା-ମୃଗ ତୁମ୍ଭେ ହେଲ ନିରନ୍ତର
ବଧି-ରକ୍ଷା-ପ୍ରିୟ ବୈଧେୟବୃନ୍ଦର (୨)
ନୀତି ସାରୁ ସାରୁ ଦିନ ଅସ୍ତ ନାହିଁ
ଧର୍ମ ଅର୍ଜିବାକୁ ଅବସର କାହିଁ ?
ଗ୍ରାମ୍ୟମୋଦ-ପଙ୍କେ ଶୂକର ପରାୟେ
ପାଣ୍ଡି ହେଉଥିବ କେତେଦିନ ଯାଏ ?
ଆତ୍ମୋନ୍ନତି-କଳ୍ପେ ଏ ସୁବିଧା ନେଇ
ହୋଇଥିବ କି ହେ ପଶୁ-ଧର୍ମଦ୍ୱେଷୀ ?
ମନେ ନାହିଁ କାହିଁ ପଡ଼ିଅଛ ଖସି,
କି ଆସନ ଛାଡ଼ି କାହିଁରେ ଲଳସି,
ପରିଚ୍ଛଦରୂପେ ସେନା ନେଇ ସଙ୍ଗେ
ଅଙ୍ଗ ଢାଳୁଥିଲେ ଯେ ରଣ-ତରଙ୍ଗେ,
ତାଙ୍କର ଦାୟାଦ ହୋଇ କି, ହେ ବୀରେ,
ଝୁଲୁଥିବ କାନ୍ତା-ପଣତ-କାନିରେ ?
ପାଦର ଉଡ଼ାଣେ ଉଡ଼ୁଥିବ ଡର
ବିଦେଶି-ସମ୍ମୁଖେ କାଢ଼ଣିକ ପରି ! (୩)
ମନେ ନାହିଁ ତୁମ୍ଭେ କାହାର ସନ୍ତାନ,
କେଶରୀ-ଔରସେ ତୁମ୍ଭେ ସିନା ଶ୍ୱାନ !

(୧) ଗଡ଼ଡ଼ ଭଣ୍ଡାର—ବୋଲିବାର ବାହୁଲ୍ୟ ଯେ କୌଣସି ଜାତି ପ୍ରତି ଏଠାରେ ଅକ୍ଷେପ ହୋଇ ନାହିଁ, କେବଳ ଦେହଲଗା ଭୃତ୍ୟମାନେ ଏ ଉକ୍ତିର ଲକ୍ଷ୍ୟସ୍ଥଳ (୨) ବୈଧେୟ—ମୂର୍ଖ । (୩) କାଢ଼ଣିକ—କେଉଁଟଙ୍କୁ ପଳାଇବ, ସର୍ବଦା ଯେ ଏହି ଚିନ୍ତା କରେ, ଭୀରୁ !

ପୂର୍ବପୁରୁଷର ପ୍ରତିଷ୍ଠା ବିଶାଳ
ଭଜି ଭାଙ୍ଗି ଖାଉଥିବ କେତେକାଳ ?
ସେ ପ୍ରତିଷ୍ଠା ନିଜେ ତିଳେ ନ ବଢ଼ାଇ
କନ୍ଥୁଥିବ ଆଉ କେତେ ତା ବଢ଼ାଇ ?
ଥିଲେ ଆଗେ ଯେହୁ ଉତ୍କଳର ସ୍ୱାମୀ,
ବହ୍ନିଶିଖା ପରି ସଦା ଊର୍ଦ୍ଧ୍ୱଗାମୀ,
ତୁମ୍ଭେ ହୋଇ ସେହି ବଂଶର ସନ୍ତତି
ଜଳଧାରା ପରି ହେଲ ଅଧୋଗତି !
ତୁମ୍ଭ ପିତୃଗଣ ପରମ ଉଦାର,
ରାଜ୍ୟ ମଣୁଥିଲେ ଏକ ପରିବାର ।
କାହିଁ ଗଲା ସେହି ପ୍ରାଚୀନ ସୁଧାର !
ରାଜା ପ୍ରଜା ଏବେ ହେଲେ କାହା ପର ।
କାଢ଼ି ନେଲ ରାଜ-ସ୍ନେହର ଅଭିଳାଷ
ପ୍ରଜାମୁଖୁ ତାଙ୍କ ଶ୍ରମାର୍ଜିତ ଗ୍ରାସ !
ଦେଶୀ ହୋଇ ତୁମ୍ଭେ ଆଚରିଲ ନିତ
ନିର୍ମମ ବିଦେଶି-ସର୍ବଶୋଷି-ନୀତ !
ବାତ୍ସଲ୍ୟ ନ ବାନ୍ଧ ପ୍ରଜାଙ୍କର ଚିତ୍ତ;
ବିଦେଶି-ସଙ୍ଗୀନେ କଲ ତାଙ୍କୁ ପ୍ରୀତ,
ଚନ୍ଦ୍ରାତପର ହେଲ ତୁମ୍ଭର ସର୍ବସ୍ୱ,
ସର୍ବସ୍ୱ ପ୍ରାସାଦ, ଗାଡ଼ି, ହସ୍ତୀ, ଅଶ୍ୱ,
ରାଜଧର୍ମ ହେଲା ପ୍ରଜାଧନଲୁଟା,
ମନ୍ତ୍ରୀ ହେଲେ ଖଳ, ଖଣ୍ଡ, କାନଲୁଟା,
ତଣ୍ଡି ଦୁଃଖୀ, ରଙ୍କ, ଅରକ୍ଷିତ, ରଣ୍ଡି,
ବିଦେଶୀଙ୍କି ଖୁଆଇଲ ଲୁକ୍‌ଲୁଠାଣ୍ଡି,
ନ ପାଇଲେ ଦୁଃଖୀ ପ୍ରଜା ଖୁଦକୁଣ୍ଡା, }
ନେଲେ ଘିଅ ଅଟା ସଙ୍ଗେ ଗ୍ଲାସମୁଣ୍ଡା }
କାଣ୍ଡଜ୍ଞାନହୀନ କାଣ୍ଡପୃଷ୍ଠ ହୁଣ୍ଡା, (୧)
ଅଶ୍ୱିସ୍ତ୍ରଦେବତା କଲ ଲୋଭପ୍ରେତ,
ନ ଚେତିଲ ଖାଇ ବିପଦର ବେତ,

ସଦା ହୋଇ ପାଦ-ଭ୍ରମଣ-ପ୍ରତ୍ୟାଶୀ
ପ୍ରଜା ମଧ୍ୟେ ପାପବୃତ୍ତିକି ମନାସି,
ରହିଥାଅ ଟାକି, କରି ଜରିମାନା
ଧନେ ପୂରାଇବା ଲାଗି ମାଲଖାନା,
ଧନର ଲାଳସା ଜାଗ୍ରତେ ସ୍ୱପନେ,
ଧନ ବିନୁ ନାହିଁ ଆନ ଚିନ୍ତା ମନେ,
ଧନର ସାଫଲ୍ୟ ସୁବ୍ୟୟେ କେବଳ,
ସେଥ ପ୍ରାପ୍ତେ ତାକୁ କରି କେଉଁ ଫଳ ?
ମର୍ତ୍ତେ କେତେ ଆସି କେତେ ଗଲେ, ଭାଇ,
କିଏ ନେଇଗଲେ କି ଧନ ମୁଣ୍ଡାଇ ?
ପଡ଼ି ତ ରହିଲେ ପଟ୍ଟେ ହାତୀ ଘୋଡ଼ା,
ପଡ଼ି ତ ରହିଲା ସୁନା ରୁପା ତୋଡ଼ା,
ପଡ଼ି ତ ରହିଲା ରତନେ ଭାସ୍ୱର
କୁବେରଭଣ୍ଡାର ସମ ରତ୍ନାଗର ,
'ଜିଣିବାକୁ ଆଉ ନାହିଁ ଧରାଖଣ୍ଡ'
ବୋଲି କଲେ ଯେହୁ ଅଶ୍ରୁସିକ୍ତ ଗଣ୍ଡ, (୨)
ମଲାବେଳେ ବିଶ୍ୱବିଜୟୀ ସ୍କନ୍ଦର (୩)
କି କହିଥିଲେ ତା ଚିତ୍ତେ ଥରେ ଧର,
ବୋଇଲେ, "ଏ ପ୍ରାଣ ଗଲେ ପିଣ୍ଡ ଛାଡ଼ି,
ନେବେ ଯେବେ ମୋତେ କୋକେଇରେ କାଢ଼ି
ହେଉଥିବ ତହିଁ ମୋ ଶବ ଶୁଆଇ,
ବେନି ପାଖେ ବେନି କରକୁ ଝୁଲାଇ,
ଯା ଦେଖି ଜାଣିବେ ଜଗତେ ସମସ୍ତେ,
ଆସିଥିଲି ଫେରିଗଲି ଶୂନ୍ୟ ହସ୍ତେ ।"
ଏହି ମହାବାକ୍ୟ ମନେ ମନେ ହେଜ
ସତ୍ତ୍ୱଗୁଣ ଭଜ ଲୋଭ ମନ ତେଜ ।
ଅକାରଣେ କିମ୍ପା ତଣ୍ଡି ଅରକ୍ଷିତ
ଉଲ୍ଲଙ୍ଘନପାଇଁ ସଞ୍ଚୁଅଛ ବିତ୍ତ ?

(୧) କାଣ୍ଡପୃଷ୍ଠ—ଶସ୍ତ୍ରବ୍ୟବସାୟୀ । କୌଣସି କୌଣସି ସ୍ଥଳରେ ଏହାର ଅନ୍ୟାନ୍ୟ ଏକାଧିକ ଅର୍ଥ ହୋଇଅଛି । (୨) ଗ୍ରୀକ୍‌ର ଆଲେକଜାଣ୍ଡାର ଦିଗ୍‌ବିଜୟରେ ପଞ୍ଜାବ ପର୍ଯ୍ୟନ୍ତ ଆସି ଦକ୍ଷିଣାଭିମୁଖରେ କ୍ରମଶଃ ଅଗ୍ରସର ହୋଇ ଯେତେବେଳେ ରତ୍ନାକର ତୀରରେ ଉପସ୍ଥିତ ହେଲେ, ଜୟ କରିବାକୁ ଆଉ ଦେଶ ନାହିଁ, ଏହି କଥା କହି ଅଶ୍ରୁ ବିସର୍ଜନ କଲେ । ( ୩ ) ସ୍କନ୍ଦର—ଆଲେକଜାଣ୍ଡର ।

'ବୋଲଅ ଜଗତେ ସିନା ଲକ୍ଷ-ପୋଷୀ,
ଫଳେ ତୁମ୍ଭେ ଜଣେ ଜଣେ ଲକ୍ଷ-ଶୋଷୀ,
ଗଣିକା, ଓକିଲ, ଗୁମୁଆ ପୋଷଣ
ଲାଗି କର କପାଁ ପ୍ରଜାଙ୍କୁ ଶୋଷଣ ?
ପ୍ରଜାରକ୍ତ, ସ୍ୱେଦ, ଲୋତକେ, ଅର୍ଜିତ
ଅଭିଶପ୍ତ ସ୍ପର୍ଶି ସ୍ପର୍ଶି ପାପବନ୍ତ
ପ୍ରାୟଶ୍ଚିତ୍ତେ ବ୍ୟସ୍ତ ନ କର ଯତନେ,
ପାପ ଅର୍ଜୁଅଛ ପାପାର୍ଜିତ ଧନେ !
ଅର୍ଜୁଅଛ ସିନା କେବଳ ଦୁଷ୍କୃତ
ଦୃଷ୍ଟିମୁଖେ ଢାଳି ଯଜ୍ଞକୁଣ୍ଡ-ଘୃତ ! (୧)
ଏ ଅସ୍ଥିର-ସତ୍ତ୍ୱେ ଛଳକୁ ନ ଧର
ନିଜ ଶ୍ରେଷ୍ଠ ଦେଖି ଶତ୍ରେ ଚିନ୍ତା କର ;
ଭଗ୍ନ ଘଟୁ, ଆହା ସଲିଳ ଯେସନ
ସାରି ଯାଉଅଛି ଆୟୁ ପ୍ରତିକ୍ଷଣ,
ବଡ଼ ଦୂର କାଳ ବଡ଼ ଅବିଶ୍ୱାସୀ !
ହାବୋଡ଼ି ଯିବ ସେ ଆଚମ୍ବିତେ ଆସି,
ଦୁରବର୍ତ୍ତୀ ଜାଣି କାଳକୁ ସେ ହସେ,
ହସି ସେ ତା ପଛେ ଆସି ଲୁଚି ବସେ,
ମାତିବେଳେ ବୁଝି ଗୁମୁରେ ହାଜର
ହେବ ବୋଧ ତାକୁ ନାହିଁ କି ଗୋଚର !
କେତେ ଦିନ ଖେଳୁଥିବ ଏହି ଖେଳ ?
ପାଖେଇ ଆସୁଛି ସେ ଅନ୍ତିମ ବେଳ ,
ଆସୁଛି ନୀରବେ ସେହୁ ପ୍ରତିକ୍ଷଣେ
ନିତ୍ୟଗାମି-ରଥ ଚକ୍ର-ଆବର୍ତ୍ତନେ,
ଆୟୁ-ସୂର୍ଯ୍ୟ ଯାଏ ଢଳେ ସେତେ ଗଡ଼ି,
ତୁମ୍ଭ ମାୟା ଯାଏ ସ୍ପୃହାପର ବଢ଼ି,
ମାୟା-ଡେର ତଳେ ଭେଦିବ ଯେତିକ,
ଅନ୍ତକ ଭଗଡ଼େ ଝିଙ୍କିବ ତେତିକ,
ସେ କଠିନ ଝିଙ୍କାଝିଙ୍କିରୁ ନିସ୍ତାର—
ଲଭ ଲାଗି ଆଗୁଁ ହୁଅ ହୁସିଆର,

ବେଳ ଥାଉଁ ଥାଉଁ ଅରଜ ଧରମ
ଜନ୍ମ-ଅନୁରୂପେ ଦେଖାଅ କରମ ;
ଜନ୍ମ ଫଳେ ଭବେ ବଡ଼ ପଣ ଖାଇ,
ଧର୍ମଫଳେ ତାକୁ କର ଚିରସ୍ଥାୟୀ ;
ଧର୍ମ ଏକ ପୋତ ଗଢ଼ିଛନ୍ତି ବିଧି
ତରିବାକୁ ଏହି ସଂସାର-ବାରିଧି,
ଧର୍ମ ଏକା ସିନା ମହତପଣିଆ,
ଆଉ ବଡ଼ପଣ ଅଡ଼େଇଦିନିଆ,
ବଡ଼ପଣ, ଭାଇ, ଏକା ସିନା ସେହୁ,
ଛଡ଼ାଇ କେହି ଯା ନ ପାରଇ ନେଇ (୨)
ବଡ଼ପଣ ସେହୁ, ଅନ୍ତେ ସୁଦ୍ଧା ଯାର
ସୌରଭେ ଚହଟୁଥାଏ ଏ ସଂସାର
ବଡ଼ପଣେ ସିନା ସେହି ତାକୁ ଗଣି,
ଯେଉଁ ବଡ଼ପଣ ଦ୍ୱିଲୋକସାଧନୀ,
ସେହୁ ସିନା ବଡ଼ପଣ ଯହିଁ ଲାଗି
ଅନ୍ତକର ବଜ୍ର-ଦନ୍ତ ଯାଏ ଭାଙ୍ଗି,
ସେହୁ ବଡ଼ପଣେ ବଳାଅ ମତକ,
କାଳ ନ ପାରିବ ପଶି ଯା କଟକ ;
ହେଳା କରନାହିଁ ପାଇ ଏ ସୁବିଧା
ଲଭିବାକୁ ସେହି ବଡ଼ପଣ ନିଦା,
ସଂସାରର ଭିକସାର ବଡ଼ପଣ—
ଲାଳସାରୁ ନଅ ବାହୁଡ଼ାଇ ମନ ;
ଉଦାସୀନ-ନେତ୍ରେ ଦୁନିଆର ମାନ
ଦେଖି କର ମନ ଧର୍ମେ ଏକତାନ,
ସ୍ୱଜଧର୍ମେ ଆତ୍ମ-ତତ୍ତ୍ୱେ ଦେଇ ମତି
ଉଚ୍ଚ ହୋଇ ଲଭ ଉଚ୍ଚତର ଗତି ।
ମଣ୍ଡିଅଛ କପାଁ ଆସି ସଭାଦର
ଉତ୍କଳ-ଶେଖର ହେ ଚନ୍ଦ୍ରଶେଖର !
ଟଡୋଫୁଲାନାର-ପାସ୍ତୀ କି ଆଶାରେ
ପଶିଲ ଜ୍ୟାସର-ସେବିତ କାସାରେ ?

(୧) ଦୃଷ୍ଟି—ଦୂଷ୍ଟୁର (୨) ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ବଡ଼ପଣ ଏହି ଶ୍ରେଣୀର ବଡ଼ପଣ ।

କହ ଫେଡ଼ି, ଘନ ଦେଇଁ ଭୂମଣ୍ଡଳେ
ସତ୍ୟଲୋକୁଁ ଖସି ଆସିଲ ପାତାଳେ ? (୧)
ଲୋଡ଼ୁଅଛ କି, ହେ ବିଶ୍ୱପୂଜାସ୍ପଦ,
ଖଦ୍ୟୋତନ (୨)ହୋଇ ଖଦ୍ୟୋତର ପଦ ?
ଏ ସମ୍ମାନେ ତୁମ୍ଭେ ହେବ କି ହେ ବଶ ?
ତୁମ୍ଭଙ୍କୁ ତ ଏହା ମୂଲ୍ୟ ଅଛି କଣ ;
ଏ ସମ୍ମାନ-ମାଳା ମାନୁଛି କି ଗଳେ ?
ବିଶୁଦ୍ଧ ସ୍ୱର୍ଣ୍ଣେ କି ମୁଦ୍ରା ବସେ ଭଲେ ? (୩)
ଜାଣେ ମୁଁ, ନ ଥିଲ ସମ୍ମାନ-ଆଶାସ୍ତୀ,
ସମ୍ମାନ ତୁମ୍ଭଙ୍କୁ ଲୋଡ଼ି ନେଲା ଯାଇ,
ତୁମ୍ଭ ମୁଖ୍ୟ କର୍ମ ତପ ଆଚରିବା,
ଦୁନିଆର ପଛେ ଯାଏ ଆସେ କିବା ?
ଧନ୍ୟ, ଧନ୍ୟ, ଆହେ ତପସ୍ୱି-ସତ୍ତମ,
ମର୍ତ୍ତ୍ୟ-ଦେହେ ତୁମ୍ଭେ ପରାଜିଲ ଯମ !
ଦେଉଛନ୍ତି ଦିବ୍ୟଚକ୍ଷୁ ବାଗୀଶ୍ୱରୀ
ଦେଖିବାକୁ ମହାଭୂତି ମାହେଶ୍ୱରୀ, (୪)
ସବୁବେଳେ ଧ୍ୟାନ କରୁଛ ଭାସ୍ୱତୀ
ହିରଣ୍ୟ-ଗର୍ଭର ମୂରତି ଶାଶ୍ୱତୀ (୫)
ତୁମ୍ଭ ଆଗେ ଭାସେ ପ୍ରତିନେତ୍ରୋନ୍ମେଷେ
କୋଟି କୋଟି ବିଶ୍ୱ ସୀମାତୀତ-ଦେଶେ,
କୋଟି ଗ୍ରହ, ଉପଗ୍ରହ, ଧୂମକେତୁ
ତୁମ୍ଭ ତପେ ତୁଷ୍ଟା ବାଗ୍‌ଦେବୀ ସଙ୍କେତୁ
କରୁଛନ୍ତି କେତେ ଲୀଳା କୁତୂହଳେ,
ଯାଦୋଗଣ ଯଥା ମହାର୍ଣ୍ଣବ-ଜଳେ ,
ତୁମ୍ଭଙ୍କୁ ନିଶାରେ ନିତି ନବ ନବ
ଦେଖାନ୍ତି ନକ୍ଷତ୍ର ପୁରୁଷେ ତାଣ୍ଡବ, (୬)

ଜ୍ୟୋତିର୍ଲୋକବାସୀ ମହାତ୍ମାଙ୍କର
ଜ୍ୟୋତିର୍ବିଦ, ତୁମ୍ଭେ ନିତ୍ୟ ସହଚର,
ରହିବ ଯାବତ ଭବେ ତୁମ୍ଭ ଯଶ,
ଦୀପିବେ ଯାବତ ଏ ଜ୍ୟୋତି ଦ୍ୱାଦଶ, (୭)
ଦ୍ୱାଦଶ ବିଧିର ଅନୁଷ୍ଠାନ ଗୁରୁ
ସାଧ୍ୟ ହେଲା ଯେଣୁ ତୁମ୍ଭ ଗଣନାରୁ, (୮)
ହେ ଉତ୍କଳମାତା ଯୋଗ୍ୟତମ ସୁତ,
ତୁମ୍ଭ ଯୋଗୁ ଆମ୍ଭେ ସର୍ବେ ହେଲୁ ପୂତ ;
ଗୋଦାବରୀଠାରୁ ଗଙ୍ଗାଯାଏ ବ୍ୟାପି
କୀର୍ତ୍ତିମାଳା ଯାର ବହୁକେ ଅଦ୍ୟାପି,
ଏକାମ୍ରେ କୋଣାର୍କେ ଯା କୀର୍ତ୍ତି ଭାସ୍ୱର,
ଯୋଗ୍ୟପୁତ୍ର ତୁମ୍ଭେ ସେହି ଉତ୍କଳର,
ମାତ୍ର କାଳମୁଖେ ସେ କୀର୍ତ୍ତିବିମଳ
ଦେଇ,ନିଜ ମୁଖେ ଏବେ ସେ ଉତ୍କଳ
ବୋଲି ଦେଇଅଛି ଅଞ୍ଜନର ମସୀ,
ସେ ଉତ୍କଳେ ତୁମ୍ଭେ ଶ୍ମଶାନ-ତୁଳସୀ !
ତାସ୍ୱରୂପେ ଜ୍ୱଳି ଉତ୍କଳ ଗଗନେ
ରହିଲ ଅଞ୍ଜନ-ମେଘ-ଆବରଣେ,
ଦୂରୁ ଦେଖି ତୁମ୍ଭ ଦିବ୍ୟ ଜ୍ୟୋତିରାଶି
ଚିହ୍ନିଲେ ତୁମ୍ଭଙ୍କୁ ଦୂରଦେଶବାସୀ,
ଉତ୍କଳ-ଉଦୟ-ଅଚଳେ ଭାସ୍କର
ହେଲେ ଭାରତର ଦ୍ୱିତୀୟ ଭାସ୍କର,(୯)
ମାତ୍ର ହେଲ ଯେଣୁ ତୁମ୍ଭର ପ୍ରସୂତି
ନ ଚିହ୍ନିଲା ସେ ତ ନିଜର ବିଭୂତି !
ଗୁଣଜ୍ଞ ଉତ୍କଳେ ଜଣେ କେହି ନାହିଁ,
ଗୁଣୀନ୍ଦ୍ର, ତୁମ୍ଭର ହେବ ଗୁଣଗ୍ରାହୀ !

(୧) ସତ୍ୟଲୋକ—ସର୍ବୋଚ୍ଚ ସ୍ୱର୍ଗ, ପାତାଳ ସବୁଠାରୁ ନୀଚ । (୨) ଖଦ୍ୟୋତନ—ସୂର୍ଯ୍ୟ । (୩) ଶୁଦ୍ଧସ୍ୱର୍ଣ୍ଣରେ ତାମ୍ରାଦି ନିକୃଷ୍ଟଧାତୁ ନ ମିଶିଲେ ମୁଦ୍ରା ଭଲ ବସେ ନାହିଁ । (୪) ମାହେଶ୍ୱରୀ ଭୂତି—ଈଶ୍ୱରଙ୍କର ଐଶ୍ୱର୍ଯ୍ୟ । (୫) ହିରଣ୍ୟଗର୍ଭ—ବିରାଟସ୍ୱରୂପ, ଯାହାଙ୍କ ଗର୍ଭରେ କୋଟି କୋଟି ହିରଣ୍ମୟ ବ୍ରହ୍ମାଣ୍ଡ ଅବସ୍ଥିତ । (୬) ଅନେକ ନକ୍ଷତ୍ର ଏକତ୍ର ହୋଇ ଗୋଟିଏ ଗୋଟିଏ ଜ୍ୟୋତିର୍ମୟ ପୁରୁଷରୂପେ କଳ୍ପିତ ହୁଅନ୍ତି । (୭) ଦ୍ୱାଦଶ ଜ୍ୟୋତି—ସୂର୍ଯ୍ୟ । (୮) ବୈଦିକ କର୍ମକାଣ୍ଡ ବିଶୁଦ୍ଧ ପଞ୍ଜିକାସାପେକ୍ଷ । ସାମନ୍ତମହାଶୟଙ୍କଦ୍ୱାରା ପଞ୍ଜିକାର ବିଶୁଦ୍ଧତା ସମ୍ପାଦିତ ହୋଇଅଛି । (୯) ଭାସ୍କରାଚାର୍ଯ୍ୟ ।

ସଲିଲ ନ ସିଞ୍ଚି ଖାଲି ଦଣ୍ଡବତ
କରିବାକୁ ଛୁଟନ୍ତି ଲୋକ ଶତ ଶତ !
ଥାଇଁ କି ଶ୍ରୀରାମଚନ୍ଦ୍ର ନରଗଣ
ବୟସେ କିଶୋର ଜ୍ଞାନେ ବର୍ଷୀୟାନ,
ଥାଇଁ ଥାଇଁ ବାସୁଦେବ ନୃପବର
ଉଦ୍ୟାନ-ମରାଳ-କୁଳ-ପଦ୍ମାକର,
ନରେଶ ମହେନ୍ଦ୍ର ସ୍ୱଦେଶଗୌରବ,
ଗୁଣିବୃନ୍ଦ-ଅନିବନ୍ଧନ-ବାନ୍ଧବ,
ତୁମ୍ଭ ପରି ଜ୍ଞାନ-ରତ୍ନ ମଉଳିଲା !
ଏହା ଦେଖିବାକୁ ବିଧିଲେଖିଥିଲା !
ଶୁଷ୍କ ବନ୍ଧ୍ୟ ଯଶ ସଙ୍ଗେ ଅର୍ଦ୍ଧାସନ
ପ୍ରତିଭାର ଥିଲା ଲଲାଟ-ଲେଖନ !
ଲକ୍ଷ୍ମୀଙ୍କ ସପତ୍ନୀ ହେବାରୁ ବରଦା,
ଦାରିଦ୍ର୍ୟ ତୁମ୍ଭର ସଙ୍ଗୀ ହେଲା ସଦା !
ସଦା, ଆହା, ରୋଗ-ଯନ୍ତ୍ରଣାରେ କ୍ଷୀଣ,
ଋଣର ଦାରୁଣ-ଚିନ୍ତାରେ ମଳିନ,
ନିରବେ ତୁମ୍ଭଙ୍କୁ ସେହି ଚିନ୍ତା ଝିଙ୍କି
ଜ୍ୟୋତିଷ୍କଙ୍କ ଆଣେ ଏ କ୍ଷୁଦ୍ର ମସ୍ତିଷ୍କ !
ଆହା ଶୀର୍ଣ୍ଣ ଅଙ୍ଗ ଦିଶେ କେଡ଼େ ମ୍ଳାନ !
ପ୍ରାତେ ଦୀପ ଯଥା ଆସନ୍ନ ନିର୍ବାଣ !
ସବୁବେଳେ ଜଳୁଅଛ ଚିନ୍ତାନଳେ,
ଏହାପରେ ପୁଣି କ୍ରୂର ଭାଗ୍ୟଫଳେ
ପ୍ରାକୃତ ପାଶବ-ଶକ୍ତି-ଅଧିକାରୀ
ତୁମ୍ଭ ପରେ କରେ ପ୍ରଭୁପଣ ଜାରି !
ଅନ୍ୟ କୁଳେ ଜନ୍ମି ଥିଲେ ଯେଉଁ ଜନ
ତୁମ୍ଭର ଆପଟ ହେବାକୁ ଭାଜନ
ନୁହନ୍ତା, ଆଜି ସେ ମାନ-ଧନ ଶୋଥୀ
ଲଗାଇ ଦେବାକୁ ଲୋଡ଼େ ତୁମ୍ଭ ଜ୍ୟୋତି !
ଯାର ଈର୍ଷା ଯୋଗ୍ୟ ତୁମ୍ଭର ଏ ଦଶା,
ତେବେ ରାଜା ହେଲେ ମନେ ସେହି ତୃଷା !
ରତନ କାହିଁ ସେ ଖୋଜିବ ବଜାରେ ?
ଅନାଦରେ ତାହା ଦଳେ ପାଦପୀଠେ !
ମୋତି ମୂଲ୍ୟ କାହିଁ ଜାଣିବ ଶବର ?
ମୋତି ଫିଙ୍ଗି କରେ ଗୁଞ୍ଜାରେ ଆଦର !
ଧୀର-ମଣି, ଏଥିଲାଗି ବିଚଳିତ
ହେବାର ତୁମ୍ଭର ନୁହଇ ଉଚିତ,
ମଳିନ କରଇ ସିନା ମୁହୂର୍ତ୍ତକ
ଧ୍ରୁବତାରା ଜ୍ୟୋତି ଉଲ୍କାର ଝଟକ !
ଭୋଗ ବିଳାସର କୀଟ ଦୁନିଆର
ଅସାର, ତପସ୍ୱୀ, ତୁମ୍ଭେ ବଜ୍ରସାର !
ଭୋଗବିଳାସୀଙ୍କ ଜୀବନ ସଞ୍ଚିତ
କୋଟି କୋଟି ମୁଦ୍ରା ବ୍ୟୟେ ସୁଗଠିତ
ପ୍ରାସାଦ, ସଜ୍ଜିତ ସୁପରିପାଟୀରେ
ମାଟିଦ୍ରବ୍ୟ ମିଶିଯିବ ସେ ମାଟିରେ !
ମାତ୍ର ଉତ୍କଳର ଦର୍ପ, ଚିନ୍ତା-ପ୍ରସୂତ,
ଜ୍ୟୋତିଷ-ଦର୍ପଣ, ଦରିଦ୍ରର କୃତି,
'ସିଦ୍ଧାନ୍ତଦର୍ପଣ' (୧) ହେବ ନାହିଁ ଲୁପ୍ତ,
ନରଦେହେ ଥିବ ଯାବତ ହୃଦସ୍ତ ।

(୧) ସିଦ୍ଧାନ୍ତଦର୍ପଣ—ଚନ୍ଦ୍ରଶେଖର-ପ୍ରଣୀତ ଗ୍ରନ୍ଥ ।

# ଦଶରଥ ବିୟୋଗ

# ଉତ୍ସର୍ଗପତ୍ର

—:*:—

ସର୍ବକଲ୍ୟାଣ-ଭାଜନ ଶ୍ରୀଯୁକ୍ତ ଯୁବରାଜ ଶ୍ରୀ ବୀରବିକ୍ରମଦେବ

ମହୋଦୟ ଶ୍ରୀକରକମଳେଷୁ

ସବିନୟ ନିବେଦନମିଦଂ ।

ଶ୍ରୀମନ୍ ଯୁବରାଜ !

ଓଡ଼ିଶାରେ ଏବଂ ଉତ୍କଳ ସ୍ତ୍ରୀ-ସମାଜ ମଧ୍ୟରେ ଅବସ୍ଥିତ ହୋଇ ସୁଦ୍ଧା ଅନେକ ଲୋକଙ୍କୁ ଉତ୍କଳଭାଷା ପ୍ରତି ଆସ୍ଥାଶୂନ୍ୟ ଦେଖାଯାଏ । କିନ୍ତୁ ଓଡ଼ିଶାର ସୀମାର ବହିର୍ଭାଗରେ ଏବଂ ହିନ୍ଦୀଭାଷୀ ସମାଜ ମଧ୍ୟରେ ଅବସ୍ଥିତ ହୋଇ ଏବଂ ବିଭବଶାଳିନୀ ହିନ୍ଦୀଭାଷାର ବିଭବଶାଳିତା ଉତ୍ତମରୂପେ ହୃଦୟଙ୍ଗମ କରି ସୁଦ୍ଧା ଉଦାର ଜାତୀୟଭାବର ପ୍ରେରଣା-ନିବନ୍ଧନ ଆପଣ ଦରିଦ୍ର ଉତ୍କଳ-ସାହିତ୍ୟର ଉନ୍ନତିବିଧାନରେ ସର୍ବଦା ବଦ୍ଧପରିକର । ଫଳତଃ ଏ ବିଷୟରେ ଆପଣଙ୍କର ଏବଂ ଖଣ୍ଡିଆଳ-ଗଡ଼ବଂଶୀୟ ଅନ୍ୟାନ୍ୟ କୌଣସି କୌଣସି ବିଶିଷ୍ଟ ବ୍ୟକ୍ତିଙ୍କର ସଦୃଦାହରଣ ଉତ୍କଳବାସୀଙ୍କ ପ୍ରତି ଗୋଟିଏ ଅନୁସରଣଯୋଗ୍ୟ ଆଦର୍ଶ ହୋଇଅଛି ଏବଂ ସେହି ହେତୁରୁ ଖଣ୍ଡିଆଳ ଓଡ଼ିଶାରୁ ବହିର୍ଭୂତବର୍ତ୍ତୀ ହୋଇ ସୁଦ୍ଧା ଓଡ଼ିଶା ସହିତ ପ୍ରୀତିବନ୍ଧନରେ ଆବଦ୍ଧ ହୋଇଅଛି । ବିଶେଷତଃ ଆପଣ ସ୍ୱତଃପ୍ରବୃତ୍ତ ହୋଇ ମୋହ ପ୍ରତି ଯେଉଁ ଅକୃତ୍ରିମ ଶ୍ରଦ୍ଧା ପ୍ରଦର୍ଶନ କରିଅଛନ୍ତି, ସେଥିସକାଶରୁ ମୁଁ ଆପଣଙ୍କଠାରେ ଚିରକୃତଜ୍ଞ ହୋଇ ରହିଅଛି । ସେହି କୃତଜ୍ଞତାର ଚିହ୍ନସ୍ୱରୂପ ଏହି କ୍ଷୁଦ୍ର କାବ୍ୟ ଆପଣଙ୍କ ସମ୍ମୁଖରେ ଉପସ୍ଥାପନ କରିବାକୁ ସାହସୀ ହେଲି । ଗୃହୀତ ହେଲେ କୃତାର୍ଥ ହେବି ।

ହୁଗ୍ଲି
୨୦ । ୨ । ୧୯୦୧

ଆପଣଙ୍କର
ସଦା ଶୁଭାନୁଧ୍ୟାୟୀ
ଶ୍ରୀ ରାଧାନାଥ ରାୟ

# ଦଶରଥ ବିୟୋଗ

ରାମ-ବିବାସନ ଯୋଗୁଁ ନିବିଡ଼ ବିଷାଦେ
ରଘୁକୁଳରାଜଧାନୀ ସୌଧ-କିରୀଟିନୀ
ଅଯୋଧ୍ୟାନଗରୀ ଆଜ, ମହାଶୋକୋଚ୍ଛ୍ୱାସେ
ପୁର-ନରନାରୀ ଯେତେ ବିଷଣ୍ଣ ନୀରବେ,
ଶୂନ୍ୟ ରାଜପଥ, ଶୂନ୍ୟ ବିପଣି-ବୀଥିକା,
ଶୂନ୍ୟ ଶୃଙ୍ଗାଟକ ଯାହା ଟଳମଳ ସଦା
ହେଉଥିଲା ଜନତାର ହର୍ଷକୋଳାହଳେ ;
ଶୂନ୍ୟ ରାଜୋଦ୍ୟାନ, ଯହିଁ ବେଶଭୂଷାଧାରୀ
ମଣ୍ଡଳେ ବିହରୁଥିଲେ ନାଗରିକ ଯୁବା,
ଦେଖନ୍ତି ନାହିଁ ସରଯୂର କଳ ନୀଳସ୍ରୋତେ
ଶଙ୍ଖ-ଧନୁ-କଣ୍ଠୋଜ୍ଜ୍ୱଳ ପତାକା ଉଡ଼ାଇ,
ବିଳାସୀର ଲୀଳାତରୀ ଗଜଦନ୍ତେ ଗଢ଼ା,
ନୀରବ ସଙ୍ଗୀତଶାଳା, ଉଠୁଥିଲା ଯହିଁ
ଅବିରତେ କଣ୍ଠଯନ୍ତ୍ର-ସଙ୍ଗୀତର ଧ୍ୱନି
ତାଳେ ତାଳେ, ନର୍ତ୍ତକୀର ମଞ୍ଜୁଳ ଶିଞ୍ଜିତେ,
ଥାଉ ଆନ କଥା, ଅଶ୍ରୁ ମୁଞ୍ଚନ୍ତି ନୀରବେ
ରାଜହସ୍ତୀ ହସ୍ତିଶାଳେ, ମନ୍ଦୁରାରେ ବାଜୀ,
ରାମ ପଛେ ପଛେ ଆହା, ଯାଇଛି ଚୋରାଇ
ଅଯୋଧ୍ୟାର ଶିରୀ, ଯାଏ ଚୋରାଇ ଯେସନେ
କୌମୁଦୀ କୁମୁଦାନନ୍ଦ-ଶଶାଙ୍କ-ସଙ୍ଗତେ,
ରତ୍ନଦୀପ ଶ୍ରେଣୀ ପ୍ରାୟେ ପ୍ରଦୀପମାଳିନୀ
ମହୋଜ୍ଜ୍ୱଳ ନାଟ୍ୟଶାଳା ସମ ମନୋହର
ମହାମହୋତ୍ସବମୟୀ ସାକେତନଗରୀ
ହଠେ ଯବନିକ ଯେପରେ ସ୍ଖଳଣ ଶବ୍ଦେନେ,
ଆବୃତ ନଗରୀ ଆଜ ନିବିଡ଼ ତମସେ,
ସୁରଭିର ନାଶୀଥିଲା ଯୋଷ୍ଟ୍ରୁ ନିକଟେ
ସଂସାରର ନଶ୍ୱରତା ଝିଲ୍ଲିକା-ନିନାଦେ,
ଶୋଭିତ ନକ୍ଷତ୍ରମାଳା ଜଳି ଦପଦପେ
ମହାଶୂନ୍ୟେ ଦେଖନ୍ତି କି ଭ୍ରୂଭଙ୍ଗେ କୌତୁକେ
ମର୍ତ୍ତ୍ୟର ନଶ୍ୱରଲୀଳା, ଶୁଭେ କେବେ କେବେ
ନିଦାରୁଣ ନିସ୍ତବ୍ଧର ତୂରୀ-ଧ୍ୱନି ପରି
ନଗରର ଉପକଣ୍ଠେ ବିଲୁଆର ରଡ଼ି,
ଉପବନ-ତରୁକୁଞ୍ଜେ ଉଲ୍ଲୁକର ଧ୍ୱନି,
ଶୋକର ଝଟିକା ବହେ ରାଜାଙ୍କ ବବରେ,
ବାତ ଦୀର୍ଘଶ୍ୱାସ ଯହିଁ, ଲୋତକ ବରଷା,
ରାଜରାଣୀଙ୍କର ଘନ-ନୀଳ-କେଶରାଜି-
କାଦମ୍ବିନୀ, ସ୍ୱର୍ଣ୍ଣ ଅଙ୍ଗଯଷ୍ଟି ସୌଦାମିନୀ,
ଅସହ୍ୟ ଏ ଉପଦ୍ରବ ଆଜ ରାଜପୁରେ
ପରିଶ୍ରାନ୍ତ ପାନ୍ଥେ ଭାବି ଶେଷ ହୋଇ ପର
ବନବାସେ ରାମଚନ୍ଦ୍ର ବିଜେ ହେଲେ ଦିନୁ
ଷଷ୍ଠ ଦିନ ଆଜ, ବୃଦ୍ଧ ସୁମନ୍ତ୍ର ସାରଥି
ଗଙ୍ଗାତୀରେ ଭରଦ୍ୱାଜ ମୁନିଙ୍କ ଆଶ୍ରମେ
ତେଜି ରାଇ ବଧୂଠାରୁ ଘେନିଣ ମେଲାଣି,
କ୍ଷୁଣ୍ଣମନେ ଶୂନ୍ୟରଥେ ବାହୁଡ଼ି ନଗରେ
ସନ୍ଧ୍ୟାକାଳେ, ଦେଇଗଲେ ରାମୁରେ ବାରତା,
ଫାଟି ଯାଇଅଛି, ଆହା, ଶୋକତପ୍ତ-ହୃଦ
ବୃଦ୍ଧ ରାଜାଙ୍କର ସେହି ଦାରୁଣ ସଂବାଦେ,
ତପ୍ତ ଲୌହଖଣ୍ଡ ଯଥା ଆଘାତନଘାତେ,
ମୂର୍ଚ୍ଛନ୍ତି ଭୂପତି ଶ୍ୱାସ ଶୋକ ଅସହ୍ୟାଳେ
ମୁହୁର୍ମୁହୁଃ ସଦ୍ୟୋଧୃତ କୁଞ୍ଜର ଯେସନେ,
ଉନ୍ମାଦର ପ୍ରାୟେ ଦେହ ଥରେ ଅବିରତେ,
ଅଶ୍ରୁମୁଖେ ରାଜାଙ୍କର ଉପସ୍ଥରେ ରତ
କୈକେୟୀ ବିହୁନେ ଆଉ ଯେତେ ରାଜଯୋଷା
ମାତ୍ର ସେହି ଉଚ୍ଛ୍ୱାସେ ବଢ଼ାଇ ଅଗ୍ନିକେ
ବୃଦ୍ଧ ରାଜାଙ୍କର ତାପ, ବଡ଼ବାନଳଶିଖା
ଜଳଇ ଦ୍ୱିଗୁଣେ ଯେପନ୍ତେ ବୃଷ୍ଟିଜଳପାତେ,

ଅନୁତାପ-ଜଣାଧାରେ ଜରଜର ହୋଇ
ଅଶ୍ରୁମୁଖୀ କୌଶଲ୍ୟାକୁ କର ଯୋଡ଼ି ସେଏ
କହନ୍ତି ନୁଆଇଁ ଶିର ଗଦଗଦ ଭାଷେ,
"ସତ୍ୟବ୍ରତ କ୍ଷମାଶୀଳ ରାମର ଜନନୀ
ତୁମ୍ଭେ ଦେବି, ମୂର୍ତ୍ତିମତୀ କରୁଣା ଜଗତେ,
ନୋହିଲେ ଭାଜନ, ଦେବି, ତୁମ୍ଭେ କି କେବେ
ହେବାକୁ ସେ ପୁଣ୍ୟଶ୍ଳୋକ ବୀରର ଜନନୀ,
ଚନ୍ଦନ ଅବନୀ ଯାର ପାବନ ପରଶେ,
ପ୍ରତିବାସି-ତରୁଗଣେ ସ୍ୱଗୁଣ ପ୍ରଦାତା,
ଯାତକ ହେଲେହେଁ ତାକୁ ବାସ-ବିତରଣେ
ଅକାତରେ ସେ ଚନ୍ଦନ ନିଜ ସଦ୍‌ଗୁଣେଁ,
ଭାଜନ ସେ ଚନ୍ଦନର ହେବାକୁ ପ୍ରସୂତି
ଆନ କିଏ ମଳୟାଦ୍ରି-ଉପତ୍ୟକା ବିନା ?
ମାନସ-ସରସୀ ବିନା ଆନ ସର କେବେ
ଭାଜନ ହେବାକୁ ସ୍ୱର୍ଣ୍ଣପଦ୍ମର ପ୍ରସୂତି ?
ଯେତେ ଶତ୍ରୁ ହେଲେ ତାକୁ କ୍ଷମା ଆଚରିବ
ସ୍ୱଭାବ ତୁମ୍ଭର ସଦା, ମୁଁ ତୁମ୍ଭର ପତି,
ଦେବତା ନାରୀର ପତି ଗୁଣୀ କି ନିର୍ଗୁଣ,
ଅଭାଜନ ହେଲେ ପତି, ଅୟି ପତିବ୍ରତେ,
ହୁଏ କି ତା ପ୍ରତି ବାମ କେବେ ପତିବ୍ରତା
ଶ୍ରୀରାମର ଶୋକ ଶତମୁନା ଶଙ୍କୁପରି
ପୁଟିଅଛି ଏ ହୃଦୟେ ଶିରା-ପ୍ରଶିରାରେ,
ସବାଙ୍ଗେ ସୌଧର ଭେଦେ ଅଦୃଶ୍ୟେ ଯେସନେ
ଅଶ୍ୱତ୍ଥର ଚେର ଶାଖା ପ୍ରଶାଖା ବିସ୍ତାରି,
ଜୀର୍ଣ୍ଣ ହେଉଅଛି ମୁହିଁ ଆମୂଳତ ପାତେ,
କଣ୍ଠାଗତ ପ୍ରାଣ ମୋର, ଏହି ନିଶା-ଶେଷେ
ତ୍ରୈଲୋକ୍ୟ ଦିନମଣି ଆଲୋକି ଧରଣୀ
ନଳିନୀ-ନୟନ-ମୁଦ୍ରା ଫେଡ଼ିବେ ଯେକାଳେ
ଏ ନୟନ ଥିବ ଚିର ନିଦ୍ରାରେ ମୁଦ୍ରିତ ।
ଅନ୍ତିମକାଳରେ ମୋର ମାଗୁଣି ଏତିକ—
ରୋଷ ନ ବହିବ ମୋର ଅପରାଧ ସ୍ମରି;
ଅଲଙ୍ଘ୍ୟ ନିୟତି-ବଳ, ଅଲଙ୍ଘ୍ୟ ଜଗତେ
କର୍ମଫଳ, ଗୁରୁ ଲଘୁ ନାହିଁ ଟି କାହାର !
ସେ ଯା ବୁଣେ, କାଟେ ତାହା ବିଧିର ଏ ବିଧି
ପଳାଶର ରମ୍ୟକାନ୍ତି ଦେଖି କେହି ଯେବେ
ସନ୍ନିହିତ ମୁକୁଳିତ ଚୂତତରୁ ଛେଦି,
ସିଞ୍ଚଇ ସୁଫଳ ଆଶେ ପଲାଶେ ଯତନେ,
ନୋହିବ କାରଣ କି ସେ ଫଳଲାଭ ବେଳେ ?
ରୂପଜ ମୋହରେ ମୁହିଁ ମାତି ଯଉବନେ
ବରିଲି କୈକେୟୀ ମୋର ନିୟତି-ରୂପିଣୀ,
ରୂପଜ ମୋହରେ ସିନା ପତଙ୍ଗ ଏପରି
ପଡ଼ଇ ମହୋଲ୍ଲାସେ ଯାଇଁ ଦୀପଶିଖାନଳେ ?
ରୂପଜ ମୋହରେ ମୁହିଁ ପୁଷ୍ପମାଳା ଭ୍ରମେ
ଗଳାମାଳା କଲି ଏହି କାଳ-ଭୁଜଙ୍ଗିନୀ !
ଯମନକ୍ରରୂପି-ନକ୍ର ଗର୍ଭେ ଗୂଢ଼େ ବହି
ପଲୋଭଇ, ଆହା ଅବଗାହକେ ଯେସନେ
ସ୍ୱଚ୍ଛ ହ୍ରଦ ସୁମଣ୍ଡିତ ଫୁଲ୍ଲ କୋକନଦେ ;
ମାୟାବିନୀ ମାୟା-ପ୍ରେମ-କୁହୁକ ଲଗାଇ
ସାଧିଲା କାମନା ମୋତେ ସଂହାରି ଜୀବନେ,
ଜାଣି ତ ନ ଥିଲି ପୁଷ୍ପରାଶି ତଳେ ଅହି,
ଭସ୍ମରାଶି ତଳେ ଥିଲା ଅନଳ ଗୁପତେ ;
ଦୁଷ୍ଟ ତୃଣାଚ୍ଛନ୍ନ ଖାତେ ପଡ଼ଇ ଯେସନେ
ମାତଙ୍ଗ, ପଡ଼ିଲି ମୁହିଁ କୈକେୟୀର ଜାଲେ,
ଦୁର୍ବିଦଗ୍ଧ ବର ମୋର ଯତ୍ନେ ପାପୀୟସୀ
ରଖିଥିଲା ଗୁପ୍ତେ ହୃଦ-କନ୍ଦରେ ପୂରାଇ ,
ରଖଇ ବସୁଧା ଯଥା ପୂରାଇ ବିବରେ
କାଳସର୍ପ, ରାମ ଅଭିଷେକ କଥା ଶୁଣି,
ନିଦାଘେ ବସୁଧା ପ୍ରାୟେ ଈର୍ଷାନଳେ ବାମା
ମନେ ମନେ ଦଗ୍ଧ ହେଉଥିଲା ଅଭିମାନେ,
ନିଦାଘାନ୍ତେ ବସୁନ୍ଧରା ନବ-ବାରି-ସେକେ
ଉଗାରେ ଭୁଜଙ୍ଗ ଯଥା, କୈକେୟୀ ତେସନେ
ଆଶ୍ୱାସବଚନେ ମୋର, ହୃଦୟୁ ଉଗାରି
ସେହି ବର, ଭଆଇଲା ଏ ଘୋର ଦୁର୍ଗତି,
ଏ ଦାରୁଣ କାଳେ, ଦେଖ ଲୋକ ସର୍ବ୍ବସ୍ୱକେ

ଭଗ୍ନ ହୋଇ ଦେଖଇ ମୁଁ ଚତ୍ତୁକୁ ଅନାଇଁ
ଚିର ଜୀବନର ଲୁବ୍ଧ-ସ୍ମୃତିର ଫଳକେ,
ଭଲ-ଭଣ୍ଡ୍ରିତ ପାପପୁଣ୍ୟର ବରଣ୍ୟ,
ସ୍ୱପନେ ଯେସନେ, ଦେବ, ଦେଖନ୍ତି ପ୍ରାଣୀଏ
ସୁଦୀର୍ଘକାଳର କଥା ପଲକମାତରେ ।
କୁମାରବୟସେ, ଦେବ, ରୋପିଥିଲି ମୁହିଁ
ଯେ ମହାଦୁଷ୍କୃତ-ବୀଜ, ଫଳିଲା ତା ଏବେ,
ମୋ କର୍ମ-ବୀଜରୁ ଜାତ ବିଷବଲ୍ଲୀରୂପା
କେକେୟୀ ସେ ନିମିତ୍ତର ଅପଯଶଭାଗୀ,
କୁମାରବୟସେ ମୁହିଁ ଶବ୍ଦବେଧୀ ବୋଲି
ହେଲି ଖ୍ୟାତ, ମତ୍ତ ହୋଇ ସେ ପ୍ରାକୃତ ଯଶେ
ଧନୁଶର-ହସ୍ତେ ମୁହିଁ ଭ୍ରମୁଥାଇ ବନେ
ମୃଗୟା-ବ୍ୟସନେ ହୋଇ ଅନୁକ୍ଷଣେ ରତ,
ରାଜାଏ ରାଜସ ଧର୍ମେ ମଜ୍ଜି ଏହିରୂପେ
ଲଭନ୍ତି ଅନ୍ତମେ ସିନା ଦାରୁଣ ଦୁର୍ଗତି !
ଏକଦା ବସନ୍ତ ଅନ୍ତେ ନିଦାଘ-ପ୍ରବେଶେ ।
ପ୍ରଚଣ୍ଡ ମାର୍ତ୍ତଣ୍ଡ-ତାପେ ତାପିଗଲା ମହୀ,
ଝାଉଁଳି ମଉଳି ଯାଇ ତରୁଲତା ବିଶ୍ୱ
ବନଭୂମି ଝଙ୍କାରିଲା ଝାଇଁ ଝାଇଁ ରବେ,
ଗ୍ରୀଷ୍ମର ପ୍ରଭାବ ଭବେ ଶୋଷିଲେ ଦିଙ୍କାସ୍ତି,
ଧୂମାସ୍ୱିତ ହୋଇ ଜଗ ଦାବାନଳ-ଧୂମେ —
ଦିଶିଲା ଆଚ୍ଛନ୍ନ ଯେସନ୍ତେ କୁହେଳିକାସ୍ତରେ,
ଆସିଲା ନିଦାଘ ଖର ସହୁଁ ସହୁଁ ମାତ୍ର
ସିନ୍ଧୁକମୁଣ୍ଡୀର ଖର ଏକତାନ ନାଦେ
ନଦୀକୂଳ-ଝୋଷା ହେଲା ମୁଖର ନିରତେ,
ତଟିନୀ-ସୈକତେ, ଘାଟେ ନାଚିଲା ଭୀଷଣେ
ମାୟାବିନୀ ମରୀଚିକା ତୃଷା-ସହଚରୀ,
ବହିଲା ପ୍ରଖରେ ତପ୍ତବାଲୁକା ଝଟିକା
ମଧ୍ୟାହ୍ନେ ଜଗନ୍ତ ବ୍ୟାପି ସରଯୂ-ପୁଳିନେ,
ବିହଙ୍ଗେ ଷକେଇ ହେଲେ ଶୀର୍ଣ୍ଣ-ପର୍ଣ୍ଣ-ତରୁ
କୋଟରେ, ଗୁମ୍ଫାରେ ଶୋଇ ଲଳାଇ ରସନା
ତୃଷାର ବ୍ୟାକୁଳ ଶ୍ୱାନେ ଶ୍ୱାସିଲେ ସଘନେ;
ଗଳିଲେ ଗୁହକେ ଜିହ୍ୱା ମୁଖେ ତନ୍ତୁତୁଙ୍କେ,
ବନପଶୁ ତପ୍ତ ହୋଇ ବନ-ବହ୍ନି-ତାପେ,
ତରୁରୁଢ଼ ବିହଗଣ ତେଜି ଗହ୍ୱରେ
ଉଡ଼ିଲେ ବ୍ୟାକୁଳେ ଯାଇ ସଲିଳ ସରସି,
ଜୀବନର ଆଶ୍ରା ନେଇ ବଞ୍ଚିଲେ ଜୀବନେ
ଜୀବକୁଳ, ନିଦାଘର ନିଦାରୁଣ ଶୋଷେ,
ତାମସୀ ନିଶିରେ ଜନେ ପାଟଳ-ସୁରଭି
ସମୀରଣ ସେବି ମୁହିଁ ଭ୍ରମୁଥିଲି ଏକା
ସରଯୂର ତୀର-ବନେ ପାରଧି-ଉଦ୍ଦେଶ୍ୟେ,
ଜଳାର୍ଥୀ ଗବୟ,ମୃଗ, ବରାହାଦି କରି
ବନପଶୁ କେବେହେଲେ ଓହ୍ଲାଇବେ ଜଳେ,
ଏହି ଆଶ ମନେ ବାନ୍ଧି ରହିଲି ମୁଁ ଲୁଚି
ଘଞ୍ଚ-ତରୁଲତା-ପୂର୍ଣ୍ଣ-ବନ-ଅନ୍ତରାଳେ,
ନୀରେ-କୁମ୍ଭ-ପୂରଣର ଧ୍ୱନି ଦୂରୁ ଶୁଣି,
ବାରଣ-ବୃଂହିତ ମଣି, ସେ ଘୋର ଅନ୍ଧାରେ
କାଳସର୍ପାକୃତ ଶର ଛାଡ଼ିଲି ସେ ମୁଖେ ,
ଛନକା ପଶିଲା ମନେ ଶୁଣି ସେ ଭଜନେ
ମର୍ମାହତ ମନୁଷ୍ୟର ଏ ବିକଳବାଣୀ
"ଓହୋ, ମୁଁ ତାପସ ବାଳ, ଜଳ ନେବାପାଇଁ
ଆସିଥିଲି ସରଯୂକୁ ଆଶ୍ରମୁଁ ନିଶୀଥେ;
କିଏ ସେ ଚଣ୍ଡାଳ ମୋତେ ବଧିଲା ଏରୂପେ ?
କି ହାନି କାହାର କେବେ କରିଥିଲି ମୁହିଁ ?
ଏ କ୍ଷୁଦ୍ର ପରାଣ ମୋର ନେଇ କେଉଁ ଶ୍ରେୟଃ
ଅରଜିଲା ସେ ଅଜ୍ଞାନ ଆହା, କେଉଁ ଦୋଷେ
ଏ ଦାରୁଣ ଦଣ୍ଡ ମୋତେ ବିଧିଲା ବିଧାତା ?
ଥାଉ କର୍ମେ, ମନେ ହେଲେ ଆଚରି ତ ନାହିଁ
ହିଂସା ମୁଁ କାହାରିଠାରେ କେବେ ଏ ଜୀବନେ
ସତ ମୁହିଁ ପରପୀଡ଼ା-ପରିହାର-ବ୍ରତୀ,
ମସ୍ତେ ଜଟା ବନ୍ଧି, ଦେହ ଆବରି ବଲ୍କ କଟେ
ଫଳ ମୂଳ ଖାଇ ମୁହିଁ ବଢ଼ିଥିଲି ବନେ,
କେଉଁ ନ୍ୟାୟେ ଏହା ? ମୁହିଁ ନିସ୍ପୃହ ପରାଣୀ
କାହା ଟଳିଡ଼ା ଥିଲି,ହାହା, ମୋର ଏ ପରାଣେ

ଗଲା ଏ ପରାଣ, ତହିଁ ନାହିଁ ମୋ ଶୋଚନା
ମୋ ବିହନେ ବୃଦ୍ଧ ପିତା ମାତାଙ୍କର ଦଶା
ଭାଳି ଥିରୁ ଧରୁ ନାହିଁ ହୃଦ ଅସମ୍ଭାଳେ ;
ଆବାଲ୍ୟ ସେବନ୍ତି ଯତ୍ନେ ଆସିଲି ମୁଁ ପାଳି,
ମୋ ବିନା ଜୀବନ-ବୃତ୍ତି ଚଳିବ କେସନେ ?
ହା ଦୈବ ! ହେଲେଟି ହତ ଏକା ଏ ଶରକେ
ବନବାସେ ବିନାଦୋଷେ ତିନି ମହାପ୍ରାଣୀ,"
ନର କେଉଁ ସ୍ୱର ଦେବ, ଉତ୍ତରୀ ତରଳି
ପାଷାଣ ହେଲେହେଁ ଖରେ ସେ କରୁଣଗିରେ
ପଶନ୍ତେ ଦୋବାଳି ମୋର ଶ୍ରବଣ ବିବରେ
ହଜିଗଲା ବୁଦ୍ଧିଜ୍ଞାନ, ପଡ଼ିଲା ଭୂତଳେ
ଅନାୟତ୍ତେ ଦେହ ହାତୁ ଧନୁଶର ଖସି,
ଅନାୟତ୍ତେ ସେ ଦାରୁଣ ମର୍ମଭେଦ-ତାପେ
ଜଡ଼ପ୍ରାୟେ ବସି ମୁହିଁ ପଡ଼ିଲି ଭୂମିରେ,
ବୁଲିଲି ଚୌଦିଗେ ଧାଇଁ, କି କଲି କି ହେଲା
ଭଙ୍ଗି ମୁଣ୍ଡେ କର ମାରି, ଖଣ୍ଡେ ଦୂର ଯାଇ
ଦେଖିଲି ବେତସ-କୁଞ୍ଜେ ନଦୀସ୍ରୋତ-ପାଢ଼େ
କୁମ୍ଭକୁ ଆଉଜି ଭୂମେ ଶୟାନ ଉତ୍ତାନେ
ତପସ୍ୱି-କୁମର ରକ୍ତଲିପ୍ତ କଳେବରେ,
କଙ୍କପକ୍ଷଯୁକ୍ତ ଶର ଭେଦିଛି ତାହାଙ୍କ
ବକ୍ଷଃସ୍ଥଳେ, ତୀକ୍ଷ୍ଣଫଳ ମର୍ମେ ପୋତାହୋଇ
ଥକିଲି ମୁଁ, ଭ୍ରାନ୍ତ ଠାବ ନ ଲଭେ ମୋ ମନେ
ଦେଖିଛି କେତେ ଯୁଦ୍ଧ କେତେ ସାଗର-ଝଟିକା
ଅଟଳ ଅଚଳ ପ୍ରାୟେ ସହିଛି ନିର୍ଭୀକେ
ମତ୍ତ ଦନ୍ତାବଳ ପ୍ରାୟେ ସେନା-ଅଗ୍ରଯାୟୀ,
ମାତ୍ର ସେ ଆହତ ମୁନି-ସୁତର ଦୁହାଣୀ
ଆଗେ ଭଗ୍ନ ହୋଇ ଗଲା ବିକ୍ରମର ବଳ
ପ୍ରସ୍ୱେଦେ ସର୍ବାଙ୍ଗେ ମୁହିଁ ଥରିଲି ଅବଶେ,
ସର୍ବାଙ୍ଗ କମ୍ପିଲା ଯଥା ସନ୍ନିପାତେ,
ସମ୍ମୁଖେ ସେ ଦେଖି ମୋତେ ବିକଳ ବଚନେ
କହିଲେ; "ହେ ନରନାଥ ! ବନବାସୀ ମୁହିଁ
ପିତାମାତାଙ୍କପାଇଁ ଜଳ ନେବା ଲାଗି ଆସି

କି କଲି ତୁମ୍ଭର ? ମୋତେ ବଧିଲ କାହିଁକି ?
ଯେ ଶରେ ବଧିଲ ମୋତେ, ସେହି ଶରେ ପିତା
ହତ ହେଲେ ମୋର ବୃଦ୍ଧ ଅନ୍ଧ ପିତାମାତା
ପିପାସାର ତୀବ୍ର ତାପେ ତପ୍ତ ଅହର୍ନିଶ,
ଦୁର୍ବଳ ତୃଷାରେ ମହାବ୍ୟାକୁଳ ସେ ହୋଇ
ରହିଥିବେ ମୋତେ ଚାହିଁ ଚାତକ ଯେପ୍ରାୟେ
ମାନବ-ସଂସାର-ସ୍ଥାନ ଗହନ କାନନେ,
ସେ ତ ନ ଜାଣିଲେ ମୋର ଏ ଦାରୁଣ ଦଶା
କି କରିବେ ଜାଣି ଅବା, ସ୍ଥିର ପଙ୍ଗୁପ୍ରାୟେ
ଯହିଁ ତହିଁ, ଶକ୍ତି କିବା ଲୋଚନ ବିହନେ
ଦାବାନଳେ ତରୁ ପ୍ରାୟେ ତାଙ୍କ ଶାପାନଳେ
ଦଗ୍ଧ ନ ହେଉଣୁ, ରାଏ, ଏହି ମାର୍ଗେ ଯାଇ
ନିଜେ ନିଜ ଦୋଷ ସେହି କହ ତାଙ୍କ ଆଗେ,
ବିଶଲ୍ୟ, ରାଜନ, ମୋତେ କର ଏହିକ୍ଷଣି,
ଖର ସ୍ରୋତୋରଯ ଯଥା କୋଳେ ଅବିରତେ
ତୁଙ୍ଗ ନଦୀତଟେ ମୃତ୍ତ ବାଲୁକା, ତେସନେ
ଏ ଦାରୁଣ ଶଲ୍ୟ ମୋର ମର୍ମେ ଲଗିହୋଇ
କଦର୍ଥି କରଇ ମୋରେ ଅସହ୍ୟ ଯନ୍ତ୍ରଣେ,
ବିଶଲ୍ୟ କରଣ ମୋତେ ମୁକ୍ତ କର ତହୁଁ,
ଉପାଡ଼ିଲେ ଶଲ୍ୟ, ଏଥିସଙ୍ଗେ ଯିବ ଉଡ଼ି
ପ୍ରାଣ ବିହଙ୍ଗମ ମୋର ଏ ଦେହ-ପଞ୍ଜୁରୁ,
ମାତ୍ର ମୃତ୍ୟୁ ଶ୍ରେୟଃ ମୋତେ ଏ ଯନ୍ତ୍ରଣାଠାରୁ
ପିତୃ-ମାତୃ-ପାଦେ ମୋର ପ୍ରଣତ ଜଣାଇ
କହିବ, ଛାଡ଼ିଲି ଜୀବ ତାଙ୍କୁ ଧ୍ୟାୟି ମନେ,
ତାଙ୍କ ସେବା ବିନୁ ଆନ ସୁଖେ ମୋର ସ୍ପୃହା
ନ ଥିଲା ଜୀବନେ କେବେ, ହା ହା, କୂର ବିଧି
ଦରିଦ୍ରର ସେହି ସୁଖେ ହେଲେଟି ଭଗାରି !
କାତର ନ ହୁଅ, ରାଏ, କଲି ଯା' ଅଜ୍ଞାନେ,
କ୍ଷମିଲି ମୁଁ, ବୋଲ ମୋର କର ବେଗେ ରାଜା,
ଯନ୍ତ୍ରଣାରୁ ବେଗେ ମୋତେ ଦିଅ ହେ ମୁକତି ।"
ତାଙ୍କ ଆଜ୍ଞାମତେ ତାଙ୍କ ହୃଦରୁ ଓଟାରି
ନେଲି ମୁହିଁ ଶର ମହାଭ୍ରାନ୍ତ ହୃଦ ମନେ,

ତ୍ରାସରେ ବିବର୍ଣ୍ଣ ହେଲା ମୁଖଛବି,
ଥରି ଥରି ଅସାଷ୍ଟମେ ଲୋଟି ସେ ମହୀରେ,
ମୂର୍ଚ୍ଛି କଲବଲେ ଶ୍ୱାସ ମୁହୁର୍ମୁହୁଃ ଛାଡ଼ି
ତେଜିଲେ ନିଷ୍ପାପ ପ୍ରାଣ ମୋହର ଅଗ୍ରତେ,
ଦୁରନ୍ତର ମୁହିଁ, ମୋର ଏ ଦୁଷ୍କୃତ-ଫଳେ
ସାଧୁର ଅମୂଲ୍ୟ ପ୍ରାଣ ଗଲା ଅକାରଣେ,
କ୍ରୂର କୀଟ ହୋଇ, ଆହା କାଟିଲି ମୁଁ ସିନା
ଏ ନବ କୋରକ, ଦେବ, ପୁଣ୍ୟର ଉଦ୍ୟାନେ
ନ ଫୁଟୁଣୁ ଜଳିଗଲା ଅକାଳ-ଶିଶିରେ
ଏ ମଞ୍ଜୁ ପଙ୍କଜ କଳି-ପୁଣ୍ୟର ସରସେ,
ଏ ଦଶା ତାଙ୍କର ଦେଖି ବିଷାଦେ, ନିର୍ବେଦେ
କ୍ଷୀଣ ହୋଇ ନଦୀଜଳେ କୁମ୍ଭକୁ ପୂରାଇ
କୁମ୍ଭହସ୍ତେ ଗଲି ମୁହିଁ ତପସ୍ୱୀ-ଆଶ୍ରମେ,
ତୃଷାରେ ବିକଳ ହୋଇ ଜଳପାନ-ଆଶେ
ଜାଗି ବସିଥିଲେ ଯହିଁ ତାପସ ତାପସୀ
ଅନ୍ଧ, ଜରାଜୀର୍ଣ୍ଣ, ପକ୍ଷୀ ଛିନ୍ନ-ପକ୍ଷ ଯଥା ।
ପୁତ୍ରର ବିଳମ୍ବ ଦେଖି ଚିନ୍ତାକୁଳ ହୋଇ
ନାନା ତର୍କ ମନେ ଶ୍ରାନ୍ତ ହେଉଥିଲେ ବେନି
ବୋଲାବୋଲି ପରସ୍ପର ଯେଝା ମନକଥା,
ତ୍ରାସେ ଧଡ଼ଧଡ଼ ମୋର କମ୍ପୁଥିଲା ହିଆ
ଘୋର ଅପରାଧୀ ଯଥା ଧର୍ମାସନ ଆଗେ,
କହିଲେ ତାପସ ମୋର ପଦଶବ୍ଦ ଶୁଣି,
"କିଆଁ ଏତେ ମଠ,ବାବୁ, ଆଣ ଜଳବେଗେ
ଖେଳୁଥିଲୁ ପରା, ବାବୁ ସରଯୂର ସ୍ରୋତେ
ଏତେକାଳ, ତୁଟି ନାହିଁ ତୋର ବାଳମତି,
ଧକେଇ ହେଉଣ ଥିଲା ତୋହର ଜନନୀ
ଉତ୍କଣ୍ଠାରେ, ଧନ, ତୋର ଏତେ ମଠ ଦେଖି
ଯୁଗ ମଣି କ୍ଷଣ, ବାନ ତେଜି ସେହୁ ଦାଗେ
ବସିଥିଲା ଏକଧ୍ୟାନେ ତୋ ପଥ ଅନାଇ,
ପଶିଲା ତା ପିଣ୍ଡେ ପ୍ରାଣ ଆସନ୍ନେ ତୁ ଗୃହେ,
ଡୂଣା ହେଲୁ କିଆଁ ? ତୁ କି ଭୁଲିଲୁରେ ବଳ,
ରଙ୍କର ତୁ ନିଧି, ବାବୁ, ବୃଦ୍ଧର ଲଉଡ଼ି,
ଅନ୍ଧର ଚକ୍ଷୁ ତୁହି; ଅଗତିର ଗତି;
ବଞ୍ଚିଥାନ୍ତୁ ଆଜିଯାଏ ତୋହ ଯୋଗୁ ସିନା ।
ଏ ଅନ୍ଧ ଅନ୍ଧୁଣୀ, ବାବୁ, ଜୀବନେ ମରନ୍ତ ।"
ମୁନିଙ୍କର ଏ ଉକତି ଏ ବତ୍ସଳ ବାଣୀ
ଶୁଣି ଫାଟିଗଲା ମୋର ହୃଦୟର ଧୃତି,
ମସ୍ତକେ ବସିଲି ମୁହିଁ ଅଧୋମୁଖ ହୋଇ
କତିକ୍ଷଣ, ଧୈର୍ଯ୍ୟ ଧରି କଷ୍ଟେ ବାନ୍ଧି ହିଆ,
ଉତ୍ତର ବଢ଼ାଇ ତାଙ୍କ ଆଗତେ ଏସନେ,
"ନୁହେ ମୁଁ ତୁମ୍ଭର ପୁତ୍ର, ଆହେ ତପୋନିଧି;
କ୍ଷତ୍ରିୟ ମୁଁ, ଦଶରଥ ଅଯୋଧ୍ୟାର ନାହା,
ଅଜ୍ଞାନେ ବଧିଲି ମୁହିଁ ଦାରୁଣ ଦୁଷ୍କୃତ,
ଆରତେ ଶରଣ ତେଣୁ ପଶିଲି ପଦରେ,
ତୁମ୍ଭେ ସେ ସକ୍ଷମ ମୋର ଆରତ ପେଡ଼ଣେ,
ତୁମ୍ଭଙ୍କ ଯେ ଆଜ୍ଞା ହେବ ଶିରୋମାଳାରୂପେ
ଜୀବ ଥିବାଯାଏଁ ମୁହିଁ ବହିବ ତା ଶିରେ ।"
ଏହା କହୁ ଘଟିଥିଲା ଯେତେ ଯେତେ କଥା
ସରଯୂର ତୀରେ, ମୁହିଁ ନିବେଦିଲି ସବୁ
ବାଷ୍ପଗଦଗଦ ସ୍ୱରେ ମୁନିଙ୍କ ସକାଶେ,
ଦୀନବାଣୀ ଶୁଣି ମୋର କ୍ଷମା-ବାରିନିଧି
ତପୋଧନ ନ କହିଲେ କୋପ ଲବେ ମୋତେ
ମାତ୍ର ଉଛୁଳାଇ ଦେଲା ନିର୍ଘାତ ବାରତା
ଶୋକସିନ୍ଧୁ ତାଙ୍କ ହୃଦେ, ଧୃତବନ୍ଧ ତୁଟି
ନୟନୁ ବହିଲା ବେଗେ ଲୋତକର ଧାର,
ନାସିକାପୁଟାରୁ ତପ୍ତ ଶ୍ୱାସ ମୁହୁର୍ମୁହୁଃ ;
ବାଷ୍ପରୁଦ୍ଧ ସ୍ୱରେ ମୁନି କହିଲେ, ହେ "ରାଏ,
ଏ ମହା ଦୁଷ୍କୃତ ବହି ମୋର ପାଶେ ଆସି
ଏ କଥା ନ ଥିଲେ କହୁ ନିଜେ ନିଜ ମୁଖେ
ମୂର୍ଚ୍ଛାପାତ ହୋଇ ଯାଇଥାନ୍ତା ଏ ପାଏ,
ବାନପ୍ରସ୍ଥେ ଜ୍ଞାନକୃତ ବଧ ଆଚରିଲେ
ଇନ୍ଦ୍ର ହେଲେ ଇନ୍ଦ୍ରପଦୁଁ ପଡ଼ନ୍ତିଟି ଖସି,
ଅଜ୍ଞାନେ ବଧିଲ, ତେଣୁ ବଞ୍ଚିଲ ଜୀବନେ,
ଜ୍ଞାନକୃତ ହେଲେ ଏହା, ଥାଉ ତୁମ୍ଭ କଥା,
ନିର୍ମୂଳ ହୁଅନ୍ତା ରଘୁକୁଳ ଏ ଜଗତେ,
ସଙ୍ଗତେ ଆମ୍ଭଙ୍କୁ ନେଇ ଚାଲ ହେ ନୃପତି,
ଅନ୍ତିମ ଶୟନେ ଯହିଁ ଶୋଇଛି ମୋ ସୁତ,
ଶେଷେ ଯାଇ ଦେଖିବ ମୁଁ ଶୋଇଛି କେସନେ

ବାଳକ ଅକାଳେ କାଳ-କବଳିତ ହୋଇ ।"
ତାଙ୍କ ଆଜ୍ଞାମତେ ଅନ୍ଧ ଦମ୍ପତିଙ୍କୁ ନେଇ
ଗଲି ପୁଣି ନଦୀତୀରେ, ପ୍ରବେଶି ଯେଉଁ ସ୍ଥାନେ
ହସ୍ତଧରି ବେନିଙ୍କର ଥୋଇଲି ମୁଁ ଛୁଆଇଁ
ମୃତ ବାଳକର ଶବ ଆପ୍ଳୁତ ରୁଧିରେ,
ରୁଧିରାର୍ଦ୍ର କୃଷ୍ଣାଜିନ, ଯଜ୍ଞ-ଉପବୀତ
ଯସ୍ତ ହୋଇ ବ୍ୟଗ୍ରେ ପଡ଼ନ୍ତି ପାରୁଶେ,
ଶୋକ ଅସମ୍ଭାଳେ ବୃଷି ଶବପରେ ପଡ଼ି
କାନ୍ଦିଲେ ଏସନେ ମୃତ ସୁତଙ୍କୁ ସମ୍ବୋଧି
"ବାବୁରେ, ଭୂତଳେ କାହିଁ ଶୋଇଛୁ ଏପରି ?
ଏ କି ରୁଷା ତୋର ? ତୋର ଦୁଃଖିନୀ ଜନନୀ
ଡାକଇ ଆରତେ ତୋତେ, ଉଠୁନାହୁଁ କିଆଁ
କିଆଁ ତୋଷୁନାହୁଁ କର୍ଣ୍ଣ ତୋର ସୁଧାଗିରେ ?
ମୋ ପାଇଁ, ଗନ୍ଧକୁ ଅନ୍ଧ, ଏଥିଲାଗି ପରା
ନୀବାର ଘାଟରୁ ଆଣି ଥୋଇଲୁ ପ୍ରଦୋଷେ
ଉଦୁଖଳେ, ଏହୁ ପ୍ରାତେ କୁଟିବୁ ତା ବୋଲି ?
ପିତୃବତ୍ସଳ ତୁ ବାବୁ, ସ୍ୱପ୍ନେ ହେଲେ କେବେ
ଲଙ୍ଘି ନାହୁଁ ପିତୃ-ବାଣୀ, ଆଜ କିଆଁ ହେଲୁ
ଚ୍ୟୁତ,ତୋର ସେହୁ ପିତୃ-ଆଦେଶ ପାଳନେ ?
କେଉଁ ଝାଣପଣେ, ବାବୁ ଛାଡ଼ିଗଲୁ ତୁହି
ଏ ବେନିଙ୍କି ଥିଲୁ ଯାର ଜୀବନ-ଶଙ୍ଖାଳ ?
ଯାମିନୀ-ଅନ୍ତିମ-ଯାମେ ଗାଇ ସୁମଧୁରେ
ବେଦସ୍ତବ କିଏ ଦେବ ଆମ୍ଭକୁ ଜଗାଇ
ନିତି ନିତ ପରଂବ୍ରହ୍ମ ଉପାସନାପାଇଁ ?
ହୋମବଧିବେଳେ କିଏ ସରଯୂରୁ ଆଣି
ନିତ ଜଳ ଦେବ ମୋତେ ଗାଧୋଇ ଯତନେ ?
ସ୍ଥବିର, ଅପଟୁ, ଅନ୍ଧ, ବାର୍ଦ୍ଧକରେ ମୁହିଁ,
କିଏ କନ୍ଦମୂଳ ଫଳ ଆହରି ଆଶ୍ୱାସେ
ଭୁଞ୍ଜାଇବ ଦିନ ମୋତେ ଅତିଥି ପରାୟେ ?
ଅକ୍ଷମ ମୁଁ ନିଜେ, ବାବୁ, ପାଳିବି କେସନେ
ଏକାଳେ ଏ ବୃଦ୍ଧା, ଅନ୍ଧ, ରୁଗ୍ଣ ତାପସୀକି ?
ଯଷ୍ଟି ତୁହି ଥିଲୁ, ବତ୍ସ. ଜୀବନ-ମରୁରେ
ବେନିଙ୍କର, କେଉଁ ଲୋଡ଼ା ଆଉ ଏ ଜୀବନେ
ଆହା ହା, ନିର୍ମମ କାଳ ଉପାଡ଼ିଲା କେସନେ
ଏ ନବ ଅଙ୍କୁର ପୁଣ୍ୟ-ଭବ୍ୟାନୁ ଅକାଳେ !
ନିଷ୍ପାପ ତୁ ସୁତ, ହତ ହେଲୁ ପରପାପେ,
ପୁଣ୍ୟେ ତୋର ମତି, ପିତୃମାତୃ-ସେବାବ୍ରତେ
ଏକବ୍ରତୀ ଥିଲୁ ତୁହି ତୋ ବାଲ-ଜୀବନେ,
ଲଭ ସେହୁ ଅଦ୍ୟ ଲୋକ, ନିବସନ୍ତି ଯହିଁ
ଜୀବନ ଦିଅନ୍ତି ଯେହୁ ସମ୍ମୁଖ-ସଂଗ୍ରାମେ
ଅବହେଳେ, ସ୍ୱଦେଶ ସ୍ୱଧର୍ମ ରକ୍ଷାଲାଗି,
ଲଭ ସେହୁଜ୍ୟୋତିର୍ଲୋକ,ବସନ୍ତି ଯେ ଲୋକେ
ରାଜା ହରିଶ୍ଚନ୍ଦ୍ର, ଶୈବ୍ୟା, ନହୁଷ, ମାନ୍ଧାତା,
ଧର୍ମବୀର ବୋଲି ଯେହୁ ବିଶ୍ରୁତ ତ୍ରିଲୋକେ,
ଜିତେନ୍ଦ୍ରିୟ ଶାନ୍ତ ଏକ ପତ୍ନୀବ୍ରତଧାରୀ
ଲଭନ୍ତି ଯେ ଗତି, ବାବୁ, ଲଭ ତୁ ସେ ଗତି
ଏହୁରୂପେ ନାନାମତେ କାନ୍ଦନ୍ତ କାନ୍ଦନ୍ତ
ବୋଲନ୍ତି ସେ ତପୋଧନ ଆଦେଶିଲେ ମୋତେ
ସୁତର ସଂସ୍କାର ଲାଗି ରଚିବାକୁ ଚିତା,
ଆଦେଶେ ତାଙ୍କର ମୁହିଁ ସଂଘାଟ ସଜାଡ଼ି
ଥୋଇଲି ସେ ଶବ ତହିଁ ବିହିତ ବିଧାନେ,
ଅଲିତ ସ୍ୱହସ୍ତେ ଦେଲେ ତାପସ ତାପସୀ
ଉଚ୍ଚାରଣ ବେଦମନ୍ତ୍ର ଉଚ୍ଚେ ସୁଗମ୍ଭୀରେ
ବାଷ୍ପାକୁଳ-ନେତ୍ରେ ବେନି ଜାଳିଲେ ସେ ଚିତା
ଉଠନ୍ତେ ଚିତାଗ୍ନି-ଶିଖା ଦପଦପ ହୋଇ
ଆକାଶେ, ସେ ତପୋଧନ କହିଲେ ଏସନ
ମୋତେ ଚାହିଁ, "ହେ ରାଜନ,ଦେଲ ଯେଣୁ ମୋତେ
ଏ ମହାଦାରୁଣ ଶୋକ ଏ ବୃଦ୍ଧ ବୟସେ,
ନିଦାରୁଣ ପୁତ୍ରଶୋକେ ମର୍ମେ ଘାରିହୋଇ
ତେଜିବ ଜୀବନ ତୁମ୍ଭେ ଦିନେ ଏହୁପରି ।
ଏହା କହି ଶ୍ୱାସ ଦେଇ ସହସା ଅନଳେ
ଝାସ୍ପାପତ ବର୍ଜିଲେ ପ୍ରାଣ ମୋର ଆଗେ,
ମୋ ଦୁଷ୍କୃତ ଯୋଗୁଁ ଆହା, ତିନ ମହାପ୍ରାଣ-
ପରମ-ସୁକୃତମନ୍ତ ଗଲେ ପ୍ରେତପୁରେ,
ମୁଁ ପୁଣି ମୁକୁଟଧାରୀ ସନ୍ଥରକ୍ଷାବ୍ରତୀ ।
ଆନ ସାକ୍ଷୀ ନ ଥିବାରୁ ଏ ଦୁଷ୍କୃତ ମୁହିଁ.
ଘୋଡ଼ାଇ ଯତନେ ରଖିଥିଲି ଅନ୍ତର୍ଗତେ,
ଦୁଷ୍କୃତ ଦୁହକୁଆଏ ଅଲକ୍ଷିତେ, ଦେବ,

ସଂସାରର ଦୈନନ୍ଦିନ ଲୀଳାଖେଳା ତଳେ,
ଜାଣେ ସେ ବାହାରେ ଫୁଟି, ବାହାରେ ଯେସନେ
ପ୍ରଚଣ୍ଡ ଝଞ୍ଝମେ ମାଲ ଅମ୍ବୁରାଶି ଭେଦ
ଊର୍ଦ୍ଧ୍ୱଗ୍ରାସୀ ବାଡ଼ବର ନଭସ୍ପୃଗ୍-ଶିଖା,
ଅପଥ୍ୟସେବୀର ଦେହ ଯେମେ ଠୁଳ ହୋଇ
ଅଲକ୍ଷିତେ ଘୋର ବ୍ୟାଧି ପଡ଼ଇ ବାହାରି
ଛଦାକୁ ସହସା ଯଥା, ପୂର୍ବ କର୍ମଫଳେ
ଘାରି ହେଉଅଛି ମୁହିଁ ଆଜି ଏ ଦଶାରେ,
ଛିଣ୍ଡି ଛୁଡ଼ି ପାପ-ପ୍ରାଣ ବାହାରି ଯିବାକୁ
ଲୋଡ଼ିଲାଣି ବାଟ, କେତେ ଆସୁଅଛି ଘୋଟି
ମହାଘୋର ମୋହ, ଆଉ ଦିଶୁନାହିଁ କିଛି;
ତୁହି ଦେଖ, ଦେବ, ମୋତେ କୃତାନ୍ତର ଦୂତେ
ବେଢ଼ିଲେଣି ଆସି ଏବେ ମୋର ଚଉପାଶେ
ଅପୁଣୀ ହେଲେହେଁ ସୁତ, କେଜାଣି କି କେବେ
ତାକୁ ତାର ଜଳଦାତା ? ମୁଁ ପାମର ପୁଣି
ଶିଷ୍ଟ, ଶାନ୍ତ, ଅଭିରାମ, ଲୋକକାନ୍ତ ଗୁଣେ,
ଜଗତ-ନୟନାନନ୍ଦ କୁଳଚନ୍ଦ୍ର ରାମେ
ପେଷିଲି ଅରଣ୍ୟବାସେ ରାକ୍ଷସୀର ବୋଲେ ।
ନ୍ୟାୟ, ଦୟା, ଶକ୍ତି, କ୍ଷମା ଠୁଳ ଏକାଧାରେ
ରାମଟି ଦେବତା ମର୍ତ୍ତ୍ୟଧାମେ ନରରୂପେ,
ଅମର୍ତ୍ତ୍ୟ ସେ ପାରିଜାତ ମର୍ତ୍ତ୍ୟ-ଉପବନେ,
ସ୍ୱର୍ଗୀୟ-ସୌରଭ ଯାର ବହଟି ଚୌଦିଗେ
ଜାଣେ ଜାଣେ ଆମୋଦିତ ନିଖିଳ ମେଦିନୀ;
ଆହା,କେଡ଼େଭାଗ୍ୟବନ୍ତସେହୁ, ଯେ ଦେଖିବେ
ଚତୁର୍ଦ୍ଦଶ ବର୍ଷ ଅନ୍ତେ ବାହୁଡ଼ିବ ଯେବେ
ଗୁଣାରାମ ରାମଭଦ୍ର ଅଯୋଧ୍ୟା ନଗରେ ;
ସୁକୃତର ଫଳେ ସିନା ଦେଖିବେ ସେ ପୁଣି
ପ୍ରଶାନ୍ତ, ପ୍ରସନ୍ନ, ସୌମ୍ୟ, ସୁତ-ସ୍ମିତଶାଳୀ,
ରାମର ଶ୍ରୀମୁଖ, ଯହିଁ ତୁଲେ ନୋହେ ସର
ପ୍ରଫୁଲ୍ଲ ପଙ୍କଜ କିମ୍ବା ଶାରଦ ଚନ୍ଦ୍ରମା,
ଶୁଣିବେ ରାମର ବାଣୀ ସୁଧା-ନିଃସ୍ୟନ୍ଦିନୀ,
ପବିତ୍ର, ନିର୍ମଳ ଆହା, ଗଙ୍ଗାଜଳ ଯଥା
ଶଙ୍ଖଧନୁ-ସୀମାନ୍ତିତ ଗୋମୁଖି-ପ୍ରଭାତେ;
କାହିଁ ସେ ସୁକୃତ ମୋର ? ହେଲା ତେଣୁ କରି
ଯବନିକାପାତ ମୋର ଭବ-ରଙ୍ଗଭୂମେ,
ଏ ନୟନେ, ଦେବ, ମୁହିଁ ନ ଦେଖିବି ଆଉ
ସେ ନନ୍ଦନେ, ସନ୍ତର ସେ ହୃଦୟନନ୍ଦନେ,
ଏ ଶ୍ରବଣେ ମୁହିଁ ଆଉ ଶୁଣିବି ତ ନାହିଁ
ସତ୍ୟପୂତ ତାର ସେହି ଅମୃତଭାରତୀ !
ହା ରାମ ହା ଗୁଣାରାମ, ରଘୁଚୂଡ଼ାମଣି,
ହା ଚନ୍ଦ୍ରବଦନି, ବଧୂମାତା ଶ୍ରୀ ଜାନକି,
ହା ଲକ୍ଷ୍ମଣ, ବିମଣ୍ଡିତ ସର୍ବସୁଲକ୍ଷଣେ,
ହା ରାମ ଶ୍ରୀରାମ !” କହି ରାଜା ଶୋକୋଚ୍ଛ୍ୱାସେ
କୌଶଲ୍ୟା-ସୁମିତ୍ରା-ପାଶେ ମର୍ତ୍ତ୍ୟ ଦେହ ତେଜି
ଗଲେ ଦିବ୍ୟଧାମେ ଦଶରଥ ମହାମତି ।



# ସାବିତ୍ରୀଚରିତ

# ସାବିତ୍ରୀ ଚରିତ

ଅଶ୍ୱପତି ନାମେ ଥିଲେ ରାଜା ମହାତେଜାଃ
ମଦ୍ରଦେଶେ, ସାହସିକ, କ୍ଷମୀ, ସତ୍ୟବାଦୀ,
ଜିତେନ୍ଦ୍ରିୟ, ଦେବର୍ଷିଙ୍କ ଭକ୍ତିମନ୍ତ ସଦା,
ମହାଦାତା, କି ପୌର କି ଜନପଦବାସୀ
ସଭଙ୍କର ଶ୍ରଦ୍ଧା ପ୍ରୀତି ଲଭିଥିଲେ ସେହୁ,
ସଭଙ୍କର ସୁଖ ଲୋଡ଼ା ଏକମାତ୍ର ସୁଖ
ଥିଲାଟି ତାଙ୍କର, ସେହୁ ସୁଖେ ଥିଲେ ସୁଖୀ
ଧର୍ମମାର୍ଗ ଅନୁସରି ପାଳିଲେକ ପ୍ରଜା
ବହୁକାଳ ଅଶ୍ୱପତି, ବୃଦ୍ଧକାଳଯାଏ
କମଳାର ପୂର୍ଣ୍ଣ କୃପା ଲଭି ପଦେ ପଦେ,
ସର୍ବ ସୁଖେ ସୁଖୀ ଥାଇ ସନ୍ତତି ବିହୁନେ
କ୍ଷୁର ହେଉଥାନ୍ତି ନିତି, ସନ୍ତତି ସକାଶେ
ଆଚରୁଣ ଥିଲେ ରାଏ ବ୍ରତ ଅହର୍ନିଶି
ମିତାହାରୀ ମିତାଚାରୀ ହୋଇ ସେ ନିରତେ
ପୂଜୁଥିଲେ ଏକାସନେ ସାବିତ୍ରୀ ଦେବୀଙ୍କି,
ଷୋଡ଼ଶ ବରଷ ବ୍ୟାପୀ ପୂଜା ଅନ୍ତେ ଦିନେ
ପ୍ରସନ୍ନ ରାଜାଙ୍କୁ ହୋଇ ଦେବୀ ଜ୍ୟୋତିର୍ମୟୀ
ହୋମାନଳ ଭେଦି ହେଲେ ରାଜା ଆଗେ ଉଭା
ରାଜାଙ୍କୁ ସମ୍ବୋଧି ତହୁଁ ଭାଷିଲେ ଏସନେ
ବରଦା ଶ୍ରୀ ମହାଦେବୀ, "ପ୍ରସନ୍ନ ହେ ରାଏ,
ଧର୍ମେ,ସତ୍ୟେ,ଦାନେ ପୁଣି ଜନସେବାବ୍ରତେ,
ତୁମ୍ଭର ଏ ନିଷ୍ଠା ଦେଖି ହେଲି ତୁମ୍ଭଠାରେ
କି ବର ମାଗୁଛ ମାଗ, ଦେବି ଏହିକ୍ଷଣି,
ଜଗତ ସଜାଇଯୋଗ୍ୟ ସଦ୍‌ଗୁଣ ଏଭଳି ।"
ଜବାବିଲେ ଅଶ୍ୱପତି, "ହେ ଦେବି ବରଦେ,
ଆଚରିଲି ଏହି ବ୍ରତ ସନ୍ତତି ସକାଶେ,
ହେଲ ଗୋସାମଣି,ଯେବେ ପ୍ରସନ୍ନ ମୋ ପ୍ରତି
ସୁସନ୍ତାନ ବର ମୋତେ ଦିଅ କୃପା କରି,
ବିଧିର ଶାଶ୍ୱତ ବିଧି ଅନୁସରି ମୁହିଁ
ମାଗୁଅଛି ଏହି ବର ଶ୍ରୀପାଦପଙ୍କଜେ,
ନିଜ ନିଜ ବଂଶ ଭବେ ରକ୍ଷିବାପାଇଁ
ଅର୍ଥି ସର୍ବେ, ବିଧିଙ୍କର ଶାଶ୍ୱତ ବିଧାନେ,
ପ୍ରଥିତ ଏ ଋଷିବାଣୀ ଅଖିଳ ଜଗତେ ।"
କହିଲେ ବରଦା ଦେବୀ, "ଜାଣିଥିଲି ଆଗୁଁ
ମନାସିଣଥିଲ ତୁମ୍ଭେ ଯେଉଁ ବର ମନେ
ତୁମ୍ଭର କାମନାସିଦ୍ଧି ଲାଗିମୁହିଁ,ରାଏ,
ଜଣାଇଥିଲି ମୋର ଅଳି ବିଭୁପଦେ,
ଅଖିଳବ୍ରହ୍ମାଣ୍ଡସାଇଁ ଅଖିଳ କରତା
ଦେଇଛନ୍ତି ଆଜ୍ଞା, ହେବ ସଫଳ କାମନା ,
ଜଗତ-ଲଲାମ-ଭୂଷା ସୁନ୍ଦରୀ ଦୁହିତା
ଲଭିବ ଅଚିରେ,ରାଜା, ବିଭୁଙ୍କ ବିଧାନେ,
ଘଟିବ ଯା ତୁମ୍ଭ ଭାଗ୍ୟେ ଜାଣି ଶ୍ରୀମୁଖରୁ
ତାଙ୍କରି, କହୁଛି ମୁହିଁ ଏ ଶୁଭ ବାରତା ।"
କୃତାର୍ଥ ମୁଁ ହେଲି ମାତଃ" ଏହା କହି ରାଏ
ଦେବୀଙ୍କି ବନ୍ଦିଲେ ଭକ୍ତି ଗଦ୍‌ଗଦମାନସେ
ପୁନଃ ପୁନଃ, ଧ୍ୟାତକାରେ ଦେବୀଜ୍ୟୋତିର୍ମୟୀ
ଅନ୍ତର୍ଦ୍ଧାନ ହେଲେ ତହୁଁ [ଏଣେ ସ୍ୱପ୍ରାସାଦେ
ବାହୁଡ଼ିଲେ ଅଶ୍ୱପତି, ସିଂହାସନେ ବସି
ସମ୍ପାଦିଲେ ରାଜକାର୍ଯ୍ୟମାନ ଯଥାବିଧି,
ସର୍ବସୁଲକ୍ଷଣା ପାଟରାଣୀଙ୍କ ସଙ୍ଗତ
ହରଷ ହେବାରୁ ଦିନେ ଶୟନେ ସୁକ୍ଷଣେ
ରାଜାଙ୍କ ଔରସେ ରାଣୀ ହେଲେ ଗର୍ଭବତୀ,
କ୍ରମେ ଗର୍ଭବୃଦ୍ଧି ହୋଇ (ଶୁକ୍ଲପକ୍ଷେ ଯଥା
ବଢ଼ଇ ଶଶାଙ୍କକଳା ଦେଖି ତାରାମାଳେ)

ଜନ୍ମିଲ ତନୟା ଗୃହେ ପଙ୍କଜ-ନୟନା,
ସୁଶୋଭନା, ସୁଲକ୍ଷଣା ସର୍ବ ଅବୟବେ,
ସମାଦରେ ସମାରୋହେ ଜନ୍ମୋତ୍ସବ-ବିଧି
ମହାନନ୍ଦେ ମଦ୍ରପତି, ସାବିତ୍ରୀଙ୍କ କୃପା—
ଫଳେ ଜାତ କନ୍ୟା ବୋଲି ଋଷିଙ୍କ ସମ୍ମତେ
'ସାବିତ୍ରୀ' ଏ ନାମ ତାଙ୍କୁ ଦେଲେ ଶ୍ରଦ୍ଧାବନ୍ତ
ରୂପିଣୀ କମଳା ପ୍ରାଏ କମଳଲୋଚନା
ବଢ଼ିଲ ଦିନକୁ ଦିନ ରାଜେନ୍ଦ୍ର-ତନୟା,
କ୍ରମେ ବାଲଭାବ ତୁଟି ଯୌବନ ପ୍ରବେଶେ
ଗଢ଼ିଲ ତା ତନୁକାନ୍ତି ବିଶୁଦ୍ଧ କାଞ୍ଚନେ,
କମ୍ବୁକଣ୍ଠୀ, କ୍ଷୀଣକଟୀ, ସୁବଳିତଭୁଜା,
ପ୍ରଫୁଲ୍ଲ-ସୁନ୍ଦରମୁଖୀ, ଆୟତଲୋଚନା
ବାଳାକୁ ଦେଖିଣ ଲୋକେ ବିସ୍ମୟେ କହିଲେ,
ମର୍ତ୍ତ୍ୟେ ଥିଲେ ଦିବୁ କିବା ଆସିଛି ଅପ୍ସରା !
ରାଜକୁଳେ ଥିଲେ ଯେତେ ମୁଖ୍ୟ ନରନାଥ
ଅନନ୍ୟ ସୌନ୍ଦର୍ଯ୍ୟ ତା'ର ନିରେଖି ନୟନେ;
ମାନବ କାମନାତୀତ ଜ୍ୟୋତିଃସ୍ୱରୂପିଣୀ,
ଦେବଯୋଗ୍ୟା ଦିବ୍ୟାଙ୍ଗନା ମଣି ରୂପସୀ କି
ବରିବାକୁ କେହି, ମନେ ନ ହେଲେ ସାହସୀ।
ଦିନେ ସ୍ନାନବିଧି ସାରି ଅଗ୍ନି-ଆୟତନେ
ପ୍ରବେଶି ସୁକେଶୀ ଦେବେ ପୂଜି ଭକ୍ତିଭରେ
ପ୍ରସାଦ-କୁସୁମ ଦେଇ ପୁରୋହିତଠାରୁ
ଉପସ୍ଥିତ ହେଲେ ଯାଇ ବାଳା ରାଜାଙ୍କ ସମ୍ମୁଖରେ;
ସଦ୍ୟଃସ୍ନାନେ ଧୌତକାନ୍ତି ଦେବାର୍ଚ୍ଚନା ପୂତ
ଝଟକୁଣ ଥିଲ ବାଳା ଦ୍ୱିଗୁଣ ଉଜ୍ଜ୍ୱଳେ,
ହିମବିନ୍ଦୁ-ପ୍ରବର୍ଷଣେ ଫୁଲ୍ଲକମଳିନୀ
ଦ୍ୱିଗୁଣ ମଞ୍ଜୁଳ ଯଥା ବାଳଭାନୁକରେ,
କୃତାଞ୍ଜଳିପୁଟେ ତାଙ୍କୁ ଅଗ୍ରେ ଉଭା ଦେଖି
ଏତେକ ସୌନ୍ଦର୍ଯ୍ୟେ ତାଙ୍କୁ ଅପ୍ରାର୍ଥିତା ଜାଣି,
କ୍ଷଣକ ଅନ୍ତର୍ଗତରେ ହେଲେ ରାଜା ଅଣ୍ଡପଣ,
କନ୍ୟାଙ୍କୁ ସମ୍ବୋଧି ପୁଣି କହିଲେ ଏସନେ,
"ବତ୍ସେ, ସମୁଚିତ ସିନା ମୋର ପକ୍ଷେ ଏବେ
ସମାଦର ତୋର ଶୁଭ ପରିଣୟ ବିଧି,
କେହି ଯେଣୁ ନୋହିଲେଟି ଅର୍ଥୀ ତୋର ଲାଗି
ଦେଲି ଅନୁମତି ତୁହି ବର ନିଜପାଇଁ
ନିଜ ପତି, ସୁସଦୃଶ ବିଚାରି ଯେ ତୋତେ ;
ବରିବୁ ତୁ ଯାକୁ, ମୋର ଇଷ୍ଟତମ ସେହି,
ଋଷିବାକ୍ୟ ଏହା, ବତ୍ସେ, ପ୍ରଥିତ ଜଗତେ
ନିନ୍ଦନୀୟ ପିତା, ଯେତୁ ବିବାହ ନ ଦିଏ
ସନ୍ତତିର, ନିନ୍ଦନୀୟ ସେହି ନରପତି,
ନ କଳାନ୍ତି ମନ୍ତି ଯେତୁ ଦାରପରିଗ୍ରହେ,
ନିନ୍ଦନୀୟ ପୁଣି ସେହି ନନ୍ଦନ, ଯେ କରେ
ପିତୃବିୟୋଗାନ୍ତେ ହେଳା ମାତାର ରକ୍ଷଣେ,
ଋଷିଙ୍କର ଏହି ମହାବାକ୍ୟ ଶ୍ରଦ୍ଧା କରି
ସତ୍ୱରେ ତୁ ନିଜ ବର ବର ଜେମାମଣି,
ବର ତୁ ଏସନ ପାତ୍ର, ନ ଦୂଷିବ ଯହିଁ
ସର୍ବଦର୍ଶୀ ଦେବନେତ୍ରେ ଦୋଷ ମୋହଠାରେ
ସଲଜ୍ଜେ ସାବିତ୍ରୀ ଶୁଣି ପିତାଙ୍କର ବାଣୀ
ସମୁଦ୍ୟତ ହେଲ ତାହା ପାଳନ ପ୍ରକାଶେ,
ଅମାତ୍ୟ ଋଷିଙ୍କ ସଙ୍ଗେ ଦିବ୍ୟ ରଥବରେ
ଆରୋହଣ କରିସେହା ଭ୍ରମିଲ କୌତୁକେ
ନଗରେ ନଗରେ, ତୀର୍ଥେ, ବନେ, ଜନପଦେ
ଧର୍ମନିଷ୍ଠ ରାଜସୁତ ନିବସୁଣ ଥିଲେ
ଯହିଁ ଯହିଁ, ପ୍ରଶସ୍ତାନେ ପୂଜି ଭକ୍ତିଭରେ
ଦେବଦ୍ୱିଜେ, ଠାବୁ ଠାବେ ଭ୍ରମିଲ ସୁକେଶୀ,
ଦେବର୍ଷି ନାରଦ ସହ ରତ ଆଳାପନେ
ଥିଲେ ମଦ୍ର-ନରନାଥ ଆସ୍ଥାନେ ଯେକାଳେ
ପାରମିଶବର୍ଗେ ବୃତ, ବାହୁଡ଼ିଣ ଆସି
ଭ୍ରମଣୁ ସାବିତ୍ରୀ ବାଳା ବନ୍ଦିଲ ସାଦରେ
ଦେବର୍ଷିଙ୍କି ନୁଆଇଁ ଶିର ଜନକେ ଭୂତଳେ ।
କହିଲେ ଦେବର୍ଷି, ତହୁଁ, "କାହୁଁ ଏ ଅଇଲା
ତନୟା ତୁମ୍ଭର, ରାଏ, ହୋଇଛି ତ ଏବେ
ବିବାହର ଯୋଗ୍ୟ, ପାଣିପାତ କରିବାରେ
ଏହାକୁ ବିଳମ୍ବ ଏତେ କରୁଛ କିପାଇଁ ?"

ଉତ୍ତରିଲେ ନରପତି, "ବର-ଅନ୍ୱେଷଣେ
ଯାଇଥିଲା ଜେମା ମୋର, ବରିଲା କାହାକୁ,
ଜଣାଉ ସେ ନିଜ ମୁଖେ ତୁମ୍ଭ ଶ୍ରୀପଦରେ ।"
ରାଜାଙ୍କ ଆଦେଶ ଶୁଣି ସାବିତ୍ରୀ ସୁନ୍ଦରୀ
ଜଣାଇଲା କରପୁଟେ, "ଦ୍ୟୁମତ୍ସେନ ନାମେ
ଶାଲ୍ୱ ଦେଶ ନରପତି ଥିଲେ ପୁଣ୍ୟଚେତାଃ
ନିଜେ ଚକ୍ଷୁହୀନ, ପୁତ୍ର ଶିଶୁ ଥିବା ଯୋଗୁଁ
ଅରିକୁଳ ତଡ଼ି ଦେଲେ ତାଙ୍କୁ ସିଂହାସନୁ
ଭାର୍ଯ୍ୟାପୁତ୍ରସହ ରାଜା ନିର୍ବାସିତ ହୋଇ
ଆଶ୍ରୟ ଭଜିଲେ ଆସି ଗହନକାନନେ,
ଯାପନ୍ତି ସେ ଦିନ ଏବେ ବାନପ୍ରସ୍ଥାଶ୍ରମେ,
ସତ୍ୟବାନ ନାମେ ତାଙ୍କ କୁମର ଯେ ଥିଲେ
ବାଲ୍ୟେ ବନକୁଳେ ବଢ଼ି, ନିରତେ ସେ ଏବେ
ପିତୃସେବାବ୍ରତେ ସେହି ପିତାଙ୍କ ସଙ୍ଗତେ,
ବରିଛି ତାହାଙ୍କୁ ମୁହିଁ ମୋର ପତିରୂପେ ।
ବୋଇଲେ ନାରଦ ଋଷି, "ବରିଛି ଅଜ୍ଞାନେ
ସତ୍ୟବାନେ ପତିରୂପେ ତୁମ୍ଭର ତନୟା,
ରୂପେ, ଗୁଣେ, କୁଳେ, ଶୀଳେ, ସତ୍ୟବାନ ପରି
ନାହିଁ ଅନ୍ୟ ଯୁବା କେହି ଏ ମହୀମଣ୍ଡଳେ,
ସତ୍ୟେ ତାର ନିଷ୍ଠା ଜାଣି ଋଷିଏ ଆହ୍ଲାଦେ
ନାମ ରଖିଥିଲେ ତାର ସତ୍ୟବାନ ବୋଲି,
ତେଜେ ସେ ମାର୍ତ୍ତଣ୍ଡ ପରି, ବୃହସ୍ପତି ପରି
ଜ୍ଞାନେ ଜ୍ଞାନୀ, ବଳବୀର୍ଯ୍ୟେ ଯେସନ ମଘବା,
ଧରଣୀ ସମାନ ସେହୁ ଧୈର୍ଯ୍ୟେ କ୍ଷମାଗୁଣେ,
ଧାର୍ମିକ ସେ ଶିବି ପରି, ଯଯାତି ନୃପତି —
ସମରୂପେ, ଆତ୍ମଜିତ, ଶାନ୍ତ, ନମ୍ରଶୀଳୀ,
ମନସ୍ୱୀ, ଯଥାର୍ଥବାଦୀ, ଜିତେନ୍ଦ୍ରିୟ ସାଧୁ,
ମହାମତି ସତ୍ୟବାନ ନାନା ଗୁଣେ ଗୁଣୀ ।"
ବୋଇଲେ ଭୂପତି, "ଆହେ ସର୍ବଦର୍ଶୀଋଷି,
ପ୍ରୀତ ହେଲି ଶୁଣି ତାର ଗୁଣରାଶି ଯେତେ,
ଥାଏ ଯେବେ ଦୋଷ ତାହା କହନ୍ତୁ ଆପଣେ
ନାହିଁ କେହୁ, ଉତ୍ତରିଲେ ମୁନିମହାତପାଃ
'ଗୁଣୀ ଭବତଳେ ସେହୁ ନିର୍ମୁକ୍ତ ଦୋଷରୁ,
ଦୋଷେ ମିଶ୍ର ଗୁଣ ଯଥା ଆଲୋକ ଅନ୍ଧାରେ,
ଯେଉଁ ଦୋଷ ଅଛି, ରାଜା ସାଧୁ ସତ୍ୟବାନେ
ଖଣ୍ଡିବାର ତାହା ତାର ନାହିଁଟି ଶକତି,
ସବୁ ଗୁଣ ପଣ୍ଡ ତାର ହୋଇଛି ସେ ହେତୁଃ
ବିଧାତାର ଲିପି ତାର ଅଙ୍କିତ ଲଲାଟେ—
ସରିଯିବ ମର୍ତ୍ତ୍ୟଲୀଳା ବର୍ଷକ ଭିତରୁ ।"
'ସାବିତ୍ରୀ' କହିଲେ ନୃପ, "ଅନ୍ୟ ବର ଏବେ
ବର ଯାଇ, ଦେଉ ମୁହିଁ ତୋତେ ଅନୁମତି
ଗୁଣୀ ସତ୍ୟବାନ, ମାତ୍ର ଏକ ଦୋଷ ଯୋଗୁ
ପଣ୍ଡ ହୋଇଅଛି ତାର ଗୁଣରାଶି ଯେତେ,
ବର୍ଷଅନ୍ତେ ସମ୍ବରିବ ମର୍ତ୍ତ୍ୟଲୀଳା ସେହୁ,
ଦେବର୍ଷି ବଚନ କେବେ ନୋହିବ ଅନ୍ୟଥା ।'
କହିଲେ ସାବିତ୍ରୀ, "ତାତ, ଆସୁ ଅବଧାନେ
ନିବେଦିବି ମୁହିଁ ଯାହା ତୁମ୍ଭ ଶ୍ରୀପଦରେ,
ଥରେ ମାତ୍ର କନ୍ୟା ସିନା ବରେ ନିଜ ପତି,
ବରିବାକୁ ଥରେ ମାତ୍ର ଦିଅନ୍ତି ତ ପିତା
ତାକୁ ଆଜ୍ଞା, ଥରେ ହେଲେ ଫେରେ ନାହିଁ ଆଉ
ଥରେ ହେଲେ ହେଲା ତାହା ଚିରକାଳପାଇଁ,
ବରିଛି ଯାହାଙ୍କୁ ମୁହିଁ, ହେଉନ୍ତୁ ଅଳ୍ପାୟୁ
ଅଥବା ଦୀର୍ଘାୟୁ ସେହି, ହେଉନ୍ତୁ ସେ ଗୁଣୀ,
ବଖାଣିଲେ ଦେବଋଷି ତାହାଙ୍କୁ ଯେପରି,
ଅଥବା ରହିନ୍ତୁ ନ୍ୟୂନ, ବରିଛି ତାହାଙ୍କୁ,
ବରିବାକୁ ଆନେ ପୁଣି ନାହିଁ ମୋ ଶକତି,
ଏ ହୃଦୟ ଅର୍ପିଛି ମୁଁ ତାଙ୍କର ପଦରେ,
କହିଅଛି ଏହି କଥା ସର୍ବଜନ ଆଗେ,
ବାହୁଡ଼ିବ ଏ ହସ୍ତ ଯାହା କହିଛି ଏ ମୁଖେ,
ଏହିଗତି ବିନୁ ମୋର ନାହିଁ ଅନ୍ୟ ଗତି ।"
କହିଲେ ନାରଦ, "ନିଷ୍ଠା ଜେମାର ଯେପରି,
ସତ୍ୟମାର୍ଗୁଁ ଚ୍ୟୁତ ତାକୁ କରିବାକୁ କେହି
ନୋହିବ ସକ୍ଷମ ଏହା ଜାଣଇ ମୁଁ ଭଲେ,
ଗୁଣିକ ଧାର୍ମିକ ଯୁବା ସତ୍ୟବାନ ପରି

ଦୁର୍ଲଭ ଏ ଭବେ, ତେଣୁ ଦେବ ନାହିଁ ବାଧା
ଏ ସମ୍ବନ୍ଧେ, ଶୀଘ୍ର ଜେମା ପରିଣୟ ବିଧି
ସାଧି ସତ୍ୟବାନ ସଙ୍ଗେ ଭିଆଅ ନୃମଣି ।"
ଦୀର୍ଘ ଶ୍ୱାସ ତେଜି ରାଜା କହିଲେ ଏସନେ,
"ଭବିତବ୍ୟତାର ପଥେ କିଏ ଦେବ ବାଧା ?
ଘଟିବ ଯା ଅଛି ଭାଗ୍ୟେ, କହୁଛି ଯା ଜେମା
ନୁହଇ ଅଯୁକ୍ତ ତାହା ତୁମ୍ଭେ ମୋର ଗୁରୁ,
ଭିଆଇବି ପରିଣୟ ତୁମ୍ଭରି ବଚନେ ।"
କହିଲେ ନାରଦ, "ଶୀଘ୍ର ପରିଣୟବିଧି
ଭିଆଅ ଜେମାର, ସର୍ବକଲ୍ୟାଣଭାଗିନୀ
ହେଉ ବାଳା, ଖଣ୍ଡିଯାଉ ନିୟତିର ଲିପି,
ସତ୍ୟବାନ ସତ୍ୟବାନ, ସାବିତ୍ରୀ ସୁମତି,
ଯୋଗ୍ୟର ମିଳନ ହେଉ ଯୋଗ୍ୟର ସଙ୍ଗତେ
ଆଶିଷ ଦେବଙ୍କର ହେଉ ସର୍ବଶୁଭେ ।'
ଏହା କହି ଦେବର୍ଷି ଘେନିଲେ ମେଲାଣି,
ରତ ହୋଇଲେ ନରପତି ବିଭା-ଆୟୋଜନେ,
ବସ୍ତ୍ର ଆଭରଣ ପୁଣି ସମ୍ଭାରବି ଯେତେ
ଆୟୋଜନ କରି ରାଜା, ସେଦିନ ସ୍ୱଗହଣେ
ମୁନି ପୁରୋହିତ ପୁଣି ପାତ୍ର ମିତ୍ର ଆଦି
ବାହାରିଲେ ଜେମା ସଙ୍ଗେ ମଙ୍ଗଳଦିବସେ,
ମହାବନ ମଧ୍ୟେ ଯାଇ ଆସୀନ ଦେଖିଲେ
ଶିଳାବତୀ ସୈକତିନୀ ଗିରିନଦୀତୀରେ
କୁଶାସନେ ଦ୍ୟୁମତ୍ସେନ ଶାଳତରୁମୂଳେ ;
ଶଙ୍କା ଲଜ୍ଜା ସମ୍ଭ୍ରମ ଆଦି ବହିତ ବିଧାନେ
ମଦ୍ର ରାଜା ଆତ୍ମ-ପରିଚୟ ଦେଲେ ତହିଁ,
ତୋଷିଲେ ଆଦରେ ତାଙ୍କୁ ପ୍ରୀତସମ୍ଭାଷଣେ
ସାଧୁ ଦ୍ୟୁମତ୍ସେନ ଅନ୍ଧ ବୃଦ୍ଧ ରାଜର୍ଷି,
ଅବସ୍ଥା ସଦୃଶ ଖଣ୍ଡେ କୁଶାସନ ଦେଇ,
ସୁନିର୍ମଳ ଜଳ ଦେଇ ମୃତ୍ତିକାଭାଜନେ,
ପଚାରିଲେ ସଜନଙ୍କ ଆଗମନ-ହେତୁ ।
ସତ୍ୟବାନ ପ୍ରତି ଦୃଷ୍ଟି ଦେଇ ଅଶ୍ୱପତି
କହିଲେ, "ସାବିତ୍ରୀନାମ୍ନୀ ମୋର ଏ ଦୁହିତା
ପୁତ୍ରବଧୂରୂପେ ତାଙ୍କୁ ବହିବ ବିଧାନେ
ନିଅ, ହେ ବିଧିଜ୍ଞ ନୃପ, ଏ ମୋର ମାଗୁଣି ।,
ଉତ୍ତରିଲେ ଦ୍ୟୁମତ୍ସେନ, "ବିତାଡ଼ିତ ହୋଇ
ସିଂହାସନୁ ହୋଇଅଛି ମୁହିଁ ବନବାସୀ,
ନାହିଁ ବିଭବର ଦିନ, ଯତବ୍ରତେ ବ୍ରତୀ
ହୋଇ ମୁହିଁ ଯାପୁଅଛି ଦିନ ବନାଶ୍ରମେ,
ନିରମାଷୀ, ନିରାଶ୍ରୟ, ଫଳମୂଳାହାରୀ,
ରାଜସୁତା ସୁକୁମାରୀ, ସୁଖରେ ଲାଳିତା,
ରଖିବ କେସନେ ତାଙ୍କୁ ଏ ପର୍ଣ୍ଣକୁଟୀରେ ?
ନୁହଇ ଏ ଜେମାଙ୍କର ବାସଯୋଗ୍ୟସ୍ଥଳୀ,
କିମ୍ପା ଅରପିଲ ଏଡ଼େ ଭାର ଅଜାଣନେ ?"
ଉତ୍ତରିଲେ ଅଶ୍ୱପତି, "ସୁଖଦୁଃଖକଥା
ଜାଣଇ ମୁଁ, ଜାଣେ ଜେମା, ତେବେହେଁ, ଜେମାହେଁ
ନିଜେ ବଡ଼ ଆମ୍ଭେ ତାହା ଜାଣିଅଛୁ ଭଲେ,
କିଏ 'ସାର', ଆନ କିଏ ଆମ୍ଭଙ୍କୁ ତ ଜଣା,
ସେ ଭୟେ ଟଳିବ ନାହିଁ ଦୃଢ଼ନିଷ୍ଠ ମନ
ଆମ୍ଭର, ହେ ନରବର, ବନ୍ଧୁଭାବେ ଆସି
ତନୟେ ମାଗୁଣି ମୋର କହିଲି ତୁମ୍ଭରେ,
ମୋ ହୃଦୟ ଜାଣି ଦେନ ମୋର ଏ ଚିନ୍ତା,
ବିଭବେ ନ ଥାଇ ତୁମ୍ଭେ ଅତୁଳବିଭବୀ,
ହେ ମନସ୍ୱି ରାଜର୍ଷି, ଶୌର୍ଯ୍ୟର ମୁକୁଟେ
ତୁମ୍ଭର ମୁକୁଟହୀନ ମସ୍ତକ ଶୋଭରେ
ଭାସ୍ୱର, କି ଛାର ଆନ ମୁକୁଟ ତା ଆଗେ ?
ଆଭିଜାତ୍ୟେ ତୁମ୍ଭେ ମୁହିଁ ସମକକ୍ଷ କେବଳ,
କରୁଛି ତୁମ୍ଭର ସୁତେ ମୋର ଏ ଦୁହିତା
ପୁତ୍ରବଧୂରୂପେ ତାଙ୍କୁ ନେଇ ନରମଣି,
ପୂତ କର ତାଙ୍କୁ ପୁଣି ପୂତ କର ମୋତେ
ମହାଶ୍ଳାଘ୍ୟ ଏ ସମ୍ବନ୍ଧେ, ହୃଦେ ଦୟା ବହି
ଉତ୍ତରିଲେ ଅନ୍ଧ ରାଜା, "ତୁମ୍ଭ ସଙ୍ଗେ,ରାଏ
ସମ୍ବନ୍ଧ ବାନ୍ଧିବା ଲଗି ପୋଷିଥିଲି ଆଶା
ଆଗେ ମୁହିଁ, ମାତ୍ର ରାଜ୍ୟ ସମ୍ପଦ ହରାଇ
ମୁଞ୍ଚିଥିଲି ସେ ଆଶା ମଣି ତା ଦୁରାଶା,

ମାନ ଏ ଜୀବନ୍ତ ଏବେ ତୁମ୍ଭଠାରେ ଦେଖି
ବଧୂର ଜୀବନ୍ତ ଏହା ଜାଣିବ ନିଶ୍ଚିତେ ;
ଅଭିନ୍ନ ମୋହର ତୁମ୍ଭେ ପ୍ରିୟ ସର୍ବମତେ ;
ତୁମ୍ଭର ବାସନା ଯାହା ମୋର ସେ ବାସନା ।”
ତହୁଁ ପୁରୋହିତ ଆସି ବିହିତ ବିଧାନେ
ଶୁଭକ୍ଷଣେ ବରକନ୍ୟା ବେଦୀରେ ବସାଇ
ପକାଇଲେ ହସ୍ତଗ୍ରନ୍ଥି, ସାବିତ୍ରୀକି ରଖି
ବାହୁଡ଼ିଲେ ଅଶ୍ୱପତି ସୁଖେ ସ୍ୱନଗରେ ;
ସୁନ୍ଦରୀ ଲଳନା ନାନା ଯୌତୁକ ସହିତେ
ଲଭି ସତ୍ୟବାନ ହେଲେ ସୁଖୀ ଯଥୋଚିତ,
ତହୁଁ ବଳି ସୁଖୀ ହେଲେ ମଦ୍ରରାଜ-ଜେମା,
କଠୋର ତପସ୍ୟାଲବ୍ଧ ଇଷ୍ଟବର ପ୍ରାପ୍ତେ
ନିଜ ମନୋମତ ବର ଲଭି ମନସ୍ୱିନୀ ।
ଅଶ୍ୱପତି ଗଲେ ଯହୁଁ, ବରାଙ୍ଗୀ ସେକ୍ଷଣି
ବସ୍ତ୍ର ଆଭରଣ ନିଜ ବପୁରୁ ଉତାରି
ଆବରିଲେ ତାଙ୍କୁ ପୁଣି ଚାରବ ବଲ୍‌କଳେ—
ତାପସ-ଉଚିତ ବାସ ; ରାଜଭୋଗ-ସ୍ପୃହା
ଛାଡ଼ିଦେଇ, ଜାଗରୂକ ହୋଇ ସେବାବ୍ରତେ
ଗୁରୁଜନ ଅତିଥିଙ୍କ ଭୋଜନ ଉତ୍ତାରୁ
ବଳିଥିଲା ଖାଦ୍ୟାନ୍ନ ଫଳମୂଳ ଯାହା—
ତପସ୍ୟାର ଯୋଗ୍ୟାଶନ—ସେହି ସେ ଅଶନେ
କ୍ଷୁଧା ହରି ମଣୁଥିଲା ନିଜକୁ ସୁଖିନୀ,
କୁଶଶେଯଶାୟୀ ହୋଇ ପତିଙ୍କ ସଙ୍ଗରେ
ହେଲା ସେ ମଣିଲା ହେମ-ପର୍ଯ୍ୟଙ୍କ-ଶୟନେ ;
ଅତିଥିର ପରିଚର୍ଯ୍ୟା, ଦୟା ଦାକ୍ଷିଣ୍ୟାଦି
ଦେଖି ତାର, ଶୁଣି ତାର ସତ୍ୟପୂତ ବାଣୀ
ମଧୁରୁ ମଧୁର ସ୍ନେହେ ନିନ୍ଦିବର ସୁଧା,
ବଳାଇଲେ ବାଳା ପ୍ରତି ପ୍ରୀତି ଅତିରେକେ
ଯାବନ୍ତ ଆଶ୍ରମବାସୀ, ପ୍ରୀତ ହେଲେ ରାଣୀ
ସେବାଧର୍ମେ ଆସ୍ଥା ତାର ଦେଖି ଅହର୍ନିଶି,
ତନୟାଧିକ ପ୍ରୀତି ବହିଲେ ତାଠାରେ
ବଶ ହୋଇ ଗୁଣେ ତାର ଅନ୍ଧ ରାଜଋଷି,

ରମିଲା ସେ କାଳସୁଖେ ପତିସେବା ବ୍ରତେ,
ପତିଇ ସନ୍ତୋଷ ତାର ଇଷ୍ଟମନ୍ତ୍ର ସଦା,
ପତି ଧ୍ୟାନ, ପତି ଜ୍ଞାନ, ପତି ସେ ଦେବତା ;
ଏହିପରି ମହାସୁଖେ ଗଲା ଦିନ ଚାଲି
ଶାନ୍ତିରସାସ୍ପଦ ସେହି ଅରଣ୍ୟ-ଆଶ୍ରମେ
ମାତ୍ର ସୁଖେ ଥାଇ ବାଳା ପାସୋରି ନ ଥିଲା
ଦେବର୍ଷି-କଥିତ ସେହି ଦାରୁଣ ନିୟତି;
ନିତି ଦିନ ଗଣି ସେହି ଦିନ ପ୍ରତୀକ୍ଷାରେ
ଧାରି ହେଉଥାଇ ମନେ ମନେ ମନସ୍ୱିନୀ,
କି ଜାଗ୍ରତେ କି ସ୍ୱପନେ ସେହି କୁଭବିଷ୍ୟତ
ଭଆଉଣଥିଲା ତାର କର୍ମ ଅନ୍ତର୍ଗତେ ।
ସୁଖର ସେ ଦିନଯାକ ସୁଖେ ଗଲା ଚାଲି,
ଦାରୁଣ ସେ ଦିନ ଏବେ ଆସିଲା ପାଖେଇ—
ସେଦିନ, ଯା ଟାଳିବାର ଶକ୍ତି ନାହିଁ କେବେ
ନିୟତିର ଦିନ ଜାଣି ତିନି ଦିନ ପରେ
ନିରବଧିର ଉପବାସ ଆଚରି ସୁନ୍ଦରୀ
ତେଜିଲା ଆହାର ନିଦ୍ରା ସେହି ନିବାସରେ,
ବଧୂର ଏ ବ୍ରତ କଥା ଶୁଣି ଅନ୍ଧ ରାଜା
କହିଲେ ବାଳାକୁ ଡାକି,“ଏ କଠୋର ବ୍ରତେ
କିଆଁ ବଳାଇଲ ମନ ? ଯତି ମଧ୍ୟେ ଯେତ୍ତୁ
ସିଦ୍ଧତମ, ଏ ବ୍ରତ ନ ପାରନ୍ତି ଆଚରି ।”
“ନ କର ଭାବନା ଏଥି” ଉତ୍ତରିଲା ବାମା,
“ମନାସିଛି ଯାହା ମୁହିଁ ପାଳିବି ନିଶ୍ଚିତେ ।”
ଏହା କହି ଆଚରିଲା ଏକନିଷ୍ଠ ହୋଇ
ସେ କଠୋର ବ୍ରତ ବାଳା, ତ୍ରିଦିବସ ପରେ
ତୃତୀୟ ଯାମିନୀ ଅବସାନ କାଳ ଜାଣି,
ନାଥର ଅନ୍ତିମ ଦିନ ଏହି, ଏହା ଭାବି,
ଉଷା ଉଠି ଇଷ୍ଟମନ୍ତ୍ର ଜପି ପତିପ୍ରାଣା
ହୋମାନଳେ ଯଥାବିଧି ଦେଲାକ ଆହୁତି,
ତଦନ୍ତେ ବନସ୍ଥେ ଯାଇ ରାଜା-ରାଣୀ-ପାଦୁଁ
ପଦଧୂଳି ନେଇ ବୋଳିହେଲା ନିଜ ମାଥେ,
ବନ୍ଦି ଦ୍ୱିଜବର୍ଗେ ନେଲା ତାଙ୍କ ଆଶୀର୍ବାଣୀ,

ସନ୍ତୋଷେ ମଦ୍ରଶୀ ତହୁଁ ସାବିତ୍ରୀକି ଡାକି
କହିଲେ, "ପାଳିଲ ବ୍ରତ ମନାସି ଯା ଥିଲ,
କର ତୁ ଭୋଜନ ଏବେ," ଉତ୍ତରିଲ ବାମା,
"କରିବି ଭୋଜନ ଆଜ ରବି ଅସ୍ତପରେ,
ମନାସିଣଥିଲି ଏହା ବ୍ରତ ସଙ୍ଗେ ମୁହିଁ ।"
ଏ ସମୟେ ସତ୍ୟବାନ ଥୋଇ ସ୍କନ୍ଧଦେଶେ
କୁଠାର, ଉଦ୍ୟତ ହେଲେ ବନେ ଯିବାପାଇଁ
ଭାଷିଲ ଏସନ ବାଳା ତାଙ୍କ ପାଶେ ଯାଇ;
"ହେ ନାଥ, ଅରଣ୍ୟେ ଆଜ ନ ଯାଅ ଏକାକୀ
ନିଅ ମୋତେ ତୁମ୍ଭ ସଙ୍ଗେ, ତୁମ୍ଭଙ୍କୁ ମୁଁ ଛାଡ଼ି
'ରହି ନ ପାରିବି ଆଜ କହିଲି ନିଶ୍ଚିତେ ।"
'କିଆଁ କହ ଆଜ ଏହା, ସଗୁଣପ୍ରେୟସି,"
ଉତ୍ତରିଲେ ସତ୍ୟବାନ, "ବନସଞ୍ଚରଣେ
ତୁମ୍ଭର ଅଭ୍ୟାସ ନାହିଁ, ଉଚାବଚ ପୁଣି
ବନମାର୍ଗେ, ପ୍ରାସ ହେବ କୋମଳ ଚରଣେ
ତୁମ୍ଭର, ଦୁର୍ବଳ ପୁଣି ତୁମ୍ଭେ ଉପବାସେ,
ନାହିଁ ଶକ୍ତି ଲେଶ ଦେହେ, ଚାଲିବ କେସନ ?'
କହିଲେ ସାବିତ୍ରୀ, "ମୁହିଁ ଉପବାସ ଯୋଗୁଁ
ହୋଇନାହିଁ କ୍ଳାନ୍ତ କିବା ଅଶକ୍ତ ଭ୍ରମଣେ;
ନ କର ନିଷେଧ ମୋତେ, ମୋ ଆଗ୍ରହ ଜାଣି
ବନଭୂମେ ହେବାପାଇଁ ତୁମ୍ଭ ସହଚରୀ ।"
"ଯିବାକୁ ବାସନା ଯେବେ' କରୁନାହିଁ ମନା
ମାଗ ଗୁରୁଜନଠାରୁ ନିଅ ଅନୁମତି'
ନୁହଇ ଯୁକତ କରି ତାଙ୍କ ଆଜ୍ଞା ବିନା ।"
ଏ ଉତ୍ତର ଶୁଣି ବାଳା ପ୍ରାଣନାଥ ମୁଖେ
ବେଗେ ଯାଇ ସେହିକ୍ଷଣି ଗୁରୁଙ୍କ ସନ୍ନିଧି
ଚରଣେ ପ୍ରଣତି ହୋଇ ଜଣାଇଲା ଅଳି,
"ପୁଷ୍ପଫଳ ଆହୋରଣେ ଯାଉଛନ୍ତି ବନେ
ପ୍ରାଣନାଥ ମୋର, ତାଙ୍କ ସଙ୍ଗେ ଯିବାପାଇଁ
ଦିଅ ମୋତେ ଅନୁମତି, ଅଗ୍ନି ହୋତ୍ର ଲାଗି
ପୁଷ୍ପଫଳ-ଆହରଣେ ବ୍ରତୀ ଯେଣୁ ସେହି,
ବାରି ତ ନୋହିବ ତାଙ୍କୁ ତହୁଁ କଦାଚିତେ,
ଦିଅ ଆଜ୍ଞା; ଯିବି ମୁହିଁ ତାଙ୍କର ଗହଣେ
ବର୍ଷେ ହେଲା ଯାଇଥିଲି ଥରେ ବନଭୂମେ
ପୁଷ୍ପିତ କାନନ-କୁଞ୍ଜ ଶୋଭା ଦେଖିବାକୁ,
ଆଜ ପୁଣି ଦେଖିବାକୁ ମୋହର ବାସନା ।"
ଉତ୍ତରିଲେ ମୃଦୁଭାଷେ ଅନ୍ଧ ରାଜଋଷି,
"ବର୍ଷେ ହେଲା ବଧୂରୂପେ ତୁମ୍ଭେ ଏ ଆଶ୍ରମେ
ଆସିଅଛ, ବତ୍ସ; ତୁମ୍ଭ ଅଭୀଷ୍ଟ-ପୂରଣେ
କୁଣ୍ଠିତ ନୁହଇ ମୁହିଁ, ଯେଣୁ କେହିକାଳେ
କରି ନାହିଁ ଅସମୟେ କେବଣ ପ୍ରାର୍ଥନା ।
ଯାଅ ବତ୍ସେ, ଦେଲି ଆଜ୍ଞା, ସ୍ୱାମିସଙ୍ଗେ ବନେ
ସ୍ୱାମୀର କୁଶଳେ ତୁମ୍ଭେ ଅବହିତ ସଦା ।"
ଶ୍ୱଶୁର ଶାଶୁଙ୍କ ଆଜ୍ଞା ଲଭି ଏହିମତି
ପତିସଙ୍ଗେ ବାହାରିଲା ସାବିତ୍ରୀ-ସୁନ୍ଦରୀ
ମହାଖିନ୍ନମନେ, ମାତ୍ର ପ୍ରଫୁଲ୍ଲ ବଦନେ,
ପୁଷ୍ପାନତ ତରୁରାଜି, ମଞ୍ଜୁ କୁଞ୍ଜରାଜି,
କ୍ରୀଡ଼ୁଥିଲେ ସୁଖେ ଯହିଁ ମୟୂର ମୟୂରୀ,
ସ୍ୱଚ୍ଛତୋୟା ସ୍ରୋତସ୍ୱିନୀ, ତୁଙ୍ଗଗିରିମାଳା,
ଶବଳିତ ତଟ-ଯାର ମୁକୁଳ କୁସୁମେ'
ମାର୍ଗେ ଭେଟି ସତ୍ୟବାନ ଦେଖାଉଣଥିଲେ
ପ୍ରେୟସୀଙ୍କ' ଦୃଷ୍ଟି ଦେଇ ତହିଁ ଗୁରୁମୁଖି
ଫେରାଉଣଥିଲା ତାହା ପତି ମୁଖ ପୁଣି
ଉଷା ଜାଣି ତାଙ୍କୁ ଝୁରି ନୟନ-ଚୋରଣେ,
ନାରଦଙ୍କ ବାଣି ସ୍ମରି ପତି ପଛେ ପଛେ
ଯାଉଥିଲା ସ୍ତବ୍ଧପ୍ରାଣା ଅବହିତ ଚିତ୍ତେ,
ବିଦୀର୍ଣ୍ଣ ହୃଦୟ ତା'ର ବେଦନଖଣ୍ଡ ହୋଇ
ଖଣ୍ଡେ ଜଡ଼ି ରହିଥିଲା ପତିଠାରେ ଅବା,
ଆନ ଖଣ୍ଡ ଦେଖୁଥିଲା ଆସୁଛି କେସନେ
ସଦ୍ୟଃ ଗ୍ରାସିବାକୁ ତାଙ୍କୁ ନିର୍ମମ ନିୟତି ।
ଠାବେ ଫଳବୃକ୍ଷ ଦେଖି ଅବନତ ଫଳେ
ଫଳ ତୋଳି ପୂରାଇଲେ ଗୁଙ୍ଗୁଡ଼ୀ ଦମ୍ପତି,
ତହୁଁ ରତ ହେଲେ ପତି ସମିଧ-ଛେଦନେ,
କୁଠାରେ ସମିଧ ଛେଦୁଁ ଛେଦୁଁ ସେହିକ୍ଷଣି

ଅଭିଭୂତ ହେଲେ ଅତି ସାଧ୍ବୀ ଶିରଃଶୂଳେ
ଝରିଲା ଦେହରୁ ଝାଳ ଝରଝର ହୋଇ,
କହିଲେ ପତ୍ନୀକି ଡାକ କ୍ଷୀଣ କଣ୍ଠସ୍ୱରେ,
"କି ଯନ୍ତ୍ରଣା, ପ୍ରିୟେ, ଏହି, କାଟିବାକୁ ଆଉ
ନାହିଁ ଶକ୍ତି ଲେଶ ମୋର, ଶିରେ ଶିରେ
ତରଳ ଅନଳସ୍ରୋତ ବହେ କେତେ ଖରେ
ଜଳୁଅଛି ଅଉ, ଅତି ଶଣ୍ଢ଼ୁ ଆସି କେହି
ଭୁସିଦେଲା ଶିରେ ଅବା ତୁଅଇ ପରତେ,
ଛିଡ଼ାହୋଇ ପାରୁନାହିଁ, ଦିଅ ଗୋ ଶୁଆଇ"
ନ ପାରି କରୁତ, ସତୀ ଯାଇ ଧାଡ଼ିକାରେ
ଧରିନେଲେ ଭୂଜେ ବ୍ୟଗ୍ରେ ବଧୂର ପତିକି,
ଶୁଆଇ ତାହାଙ୍କୁ, କୋଳେ ଥୋଇ ତାଙ୍କ ଶିର
ନୀରବେ ବିଞ୍ଚିଲେ ତାଙ୍କୁ ପଲ୍ଲବ-ବ୍ୟଜନେ,
ଜାଣିଲେ ନାରଦର୍ଷି-କଥିତ ନିୟତ
ପ୍ରବେଶିଲା ଆସି ପରା, ସହସା ଏକାଳେ
ଦେଖିଲେ ଅଗ୍ରତେ ଏକ କରାଳମୂରତି—
ଅସ୍ପଷ୍ଟ ଆକୃତି, ବର୍ଣ୍ଣେ କୁହେଳିକା ପରି,
ପାଶହସ୍ତେ ହୋଇଛନ୍ତି ପତି ଅଗ୍ରେ ଛିଡ଼ା
କରାଳ ତାଙ୍କର ଛାୟା ଉତ୍ତରାଙ୍ଗେ ପଡ଼ି
ପତିଙ୍କର, କଳା ହୋଇଅଛି ବର୍ଣ୍ଣ ତହିଁ,
ତାଙ୍କୁ ଦେଖି ପତିଶିର ଧୀରେ ରଖି ତଳେ
ତ୍ରୈଶୋପତି କମମାନହୃଦୟେ ଅବଳା
କର ଯୋଡ଼ି କାକୁସ୍ୱରେ ଭାଷିଲା ଏସନେ
"ଦେବତା ନିଶ୍ଚୟ ତୁମ୍ଭେ, ମର୍ତ୍ତ୍ୟାଶ୍ରିତ ରୂପେ
କେଉଁ ଦେବ ତୁମ୍ଭେ, ଦେବ, କହ କୃପାକରି
କିମ୍ବା ମୋତେ କେଉଁକାର୍ଯ୍ୟେ ଆସିଲ ଏଠାକୁ
ଉତ୍ତରିଲେ ଭୀମାକୃତି, "ମହାପତିବ୍ରତା
ସାବିତ୍ରୀ ତୁ ଶୁଦ୍ଧମତି ସ୍ୱଧର୍ମଚାରିଣୀ,
ଉତ୍ତର ଏ ପ୍ରଶ୍ନେ ତୋର ଦେବ ତେଣୁ କରି
ଯମ ମୁହିଁ, ରାଜପୁତ୍ର ଏହି ତୋର ପତି
ମରିବ ଏକ୍ଷଣି ଜାଣି ବାନ୍ଧି ନେବା ଲାଗି
ଆସିଲି ମୁଁ ଏହି ଠାବେ ବିଧିଙ୍କ ନିୟୋଗେ।

ଏ ନିୟୋଗ ମୋର, ତା ପାଳିବି ଏକ୍ଷଣି।"
ପୁଚ୍ଛିଲେ ବିନମ୍ରଭାବେ ରାଜେନ୍ଦ୍ର-ତନୟା,
"ଶୁଣିଛି ମୁଁ, ନିଅ ତୁମ୍ଭେ ଦୂତଗଣେ ପେଷି
ପ୍ରେତ-ଆତ୍ମା, କପାଁତେବେ ଦେଇ ହେଲ ନିଜେ,
ଆହେ ମହାପ୍ରଭୁ, ଏହା ପୁଚ୍ଛଇ ଶ୍ରୀପାଦେ।"
ପତିବ୍ରତା ପ୍ରତି ହୋଇ ଆର୍ଦ୍ର କରୁଣାରେ
ଉତ୍ତରିଲେ ନିସ୍କରୁଣ, "ତୁମ୍ଭର ଏ ପତି
ବିଶେଷ ବିଶ୍ୱ-ପୂଜ୍ୟ ସାଧୁ-କୁଳ-ଚୂଡ଼ାମଣି,
ନିଜେ ମୁଁ ଆସିଲି ତେଣୁ ତାଙ୍କୁ ନେବା ଲାଗି
ସମ୍ମାନେ, ଇତର ଦୂତେ ଏ କାର୍ଯ୍ୟ ନ ପେଷି"
ଏହା କହି ଭୀଷଣଦର୍ଶନ ପ୍ରେତନାଥ
ରାଜସୁତ ପ୍ରାଣ ନେଲେ ଆକର୍ଷି ସ୍ୱପାଶେ
ମାୟାରୂପୀ, ଆକୃତିର ବୃଦ୍ଧାଙ୍ଗୁଳିପ୍ରାୟେ,
ପ୍ରାଣ ଗୁଡ଼ିଲାଣି ରୁଦ୍ଧ ହେଲା ପ୍ରାଣବାୟୁ,
ଥମିଲା ଶୋଣିତ-ସ୍ରୋତ ; କଳା ପଡ଼ିଯାଇ
ଦେହଯାକ ହୋଇଗଲା ଶୀତଳ ନିମିଷେ,
ବାନ୍ଧି ସତ୍ୟବାନ-ଜୀବ ଶମନ ନୀରବେ
ବିଜେ ହେଲେ ଯମରୂପୀ ଦକ୍ଷିଣାଶାମୁଖେ।
ସାବିତ୍ରୀ ରାଜେନ୍ଦ୍ରସୁତା ତାଙ୍କ ପଛେ ପଛେ
ଶୈତ୍ୟ, ପତିପ୍ରେମ ଯୋଗୁଁ ମହାସାହସିନୀ
ଗୋଡ଼ାଇଲେ ତଳେ ଭୀତି ନ ଭଜି ମାନସେ,
ହେଲେହେଁ ସ୍ୱଭାବେ ଭୀରୁ ମହାତେଜସ୍ୱିନୀ
ଗରିମା, ନିର୍ମଳା ଯେଣୁ କର୍ମେ ବାକ୍ୟେ ମନେ।
ବାଳା ପ୍ରତି ଫେରି ଚାହିଁ ପ୍ରେତକୁଳସାଇଁ
କହିଲେ, "ଯା ବାଳୁ ତୁହି, ପ୍ରଚୁର ଏ ଭବେ
ପ୍ରେମପକ୍ଷେ, ଫେରି ଏବେ ଯାଅ ନିଜ ସ୍ଥାନେ
ଆସିଲୁଣି ବହୁଦୂର, ବାହୁଡ଼ି ତୁ ଏବେ,
ପତିର ଅନ୍ତ୍ୟେଷ୍ଟିକ୍ରିୟା କର ବିଧିମତେ।"
ଉତ୍ତରିଲେ ପତିବ୍ରତା, "ପତି ଯିବେ ଯହିଁ,
ମୁଁ ଯିବି ସହଗେ ତାଙ୍କ, ନିଷ୍ଠା ମୋର ଏହି
ନାହିଁ ଆନ ଗତି ମୋର, ପାଳିଅଛି ଯେତେ
ଶୁଦ୍ଧାଚାରେ ସତୀ ବ୍ରତ, ସେବିଅଛି ଯେତେ

ଭକ୍ତିଭରେ ଗୁରୁଜନେ, ଯିବ ମୁଁ ଅବାଧେ,
କହନ୍ତି ଋଷିଏ ସପ୍ତପଦ ସଙ୍ଗେ ଗଲେ
ସାଧୁ ସଙ୍ଗେ ସାଧୁ ମିତ୍ର ହୁଅନ୍ତି ବୋଲାଏ,
କହିବ ଗ୍ରନ୍ଥରେ ଖଣ୍ଡେ ଗାଥା ପୁରାତନୀ,
ଦିବ୍ୟ ଅବଧାନେ ଆସ୍ତୁ, ହେ ପରେତପତି,
"ପାଳିବ ସ୍ୱକାର୍ଯ୍ୟ ଯେବେ ହୁଅ ଆତ୍ମେଶ୍ୱର,
ନିଜକୁ ସ୍ୱବଶେ ରଖି ନ ପାରେ ଯେ ନର,
ସକ୍ଷମ ନ ହୁଏ ହିତକାର୍ଯ୍ୟ-ସମ୍ପାଦନେ, ସ୍ତ୍ରୀ
କି ଯୌବନେ କି ବାର୍ଦ୍ଧକ୍ୟେ କି ଘରେ କି ବନେ
ଏକମାତ୍ର ସୁଖଧର୍ମ କହନ୍ତି ଜ୍ଞାନୀଏ,
ଯେଉଁ ମାର୍ଗେ ତାହା ଲଭି ପାରନ୍ତି ସଭିଏଁ,
ଜ୍ଞାନ ଅର୍ଜିବା ଭବେ ଅଟଇ ଦୁଷ୍କର,
ମାତ୍ର ଧର୍ମ-ଆଚରଣ ଜ୍ଞାନୁ ଶ୍ରେୟସ୍କର,
କହନ୍ତି ସାଧୁଏ ତେଣୁ ଭାରତୀ ଯୁକତି,
ଧର୍ମର ଯେ ମାର୍ଗ ତାହା ସଭିଙ୍କି ମୁକତ ।"
କହିଲେ ପରେତନାଥ, "ନିଅ ନିଜ ବାଞ୍ଛା
ଭଦ୍ରେ ଏବେ, ତୋହର ଏ ଅଦ୍ଭୁତ, ଭାରତୀ
ମଞ୍ଜୁଳ କୋମଳ ସାଧୁ ଅର୍ଥଯୁକ୍ତ ଶୁଣି
ପ୍ରୀତି ତୋହଠାରେ, ସତୀ, ବଢ଼ି ଅନ୍ତରେକେ
କହୁଛି ଅଦେୟ ଯା ତୋ ପତିପ୍ରାଣ ଛାଡ଼ି
ମାଗିବୁ ଯେ ବର ତାହା ଦେବି ଏହିକ୍ଷଣି ।"
ଉତ୍ତରିଲେ ଗୁରୁକୁଳକହ୍ଲାର ତରୁଣୀ,
"ମୋହର ପତିଙ୍କ ପିତା, ଅନ୍ଧ ରାଜଋଷି
ଲଭନ୍ତୁ ସ୍ୱଚକ୍ଷୁ, ପୁଣି ଜରାଜୀର୍ଣ୍ଣ ଦେହେ
ହୁଅନ୍ତୁ ସବଳ ସୁସ୍ଥ ତେଜସ୍ୱୀ ଦୀର୍ଘାୟୁ ।"
"ଦେଲି ବର" ଉତ୍ତରିଲେ ଦେବ ମୃତ୍ୟୁପତି,
"ଯାଅ, ସାଧ୍ୱି, ଯାଅ ଏବେ ପୂରିବ ବାସନା,
ଶ୍ରାନ୍ତ ତୁମ୍ଭେ ମୋର ପଛେ ଏତେ ଦୂର ଆସି,
ମହାଘୋର ମହାଦୁରୂହ ପୁଣି ଏ ସରଣୀ,
ବାହୁଡ଼, କଷ୍ଟ ଆଉ ନ କର ନିଜକୁ,
ସୁକୁମାର ପ୍ରାଣ ତୋର ସହିବଟି କାହାର ।"
ଉତ୍ତରିଲେ ରାଜସୁତା, "ଶ୍ରାନ୍ତ କାହିଁ ମୁହିଁ
ହେବ, ପ୍ରଭୋ, ଅଛି ଯେଣୁ ପତିଙ୍କ ଗହଣେ
ନେଉଛ ତାହାଙ୍କୁ ଯହିଁ ଯାଉଛି ମୁଁ ତହିଁ
ଯହିଁ ତାଙ୍କୁ ନେବ ମୁହିଁ ଯିବ ପଛେ ପଛେ,
ଏ ଯେମନ ଯେ ଗାଥା ମୁହିଁ କହିବ ଏବେଣି,
ଶୁଣ ଦେବ, ତା ଆସୁ ତୁମ୍ଭ ଦିବ୍ୟ ଅବଧାନେ;
ସାଧୁ ସଙ୍ଗେ ସହବାସ ସବୁଠାରୁ ଶ୍ରେୟ
ଯେମନ୍ତେ ତା ଶ୍ରେୟ ଯଥା ସାଧୁଙ୍କର ପ୍ରେୟ,
ଏକନିଷ୍ଠ ହୋଇ ସ୍ନେହ କରଇ ଯେ ଜନ,
କେଡ଼େ ସୁଖକର ତାର ସଙ୍ଗେ ବିଚରଣ,
ସେ ସ୍ନେହର ଫଳ ଅଟେ ମିଷ୍ଟ ଅତିଶୟ,
ପାରେ କି ମୂଲ୍ୟିଛି ତାକୁ କେଉଁ ସହୃଦୟ ?"
ସସ୍ମିତେ କହିଲେ ଯମ, "ସୁଶୀଳା ତୋବାଣୀ
କେଡ଼େ ସୁମଧୁର ଆହା, ଲଭିବେ ଜ୍ଞାନୀଏ
ଜ୍ଞାନ ଶୁଣି ତୋର ଏହି ସୁମଧୁର ଗାଥା,
ପତି-ପ୍ରାଣ ଛାଡ଼ି ଅନ୍ୟ ମଞ୍ଜୁଳବାଦିନୀ,
ମାଗ କିଛି ବର, ଦେବି ସେ ବର ଆଗ୍ରହେ
କହିଲେ ସାବିତ୍ରୀ, "ମୋର ପତିଙ୍କର ପିତା
ସ୍ୱରାଜ୍ୟ ହରାଇ ଏବେ ଦାରୁଣ କଷଣେ
ନିର୍ବାସିତ ହୋଇ କାଳ କାଟନ୍ତି କୁଟୀରେ
ଲଭନ୍ତୁ ସେ ରାଜ୍ୟ ପୁଣି, ପୁଣି ଧର୍ମେ ନ୍ୟାୟେ
ପାଳନ୍ତୁ ପରଜା ଆଗେ ପାଳୁଥିଲେ ଯଥା ।"
'ତଥାସ୍ତୁ' ଉଚ୍ଚାରି ଯମ ବାଳାକୁ ସମ୍ବୋଧି
କହିଲେ, "ଶ୍ୱଶୁର ତୋର ପୁଣି ସିଂହାସନେ
ବସିବେ, ପାଳିବେ ପ୍ରଜା ପାଳୁଥିଲେ ଯଥା
ନ୍ୟାୟ ଦୟା ଧର୍ମେ ପୂତ ଶାଶ୍ୱତ ବିଧାନେ;
ନେଲୁ ବର ଯାଅ ଭଦ୍ରେ, ଅଗ୍ରସର ଆଉ
ନହୁଅ,ଦେଖୁଛ କେଡ଼େ କଠୋର ଏ ରାହା ।"
"ହେ ଦେବ ଭୈରବରୂପୀ"ଉତ୍ତରିଲେବାମା
"ଦୁଷ୍ଟର ଦମନେ ପୁଣି ଶିଷ୍ଟର ପାଳନେ
ସଦା ବ୍ରତୀ, ଚଳାଉଛ ତୁମ୍ଭେ ସାଧୁ ପଥେ
ଚରାଚର, କି କହିବ ମୁହିଁ ଶାପପୂର୍ବେ ?
ସଂହାର ତୁମ୍ଭର ବୃତ୍ତି, ମାତ୍ର ତାହା ତଳେ

ଭକ୍ତିଭୂତେ ବଶୀକୃତ ଭକ୍ତବତ୍ସଳ ନୈଷଣା,
ପ୍ରେମ ସେ ନିହିତ ତୁମ୍ଭ କଠୋରତା ମୂଳେ,
ଜ୍ଞାନବେଦଙ୍କ ପୁଣି ଖଣ୍ଡେ ଗାଥା ପୁରାତନୀ,
ଶୁଣିବା ହେଉନ୍ତୁ ଦୁଃଖିଜନେ ଦୟା ବନ୍ଧୁ ।
ପ୍ରେମ ସେ ଅଟଇ ସାଧୁଜନଙ୍କର
ମୁଖ୍ୟ ଧର୍ମ ଭବତଳେ,
କି ଭକ୍ତ କି ଅନ୍ୟ ଜନ୍ତୁ ଯେତେ ପ୍ରାଣୀ
ସମାନ ତାଙ୍କୁ ସକଳେ,
ଦୟାପୂର୍ଣ୍ଣ ହୃଦେ ଦେଖନ୍ତି ସଭିଙ୍କି
ସମସ୍ତଙ୍କ ଶ୍ରେୟସ୍କର,
ମନେ କର୍ମେ ବାକ୍ୟେ ଆଚରନ୍ତି ପର-
ହିତ ହୋଇ ଦୟାପର,
ପ୍ରେମଟି ଧରମ, ଦୟାଟି ଧରମ,
ସାଧୁଙ୍କର ଏହା ମତ,
ମିତ୍ର ହୋଇଯାନ୍ତି ସାଧୁ ଶତ୍ରୁ ଯେବେ
ହୁଏ ପାଶେ ଉପଗତ ।"
"ତୃଷାର୍ତ୍ତେ ସଲିଳ ପ୍ରାୟେ ତୋର ମୃଦୁବାଣୀ
ଲାଗଇ ମଧୁର ମୋତେ, ଅୟି ଶୁଚିଶୀଳେ !"
ଏହା କହି ପ୍ରେତପତି ଯାଚିଲେ ସାଦରେ
ବର ପୁଣି, ମାଗ ସତ୍ୟବାନ-ପ୍ରାଣ ଛାଡ଼ି ।
ବୋଇଲେ ସାବିତ୍ରୀ, "ମୋର ପିତା ଅଶ୍ୱପତି
ପୁତ୍ରହୀନ, ପୁତ୍ରବର ଦେଇ ତାଙ୍କୁ ସୁଖୀ
କରନ୍ତୁ, ତାଙ୍କର ବଂଶ ସ୍ଥାୟୀ ସିଂହାସନେ
ହେଉ ଚିରଦିନ, ଏହା ମାଗଇ ସଦୟରେ ।"
"ଶିଷ୍ଟ, ଶାନ୍ତ ଶତ ସୁତ ମହା ପରାକ୍ରମୀ
ଲଭିବେ ତୁମ୍ଭର ତାତ ଦାୟାଦ ସ୍ୱରୂପେ
ତାଙ୍କ ବଂଶ ବହୁକାଳ ଶାସିବେ ଅବନୀ,
ଲଭିଲ ଅଭୀପ୍ସିତ" ଯମ ଏହା କହି
ଚଳିଲେ କହନ୍ତେ ପୁଣି, "ବହୁଦୂର ଏବେ
ଆସିଲଣି ସୁହାସିନୀ, ବାହୁଡ଼ ସ୍ୱସ୍ଥାନେ ।
"ନୁହେ ଦୂର ଏହା ପ୍ରଭୋ" କହିଲା ତରୁଣୀ,
"ଜନ୍ମ ନାଥ ସଙ୍ଗେ ଯେଣ୍ଠି, ପିତୃ ଭବନ ଯାଏ,
ଦୃଢ଼ ନିଷ୍ଠା ବାନ୍ଧିଅଛି ଏହା ମୁଁ ହୃଦୟେ,
ଅଭିଳଷିତ ଯେବେ, ପ୍ରଭୋ, ଆଉ ଖଣ୍ଡେ ଗାଥା
ଶୁଣିବା ହେଉନ୍ତୁ, ପାଦେ ମୋର ଏ ମାଗୁଣି ।
ତୁମ୍ଭେ ଦେବ ବୈବସ୍ୱତ
ଧର୍ମରକ୍ଷା ତୁମ୍ଭ ବ୍ରତ,
ପାବନୀ ନୀତିର ଫଳେ
ସଂହାର ଜୀବ ସକଳେ,
ମାତ୍ର ନୁହେଁ ସେ ସଂହାର,
କେବଳ ଅଟେ ସଂସ୍କାର,
ଅପାର ତୁମ୍ଭ ମହିମା,
କିଏ ତାର ଜାଣେ ସୀମା,
ଧର୍ମରାଜ ନାମ ଧର,
ସନ୍ଥଜନ-ଦୁଃଖ ହର,
ତୁମ୍ଭେ ଦେବ ନ୍ୟାୟପତି,
ନ୍ୟାୟଦାନେ ସଦା ବ୍ରତୀ,
ଧର୍ମ ସେ ତୁମ୍ଭର ସ୍ପୃହା,
ସାଧୁଙ୍କର ତୁମ୍ଭେ ନାହା
ବାଞ୍ଛ ଯେ ସେ ସାଧୁଜନେ
ନିଜଠାରୁ ଶ୍ରେୟ ମଣେ ।"
ପ୍ରୀତ ହୋଇ ପ୍ରେତପତି କହିଲେ ଏସନେ,
"ଶୁଣି ତ ନ ଥିଲି ଏତେ ମଧୁର ଭାରତୀ
କାହାରି ତୁଣ୍ଡରୁ କେବେ, ଦେବି ବର ପୁଣି
ମାଗ ଯା ମାଗିବ ଦେବି, ଏହି ପ୍ରାଣ ଛାଡ଼ି ।"
ଉତ୍ତରିଲେ ରାଜସୁତା, "ସୁନ୍ଦର ସୁମତି
ସୁଦକ୍ଷ ବଳିଷ୍ଠ ଶତପୁତ୍ର ମୁଁ ଲଭନ୍ତି
ଯଥାକାଳେ ଏହି ସତ୍ୟବାନର ଔରସେ;
ହେ ଦେବ ବରଦ ଦିଅ ଏହି ବର ମୋତେ ।"
"ଦେଲି ବର" ଉତ୍ତରିଲେ କାଳଦଣ୍ଡଧାରୀ
"ଶିଷ୍ଟ, ଶାନ୍ତ, ମହାତେଜାଃ ବଳେ ମହାବଳୀ
ହେବୁ ତୁମ୍ଭ ସୁତ, ଶତ ସୁନ୍ଦର ପ୍ରସୂତ,
ଯାଅ ଏବେ ବାହୁଡ଼ି ତୁ ନିଜ ସ୍ଥାନ ମେଳି,
ଯାଅ ବେଗେ ଆସିଲୁଣି ବହୁଦୂରଯାଏ ।"

ସୁମଧୁରତର ସ୍ୱରେ ସାବିତ୍ରୀ ସୁନ୍ଦରୀ
ମଧୁରମୂରତି ବାଳା ଗାଇଲା ଏସନେ,
"ସୁଜନ ଧର୍ମପଥେ ସଦା ଚରଇ,
କଲ୍ୟାଣ ତାକୁ ଆସି ନିଜେ ବରଇ ;
ସନ୍ଥଜନେ କଦାପି ଦୁଃଖ ନ ପାଟେ,
କୁଶଳ ଆସି ନିଜେ ଖଟେ ତା ଦ୍ୱାରେ ;
ସତ୍ୟ ଯେ ସେ ଧର୍ମର ଅଟେ ଆଧାର,
ସତ୍ୟ ଧରେ ଧର୍ମକୁ, ଧର୍ମ ସଂସାର ,
ସତ୍ୟ ଶିବ ସୁନ୍ଦର ସତ୍ୟ ମହାନ,
ନିଜେ ସତ୍ୟମୂରତି ଶ୍ରୀ ଭଗବାନ ;
ସରଳ ସଦା ଭବେ ସତ୍ୟସରଣୀ,
ସତ୍ୟ ସେ ଭ୍ରମ-ଭବସିନ୍ଧୁ-ତରଣୀ ;
ସତ୍ୟ ସେ ଚଳାଉଛି ରବିଙ୍କି ନଭେ,
ସତ୍ୟରେ ଖେଳୁଛନ୍ତି ଗ୍ରହ ସରବେ ;
ସତ୍ୟରେ ଦିଏ ପ୍ରଭା ଶଶୀ ନିଶାରେ,
ବ୍ରହ୍ମାଣ୍ଡମାଳା ଗୁନ୍ଥା ସତ୍ୟର ତାରେ ;
ପବିତ୍ର ଯା ଜଗତେ ସତ୍ୟ ନିହିତ,
ସନ୍ଥର ହୃଦ ସଦା ସତ୍ୟେ ଦୀକ୍ଷିତ ;
ସତ୍ୟ ଯେ ଛେଦେ କ୍ଷଣେ ମିଥ୍ୟାର ଜାଲ,
ସନ୍ଥ-ରକ୍ଷଣେ ସତ୍ୟ ଅଭେଦ୍ୟ ଢାଲ ,
ସତ୍ୟ ଧର୍ମ ଏ ଦୋନ ନିତ ସଂଯୁକ୍ତ,
ଏ ମହାବାଣୀ ବେଦେ ପୁରାଣେ ଉକ୍ତ ;
ଏକ ବିନୁ ଅପର ଥାଇ ନ ପାରେ,
ସନ୍ଥ ଯେ ସତ୍ୟୁଁ ତେଣୁ ନ ଟଳେ ଗାରେ ;
ସତ୍ୟ ସେ ଦୀକ୍ଷା ଶିକ୍ଷା, ସତ୍ୟ ସେ ସାର,
ସବୁ କୁଶଳର ଟି ସତ୍ୟ ଭଣ୍ଡାର,
ସତ୍ୟ ସେ ଅଟେ ଯିନା ପରମ ପଦ,
ସତ୍ୟ କି ସେ ଅମୃତ ସର୍ବଶୁଭଦ;
ସବୁ ଉପରେ ସତ୍ୟ, ସତ୍ୟ ଉପରେ
ସବୁ ପ୍ରତିଷ୍ଠିତ ଏ ଚରାଚରେ ;
ସତ୍ୟକୁ ଯେଉଁ ନର ଦୃଢ଼େ ଧରଇ,
ଭ୍ରମ-ଭବାର୍ଣ୍ଣବ ସେ ହେଳେ ତରଇ ।"

କହିଲେ କୃତାନ୍ତ ହୋଇ ଗଦ୍‌ଗଦ୍ ଆହ୍ଲାଦେ,
"ସୁଧା ବର୍ଷାଇଲୁ ବତ୍ସେ, ଅକ୍ଷରେ ଅକ୍ଷରେ
ଶ୍ରବଣେ ମୋହର ତୋର ମଧୁର ସଙ୍ଗୀତେ
ଆହା, କିବା ସୁପବିତ୍ର ତୋହର ଭାରତୀ !
ସର୍ବଶୁଭଶାଳିନୀ ତୁ ଏ ମର୍ତ୍ତ୍ୟମଣ୍ଡଳେ,
ଶ୍ଳାଘ୍ୟ ଏହି ବସୁନ୍ଧରା ବକ୍ଷେ ତୋତେ ଧରି,
କି ହୃଦୟ ଦେଇଛନ୍ତି ତୋତେ ବିଶ୍ୱଯୋନି
ଯା ଯୋଗୁଁ ପବିତ୍ର ତୁହି, ପବିତ୍ର ମେଦିନୀ ;
ମାଗ ଯା ମାଗିବୁ, ସତି, ଯେବଣ ବାସନା,
ଯା ମାଗିବୁ, ଦେବ ମୁହିଁ ତୋତେ ଅକାତରେ ।"
ଉତ୍ତରିଲା ପତିରତା ସୁପ୍ରସନ୍ନ ଅତି
ଦେଖି ପ୍ରେତନାଥେ, "ଲୋଡୁନାହିଁ ମୁହିଁ ପ୍ରଭୋ
ସ୍ୱର୍ଗ କିମ୍ବା ସ୍ୱର୍ଗସୁଖ; କେବଳ ମାଗଇ
ମୋର ପ୍ରାଣ ପତିପ୍ରାଣ, ମୃତ ମୁଁ ଯା ବିନୁ
ସେହି ସେ ବରର ବର, ସେହି ବର ଭିକା
ଆନ ବରେ ନାହିଁ, ଦେବ, ମୋର କିଛି ଲୋଡ଼ା
ମାଗୁନାହିଁ ଧନ ଜନ ପ୍ରତିଷ୍ଠା କୀରତି,
କିମ୍ବା ସେହି ଶତ ପୁତ୍ର, ଯେ ବର ଆପଣେ
ହେଲେ ପ୍ରତିଶ୍ରୁତ ପୂର୍ବେ, ମୋ ଆଶାଭରସା—
ସେହି ଶତ ପୁତ୍ରଙ୍କର ହେବେ ଯେଉଁ ପିତା—
ତାଙ୍କୁ ବାନ୍ଧି ନେଇ ତୁମ୍ଭେ ଯାଉଛ ସଙ୍ଗତେ,
ପାଳ ନିଜ ପ୍ରତିଶ୍ରୁତି ଆହେ ମହାମତି,
ମୁକୁଳାଇ ଦିଅ ମୋତେ ମୋର ପ୍ରାଣନାଥେ,
ନୋହୁ ଅବିତଥ, ଦେବ, ତୁମ୍ଭର ଭାରତୀ ।"
ସ୍ତବ୍‌ଧପ୍ରାୟ କ୍ଷଣେ ରହି ଉତ୍ତରିଲେ ତହୁଁ
ନ୍ୟାୟପତି ପ୍ରେତପତି, "ଦେଲି ମୁକୁଳାଇ
ତୋ ପ୍ରାଣପତିଙ୍କି ଏବେ, ନିଅ ତୁ ହରଷେ,
ନାରୀରତ୍ନ ନରଲୋକେ ତୁହି ସୀମନ୍ତିନୀ,
ଧନ୍ୟ ତୋ ସାଧନା, ଯେଉଁ ସାଧନାର ଫଳେ
ଅସାଧ୍ୟ ସାଧିଲୁ ତୁହି ହେଲେହେଁ ଅବଳା,
ପବିତ୍ରତା ମୂର୍ତ୍ତିମତୀ, ଶକ୍ତିସ୍ୱରୂପିଣୀ
ତୁହି ବତ୍ସେ, ସତ ତୋର ବର୍ଣ୍ଣିବ ଏ କବେ

ବହୁକାଳ ତାଙ୍କ ସଙ୍ଗେ ରହିବୁ ତୁ ସୁଖେ,
ଯଜିବେ ସେ ନାନା ଯାଗ-ଯଜ୍ଞ ଅନୁଷ୍ଠାନେ,
ସ୍ୱଧର୍ମେ ସେ ବଳୀ, ପୁଣି ତତୋଽଧିକ ବଳୀ
ତୋ ଭଳି ସାଧ୍ୱୀଙ୍କ ଲଭି ସଧର୍ମିଣୀରୂପେ,
ପ୍ରସରିବ ତାଙ୍କ କୀର୍ତ୍ତି ଏ ବିଶ୍ୱମଣ୍ଡଳେ,
ପ୍ରାତଃସ୍ମରଣୀୟରୂପେ ଦୋହିଙ୍କର ନାମ
ଗାଇବେ ଜଗତେ ଲୋକେ ମହାଶ୍ରଦ୍ଧାଭରେ,
ଶତ ପୁତ୍ର ଜନମିବେ ପତିଙ୍କ ଔରସେ
ତୋହର ଗର୍ଭେ, ସର୍ବକୁଳେ ମହାରଥୀରୂପେ
ହେବେ ଖ୍ୟାତ,ତାଙ୍କ ଯଶେ ଘୋଷିବ ଧରଣୀ,
ଅନ୍ତର୍ଦ୍ଧାନ ହେଲେ ଏହା କହି ପ୍ରେତପତି,
ସତ୍ୱରେ ସାବିତ୍ରୀ ଧାଇଁଗଲେ ଯେଉଁଠାରେ
ବସ୍ତ୍ରିତର ମୃତଦେହ ପଡ଼ିଥିଲା ଯତ୍ନେ,
ଯାଇ କୋଳେଧରି ଶିର ଉଠାଇଲେ ଧୀରେ,
ପ୍ରିୟସ୍ପର୍ଶେ ଉତ୍ସ ପ୍ରାଣ ପଶିଲା ସେ ଦେହେ,
ସ୍ତିମିତନୟନେ ପୁଣି ସଞ୍ଚରିଲା ଜ୍ୟୋତି,
ଧୀରେ ଧୀରେ ଶ୍ୟାମପାଣ୍ଡୁ ଅଧର କମ୍ପିଲା,
ନିଦ୍ରାରୁ ଉଠିଲା ପ୍ରାୟେ ଉଠିଲେ ସତେରେ
ସତ୍ୟବାନ୍, ପ୍ରେୟସୀଙ୍କି କହିଲେ ସମ୍ବୋଧି,
"ଶୋଇଗଲି ବହୁ ବେଳ ମୁହିଁ, ପ୍ରିୟତମେ,
ନ ଜଗାଇ ମୋତେ କାହିଁ କଲ ମଠ ଏତେ ?
କାହିଁ ଗଲେ କୃଷ୍ଣ-ବର୍ଣ୍ଣ ବିରାଟ-ମୂରତି
ସେପୁରୁଷ,ଉଭାହୋଇଥିଲେଯେମୋଆଗେ ?"
ଉତ୍ତରିଲେ ରାଜବାଳା, "ବହୁ ବେଳଯାଏ
ଶୋଇଥିଲ, ନାଥ, ଗାଢ଼ ନିଦ୍ରାବଶେ,
ସେ କୃଷ୍ଣ-ସ୍ୱରୂପ ଦେବ କାଳଦଣ୍ଡପାଣି,
ହୋଇଲେଣି ସେ ଅନ୍ତର୍ଦ୍ଧାନ, ଉଠ ତୁମ୍ଭେ ଏବେ
ଉଠିବାକୁ ଶକ୍ତି ଯେବେ ହୋଇଛି ଏ ଦେହେ,
ବେଳ ବୁଡ଼ିଲାଣି, ନାଥ, ଆସନ୍ନ ଶର୍ବରୀ ।"
ନବ ପ୍ରାଣ ଲଭି ନବ ଜାଗରଣ ପରେ
ସ୍ୱପ୍ନାପୁଞ୍ଜେ ତମୋମୟ ବନସ୍ଥଳୀ ପ୍ରତି
ଅନାଇ କହିଲେ ରାଜକୁମାର ବିସ୍ମୟେ,

"ଆସିଥିଲି ମୁହିଁ ପୁଷ୍ପ ଫଳ ଆହରଣେ
ତୁମ୍ଭ ସଙ୍ଗେ, କାଠ ହାଣୁଁ ହାଣୁଁ କି ଯନ୍ତ୍ରଣା
ହୋଇଥିଲା ମୁଣ୍ଡେ ମୋର,ଶୋଇପଡ଼ିଲି ତୋ କୋଳେ
ଅଛି ମୋର ମନେ ସବୁ, ତା ପରେ କି ହେଲା,
ଦେଖିଲି କି ସ୍ୱପ୍ନ ମୁହିଁ ! ବିରାଟ-ଆକୃତି
କରାଳ ପୁରୁଷ କେହି ଆଗେ ହେଲେ ଉଭା,
ଦେଖିଥିଲଟିକି ତୁମ୍ଭେ ତାଙ୍କୁ ସୁଲୋଚନେ ?
ସତ୍ୟ ଏହା, ଅବା ମୋର ମାୟାର ଛଳନା ?"
ମୃଦୁଭାଷେ ଉତ୍ତରିଲେ ନରେନ୍ଦ୍ର-ନନ୍ଦିନୀ,
"ଆସିଲାଣି ରାତି, ନାଥ, କହିବି ସକାଳୁ,
ଉଠ, ଚାଲ ଯିବା ଏବେ ବାହୁଡ଼ି ଆଶ୍ରମେ;
ଘୋଟିଲାଣି କି ନିବିଡ଼ ତମ ଚଉଦିଗେ,
ନିଶାଚର ପଶୁ ଏବେ ସ୍ୱବାସୁଁ ବାହାରି
ଭ୍ରମୁଛନ୍ତି ଦଳେ ଦଳେ, ଖଡ଼ଖଡ଼ ଶୁଭେ
ଚତୁଷ୍ପାର୍ଶ୍ୱେ ଶ୍ୱାପଦର ସଞ୍ଚାରଣଧ୍ୱନି,
ଦକ୍ଷିଣ କାନନୁଁ ଶୁଭେ ଫେରୁଙ୍କର ରଡ଼ି,
କି ଭୀଷଣ ! ଭ୍ରମୁଥିବେ ବ୍ୟାଘ୍ର ଅବା ଭଲ୍ଲୁକ;
ବଡ଼ ଭୟ ମାଡ଼େ ମୋତେ ଚାଲ ବେଗକରି ।"
ଉତ୍ତରିଲେ ସତ୍ୟବାନ୍, "ଘୋଟିଲାଣି ତମ
ଚଉଦିଗେ ବନସ୍ଥଳେ, ଦାଶିହେବ ନାହିଁ
ମାର୍ଗ ଏଥି, ତୁମ୍ଭେ ପୁଣି ଅତି ସୁକୁମାରୀ,
ଯାଇ ହେବ ନାହିଁ ଆଜି, ରହ ଏହିଠାରେ ।"
କହିଲେ ସାବିତ୍ରୀ ସତୀ, "ଆଜି ଏହିବନେ
ଜଳୁଥିଲା ଦାବାନଳ, ଏବେ ସୁଦ୍ଧା ଜଳେ
ଶୁଷ୍କ ତରୁ ସ୍ଥାନେ ସ୍ଥାନେ, ଆଣିବି ଏମନ୍ତି
ଜ୍ୱଳା କାଠି, ଯିବା ଲାଗି ଯେବେ ଅକ୍ଷମ,
ଶ୍ରାନ୍ତ ତୁମ୍ଭ ଦେହ ଯେବେ, ରହିବା ଏଠାରେ
ରାତିସାରା, ଉଷାଯୋଗେ ଯିବା ନିଜ ସ୍ଥାନେ ।"
ଉତ୍ତରିଲେ ସତ୍ୟବାନ୍, "ଗଲାଣି ବେଦନା,
ଅସୁସ୍ଥେ ଶୋଇଥିଲି ଯେ ବେଦନାଯୋଗୁଁ,
ସବଳ ମୁଁ ଏବେ,ପ୍ରିୟେ ତୁମ୍ଭେ ସାହା ହେଲେ
ନିଜାଶ୍ରମେ ବାହୁଡ଼ି ମୁଁ ଯିବି ଅନାୟାସେ,

ପ୍ରତିଦିନ ଯାଇ ମୁହିଁ ବନ୍ଦାଇ ଆଶ୍ରମେ
ଉତ୍କଣ୍ଠିତ ଗୁରୁଜନପାଦ ସାୟଂକାଳେ,
ଚିନ୍ତାରେ ବିକଳ ହେବେ ଆମ୍ଭଙ୍କୁ ନ ଦେଖି
ପିତା ମାତା, ଅରକ୍ଷ ଯେ ଆମ୍ଭର ବକ୍ଷୁନେ,
ଚଞ୍ଚଳେ ଫେରିବାପାଇଁ ଆଦେଶିଣ ଥିଲେ
ତେବେ ମୋତେ,ବାହାରିଲି ତୁମ୍ଭସଙ୍ଗେ ଯେବେ
କହିଲେ ସମ୍ବୋଧି ମୋତେ, 'ଆସିବୁ ବାହୁଡ଼ି
ବେଗେ ବାବୁ, ତୋହଯୋଗେ ବର୍ତ୍ତିଛୁ ଜୀବନେ
ତୁହି ସେ ଆମ୍ଭର ଆଶା ଭରସା ଏ ଭବେ,
ଶଙ୍କାଳ ଆମ୍ଭର ତୁହି, ଇହ ପର ଲୋକେ,
ତୋ ବିନୁ ଆମ୍ଭର ବାବୁ, ନାହିଁ ଆନ ଗତି,
ଅନ୍ତଃକାଳେ ତୁହି ସିନା ବଳରୁ ସନ୍ଧିସ୍ଥା
ଏ ବେଳର, ତରିବିରୁ ପିତ୍ରୋଦକଦାନେ ।'
କିସ ଭାବୁଥିବେ କେମା ଆମ୍ଭଙ୍କୁ ନ ଦେଖି !
ଧିକ୍ ମୋତେ! ଏତେକାଳଗଲା ଯା ମୁଁ ଶୋଇ
ପୁଚ୍ଛୁ ଥିବେ ଆମ୍ଭକଥା ବନସ୍ଥ ଜନେ
ଜଣ ଜଣ କରି ବନ୍ଧୁ ବାହୁଡ଼ିବାବେଳେ,
ଆମ୍ଭପାଇଁ ଚିନ୍ତା ମୋର ନାହିଁ ପ୍ରିୟତମେ,
ଚିନ୍ତା, ଯେ ତାଙ୍କର ପାଇଁ, ତାଙ୍କର କୁଶଳେ
କୁଶଳ ଆମ୍ଭର ସିନା, ସନ୍ତୋଷ ସର୍ବଥା,
ତାଙ୍କ ସେବା ଇଷ୍ଟତମ ଆମ୍ଭର ଜଗତେ ।"
ଏହା କହି ସତ୍ୟବାନ କାନ୍ଦିଲେ ବିକଳେ,
ଝଷାଦେ ତାଙ୍କର ହୋଇ ବ୍ୟଥିତା ଦୟିତା
ପୋଛିଦେଲେ ସ୍ନେହଭରେ ଲୋତକ ନୟନୁ
କହିଲେ ସାଦରେ ପୁଣି ପତି ପ୍ରତି ଚାହିଁ,
"ନିଷ୍ଠା କରି ସେବିଥିବ ଯେବେ ଗୁରୁଜନେ,
ପାଳିଥିବ ବ୍ରତମାନ ଉପବାସ ଆଦି,
କାହାରି ନ ଥିବ ଯେବେ ଏ ତୁଣ୍ଡରୁ କେବେ
ପରିହାସ ଛଳେ ସୁଦ୍ଧା ଅସତ୍ୟ ଭାରତୀ
ଉଜ୍ଜ୍ୱଳ ମୋ ଗିରେ ହେବ ତାମସୀ ଶର୍ବରୀ
ବନଭୂମେ, ଚାଲ ଏବେ ଯିବା ନିଜାଶ୍ରମେ,
ଭେଟିବା କୁଶଳେ ଯାଇଁ ବେନି ଗୁରୁଜନେ ।"

ଉତ୍ତରିଲେ ସତ୍ୟବାନ "ଅକୁଶଳ ଘଟେ
କାଳି ଗୁରୁଜନେ ଯେବେ, ନ ପାରିବ ଜୀଇଁ,
କହିଲି ନିଜର ତୋତେ, ତୁହି ପତିବ୍ରତା
ପତିବିହୁଦୟା, ପ୍ରିୟେ, ସାହା ତୁହି ମୋତେ ।"
ଉଠିଣ ସାବିତ୍ରୀ ତହୁଁ କେଶଗୁଚ୍ଛ ବାନ୍ଧି
ସୁକେଶିନୀ ଉଠାଇଲେ ନାଥେ ଭୁଜଯୁଗେ,
ଉଠ ସତ୍ୟବାନ ବସ୍ତ୍ରୁଁ ପକାଇଲେ ଝାଡ଼ି
ବୃକ୍ଷପତ୍ର, ଫଳପୂର୍ଣ୍ଣ ଝୁଡ଼ୁଡ଼ାକୁ ବାଳା,
ନାଥଙ୍କୁ ଅଶକ୍ତ ଜାଣି ତାହାର ବହନେ,
ଓହଳାଇ ଦେଲା ନେଇ ବନତରୁଡାଳେ,
ପରଦିନ ଆସି ତାହା ନେଇଯିବ ବୋଲି,
କୁଠାରକୁ ବାମ କରେ ଘେନି ସୀମନ୍ତିନୀ
ଦକ୍ଷଭୁଜ ପତିସ୍କନ୍ଧେ ଥୋଇ ପ୍ରେମଭରେ
ବାହାରିଲା ମୃଦୁପଦେ ନିଜାଶ୍ରମମୁଖେ,
ପ୍ରବେଶିଲେ ବେନି ତହିଁ ନିଶାଶେଷଯାମେ ।
ଏଣେ ଚିନ୍ତାକୁଳ ଅତି ଅନ୍ଧ ରାଜର୍ଷି
ଲଭିଲେକ ନଷ୍ଟ ଚକ୍ଷୁଯୁଗ ଅଦଭୁତେ,
ଋଷିଙ୍କୁ ଡକାଇ ରାଜା ନିବେଦି ଏ କଥା
ପୁତ୍ର ପୁତ୍ରବଧୂ କଥା ପୁଚ୍ଛିଲେ ବିନୟେ;
ସ୍ୱସ୍ତି ବୋଲି ପ୍ରବୋଧିଲେ ତାହାଙ୍କୁ ଋଷିଏ ।
ପ୍ରବେଶିଣ ପୁତ୍ର ପୁତ୍ରବଧୂ ଏହିକାଳେ
ବନ୍ଦିଲେ ଗୁରୁଙ୍କ ପଦ, ବନ୍ଦିଲେ ଋଷିଙ୍କି ;
ପୁଚ୍ଛିବାରୁ ବାର୍ତ୍ତା, ରାଜସୁତା କରପୁଟେ
ନିବେଦିଲା ଘଟିଣ ଯା ଥିଲା ବନସ୍ଥଳେ,
ଆନନ୍ଦେ ଋଷିଏ ଅଭିନନ୍ଦିଲେ ସତୀଙ୍କି,
ଘୋଷିଲେ ସାବିତ୍ରୀ-ଯଶ ଗଦ୍‌ଗଦେ ଏସନେ
"ଧନ୍ୟରେ ସାବିତ୍ରୀ ଧନ୍ୟ,ହେଲେହେଁ ତୁ ଶିଶୁ
ଅଥବା ଆମ୍ଭର ଶିଷ୍ୟା, ସକ୍ଷମ ଯେ ତୁହି
ମହାତ୍ମାମାନଙ୍କର ଶ୍ରଦ୍ଧାଭକ୍ତି ଆକର୍ଷଣେ,
ହେଲେହେଁ ତୁ ଶିଶୁ କନ୍ୟା ଜାତ ନାରୀକୁଳେ
ଜଗତର ବନ୍ଦନୀୟା ତୁହି ଅନାଦରା,
ଗୁଣିଜନେ ନାହିଁ ବୟଃ ଲିଙ୍ଗ ବିଚାରଣା ;

ଜଗଦୈକପୂଜ୍ୟା ତୁହି ସତୀ ଭବ, ସତ,
ସର୍ବଜୟୀ ସମ ତୁହି ଭଣି ଅବହେଳେ
ଖଣ୍ଡାଇଲୁ ତୋ ନାଥର ମୃତ୍ୟୁର ଲିପି,
ତା ସେଗେ ସୁଭଗା ତୁହି, ତତୋଧିକ ପୁଣି
ତୋ ସେଗେ ସୁଭଗ ତୋର ପତି ସତ୍ୟବ୍ରତୀ,
ଚିରଜୀବୀ ହୋଇ ଦେନି ରହ ସର୍ବସୁଖେ,
ସ୍ୱର୍ଣ୍ଣ-ଅକ୍ଷରେ ! ତୋର ଏ ପବିତ୍ର କଥା
ନାରୀଙ୍କର ହେଉ ଭବେ ସ୍ମରଣୀୟ-ପଞ୍ଜିକା ।"
ଦ୍ୟୁମତ୍ସେନ ରାଜ୍ୟୁ ଆସି ପ୍ରଣିଧି ଏକାଳେ
ଜଣାଇଲା ଶତ୍ରୁଙ୍କର ନିଧନବାରତା,
ଆମନ୍ତ୍ରିଲା ବସିବାକୁ ପୂର୍ବ ସିଂହାସନେ,
ହୃଷ୍ଟମତି ପ୍ରଜାଙ୍କର ଆମନ୍ତ୍ରଣ ପାଇ,
ରାଜା, ରାଣୀ, ପୁତ୍ର, ପୁତ୍ରବଧୂ ମହୋଲ୍ଲାସେ
ନିଜରାଜ୍ୟେ ଫେରି, ରତ ହେଲେ ମହୋତ୍ସବେ ।

# ମହେନ୍ଦ୍ରଗିରି

# ଉତ୍ସର୍ଗପତ୍ର

—*—

ଉତ୍କଳ-ନନ୍ଦନାଗ୍ରଣୀ- ଉତ୍କଳ-ନନ୍ଦନ

ଶ୍ରୀଯୁକ୍ତ ମଧୁସୂଦନ ଦାସ, ସି. ଆଇ. ଇ.

ମହୋଦୟଙ୍କ ମହନୀୟ ନାମରେ

ଉତ୍ସର୍ଗୀକୃତ

# ମହେନ୍ଦ୍ରଗିରି

* ( ଅସମ୍ପୂର୍ଣ୍ଣ କାବ୍ୟ )

ଏତେଦିନେ ହେଲା ମୋ ନେତ୍ରଗୋଚର
ଉତ୍କଳ-ମଣ୍ଡଳେ ଶିଖର-ଶେଖର
ମହିମାସ୍ଥାନ ଏହି ମହେନ୍ଦ୍ର ପର୍ବତ,
ଅବସ୍ଥିତ ଯାର ଭୀମ ହୈମବତ,
ଦୃଷ୍ଟି ମାତ୍ର କରେ ସ୍ତବ୍ଧ ହୃଦୟ,
ସତ୍ତ୍ୱର ସ୍ୱାତନ୍ତ୍ର୍ୟ କରି ଦିଏ ଲୟ ;
ଉତ୍କଳେ ରାଜନ୍ତି ଯେତେ ଗିରିକୁଳ
ନୁହନ୍ତି ଯା ଦେହେ—ବଳ-ସମତୁଲ,
ଉତ୍କଳେ ସେ ଗିରି ଗିରିଙ୍କର ଗୁରୁ,
ମହୀତଳେ ଶୈଳେ ଯଥା ଗୌରୀଗୁରୁ,
ଉତ୍ତୁଙ୍ଗ, ମହାନ, ବରିଷ୍ଠ, ପୁରାଣ,
ମହିମା ଯାହାର ଘୋଷଇ ପୁରାଣ,
ଦେବାତ୍ମା, ଭୀଷଣବପୁ, ଅଭ୍ରଂକଷ,
ଯାଦଃପତି ଯାର ଯୋଗ୍ୟ ଆଦରଶ ;
ଗିରିଚକ୍ରବର୍ତ୍ତୀ ଯେହ୍ନୁ ଉତ୍କଳରେ,
ପ୍ରତ୍ୟୁଷେ ସର୍ବାଗ୍ରେ ବାଳାରୁଣ କରେ
ଯା ଶୃଙ୍ଗ ପରଶ ତୁଳେ ଦିବାକର
ଚୁମ୍ବନ୍ତି ଉତ୍କଳ-ଧରା-ବିମ୍ବାଧର ;
ଉତ୍କଳେ ଅଖିଳ ସୁଷମାର ଧାମ
ବକ୍ଷେ ଧରି ଯାକୁ ଧନ୍ୟ ଏ ଗଞ୍ଜାମ,
ଅତୁଳ ଉତ୍କଳେ ଯିନା ଏହି ଧରା,
ପ୍ରକୃତି-ବିଭବେ ବିଶ୍ୱମନୋହରା,
ସମଗ୍ର ଉତ୍କଳ-ଶୋଭା-ତିଳୋତ୍ତମା,
ଛବିଲ ଉତ୍କଳ ଏ ଛବିଲରମା,
ଏ ଗଞ୍ଜାମ ମହୀ ମଞ୍ଜୁ-ଶତଦଳ,
କେଶର ତହିଁ ଏ ମହେନ୍ଦ୍ର ଅଚଳ ;
ଉତ୍କଳଲକ୍ଷ୍ମୀର ପ୍ରିୟ ଅଟ୍ଟାଳିକା,
ବିଶ୍ୱାଲୋକେ ଇନ୍ଦ୍ରଜାଲ-ବଳଭିକା ।
ବିମାନଚାରିଣୀ ହେମାଭ୍ର-ବାହନା
ଅମରୀଙ୍କ ସଙ୍ଗେ ଯକ୍ଷୀ ଚନ୍ଦ୍ରାନନା
ଅମରୀ-ବାଞ୍ଛିତ ଭଜି ଏ ବିଜନ
କରନ୍ତି କୌତୁକେ ପ୍ରିୟ ସମ୍ଭାଷଣ ।
କୌତୁକେ କହନ୍ତି ମର୍ତ୍ତ୍ୟର ବାରତା,
ଶୁଣନ୍ତି ସୁଦୂର ଜଗତର କଥା ।
କଳ୍ପନା ଯୋଗାଇ ଦେବାରୁ ବାହନ
ସେ ବାହନେ କଲି ଗିରି ଆରୋହଣ, (୧)
ଦୟା ବହି ସେହି କଳ୍ପନା-ସୁନ୍ଦରୀ
ଗିରିମାର୍ଗେ ମୋର ହେଲେ ସହଚରୀ,
ଚୁଅ ସ୍ତର ଗିରି ଲଙ୍ଘି ପରେ ପରେ
ଉଠିଲି ଶେଷେ ମୁଁ ମହେନ୍ଦ୍ର-ଶିଖରେ,
ଜାଡ଼େ ଦେହ ଥରି ଉଠେ ଦିବାଭାଗେ,
ଓଳକ ଭିତରେ ବୈଶାଖ କି ମାଘେ !
ହେଲି ପରିଣତ, ହୁଅଇ ପରତେ,
ଅନଳ ସେବନେ ବାସନା କରତେ ;
ତଉଦଗେ ଏ କି ଦୃଶ୍ୟ ମହିମାସ୍ଥାନ !
ନିଦ୍ଧବର ଏ କି ପ୍ରଥମ ସୋପାନ !
ପାଦ-ଗିରିମାଳା ପରେ ପରେ ତଳେ
କ୍ରମେ ଯାଇ ମିଶିଛନ୍ତି ଧରାତଳେ ।

*ଏହି କାବ୍ୟ ମୁଁ ଆରମ୍ଭ ମାତ୍ର କରିଥିଲି । ସମ୍ପୂର୍ଣ୍ଣ କରିବା କିମ୍ବା ଲିଖିତାଂଶ ସଂଶୋଧନ କରିବା ସୁବିଧା ମୁଁ ପାଇନାହିଁ । ମହେନ୍ଦ୍ର ପର୍ବତ ମୁଁ କେବଳ ଦୂରରୁ ଦେଖିଥିଲି । ଯାହା ଲେଖିଅଛି, ସେଥିରେ ଅଧିକାଂଶ ଅନୁମାନ ଓ ଜନ ପ୍ରବାଦମୂଳକ ।

ଲେଖକ ।

(୧) ମହେନ୍ଦ୍ରଗିରି ଆରୋହଣର ସୁବିଧା ମୋହୋ ଭାଗ୍ୟରେ ଘଟିନାହିଁ ।

ଆଗେ ବସୁଥିଲେ ଯେଉଁ ମହାଭୁଜଙ୍ଗ,
କେତେ ତଳେ ରହି ଗଲେଣି ସେ ଶୃଙ୍ଗ ;
ଭୁଜଙ୍ଗ-ଗଢରେ ନିମ୍ନେ ଗିରିପଥ
ଜଟିଛି କି ରଙ୍ଗେ ପର୍ବତୁଁ ପର୍ବତ !
ବର୍ତ୍ମ ବେନି ପାର୍ଶ୍ୱେ ଭୀମ ଗୁହାମାନ
କରିଛନ୍ତି କାହିଁ ବଦନ ବ୍ୟାଦାନ ;
କିବା ସେ ଅତଳ ପାତାଳର ଦ୍ୱାର,
ଅନ୍ଧାରର ଅବା ଶାଶ୍ୱତ ଆଗାର !
ଶ୍ରୁତିଗତ ଝର-ଝର୍ଝର-ନିନାଦ—
ଯୋଗେ କାହିଁ ବର୍ତ୍ମ ଶାନ୍ତି-ରସାସ୍ପଦ
ଝିରି ଝିରି ହୋଇ ଝରଇ ସଲିଳ
କାହିଁ ଧୋଇ ସେହି ବର୍ତ୍ମ କର୍କରିଳ,
ରଞ୍ଜିଛନ୍ତି ଖର କରଜାଳେ ରବି
ଉତ୍କଳ-ଧରଣୀ-ମନୋହର-ଛବି,
ମେଘ, କୁହେଳିକା, ଧୂମ୍ରରେ ମେଦୁର
ହୋଇ ଦୃଶ୍ୟ କାହିଁ ଦିଶଇ କର୍ବୁର,
ଶ୍ୟାମଳିତ ନାନା ବନସ୍ପତିମାଳେ
ଉପତ୍ୟକାରାଜି ଶୋଭେ ଅନ୍ତରାଳେ,
ଯହିଁ ଠାବେ ଠାବେ ଉଦ୍ଭିଦର ସ୍ତର
ଭେଦି ଊର୍ଦ୍ଧ୍ୱେ ତୋଳେ ମସ୍ତକ ପ୍ରସ୍ତର,
ତୋଳିଛନ୍ତି ଶିର କାହିଁ ଅଗଣିତ
ଶିଳାସ୍ତୂପ ଘନ ବିଟପେ ବେଷ୍ଟିତ,
ଠାବେ ଠାବେ ଦୃଶ୍ୟ ଝାଙ୍ଗର ମୁଣ୍ଡିଆ
ଭଗ୍ନ ସ୍ତୂପ ଟେକି, ଉଗଡ଼, ମୁଣ୍ଡିଆ ;
କାହିଁ ସ୍ତମ୍ଭାକାରେ ପାଷାଣ ଗୋଦନ୍ତ, (୧)
ଦିଶେ ଭଗ୍ନ କି ସେ ଦାନବ ଦୁରନ୍ତ,
ବୋଳିଦିଏ ନେତେ କିବା ସ୍ନିଗ୍ଧ ସୁଧା
ସଙ୍ଗତେ ହରିଦ୍‌-ବସନା ବସୁଧା,

ସିନ୍ଧୁ କୂଳେ ତେଜ ଲହରୀ ପ୍ରେଙ୍ଖୋଳା
ବହେ ତେଜ ବନ-ଲତା-ଲୀଳା-ଦୋଳା,
ଭଜ ଯହିଁ କୁଞ୍ଜ-କଳାପୁ ମଞ୍ଜୁଳ
ମହୋଲ୍ଲାସେ ଜଳ-ବନ-ଦେବୀକୁଳ
ବିଶ୍ରମସ୍ତ ରଙ୍ଗେ କରନ୍ତି ଆହରେ
ସିନ୍ଧୁଭନୁ ବନପୁଷ୍ପ ଶରସ୍ତରେ,
କୈଁବପାଦା କଲେ ଯେତାବରେ ପ୍ରମୋଦେ
ନାରିକେଳାସବ ରଘୁଙ୍କର ଯୋଧେ
ମହାଦମ୍ଭେ ମାତି ସମରତରଙ୍ଗେ
ପିଇଥିଲେ ଯହିଁ ଶତ୍ରୁ ଯଶ ସଙ୍ଗେ,
ପ୍ରକଟି ଶ୍ୟାମଳ ଶିଖ ଯେଉଁ ସ୍ଥଳୀ
ଅଧଃକୃତ କରେ ସୁଷମା ସିଂହଳୀ,
ନାରିକେଳ-ପୂଗ-ଖର୍ଜ୍ଜୁରେ ମଣ୍ଡିତ,
ସାଗର-ସମୀରେ ସଦା ମର୍ମରିତ,
କେତକୀ, ଚମ୍ପକ, ସୁରପୁନ୍ନାଗର (୨)
ଆମୋଦେ ମୋଦିତ ଯେହୁ ନିରନ୍ତର ;
ସହ୍ୟାଦ୍ରି ର ନିତ୍ୟବର୍ଷ-ଦେଶମାନ (୩)
ଉର୍ବରତା ଗୁଣେ ଯାର ଉପମାନ,
ସେହି ସେ ଉଦ୍ୟାନ ଖଣ୍ଡର ନୀଳିମା (୪)
ବାରିଦିଏ ବିଶେଷେ ଧରଣୀର ସୀମା,
ତା ପରେ କର୍ପୂର-ଶୁଭ୍ର-ବେଳା-ପାରେ
ନୀଳ ସିନ୍ଧୁ ଶୋଭେ ଅର୍ଦ୍ଧଚନ୍ଦ୍ରାକାରେ ,
ପ୍ରାଚୀ-ମୂଳେ ସଦା ତରଙ୍ଗ-ଭଙ୍ଗୁର
ଗର୍ଜ୍ଜନେ ଯାହାର ଜନ୍ମେ ମର୍ତ୍ତ୍ୟପୁର ,
ବାରୁଣୀରେ ଏଣେ ଚନ୍ଦ୍ରବାଳଯାଏ
ଇନ୍ଦ୍ରନୀଳମଣି-ବିମାନ ପରାଏ
ଅଗଣିତ ଶୈଳ-ଶୃଙ୍ଗ ସ୍ତରେ ସ୍ତରେ
ଶୋଭନ୍ତି ଉଜ୍ଜ୍ୱଳ ବେଷଣ ସୌରଭରେ

(୧)ଗୋଦନ୍ତ—ଅକର୍ମଶିଳା(୨)ସୁରପୁନ୍ନାଗ—ଲୁରଥନା । (୩)ସହ୍ୟାଦ୍ରିର ପଶ୍ଚିମରେ ଏହି ଦେଶ ଅବସ୍ଥିତ । ପ୍ରତ୍ୟହ ବର୍ଷା ଯୋଗୁ ଏହା ଅତ୍ୟନ୍ତ ଉର୍ବର । (୪) ଉଦ୍ୟାନଖଣ୍ଡ—ଏହି ଉଦ୍ୟାନଖଣ୍ଡ ଗଞ୍ଜାମରୁ ଆରମ୍ଭ ହୋଇ ଦକ୍ଷିଣାପଥର ବହୁଦୂର ପର୍ଯ୍ୟନ୍ତ ବିସ୍ତୃତ । ଗଞ୍ଜାମର ଏହା ଗୋଟିଏ ଦୃଶ୍ୟ । ରଘୁବଂଶର ଚତୁର୍ଥ ସର୍ଗରେ ଏହାର ଉଲ୍ଲେଖ ଅଛି ।

ଇନ୍ଦ୍ରନୀଳ ମଳମା ସିନ୍ଧୁରୁ ଉଠୁଛି !
ଆକାଶେ କି ଅବା ସାତ ଉପରେ ସାତ !
ଚମ୍ପା, ଆମଳକ, ତମାଳ, ଅଟିଳ—
ତରୁରେ ମହେନ୍ଦ୍ର-ମସ୍ତକ ଜଟିଳ,
ନଭସ୍ତଳ ଚୁମ୍ବୀ ଏ ଜଟିଳ ଗିରି,
କସ୍ଟ ପରାଏ ଭୀମର ମନ୍ଦିର (୧)
ଏଥିଉପରେ ଥାଇ, ଅତି ପୁରାତନ,
ତୁଳୁ ଓଟାଉଇ ପାନ୍ଥର ନୟନ,
କଟପ-ଶୃଙ୍ଖଳ-ଶୈଳ-ଶିରୁକର
ବେନି ଦିଗେ ଝରେ ବେନି ପୂତ ଝର,
ବାରି ଯାର ସଦା ପ୍ରସନ୍ନ ସୁରସ,
ହରିଦ୍ୱାରେ ଯଥା ସ୍ରୋତ ଦ୍ୱୈସ୍ରୋତସ ;
ମହେନ୍ଦ୍ରତନୟା ନାମେ ନାମ୍ନେ ବନ୍ଧ
ବେଳ ମଧ୍ୟେ ଏକ ସାଗରେ ମିଶଇ,
ରାଜହଂସ-ଅବତଂସା ବଂଶଧାରା—
ସ୍ରୋତେ ମିଶେ ସେହି ନାମେ ଅନ୍ୟ ଧାରା,
ମଦ-ଧାରା ଯଥା ମଦମତ୍ତ ଦନ୍ତି—
ଗଣ୍ଡସ୍ଥଳେ ସ୍ରବେ, ଏବେନି ସ୍ରବନ୍ତୀ
ଶୋଭନ୍ତି ତେସନ ମହେନ୍ଦ୍ରର ଶିରେ
ସ୍ନିଗ୍ଧ କରି ଗିରି-ଅଙ୍ଗ ସୁଧାନୀରେ ;
ଶୋହେ ଶୈଳତଟେ ସରସୀ-ପଲ୍ୱଳ
ବିକସିତ ଯହିଁ ଜଳ-ପୁଷ୍ପଦଳ,
ଅମଳ-ପାବନ-ଜୀବନ ଦାୟିନୀ,
ଝରେ ସ୍ଥାନେ ସ୍ଥାନେ କ୍ଷୁଦ୍ର ନିର୍ଝରିଣୀ ;
ନୀଳାମଞ୍ଚ ଯେଣୁ ମେଘର ପର୍ବତ,
ଅଜସ୍ର ଏହାର ନୀରଦାନବ୍ରତ,
ପରିପୂର ଯାର ଜଳଧରଗଣ,
ନୀରଦାନେ କମ୍ପା ହେବ ସେ କୃପଣ ?
ପର୍ବତ ଚୌଦିଗେ ପର୍ବତ ଉପରେ
ସୁସଜ୍ଜିତ ଜଳଧର ସ୍ତରେ ସ୍ତରେ,
ବନଦେବତାଙ୍କୁ ଏହି ମେଘମାନ
କିବା ଯବନିକା, କି ଆସନ, ଯାନ,

କିବା ଛତ୍ର ଦାୟ, କି ପଟମଣ୍ଡପ,
ଅବା ଶଙ୍ଖବର୍ଣ୍ଣଶୋଭୀ ଚନ୍ଦ୍ରାତପ,
କିବା ପର୍ଯ୍ୟଙ୍କିକାରୂପେ ନିରନ୍ତର
ଖଟିବାରେ ସଦା ଅଟନ୍ତି ତତ୍ପର ;
ପୁଷ୍ପକୁଞ୍ଜେ କେବେ ଲତିସବରଣ
ବିରଚନ୍ତି ଶଙ୍ଖଗୃହରେ ତୋରଣ ;
ଚପଳଙ୍କୁ କେବେ ନଚାଇ ସଙ୍ଗତେ
ବନାନ୍ତ ମୟୂର ନୃତ୍ୟ ଅନୁଗତେ ;
କେବେ ଅବା ରଙ୍ଗେ ବାଉଁଶବନବେଶେ
କାମରୂପେ ଭୂମି ଭିନ୍ନ ଭିନ୍ନ ଦେଶେ
ପାରାବାରେ, ହ୍ରଦେ, ନଦୀସ୍ରୋତେ ସ୍ନାନ
ଦିଅନ୍ତି କୌତୁକେ ନାନା ବାଉଁ ଆଣି,
ମହେନ୍ଦ୍ରର ଚଉଦିଗେ ଏହିମତେ
ଜଳଧର ଲୀଳା ଲଗିଛି ନିରତେ,
ତାଙ୍କ ଯୋଗେ ସଦା ସରସ ଏ ଗିରି,
ସରସ ଏହାର ତରୁଲତା ଶିରୀ,
ସରସ୍ରୋତ ସଦା ପରିପୂର୍ଣ୍ଣ ଜଳେ,
ପରିପୂର୍ଣ୍ଣ ବନ ସଦା ପୁଷ୍ପଫଳେ ।
ଅନନ୍ତ ଯେସନ ଶୈଳର ବିଭୂତି,
ବିଜଡ଼ିତ ଏଥି କେତେ ପୂତ ସ୍ମୃତି ;
ଶିଳାଚୂର୍ଣ୍ଣିକାରେ ଶୈଳକୁ ଯେସନ
ପକ୍ଷଚ୍ଛେଦୋଦ୍ୟତ ବଜ୍ରୀ ବୃତ୍ରହନ
ଗଜଚମୂପତି କଳିଙ୍ଗଙ୍କୁ ରଣେ
ଅବହେଳେ ଜିଣି ଦିବ୍ୟ ପ୍ରହରଣେ
ନିର୍ମିଥିଲେ ଜୟସ୍ତମ୍ଭ ଏହା ସ୍ଥଳେ
ଚକ୍ରବର୍ତ୍ତୀ ରଘୁ ଦିଗ୍ବିଜୟକାଳେ,
ମାତ୍ତନ୍ତ ଯେସନ ମତ୍ତ ମତଙ୍ଗଜ—
ଶିରେ ପୋତେ ତୀକ୍ଷ୍ଣମୂନ ଲୌହଗଜ ;
ରାମଚନ୍ଦ୍ର-ହସ୍ତେ ଲଭି ପରାଭବ
ରହିଲେ ଏ ଶୈଳେ ଆଶ୍ରମ ଭାର୍ଗବ,
ଯଦିଅସ୍ତ୍ର-କ୍ଷତ୍ରୁଁ ହୋଇଣ ବିରତ
ଆଚରିଲେ ପୂତ ଆରଣ୍ୟକ-ବ୍ରତ,

(୧) ଭୀମର ଦେଉଳ ମହେନ୍ଦ୍ର ଶିଖରରେ ଅବସ୍ଥିତ ।

କ୍ଷତ୍ରକ୍ଷୟକାରୀ କୁଠାରକୁ ବନେ
ନଯୋଜିଲେ ଯଜ୍ଞ-ସମିଧ-ଛେଦନେ
ତାଙ୍କୁ ଭେଟିବାକୁ ଏଥି ଘନଘନ
ଆସୁଥିଲେ ଦେବ ମୟୂରବାହନ,
ଉପୁଡ଼ାଇ ସ୍କନ୍ଦ ମୟୂରଚନ୍ଦ୍ରକେ
ଶରଗୁଳ୍ମଶୋଭି ଶଇଳ-ମସ୍ତକେ ;
ଦ୍ରୋଣ କର୍ଣ୍ଣ ଆଦି ଏହି ଶୈଳେ ଆସି
ହୋଇଥିଲେ ତାଙ୍କ ପାଦେ ଅନ୍ତେବାସୀ ;
ବନବାସବ୍ରତ ଧରି ଧନଞ୍ଜୟ
ଲଭିଥିଲେ ଏହି ଶଇଳେ ଆଶ୍ରୟ,
ତାଙ୍କ ପ୍ରତିଷ୍ଠିତ ଗୋକର୍ଣ୍ଣ-ଈଶ୍ୱର —(୧)
ଯୋଗୁଁ ବଢ଼ିଅଛି ପ୍ରତିଷ୍ଠା ଶୈଳର ;
ଏହି ଶୈଳୁଁ ସିନା ବୀରେନ୍ଦ୍ରକେଶରୀ
ସିନ୍ଧୁ କଳେ କୂଳେ ଏକାକୀ ବିଚରି
ମଣିପୁରକେମା-ପ୍ରେମରେ ଆଶାପ୍ତୀ
ଭେଟିଥିଲେ ତାଙ୍କୁ ମଣିପୁରେ ଯାଇ ;
ବୈତରଣୀ ନଦୀ ଉତ୍ତର ପ୍ରଦେଶେ
ତୀର୍ଥ ପର୍ଯ୍ୟଟନ ସାରି ଅବଶେଷେ
ବୈତରଣୀ-ମୂଳୁଁ ମହୋଦଧିମଣରେ
ପାର୍ଥ ବିନୁ ଆନ ପାଣ୍ଡବପ୍ରବୀରେ
କୁନ୍ତୀ ସଙ୍ଗେ ଦିବ୍ୟ ବେଦିକା ଆନ୍ୱେଷୀ
ଆସିଥିଲେ ରାମଦର୍ଶନାର୍ଥୀ ହୋଇ
ଏହି ଶୈଳାଶ୍ରମେ, କୀର୍ତ୍ତି ତାଙ୍କର
ଅଦ୍ୟାପି ଶଇଳ-ଲଲାଟେ ଭାସ୍ୱର ;
ପୂତ ହୋଇଥିଲେ ଏହି ଝରମାନେ
ପୁଣ୍ୟଶ୍ଳୋକ ଯଜ୍ଞସେନସୁତା-ସ୍ନାନେ,
ଭବେ ଅବତୀର୍ଣ୍ଣ ସାକ୍ଷାତ ଶଙ୍କର,
ଶଙ୍କରଙ୍କ ପାଦସ୍ପର୍ଶେ ଏ ଶିଖର
ହୋଇଥିଲା ପୂତ, ଶିବକ୍ଷେତ୍ର ଜାଣି
ଆସିଥିଲେ ଏଥି ଯେବେ ମହାଜ୍ଞାନୀ ।
କାଞ୍ଚୀଜୟୁ ପରେ ପଦ୍ମିନୀ ସଙ୍ଗତେ
ଶ୍ରୀପୁରୁଷୋତ୍ତମ ବାହୁଡ଼ି ଏ ପଥେ
ସୈନ୍ୟ ସଙ୍ଗ ଉଠି ଏ ଗିରି-ଶିଖରେ
ପୂଜିଥିଲେ ଦେବ ଗୋକର୍ଣ୍ଣ-ଈଶ୍ୱରେ,
ହୁଳହୁଳି ଦେଇ ଶବର-ଲଳନା
ପଦ୍ମିନୀଙ୍କି କରିଥିଲେ ସଭାଜନା ;
ଲତାଏ ସ୍ୱାଗତିଥିଲେ ଲାସ୍ୟ-ଛଳେ,
କାନନ-ବିହଙ୍ଗେ ସୁମଧୁର କଳେ,
ପୁଷ୍ପବୃକ୍ଷ ତେଜି ମୁଗଧ ମଧୁକରେ
ଉଡ଼ିଆସି ମୁହୁଃ ଗୁଣୁ ଗୁଣୁ ସ୍ୱରେ
ଭିଆଉଣି ଥିଲେ ଚମଙ୍କ ସଘନେ
ପଦ୍ମାବତୀ-ନୀଳନଳିନ-ନୟନେ,
ହରିପ୍ରେମସ୍ରୋତ ବୁହାଇ ଉତ୍କଳେ
ଆସିଥିଲେ ଏଥି ଚୈତନ୍ୟ ସଦଳେ,
ତାଙ୍କ ହରିବୋଲେ ଏ ଗିରି-କନ୍ଦର
ହୋଇଥିଲା ପ୍ରେମ-ଉଲ୍ଲାସେ ମୁଖର,
ଭକ୍ତ-ମୁନି-ଯୋଗି-ବୀର-ଲୀଳାସ୍ଥଳୀ
ନାହିଁ ଆନ ଗିରି ଉତ୍କଳେ ଏଭଳି,
ଉତ୍କଳୀୟ ହୋଇ ଯେଣୁ ଭାରତୀୟ
ଆର୍ଯ୍ୟ ଋଷିଙ୍କର ଏହି ଗିରି ପ୍ରିୟ,
ନାହିଁ ଆନ ଗିରି ଯହିଁରେ ସୁଲଭ
ଏ ଗିରିର ପୁଣ୍ୟ-ସ୍ମୃତିର ବିଭବ,
ପୁଣ୍ୟପ୍ରଦ ଯେଣୁ ଏହାର ଦର୍ଶନ,
ପୁଣ୍ୟପ୍ରଦ ତେଣୁ ଏଥି ସଂଚରଣ ;
ପୁରାଣେ କି ଅବା ଲୋକମୁଖେ ଖ୍ୟାତ
ନାନାସ୍ଥଳୀ ମଧ୍ୟେ ହୁଏ ପ୍ରତିଭାତ ;
ଋଷିମାଳ ସୁତା ଋଷିକୁଲ୍ୟାନଦୀ (୨)
ପତିତପାବନୀ ଯଥା ବିଷ୍ଣୁପଦୀ ।
ସଦା ଅନାବିଳ-ସଲିଳ ଦ୍ରବାଣୀ,
କର୍ପୂର ଧବଳ-ବିପୁଳ-ପୁଳିନା,

(୧) ପ୍ରଚଳିତ ପ୍ରବାଦ ଅନୁସାରେ ଗୋକର୍ଣ୍ଣେଶ୍ୱର ଅର୍ଜ୍ଜୁନଙ୍କ କର୍ତ୍ତୃକ ପ୍ରତିଷ୍ଠିତ ।
(୨) ଋଷିକୁଲ୍ୟା ଋଷିମାଳ ପର୍ବତରୁ ନିଃସୃତ ।

ଜଉଗଡ଼ ସ୍ଥଳେ ସେହି ନଦୀ-ତୀରେ
ଅଙ୍କିତ ଅଶୋକ-ଶାସନ ଲିପିରେ
ମନ୍ତ୍ରମା ଯେ ଲିପି ଘୋଷେ ଅହିଂସାର,
ବୌଦ୍ଧ ଧରମର ଅଟଇ ଯା ସାର,
ଅନ୍ୟ ତୀରେ ଶୋହେ ମହାସ୍ତନବତ
'ସ୍ତନପୀଠ,' ତାରତାରିଣୀ ପର୍ବତ, (୧)
ବସୁଥାଇ ଯେଉଁ ପୀଠେ ଅନୁକ୍ଷଣ
ଦେଖା ଅଗ୍ରେ ଜଳରକ୍ତ-ପ୍ରସ୍ରବଣ,
ଅନୁକ୍ଷଣ ବନ-ଛାୟାରେ ଶୀତଳ,
ଖଗମୃଗକୁଳ-ବିହରଣ-ସ୍ଥଳ,
ଚିଲିକାର ଘନବନାକୀର୍ଣ୍ଣ ଦ୍ୱୀପ— (୨)
ବିହାର-ରସିକ ଯେ ସାଧୁ ମହୀପ,
ତାଙ୍କ ଅଧିଷ୍ଠିତ ଖଲ୍ଲିକୋଟ ଧରା
ନିଖିଳ ନିସର୍ଗ-ଶୋଭା-ମନୋହରା,
ସୁରଙ୍ଗୀ ମଞ୍ଜୁଳ କମଳା କାନନେ,
ଖିମିଡ଼ି ମଣ୍ଡିତ ତପ୍ତ ପ୍ରସ୍ରବଣେ,
ତପ୍ତକୁଣ୍ଡେ ପୂତ ଚୂଡ଼ାସିଂହମଣି,
ଆଦି ନାନା ରାଜ୍ୟ ଅଗ୍ରେ ବିରାଜଇ,
ପୁଷ୍ପ-ଫଳ-ଶସ୍ୟ ଶାଳିନୀ ପାରଳା,
ଅଚପଳା ଯହିଁ ଚପଳା ଚପଳା,
ହୋଇଥିଲ ସର୍ବ ଉତ୍କଳେ ପ୍ରଚୁର
ଫଳିତ ଜ୍ୟୋତିଷେ ପ୍ରତିଷ୍ଠା ଯାହାର,
ଉତ୍କଳର ବେଦ ସୁକୃତ ସମ୍ଭୂତ,
ଯାଙ୍କ ଯୋଗୁଁ ଏହି କ୍ଷିତି ବନ୍ଦୁସ୍ତୁତା,
ବଳଭଦ୍ର, ଜୟଇନ୍ଦ୍ର କବିମଣି,
ଉତ୍କଳ-ଖଣିର ଯେ ଅମୂଲ୍ୟ ମଣି,

ତାଙ୍କ ଜନ୍ମଭୂମି ସୁଚାରୁ ସୁନ୍ଦର,
ଦିଶେ ରତନେ ଆଠଗଡ଼ ଧୂମସର,
ବିଟପ-ଟୋପରେ ଶିର ଶୋଭାବନ,
ସୁଢ଼ଳ ତରୁଣ ଭୂଷିର ଯେସନ,
ଉଦ୍ୟାନ ପ୍ରଦେଶେ ଦିଶେ ଗିରି ହ୍ରସ୍ୱ
ସ୍ୱସ୍ତି ନାମେ, ଯାର ତଟଦେଶେ ଅସ୍ତ (୩)
ବାନ୍ଧିଥିଲେ ତରୁଦେହେ ବଣ୍ଣୁ ଯାଇଁ
କାଞ୍ଚିଯାତ୍ରୀ କଳା ଧଳା ଟେକା ଭାଇ,
ଅଦ୍ୟାପି ଯେ ତରୁ-ସ୍ଥାଣୁ ପୂଜା ପାଏ
ସେହି ଶୈଳେ ଦେବବନ୍ଦ୍ୟ ପାର୍ଶ୍ୱଏ ,
ଦକ୍ଷିଣେ ଶ୍ରୀ ଆଦିକୂର୍ମ ଅଭିଧିତ
ବିଷ୍ଣୁ କ୍ଷେତ୍ର ରାମାନୁଜ-ପ୍ରତିଷ୍ଠିତ,
ବୌଦ୍ଧ ଉପାସନା-ପୀଠ ପୁରାତନ
ରାଜେ ଅଗ୍ନିକୋଣେ କଳିଙ୍ଗ ପତ୍ତନ,
'ସାହସିକ' ବୋଲି ଆର୍ଯ୍ୟଗ୍ରନ୍ଥମାନ
କରୁଥିଲେ ଯାର ସୁଯଶଃ ବ୍ୟାଖ୍ୟାନ, (୪)
ପଡ଼ି ସର୍ବହର କାଳର କବଳେ
ନାମଶେଷ ମାତ୍ର ଏବେ ଯା ଉତ୍କଳେ ;
ବାଣିଜ୍ୟ-ଚହଳେ ଥିଲା ଯା ମୁଖର
ଶୁଭେ ଯହିଁ ତାଳୀବନର ମର୍ମର ,
ଯହିଁ ପୋତ ବାନ୍ଧି ଉତ୍କଳ-କୁମରେ
ବାଣିଜ୍ୟ ସକାଶେ ଦ୍ୱୀପ ଦ୍ୱୀପାନ୍ତରେ
ବିହରୁଥିଲେ ନିର୍ଭୀକ-ହୃଦୟେ ;
ଧର୍ମପ୍ରାଣେ ଧର୍ମ ପ୍ରଚାର ଆଶୟେ
ବିହରୁଥିଲେ ଯୋତେ ବୌଦ୍ଧ ଯତି,
ନାଇତେ ଅହିଂସା-ମହାବ୍ରତେ ବ୍ରତୀ ;

(୧) ଭାରତାରିଣୀ ସତୀଙ୍କର ସ୍ତନପୀଠ ବୋଲି ପ୍ରସିଦ୍ଧ ।

(୨) ଖଲ୍ଲିକୋଟାଧୀଶ୍ୱରଙ୍କ ଅଧିକୃତ ଏହି ଦ୍ୱୀପଗୁଡ଼ିକର ସୌନ୍ଦର୍ଯ୍ୟ ବର୍ଣ୍ଣନାଦ୍ୱାରା ଅନ୍ୟର ହୃଦୟଙ୍ଗମ କରାଇବା ସହଜ ନୁହେଁ । ସମସ୍ତ ଓଡ଼ିଶାରେ ଏପରି ମନୋହର, ନିର୍ଜନ ଶାନ୍ତିପୂର୍ଣ୍ଣ ସ୍ଥଳୀ ଅନ୍ୟତ୍ର ମୋହର ଦୃଷ୍ଟିଗୋଚର ହୋଇନାହିଁ । ଦ୍ୱୀପଗୁଡ଼ିକ ଚିଲିକା-ତରଙ୍ଗୋଦ୍‌ଗତ କ୍ଷୁଦ୍ର କ୍ଷୁଦ୍ର ପର୍ବତର ସମତଳ ତାଳୁପ୍ରଦେଶ ମାତ୍ର । ଏହି ଦ୍ୱୀପଗୁଡ଼ିକ ମହାରାଜାଙ୍କର ଶୌଖିନ୍ ରୁଚିରତାର ଅତି ଉତ୍କୃଷ୍ଟ ନିଦର୍ଶନ ।

(୩) ସ୍ୱସ୍ତି ଏହି କ୍ଷୁଦ୍ର ପର୍ବତ ଉଦ୍ୟାନଖଣ୍ଡରେ ଅବସ୍ଥିତ, ମଞ୍ଜୁଷାର ଅତି ନିକଟବର୍ତ୍ତୀ

(୪) "କଳିଙ୍ଗ—ସାହସିକ" ଏହି ତତ୍ପ୍ରସିଦ୍ଧ ପ୍ରବାଦ ସଂସ୍କୃତ ଅଳଂକାର ଗ୍ରନ୍ଥରେ ଅନୁସନ୍ଧେୟ ।

ସେ ପର୍ବତକୁ ଯାଇ ଭୂମାଭ ବଜସ୍ତ
ବନ୍ଦୁଥିଲେ ଦୂର ସିଂହଳ ବଙ୍କସ୍ତ

ମହାସେନ ନାମେ ସିଂହଳ ରାଜନ
ଲଭିଥିଲେ ଯହୁଁ ପବିତ୍ର ଦର୍ଶନ

ବୁଦ୍ଧଦେବଙ୍କର, ଯେଉଁ ଆଜଯାଏ
ପୂଜିତ ସିଂହଳେ ବୌଦ୍ଧସମ୍ପ୍ରଦାୟେ,

ଏ ଆଦି ଅଶେଷ ସ୍ଥଳୀ ମନ୍ତ୍ରିତଳେ
ଓଟାରି ନଅନ୍ତି ମନକୁ ସକଳେ,

ଯୁଗଯୁଗାନ୍ତରେ ଲଙ୍ଘି କ୍ଷଣେ ମନ
ଅତୀତର ରାଜ୍ୟେ କରେ ବିଚରଣ
ଅତୀତର ଲୀଳା ଖେଳା ଦେଖି ରଙ୍ଗେ
ଏକୀଭୂତ ହୋଇଯାଏ ତହିଁ ସଙ୍ଗେ ;
ବୀର, ଯୋଗି, ଋଷି ଆଦି ମହାଜନ
ସଙ୍ଗେ କଳ୍ପନାରେ କରେ ସମ୍ଭାଷଣ
ଅତୀତର ବେଶଭୂଷା ରୀତିନୀତି
ଦେଖି ଲଭୁଥାଇ ନିରବଦ୍ୟ ପ୍ରୀତି,
ଅତୀତର ଧ୍ୟାନେ ହୋଇ ଏକତାନ
ଅତୀତକୁ ମଣେ ସେତେବେ ବର୍ତ୍ତମାନ ।

# କ୍ଷୁଦ୍ର ରଚନାବଳୀ

## ଧବଳେଶ୍ୱର-ସ୍ତୋତ୍ରମ୍

—o—

ଭୈରବୀ ରାଗ ଝାପାଳି ତାଳାଭ୍ୟାଂ ଗୀୟତେ ।

ଜୟ ଧବଳେଶ୍ୱର, ଜୟ ଧବଳେଶ୍ୱର,
ଜୟ ଧବଳେଶ୍ୱର ଶମ୍ଭୋ !
ପାଦପ୍ରଣତଜନ-ଭବ-ଭୟ-ଭଞ୍ଜନ,
ପାହି ମାମଶରଣଂ ଭୋଃ ।
ଗ୍ରାବସ୍ଥଳଦତରଳ-ଲହରୀ-ଧର—
ଶୀକର-ମଣ୍ଡୁ-ନିକୁଞ୍ଜେ,
ସ୍ତବକନମନ୍ମନ-ରତ-ବର୍ଣ୍ଣୋଜ୍ଜ୍ୱଳ —
ବିବିଧ-ବିହଗମ-ପୁଞ୍ଜେ,
କୋକିଳ କୂଜିତ-ମଧୁକର-ଗୁଞ୍ଜିତ—
ଶରଦ୍ୱିକସିତ-ମଧୁମାସେ,
ମରକତ-ମେଦୁର-ନୀଳକାନ୍ତିଭର—
ଗିରିଗଣ-ଦନ୍ତୁରିତାଶେ,
କନ୍ଦର-କାନନ-ପୁଳିନ-ବିଭୂଷିତ—
ମହାସ୍ରବଣ-ବିତତେ,
ଇହ ବିହରସି, ବିଷପେୟ, ଶଶିଶେଖର,
ଶାନ୍ତରସୈଃ ସୁପବିତ୍ରେ;
ତଟିନୀ ବନସ୍ଥିର-ତଲ୍ଲକୁଳ-ପୁଳକଭର—
କାଳମହାଧରବାସିନ୍
ଜୟ ଜୟ ଶଙ୍କର, ସର୍ବଶୁଭଙ୍କର,
ଭକ୍ତ-ବିପତ୍ତି-ବିନାଶିନ୍ ।
ରାଧାନାଥଭଣିତ-ଭବବନ୍ଦନ—
ଗୀତମେତଦନୁବାରମ୍
ଶୃଣୁ, ମତମଲବଦ୍ଧୃତମନସା, ସନ୍ଧ
ଜଗମିଷୁରସି ଭବପାରମ୍ ।

## ଶ୍ରୀ କାଳିକା ସ୍ତୁତିଃ

—o—

ଭୈରବୀ ସ୍ୱର କାବାଳି ତାଳାଭ୍ୟାଂ ଗୀୟତେ ।

କାଳି କପାଳିନି ମୁଣ୍ଡମାଳିନି
ଜନନି କରଭୟ-ହସ୍ତେ
ସମରବିଳାସିନି ଦାନବନାଶିନି
ଜୟ ଜୟ ଦେବି ନମସ୍ତେ । ଧ୍ରୁବଂ ।
ତ୍ୱଂ ବାଣୀ, ତ୍ୱଂ ଜଳନିଧି-ଦୁହିତା,
ତ୍ୱଂ ଲଳିତା, ତ୍ୱଂ ଭୀମା,
ଶକ୍ତିସ୍ତ୍ୱେ, ଶକ୍ତୀଶ୍ୱରି, ଦେବେ—
ଭୂପି ଖଳୁକଳିତସୀମା ।୨।
ସ୍ଥୂଳା ତନ୍ୱୀ ବ୍ୟକ୍ତାବ୍ୟକ୍ତା
ତଦପି ନନୁ ବହୁରନ୍ତ୍ରଃ,
ପଶ୍ୟନ୍ତି ଭ୍ରାମନ୍ତବନ୍ଧବେ
ଯୋଗିଜନାଃ ଧ୍ୟାୟନ୍ତଃ ।୩।
ଗତିରଗତୀନାଂ ତ୍ୱମସି, ଶରଣ୍ୟେ,
ସର୍ବମନୋରଥଦାତ୍ରୀ
ଶମିବଧାପ୍ତିକ ଶଙ୍କରକାମିନି
ତତ୍ତ୍ୱାନନ୍ଦ-ବିଧାତ୍ରି ।୪।

ଅଭୟେ ଭୁବନେଶ୍ୱର ଭବତାରିଣି
 ଜୟ ଜୟ ମଙ୍ଗଳରୂପେ,
ମାମୁଦ୍ଧର, ଧରନନ୍ଦିନି, ନିପତିତ—
 ମତିଗହନେ ଭବକୂପେ ।୫।
ପାତକନାଶିନି ତାପନିବାରିଣି
 ଦୁଷ୍କୃତହାରିଣି, ମାତଃ,
ଅଗତିଗତିଶରଣୌ ତବ ଚରଣୌ ଭକ୍ତ୍ୟା
 ବନ୍ଦେ ସାୟଂ ପ୍ରାତଃ ।୬।
ଭସ୍ମୀକୁରୁ ମେ ସକଳବୃଜିନମପି
 ଦେବି ବିପଲଂ ପାହି,
ଭୈରବରୂପିଣି ଭୈରବମୋହିନି
 ସର୍ବଭୟାନ୍ ମାଂ ତ୍ରାହି ।୭।
ପ୍ରଣତଜନାର୍ତ୍ତିହରେ ହରସୁନ୍ଦରି
 ସୁରନର-ବନ୍ଦିତ-ପାଦେ,
ବାତ୍ସଲ୍ୟେନ ନିପତିତମୁଦ୍ଧର ମାମତ—
 ବିପଦେ ମେ ସାନ୍ଦ୍ର-ବିଷାଦେ ।୮।
ପାପାଦୁଦ୍ଧର ହୃଦୟଂ ମମ ନନୁ
 ତାପଦୁଦ୍ଧର କାୟଂ ;
ଶଙ୍କରି, ଦେହି ଶିରସି ମେ ଶ୍ରୀପଦ—
 ପଙ୍କଜ-ଶୀତଳଚ୍ଛାୟଂ ।୯।
ନାହମଯୋଗ୍ୟସ୍ତବ କରୁଣାୟାଃ
 ମାତସ୍ତ୍ୱଦପି ପାପୀ,
କୁସୁତାଃ ଶତଶଃ ଲୋକେଽପି ଭବନ୍ତୁ
 ଭବତି କୁମାତା କ୍ୱାପି ।୧୦।
ରାଧାନାଥଭଣିତମିଦମଘହର—
 ମନ୍ତ୍ର-ସ୍ତୋତ୍ରବଗୀନଂ
ଭକ୍ତମନସି ବିତନୋତୁ ମୁଦଂ ତଦ—
 ଧାତୁ ନିଖିଳକଲ୍ୟାଣଂ ।୧୧।

---

## ମହାରାଣୀ ଭିକ୍ଟୋରିଆଙ୍କ

ପଞ୍ଚାଶତ୍ ବର୍ଷର ଜୁବିଲି ସଙ୍ଗୀତ ।

( ୧୬ ତାରିଖ, ଫେବୃୟାରି ୧୮୮୭ )

—×✻×—

ରାଗ— ଖମ୍ବାଜ— ତାଳ—ଝୁଲା ।

—୦✻୦—

ଆଜ ଆନନ୍ଦେ ମିଳଣ ଗାଅ ସରବେ,
ପୂରୁ ଚୌଦିଗେ ଯଶ ଆନନ୍ଦରବେ ।
ମାତୃକୋଳ ପରାୟେ କି ରାଜା କି ପ୍ରଜାଏ
ଯା ସ୍ନେହେ ସ୍ଥନ୍ତି ନିତ୍ୟ ନିରୁପଦ୍ରବେ ।
ସେ ମାତା ଭିକ୍ଟୋରିଆ ଜଗତପୂଜନୀୟା,
ପଞ୍ଚାଶ ବର୍ଷ ରାଜ୍ୟ କଲେ ଏ ଭବେ ।
ଜନନୀ ସେ ଆମ୍ଭର ଅତ୍ୟନ୍ତ ପ୍ରିୟତର,
ଧର ନାହାନ୍ତି ମାନ ପିତା ଗରବେ ।
କେ ଅଛି ମାତା ସମ—ଶିଶୁଙ୍କ ପ୍ରିୟତମ,
ମାତ ମାତୃମଙ୍ଗଳ—ମହାଉତ୍ସବେ ।
ମାତାଙ୍କ ସ୍ନେହ ଗାଇ ବଦନରେ ଜୟତାଳି,
ହର୍ଷ-ଚହଳେ ଉଠୁ ଭୂତଳୁଁ ନଭେ ।
ମାତାଙ୍କୁ ଆୟୁଷ୍ମତୀ କରନ୍ତୁ ବିଶ୍ୱପତି,
ପୂରୁ ଅବନୀ ମାତା—ଯଶଃସୌରଭେ ।

## ମହାରାଣୀ ଭିକ୍ଟୋରିଆଙ୍କ

ଷଷ୍ଟିତମ ବର୍ଷର ଜୁବିଲି-ସଙ୍ଗୀତ ।
( ୨୨ ତାରିଖ ଜୁନ୍, ୧୮୯୭ ସାଲ )

ଭିକ୍ଟୋରିଆ ରାଣୀଙ୍କର ଗାଅ ସତ୍କୀର୍ତ୍ତି । ଘୋଷା ।

ରାଜ୍ୟ ଯାର ଘରଘର—
ରୂପେ ଖଟେ ପାରାବାର
ନ ହୁଅନ୍ତି ଅସ୍ତ ଯହିଁ ସହସ୍ର-ଦୀଧିତି ।
ନ୍ୟାୟ, ଦୟା, କ୍ଷମା, ପ୍ରୀତି
ଯାର ସିଂହାସନ-ଭିତ୍ତି
ଧର୍ମନୀତି ଯାହାଙ୍କର ଅଟେ ରାଜନୀତି ।

ସୁବୁଦ୍ଧିତା, ସୁଜନନୀ,
ପତ୍ନୀ, ସତୀ-ଶିରୋମଣି
ଯଶ-ସଉରଭେ ଯାର ଚହଟଇ କ୍ଷିତି ।
ପୁଣ୍ୟେ ତଥା ଅନୁପମା
ଭାଗ୍ୟେ ତଥା ମର୍ତ୍ତ୍ୟେ ରମା
ପାଳଲେ ଯେ ଷଷ୍ଟିବର୍ଷ ପ୍ରଜା ଯଥାସୁତ ।

—×✳×—

## ତିନି ବନ୍ଧୁ

—✳—

ଭବପୁରେ ଥିଲେ
ମହାଧନୀ ନରଦାସେ,
ବନ୍ଧୁଗଣ ବେଢ଼ି
ରହୁଥିଲେ ଚଉପାଶେ,
ସବୁ ବନ୍ଧୁ ମଧ୍ୟେ
ବଡ଼ ଥିଲେ ତିନି ମିତ,
ତିନଙ୍କର ନାମ
କର୍ମନ୍ତୁ ବୈଭବ ବନ୍ଧବ,
ତିନିଙ୍କର ମଧ୍ୟେ
ଏକ ଥିଲେ ପ୍ରିୟତମ,
ଦ୍ୱିତୀୟଙ୍କପାରେ
ମମତା ଥିଲା ମଧ୍ୟମ,
ତୃତୀୟଙ୍କପାରେ
ଉଦାସୀନ ଦାସେ ଅତି,
ସେ ତୃତୀୟ ପୁଣି
ବଡ଼ ଅପ୍ରଗଲ୍ଭ-ମତି,

ସେବନ୍ତି ଦାସଙ୍କୁ
ନୀରବେ ଗହଣେ ଥାଇ,
ନିଜ ସ୍ନେହ କେବେ
ଦେଖାଇ ହୁଅନ୍ତି ନାହିଁ,
ଦେଖାଇ ହେବାର
ଠାବ ସିନା ଭବପୁର !
ଦେଖାଇ ହୁଏ ଯେ,
ସେହୁ ସିନା ବାହାଦୂର !
ମିତ ଥିଲେ ଯେଣୁ
ଏ ମହାଗୁଣେ ବଞ୍ଚିତ,
'ବାହାବା' ନେବାକୁ
ହେଉଥିଲେ ବଡ଼ ଭୀତ,
ଆଗଭର ଆସି
କହନ୍ତି ନାହିଁ ସେ କଥା,
ଆଗଭର ଆସି
ନଆନ୍ତି ନାହିଁ ସେ ପଥ

ଗୃହଦ୍ୱାର ପଟଣେ
ଅପଟୁ ଥିବାରୁ ସେହୁ,
ଦାସେ ତାଙ୍କଠାରେ
ନ ଥିଲେ କରତେ ସ୍ନେହୀ,
କେବେ ହେଲେ ତାଙ୍କୁ
ସ୍ମରନ୍ତି ନାହିଁ ସଭରେ,
ସ୍ମରି, ପୁଣି ତାଙ୍କୁ
ପାସୋରନ୍ତି ସେହୁଲାଗେ ।
ଖୋଳ ହୋଇ ଆନ
ବେଣୁବନ୍ଧୁ-ସହବାସେ
ବୋଲକର ହୋଇ
ରହିଲେ ତାଙ୍କର ଦାସେ,
ତାଙ୍କ ସହବାସେ
କଲେ ବାସେ କେତେ ଲୀଳା,
ଆଚମ୍ବିତେ ମହା—
ବିପତ୍ତି ଆସି ଘୋଟିଲା ।
ସବୁ ବନ୍ଧୁ ସୁନା,
କଏ ସୁନା, କଏ ଭେଲ,
ପରଖର ସିନା
ନୀକଷ ବିପତ୍ତି-ବେଳ ।
ରାଜାଙ୍କ ହୁକୁମ
ଆସିଲା ଦାସଙ୍କ ପ୍ରତି,
ଘୁଞ୍ଚିଆ ଆସିଲେ
ନେଇଯିବେ ଯମୁକତି,
ସେ ହୁକୁମ ଶୁଣି
ଦାସଙ୍କ ଉଡ଼ିଲା ହଂସା ।
"କି କରିବ, ଆହା,
ଦଣ୍ଡ ତ ନାହିଁ ଭରସା !
କେଉଁଣ ଦୋଷରୁ
ରୁଷ୍ଟ ହେଲେ ନରନାହା
ଏ ସଂକଟେ ମୋର
କେଉଁ ମିତ ହେବ ସାହା ?"

ଜନବନ୍ଧୁଙ୍କର
ମୁହଁ ଗୃହିଁ ନରଦାସେ
ପୁଛିଲେ ଏ କଥା
ବାଷ୍ପ-ଗଦଗଦ କଣ୍ଠେ,
ଜନ୍ମବନ୍ଧୁଠାରେ
ଏ କଥା ତୁଅନ୍ତେ ପୃଚ୍ଛା,
ପ୍ରିୟତମ ବନ୍ଧୁ
ଆଗେ ଦେଲେ ପଛ-ଘୁଞ୍ଚା ।
ବୋଇଲେ, "ଏ କଥା
ମୋତେ ନ ବୋଲିବ, ଭାଇ
ଗହଣେ ତୁମ୍ଭର
ମୁଁ ତ ନ ଧାଇବି ଯାଇ !"
ଦ୍ୱିତୀୟ ମିତଙ୍କୁ
ପୁଛିଲେ ଦାସେ ବ୍ୟାକୁଳେ,
"ଏ ସଙ୍କଟ କାଳେ
ଯିବଟି କି ମୋର କୂଳେ ?"
ଦାସଙ୍କ ଆରତି
ଦେଖି ଦୁଃଖେ-ସେହୁ ମିତ
ଅଶ୍ରୁପୂର୍ଣ୍ଣ ମୁଖେ
ଉତ୍ତର ଦେଲେ ଦୁଃଖିତ,
"ରାଜନ କଥା ସେ
ଜଣା ହେବ ଶ୍ରୀମୁଖରେ ।
ନିଜ ଦେହ ଲାଗି
ରହିବି ତେଣୁ ମୁଁ ଦୂରେ,
ସିଂହଦ୍ୱାରଯାଏ
କଷ୍ଟେ ସୃଷ୍ଟେ ଯିବି, ଭାଇ,
ଭେଟିବ ଯିବାକୁ
ଶକତ ତ ମୋର ନାହିଁ ।"
ତୃତୀୟ ମିତଙ୍କୁ
ଚାହିଁ ସେଇ ନିଜ ଆଗେ
ଲାଜେ ମଥା ପୋତି
ପଚାରିଲେ ନରଦାସେ,

"କପଟ ମିତ୍ରଙ୍କ
ଗୃହକୁ ଯିବାଲେ ଖେଳ ଖେଳି
ତୁମ୍ଭଠାରେ, ଭାଇ,
ହୋଇଥିଲି ମୁହିଁ ଦ୍ରୋହୀ,
ବାହାରେ କେବଳ
ଦେଖାଇ ମୁଖେ ଆଦର
ମନ୍ଦ କରିଥିଲି
ତୁମ୍ଭଙ୍କୁ ସଦା, ଅନ୍ତର ;
ତୁମ୍ଭ ଭଲ କଥା
ଦେଖିଥିଲି କେବେ ଏତ୍ତ,
କ ପାଞ୍ଚ ତୁମ୍ଭର,
କହ ମୋତେ ଏବେ ଦେଖି,
ମୋର ଦୋଷମାନ,
ହେ ମିତ୍ର, ଯେମା ନ କର
ଅବେଳେ ଯିବ କି
ସଙ୍ଗେ ମୋତେ ତୁମ୍ଭେ ଧର ?"
ଅବେଳର ମିତ୍ର
ଉତ୍ତରିଲେ, "ଡର ନାହିଁ,
ଯେତିକି ମୁଁ ତୁମ୍ଭ
ସଙ୍ଗେ ଯାଇ ନରପାଇଁ,
ପିବାରୁ କେବଳ
ମୋତେ ଏକା ବଳ ପାଏ
ସିଂହଦ୍ୱାର ଲଙ୍ଘି
ତାଙ୍କ ସିଂହାସନଯାଏ,
ତୁମ୍ଭ ଲାଗି ତାଙ୍କ
ଗୁମ୍ଫରେ କରିବ ଅଳି,
କମା ଗୁହାର ଶୁଣି
ନାଶ୍ତେ ସେ ପିବେ ତରଳି,
ତାଙ୍କ ଶ୍ରୀମୁଖରୁ
ଆଣିବ ମୁଁ ମୁକୁଳାଇ,
ମୁହିଁ ଏକା ସିନା
ବାନ୍ଧବ ଏ ବେଳପାଇଁ।"
ସୁଜନେ, ଜଗତେ
ଏହି ଜନ ବନ୍ଧୁ ଯେନ
ତତ୍ତ୍ୱଜ୍ଞ ସରବେ
ପ୍ରିୟ ମଣି ଆଦ୍ୟ ବେଣ ;
କିଏ କେଉଁ ଭଲ,
ଅନ୍ତିମେ ଏ ବନ୍ଧୁ ସିନା;
ନରଦାସେ ଯଥା,
ନରଙ୍କୁ ଦିଅନ୍ତି ଚିନ୍ତା ?
ଆଦ୍ୟ ବନ୍ଧୁ ଘରେ
ରହେ, ପ୍ରେତଭୂମିଯାଏ
ଦ୍ୱିତୀୟ ବନ୍ଧୁ ସେ
ଶବ ସଙ୍ଗେ ସଙ୍ଗେ ଯାଏ;
ପ୍ରେତ-ଭୂମିପରେ
କେଣେ ଯେ ଝାପମ ସାନ୍ତ୍ୱା
ପ୍ରେତର ଜନ୍ମି ସେ
ତୃତୀୟ ବନ୍ଧୁଟି ସାନ୍ତ୍ୱା ?
'ଧନଦାସ' 'ଜନ-
ଦାସ' 'ଧର୍ମଦାସ' ଜନ-
ଜନେ, ଏ ତିନିଙ୍କୁ
କର୍ମେ ନେଇଥିବ ଜାଣି।



# ବାଣ-ହରଣ

—o—

## ପ୍ରଥମ ସର୍ଗ

—*o*—

ପୁଚ୍ଛିଲେ ଜନମେଜୟ ମୁନିଙ୍କ ଛାମୁରେ,
'ହେ ମୁନି ! ବାସନା ମୋର ପୂରାଅ ସତ୍ୱରେ,
ଭୀଷ୍ମଙ୍କ ପାଣ୍ଡବ-ବଧ-ପ୍ରତିଜ୍ଞା ବିଷୟ
ଶୁଣି ବିସ୍ମୟରେ ମନ ହେଉଅଛି ଅଥୟ,
କିରୂପେ ପାଇଲେ ବାଞ୍ଛା ରାଜା ଯୁଧିଷ୍ଠିର,
କିରୂପେ ବଞ୍ଚିଲେ ରକ୍ଷା ପ୍ରଭୁ ଯଦୁବୀର ।"
କହନ୍ତି ମହର୍ଷି, "ଶୁଣ ପୂର୍ବର କଥନ,
ଛଉଣିରେ, ଶିବିରେ ରହି ପାଣ୍ଡୁ ପୁତ୍ରଗଣ
ସଭା କରି ବସିଛନ୍ତି ଶ୍ରୀକୃଷ୍ଣ ସହିତ,
ପାଣ୍ଡବର ପକ୍ଷ ନୃପଗଣ ଅଗଣିତ
ସଙ୍ଗରେ ଲଗିଛି ନାନା କଥୋପକଥନ,
ଏ ସମୟେ ଶୁଣ, ରାଏ, ଘଟିଲା ଯେସନ,
ଅସ୍ତଗାମୀ ରବିଙ୍କର କନକ କିରଣେ
ଶିବିରର ତୁଙ୍ଗ ଚୂଡ଼ା ଝଟକେ କେସନେ,
ଏକାଳେ ଶିବିରଦ୍ୱାରେ ଉଭା ହେଲା ଚର,
ଶୁଣି ଆସିଥିଲା ସେହୁ ପୂର୍ବ ସମାଚାର ;
ଦୁର୍ଯ୍ୟୋଧନ-ଆଳେ ଶୁଣି ଭୀଷ୍ମ ମହାବୀର
ପାଣ୍ଡବେ ବଧିବେ ବୋଲି ଦେଇଥିଲେ ଗିର
ଶୁଣି ଚର ଊର୍ଦ୍ଧ୍ୱଶ୍ୱାସେ ଆସିଲାକ ଧାଇଁ ;
ନୃପତି ଛାମୁରେ କହେ ମସ୍ତକ ନୁଆଇଁ,
"ଅବଧାନ ହେ ମହିମା, ହେ ନାଥ ଶ୍ରୀପତି,
ଶୁଣି ଆସିଲଇଁ ଆଜ ଅଦ୍ଭୁତ ଭାରତୀ,
ଅସଦୃଶ କଥା ସେହି କହିବି କେସନେ !
ଅଭୟ ପାଇଲେ ସବୁ କହିବି ଚରଣେ ।"

ଚରକଥା ଶୁଣି ଦେଲେ ଅଭୟ ଗୋସାଇଁ,
"ଯା କହିବ କହ ଫେଡ଼ି, କିଛି ଭୟ ନାହିଁ"
ବ୍ୟାଧ ବୋଲେ, "ଅବଧାନ କର ନରନାହା,
ଠିକେ କହୁଅଛି କର୍ଣ୍ଣେ ଶୁଣିଲି ମୁଁ ଯାହା,
ହସ୍ତିନାକୁ ଯାଇଥିଲି ତୃଣ କାଷ୍ଠପାଇଁ,
ଥିଲି ଭୀଷ୍ମ ତମ୍ବୁ ପାଶେ ନିଜକୁ ଲୁଚାଇ ;
ଏକାଳେ କୌରବନାଥ ପ୍ରବେଶି ଶିବିରେ
ସେନାପତିପଦେ ଭୀଷ୍ମେ ବରିଲେ ସାଦରେ,
ରାଜା ଆଗେ ବାକ୍ୟ ଦେଲେ ଭୀଷ୍ମବୀରମଣି,
"ଅପାଣ୍ଡବା କାଲି ମୁହିଁ କରିବି ଧରଣୀ !"
ପିତାମହ-ମୁଖେ ଶୁଣି ଏ ପ୍ରତିଜ୍ଞା ଗିର
ବାହୁଡ଼ିଲେ ହୃଷ୍ଟମନେ ରାଜା ସ୍ୱଶିବିର,
ସ୍ୱନେତ୍ରେ ଦେଖିଲି ସବୁ, ଶୁଣିଲି ଶ୍ରବଣେ,
ଯା ଦେଖିଲି, ଯା ଶୁଣିଲି କହିଲି ଚରଣେ,
ଛାର ମୁହିଁ, ବୁଦ୍ଧି ମୋର ହୋଇଗଲା ବଣା,
ଏଥିକି ଉପାୟ ଲୋଡ଼ା ହେଉ ବିଚାରଣା,
ଗୋବିନ୍ଦ ତୁମ୍ଭର ସାହା ବ୍ରହ୍ମାଣ୍ଡଠାକୁର,
କହିବେ ଅବଶ୍ୟ ଏଥି ଉପାୟ ପ୍ରଚୁର ।"
ଚରମୁଖୁଁ ଏହି ବାଣୀ ଶୁଣି ଯୁଧିଷ୍ଠିର
ଭ୍ରାତୃଗଣସହ ହେଲେ କମ୍ପିତଶରୀର,
ରମ୍ଭାପତ୍ର ପ୍ରାୟେ ତନୁ କମ୍ପିଲା ସଘନେ,
ଉଠିଲେ ସମାଜ ଛାଡ଼ି ଗୋବିନ୍ଦ ତକ୍ଷଣେ,
ବୋଇଲେ ଅର୍ଜୁନ, "କିଆଁ ଉଠିଲ ହେ ମିତ
ଅଧୀର ହେଉଛ କିମ୍ପା, ଏ ହା କି ଉଚିତ ?"

ଆମ୍ଭମାନଙ୍କ ପୂର୍ବପୁରୁଷ ମୃତ ହୃଦୟନାରାୟଣ ରାୟ-ଲିଖିତ ବଙ୍ଗଳା କାଶୀ ରାମଦାସୀୟ ମହାଭାରତର ଖଣ୍ଡିଏ ଅତି ପ୍ରାଚୀନ ପାଣ୍ଡୁଲେଖାର ଆଖ୍ୟାନ ଅବଲମ୍ବନରେ ଏହି 'ବାଣହରଣ' ପ୍ରସଙ୍ଗ ମତ୍‌କର୍ତ୍ତୃକ ସଙ୍କଳିତ ହୋଇଥିଲା ।

ରାଧାନାଥ ରାୟ

ବୋଇଲେ ଶ୍ରୀକୃଷ୍ଣ "ଶୁଣ ପାର୍ଥ ଧନୁର୍ଦ୍ଧର,
ଉତ୍ତମ ସେ କଥା ଯାହା କହିଲ ଏ ତର
ମାଗୁଣୀ ଏତିକି ମୋର, ହେ ଧର୍ମନୃପତି,
ବିଦା କର ଏଥି, ମୁହିଁ ଯିବି ଦ୍ୱାରାବତୀ ।"
କୃଷ୍ଣବାକ୍ୟ ଶୁଣି ରାଜା କରନ୍ତି ବିନୟ,
"ଯିବ ଯେବେ, କିଛୁକ୍ଷଣ ରହ, ଦୟାମୟ,
ଜଗତେ ବିଦିତ କୃଷ୍ଣ ପାଣ୍ଡବର ସାହା,
ପାଣ୍ଡବର ବଳ ବୁଦ୍ଧି ପାଣ୍ଡବର ନାହା,
ତୁମ୍ଭର ଭରସା, ନାଥ, ରଖିଥିଲି ମନେ,
ତଥିଁ ତୁମ୍ଭର ପ୍ରଭୁ, ବୁଝିବ କେସନେ ?
କୁରୁକ୍ଷେତ୍ରେ କାଲି ଯାଇ ହେବଟି ସମର,
ତାକୁ ଛାଡ଼ି ଆଜ ତୁମ୍ଭେ ଯିବ ନିଜ ଘର !"
ଭୀମ ବୋଲେ, "କୃଷ୍ଣ, ତୁମ୍ଭ ବଗୁର ଜଣତ
ବିସ୍ମୟ ଲାଗଇ ଦେଖି ତୁମ୍ଭର ଚରିତ !
ଅଳ୍ପ ବୁଦ୍ଧି ତୁମ୍ଭର ଖେଳଇ ମୁହିଁ ମନେ,
ଆସ ଆସ ବସ ଆସି ନିଜ ସିଂହାସନେ ।"
ଏହା କହି ଝିଙ୍କି ନେଇ କୃଷ୍ଣଙ୍କୁ ସବଳେ
ବସାଇ ଦେଲେକ ଭୀମ ପୁଣି ସଭାତଳେ,
ଦାରୁଣ ଦୁରନ୍ତ ବଳ ଧରଇ ପାବନି,
କମ୍ପିଲେ ତା ଝିଙ୍କା ପାଇ ପ୍ରଭୁ ଯଦୁମଣି,
କହନ୍ତି ନୃପଙ୍କୁ ଚାହିଁ ହାସ୍ୟମୁଖେ, "ଆହେ,
ଭୀମର ଏ ଦୁଷ୍ଟାପଣ ଦେଖିଲଟି ସ୍ୱୟେ ;
ମୋହଠାରେ ଲଭେ ଯାର ନାହିଁ ଅପରାଧ
ଆଜ ଜନେ କିବା କଥା କହିଲେ ଏ ବୋଧ"
କହନ୍ତି ନୃପତି କରି ବିନୟ ବହୁତ,
"ଭୀମର ଯେତେକ ଦୋଷ କ୍ଷମ ହେ ଅଚ୍ୟୁତ
ଦୁଷ୍ଟାପଣ ଭୀମର ସେ ନୁହଇ ନୂତନ,
ଏହା ଜାଣି କ୍ଷମ ତାକୁ, ହେ ମଧୁସୂଦନ !"
ଯୁଧିଷ୍ଠିର-ବାଣୀ ଶୁଣି କୃଷ୍ଣ ସହାସରେ
ସ୍ନେହ-ଆଲିଙ୍ଗନ ଦେଲେ ଭୀମଙ୍କୁ ସାଦରେ,
ବ୍ୟଗ୍ର ହୋଇ ବୋଇଲେ, 'ହେ ଧର୍ମନରପତି,
ଯାହାହେଉ, ଆଜ ମୁହିଁ ଯିବି ଦ୍ୱାରାବତୀ ।"
ଅନ୍ତରେ କହନ୍ତି ରାଏ, "ଆହେ ବନମାଳୀ,
କି ଗତି ଆମ୍ଭର ହେବ ତୁମ୍ଭେ ଗଲେ ଚାଲି !
ହେ ପ୍ରଭୁ, ଆରତତ୍ରାଣ ବ୍ରହ୍ମାଣ୍ଡ-କରତା,
ତୁମ୍ଭେ ଯେବେ ଛାଡ଼ିଯିବ, ସରିଲଟି କଥା !"
କହନ୍ତି ଶ୍ରୀକୃଷ୍ଣ, "ନାହିଁ ଉପାୟ ଏହାର,
ପାଣ୍ଡବର ମୁହିଁ, ଏହା ଜାଣଇ ସଂସାର,
ତୁମ୍ଭର ଗହଣେ, ରାଏ, ଯାପିଲି ଜୀବନ,
ଶତ୍ରୁମତେ କଲି ତୁମ୍ଭ ସଙ୍କଟ ଖଣ୍ଡନ,
ଏ ସଙ୍କଟୁ ଉଦ୍ଧାରିବା ଅସାଧ୍ୟ ମୋହର,
ତେଣୁ ଏ ବାସନା, ଏଥୁ ହୋଇବି ଅନ୍ତର,
ତ୍ରିଭୁବନେ ନାହିଁ ବୀର ଭୀଷ୍ମର ସମାନ,
ଭୀଷ୍ମ ଯା କହନ୍ତି କେବେ ନୋହିବଟି ଆନ,
ଇନ୍ଦ୍ର, ଚନ୍ଦ୍ର, ପବନ, ଶମନ, ଦେବପକ୍ଷ,
ଗନ୍ଧର୍ବ, କିନ୍ନର ସୁରାସୁର ଯକ୍ଷ ରକ୍ଷ,
ସମସ୍ତେ ଯୁଝନ୍ତି ଯେବେ ସହସ୍ର ବତ୍ସର,
ଭୀଷ୍ମେ ନ ପାରିବେ ଜିଣି କହୁଛି ନିକର,
ଭୀଷ୍ମର ପ୍ରତିଜ୍ଞା କଥା ସଂସାରେ ବିଦିତ,
ନିଜକୁ ସଂସାରସୁଖୁଁ କଲେ ଯେ ବଞ୍ଚିତ,
ପିତୃସୁଖ ଲାଗି ନିଜ ସୁଖେ ଜଳାଞ୍ଜଳି
ଦେଇ ଚିରକୁମାରର ବ୍ରତ ନେଲେ ବଳୀ,
ଯେ ପ୍ରତିଜ୍ଞା କଲେ ଭୀଷ୍ମ, କରେ ତା ପୂରଣ,
ଯେବେ ଯାହା କହେ, ତାହା ନ କରେ ଲଙ୍ଘନ
ମୁନିଗଣଠାରୁ ମୁହିଁ ଶୁଣିଛି ଆବର,
ତୁମ୍ଭ ବଧଲାଗି ଭୀଷ୍ମ ରଖିଛନ୍ତି ଶର,
ପାଇଲେ ସେ ଶର କାହୁଁ ମୋତେ ନାହିଁ ଜଣା,
ଭୀଷ୍ମର ପ୍ରତିଜ୍ଞା ଶୁଣି ବୁଦ୍ଧି ହେଲ ବଣା,
ସେହି ଶର ଯୋଗୁଁ ଭୀଷ୍ମ କରିଅଛି ପଣ,
ସେ ଶରେ ବଧିବ ପଞ୍ଚ ଭ୍ରାତାର ନିଧନ,
ଅମୋଘ ପ୍ରତିଜ୍ଞା ତାର ତେଣୁ ହେ ନୃପତି,
ବିଦା କର ଏଥି, ମୁହିଁ ଯିବି ଦ୍ୱାରାବତୀ,
ଯୁଦ୍ଧେ ପାଣ୍ଡବର କାଲି ମରଣ ନିଶ୍ଚିତ,
ନୟନେ ଦେଖିବା ମୋର ନୁହଇ ଉଚିତ,

"ତୁମ୍ଭଙ୍କୁ ରକ୍ଷିବ, ମୋର ଶକତି ତ ନାହିଁ
ବୃଥା ଏ ଶିବିରେ ଆଜ ରହିବ କିପାଇଁ ?"
ଏହା ଶୁଣି ସବିନୟେ ବୋଲେ ରାଜା ଧର୍ମ,
"ତୁମ୍ଭର ଅସାଧ୍ୟ ଯାହା ଅଦ୍ଭୁତ ସେ କର୍ମ,
ତୁମ୍ଭ ଯୋଗୁଁ ଯେ ଆପଦ ନୋହିବ କାରଣ,
ତହିଁ ବ୍ରହ୍ମା ଶିବ ଇନ୍ଦ୍ରେ ନ କର ଗଣନ;
ତେଣୁ ଏ ପ୍ରାର୍ଥନା ମୋର, ହେ ବ୍ରହ୍ମାଣ୍ଡସ୍ୱାମି,
କାଳପ୍ରାପ୍ତ ହେଲେ ଯେବେ ଆମ୍ଭେ ପାଞ୍ଚଭାଇ
ଜନ୍ମିଲେ ମରଣ ଧ୍ରୁବ ନୁହେଁ ଖଣ୍ଡିବାର,
ସେ ଭୟ ଆମ୍ଭର ନାହିଁ କୃପା-ପାରାବାର,
ଭୀଷ୍ମ-ଶରେ ଆମ୍ଭେ ଯେବେ ମରିବୁଁ ଗୋସାଇଁ
ତୁମ୍ଭେ କିମ୍ପା ଦ୍ୱାରାବତୀ ଯିବ ସେଥିପାଇଁ ?
କାଲି ଆମ୍ଭ ଆଗେ ଠିଆ ହେବ ରଣସ୍ଥଳେ,
ଶ୍ରୀମୁଖ ନ ଦେଖି ପ୍ରାଣ ତେଜିବୁଁ ସକଳେ,
ମୃତ୍ୟୁକାଳେ ତୁମ୍ଭଙ୍କୁ ଦେଖିବୁ ପାଞ୍ଚଭାଇ,
ଲଭିବୁ ପରମଗତି, ଆହେ ଭାବଗ୍ରାହୀ,
ଶ୍ରୀମୁଖପଙ୍କଜ ଦେଖି ଏ ପାପନୟନେ
ତେଜିବୁଁ ଜୀବନ ସର୍ବେ ଭୀଷ୍ମପ୍ରହରଣେ,
ଏ ସୁଖୁଁ ଆମ୍ଭଙ୍କୁ କିମ୍ପା କରିବ ବଞ୍ଚିତ ?
କୃପାବ୍ଧି, ଏହା କି କି ତୁମ୍ଭର ଉଚିତ?
ଯାଅ ହରି, ପାଣ୍ଡବର ଆଶା ନ ପୂରିଲା,
କୌରବର ଅହଙ୍କାର ଅଧିକେ ବଢ଼ିଲା,
ଯା କଲ କୌରବ ସବୁ ହେଲଟି ସଫଳ,
ଧନ୍ୟ ଭାଗ୍ୟବନ୍ତ ଧନ୍ୟ ଧନ୍ୟ ସେ କୌରବ,
ଧର୍ମ ତେଜି ଅଧର୍ମ ଆଚରେ ପଦେ ପଦେ
ବସାଇଲା ଧରାଧାମେ ଅଖିଳ ସମ୍ପଦେ,
ତୁମ୍ଭଯୋଗୁଁ ହେଉଅଛି ଏପରି ଲକ୍ଷଣ,
ତୁମ୍ଭେ କି ସବୁରି ହେତୁ, ନାହିଁ ହେତୁ ଆନ,
ଦୁଷ୍ଟଙ୍କ ଦଳନକାରୀ ଧର୍ମର ପାଳକ,
ଆତୁର ଜନଙ୍କୁ ତୁମ୍ଭେ କରଟି ତାରଣ,
ଦୁଷ୍ଟ ଜଗତେ କେହି ଯେବେ ଅଧର୍ମ ଆଚରେ
ନ୍ୟାୟମାର୍ଗ ଲଙ୍ଘି ସାଧୁଠାରେ ହିଂସା କରେ

କାହାରିକି କିଛି କହେ ନାହିଁ ସାଧୁ ନର;
ସାକ୍ଷୀ କରି କହେ 'ମୋର ଅଛନ୍ତି ଈଶ୍ୱର,
ନୀରବେ ସେ ସହନ୍ତି ଏ ସମସ୍ତ ପୀଡ଼ନ,
ମାତ୍ର ସବୁବେଳେ ଭାବେ ତୁମ୍ଭର ଚରଣ,
ପଦେ ପଦେ ଧର୍ମ ଧରେ ତୁମ୍ଭ ପାଦ ଆଶ୍ରି,
ତୁମ୍ଭର ଭକତ ସୁଦ୍ଧ ନତ କରୁଥାଇ,
ଏହି କି ତୁମ୍ଭର ନାଥ, ଈଶ୍ୱରଲକ୍ଷଣ ?
ଅଧର୍ମି-ଜନର କର ସମ୍ପଦ-ବର୍ଦ୍ଧନ !
ଅଧର୍ମୀର ସାହା ତୁମ୍ଭେ ଅଟ ଯେବେ, ହରି,
ଆଗୁ ଜଣା ଥିଲେ କହ ତୁଅନ୍ତା ଏପରି ?
ତୁମ୍ଭର ମହିମା କେ ବା ବୁଝିବାକୁ କ୍ଷମ ?
ଅନନ୍ତ ଭୁବନେ ତୁମ୍ଭ କର୍ମ ଅନୁପମ !
ଯାହାର ଇଚ୍ଛା ତାହା ତୁମ୍ଭେ କରୁଛ ସାଧନ,
ତ୍ରିଭୁବନେ ହର୍ତ୍ତାକର୍ତ୍ତା ଆତୁର-ରକ୍ଷଣ,
ଅଗ୍ନିକୁଣ୍ଡୁଁ ପ୍ରହ୍ଲାଦକୁ ରଖିଲ ଶ୍ରୀହରି,
କୃଷ୍ଣାଲଜ୍ଜା ନିବାରିଲ ବସ୍ତ୍ରଦାନ କରି,
ତୁମ୍ଭ ଯୋଗୁଁ ଜତୁଗୃହୁଁ ବଞ୍ଚିଲୁ ସରବେ,
ବନବାସ କଟାଇଲୁଁ ଅତୁଳ ବିଭବେ,
ଦୁର୍ବାସାଙ୍କ ଅଭିଶାପୁଁ ରଖିଲ ତକ୍ଷଣେ,
ରଖିଲ ଭୀମକୁ ବିଷ ଦେଲାରୁ କୌରବ,
ଏକଚକ୍ର ଗ୍ରାମେ ରକ୍ଷଃ ମୁଖୁଁ କଲ ପାର,
ପାଣ୍ଡବର ସଖା ମନ୍ତ୍ରୀ ତୁମ୍ଭେ, ଦଇତାରି,
ଅସାଧ୍ୟ ତୁମ୍ଭର ପୁଣି କି ଅଛି ଜଗତେ ?
ତେଣୁ ରକ୍ଷା କର, ନାଥ, ଡାକୁଛୁ ଆରତେ,
ଭୀଷ୍ମଶରୁ ଉଦ୍ଧାର ହେ ବ୍ରହ୍ମାଣ୍ଡ ଠାକୁର,
କୃପା-ଅକୂପାର ନାମ ଘୋଷୁ ଚରାଚର ।"
ଭୀମ କହେ "ଆହେ ହରି, ତୁମ୍ଭର ଭଆଣ
ଦେଖି ବିସ୍ମୟରେ ମୁହିଁ ହେଲି ହତଜ୍ଞାନ,
ଆମ୍ଭେ ପାଞ୍ଚଭାଇ, ପ୍ରଭୁ, ତ୍ରିଭୁବନଜେତା,
ଧର୍ମବନ୍ତ ଧର୍ମପୁତ୍ର ଯାହାଙ୍କର ନେତା,
ଯା'ର ଧର୍ମବଳଯୋଗୁଁ ସବୁଟି କୁଶଳ,
ତୋଳିତ ସ୍ୱାମୀ କରିଦେଲ ଯେଉଁ ଧର୍ମରାଜ,

ଯାଅ ଗୃହ ଯେବେ ଇଚ୍ଛା କର ତୁ ଗମନ,
ଧର୍ମ ତ ଆମ୍ଭର ଯିବ ନାହିଁ, ନାରାୟଣ,
ଜାଣିଅଛୁ ଆଣପଣ ଗଙ୍ଗାର କୁମାର,
କାଲି ରଣେ ପାଣ୍ଡବଙ୍କୁ କରିବ ସଂହାର,
କୋଟିଭୀଷ୍ମ ଅସେ ଯେବେ,କୋଟିଦୁର୍ଯ୍ୟୋଧନ,
କୋଟି କର୍ଣ୍ଣ, କୋଟି ଶଲ୍ୟ, କୋଟି ଗୁରୁଦ୍ରୋଣ
ମିଶନ୍ତି ସେ ପକ୍ଷେ ଯେବେ ଅମର ସକଳେ,
ତୁମ୍ଭେମାନଙ୍କେ ଯାଇ ଯେବେ ମିଶ ସେହିଦଳେ
ଧର୍ମକୁ ଅଛୁତେ ଥୋଇ ଆମ୍ଭେ ପାଞ୍ଚଭାଇ
ତୁମ୍ଭ ନାମ ସ୍ମରି ଯିବୁଁ ସମରେ, ଗୋସାଇଁ,
ତୁମ୍ଭ ନାମ ଧର୍ମବଳେ ନିଶ୍ଚେ ହେବୁଁ ଜୟୀ,
"ସ୍ୱନେତ୍ରେ ଦେଖିବ ସବୁ ରଣସ୍ଥଳେ ରହି,
ଲଭ ମାତୃନାହିଁ, ବସିଅଛୁ ପୋତି ମଥା,
ତୁମ୍ଭର ଏ ସୃଷ୍ଟି, ତୁମ୍ଭେ ବ୍ରହ୍ମାଣ୍ଡ-କରତା !
ସେ ଭକ୍ତେ ତୁମ୍ଭଙ୍କୁ ତାକୁ ଦୁଃଖ ଦେଲେ ଆଣି
ଜଗତପାବନ ନାମ କିମ୍ପା ନେବେ ପ୍ରାଣୀ ?"
କହନ୍ତି ଅର୍ଜୁନ, "ଶୁଣ ଆହେ ନାରାୟଣ,
ବୃଥା ବାକ୍ୟବ୍ୟୟେ ପ୍ରଭୁ କେଉଁ ପ୍ରୟୋଜନ ?
ଯାଳଗ ହୋଇଛୁ ତୁମ୍ଭ ଅବତାର ଭବେ,
ତୁମ୍ଭ ଆଜ୍ଞାବର୍ତ୍ତୀ ହୋଇ ଆସିଛୁଁ ସରବେ,
ତୁମ୍ଭେ ଜାଣ,ଆମ୍ଭେ ପୁଣି ଜାଣୁ ସେହି କଥା,
ବିଧାତାଭଆଣ କେବେ ନୋହିବ ଅନ୍ୟଥା,
ବୃଥାରେ କହୁଅଛ କିମ୍ପା ଏପରି ଅଥୟ ?
ଭୀଷ୍ମପଣ କହି କିମ୍ପା ଦେଖାଉଛ ଭୟ ?
ଭୀଷ୍ମପଣ ଶୁଣି, ପ୍ରଭୁ, ହୋଇ ଏତେ ସର ।
ତୋ କୃପାରେ ଦାସ ତୋର ସବୁ ପାରେ କରି,
ପିତାମହଠାରେ, ନାଥ, ଅଛି ଯେଉଁ ଶର, !
ତହିଁରେ ମୁଁ ଚ୍ଛେଦନ କାଲି ତୁମ୍ଭର ଆଗରୁ
ଏହି ଭୟେ ଘର ଯିବ ଆମ୍ଭଙ୍କୁ ବର୍ଜନ,
ବାଳକର କ୍ରୀଡ଼ା ପ୍ରାୟେ ତୁମ୍ଭ ଆଚରଣ !
କାଲି ଯାର ପ୍ରଥମ ସଂଗ୍ରାମ ଉପସ୍ଥିତ,
ତା ପୂର୍ବ ଏ ବାକ୍ୟ ତୋର ଅଟଇ କି ଉଚିତ ?

କିପାଁ କରାଇଲ ତେବେ ଯୁଦ୍ଧ ଆୟୋଜନ ?
କିପାଁ କରାଇଲ ତେବେ ସୈନ୍ୟର ବରଣ ?
ନାରାୟଣୀ ସେନା କିପାଁ ଦେଲ ଦୁର୍ଯ୍ୟୋଧନେ ?
ମୋର ହସ୍ତେ ନାଶ ହେବ କହିଲ ଆପଣେ
ଆଦ୍ୟ ଭେଟକାଳେ ଯାହା କହିଥିଲ, ହରି,
ଭୀଷ୍ମପଣ ଶୁଣି ସବୁ ଗଲ କି ପାସୋରି ?
ଈଶ୍ୱରଙ୍କ କଥା କିବା ଏମନ୍ତ ଟଳେ ?
ତୁମ୍ଭ ଲୀଳା ଦେଖି ଆଜ ବିସ୍ମିତ ସକଳେ
ତଦନ୍ତରେ ସହଦେବ କହନ୍ତି ବଚନ,
"ଅବଧାନ ହେଉ ପ୍ରଭୁ ଶ୍ରୀମଧୁସୂଦନ,
ବିଷବୃକ୍ଷ ହୁଏ ଯେବେ ସ୍ୱହସ୍ତରୋପିତ,
ଚ୍ଛେଦନର ଯୋଗ୍ୟ ତାହା ନୋହେ କଦାଚିତ"
ଅଶ୍ରୁସିକ୍ତ ମୁଖେ ତହୁଁ କହନ୍ତି ନକୁଳ,
"ଏ ଘୋର ସଙ୍କଟେ ନାଥ,ହୁଅ ଅନୁକୂଳ ।"
କହନ୍ତି ଦ୍ରୌପଦୀ,"କୃଷ୍ଣ, ଗୁହଁ ଟେକ ମଥା,
କେଉଁ ଜନ୍ମ ଶିଖିଲ ହେ ଏତେ ନିଷ୍ଠୁରତା
ବହୁବନେ ଖ୍ୟାତ ତୁମ୍ଭେ ପାଣ୍ଡବର ସାହା,
ଧର୍ମ କର୍ମ ବଳ ବୁଦ୍ଧି ତୁମ୍ଭେ ମାତ୍ର ନାହା,
କେତେ କେତେ ସଙ୍କଟରୁ କଲ ପ୍ରଭୁ ପାର,
ଦୁର୍ବାସାଙ୍କ ଭୟେ ରକ୍ଷା କଲ, ଦାନବାରି,
ଉଦ୍ଧାରିଲ ଜୟଦ୍ରଥ-ହସ୍ତୁଁ ମୋତେ ହେଲେ
ବଞ୍ଚାଇଲ କୀଚକର ଆକ୍ରମଣବେଳେ,
ଶାନ୍ତିପଥ ଋଷିଙ୍କର ଆଶ୍ରମେ ମୋ ପ୍ରାଣ,
ବଞ୍ଚାଇଲ ଦୟା କରି ଆହେ ଭଗବାନ,
ଖାଣ୍ଡବଦହନ ପରେ ପାର୍ଥସଙ୍ଗେ ଆସି,
କହିଥିଲ ଯାହା ମନେ ରଖିଛି ଏ ଦାସୀ,
କହିଥିଲ ଏ ଯୁଦ୍ଧର ତୁମେ ଏକା ମୂଳ,
ତୁମ୍ଭ ଯୋଗୁଁ ଦର୍ପିଦର୍ପ ହୋଇବ ନିର୍ମୂଳ,
ତୁମ୍ଭ ଯୋଗେ ହେବ ଏହି କୁରୁକୁଳ ଧ୍ୱଂସ,
ତୁମ୍ଭ ଯୋଗେ ଯଦୁକୁଳ ହୋଇବ ନିର୍ବଂଶ,
ଭୂଭାର-ହରଣ ଲାଗି ତୁମେ ଜଗତରେ
ଅବତୀର୍ଣ୍ଣ, ଏହା ମୁହିଁ ଜାଣିଅଛି ଭଲେ,

ତୁମ୍ଭ ସଙ୍ଗେ ଅବତୀର୍ଣ୍ଣ ଈଶ୍ୱରର ରୂପେ,
ପାଶୋରି ଥିଲି ମୁଁହିଁ, ଏହା କହିଲ ସ୍ୱରୂପେ,
ବିପରୀତ କଥା ଏବେ କହ କେଉଁ ହେତୁ ?
ଧର୍ମର ପାଳକ ପରା ତୁମ୍ଭେ ଧର୍ମସେତୁ !
ଅନନ୍ତ ତୁମ୍ଭର ଲୀଳା ଅଗାଧ ସମୁଦ୍ର,
ତହିଁ କେ ପଶିବ କହ ହୋଇ ଜୀବ କ୍ଷୁଦ୍ର !
ହେଲି ତ ଉଦାର ଥରେ, ମେଣ୍ଟିଲି ବାସନା,
ଏବେ ବସି କର, ପ୍ରଭୁ, ଉପାୟ ସର୍ଜନା,
ଅସ୍ତ୍ରଗଲେ ରବି, ମୁହିଁ କରିବି ରନ୍ଧନ,
ଉପାୟ ସରଜି ଆସ କରିବ ଭୋଜନ,
ଅଶେଷ ସ୍ତୁତିରେ ଜାଣ, ଆହେ ନନ୍ଦବାଳ,
ବିଶେଷରେ ନାମ ପୁଣି ତୁମ୍ଭର ଗୋପାଳ !"
ହରିଙ୍କି ଏ ରୂପେ ଭାଷି ପରିହାସବାଣୀ
ହସନ୍ତି ବଦନେ ବସ୍ତ୍ର ଦେଇ ପାଟରାଣୀ ।
ତଦନ୍ତେ କହନ୍ତି ବାଣୀ ପାଣ୍ଡୁକୁଳରାଣ,
"ଯେ ଇଚ୍ଛା ତୁମ୍ଭର ତାହା ହେଉ ଭଗବାନ,
ନିଶ୍ଚେ ମୁଁ ଜାଣିଲି ଏବେ, ଆହେ ଦ୍ୱାରକାନ୍ଥ
ଭୀଷ୍ମଣରେ ପାଣ୍ଡବର କାଲି ରକ୍ଷା ନାହିଁ,
ସତେ କି ଆମ୍ଭଙ୍କୁ ତେବେ ତେଜିଲ ହେ ନାଥ ?
ତୁମ୍ଭେ ନାଥ ଥାଉଁ ଆମ୍ଭେ ହେଲୁ କି ଅନାଥ ?
ସ୍ୱପନେ ନ ଭାଳିଥିଲି କରିବ ଏସନ,
ଏ ତୁମ୍ଭର ନୁହେ, ହରି, ଈଶ୍ୱରଲକ୍ଷଣ !
କୃପା-ଅକୂପାରୁ ବିନ୍ଦୁମାତ୍ର କୃପାପାଇଁ
ହୁଅି କି କୃପଣ ହେଲ ବ୍ରହ୍ମାଣ୍ଡ ଗୋସାଇଁ ?
ପାଣ୍ଡବଙ୍କୁ ସତେ ପ୍ରଭୁ, କଲ କି ନିରାଶ ?
ଚିରଦିନ ଆଶା କଲ ସମୂଳେ ବିନାଶ !
କୁନ୍ତୀଙ୍କ ମାଗୁଣି ପ୍ରଭୁ, ନ ସ୍ମରିଲ ଛଳେ,
ପାଞ୍ଚଭାଇ ତୁମ୍ଭ ହାତେ ସମର୍ପି ଯେ ଥିଲେ,
ଗୁରୁଜନବାକ୍ୟ ପ୍ରଭୁ ନ ଘେନିଲ ମନେ,
ନିଶ୍ଚିନ୍ତ ଯେ ଥିଲେ ତୁମ୍ଭ ଆଶ୍ୱାସବଚନେ,
ଜନନୀ କୁନ୍ତୀଙ୍କ ବାଣୀ ଶିରୋଧାର୍ଯ୍ୟ କରି,
ଅଭୟ ତ ଦେଇଥିଲ ପାଣ୍ଡବଙ୍କୁ, ହରି

କେଉଁ ବେଳପାଇଁ ଦେଇଥିଲ ସେ ଅଭୟ ?
ଏ ଆତଙ୍କେ ଛାଡ଼ ଯେବେ ଯିବ କୃପାମୟ !
ତୁମ୍ଭେ ଛାଡ଼ିଗଲେ ସର୍ବେ ଗଲୁ ଅକୂଳେ
ସକଳ ଭରସା ତୁଟି ଗଲାଟି ସମୂଳେ !'
କୃଷ୍ଣେ ଚାହିଁ ନରପତି ଭାଷିଲେ ଏସନ,
ଲୋତକେ ପୂରିତ ହେଲା ଯୁଗଳ ନୟନ,
କହେ ଭୀମ, "ମହାରାଜ, ଶୁଣ ମୋର ବାଣୀ
ଯେତେକ ଅନର୍ଥ ତୁମ୍ଭେ ଘଟାଇଲ ଆଣି,
ତୁମ୍ଭେ କହ, କରେଁ ମୁହିଁ ଧର୍ମ ଆଚରଣ,
ଧର୍ମତେକେ ଭୁଆଇବ ଶତ୍ରୁଙ୍କ ନିଧନ,
ଧର୍ମଯୋଗୁଁ ଚିର ସଖା ମୋହର କେଶବ,
ରଣେ ଭୁଆଇବେ ସେହୁ ଶତ୍ରୁ ପରାଭବ,
ବୃଥା ହେଲା ସବୁ ଆଶା, ଧର୍ମ ଆଚରଣେ;
ଯେ ଫଳ ଫଳିଲା ତାହା ଦେଖିଲ ଆପଣେ ।
କୃଷ୍ଣଙ୍କୁ ନିଜର ଭାବି ସମୁଚିତ ଫଳ
ଲଭିଲ, ଅମୃତୁଁ ଜାତ ହେଲାଟି ଗରଳ,
ସ୍ତୁତି ପଦେ ପଦେ ତୁମ୍ଭ ଆଶା ପୂର୍ଣ୍ଣ କରି
ବୁଡ଼ାଇଲେ ଭେଳା ଏବେ ସିନ୍ଧୁମଧ୍ୟେ ହରି,
ସବୁବେଳେ ଥିଲା, ରାଜା, ଧର୍ମ ତୁମ୍ଭ ଲକ୍ଷ୍ୟ
ଧର୍ମର ଯେ ଫଳ ତାହା ହେଲାଟି ପ୍ରତ୍ୟକ୍ଷ ।
ଆଉ କି କହିବି ମୁହିଁ, ଶୁଣ ନରପତି,
ଯେତେ ଆଶା ବାନ୍ଧିଥିଲ ହୃଦେ ହରି ପ୍ରତି,
ଏବେ ତ ଜାଣିଲ ସେହୁ ପ୍ରିୟବନ୍ଧୁ-କର୍ମ
ବହୁତ ଭରସା କରିଥିଲ, ଆହେ ଧର୍ମ,
ହେ କପଟି, କର ଆଉ ଭରସା କାହାର ?
ନିଜ ବାହୁବଳେ କର କୌରବ-ସଂହାର,
ଲକ୍ଷ ରାଜା ପରାଜିଲ କୃଷ୍ଣା ସ୍ୱୟମ୍ବରେ,
ଭଦ୍ରା ଲାଗି ଯଦୁସେନା ଦଳିଲ ସମରେ,
ଦେବଗଣ ଜିଣି କଲ ଖାଣ୍ଡବ ଦହନ,
ବାହୁଯୁଦ୍ଧେ ତୁଷ୍ଟ କଲ ଦେବ ତ୍ରିଲୋଚନ,
ନିବାତକବଚ ନାଶି ତୋଷିଲ ବାସବେ,
ଗୋଗ୍ରହେ ଜିଣିଲ କୁରୁବାହିନୀ ଆହବେ,

ଗାଣ୍ଡିବର ହସ୍ତୁଁ ମୁକ୍ତ ଭଲ ଦୁର୍ଯ୍ୟୋଧନ,
ଏବେ ସେ ସଂଗ୍ରାମରେ କରି ସସୈନ୍ୟେ ନିଧନ
ଯୁଧିଷ୍ଠିରେ ରାଜଛତ୍ର ଦିଅ ଏବେ, ଭାଇ,
ବନ୍ଧୁ ବାନ୍ଧବର ଆଉ ଆଶା ରଖ ନାହିଁ,
ଭୀଷ୍ମର ପ୍ରତିଜ୍ଞା, ମହୀ ହେବ ଅପାଣ୍ଡବା,
ତୁମ୍ଭେ, ଭାଇ କାଲି ମହୀ କର ଅକୌରବା
ଆସିଛନ୍ତି ତୁଚ୍ଛ ଯେତେ ଯେତେ ରାଜାଗଣ
ସମସ୍ତଙ୍କୁ ବିଦାକରି ଦିଅ ଏହିକ୍ଷଣ,
ପର କେଉଁକାଳେ ଭାଇ ହୁଏ କି ନିଜର ?
ସବୁକାଳେ ଜଣା ଏହା ଯେ ପର ସେ ପର
ଗାଣ୍ଡୀବ କୋଦଣ୍ଡ ତୋର, ଅକ୍ଷୟ ଯେ ତୂଣ
କାଲି ରଣେ କର ଭାଇ ଭୀଷ୍ମପଣ ଚୂର୍ଣ୍ଣ ।"
କହୁଁ କହୁଁ ଭୀମ ଶେଷେ ହେଲେକ ଅସ୍ଥିର
ଚକ୍ଷୁ ଠାରି ନିବାରିଲେ ତାଙ୍କୁ ଯୁଧିଷ୍ଠିର,
"ଧୈର୍ଯ୍ୟଧର, ବୀର ଏହା ନୋହେ କ୍ରୋଧକାଳ
ସାଧୁ ଯେ ସେ କ୍ରୋଧବଶେ ହୁଅଇ ଚଣ୍ଡାଳ
ଏହିପରି ଆମ୍ଭେ ଯେବେ ହେବୁଟି ନିଧନ
ଅକାରଣେ ହେବ ସିନା ଧର୍ମ-ଆଚରଣ !
ଦେଖ କରୁଛନ୍ତି ହରି ଏଥି କି ମନ୍ତ୍ରଣା,
ଆମ୍ଭର ଧର୍ମର ତେଜ ଯହୁଁ ଯିବ ଜଣା,
ନିତାନ୍ତ ଆମ୍ଭଙ୍କୁ ଯେବେ ଛାଡ଼ନ୍ତି ଶ୍ରୀପତି
ଧର୍ମବଳେ ଅକୌରବା କରି ବସୁମତୀ,
ଶ୍ରୀହରିଙ୍କ ମହିମା ନ ଜାଣ ବୃକୋଦର,
କର୍ମାର୍ଜିତ ଫଳ ପ୍ରଭୁ ଦିଅନ୍ତି ନିକର ।"
ଏହାକହି ନରପତି କୃଷ୍ଣେ କଲେ ସ୍ତବ
"ଆରତଭଞ୍ଜନ ପ୍ରଭୁ ରଖ ହେ ମାଧବ !
ତୁମ୍ଭର ସୃଜନ ଦେବ ଏ ତିନି ଭୁବନ
ସତ୍ତ୍ୱ ରଜଃ ତମଃ ଗୁଣ ଧରି ନାରାୟଣ
ତୁମ୍ଭେ ବ୍ରହ୍ମା ତୁମ୍ଭେ ଶିବ, ଆଖଣ୍ଡଳ ତୁମ୍ଭେ
ତୁମ୍ଭେ ରବି, ତୁମ୍ଭେ ଶଶୀ ବୃନ୍ଦାରକଦଳ
ଅନନ୍ତ ଶକତି ଧରି ବ୍ୟାପିଲ ନିରତେ
ଶକତି ତୁମ୍ଭର ଭୂତେ ଭବ୍ୟେ ଭବିଷ୍ୟତେ
ତୁମ୍ଭେ ଆଦିମୂଳ, ନାଥ, ଜଗତ-କରତା,
ବେଦ ଶାସ୍ତ୍ର ତୁମ୍ଭେ, ସଭିଙ୍କ ଭରତା
ମୋହପରି ଭାଗ୍ୟଧର କେ ବା ତ୍ରିଜଗତେ,
ସାହା ହୋଇ ସଙ୍ଗେ ଯାର ଫେର ଅବିରତେ
ଯାହାଙ୍କୁ ଭଜନ୍ତି ଯୋଗୀ ଋଷି ଅବିରାମ,
ପଞ୍ଚାନନେ ପଞ୍ଚାନନ ରଟନ୍ତି ଯା ନାମ,
ଚତୁର୍ମୁଖେ ବିରଞ୍ଚି, ସହସ୍ର ମୁଖେ ଶେଷ,
ଗାଇ ନ ପାରନ୍ତି ଯାର ମହିମାର ଲେଶ,
ପାଣ୍ଡବର ପତି ତୁମ୍ଭେ ତ୍ରିଭୁବନେ ଖ୍ୟାତ,
ସଙ୍କଟୁ ତାରିଲ କେତେଥର ଜଗନ୍ନାଥ,
ଭୀଷ୍ମର ବାଣର କଥା ଶୁଣି ଦେହ ଥରେ
ଅରକ୍ଷରକ୍ଷଣ ତୁହି କୃପା କଟାକ୍ଷରେ,
ଭୀଷ୍ମ-ଶରେ ପାଞ୍ଚ ଭାଇ ହେବୁଁ ଯେବେ ନାଶ
ତୁମ୍ଭ ଅପଯଶ ହେବ ଭୁବନେ ପ୍ରକାଶ !
ତୁମ୍ଭର ଆଶ୍ରିତ, ନାଥ ଏହି ପଞ୍ଚପ୍ରାଣୀ,
ଶରଣ ସମ୍ଭାଳ, ଆହେ ପ୍ରଭୁ ଚକ୍ରପାଣି !"
ଏହିରୂପେ ସ୍ତବ ଯହୁଁ କଲେ ଯୁଧିଷ୍ଠିର,
ବୋଇଲେ ପ୍ରସନ୍ନ ମୁଖେ ପ୍ରଭୁ ଯଦୁବୀର,
"ବୃଥା ଚିନ୍ତା କି କାରଣେ କର ହେ ରାଜନ,
ଯଥା ମୁହିଁ, ସେହିପରି ତୁମ୍ଭେ ପାଞ୍ଚ ଜଣ,
ତୁମ୍ଭଙ୍କୁ ବଧିବ ଏତେ ଶକତି କାହାର ?
ଥାଉ ଆନ, ବ୍ରହ୍ମା ଶିବେ ନାହିଁ ଅଧିକାର ;
ଏଥି କେଉଁ ତୁଚ୍ଛ ପୁଣି ଗଙ୍ଗାର ନନ୍ଦନ !
କେଉଁ ତୁଚ୍ଛ ବାଣେ ପୁଣି କରିବ ନିଧନ !
ତ୍ରିଲୋକବିଜୟୀ ଅଟ ତୁମ୍ଭେ ପାଞ୍ଚ ଭାଇ,
ତୁମ୍ଭମାନଙ୍କର ମୃତ୍ୟୁ ଧରଣୀରେ ନାହିଁ,
ଯାବତ ତୁମ୍ଭର ଶତ୍ରୁ ନୋହିବ ନିଧନ,
ଯାବତ ତୁମ୍ଭର ରାଜ୍ୟ ନ ଲଭ, ରାଜନ,
ଯାବତ ତୁମ୍ଭଙ୍କୁ ଘେନି ବୈକୁଣ୍ଠେ ନ ଯିବ,
ତାବତ ନିଶ୍ଚିନ୍ତ ମୁହିଁ କେବେ ନ ହୋଇବି,
ତୁମ୍ଭେ ପାଞ୍ଚ ଭାଇ ମୋର ରତ୍ନ ଧରଣୀରେ,
ଚିନ୍ତା ଛାଡ଼ିଦିଅ ମୋର ଏ ଅଭୟ ଗିରେ ।"

ଏହା କହି ମହାଦରେ ଦେବକୀ-ନନ୍ଦନ,
ଶ୍ରୀଭୁଜେ ଧର୍ମଙ୍କୁ ଦେଲେ ପ୍ରେମଆଲିଙ୍ଗନ,
ଆଲିଙ୍ଗିଲେ ଭୀମାର୍ଜୁନ ମାଦ୍ରୀସୁତଦ୍ୱୟେ,
ବହିଲା ଉଲ୍ଲାସ-ସ୍ରୋତ ପାଣ୍ଡବହୃଦୟେ,
ପୁଲକେ ପୂରିତ ହୋଇ ପ୍ରଫୁଲ୍ଲ ସକଳେ
ବସନ ଭୂଷଣ ଛିନ୍ନ ଗଲା ତନୁ ଫୁଲେ,
ଜଡ଼ ହୃଦ ହୋଇଗଲା ହରଷେ ତରଳ
ସଭାତଳେ ପଡ଼ିଗଲା ଆନନ୍ଦକଲ୍ଲୋଳ,
କହନ୍ତି ଅର୍ଜୁନେ ଚୁମ୍ବି ବ୍ରହ୍ମାଣ୍ଡ ଗୋସାଇଁ,
“ମାୟାଦୁର୍ଯ୍ୟୋଧନ-ବେଶେ ଭୀଷ୍ମ ପାଶେ ଯାଇ
ଛଳି ତାଙ୍କୁ ଏଥୁ ବେଗେ ଆଣ ପଞ୍ଚ ବାଣ,
ଏକମାତ୍ର ଏହି ପରିତ୍ରାଣର ବିଧାନ;
ମାୟା-ଦୁର୍ଯ୍ୟୋଧନ-ବେଶ ରଚନା କଠିନ
ନୁହଇ ମୁକୁଟ ତାର ହେଲେ କରାଧୀନ
ଅତୁଳ ରତନେ ଗଢ଼ା ସେ ମୁକୁଟ ଭବେ
ସେ ମୁକୁଟ ମାଗ ଯାଇ ସଖାଙ୍କ କୌରବେ ;
ନାହିଁ କି ସ୍ମରଣ, ବୀର, ଯେବେ କାମ୍ୟବନେ
ସ୍ତ୍ରୀଗଣ ସହିତେ ବାନ୍ଧି ନେଇ ଦୁର୍ଯ୍ୟୋଧନେ
ଯାଉଥିଲା ଚିତ୍ରସେନ ଧର୍ମ ଆଜ୍ଞା ପାଇ
ନାଗଗଣ ସହ ତାଙ୍କୁ ଥିଲ ମୁକୁଳାଇ
ପ୍ରୀତହୋଇ ଦୁର୍ଯ୍ୟୋଧନ ଯାଚିଥିଲେ ବର
ପ୍ରୟୋଜନ ବେଳେ ନେବ, କହିଲ ଉତ୍ତର
ସେହି ବର ଫଳେ ଆଜି କୁରୁପତି ଠାରୁ
ସେ ମୁକୁଟ ମାଗିନେଇ କୌରବସଭାରୁ
ଯାଇ ଦୁର୍ଯ୍ୟୋଧନବେଶେ ଭେଟ ଭୀଷ୍ମଙ୍କରେ
ଯା କରିବ କର ଭାଇ ଆଜି ରଜନୀରେ
ଛଳ ଭୀଷ୍ମେ ଆଣ ସେହି ପଞ୍ଚ ମୃତ୍ୟୁଶର,
ଆନର ଅସାଧ୍ୟ ଯାହା ସାଧ୍ୟ ସେ ତୁମ୍ଭର ;
ଯତ୍ନେ ଯତ୍ନେ ଯିବ ମୁହିଁ ତୁମ୍ଭର ସହିତେ ।”
ସବୁ ବାଧା ବିପତ୍ତିକୁ ଦଳିବି ଚରଣେ ।
କେଳି ସଖା ମନେ ପାଞ୍ଚି ଏ ମନ୍ତ୍ରଣା ସାର
ଧର୍ମଙ୍କୁ ପ୍ରଣମି ହେଲେ ଶିବିରୁ ବାହାର ।

—*—

## ଦ୍ୱିତୀୟ ସର୍ଗ

—*—

ହସ୍ତିନାରେ ସଭାତଳେ କୌରବନୃପତି
ବିରାଜନ୍ତି, ସଙ୍ଗେ ସଖା କର୍ଣ୍ଣ ମହାମତି,
ଅନେକଶତ ଭ୍ରାତା ସଙ୍ଗେ ଜୟଦ୍ରଥ ବୀର,
ନିମନ୍ତ୍ରିତ ଆଉ ଯେତେ ରାଜନ୍ୟପ୍ରବର
ନାନାରଙ୍ଗେ ଗଳ୍ପାମୋଦେ ପ୍ରମତ୍ତ ସରବେ
କମ୍ପ୍ର ଅଛି ସଭାସ୍ଥଳୀ ହର୍ଷ କଳରବେ
ସମସ୍ତଙ୍କୁ କୁରୁନାଥ ଦିଅନ୍ତି ଅଭୟ —
ଶତ୍ରୁମନେ କର ସର୍ବେ ମୋର ଶତ୍ରୁକ୍ଷୟ ।
ଆଗନ୍ତୁକେ ଲଭୁଛନ୍ତି ଯୋଗ୍ୟ ସମାଦର
ଯୋଗାନ୍ତି ନିରତେ ଭକ୍ଷ୍ୟ ପ୍ରେୟ ଅନୁଚର
ଆସନ ବସନ ଶଯ୍ୟାଆଦି ଉପାୟନ
ଲଭୁଛନ୍ତି ମନୋମତ ସୈନ୍ୟେ ଅନୁକ୍ଷଣ
ମହାହର୍ଷେ ମତ୍ତ ଆଜି କୌରବଭୂପତି
ପାଶେ ମିତ୍ର ବସିଛନ୍ତି ବେଢ଼ି ଚଉଦିଗ
ସେନାପତି ହେବେ କାଲି ଗଙ୍ଗାର କୁମାର
ନିଶ୍ଚେ ରଣେ ଶତ୍ରୁ ହେବ ସମୂଳେ ସଂହାର
ଥାଏ ଯେବେ ସେହି ଶର ଭୀଷ୍ମର ସଦନେ
ମାତ୍ର ହରି ପଶିପାରେ ସମସ୍ତଙ୍କ ମନେ
କେଜାଣି ସେ ବାଣ ଯେବେ ହରଇ କୌଶଳେ
ଅସାଧ୍ୟ ସେ ମାୟାବୀର କିବା ଭବତଳେ
ଭାଳନ୍ତି ଏସନ ମନେ ରାଜା ଦୁର୍ଯ୍ୟୋଧନ
ତାଙ୍କୁ ଚିନ୍ତାମଗ୍ନ ଦେଖି ରବିଙ୍କ ନନ୍ଦନ
ବୋଇଲେ ହେ ରାଏ କିପାଁ ଅଛ ମୂକବତ ?
ଏ କାଳେ ଏ ଭାବ, ଏହା ନୁହଇ ସୁଚିତ

ବିଧାତା-ବିଧାନ କେବେ ନୋହୁବଟି ଆନ
ଏହା ଜାଣି ବୃଥା ଚିନ୍ତା ତ୍ୟଜ, ନରମଣି,
ତ୍ରିଭୁବନବିଜୟୀ ତୁମ୍ଭେ କଲେ ମହାବଳୀ,
ନିଜ ତେଜେ ଶତ୍ରୁକୁଳ ଦେଉଅଛ ଦଳି,
ଅଳ୍ପମତେ ତୁମ୍ଭ ଲାଗି ଯୁଝିବି ମୁଁ ରଣେ ।"
ଉତ୍ତରିଲେ ଦୁର୍ଯ୍ୟୋଧନ କର୍ଣ୍ଣର ବଚନେ,
"ଶୁଣ ମିତ୍ର କର୍ଣ୍ଣବୀର ଅଙ୍ଗଦେଶପତି,
କି ଲାଗି ଚିନ୍ତାରେ ମୁହିଁ ମଗନ ସମ୍ପ୍ରତି ।"
କର୍ଣ୍ଣ-କର୍ଣ୍ଣେ ମୁଖ ଦେଇ ଭୀଷ୍ମଙ୍କର ପଣ
କହି ଜଣାଇଲେ ସବୁ ଗାନ୍ଧାରୀ-ନନ୍ଦନ ।
ହସି କହେ କର୍ଣ୍ଣ, "କିପାଁ ଆଜ, ନରବର,
ଚିନ୍ତାକୁ ବୃଥାରେ ସ୍ଥାନ ଦେଉଅଛ ମନର ?
ଖଣ୍ଡିଲା ଅରିଷ୍ଟ ସେତେ, ଯାବତ ଜୀଇଁଲ,
ନିବରୋଧେ ମହୀ ଭୋଗ କର ମହୀପାଳ ।"
ବୋଲନ୍ତି ନୃପତି, "ସଖା, କର ଅବଧାନ,
ଭୀଷ୍ମର ପ୍ରତିଜ୍ଞାବାଣୀ ନୋହିବଟି ଆନ,
ମାତ୍ର ପଞ୍ଚ ପାଣ୍ଡବ ଯେ ପୃଥିବୀର ରତ୍ନ,
ରତ୍ନଲାଭ ଲାଗି ଲୋକେ କରନ୍ତିଟି ଯତ୍ନ ;
ମୁହିଁ ସେ ତାଙ୍କର ବୈରୀ ହେଲି ଏ ଜଗତେ
ମୁହିଁ ହେଲି ବ୍ରତୀ ସେହି ରତ୍ନଧ୍ୱଂସ-ବ୍ରତେ ;
ତେଣୁ କହୁଅଛି ଆହେ ଆଦିତ୍ୟ-କୁମାର,
କାଲି ନିଶ୍ଚେ ରଣେ ହେବ ପାଣ୍ଡବସଂହାର,
ମୁଁ କିସ କରିବି ଆଉ ଏ ସଂସାରେ ଥାଇ ?
ତୁମ୍ଭ ସଙ୍ଗେ ମନ୍ତ୍ରଣା ବାନ୍ଧିବି କାହିଁପାଇଁ ?
ଭାବିଥିଲି କେତେଦିନ ଯିବ ଏହିମତେ,
ଲାଗିଥିବ ନାନାରଙ୍ଗ ପାଣ୍ଡବ ସଙ୍ଗତେ,
ନୋହିଲା ସେ ଆଶା ପୂର୍ଣ୍ଣ ଆହେ ବୈକର୍ତ୍ତନ,
ଅକସ୍ମାତ ଉଭାଇଲା ବିଧି ଏ ଘଟନ !
ତେଣୁ ଏ ପ୍ରାର୍ଥନା ମୋର ପ୍ରଭୁଙ୍କ ପୟର,
ପାଣ୍ଡବେ ରହନ୍ତୁ ମୁହିଁ ଯାଏଁ ଲୋକାନ୍ତର ।"
ବୋଇଲେ ରାଧେୟ, "ଆହେ ଧରା ଆଖଣ୍ଡଳ,
ତୁମ୍ଭର ବାସନା ହେବ ସର୍ବଥା ସଫଳ,
ରହିଥିବ ମହାକୀର୍ତ୍ତି ଏ ମହୀମଣ୍ଡଳେ,
ଯାବତଚନ୍ଦ୍ରାର୍କ ତାହା ଗାଇବେ ସକଳେ ।"
ଏହା ଶୁଣି ଦୁର୍ଯ୍ୟୋଧନ ହେଲେ ତୁଷ୍ଟମନ,
ଏକାଳେ ପ୍ରବେଶ ହେଲେ ଇନ୍ଦ୍ରଙ୍କ ନନ୍ଦନ,
ପୂର୍ବଦ୍ୱାରେ ପ୍ରବେଶିଲେ ବୀର ଧନଞ୍ଜୟ,
ଦ୍ୱାରୀ ଥିଲେ ଯେଉଁ ଦ୍ୱାରେ ସଞ୍ଜୟତନୟ,
ଥିଲେ ତାଙ୍କ ସଙ୍ଗେ ନାନା ଅନୁଚର ଲୋକେ,
ଭାସ୍ୱର ଥିଲା ସେ ଦ୍ୱାର ଦିହୁଡ଼ି-ଆଲୋକେ;
ଭେଟନ୍ତେ ଅର୍ଜୁନ, ଦ୍ୱାରୀ ପୁଚ୍ଛି ପରିଚୟ,
ଦେଲେ ପରିଚୟ ତାଙ୍କୁ ବୀର ଧନଞ୍ଜୟ,
ବୋଇଲେ ଆଦର, "ଶୁଣ ଆହେ ଦ୍ୱାରିଗଣ
ରାଜାଙ୍କ ଛାମୁରେ ଅଛି ମୋର ପ୍ରୟୋଜନ,
ଜଣାଅ ଛାମୁରେ ମୋର ଆଗମନ ବାଣୀ,
ଦ୍ୱାର ଛାଡ଼ିଦିଅ ମୋତେ ରାଜ-ଆଜ୍ଞା ଆଣି ।"
ସଞ୍ଜୟତନୟ ତହୁଁ ପାର୍ଥେ କରି ନତି,
ଭେଟିଲେ ସତ୍ୱରେ ଯାଇ କୁରୁନରପତି,
ସୁଗିକରେ ନିବେଦିଲେ, "ଆହେ ନରମଣି,
ମୋର ଏ ବଚନେ ହେଉ ହୃଦୟ ଅବଧାନ,
ଇନ୍ଦ୍ରର ଅଙ୍ଗଜ ଯେହୁ ମଧ୍ୟମ ପାଣ୍ଡବ,
ସ୍ୱର୍ଗେ ଯାଙ୍କୁ ନେଇଥିଲେ ଦେବତା ବାସବ,
ଶିବଙ୍କୁ ଯେ ତୁଷ୍ଟ କଲେ କରି ଯୁଦ୍ଧଘୋର,
ଖାଣ୍ଡବ ଦହିଲେ ଯେହୁ ସଙ୍ଗ କରି ହରି,
ଜିଣିଲେ ଯେ ଲକ୍ଷେ ରାଜା କୃଷ୍ଣାସ୍ୱୟମ୍ବରେ,
ବାସବ ଅରାତି ଦୈତ୍ୟେ ନାଶିଲେ ସମରେ,
ବିରାଟ-ଗୋଧନ ମୁକ୍ତ କଲେ ଯେଉଁ ଜନ,
ଯାଦବୀଙ୍କି ହରିକଲେ ଜିଣି ଯଦୁଗଣ,
ତୁମ୍ଭଙ୍କୁ ଯେ ମୁକ୍ତ କଲେ ଗନ୍ଧର୍ବର ସ୍ଥାନେ,
ସେ ଅର୍ଜୁନ ଦ୍ୱାରେ ଉଭା ଆସୁ ଅବଧାନେ ।'
ଅର୍ଜୁନର ନାମ ଶୁଣି ରାଜା ଦୁର୍ଯ୍ୟୋଧନ
କର୍ଣ୍ଣ ସହ ବାହାରିଲେ ହୋଇ ହୃଷ୍ଟମନ,
ଆଉ ଯେତେ ସଭାସଦ ସେ ସଭାରେ ଥିଲେ,
ନୃପତି ଉଠିବା ଦେଖି ସମସ୍ତେ ଉଠିଲେ ;

ଆଗଭର ହୋଇ ବ୍ୟସ୍ତେ ଗଲେକ ରାଜନ,
ବସିଥିଲେ ଦ୍ୱାରେ ଯହିଁ କୁନ୍ତୀଙ୍କ ନନ୍ଦନ,
"ଆସ ଆସ ଅର୍ଜୁନ" ବୋଲନ୍ତି କୁରୁସାଇଁ
"କହ କେଉଁ କାର୍ଯ୍ୟଲାଗି ଆସିଲ ହେ ଭାଇ।"
ବିନୟେ ଅର୍ଜୁନ ବନ୍ଦୁ ରାଜାଙ୍କ ଚରଣ
ବେନି ଭୁଜେ ଧରି ରାଜା ଦେଲେ ଆଲିଙ୍ଗନ,
ମହାଦରେ ନେଇ ରାଜା ଇନ୍ଦ୍ରର ନନ୍ଦନେ
ନିଜ ହସ୍ତେ ବସାଇଲେ ରତ୍ନ ସିଂହାସନେ,
ଆଉ ଯେତେ ପାତ୍ର ମନ୍ତ୍ରୀ ସଭାମଧ୍ୟେ ଥିଲେ,
ସମସ୍ତଙ୍କୁ ପାର୍ଥ ମିଷ୍ଟ ବଚନେ ତୋଷିଲେ,
ଶ୍ରମଯୁକ୍ତ ପାର୍ଥେ ଦେଖି ଆଦରେ ରାଜନ
ସ୍ୱହସ୍ତେ ବ୍ୟଜନ ଧରି କରନ୍ତି ବ୍ୟଜନ ;
ବୋଲନ୍ତି ଅର୍ଜୁନେ ଚାହିଁ, କହ ଆହେ ଭାଇ,
ଆସିଲ ସଦନେ ମୋର କେଉଁ କାର୍ଯ୍ୟପାଇଁ,
ନିଶାକାଳେ ଆଗମନ ଆଶ୍ଚର୍ଯ୍ୟ ଏ କଥା,
କହ, ଭାଇ, ଆଗେ ଗୃହ କୁଶଳ-ବାରତା,
ଅଛନ୍ତି ତ ସର୍ବଶୁଭେ ରାଜା ଯୁଧିଷ୍ଠିର ?
ଭୀମ, ବେନି ମାଦ୍ରୀସୁତ, ଆଉ ଯେତେ ବୀର ?
ଅଛନ୍ତି ତ ସର୍ବଶୁଭେ କୁମାରସକଳ ?
ଦ୍ରୁପଦ-ଦୁଲଣୀଙ୍କର ସବୁ ତ କୁଶଳ ?"
ନିବେଦନ୍ତେ ଧନଞ୍ଜୟ ଗୃହ-ଅନାମୟ,
ପ୍ରୀତି ପ୍ରକାଶିଲେ ପୁଣି ଗାନ୍ଧାରୀତନୟ,
ବୋଇଲେ, "ବଚନ ମୋର ଶୁଣ, ପାର୍ଥ ଭାଇ
ବଂଶର ନିବନ୍ଧ କେବେ ଖଣ୍ଡି ହେବନାହିଁ
ତୁମ୍ଭେ କି କାରଣେ ଆଜ ଆସିଲ ଏ ଠାବେ,
ମୋହ ପାଶେ ମନ ବଳାଇଲ କେଉଁ ଲାଭେ ?'
ଅର୍ଜୁନ ବୋଇଲେ, "ଯାହା କହିଲ ପ୍ରମାଣ,
ବଂଶର ବିଧାନ କେବେ ହେବନାହିଁ ଆନ,
ମାତ୍ର ପୂର୍ବ କଥା ରାଜା ଅଛଇ କି ମନେ,
ଚିତ୍ରସେନ ହସ୍ତୁଁ ଯେବେ ଉଦ୍ଧରିଲ ରଣେ
ତୁମ୍ଭଙ୍କୁ ମହର୍ଷୀ ସହ, ଯାଚିଥିଲ ବର,
ପଡ଼ଇ କି ମନେ ସେହି କଥା ନୃପବର ?
ସେହି ବର ପ୍ରାପ୍ୟ ମୋର ଅଛି ଆଜଯାଏ,
ସେଥିଲାଗି ଶତ୍ରୁମୁଖୁ ଆସିଲି ମୁଁ ରାଏ।"
ଅର୍ଜୁନର ବାକ୍ୟ ଶୁଣି ରାଜା ଦୁର୍ଯ୍ୟୋଧନ
ଦୀର୍ଘଶ୍ୱାସ ତେଜି ମନେ ଭାବିଲେ ତକ୍ଷଣ,
ବୃଥା ହେଲା ସିନା ମୋର ସମସ୍ତ ଉଦ୍ୟମ,
ବୃଥା ହେଲା ନାନା ଦେଶୁଁ ସୈନ୍ୟ-ସମାଗମ,
ଆମନ୍ତ୍ରି ଆଣିଲି ସିନା ବୃଥା ରାଜଦଳ,
ଭୀଷ୍ମର ପ୍ରତିଜ୍ଞା ହେଲା ସମସ୍ତ ବିଫଳ,
ଯୁଦ୍ଧକାଳେ ପାଣ୍ଡବର ଉପୁଜିଲା ଭୟ,
ଆସିଅଛି ସେଥିପାଇଁ ବୀର ଧନଞ୍ଜୟ,
ଧ୍ରୁବ ସତ୍ୟ ପାଣ୍ଡବନାଥର ଆଜ୍ଞାମତେ
ମାଗି ନେବ ରାଜ୍ୟ ପରା ହେଉଛି ପରତେ
ପଡୁଅଛି ମନେ ମୋର ପୂର୍ବର ସେ କଥା,
କ୍ଷତ୍ର ମୁହିଁ କ୍ଷତ୍ର ବାକ୍ୟ ନୁହଇ ଅନ୍ୟଥା"
ଏହା ଭାବି ଅଧୋମୁଖ ହୋଇ କୁରୁସାଇଁ
କହିଲେ,"ସେ ବର କଥା ମନେଅଛି ଭାଇ !"
ବୋଇଲେ ଅର୍ଜୁନ,"ଏବେ ଦିଅ ସେହି ବର,"
"ଯା ମାଗିବ ମାଗ" ରାଜା କହିଲେ ଉତ୍ତର,
ବୋଇଲେ ଅର୍ଜୁନ, "ଆହେ କୌରବ-ପ୍ରଧାନ,
ମୁକୁଟ ତୁମ୍ଭର ମୋତେ କର ଏବେ ଦାନ।"
ଉଚ୍ଚହାସ୍ୟେ କୁରୁପତି କହିଲେ ବିସ୍ମିତେ,
"ଆଶ୍ଚର୍ଯ୍ୟ ଲାଗିଲା ଶୁଣି ବରକଥା ଚିତ୍ତେ,
ବଡ଼ ଭାଗ୍ୟହୀନ ତୁମ୍ଭେ ହେ ବୀର ଫାଲ୍‌ଗୁନି,
ଆସିଲ ଯା ଏଥି ଏହି ବର ଲାଗି ପୁଣି !
ରାଜ୍ୟ ଧନେ ଅଶ୍ୱ ହସ୍ତୀ ବସ୍ତ୍ର ଆଭରଣ
ଜନପଦ ବରାଙ୍ଗନା ଅଛି ଅଗଣନ,
ତୁମ୍ଭ ସଙ୍ଗେ ଶତ୍ରୁ ଭାବ, ଛାଡ଼ି ଏ ସକଳ,
ବଳାଇଲ ମନ ଛାର ମୁକୁଟେ କେବଳ !
ଭଲଥିଲା ରାଜ୍ୟ ମାଗି ନେବ, ଧନଞ୍ଜୟ,
ଦେଇଥାନ୍ତି ରାଜ୍ୟ ମୁହିଁ ନାହିଁଟି ସଂଶୟ,
କି ଧନ ମାଗିଲ ଭାଇ, ମୋର କେଉଁ ଦୋଷ ?
ତୁମ୍ଭଠାରେ ମୋର ବଡ଼ ହେଉଛି ଆକ୍ରୋଶ।

ଆହା, କେଉଁ ଭୁଞ୍ଜଦ୍ରବ୍ୟ ମାଗିଲ ହେ ଭାଇ”
ଏହା କହ ଝୁରିହେଲେ କୌରବ ଗୋସାଇଁ,
ପାର୍ଥ ବୋଲେ, “ଏଥି କିବା ଦୁଃଖ କୁରୁନାଥ।
ଘଟିଲା ମୋ ଭାଗ୍ୟେ ବିଧି ଲେଖିଥିଲେ ଯାହା,
ମୁକୁଟ ତୁମ୍ଭର ମୋତେ ଦିଅ ହେ ରାଜନ,
ମୁକୁଟବିହୁନେ ନାହିଁ ଆନ ପ୍ରୟୋଜନ,
ମୁକୁଟ ପାଇଲେ ମୁହିଁ ପାଇଲି ସମସ୍ତ,
ନ ହୁଅ ହେ ନରନାଥ, ମୋହପାଇଁ ବ୍ୟସ୍ତ।”
“ନିଅ ତେବେ” ଏହା କହି ରାଜା ଦୁର୍ଯୋଧନ
ମୁକୁଟ ଉତାରି ପାର୍ଥେ କଲେକ ଅର୍ପଣ,
ମୁକୁଟ ଲଭିଣ ପାର୍ଥ ପ୍ରଫୁଲ୍ଲ ଅନ୍ତରେ
ମେଲାଣି ମାଗିଲେ ରାଜା ପାଶେ ଯୋଡ଼କରେ;
“କିମ୍ପା ଯିବ ନିଶାଯୋଗେ ରହିଯାଅ ଭାଇ”
ଏହା କହି ଅଳି କଲେ କୌରବ ଗୋସାଇଁ,
ପାର୍ଥ ବୋଲେ “କାଲି, ରାଏ, ପ୍ରଥମ ସଂଗ୍ରାମ;
କିପରି କରିବ ମୁହିଁ ଏଠାରେ ବିଶ୍ରାମ ?
ଯାଇ କରିବାକୁ ହେବ ସୈନ୍ୟ-ସମାବେଶ।”
ଉତ୍ତରିଲେ, ‘ସତ ସତ’ ବୋଲି କୌରବେଶ,
“ଧର୍ମରାଜେ ଜଣାଇବ ମୋହର ପ୍ରଣାମ,
କହିବ ନିଶ୍ଚୟ କାଲି ପ୍ରଥମ ସଂଗ୍ରାମ।”
ଛୁଟିଲେ ମୁକୁଟ ଘେନି ଇନ୍ଦ୍ରର ନନ୍ଦନ,
ଆଶିଷ, ପ୍ରଣାମ ପାର୍ଥେ କଲେ ସର୍ବଜନ,
ସମାଦରେ ସବାହେବେ ତହୁଁ କୁରୁରାଏ
ପାର୍ଥ ସଙ୍ଗେ ସଙ୍ଗେ ଗଲେ ସିଂହଦ୍ୱାରଯାଏ,
ଘୋର ଅନ୍ଧକାରେ ପାର୍ଥ ଯାଇ କିଛି ଦୂର,
ଭେଟିଲେ ସହସା ପଥେ ବ୍ରହ୍ମାଣ୍ଡଠାକୁର ;
ନତ କଲେ କୃଷ୍ଣେ ଶିର ମୁକୁଟ ଦେଖାଇ,
ସଭାର ସକଳ କଥା ଶ୍ରୀପଦେ ଜଣାଇ ;
ବୋଇଲେ, “ହେ ମହାପ୍ରଭୁ, ମୋହ ପ୍ରତୀକ୍ଷାରେ
ଏ ନିର୍ଜନେ ଥିଲ କିମ୍ପା ଏ ଘୋର ଅନ୍ଧାରେ ?”
କହନ୍ତି ଶ୍ରୀପତି, “ଶୁଣ, ଆହେ ଧନଞ୍ଜୟ,
ଏକା ଯେଣୁ ଥିଲ, ତେଣୁ ହେଲି ମହାଭୟ,
କାଳେ ଖଳ ଦୁର୍ଯୋଧନ ସାଧିବ ଅହିତ,
ତୁମ୍ଭ ପ୍ରତୀକ୍ଷାରେ ତେଣୁ ଥିଲି ମୁଁ ଶଙ୍କିତ।”
ବୋଇଲେ ଅର୍ଜୁନ, “ତୁମ୍ଭ କୃପା ଯାହାଠାରେ
ଭୀତ କିମ୍ପା ହେବ ସେହୁ ଖଳର ବେଭାରେ ?
ତୁମ୍ଭ କୃପାଫଳେ ମୁହିଁ ତ୍ରିଭୁବନ ଜେତା,
କିସ କରିପାରେ ମୋର କ୍ଷୁଦ୍ର ଶତ୍ରୁ ଚେତା ?
ତୋ କରୁଣାକଣା, ନାଥ ବାଞ୍ଛା-କଳ୍ପତରୁ,
ରାଖି ଥାଏ ହେଲେ ମୋତେ ସବୁ ବିପଦରୁ
ଯାହାର ଅଭୟ-ଦୁର୍ଗ ତୋର ପଦ୍ମପାଦ,
କରିବ ତାହାକୁ କିମ୍ପା କେବେ ପରମାଦ ?”
ବୋଇଲେ ଅର୍ଜୁନେ ତହୁଁ କୃଷ୍ଣ ମହାଶୟ,
“ଶୀଘ୍ରଗତି ଭୀଷ୍ମପାଶେ ଯାଅ, ଧନଞ୍ଜୟ,
ଯାଚିତ ନ ଆସ ଫେରି ସେ ବାଣ ସହିତ,
ତୁମ୍ଭ ପ୍ରତୀକ୍ଷାରେ ଏଥି ରହିବି, ହେ ମିତ।”
‘ଯେ ଆଜ୍ଞା’ ବୋଲିଣ ତହୁଁ କୁନ୍ତୀର ନନ୍ଦନ
ନିଜ ଶିରେ ସେ ମୁକୁଟ ଦେଲେ ସେହିକ୍ଷଣ,
ମହାଦୁର୍ଯୋଧନବେଶେ ଭରସି ଚଳିଲେ
କୃଷ୍ଣେ କରି ନତି ଭୀଷ୍ମ-ଶିବିରକୁ ଗଲେ ;
ଏଣେ ଗଙ୍ଗାସୁତ ବସି ଶିବିରମଧ୍ୟରେ
ଅସ୍ୱସ୍ତି ଭରା ଦେଇ ବୀର ଭାବନ୍ତି ଅନ୍ତରେ,
“ପ୍ରତିଜ୍ଞା ତ କଲି ମୁହିଁ ବଧିବି ପାଣ୍ଡବ,
କି ଅନର୍ଥ ଭିଆଇଲା ଦୁର୍ମତି କୌରବ।
ଅବଶ୍ୟରେ ସିନା ମୁହିଁ କଲି ସେହି ପଣ,
ବିନାଶିବି ଧର୍ମବନ୍ତ ପାଣ୍ଡୁପୁତ୍ରଗଣ,
ପୂର୍ବେ ବାଣ ଦେଇ ମୋତେ ବ୍ରହ୍ମାଣ୍ଡର ସାଇଁ,
କହିଥିଲେ ନେବି ମୁହିଁ ଏ ବାଣ ଫେରାଇ,
ଉପସ୍ଥିତ ହେଲା ଏବେ ଏ ବିଷମ କାଳ।
କିମ୍ପା ନ ନିଅନ୍ତି ବାଣ ଫେରାଇ ଗୋପାଳ”
ଏହିରୂପେ ଭାବୁଁ ଭାବୁଁ ଗଙ୍ଗାର କୁମର,
ଭେଟିଲେ ଶିବିରେ ତାଙ୍କୁ ପାର୍ଥ ଧନୁର୍ଦ୍ଧର,
ମାୟାଦୁର୍ଯୋଧନ-ବେଶେ ଭେଟିଲେହେ ଯାଇ
ନତ କଲେ ଯାକେ ଶିର ଭୂମିରେ ଲୁଆଇଁ,

ଶୁଭାଶିଷ କରି ଭୀଷ୍ମ ପୁଚ୍ଛିଲେ ବତ୍ସରେ,
"ଆସିଲ ଶିବିରେ, ବୀର, ପୁଣି କି ବିଷୟେ ?
କାଲି ଯୁଦ୍ଧେ ଅପାଣ୍ଡବା କରିବ ଧରଣୀ
କହିଛ ଏ ପଣ ତୁମ୍ଭ ଆଗେ, ନରମଣି,
ପୁଣି ବାହୁଡ଼ିଲ କିପାଁ, ଲଭଇ ବିସ୍ମୟ,
କି ମନ୍ତ୍ରଣା ଦେଲେ ପୁଣି କର୍ଣ୍ଣ ମହାଶୟ,
କି ମନ୍ତ୍ରଣା ଦେଲା ପୁଣି ଶକୁନି ଦୁର୍ମତି,
ସବୁ ଫେଡ଼ି କହ ମୋତେ, ଆହେ କୁରୁପତି
ମାୟାଦୁର୍ଯ୍ୟୋଧନରୂପୀ କହନ୍ତି ଅର୍ଜ୍ଜୁନ,
"ନିବେଦିବି ପାଦେ କିପାଁ ଆସିଲି ମୁଁ ପୁଣ,
ତୁମ୍ଭଠାରୁ ବିଦା ହୋଇ ବାହୁଡ଼ି ନଗରେ,
ବସିଲି ସଭାରେ ଯାଇ ମହାହର୍ଷଭରେ,
କର୍ଣ୍ଣ ଦୁଃଶାସନ ଆଦି ଯେତେ ମନ୍ତ୍ରିଗଣ
ତୁମ୍ଭେ ସେନାପତି, ଶୁଣି ସର୍ବେ ହୃଷ୍ଟମନ,
ଆସିଲେ ଏସନକାଳେ ରାଜା ଯୁଧିଷ୍ଠିର
ସଙ୍ଗେ ସେନା ଗୁରୁଜନ ପୁଣି ସବୁ ବୀର,
ଭୂପ ସହ ବିରାଟ ଦ୍ରୁପଦ ନୃପବର,
ମହାମୁନି ବ୍ୟାସ ସତ୍ୟବତୀର କୁମର,
ଆସିଲେ ସକଳେ ଯୁଦ୍ଧହେତୁ ଭୟ କରି,
ବୁଝାଇ କହିଲେ ମୋତେ ଦ୍ୱୈପାୟନ ହରି
"ନ ବଳାଅ ଏ ସମରେ ମତି, ନରପତି,
ତୁମର ମହିମା ଯେତେ ଖ୍ୟାତ ବସୁମତୀ,
ତୁମ୍ଭଙ୍କୁ ପାରିବ ଜିଣି ବଳେ କି କୌଶଳେ,
ନାହିଁଟି ଏସନ ବୀର ଏ ମହୀମଣ୍ଡଳେ,
କେଉଁ ତୁଚ୍ଛ ଏଥି ପୁଣି ପଞ୍ଚ ପାଣ୍ଡୁସୁତ
ବନେ ଭ୍ରମି ଭ୍ରମି ନାନା କଷ୍ଟେ ଅଭିଭୂତ !
ଶରୀରପଞ୍ଜରେ କ୍ଷୀଣ ପ୍ରାଣ ମାତ୍ର ଧରି
ଏମାନେ କି ତୁମ୍ଭ ସଙ୍ଗେ ଯୁଦ୍ଧେ ହେବେ ସରି ?
ସହାୟ ତୁମ୍ଭର ମହା ମହା ଯୋଦ୍ଧାଗଣ,
କୋଦଣ୍ଡ-ଟଙ୍କାରେ ଯାଙ୍କ କମ୍ପେ ତ୍ରିଭୁବନ ;
ମହାବଳବନ୍ତ ତୁମ୍ଭେ, ପାଣ୍ଡବେ ଦୁର୍ବଳ,
ଶକ୍ତିହୀନ ସଙ୍ଗେ ଯୁଦ୍ଧ ଅଯଶ କେବଳ !
ଶରଣ ତୁମ୍ଭର ଏବେ ନେଲେ ପାଞ୍ଚଭାଇ,
ଶରଣ ସମ୍ଭାଳ ରଖ ସୁଯଶ ଗୋସାଇଁ ;
ପଞ୍ଚଗ୍ରାମ ଦେଇ କର ଏହାଙ୍କୁ ପାଳନ,
କୀର୍ତ୍ତି ରଖ ନରପତି କୀର୍ତ୍ତି ବଡ଼ ଧନ ।"
ନାରାୟଣ ଦ୍ୱୈପାୟନ ଏସନ ବୁଝାଇ
ସମର୍ପିଣ ଦେଲେ ମୋର ହସ୍ତେ ପଞ୍ଚ ଭାଇ,
ଅଶ୍ରୁମୁଖେ ଯୁଧିଷ୍ଠିର କଲେ ପରିହାର,
"ଲଭିଲୁ ତୁମ୍ଭଙ୍କୁ ଆମ୍ଭ ପାଳନର ଭାର ;"
ଲଙ୍ଘି ନ ପାରିଲି ବ୍ୟାସ ଗୋବିନ୍ଦର କଥା,
ପାଣ୍ଡବଙ୍କ ଦୁଃଖେ ଦୁଃଖୀ ହେଲି ମୁଁ ସର୍ବଥା,
ତାଙ୍କ ଦୁଃଖେ ଉପୁଜିଲା କରୁଣା ମୋହର
ସେହିକ୍ଷଣି ତେଜିଲି ମୁଁ ବାସନା ଯୁଦ୍ଧର,
ପାଣ୍ଡବଙ୍କୁ ପଞ୍ଚଗ୍ରାମ ଦେଲି ପିତାମହ,
ବାହୁଡ଼ିଲେ ସେହୁ ବ୍ୟାସ ଶ୍ରୀନିବାସ ସହ,
ତେଣୁ ମୁଁ ଆସିଲି ଦେବ, ତୁମ୍ଭର ସଦନ,
କିମ୍ପା ଯୁଦ୍ଧେ ଯିବ କାଲି ? କେଉଁ ପ୍ରୟୋଜନ ?
ନୋହିଲା ମରଣ ଦେବ ପଞ୍ଚପାଣ୍ଡବର,
ପଣ୍ଡ ହେଲା ଯୁଦ୍ଧର ଯେ ପ୍ରୟାସ ମୋହର ।"
ଅସ୍ତ୍ରେ ଭରା ଦେଇ ଶୋଇଥିଲେ ଗଙ୍ଗାସୁତ,
ମାୟାଦୁର୍ଯ୍ୟୋଧନ-ବାକ୍ୟେ ହରଷେ ଆପ୍ଲୁତ,
ହୋଇ ଉଠି ବସିଲେ ସେ ଶୟନେ ତକ୍ଷଣ,
ପୁଲକେ ପ୍ରଫୁଲ୍ଲ ହେଲା ତାଙ୍କ ଅବଦନ,
ବୋଇଲେ, "ଯେ କଥା ବୀର କହିଲ ଏକ୍ଷଣି,
କଥା ନୁହେ, ସୁଧାବୃଷ୍ଟି କଲ, ନରମଣି,
ମୃତକୁ ଅମୃତ ଦେଲ, ଶରୀରେ ଇନ୍ଦ୍ରିୟ,
ଏଥୁଁ ବଳି ଆଉ ମୋର କିବା ଅଛି ପ୍ରିୟ ?
ଏ କର୍ମ ତୁମ୍ଭର ଯୋଗ୍ୟ, ଶୁଣ, ହେ ରାଜନ,
ପାଣ୍ଡବ ସଙ୍ଗତେ କଲ ପ୍ରୀତିରେ ମିଳନ ;
ରଖିଲ ଅତୁଳ କୀର୍ତ୍ତି ଅଖିଳ ଜଗତେ,
ଘୋଷିବେ ଯାବତକାଳ ଲୋକେ ନାନାମତେ ।
ଏହିରୂପେ ପ୍ରଶଂସିଲେ ଗଙ୍ଗାର ନନ୍ଦନ,
ହର୍ଷେ ମାୟା ଦୁର୍ଯ୍ୟୋଧନେ ଦେଲେ ଆଲିଙ୍ଗନ

ବୋଇଲେ, "ହେ ବତ୍ସ, ନୋହି ପାଣ୍ଡବେ ବିମୁଖ
ତାଙ୍କ ସଙ୍ଗେ ମିଳି ଏବେ ଭୁଞ୍ଜ ରାଜ୍ୟସୁଖ ;
ବୟୋଜ୍ୟେଷ୍ଠ ଗୁଣଜ୍ୟେଷ୍ଠ ପାଣ୍ଡୁ କୁଳରଣ,
ଜ୍ୟେଷ୍ଠ ବୋଲି ତାଙ୍କୁ ସଦା କରିବ ସମ୍ମାନ;
ପାଣ୍ଡବଙ୍କୁ ରଖ ଏବେ ନେଇ ସ୍ୱନଗରେ,
ବିଦୁରଙ୍କ ଘରୁ ଆଣି କୁନ୍ତୀଙ୍କୁ ସତ୍ୱରେ
ମାତୃବତ ପୂଜା ତାଙ୍କୁ କର ପୂର୍ବପର,
ବାସନା ତୁମ୍ଭର ପୂର୍ଣ୍ଣ କରନ୍ତୁ ଶ୍ରୀହରି ।"
ବୋଇଲେ ଅର୍ଜୁନ, "ଆଜ୍ଞା ପାଳିବ ତୁମ୍ଭର,
ତଥାପି ହୃଦୟେ ଭୀତି ଅଛି ନିରନ୍ତର,
ଭ୍ରାତୃଗଣ ମଧ୍ୟେ ଦ୍ୱନ୍ଦ୍ୱ ଲାଗେ ସବୁକାଳେ,
ଭ୍ରାତାକୁ ପକାଏ ଭ୍ରାତା ବିପଦର ଜାଲେ,
ଅକସ୍ମାତ ଘଟିପାରେ ହିତେ ବିପରୀତ,
ସତର୍କେ ରହିବା ତେଣୁ ନରରେ ଉଚିତ,
ତେଣୁ ଏ ମାଗୁଣି ମୋର, ଆହେ ମତିମାନ,
ପାଣ୍ଡବେ ବଧିବ ବୋଲି ଯେଉଁ ପଞ୍ଚବାଣ
ଦେଖାଇଣ ଥିଲ ମୋତେ, ସେହି ପଞ୍ଚ ଶର
ଅନୁରୁଚି ଯେବେ, ମୋତେ ସମର୍ପଣ କର ।"

ଉତ୍ତରିଲେ ଭୀଷ୍ମ, "ଆହେ ସାଧୁ ଦୁର୍ଯ୍ୟୋଧନ,
ସେବାଣେ ମୋହର ଆଉ କେଉଁ ପ୍ରୟୋଜନ ?
ନେଇ ସେହି ବାଣ ରଖ ଯହିଁ ଇଚ୍ଛା ତବ,
ତୁମ୍ଭର ମଙ୍ଗଳ ସଦା କରନ୍ତୁ କେଶବ ।"
ଏହା କହି ଅସ୍ତ୍ରାଗାରେ ପଶି ବୀରମଣି
ବାଣ ଆଣି ସମର୍ପିଲେ ଅର୍ଜୁନେ ସେକ୍ଷଣି,
ବାଣ ଦେଖି ପାର୍ଥ ହେଲେ ମନେ ମନେ ଭୀତ
ପଞ୍ଚପାଣ୍ଡବର ଶିର ସେ ବାଣେ ଅଙ୍କିତ,
ଦେଖି ହେଲେ ଧନଞ୍ଜୟ ବିସ୍ମୟେ ଆପ୍ଲୁତ,
ବାଣ ଧରି ସବିନୟେ ନମି ଗଙ୍ଗାସୁତ
ବାହାରିଲେ ହୃଷ୍ଟମନେ ଶିବିର ମଧ୍ୟରୁ,
ଭେଟିଲେ ନିର୍ଜନେ ଯାଇ ବାଞ୍ଛାକଳ୍ପତରୁ ;
ବାଣ ଦେଖି ନାରାୟଣ ହେଲେ ବଡ଼ ପ୍ରୀତ,
ବୋଇଲେ, "ଅସାଧ୍ୟ ଆଜ ସାଧିଲ ହେ ମିତ ।"
ବେନି ସଖା ତହୁଁ ଯାଇ ପାଣ୍ଡବ ଶିବିରେ
ଦେଖାଇଲେ ସେହି ବାଣ ରାଜା ଯୁଧିଷ୍ଠିରେ;
ମୁଖର ଶିବିର ହେଲା ଆନନ୍ଦ-ଉତ୍ସବେ,
ଆନନ୍ଦେ ଗଦ୍‌ଗଦ ସର୍ବେ ସ୍ତୁତିଲେ କେଶବେ



## ଶ୍ମଶାନଦୃଶ୍ୟ *

ଚଣ୍ଡାଳ ପ୍ରଭୁର ଆଜ୍ଞା ଶିରୋଧାର୍ଯ୍ୟ କରି
କ୍ରୀତଦାସରୂପେ ତାର ଭ୍ରମନ୍ତି ମଶାଣେ,
ଧୂଳିରେ ଧୂସର, ଜୀର୍ଣ୍ଣ ଶୀର୍ଣ୍ଣ କନ୍ଥାଧାରୀ
ମହାମତି ହରିଶ୍ଚନ୍ଦ୍ର, ଏ ମଶାଣେ ଯେତେ
ଦାହଲାଗି ଆସେ ଶବ, ପ୍ରତି ଶବଠାରୁ
ଶୁଳ୍କ ସଂଗ୍ରହର କାର୍ଯ୍ୟେ ନିଯୋଜିତ ହୋଇ
କି ଘୋର ବିଭତ୍ସ, ଆହା ଏ ମଶାଣ-ଭୂମି !
ଯତ୍ରକୀର୍ଣ୍ଣ କେଶଜାଳେ ଅଙ୍ଗାରେ ଖର୍ପର,
ନୀରବେ ଆସୀନ ହୋଇ ଯହିଁ ଭସ୍ମାସନେ
ଭବର ଭଙ୍ଗୁର ଲୀଳା ଦେଖଇ କୌତୁକେ
ହର ବିକଟାଳ କାଳ ଅସ୍ଥି-ମାଳାଧାରୀ ;
ସାମ୍ୟଦୀକ୍ଷା ପ୍ରଚାରଇ ଏହି ପୀଠସ୍ଥଳୀ,
ସମାନ ସରବେ ଏଥି, କି ରାଜା କି ପ୍ରଜା,
କିବା ଅଟ୍ଟାଳିକାବାସୀ, କି କୁଟୀରବାସୀ,
କି ରତ୍ନପର୍ଯ୍ୟଙ୍କଶାୟୀ, କିବା ଭୂମିଶାୟୀ,
କୌଷେୟବସନଧାରୀ, କିବା ଚୀରଧାରୀ,
କି ସୁନ୍ଦର କି କୁତ୍ସିତ, କି ଜ୍ଞାନୀ ଅଜ୍ଞାନ
ସମଦଶା ସଭିଙ୍କର, ସମ ପରିଣତି ;
ଜୀବନର ସ୍ରୋତ ବହେ ସଦା ଏ ସାଗରେ,
ତରୁକୁଞ୍ଜୁ ପର୍ଣ୍ଣପୁଞ୍ଜ ଉଡ଼ାଇ ଯେସନେ
ଆଣେ ବାତ୍ୟା, ସେହିମତି ନିର୍ମମ ନିୟତି
ଘଉଡ଼ାଇ ଆଣେ ଜୀବେ ଏ ମଶାଣଭୂମେ,
କାଳର ଲଗିଛି ନାଟ ଏଥି ସବୁକାଳେ,
ମୂରତି ଏହାର କିବା ବିଭୀଷିକାମୟୀ !
ଆକାଶେ ମଣ୍ଡଳାକାରେ ମୁହୁର୍ମୁହୁଃ ଘୂରି
ପଡ଼ୁଛନ୍ତି ଗୃଧ୍ରେ ଆସି କଳକଳାରବେ,
ରକ୍ତ, ମଜ୍ଜା, କ୍ଲେଦ ତାଙ୍କ ଚଞ୍ଚୁପୁଟୁ ଝରି
ଝରଇ ଆକାଶ ଘୋଟି ବୃଷ୍ଟିଧାରା ପ୍ରାୟେ,
ଅଶିବ ଘଟକ ପ୍ରାୟେ କର୍ଣ୍ଣକଟୁ ରବେ
ଉତ୍ପୁକାଇ ପ୍ରତିରବ ଭୈରବେ ସଘନେ
ଘୂରନ୍ତି ଶୃଗାଳକୁଳ ଭ୍ରମି ଚଉଦିଗେ,
ଜଟିଳାଗ୍ର ଚିତାବହ୍ନି ଜଳେ ଠାବେ ଠାବେ
ପ୍ରଦୀପ୍ତ ମସ୍ତିଷ୍କମେଦେ, ଫୁଟାଇ ବିକଟେ
ନୃକରୋଟି ତୀବ୍ରଗନ୍ଧ ପ୍ରସାରି ପବନେ ;
ରୁଣ୍ଡ ହୋଇ କାନ୍ଦି ଅବା କାନ୍ଦନ୍ତି ବିକଳେ
ପରେତର ପରିଜନେ, ଛାତି କର ମାରି
ତିନ୍ତାଇ ଲୋତକଧାରେ ଶ୍ମଶାନ-ଅବନୀ,
ପଡ଼ିଛନ୍ତି ଠାବେ ଠାବେ ଶବ ରାଶି ରାଶି,
ବେଷ୍ଟିତ ଶ୍ୱାପଦକୁଳେ, ସଦ୍ୟୋମୃତ କେହୁ,
ଢୋଲ ହୋଇ ଫୁଲି କେହୁ ସଡ଼ଇ ମାଟିରେ,
ପ୍ରକଟାଇ ପୂତି-ଗନ୍ଧ ନାସାରନ୍ଧ୍ରରୋଧୀ ;
ବୀଭତ୍ସ, ବିରୂପ ଘୋର ବିକୃତମୂରତି,
ଅଦୂରେ ପତିତ ଏକ ଶବପାଶେ ଯାଇ
ସମ୍ବୋଧି ସେ ଶବେ ରାଜା ଭାଷିଲେ ଏସନ
"ଆରେ ଶବ, ଧନ୍ୟ ତୁହି, ପ୍ରଚୁର ଅଶନେ
କେତେ ପ୍ରାଣୀ ଲଭୁଛନ୍ତି ତୃପ୍ତି ତୋହଠାରେ,
ଶିରେ ବସି କାକ ତୋର ଚକ୍ଷୁପତା ଟାଣି
ଭଙ୍ଗଇ ସେ ଚକ୍ଷୁ ମୁଦ୍ରା, ଲୁଣ୍ଠିତ ବାହାରେ
ଚୋବାଉଛି ଜିହ୍ୱା ତୋର ଶିବା ମହାସୁଖେ,
ପୁରୁଷାଙ୍ଗ ତୋର ଶ୍ୱାନ ଝିଙ୍କଇ କାମୋଡ଼ି
କମ୍ପାଇ ସମଗ୍ର ଧଡ଼, ମାଂସ ସେହି ଧଡ଼େ
ସଡ଼ି ମୃଦୁ ହେବାଯାଏ ଅଛନ୍ତି ଅନାଇ
ଢେଣା ମେଲି ଗୃଧ୍ରକୁଳ ତୋର ଚଉକତି,
ରବ ମୁହୁଃ ଭକ୍ଷ-ଭୋଗ-ଆଶାରେ ଉଲ୍ଲାସେ ;
ସାର୍ଥକ ଏ ପିଣ୍ଡ ତୋର, ଭଆଉ ତୁ ଯେଣୁ,
ଶବ, ଏହି ମହୋତ୍ସବ ଏହି ପିଣ୍ଡଯୋଗେ ;

*ସଂସ୍କୃତ ଚଣ୍ଡକୌଶିକର ଛାୟା ଅବଲମ୍ବନପୂର୍ବକ ଏହା ଲିଖିତ ହୋଇଥିଲା ।

ଆହା, ଏହି ପରିଣାମ ଏ ପିଣ୍ଡର ସିନା !
ଏହି ସେହି ସୂକ୍ଷ୍ମକଟୀ, ଏହି ସେହି ଉରଃ,
ତୋଷେ ସୁବିଶାଳ ସ୍ୱର୍ଣ୍ଣ କପାଟ ପରିସ୍ପେ,
ଏହି ସେ ସୁନ୍ଦର ମୁଖ, ଚନ୍ଦ୍ରେ ଶତଦଳେ
ଘଟୁଥିଲା ପଟାନ୍ତର ଯାର ଗୁରୁତ୍ୱପଣେ,
ଏହି ସେ ଅଧର, ଯାର ସୁରକ୍ତିମା
ଗଞ୍ଜୁଥାଇ ପକ୍ୱବିମ୍ବେ, ଫୁଲ୍ଲ ବନ୍ଧୁଜୀବେ,
ଲୀଳାବିଳାସର ଥିଲେ ଉପାଦାନ ଯେତେ,
ଏହିମାନେ ଭଜିଛନ୍ତି, ଆହା କି ଅଦ୍ଭୁତ !
ରକ୍ତ ମେଦ ମାଂସ ଅସ୍ଥି ଲୀଳାକାରେ ଏବେ
ଉପୁଜାନ୍ତି ଏ ସବୁରେ ତ୍ରାସ ଭୀରୁ ଜନେ,
ବୈରାଗ୍ୟ ଜନ୍ମାନ୍ତି ଦୃଢ଼ ଜ୍ଞାନୀଙ୍କର ମନଃ,
ଆହା, ଏହା ଦେଖି ଲୋକେ ଭୁଲନ୍ତି କେସନେ
ମତ୍ତ ବିଷୟର ମଦେ ଏହି ଦେହ ବହି ?
ଏ ବୀଭତ୍ସ, ଏ ଭଙ୍ଗୁର ଦେହ ବହି ପ୍ରାଣୀ
ଭୁଲନ୍ତି କେସନେ ମତ୍ତ ଆତ୍ମବଡ଼ିମାରେ ?
ଅବସାନ ହୋଇ ଏବେ ଆସିଲାଣି ନିଶା,
ଦିଗଦିଗନ୍ତରୁ ଉଡ଼ି ଆସି ବିହଙ୍ଗମେ
ମୁଖର କଲେଣି ରବେ ନୀଡ଼ ଦ୍ରୁମାବଳୀ,
ଦିନ ଯାଇ ଆସେ ରାତି ନିୟତି-ଶାସନେ,
ନିୟତି-ଶାସନେ ସିନା ପ୍ରଭାହୀନ ହୋଇ
ଗଗନପ୍ରାଙ୍ଗଣ-ଦୀପ, ଅବିରାମଗାମୀ—
କାଳ-ଭୁଜଙ୍ଗର ଶିଖାମଣି ଦିନମଣି
ବୁଡ଼ନ୍ତି ସାଗରଜଳେ ଲୋହିତ ବିଗ୍ରହେ,
କାହିଁ ସେ ପ୍ରତାପ, କାହିଁ ସେହି ଚଣ୍ଡଦ୍ୟୁତି ?
ଅସ୍ତମିତ ଏବେ ସବୁ ନିୟତି-ଶାସନେ,
ନିୟତିର ରଙ୍ଗଭୂମି ଏ ମଶାଣସ୍ଥଳୀ ;
ଖାଲି ଏ ମଶାଣ କିଆଁ ? ସେହି ସେ ନିୟତି
କାପାଳିକରୂପେ ଖେଳେ ଅଖିଳ ଜଗତେ,
ବିଶ୍ୱଯାକ ତାର ଲୀଳା ମଶାଣ-ଅଗଣା,
ରକ୍ତବର୍ଣ୍ଣ ତହିଁ ସିନା ଏ ସନ୍ଧ୍ୟା ଲୋହିତା,
ଶତାବ୍ଦି ତାର ଏହି ଅସ୍ତଗାମୀ ରବି,
ନକ୍ଷତ୍ର ଏ ତାରାମାଳା, ନୃକପାଳ ଶଶୀ,
ଏ ନୈଶ ଅନ୍ଧାର ତାର ଧୂମର ପଟଳୀ,
ଅହୋ କିବା ଭୟଙ୍କର ଶ୍ମଶାନ ଶର୍ବରୀ !
ଗମ୍ଭୀର ଭୀଷଣ କେତେ ଦିଶନ୍ତି ଚୌଦିଗେ
ଶ୍ମଶାନର ଦ୍ରୁମସଙ୍ଘ, ରଟନ୍ତି ବିକଟେ
କୋଟରର ଦ୍ୱାରେ ବସି ଉଲ୍ଲୂକେ ସଘନେ,
ମୁହୁଃ ଡେଣା ଝାଡ଼ି, ଘୁଡ଼ି କଳିକିଳା ରଡ଼ି,
ପଡ଼ୁଛନ୍ତି ଗୃଧ୍ରକୁଳ ଆସି ତରୁତଳେ,
ମତ୍ତ ହୋଇ ଶାଖାଲମ୍ବି-ଶବମେଦଘ୍ରାଣେ,*
'ଫେଏ''ଫେଏ'ରବ ଦେଇ ଭେରୁଉଲ୍‌କାମୁଖୀ
ଫୁତ୍କାରେ ବିକାଶେ ମୁଖୁଁ ଦୀପ୍ତ ଉଲ୍‌କାଶିଖା,
ଭୈରବୀ ମଶାଣଚଣ୍ଡୀ ଅଧିଷ୍ଠାତ୍ରୀ ଏଥି,
କପାଳମାଳିନୀ ଦେବୀ କପାଳକୁଣ୍ଡଳା,
ଭୀମା, ପ୍ରେତାଶିନୀ, ପ୍ରେତ-ବିମାନଗୃହିଣୀ
ଚନ୍ଦ୍ର ଅସ୍ତ ଯାଇ ଏବେ ନିବିଡ଼ ତମସେ
ଆବୃତ ମଶାଣଭୂମି, ଦିଶୁ ନାହିଁ ସହା,
ଚକ୍ରବାଳ ଦିଶେ ଯେହ୍ନେ ବୋଳା ଭଣ୍ଡାଙ୍ଗିନେ
ସୁରଭିର ନିଶୀଥିନୀ ଝାଇଁ ଝାଇଁ ରବେ,
ଉନ୍ମୁକେ ଜୀବର ଭୀତ, ବୁଡ଼ିଯାଏ ଚେତା,
କି ଦଶା ମୋହର ଆଜି, କି ଥିଲି, କି ହେଲି
କାହିଁ ଗଲେ ଦାରା ସୁତ ରାଜପାଟ ଆଦି,
ରାଜସିଂହାସନ ଛାଡ଼ି ଚଣ୍ଡାଳ-ଅଧୀନେ
ଶୁଳ୍‌କଗ୍ରାହୀ ହୋଇ ମୁହିଁ ଭ୍ରମଇ ଏକାକୀ
ଏ ମାଶାଣେ, ସୂଚୀଭେଦ୍ୟ ଏ ନିଶା ଅନ୍ଧାରେ
ଏହି ତ ପ୍ରାଣୀର ଗତି ଏ ମର୍ତ୍ତ୍ୟମଣ୍ଡଳେ !
କରାଳ ନିୟତି-କରେ କନ୍ଦୁକ ପରାୟେ
ଉଠନ୍ତି ପଡ଼ନ୍ତି ପ୍ରାଣୀ ଏହିରୂପେ ସିନା !
ଭାଗ୍ୟଚକ୍ର-ଆବର୍ତ୍ତନେ ଅଭିନୟ କେତେ
କରନ୍ତି ପ୍ରାଣୀଏ ଏହି ଭବରଙ୍ଗଭୂମେ ।”
ଏହିରୂପେ ଖଣ୍ଡ ଖଣ୍ଡ ଶୁଣିଲେ ନୃପତି
ସୁଦୂର ଶ୍ମଶାନ ପ୍ରାନ୍ତେ ବିଳାପର ଧ୍ୱନି,
ଶୁଳ୍‌କ ଆହରିବା ଆଶେ ତହୁଁ ଦ୍ରୁତପଦେ
ଗଲେ ସେହି ଦିଗେ ସେହି ଧ୍ୱନି ଅନୁସରି ।

* ବଧ-ଦଣ୍ଡାର୍ହ ବ୍ୟକ୍ତିମାନଙ୍କୁ ଶ୍ମଶାନରେ ବଧକରିବାର ପ୍ରଥା ପ୍ରାଚୀନ ଭାରତରେ ପ୍ରଚଳିତ ଥିଲା ।

## ଏକାଗ୍ରତା

ପଶାଖେଳେ ରତ ଥିଲେ ପ୍ରଭୁ ଯଦୁପତି
ଦ୍ୱାରକା-ସଦନେ, ସଙ୍ଗେ ରୁକ୍ମିଣୀ ରୂପସୀ
ଭୂତଳେ ରୂପିଣୀ ରମା ରୂପିଣୀ ବାଗ୍‌ଦେବୀ
ସତ୍ୟଭାମା, ଜାମ୍ବବତୀ, ଆଉ ମହିଷୀଏ
ପାର୍ଶ୍ୱେ ବସି ଦେଖୁଛନ୍ତି ଖେଳ କୁତୂହଳେ;
ଏକାଳେ ପ୍ରଭୁଙ୍କୁ ଦେଖି ସହସା ବିମନା
ପଦ୍ମିନୀ ସୂତ୍ରରେ ଗ୍ରଥି ଯେପରି ମନ୍ଦାରେ
ସମ୍ମୁଖେ ଭାଷିଲେ ପ୍ରଭୁ, "ତୁରୁସଭାତଳେ
ଦ୍ରୌପଦୀଙ୍କ ଦୁଃଶାସନ କରେ ବିବସନା
ଦ୍ୟୂତଜୟୀ କ୍ରୂର କୁରୁପତିର ଆଦେଶେ ;
ଦ୍ୟୂତେ ହାରି ଯୁଧିଷ୍ଠିର ଗୁରୁ ଭାଇ ସହ,
କ୍ରୀତଦାସରୂପେ କୁରୁସଭାତଳେ ବସି
ଦ୍ରୌପଦୀର ଏ ଲାଞ୍ଛନା ଦେଖନ୍ତି ନୟନେ,
ନୀରବେ ସରବେ ମାତ୍ର, ନୀରବ ଯେସନ,
ମନ୍ତ୍ରୌଷଧି-ରୁଦ୍ଧବୀର୍ଯ୍ୟ ଫଣାଧର ଫଣି,
ଭୀମର ସେ ମହାଗଦା, ଅର୍ଜୁନର ଧନୁ
ପଣ-ପାଶେ ବଦ୍ଧ ହୋଇ ଭଜନ୍ତି କ୍ଲୀବତା,
କୁରୁବୃଦ୍ଧ ପିତାମହ ଆସୀନ ସଭାରେ,
ଆସୀନ ବିଦୁର ପୁଣି ଦ୍ରୋଣ ମହାମତି,
ଆସୀନ ଜଗତପୂଜ୍ୟ ପୁରୋଧାମଣ୍ଡଳୀ,
ଭଜନ୍ତି ମୌନ ସର୍ବେ ଅପମାନ ଭୟେ ;
ଗୁରୁଜନଠାରେ କର ବିଫଳ ଗୁହାରି
ଉଚ୍ଚୈଃସ୍ୱରେ କୃଷ୍ଣା ମୋତେ ଡାକଇ ବିକଳେ
ଏହା କହି ଖେଳେ ରତ ହେଲରୁ ମୁରାରି
ଭାଷିଲେ ଶ୍ରୀସତ୍ୟଭାମା, "କି ନିଷ୍ଠୁର ହୁଅ
ତୁମ୍ଭର ହେ ପ୍ରାଣପତି, ତୁମ୍ଭ ପଦ୍ମପାଦେ
ରଖିଥାଇ ଯେ ଅବଳା ଲୟ ଅହର୍ନିଶି,
ଏ ଦଶା ତାହାର ଜାଣି ହେଉନାହିଁ କୃପା !
ଦ୍ରୌପଦୀ ତୁମ୍ଭର ଦାସୀ ବିଦିତ ଜଗତେ,
କଷ୍ଟେ ତ ପାର ଦେଖି ଦୁଃଖୀର ଆରତି;
ଉତ୍ତରିଲେ ଚକ୍ରପାଣି, "ଅୟି ସୁହାସିନି,
ଭକ୍ତି ମୋର ଯାଜ୍ଞସେନୀ ଜାଣଇ ମୁଁ ଭଲେ,
ଜାଣଇ ମୁଁ ଡାକୁଅଛି ଆରତେ ସେ ମୋତେ
ମାତ୍ର ବେନି ଭୁଜେ ଧରି ବସନ ସେ ଦୃଢ଼େ
ନିବାରଇ ଦୁଃଶାସନେ, ନିର୍ଭର ସେ ତେଣୁ
ନ ରଖି ମୋଠାରେ ରଖିଅଛି ନିଜ ଭୁଜେ;"
ଏହା କହି ରତ ହେଲେ ପୁଣି ଦ୍ୟୂତାମୋଦେ
ଯଦୁମଣି, କିଛିକ୍ଷଣ ପରେ ପୁଣି ତନ୍ତ୍ରୀ
ବିସ୍ତାରିତନେତ୍ରେ ଚାହିଁ ହସ୍ତିନାଭିମୁଖେ
କହିଲେ, "ଆହା ହା, ବଡ଼ଆର୍ତ୍ତେ ସୁଲୋଚନେ
ଯାଜ୍ଞସେନୀ ଡାକେ ମୋତେ ଭାସି ନେତ୍ରନୀରେ
ଟେକି ଊର୍ଦ୍ଧ୍ୱେ ଏକ ଭୁଜ ଅନ୍ୟ ଭୁଜେ ଧରି
ଦୃଢ଼େ ତହିଁ ବସନ ଦୃଢ଼େ", "ରଖ ପ୍ରଭୁ ଯାଇ"
ଉତ୍ତରିଲେ ସମସ୍ୱରେ ସର୍ବ ମହିଷୀଏ,
"ଉଚିତ କି ମଠ ଆଉ କରିବାର ଏବେ,
ଏ ଆତଙ୍କକାଳେ ତାର ହେ କୃପା-ବାରିଧି ?
ଉତ୍ତରିଲେ ବନମାଳୀ, "ନେବ ମୁଁ ସମ୍ଭାଳି,
ବାଳୀକି, ମାତ୍ର ସେ ବେଳ ଆସିନାହିଁ ଏବେ
ଶୁଣି ଶ୍ରୀମୁଖର ବାଣୀ ରାଣୀଏ ବିସ୍ମୟେ
ଏକ ଆରେକର ମୁଖ ଚାହିଁ ହେଲେ ତୁନି, ।
ଗଞ୍ଜନାବ୍ୟଞ୍ଜିକ ସେହି ନୀରବ ଗୁହାରି
ଦେଖି ପ୍ରଭୁ ଶ୍ରୀନିବାସ ହସି ମନେ ମନେ
ଆଗ ପରି ରତ ପୁଣି ହେଲେ ପଶାଖେଳେ;
ଟଳ ଟଳ ଟଳେ ପୁଣି ଅଳ୍ପକ୍ଷଣ ପରେ
ଟଳିଲରୁ ସିଂହାସନ ନୟନ ବିସ୍ତାରି
ହସ୍ତିନା ନଗରୀ ମୁଖେ ଦିବ୍ୟଦୃଷ୍ଟି ଦେଇ
ସ୍ତବ୍ଧଭାବେ ମୁହୂର୍ତ୍ତିକ ଚିନ୍ତି ଚିନ୍ତାମଣି
କହିଲେ, "ଚଳିଲି ଏବେ କୁରୁରାଜପୁରେ,
ରକ୍ଷିବି କୃଷ୍ଣାର ଲଜ୍ଜା ବସନ ଯୋଗାଇ
ଶୂନ୍ୟରୁ, ଏବେ ସେ ଅନ୍ୟ ଆଶ୍ରା ଛାଡ଼ିଦେଇ
ବେନି ବାହୁ ଊର୍ଦ୍ଧ୍ୱେ ଟେକି ଡାକୁଅଛି ମୋତେ
ମୋ ବିହୁନେ ଅନ୍ୟ ଆଶ୍ରା ଦେଲାଣି ସେ ଛାଡ଼ି
ଢାଳିଲାଣି ପାଦେ ମୋର ଯାବତ ଭରସା,
ଟଳିଲରୁ ସିଂହାସନ ଜାଣିଲି, ସେ ଏବେ
ଏକାଗ୍ରେ ଡାକଇ ମୋତେ ଅବିଭକ୍ତହୃଦେ,"
ଏହା କହି ତାର୍କ୍ଷ୍ୟଯାନେ ଆରୋହି ତତକ୍ଷଣେ
ହସ୍ତିନା-ଆକାଶ-ଦେଶେ ବିଜେହେଲେ ଯାଇ
ଲଜ୍ଜା-ନିବାରଣବାନା ବ୍ରହ୍ମାଣ୍ଡ-ଗୋସାଇଁ ।

# ଦୁର୍ଯ୍ୟୋଧନଙ୍କର ରକ୍ତନଦୀ-ସନ୍ତରଣ *

—*—

ଝଙ୍କିଲା ତରଙ୍ଗାୟିତା ଲୋହିତ କର୍ଦ୍ଦର —
ଗ୍ରୁଚ୍ଛେ ଅନ୍ତୁଷିତ ଯାର ଉଚ୍ଚାବଚ ଭୂମି,
ବିଶ୍ବ-ନରମେଧ-ବେଦୀ, ବିଶ୍ବେ ଊର୍ଜ୍ଜସ୍ବଳା
ଆର୍ଯ୍ୟାବର୍ତ୍ତ୍ୟ-ଆବର୍ତ୍ତନ-ଅଭିନୟସ୍ଥଳୀ
କୁରୁକ୍ଷେତ୍ରେ, ଭୀଷ୍ମ, ଦ୍ରୋଣ, କର୍ଣ୍ଣଙ୍କ ଜୀବନରେ
ନିର୍ବାଣ-ଜର୍ଜର କୁରୁସେନା-ଶେଷ-ଆଶା,
ଅର୍ଜ୍ଜୁନ ସମ ରଥୀ ଅଟଳ ସମରେ,
ହତ ମଦ୍ରପତି ଶଲ୍ୟ ଆଜ ରଣାଙ୍ଗନେ,
ପାଣ୍ଡବପକ୍ଷର ଖରସାଣ-ବାଣାଘାତେ ,
ହତ ପୁଣି ଖଳମତି ଦୁରନ୍ତ ଶକୁନି,
ଅଗ୍ରଣୀ କପଟପାଶା-ପ୍ରପଞ୍ଚ-ଉଆଣେ,
ମାଦ୍ରୀସୁତ-ଖରସାଣ-କୃପାଣର ଘାତେ,
ଅବଶିଷ୍ଟ କୁରୁବଳେ ଆଜ ତିନି ରଥୀ
କୃପାଚାର୍ଯ୍ୟ, କୃତବର୍ମା, ବୀର ଅଶ୍ବତ୍ଥାମା,
ତିଷ୍ଠି ନ ପାରି ରଣେ ପାଣ୍ଡବପ୍ରତାପେ
ଆତଙ୍କେ ପଳାଇ ଲୁଚି ଅଛନ୍ତି କେ କାହିଁ ;
ଧ୍ବସ୍ତ ଛିନ୍ନଭିନ୍ନ ହୋଇ କୌରବବାହିନୀ
ଘୁରନ୍ତି ସମରକ୍ଷେତ୍ରେ, ପଡ଼ିଲ ଯେସନେ
ପ୍ରଚଣ୍ଡ ବାତ୍ୟାର ବେଗେ ଉନ୍ମତ୍ତ ତୁରଙ୍ଗ ;
କାହୁଁ କାହୁଁ ଆସିଥିଲେ ପଦାତିକ, ରଥୀ,
ଅଶ୍ବସାଦୀ, ଗଜସାଦୀ, ଉଡ଼ାଇ କୌତୁକେ
ପତାକା, ବଜାଇ ମହାଦର୍ପେ ବୀରବାଦ୍ୟ,
ମତ୍ତ ହୋଇ ଯଶ-ଆଶା-ଜାଗ୍ରତ-ସ୍ବପନେ ;
ସେତୁବନ୍ଧଠାରୁ — ଯହିଁ ଶେଷ ବେଳା ପାଶେ
ବନ୍ଦନ୍ତି ଜଳଦେବୀଏ କୃତାଞ୍ଜଳିପୁଟେ
ଶ୍ରୀପଦପଦ୍ମଙ୍କୁ, ଭେଦି ସାଗର-ଲହରୀ,
ଫେଣିଳ, ନୀଳାମ୍ବୁମାନ ଆଣି ଉପହାରେ,
ବଦରିକାଶ୍ରମ ଯାଏ, ହିମଗିରି ଯହିଁ
ଦେବଦାରୁ-ଉପତ୍ୟକା-ମରକତବେଦୀ —
ପରେ ସ୍ବଚ୍ଛ ସ୍ଫଟିକର ମେଘେସ୍ବିତପର
ତୋଳିଛି ଗଗନେ ଗଙ୍ଗା-ଶୃଙ୍ଗାରିତ ଶିଖା,
ବିସ୍ତୀର୍ଣ୍ଣ ପୁର ଗ୍ରାମ ଆବସ୍ଥ ଯେତେ,
ସବୁଥିରୁ ଆସିଥିଲେ ଏହି ରଣ-ଯୋଗେ,
ଏ ବିରାଟ ନରମେଧେ, ରଣମଦେ ମାତି,
ଯଜ୍ଞ-ପଶୁ ରୂପେ, ଆହା, କେତେ ମହାପ୍ରାଣୀ !
ଆସିଥିଲେ ମାତ୍ର ସିନା ଲୋଟାଇବାପାଇଁ
ଶତ୍ରୁଖଣ୍ଡାଘାତେ ମୁଣ୍ଡ ରଣଚଣ୍ଡୀ ପୀଠେ !
ହତ ଗଜ ବାଜି, ଭଗ୍ନ ରଥ, ଛିନ୍ନ ସେନା,
ଛିନ୍ନ ଅସ୍ତ୍ର ଶସ୍ତ୍ର, ଢାଲ ସଙ୍ଗେ ଶୁଣ୍ଡ ହୋଇ
ପଡ଼ିଛନ୍ତି ରଣାଙ୍ଗନେ ପର୍ବତପ୍ରମାଣେ
ଲକ୍ଷ ଲକ୍ଷ ବୀର, ଆହା ରକ୍ତାକ୍ତକଳେବରେ,
ଧନିକ, ନିର୍ଦ୍ଧନ, ଯୁବା, ବୃଦ୍ଧ, ରାଜା ପ୍ରଜା,
କି କୁଳୀନ ଅକୁଳୀନ, ସୁନ୍ଦର କୁତ୍ସିତ,
ଶତ୍ରୁ ମିତ୍ର, ଏକ ତଳେ ଗାଢ଼ ଆଲିଙ୍ଗନେ ।
ଏକମାତ୍ର ଦୁର୍ଯ୍ୟୋଧନ ଲକ୍ଷଣ ସହିତେ
ଯୁଝୁଥିଲେ ଅଳ୍ପସୈନ୍ୟ ମହାଦମ୍ଭଭରେ
ଶତ୍ରୁ ସଙ୍ଗେ, କୁମାରଙ୍କୁ ବଞ୍ଚାଇବା ଆଶେ
ଗୁପ୍ତ ପଥେ ପେଷିଲେ ସେ ତାଙ୍କୁ ସ୍ବଶିବିରେ,

* ମହାକବି ଶୂଦ୍ରମୁନି ଶାରଳାଦାସଙ୍କ ମହାଭାରତର ଶଲ୍ୟପର୍ବରେ ଦୁର୍ଯ୍ୟୋଧନଙ୍କର ବ୍ୟାସ-ସରୋବରରେ ପ୍ରବେଶ ସମୟରେ କୌରବପକ୍ଷୀୟ ଭିନ୍ନ ଭିନ୍ନ ବୀରମାନଙ୍କର ଶବ ଉପରେ ଏବଂ ସର୍ବଶେଷରେ କୁମାର ଲକ୍ଷଣଙ୍କ ଶବ ଉପରେ ରକ୍ତନଦୀ ପାରହେବାର ଦୃଶ୍ୟ ଅତି କରୁଣ । ସମଗ୍ର ଉତ୍କଳ-ସାହିତ୍ୟରେ, କେବଳ ଉତ୍କଳସାହିତ୍ୟ କାହିଁକି, ଯେ କୌଣସି ସାହିତ୍ୟରେ ଏହା ଅତୁଳନୀୟ ବିବେଚିତ ହେବ । ଶାରଳାଦାସଙ୍କର ଏହି ଆଖ୍ୟାନ ଅବଲମ୍ବନ କରି ଏହି କବିତା ଲିଖିତ ।

ମାତ୍ର ସେ ଲକ୍ଷଣ ପଡ଼ି ଶତ୍ରୁଙ୍କ ହାବୋଡ଼େ
ଲଭିଲେ ନିଧନ କୁରୁପତିର ଅଗ୍ରତେ ;
ଅବଶିଷ୍ଟ ସୈନ୍ୟକ୍ଷୟ ଦେଖି କୁରୁନାଥ
ବେନି ହସ୍ତେ ବେନି ଗଦା ଧରି ଅତି ଦ୍ରୁତେ
ପଳାଇଲେ ସତ୍ୱରେ ବ୍ୟାସ-ସରୋବରମୁଖେ;
ବୁଡ଼ନ୍ତେ ଭାସ୍କର ପଥେ ଆସିଲା ଶର୍ବରୀ,
ଏ ସମୟେ କାଦମ୍ବିନୀ ଘୋଟି ନଭସ୍ତଳେ
ଭୀମ ପ୍ରଭଞ୍ଜନ ସହ ଅବିରଳ ଧାରେ
ଢାଳିଲା ସଲିଳପୂର ବୁହାଇ ସମ୍ମୁଖେ
ସୁଗଭୀର ଖରସ୍ରୋତ ଲୋହିତ ଶୋଣିତେ,
ଭାସି ଯାଉଥିଲା ଯହିଁ ଶବ ରାଶି ରାଶି
ନର ଗଜ ବାଜିଙ୍କର ସ୍ୟନ୍ଦନ ସହିତେ,
ଅଗ୍ରେ ରକ୍ତନଦୀ ଦେଖି ଚକିଲେ ଭୂପତି
ହାହାକାରେ କରଯୁଗ ମାରି ନିଜ ଭାଲେ
କହିଲେ ଆରତେ,"ପଛେ ଗୋଡ଼ାନ୍ତି ପାଣ୍ଡବେ
ଶସ୍ତ୍ରପାଣି, ଦଣ୍ଡପାଣି ଦଣ୍ଡଧର ଯଥା ;
ସମ୍ମୁଖେ ଭୀଷଣ ନଦୀ ତରଙ୍ଗମାଳିନୀ,
କେବଣ ଉପାୟେ ମୁହିଁ ଯିବି ସରୋବରେ ?
କେ ତାରିବ ମୋତେ,ଆହା,ଏ ଘୋର ସଙ୍କଟେ?"
ସହସା ଦେଖିଲେ ସ୍ରୋତେ ଯାଉଅଛି ଭାସି
ଦୁଃଶାସନ-ଶବ, ଯାଇଁ ସେ ଶବ ନିକଟେ,
ବୋଇଲେ,ହେ ବାବୁ,"ତୋର କ୍ଷତ୍ରିୟସମାଜେ
ଥିଲା ସବୁ ପରେ ଟେକ ବଇରି-ବିଭ୍ରାଟେ,
ଅଭିମାନ ମୋର, ବାବୁ, ନ ସହୁରେ କ୍ଷଣେ,
ମୋର ଏ ଜୀବନେ,ବାବୁ,କିସ କାର୍ଯ୍ୟ ଆଉ ?
ଜୀଇଛି ନିର୍ଲଜ୍ଜ ମୁଁ ଯା ତୁମ୍ଭଙ୍କୁ ମରାଇ !
ତୁ ତ ପହଁରୁଛୁ ଏବେ ରକ୍ତଜଳରାଶି,
ଏ ପ୍ରବାହେ ପାରିକରି ଦେବୁ କି ତୁ ମୋତେ?"
ଏହା ବୋଲି ଭେଳା କରି ଦୁଃଶାପରେ ଯାଇ
ପଡ଼ନ୍ତେ ବୁଡ଼ିଲା ଶବ ନିତାଳ ଗଭୀରେ ;
ତାକୁ ଛାଡ଼ି କୁରୁବୀର ଦେଖିଲେ ଅଦୂରେ
କର୍ଣ୍ଣଙ୍କର ଶବ ଭାସି ଆସୁଛି ସେ ସ୍ରୋତେ,
ପ୍ରାଣହୀନ ହୋଇ ସୁଦ୍ଧା ଝଟକଇ ଯହିଁ
ବୀରତେଜେ ଆଗ ପର କାଳାର୍କ ପରାୟେ
ପ୍ରାଂଶୁ' ସ୍ୱର୍ଣ୍ଣତାଳ ପ୍ରାୟେ ସେହି ଗୌର ତନୁ
ଏବେ ସୁଦ୍ଧା ଦିଶେ ତୋର ମୃତ୍ୟୁର କବଳେ,
କୋଳ କରି କର୍ଣ୍ଣେ ତହିଁ କହିଲେ ସମ୍ବୋଧି
କୁରୁମଣି, "ଆହା, ମିତ୍ର, ପ୍ରିୟ ପ୍ରାଣୁଁ ବଳି
ତୁ ମୋହର,ଦୁଃଖୀ-ଦୁଃଖ ଦେଖି ତୋର ହିଆ
ଦ୍ରବୁଥିଲା ସଦା, ତେଣୁ ଥିଲୁ ମହାଦାତା
ଦାନବୀର ବୋଲି ଥିଲୁ ବିଖ୍ୟାତ ଜଗତେ,
ଦ୍ୱିଜ ବେଶେ ଦାନ ତୋତେ ମାଗନ୍ତେ ମଘବା
କବଚ କୁଣ୍ଡଳ ତାଙ୍କୁ ଦେଲୁ ଅକାତରେ ;
ନିରାଶ ନୋହିଲେ ଅର୍ଥୀ ତୋହ ଠାରେ କେବେ
ମେଣ୍ଟି ତୁହି, ମିତ୍ରମଣି, ମାତାଙ୍କର ବାଣୀ
ସୋଦରଗଣଙ୍କୁ ଛାଡ଼ି ଆଶ୍ରା କଲୁ ମୋତେ ;
ବହୁକାଳ ମୁହିଁ ତୋତେ ସମ୍ଭାଳିଣ ଥିଲି,
ପାରିକରି ନେବୁ କିରେ ମୋତେ ଏ ପ୍ରବାହେ?"
ଏହା କହି କର୍ଣ୍ଣ ଦେହେ ପଡ଼ିଲା ମାତ୍ରକେ
ବୁଡ଼ିଗଲା ସେହି ଦେହ ଅତଳ ସଲିଳେ,
ଦ୍ରୋଣଙ୍କର ପିଣ୍ଡ ଭାସି ଆସନ୍ତେ ତା ପରେ,
'ହା ହା ଗୁରୁ' ବୋଲି ରାଜା ଧଇଲେ ତା ଯାଇ
"ମୂର୍ତ୍ତିମନ୍ତ ଧନୁର୍ବେଦ ଥିଲୁ ତୁ ଜଗତେ,
ଶିଖିଥିଲି କ୍ଷତ୍ରବିଦ୍ୟା ତୋହର ପସ୍ୟରେ,
ନ ଥିଲେ ଅରହ ତୋତେ ସମରେ ମଘବା,
ବାତ୍ସଲ୍ୟ ତୋହର ଥିଲା ଅଧିକ ଅର୍ଜୁନେ,
ପରାଭବ ସେହି ତୋତେ ଦେଲା ଅବଶେଷେ !
ବେଦଶାସ୍ତ୍ରେ ଥିଲୁ ତୁହି ମର୍ତ୍ତ୍ୟେ ବୃହସ୍ପତି,
ଏପରି ବ୍ରାହ୍ମଣ ଗୁରୁ ମରାଇ ପାଣ୍ଡବେ
ଲଭିଲେ ସାମ୍ରାଜ୍ୟ ଶିରୀ କେଉଁ ଧର୍ମବଳେ ?
ତୋର ଗୁଣ କହିବାକୁ ନାହିଁ ବେଳ ଆଉ,
ବରତବ ନାହିଁ ମୁହିଁ ଜାଣିଲେ ପାଣ୍ଡବେ;"
ଗୁରୁଙ୍କୁ ଏମନ୍ତ ସ୍ତବି, ତାଙ୍କ ଶବ ପରେ
କୋଳକରି କୁରୁପତି ପଡ଼ିଲନ୍ତି ମାତ୍ର

ବୁଡ଼ିଗଲା ସେହି ପିଣ୍ଡ ଜଳେ ସେହିକ୍ଷଣି,
ଏ ଅନ୍ତେ ଶକୁନି-ଶବ ଆସିଲାକ ଭାସି,
ଶକୁନି — ବିକ୍ଷତମୁଖ, ବିକୃତଆକୃତି,
ତହିଁ ନେତ୍ର ପଡ଼ିଲାରୁ ଦେଖି କୁରୁନାଥ
କହିଲେ ଏମନ ବାଷ୍ପଗଦ୍‌ଗଦ ସ୍ୱରେ,
"ହା ହା, ମୋ ମାତୁଳ, ତୁମ୍ଭେ ପାଣ୍ଡବବିନାଶେ
ଭିଆଇଲ ଯେତେ କୁଟ, ସବୁ ହେଲା ବୃଥା !
ବିଷଲଡ଼ୁ ଖୁଆଇଲ ଭୀମକୁ କୌଶଳେ,
ଜଳ, ଖୋଟ, ଛଳପଟ, ଗୁଆଦ୍ୟୂତ ଯୋଗେ
ଭିଆଇ ତୁ ଜତୁଗୃହ, ବରଗିଲୁ ତହିଁ
ପୁରୋଚନେ ପାଣ୍ଡବର ଦହନ ଉଦ୍ଦେଶ୍ୟେ,
ଉବୁରିଲେ ତହୁଁ ସେହି କେଉଁ ବୁଦ୍ଧିବଳେ ?
କପଟପାଶାର ଥିଲୁ ସୂତ୍ରଧାର ତୁହି,
ଜିଣିଲୁ ତୁ ରାଜ୍ୟ ଆଦି ସବୁ ବୁଦ୍ଧି କରି,
ମାତ୍ର ବୃଥା ହେଲା ସବୁ ଦଇବ-ଅବଳେ !
ତୋର ଗୁଣ, ମାତୁଳ, ମୁଁ କହିବଇଁ କେତେ
କହ, ମାମୁଁ କି ବୁଦ୍ଧି ମୁଁ କରିବି ଏ କାଳେ ?
କେମନ୍ତେ ହୋଇବି ପାର ଏ ରୁଧିର-ନଦୀ ?"
ଶକୁନି-ଉପରେ ରାଜା ପଡ଼ିଲାରୁ ମାଡ଼ି,
ବୁଡ଼ିଗଲା ସେହି ପିଣ୍ଡ ଅଗାଧ ପ୍ରବାହେ ;
ସେ ଉଦ୍ୟମ ବୃଥା ଦେଖି ତହୁଁ ସେ ଆରତେ
କାନ୍ଦିଲେ ସୁମରି ଦୈବେ, ହାହାକାର କରି,
ଦେଖିଲେ ଏ କାଳେ ଅଗ୍ରେ ଆସୁଅଛି ଭାସି
ପରମ ସୁନ୍ଦର ଯୁବା ସେହି ଖର ସ୍ରୋତେ,
କଙ୍କଣ କୁଣ୍ଡଳ ନାନା ଅଳଙ୍କାର ଦେହେ,
ଶତ ଚନ୍ଦ୍ର ଭାସି କି ସେ ଯାଉଛି ସଲିଳେ !
ଜଳଦେବତା କି ଯାଏ ନିଦ୍ରାଯୋଗେ ଭାସି
ସେ ଜଳେ,ଦୋଳାସେଅଗ୍ନିଲହରୀ-ପ୍ରେଙ୍ଖୋଳା !
ଏହୁ ମୋତେ ନେବ ପରା ସ୍ରୋତ ପାରକରି,
ଏହା ଭାଣ୍ଡି କୁରୁନାଥ କୋଳ କରି ତାକୁ
ଉପରେ ଥୋଇଲେ ଦୁଇ ଗଦା ସେ ତତ୍ପର
ଆପେ କୁରୁନାଥ ପରେ ବସିଲେକ ମାଡ଼ି,

ଶୋଲ ଭଳି ଭାସେ ଶବ ସେ ରୁଧିରସ୍ରୋତେ,
ପିଠିରେ ବସିଣ ରାଜା ବେନି ହାତେ ବାହି
ଦ୍ୱି ଦଣ୍ଡରେ ଉପନୀତ ହେଲେ ପରପାରେ,
ପାରିହୋଇ ମୃତପିଣ୍ଡ ଓହ୍ଲାଇ ତ୍ୱରିତେ
ବୋଇଲେ ସେ ଶବ ପ୍ରତି, "ଦୁଃଶା କର୍ଣ୍ଣ ଆଦି
ଯୋଗେ ଯା ନୋହିଲା,ସାଧିହେଲା ତୋହ ଯୋଗେ
କିଏ ତୁ ମହାତ୍ମା ? ମୃତ ହୋଇ ଉପକାରୀ
ହେଲୁ ଏବେ ତୁହି ମୋର ଏ ଆତଙ୍କବେଳେ
କୁଲାଇ ସେ ଶବ ମୁଖ ନିରେଖନ୍ତେ ପୁଣି
ଚିହ୍ନିଲେ ସଖେଦେ ରାଜା କୁମାର ଲକ୍ଷଣେ,
ଶୋକେ ଅସମ୍ଭାଳ ହୋଇ ବାହୁନି ବାହୁନି
ଶବକୁ ନିରେଖି ତହୁଁ କହିଲେ ଆରତେ,
"ଏକମାତ୍ର କୁଳାଙ୍କୁର ଏହି କୁରୁକୁଳେ,
କୁମାର ଲକ୍ଷଣ, ତୁହି ଥିଲୁ ସେଣୁ କରି,
ତୋର ରକ୍ଷା ଲଗି ତୋତେ ରଣସ୍ଥଳୁ ମୁହିଁ
ପେଷିଲଇଁ ଗୁପ୍ତପଥେ କୌରବ-ଶିବିରେ,
ଆହା, ତୋହଠାରେ କିଏ କଲା ଏ ଅନୀତି
ସ୍ଫୁଟୋନ୍ମୁଖ ଏ କୋରକ ଛିଣ୍ଡାଇ ଅକାଳେ
କିଏ ଦଳିଦେଲା, ଆହା, କୁରୁ-ଆଶାଲତା !
ବାହୁତ ହୋଇ ତୁ ମୋର ଆଗେ ଗଲୁ ଚାଲି
ଛାଡ଼ି ମୋତେ ଏ ଜଗତେ,ମୋରଯୋଗ୍ୟସୁତ
ସୁଯୋଗ୍ୟ ଦାୟାଦ କୁରୁରାଜସିଂହାସନେ
ଥିଲୁ ତୁହି, ଆରେ ବାବୁ, କି ଗୁଣେ କି ରୂପେ
ସୁମରି ତୋ ଗୁଣରାଶି ; ଦୟାପୂର୍ଣ୍ଣ ହିଆ,
ଝୁରି ହେଉଥାନ୍ତି ପ୍ରଜା ଦେଶଦେଶାନ୍ତରେ ।
ଦାନ ଦେବା ପାଇଁ ଧନ ରାଶି ତୁ ନ ଜାଣୁ,
ଅହର୍ନିଶ ଭକ୍ତି ତୋର ଦେବତା ବ୍ରାହ୍ମଣେ
ଧର୍ମ କାର୍ଯ୍ୟ ସଦା ଲାଗିଥାଇ ତୋର ଚିତ୍ତ,
କେମନ୍ତେ ଛାଡ଼ିଲେ ତୋତେ ସେ ଧର୍ମଦେବତ
ସଦା ସଦାଳାପୀ, ଦୁଃଖିଜନର ଭରସା,
ସଦା ସତ୍ୟବାଦୀ, ସଦା ରତ ପରହିତେ,
ତୋତେ ଦେଖି'ସାଧୁ ସାଧୁ'କହୁଥିଲେ ଲୋକେ

ପ୍ରତିପତ୍ତିଶାଳୀ ତୋର ବଦନ-ଚନ୍ଦ୍ରମା
ଦେଖି ହେଉଥିଲେ ଲୋକେ ଆପ୍ଲୁତହରଷେ,
ସମ୍ପୂର୍ଣ୍ଣ ଥିଲା ଦେଶ ତୋ ଯଶଃସୌରଭେ;
ସାଧୁ ଯଥା, ଦୁର୍ଜ୍ଜୟ ତୁ ଥିଲୁ ରଣସ୍ଥଳେ,
କମ୍ପୁଥିଲେ ଶତ୍ରୁକୁଳ ତୋର ଧନୁର୍ଘୋଷେ,
ଅଛଇ ତୋହର ବାବୁ, ସଦ୍‌ଗୁଣ ଯେତେ
ମୁଖେ ନ ପାରିବେ କହି ସବୁ ଗଣପତି ।
ବାବୁ ଲକ୍ଷଣ ରେ, କଲୁ ଅନାଥ ତୁ ମୋତେ
ବୁଡ଼ାଇଲୁ ଭେଳା ମୋର ଅତଳ ସାଗରେ ।
ଅନ୍ଧାର ଏ ସୃଷ୍ଟି ମୋତେ ଦିଶେ ତୋ ବିହୁନେ
ବିକଳ ହେଉଛି ମୁହିଁ, ନ କରେଖୁ କମା ?
ଉଠ ଉଠ, ବାବୁ, ଯିବା ନଗରେ ବାହୁଡ଼ି,
ଚାହିଁଥିବେ ତୋର ବାଟ ଭାନୁମତୀ ମାଏ ;
ମାଏ ପୋଏ କଲ ମୋତେ ଅନେକଦାଇନ,
ବାହୁଡ଼ି ନ ଯାନ୍ତି ଯଥା କୃଷ୍ଣ ଅପମାନେ,
ପଡ଼ା ପାଞ୍ଚ ଖଣ୍ଡି ମାଗିଥିଲେ ଯଦୁପତି,
କେବେ ଗଡ଼ା ଦେବା ଲାଗି ତୁମ୍ଭେ କଲ ଅଳି,
ବିନା ଯୁଦ୍ଧେ ସୂଚୀମୁନେ ଦେବି ନାହିଁ କ୍ଷିତି
କର୍ଣ୍ଣ ଶକୁନିଙ୍କ ସଙ୍ଗେ ପାଞ୍ଚି ଏ ମନ୍ତ୍ରଣା,
ପ୍ରତିଫଳ ତାର, ବାବୁ, ପାଇଲି ମୁଁ ଏବେ,
ଏତେ ବଡ଼ ସମ୍ପଦ ମୁଁ ହେଳେ ବୁଡ଼ାଇଲି ।
ଆରେ ପୁତ୍ର, ବୋଲି ତୋର ମାନୁଛି ଏକ୍ଷଣି,
ଅଧେ ରାଜ୍ୟ ଦେବି, ଏବେ ଆସ ମୋର ତୁଲେ,
ଦେଖି ତୋର ସେହି କାନ୍ତି, ସେହି ମୁଖଶଶୀ
ଧରିବି ପରାଣ କେହ୍ନେ ଏ ବେଶେ ନିରେଖି ?
ମୃତ ପିଣ୍ଡ, ବାବୁ, ତୋର ଜଡ଼ାଇ ହୃଦୟେ,
ଏ ମୋହର ଦେହ କିମ୍ପା ଯାଉନାହିଁ ଫାଟି ?
କର୍ପୂର ଚନ୍ଦନ ବୋଳି ହେଉ ଯେଉଁ ଦେହେ
ସେହି ଦେହ ଏବେ, ଆହା, ଆପ୍ଲୁତ ଶୋଣିତେ
ଲୁଳୁଥିଲା ଯେଉଁ ହୃଦେ ମଣି ଗଜମୋତି,
ମେଦମାଂସ ଏବେ ବୋଳାହୋଇଛି ସେ ସ୍ଥଳେ
ଜନ୍ମଠାରୁ ମୁଖ ତୋର ଚାହିଁ ଆଜଯାଏ
ନିରେଖି ହେଲିଟି ଏବେ ମୁଁ ହି ଭବତଳେ ।
କେବେହେଁ ନ ହେଉ ତୋର ମୋହପରିଷିତା,
ତୋହପରି ପୁତ୍ର ହେଉ ଜନମେ ଜନମେ ।”
ଏହା କହି ସେହି ଘୋର ରଜନୀ ଅନ୍ଧାରେ
ନିବିଡ଼ ପଳାଶକୁଞ୍ଜେ ଏକ ଗାତ ଖୋଳି
କୁରୁପତି ଲକ୍ଷଣଙ୍କୁ ଶୁଆଇ ସେ ଗାତେ ;
ସାଶ୍ରୁନେତ୍ରେ ତା ଉପରେ ପକାଇଲେ ମାଟି ।
ଖରଗତି ତଦନ୍ତରେ ପଳାଇ ଗୁପତେ
ସେ ପଳାଶ କୁଞ୍ଜେ କୁଞ୍ଜେ ମଣ୍ଡପ ଡଗରେ
ଭଜିଲେ ଆଶ୍ରୟ ବ୍ୟାସ-ସରୋବରେ ଯାଇ



# ସତୀ ପ୍ରତି ସତୀଦ୍ରୋହୀ ପତିର ଉକ୍ତି

—*—

କି କହିବି ଆଜ ଦେବି, କହିଅଛି ଫେଡ଼ି,
ଫାଟିଯାଏ ହୃଦ ମୋର କି ତୀବ୍ର କଷଣେ,
ଭାଷାର ଶକତ ନାହିଁ ପ୍ରକାଶିବାପାଇଁ
ଏ କଷଣ, ଏ ଦାରୁଣ, ଏ ତୀବ୍ର ବେଦନା,
ଜଳୁଛି କି ଦାବାନଳ ହୃଦୟ-କାନନେ
ଏ ଦୁଃଖୀର, ହେ ଦୁଃଖିନି, ଖାଉଛି କି ଛାଣି
ଅନୁତାପ ତୁଷାନଳେ ଜଳେ ଅହର୍ନିଶି
ଅନ୍ତରାତ୍ମା, ପୋଡ଼େ ହିଆ ତଳ ଜଳ ହୋଇ
ଅୟି ପୁଣ୍ୟଶୀଳେ, ଦେବି, ଗୃହଦେବତେ,
ସ୍ୱଦାଶୟା, ସହୃଦୟା, ଚିରବିଶ୍ୱାସିନି,
କେଉଁ ପାପଫଳେ ତୁହି ହୋଇଥିଲୁ ଭବେ
ଏ ମହାପାପୀର ପତ୍ନୀ, କେ କହିବ ମୋତେ ?
କେ କହିବ ପୁଣି, ଆହା, ଏ ଘୋର ନାରକୀ
ହୋଇଥିଲା ପତି ତୋର କେଉଁ ପୁଣ୍ୟଫଳେ !
ମୁଁ ଛାର ପାମର, ଆହା, ବୁଝିବି କେସନେ
ମହିମା ତୋହର, ତୁହି ସାଧ୍ୱୀଶିରୋମଣି !
ଚରିତ୍ରକୁ ଲକ୍ଷ୍ୟ ମୋର ଥିଲା ସବୁକାଳେ,
କି ଯୁବା, କି ପ୍ରୌଢ଼ କାଳେ, କି ବୃଦ୍ଧବୟସେ
ରହିବି ଜୀବନେ ଏକପତ୍ନୀବ୍ରତୀ ହୋଇ,
ଏହା ହିଁ ମୋହର ଲକ୍ଷ ଥିଲା ସବୁଦିନେ,
ଆଦରଶ ସ୍ୱଚରିତ୍ରେ ହେବାକୁ ସମାଜେ
ପୋଷିଥିଲି ଆଶା, ଦେବି, ହୃଦୟେ ନିରତେ,
ଲକ୍ଷ୍ୟ ଅନୁରୂପେ ଥିଲି ରତ ଅନୁଷ୍ଠାନେ,
କୁକ୍ଷଣେ ବିଦେଶେ ଯାଇ, ତୋ ସଙ୍ଗ ହରାଇ,
ପଡ଼ିଲି ଦୁର୍ଭାଗ୍ୟ-ଚକ୍ରେ ରାକ୍ଷସୀ ହାବେଭାବେ,
ଖସରି ଗଲା ଏ ପାଦ ଅନୀତିର ପଥେ,
ବୁଡ଼ିଲି ପିଛିଲି ପୁଣି ପାପର କର୍ଦ୍ଦମେ ;
ଖସି ଆସିବାକୁ ଚେଷ୍ଟା କରିଥିଲି କେତେ,
ବିଫଳ ପ୍ରୟାସ ହେଲା ସେ ରାକ୍ଷସୀକୂଟେ,
ହୃଦୟଦୌର୍ବଲ୍ୟ ମୋର ଯୋଗଦେଲା ତହିଁ,
ସ୍ୱାର୍ଥସିଦ୍ଧି ଲାଗି ମୋତେ ସେହି ପାପୀୟସୀ
ଦେଖାଇଣ ବଶ୍ୟତିକା ରଖିଲା ଆକଟେ ;
ଦୁର୍ବଳ ମୁଁ ସେଣୁ ସଦା କି ମନେ, ଶରୀରେ,
ମାୟାବିନୀ-ମାୟାଜାଲ ନ ପାରିଲି ଛେଦି ।
ଊର୍ଣ୍ଣନାଭ ଶୋଷେ, ଆହା, ମକ୍ଷୀକି ଯେସନେ
ସେହିପରି ରକ୍ତ ମୋର ଶୋଷି ମାୟାବିନୀ
କଙ୍କାଳମାତର କରି ଦେଲା ଶେଷେ ଛାଡ଼ି ।
ନାହିଁ ଟି ସାହସ ମୋର ନିରେଖିବା ପାଇଁ
ହିମବିନ୍ଦୁସ୍ତବକିନୀ କମଳିନୀ ପ୍ରାୟେ
ଏ ମୁଖ ତୋହର ସତି, ସିକ୍ତ ନେତ୍ରନୀରେ,
ଏ ସୁନ୍ଦର ମୁଖ କାଳେ ପଡ଼ିବ ଝାଉଁଳି,
ସୁକୁମାରି, ଏ ପାପୀର ବିଷଦୃଷ୍ଟି ପାତେ,
ନ ହୁଏ ଭରସା, ଆହା, କହିବାକୁ କଥା
ତୋର ଆଗେ, କଳୁଷିତ ହୋଇଯିବ କାଳେ
ପବିତ୍ର ଶ୍ରବଣ ତୋର ସେହି ବାଣୀ ଶୁଣି ।
ନ ପାରେ ଭରସି ପାପି ପରଶିବାପାଇଁ
ତୋର ପୁଣ୍ୟ ଅଙ୍ଗ ଏହି ଅପବିତ୍ର କରେ,
ଏ ପାପ ଶରୀର ବହି ଅର୍ଦ୍ଧାଙ୍ଗିନୀ-ବୋଲି
କହିବାକୁ ନାହିଁ ମୋର ଅଧିକାର ତୋତେ !
କେତେକେତେକ୍ଳେଶଦେଇଅଛିତୋତେ ମୁଁ ଜୀବନେ;
ଅବହେଳା ଔଦାସୀନ୍ୟ ଦେଖାଇଛି କେତେ;
କହିଛି ଦାରୁଣ କେତେ ଉପହାସବାଣୀ,
ମୂର୍ତ୍ତିମନ୍ତ ସହିଷ୍ଣୁତା ତୁହି ଭବତଳେ,
ନ ଥିଲା ଜୀବନେ ତୋର ବିଳାସବାସନା,
ତପଃକ୍ଳିଷ୍ଟା ତୁହି ସଦା, ଥିଲୁ ତପସ୍ୱିନୀ,
ସଦା ଶ୍ରମଶୀଳା ପର ସେବାବ୍ରତେ ରତା,

ନ ଦେଖ ମୋହର ଦୋଷ, ଦେଇଥିଲୁ ଢାଳି
ସ୍ନେହର ଭଣ୍ଡାର ତୋର ଏହି ଅଭାଜନେ,
କେତେ ବ୍ରତ ଉପବାସ, ନିୟମାଦି କେତେ
କରିଥିଲୁ ମୋହପାଇଁ କି କଷଣ ସହି,
ଶୁଝିଲି କେମନ ମୁହିଁ ସେହି ଋଣରାଶି ।
ଏକମାତ୍ର ତୋର ପ୍ରାପ୍ୟ ଯାହା ମୋହଠାରୁ,
ମାତୃବିମ୍ବ ରାକ୍ଷସୀକି ସେ ସ୍ନେହ ଅଞ୍ଜଳି
ଦେଲି ମୁହିଁ, ପଡ଼ି ପାପ-ପିଶାଚ-କୁହୁକେ,
ପବିତ୍ର ଯଜ୍ଞର ହବିଃ ଅରପିଲି ଶ୍ୱାନେ,
ପୁଷ୍ପମାଳ ଭ୍ରମେ ମୁହିଁ ଗୁଡ଼ାଇଲି ଦେହେ
ଗରଳସ୍ରାବିଣୀ କ୍ରୂର ଦୁରନ୍ତ ନାଗୁଣୀ,
ତୁଚ୍ଛିଲି ସାରକୁ ଦେଖି ବାହାରର ଝଲି,
ଆୟୁଷ୍ୟ ପଥ୍ୟାନ୍ନ ତେଜି ବିଷ ଲଡ଼ୁକାରେ
ବଳାଇଲି ମତି, ଆହା, ବସ୍ତୁଂପରିଣାମେ,
ଆସନ୍ନନିର୍ବାଣ ମୋର ପ୍ରାଣଦୀପ ଯେବେ,
ଧନ ମାନ ପ୍ରାଣ ମୁହିଁ ମୋହର ଏକାଳେ
ଅରପିଲି ବଳିରୂପେ ସେହି ପାପପୀଠେ,
ତୋହ ପରି ସୁଶୋଭିତା ପବିତ୍ରହୃଦୟା
ରୁଗଣଭଗ୍ନଦେହା, ପୁଣି ଚିନ୍ତାଜର୍ଜରିତା
ଅବଳାକୁ କଲି, ଆହା, ଦାଣ୍ଡଭିକାରୁଣୀ,
ବିନା ଦୋଷେ ଲୋକଠାରେଧିକ୍କୃତା ଲାଞ୍ଛିତା
ଅନାଥୀ ଅତିଥିଙ୍କୁ ଯେ ସନ୍ତୋଷେ ସଦୟେ
ଦେଉଥିଲା ଅନ୍ନ ସଦା ଅନ୍ନପୂର୍ଣ୍ଣାରୂପେ,
ଆହା, ସେହି ଦୟାବତୀ ରମଣୀକି ମୁହିଁ
ଅନାଥିନୀ ପରଦ୍ୱାରେ କଲି ନିଜ ପାପେ ;
ତୋର ମୋର ବେନିଙ୍କର ସ୍ନେହର ପିତୁଳା
ଦାଣ୍ଡର ଭିକାରୀ କଲି ସେ ବେନି କୁମରେ,
ମଣ୍ଡିତ ଯେ ପିତୃ-ମାତ-ବତ୍ସଳତାଗୁଣେ,
ତୋର ଆଦରଣେ ଯେହ୍ନ ଯତ୍ନେ ଗଢ଼ିଥିଲେ
ନିଜର ଚରିତ୍ର ତୋର ପୁଣ୍ୟଗୁଚ୍ଛେଁ ଢାଳି ।
କ୍ଷମାଶୀଳା, ଲଭିବ କି କ୍ଷମା ତୋର ମୁହିଁ
ଏହି କ୍ଷମାତୀତ ପାପେ ଏ ବୟସେ ପୁଣି ?
ଏ ପଳିତକେଶେ, ଜୀର୍ଣ୍ଣ ଶୀର୍ଣ୍ଣ ରୁଗ୍ଣ ଦେହ
ଏ ବିଶ୍ୱାସଦ୍ରୋହୀଠାରେ, ରହିଲୁ ବିଶ୍ୱାସିନି ।
ରହି ବିଶ୍ୱାସର ଫଳ ଲଭିଲୁ ଯେଉଁନେ,
କେଉଁ ନ୍ୟାୟେ ତୋ ବିଶ୍ୱାସ ଲଭିବାରଆଶା
ଏତେ ବଡ଼ ଦୁରାଶା—ମୁଁ ପୋଷିବି ହୃଦୟେ ?
ଭାଙ୍ଗି ପଡ଼ୁଅଛି ମନ ଦୁଷ୍କୃତ ସୁମରି
ମୋହର ଭରସା ବାନ୍ଧି ପାରୁନାହିଁ ଆଜ,
କି କରିବି, କି କହିବି, ବୁଦ୍ଧି ଦିଶୁନାହିଁ,
ଜୀବନ ବହି ମୁଁ ହୀନ କଳ ପିତୁଳାରୁ ।
କି କରୁଛି, କି କହୁଛି, ନ ଜାଣଇ ନିଜେ,
ଏ ସଂସାରେ ଏ ଗହଳ ଲୋକକୋଳାହଳେ
ନିଜକୁ ମୁଁ ଜଣେ ବୋଲି ମଣୁନାହିଁ ଆଜ,
କେହି କି ଜଗତେ ନାହିଁ ସକ୍ଷମ ଦେବାକୁ
ଫେରାଇ ମୋହର ସେହି ପୂର୍ଣ୍ଣ ନିସ୍ପୃହତା,
ସେ ଗୃଢଦଂଶନମୋର – ଉନ୍ନୋତ୍ତମ ଭବେ
ସକ୍ଷମ କି ଜଗତେ ଜଣେ କେହି ନାହିଁ
ଧୋଇବାକୁ ମୋର ଏହି ହୃଦୟର କାଳି ?
କିଏ ଦୟା ବହି ମୋତେ ଢାଳି ଶାନ୍ତିବାରି
ସରସ ପ୍ରଫୁଲ୍ଲ କରି ଦେବ ପୂର୍ବ ପରି ?
ଏକମାତ୍ର ଆଶା ମୋର ଅଛି ପ୍ରଭୁପାଦେ,
ଆଶା ଅଛି ପୁଣି ତୋର ବତ୍ସଳ ହୃଦୟେ,
ମୋର ଦୋଷପାକ ମୁହିଁ ସବୁ ଅକପଟେ
ଫେଡ଼ି କହିଅଛି, ଦେଖି ତୋହର ଅଗ୍ରତେ,
ନାହିଁ ଦାବି ତୋବିଶ୍ୱାସେ ତିଳେ ମୋର ଏବେ;
ତଥାପି କହୁଛି ମୁହିଁ—ତୁହି ମୋର ଗତି,
ଏକମାତ୍ର ଗତି ଇହଲୋକେ ପରଲୋକେ,
ପରାଣସଙ୍ଗିନୀ ମୋର ପ୍ରେମର ପ୍ରତିମା,
ଉଦ୍ଧାରର ଏକମାତ୍ର ନାବ ଭବଜଳେ,
ଏ ନୁହେ ମୋହର ମନ ଭୁଲାଇବା କଥା,
ଯା କହିଲି, କହିଲି ମୁଁ ହୃଦ-ଅନ୍ତସ୍ତଳୁଁ ।
ଦୁଃଖ ତୋର ଯେତେ ମୁହିଁ ବୁଝିଅଛି ସବୁ,
ବୁଝିଛି ଆବର ତାର ହେତୁ ଏକା ମୁହିଁ,

ସେହିହେତୁ ହୃଦ ମୋର ଜଳୁଛି ନିରତେ
ତୀବ୍ର ଆତ୍ମଗ୍ଲାନିରୂପୀ ଅନଳଶିଖାରେ ;
ଅଲଙ୍ଘ୍ୟକପଣେ ମୁହିଁ ମାଗୁଛି ତୋଠାରେ
କ୍ଷମା, ଦୟା ଭିକ୍ଷା, ଦେବି; ହୃଦୟୁବଜଳେ;
ତୋତେ ବଳି କେହି ନାହିଁ ଦୁଃଖିନୀ ଜଗତେ
ମାତ୍ର ତୋହଠାରୁ ମୁହିଁ ଦୁଃଖୀ ଅତିରେକେ,
ଦାୟୀ ନୋହୁ ତୁହି, ସତି, ତୋର ଦୁଃଖଲାଗି,
ମୋହର ପାପର ଫଳ ପଡ଼ି ତୋ ଉପରେ
କଲା ବିଷାଦିନୀ ଦୀନା ତୋତେ ଏତେ ସତି !
କିନ୍ତୁ ଶୁଦ୍ଧ ପବିତ୍ର ତୁ-ଏ ତୋର ସାନ୍ତ୍ୱନା ;
ଏ ସାନ୍ତ୍ୱନା ନାହିଁ ମୋର, ପାପୀ ଯେଣୁ ମୁହିଁ,
ପାପୀଠାରୁ ଦୁଃଖୀ ଆଉ କାହିଁଟି ଜଗତେ,
ନିଜ ପାପଫଳ ମୁହିଁ ଭୋଗିଥାନ୍ତି ଯେବେ
ଏକାକୀ, ନୁହନ୍ତା ମୋର ଏ ତୀବ୍ର ଯାତନା,
ଏ ମୋର ଦୁଷ୍କୃତି ଯୋଗୁଁ ତୋହପରି ନାରୀ-
ଶାନ୍ତଶୀଳା, ପତିବ୍ରତା, ପତିପରାୟଣୀ
ନାରୀ ପ୍ରତି ଉପୁଜିଲା ଏ କଷଣ ରାଶି,
ସାନ୍ତ୍ୱନା ଲଭିବି କାହିଁ ଏହା ମୁଁ ସୁମରି ?
ନିଜକୃତ ଗାଡ଼େ ମୁହି ନିଜେ ପଡ଼ି, ପୁଣି
ପକାଇଲି ସଙ୍ଗେ ମୋର ନିରୀହ ସୁଜନେ !
ଆଉ କି କହିବି, ତୁହି ସ୍ୱର୍ଗୀୟଦେବତା
ସତୀଦ୍ରୋହୀ ମୁହିଁ ବୋଲି ପତିଦ୍ରୋହୀ ତୁହି
ହେବୁ ନାହିଁ କେବେ, ଏହା ଜାଣଇ ମୁଁ ଭଲେ
ନରାଧମ ପାଷଣ୍ଡ ମୁଁ ପାମର ନାରକୀ
ହେଲେହେଁ ତୋହର ସ୍ୱାମୀ ଅର୍ଦ୍ଧାଙ୍ଗ ତୋହରି,
ପାରିବୁ ତ ନାହିଁ ତୁହି ବିସୋରି ଏ କଥା;
ଜାଣଇ ମୁଁ ଭଲେ, ତୁହି ତୋର ଅନ୍ତର୍ଗତେ
କ୍ଷମିଅଛୁ, କ୍ଷମାଶୀଳା, ମୋର ଦୋଷରାଶି,
ଅଶୁଭ କାମନା ମୋର ତୋର ଧାରଣାରେ
ନ ପାରିବ ଆସି, ଏହା ଜାଣଇ ମୁଁ ଭଲେ,
ମୁକୁଳାଇ ମୁହିଁ ମୋର ନରକର ଗନ୍ଧା
ଯାଇଥିଲି ବହୁଦୂର, ଆଣିଲୁ ଉଦ୍ଧାରି,
ପୂର୍ବପରି ମୋତେ ତୋର ଆଜ୍ଞାକାରପଣେ
ରଖି, ସତି, ଏ ଜନମ କରୁଛି ପସ୍ୟରେ,
ମୋତେ ତାରିବାକୁ ଏକା କରି ପ୍ରଭୁପାଦେ,
ମୋର ଏ ଆକୁତି ନାଥ ନ ଶୁଣିବେ ଯେବେ,
ଶୁଣିବେ ସେ ନିଶ୍ଚେ ପତିବ୍ରତାର ଗୁହାରି,
ତୋର ଡାକେ କୃପାଦ୍ୱାର ଫିଟିବ ସହଜେ,
କୃପାସିଂହାସନ ନିଶ୍ଚେ ଟଳିବ ମୋ ପାଇଁ,
ପତିତପାବନ, ପୁଣି କୃପାବାରିନିଧି,
ଏ ନାମ ବହନ୍ତି ଯେଣୁ ବ୍ରହ୍ମାଣ୍ଡର ସାଇଁ,
ତୋହପରି ସତୀ ଜଳେ ମୋ ଲାଗି ଗୁହାରି
ବିଫଳ ନୋହିବ ମୋର କୃପାଲାଭ-ଆଶା,
ଫେଡ଼ିବେ ଆରତି ମୋର ଆର୍ତ୍ତତ୍ରାଣ ହରି ।

---

## ନିବେଦନ

—*o*—

ରଖିଥିଲ ପ୍ରଭୁ ନାନା ଛଳେଭନେ
ପାପର କବଳୁ ଏ ଘୋର ଜୀବନେ ।
କେତେ କେତେ ମହାବିଭୀଷିକାମୟୀ
ପରୀକ୍ଷାରେ ମୋତେ କରିଥିଲ ଜୟୀ ।
ଜୀବନତରୀର ଦୃଢ଼େ କର୍ଣ୍ଣ ଧରି
ପାପସ୍ରୋତେ ପାରି କରିଥିଲ ହରି ।
ବିଯୋଗ ତୁମ୍ଭର କାହିଁପଣ ତହିଁ
ମଣିଲି, ନିଜକୁ ନିଜବଳେ ଜୟୀ ।
ବାଟରୁ ପିଛିଲି ଜୀବନର ପଥେ
ପଡ଼ିଲି ପାପର ଗଭୀର ଗରତେ ।
ବର୍ଜୋଇଥିବାରୁ ତୁମ୍ଭ ନେତୃପଣ
ଘଟିଲା ମୋର ଏ ଦାରୁଣ ସ୍ଖଳନ ।

ତନ୍ଦ୍ରା ଉଡ଼ି ଉଡ଼ି ନାନାରଙ୍ଗେ ନଭେ
ଢୋରିକ ମଣିଲି ଶୃଙ୍ଖଳ ଗରବେ ।
ଆଶ୍ରମ୍ନକୁ ମଣି ଗଣ୍ଡରେ ଅର୍ଗଳ
ସ୍ୱତନ୍ତ୍ର ହେବାକୁ ହେଲି ଉଚ୍ଛୃଙ୍ଖଳ ।
ଦାଇବେ ଦାଉଡ଼ି ଗଲି ଯହୁଁ କାଟି,
ଭକ୍ତ ନହୁଁ ଖସି ଭଜନାକ ମାଟି ।
ଅହଂଭାବେ ହୋଇ ତଥା ଅଭିଭୂତ
ହେଲି ମୁଁ ପବିତ୍ର ଜୀବନୁଁ ବିଚ୍ୟୁତ ।
ଗୁପ୍ତେ ଗୁପ୍ତ-ପାପସ୍ମୃତି-ତୁଷାନଳେ
ମନ ଅଶାନ୍ତ ଯୁଗଯୁଗ ଜଳେ ।
କି ବିଭୀଷିକା ମୁଁ ଦେଖୁଅଛି ଏବେ,
ନାଚନ୍ତି ରୌଦ୍ରଗେ ପାପ-ଉପଦେବେ ।
ପାପର ତାଣ୍ଡବ ଦେଖି ପ୍ରାଣ ଥରେ,
ଯେସନେ ଗୃହେଁ କବା ବାହାରେ ଭିତରେ ।
ଦୋହଲାଏ ହୃଦ ସେହୁ ଅନୁକ୍ଷଣେ
ମହାବେଗେ କବା ଜାଗ୍ରତେ ସ୍ୱପନେ ।
ଅନୁକ୍ଷଣ ହୃଦେ ପାପବହ୍ନି ଜଳେ
ବାଡ଼ବ ଯେସନ ମହାସିନ୍ଧୁଜଳେ,
ବିଦାରି ହୃଦକୁ କରେ ଧୂନା ଧୂନା
ବିଷଦଗ୍ଧ-ପାପସ୍ମୃତି-ବେକମୁନା ।
ଯହିଁ ଯାଏଁ, ଯାଏ ସଙ୍ଗେ ସେ ଗୋଡ଼ାଇ,
ନିଜଠାରୁ ପଳାଇବା ଗତି କାହିଁ ?
ଯେତେବେଳେ କରେ ଯା ସଙ୍ଗେ ଆଳାପ,
ଚିରସଙ୍ଗୀପ୍ରାୟେ ସଙ୍ଗେ ରହେ ପାପ ।
ଅଲକ୍ଷିତେ ମତେ ଦିଅଇ ଚିହ୍ନାଇ,
ଲଜ୍ଜାରେ ଶିରକୁ ଦିଅଇ ନୁଆଇଁ ।
ଦମ୍ଭେ ଭର ଦେଇ ଆବରି ଯତନେ
ନିଜ ବପୁ ଆଧି-ଗୁପ୍ତି-ଆବରଣେ
ସ୍ନେହେଁ ମୁହଁ ଯେବେ ଟେକିବାକୁ ମଥା,
ବିବେକ ପଛରୁ ଲଗାଏ ଗଳଥା ।

ଲୋକ ଆଗେ ମୁହଁ ଥୁଏଁ ଯେବେ ଠିଆ,
ବିବେକ ପଛରୁ ଲଗାଏ ତଣ୍ଡିଆ ।
ଶବ୍ଦ ମାତ୍ର ପାପ କହୁଛନ୍ତି ଥୋକେ,
ଘୃଣ୍ୟ ପୁଣି ଜେହ୍ନ, ଛଦ୍ମ ଆନ ଲୋକେ ।
ମୁଁ ଦେଖୁଛି ତାକୁ ନଦା ବିଗ୍ରହରେ ।
ବିରାଟ, ବିକଟ, ବ୍ୟାପ୍ତ ଚରାଚରେ ।
ମୁଦିଲେ କି ଚକ୍ଷୁ ରଖିଲେ ପିନ୍ଧାଇ,
ସେ ବିଭୀଷିକାରୁ ଅବ୍ୟାହତି ନାହିଁ ।
ଜଳ ସ୍ଥଳ ନଭ ଜ୍ୟୋତିଷ୍କମଣ୍ଡଳୀ
ଶୈଳ, ନଦୀ, ବନ ତରୁଲତାବଳୀ
ନର ପଶୁ ପକ୍ଷୀ କୀଟ ପତଙ୍ଗାଦି
ସର୍ବେ ହୋଇଛନ୍ତି ଏବେ ମୋର ବାଦୀ ।
ଚରାଚରେ ଯହିଁ ପଡ଼େ ଯେବେ ଆଖି,
ସବୁ ମୁଁ ମଣଇ ମୋର ପାପସାକ୍ଷୀ ।
ଇନ୍ଦ୍ରିୟବୃନ୍ଦକୁ କେମନ୍ତ ବିକଳ
ଜୀବନଯନ୍ତ୍ରକୁ କେଉଁ ବିଶୃଙ୍ଖଳ
କରେ ପାପସ୍ମୃତି, କେବଳ କଳ୍ପନା—
ଯୋଗେ କିଏ ତାହା କରିବ କଳନା ?
ଚକ୍ଷୁ ଯେବେ ଯାହା ଦେଖଇ ସୁନ୍ଦର,
ନିଜକୁ ଧିକ୍‌କାରେ କରଇ ଜର୍ଜର ।
କର୍ଣ୍ଣ ଯେବେ ଶୁଣେ ସୁସ୍ୱର ଲହରୀ,
ଘାରି ହୁଏ ନିଜ ଅଯୋଗ୍ୟତା ସ୍ମରି ।
ନାସା କରେ ଯେବେ ସୁବାସ ଗ୍ରହଣ,
ନିଜକୁ ମଣଇ ତାର ଅଭାଜନ ।
କଳୁଷିତ ଦେହ ମନ ସେବାବ୍ରତ
ତେଜିବାକୁ କବା ଇନ୍ଦ୍ରିୟେ ଉଦ୍ୟତ ।
ପାପସ୍ମୃତି-ବିଷ ଶିରା ପ୍ରଶିରାରେ
ପ୍ରବାହିତ ହୋଇ ଦେହଯାକ ଘାରେ ।
ଶ୍ୟାମଳ ହୃଦୟ-କେଦାର ମୋହର
ଦଗ୍ଧ; ଦଗ୍ଧ ଯଥା ହୁଙ୍କୁଳା ପ୍ରାନ୍ତର ।

## ପ୍ରତାପରୁଦ୍ରଦେବ

ଶ୍ରୀ ପ୍ରତାପରୁଦ୍ର ଉତ୍କଳଭୂପତି
ଶାସ୍ତ୍ରିର ଦାରୁଣ ରୋଗଗଣରେ ଆଜ ।
ମନ୍ତ୍ରୀ ନିଜକୁ ସେ ରୋଗ କବଳେ
ଇହଲୋକ ପରଲୋକ ସନ୍ଧିସ୍ଥଳେ ।
ରାଜବୈଦ୍ୟ ଯତ୍ନ ହୋଇଛି ନିଷ୍ଫଳ,
ଯୁବରାଜଙ୍କର ମନାସି କୁଶଳ
ଅଧା ପଡ଼ିଥିଲେ ଯାଇ ମହାକୂଳେ
ମହାପ୍ରଭୁ ଲୋକନାଥଙ୍କ ଦେଉଳେ,
ରାଜପୂଜ୍ୟ କାଶୀମିଶ୍ର ରାଜଗୁରୁ
ଲଭିଛନ୍ତି ଏହି ଆଦେଶ ପ୍ରଭୁରୁ—
"ପ୍ରତାପଙ୍କ କେହି ହୋଇ ନିଜଜନ
ପ୍ରତାପ ସକାଶେ ସ୍ୱପ୍ରାଣ ଅର୍ପଣ
କରିବାକୁ ଯେବେ ହୁଅଇ ସମ୍ମତ,
ଯୁବରାଜ ହେବେ ମରଣୁ ମୁକତ ।"
ସର୍ବପ୍ରଥମେ ଯେ ଆତ୍ମସମର୍ପଣ
କରିବ, ତା ବାଣୀ ହେବଟି ଗ୍ରହଣ ।
ଶେଷ ଦିନ ଆଜ ଥିଲା ପ୍ରତାପର,
ତା ପ୍ରତିଭୂ କେଣୁ ଆଜ କଳେବର
ଦେଇବ, ଏ ଆଜ୍ଞା ପାଇ ଦ୍ୱିଜମଣି
ପ୍ରବେଶିଲେ ଆସି ନଗରେ ଏକ୍ଷଣି ।
ପ୍ରବେଶି ସର୍ବାଗ୍ରେ ପ୍ରିୟ ଶିଷ୍ୟା ନିଜ
ତାରିଣୀକୁ ସବୁ କହିଲେକ ଦ୍ୱିଜ ।
ତାରିଣୀ ପ୍ରତାପରୁଦ୍ର-ସଧର୍ମିଣୀ,
ଧର୍ମପ୍ରାଣା ସତୀ ସ୍ୱଧର୍ମଚାରିଣୀ
ପତିବ୍ରତା ବୋଲି ପୁଣ୍ୟ ନାମ ଯାର
ହୋଇଥିଲା ଉତ୍କଳମଣ୍ଡଳେ ପ୍ରଚାର ।
ତାରିଣୀ ଶୁଣିଲେ ଗୁରୁଙ୍କ ଭାରତୀ,
ଭକ୍ତିଭରେ ତାଙ୍କୁ କରିଣ ପ୍ରଣତି
ବୋଇଲେ, "ହେ ଦେବ, ତୁମ୍ଭ କୃପାବଳେ
ଧନ୍ୟା ମୁହିଁ ହେଲି ଧରଣୀ ମଣ୍ଡଳେ ।"
କହିବା ମାତ୍ର ଏ କଥା ଧାତକାରେ
ଫୋଟିଗଲା ଜ୍ୱର ଅଙ୍ଗ ଲତିକାରେ ।
ବହିଲା ନିଃଶ୍ୱାସ ନାସାରୁ ପ୍ରଖର,
ଶୀତ୍କାର ସହିତେ ଉପୁଜିଲା ଥର ।
ଥିଲା ଯେଉଁ ତନୁ ସୌନ୍ଦର୍ଯ୍ୟର ସୀମା,
ଗୃହୁଁ ଗୃହୁଁ ତାହା ଉଜଲା କାଳିମା ।
ମଉଳି ପଡ଼ିଲା ନିମିଷେ ସେ ବାଳୀ,
ଖରରଶ୍ମି କରେ ଯେସନ ଶେଫାଳୀ ।
ବ୍ୟଗ୍ରେ ଆସି ତହିଁ ସଙ୍ଗୀ-ନିକର
ବାଳା ଶୁଶ୍ରୂଷାରେ ହେଲେ ତତପର ।

—*O*—

## ଯୁଧିଷ୍ଠିରଙ୍କ ପ୍ରତି ବ୍ୟାସ

—:O:—

ଚକ୍ରବ୍ୟୂହେ ସପ୍ତମହାରଥୀ-ଆକ୍ରମଣେ
ତେଜିଲେ ପରାଣ ଯେବେ ବୀରେନ୍ଦ୍ର ଆର୍ଜୁନି,
ସେ ଶୋକେ ଆକୁଳ ହୋଇ ପାଣ୍ଡବନୃପତି
ଝୁରିଲେ ଅଥଯ୍ୟେ ବାଷ୍ପ-ଗଦଗଦ ସ୍ୱରେ,
ତାଙ୍କ ଦୁଃଖେ ସମଦୁଃଖୀ ଦ୍ୱୈପାୟନ ଋଷି
ବୋଇଲେ ଏସନ ତାଙ୍କୁ ସାନ୍ତ୍ୱନା ସକାଶେ,
"ଜ୍ଞାନକୁଳେ ମହାଜ୍ଞାନୀ ବୋଲାଇ ହେ ରାଏ,
ଅଭିଭୂତ ଶୋକେ ତୁମ୍ଭେ ହେଲ ଏହିମତ ?
ସଂହାରି ଅସଂଖ୍ୟ ଶତ୍ରୁ ଭୀଷଣ ସଂଗ୍ରାମେ,
ଅର୍ଜି ଅନଶ୍ୱର ଯଶ ନଶ୍ୱର ଶରୀରେ
ଚାଲିଗଲା ଅଭିମନ୍ୟୁ ବୀର ଦିବ୍ୟଧାମେ,
ଅଶୋଚ୍ୟ ତୁମ୍ଭର ସେହୁ, ଶୋକ ତାହାଲାଗି
ନୁହଇ ଉଚିତ ଭବ ପୋଷିବାର ହୃଦେ,
ଯେ ଗଲା ସେ ଗଲା, ଆଉ ବାହୁଡ଼ିବ ନାହିଁ,
ଖଣ୍ଡିବାର ନୁହେ ଏହି ନିୟତିର ଲିପି ।"

## କେତୋଟି ଉପଦେଶ ବାକ୍ୟ

ଜାଅ ହେ ସରବେ ଉତ୍କଳୀ
ଦେଶହିତରେ ଆତ୍ମବଳି
ଅସାଧ୍ୟ ମଣେ ଯା ଅଳସ,
କର୍ମବୀର ତା କରେ ବଶ ।
ଅଳସ ଯା ଅସାଧ୍ୟ ମଣେ,
କର୍ମବୀର ତା ସାଧେ କ୍ଷଣେ ।
ଦେଶର ଲୋକ ହେ କଲ୍ୟାଣ
ତୃଣ ମଣିଣ ନିଜ ପ୍ରାଣ ।
ଆପଣା ହିତ ଦେଶହିତେ
ଲୋଡ଼ ସରବେ ଏକଚିତ୍ତେ ।
ଉତ୍କଳ-ହିତେ ନିଜ ହିତ
ଲୋଡ଼ ହୋଇଣ ଏକଚିତ୍ତ ।
ଉଦ୍ୟୋଗୀ ବାଧା-ଭ୍ରୂକୁଟୀକି
ନ ଗଣି ସିଦ୍ଧି ଆଣେ ଟିକି ।
ସାହସେ ଯେହୁ ବାନ୍ଧେ ବକ୍ଷ,
କାର୍ଯ୍ୟକ୍ଷେତ୍ରରେ ସେ ହର୍ଯ୍ୟକ୍ଷ ।
ଜୟ ଜୟ ମା ମାତୃଧରା
ସର୍ବସୁଖଦା ଦୁଃଖହରା ।
ସଭିଙ୍କ ମନ ଏକ ହେଲେ
ଅସାଧ୍ୟ ସାଧ୍ୟ ହୁଏ ହେଲେ ।
ସ୍ୱଦେଶ-ଦ୍ରୋହୀ ସ୍ୱାର୍ଥରଙ୍କ
ଉତ୍କଳଦେଶେ ସେ କଳଙ୍କ ।
ମାତୃଭୂମି ଯେ ଋଦ୍ଧିମୂଳ,
ତା ପାଦେ ସର୍ବସିଦ୍ଧି ଠୁଳ ।

## ବନ୍ଦନା

ହେ ପରାତ୍ପର ସର୍ବଶଙ୍କର ବିଶ୍ୱପା ଭଗବାନ୍ ବିଭୋ !
ତାବକାମଳପାଦପଙ୍କଜ ସେବକାନ୍ ନଃ ପାହି ଭୋଃ ।
ଭୂତଭାବନ ଭକ୍ତମଣ୍ଡନ ପୂରିତାଖିଳକାମ ହେ ।
ପୁଣ୍ୟକର୍ମଣି ବିଶ୍ୱବନ୍ଦନ ତ୍ୱାଂ ବୟଂ ବନ୍ଦାମହେ ।
ଦୀୟତାଂ ଶୁଭବୁଦ୍ଧିରତ୍ର ନୁ ଚିତ୍ତଶୋଭିମାଳିନୀ
ଯାତୁ ଚୋତ୍କଳଭୂରିୟଂ ଭୁବି ସର୍ବସମ୍ପତ୍ତିଶାଳିନୀ ।

## ସତ୍ୟବାଦୀ

—*—

ସୁରପୁନ୍ନାଗ ତମାଳ ବଟପିଳୁଳ—
ବେଲ୍ଲନଜନିତ ଲତାକୁଞ୍ଜେ
ନିର୍ମଳ ରତ୍ନତଟ ଜଲଶୀକର—
ମେଦୁର କିଶଳୟପୁଞ୍ଜେ
ସୌଗନ୍ଧିକ ସୁରଭୀକୃତମାରୁତ
ଚଳଦବଳା ଚିକୁରାନ୍ତେ
ଗୁଞ୍ଜନ୍ମଧୁକରନିକରକରମ୍ବିତ —
ଫୁଲ୍ଲକୁସୁମଚୟକାନ୍ତେ
ବଲ୍ଲବଲଲନାବଲ୍ଲଭ ମାଧବ
ବିହରସି ମଞ୍ଜୁଳଦେଶେ ।

## ହଂସଦୂତ *
( ଅନୁବାଦ )

—*—

ଦଳହରିତାଳଦ୍ୟୁତି-ଦୁକୂଳଧାରୀ,
ପାଦତଳେ ଯାର ଜବାରୁଚିଧିକ୍କାରୀ,
ତମାଳ-ଶ୍ୟାମଳ ଅଙ୍ଗ ଦରହସିତ
ଛଟାରେ ଯା ମୁଖଚନ୍ଦ୍ର ସଦା ଭୂଷିତ,
ପରମ ଆନନ୍ଦ ଧାମ ସେହି ପୁରୁଷ
କରନ୍ତୁ ହୃଦୟୁ ମୋର ଦୂର କଳୁଷ ।
ଗଲେ ଯେବେ କାହ୍ନୁ ଗୋପୀହୃଦ-ମଦନ
ଅକ୍ରୂର ସଙ୍ଗତେ ତେଜି ନନ୍ଦ-ସଦନ
ମଥୁରାପୁରୀକୁ, ତାଙ୍କ ବିରହେ ଦୀନା
ହୋଇ ଦିନୁଁ ଦିନୁଁ ହେଲେ ଶ୍ରୀମତୀ କ୍ଷୀଣା ।
ଭାବନାରେ ହେଲେ ଧନୀ ନିରତେ ରତା,
ମଉଳିଗଲା ତାଙ୍କର ଶ୍ରୀଅଙ୍ଗଲତା,
ଚିନ୍ତାସ୍ରୋତ ଭଉଁରିରେ ନେଉଟେ ମନ
ଭ୍ରମି ଭ୍ରମି ହେଲା କଳା ଶ୍ରୀ ଅପଘନ ।

* * *

ଲଳିତା କୋଳରେ ତହୁଁ ନେଇ ବସିଲେ,
କମଳ-ପରାଗ ଅଙ୍ଗେ କେହି ଘଷିଲେ,
ବିଞ୍ଚିଲେ ବାଳୀକି ଆଳୀ ବସି ଚୌପାଶେ
କାଳନ୍ଦୀ-ସଳିଳ-ସିକ୍ତ-ପଦ୍ମ-ପଲାଶେ ।
ବହୁବେଳ ଏହିରୂପେ ସେବା ପ୍ରଚୁର
କମ୍ବୁକଣ୍ଠୀ-କଣ୍ଠୁଁ ଧୀରେ ଶ୍ୱାସ ଅଙ୍କୁର
ନିଃସରିଲା ସହୁଁ, କୃଜସୁବନ୍ତଦଳ
ମଧ୍ୟେ ପଡ଼ିଗଲା ମହାହର୍ଷ-ଚହଳ ।
ରାଧାଙ୍କୁ କମଳଦଳ-ଶେଯେ ଶୁଆଇ
ଲଳିତା ନଦୀକି ଗଲେ ସଳିଳପାଇଁ

* କବିବରଙ୍କର ଟିପା ଖାତାରେ ହଂସଦୂତର ଏହି କେତୋଟି ଶ୍ଲୋକର ଅନୁବାଦ ଲେଖାଥିଲା । ସମ୍ପୂର୍ଣ୍ଣ ନ ହେଲେହେଁ ମେଘଦୂତର ଅନୁବାଦ ପରି ଅତି ସୁନ୍ଦର ଓ ସରସ । ତେଣୁ ଗ୍ରନ୍ଥାବଳୀରେ ସନ୍ନିବିଷ୍ଟ ହେଲା । ପ୍ର:

ଭେଟିଲେ ସେକାଳେ ତହିଁ ବରସୁବଣ୍ଠି
ମରାଳ-ମଞ୍ଜୁଳଗବୀ ମଞ୍ଜୁଳଗତ ।
ହଂସେ ଦେଖି ମହାନନ୍ଦେ ମହାଆଦରେ
ଓଲଗି ତା ପାଶେ ଯାଇଁ ହେଲେ ସେ ଖରେ ।
ସନ୍ଦେଶ ପେଷିବା ଲାଗି ହରିଙ୍କ କତ
ଦୌତ୍ୟ ବରିବାକୁ ତାକୁ ହେଲ ତା ମତ,
ହରିପ୍ରେମେ ମତ୍ତ ସେହି ବ୍ରଜ-ମହିଳା
ହଂସଠାରେ ହୃଦ କଥା ଫେଡ଼ି କହିଲା,
ମଣିଲା ଆବର ତାକୁ ପରମ ମିତ୍ର,
ନୁହଇ ତ ଏହା ତାହା ପକ୍ଷେ ବିଚିତ୍ର,
ମତ୍ତ ଯେହୁ ହରିପ୍ରେମ-ରସ-ଆବେଶେ,
ସମସ୍ତଙ୍କୁ ନିଜଜନ ପ୍ରାୟେ ମଣେ ସେ ।

* * *


ଆମ୍ଭଙ୍କୁ ବିରହାନଳ-ତାପେ ଜଳାଇ
ମଥୁରାରେ ବିହରନ୍ତି ସୁଖେ କହ୍ନାଇ,
ପାସୋରି ଆମ୍ଭଙ୍କୁ ନିଜଭୋଗେ ସେ ରତ
ତାଙ୍କ ଶ୍ରୀଶ୍ରୁତିରେ ଏହୁ ବାର୍ତ୍ତା ଆଗତ
କର ଆହେ କଳହଂସ, ଏହୁ ମାଗୁଣି,
କହିବ ଯା ନିଅ ତାହା ସଦୟେ ଶୁଣି ।

* * *

ଦେଖିବ ମରାଳ, ତହିଁ ରାସସ୍ଥଳିକା,
ବଲ୍ଲୀରଚିତମାଳାଦଳା ମଲ୍ଲୀଲତିକା-
ବେଷ୍ଟିତ ଯା ପରିସର ସଦା ସୁରଭି,
ବିହରନ୍ତି କେଳିଲୋଳା ଯହିଁ ବଲ୍ଲବୀ,
ତାଙ୍କ ଅଙ୍ଗଲତାଚ୍ୟୁତ କସ୍ତୁରୀକଣା
ଯୋଗୁଁ ଶ୍ୟାମଳିତ ଯାର ଗୁଳ୍ମ ଅଗଣା ।

* * *

ପୁରବିଳାସିନୀସଙ୍ଗେ କେଳିରଭସେ
ଦେଖିବ ହରିଙ୍କି ଯେବେ ମଗ୍ନ ହରଷେ,
ସେ କାଳେ ଏ ଗ୍ରାମ୍ୟଗୋଷ୍ଠୀ-କଥା ଶ୍ରୁତିରେ
ପକାଇଲେ ସବୁ ଗ୍ଲାନି ଯିବଟି ଦୂରେ ।
ସୁଧା-ଆସ୍ୱାଦନେ ତୃପ୍ତ ଯେ ହୋଇଥାଏ,
ଘୋଳଦଧି ପ୍ରତି ସେ କି ମନ ବଳାଏ ?
କହିବ ଏ କଥା ଆଜି କେତେ ବୁଝାଇ,
ଧୈର୍ଯ୍ୟ ଧରି ଥିବ ଅବସର ଅନାଇ ।
ସୁଲଳିତ କଳକଣ୍ଠ ଗୀତିତାନ
ଝଙ୍କାରିବ ଯେବେ ପୁର-ଉଦ୍ୟାନମାନ,
ଫୁଲ୍ଲ-ଗିରିମଲ୍ଲି-ଗୁଚ୍ଛ-ସୌରଭ ବହି
ବହିବ ସେ କାଳେ ବାତ-ତରଙ୍ଗ ତହିଁ,
ବୃନ୍ଦାବନ-ସ୍ମରଣର ସେ ଅନୁକୂଳ
କାଳ ଜାଣି ଆମ୍ଭ କଥା ସେ ଆଦ୍ୟମୂଳ
ଶ୍ରବଣ ଗୋଚର ତହିଁ କରିବ ଭାଇ,
ଚତୁରକୁ କି କହିବ ଆଉ ଚେତାଇ ।



# ଫୁଲରାଣୀ

—*—

ପତିତପାବନ-ପୂତ-ନୀଳାଚଳ-ପଦେ
ଝଗନ୍ତ ନୀଳାମ୍ବୁମାନ ଅର୍ଦ୍ଧଚନ୍ଦ୍ରାକାରେ
ଝରତେ ଫେନାମ୍ବୁମାନ ତରଙ୍ଗାମ୍ବୁମାନ
ଚିର କୋଳାହଳମୟ ମହାସିନ୍ଧୁ-ତୀରେ
ବିରାଜେ ଶ୍ରୀ ଚୈତନ୍ୟର ଆଶ୍ରମ ପାବନ,
ପ୍ରଥିତ ଭଜନକୋଠି ନାମେ ଉଡ୍ରଦେଶେ,
ଚୈତନ୍ୟର ସଂକୀର୍ତ୍ତନେ ଉର୍ମିବାହୁ ତୋଳି
ଦେଉଥିଲେ ଯୋଗ ଯହିଁ ସୁଗମ୍ଭୀର ଧ୍ୱାନେ
ପ୍ରେମୋଚ୍ଛ୍ୱାସେ ନାଚି ନାଚି ନଜେ ଅମ୍ବୁସ୍ୱାମୀ
ସେ କୋଠିମହନ୍ତ ଥିଲେ ପ୍ରେମାନନ୍ଦ ସାଧୁ
ଜରାଜୀର୍ଣ୍ଣ କୃଷ୍ଣପ୍ରେମୀ ଶିଷ୍ଟ ଶାନ୍ତମତି
ଧରିଣ ଗୋସ୍ୱାମିଗ୍ରନ୍ଥେ ଜବା ଅଳଙ୍କାରେ,
ପିତୃମାତୃହୀନ ଶୂଦ୍ରକନ୍ୟାଟିଏ ସାଧୁ
ପିଲା ଦିନୁଁ ପାଳିଥିଲେ ପରମ ଯତନେ
ରାଜର୍ଷି ଭରତ ଯଥା ବିଶ୍ୱମାୟା ତେଜି
ଜଡ଼ ହେଲେ ଶେଷେ ମୃଗଶିଶୁମାୟାପାଶେ,
ସେହିମତ ସାଧୁ ଗୃହମମତା ମୁକ୍ତହି
ବନ୍ଦ ହୋଇଥିଲେ ସେହି କନ୍ୟା-ସ୍ନେହଗୁଣେ
'ରାଣୀ' ନାମ ରଖି ତାର ସଦା ସ୍ନେହଭରେ
ଡାକୁଥିଲେ ତାକୁ ଗେଲବସରେ ସେନାମେ,
ଫୁଲେ ଶ୍ରଦ୍ଧା ଦେଖି ତାର 'ଫୁଲରାଣୀ' ବୋଲି
ଡାକୁଥିଲେ ପଡ଼ଶାଏ ମହାଶ୍ରଦ୍ଧା ବହି,
ବଡ଼ ଅଲିଅଳ କନ୍ୟା, ପିତୃସ୍ନେହ ଲଭି
ଶିଶୁକାଳୁଁ ବଢ଼ିଥିଲ ସୁଖେ ସୁକୁମାରୀ,
ଶାରଦ-ଶିଶିର-ସେକେ ବଢ଼ଇ ଯେସନେ
ଲଳିତା ଅପରାଜିତା ଲତା ପଲ୍ଲବିନୀ,
ଅତିରୂପବତୀ ବାଳା, ଲାବଣ୍ୟପସରା,

ଉଦବତଳେ କଅବା ସେ ରୂପିଣୀ କମଳା !
ଫୁଲତୋଳା ବେଳେ ବାଳା ଫୁଲ-ଉପବନେ
ମଞ୍ଜୁ ବେଶେ ଦିଶୁଥାଇ ମଞ୍ଜୁଘନକେଶୀ
ପ୍ରଚେତା-ପ୍ରବାଳକୁଞ୍ଜେ ସେ କମଳା ପ୍ରାୟେ,
କିଅବା ସେ ପାରିଜାତ-କୁଞ୍ଜେ ପୁଣ୍ୟାଙ୍ଗନା ;
ପ୍ରତ୍ୟୁଷେ ଶେଯରୁ ଉଠି ନିତ ଗୃହଶୀଳା
ବାଲୁକୁଦପରେ ଯାଇ ଭକ୍ତିଭାବେ ନମି
ନୀଳଚକ୍ରେ, ତୋଳୁଥାଇ ଦେବାର୍ଚ୍ଚନ ଲାଗି
ନାନା ପୁଷ୍ପ-କୁରୁଅନା, ଚମ୍ପକ, ବଧୂଲୀ
କୁନ୍ଦ, ଯୂଇ, ଯାଈ, ହାଇମଣ୍ଡି, ମଲ୍ଲିକା,
ସଯତେ ସେ ପୁଷ୍ପେ ରଚି ଡାଳି, ଚୂଡ଼ା,ହାର,
ପଦକ, ଘାଣ୍ଟୁଡ଼ି ଆଦି ନାନା ପୁଷ୍ପଭୂଷା
ଅର୍ପୁଥାଇ ଦେବପାଦେ ପୁଷ୍ପ-ସୁକୁମାରୀ,
ଦେବସେବା ପିତୃସେବା ବିନୁ ଆନ କାହିଁ
ନ ଥିଲା ବାଳାର ମତି ସଂସାରର ଖେଳେ
ନ ଥିଲା ଲାଳସା ଲେସେ, ବେଶ-ବିଭବନେ
ସଦା ଉଦାସୀନ ବାଳା, ରୂପର ମାଧୁରୀ
ନିଜର ସେ ନିଜେ ଜାଣୁ ନ ଥିଲା ରୂପସୀ,
ନ ବୁଝନ୍ତି ଆହା, ଯଥା ଶିଶୁଏ ନିଜର
ସୁଧାସ୍ୟନ୍ଦୀ ଦରସ୍ଫୁଟ ବଚନମାଧୁରୀ,
ଜାଣଇ କି ନିଜେ କେବେ ସ୍ୱରୂପ-ମାଧୁରୀ
ଅରୁଣ-ଅଧରୀ ଦରସ୍ଫୁଟ ପଙ୍କଜିନୀ
ସରସୀ-ଆସନେ ବସି ପିଅଇ ସେ ଯେବେ
ବାଳାତପ, ମନ୍ଦେ ଦୋଳି ପ୍ରଭାତସମୀରେ
ନିଜେ ସେ ନ ଜାଣି ମୋହ ନେଉଥାଇ ହେଲେ
ପ୍ରକୃତ-ମଧୁର ରୂପେ ଜଗଜ୍ଜନ-ମନ
ଅନାସ୍ଥା ଅଳଙ୍କେ ବନ୍ଧ ରୂପକଳ୍ପଲତା

ଅନାସ୍ଥା-ମଧୁର ବେଶେ ଭ୍ରମି ବେଳାଦେଶେ
ଗଣୁଥାଇ କେତେ ବ୍ୟାଳୀ ଅଙ୍ଗୁଳି ନିର୍ଦ୍ଦେଶି
କେଉଁଲୀ-ଚତୁର-ଭଙ୍ଗି-ଭଙ୍ଗୁର ଲହରୀ
ବାରିଧିର, କେବେ ଅବା ବସି ବାଲିକୁ ଦେ
ଦେଖୁଥାଇ ଏକଧ୍ୟାନେ ନୀଳଚକ୍ର ଛବି ;
କମ୍ପ୍ର ସ୍ୱର୍ଣ୍ଣଜଙ୍କରୂପୀ ବାରୁଣୀ-ଲଲାଟେ,
କେବେ ପିତୃପାଦେ ବସି ଭକ୍ତିଭଦଗତେ
ଶୁଣୁଥାଇ ସୁଧାମୟୀ ଗାଥା ଭାଗବତୀ,
ଅଶ୍ରୁ-ମୋତିଝର ଝରି-ନୟନୁ ଝରଇ,
ବାଲିକା-ସୁଲଭ କ୍ରୀଡ଼ା କୌତୁକ ଆମୋଦେ
ତରଙ୍ଗ-ବୁଦ୍‌ବୁଦ ସମ ଭଙ୍ଗୁର ବିଳାସେ
ବିମୁଖ ସ୍ୱଭାବେ ଥିଲା ଆବାଲ୍ୟ ସୁମୁଖୀ,
ବନ୍ଧୁ ସୁପବିତ୍ର ମନ ସେ ପବିତ୍ର ଦେହେ
ପ୍ରତେ ହେଉଥାଇ ହେରି ଅମର୍ତ୍ତ୍ୟ ସୁଷମା
କୁମାରୀର, ଗଢ଼ିନାହିଁ ବିଧି କଦାଚିତେ
ସେ ମାଧୁରୀ ମାତ୍ର ହେବାଲାଗି ମର୍ତ୍ତ୍ୟଭୋଗେ,
ସୂକ୍ଷ୍ମ ଅପ୍ରଗଲ୍‌ଭ ବଡ଼ ଥିଲା ସେ ମାଧୁରୀ,
ଅଶ୍ଳିଷ୍ଟ ନେ ଯେସନ ସୋମ ସୁମନ-ବାସନା ।
ଗୌରାଙ୍ଗୀର ରୂପ-ପୁଷ୍ପ ଫୁଟି ହେଲା କେତେ
ତୋର ଜୀବନର ମୃଦୁ-ବସନ୍ତ-କୈଶୋରେ,
ଏ କାଳେ ସୁବର୍ଣ୍ଣ-ଧୃତି-ଭଞ୍ଜନ-ମୂରତି
ଆସିଲା ରଞ୍ଜନନାମା ଏକ ଦ୍ୱିଜବଟୁ
ଅଳଙ୍କାର-ଅଧ୍ୟୟନ ଲାଗି ସାଧୁପାଶେ,

ମଧୁରିମୂରତି ଯୁବା, ରୂପ ଅନୁରୂପେ
ଭୂଷିତ ସେ ଥିଲା ନାନା ସୁଗୁଣଭୂଷଣେ,
ବୃତ୍ତିମାନେ ଜନନେତ୍ର, ନେତ୍ର ସଙ୍ଗେ ମନ
(ଗୁଣେ ଯଥା) ନେଉଥିଲା ଆକର୍ଷି ସେ ବଳେ
ହୃଦୟ-ଗବାକ୍ଷରୂପୀ ବେନି ନେତ୍ରପଥେ,
ଦ୍ୱିଜର ଭାବର ଜ୍ୟୋତିଃସ୍ରୋତ ଖରେ ବନ୍ଧ
ପ୍ରସଙ୍ଗେ ପଶୁଟଣଥିଲା ଦର୍ଶକ-ହୃଦୟେ,
ତୀକ୍ଷ୍ଣ ମେଧା ଦେଖି ତାର ଶ୍ରଦ୍ଧା ବଦ୍ଧି ଅତି
ଶିକ୍ଷାଦେଲେ ସାଧୁ ତାକୁ ପରମ ଆଦରେ,
ଶାସନୁଁ ସେ ପ୍ରତିଦିନ ପ୍ରାତେ ମଠେ ଆସି
ପାଠାନ୍ତେ ବାହୁଡ଼ି ଯାଉଥିଲା ସନ୍ଧ୍ୟାକାଳେ,
ଆଦ୍ୟ ସମ୍ଭାଷଣ ତନୁ ଫୁଲବଣୀଠାରେ
ରସିଲା ଯୁବାର ମତି, ମହୋଦଧି ଯଥା
ନବୋଦିତ ଶଶିକଳା ହେରି ପ୍ରାଚୀମୂଳେ
ଆଲିଙ୍ଗନ ଆଶେ ବାହୁ ତୋଳେ ନୀଳାକାଶେ,
ଫୁଲେ ଶ୍ରଦ୍ଧା ଦେଖି ତାର ଶାସନୁଁ ସେ ଯୁବା
ଦେଉଥାଇ ଆଣି ନାନା ଫୁଲ ଅନୁରାଗେ,
କିଶୋରୀର କାର୍ଯ୍ୟମାନ ଆଗଭର ଯାଇ
ନ କହୁଣୁ ଦେଉଥାଇ ଆଦରେ ସମାଧି,
ପ୍ରତିଫଳୁଥିଲା ହୃଦେ ଉପୁଜିଲା ଷଣ୍ଢି
ଯୁବାର ସହାନୁଭୂତି ମୁକୁର-ଫଳକେ
କିଶୋରୀର ବ୍ୟକ୍ତ କିବା ଅବ୍ୟକ୍ତ ବାସନା ।

# ଶିବାଜୀଙ୍କର ଉତ୍ସାହ ବାକ୍ୟ

—:o:—

ଉଠ ଉଠ ଆହେ ସମଯୋଧଗଣ
ଧରେ କରବାଳ ପଶ ସମରେ,
ଦେଖ ଦେଖ ଦୂରେ ଆସୁଛି ଯବନ,
ଉଡ଼ୁଛି କେତନ ବାୟୁଲହରେ । ୧ ।
ଆସୁଅଛି ଅଶ୍ୱ ଆସୁଛି ଦ୍ୱିରଦ
ଆସୁଛନ୍ତି ସେନା ଜିଣିବା ଆଶେ ;
ବାଜେ ରଣଶିଙ୍ଗା, ଶୁଭୁଛି ଶବଦ
ମେଦିନୀ ସ୍ତବଧ ହେଉଛି ତ୍ରାସେ । ୨ ।
ବଜା ରଣଶିଙ୍ଗା ଆରେ ଶୃଙ୍ଗଧର,
ଶତ୍ରୁ ଶିଙ୍ଗା ଶୁଣି କେବେ ନୀରବ
ମହାରାଷ୍ଟ୍ର ଶିଙ୍ଗା ? କେବେ ନିରୁତ୍ତର
ମହାରାଷ୍ଟ୍ର ଶୁଣି ଶତ୍ରୁ ଗରବ ? । ୩ ।
ଏ ଭାରତଭୂମି ଆମ୍ଭର ଜନନୀ
ପୁଣ୍ୟଭୂମି ନାହିଁ ସରି ଏହାର ;
ଅମୂଲ୍ୟ ଦୁର୍ଲ୍ଲଭ ରତନର ଖଣି
ସବୁ ଦେଶ ମଧ୍ୟେ ଏ ଦେଶ ସାର ।୪।
ଏ ଦେଶ ଭାରତ, ଏ ଦେଶ ଗୌରବ
ଏ ଦେଶ ବିଭବ ଏ ରବିତଳେ
ଆଉ କାହିଁ ନାହିଁ ସମସ୍ତ ଈପ୍ସିତ
ହେଉଛି ମନୁଷ୍ୟ କରମଫଳେ । ୫ ।
ଏମାନ ଆମ୍ଭଙ୍କୁ ସ୍ୱର୍ଗ ଦେଇଥିଲେ,
ଦେଇଥିଲେ ବାହୁ ଦେଶରକ୍ଷଣେ,
ସେ ହିନ୍ଦୁ ହିନ୍ଦୁଏ ଏକତା ଛାଡ଼ିଲେ
ପ୍ରମାଦ ପାଡିଲେ ଦୁଷ୍ଟ ଯବନେ । ୬ ।
ସେହି ହିନ୍ଦୁ ଆର୍ଯ୍ୟ— ଗୌରବ-ତପନ
ଦାସ୍ୟତମଃସିନ୍ଧୁନୀରେ ବୁଡିଲେ,
ସେହୁ ହିନ୍ଦୁ ଆପେ ଲଭିଲେ ବନ୍ଧନ
ଅନ୍ଧ ହୋଇ ଆର୍ଯ୍ୟଧର୍ମ ତ୍ୟଜିଲେ । ୭ ।

ଦୁରନ୍ତ ଯବନ ହେଲା ଏକେଶ୍ୱର
କ୍ଷତ୍ରିୟ ପ୍ରଭାବ ହେଲା ଅଲୀକ,
ଆମ୍ଭର ସ୍ୱଦେଶ ନୁହେ ଏ ଆମ୍ଭର,
ଧିକ ଧିକ ଆମ୍ଭ ବାହୁକୁ ଧିକ । ୮ ।
ନାହିଁ ଆମ୍ଭ ଲୋଭ ଅନ୍ୟ ଦେଶ ପରେ
ସ୍ୱଦେଶରେ ସୁଖ ଅଛି ପ୍ରଚୁର
ନିଜ ଘର ସୁଖ ଭୁଞ୍ଜିବାକୁ ବରେ
ଇଚ୍ଛା ଯେବେ, କର ଯବନ ଦୂର ।୯।
ସମସ୍ତ ଭାରତ କଲା କରଗତ
ଦୁରନ୍ତ ଯବନ ସବୁ ଗ୍ରାସିଲା,
ତେବେହେଁ ଅତୃପ୍ତ, ଜନ୍ମ-ଗରବତ
ଆମ୍ଭର ନେବାକୁ ସେନା ପେଷିଲା ।୧୦।
ବାନ୍ଧ ହେ ସାହସ, ଉଠ ଅସି ଘେନ
ବୀରର ସମ୍ବଳ ସେତିକି ସିନା !
ମହାରାଷ୍ଟ୍ର ପାଣେ ଯାବତ ଏ ଦେହ
ତାବତ ଏ ଭୂମି ନୋହେ ଅଧୀନା ।୧୧।
ଶୁଣିଅଛ ଯୋଧେ ! ଦୁର୍ଗାବତୀ କଥା,
ଶୁଣି ତ ଅଛ ତା ଧୀର ସାହସ,
ନାରୀ ହୋଇ ଯୁଦ୍ଧେ ଦେଲା ନିଜ ମଥା
ଜୀବନ୍ତେ ନ ହେଲା ଯବନବଶ ।୧୨।
ସଶ କି ନୋହିବ ସେହି ଅବଳାର ?
କ୍ଷତ୍ରିୟ ବୋଲାଅ ଅଟ ପୁରୁଷ !
ଦାସତ୍ୱ-ଶୃଙ୍ଖଳ ପିନ୍ଧିବ ଗଳାରେ
ଶିରେ କି ସହିବ ରିପୁଅଙ୍କୁଶ ? ।୧୩।
ଶୂରକୁଳେ ଜାତ ଅଟ ତୁମ୍ଭେ ଶୂର,
ଶୂରକୁଳବିଧି ଅରାତି-ବଧ,
ନୋହିଲେ ମରଣ ଅଟଇ ମଧୁର
ବୁହାଇ ଅରାତି-ଶୋଣିତ-ନଦ । ୧୪ ।

ସୋମନାଥ ତୀର୍ଥ ଦୁର୍ଦ୍ଦଶା ସୁମର,
କି ନ କଲେ ଭଣ୍ଡ କ୍ରୂର ଯବନେ ?
ହରିଲେ ରତନ କାଞ୍ଚନ ବସ୍ତ୍ର
ଦେଖି ନ ଥିଲେ ଯା କେବେ ସ୍ୱପନେ ।୧୫
ସ୍ତ୍ରୀ ବାଳକ ଦଶା କି ହେବ ସୁମର,
ଶର ତୁମ୍ଭେ, ନିଜ ନାରୀ-ଲାଞ୍ଛନା
କେମନ୍ତେ ସହିବ ? ଏ ଜୀବ ଦେହର
ଥାଉଁ କି ଭୋଗିବ ଏତେ ଯନ୍ତ୍ରଣା ? ।୧୬।
କୋମଳା କାମିନୀ— କୁନ୍ତଳ କରଷି
ନିଜ ଅନ୍ତଃପୁରେ ନେବ ଯବନ,
ଏ ଘୋର ଲାଞ୍ଛନା ଦେଖିବ କି ବସି
ସମଅଶ୍ରୁ ସିକ୍ତ କରି ନୟନ ? ।୧୭।
ଅରାତିର ତେଜ କର ହେ ନିର୍ବାଣ
ଅରାତିଶୋଣିତେ କର ତିଳକ,
ଅରାତିଭବନ କର ହେ ଶ୍ମଶାନ,
ଅରାତିକୁ ଆଶୁ ପ୍ରେରି ନରକ ।୧୮।
ଆସୁଛି ତୁରନ୍ତ ମହାଦମ୍ଭରେ,
ବୀରସିଂହେ, କର ଚୂର୍ଣ୍ଣ ସେ ଦମ୍ଭ,
ରଚ ରଣରଙ୍ଗେ ରଣଭୂମି ପରେ
ଅରାତିମସ୍ତକେ ବିଜୟ-ସ୍ତମ୍ଭ ।୧୯।
ଉଠ ଉଠ ମହା— ସସ୍ତ୍ର ଶୂରକୁଳ
ଆର୍ଦ୍ର କର ମହୀ ରିପୁରକତେ,
ନନ୍ଦ ମହାବୀର ତ୍ରିଶୂଳ-ବିଶୂଳ
କରେ ଘେନି ଯିବେ ଆମ୍ଭ ସଙ୍ଗତେ ।୨୦
ସ୍ମର ଦେବଦେବ ପଣ ରଣସ୍ଥଳେ
ତ୍ରିଶୂଳର ଛାୟା ଦେଖ ଆକାଶେ,
ଧୂମକେତୁପ୍ରାୟେ ଭୟଙ୍କର ଜ୍ୱଳେ
ଧୂମକେତୁ ଏହୁ ରିପୁ ବିନାଶେ ।୨୧।
ଯାବତ ଦେହରେ ବହେ ପ୍ରାଣ-ବାୟୁ
ଶରେ ! ନ ବିମୁଖ ହୁଅ ସମରେ,
ମାର ଅବା ମର ଏଥୁଁ ଅନ୍ୟ ଆଉ
ନ ଘଟୁ ଯେମନ୍ତେ ତୁମ୍ଭ ଭାଗ୍ୟରେ ।୨୨।
ଏ ରେବା-ତଟିନୀ ଯାବତ ବହିବ,
ଯାବତ ଏ ଗିରି ହୈବ ଥିର,
ତୁମ୍ଭ କୀର୍ତ୍ତିଯଶଃ ତାବତ ରହିବ,
ନର-ଅମରତା ଲଭ ମହୀର ।୨୩।



# ଗଦ୍ୟ ରଚନାବଳୀ

# ବିବେକୀ

ମନୁଷ୍ୟକୁ କେତେ କଷ୍ଟ, ଶୋକ, ଅଭାବ ସହ୍ୟ କରିବାକୁ ହୁଏ, ତାହାର କଳନା କିଏ କରିବ ? ମନୁଷ୍ୟକୁ କେତେ ଦୁର୍ଦ୍ଦୈବର ଅଧୀନ ହେବାକୁ ହୁଏ, କିଏ କହିବ ? ଏଣୁ ଯେ ପ୍ରବନ୍ଧ ତାହାର ମନର ଆର୍ତ୍ତି ଫେଡ଼ି ପାରେ ଏପରି ପ୍ରବନ୍ଧରେ ସମସ୍ତଙ୍କର ଆସ୍ଥା ହେବାର ଦିଶୁଅଛି । ଘୋର ବର୍ଷା, ଘରକାନ୍ଥ ପାଣିସ୍ରୋତରେ ଖସି ପଡ଼ୁଅଛି, ବାୟୁ ବେଗରେ ବହୁଅଛି । ସେପରି ପ୍ରବନ୍ଧ ଲେଖିବାପାଇଁ ଏ ଅନୁକୂଳ ଦିନ ଅଟେ ; କେତେଗୁଡ଼ିଏ ଗୃହ-ସୁଲଭ ସୁଖ ଥିଲେ ଏପରି ଝଟିକା କଷ୍ଟଦାୟକ ବୋଲି ପ୍ରତୀୟମାନ ହୁଏ ନାହିଁ, ବରଂ ସୁଖକର ବୋଧହୁଏ । ଆମ୍ଭାକୁ ମଧ୍ୟ ଅନେକ ଝଟିକା ସହିବାକୁ ହୁଏ । ଝଟିକା କେବଳ ଭୌତିକ ସଂସାରରେ ଅଛି, ଏମନ୍ତ ନୁହେଁ । ଆଧ୍ୟାତ୍ମିକ ସଂସାରରେ ଏପରି ଝଟିକା, ଏପରି ପ୍ରବଳ ଝଟିକା ଥରକୁ ଥର ଘଟିଅଛି ଓ ଘଟୁଅଛି । କେତେଗୁଡ଼ିଏ ପୋଥି ଆମ୍ଭ ପାଖରେ ସହଚର ପ୍ରାୟ ଥାନ୍ତି । ଏମାନଙ୍କ ପ୍ରାୟ ଭଗବଦ୍‌ବନ୍ଧୁ ମିଳିବାର ଦୁଷ୍କର ଅଟେ । ଏମାନେ ଭୌତିକ ଝଟିକାର କଷ୍ଟ ନିବାରଣ କରନ୍ତି, ଆଧ୍ୟାତ୍ମିକ ଝଟିକାର କଷ୍ଟ ନିବାରଣ କରନ୍ତି । ଝଡ଼ ବର୍ଷା ବେଳେ ବାହାରି ନ ପାରିଲେ ଏମାନଙ୍କ ସଙ୍ଗେ ଆଳାପ କରି ଚିତ୍ତର ସୁଖ ଉପୁଜେ । ଅଶ୍ରୁବର୍ଷା ବେଳେ ମଧ୍ୟ ଉଣା ସାନ୍ତ୍ୱନା ମିଳେ ନାହିଁ । ପାଠକ! ମୁଁ ଯେଉଁ ସୁଖ ଲଭୁଅଛି, ତୁମ୍ଭେ ସେଥିରେ ଅଂଶୀ ହେବ ? ଏହାକୁ ଯେବେ ସୁଖ ମଣ, ଅଂଶୀ ହେଲେ ମୋ ସୁଖ ବଢ଼ିବ ।

ପୋଥିଗୁଡ଼ିକ ଉପରେ ଆଖି ପଡ଼ିଲକ୍ଷଣି କେତେ ଇଷ୍ଟ ବ୍ୟକ୍ତି ଏକାବେଳେକେ ସ୍ମୃତି-ଅଗଣାରେ ଆବିର୍ଭୂତ ହୁଅନ୍ତି । ଏମାନେ ମନୁଷ୍ୟର ପରମ ମିତ୍ର ଅଟନ୍ତି । ବିପନ୍ନ ବ୍ୟକ୍ତିର ନିର୍ବେଦ ଉଣା କରିବାପାଇଁ ଏମାନେ କେମନ୍ତ ତେଜସ୍ୱୀ, କେମନ୍ତ ସାରବାନ କଥାଗୁଡ଼ିଏ କହୁଅଛନ୍ତି, ପଢ଼ିଲାକ୍ଷଣି ତୁମ୍ଭେ ଭାବିବ, "ଏମାନେ କତ୍ତୁ ମୃତ ନାହାନ୍ତି ।" ମାତ୍ର ତାହା ନୁହେ, ଯେତେ ଚଷାହେଉ ପଛକେ, ମନୁଷ୍ୟହୃଦୟରେ ପଡ଼ିଆ ଜମିର କେବେହେଁ ଅଭାବ ନାହିଁ ।

କେତେକ ଲୋକ ଅଛନ୍ତି, ସେମାନେ ମଣନ୍ତି ଯେ, ସହସ୍ର କଷ୍ଟ, ସହସ୍ର ଦୁର୍ଦ୍ଦୈବ ଘଟିଲେ ସୁଦ୍ଧା ସେମାନେ କାତର ହେବେ ନାହିଁ, ସେମାନଙ୍କର ଧୈର୍ଯ୍ୟ ସେମାନଙ୍କୁ ସମ୍ଭାଳି ନେବ । କେତେକ ଲୋକ ଅଛନ୍ତି, ସେମାନେ ମଣନ୍ତି ଯେତେ ପ୍ରଲୋଭନ ହେଉ ପଛକେ କାହିଁରେ ହିଁ ସେମାନଙ୍କ ମନ ବିଚଳିତ ହେବ ନାହିଁ । ପରୀକ୍ଷା ଆଗେ ଏପରି ଦମ୍ଭ, ଏପରି ଆତ୍ମପ୍ରତ୍ୟୟ ଭଲ ନୁହେ । ଏହି ଦମ୍ଭ ଏହି ଆତ୍ମପ୍ରତ୍ୟୟର ହେତୁ କ'ଣ ? ସମସ୍ତେ ମନେ କରନ୍ତି, "ମୋର କ'ଣ ବୁଦ୍ଧି ନାହିଁ ? ସେମାନଙ୍କର କଣ ବୁଦ୍ଧି ନାହିଁ ? ବୁଝି ଦେଖି କାର୍ଯ୍ୟ କଲେ ଏପରି କିପାଇଁ ଘଟିବ, ସେମାନେ କାହିଁକି ବିରକ୍ତ ହେବେ ?" ନୂଆ ଲୋକ କୌଣସି କାର୍ଯ୍ୟରେ ହସ୍ତ ଦେଲା ମାତ୍ରେ ଭାଳନ୍ତି, 'ଏହା କରିବା ଅବଶ୍ୟ ଉଚିତ, ମୁଁ ଏହା ଅବଶ୍ୟ କରିବି, ଯେ ଯାହା କହୁ ପଛକେ ପ୍ରକୃତ ମାର୍ଗ ଅନୁସରି ଅବଶ୍ୟ

ଚଳିବ ।" କେତେଦିନ କାର୍ଯ୍ୟ କଲା-ଉତ୍ତାରେ ମନରେ ଆନ ଭାବର ସଞ୍ଚାର ହୁଏ । କୌଣସି ନୂଆ ଲୋକକୁ କୌଣସି କାର୍ଯ୍ୟର ଔଚିତ୍ୟ ହୃଦୟଙ୍ଗମ କରାଇ ଦିଅ ; ସେ ସେତେକ୍ଷଣି ଉତ୍ତର ଦେବ, "ହଁ ପ୍ରମାଣ, ମୁଁ ଏପରି କରିବି ।" ମହାନ୍ ଲୋକମାନେ ଯେତେବେ କୌଣସି ଅଭ୍ୟାସ ଛାଡ଼ି ନ ପାରନ୍ତି, ନୂଆ ଲୋକେ ତାହା ଦେଖିଲାକ୍ଷଣି ଅଧୀର ହୁଅନ୍ତି, "ଏହି ସାମାନ୍ୟ ବିଷୟ ଏହାଙ୍କ ଦେଇ ହେଉ ନାହିଁ !" କଳ୍ପନା-ସଂସାରରେ ବିପରୁ ମୂର୍ତ୍ତି ଅବଲୋକନ କରି ନୂଆଲୋକେ ଭାବନ୍ତି, "ଏହି ସିନା, ଏହା କ'ଣ ମୋ ଦେଇ ହେବ ନାହିଁ ? ଏ ଅନର୍ଥ କାହିଁକି ଘଟିବ ? ଘଟିଲେ ସୁଦ୍ଧା ଏହାକୁ ଅତିକ୍ରମ କରିବା କଠିନ ନୁହେଁ ।" ନୂଆ ଲୋକେ ପିଲା ପରି, ବସ୍ତୁତଃ କାର୍ଯ୍ୟରେ ପିଲା ସିନା ! ପିଲାମାନେ ଯେପରି ଭାବନ୍ତି ନୂଆ ଲୋକେ ସେହିପରି ଭାବନ୍ତି, କାଦୁଅରେ ଆଠ ଦଶଥର କଚଡ଼ି ନ ପଡ଼ିଲେ ସେମାନେ ଚେତନ୍ତି ନାହିଁ । ଚେତିଲେ ଉତ୍ତାରୁ ଦେଖନ୍ତି, ବିଷୟ, ପରିବାର, ସଂସାର ସମ୍ଭାଳିବାଠାରୁ ଆପଣା ଚିତ୍ତକୁ ସମ୍ଭାଳିବା ଦୁଷ୍କର ଅଟେ । ମନୁଷ୍ୟର ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟ-ରକ୍ଷାର ନିୟମ ଶିକ୍ଷା ମଧ୍ୟ ହୋଇଥାଏ । ତେଣୁ କୌଣସି କୌଣସି ଦେଶରେ ଏହି ପ୍ରବାଦ ପ୍ରଚଳିତ ଅଛି—"ଚାଳିଶ ବର୍ଷରେ କେହି ବୈଦ୍ୟ ହୁଅନ୍ତି, ଚାଳିଶ ବର୍ଷରେ କାହାକୁ ଅବା ଦୈବ ଲୋଡ଼େ ।" ଶରୀର ସମ୍ବନ୍ଧରେ ଯେଉଁ ନିୟମ, ମନ ସମ୍ବନ୍ଧରେ ମଧ୍ୟ ସେହି ନିୟମ ଚଳୁଅଛି । ମନ ମଧ୍ୟ ଅନେକ ନୂଆ ଅବସ୍ଥାରେ ପଡ଼ି ଆପଣାର ଗତି, ପ୍ରବୃତ୍ତି ଓ ନିୟମମାନ ବୁଝିପାରେ । ଏହି ବିବେକ ଅମୂଲ୍ୟ ବିବେକ ଅଟେ । "ଏ ଅବସ୍ଥା ମୁଁ ନିରାକରଣ କରି ପାରିବ ନାହିଁ । ଏହାକୁ ପାସୋରିବା ଭଲ । ମୁଁ ଏକା ଥିଲେ ସେହି ଚିନ୍ତା ପୁଣି ଆସି ମୋତେ ଆକୁଳିବ, ବିଷୟା-ନ୍ତରରେ ମନ ଲଗାଇବି । ଏ ସୁଖ ମୋହ ବେଗରେ ଆସିବ ନାହିଁ, ଆସିଲେ ସୁଦ୍ଧା ଦୂରରୁ ଯେପରି ମନୋହର ଦିଶୁଅଛି, ସେପରି ମନୋହର ଦିଶିବ ନାହିଁ । ପୂର୍ବରେ ମୋହର ଯେଉଁ ସୁଖ ଜଣା ନ ଥିଲା, ଜଣା ନ ଥିବା ଯୋଗୁଁ ଏତେ ଭଲ ଦିଶୁଥିଲା, ସେହି ସୁଖ ତ ବର୍ତ୍ତମାନ ଅନୁଭବ କରୁଅଛି । ମାତ୍ର ସେ ମୋହିନୀ ଶକ୍ତି କାହିଁ ? ଏ ସୁଖ ମଧ୍ୟ ସେହିପରି । ଏହାର ଉଜନ ମଧ୍ୟ ସେହିପରି । ଏମନ୍ତ ସୁଖ ମିଳିଲେ ଭେଟେ, ନ ମିଳିଲେ ଅବା କେତେ ?" ଏହିପରି ପ୍ରବୋଧ ଦେଇ ନିତାନ୍ତ କୋମଳମନସ୍କ ବ୍ୟକ୍ତି ମଧ୍ୟ ମନର ଉଦ୍‌ବେଗ ଶାନ୍ତ କରେ । ମାନସିକ ବୃତ୍ତିମାନ ବୁଢ଼ାଯାନ୍ତି, ଏମନ୍ତ ନ ମଣ, ବହୁଦର୍ଶିତା ବଢ଼ିଲେ ଲୋକେ ଚିତ୍ତକୁ ସମ୍ଭାଳି ପାରନ୍ତି ।

ଅନର୍ଥର ପ୍ରକୃତ ପରିଣାମ ଜଣା ଥିଲେ ମନରେ ଯଥେଷ୍ଟ ସାନ୍ତ୍ୱନା ହୁଏ, ହେତୁ କି, ଏମନ୍ତ ସ୍ଥଳରେ କଷ୍ଟ ସହିତ ବିସ୍ମୟ ମିଶେ ନାହିଁ । ଅନେକ ଉପନ୍ୟାସପ୍ରିୟ ଅଭ୍ୟୁଦୟୋଦଶୀ ଯୁବକ ମହାନ୍ ମହାନ୍ କଷ୍ଟକୁ ସ୍ୱପ୍ନ ମଣନ୍ତି ; ମାତ୍ର ପ୍ରକୃତ ସବୁଦିନେ ଅଟଳ ଥାଏ । ଉପନ୍ୟାସର ଶିକ୍ଷା ଭିନେ, ପ୍ରକୃତର ଶିକ୍ଷା ଭିନେ । କେହି କେହି କହନ୍ତି, ଦୁର୍ବିପାକ କେବେ ବହୁକାଳ ବ୍ୟାପେ ନାହିଁ—ଆସେ, ଯାଏ, ଚଞ୍ଚଳ ଗୁଚିଯାଏ । ମାତ୍ର ଅନୁଭବୀ ଲୋକେ ଆନ ପ୍ରକାରେ କହିବେ । କୌଣସି କୌଣସି ଦୁର୍ବିପାକ ଅନେକକାଳ ସ୍ଥାୟୀ ହୁଏ, ଅନେକ ଦିନ କଷ୍ଟ ଦିଏ । ମନୁଷ୍ୟ ଗିରିଶୃଙ୍ଗରୁ ଏକାବେଳକେ ତଳକୁ ଖସି ପଡ଼େ, ଏମନ୍ତ ନୁହେ । ଧୀରେ ଧୀରେ ପଡ଼େ, ଏ ପଥରରୁ ସେ ପଥରକୁ ଆସେ, ଇତସ୍ତତଃ ଲତା ଗଛ ପଡ଼ୁ ପଡ଼ୁ ଯାହା ପାଏ ତାହାକୁ ଧରେ, ହାତ ଖସିର ଯାଏ, କୌଣସି କୌଣସି ସ୍ଥାନରେ

ଛୁଞ୍ଚା ହୋଇ ପାଟେଣ ଆଉ ପଡ଼ିବ ନାହିଁ, ସେଠାରୁ ମଧ୍ୟ ଗୋଡ଼ ଖସିଯିବ ଯାଏ । ଏହିପରି ଗଡ଼ୁଁ ଗଡ଼ୁଁ ପର୍ବତର ପାଦଦେଶରେ ଲାଗେ । ଏ ଉପମାନ କଷ୍ଟର ଉତ୍କର୍ଷ ଅଟେ ମାତ୍ର ଉପମେୟର ଯୋଗ୍ୟ ଉପମାନ ।

ଲକ୍ଷ ଭିତରେ ଦୁଇ ଗୁରି ଜଣ ସ୍ଥାୟୀ-ସୁଖ ଲଭନ୍ତି, ଅବଶିଷ୍ଟ ଲୋକମାନଙ୍କ ମଧ୍ୟରୁ ସମସ୍ତେ ଦୁଇଟା ଗୋଟାଏ ସ୍ଥାୟୀ ଅନର୍ଥ ଭୋଗିଅଛନ୍ତି, ଭୋଗୁଅଛନ୍ତି । ଦୀର୍ଘକାଲବ୍ୟାପୀ ମକଦ୍ଦମା କାହାର ଅର୍ଥ ଶୋଷଣ କରୁଅଛି । କେହି ଅବା କୌଣସି ଅଧ୍ୟବସାୟରେ ଭଗ୍ନ-ମନୋରଥ ହୋଇଅଛନ୍ତି, ସେହି ଅଧ୍ୟବସାୟ-ବିଫଳତା ତାହାଙ୍କୁ ଦାରୁଣ ଯାତନା ଦେଉଅଛି । କେହି ଦୁଷ୍ଟ ସନ୍ତାନର ଅବାଧ୍ୟତା ଯୋଗୁଁ ଦିନ ରାତି ଦୀର୍ଘନିଃଶ୍ୱାସ ପକାଉଅଛନ୍ତି । ଦୁଷ୍ଟ ଖଳ କୁଟୁମ୍ବର ଉପଦ୍ରବରେ କାହାରି ଅବା ଧୈର୍ଯ୍ୟ ଲୋପ ହେଉଅଛି । କେହି ଅବା ଅପରିଣାମଦର୍ଶୀ ଇନ୍ଦ୍ରିୟର ପରତନ୍ତ୍ର ହୋଇ କୌଣସି ଲଜ୍ଜାକର ବ୍ୟାପାରରେ ଲିପ୍ତ ଥିଲେ, ଏବେ ସେହି ଲଜ୍ଜାକର ବ୍ୟାପାର ସବୁବେଳେ ସ୍ମୃତିମାର୍ଗରେ ଆବିର୍ଭୂତ ହୋଇ ଥରକୁ ଥର ମୁଖ ବିବର୍ଣ୍ଣ କରୁଅଛି । ଏହିପରି କେତେ ଲୋକ ଦିନ ମଧ୍ୟରେ ଶହେଥର ଆତ୍ମଧିକ୍କାର ଦେଇ, ଦୈବର ଅପରିହାର୍ଯ୍ୟ ବିଡ଼ମ୍ବନା ସ୍ମରଣ କରି, ମର୍ତ୍ତ୍ୟରେ ଯେଉଁ ସମୟରେ ପ୍ରଥମେ ପଦାର୍ପଣ କରିଥିଲେ, ସେହି ସମୟକୁ କୁସମୟ ମଣୁଅଛନ୍ତି ।

ଜଣେ ଓକିଲ, ଆଉ ଜଣେ ମନ୍ତ୍ରୀ, ଦୁହିଁଙ୍କୁ ପ୍ରାୟ ସମାନ ପରିଶ୍ରମ କରିବାକୁ ହୁଏ । ମାତ୍ର ମନ୍ତ୍ରୀକୁ ଯେପରି ପ୍ରଗାଢ଼ ଚିନ୍ତା କରିବାକୁ ହୁଏ, ଓକିଲର ସେପରି ନୁହେ । ଓକିଲର ଚିନ୍ତା ସୂର୍ଯ୍ୟଙ୍କ ସଙ୍ଗେ ଉଦିତ ହୁଏ, ସୂର୍ଯ୍ୟଙ୍କ ସଙ୍ଗେ ଅସ୍ତ ହୁଏ । ମନ ଦେଇ ଦେଖ, ଦାୟୀ ମନ୍ତ୍ରୀର ମାନସିକ କଷ୍ଟ କେତେ କଷ୍ଟ ! ଗୋଟିଏ ପ୍ରଣାଳୀ ଦେଖି କାର୍ଯ୍ୟ କରିବାକୁ ହେଲା । ପ୍ରଣାଳୀ ପ୍ରଶସ୍ତ ଅବା ଅପ୍ରଶସ୍ତ ଦିନ ଓକଟରେ ଜଣା ଯିବ ନାହିଁ, ପ୍ରଣାଳୀଗତ ଦୋଷମାନ ଧୀରେ ଧୀରେ ଅତର୍କିତରୂପରେ ଉପଲବ୍ଧ ହୁଏ । ଏମନ୍ତ ଅବସ୍ଥାରେ ଏହିପରି ସାନ୍ତ୍ୱନା ଅବଲମ୍ବନ କରିବାର ବିହିତ ଅଟେ । ତୁମ୍ଭର ଅବଲମ୍ବିତ ପ୍ରଣାଳୀରୁ ମନ୍ଦ ଫଳ ଜାତ ହେଲା ଜାଣି ଜ୍ଞାନୀ, ହୃଦୟଜ୍ଞ ଲୋକଙ୍କର ଏମନ୍ତ ସ୍ଥଳରେ କ'ଣ କରିବାର ଉଚିତ ? ଅନେକ ଗଞ୍ଜଣା ତ ସହିଲଣି । ଏଥିରୁ ଯାହା ଶିଖିବାର ଶିଖିଲଣି । ଥରକୁ ଥର ଆଉ ସେହି ବିଷୟର ମାଳନ କର ନାହିଁ, ପାସୋରି ପକାଅ । ମନକୁ ଆନ ବିଷୟରେ ଆମୋଦରେ ନିବିଷ୍ଟ କର । ନେପୋଲିଅନ୍ ବୋନାପାର୍ଟ କେତେ ଲୋକ ଥିଲେ । ରୁଷ-ପରାଭବ ମନେ ପଡ଼ିଲାପରି ତାସ ଓ ବ୍ୟାୟବଳର ଶରଣ ପଶୁଥିଲେ । ମନଃଶାନ୍ତିର ଅନ୍ୟତର ଏକ ଉପାୟ ଏହି; ଆମ୍ଭର ବିପଦ୍‌କାଳ ଆମ୍ଭଙ୍କୁ କଷ୍ଟ ଦେଉଅଛି, ଏହା ପ୍ରମାଣ ଅଟେ । ମାତ୍ର ଅମିଶ୍ର କଷ୍ଟ ଦେଇ ନାହିଁ, କଷ୍ଟ ସଙ୍ଗେ ସଙ୍ଗେ ଅମୂଲ୍ୟ ଜ୍ଞାନ ଦେଉଅଛି । ଯେଉଁ ଅନ୍ଧକାର ସୂର୍ଯ୍ୟ ଗ୍ରାସ କରେ, ସେହି ଅନ୍ଧକାର କେତେ ମଞ୍ଜୁଳ ପଦାର୍ଥମାନ ନୟନଗୋଚର କରାଏ । ଦିନରେ ଗଗନପଥ ଉଜ୍ଜ୍ୱଳ ଥିଲା, ଅନ୍ଧ-କାରରେ ଯାହାର ସ୍ୱତଃ ଔଜ୍ଜ୍ୱଲ୍ୟ ଅଛି, ସେହି ଉଜ୍ଜ୍ୱଳ ଥାଏ । ଯାହାର ସ୍ୱତଃ ଔଜ୍ଜ୍ୱଲ୍ୟ ନାହିଁ ସେ ଆଲୁଅରେ ଧଳା ଥିଲା, ଅନ୍ଧକାରରେ କଳା ହେଲା ।

ଏହି ଦେଖ ପାଠକ, ଉପମା ଅଳଙ୍କାର ଲୋଡ଼ୁଁ ଲୋଡ଼ୁଁ କାଟବଣା ହୋଇଥିଲି । ହଁ ଆମ୍ଭର ଆପଦ ଆମ୍ଭଙ୍କୁ ବସ୍ତୁର ଜ୍ଞାନ ଶିଖାଏ । ଏଣୁ ଆପଦ ଆମ୍ଭର ଉପକାରକ ; ଏହି ଉପକାରକ, ଏହି ସ୍ପଷ୍ଟବାଦୀ ଉପକାରକ

ଆଉ ନାହିଁ । ବିପଦରୁ ଯେଉଁ ଜ୍ଞାନ ମିଳେ ଅନେକ ବ୍ୟୟରେ ମିଳେ । ଏମନ୍ତ ଜ୍ଞାନକୁ ଆମ୍ଭର ବିତ୍ତର ଅଂଶ ମଣିବାର ଉଚିତ ।

ଜ୍ଞାନୀ ଲୋକ ସର୍ବଦା ନମ୍ର ହୋଇ ଅବସର ପ୍ରତୀକ୍ଷା କରିବ । ସବୁ ବିଷୟରେ ନମ୍ର ଥିବାର ଭଲ, ଆପଣାର ଲଘିମା ସବୁବେଳେ ସ୍ମରଣ କରିବାକୁ ଭଲ । ପ୍ରବୀଣ ସେନାପତି ପ୍ରାୟ ଉଚ୍ଚ ଭୂମି ଅନ୍ୱେଷଣ କରିବ ।

କେବଳ ମନରେ ନୁହେଁ, କାର୍ଯ୍ୟରେ ମଧ୍ୟ ଏହିପରି ସାବଧାନ ହୋଇ ଚଳିବାର ବିଧେୟ ଅଟେ । ଜଣେ ବିଜ୍ଞ ଲୋକ କହିଛନ୍ତି "ସେ ପ୍ରତିଦିନ କଚେରୀକୁ ଯାଉଥିଲେ, ଯେଉଁଦିନ ବାଟରେ ଘୋଡ଼ା ଚଞ୍ଚଳ ଓ ଅବାଧ୍ୟ ହେଉଥିଲା, ସେ ଦିନ ସେ ମଧ୍ୟ କଚେରୀରେ ବିରକ୍ତ, ରୁଷ୍ଟ ହେଉଥିଲେ । ଯେଉଁଦିନ ଭଲରେ ଆସୁଥିଲେ; ସେଦିନ ସେ କଚେରୀରେ ଉଗ୍ରମୂର୍ତ୍ତି ଧରୁ ନ ଥିଲେ । ଏଥିରେ ଆଶ୍ଚର୍ଯ୍ୟର ବିଷୟ କିଛି ନାହିଁ । ଘୋଡ଼ା ଦୁର୍ଦ୍ଦାନ୍ତ ହେଲରୁ ତାହାକୁ ଆୟତ୍ତ କରିବାକୁ ହେଉଥିଲା, ତେଣୁ କ୍ଳାନ୍ତ ଦୁର୍ବଳ ଓ ବିରକ୍ତ ହେଉଥିଲେ, ସୁତରାଂ ମନର ଶାନ୍ତିଭଙ୍ଗ ହେବାର ବିଚିତ୍ର ନୁହେଁ । ଏ ସାନ କଥା, ମାତ୍ର ଏପରି ସାନ କଥାରେ ସୁଦ୍ଧା ମତି ଟଳିଯାଏ । ଯେଉଁ ଲୋକମାନେ ହୃଦୟଜ୍ଞ ନୁହନ୍ତି, ସେମାନେ ଏହି କଥା ଶୁଣି ହସିଲେ ହସିବେ ତ ହସନ୍ତୁ, ମାତ୍ର ବଡ଼ିଲେ ଜାଣିବେ । ସାନ ବିଷୟ ଅନେକ ଅଛି, ମାତ୍ର ବଡ଼ ସାଙ୍ଗରେ ସେମାନଙ୍କର ସମ୍ପର୍କ ଥିଲେ ସେମାନଙ୍କ ଅଭାବରେ ବଡ଼ କଥା ମଧ୍ୟ ଅଟକି ଯାଏ ।

ସଂସାରରେ ଗଞ୍ଜଣା ସମସ୍ତଙ୍କୁ ଥରେ ଦୁଇଥର ସହିବାକୁ ହୁଏ । କୋମଳମନସ୍କ ବ୍ୟକ୍ତିମାନେ ଟିକିଏ ନିନ୍ଦାରେ ଭଗ୍ନମନା ହୁଅନ୍ତି । ଯେତେବେଳେ ତୁମ୍ଭର ଗଞ୍ଜଣା ହେବ, ମନ ସମ୍ଭାଳି ଧୈର୍ଯ୍ୟ ଧରି ଏହା ଭାବିବ ଯେ ସଂସାରର ମତ ଦିନକୁ ଦିନ ସଂଶୋଧିତ ହେଉଅଛି । ଯେଉଁମାନେ ତୁମ୍ଭର ଆତ୍ମୀୟ ଅଟନ୍ତି, ସେମାନେ ତୁମ୍ଭର ଆଚରଣ ବିଷୟରେ ଯେଉଁ ମତ ସ୍ଥିର କରିଅଛନ୍ତି, ତାହା ସହଜରେ ପରିବର୍ତ୍ତିତ ହେବାର ଦୁଷ୍କର ଅଟେ । ହେତୁ କି ସେମାନେ ଏହା ଭାବନ୍ତି ଯେ, ସେମାନେ ତୁମ୍ଭର ଚରିତ୍ର ଭଲରୂପରେ ଜାଣନ୍ତି, ଏଣୁ ସେମାନଙ୍କର ମତ ଅଭ୍ରାନ୍ତ ଅଟେ । ସାଧାରଣ ଲୋକଙ୍କର ମତ ଭ୍ରାନ୍ତ ଥିଲେ ସମୟରେ ଅବଶ୍ୟ ସଂଶୋଧିତ ହେବ ।

ମତ ସଂଶୋଧନ କେଉଁ ଯୁଗରେ ହେବ, ସେତେଦିନଯାଏ ଅନାଇଥିବାର ସହଜ ନୁହେଁ ; ମାତ୍ର ହେଲେହେଁ ସବୁଦିନେ ତୁମ୍ଭର କଳଙ୍କ ଥିବ ନାହିଁ । ମଲା ଆଗେ ହେଉ ବା, ପଛେ ହେଉ, ଅବଶ୍ୟ ଦିନେ ଉପଗତ ହେବ । ଏହି ଚିନ୍ତା ମନକୁ କଥଞ୍ଚିତ୍ ସୁସ୍ଥ କରିପାରେ ।

କୁତ୍ସା ସମ୍ବନ୍ଧରେ ଏହା ଭାବିବାର ଉଚିତ ଯେ, ଲୋକେ କୁତ୍ସାକୁ କେଉଁ କାରଣରୁ ଜାତ ହୋଇଥିବାର ମଣନ୍ତି, କୁତ୍ସା ସେଥିରୁ ଜାତ ହୁଏ ନାହିଁ । ସ୍ୱାର୍ଥୀ ହିଂସାର ପ୍ରବର୍ତ୍ତନାରେ କେହି ତୁମ୍ଭର ଅମଙ୍ଗଳ ଚାହୁଁ ଅଛନ୍ତି, ତୁମ୍ଭର ଅନିଷ୍ଟ ସାଧନ ଛଡ଼ା ସେମାନଙ୍କର ଅନ୍ୟ ବ୍ୟବସ୍ଥା ନାହିଁ । ତୁମ୍ଭେ ତାହାଙ୍କର ସ୍ଥୂଳ କୁତ୍ସାର ଗୋଟିଏ ମାତ୍ର ଲକ୍ଷ୍ୟସ୍ଥଳ ଅଟ, କେବେହେଁ ଏମନ୍ତ ଭାବିବ ନାହିଁ । ନିଶ୍ଚେ ଜାଣିଥିବ, ସ୍ୱାର୍ଥୀ ହିଂସା ସବୁବେଳେ କୁତ୍ସାର ପ୍ରସୂତି ନୁହଇ । ସରଳ ଅଜ୍ଞତା, ସଙ୍କୀର୍ଣ୍ଣ-ମନସ୍କତା ତଥା ଅପରିହାର୍ଯ୍ୟ ଭ୍ରମ ଏହି ତିନି କାରଣର ଅନ୍ୟତରରୁ କୁତ୍ସା ଜାତ ହେଉଥିବାର ଜଣାଯାଏ । ଏଣୁ କୁତ୍ସାକୁ ଅନ୍ୟାୟ ଉପଦ୍ରବ ନ ମଣି ଦୁର୍ଭାଗ୍ୟ ମଣିବାର ଉଚିତ ଅଟେ ।

ଯେଉଁମାନଙ୍କୁ ଅନେକ ଭାର ସମ୍ଭାଳିବାକୁ ହୁଏ, ସେମାନେ ଦୁଇ ଗୁଣ ଥର ଗଞ୍ଜଣା ନ

ଜିଣ ଯେ ଜୀବନ ଗମିବ, ଏପରି ଆଶା କରିବାର ଭଲ ନୁହେ । ହେତୁ କି ଏପରି ଆଶା କେବେ ଫଳେ ନାହିଁ । ଯେଉଁ ଲୋକମାନଙ୍କ ସଙ୍ଗେ ତୁମ୍ଭର କାରବାର ଚଳୁଅଛି, ସେମାନଙ୍କ ମଧ୍ୟରେ ବଞ୍ଚକମନ୍ୟ, ଅଜ୍ଞ ଏବଂ ଈର୍ଷୀ ଲୋକ ଅନେକ ଅଛନ୍ତି । ଏହା ଯେବେ ଜାଣ, ସେମାନଙ୍କ ସଙ୍ଗେ କାରବାର କଲେ ଅବଶ୍ୟ ଥରେ ଦୁଇଥର ଦୁର୍ନାମ ଘଟିବ, ଏହା ମଧ୍ୟ ଜାଣିବାର ଉଚିତ । ଗଞ୍ଜିକାନଳ ଏକସ୍ଥାନରେ ପ୍ରଜ୍ୱଳିତ ହୁଏ । ଏମନ୍ତ କେତେଗୁଡ଼ିଏ ଲୋକ ଅଛନ୍ତି, ଗଞ୍ଜନା ସେମାନଙ୍କୁ ଯେତେ ସୁସ୍ୱାଦୁ ଲାଗେ, କୌଣସି ମିଷ୍ଟାନ୍ନ ସେପରି ଲାଗେ ନାହିଁ । ଏମାନେ ତୁମ୍ଭର ଗଞ୍ଜିକାନଳରେ ଫୁତ୍କାର କରନ୍ତି । ତୁମ୍ଭଠାରେ ସେମାନଙ୍କର କୌଣସି ଶତ୍ରୁତା ଥିବାଯୋଗୁଁ ଫୁତ୍କାର ଦିଅନ୍ତି, ଏମନ୍ତ ନୁହେ । ପରଗଞ୍ଜନା ସେମାନଙ୍କୁ ସ୍ୱାଦୁ ଲାଗେ, ସେଥିପାଇଁ ଫୁତ୍କାର ଦିଅନ୍ତି । ଅଜ୍ଞତା ପୁଣି କଳ୍ପିତକୁ ପ୍ରକୃତ ମଣି ତୁମ୍ଭଠାରେ ଦ୍ୱେଷୀ ହୁଅଇ । ଏଣୁ ତୁମ୍ଭର ମହାନ୍ ଅନିଷ୍ଟ ହେଲା, ଜଣ କହିବ ଏଥିରେ ତୁମ୍ଭର ଦୋଷ ନାହିଁ । ଯେବେ ସାବଧାନ ହୋଇ ଚଳ, ତେବେ ପରଛିଦ୍ରଦର୍ଶୀ ଦୁଷ୍ଟ ଶତ୍ରୁଙ୍କ ଷଡ଼ଯନ୍ତ୍ରବ୍ୟାପାର ହେଲେ ନିଶ୍ଚେ ଥରେ ଦୁଇ ଥର କଳଙ୍କ ରଟିବ । ଏଣୁ ଏପରି ଦୁର୍ଘଟନାକୁ ଦୁର୍ଦ୍ଦୈବ-କୃତ ମଣିବାର ଉଚିତ ଅଟେ । ଯେଉଁ ବିବେକର ସାହାଯ୍ୟ ଯୋଗୁ ଆଜ ଦୈବବିପାକ ସହୁଅଛ ; ଏହି ଦୁର୍ଘଟନାରେ ମଧ୍ୟ ସେହି ବିବେକର ସାହାଯ୍ୟ ନିଅ । ଧୈର୍ଯ୍ୟ ଧରି ପ୍ରତୀକ୍ଷା କର, ଯାହା ସମୟରେ ଜାତ ହୋଇଅଛି, ସମୟରେ ତାହାର ଖଣ୍ଡନ ହେବ । କାଦୁଅ ଯେତେବେଳେ ଶୁଷ୍କ ହେବ, ଆପେ ଝଡ଼ି ପଡ଼ିବ, ଶୁଷ୍କ ହେବା ଆଗେ ଝଡ଼ି ପଡ଼ିବ ନାହିଁ । ପୋଛିବା ତୁମ୍ଭର ସାଧ୍ୟ ନୁହେ, ଶୁଷ୍କ ହେବାଯାଏ ପ୍ରତୀକ୍ଷା କର । ତୁମ୍ଭ ଜୀବନ ଥିଲେ ଥାଉ ଶୁଷ୍କ ହେବ କି ନାହିଁ, ଏହା କିଏ କହିବ ? ଯେ ଯାହା ହେଉ ଆତ୍ମସମର୍ଥନ ନିମନ୍ତେ ନିତାନ୍ତ ବ୍ୟଗ୍ର ହେବାର ଭଲ ନୁହେ । କର୍ମଠ ଲୋକ ଗଞ୍ଜନାକୁ ଯେବେ ଯେବେ ଅହର୍ନିଶ ଗୁଣିବ, କର୍ମ କିପରି ଚଳିବ ? କର୍ମିଷ୍ଠ ବ୍ୟକ୍ତିଙ୍କର ଏହା ମନେ ରଖିବା ଉଚିତ କି, ସେମାନେ ଯାହା କରନ୍ତି, ଅନ୍ୟକୁ ସେଥିର କାରଣମାନ ଜଣାଇବା ସେମାନଙ୍କ କର୍ମର ଅଙ୍ଗ ନୁହଇ । ଏତିକି ମାତ୍ର, ସେ ସ୍ୱଦେଶର ବିବେଚନାର ଉପଦେଶ ଅନୁସରି ଚଳିବେ ।

ରାଜକର୍ମଚାରୀମାନଙ୍କୁ ଦେଖ । ଏମାନେ କେତେ ଗଞ୍ଜନା ଲଭନ୍ତି, ମାତ୍ର ତୁଷ୍ଣୀ ହୋଇ ସବୁ ସହନ୍ତି । ସେମାନଙ୍କ ଅବଲମ୍ବିତ କାର୍ଯ୍ୟ-ପ୍ରଣାଳୀ ଦେଖି ଅନେକ ଲୋକ ଅନେକ କଥା କହନ୍ତି । ସମସ୍ତଙ୍କୁ ପ୍ରବୋଧ ଦେବାପାଇଁ ସେମାନଙ୍କର ଅବକାଶ ନାହିଁ । କେବଳ ଉପରର କର୍ମଚାରୀଠାରେ ସେମାନେ ଦାୟୀ ଅଛନ୍ତି । ସେଥିପାଇଁ ଉପରର କର୍ମଚାରୀଙ୍କୁ ଅବଲମ୍ବିତ ପ୍ରଣାଳୀର କାରଣମାନ ଜଣାନ୍ତି । ସଂସାରର ଅନ୍ୟାନ୍ୟ କାର୍ଯ୍ୟରେ ସୁଦ୍ଧା ସେହିପରି ନ କଲେ ଚଳି ହେବ ନାହିଁ । ଲୋକର ଆଚରଣ ଉପରେ କେହି ଯେବେ ଅନ୍ୟାଯ୍ୟ ଟୀକା କରନ୍ତି ସେହି ଟୀକା ଅଶେଷ ମନସ୍ତାପର ହେତୁ ହୁଏ । ବାସ୍ତବରେ କାହାର ଆଚରଣ ଭଲ ଅବା ମନ୍ଦ, ଏ ବିଷୟରେ ମତ ଦେବାକୁ ଲୋକେ କେତେ ଅନୁପଯୁକ୍ତ ଅଟନ୍ତି, ତାହା ଯେବେ ସମସ୍ତଙ୍କୁ ଜଣାଥାନ୍ତା, ତେବେ କେହି ସହସା କୌଣସି ବିଷୟରେ ମତ ଦିଅନ୍ତେ ନାହିଁ, ତାହାକୁ ଅନ୍ୟାନ୍ୟ ମତଜନିତ କ୍ଲେଶ ମଧ୍ୟ ଭୋଗ କରିବାକୁ ହୁଅନ୍ତା ନାହିଁ । ଆଗେ ଭଲ ଦେଖ, ଅନ୍ୟର ପ୍ରକୃତ ଅବସ୍ଥା ବିଷୟରେ ଆମ୍ଭେମାନେ କେତେ ଅଜ୍ଞ ଅଟୁ । ଜଣକୁ ତୁମ୍ଭେ ଧନୀ ମଣ । ସେ ନିଃସ୍ୱ ଅଟେ, ଅଥବା ସେ ଧନୀ

ଅଛି, ମାତ୍ର ସେହି ଧନର ସଙ୍ଗେ ସଙ୍ଗେ ତାହାକୁ କେତେ ଆପଦ ସହିବାକୁ ହୁଏ, କେତେ ଲୋକର ମନ ରଖି କେତେ ଲୋକଙ୍କୁ ଡରି ଚଳିବାକୁ ହୁଏ, ତାହା ତୁମ୍ଭେ ଜାଣ ନାହିଁ । ଜଣକୁ ତୁମ୍ଭେ ସୁସ୍ଥ ଶରୀର ମଣ, ବାସ୍ତବରେ ସେ ମାନସିକ ରୋଗର ଅଧୀନ ହୋଇ ଅହର୍ନିଶ ଯନ୍ତ୍ରଣା ଭୋଗ କରୁଅଛି । ତୁମ୍ଭେ କହ, "ଅମୁକେଇ ଲୋକ କେଡ଼େ ଅସୁଖୀ, ଏପରି ମୁଖରା ଭାର୍ଯ୍ୟା ଦେଖି ମୁଁ ଚଳି ପାରନ୍ତି !" ମାତ୍ର ପ୍ରକୃତରେ ତାହାର ଭାର୍ଯ୍ୟା ମୁଖରା ହେଲେହେଁ ସେ ତାହାକୁ ଯଥେଷ୍ଟ ସ୍ନେହ କରେ ଏବଂ ଆପଣାକୁ ସୁଭଗ ମଣେ । ତୁମ୍ଭେ କହ, "ଅମୁକେଇ ଲୋକପରି କପାଳିଆ ମହୀରେ ନାହିଁ, ଏଡ଼େ ସ୍ନେହବତୀ ଭାର୍ଯ୍ୟା କାହାର ନାହିଁ ।" ପ୍ରକୃତରେ ତା ଘର କଳି-ମନ୍ଦିର ଅଟେ । ତୁମ୍ଭେ କହ, "ଅମୁକେଇ ଲୋକଙ୍କୁ କୌଣସି କାର୍ଯ୍ୟ କରିବାକୁ ହୁଏନାହିଁ, ତାହାର ଦିନଯାକ ଅବକାଶ ।" ବାସ୍ତବରେ ତାହାକୁ କେତେ ଚିନ୍ତା, କେତେ ପରିଶ୍ରମ, କେତେ ଉଦ୍‌ଯୋଗ କରିବାକୁ ହୁଅଇ ସେଥିର ଲବମାତ୍ର ତୁମ୍ଭଙ୍କୁ ଜଣାନାହିଁ । ଏଥିରୁ ଅନ୍ୟର ଆଚରଣ ଉପରେ ତୁମ୍ଭେ ଯେଉଁ ଟୀକା କର, ସେଥିରେ ଲଭ୍ୟ କ'ଣ ? ଲୋକ ଗୋଟିକୁ ପ୍ରକୃତ ଗୋଟିଏ । ପୁଣି ଅନେକ ଲୋକ ଅଛନ୍ତି, ସେମାନେ ଆପଣା ସମପ୍ରକୃତିକ ଲୋକ ଭିନ୍ନ ଅନ୍ୟ ଲୋକଙ୍କୁ ଅଧମ ମଣନ୍ତି । ଦେଖ, ଅନ୍ୟର ଆଚରଣ ଉପରେ ଟୀକା କରିବାପାଇଁ କେତେ ଜ୍ଞାନର ପ୍ରୟୋଜନ ରଖେ ; ପ୍ରାୟ ସର୍ବଜ୍ଞତାର ପ୍ରୟୋଜନ ରଖେ । ଭିନ୍ନଜାତୀୟ ପ୍ରାଣୀ-ମାନଙ୍କ ପ୍ରକୃତିରେ ଯେତେ ଅନ୍ତର, ଭିନ୍ନଭିନ୍ନ ଲୋକମାନଙ୍କର ପ୍ରକୃତିରେ ସେହିପରି ଅନ୍ତର ଥିବାର ଦେଖୁଅଛୁ । କିଏ ଭଲ ଅବା ମନ୍ଦ, ଶିଷ୍ଟ ଅବା ଦୁଷ୍ଟ, ଏ ବିଷୟରେ ଈଶ୍ବର ଭିନ୍ନ କ ଜାଣଇ ।

ଗଞ୍ଜଣା ତଳେ ଉପେକ୍ଷା । ଉପେକ୍ଷିତ ବ୍ୟକ୍ତିମାନଙ୍କର ମଧ୍ୟ ସାନ୍ତ୍ୱନାରେ ଅନେକ ଉପାୟ ଅଛି । ଯେଉଁ ଲୋକ ଆପଣାକୁ ଉପେକ୍ଷାର ଅନର୍ହ ମଣେ, ତାହାକୁ ଉପେକ୍ଷା ଦୁଃସହ କଷ୍ଟ ଦିଏ । ମାତ୍ର ବାସ୍ତବରେ ବଡ଼, ଅବହେଳାର ଅନର୍ହ ବ୍ୟକ୍ତି ସୁଦ୍ଧା ଅବହେଳିତ ହୁଅନ୍ତି, ଏପରି ସ୍ଥଳରେ ଉପେକ୍ଷାରେ ପ୍ରକୃତ ହେତୁ ସ୍ମରଣ କଲେ ଉପେକ୍ଷାଜନିତ କ୍ଳେଶ ନଷ୍ଟେ ଊଣା ହେବ । ହେତୁ କି, ଉପେକ୍ଷା ସ୍ୱୟଂ କଷ୍ଟଦାୟୀ ହେଲେ ମଧ୍ୟ ସେଥିର ହେତୁ ସବୁବେଳେ ସେପରି କଷ୍ଟକର ହୁଏ ନାହିଁ ।

ଅମୁକେଇ ଉପାୟରେ ଅମୁକେଇ ବସ୍ତୁ ମିଳେ, ତୁମ୍ଭେ ସେ ଉପାୟ ଅବଲମ୍ବି ପାରିବ ନାହିଁ, ଅଥଚ ସେହି ବସ୍ତୁଲିପ୍ସା ତୁମ୍ଭ ମନରେ ସବୁବେଳେ ଜାଗରୂକ ଅଛି । ଏପରି ଅନ୍ୟାଯ୍ୟ ଲିପ୍ସା ତୁମ୍ଭର ବିଜ୍ଞତାର ସୂଚକ ନୁହେ । ତୁମ୍ଭଠାରେ ଗୁଣର ଅଭାବ ନାହିଁ । ମାତ୍ର ଯାହା ଲଭିବାପାଇଁ ତୁମ୍ଭର ଏଡ଼େ ଆଗ୍ରହ ତାହା କେବଳ ଗୁଣଦ୍ୱାରା ଲବ୍ଧ ହୁଅଇ ନାହିଁ; କେତେଗୁଡ଼ିଏ ସୁବିଧାର ପ୍ରୟୋଜନ ରଖେ । ତୁମ୍ଭ ଭାଗ୍ୟରେ ସେପରି ସୁବିଧା ଘଟୁ ନାହିଁ । ଏଥିପାଇଁ ଲୋକେ ଉତ୍ତରସାଧକଙ୍କୁ ବନ୍ଧୁ ମଣନ୍ତି । କେତେଗୁଡ଼ିଏ କଥା ଅଛି, ଆପଣା-ପାଇଁ କେହି କହିପାରେ ନାହିଁ ; ସେତେକ କେହି କହେ, ଲୋକ ତାହାକୁ ଅହଂକାରୀ, ଧୃଷ୍ଟ ଏବଂ ନିର୍ଲଜ୍ଜ ମଣନ୍ତି । ଉତ୍ତରସାଧକ ଥିଲେ ଏପରି ଅନର୍ଥ ଜାତ ହୁଏ ନାହିଁ । ସେ ତୁମ୍ଭପାଇଁ ସେହିସବୁ କଥାମାନ ମୁକ୍ତକଣ୍ଠରେ ନିର୍ଲଜ୍ଜମନରେ କହି ପାରିବେ । ତୁମ୍ଭର ଯେବେ ଏପରି ଉତ୍ତରସାଧକ ନାହାନ୍ତି, ତୁନି ହୋଇ ଥାଅ । ତୁମ୍ଭଠାରୁ ଅଧିକ ଅଭାବଗ୍ରସ୍ତ ଲୋକଙ୍କ ଅବସ୍ଥା ସଙ୍ଗେ ଆପଣା ଅବସ୍ଥା ତୁଳନା କରି ମନକୁ ପ୍ରବୋଧ ଦିଅ ।

ନ୍ୟାୟ ଅପେକ୍ଷା ଅନ୍ୟାୟର ମୂର୍ତ୍ତି—ଭୟଙ୍କର । ଅନ୍ୟାୟ ସହ୍ୟ ହୁଏ ନାହିଁ, ମାତ୍ର ନ ସହି ଗତି ନାହିଁ । ଅନେକ ଲୋକ କହନ୍ତି, "ମୋର ଆଉ କିଛି ମାଗୁଣି ନାହିଁ, ନ୍ୟାୟ ହେଲେ ସବୁ ହେଲା, ମୁଁ କେବଳ ନ୍ୟାୟ ପ୍ରାର୍ଥନା କରୁଅଛି ।"

"କେବଳ ନ୍ୟାୟ" ପ୍ରାର୍ଥନା କରୁଅଛ ? ନ୍ୟାୟ ଭିତରେ କେତେ ଗଳି ଗଳି ଦେଖିଛ କି ? ନ୍ୟାୟ ସମୟସାପେକ୍ଷ ସୂକ୍ଷ୍ମଦର୍ଶିତାସାପେକ୍ଷ, ନିଷ୍ଠତାସାପେକ୍ଷ ! ତୁମ୍ଭେ ଦିନ ଭିତରେ ଶହେ କାରବାର କରୁଅଛ । ଯେବେ ପ୍ରତି କାରବାରରେ ନ୍ୟାୟ ପ୍ରାର୍ଥନା କରିବ, ପ୍ରତି କାରବାରରେ ଶହେଟି ଲେଖାଏଁ ଦିନ ମଧ୍ୟରେ ଭନଶ ପଦାର୍ଥ ତୁମ୍ଭର ମାଗୁଣି ହେଲା । ତୁମ୍ଭଠାରେ ଯେବେ କେହି ଏହି ମାଗୁଣି କରିବ, ତୁମ୍ଭେ ଦେଇ ପାରିବ ? ଯେତେ ଦିନଯାଏ ତୁମ୍ଭର ଏହି କ୍ଷମତାର ଅଭାବ ଅଛି, ସେତେଦିନଯାଏ ଆନ ଲୋକଠାରେ ଏପରି ଅସଙ୍ଗତ ପ୍ରାର୍ଥନା କରିବାର ଅନୁଚିତ । ସଂସାର ଭ୍ରମ, ଆଳସ୍ୟ, ଚଳଚିତ୍ତତା, ରିପୁପରତନ୍ତ୍ରତା, ସ୍ୱାର୍ଥପରତା ପ୍ରଭୃତି ଅପରିହାର୍ଯ୍ୟ ଅନିଷ୍ଟମାନଙ୍କରେ ବୃଦ୍ଧି କରିଅଛି । ଏଥିକୁ ଅନ୍ୟାୟ ନ ହେବାର କାରଣ ଅଛି ! ତୁମ୍ଭେ ମଣ୍ଡଳରେ ଅଛ, ଲୋକେ ତୁମ୍ଭପ୍ରତି ଅନ୍ୟାୟ କରନ୍ତି । ଏମନ୍ତ ଅସଙ୍ଗତ ପ୍ରାର୍ଥନା କରିବ ନାହିଁ ।

ନ୍ୟାୟଦେବଙ୍କର ପ୍ରକୃତ ମୂର୍ତ୍ତି ଯେପରି, ଲୋକେ ସେପରି ନ ଭାବି ଆନ ପ୍ରକାର ଭାବନ୍ତି । କବିମାନେ ନ୍ୟାୟଦେବଙ୍କ ଏକ ହାତରେ ନିକ୍ତି, ଆନ ହାତରେ ଖଡ୍‌ଗ ଥିବାର କହନ୍ତି । ମାତ୍ର ପ୍ରକୃତରେ ସେହି ଆୟୁଧ ସୂର୍ଯ୍ୟଦେବଙ୍କ-ଠାରେ ଶୋଭା ପାଏ । ନ୍ୟାୟଦେବଙ୍କ ମୂର୍ତ୍ତି ଏପରି କଳ୍ପନା କରିବାର ଭଲ । ନ୍ୟାୟଦେବ ପୃଥିବୀ ଉପରେ ଭ୍ରମଣ କରୁଅଛନ୍ତି । ହିଂସା, କୁସଂସ୍କାର, ଆଳସ୍ୟ, ସ୍ୱାର୍ଥପରତା, ଯେଉଁମାନେ ତାହାଙ୍କର ପ୍ରକୃତ ସ୍ୱରୂପ ବୁଝନ୍ତି, ସେମାନେ ସେହି ଆଲୋକର ବ୍ୟବଧାନ ହୋଇଅଛନ୍ତି । ଭାଗ୍ୟବାନ୍ ଲୋକ ଆଗରେ ଏମାନଙ୍କର ଛିଡ଼ା ହେବାକୁ ବଳ ନାହିଁ । ମାତ୍ର ଅଧିକାଂଶ ଲୋକେ ବୃକ୍ଷଛାୟାରେ ଛିଡ଼ା ହୋଇ ଶାଖାନ୍ତରାଳ ଦେଇ ଆସୁଥିବା ଚନ୍ଦ୍ରକିରଣ ପ୍ରାୟ ନ୍ୟାୟଦେବଙ୍କର କିରଣକଣା ଲଭନ୍ତି । କେହି କେହି ଏପରି ଦୁର୍ଭାଗ୍ୟ ଅଟନ୍ତି ଯେ ଛାୟା ବ୍ୟତୀତ ସେମାନଙ୍କ ଉପରେ ଆଉ କିଛି ପଡ଼େ ନାହିଁ । ଯେଉଁ ସ୍ଥାନରେ ଭୀଷଣ ଛାୟାମାନ ପରସ୍ପର ଭଲରୂପେ ସଂଲଗ୍ନ ହୋଇ ନ ପାରନ୍ତି, କେବଳ ସେହି ସେହି ମାର୍ଗରେ ଲକ୍ଷମାନ କିରଣ ଆସୁଥାଏ । ମାତ୍ର ଏହା ମନରେ ରଖିଥିବ, ସେହି ଛାୟାମାନ ସଂସାରର ଆନ ପଦାର୍ଥ ପ୍ରାୟ ନଶ୍ୱର ଅଟନ୍ତି । ସାନ ସାନ ଦୁର୍ବିପାକମାନ ସହିବାର ଦୁଷ୍କର ଅଟେ । ହେତୁ କି, ବଡ଼ ବଡ଼ ଅପବାଦମାନଙ୍କ ସଙ୍ଗେ ଅନୁରୂପ ଶତେକ ଆସେ । ମାତ୍ର ସାନ ସାନ କଷ୍ଟ ସଙ୍ଗେ ସେହିପରି ସାନ ସାନ ଶତେକ ଆସେ ନାହିଁ । ଏହି ହେତୁରୁ ଯାହାକୁ ସାନ ସାନ କଷ୍ଟ ସବୁବେଳେ ଭୋଗ କରିବାକୁ ହୁଏ, ତାହାର ଶତ୍ରୁର ପ୍ରସାଦ ଥାଏ ନାହିଁ । ମୁଁ କିପାଇଁ ଆଗୁ ସାବଧାନ ନ ହେଲି, ଏଥି ଅନୁତାପ ମଧ୍ୟ ସେହି କଷ୍ଟମାନଙ୍କୁ ଦ୍ୱିଗୁଣିତ କରେ । ଦୁର୍ଭାଗ୍ୟର ଗତି ଏହି କି, ସେ ଅଳ୍ପ ଅନବଧାନ-ଲବ୍ଧ ଛିଦ୍ର ଦେଇ ପୁରୁଷର ସୁଖ କଳସରେ ପ୍ରବିଷ୍ଟ ହୁଏ, ପ୍ରବିଷ୍ଟ ହୋଇ ଯୋଟି ପାଇ ବିସ୍ତାର କରେ । ଏଡ଼େ ସାନ ଛିଦ୍ର ଦେଇ ଏପରି ଅନର୍ଥ ଆସିବ, ଏହା ଆଗରୁ ଜଣା ନ ଥାଏ । ଏଣୁ ଦୁର୍ଭାଗ୍ୟଗ୍ରସ୍ତ ଲୋକକୁ କ୍ଷୁବ୍ଧ ଓ ବିସ୍ମିତ ହେବାକୁ ହୁଏ ।

କେତେଗୁଡ଼ିଏ ଉଚ୍ଚମନସ୍କ ଲୋକ ଅଛନ୍ତି ଯେ, ସେମାନେ ଯାହା କରନ୍ତି ସେଥିରେ ସେମାନଙ୍କ ସନ୍ତୋଷ ଉତ୍ପନ୍ନ ନାହିଁ । ହିତାହିତଜ୍ଞାନର ଅନନୁମୋଦିତ କାର୍ଯ୍ୟକୁ ପ୍ରଶ୍ରୟ ଦେବା ଆମ୍ଭର ଏ ଉକ୍ତିର ଉଦ୍ଦେଶ୍ୟ ନୁହଇ । ଆମ୍ଭର ଉଦ୍ଦେଶ୍ୟ ଏତିକି କେତେଗୁଡ଼ିଏ ନିତାନ୍ତ ଧର୍ମଭୀରୁ ସତ୍ୟପ୍ରିୟ ଲୋକ ଅଛନ୍ତି, "ମୋ ମନରେ ଯେପରି ଥିଲା, କାର୍ଯ୍ୟରେ ସେପରି ପାରିଲି ନାହିଁ," ସବୁବେଳେ ଏହିପରି ଭାଳି ଆପଣାକୁ ଧିକ୍କାର ଦିଅନ୍ତି । ସେମାନଙ୍କର ଏହା ଜାଣିବାର ଉଚିତ କି, ଆମ୍ଭେମାନେ କଳ୍ପନାକୁ ଯେବେ କାର୍ଯ୍ୟରେ ପରିଣତ କରି ପାରନ୍ତୁ, ତେବେ ମର୍ତ୍ତ୍ୟ ସ୍ୱର୍ଗ, ନର ଅମର ହୁଅନ୍ତା । ତୁମ୍ଭେ କେଉଁ ଛାର ଲୋକ, ତୁମ୍ଭ ଆଗେ କେତେ ମହାନ୍ ଲୋକ ଚାଲି ଯାଇଛନ୍ତି, ସେମାନେ ଯାହା ଯାହା ସମ୍ପାଦିଥିଲେ, ସେଥିରେ ସେମାନଙ୍କୁ ଅପରିସୀମପ୍ରତିଷ୍ଠା ମିଳିଥିଲା । ମାତ୍ର ସେମାନେ ସୁଦ୍ଧା ତୁମ୍ଭ ପରି ବୃଥା ବିଳାପ କରିଥିଲେ ; ସେମାନଙ୍କ ମନରେ ଯାହା ଥିଲା ସେଥିରେ ପଦେ ମଧ୍ୟ କାର୍ଯ୍ୟରେ ପରିଣତ କରି ପାରି ନାହାନ୍ତି ।

ସଙ୍ଗୀତ ପ୍ରଭୃତି କଳାମାନ ମଧ୍ୟ ସାନ ସାନ କଷ୍ଟ ନିବାରଣର ପ୍ରଧାନ ଉପାୟ ଅଟେ । ଦାରୁଣ ବିପଦରେ ବିବେକ ଆଉ ଧର୍ମ, ଏ ଦୁହିଁଙ୍କର ସାହାଯ୍ୟ ବ୍ୟତୀତ ଆଉ କାହିଁରେ କିଛି ଲଭ୍ୟ ହୁଏ ନାହିଁ । ମାତ୍ର ସାନ ସାନ କଷ୍ଟ ଶଂସିତ କଳାମାନଙ୍କରେ ଅଂଶତଃ ନିବାରିତ ହୋଇପାରେ ।

ଆଉ ଏକ ବିଷମ ଦୁର୍ବିପାକ ଅଛି, ସେଥିରେ ଚିତ୍ତର ସାନ୍ତ୍ୱନା ହେବାର କଠିନ ଅଟେ କେହି କେହି କଳ୍ପନାପରତନ୍ତ୍ର ହୋଇ ଭାଳନ୍ତି, ଆମ୍ଭର ଏହି ଅଭିଳାଷ ଚରିତାର୍ଥ ହେଲେ ଚିରସୁଖୀ, ନୋହିଲେ ଚିରଦୁଃଖୀ ହେବୁଁ । ଦୁର୍ଦ୍ଦୈବ ଯୋଗୁଁ ସେହି ଚିରପୋଷିତ ଆଶା ଫଳବତୀ ହୁଏ ନାହିଁ । ଭଗ୍ନାଂଶ ବ୍ୟକ୍ତିର ମନ ସେହି ଦିନଠାରୁ ଭଗ୍ନ ହୋଇଯାଏ । ସେତ ସେହି ଅଲବ୍ଧ ସୁଖର ଉଜ୍ଜ୍ୱଳ ଓ ମନୋହର ମୂର୍ତ୍ତିକୁ ଉଚ୍ଛୃଙ୍ଖଳ କଳ୍ପନା ଉଜ୍ଜ୍ୱଳତର, ମନୋହରତର କରି ହୃଦୟ-ପ୍ରାଙ୍ଗଣରେ ନର୍ତ୍ତିତ କରାଉଥାଏ । ସଂସାର କାରାଗାର ପ୍ରାୟ ଦିଶେ । ଏଥି ପରେ ଯେବେ ଅନ୍ୟାନ୍ୟ ବିଷୟରେ ସେ ବ୍ୟକ୍ତିର ସମୃଦ୍ଧି ଥାଏ, ତେବେ ତାହାକୁ ଆନ୍ତରିକ ନିର୍ବେଦର ପରାକାଷ୍ଠା ଭୋଗ କରିବାକୁ ହୁଏ । ସମୃଦ୍ଧି ବିଡ଼ମ୍ବନାବତ୍ ପ୍ରତିଭାତ ହୁଏ ।

ଏପରି ନିର୍ବେଦର ଶାନ୍ତି ସହଜରେ ହୁଏ ନାହିଁ, ତଥାପି ଏହାର ସୁଦ୍ଧା ପ୍ରତିକାର ଅଛି । ମନେକର, ସେହି ଚିର-ଅଭିଳଷିତ ପଦାର୍ଥର ଅଧିକାରୀ ହେଲେ ଜାଣି ସେଥିରୁ ଯେତେ ସୁଖ ଲଭିବାର ଆଶା ଥିଲା, ଏବେ ଅଧିକାରୀ ହୋଇ ସେହି ସୁଖ ସମ୍ପୂର୍ଣ୍ଣରୂପେ ପାଉଅଛ କି ? ଯେବେ ତୁମ୍ଭର କଳ୍ପନା ନିତାନ୍ତ ବିକୃତ ହୋଇ ନ ଥାଏ, ଏହି ପ୍ରଶ୍ନର ନିଷେଧମୂଳ ଉତ୍ତର ଦେବ । ଆଉ ତୁମ୍ଭର ଏହା ଭାଳିବାର ଉଚିତ ଅଟେ ଯେ, ସେହି ସୁଖ ଲବ୍ଧ ହେଲେ ତୁମ୍ଭକୁ ସବୁବେଳେ ଶଙ୍କାଯୁକ୍ତ କରାଉଥିବ । ସ୍ନେହ ଥିଲେ ଅନିଷ୍ଟାଶଙ୍କା ହୁଏ । ଧନଜନ-ପରିବାରାଦି ସ୍ୱାତନ୍ତ୍ର୍ୟବିରୋଧୀ ଅଟନ୍ତି ।

ପରିଶେଷରେ ଏହା ବକ୍ତବ୍ୟ ଯେ, ଯେତେ ପ୍ରକାର ଦୁଃଖ ଅଛି, ପ୍ରତ୍ୟେକରୁ ଗୋଟିଏ ଗୋଟିଏ ଅଭ୍ରାନ୍ତ ଉପଦେଶ ଲାଭ ହୁଏ । ବାସ୍ତବରେ ଦୁଃଖ ବହୁଦର୍ଶିତାର ଶିକ୍ଷାପକ ଅଟଇ । ଜଣେ ମହାନ୍ ବ୍ୟକ୍ତି ଇଚ୍ଛାପୂର୍ବକ ଆପଣାକୁ ବିପଦରେ ପକାଉଥିଲେ । ତାହାଙ୍କର ଅବଲମ୍ବିତ ଉପାୟ ଗର୍ହଣୀୟ ହେଲେହେଁ ଉଦ୍ଦେଶ୍ୟ କେଡ଼େ ଉଦାର ଥିଲା, ଭାବୁକ ପାଠକେ ବୁଝି ପାରିବେ । ବିପଦ

ନୋହୁ ଜ୍ଞାନ ଲଭିବାର ଚେଷ୍ଟା ସର୍ବତ୍ରେ ଅନୁମୋଦିତ ନୁହଇ । ଚକ୍ଷୁର ପ୍ରାନ୍ତ ଦେଶରେ ବସିଥାଏ । କେତେପ୍ରକାର ନୂଆ ରୋଗୀ ଦେଖି ଦିନକୁ ଦିନ ନୂଆ ରୋଗରୁ ନୂଆ ଜ୍ଞାନ ଲଭୁଥାଏ ।

ଆମ୍ଭର ଏହା ସ୍ମରଣ କରିବାର କଥା ଅଟେ ଯେ, କେତେ କେତେ ଲୋକ ଚିର-ଜୀବନ ଯାତନା ଭୋଗ କରିଅଛନ୍ତି । କେତେ ସ୍ୱାର୍ଥ ଲୋକ କାରାଗାରରେ, ଚିରରୋଗରେ, ଅନ୍ୟାୟ ଉପଦ୍ରବରେ ଚିରଦିନ ଯାପନ କରିଅଛନ୍ତି । ସେଥିପାଇଁ ଲୋକମାନେ ବିଳାପ କରିନାହାନ୍ତି । ଆମ୍ଭେ କେତେ ସୁଖର ଅଟୁଁ । ମନୁଷ୍ୟର ମନ ନଦୀପ୍ରବାହ ପରି କୌଣସି କୌଣସି ସ୍ଥଳରେ ଆବିଳ ହୋଇଛି । ନଦୀପ୍ରବାହ ପ୍ରାୟ କିଛିଦୂର ଯାଇ ପୁଣି ତାହାର ପ୍ରାକୃତିକ ନିର୍ମଳତାକୁ ଲଭିଅଛି । ମୁଁ ଏହି ଚିନ୍ତାରେ ମଗ୍ନ ଥିଲି । ମେଘ ଛାଡ଼ିବ ନାହିଁ, ଦିନସାରା ବର୍ଷା ହେବ, ଏହା ଭାଳୁଥିଲି । ମାତ୍ର ମେଘ କଟିଗଲା । ସୂର୍ଯ୍ୟ ବାହାରିଲେ । ବୃକ୍ଷପତ୍ରରେ ଲମ୍ବିତ ଜଳବିନ୍ଦୁରେ ରବିକିରଣ ପତିତ ହୋଇ ଇନ୍ଦ୍ରଧନୁ-ପ୍ରଭାପୁଞ୍ଜ ପ୍ରାୟ ଦିଶିଲା; ଆର୍ଦ୍ର ଏବଂ ଉଜ୍ଜ୍ୱଳର ଏକତ୍ର ସମାବେଶ ପ୍ରାୟ ମନୋହର ଦିଶିଲା । ପ୍ରକୃତିଙ୍କର ତାତ୍କାଳିକ ଶୋଭା ସନ୍ଦର୍ଶନ ନିମନ୍ତେ ମୁଁ ବାହାରିଲି ।

ବିଳମ୍ବରେ କ'ଣ ଶିକ୍ଷା ହୁଏ, ତାହା ଠିକ ଭାବରେ ବୁଝି ପାରିବ । କେତେ-ଗୁଡ଼ିଏ ଜିନିଷ ଅଛି, ଶିଖିବାକୁ ଅନେକ ଦିନ ଲାଗେ । କେତେଗୁଡ଼ିଏ ଗୀତ ଅଛି, ଶିଖିଁ ଶିଖିଁ ସୁର ଚଢ଼ିଯାଏ । ସେହି ଚଢ଼ି, ସେହି ଗୀତମାନ ସହଜରେ ଭୁଲି ନ ଯାଏ ଏମନ୍ତ ନୁହେଁ । କଥାଗୁଡ଼ିକ ସରଳ, ଏପରି ହେତୁମୂଳକ ନୁହେଁ ଯେ ସେହି ହେତୁରୁ ଯଥାର୍ଥ୍ୟ ଚଞ୍ଚଳ ଜଣା ପଡ଼ିବ । କଥାଗୁଡ଼ିକ ସତ୍ୟ, ଶୁଣିଲାକ୍ଷଣି ହୃଦୟଙ୍ଗମ ହେବ । ତେବେ ଶିଖିବାକୁ ଏତେଦିନ ଲାଗିଲା ? କାରଣ ଏଥିରେ ସେମାନଙ୍କ ସମ୍ବନ୍ଧରେ ହୃଦୟ ଆଉ ମସ୍ତିଷ୍କର ମତଭେଦ ହୁଏ । ଆମ୍ଭର କିପରି ଭାଳିବାର ଉଚିତ, କ'ଣ କରିବାର ଉଚିତ, ତାହା ସହଜରେ ଜଣାପଡ଼େ ; ମାତ୍ର ଆନ ପ୍ରକାର ଭାଳିବାକୁ, ଆନ ପ୍ରକାର କରିବାକୁ ସବୁବେଳେ ପ୍ରବୃତ୍ତି ହେଉଥାଏ ।

ଅନେକ ବିଷୟ ଅଛି, ଶିଖିବାକୁ ଅନେକ ଦିନ ଲାଗେ । ଫଳା ଶିଖିବାକୁ ଅନେକ ଦିନ ଲାଗେ । ଗଣକଥା ଶିଖିବାକୁ ଅନେକ ଦିନ ଲାଗେ । ମାତ୍ର ଆମ୍ଭେମାନେ ଏପରି ବିଷୟ-ମାନଙ୍କୁ ଲକ୍ଷ୍ୟ କରୁ ନାହିଁ । କେତେକଗୁଡ଼ିଏ ମନୁଷ୍ୟ ଅଛନ୍ତି, ପ୍ରକୃତି ସେମାନଙ୍କୁ କବି କରି ନାହାନ୍ତି, ଏହା ଶୀଘ୍ର ବୁଝି ପାରନ୍ତି ନାହିଁ । ସେମାନେ କେବେ ଚୌପଦୀ ରଚନ୍ତି, ରସିକତାର ପରିଚୟ ଦେବାପାଇଁ କଥା କହୁ କହୁ ଛନ୍ଦ ବୋଲନ୍ତି । ନିରୀହ ଲୋକଙ୍କୁ ଦେଖି କେବେ ବ୍ୟଙ୍ଗ କରନ୍ତି । ଏହିପରି ଦିନ ଯାପି ସୁଖରତାକୁ ଲଭନ୍ତି । ଆମ୍ଭେମାନେ ଏହିପରି ବିଷୟମାନଙ୍କୁ ଲକ୍ଷ୍ୟ କରୁଅଛୁଁ ।

ବିଳମ୍ବରେ ଅନେକ ବିଷୟ ଶିଖାଯାଏ । ସଂସ୍କୃତ ଭାଷା ଶିଖିବାକୁ ଅନେକ ଦିନ ଲାଗେ, ଅନେକ ଶ୍ରମ ଅପେକ୍ଷା କରେ, ମାତ୍ର ବ୍ୟୁତ୍ପତ୍ତି ଲଭିଲା ଉତ୍ତାରୁ ଆଉ କଷ୍ଟ ନାହିଁ । ଉପସର୍ଗ ସନ୍ଧି ସୂତ୍ରଗୁଡ଼ିକ ଶିଖିଲା ଗତରେ କଣ୍ଠସ୍ଥ ହେବା ଆଗରୁ ସୂତ୍ରଗୁଡ଼ିକ ମନେ ମନେ ଆବୃତ୍ତି କରୁଅଛ, ଆଉ ତୁମ୍ଭର ସନ୍ଦେହ ନାହିଁ । "ଏ କଣ ସତ" ଏପରି ଶଙ୍କା ଆଉ ମନରେ ଜାତ ହେଉ ନାହିଁ, ତୁମ୍ଭେ ଆଉ ମନରେ ଭାବୁ ନାହିଁ "ଏ ନୂଆଁ ପଥ !" ବିଳମ୍ବରେ ଶିଖିଲ; ମାତ୍ର ଯେବେ ଶିକ୍ଷା ହେଲା, ଆଉ ସଂଶୟ ନ ରହିଲା । ମାତ୍ର ଏମନ୍ତ କେତେଗୁଡ଼ିଏ କଥା ଅଛି ଯେ, ସେମାନଙ୍କର

ହେତୁ ଓ ଯଥାର୍ଥ ସ୍ପୃଷ୍ଟ ରୂପରେ ଜଣାପଡ଼ିଲେ ସୁଦ୍ଧା ସେମାନଙ୍କର ବିଶ୍ୱାସ ସଂସ୍ଥିତ ହୁଏନାହିଁ, ସେହି କଥାଗୁଡ଼ିକ ତୁମ୍ଭଙ୍କୁ କେହି ଯେବେ ବୁଝାଇ ଦେବେ, ତୁମ୍ଭେ ହୃଦଜରେ ବୁଝିପାରିବ, ମାତ୍ର ଗ୍ରହଣ କରିପାରିବ ନାହିଁ । ଗ୍ରହଣ କଲେ ମସ୍ତ୍ରୀ ଭିଲଟି ଗଲାପରି ଲାଗିବ । କେତେଗୁଡ଼ିଏ କଥା ଅଛି, ମସ୍ତିଷ୍କ କହୁଅଛି "ଏଗୁଡ଼ିକ ସତ," ମାତ୍ର ତୁମ୍ଭର ଏପରି କୁଅଭ୍ୟାସ ଜନ୍ମିଅଛି ଯେ ସେଥିଯୋଗୁଁ ତୁମ୍ଭେ ସେଗୁଡ଼ିକ ମିଥ୍ୟା ଭାବୁଅଛ ଅଥବା ମିଥ୍ୟା ଭାବିବାକୁ ସବୁବେଳେ ଇଚ୍ଛୁକ ଅଛ । ସେହି କଥାଗୁଡ଼ିକ ପ୍ରଥମେ ଶିଖିବାକୁ ଅନେକ ଆୟାସ ଅପେକ୍ଷା କରେ, ଏମନ୍ତ ନୁହେଁ; ମାତ୍ର ଅଳ୍ପକରେ ଶିଖିପାରିବ ନାହିଁ । ଏହି ତତ୍ତ୍ୱମାନ ଅନେକ କଷ୍ଟରେ ଆୟତ୍ତ ହୁଏ, ଶିକ୍ଷାବେଳେ ଅତ୍ୟନ୍ତ ବିସ୍ୱାଦ ଲାଗେ, ଯନ୍ତ୍ରକୁ ସତ୍ୟ ଓ ଅଭ୍ରାନ୍ତ ବୋଲି ପ୍ରତୀତ ହୁଏ; ତୀକ୍ଷ୍ଣ କର୍କଶ ବଜ୍ର ଲେଖନ ହୃଦୟପଟରେ ତତ୍ତ୍ୱଗୁଡ଼ିକ ଲେଖି ଦେଇଯାଏ । ଦିନ ଗଲା, ମାସ ଗଲା । ହୃଦୟପୋଥି ଫିଟାଇ ଦେଖ, ସେ ଧାଡ଼ିଗୁଡ଼ିକ ଲିଭି ଯାଇଅଛି, କେବଳ ଲିଭିଯାଇଅଛି ଏମନ୍ତ ନୁହେ, ସେହି ସ୍ଥାନରେ ସେଥି ପରିବର୍ତ୍ତରେ ସେଥିର ବିପରୀତ କଥାଗୁଡ଼ିକ ଅଙ୍କିତ ହୋଇଅଛି । ଏହିପରି ତତ୍ତ୍ୱମାନଙ୍କ ସମ୍ବନ୍ଧରେ ଆମ୍ଭେ ଦୁଇ ଚାରି କଥା କହିବୁଁ ।

ଏହି ତତ୍ତ୍ୱଗୁଡ଼ିକ ଆମ୍ଭମାନଙ୍କ ସ୍ପୃହାବିରୋଧୀ ଅଟନ୍ତି । ଶିକ୍ଷାବେଳେ ସେମାନଙ୍କର ଯାଥାର୍ଥ୍ୟ ତଥିଲ ହୃଦୟଙ୍ଗମ ହୁଏ ମାତ୍ର କ୍ରମରେ ଆମ୍ଭେମାନେ ସେଗୁଡ଼ିକ ପାସୋରି ପକାଉଁ, ପୁଣି ପୂର୍ବ ମତକୁ ଲେଉଟି ଆସୁଁ । ଦୁଇରେ ଦୁଇ ମିଶାଇଲେ ଚାରି ହୁଏ, ଥରେ ଜଣକୁ ଏହା ବୁଝାଇ ଦିଅ; ସେ ଅବିଚଳିତ ଚିତ୍ତରେ ଶିଖିବ, ସେ ବିଷୟରେ ତାହାର ସନ୍ଦେହ ଜାତ ହେବ ନାହିଁ; ମାତ୍ର ତାହାକୁ କହ "ତୁମ୍ଭେ ଆପଣକୁ ଯେତେ ଲୋକ ମଣ, ବାସ୍ତବରେ ତୁମ୍ଭେ ସେପରି ନୁହ," କୌଣସି ସ୍ତ୍ରୀକୁ କହ, "ସମସ୍ତଙ୍କ ପୁଅ ଯେପରି, ତୁମ୍ଭ ପୁଅ ସେହିପରି," କୌଣସି ଗ୍ରନ୍ଥକାରକୁ କହ, "ତୁମ୍ଭେ ଯେ ଗ୍ରନ୍ଥ ରଚିଅଛ, ଏମନ୍ତ ଗ୍ରନ୍ଥ ଅନେକ ଅଛି;" କହିଲାକ୍ଷଣି ତୁମ୍ଭେ ଦେଖିବ, ତୁମ୍ଭ କଥା ତାହାର ହୃଦୟଙ୍ଗମ ହେଲା ନାହିଁ, ହୃଦୟଙ୍ଗମ ହେଲେ ସୁଦ୍ଧା ସ୍ୱଳ୍ପ କାଳ ମଧ୍ୟରେ ମନରୁ ତିରୋହିତ ହେବ ।

ଯେଉଁମାନେ ମନର ସମଧିକ ଉତ୍କର୍ଷ ସାଧି ନାହାନ୍ତି, ସେମାନଙ୍କୁ ତୁମ୍ଭେ ଯେବେ ସେହିପରି କହିବ, ତେବେ ଦେଖିବ, ସେ ତୁମ୍ଭର ମୁଣ୍ଡର ପ୍ରତ୍ୟୁକ୍ତି ନ ଦେଇ ହାତ ଗୋଡ଼ କଚାଡ଼ି ତର୍ଜନ ଗର୍ଜନ କରିବେ । ପ୍ରକୃତ ପ୍ରସଙ୍ଗ ଛାଡ଼ି ତୁମ୍ଭେ ଆଗେ କ'ଣ ଥିଲ, ତୁମ୍ଭ ବାପା କେମନ୍ତ ଲୋକ ଥିଲେ, ତୁମ୍ଭର ଅବସ୍ଥା କିପରି ଥିଲା, ତୁମ୍ଭ ଚରିତ୍ର କେମନ୍ତ ଅଟେ, ତୁମ୍ଭେ ଦେଖିବାକୁ କିପରି, ହିଂସାସୂଚକ ସ୍ମିତ ସହିତ ଏହି କଥାମାନଙ୍କର ଆଲୋଚନା କରିବେ ! ଶେଷକୁ ଦେଖିବ, ତୁମ୍ଭ ବନ୍ଧୁମାନେ ଆସି ତୁମ୍ଭଙ୍କୁ ସାବଧାନ ହୋଇ ଚଳାଇବାପାଇଁ ଏହି ଉପଦେଶ ଦେବେ, "ତୁମ୍ଭେ ତାହାକୁ କାହିଁକି ଏପରି କଥା କହିଲ, ଏମନ୍ତ କଲେ ସମସ୍ତେ ତୁମ୍ଭଙ୍କୁ ଧୃଷ୍ଟ ଓ ନିର୍ବୋଧ ବୋଲିବେ ।" ଅଜ୍ଞମାନେ ତ ଏହିପରି, ବିଜ୍ଞ ଲୋକେ ଯେଉଁମାନେ ମନର ଉତ୍କର୍ଷ ସାଧିଅଛନ୍ତି ବୋଲି ଅଭିମାନ କରନ୍ତି, ସେମାନଙ୍କୁ ଯେବେ ଅପ୍ରିୟ ସତ୍ୟ ବୋଲିବ, ସେମାନେ ବାହାରେ ତୁମ୍ଭଠାରେ ରୁଷ୍ଟ ହେବେ ନାହିଁ, ମାତ୍ର ମନରେ ଅଳ୍ପ ହେଉ ଅବା ଅଧିକ ହେଉ ଅବଶ୍ୟ ଦୁଃଖିତ ହେବେ । ଦେହରେ ବ୍ରଣ ହେଲେ ବୈଦ୍ୟ ଯେତେବେଳେ ତାହାକୁ ଚିରି ଦିଏ; ସେତେବେଳେ ବୈଦ୍ୟ ଆମ୍ଭର ଭଲ କରୁଅଛି ବୋଲି

କେତେ କେତେ ଲୋକ ଆହ୍ଲାଦର ହୁଅନ୍ତି ? ତେବେ କେବଳ କଥା ଗୁଡ଼ିକ ବଢ଼ । ଆରୋଗ୍ୟ ଲଭିଲା ଭାଇରୁ ତୁମ୍ଭେ ଯେତେବେଳେ ଏହି ବୈଦ୍ୟଙ୍କୁ ଦେଖିବ, ତୁମ୍ଭ ମନରେ କୃତଜ୍ଞତା ଉଦ୍ରେକ ନ ହୋଇ ବରଂ ସେହି ଗୁଣବଦାରଣଜନ୍ୟ ଘୃଣାମାର୍ଗଭୁ ଆସିବ । "ସତ୍ୟଂବ୍ରୂୟାତ୍ପ୍ରିୟଂ ବ୍ରୂୟାନ୍ନ ବ୍ରୂୟାତ୍ ସତ୍ୟମପ୍ରିୟଂ ।" ଯେଉଁ ବ୍ୟକ୍ତି ଏହା କହିଥିଲେ, ସେ ଅନେକ ଦେଖି ଶୁଣି କହିଥିଲେ । ହିତାହିତଜ୍ଞାନହୀନମାନେ ଏହି ଚରଣଦ୍ୱୟ ଶୁଣିଲାକ୍ଷଣି ହସନ୍ତି । "ସତ୍ୟକଥା କହିବୁ ସେଥିରେ ଭୟ କଣ ? ତାହାର କଷ୍ଟ ହେଲା ତ ହେଲା ।" ବଢ଼ିଲେ ଜାଣିବେ, ବାସ୍ତବରେ ଅପ୍ରିୟ ସତ୍ୟ ବିଷମୂଳ ପାଟେ ଘର ଲାଗେ । ଯେଉଁମାନଙ୍କୁ ମନ୍ତ୍ର ଘର ଲାଗେ ସେମାନେ ମନ୍ତ୍ରିରେ ନାହାନ୍ତି ।

ଆମ୍ଭେମାନେ ଆପଣାକୁ ଯେତେ କହମଣୁ ବାସ୍ତବରେ ଆମ୍ଭେମାନେ ସେପରି ନୋହୁଁ । ଆମ୍ଭେମାନେ ଗଲେ ଅତି ଅଳ୍ପ ଲୋକର ସ୍ୱାର୍ଥସିଦ୍ଧି । ମଲେ ଅତି ଅଳ୍ପ ଲୋକର ସ୍ୱାର୍ଥହାନି ହେବ । କେହି ଆମ୍ଭମାନଙ୍କ କଥା ପ୍ରକୃତରେ ଭାବୁ ନାହାନ୍ତି, ଏହା ହୃଦୟଙ୍ଗମ ହେବାକୁ ଅନେକ ଦିନ ଲାଗେ । ଅନେକ ନୀଚ ବ୍ୟକ୍ତି ଆପଣାକୁ ସବୁଠାରୁ ବଡ଼ ଭାବି ମଣନ୍ତି । କୌଣସି ଦ୍ରବ୍ୟ ଆଣିବା ନିମନ୍ତେ ଭୃତ୍ୟଙ୍କୁ ବଜାରକୁ ପଠାଇବା ବେଳେ କହନ୍ତି, "କହିବୁ, ଦୀନବନ୍ଧୁ ବାବୁ ପଠେଇଛନ୍ତି ; ଏହିତା କହିଲେ ସେ ବେଶୀ ଦେବ ।" ଦୀନବନ୍ଧୁ ବାବୁ ଭାବନ୍ତି ଯେ ଅନେକ ବାବୁ ଅଛନ୍ତି, ଅନେକ ବାବୁ ଦୋକାନୀଠାରୁ ସଉଦା ନିଅନ୍ତି, ମାତ୍ର ଦୋକାନୀ ଦୀନବନ୍ଧୁ ବାବୁଙ୍କ-ଠାରେ ଯେପରି କରିବ, ସମସ୍ତଙ୍କଠାରେ କଣ ସେପରି କରିବ ? କେବଳ ଦୀନବନ୍ଧୁ ବାବୁ ଏକା ଏପରି ଭାବନ୍ତି ; ସମସ୍ତ ନାଁ ମଣ । ପ୍ରତ୍ୟେକ ବାବୁ ମନେ ମନେ ଭାବନ୍ତି, "ସମସ୍ତଙ୍କଠାରେ ଯେପରି, ମୋଠାରେ ସେଥିରୁ ଭଲ କରିବ ।" ଦୋକାନୀ ଲୋକମାନଙ୍କର ଏହି ଲଘିମା ଭଲରୂପେ ଜାଣେ, କେତାମାନଙ୍କର ଭ୍ରାନ୍ତ ସୁଭଗମ୍ମନ୍ୟତା ବାଣିଜ୍ୟରେ ବଢ଼ିବାପାଇଁ କଲେ ତାହାର ଲାଭ ଭିନ୍ନ କ୍ଷତି ନାହିଁ । ତେଣୁ ସର୍ବଦା ଦେଖା-ହେଲେ କହେ, "ଏ ଗୁଡ଼ିକ ଆଉ ଟଙ୍କାକୁ ଛଅସେର, ମାତ୍ର ଦୀନବନ୍ଧୁ ବାବୁ ବୋଲି ମୁଁ ଆଠସେର ଦରରେ ଦେଲି ।" ଦୋକାନୀ କେବଳ ଦୀନବନ୍ଧୁ ବାବୁଙ୍କ ଭୃତ୍ୟଙ୍କୁ ଏପରି କହେ ଏମନ୍ତ ନୁହେଁ । ସବୁ ବାବୁଙ୍କ ଭୃତ୍ୟଙ୍କୁ ସେହିପରି କହେ । ଜୀବନ ବାଣିଜ୍ୟ ମନୁଷ୍ୟମାନଙ୍କର ଏହି ସୁଭଗମ୍ମନ୍ୟତା ଯେବେ ନ ଥାନ୍ତା, ଖୁଚୁରା ବିକ୍ରେତାମାନଙ୍କର ବାଣିଜ୍ୟ ଭଲରୂପେ ଚଳି ପାରନ୍ତା ନାହିଁ । ଦୀନବନ୍ଧୁ ବାବୁଙ୍କୁ କହ, "ଦୋକାନୀ ତୁମ୍ଭଙ୍କୁ ଯେପରି ଦେବ, ତୁମ୍ଭ ପଡ଼ିଶା ରାମ ବାବୁଙ୍କୁ ସେହିପରି ଦେବ ।" ଦୀନବନ୍ଧୁ ବାବୁ କୋପରେ ଜଳି ଯିବେ । "ସମସ୍ତେ ଯେପରି, ମୁଁ କଣ ସେହିପରି ? ମୋତେ କଣ ଆଉ ଲୋକ ପରି ପାଇଛୁ କି ?"

ଦୀନବନ୍ଧୁ ବାବୁଙ୍କୁ ପଚାର, କାହିଁକି ସେ ଆଉ ଲୋକ ପରି ନୁହନ୍ତି, ସେ ସେଥିର କାରଣ ଦେଖାଇବେ ନାହିଁ । ସେ ଜାଣନ୍ତି ସେ ଆଉ ଲୋକ ପ୍ରାୟ ନୁହନ୍ତି ; ଏଣୁକରି ସେ ଆଉ ଲୋକଙ୍କଠାରୁ ଶ୍ରେଷ୍ଠ ଅଟନ୍ତି । ମନୁଷ୍ୟମାନେ ବାସ୍ତବରେ ଯେଉଁ ଶ୍ରେଣୀର ଅଟନ୍ତି, ସେହି ଶ୍ରେଣୀଭୁକ୍ତ ହେବାକୁ ସେମାନଙ୍କର ପ୍ରବୃତ୍ତି ହୁଏ ନାହିଁ । ଜଣେ ଅଳ୍ପବୟସ୍କ ଚତୁଷ୍ପାଠି ଶିଷ୍ୟ ଏକ ପଣ୍ଡିତଙ୍କ ସଙ୍ଗେ କଥା କହୁଁ କହୁଁ କହିଲା, "ମୁଁ ମୁକ୍ତାବଳୀ ଶେଷ କରିଛି ।" ପଣ୍ଡିତ ବୋଇଲେ, "ହଁ, ଅନେକ ପୁଅ ଅଳ୍ପବୟସରେ ମୁକ୍ତାବଳୀ ଶେଷ

କରନ୍ତି ।” ଶିଷ୍ୟ-ହୃଦୟରେ, ଶେଳ ଫୁଟିଲା । “କଣ ! ଅନେକ ଗ୍ରନ୍ଥ ଏମନ୍ତ ଅଛନ୍ତି, ଏହିତା ଶୁଣିବା ପାଇଁ ମୁଁ କ'ଣ ଏଡ଼େ ଶ୍ରମ କରିଥିଲି, ଏହିତା ଶୁଣିବାପାଇଁ ସହାଧ୍ୟାୟୀମାନଙ୍କୁ ବଳପଡ଼ିଲି, ଏଇଥିପାଇଁ ମୁଁ କଣ ଆପଣାଙ୍କୁ ଅଲୋକସାମାନ୍ୟ ମଣୁଥିଲି !” ଏହି ଦେଖ ପାଠକେ, ଶ୍ରେଣୀରେ ଭୁକ୍ତ ହେବାପାଇଁ କେଡ଼େ ଅରୁଚି । ପ୍ରଥମାଷ୍ଟମୀରେ କେତେଗୁଡ଼ିଏ ପିଲା ଏକମେଳ ହୋଇ ଖେଳୁଥିଲେ । ଗୋଟିଏ ସ୍ତ୍ରୀ ସେମାନଙ୍କୁ ଦେଖି ସହଚାରିଣୀ ଆନ ଗୋଟିଏ ସ୍ତ୍ରୀକି କହିଲା, “ଏତେ ପିଲା ଖେଳୁଅଛନ୍ତି, ମୋ ମଧୁକୁ ଦେଖିଲଣି !” ପ୍ରମାଣ ଅଛି । ମଧୁ ତାହା ଜନନୀ-ନୟନରୁ ଆଉ ସବୁ ପିଲା ଠାରୁ ଭଲ ଦିଶୁଥିଲା । ମାତ୍ର ମଧୁ ଜନନୀ ମନେ ମନେ ଭାବିଲା ଯେ ସବୁ ମନୁଷ୍ୟ-ନୟନକୁ ମଧୁ ସେହିପରି ଦିଶୁଥିବ । ଧ୍ରୁବ ଜାଣିଥିବ, ଆମ୍ଭେମାନେ ଅନ୍ୟ ଲୋକ ଠାରୁ ଏହି ଚେଷ୍ଟା ଶିକ୍ଷା ଅନେକ ସ୍ଥଳରେ ହୁଏ, କେଉଁ କେଉଁ ଲୋକର ଏ ଜନ୍ମରେ ହୁଏ ନାହିଁ । କୌଣସି ଲୋକ କୌଣସି କାର୍ଯ୍ୟ କରିବାକୁ ମୋଡ଼ ହେଲେ ଆମ୍ଭେମାନେ କହୁଁ, “ଭଲା, ମୋ ବୁଦ୍ଧିରେ କର ।” ପାଠକେ ! ଏପରି କହୁ କି ନାହିଁ ? ସମସ୍ତେ ଏପରି କହନ୍ତି । “ତୁମ୍ଭ ବୁଦ୍ଧିରେ କରିବ, ଅନ୍ୟ ବୁଦ୍ଧିରେ କାହିଁକି ନ କରିବ ?” ନ୍ୟାୟସଙ୍ଗତ ହେଲେହେଁ ଏ ବଡ଼ କର୍ଣ୍ଣକଟୁ ଉତ୍ତର ଅଟେ । ଏପରି ଉତ୍ତର କାହିଁକି ଆମ୍ଭମାନଙ୍କୁ ଭଲ ଲାଗେନାହିଁ ? କଥା ଏତିକି ଆମ୍ଭେମାନେ ଯେପରି ସମସ୍ତେ ସେପରି, ଏହି ତତ୍ତ୍ୱ ଆମ୍ଭମାନଙ୍କର ହୃଦୟଙ୍ଗମ ହୋଇ ନାହିଁ ।

ଅନେକ ଲୋକ ଭାବନ୍ତି ଯେ, ଯେ ସମସ୍ତେ ସେହିମାନଙ୍କ କଥା ସମ୍ବର୍ଦ୍ଧନ ଆନ୍ଦୋଳନ କରୁଅଛନ୍ତି, ସମସ୍ତେ ସେହିମାନଙ୍କ କଥା ସମ୍ବର୍ଦ୍ଧନ ଭାବୁଅଛନ୍ତି । ଏ ଚରମ ଭ୍ରାନ୍ତି ଅଟେ । ଆପଣା କଥା ଭାବିବା ଉତ୍ତାରୁ ଯେବେ କାହାରି ଅବସର ଥାଏ ସେହି ଲୋକ ସିନା ପର କଥା ଚର୍ଚ୍ଚା କରେ, ମାତ୍ର ଏମନ୍ତ ଅବସର ପ୍ରାୟ ମିଳେ ନାହିଁ । ଯେଉଁମାନେ ଅନେକ ଯଶ ଲଭିଅଛନ୍ତି, ବିଶ୍ୱବିଖ୍ୟାତ ହୋଇଅଛନ୍ତି, ଯେଉଁମାନଙ୍କ ନାମ ସମସ୍ତଙ୍କ ତୁଣ୍ଡରେ ଶୁଭୁଅଛି ଏମନ୍ତ ଲୋକମାନଙ୍କ କଥା ସୁଦ୍ଧା ଆମ୍ଭେମାନେ ଅତି ଅଳ୍ପକାଳ ଭାବୁଥାଉଁ । କାଳିଦାସ କେଡ଼େ ଲୋକ ଥିଲେ, କଏ ଅବା ତାଙ୍କୁ ନ ଜାଣେ ? ମାତ୍ର କାଳିଦାସଙ୍କ ନାଁ ସ୍ୱାର୍ଥସଙ୍ଗେ ଓଜନ କରି ଦେଖ, ମହଣକୁ ମସାଏ ସୁଦ୍ଧା ହେବ ନାହିଁ । କେତେଗୁଡ଼ିଏ କଥା ଅଛି, ଆମ୍ଭେ ସେଗୁଡ଼ିକ କରି ମନେ ମନେ ଭାବୁ “ମୁଁ ଅମୁକେଇ କଥା କଲି, ଲୋକେ କ'ଣ କହିବେ ।” କେହି କେହି ଗ୍ରନ୍ଥକାର ନିଜ ରଚିତ ପୋଥିରେ ଗୋଟିଏ ଯୋଡ଼ିଏ ଭ୍ରମ ଦେଖି ଭାବନ୍ତି, “ମୋତେ ଲୋକେ କଣ କହୁଥିବେ, ମୁଁ କାହିଁକି ସାବଧାନ ହୋଇ ନ ଲେଖିଲି । ଲୋକେ ପଢ଼ିଲାକ୍ଷଣି କେତେ ଗାଳି ଦେଉଥିବେ !” ଜଣେ ଦିନେ ପାଗ ନ ବାନ୍ଧି କଚେରୀକି ଯାଇଥିଲେ । କଚେରୀରୁ ଆସି ରାତିଯାକ ଭାବିଲେ, “ମୁଁ କାହିଁକି ପାଗ ନ ବାନ୍ଧି ଗଲି, ଲୋକେ କଣ କହୁଥିବେ ।” ତୁମ୍ଭ ପାଗବନ୍ଧାଠାରୁ ଲୋକଙ୍କର ଚିନ୍ତିବାପାଇଁ ବଡ଼ ବଡ଼ କଥା ଅନେକ ଅଛି । କାହିଁକି ଏଥିପାଇଁ ଏତେ ଆଶଙ୍କା କରୁଅଛ ? ଗ୍ରନ୍ଥକାର ! ତୁମ୍ଭ ପୋଥିରେ ଯେଉଁ ଭ୍ରମ ଅଛି, ତା କଥା ତେଣିକି ଥାଉ, ତୁମ୍ଭ ପୋଥି କଥ ସୁଦ୍ଧା କେହି ଭାବୁଅଛନ୍ତି କି ନାହିଁ, ଆଗେ ସେହିତା ଦେଖ । ବାଟରେ ଚାଲୁଁ ଚାଲୁଁ କେହି କେହି ଲୋକ ଭାବନ୍ତି ଯେ, ସମସ୍ତେ ସେମାନଙ୍କୁ ଅନାଇ ରହିଅଛନ୍ତି । ସେମାନଙ୍କ ଚାଲିରୁ

ତୁମ୍ଭେ ଏହା ବର୍ଣ୍ଣନା କରି ପାରିବ । ପରେ ଛୁଇଁବାକୁ ଛୁଆନ୍ତି, ପରେ ତାହାକୁ ଗୁହାନ୍ତି, ଚାଲି ଟିକିଏ ବଙ୍କା ହୋଇଥିଲେ ସିଧା କରି ଦିଅନ୍ତି ; ବାସ୍ତବରେ ସେମାନଙ୍କ ସ୍ୱଭାବ ଏତେ ଅସ୍ୱାଭାବିକ ଯେ, ତୁମ୍ଭେ ଦେଖିଲାକ୍ଷଣି ଜାଣିବ ଯେ ସେ ଲୋକ ଆପଣାକୁ ବଡ଼ କରି ଜାଣେ । ବିଶେଷତଃ ସ୍ତ୍ରୀଲୋକମାନଙ୍କରେ ଏହି ଲଘିମା ସ୍ପଷ୍ଟରୂପରେ ଜଣାପଡ଼େ । ସୁଭଗମ୍ମନ୍ୟଲୋକ କୌଣସି ସଭାକୁ ଆସିଲାକ୍ଷଣି କେତେକ ସଙ୍କୁଚିତ ହୁଅନ୍ତି, କପଟ-ନମ୍ରତା ଅବଲମ୍ବନ କରନ୍ତି । ଅଦୂରଦର୍ଶୀମାନେ ସେହି ସଙ୍କୋଚ, ସେହି ନମ୍ରତାକୁ ବଡ଼ କରି ମଣନ୍ତି ; ମାତ୍ର ସୂକ୍ଷ୍ମଦର୍ଶୀ ମୂଳକୁ ଅଗ ପର୍ଯ୍ୟନ୍ତ ଦେଖି ନିଏ । ଯେଉଁମାନେ ବାସ୍ତବରେ ମାନମନାଃ, ସେମାନେ ସେଥିରେ କୌଣସି ଲାଜ ଭାବକୁ ଲଭନ୍ତି ସେମାନଙ୍କର ସୁଭଗମ୍ମନ୍ୟତା ଦେଖିଲାକ୍ଷଣି ବେଶ ଜଣାଯାଏ । ଗଳ୍ପରେ ସେମାନଙ୍କର ମନ କେତେ ଫୁଲି ଯାଇଅଛି, ସେମାନଙ୍କ ଭଙ୍ଗିରୁ ଉପଲବ୍ଧ ହୁଏ । ମଧ୍ୟଭଲ ବିଦ୍ୱାନ ଲୋକଙ୍କ ମଧ୍ୟରେ ଏହି ଲଘିମାର ଉଦାହରଣ ଶିକ୍ଷିତଙ୍କର ଛତ୍ରରେ ୬ଂ ମିଳଇ । ସ୍କୁଲରେ ଯେଉଁ ଛାତ୍ରମାନେ ଉତ୍କର୍ଷ ଲଭିଥିବାର ପ୍ରତିଷ୍ଠା ପାନ୍ତି, ସେମାନଙ୍କ ମଧ୍ୟରୁ ଅନେକଗୁଡ଼ିଏ ଶଂସିତ ଲଘିମାର ବଶୀଭୂତ ହୁଅନ୍ତି । ଆମ୍ଭେ ଦିନେ ଗୋଟିଏ ପିଲାକୁ ପାରିତୋଷିକ ନେଇ ଘରକୁ ଆସୁଥିବାର ଦେଖିଲୁ । ତାହାର ଚାଲି, ଭଙ୍ଗି, ଚାହାଣିରୁ ଆମ୍ଭର ଧ୍ରୁବ ଉପଲବ୍ଧି ହେଲା ଯେ, ସେ ଆପଣାକୁ ଶିଷ୍ଟ କରି ଜାଣେ, ଆପଣାକୁ ସମସ୍ତ ନଗରର ଦର୍ଶନୀଭୂତ ମଣେ ବାସ୍ତବରେ କେହି ତାକୁ ଅନାଉ ନ ଥିଲେ । କେହି କେହି ଆପଣା ମଜଲିସି ଭାବ ପ୍ରକଟ ଦେବାପାଇଁ ଆଖିତୋଳାକୁ ଅଲଗା ଧରି ରଖନ୍ତି, ଝଟମଟ କରି କହନ୍ତି, "ମତେ କିଏ ଜାଣେ ନା? ମୁଁ ପ୍ରତିଭାଧାରୀ ଦେଖୁଛ," ସତେ ମଣ୍ଡନ ଏମାନଙ୍କ ସେହିଭଳି ଭାବୁଅଛନ୍ତି, ଏହା ସେମାନଙ୍କର ନେତ୍ରଭଙ୍ଗୀ କହୁଅଛି ।

ଦିନେ ଗୋଟିଏ ବଡ଼ ସଭା ହୋଇଥିଲା, ଅନେକ ଲୋକ ଆସିଥିଲେ । ଯେଉଁମାନେ ପ୍ରକୃତରେ ମହତ୍ତ୍ୱ ଏବଂ ବିଖ୍ୟାତନାମା ଥିଲେ ସେମାନେ ଆସିଲେ, ସରଳ ଅବ୍ୟାକୁଳଭାବରେ ଆସନ ଗ୍ରହଣ କଲେ, ଅନେକ ଲୋକ ଯେ ସେମାନଙ୍କ ଉପରେ କୌତୂହଳ ଦୃଷ୍ଟିପାତ କରୁଥିଲେ, ତାହା ସେମାନେ ଜାଣିଥିବାର ବୋଧ ହେଲା ନାହିଁ । କେତେଗୁଡ଼ିଏ ଅଳ୍ପ ମଧ୍ୟଭଲ ଲୋକେ ଆସିଲେ । ସେମାନଙ୍କ ଆକୃତିରୁ ଜଣାଗଲା ଯେ, ସେମାନେ ଆପଣାକୁ ବଡ଼ କରି ଜାଣନ୍ତି ନାହିଁ, ସ୍ୱଭାବରେ ଲୋକେ ଯେପରି ବସନ୍ତି, ସେମାନେ ସେହିପରି ବସିଲେ । ମାତ୍ର ଗୋଟିଏ ମାନମନାଃ ଖ୍ୟାତି-ଲିପ୍ସୁ ଲୋକ ଆସିଲେ, ତାଙ୍କୁ ଦେଖିଲାକ୍ଷଣି ହସ ମାଡ଼ିଲା । ତାଙ୍କ ଆକୃତିରୁ ଜଣାଗଲା ଯେ, ସମସ୍ତେ ତାଙ୍କୁ ଅନାଇ ରହିଅଛନ୍ତି, "ଦେଖ, ଏହି ବଡ଼ବାବୁ ଆସିଲେ," ସମସ୍ତ ଲୋକେ ଚକିତ ହୋଇ ପରସ୍ପର ଏହା କହୁଅଛନ୍ତି, ଏହିପରି ସେ ମନେ ମନେ ଜାଣନ୍ତି ।

ଏହା ମଧ୍ୟ ଜାଣିବାର କଥା କି ଯେ, ଅନେକ ଲୋକ ତୁମ୍ଭ ଆଗରେ ବସିଅଛନ୍ତି, ମାତ୍ର ତୁମ୍ଭେ ସେମାନଙ୍କୁ ଜାଣ ନାହିଁ ଏପରି ବ୍ୟକ୍ତ କରିବାର ଅତ୍ୟନ୍ତ ଗର୍ହଣୀୟ ଅଟେ । ଏପରି ବ୍ୟକ୍ତିକୁ ଅପରିଚିତ ସୁଭଗମ୍ମନ୍ୟତାର ପରିମାପକ ଜାଣିଥିବ । ଆପଣାକୁ ଯେପରି ଯୁକ୍ତ ଜାଣିବାର ଉଚିତ, ସେହିପରି ମଣିବାକୁ ଏବଂ ପ୍ରାକୃତିକ ରୀତି ଅନୁସରି ଚାଲିଲେ କେହି ତୁମ୍ଭଙ୍କୁ ପଚରେ କହିବେ ନାହିଁ । ବାସ୍ତବିକ ଏହିପରି ବ୍ୟବହାର ନ୍ୟାୟାନୁମୋଦିତ ଅଟେ । ସୁଭଗମ୍ମନ୍ୟତା ଅନେକ କଥାରୁ ଜଣା ପଡ଼େ । ଅଳଙ୍କାରର ବୃଦ୍ଧି ପରିହାର ସେଥିରେ ଗୋଟିଏ ଅନ୍ୟତମ

ପରିସୂଚକ ଅଟେ । "ଆପଣମାନଙ୍କ କଲ୍ୟାଣରୁ ଏ ସବୁ ; ମୁଁ ଜଣ ଗୋଟାଏ ଲୋକ," କେହି କେହି କପାଳିଆ ଲୋକେ ଆପଣା ବିଭବ ଦେଖାଇ ଦେଖାଇ ଏହିପରି କହନ୍ତି, ମାତ୍ର ସେମାନଙ୍କ ନାଭିରୁ ଜଣୁ ଉଠିଲି ଅହଙ୍କାର ଉର୍ଦ୍ଧି ହୋଇଥାଏ, ବାହାରେ କୃତ୍ରିମ ବିନୟ କରନ୍ତି । "ମୋ ଜାଣିବାରେ ଅମୁକେଇ କଥା ନାଜବ," ଏହା ନ କହି କେହି କେହି କହନ୍ତି, "ଅମୁକେଇ କଥା ନାଜବ, ଏହା ସମସ୍ତେ ସ୍ୱୀକାର କରିବେ ।" ପାଠକେ ! ଅବଶ୍ୟ ଜାଣିଥିବ, ଶେଷ ଉକ୍ତିଟି ବାହାରେ ବିନୟସୂଚକ, ମାତ୍ର ପ୍ରକୃତରେ ନୁହେଁ । "ମୋ ଜାଣିବାରେ ଅମୁକେଇ କଥା ନାଜବ," ଯେ ବ୍ୟକ୍ତି ଏହା କହେ, ସେ ସରଳ ମନରେ କହେ । ତାହାର ଆତ୍ମପର ଜ୍ଞାନ ନ ଥାଏ; ବିଷୟପ୍ରତି ତାହାର ଯେତେ ଦୃଷ୍ଟି, ଆପଣା ପ୍ରତି ସେତେ ଦୃଷ୍ଟି ନାହିଁ । ମାତ୍ର ଯେ ବ୍ୟକ୍ତି କହେ, "ଏହା ସମସ୍ତେ ସ୍ୱୀକାର କରିବେ ଯେ, ଅମୁକେଇ କଥା ନାଜବ;" ସେ ଅହଂକାର ପରିହାର କଲେହେଁ ବାସ୍ତବରେ ଅହଙ୍କାରୀ ଅଟେ । 'ମୁଁ' ଏହି ଯେ ପରିହାର କରିବାର ପ୍ରତିଜ୍ଞା କରି ଗୋଟିଏ ପ୍ରବନ୍ଧ ଲେଖ, ଦେଖିବ, ସେହି ଶବ୍ଦଟି ଶହେ ଥର ତୁମ୍ଭ ମନରେ ପଡ଼ିବ, ତୁମ୍ଭ ଲେଖନୀରୁ ବାହାରିବ, ତୁମ୍ଭ ବିଷୟ ପ୍ରତି ମନୋନିବେଶ ଶହେ ଥର ବିଚଳିତ କରୁଥିବ । ଏପରି ଅସ୍ୱାଭାବିକ ପ୍ରତିଜ୍ଞା ନ କରି କୌଣସି ବିଷୟ ଲେଖ, ଦେଖିବ, ଆପଣ କଥା ମନରୁ ଏକା ବେଳକେ ତିରୋହିତ ହେବ, ତୁମ୍ଭର ଅବିଭକ୍ତ ମନୋଯୋଗ କେବଳ ବିଷୟ ଉପରେ ନ୍ୟସ୍ତ ହେବ । ସେହି ପ୍ରବନ୍ଧ ଭିତରେ ତୁମ୍ଭେ ୨୫ ଥର ମୁଁ ଶବ୍ଦ ବ୍ୟବହାର କରିଥିବ, ମାତ୍ର ଅହଂ ପଦ ଥରକ ନିମନ୍ତେ ସୁଦ୍ଧା ତୁମ୍ଭ ମନରେ ଉଦିତ ହୋଇ ନ ଥିବ । ପ୍ରକୃତର ଅନୁଭବକ ପ୍ରଭାବ ।

କୌଣସି ପରମାର୍ଥୀ ଯେବେ ତଦ୍‌ଗତ ମନରେ ଭାଗବତର ବ୍ୟାଖ୍ୟା କରୁଥାନ୍ତି, ବ୍ୟାଖ୍ୟା କରୁ କରୁ ଅଶୁଦ୍ଧ ପଦ ଉଚ୍ଚାରଣ କରେ, ସେହି ପଦ ପ୍ରତି ଆମ୍ଭମାନଙ୍କର ଦୃଷ୍ଟି ନ ଥାଏ । ଆମ୍ଭେ ଜାଣୁ ଯେ, ସେ ଆପଣା ବିଦ୍ୟା ଦେଖାଉ ନାହାନ୍ତି, ଆମ୍ଭେ ଜାଣୁ ଯେ, ଏକାଗ୍ର ଭକ୍ତି ବିନୁ ତାହାଙ୍କ ମନରେ ଆନ ଭାବର ସଞ୍ଚାର ହେଉନାହିଁ, ଏଥିପାଇଁ ସେ ଯାହା କହନ୍ତୁ, ସେଥିର ବ୍ୟାକରଣ-ଦୋଷ, ଅଳଙ୍କାର-ଦୋଷ ପ୍ରଭୃତି ଦୃଷ୍ଟି ନ ରଖି କେବଳ କଥାମାନଙ୍କ ତତ୍ତ୍ୱରେ ମନୋନିବେଶ କରୁଁ । ମାତ୍ର ବିଦ୍ୟାଭିମାନୀ ତରୁଣ ପୁରୁଷ ସଭାରେ ହାତ ଗୋଡ଼ କମ୍ପାଇ ଯେତେବେଳେ ବକ୍ତୃତା କରନ୍ତି, ବକ୍ତୃତା କରୁଁ କରୁଁ ଯେବେ ଗୋଟିଏ ଅଶୁଦ୍ଧ ପଦ ବୋଲନ୍ତି, ଆମ୍ଭେମାନେ ହସ ସମ୍ଭାଳି ପାରୁ ନାହିଁ । ହେତୁ କି, ଆମ୍ଭେମାନେ ଜାଣିଥାଉଁ ଯେ, ଆପଣା ବିଦ୍ୟାର ଆଡ଼ମ୍ବର କରିବାର ବକ୍ତାଙ୍କର ଏକମାତ୍ର ଉଦ୍ଦେଶ୍ୟ ଅଟେ । ଆମ୍ଭେ ଜାଣିଥାଉଁ ଯେ ବକ୍ତା ବଡ଼ ସୁଭଗମ୍ମନ୍ୟ ଅଟନ୍ତି । ବାଲ୍ମୀକି ଆପଣାଙ୍କୁ 'ମୁନିସତ୍ତମ' ବୋଇଲେ ଆମ୍ଭେମାନେ ବିରକ୍ତ ହେଉ ନାହିଁ । ମାତ୍ର ମାଘ ଆପଣାଙ୍କୁ "କବିକୀର୍ତ୍ତି'-ଦୂଷଣାଗ୍ରସ୍ତ' ବୋଇଲେ ଆମ୍ଭେମାନେ ସେହି ବିନୟକୁ ନିର୍ମଳ ବିନୟ ମଣିବୁ ନାହିଁ ।

କେହି କେହି ଲୋକର ସୁଭଗମ୍ମନ୍ୟତା ହସ୍ତାକ୍ଷରରୁ ସ୍ପଷ୍ଟରୂପେ ଜଣାପଡ଼େ । ଅନେକ ଲୋକଙ୍କ ହସ୍ତାକ୍ଷର ବିଶେଷତଃ ସ୍ୱାକ୍ଷର ଏପରି ବ୍ୟାଜରେ ଲେଖା ହୋଇଥାଏ ଯେ ତୁମ୍ଭେ ଲେଖା ଦେଖିଲାକ୍ଷଣି ଜାଣିବ ଯେ, ଲେଖକ ଲେଖିଲାବେଳେ ଭାବୁଥିଲେ, "ସମସ୍ତେ ମୋ ହସ୍ତାକ୍ଷର ଦେଖି ଚମକି ଯିବେ ।" କେହି କେହି ଲୋକ ନିତାନ୍ତ କାର୍ଯ୍ୟରେ ବ୍ୟସ୍ତ ଥାନ୍ତି, ସେମାନଙ୍କୁ ଅନେକ ସ୍ୱାକ୍ଷର କରିବାକୁ ହୁଏ,

ଲୋକେ ସଂକ୍ଷିପ୍ତରୂପେ ତାଙ୍କର ସ୍ୱାକ୍ଷର କରନ୍ତି, ଆମ୍ଭେମାନେ ସେମାନଙ୍କୁ କହୁନାହୁଁ । ସେମାନେ ନିର୍ଦ୍ଦୋଷ । ଯେଉଁମାନେ ପ୍ରୟୋଜନ ବାହାରେ ଜାଣି ଶୁଣି ଏପରି ସ୍ୱାକ୍ଷର କରନ୍ତି ଯେ, ତୁମ୍ଭେ ଲେଖକକୁ ଯେବେ ଜାଣି ନ ଥିବ ତେବେ ସେହି ସ୍ୱାକ୍ଷର ପଢ଼ିପାରିବ ନାହିଁ । ଯେଉଁମାନେ ସ୍ୱାକ୍ଷରକୁ ପ୍ରାଧାନ୍ୟର ପରିଚାୟକ ଜାଣି ପ୍ରକୃତ ମାର୍ଗଭ୍ରଷ୍ଟ ଅପ୍ରାକୃତିକ ରୂପରେ ଲେଖନ୍ତି, ଆମ୍ଭେ ସେହି ସୁଭଗମ୍ମନ୍ୟ ମହାତ୍ମାମାନଙ୍କୁ ଲକ୍ଷ୍ୟ କରୁଅଛୁଁ । ଦୁଃଖର କଥା ଏହି କି ଅନେକ ବଡ଼ ଲୋକ ଏହି ଲଘିମାର ଦାସ ଅଟନ୍ତି । କେହି କେହି ଜାଣି ଅକ୍ଷର ମନ୍ଦ ଲେଖନ୍ତି, କେହି କେହି ଅକ୍ଷର-ବୃତ୍ତିକ ଫଳ ଫୁଲରେ ଶୋଭିତ କରନ୍ତି । ଲେଖିଲାବେଳେ ଧାଡ଼ିକୁ ତେର୍ଚ୍ଛାଭାବରେ ଦଶ ଥର ଅନାନ୍ତି । ଖଣ୍ଡିଏ ଚମତ୍କାର ଲେଖାହେଲା ଉତ୍ତାରେ ସେଥିରେ ସାକ୍ଷୀମାନଙ୍କ ନାଁ ଯେତେବେଳେ ପଡ଼େ, ପାଠକେ ମନୋଯୋଗ କରି ଦେଖିଛନ୍ତି କି ? ଯେ ଅକ୍ଷର ଭଲ ଲେଖି ନ ଜାଣେ, ତା ହାତ କମ୍ପୁଥାଏ କେତେ ଉଦ୍ଭଟ ଲେଖେ, ଏଥିରେ ଅପ୍ରାକୃତିକ ଅଥବା ଗର୍ହଣୀୟ କିଛି ନାହିଁ । ଏମନ୍ତ ଲୋକଙ୍କୁ ଉତ୍ସାହ ଦେବାପାଇଁ ପ୍ରବୃତ୍ତି ହୁଏ । ମାତ୍ର ଦୁଇ ଗୁରି ଜଣ ଅପଟୁ ଲୋକେ ଦେଖିଲେ ଜଣକୁ ଜଣେ ପଣ୍ଡିତମ୍ମନ୍ୟ ମହାତ୍ମା କାଗଜ ହାତକୁ ନେଇ ସର୍ବାଙ୍ଗ ଅବହେଳାରେ ଚରଚର କରି ଦସ୍ତଖତ କରନ୍ତି, ଆଖି ବେଳେ ଭଙ୍ଗୀ କରୁଥାଏ, ତୁମ୍ଭେ ଦେଖିଲାକ୍ଷଣି ଜାଣିବ ଯେ, ସେ ଆପଣାକୁ ଅସାଧାରଣ ମଣୁଅଛନ୍ତି ; ଅପଟୁ ସଙ୍ଗୀମାନଙ୍କଠାରୁ ଶ୍ଳାଘା ପ୍ରତ୍ୟାଶା କରୁଅଛନ୍ତି ଏବଂ "ଆମ୍ଭକୁ ଏ କଣ ଦେଖାଇବେ, ଆମ୍ଭେ କଣ ଲେଖି ଜାଣୁ ନାହିଁ ?" ଯାଁକୁ ଯାଉଁ ଥାଉଁ ବାଟରେ ସଙ୍ଗୀମାନଙ୍କୁ ଏହି କଥା କହିବେ । ପରେ ଜଣେ ଏହିପରି ବ୍ୟକ୍ତିରେ ଚରଚର କରି ଲେଖୁ ଲେଖୁ କଲମ ଫୁଟି କାଗଜ ଅନେକଗୁଡ଼ାଏ ଚିରିଗଲା । ଅମୃତକୁ ହୃଷ୍ଟମାଡ଼ିଲା । ଏବଂ ଖବ ଦେଖିଲେ ସମସ୍ତେ ଆହ୍ଲାଦିତ ହୁଅନ୍ତି ।

ଲୋକର ସୁଭଗମ୍ମନ୍ୟତା ଅନେକ କଥାରୁ ଜଣାପଡ଼େ, ସେ କଥାମାନ କହି ହେବ ନାହିଁ । କୌଣସି ଲୋକର ସୁଭଗମ୍ମନ୍ୟତା ପରୀକ୍ଷା କରିବା ନିମନ୍ତେ ତୁମ୍ଭର ଯେବେ ସ୍ପୃହା ଥିବ, ଥରେ ତାହାକୁ ତାହା ଶ୍ୱଶୁର ଘରେ ଦେଖିବ ; ସବୁ ଜୁଆଁଇଁ ସମାନ ନୁହନ୍ତି । ମାତ୍ର କୌଣସି କୌଣସି ଜୁଆଁଇଙ୍କ ଚାଲି ଦେଖିଲେ, କଥାବାର୍ତ୍ତା ଶୁଣିଲେ ହସ ସମ୍ଭାଳ ହୁଏ ନାହିଁ । ବିଶ୍ୱାସ କରିବ ତ କହିବି । ଆମ୍ଭ ଗ୍ରାମକୁ ଗୋଟିଏ ଜୁଆଁଇଁ ଆସିଥିଲେ । ଭୋଜନବେଳେ ସେ ସମ୍ମୁଖରେ ଗୋଟିଏ ଆଇନା ଥୋଇ ଭୋଜନ କରୁଥିଲେ । ତାହାଙ୍କର ଜଣେ ବୟୋବୃଦ୍ଧ ବନ୍ଧୁ ତାହାଙ୍କୁ ସେଥିର ହେତୁ ପଚାରନ୍ତେ, କହିଲେ, "ଭୋଜନ କଲାବେଳେ ମୁହଁ ବିକୃତ ଦିଶେ, କାଳେ ଅତ୍ୟନ୍ତ ବିକୃତ ଦିଶିବ, ଲୋକେ ହସିବେ, ଏଥିପାଇଁ ଆଗରେ ଦର୍ପଣ ଥୋଇଛି ଯେ, ଆଗୁଁ ସାବଧାନ ହେବି ।" କୌଣସି ଲୋକର ଲଘୁମନସ୍କତା ପରୀକ୍ଷା ନିମନ୍ତେ ତାହା ଶ୍ୱଶୁରଘରଠାରୁ ଉପଯୋଗୀ ସ୍ଥାନ ଆଉ ନାହିଁ । ତୁମ୍ଭ ଗ୍ରାମର କୌଣସି ଜୁଆଁଇଁ ଶ୍ୱଶୁର ଘରକୁ ଆସିଅଛନ୍ତି । ତୁମ୍ଭେ ତାଙ୍କ ପାଖରେ ବସି କଥାବାର୍ତ୍ତା କରୁଅଛ, ହଠାତ୍ ଜୁଆଁଇଙ୍କ ଆଖିଡୋଳା ବୁଲିଲା ; ତୁମ୍ଭ ସଙ୍ଗରେ ସାଧାରଣ ଲୋକପରି କଥା କହୁଥିଲେ, ହଠାତ୍ ସ୍ୱର ବଦଳିଗଲା, ଅପ୍ରୟୋଜନୀୟ କେତେଗୁଡ଼ାଏ ରସିକତା-ସୂଚକ ଶବ୍ଦ ପ୍ରୟୋଗ କଲେ । ତୁମ୍ଭର ମନ ବିଷୟାନ୍ତରେ ନିବିଷ୍ଟ ଥିଲା, ହଠାତ୍ ତାଙ୍କର ଭଙ୍ଗୀ-ପରିବର୍ତ୍ତନ ଦେଖି ତୁମ୍ଭେ ବିସ୍ମୟାବିଷ୍ଟ ହୋଇ 'କ'ଣ ହେଲାପରି' ହୋଇ

ସ୍ୱରିଆରେ ନେଡଗାଡ଼ କଲ । ହେବ ଆଉ କଣ ? ଶାଶୁ ଜଳାକବାଟିରୁ ଜୁଆଇଁଙ୍କୁ ଥରେ ଦେଖିଥିଲେ; ଜୁଆଇଁ ଏହା ଜାଣି ଏତେ ସଙ୍କୁଚିତ, ସର୍ବାଙ୍ଗ ଟଳମଳ ହେଉଅଛନ୍ତି, ଅନର୍ଥକ ରସିକତାସୂଚକ ଶବ୍ଦଗୁଡ଼ାଏ ଛାଡ଼ୁ-ଅଛନ୍ତି । ଶାଶୁ ଯେ ଜୁଆଇଁଙ୍କୁ ଦେଖିବା ନିମନ୍ତେ ଜଳାକବାଟି ପାଖକୁ ଆସିଥିଲେ, ତାହା ନୁହେଁ, କାର୍ଯ୍ୟବଶତଃ ଆସିଥିଲେ, ହଠାତ୍ ଜୁଆଇଁଙ୍କ ଉପରେ ଆଖି ପଡ଼ିଗଲା, ମାତ୍ର ଜୁଆଇଁ ଭାବିଲେ, ଶାଶୁ ସ୍ନିଗ୍ଧଦୃଷ୍ଟିରେ ଆଗ୍ରହପୂର୍ବକ ତାଙ୍କର ଅଲୋକସାମାନ୍ୟ ଲାବଣ୍ୟ ଦେଖୁଅଛନ୍ତି । ସ୍ତ୍ରୀର ମନୁଷ୍ୟପ୍ରକୃତିର ଲଘିମା କହିଲେ ସରିବନାହିଁ ।

କେତେଗୁଡ଼ିଏ ସୁଭଗମ୍ମନ୍ୟ ଲୋକ ଅଛନ୍ତି, କୌଣସି କଥା କହୁଛନ୍ତି ଅବା କରୁଛନ୍ତି ବୋଲି ଅନର୍ଥକ ତୁମ୍ଭଠାରେ କ୍ଷମାମାଗିବେ । ସେ ଯାହା କରୁଛନ୍ତି, ଯାହା କହୁଛନ୍ତି, ତାହା ଏମନ୍ତ କିଛି ଦୋଷାବହ ନୁହେଁ । ହୁଏ ତ ତୁମ୍ଭର ସେ କଥା ମନରେ ନାହିଁ, ମାତ୍ର ସେମାନେ ଏତେ କୃତ୍ରିମ କାତରତା ସହିତ କ୍ଷମା ମାଗିବେ ଯେ, ଶୁଣିଲାକ୍ଷଣି ଆଉ ଲୋକ ତାଙ୍କୁ କୌଣସି ଗୁରୁତର ଅପରାଧୀ ଗଣିବେ । ପାଠକ ! ଏହି ପଂକ୍ତିଗୁଡ଼ିକ ପଢ଼ୁ ପଢ଼ୁ 'ବୃଷଭ ଓ ମଶକର' ଗଳ୍ପ ତୁମ୍ଭ ମନରେ ପଡ଼ୁଥିବ । ବାସ୍ତବରେ ଯେ ଅନେକ ଥର ଅନର୍ଥକ କ୍ଷମା ମାଗେ, ସେ ଆପଣାକୁ 'କଣେ' କରି ଜାଣେ, ଏହା ନିଶ୍ଚୟ ଜାଣିଥିବ ।

ସ୍ତ୍ରୀମାନେ ବଡ଼ ସୁଭଗମ୍ମନ୍ୟ । ସବୁ ସ୍ତ୍ରୀ ସମାନ, ଆମ୍ଭେ ଏହା କହୁନାହୁଁ । ପନ୍ଦରଅଣି ସୁଭଗମ୍ମନ୍ୟ । ଅନେକ ଥର ତୁମ୍ଭ ଘରେ ଭୋଜନ ନିମନ୍ତେ କୁଟୁମ୍ବିନୀମାନେ ଆହୂତ ହୋଇଥିବେ । ଭଲ ଶକଳା ଶାଢ଼ୀ ପିନ୍ଧି ସଙ୍କୁଚିତ ହୋଇ ତୁମ୍ଭ ଘରକୁ ଆସୁଛନ୍ତି ଏପରି ଲୋକେ ତରୁଣୀ ଦେଖିବ । ଅଧୋବଦନ, ସତେ ଯେମନ୍ତ କିଛି ଜାଣନ୍ତି ନାହିଁ । ଏହିପରି ଗୃହାଣୀତଳେ "ଅରେ ମୋତେ ଦେଖିଲେଣି" ଏହି ଆନ୍ତରିକ ଇଚ୍ଛା ପଦକ୍ଷେପରୁ ବ୍ୟକ୍ତ ହେଉଥାଏ ।

ଗାୟକମାନେ ବଡ଼ ସୁଭଗମ୍ମନ୍ୟ । ସବୁ ଗାୟକ ସମାନ, ଏହା କହୁନାହିଁ । ଅଧିକାଂଶ ସୁଭଗମ୍ମନ୍ୟ । କୌଣସି ସଭାରୁ କୌଣସି ଗାୟକ ନେଉଟି ଆସିଲା ଉତ୍ତାରୁ ତାଙ୍କୁ ପଚାରିବଟି । "ଗାଉଥିଲେ, ସେଦ୍ଧପର ଆଉ କଣ ? ମୁଁ ତାନପୂରା ନେଲି, ହଜାର ହଜାର ଲୋକ ବସିଥିଲେ, ସମସ୍ତେ ଚୁପ୍, ଆଉ ପାଟି ଫିଟିଲା ନାହିଁ ।"

ଅନେକ ଲୋକ ଅଛନ୍ତି, ସେମାନଙ୍କର ସୁଭଗମ୍ମନ୍ୟତା ସେମାନଙ୍କର ଧର୍ମବିଷୟକ ବିତଣ୍ଡାରୁ ଜଣାପଡ଼େ । ଏପରି ତାର୍କିକ ଏ କାଳକୁ ଅନେକ ହୋଇଅଛନ୍ତି । ଏମାନେ ବାସ୍ତବିକତାକୁ ବଞ୍ଚିତ ର ସରମାପକ ଜାଣନ୍ତି ଦିନେ ଆମ୍ଭେମାନେ ବ୍ରାହ୍ମସମାଜକୁ ଯାଇଥିଲୁ । କେତେଗୁଡ଼ିଏ ପ୍ରକୃତ ଭକ୍ତିମାନ୍ ସ୍ୱରରେ ପ୍ରଭୁଙ୍କୁ ସ୍ତବ କରୁଥିଲେ । ସେମାନଙ୍କର ଆନ୍ତରିକ ଭକ୍ତି ଦେଖି ଆମ୍ଭମାନଙ୍କ ମନ ଦ୍ରବୀଭୂତ ହେଲା; ମାତ୍ର ସେଠାରେ ଘୃଣା ବିରକ୍ତି ଉପୁଜିଲା । ବିରକ୍ତିର ହେତୁ ଏହିକି— ସମାଜକୁ ଜଣେ ପାଣ୍ଡିତ୍ୟାଭିମାନୀ ଲୋକ ଆସିଥିଲେ । ଉପାସନା ନିମନ୍ତେ ଆସି ନ ଥିଲେ । ଏତେ ପଣ୍ଡିତ ହୋଇ ଯେବେ ସେହି 'ମରହଟ୍ଟୀ ଈଶ୍ୱରବିଶ୍ୱାସ' ନ ଗଲା, ତେବେ ପାଣ୍ଡିତ୍ୟର ଫଳ କ'ଣ ? ଭକ୍ତମାନଙ୍କର ଇତରତା ଦେଖି ଆପଣା ସୁଭଗମ୍ମନ୍ୟତା ଚରିତାର୍ଥ କରିବାପାଇଁ ସେ ଆସିଥିଲେ । ବ୍ରାହ୍ମଣମାନେ ଯେତେବେଳେ ନେତ୍ର ନିମୀଳିତ କରି ସ୍ତବ ବୋଲୁଥିଲେ, ସେ କେତେ ପ୍ରକାର ଭଙ୍ଗୀ କଲେ, କେତେ ଥର ମର୍କଟ ହାସ୍ୟ କଲେ; "ସମସ୍ତେ ଦେଖନ୍ତୁ, ମୁଁ

ସେମାନଙ୍କ ପର ଆମୋଦ ଜୁଟେଁ,” ଏହାହିଁ ଜଣାଇବା ପାଇଁ କେତେଥର ‘ଆହା ହା !’ କହିଲେ । ବ୍ରାହ୍ମମନ୍ଦିରରେ ସେହିଁ ଗୀତ ବୋଲନ୍ତି, ସେ ଗୀତର ମାଧୁର୍ଯ୍ୟ ଆନ ଗୀତରେ ନାହିଁ । ମାତ୍ର ସେହି ଗୀତକୁ ତଡ଼ିଦେବା ଇଚ୍ଛା ଅତ୍ୟନ୍ତ ବଳବତୀ ହେବା ଯୋଗୁଁ ଆମ୍ଭେ ସେହି ସ୍ୱର୍ଗୀୟ ମାଧୁର୍ଯ୍ୟ ଅନୁଭବ କରି ନ ପାରିଲୁ । ଗୀତ ସାଙ୍ଗ ହେଲେ, ସମସ୍ତେ ତାଙ୍କୁ ଅନାଇ ରହିଥିଲେ, ସମସ୍ତେ ତାଙ୍କୁ ଡରନ୍ତି । ଆମ୍ଭେ କଷ୍ଟେ ଜାଣିଲୁ, ସଭା ଭାଙ୍ଗିଲା ପରଠାରୁ ଗୀତ ଯାଇ ସମସ୍ତଙ୍କଠାରେ ଆପଣା ଗୌରବ କରିବେ । “ଧର୍ମ ଧର୍ମ ଗାଉ ଶନ କରନ୍ତି, ମୋତେ ଦେଖି କାହାରି ତୁଣ୍ଡ ଫିଟିଲା ନାହିଁ” ସମସ୍ତଙ୍କଠାରେ ଏହି ବଡ଼ାଇ କରିବେ ।

ସେହିମାନେ ସବୁବେଳେ ଆପଣା ସ୍ତ୍ରୀର କଥା କହନ୍ତି, ସ୍ତ୍ରୀର ପ୍ରଶଂସା କରନ୍ତି, ସେମାନେ ବଡ଼ ସୁଭଗମ୍ମନ୍ୟ । ଏହି ସୁଭଗମ୍ମନ୍ୟତା ଆନ୍ତରିକ ହେଲେ ସେଥିରୁ ଅନିଷ୍ଟ ନ ହୋଇ ବରଂ ଶୁଭଫଳର ସମ୍ଭାବନା । ମାତ୍ର କେତେଗୁଡ଼ିଏ ଲୋକ ଅଛନ୍ତି, ବନ୍ଧୁମାନଙ୍କଠାରେ ଆପଣା ପତ୍ନୀର ସଙ୍କୁଚବଳେ ପ୍ରଶଂସା କରନ୍ତି, ତେଣେ ପ୍ରତି ଅନାଦରଗମନ ସେମାନଙ୍କର ନିତ୍ୟକୃତ । ସୁଭଗମ୍ମନ୍ୟ ଲୋକ ଆପଣା ସ୍ତ୍ରୀର ଅନର୍ଥକ ଅସ୍ୱାଭାବିକ ଶ୍ଲାଘା କରନ୍ତି, ହୃଦୟଜ୍ଞ କାଳିଦାସ ଏହା ଭଲରୂପେ ଜାଣିଥିଲେ, ତେଣୁ ଯକ୍ଷମୁଖରେ “ବାଗ୍ଭିଃ ମାଂ ନ ଖଳୁ ସୁଭଗମ୍ମନ୍ୟଭାବଃ କରୋତି” ଏହି ଉକ୍ତି ଦେଇଅଛନ୍ତି ।

ଜଣେ ସୁଭଗମ୍ମନ୍ୟ ମହାତ୍ମା ଆମ୍ଭ ସଙ୍ଗେ କଥୋପକଥନ କରୁଥିଲେ, ସେଠାରେ ଆମ୍ଭର ଆଉ ଜଣେ ବନ୍ଧୁ ବସିଥିଲେ । କଥାପ୍ରସଙ୍ଗରେ ହୃଦୟଜ୍ଞ ଆରଭିଂ ସାହେବଙ୍କର ରଚନା ଶୃଙ୍ଖଳାର ଆମ୍ଭେ ପ୍ରଶଂସା କଲୁ । ପ୍ରଶଂସିତ ମହାତ୍ମା କହିଲେ, “ଆରଭିଂ ‘The wife’ ନାମକ ଯେଉଁ ପ୍ରବନ୍ଧ ଲେଖିଅଛନ୍ତି, ତାହା ଅତି ମନୋହର ।” ଆମ୍ଭେ କହିଲୁ, “ହଁ, ସେଇଟି ମନୋହର ପ୍ରସଙ୍ଗ ଅଟେ ।” ଆମ୍ଭର ବନ୍ଧୁ ଆରଭିଂ ପଢ଼ି ନ ଥିଲେ । ସେ କିଛି ନ କହି ତୁନିହୋଇ ରହିଲେ । ଶଂସିତ ମହାତ୍ମା ପୁଣି କହିଲେ, “ମୋ ସ୍ତ୍ରୀକୁ ମୁଁ ସେହି ପ୍ରବନ୍ଧ ଅନୁବାଦ କରିବାକୁ କହିଲି । ସେ କଣ ତାହା ପାରିବ ? ତାର ଅଧେ ଭାବ ଆସିଲା ନାହିଁ ।” ଅଥଚ ଆମ୍ଭେ ଜାଣୁ, ଇଂରାଜୀ ନବଶିକ୍ଷିତ ଆଉ, ତାଙ୍କର ସ୍ତ୍ରୀ ଦେଶଭାଷାରେ ମଧ୍ୟ ଅତି ଅଳ୍ପ ଶିକ୍ଷିତା । ମହାତ୍ମା ଆପଣା ସ୍ତ୍ରୀକୁ ନିନ୍ଦା କଲେ, ମାତ୍ର ପ୍ରକାରାନ୍ତରେ ସ୍ୱର୍ଗକୁ ଟେକି ଦେଲେ, ଏହା ଆମ୍ଭର ଭଲ ଉପଲବ୍ଧି ହେଲା । କେହି କେହି ସୁଭଗମ୍ମନ୍ୟ ମହାତ୍ମା ଆପଣା ପତ୍ନୀଭକ୍ତିର ବୀଣା ଯୂଚା ଓ ତୂରି ସବୁବେଳେ ପିଟୁଥାନ୍ତି । ସେମାନଙ୍କର ଆନ୍ତରିକ ଅଭିଳାଷ ଏହି ଯେ, ଏମନ୍ତ କଲେ ଆପଣା ପତ୍ନୀର ଗୁଣ ଗୌରବ କହିବା ନିମନ୍ତେ ଅନେକ ସୁଯୋଗ ଲଭିବେ । ଆମ୍ଭେ ଯାହା କହିଲୁ, ତାହାକୁ ବ୍ୟାପ୍ତି କରି ଦେଖିବ ନାହିଁ, ଶତକରେ ୧୦୦ରେ ୮୦ ଏହିପରି ।

ଅନେକ ଲୋକ ଠାକୁରେ ବସି କଥାବାର୍ତ୍ତା କରୁଅଛନ୍ତି, ଆଉ ଜଣେ ସେଠାରେ ବସି ସେମାନଙ୍କ ଆଡ଼କୁ ଅନାଇ ରହିଛନ୍ତି, ମୁରକି ମୁରକି ହସୁଛନ୍ତି, ଏପରି ମୂର୍ତ୍ତି ପାଠକେ ଦେଖିଛନ୍ତି ? ଆମ୍ଭେ ଭଲ ବୋଲି ପାରୁନାହୁଁ । ମାତ୍ର ତୁମ୍ଭେ ଆମ୍ଭର ଅର୍ଥ ବୁଝିଅଛ । ସେହି ମୁରକି ହାସ୍ୟକାରୀ ବଡ଼ ବିଜ୍ଞମ୍ମନ୍ୟ । ସେ ଆପଣାକୁ ଅସାଧାରଣ କରି ଜାଣନ୍ତି, ସାଧାରଣ ଲୋକର କଥାବାର୍ତ୍ତା ତାଙ୍କର ପ୍ରଶଂସାକୁ ତୁଚ୍ଛ ହେଲେ, ତେଣୁ ସେ ଇତର ଲୋକମାନଙ୍କର କଥାବାର୍ତ୍ତାରେ ଭାଗୀ ହୁଅନ୍ତି ନାହିଁ । ପାଠକେ ଏପରି ଗଧ ଥୋଡ଼ାଏ ଦେଖିଥିବେ ?

ଧନବାନ୍ ମୂର୍ଖମାନଙ୍କ ମଧ୍ୟରୁ ଅଧିକାଂଶ ସୁଭଗମ୍ମନ୍ୟ । କୌଣସି ବିଦ୍ୱାନ୍ ଲୋକର ପ୍ରଶଂସା ଶୁଣିଲାକ୍ଷଣି ଈର୍ଷା ଓ ସୁଭଗମ୍ମନ୍ୟତା ଯୁଗପତ୍ ଏମାନଙ୍କ ହୃଦୟକୁ ଆଶ୍ରୟ କରେ । କହନ୍ତି, "ସିମିତ ବିଦ୍ୟାରୁ ଲଭ୍ୟ କଣ ? ଏମାନେ ପାଠରେ ଯାହା କରିବେ, ମୁଁ ଶାଠରେ ତାହା କରିବି । ପାଠ ଶାଠ ଦୁଇ ଅଛି କି ନାହିଁ ?" କେତେକଗୁଡ଼ିଏ ଲୋକ ଅଛନ୍ତି ଯେ, ସେମାନଙ୍କୁ ନ ପଚାରିଲେ ସବୁ କଥାରେ ଆପଣା ମତ ଦେବେ, ଯେ ବିଷୟମାନଙ୍କରେ ସେମାନେ ନିତାନ୍ତ ଅଜ୍ଞ, ଏପରି ବିଷୟରେ ସୁଦ୍ଧା ସେମାନେ ସବୁବେଳେ ଉପଦେଶ ଦେବାପାଇଁ ପ୍ରସ୍ତୁତ ଅଛନ୍ତି । ଉପଦେଶ ଅବା ମତ ଦେବାପାଇଁ କେତେ ଯୋଗ୍ୟତାର ପ୍ରୟୋଜନ, ସେମାନେ ଭ୍ରମରେ ଏହା ଭାବନ୍ତି ନାହିଁ । ଏହିପରି ଅଯୋଗ୍ୟ ଉପଦେଷ୍ଟାମାନଙ୍କ ପ୍ରସାଦରୁ କେତେ ସୁଖୋଚିତ ନିରୀହ ଲୋକ ଅପ୍ରତିବିଧେୟ ଦୁଃଖରେ ପଡ଼ିଅଛନ୍ତି । ଶାରୀରବିଦ୍ୟାର ଅଣୁମାତ୍ର ଜାଣନ୍ତି ନାହିଁ, ଏପରି କେତେ ଲୋକ ଆମ୍ଭଙ୍କୁ କହିଅଛନ୍ତି ଯେ, ୩୫ ବର୍ଷ ପୂର୍ବରେ ବିବାହ କରିବାର ଉଚିତ ନୁହେଁ । କୌଣସି ସ୍ତ୍ରୀ ଯେ ବିଷୟରେ ସେ ସମ୍ପୂର୍ଣ୍ଣ ଅନଭିଜ୍ଞ, ଏମନ୍ତ କୌଣସି ବିଷୟରେ ଏକ ପଣ୍ଡିତଙ୍କଠାରେ ଆପଣା ମତ ବ୍ୟକ୍ତ କଲେ । ପଣ୍ଡିତ ସହି ନ ପାରି କହିଲେ, "ଭଦ୍ରେ ! ମତ କହିବା ଆଗେ ତୁମ୍ଭର ମତର ଓଜନ କେତେ, ଏହା ଭାଳିବାର ବିହିତ ।" ଏ ବଡ଼ ତୀକ୍ଷ୍ଣ ଉତ୍ତର ଅଟେ । ମାତ୍ର ମତ ଦେବା ବ୍ୟକ୍ତିମାନେ ସୁଭଗମ୍ମନ୍ୟତାର କବଚ ପିନ୍ଧିଥାନ୍ତି । ସେମାନେ ଏହା ନିଶ୍ଚୟ ଜାଣନ୍ତି, ସେମାନଙ୍କ ମତ ଅଭ୍ରାନ୍ତ ।

ଆତ୍ମଲାଘବ ଶିଖିବାକୁ ଅନେକ ଦିନ ଲାଗେ । ଏତେବେଳଯାଏ ଏହି ବିଷୟରେ ଆଲୋଚନା କଲୁଁ । ଏହିପରି ଆଉ କେତେଗୁଡ଼ିଏ କଥା ଅଛି, ସେଗୁଡ଼ିକୁ ସଂକ୍ଷେପରେ କହିବୁଁ ।

କେହି ତୁମ୍ଭଙ୍କୁ ଅଜ୍ଞ ଅଥବା ଅଯୋଗ୍ୟ ମଣନ୍ତି ବୋଲି ତାଙ୍କ ଉପରେ କୁପିତ ହେବାର ବିହିତ ନୁହେ । ଏହି ଉକ୍ତିର ଯଥାର୍ଥ୍ୟ ଅନେକ ଲୋକ ସ୍ୱୀକାର କରିବେ ନାହିଁ ।

ବସ୍ତୁତଃ ଯେଉଁମାନଙ୍କର ଭୂୟୋଦର୍ଶିତା ଓ ବିବେକ ସମ୍ୟକ୍‌ପ୍ରସ୍ଫୁଟ ହୋଇନାହିଁ, ସେମାନେ ଏହାର ମର୍ମ କାହୁଁ ଜାଣିବେ ? ଅନେକ ଲୋକ ଅଛନ୍ତି, ସେମାନଙ୍କଠାରେ ଯେବେ କେହି ଆସି କହେ ଯେ, "ଅମୁକେଇ ଲୋକ କହୁଥିଲେ ତୁମ୍ଭେ ଅଙ୍କବିଦ୍ୟା ଜାଣନାହିଁ ।" ସେମାନେ ଶୁଣିଲାକ୍ଷଣି ଜଳିଯିବେ । ଭିକାରି ବାବୁ ଜଣେ ଗାୟକ । ତାଙ୍କୁ ଜଣେ ଆସି କହିଲେ, "ପାନୁ ବାବୁ କହୁଥିଲେ, ତୁମ୍ଭ ଗଳା ଭଲ ନୁହେଁ ।" ଭିକାରି ବାବୁଙ୍କ ଆଖି ରକ୍ତବର୍ଣ୍ଣ ହେଲା । ଗଦାଧର ମିଶ୍ର ଜଣେ ପଣ୍ଡିତ । ତାଙ୍କୁ ଜଣେ ଆସି କହିଲେ, "ଲୋକନାଥ କହୁଥିଲେ, ସଂସ୍କୃତରେ ତୁମ୍ଭର କୋମଳ ବ୍ୟୁତ୍ପତ୍ତି ।" ଗଦାଧରଙ୍କ ମନ କ୍ରୋଧରେ ଅସ୍ଥିର ହେଲା । ଆମ୍ଭେ ଖଣ୍ଡିଏ ପୋଥି ରଚିଥିଲୁଁ । ସେଥିରେ ପର୍ବତ, ଗୋଲାପ ଫୁଲ ପ୍ରଭୃତି ବିଷୟରେ କବିତା ଥିଲା । ଜଣେ ଆସି ଆମ୍ଭଙ୍କୁ କହିଲେ, "କାଳିବାବୁ କହୁଥିଲେ, ତୁମ୍ଭେ ଯେବେ ଲେଖି ନଜାଣ, କାହିଁକି ଏଡ଼େ ଆସ୍ପର୍ଦ୍ଧା କର ? ପର୍ବତ ଓ ଗୋଲାପ ଫୁଲ ଏ କିପରି କବିତା ?" ଆମ୍ଭେ ପ୍ରଥମେ କୁପିତ ହୋଇଥିଲୁଁ, ପଛକୁ ବୁଝିଲୁଁ, "କାଳୀବାବୁଙ୍କ ବୁଦ୍ଧିକି ଯେପରି ଦିଶିଲା, ସେ ସେହିପରି କହିଲେ । ସେ କିଛି ଆମର ଶତ୍ରୁ ନୁହନ୍ତି, ଯାହା କହିଛନ୍ତି, ସରଳ ମନରେ କହିଛନ୍ତି, ସେଥିପାଇଁ କ୍ରୁଦ୍ଧ ହେବାର ଗର୍ହିତ ଅଟେ ।" ହଁ, କାଳୀବାବୁ ଯେବେ ଈର୍ଷାଯୁକ୍ତ ହୋଇ ସେପରି କହିଥାନ୍ତେ, ତେବେ ଆମ୍ଭର କ୍ରୋଧ

ନୀୟସ୍ୟ ହୁଅନ୍ତି । କେହି କେହି ଗ୍ରନ୍ଥକାର ଆପଣା ଗ୍ରନ୍ଥର ପ୍ରତିକୂଳ ସମାଲୋଚନା ପଢ଼ିଲାକ୍ଷଣି ଅସ୍ଥିର ହୁଅନ୍ତି । ମାତ୍ର ଅସ୍ଥିର ହେବାର ଉଚିତ ନୁହେଁ । ପ୍ରଶଂସାକୁ ଶୁଣି ଏକା ଖୁସିରେ ଭଲା ହୋଇନାହିଁ ।

ଯେମାନେ ତୁମ୍ଭଙ୍କୁ ଭୁଲ ମଣନ୍ତି, ଏମନ୍ତ ଲୋକ ସହିତ ସବୁବେଳେ ସହବାସ କରିବା ନିମନ୍ତେ ଆମ୍ଭେ କହୁନାହୁଁ । ଏପରି ଲୋକ ସହିତ ସବୁବେଳେ ସହବାସ କଲେ ତୁମ୍ଭର ଅତ୍ୟନ୍ତ ଅନିଷ୍ଟ ଜାତ ହୋଇପାରେ । ଯେମାନେ ଆମ୍ଭମାନଙ୍କୁ ଜ୍ଞାନ ମଣନ୍ତି, ସେମାନଙ୍କ ସଙ୍ଗେ ଆମ୍ଭେମାନେ ଯେତେବେଳେ କଥା କହୁଥାଉଁ, ଆମ୍ଭମାନଙ୍କୁ ପ୍ରକୃତ ଜ୍ଞାନୀପରି କରେ । ମାତ୍ର ଯେ ଆମ୍ଭମାନଙ୍କୁ ନିର୍ବୋଧ ମଣନ୍ତି, ସେ ଲୋକ ପାଖକୁ ଗଲାକ୍ଷଣି ତାହାଙ୍କର ଆଶଙ୍କାର କର୍କଶ ପ୍ରଭାବରୁ ଆମ୍ଭେମାନେ ପ୍ରକୃତ ନିର୍ବୋଧ ପରି ଆଚରଣ କରୁଁ । କୌଣସି ଲୋକକୁ କୌଣସି ଗୁଣରେ ଗୁଣୀ ଦେଖିବାର ତୁମ୍ଭର ଯେବେ ସ୍ପୃହା ଥିବ, ତେବେ ସେମନ୍ତେ ତାହାର ସେହି ଗୁଣ ଅଛି, ଏହିପରି ପ୍ରଶଂସା କରିବ । ମିଥ୍ୟାପ୍ରଶଂସା କରିବନାହିଁ । ଠିକେ ଥିଲେ ସେହି ଠିକର ପ୍ରଶଂସା କରିବ ।

ଏପରି କଲେ ଦେଖିବ, ଅଳ୍ପଦିନ ମଧ୍ୟରେ ତାହାର ସେହି ଗୁଣ ବଢ଼ିବ । ଅନେକ ଚତୁର ସ୍ୱାମୀ ଆପଣା ସ୍ତ୍ରୀକୁ ସତୀ ବୋଲନ୍ତି । ଆଗ୍ରୀକ ଶିରୋମଣି ଆରନଲଡ୍ ଆପଣା ଛାତ୍ରବୃନ୍ଦଙ୍କୁ ଅନେକଥର ସତ୍ୟବାଦୀ ବୋଲି ପ୍ରଶଂସା କରୁଥିଲେ । ସବୁ ମାନସିକ ଅଥବା ନୈତିକ ଗୁଣ ଶିକ୍ଷା ବିଷୟରେ ଏହି ରୀତି ଅନୁସରି ଚଳିଲେ ଗୁଣଶିକ୍ଷା ନାରିକେଳଖଣ୍ଡ ସେବନ ପରି ସୁଖକର ହୁଅନ୍ତା । କୌଣସି ପିଲାକୁ ନିତି କହ, "ତୁ ଗୋଟିଏ ଗଧ," ଦେଖିବ, ଶେଷକୁ ସେ ଗୋଟିଏ ନ-ଗଧ । ଏଥିପାଇଁ ଯେ ଲୋକ ଆମ୍ଭମାନଙ୍କୁ ଭୁଲ ମଣନ୍ତି, ସେ ଲୋକର ସଂସର୍ଗରେ ସବୁବେଳେ ରହିବାର ଅନୁଚିତ ଅଟେ । ଯାହାଙ୍କର ଆମ୍ଭଠାରେ ଶ୍ରଦ୍ଧା ଅଛି, ଯେ ଆମ୍ଭମାନଙ୍କ ଗୁଣର ପକ୍ଷପାତୀ ଅଟନ୍ତି, ଏପରି ଲୋକଙ୍କୁ ମିତ୍ରରୂପେ ବାଛିଲେ ଆମ୍ଭର ଗୁଣୋତ୍କର୍ଷ ହେବ । ହେତୁ କି ସେମାନଙ୍କର ପ୍ରଶଂସାରେ ଆମ୍ଭର ଉତ୍ସାହ ଦିନକୁ ଦିନ ବଢୁଥିବ । ଶ୍ରୋତୃବୃନ୍ଦଙ୍କୁ ସହୃଦୟ ଓ ଅବହିତ ଜାଣିଲେ ବକ୍ତା-ତୁଣ୍ଡରେ ସରସ୍ୱତୀ ଆବିର୍ଭୂତ ହୁଅନ୍ତି, ଗାୟକ-କଣ୍ଠରେ ନାଦବ୍ରହ୍ମ ଆବିର୍ଭୂତ ହୁଅନ୍ତି ; ମାତ୍ର ଏହା ବୋଲି ଯେ ସରଳ-ଭାବରେ ଆମ୍ଭଙ୍କୁ ଅଯୋଗ୍ୟ ମଣନ୍ତି ତାଙ୍କଠାରେ ରୁଷ୍ଟ ହେବାର ଅବା ତାଙ୍କୁ ଘୃଣା କରିବାର ଅବିହିତ ଅଟେ । ତାଙ୍କର ଦୋଷ ନାହିଁ । ତାଙ୍କ ବୁଦ୍ଧି ଓ ରୁଚି ବଳରୁ ସେ ତାହାଙ୍କୁ ସେହି ମତ ଅବଲମ୍ବନ କରାଉଅଛି । ରୁଚି ବିଷୟରେ ସବୁ ଲୋକର କେବେ ଐକ୍ୟ ହେବ ନାହିଁ । ତର୍କ ରୁଚିକୁ ଫେରାଇ ପାରେ ନାହିଁ । ଈଶ୍ୱର ତାଙ୍କୁ ଏପରି ପ୍ରକୃତିବିଶିଷ୍ଟ କରିଅଛନ୍ତି ଯେ, ସେଥିଯୋଗୁଁ ସେ ତୁମ୍ଭର ଗ୍ରନ୍ଥକୁ ଅସାର ମଣୁଛନ୍ତି ଅବା ତୁମ୍ଭର ଗ୍ରନ୍ଥର ଉତ୍କର୍ଷ ଅନୁଭବ କରିପାରୁ ନାହାନ୍ତି । ଏଥିରେ ତାଙ୍କର ଦୋଷ ନାହିଁ । ସରଳ ଭାବରେ ସେ ଯେଉଁ ମତ ଅବଲମ୍ବନ କରିଅଛନ୍ତି ସେ ମତପ୍ରକାଶ କରିବା ନିମନ୍ତେ ତାଙ୍କର ସମ୍ପୂର୍ଣ୍ଣ ଅଧିକାର ଅଛି । କିନ୍ତୁ ତୁମ୍ଭଠାରେ ସେହି ଭିନ୍ନ ମତ ବ୍ୟକ୍ତ କରିବାର ଶିଷ୍ଟାଚାର ବିରୁଦ୍ଧ ଅଟେ । ଏହା ସମସ୍ତେ ଏକ ବାକ୍ୟରେ ବୋଲିବେ, ଅପରିହାର୍ଯ୍ୟ ପ୍ରୟୋଜନ ହେଲେ ବ୍ୟତୀତ ଅନ୍ୟ ସମୟରେ କାହାକୁ କଟୁକଥା ବୋଲିବାର ଅନୁଚିତ । ପ୍ରୟୋଜନ ପଡ଼ିଲେ ଯେବେ ତୁମ୍ଭେ କାହାରିକୁ ବୋଲ ଯେ, ତୁମ୍ଭେ ତାହାକୁ ଅପଦାର୍ଥ ଜାଣ, ତୁମ୍ଭର ମତନିମନ୍ତେ ତୁମ୍ଭଙ୍କୁ ଭର୍ତ୍ସନା କରିବାର ତାଙ୍କର ଉଚିତ ନୁହେ, ମାତ୍ର ବିନା ପ୍ରୟୋଜନରେ ତାଙ୍କଠାରେ ସେହି କଟୁ ମତ ପ୍ରକାଶଦ୍ୱାରା

ତୁମ୍ଭର ଯେଉଁ ପ୍ରଶଂସା ସୂଚିତ ହେଲା, ସେଥିପାଇଁ ତୁମ୍ଭଙ୍କୁ ତିରସ୍କାର କରିବା ନିମନ୍ତେ ତାଙ୍କର ସମ୍ପୂର୍ଣ୍ଣ ଅଧିକାର ଅଛି । ସେ ଯେବେ ତୁମ୍ଭ ପ୍ରତିକୂଳରେ କାହାରିଠାରେ କୌଣସି ମତ ପ୍ରକାଶ କରନ୍ତି, ଆଉ ସେହି ବ୍ୟକ୍ତି ଯେବେ ତୁମ୍ଭଠାକୁ ଆସି ତୁମ୍ଭଙ୍କୁ ସେହି କଥା ଜଣାଏ ତେବେ ପ୍ରଥମ ବ୍ୟକ୍ତିଙ୍କ ଉପରେ କ୍ରୁଦ୍ଧ ନ ହୋଇ ସେହି ଖବରିଆ ଉପରେ କ୍ରୁଦ୍ଧ ହେବାର ଉଚିତ । ହେତୁ କି, ସେ ଖବରିଆ ତୁମ୍ଭର ମନୋଦୁଃଖର ହେତୁ ଅଟେ । ସେ କହି ନ ଥିଲେ ତୁମ୍ଭେ ଜାଣି ନ ଥାନ୍ତ, ଜାଣି ନ ଥିଲେ ତୁମ୍ଭର କଷ୍ଟ ହୋଇ ନ ଥାନ୍ତା ।

ଯେଉଁମାନେ ଆମ୍ଭର ସୁଖର ପକ୍ଷପାତୀ ଅଟନ୍ତି, ସ୍ୱଭାବତଃ ସେମାନଙ୍କଠାରେ ଆମ୍ଭର ଶ୍ରଦ୍ଧା ଜାତ ହୁଏ । ଏହି ଶ୍ରଦ୍ଧା ନିରପେକ୍ଷ ନ୍ୟାୟସଙ୍ଗତ ନୁହେଁ । ମାତ୍ର ଅନେକ କଥା ନିରପେକ୍ଷ ନ୍ୟାୟସଙ୍ଗତ ନ ହୋଇ ମଧ୍ୟ ଆମ୍ଭମାନଙ୍କର ପ୍ରୀତିକର ହୁଏ । ଯେ ଲୋକ ତୁମ୍ଭ ଗୁଣର ପ୍ରଶଂସା କରନ୍ତି, ତୁମ୍ଭପ୍ରତି ମଧୁର ବାକ୍ୟ ପ୍ରୟୋଗ କରନ୍ତି, ସ୍ୱଭାବତଃ ତାଙ୍କଠାରେ ତୁମ୍ଭର ସ୍ନେହ ହେବ । ଅନେକ ଦେଖିଲେ, ଅନେକ ଜାଣିଲେ ତୁମ୍ଭର ସେହି ସ୍ନେହ ହ୍ରାସକୁ ଲଭିବ । ସଂସାରର ଗତି ନୀତି ଯେମାନେ ସ୍ପଷ୍ଟରୂପରେ ଜାଣିଅଛନ୍ତି, ସେମାନଙ୍କର ମନ ଏପରି ଉଦାସୀନ ହୋଇଥାଏ ଯେ, ସେମାନେ ପ୍ରଶଂସକଙ୍କୁ ନିନ୍ଦୁକଠାରୁ ବିଶେଷ ଭିନ୍ନ ପାଆନ୍ତି ନାହିଁ । ମାତ୍ର ଏପରି ଔଦାସୀନ୍ୟ ଲଭିବାପାଇଁ ବ୍ୟଗ୍ର ହେବନାହିଁ । କେହି କେହି ପ୍ରବୀଣ ଗ୍ରନ୍ଥକାର ନିଜ ଗ୍ରନ୍ଥର ପ୍ରଶଂସା ଶୁଣିଲେ ଆହ୍ଲାଦ ଲଭନ୍ତି, ମାତ୍ର ନିନ୍ଦା ଶୁଣିଲେ ବିରକ୍ତ ହୁଅନ୍ତି ନାହିଁ । ମନକୁ ଯେବେ ଏହିପରି କରି ପାରିବ, ତେବେ ସିନା ଶାନ୍ତି ଲଭିବ ।

ସରଳଭାବରେ କେହି ତୁମ୍ଭଙ୍କୁ ନିନ୍ଦା-ବାଦ କଲେ ତୁମ୍ଭ ମନରେ ଯେପରି ଭାବ ଉଦିତ ହେବ, କୁଟିଳଭାବରେ ନିନ୍ଦା କଲେ ଅବଶ୍ୟ ସେଥିରୁ ଅନ୍ୟରୂପ ଭାବ ଉଦିତ ହେବ । ତୁମ୍ଭର ପ୍ରକୃତିରେ ଦୋଷ ନ ଥିଲେ ସୁଦ୍ଧା ମିଛରେ ତୁମ୍ଭ ସମ୍ବନ୍ଧରେ କେହି ଅନୁଚିତ କୁମତ ପ୍ରକାଶ କରିବେ, ତୁମ୍ଭ ନାମରେ କଳଙ୍କ ରଟାଇବେ । ଏମନ୍ତ ସ୍ଥଳରେ ସେହି ପ୍ରତିକୂଳ ମତ ନିମନ୍ତେ ବିରକ୍ତ ନ ହୋଇ ବରଂ ସେହି ମତ-ପ୍ରକାଶ-ସୂଚିତ ହିଂସା ଓ ମିଥ୍ୟାବାଦିତା ଯେନ ତୁମ୍ଭର ମନ ବିଚଳିତ ହୋଇପାରେ । ତୁମ୍ଭେ କଣ କ୍ରୁଦ୍ଧ ହେବ ? ହିଁ, ଏମନ୍ତ କ୍ରୁର ଲୋକ ସଙ୍ଗେ କାରବାର କରିବାର ଉଚିତ ନୁହେଁ, ଏପରି ଲୋକ ସଂସର୍ଗରେ ତୁମ୍ଭର ମହାନ୍ ଅନିଷ୍ଟ ଘଟିପାରେ । ଏଣୁକରି ସାବଧାନ ହେବ, ମାତ୍ର କ୍ରୁଦ୍ଧ ହେବ ନାହିଁ । କ୍ରୁଦ୍ଧ ହେଲେ ନିଆଁ କୁହୁଳିବ ସିନା, ଲିଭିବ ତ ନାହିଁ । ଅନେକ ଥର ଦେଖିଲେ ଜାଣିବ ଏପରି ନୀଚପ୍ରକୃତିର ଲୋକ ଉପରେ କ୍ରୁଦ୍ଧ ହେଲେ ଆଉ ତ କିଛି ହେବ ନାହିଁ, କେବଳ ତୁମ୍ଭର ମନର ଶାନ୍ତି ବିଚଳିତ ହେବ । ତୁମ୍ଭେ ଭାବୁଅଛ, "ବିନା କାରଣରେ ବୃଥାରେ ମୋହର ଗ୍ଲାନି କଲା ।" ନିନ୍ଦୁକ ଭାବୁଅଛି, "ତୁମ୍ଭଙ୍କୁ ନିନ୍ଦା କରିବାର ଅନେକ ହେତୁ ଅଛି ।" ସେ ନିମନ୍ତ୍ରଣ କରିଥିଲା, ତୁମ୍ଭେ ଯାଇନାହଁ । ସେ ତୁମ୍ଭଙ୍କୁ ଋଣ ମାଗିଥିଲା, ଦେଇନାହଁ । ତା ପୁଅ ତୁମ୍ଭଠାକୁ ଆସିଥିଲା, ତାକୁ ଅରେ କାଖେଇଲ ନାହିଁ । ଏଗୁଡ଼ିକ ଭଲ କାରଣ ନୁହେ ; ମାତ୍ର କାରଣ ତ ? ଚଳିବ ନାହିଁ, ଦେଖ ସମସ୍ତେ ଦୋଷୀ ଟି ! ତୁମ୍ଭର ଏହିପରି ଦୋଷ କେତେ ଥିବ ! ଏପରି ନ ଥାଉ, ଅନ୍ୟ ଦୋଷ ଥିବ । କ୍ଷମା ଲଭିବ ତ କ୍ଷମା କର ।

ସମସ୍ତଙ୍କର ଏହା ମନରେ ରଖିବା ଉଚିତ ଯେ, ରୁଚି ବିଷୟରେ ସମସ୍ତଙ୍କର ଏକମତ ହୋଇ ପାରିବ ନାହିଁ । ଖଣ୍ଡିଏ ପୋଥି ପଢ଼ି ତୁମ୍ଭେ ଅତ୍ୟନ୍ତ ପ୍ରୀତ ହେଲ । ତୁମ୍ଭ ଜାଣିବାରେ ଏମନ୍ତ ପୋଥି ଆଉ ନାହିଁ । ସେ ପୋଥି ଖଣ୍ଡ ଯେ ପଢ଼ି ନାହିଁ, ତାହାକୁ ତୁମ୍ଭେ ଦୁର୍ଭାଗ୍ୟ ମଣୁଅଛ । ମଫସଲର ଦରିଦ୍ର ଲୋକ କେବେ ସନ୍ଦେଶର ସ୍ୱାଦ ପାଇ ନାହିଁ, ତୁମ୍ଭେ ବଡ଼ଲୋକ, ନଗରନିବାସୀ, ପ୍ରତିଦିନ ସନ୍ଦେଶ ଖାଉଛ । ପାଟିରେ ପକାଇ ସ୍ୱାଦ ନେଲା-ବେଳେ "ଯେମାନେ ଏମନ୍ତ ପଦାର୍ଥର ସ୍ୱାଦ ନ ପାଇଲେ, ସେମାନଙ୍କର ଜନ୍ମ ବିଫଳ," ଏହା ଭାବୁଅଛ । ତୁମର ଜଣେ ବିଦ୍ୱାନବନ୍ଧୁ ତୁମ୍ଭ ଘରକୁ ଆସିଲେ । ଯେଉଁ ପୋଥିଖଣ୍ଡ ପଢ଼ି ତୁମ୍ଭେ ଏଡ଼େ ପ୍ରୀତ ହୋଇଥିଲ, ସେହି ପୋଥି କଥା ବନ୍ଧୁଙ୍କୁ କହିଲେ । ବନ୍ଧୁ ସେ ପୋଥି ପଢ଼ିଅଛନ୍ତି, ମାତ୍ର ତୁମ୍ଭେ ପଢ଼ି ଯେତେ ପ୍ରୀତି ହୋଇଅଛ ସେ ପଢ଼ି ସେମନ୍ତ ପ୍ରୀତ ହୋଇ ନାହାନ୍ତି, ବରଂ ବିରକ୍ତ ହୋଇଅଛନ୍ତି । ସେଥିପାଇଁ ତାଙ୍କୁ କ'ଣ ଦୂଷିବ ? ତାଙ୍କର ମନ୍ତବ୍ୟ ଶୁଣି ତାଙ୍କଠାରେ ତୁମ୍ଭର କୋପ ଜାତ ହୋଇଅଛି । ବାହାରେ ଉପରୋଧରୁ କିଛି କହୁନାହଁ । ମାତ୍ର ଏତେ ନିର୍ବୋଧ ଜାଣିଥିଲେ ମୁଁ ଏହା ସଙ୍ଗେ ବନ୍ଧୁତା କରି ନ ଥାନ୍ତି, ଆଉ ଏହା ସଙ୍ଗେ କଥା କହିବି ନାହିଁ, ଅନ୍ତରେ ଏହିପରି ଭାବୁଅଛ । ତୁମ୍ଭର ପ୍ରିୟ ଗ୍ରନ୍ଥର ମାଧୁର୍ଯ୍ୟ ସେ କିମ୍ପା ଅବା ବୁଝି ନ ପାରିଲେ, ଏହା ଭାବି ଚମତ୍କୃତ ହେଉଅଛ । ନା, ତାଙ୍କର ଦୋଷ ନାହିଁ । ତାଙ୍କର ଅବସ୍ଥା ଭିନ୍ନ, ତୁମ୍ଭର ଅବସ୍ଥା ଭିନ୍ନ ; ତାଙ୍କର ଶିକ୍ଷା ଏକପ୍ରକାର, ତୁମ୍ଭର ଶିକ୍ଷା ଅନ୍ୟପ୍ରକାର । ପୁଣି ଶିକ୍ଷା ଓ ଅବସ୍ଥା ଏ ଦୁହେଁ ଏକା ହେଲେ ସୁଦ୍ଧା ରୁଚିଭେଦ ହେବାର ସମ୍ଭାବନା । ପ୍ରକୃତିର ମଧ୍ୟ ଏଥିରେ କିଛି ଅଛି । ଏମନ୍ତ ସୁଦ୍ଧା ଘଟିଥାଏ ଯେ, ଖଣ୍ଡିଏ ପୋଥି ସାଧାରଣର ଆଦରଣୀୟ ହୋଇଅଛି, ମାତ୍ର ତୁମ୍ଭକୁ ସେ ପୋଥି ଭଲ ଲଗୁନାହିଁ । ସମସ୍ତେ ଯାହାକୁ ଭଲ କହୁଅଛନ୍ତି, ମୁଁ ତାକୁ କିମିତି ମନ୍ଦ ବୋଲିବି; ଏହା ଭାବି ଲୋକଲଜ୍ଜା ଭୟରେ ତୁମ୍ଭେ ଆପଣାର ଅଶ୍ରଦ୍ଧାକୁ ଲୁଚାଉଅଛ । ଫଳକଥା ଏତିକି ଜାଣିଥିବ, ଯେଉଁ ପୋଥି ତୁମ୍ଭର ପ୍ରକୃତି ଶିକ୍ଷା ଏବଂ ଅବସ୍ଥା ସଙ୍ଗେ ଅଧିକ ମିଳିବ, ସେହି ପୋଥି ତୁମ୍ଭକୁ ଭଲ ଲାଗିବ । ଭର୍ତ୍ତୃହରିଙ୍କର ଗୁଟିଏ ଶ୍ଳୋକ ପଢ଼ି ମୋହର ଯେମନ୍ତ ସୁଖ ହୁଏ, ମାଘରୁ ସର୍ଗେ ପଢ଼ିଲେ ତାହା ହୁଏ ନାହିଁ । ମୁଁ ଏମନ୍ତ କହୁନାହିଁ ଯେ ମାଘଠାରୁ ଭର୍ତ୍ତୃହରି ବଡ଼ କବି । ମାତ୍ର ମୋହର ମନର କଥା ଭର୍ତ୍ତୃହରି ଯେତେ କହନ୍ତି ମାଘ ସେତେ କହନ୍ତି ନାହିଁ । ରୁଚିଭେଦ ହେବାର ସମ୍ଭାବନା ଆଗରୁ ଜାଣି ସେଥିପାଇଁ ପ୍ରସ୍ତୁତ ଥିବା ଭଲ । ଖଣ୍ଡିଏ ନୂଆ ପୋଥି ବାହାରିଲା । କୌଣସି ସମ୍ବାଦପତ୍ରରେ ସେଥିର ଅନୁକୂଳ ସମାଲୋଚନା ପଢ଼ି ତୁମ୍ଭେ ସେହି ପୋଥିର ପକ୍ଷପାତୀ ହେଲ । ପୁଣି ଆଉ ଖଣ୍ଡିଏ ସମ୍ବାଦପତ୍ରରେ ସେଥିର ପ୍ରତିକୂଳ ସମାଲୋଚନା ଦେଖି ଚମତ୍କୃତ ହେଲ, ମାତ୍ର ଚମତ୍କୃତ ହେବାର କୌଣସି ହେତୁ ନାହିଁ । ମହାକବି ଗେଟେଙ୍କ ରଚିତ ଖଣ୍ଡିଏ ଉପନ୍ୟାସ ସମ୍ବନ୍ଧରେ ପଣ୍ଡିତବର ଜେଫ୍ରି ଯେପରି ମନ୍ତବ୍ୟ ପ୍ରକାଶ କରିଅଛନ୍ତି, ପଣ୍ଡିତବର ଲୁଇସ୍ ସେଥିର ବିପରୀତ ମତ ପ୍ରକାଶ କରିଅଛନ୍ତି । ଜେଫ୍ରି ଅଯୋଗ୍ୟ ନୁହନ୍ତି । ଲୁଇସ୍ ଅଯୋଗ୍ୟ ନୁହନ୍ତି । କେହି କାହାକୁ ଊଣା ନୁହନ୍ତି ।

ଯେ ବ୍ୟକ୍ତି ତୁମ୍ଭକୁ ମନ୍ଦ ଲୋକ ବୋଲି ଜାଣନ୍ତି, ତାଙ୍କଠାରେ ଶତ୍ରୁତା ନ କରି ବରଂ ତାଙ୍କର ସେହି ସଂସ୍କାରକୁ ଦୂର କରିବା

ନିମନ୍ତେ ଚେଷ୍ଟା କରିବାର ଉଚିତ । କୌଣସି ସାଧୁବ୍ୟକ୍ତି କୌଣସି କଥାରୁ ତୁମ୍ଭଙ୍କୁ ମନ୍ଦ ଲୋକ ବୋଲି ଅନୁମାନ କରନ୍ତି । ଯେଉଁ କାରଣରୁ ସେ ଏପରି ଅନୁମାନ କରନ୍ତି, ସେଥି ସଙ୍ଗେ ଅନ୍ୟାନ୍ୟ ଅନେକ କଥା ଅଛି ତାହା ତାଙ୍କୁ ଜଣା ନାହିଁ । ସବୁ ଜାଣିଥିଲେ କେବେ ତାଙ୍କର ଏପରି ଅନୁମାନ ହୋଇ ନ ଥାନ୍ତା । ମନୁଷ୍ୟ ସର୍ବଜ୍ଞ ନୁହେ । ତାଙ୍କର ଦୋଷ ନାହିଁ । ତୁମ୍ଭେ କହିବ, "ସବୁ କଥା ନ ବୁଝି ନ ଜାଣି କାହିଁକି ମୋତେ ଦୋଷୀ ବୋଇଲେ ?" ମାତ୍ର ତୁମ୍ଭର ଏତିକି ବିଚାରିବାର ଉଚିତ ଯେ, ଯାହା ଜାଣି ସେ ତୁମ୍ଭଙ୍କୁ ମନ୍ଦ ଭାବୁଅଛନ୍ତି, ସେଥିସଙ୍ଗେ ଆହୁରି ଅନେକ କଥା ଅଛି । ଏହା ଯେବେ ସେ ଜାଣିଥାନ୍ତେ, ତେବେ ସିନା ସବୁ ବୁଝିଥାନ୍ତେ ଅବା ବୁଝିବାକୁ ଚେଷ୍ଟା କରିଥାନ୍ତେ ? ତାଙ୍କୁ ତୁମ୍ଭେ ଯେଉଁ ଦୋଷରେ ଦୋଷୀ ମଣୁଅଛ, ତୁମ୍ଭପାଖରେ କ'ଣ ସେ ଦୋଷ ନାହିଁ ? ଦିନେ ତୁମ୍ଭେ କଚେରିକୁ ଗଲ, କଚେରିରେ କୌଣସି କର୍ମଚାରୀକୁ ଦେଖି ଜୁହାର ହେଲ । ମାତ୍ର ସେ ତୁମଙ୍କୁ କିଛି ନ କହି ମୁଖ ଗମ୍ଭୀର କରି ହାତରେ ଥିବା କାଗଜ ପଢ଼ିବାକୁ ଲାଗିଲେ । ତୁମ୍ଭ ଦେହ ଜଳିଗଲା । "ଏଡ଼େ ଅହଙ୍କାରୀ, ପଦେ କଥା କହିଲା ନାହିଁ !" ସେହି ଦିନଠାରୁ ତୁମ୍ଭର ପ୍ରତିଜ୍ଞା ହେଲା ଯେ ତାଙ୍କ ସଙ୍ଗେ ବାକ୍ୟାଳାପ କରିବ ନାହିଁ । ପୁଣି କୌଣସି କର୍ମ ନିମନ୍ତେ ତାଙ୍କ ଘରକୁ ଅନିଚ୍ଛାପୂର୍ବକ ଗଲ, ସେ ତୁମ୍ଭଙ୍କୁ ଦେଖି ଜୁହାର ହେଲେ, ମନ ଫେଡ଼ି ତୁମ୍ଭଙ୍କୁ ଦେଖି କଥା କହିଲେ, ପ୍ରକୃତ ବନ୍ଧୁପରି ତୁମ୍ଭ ସଙ୍ଗେ ବ୍ୟବହାର କଲେ, ତାଙ୍କର ଆଚରଣ ଦେଖି ତୁମ୍ଭେ ଆପଣାକୁ ଧିକ୍କାର ଦେଲ, "ଏଡ଼େ ଭଲ ଲୋକକୁ ମୁଁ କାହିଁକି ମନ୍ଦ ଭାଳିଥିଲି," ଏହା ପାଞ୍ଚି ମନରେ ଲଜ୍ଜିତ ହେଲ । କାହାର ଘରେ ତୁମ୍ଭେ ବସିଅଛ, ଜଣେ ଭିକ୍ଷୁକ ଆସି ଗୃହସ୍ଥଙ୍କୁ କିଛି ମାଗିଲା । ଗୃହସ୍ଥ କୁପିତ ହୋଇ ଭିକ୍ଷୁକକୁ ତଡ଼ିଦେଲେ । ଏହା ଦେଖି ତୁମ୍ଭେ ଭାଳିଲ ଯେ ଗୃହସ୍ଥ ବଡ଼ ନିର୍ଦ୍ଦୟ । ଏଡ଼େ ପାଷଣ୍ଡ ତୁମ୍ଭେ ଦେଖିନାହିଁ । ପୁଣି ଦିନେ ବାଟରେ ଆସୁ ଆସୁ ଦେଖିଲ ଯେ ସେହି ବ୍ୟକ୍ତି ବାଟ ପାଖରେ ଥିବା ଗୋଟିଏ ଅନ୍ଧର ଘରରୁ ବାହାରି ଆସିଲେ, ଅନ୍ଧ ଆନନ୍ଦିତ ହୋଇ ତାହାଙ୍କୁ ଆଶୀର୍ବାଦ କଲା । ଏହା ଦେଖି ତୁମ୍ଭର ପୂର୍ବ ସଂସ୍କାର ସେହିକ୍ଷଣି ଘୁଞ୍ଚିଗଲା । ତୁମ୍ଭେ ତାହାଙ୍କୁ ପରମ ଦୟାଳୁ ବୋଲି ଜାଣିଲ । ଅବଶ୍ୟ କେତେଗୁଡ଼ିଏ ନରାଧମ ଅଛନ୍ତି, ତାଙ୍କୁ ପ୍ରଥମେ ଦେଖି ଯେ ସଂସ୍କାର ଜନ୍ମିବ, ଶହେ ଥର ଦେଖିଲା ଉତ୍ତାରୁ ସୁଦ୍ଧା ସେ ସଂସ୍କାର ଟଳିବ ନାହିଁ, ମାତ୍ର ଏମନ୍ତ ଲୋକ ଅତି ଅଳ୍ପ । ସହସ୍ରରେ ଜଣେ ଅଧେ ଦେଖାଯାନ୍ତି । କେହି ତୁମ୍ଭଙ୍କୁ ଧର୍ମ ଯୁଧିଷ୍ଠିର କରି ଜାଣନ୍ତି, ତାଙ୍କ ଜାଣିବାରେ ତୁମ୍ଭ ପରି ସରଳ ଉଦାର ଆଉ ନାହିଁ । ତୁମ୍ଭେ ଯେବେ ପ୍ରକୃତରେ ଚତୁର ହୋଇଥିବ, ଏପରି ଲୋକ ସହିତ ଅତ୍ୟନ୍ତ ଘନିଷ୍ଠ ସଂସର୍ଗ କରିବାକୁ ତୁମ୍ଭର ମନ ବଳିବ ନାହିଁ, ଏପରି ଲୋକ ତୁମ୍ଭର ଆଗୁର ବ୍ୟବହାର ଯେତେ ଅଳ୍ପ ଜାଣିବେ, ସେତେ ଭଲ । ହେଉ କି ତୁମ୍ଭର ସବୁ କଥା ଜାଣିଲା ଉତ୍ତାରୁ ତାହାଙ୍କର ପୂର୍ବ ଶ୍ରଦ୍ଧା, ପୂର୍ବ ଭକ୍ତି ଟଳି ଯିବ । ଯୁବା ପୁରୁଷମାନେ କାହାରି ସଦ୍‌ଗୁଣ ଦେଖି ଅତ୍ୟନ୍ତ ମୋହିତ ହୋଇଯାନ୍ତି, ତାଙ୍କ ସଙ୍ଗେ ବନ୍ଧୁତା କରିବାକୁ ଉତ୍ସୁକ ହୁଅନ୍ତି । ବନ୍ଧୁତା ହେଲା ଉତ୍ତାରୁ ତାଙ୍କ ସଙ୍ଗେ ଘନିଷ୍ଠ ସଂସର୍ଗ ହେବାରୁ ପୂର୍ବମୋହ ଭାଙ୍ଗି ଯାଏ, ପଛକୁ ସେହି 'ଅଭିନ୍ନହୃଦୟ' 'ଉଦାରଚରିତ' ବନ୍ଧୁଙ୍କୁ ସାମାନ୍ୟ ଲୋକରୁ ବିଶେଷ କରି ପାରନ୍ତି ନାହିଁ । କୌଣସି ସ୍ଥାନ ଦେଖିବା

ଆଗେ କଳ୍ପନା ସେଥିର ଛବି ଦେଖାଇଥାଏ । ସେହି ଛବି ସଙ୍ଗେ ଦେଖନ୍ତ ଆମ୍ଭେ ସେହି ସ୍ଥାନକୁ ଯାଉଁ । ସ୍ଥାନକୁ ଯାଇ ଦେଖୁଁ ସେ କଳ୍ପନାର ଛବିରୁ ପ୍ରକୃତ ଛବି ଅନେକ ଅନ୍ତର । ଯେତେ ନିକଟବର୍ତ୍ତୀ ହେଉଥାଉଁ, ସେହି ପରିମାଣରେ ଅଶ୍ରଦ୍ଧା ବଳବତୀ ହେଉଥାଏ । ଅନେକ କବିଙ୍କର ରସମୟ ଲେଖନୀପ୍ରସୂତ କବିତା ପଢ଼ି କବିତାରେ ଆମ୍ଭମାନଙ୍କର ନିର୍ମଳ ଶ୍ରଦ୍ଧା ଜାତ ହୁଏ । କବିଙ୍କୁ ଦେଖିବାପାଇଁ ନିତାନ୍ତ ଉତ୍ସୁକ ହେଉଁ, କଳ୍ପନା ତାହାଙ୍କର ଗୋଟିଏ ମୋହିନୀ ମୂର୍ତ୍ତି ହୃଦୟପଟରେ ଅଙ୍କନ କରିଦିଏ । ମାତ୍ର ପ୍ରକୃତ ମୂର୍ତ୍ତିକୁ ଦେଖିଲେ ନିଶ୍ଚୟ ହତାଶ ହେବ । କାଳିଦାସ ଲମ୍ପଟ ଥିଲେ, ବେଶ୍ୟାସକ୍ତ ଥିଲେ, ଏହା ଶୁଣିବାପାଇଁ କଷ୍ଟ ହୁଏ, ପ୍ରବାଦକୁ ଅଲୀକ ମଣିବାକୁ ପ୍ରବୃତ୍ତି ହୁଏ । ମେଘଦୂତରେ ଯକ୍ଷର ନିଜ ପତ୍ନୀ ପ୍ରତି ଅନୁରାଗ ବର୍ଣ୍ଣନା ସ୍ଥଳରେ ଯେ କବି ଏମନ୍ତ ସ୍ୱର୍ଗୀୟ ମାଧୁରୀ ଦେଖାଇଅଛନ୍ତି, ସେ ଲମ୍ପଟ ଥିଲେ ? ମାତ୍ର ଏହା ଅସମ୍ଭବ ନୁହେ । ଯକ୍ଷରୂପୀ କାଳିଦାସଙ୍କୁ ପ୍ରକୃତ କାଳିଦାସ ମଣିବାର ଅଦୂରଦର୍ଶିତାର କାର୍ଯ୍ୟ । ପିଲାମାନେ ମହାଭାରତ, ରାମାୟଣ ପଢ଼ି ସେଥିରେ ବର୍ଣ୍ଣିତ ଉଦାର ନାୟକ ନାୟିକାଙ୍କର ଅତ୍ୟନ୍ତ ପକ୍ଷପାତୀ ହୁଅନ୍ତି, କବିର ଗୁଣରାଶି ବୁଝି ନ ପାରି ସେହି ନାୟକ ନାୟିକାମାନେ ପଦ୍ୟରେ କଥାବାର୍ତ୍ତା କରୁଥିଲେ, ଏହିପରି ଗାଉଥିଲେ, ଏ ସେପରି । ଯେ ବ୍ୟକ୍ତି କୁଣ୍ଡରୁ ଜଳ ଗଦ୍ୟ ବିନୁ ଆଉ କିଛି ଜାଣନ୍ତି ନାହିଁ,କାବ୍ୟରଚୟିତା ଶ୍ରୀଙ୍କ ଗୃହରୁ ଗୃହାନ୍ତ ତାହା କୁଣ୍ଡରୁ ମନୋହର ପଦ୍ୟ ନିର୍ଗତ କରନ୍ତି । ଯେ କବି ପରଦାର ବିନୁ ଆଉ କିଛି ଜାଣନ୍ତି ନାହିଁ , ପ୍ରକୃତ ପ୍ରଣୟର ସ୍ୱାଦ କେବେ ସେ ପାଇ ନାହାନ୍ତି, ଶ୍ରେଷ୍ଠକାବ୍ୟ-ରଚୟିତା ତାହାର ଲେଖନୀରୁ ସ୍ୱର୍ଗୀୟ ଦାମ୍ପତ୍ୟ-ପ୍ରଣୟ-ରସର ସ୍ରୋତ ପ୍ରବାହିତ କରନ୍ତି । ସଚ୍ଚରିତ୍ରତା ଯୋଗୁଁ ଆଗେ ଅସାଧାରଣ ଗୁଣ ଯୋଗୁଁ, ସବୁଠାରେ ତୁମ୍ଭର ନାଁ ପଡ଼ିଅଛି, ବହୁ ଦୂରଯାଏ ତୁମ୍ଭର ନାମ ବ୍ୟାପିଅଛି । କେହି ଦୂରରୁ ତୁମ୍ଭଙ୍କୁ ଦେଖିବାପାଇଁ ଆସିଲେ, ଥରେ ଅବା ଦୁଇ ଥର ତାଙ୍କ ସଙ୍ଗେ ଆଳାପ କରି ତାଙ୍କୁ ମେଲାଣି ଦେବାର ଭଲ । ଏତେ ଦୂରକୁ ଲୋକେ ମୋତେ ଦେଖିବାକୁ ଆସିଅଛନ୍ତି, ଏହା ଭାବି ଆପଣାକୁ ଶ୍ଳାଘ୍ୟ ମଣି ତୁମ୍ଭେ ଯେବେ ତୁମ୍ଭର ସବୁ ବିଷୟ ତାହାଙ୍କୁ ଦେଖାଇବ ତେବେ ନିଶ୍ଚେ ଜାଣିଥିବ, ତୁମ୍ଭଠାରେ ତାହାଙ୍କର ଶ୍ରଦ୍ଧା ହ୍ରାସ ହୋଇଯିବ, ଶେଷକୁ ସେ ତୁମ୍ଭଙ୍କୁ ସାଧାରଣ ଲୋକ ପ୍ରାୟ ମଣିବେ ।

ଆପଣାକୁ ସାମାନ୍ୟ ଲୋକପରି ଜାଣି କାର୍ଯ୍ୟ କରିବାର ଅନେକ ସ୍ଥଳରେ ଶିକ୍ଷା ହୁଏ । ଆନ ଲୋକେ ଆମ୍ଭଙ୍କୁ ଅଧମ ଜାଣିଲେ ବୋଲି ସେମାନଙ୍କଠାରେ କ୍ରୋଧ ନ କରିବାର ଅନେକ ସ୍ଥଳରେ ଶିକ୍ଷା ହୁଏ । ଏହି ଦୁଇଟି କଥା ଦେଖି ଏତେବେଳଯାଏ ମାର୍ଜ୍ଜନା କରୁଥିଲୁଁ ; ଏବେ ଆଉ ଦୁଇଟି କଥା କହି ନିବୃତ୍ତ ହେବୁଁ ।

ପ୍ରଥମ କଥା ଯେ କେହି ନିର୍ବୋଧ ହେଲା, ଅଳସ ହେଲା, ଅସାବଧାନ ହେଲା, ବୋଲି ତାହା ଉପରେ ନିତାନ୍ତ ବିରକ୍ତ ଅବା କ୍ରୁଦ୍ଧ ହେବାର ଉଚିତ ନୁହେ । ତୁମ୍ଭେ ବୋଝ ମୁଣ୍ଡେଇଅଛ, ବୋଝ ବଡ଼ ଭାରି ହୋଇଛି, ଏଥିପାଇଁ ବୋଝ ଉପରେ ତୁମ୍ଭେ କଣ ରାଗିବ ? ଦଉଡ଼ି ଖଣ୍ଡକୁ ଟାଣି ଟାଣି ଥକିଲେ, ଛିଣ୍ଡିଲା ନାହିଁ, ଦଉଡ଼ିକୁ କଣ 'ବଜ୍ଜାତ୍, ପାଜି, ହାରାମଜାଦା' ବୋଲି ଗାଳିଦେବ ? ବୋଝ ଭାରି ହେଲା ଦଉଡ଼ି ଛିଣ୍ଡିଲା ନାହିଁ ବୋଲି ତୁମ୍ଭେ ଆଉ ଅଶ୍ରଦ୍ଧାନ୍ୱିତ ହେଉନାହିଁ । ତୁମ୍ଭେ ଜାଣିଥିଲ, ବୋଝ ଭାରି ହେବ,ଦଉଡ଼ି

ଛୁଟିବ ନାହିଁ । ମନୁଷ୍ୟ ସୁଦ୍ଧା ସେହିପରି, ସେପରି ନୋହିଲ ତ ଆଠପଣି । କେତେ-ଗୁଡ଼ିଏ ଲୋକ ଅଛନ୍ତି ଯେ, ତାଙ୍କର ଭୃତ୍ୟ ଯେବେ ଅଳସ ହେଲା ଅବା ଦୁଷ୍ଟ ହେଲା, ସେଥିରେ କେବଳ ଭୃତ୍ୟ ଉପରେ କ୍ରୁଦ୍ଧ ହେବେ, ଏମନ୍ତ ନୁହେ । ତାହାର ପ୍ରତ୍ୟେକ ଆଳସ୍ୟସୂଚକ ଅଥବା ଦୁଷ୍ଟତାସୂଚକ କାର୍ଯ୍ୟରେ ଥରେ ଲେଖାଏଁ କ୍ରୁଦ୍ଧ ହେବେ, ଥରେ ଲେଖାଏଁ ଆଖି ଲାଲ କରୁଥିବେ, ଥରେ ଲେଖାଏଁ ଗାଳି ଦେଉଥିବେ । ଏଗୁଡ଼ିକ ମନୁଷ୍ୟର ସ୍ୱଭାବସୁଲଭ । ଏହା ଆଗରୁଁ ବିଚାରି ସେଥିନିମନ୍ତେ ପ୍ରସ୍ତୁତ ଥିବାର ଉଚିତ । ପିଲାମାନେ ଚାଲୁଁ ଚାଲୁଁ ଯେବେ ଝୁଣ୍ଟିପଡ଼ନ୍ତି, ଯେଉଁ ସ୍ଥାନରେ ଝୁଣ୍ଟି ପଡ଼ନ୍ତି, ସେ ସ୍ଥାନକୁ ଗୋଇଠା ମାରନ୍ତି । ଏହା ଦେଖି ଆମ୍ଭେମାନେ ହସୁଁ । ଆମ୍ଭେମାନେ ବଡ଼ ଅଛୁଁ, ଜ୍ଞାନ ହୋଇ ଅଛି, ଜାଣୁ, ସେ ସ୍ଥାନର କୌଣସି ଦୋଷ ନାହିଁ ; ମାତ୍ର ଆମର ଇଚ୍ଛା, ଚାଲୁଁ ଚାଲୁଁ ଯେବେ କାହାର ଆଳସ୍ୟ ଅବା ଅସାବଧାନତା ସଙ୍ଗେ ଠେକ ଲାଗି ଝୁଣ୍ଟିପଡ଼େ, ଆମ୍ଭେମାନେ ତାହାକୁ ବାଡ଼େଇବାକୁ ତ୍ରୁଟି ନ କରୁଁ । ଆମ୍ଭେମାନେ ପିଲାମାନଙ୍କର କ୍ରୋଧ ଦେଖି ଯେମନ୍ତ ହସୁଁ, ଉଦାସୀନ ବିବେକୀ ଲୋକେ ଆମ୍ଭର କ୍ରୋଧ ଦେଖି ସୁଦ୍ଧା ସେହିପରି ହସୁ-ଥିବେ । ତୁମ୍ଭର ଭୃତ୍ୟ ଆଳସ୍ୟ କଲା, ଥରେ ଏହା ଜାଣିଲ, ଜାଣିଲ ଯେ ତାହା ସ୍ୱଭାବ ସେହିପରି, ତାହା ଉପରେ କ୍ରୁଦ୍ଧ ହେଲ । ତେଣିକି ଆଉ ସେ ଯେତେ ଥର ଆଳସ୍ୟ କରିବ, ସେଥିରେ ତୁମର ଆଶ୍ଚର୍ଯ୍ୟାନ୍ୱିତ ଅବା କୁପିତ ହେବାର ଅବିହିତ । ତାହାକୁ ଅଳସୁଆ ଜାଣି ଥରେ ତାହା ଉପରେ କୁପିତ ହୋଇ ଯଥେଷ୍ଟ ଦଣ୍ଡ ଦେଇଅଛ । ପରକୁ ସେ ଯେତେ ଥର ଆଳସ୍ୟ କରିବ, ସେ ଦୋଷମାନ ସେହି ଅଳସୁଆପଣ ଭିତରେ ଗଲା । ଜଣେ ତୁମ୍ଭଙ୍କୁ ଦିନେ ଗୋଟିଏ ମିଥ୍ୟା କହିଲା, ପୁଣି ଆଉ ଦିନେ କହିଲା, ପୁଣି ଆଉ ଚାରି ଦିନ ପରେ କହିଲା । ତାହାକୁ ମିଥ୍ୟାବାଦୀ ଜାଣି ସେହି ମିଥ୍ୟାବାଦିତା ନିମନ୍ତେ ଥରେ ତାହା ଉପରେ କ୍ରୁଦ୍ଧ ହୋଇ କ୍ଷାନ୍ତ ଥିବାର ଭଲ । ଥରକୁ ଥରେ ଲେଖାଏଁ କୁପିତ ହେଲେ ତୁମ୍ଭେ ଚଳି ପାରିବ ନାହିଁ, ସେ ଚଳିପାରିବ ନାହିଁ । ପ୍ରକୃତିକୁ ତୁମ୍ଭେ କ'ଣ କରିବ ? ସେ କ'ଣ କରିବ ?

ଦ୍ୱିତୀୟ କଥା ଏହି ଯେ, କୌଣସି ସ୍ଥାନରେ ଅବା କୌଣସି ବ୍ୟକ୍ତି ପାଖରେ ତୁମ୍ଭଠାରୁ କପାଳିଆ ଅବା ତୁମ୍ଭଠାରୁ ବଡ଼ଲୋକ-ମାନଙ୍କର ଯେମନ୍ତ ମର୍ଯ୍ୟାଦା ହେଲା, ତୁମ୍ଭର ତେମନ୍ତ ହେଲା ନାହିଁ ବୋଲି ତୁମ୍ଭର ବିରକ୍ତ ଅବା କୁପିତ ହେବାର ଅନୁଚିତ । ଅଶିକ୍ଷିତ ଅବା ଅବିବେକ ଲୋକେ ଏ କଥାକୁ ବଡ଼ ଧରନ୍ତି । ଦେଖା କରିବା ନିମନ୍ତେ ତୁମ୍ଭେ ଜମି-ଦାରଙ୍କ ଘରକୁ ଗଲ, ବାବୁ ଭିତରେ ଅଛନ୍ତି, ଭୃତ୍ୟ ତୁମ୍ଭର ଆସିବାର ବାର୍ତ୍ତା ଘେନିଗଲା, ତୁମ୍ଭେ ସେହି ବେଞ୍ଚ ବସିଅଛ, ବାବୁଙ୍କର ଦେଖାନାହିଁ, ହଠାତ୍ ଆଉ ଜଣେ ଧନୀ ପ୍ରଜା ପାଲିଙ୍କି ଚଢ଼ି ଜମିଦାର ବାବୁଙ୍କ ସଙ୍ଗେ ସାକ୍ଷାତ୍ ନିମନ୍ତେ ଆସିଲେ; ଭୃତ୍ୟ ପୁଣି ବାର୍ତ୍ତା ଘେନିଗଲା । ଜମିଦାର ବାବୁ ହଜାର କାମ ଛାଡ଼ି ବାହାରି ଆସିଲେ, ସେହି ଧନୀ ପ୍ରଜାଙ୍କ ସଙ୍ଗେ ଆଗେ ସମ୍ଭାଷଣ କଲେ । ତା ପରେ ତୁମ୍ଭ ସଙ୍ଗେ ସମ୍ଭାଷଣ କଲେ । ଜମିଦାରଙ୍କ ପକ୍ଷପାତ ଦେଖି ତୁମ୍ଭେ କୁପିତ ହେଲ । "ମୋର ତ ପାଲିଙ୍କି ନାହିଁ, ମତେ କାହିଁକି ପଚାରିବେ ।" ଆପଣା ବନ୍ଧୁ ସଙ୍ଗେ କଥା କହୁଁ କହୁଁ ଜମିଦାରଙ୍କୁ ଲକ୍ଷ୍ୟ କରି ଏହିପରି ବ୍ୟଙ୍ଗ କଲ । ମାତ୍ର ନିଶ୍ଚୟ ଜାଣିଥିବ ଏ ବ୍ୟଙ୍ଗ ନୁହେ, ଏ ପ୍ରକୃତ କଥା । ଏପରି ହେବାର ଉଚିତ, ଏପରି ମଧ୍ୟ ହୋଇଥାଏ ।

ଏପରି ନ ହେଲେ ସଂସାର ଚଳିବ ନାହିଁ । ମାତବର ବ୍ୟକ୍ତିମାନେ ଇତର ବ୍ୟକ୍ତିଠାରୁ ବେଶି ଆଦର ପାଆନ୍ତି, ଏହା ଅନେକ ଲୋକ ଜାଣନ୍ତି, ମାତ୍ର ସେହି କଥା ପୁଣି ଆପଣା ଉପରେ ପଡ଼ିଲେ ଅନେକ ଲୋକଙ୍କୁ ବାଧେ । ବସ୍ତୁତଃ ଅନ୍ୟକୁ ଆପଣାଠାରୁ ବଳି ମର୍ଯ୍ୟାଦା ଲଭିବାର ଦେଖି ସେଥିରେ ଦୁଃଖିତ ଅବା ରୁଷ୍ଟ ନୋହିବାର ଅନେକ ଦିନରେ ଶିକ୍ଷା ହୁଏ । କବି ଗୋଲ୍ଡସ୍ମିଥ୍ ଏକ ସଭାକୁ ଯାଇଥିଲେ । ସଭାରେ ବସି ଆପଣା ବନ୍ଧୁମାନଙ୍କ ସଙ୍ଗେ କଥା କହୁଅଛନ୍ତି, ଏମନ୍ତ ସମୟରେ ଜଣେ କହିଲା, "ଚୁପ୍ ହୁଅ, ଜନ୍‌ସନ୍ ବକ୍ତୃତା କରିବେ ।" ଗୋଲ୍ଡସ୍ମିଥ୍ ଅତ୍ୟନ୍ତ କୋମଳମନାଃ ଥିଲେ, ଅତ୍ୟନ୍ତ କୁପିତ ହେଲେ, ମାତ୍ର କୁପିତ ହେବାର ତାହାଙ୍କ ପକ୍ଷେ ଅନୁଚିତ ଥିଲା । ଜନ୍‌ସନ୍ ସମାଜରେ ପ୍ରତିଷ୍ଠା ଲଭିଥିଲେ, ସମସ୍ତଙ୍କଠାରେ ଆଦରଣୀୟ ହୋଇଥିଲେ । ଜନ୍‌ସନ୍‌ଙ୍କୁ ସମସ୍ତେ ଧନୁର୍ଦ୍ଧର ବୋଲି ଜାଣିଥିଲେ । ତୁମ୍ଭେ ଜଣେ ସାମାନ୍ୟ କର୍ମଚାରୀ ଡେପୁଟି ବାବୁଙ୍କ ସଙ୍ଗେ କଥା କହୁଅଛ, ଡେପୁଟି ବାବୁ ବନ୍ଧୁ ପ୍ରାୟ ତୁମ୍ଭଙ୍କୁ ସମ୍ଭାଷଣ କରି ତୁମ୍ଭ ସଙ୍ଗେ କଥା କହୁଅଛନ୍ତି । ହଠାତ୍ ମେଜେଷ୍ଟର ସାହେବ ସେଠାକୁ ଆସିଲେ । ଡେପୁଟି ବାବୁଙ୍କର ସେହି ସମ୍ଭାଷଣ, ସେହି ହାସ୍ୟ ମୁହୂର୍ତ୍ତକ ଭିତରେ ଉଲଟି ଗଲା ; ଆଉ ତୁମ୍ଭଙ୍କୁ ଚିହ୍ନିଲେ ନାହିଁ । ସାହେବଙ୍କୁ ସଲାମ କରି ତାଙ୍କ ସଙ୍ଗେ କଥା କହିବାକୁ ଲାଗିଲେ, ଏମନ୍ତ ମୁଖଭଙ୍ଗି କଲେ ଯେ, ତୁମ୍ଭଙ୍କୁ କେବେ ଦେଖି ନାହାନ୍ତି । ତୁମ୍ଭେ ବିରକ୍ତ ହେଲ, ମାତ୍ର ବିରକ୍ତ ହେବାର ଉଚିତ ନୁହେ । ଡେପୁଟି ମଜିଷ୍ଟ୍ରେଟଙ୍କର ଦୋଷ ନାହିଁ । ସାହେବଙ୍କ ମୂର୍ତ୍ତି ତାଙ୍କର ହୃଦୟଯାକ ଚୋଟି ଗଲାଣି, ତୁମପାଇଁ ସ୍ଥାନ ନାହିଁ । ଡେପୁଟିଙ୍କୁ ତୁମେ ଅଦୃଶ୍ୟ ହୋଇଅଛ । ସୂର୍ଯ୍ୟ ଉଠିଲେ ତାରାମାନେ ଆମ୍ଭଙ୍କୁ ଅଦୃଶ୍ୟ ହୁଅନ୍ତି । ସାହେବ ଆସିଲାରୁ ଇତର ଲୋକେ ଡେପୁଟିଙ୍କୁ ଅଦୃଶ୍ୟ ହେଲେ । ତୁମ୍ଭର ଶୂଳ ରୋଗ ଅଛି, ସବୁଦିନ ସେହି ରୋଗରୁ କଷ୍ଟ ପାଉଅଛ । ହଠାତ୍ ଯେବେ ତୁମ୍ଭଙ୍କୁ ଉତ୍କଟ ଜ୍ୱର ହେଲା, ଜ୍ୱର ଥିବାଯାଏ ଶୂଳର ଯାତନା ଜାଣି ପାରୁ ନାହିଁ । ସ୍ୟାକ୍ସୁ ସୁଦ୍ଧା ସେହିପରି ଜାଣିଥିବ ।

ପାଠକଙ୍କୁ ବିରକ୍ତ କରିବ ନାହିଁ । ଯତ୍ନ ଅବସ୍ଥାରୁ ବୃଦ୍ଧି ସଥେଷ୍ଟ ହୋଇଅଛି । କେହି ଅବା କହିବେ, "ବାଲ୍ୟରେ କ'ଣ ଶିକ୍ଷା ହୁଏ, ଏ ବୟସ୍କ ଲୋକ ଉପଦେଶ ଦେଉଅଛନ୍ତି ; ମାତ୍ର ଉପଦେଶକୁ ଅବଶ୍ୟ ଧାର୍ଯ୍ୟ କଲେ ସେଥିର ଫଳ ଉଣା ହୋଇଯାଏ, ଏ କଥା ଏହାଙ୍କର ଆଜିଯାଏ ଶିକ୍ଷା ହୋଇନାହିଁ ।" ମାତ୍ର ତାହା ନୁହେ । ଏହି ପ୍ରବନ୍ଧ ପଢ଼ି ପଢ଼ି ନିଜ ଅବସ୍ଥା, ନିଜର ଅନୁଭବ ସ୍ମରଣ କରି ତୁମ୍ଭ ମନରେ ଆହୁରି କେତେକ କଥା ଉଦିତ ହୋଇଥିବ । ତୁମ୍ଭ ଜାଣିବାରେ ସେସବୁ କଥା ଲେଖିଥିଲେ ପ୍ରବନ୍ଧ ଆହୁରି ଭଲ ହୋଇଥାନ୍ତା ।

## ଅପରିପକ୍ୱତା

ଅପରିପକ୍ୱତା ନାନାପ୍ରକାର—ଶାରୀରିକ, ମାନସିକ, ନୈତିକ ଏବଂ ରୈତିକ । ଶାରୀରିକ ଅପରିପକ୍ୱତା ଆମ୍ଭମାନଙ୍କର ଅଭୀଷ୍ଟ ପ୍ରସଙ୍ଗ ନୁହଇ । ଶରୀର ମନୁଷ୍ୟର ସାର ନୁହଇ । ଶେଷୋକ୍ତ ତିନିପ୍ରକାର ଅପରିପକ୍ୱତା ବିଷୟରେ କିଛି କହିବୁଁ । ଅଜାତଶ୍ମଶ୍ରୁ ଅବସ୍ଥାର ରଚନା, ରୁଚି, ଭାବ ଓ ମତ ପ୍ରଭୃତି ଆମ୍ଭମାନଙ୍କର ଆଲୋଚ୍ୟ ପଦାର୍ଥ ।

ଅଜାତଶ୍ମଶ୍ରୁ ଅବସ୍ଥାରେ ଆମ୍ଭେ କେତେ ପ୍ରକାର ମତ ପ୍ରକାଶ କରୁଥିଲୁଁ । ଆମ୍ଭ ଜାଣିବାରେ ସେହି ମତଗୁଡ଼ିକ ଅକାଟ୍ୟ ଥିଲା । ପରିଣତବୟସ୍କ ବ୍ୟକ୍ତିମାନେ ଆମ୍ଭର ମତ

ପ୍ରତି ଆସ୍ଥା କରୁ ନ ଥିଲେ । ସେଥି ନିମନ୍ତେ ସେମାନଙ୍କୁ ଈର୍ଷା ମଣୁଥିଲୁଁ । ଅଜାତଶ୍ମଶ୍ରୁ ଅବସ୍ଥାରେ କେତେ କେତେ କବିତା ଲେଖନ୍ତି, କେତେ ପ୍ରବନ୍ଧ ଲେଖନ୍ତି । ସେତେବେଳେ ସେମାନଙ୍କର ବିଶ୍ୱାସ ଥାଏ ଯେ, ସେହି କବିତା ଓ ପ୍ରବନ୍ଧମାନ ପ୍ରତିଷ୍ଠିତ କବି ଓ ପ୍ରତିଷ୍ଠିତ ଗ୍ରନ୍ଥକାରଙ୍କ ରଚନାରୁ କୌଣସି ଅଂଶରେ ନ୍ୟୂନ ନୁହେ । ଅଜାତଶ୍ମଶ୍ରୁ ଅବସ୍ଥାରେ ଲୋକେ ସମାଜିକ ଓ ନୈତିକ ବିଷୟରେ କେତେ ପ୍ରକାର ମତ ପ୍ରକାଶ କରନ୍ତି, ସେହି ମତର ବିରୋଧୀମାନଙ୍କୁ ବିଷଦୃଷ୍ଟିରେ ଦେଖନ୍ତି । ବୟସ ବଢ଼ିଲେ ସେହିସବୁ ଅକାଟ୍ୟ ମତ, ସରସ କବିତା ଓ ପ୍ରବନ୍ଧ ଅନ୍ୟପ୍ରକାର ଦିଶେ ; ସେସବୁ ସ୍ମରଣ କରି ମନ ଲଜ୍ଜିତ ଓ ବିସ୍ମୟାବିଷ୍ଟ ହୁଏ । ଅଜାତଶ୍ମଶ୍ରୁ ଯୁବକ ! ସଭାରେ ବକ୍ତୃତା କରୁଅଛ ; କାହିଁକି ତୁମ୍ଭେ ବର୍କ ସାହେବଙ୍କର ପ୍ରତିଯୋଗୀ ନ ହେବ, ସେଥିର ହେତୁ ଖୋଜି ପାଉନାହିଁ । ଅଜାତଶ୍ମଶ୍ରୁ ଯୁବକ ! ତୁମ୍ଭେ ଖଣ୍ଡିଏ ଗ୍ରନ୍ଥ ମୁଦ୍ରିତ କରିଅଛ ତାହାର ମାଧୁର୍ଯ୍ୟ ଅନୁଭବ କରି ଥରକୁ ଥର ମନରେ ଆପଣାକୁ ପ୍ରଶଂସା କରୁଅଛ । ପରିଣତ ବୟସ୍କ ଲୋକେ ତୁମ୍ଭର ଗ୍ରନ୍ଥ ପଢ଼ିଲେ । ତୁମ୍ଭର ରଚନା ସମ୍ୟକ୍ ଉଜ୍ଜ୍ୱଳ ଅଟେ, ସମ୍ୟକ୍ ଓଜୋଗୁଣବିଶିଷ୍ଟ ଅଟେ, ମାତ୍ର ସେମାନଙ୍କୁ ତୁମ୍ଭର ଗ୍ରନ୍ଥ ଭଲ ଲାଗିବ ନାହିଁ । ତୁମ୍ଭର କ୍ରୋଧର ଇୟତ୍ତା ନାହିଁ । ପ୍ରକୃତ ହେତୁ ନ ଖୋଜି ଯେତେ ପ୍ରକାର ଅସତ୍ ହେତୁ ମସ୍ତିଷ୍କରେ ଅଛି, ବାଛି ବାଛି ତୁମ୍ଭେ ସେହି ହେତୁଗୁଡ଼ିକ ଖୋଜୁଅଛ । ତୁମ୍ଭର ପୋଥିକି ବାନ୍ଧି ରଖ, ଦଶ ବର୍ଷ ଯାଉ । ଦଶ ବର୍ଷ ଗଲା, ଏବେ ପଢ଼ । ଏବେ ପଢ଼ିଲୁ ତୁମ୍ଭର ମତ କ'ଣ ? ତୁମ୍ଭର ଭାଷା ଉତ୍ତମ ଅଟେ, ଅଳଙ୍କାର ଉତ୍ତମ ଅଟେ, ମାତ୍ର କାହିଁକି କେଜାଣି ସେ ଗ୍ରନ୍ଥ ତୁମ୍ଭକୁ ଭଲ ଲାଗୁ ନାହିଁ । ପୂର୍ବରେ ଯାହାକୁ ତୁମ୍ଭେ ଓଜସ୍ୱିତା ମଣିଥିଲ ଏଣିକି ତାହା ଅପରିପକ୍ୱତାରୂପେ ପ୍ରତିଭାତ ହେଉଅଛି, ଯାହାକୁ ଅଳଙ୍କାର ମଣିଥିଲ, ତାହା ଏବେ ନିରର୍ଥକ ଝଙ୍କାରରୂପେ ପ୍ରତିଭାତ ହେଉଅଛି, ସେଗୁଡ଼ିକ ସାରବାନ୍ ଦିଶୁନାହିଁ । ବୟସ ବଢ଼ିଲାରୁ ବହୁଦର୍ଶିତା ବଢ଼ିଲା । ଆଉ ସେ ଭାବଗୁଡ଼ିକ ପରିପକ୍ୱ ବୋଧ ହେଉନାହିଁ । ସେ ଅପରିପକ୍ୱତା କେଉଁଠାରେ ଅଛି, ତାହା ତୁମ୍ଭେ ସ୍ଥିର କରି ପାରୁ ନାହଁ, ତଥାପି ଅପରିପକ୍ୱତା ସ୍ପଷ୍ଟରୂପେ ଅନୁଭୂତ ହେଉଅଛି । ଆଉ ସେ ରଚନା ବନ୍ଧୁମାନଙ୍କ ଆଗରେ ପଢ଼ିବାକୁ ତୁମ୍ଭେ ସାହସ କରୁନାହଁ, ଭାବ ଓ ଭାଷାକୁ ପରିବର୍ତ୍ତନ ନ କଲେ ତୁମ୍ଭର ଗ୍ରନ୍ଥ ପାଠ୍ୟ ହେବନାହିଁ, ଏହା ତୁମ୍ଭର ସ୍ଥିର ଉପଲବ୍ଧ ହେଉଅଛି । ମାତ୍ର ପ୍ରଥମେ ଦେଖିଲା ବେଳେ ଏ ବିଚାର ନ ଥିଲା । ତୁମ୍ଭେ ଭାବୁଥିଲ ଯେ ପରିଣତବୟସ୍କ ବ୍ୟକ୍ତିଙ୍କର ରଚନାଠାରୁ ତୁମ୍ଭର ରଚନା କୌଣସି ଅଂଶରେ ନ୍ୟୂନ ନୁହେ ।

ଅଳ୍ପବୟସ୍କ ବ୍ୟକ୍ତିଙ୍କୁ ଉପହାସ କରିବା ଏ ପ୍ରସଙ୍ଗର ଉଦ୍ଦେଶ୍ୟ ନୁହେ । ଅଳ୍ପ ବୟସରେ ସମସ୍ତଙ୍କର ଏପରି ଘଟିଥାଏ । ସମସ୍ତେ ଏହି ନିୟମର ଅନ୍ତର୍ଭୁକ୍ତ । ବହୁତ ଅଳ୍ପବୟସ୍କ ବ୍ୟକ୍ତିଙ୍କୁ ଅନେକ ବୃଦ୍ଧ ଲୋକେ ଈର୍ଷା କରନ୍ତି । ଏପରି ଈର୍ଷା ଲୋକ ପ୍ରତି ଘୃଣା ଜାତ ହୁଏ । ସେମାନଙ୍କର ଈର୍ଷା ସେମାନଙ୍କର ବାକ୍ୟ ଓ ଟିପ୍ପଣୀରୁ ପ୍ରତିଫଳିତ ହୁଏ । ବୃଦ୍ଧ ଲୋକ ସେମାନଙ୍କଠାରୁ ଯୋଗ୍ୟତର, ଅଥଚ ଅଳ୍ପବୟସ୍କ ବ୍ୟକ୍ତିଙ୍କ କଥା କହୁଁ କହୁଁ କହନ୍ତି, "ହଁ ପଢ଼ିଛନ୍ତି, ଜାଣନ୍ତି, ଏବା ପିଲା ବୁଦ୍ଧି ଯାଇ ନାହିଁ ।" ଏପରି ପ୍ରଶଂସାଠାରୁ ନିନ୍ଦା ଶ୍ରେୟସ୍କର, ପ୍ରଶଂସା କୌଣସି ସଦଭିପ୍ରାୟରୁ ନ ବାହାରି କେବଳ ଈର୍ଷାକୁ ଘୋଡ଼ାଇ ରଖିବା ନିମନ୍ତେ ବାହାରୁଥିବାର

ବୋଧହୁଏ ଈର୍ଷାପ୍ରବୀଣଠାରେ ଯେମନ୍ତ ଅଭକ୍ତ ହଅନ୍ତି, ଉଦାର ସ୍ଥବିରଠାରେ ସେହି ପରିମାଣରେ ଭକ୍ତ ହୁଏ । ଯେଉଁ ବୃଦ୍ଧ ଲୋକେ କୌଣସି ପ୍ରକାର ବୁଦ୍ଧି ଆପଣା ବୁଦ୍ଧିଠାରୁ ତୀକ୍ଷ୍ଣତର ଜାଣି ସୁଦ୍ଧା କେବଳ ବୟୋଜ୍ୟେଷ୍ଠରେ ତରୁଣ ବ୍ୟକ୍ତିକୁ ଉତ୍ସାହ ଓ ଉପଦେଶ ପ୍ରଦାନ କରନ୍ତି, ଏମନ୍ତ ଲୋକଙ୍କ ପ୍ରତି ଭକ୍ତିପ୍ରବାହ ଆପେ ପ୍ରବାହିତ ହୁଏ ।

ଅପରିଣତ ବ୍ୟକ୍ତିର ଭାବ ଭଙ୍ଗୀ ପ୍ରତି ଆମ୍ଭେ କଟାକ୍ଷ କରୁନାହୁଁ । ତୁମ୍ଭେ ଅଳ୍ପବୟସ୍କ ବୋଲି ମୁଁ ତୁମ୍ଭଠାରୁ ଅଧିକ ଜ୍ଞାନୀ, ଏହା କହିବା ମୋର ଉଦ୍ଦେଶ୍ୟ ନୁହେଁ । ମୁଁ କେବଳ ଏତିକି କହୁଅଛି ଯେ ତୁମ୍ଭଠାରୁ ବୟସରେ ବଡ଼ । ବର୍ତ୍ତମାନ ତୁମ୍ଭେ ଯେମନ୍ତ ଭାବରେ ଚାଲୁଅଛ, ମୁଁ ମଧ୍ୟ ତୁମ୍ଭ ବୟସରେ ସେହିପରି ଚାଲୁଥିଲି । ତୁମ୍ଭଙ୍କୁ ବର୍ତ୍ତମାନ କ'ଣ ଭଲ ଲାଗୁଛି, କଣ ମନ୍ଦ ଲାଗୁଛି, ମୁଁ ତାହା ବିଶେଷରୂପେ ଜାଣେ ; ତାହା ଜାଣେ, ଆହୁରି କିଛି ଜାଣେ । ସମୟ-ସ୍ରୋତରେ ମୁଁ ଅଧିକ ଦୂର ଭାସି ଆସିଲିଣି । ମୁଁ ବର୍ତ୍ତମାନ ଯାହା କହୁଅଛି, ତାହା ତୁମ୍ଭର ଅବସ୍ଥା ପ୍ରତି ଯେମନ୍ତ ପ୍ରଵର୍ତ୍ତେ, କେତେକ ବର୍ଷ ପୂର୍ବରେ ମୋହର ଯେପରି ମତଗତି ଥିଲା, ତାହାକୁ ମଧ୍ୟ ସେହିପରି ପ୍ରବର୍ତ୍ତେ । କେତେ ଲୋକ ପ୍ରୌଢ଼ାବସ୍ଥାର ଯେତେ ନିକଟବର୍ତ୍ତୀ ହେଉଥାନ୍ତି, ଭୂତପୂର୍ବ ବାଲ୍ୟସୁଲଭ ଓ ଯୌବନ-ସୁଲଭ ଭାବମାନ ସ୍ମରଣ କରି ସେହି ପରିମାଣରେ ଲଜ୍ଜିତ ହୁଅନ୍ତି । "ମୁଁ ନିର୍ବୋଧ ଅଟେ," ଏହା ସ୍ୱୀକାର କରିବାକୁ ଅତ୍ୟନ୍ତ କଷ୍ଟ ହୁଏ । ମାତ୍ର "ମୁଁ କେତେ ନିର୍ବୋଧ ଥିଲି" ଏହା ସ୍ୱୀକାର କରିବାକୁ କେହି କୁଣ୍ଠିତ ହୁଅନ୍ତି ନାହିଁ । ହେତୁ କି, ପୂର୍ବରେ ନିର୍ବୋଧ ଥିବାର ସ୍ୱୀକାର କରିବାର ଯେ, ସେ ବର୍ତ୍ତମାନ ଉନ୍ନତିର ବଡ଼ ପରିଚାୟକ ଅଟେ । ପୂର୍ବର ସାମାନ୍ୟ ଭ୍ରମ ଓ ଅଜ୍ଞତାକୁ ଲୋକେ ବାହୁଲ୍ୟରୂପରେ ବର୍ଣ୍ଣନା କରନ୍ତି । "ମୋତେ ଅକ୍ଷର ଲେଖି ଆସୁ ନ ଥିଲା" ଏ ଉକ୍ତିର ପ୍ରକୃତ ଅର୍ଥ ଏଣିକି ମୁଁ ଅନେକ ଉଦ୍ୟମ କରିଲିଣି । "ଗଣ୍ଡାକ କେତେ କଡ଼ା, ଏହା ମୁଁ କହିପାରୁ ନ ଥିଲି" ଏହାର ଅର୍ଥ, ଏବେ ମୁଁ ଅଙ୍କ ପାଠ ଭଲ ଜାଣେ । ଏଇଟି ସମସ୍ତଙ୍କର ପ୍ରକୃତି । ପୂର୍ବ ଭାବ ପୂର୍ବ ବୃତ୍ତାନ୍ତ ସ୍ମରଣ କରି ସମସ୍ତେ ଲଜ୍ଜିତ ହୁଅନ୍ତି । ପାଠକେ, ତୁମ୍ଭେ ସ୍କୁଲରେ ପଢ଼ିଥିଲଟିକି । ମେଡାଲ ପରୀକ୍ଷା ସମୟରେ ଯେଉଁ ପ୍ରବନ୍ଧ ଲେଖିଥିଲ, ଲୋଡ଼ ଦେଖ, ବାକ୍ସରେ ଥିବ । ଏବେ ପଢ଼ି କଣ ପାଇଲ ? ଲାଜ ମାଡ଼ୁଛି ତ ? ମାଡ଼ିବ ତ ? ତୁଚ୍ଛା ଲାଜ ନୁହେଁ, ତୁମ୍ଭର ହର୍ଷ ବିଷାଦ ଉପୁଜିବ । ପୂର୍ବରେ ଏତେ ନିର୍ବୋଧ ପରି ଲେଖିଥିଲି, ଏଥି ନିମନ୍ତେ ଟିକିଏ ଆତ୍ମଗ୍ଲାନି ହେଉଥିବ । ଏଣିକି ହେତୁ ହୋଇଛି, ଏହା ଭାଳି ଟିକିଏ ଆତ୍ମଶ୍ଳାଘା ମଧ୍ୟ ହେଉଥିବ । ମନ୍ତ୍ରୀରେ ସବୁଠାରୁ ନିର୍ବୋଧ କିଏ, ଏହିଟି କଠିନ ପ୍ରଶ୍ନ ଅଟେ । ଏହାର ଉତ୍ତର ଦେବା କଠିନ । ମାତ୍ର ତୁମ୍ଭ ଜାଣିବାରେ ମନ୍ତ୍ରୀରେ ସବୁଠାରୁ କିଏ ନିର୍ବୋଧ ? ଏ ପ୍ରଶ୍ନର ଉତ୍ତର ତୁମ୍ଭେ ଅନାୟାସରେ ଦେଇ ପାରିବ । ତୁମ୍ଭର ପୂର୍ବ ରଚନା ପଢ଼ି ଲକ୍ଷଣ ପୂର୍ବଭାବ, ପୂର୍ବକାଳର ରସିକତା ସ୍ମରି ଲକ୍ଷଣ ସେ ଉତ୍ତର ତୁମ୍ଭର ମନରେ ପଡ଼ିବ । ବିଶେଷତଃ ସେହି ରଚନାରେ ଯେବେ ପଦ୍ୟ ମିଶ୍ରିତ ହୋଇଥିବ ସେଥିରେ ଯେବେ ସ୍ଥାନେ ସ୍ଥାନେ ଗର୍ଭଗର୍ଭ ମନ୍ତବ୍ୟ ଥିବ, ତାହାହେଲେ ତ ଉତ୍ତରର ଯଥାର୍ଥ୍ୟ ବିଷୟରେ ଆଉ ସନ୍ଦେହ ନାହିଁ । ନବଯୌବନ ପ୍ରାରମ୍ଭରେ ଗୁରୁଜନଙ୍କୁ ଯେଉଁ ପତ୍ରମାନ ଲେଖିଥିଲ, ଆପଣାର ରସିକତା ଓ ବର୍ଣ୍ଣନାଶକ୍ତିର ପରିଚୟ ଦେବା ନିମନ୍ତେ

ବନ୍ଧୁମାନଙ୍କୁ ଯେଉଁ ପତ୍ର ଲେଖିଥିଲ, ସେହି ପତ୍ରର ଯେବେ ପ୍ରତିଲିପି ଥିବ, ତେବେ ସେହିଗୁଡ଼ିକୁ ପଢ଼ । ପଢ଼ିଲାକ୍ଷଣି କଣ ଭାବୁଅଛ ? ଆତ୍ମଧିକ୍କାର କରୁଅଛ, ଗୁରୁଜନଙ୍କର ସ୍ନେହପ୍ରସୂତ ସହିଷ୍ଣୁତା ସ୍ମରଣ କରି ଥରକୁ ଥର ଲଜ୍ଜିତ ହେଉଅଛ । ଅକାଲରସିକତା, ସୁରୁଚିଶୂନ୍ୟତାର ପରିଚୟ ପ୍ରତି ବର୍ଣ୍ଣନାରୁ ମିଳୁଅଛି । ତଥାପି ତୁମ୍ଭର ସେ ଦିନ ଗଲାଣି, ଏବେ, ଆଉ ସେପରି ଲେଖିବାକୁ ସାହସ କରିବ ନାହିଁ । ଏହା ଭାଳି ମନ ଟିକିଏ ପ୍ରଫୁଲ୍ଲ ହେଉଥିବ ।

ମାନସିକ ଅପରିପକ୍ୱତା କ'ଣ ? ସେଥିର ଲକ୍ଷଣ ନିର୍ଦ୍ଦେଶ କରିବାର ସହଜ ନୁହେ । ଏହିପରି ଅନେକ ବିଷୟ ଅଛି ଯେ, ବର୍ଣ୍ଣନାଦ୍ୱାରା ତାହାକୁ ହୃଦୟଙ୍ଗମ କରାଇବା ଅସାଧ୍ୟ ଅଟେ । ତୁମ୍ଭେ ପୀଡ଼ିତ ଅଛ, ପୀଡ଼ା ଯୋଗୁଁ ତୁମ୍ଭର ଦାରୁଣ କଷ୍ଟ ହେଉଅଛି, ତୁମ୍ଭେ କଷ୍ଟ ଅନୁଭବ କରୁଅଛ, ମାତ୍ର ଲୋକେ ପଚାରିଲେ ତୁମ୍ଭେ ତାହା ବର୍ଣ୍ଣନାଦ୍ୱାରା ହୃଦୟଙ୍ଗମ କରାଇ ପାରୁନାହଁ । ମାନସିକ ଅପରିପକ୍ୱତା ସେହିପରି ଅନୁଭବରୁ ବୁଝି ପାରିବ, ମାତ୍ର କହି ଆସିବ ନାହିଁ । ଶିକ୍ଷକମାନେ ଛାତ୍ରଙ୍କର ବିଶେଷତଃ ବୁଦ୍ଧିମାନ୍ ଛାତ୍ରଙ୍କର ରଚନା ପଢ଼ିବାବେଳେ ଶଂସିତ ଅପରିପକ୍ୱତା ସ୍ପଷ୍ଟ ଅନୁଭବ କରନ୍ତି । ପ୍ରବୀଣ ଲୋକେ ସଭାରେ ବସି ଅଳ୍ପବୟସ୍କ ଯୁବାଙ୍କର ବକ୍ତୃତା ଶୁଣିବାବେଳେ ଶଂସିତଅପରିପକ୍ୱତା ଅନୁଭବ କରନ୍ତି । ବିଶେଷତଃ ଯେଉଁ ଯୁବକମାନେ ଅତ୍ୟନ୍ତ ତେଜ ଓ ଆଡ଼ମ୍ବର ସହିତ ବକ୍ତୃତା କରନ୍ତି, ସେମାମାନଙ୍କ ବକ୍ତୃତାରେ ଉକ୍ତ ପରିପକ୍ୱତା ସ୍ପଷ୍ଟ ଅନୁଭୂତ ହୁଏ । ଯେମାନେ ଭଦ୍ରମତ ଅଟନ୍ତି, ସେମାନଙ୍କ ରଚନା କିମ୍ବା ବକ୍ତୃତାରେ ଅପରିପକ୍ୱତା ଦେଖିବ ନାହିଁ । ସେମାନଙ୍କର ସବୁଦିନ ସମାନ ରୂପରେ ଚଳେ । ଅଳ୍ପ ବୟସରେ ଯେମନ୍ତ ଲେଖିବେ, ବୟସ ବଢ଼ିଲାରୁ ସୁଦ୍ଧା ସେହିପରି ଲେଖିବେ । ସେମାନଙ୍କ ରଚନା କିମ୍ବା କଥାରେ ଅତ୍ୟଳ୍ପ ଅବାଞ୍ଛ ସଙ୍ଗତ ଦେଖିବ ନାହିଁ । ଜଡ଼ମତିମାନେ ଜଡ଼ଭାବରେ ଚାଲନ୍ତି, ବାଟ ଛାଡ଼ି ଏଣେ ତେଣେ ଯାନ୍ତି ନାହିଁ ।

ରଚନାଗତ ଅପରିପକ୍ୱତା ବର୍ଣ୍ଣନାଦ୍ୱାରା ବୁଝାଇବାର ସହଜ ନୁହେଁ । ତଥାପି ସେ ବିଷୟର ବାହ୍ୟ ଚିହ୍ନ କତିପୟ ରୂପରେ ଦେଖାଇ ସେ ବିଷୟ ସମ୍ବନ୍ଧରେ ଦୁଇ ଚାରି କଥା କହିବୁ । ସେ ବାହ୍ୟ ଚିହ୍ନ ଯେ ସବୁ ସ୍ଥଳରେ ଅଭ୍ରାନ୍ତ, ଆମ୍ଭେ ଏପରି ବ୍ୟାପ୍ତି କରୁନାହୁଁ । ସ୍ଥଳବିଶେଷରେ ସେହି ଚିହ୍ନଦ୍ୱାରା ସମ୍ପୂର୍ଣ୍ଣ ବିପରୀତ ସିଦ୍ଧାନ୍ତ ମଧ୍ୟ ହୋଇପାରେ । ରଚନାଗତ ବିଶେଷତଃ ଭାଷାଗତ ଅପରିପକ୍ୱତା ଏହିପରି । ପାଠକ ! ପ୍ରୟୋଜନ ନ ଥିଲେହେଁ ଅକାରଣ ତୁମ୍ଭେ ଅନେକ ଥର ସମ୍ବୋଧିତ ହୋଇ କେବେ କେବେ ହସିଅଛ କି ? "ପାଠକେ ! ଅମୁକେଇ କଥା ଏପରି ହେଲା, ପାଠକ ! ଅମୁକେଇ କଥା ସେପରି ହେଲା," ଏହିପରି ବାକ୍ୟମାନ ପଢ଼ି ତେହୁଁ ଲେଖକଙ୍କର ଫାଜିଲପଣ ଅନୁଭବ କରୁଥିବ । ସାଧାରଣ କଥାବାର୍ତ୍ତାରେ ବିଶୁଦ୍ଧ, ବିମଳ ପ୍ରଭୃତି ଶବ୍ଦମାନ ବ୍ୟବହାରରୁ ଅପରିପକ୍ୱତା ଅଳ୍ପ ଅଳ୍ପ ପ୍ରମାଣ ମିଳଇ । 'ବଡ଼ ସରସ କଥା କହିଲେ', 'ଏ ବଡ଼ ଗମ୍ଭୀର କଥା', 'କି ମଧୁର ଭାବ' ସାମାନ୍ୟ ବିଷୟରେ ଏହିପରି ମନ୍ତବ୍ୟ ବ୍ୟକ୍ତ କରିବାର ଇଚ୍ଛା ଅପରିପକ୍ୱତାର ପରିଚାୟକ ଅଟେ । 'ଉନ୍ନତ' ବିଶେଷତଃ 'ଦେଶୋନ୍ନତି' ଶବ୍ଦର ନିରର୍ଥକ ପ୍ରଚୁର ବ୍ୟବହାର ଅପରିଣତସୂଚକ ବୋଧ ହୁଏ । 'ମୋହର' ପରିବର୍ତ୍ତେ 'ମଦୀୟ' ବ୍ୟବହାର ପ୍ରାୟ ସେହିପରି । ଅଳ୍ପ କଥାରେ

‘ସାଗର’ ବ୍ୟବହାର ଉପଯୁକ୍ତ। “ହୃଦୟ ଅଗାଧ ଶୋକସାଗରରେ ନିମଗ୍ନ ହେଲା,” “ବସୁପ୍ରାର୍ଶ୍ୱବରେ ପରିପ୍ଳୁତ ହେଲା।”

ଯେ ବୟସରେ ସହସ୍ର କୋମଳମନାଃ ବ୍ୟକ୍ତିଙ୍କ ଆଖିରୁ ଗୋଟିଏ ଅଶ୍ରୁ ବାହାରିବ ନାହିଁ, ଏମନ୍ତ ବୟସରେ ଉଲ୍ଲେଖ କରି “ଅମୁକେର କଥା ସ୍ମରଣ କଲେ ନୟନ ଅଶ୍ରୁଜଳରେ ପ୍ଳାବିତ ହୁଏ” ଏହିପରି ସ୍ଫୀତ ଅତ୍ୟୁକ୍ତି କରିବା ଅପରିପକ୍ୱତାର ଚିହ୍ନ ଅଟେ। ଅବଶ୍ୟ ଏହି ଦୁଃଖପୂର୍ଣ୍ଣ ସଂସାରରେ ସୁଖ ଓ ହସ୍ୟର ଅନେକ ହେତୁ ଅଛି। ମାତ୍ର ଏହା ବୋଲି ଉଲ୍ଲିଖିତ ପ୍ରକାର ଲେଖକମାନେ ଯେ ପଦେ ପଦେ ଅଶ୍ରୁ ବିସର୍ଜନ କରୁଥିବାର ଲେଖନ୍ତି ତାହା ସେମାନଙ୍କର ଅପରିପକ୍ୱତାର ଯେତେ ପରିଚୟ ଦିଏ, କୋମଳମନସ୍କତାର ସେତେ ପରିଚୟ ଦିଏ ନାହିଁ। ଅବଶ୍ୟ ଏହିସବୁ ଚିହ୍ନ ବାହ୍ୟ ଚିହ୍ନ, ମାତ୍ର ଆଭ୍ୟନ୍ତରିକ ଚିହ୍ନ ଦେଖାଇବାର ସହଜ ନୁହେଁ। ଅତ୍ୟୁକ୍ତି କରିବାର, ସାଧାରଣବିଶ୍ୱାସର ସମ୍ପୂର୍ଣ୍ଣବିପରୀତ କଥାମାନ କହି ଲୋକଙ୍କୁ ଚକିତ କରିବାର, ଅଦ୍ଭୁତ ଭାବ ଓ ଅଦ୍ଭୁତ ଦୃଷ୍ଟି ଏସବୁ ଅନ୍ତର ଅପରିପକ୍ୱତା-ସୂଚକ ଅଟେ। କହି ଆସୁ ନାହିଁ, ମାତ୍ର ତୁମ୍ଭେ ମୋହର ଅଭିପ୍ରାୟ ବୁଝି ପାରୁଥିବ। ଅଳ୍ପବୟସ୍କଯୁବକମାନଙ୍କୁ ସାଂସାରିକ କଷ୍ଟ ଓ ସାଂସାରିକ ଚିନ୍ତାର ବିଷୟ କହି ବିରକ୍ତ ହେବାର ଅନେକଥର ଶୁଣିଥିବ। ତୁମ୍ଭେ ବେଶ୍ ଜାଣ ଯେ, ସେହି ଯୁବକମାନେ ସଂସାରକ୍ଷେତ୍ରରେ ପ୍ରବିଷ୍ଟ ହୋଇ ନାହାନ୍ତି, ସଂସାରର ପ୍ରକୃତ ସୁଖ ଦୁଃଖ ଅନୁଭବ କରିନାହାନ୍ତି। ସେମାନେ ଯେଉଁ ବିରକ୍ତିପ୍ରକାଶ କରୁଅଛନ୍ତି, ସେହି ବିରକ୍ତି ମାଗି ଆଣିବା ବିରକ୍ତି, ନିଜର ନୁହେ। ବିରକ୍ତି ମାଗି ପ୍ରକାଶ କରିବାର ସାଧାରଣ ପ୍ରଥା ଅନୁମୋଦିତ ଜାଣି, ବହୁଦର୍ଶିତାପରିଚାୟକ ଜାଣି, ସେମାନେ ବିରକ୍ତି ପ୍ରକାଶ କରନ୍ତି। ଯେ ନାବିକ ସମୁଦ୍ର ନାଆ ଚଳାଇଅଛି, ତାହା କଥା ଭିନ୍ନ। ତୁମ୍ଭେ ପୁତ୍ରଶୋକ ଉପସ୍ଥିତ ହୋଇଅଛି। ଜଣେ ଯୁବକ ପୁତ୍ରର ମୁଖ ଦେଖି ନାହାନ୍ତି, ପୁତ୍ରର ମୁଖ ଜାଣି ନାହାନ୍ତି, ସେ ପୁତ୍ରଶୋକର କଷ୍ଟ କାହୁଁ ଜାଣିବେ? ଅଥଚ ସେ ଆସି ତୁମ୍ଭ ଦୁଃଖରେ ଦୁଃଖିତ ହୋଇ ସହାନୁଭୂତି ପ୍ରକାଶ କରୁଅଛନ୍ତି। ତାଙ୍କର ମୁଖଭଙ୍ଗୀରୁ ଲୋକେ ଅବା ଭାବିବେ ଯେ, ସେ ଅନେକଥର ପୁତ୍ରଶୋକ ସହ୍ୟ କରିଅଛନ୍ତି। ବାସ୍ତବରେ ସେହି ସହାନୁଭୂତିର ଅଧିକାଂଶ ଅଧ୍ୟୟନରୁ ଜାତ, ଅନୁଭବ ନୁହେ। ଅନୁଭବର ସହାନୁଭୂତି, ଅନୁଭବର ସାନ୍ତ୍ୱନା ଆନନ୍ଦକାର। ଯେ ଉପଦେଶ ପ୍ରକୃତ ଅନୁଭବରୁ ଜାତ, ସେହି ଉପଦେଶକୁ ପ୍ରକୃତ ସାରବାନ୍ ଉପଦେଶ ବୋଲି ଜାଣିବ। ଅଳ୍ପବୟସ୍କର ରଚନାଠାରୁ ଅଧିକବୟସ୍କ ଲୋକର ରଚନା ଯେ ନିଶ୍ଚୟ ମନୋଜ୍ଞ ହେବ, ଏହା ଆମ୍ଭେ କହୁନାହୁଁ। ନୈଷଧ ଜଣେ ଅଳ୍ପବୟସ୍କ ଯୁବାପୁରୁଷ ଲେଖିଥିଲେ। ଗୁଣକ୍ୟ ଜଣେ ବର୍ଷୀୟାନ୍‌ର ରଚନା। ନୈଷଧର ରଚନାଠାରୁ ଗୁଣକ୍ୟର ରଚନା ଅଧିକ ମନୋହର ଏହା କିଏ କହିବ? ଅନେକ ଅଳ୍ପବୟସ୍କ ଲେଖକଙ୍କ ରଚନା ଯେମନ୍ତ ମନ ଆକର୍ଷଣ କରେ, ଅଧିକବୟସ୍କର ରଚନା ତାହା କରି ପାରେ ନାହିଁ। ଜଣେ ନବଯୁବକ-ରଚିତ ପ୍ରବନ୍ଧ ତୁମ୍ଭେ ଆଦ୍ୟୋପାନ୍ତ ମନୋଯୋଗ ସହିତ ପଢ଼ିବ, ଶେଷ ନ କରିବା ପର୍ଯ୍ୟନ୍ତ ତୃପ୍ତି ପାଇବ ନାହିଁ। ପ୍ରୌଢ଼ରଚିତ ପ୍ରବନ୍ଧର ଆଠ ଦଶ ପଂକ୍ତି ପଢ଼ିଲା ଉତ୍ତାରୁ ତୁମ୍ଭଙ୍କୁ ନୀରସ ବୋଧ ହେବ, ଆଉ ପଢ଼ିବାକୁ ପ୍ରବୃତ୍ତି ହେବ ନାହିଁ। ଅପରିପକ୍ୱ ରଚନା ପଢ଼ିବାକୁ ଅପ୍ରବୃତ୍ତି ହେବ ନାହିଁ, ମାତ୍ର ପଦେ ପଦେ

ତୁମ୍ଭଙ୍କୁ ବିରକ୍ତ ଅଥବା ଦୁଃଖିତ ହେବାକୁ ହେବ । କେଉଁଠି ନିତାନ୍ତ ଧୃଷ୍ଟତା, କେଉଁଠି ଅସଙ୍ଗତ ଅତ୍ୟୁକ୍ତି, କେଉଁଠାରେ ସାଧାରଣ ସଂସ୍କାର ଉପରେ ଘୋରତର ଚଡ଼ାଉ, କେଉଁଠାରେ ଅବା ଆତ୍ମଗରିମାର ପରାକାଷ୍ଠା କେଉଁଠାରେ ଅବା ଆତ୍ମଲଘିମାର ପରାକାଷ୍ଠା ଏହିପରି ପ୍ରଥମରୁ ଶେଷ ପର୍ଯ୍ୟନ୍ତ । ମାତ୍ର ସେ ଯାହାହେଉ ଲେଖକର ଉତ୍ସାହ ଓ ଆନ୍ତରିକତା ଯୋଗୁଁ ଉକ୍ତ ଦୋଷ ଥିଲେ ସୁଦ୍ଧା ରଚନା ଅରୁଚିକର ହୁଏ ନାହିଁ । ଏଥିପାଇଁ ଅପରିପକ୍ୱ ରଚନାରେ ପାଠକ ଅଧିକ । ଅନେକ ପ୍ରୌଢ଼ ସୁଲେଖକଙ୍କ ରଚନାର ଯେତେ ଆଦର ନ ହୁଏ, ଅପରିପକ୍ୱ ଲେଖକର ରଚନା ତାହାଠାରୁ ଦଶଗୁଣ ଆଦର ଲଭେ । ଅନେକ ସୁଲେଖକ ଆପଣା ପୂର୍ବ ରଚନାର ବହୁ ପ୍ରଚୁର ସଙ୍ଗେ ବର୍ତ୍ତମାନ ରଚନାର ଅଳ୍ପ ପ୍ରଚୁର ତୁଳନା କରି ଦୁଃଖିତ ହୁଅନ୍ତି । ଫଳ କଥା ଏତିକି, ଅପରିପକ୍ୱ ରଚନାର ପାଠକସଂଖ୍ୟା ଅଧିକ । ଅପରିପକ୍ୱ ରଚନାର ଆସ୍ୱାଦ ପାଠକ ସ୍ୱୟଂ ପରିପକ୍ୱ ନ ହେଲେ ଗ୍ରହଣ କରି ପାରନ୍ତି ନାହିଁ । ପରିପକ୍ୱତା ଲଭିବା ଅଧିକାଂଶ ଲୋକର ଭାଗ୍ୟରେ ଘଟେ ନାହିଁ । ଯେମାନେ ପଣ୍ଡିତ ଓ କାର୍ଯ୍ୟକ୍ଷମ ବୋଲି ସମାଜରେ ପ୍ରତିଷ୍ଠା ଲଭିଅଛନ୍ତି, ସେମାନେ ସୁଦ୍ଧା ଅଳ୍ପ-ବୟସ୍କ ବେଳେ ଅପରିପକ୍ୱ ଥିଲେ । ଇତର ଲୋକଙ୍କର ତ କଥା ନାହିଁ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଚିରଜୀବନ ଅପରିପକ୍ୱ ଥାନ୍ତି, ଅନ୍ତତଃ ସେମାନଙ୍କର ରୁଚି ଅପରିପକ୍ୱ ଥାଏ । ଏଥିଯୋଗୁଁ ଅପରିପକ୍ୱ ରଚନାର ପ୍ରଚୁର ଅଧିକ । ଅଧିକାଂଶ ଲୋକଙ୍କୁ ଗୋଟିଏ ଯତ୍ସାମାନ୍ୟ ଚୌପଦୀ ଯେମନ୍ତେ ଭଲ ଲାଗିବ କାଳିଦାସଙ୍କ ରଚନା ସେମନ୍ତ ଭଲ ଲାଗିବ ନାହିଁ । ସେମନ୍ତ ଭଲ ଲାଗିବାର ତେଣିକି ଥାଉ, ମୂଳୁଁ ଭଲ ଲାଗିବ ନାହିଁ । ପଲ୍ଲୀବାସୀ କୃଷକ ଆଖିକୁ ପରସିସ୍ ଛିଟର ମିରଜେଇ ଯେମନ୍ତ ସୁନ୍ଦର ଦିଶିବ, ସାଟିନର ମିରଜେଇ ସେମନ୍ତ ଦିଶିବ ନାହିଁ ।

କେତେ ବୟଃକ୍ରମ ହେଲେ ପ୍ରକୃତ ପରିପକ୍ୱତା ଜନ୍ମେ ? ଏ ଗୋଟିଏ କଠିନ ପ୍ରଶ୍ନ । ଏହାର ମୀମାଂସା କରିବା ସହଜ ନୁହେଁ, ପ୍ରାୟ ଅସାଧ୍ୟ । କଳିଯୁଗରେ ମନୁଷ୍ୟର ଉର୍ଦ୍ଧ୍ୱ ଆୟୁ ପ୍ରାୟ ୧୨୦ ବର୍ଷ । ଲୋକଙ୍କୁ ଏ ପ୍ରଶ୍ନ ପଚାରିଲେ ୧୨୦ ପ୍ରକାର ଉତ୍ତର ମିଳିବ । କୋଡ଼ିଏ ବର୍ଷୀୟ ଯୁବା କହିବେ, କୋଡ଼ିଏ ବର୍ଷରେ ପରିପକ୍ୱତା ଜନ୍ମେ; ଚାଳିଶ ବର୍ଷୀୟ ପ୍ରୌଢ଼ କହିବେ, ଚାଳିଶ ବର୍ଷରେ ପରିପକ୍ୱତା ଜନ୍ମେ; ୮୦ ବର୍ଷୀୟ ବୃଦ୍ଧ ମଧ୍ୟ ଆପଣା ବୟସର ସେହିପରି ଗୌରବ କରିବେ । କେଉଁ କାଳର ରଚନାକୁ ପ୍ରକୃତ ପରିପକ୍ୱ ରଚନା ବୋଲିବା ? ଯେ ଗ୍ରନ୍ଥକୁ ମୁଁ ଭଲ କହୁଛି, ମାଧବ ବିବେଚନାରେ ସେ ନିତାନ୍ତ ମନ୍ଦ । ଯେଉଁ ଭାବକୁ ମୁଁ ଅନୁପମ ଉଦାରତା ବୋଲି ପ୍ରଶଂସା କଲି, ଆଉ ଜଣେ ପ୍ରକୃତ ଯୋଗ୍ୟତାସମ୍ପନ୍ନ ବ୍ୟକ୍ତି ସେହି ଭାବକୁ ଯତ୍-ସାମାନ୍ୟ ମଣିଲେ । ଯେଉଁ ରଚନା ମୋତେ ନିତାନ୍ତ ଅସାର ଓ ଆଡ଼ମ୍ବରପୂର୍ଣ୍ଣ ବୋଧହେଲା ମୋହ ସମକକ୍ଷ ଆଉ ଜଣେ ସେହି ରଚନାକୁ ଅମୃତମୟ ବୋଇଲେ । ତୁମ୍ଭେ ଗୋଟିଏ ଦାମୁଡ଼ିଆ କିଣିଲ, ତାହାର ଦାନ୍ତ ଦେଖି ସମସ୍ତେ କହିଲେ, ଏ ଦାମୁଡ଼ିଆଟି ଭଲ । ମୁଁ ଭଲ କହୁଛି, ତୁମ୍ଭେ ଭଲ କହୁଛ । ରୁଚି ବିଷୟରେ ସେହିପରି କିଛି ଥା'ନ୍ତା କି ? ବ୍ରୀହି, ମୁଗ ଓଜନ ନିମନ୍ତେ ଯେମନ୍ତ ଦୋକାନରେ ତରାଜୁ ଅଛି, ମନୁଷ୍ୟର ମାନସିକ ଉତ୍କର୍ଷ ଓଜନ କରିବା ନିମନ୍ତେ ଥାନା ଆଗରେ ଅଥବ କୌଣସି ପ୍ରସିଦ୍ଧ ଛକ ଜାଗାରେ ସେହିପରି ଗୋଟିଏ ତରାଜୁ ଥାନ୍ତା କି ? ଦୀନକୃଷ୍ଣ ଦାସେ ରସକଲ୍ଲୋଳ [illegible] ଅନେକ ରସ-

ଜାହାଉଥିଲ । ଆଜିକାଲି ପୋଥିମାନଙ୍କରୁ ଯେତେବେ ସେହିପରି ରସ ବାହାରୁଥାଆନ୍ତା ତେବେ ଏତେ ମତାନ୍ତର ହୁଅନ୍ତା ନାହିଁ । ଅନେକ ବିଦ୍ୟାଶୂନ୍ୟ ପଣ୍ଡିତମ୍ମନ୍ୟ ମହାତ୍ମାଙ୍କର ଦର୍ପ ଚୂର୍ଣ୍ଣ ହୁଅନ୍ତା । ଯେ ବ୍ୟକ୍ତି ବାସ୍ତବିକ ଯେଉଁ ପରିମାଣରେ ଯୋଗ୍ୟ, ସେହି ପରିମାଣରେ ତାଙ୍କର ପ୍ରତିଷ୍ଠା ହୁଅନ୍ତା । ସ୍ୱକୃତ ଯୋଗ୍ୟତା ବିସ୍ତାର କରିବାକୁ ସକ୍ଷମ ଲୋକେ ପୃଥିବୀରେ ଅତି କମ୍ । ଏଣୁକରି ଉଲ୍ଲିଖିତ ପ୍ରକାର ତରାଜୁରେ ଯେ କେତେ ଉପକାର ହୁଅନ୍ତା, କେତେ ପ୍ରବଞ୍ଚନା ନିବାରିତ ହୁଅନ୍ତା, ତାହା କହି ହେବ ନାହିଁ ।

କାହାର ରଚନାକୁ ପରିପକ୍ୱ ରଚନା କହିବ ? ତୁମ୍ଭର ବର୍ତ୍ତମାନ ରୁଚିକି ଯାହା ଭଲ ଲାଗୁଅଛି ସେହି କ'ଣ ପରିପକ୍ୱ ରଚନା ? ଏହା ଅବା କାହାର ଜନ୍ମିବ ? ତୁମ୍ଭର ବର୍ତ୍ତମାନ ରୁଚି କ'ଣ ସବୁଦିନ ଏହିପରି ଥିବ ? ଦଶ ବର୍ଷ ଆଗେ ତୁମ୍ଭ ରୁଚି ଯେପରି ଥିଲା, ବର୍ତ୍ତମାନ ତ ସେହିପରି ନାହିଁ । ଏଣିକି ଦଶବର୍ଷ ଭିତରେ ଯେ ରୁଚି ବଦଳିବ ନାହିଁ, ଏହାର ଅବା ପ୍ରମାଣ କ'ଣ ? ଦଶବର୍ଷ ପୂର୍ବରେ ତୁମ୍ଭେ ଯାହା ଲେଖିଥିଲ, ବର୍ତ୍ତମାନ ଅପରିପକ୍ୱ ବୋଧ ହେଉଅଛି ; ସେମାନଙ୍କର ରଚନା ସେହିଭଳି ଯେଉଁ ପୁସ୍ତକ ତୁମ୍ଭେ ପିଲାଦିନରେ ପଢ଼ି ମୋହିତ ହେଉଥିଲ, ସେହି ପୁସ୍ତକ ସମ୍ପ୍ରତି ଦେଖି ଆପଣା ପୂର୍ବ ରୁଚି ସ୍ମରଣ କରି ଆଶ୍ଚର୍ଯ୍ୟାନ୍ୱିତ ହେଉଅଛ । ବାସ୍ତବରେ ରୁଚି ବର୍ଷକୁ ବର୍ଷ ବଦଳୁ ଅଛି । ରୁଚିପରିବର୍ତ୍ତନ ସଙ୍ଗେ ଲେଖକଙ୍କର ମତ ଦିନକୁଦିନ କ୍ଷଣକୁକ୍ଷଣ ପରିବର୍ତ୍ତିତ ହେଉଅଛି । କାଲି ତୁମ୍ଭେ କୌଣସି ବିଶେଷ ଅବସ୍ଥାରେ ପତିତ ହୋଇ ଗୋଟିଏ କାର୍ଯ୍ୟ କଲ । କାର୍ଯ୍ୟ କରିବା ବେଳେ ଅବସ୍ଥାବଶରୁ ତୁମ୍ଭେ ଜାଣିଥିଲ ଯେ ତୁମ୍ଭେ ଯାହା କରୁଥିଲ ଭଲ କରୁଥିଲ । ମାତ୍ର ଆଜି ପୁଣି ସ୍ୱାଭାବିକ ଅବସ୍ଥାକୁ ଆସି ପ୍ରକୃତିସ୍ଥ ହୋଇ ସେହି କାର୍ଯ୍ୟକୁ ନିତାନ୍ତ ଗର୍ହିତ ମଣୁଅଛ । ଆମ୍ଭର ଜଣେ ବନ୍ଧୁ ତାହାଙ୍କର ବିବାହ ସରିଲା ଉତ୍ତାରୁ ନବୀନ ପତ୍ନୀସମାଗମ-ସୁଖରେ ଉନ୍ମତ୍ତ ହୋଇ ସେହି ଉନ୍ମତ୍ତ ଅବସ୍ଥାରେ ଆପଣା ବନ୍ଧୁମାନଙ୍କୁ କେତେଖଣ୍ଡି ପତ୍ର ଲେଖିଥିଲେ । ସେହି ପତ୍ରରେ ଲେଖା ହୋଇଥିବା କଥାଗୁଡ଼ିକ ବର୍ତ୍ତମାନ ସ୍ମରଣ କରି ସେ ନିତାନ୍ତ ଲଜ୍ଜିତ ହୁଅନ୍ତି । ସେ ଯେତେବେଳେ ଲେଖିଥିଲେ, ସେତେବେଳେ ଆପଣାକୁ ପ୍ରକୃତିସ୍ଥ ଜାଣିଥିଲେ, ଲିଖିତ ବିଷୟଗୁଡ଼ିକ ସୁସଙ୍ଗତ ମଣିଥିଲେ ।

## ବୋଝ ବହିବା

ତୁମ୍ଭେ ଥରେ ଘୋଡ଼ାଗାଡ଼ି ଚଢ଼ି ବୁଲିବାକୁ ବାହାରିଲ । ତୁମ୍ଭର ଘୋଡ଼ା ଅତି ଉତ୍ତମ ଘୋଡ଼ା, କାମ ଭଲ କରେ, ମାତ୍ର ସେ ଦିନ ସେ ସେପରି ଚାଲୁ ନାହିଁ । ପଦ୍ୟାରେ ଚାବୁକ୍ ଦେଲେ ସେ ଯେମନ୍ତ ବେଗରେ ଦୌଡ଼େ, ଆଜି ଦଶ ଚାବୁକ ଦେଲଣି, ତଥାପି ସେ ଭଲ ଚାଲୁ ନାହିଁ । ତାହାର ଦୋଷ ନାହିଁ । ତୁମ୍ଭେ ଜାଣିଅଛ ଯେ, ସବୁଦିନ ସେ କାମ କରେ, ଆଜି ତ ସେହି କାମ କରୁଅଛି, ତେବେ କାହିଁକି ଭଲ ଚାଲୁ ନାହିଁ ? ମାତ୍ର ବାସ୍ତବ ତାହା ନୁହେ । ଅନ୍ୟଦିନଠାରୁ ଆଜି ତା ଉପରେ ଗୁରୁତର ବୋଝ ଦିଆହୋଇଅଛି । ଗାଡ଼ି ଅଖରେ ତୁମ୍ଭର ଚାକରମାନେ ତେଲ ଦେଇ ନାହାନ୍ତି । ଯେବେ ଦେଇଥିବେ ଦେବା ପରି ଦେଇ ନାହାନ୍ତି । ତେଣୁ ଘୋଡ଼ାର ବୋଝ ଦୁଇ ଗୁଣ ହୋଇଅଛି । ତୁମ୍ଭେ ଅନୁସନ୍ଧାନଦ୍ୱାରା ଏହା ଭଲରୂପେ ଜାଣିଲ । ଘରକୁ ଲେଉଟି ଯାଇ ଚାକରମାନଙ୍କୁ ତିରସ୍କାର କଲ ।

ତୁମ୍ଭର ଘୋଡ଼ାକୁ ଯେମନ୍ତ ଅସୁବିଧା ହୋଇଥିଲା, ମନୁଷ୍ୟରେ ଅନେକ ଲୋକ ସେହିପରି ଅସୁବିଧାର ଅଧୀନ ଅଟନ୍ତି । କାହାର ଶାରୀରିକ ଅସୁବିଧା, କାହାର ମାନସିକ ଅସୁବିଧା, କାହାର ଅବା ଅବସ୍ଥାଗତ ଅସୁବିଧା । ଏହି ଅସୁବିଧାମାନ ସେମାନଙ୍କର କାର୍ଯ୍ୟକ୍ଷେତ୍ରରେ ମହତ୍ ପ୍ରତିବନ୍ଧକ ହୁଅନ୍ତି । ଅସୁବିଧା ନ ଥିଲେ ସେମାନେ ଯେତେ କାର୍ଯ୍ୟ କରିଥାନ୍ତେ, ସେହି ଅସୁବିଧା ଥିବା ହେତୁରୁ ସେମାନେ ସେତେ କରି ପାରୁ ନାହାନ୍ତି । ଏହି ଅସୁବିଧା ଅନ୍ୟ ଲୋକେ ଦେଖନ୍ତି ନାହିଁ । ଯେ ଭୋଗେ ସେ ଦେଖେ । ଅନ୍ୟ ଲୋକେ ନ ବୁଝି ତାହାର କାର୍ଯ୍ୟକୁ ନିନ୍ଦା କରନ୍ତି । ତା ହାତ ଜଖମ ହୋଇ ଯାଇଅଛି, ଅଥଚ ସେ କାମ କରୁଅଛି । ତୁମ୍ଭେ ତ ଜଖମ ଦେଖିଲ ନାହିଁ । କାମ ଦେଖି ବିରକ୍ତ ହେଲ । ତା ଦୁଇ ଗୋଡ଼ ଦଉଡ଼ରେ ଛନ୍ଦା । ସେ ପାରୁପର୍ଯ୍ୟନ୍ତେ ଦଉଡ଼ୁଅଛି । ବନ୍ଧନ ପ୍ରତି ତୁମ୍ଭର ଦୃଷ୍ଟି ନାହିଁ । ତୁମ୍ଭେ କେବଳ ତାହାର ଦଉଡ଼ିବା ଦେଖି ହସିଲ । ବାସ୍ତବ ସେମାନେ ଯାହା କରନ୍ତି, ଅସୁବିଧାର ଅଧୀନ ହୋଇ କରନ୍ତି । ଗୋଟିଏ ଭଲ ଘୋଡ଼ା ଯେମନ୍ତ ଦଉଡ଼ି ନ ପାରିଲା, ଗଧ ତାଠାରୁ ଭଲ ଦୌଡ଼ିଲା । ତୁମ୍ଭେ ଗଧକୁ ପ୍ରଶଂସା କଲ, ଘୋଡ଼ାର ଦୁଃଖ ବୁଝିଲ ନାହିଁ । ଘୋଡ଼ାର ବୋଝ ଅଧିକତର, ସେ ଯେତେ ନେଇ ନ ପାରିବ, ତହିଁରୁ ଅଧିକ ।

ଲୋକେ ଏହିପରି ବଳର ଅତିରିକ୍ତ ବୋଝ ଯେମନ୍ତ ସଂସାରକ୍ଷେତ୍ରରେ ଦଉଡ଼ନ୍ତି । ପାରୁପର୍ଯ୍ୟନ୍ତେ କ୍ଳେଶ ସ୍ୱୀକାର କରନ୍ତି । ତୁନି ହୋଇ ଆପଣା କାର୍ଯ୍ୟ ଆପେ କରୁଥାନ୍ତି, ଆପଣା ଦୁଃଖ କାହାରିଠାରେ ପ୍ରକାଶ କରନ୍ତି ନାହିଁ । ଏପରି ମଧ୍ୟ କେତେ ଲୋକ ଅଛନ୍ତି ଯେ, ସେମାନଙ୍କୁ ଆଦୌ ସୁବିଧା ଘଟେ ନାହିଁ । ତାହା ତ କେହି ବୁଝିବେ ନାହିଁ । କାମ କରି ପାରିଲେ ନାହିଁ ବୋଲି ହସିବେ । ଗୋଟିଏ ଘୋଡ଼ାର ଗୋଡ଼ ଗଛରେ ବନ୍ଧା ହୋଇଅଛି । ଜଣେ ସେଠାରେ ଛିଡ଼ା ହୋଇ ସେ ଦୌଡ଼ୁନାହିଁ ବୋଲି ତାକୁ ଚାବୁକ ମାରୁଛି । ତୁମ୍ଭେ ଦେଖି ହସିଲ, ଦୁଃଖିତ ମଧ୍ୟ ହେଲ । ତୁମ୍ଭେ ତ ସେହିପରି କରିଥାଅ । ଲୋକଙ୍କର ଅସୁବିଧା ତ ବୁଝିବ ନାହିଁ କେବଳ କାର୍ଯ୍ୟ ଦେଖି ହସିବ, ଭଲ ଦୌଡ଼ା ଦେଖିକି ଥାଅ ସେ ଘୋଡ଼ା ଭୁଲି ତ ପାରିବ ନାହିଁ । ଅସୁବିଧାର ଅଧୀନ ହୋଇ କାର୍ଯ୍ୟ କରିବାର କଷ୍ଟକର । ସୁବିଧା ଆଦୌ ନ ଘଟିବା ଆହୁରି କଷ୍ଟକର । ବଳର ଅତିରିକ୍ତ ବୋଝ ନେବାର କଷ୍ଟକର । ଗଛରେ ଗୋଡ଼ ବନ୍ଧା ଥିବାର ଆହୁରି କଷ୍ଟକର । ଦୁସ୍ଥ ଦୁସ୍ଥ ଓ ଅକ୍ଷମ ଯେ ପ୍ରଭେଦ ଏ ତିନିଙ୍କର ସେହି ପ୍ରଭେଦ । କେହି କେହି ସଂସାରକ୍ଷେତ୍ରରେ କଷ୍ଟରେ ବିଚରଣ କରନ୍ତି କେହି ଅବା ବିଚରଣ କରିବାକୁ ଆଦୌ ସମର୍ଥ ନୁହନ୍ତି । ସ୍ଥୂଳରେ ଏହା କହିଲେ ହେଲା ଯେ, କେହି ବଳର ଅତିରିକ୍ତ ବୋଝ ବହନ୍ତି, କାହାରି ଅବା ବୋଝ ମୁଣ୍ଡାଇବାକୁ ମୂଳଁ କ୍ଷମତା ନାହିଁ ।

ତୁମ୍ଭେ ସଂସାରକ୍ଷେତ୍ରରେ ଅକ୍ଳେଶରେ ବିଚରଣ କରୁଅଛ, ଆପଣା କାର୍ଯ୍ୟ ଉତ୍ତମରୂପେ କରି ଯଶୋଭାଜନ ହେଉଅଛ । ଯେମାନେ ସବୁ ବିଷୟରେ ଅଗ୍ରଗଣ୍ୟ ଅଟନ୍ତି, ସେମାନଙ୍କ ଦଳରେ ଭୁକ୍ତ ହୋଇଅଛ । ଯେମାନେ ତୁମ୍ଭ ପଛରେ ପଡ଼ନ୍ତି, ସେମାନଙ୍କର ଗୋଡ଼ ଭାଙ୍ଗି ଯାଇଅଛି ; ଆଉ ଉଠିବାକୁ ସାମର୍ଥ୍ୟ ନାହିଁ । ସେମାନଙ୍କ ପ୍ରତି ଦୟା କରି ସେମାନଙ୍କର ଦୁଃଖ ବୁଝ । ଦେଖ; ତୁମ୍ଭ ପଛରେ ଜଣେ ଆସୁଛି, ତାହାର ବୋଝ ବଳର ଅତିରିକ୍ତ—ଅଧିକୋଣ ଉଛୁଳି ପଡ଼ୁଛି । ତାକୁ କିଞ୍ଚିତ୍ ଦୟା କର । ଆହୁରି

ସୁରଙ୍କୁ ଘୃଣ୍ଣି ଦେଖ, ସେଥିରୁ ରୋକଟି ମୂର୍ତ୍ତି ଆସି ପାରୁ ନାହିଁ । ସତେଶ ମହଣ ବୋଝର ଗୋଟିଏ ପଥରରେ ତା ଗୋଡ଼ ବନ୍ଧା ହୋଇଛି । ସେ ଯାହାପର୍ଯ୍ୟନ୍ତ ଝାଉଁଛି, ପଥର ହଲାଇବାକୁ ନାହିଁ । ଶେଷ ଥକିଲା, ଅସାଧ ଜାଣି ତୁନି ହୋଇ ବସିଲା । ତୁମ୍ଭେ ତ ବିବେକୀ ଅଛ । ସେମାନଙ୍କ ପରି ତୁମ୍ଭର ଦଶା ହୋଇଥିଲେ ହୁଏତ ତୁମ୍ଭର ଗୋଡ଼ ଭାଙ୍ଗି ଯାଇଥାନ୍ତା, ହୁଏତ ତୁମ୍ଭେ ମୂର୍ଚ୍ଛି ଆସି ପାର ନ ଥାନ୍ତ । ତୁମ୍ଭେ ତୁମ୍ଭର ଛିଦ୍ର ଜାଣ । ସେଥିରୁ ଛିଦ୍ରରେ ସୁରକ୍ଷିତ ଅଥବା ଲକ୍ଷ୍ୟସ୍ଥାନ ଗୋଟିଏ ଖଣ୍ଡ ଭେଟିଥିଲେ ତୁମ୍ଭେ ବହୁଦିନ ପୂର୍ବରୁ ଧରାଶାୟୀ ହୋଇଥାନ୍ତ । ତୁମ୍ଭେ ସଂସାର-କ୍ଷେତ୍ରରେ ଅନେକ ଉନ୍ନତି କଲଣି, ଅନେକ ଦୂର ଆସିଲଣି, ଲକ୍ଷ୍ୟର ନିକଟବର୍ତ୍ତୀ ହେଲଣି । ମାତ୍ର ତୁମ୍ଭେ ବେଶ୍ ଜାଣ ଯେ, ଯେଉଁ ବୋଝ ତୁମ୍ଭେ ମୁଣ୍ଡେଇଛ, ସେଥିରୁ ଦୁଇ ଅଣା ଅଧିକ ହୋଇଥିଲେ ତୁମ୍ଭେ କେବେହେଁ ଏତେ ଦୂରଯାଏ ଆସି ନ ଥାନ୍ତ, ହୁଏତ ମୂର୍ଚ୍ଛି ଉଠି ପାରନ୍ତ ନାହିଁ । ତୁମ୍ଭର ହୃଦୟ ଅତି ମୃଦୁ, ଶରୀର ଅତି କ୍ଷୀଣ । ଯେବେ ଦୁର୍ଭାଗ୍ୟକ୍ରମେ ତୁମ୍ଭେ ଟପିନକଦଳରେ ନାମ ଲେଖାଇ କୌଣସି ଯୁଦ୍ଧକୁ ଯାଇଥାନ୍ତ, ସେ ଯୁଦ୍ଧରୁ ଫେରି ନ ଥାନ୍ତ । ତୁମ୍ଭେ ଧାର୍ମିକ ବୋଲି ପ୍ରତିଷ୍ଠିତ ହୋଇଅଛ । ମାତ୍ର ଅବିବେକ ଲୋକ ଯେମାନଙ୍କୁ ପାପୀ ବୋଲି ଘୃଣା କରନ୍ତି, ସେମାନଙ୍କ ପରି ପ୍ରଲୋଭନରେ ପଡ଼ିଥିଲେ ତୁମ୍ଭର କି ଦଶା ହୋଇଥାନ୍ତା ! ତୁମ୍ଭର ମନ ତୁମ୍ଭଙ୍କୁ କହି ଦେଉଥିବ । ସୌଭାଗ୍ୟକ୍ରମେ ପ୍ରଲୋଭନରେ ତୁମ୍ଭେ ପଡ଼ି ନାହଁ । ତୁମ୍ଭ ଚରିତ୍ର ଅକଳଙ୍କିତ ଅଛି । ମାତ୍ର ଏହା ବୋଲି ପାପୀଙ୍କୁ ଘୃଣା କରିବ ନାହିଁଟି । ବହୁତରେ ହେଉ ଅଳ୍ପରେ ହେଉ ତୁମ୍ଭଙ୍କୁ ସ୍ୱୟଂ ସେହି ଘୃଣାର ଅଂଶୀ ହେବାକୁ ହେବ । ଏହା ନିଶ୍ଚୟ ଜାଣିଥିବ ।

ସଂସାର ପାପୀମାନଙ୍କୁ ଅନେକ ପ୍ରକାର ବୋଝ ମୁଣ୍ଡାଇବାକୁ ହୁଏ । ଏସବୁ ପ୍ରତିବନ୍ଧକମାନେ ସବୁବେଳେ ବହୁ ଭଙ୍ଗୀ । ସେହି ପ୍ରତିବନ୍ଧକମାନଙ୍କୁ ଦୁଇ ଶ୍ରେଣୀରେ ବିଭକ୍ତ କରାଯାଇପାରେ । ଆନ୍ତର ଓ ବାହ୍ୟ । ଆପଣା ମନ ଅଥବା ଶରୀର ଯୋଗୁଁ ଯେଉଁ ପ୍ରତିବନ୍ଧକ ଜାତ ହୁଏ, ସେ ଆନ୍ତର ଅଟେ ; ବାହ୍ୟ ଅବସ୍ଥା ଯୋଗୁଁ ଯେଉଁ ପ୍ରତିବନ୍ଧକ ଘଟେ, ସେ ବାହ୍ୟ ପ୍ରତିବନ୍ଧକ । ଏପରି ଲୋକ ତୁମ୍ଭେ ଦେଖିଥିବ ଯେ, ସେ ପ୍ରଥମେ ନିତାନ୍ତ ନୀଚ ଅବସ୍ଥାରେ ଥିଲେ । ଆପଣା ଯତ୍ନ ଓ ଅଧ୍ୟବସାୟଦ୍ୱାରା ଅନେକ ଉନ୍ନତି ସାଧନ କରିଅଛନ୍ତି, ଯାହା ଯେତେ ସାଧ୍ୟ ପାରିଥାନ୍ତେ, ତାହା ହୋଇ-ନାହିଁ । ତାଙ୍କର ନିର୍ବୋଧ ପତ୍ନୀ ତାଙ୍କର ଅନ୍ତରାୟ ହେଲେ । ତୁମ୍ଭେ ଦେଖିଥିବ ଯେ, କେତେ କେତେ ଲୋକ ବାସ୍ତବ ଅଚ୍ଛାର ସାଧୁପ୍ରକୃତିକ, ମାତ୍ର ସଂସର୍ଗଦୋଷରୁ ଆଉ ପ୍ରକାର ହୋଇଅଛନ୍ତି । ଅନେକ ଲୋକଙ୍କର ପ୍ରକୃତ ଦରିଦ୍ରତା ଯୋଗୁଁ ଜନ୍ମ ଉତ୍ସାହ ଯାଇଅଛି, ଶକ୍ତି ହ୍ରାସ ହୋଇ ଯାଇଅଛି । ପ୍ରତିକ୍ଷଣ ସେମାନଙ୍କୁ ସଂସାର ଚିନ୍ତା ଲାଗିଛି । ଏହି ଦୁଇଅଣାରେ କେମନ୍ତେ ଦିନ ଚଳି ପାରିବ ? ଏହା କରୁଁ କରୁଁ ସେମାନଙ୍କ ଦିନ ଗଲା । ଉଦରଜ୍ୱାଳା ସେମାନଙ୍କୁ ନିତ ଅସ୍ଥିର କଲା । ପ୍ରକୃତ କାହୁଁ ଭଲ ହେବ ? ମୁଦର ଗୁଡ଼ାକ କଉଡ଼ି କମିଛି ଦେଖି, ଭିଲାଭ ଖଣ୍ଡିଏ ଲୁଗା କମିଛି ହେବ, ଏହି ଭାବନା ଯେବେ ତୁମ୍ଭର ଚିନ୍ତନ ହେଲା, ତୁମ୍ଭର ରଚନାଶକ୍ତି ଚରିତାର୍ଥ କରିବାକୁ ଅବସର କାହିଁ ? ହଁ, ଏପରି ଜଣେ ଜଣେ ଲୋକ ଅଛନ୍ତି ଯେ ସେମାନେ ସହସ୍ର ଅସୁବିଧା ଅବା ପ୍ରତିବନ୍ଧକ ଥାଉଁ ଥାଉଁ ବଡ଼ ବଡ଼ କାର୍ଯ୍ୟ କରିପାରନ୍ତି । ମାତ୍ର ଏପରି ଲୋକ ଲକ୍ଷରେ

ଜଣେ । ପନ୍ଦରପଣି ଲୋକ ପବନ କୁଆର ନ ହେଲେ କିଛି କରି ପାରନ୍ତି ନାହିଁ । କେହି କେହି ପ୍ରତିବନ୍ଧକ ଥାଇଁ ବଡ଼ ବଡ଼ କାର୍ଯ୍ୟ ସାଧି ଅଛନ୍ତି ସତ୍ୟ, ମାତ୍ର ସେହି ପ୍ରତିବନ୍ଧକ ନ ଥିଲେ ସେମାନେ ଆହୁରି ବଡ଼ କାର୍ଯ୍ୟ ସାଧି ପାରିଥାନ୍ତେ । କାଳିଦାସ ଯେଉଁ ପୁସ୍ତକମାନ ରଖି ଯାଇଅଛନ୍ତି, ସେ ଗୋଟିଏ ଗୋଟିଏ ମହତ୍ କୀର୍ତ୍ତି । ମାତ୍ର କାଳିଦାସ ଯେବେ ଦରିଦ୍ର ହୋଇ ନ ଥାନ୍ତେ, ତାହାହେଲେ ଆହୁରି ବଡ଼ ବଡ଼ କୀର୍ତ୍ତି ରଖି-ଯାଇଥାନ୍ତେ । ସେହି ଦାରିଦ୍ର୍ୟ ତାଙ୍କର ଅଧିକ ଦୁଃଖ ମହଣ ହେଲା । ଏଗୁଡ଼ିକ ବାହ୍ୟ ପ୍ରତିବନ୍ଧକ । ଆନ୍ତର ପ୍ରତିବନ୍ଧକ ଆହୁରି କଷ୍ଟକର ; ଆନ୍ତର ପ୍ରତିବନ୍ଧକ ଅତିକ୍ରମ କରିବା କଠିନ—ପ୍ରାୟ ଅସାଧ୍ୟ । ଚପଳ ସ୍ୱଭାବ କାହାର ପ୍ରତିବନ୍ଧକ, ଅକାରଣ ଭୀରୁତା କାହାର ପ୍ରତିବନ୍ଧକ । ଈର୍ଷା କାହାର ପ୍ରତିବନ୍ଧକ । କାହାର କାହାର ସ୍ୱଭାବ ଏମନ୍ତ ଯେ,ପରନିନ୍ଦା, ପରାପବାଦ, ମିଥ୍ୟା କହିବାର ତାଙ୍କର ଅତ୍ୟନ୍ତ ପ୍ରବୃତ୍ତି । କେହି କେହି ଏପରି ଅଛନ୍ତି ଯେ, ସେମାନେ ଆପଣାଅବସ୍ଥା ପ୍ରତି ନିତାନ୍ତ ଅସନ୍ତୁଷ୍ଟ, ସବୁଦିନ ବିଳାପ କରୁଅଛନ୍ତି । କେହି ଅବା ଆପଣା ଗୁଣର ଗୌରବ କରିବା ପାଇଁ ଅତ୍ୟନ୍ତ ବ୍ୟଗ୍ର । କେହି ଅବା ସାମାନ୍ୟ ଜ୍ଞାନଶୂନ୍ୟ । କେହି ଅବା ଅନ୍ୟ ଲୋକେ ତାଙ୍କର ଅମୂଳକ କଥା ଦେଖି କଣ କହୁଥିବେ, ଏହି ଚିନ୍ତାରେ ସବୁ ଦିନ ବ୍ୟସ୍ତ । ଏହିପରି ଆନ୍ତର ପ୍ରତିବନ୍ଧକ ଅନେକ ଅଛି । ଶାରୀରିକ ଅବସ୍ଥା ଯୋଗୁଁ ମଧ୍ୟ ଅନେକ ଆନ୍ତର ପ୍ରତିବନ୍ଧକ ଜାତ ହୁଏ । କେତେଲୋକ ଅତ୍ୟନ୍ତ ପରିଶ୍ରମୀ, ସବୁଦିନ ପରିଶ୍ରମ କରିବାକୁ ସେମାନଙ୍କର ଏକାନ୍ତ ଇଚ୍ଛା, ମାତ୍ର ଶରୀର ତାହା କରି ଦେବ ନାହିଁ । ଏହିରୂପେ ସମସ୍ତଙ୍କୁ ଏକ ଏକ ପ୍ରକାର ବୋଝ ବୋହିବାକୁ ହୁଏ । ଏହି ବୋଝ ଯେ କେବଳ ଅନିଷ୍ଟର ହେତୁ ଏହା କିଏ କହିବ ? ହୁଏତ ଏ ବୋଝ ଆମ୍ଭମାନଙ୍କର ପ୍ରୟୋଜନୀୟ ଅଟେ । ବାସ୍ତବ ପ୍ରୟୋଜନୀୟ ଅଟେ । ବଡ଼ ବଡ଼ ଲୋକେ ଏହା କହିଛନ୍ତି । ଜଣେ ଭକ୍ତ ଏହିପରି ବୋଝ ବହି ବହୁ ଦିନ କଷ୍ଟ ପାଉଥିଲେ । ତାଙ୍କର ଇଷ୍ଟ ଦେବତା ସଙ୍ଗେ ଭେଟ ହେଲାରୁ କହିଲେ, "ପ୍ରଭୋ ! ଏ ବୋଝ ଉତ୍ତାରି ନିଅ, ଆଉ ବହି ପାରିବି ନାହିଁ ।" ଦେବତା ଉତ୍ତର କଲେ, "ନା, ସେ ବୋଝ ଉତ୍ତାରି ଦେଲେ ତୁମ୍ଭର ଅନିଷ୍ଟ ହେବ । ସେ ବୋଝ ତୁମ୍ଭର ଆବଶ୍ୟକ । ବୋଝ ଉତ୍ତାରି ଦେବି ନାହିଁ, ବରଂ ତୁମ୍ଭର ପିଠିକୁ ଶକ୍ତ କରିଦେବି ।" ଏପରି ଭକ୍ତଙ୍କୁ ତ ଏପରି ଉତ୍ତର ହେଲା, ଆମ୍ଭମାନଙ୍କର ତ କଥା ନାହିଁ, ଆମ୍ଭମାନଙ୍କର ବହିବାର ଆବଶ୍ୟକ ।

"ବୁଝିଲେ, ସେ ଯାହା କରିଛନ୍ତି, ଆଶ୍ଚର୍ଯ୍ୟ କରିଛନ୍ତି," ଆମ୍ଭେମାନେ ସବୁବେଳେ ଏପରି ମନ୍ତବ୍ୟ ବ୍ୟକ୍ତ କରିଥାଉଁ । ଏହାର ଅର୍ଥ ସମସ୍ତେ ଜାଣନ୍ତି । ଏହାର ଅର୍ଥ ଏହି ଯେ, ଯେଉଁସବୁ ପ୍ରତିବନ୍ଧକ ତାଙ୍କର କାର୍ଯ୍ୟରେ ବିଘ୍ନ ଘଟାଉଥିଲେ, ସେ ପ୍ରତିବନ୍ଧକମାନଙ୍କୁ ବୁଝିଲେ ସେ ଯାହା କରିଛନ୍ତି, ଆଶ୍ଚର୍ଯ୍ୟ କରିଛନ୍ତି । ଅନେକ କାର୍ଯ୍ୟରେ ଯାହା ସ୍ୱତଃ ଭଲ ବୋଲିବେ ନାହିଁ ତାହାର ପ୍ରତିବନ୍ଧକ ବୁଝି ତାହାକୁ ଅପେକ୍ଷାକୃତ ଭଲ ବୋଲିବେ । କେତେ ବ୍ୟକ୍ତି ଏହି ରୀତିରେ ପ୍ରଶଂସା ନେବା ନିମନ୍ତେ ବ୍ୟଗ୍ର ହୁଅନ୍ତି । ବୋଝ ଉପରେ ଆପଣା ଇଚ୍ଛାମତେ ଆହୁରି ବୋଝ ନଦନ୍ତି । ଦକ୍ଷିଣ ହାତରେ ସ୍ୱାକ୍ଷର କରିବାର କିଛି ଆଶ୍ଚର୍ଯ୍ୟ ନୁହେଁ, ବାମ ହାତରେ ସ୍ୱାକ୍ଷର କରନ୍ତି । ଲୋକେ ଆଶ୍ଚର୍ଯ୍ୟାନ୍ୱିତ ହେବେ । ଗୋଡ଼ରେ ସ୍ୱାକ୍ଷର କଲେ ଲୋକେ ଆହୁରି

ପ୍ରଶଂସା କରିବେ । ଏ କଥା ମନରେ ରଖିବା ଉଚିତ ଯେ, ଯେଉଁ ପ୍ରତିବନ୍ଧକମାନ ଅପରିହାର୍ଯ୍ୟ, ଏପରି ପ୍ରତିବନ୍ଧକ ଅତିକ୍ରମ କରି କେହି ଯେବେ କୌଣସି କାର୍ଯ୍ୟ ସାଧିଲା, ସେହିପରି ସ୍ଥଳରେ ତାହାର ସେହି ପ୍ରତିବନ୍ଧକ ବୁଝି ତାହାର ପ୍ରଶଂସା କରିବାର ଉଚିତ । ମାତ୍ର ଯେମାନେ ଇଚ୍ଛାପୂର୍ବକ ପ୍ରତିବନ୍ଧକ ସଂଗ୍ରହ କରି ଯଶଲାଭ ନିମନ୍ତେ ସେହି ପ୍ରତିବନ୍ଧକ ଅତିକ୍ରମ କରନ୍ତି, ଏପରି ଲୋକଙ୍କୁ ପ୍ରଶଂସା କରିବାର ଉଚିତ ନୁହେ । ଏପରି ଲୋକମାନେ କେବଳ ଆତ୍ମଗରିମା ଚରିତାର୍ଥ କରିବା ନିମନ୍ତେ ଇଚ୍ଛାପୂର୍ବକ ପ୍ରତିବନ୍ଧକ ଲୋଡ଼ନ୍ତି । ଜଣେ ବଢ଼େଇକାମ ଜାଣେ ନାହିଁ, କମାରକାମ ଜାଣେ ନାହିଁ, ଘର ତୋଳି ଜାଣେ ନାହିଁ, ମାତ୍ର ସେ କାହାରି ସାହାଯ୍ୟ ନ ନେଇ ଆପଣା ହାତରେ ଗୋଟିଏ ଘର ପ୍ରସ୍ତୁତ କଲା । କମାର ବଢ଼େଇଙ୍କର ସାହାଯ୍ୟରେ ମୂଲ୍ୟ ଦେବା ନିମନ୍ତେ ତାହାର ସଙ୍ଗତି ଅଛି । ତଥାପି ସେ ଯଶ ଲଭିବା ଆଶାରେ ସବୁ କାମ ଆପଣା ହାତରେ କଲା । ଏପରି ଘର କେବେ ଭଲ ହୋଇ ନ ପାରେ । ମାତ୍ର ଅସୁବିଧାମାନ ବୁଝିଲେ ତାହାକୁ ଭଲ ଘର ବୁଝିବାକୁ ହେବ । ଲୋକେ ସେହି ଘରର ଅନେକ ପ୍ରଶଂସା କଲେ । ସେହି ଘର ପାଖରେ ଥିବା ସହସ୍ରାଂଶରେ ଭଲ ଆଉ ଗୋଟିଏ ଘରକୁ କେହି ଚାହିଁଲେ ନାହିଁ । ହେତୁ କି, ସେ ଘର ସ୍ୱାଭାବିକ ପ୍ରସ୍ତୁତ ହୋଇଥିଲା । ସମସ୍ତେ ସେହି ଲୁଣ୍ଠିତ ଘରକୁ ପ୍ରଶଂସା କଲେ । ମାତ୍ର ଏପରି ସ୍ଥଳରେ ଏପରି ଘରକୁ ଅଥବା ଏପରି ଘରର ନିର୍ମାତାକୁ କେବେ ପ୍ରଶଂସା କରିବାର ଉଚିତ ନୁହେ । ଅସୁବିଧା ବୁଝିଲେ ଘର ପ୍ରଶଂସନୀୟ ଏହା ସତ୍ୟ, ମାତ୍ର ସେହି ଅସୁବିଧା ତାହାର ଲୋଡ଼ ଆଣିବା ଅସୁବିଧା । ସେହି ଅସୁବିଧାମାନ ସେ ଇଚ୍ଛାପୂର୍ବକ ସ୍ୱୀକାର କରିଥିଲା, କେହି କହି ନଥିଲେ । ବୋଝ ଉପରେ ବୋଝ ସେ ଆପେ ନେଇଲା—ତାହା ପ୍ରୟୋଜନରେ ନେଇଲା । ତାର ପ୍ରଶଂସା ନେବାର କୌଣସି ଅଧିକାର ନାହିଁ । ମାତ୍ର ଏହା ବୋଲି ରବିନ୍‌ସନ୍ କ୍ରୁସୋ ଯେ ନିର୍ଜନ ଦ୍ୱୀପରେ ଆପଣାର ଘର ଆପଣା ହାତରେ କରିନେଇଥିଲେ, ସେ ଘର ପ୍ରଶଂସାର ଯୋଗ୍ୟ । ଜଣେ ଦରିଦ୍ର ଆପଣା ଲୁଗା ଚିରିଗଲେ ଆପେ ସେ ତାର ସିଲାଇ କରେ । ଦରଜିକୁ ଦେବ ଏପରି ସଙ୍ଗତି ନାହିଁ । ତାହାର ଲୁଗା ମୁଣ୍ଡି ସିଲେଇ ନ ହେବାଠାରୁ ତାହାର ହାତରେ ମନ୍ଦ ସିଲେଇ ଭଲ । ଏପରି ଅବସ୍ଥାରେ ପ୍ରଶଂସା କରିବା ଉଚିତ ।

ପଶୁ ବୋଝ ବହିବାରେ, ମନୁଷ୍ୟ ବୋଝ ବହିବାରେ ଅନେକ ପ୍ରଭେଦ ଅଛି । ଗୋଟିଏ ବଳଦ ଯେତେ ନେଇ ପାରିବ, ସେଥିରୁ ଅଧିକ ବୋଝ ତା ଉପରେ ଲଦା ହୋଇ ଥିବାର ଦେଖିଲେ ତୁମ୍ଭର ଦୁଃଖ ହେବ ବଳଦ ପ୍ରତି ତୁମ୍ଭର ଦୟା ହେବ । ମାତ୍ର ମନୁଷ୍ୟର ବୋଝ ଦେଖି ଦୟା ହେବାର କେତେକ ଥାଉ ଆହୁରି ଚଳ ମାଡ଼େ । କେହି କେହି ଲୋକ ନିର୍ବୋଧତା ଏବଂ ଅନର୍ଥକ ସନ୍ଦେହ-ପ୍ରବଣତାର ବୋଝ ବହନ୍ତି । ମାତ୍ର ସେ ବୋଝ ଦେଖି କାହାରି ଦୟା ଜାତ ହୁଏ ନାହିଁ ବରଂ ସେ ବୋଝ ଉପରେ ଆହୁରି ଭାରାରେ ପିଟିବାକୁ ଇଚ୍ଛା ହୁଏ । ଅନ୍ଧ, ଖଞ୍ଜ, ବ୍ୟାଧିଗ୍ରସ୍ତ ଲୋକଙ୍କୁ ଦେଖିଲେ ଦୟା ହୁଏ । ମାତ୍ର ସେମାନଙ୍କଠାରୁ ଅଧିକତର ଶୋଚନୀୟ ଦଶାଗ୍ରସ୍ତ ଲୋକଙ୍କ ପ୍ରତି ଆମ୍ଭେମାନେ ବିରକ୍ତ ହେଉଁ । ଜଣେ ତପକ-ସ୍ୱଭାବ ଲୋକ ଅଳ୍ପକଥାରେ କ୍ରୁଦ୍ଧ ହୋଇ ଉଠିଲା । ଜଣେ ଅତ୍ୟନ୍ତ ଗ୍ରସ୍ତ ଯେଉଁଠାରେ ପ୍ରବଞ୍ଚନା କରିବାର ପ୍ରୟୋଜନ ନାହିଁ,

ଏମନ୍ତେ ସ୍ଥଳରେ ପ୍ରବଞ୍ଚନା ଅବଲମ୍ବନ କଲା । ଜଣଙ୍କର ପରନିନ୍ଦା କରିବାକୁ ଅତ୍ୟନ୍ତ ଆଗ୍ରହ ଦେଖିଲ । କାହାକୁ ଅବା ଏପରି ଦେଖିଲ ଯେ, ସେ ଆପଣା ଦୁଃଖ ଆପଣା ବିପଦ ସବୁଦିନ କହୁ ହେଉଥାଏ । ଏ ସବୁ ଦେଖି ତୁମ୍ଭେ ବିରକ୍ତ ହୁଅ । ଏ ସବୁ ସହ୍ୟ ହୁଏ ନାହିଁ । ଏହି ବିରକ୍ତିର ଗୋଟିଏ ଭଲ କାରଣ ଅଛି । ଶରୀରଠାରୁ ମନ ଅପେକ୍ଷାକୃତ ଆବୃତ୍ତ ହୋଇ ଥାଏ । ଅନ୍ତର ଚକ୍ଷୁ କେବେ ହେବ ନାହିଁ ମାତ୍ର ସୁବୋଧ ଲୋକ ଉପାୟରେ କଥିତ ପରିମାଣରେ ସୁବୋଧ ହୋଇପାରନ୍ତି । ତଥାଚ ଏମନ୍ତ ସ୍ଥଳ ଅନେକ ଅଛି ଯେ, ବିରକ୍ତ ନ ହୋଇ ଦୟା କରିବାର ଉଚିତ । ଜଣକର ପ୍ରକୃତି ଅତି ମନ୍ଦ, ତୁମ୍ଭେ ଦେଖିଲ । ତୁମ୍ଭେ କେବଳ ତାହାର ସେହି ପ୍ରକୃତିଟି ଦେଖି ବିରକ୍ତ ହେଲ, ମାତ୍ର କି ହେତୁରୁ ତାହାର ସେପରି ପ୍ରକୃତି ହେଲା, କପରି ଅବସ୍ଥାରେ ସେ ପଡ଼ିଥିଲା, ତାହା ତ ଜାଣିଲ ନାହିଁ । ସବୁ କଥା ଜାଣିଥିଲେ ତୁମ୍ଭେ ପ୍ରାୟ ବିରକ୍ତ ହୁଅନ୍ତ ନାହିଁ । ଜଣକୁ ତୁମ୍ଭେ ବହୁକାଳ ପୂର୍ବରେ ଅତ୍ୟନ୍ତ ସୁଶୀଳ ଓ ମୃଦୁସ୍ୱଭାବ ଦେଖିଥିଲ । ବର୍ତ୍ତମାନ ତାହାକୁ ଉଗ୍ର ଓ ରୁକ୍ଷ ଦେଖିଲ । ସେ ସମ୍ପ୍ରତି ଏପରି ଉଗ୍ର ଓ ରୁକ୍ଷ କାହିଁକି ହେଲା? ମୂଳକଥା ଏହି,ସେ ଦୁଃଖରେ ପଡ଼ିଗଲା । ଯେମାନଙ୍କୁ ବିଶ୍ୱାସ କରୁଥିଲା ସେମାନେ ତାହାଠାରେ ବିଶ୍ୱାସଘାତକତା କଲେ । ଯେମାନଙ୍କଠାରୁ ସ୍ନେହ ଆଶା କରିଥିଲା, ସେମାନେ ତାହା ଦୁଃଖବେଳେ ଓଳହୁ ପାଖ ପଶିଲେ ନାହିଁ । ସଂସାର ନିତାନ୍ତ ଅସାର ବୋଧ ହେଲା । ଦୁଇ ଚାରି ଜଣ ମନୁଷ୍ୟ ପ୍ରତି ଅଶ୍ରଦ୍ଧା ଜାତ ହୋଇ ସେହି ଅଶ୍ରଦ୍ଧା କ୍ରମେ କ୍ରମେ ସମସ୍ତ ମନୁଷ୍ୟ ଜାତିକି ବ୍ୟାପିଲା । ଅତି ହିଂସ୍ର ପ୍ରାଣୀକୁ ଆମ୍ଭେମାନେ ଘୃଣା କରୁ । ମାତ୍ର ସେମାନଙ୍କର ମଧ୍ୟ ସମ୍ପୂର୍ଣ୍ଣ ଦୋଷ ନାହିଁ । ସେମାନଙ୍କର ବୁଦ୍ଧି ନାହିଁ । ସେମାନଙ୍କର କ୍ଷୁଧା ଅତି ପ୍ରବଳ, ସହ୍ୟଗୁଣ ନାହିଁ । ଯାବତ୍‌ପର୍ଯ୍ୟନ୍ତ ପେଟ ପୂରାଇବାର ଚେଷ୍ଟା କରନ୍ତି । ଖାଦ୍ୟାଭାବରେ ମନୁଷ୍ୟମାନେ ଜୀବଜଗତରେ ସେମାନଙ୍କଠାରୁ ଅଧିକତର ହିଂସ୍ରକ ହୋଇ ଉଠନ୍ତି । ବାସ୍ତବ ଯେ ଲୋକ ଯେତେ ଦୁଷ୍ଟ, ସେ ସେହି ପରିମାଣରେ ଦୟାର ଯୋଗ୍ୟ ଅଟେ । ଅନେକ ଲୋକେ, ଯେମାନେ କି ବର୍ତ୍ତମାନ ପାପ-ପଙ୍କରେ ଗଭୀର ମଗ୍ନ ହୋଇଅଛନ୍ତି, ଯେତେବେଳେ ସେମାନେ ନିଷ୍ପାପ ଥିଲେ, ସେମାନଙ୍କର ସେହି ପାପର ସମଗ୍ର ମୂର୍ତ୍ତି ସେମାନେ ଯେବେ ଦେଖିଥାନ୍ତେ, ସେମାନଙ୍କ ଭାବୀ କାର୍ଯ୍ୟର ଫଳ ଯେବେ ସେମାନେ ତର୍କଣା କରି ପାରିଥାନ୍ତେ, କଦାପି ଏପରି ପାପରେ ଲିପ୍ତ ହୋଇ ନ ଥାନ୍ତେ । ମାତ୍ର ପାପହ୍ରଦର କୂଳରେ ଗଡନ୍ତି ତର୍କଣା କରିବାର କଠିନ । ହୁଏତ ସେମାନେ ସମଧରାତଳ ଜାଣି ଗଡନ୍ତି । ଉପରେ ଗଲୁଥିଲେ କ୍ରମଶଃ ସେମାନେ ତଳକୁ ଯାଉଅଛନ୍ତି, ସେ ଜ୍ଞାନ ତାଙ୍କର ନ ଥିଲା । ଭ୍ରମରେ ଅନେକ ଦୂର ଯାଇ ପଡ଼ିଲୁ ଜାଣିଲେ । ମାତ୍ର ସେତେବେଳେ ଆଉ କାର୍ଯ୍ୟକର ହେଲା ନାହିଁ, ଆଉ ଫେରିବାକୁ ସାମର୍ଥ୍ୟ ନ ଥିଲା । ଅନେକ ଲୋକ ଏପରି ମଧ୍ୟ ଅଛନ୍ତି ଯେ ଭଲ କାମ କରିବାକୁ ସେମାନେ ଆଦୌ ସୁବିଧା ପାଇ ନାହାନ୍ତି । ଅନେକ ଲୋକେ ବାଧ୍ୟ ହୋଇ ପିଲାଦିନରୁ ମନ୍ଦ କାର୍ଯ୍ୟରେ ବ୍ରତୀ ଅଛନ୍ତି । ଏପରି ହେବାର ଅତ୍ୟନ୍ତ ଦୁଃଖର ବିଷୟ, ସନ୍ଦେହ ନାହିଁ । ମାତ୍ର କି ହେତୁ ଏପରି ହେଉଅଛି, ତାହା କିଏ କହିବ ? ସଂସାରରେ ଅନେକ ପ୍ରକାର ଅନିଷ୍ଟ ହୋଇଅଛି, ମାତ୍ର କେହି ଜଣେ ତ ସେହି ଅନିଷ୍ଟର ହେତୁ ନୁହନ୍ତି । ଆମ୍ଭମାନଙ୍କର ଜ୍ଞାନ ଓ ନୀତିଜ୍ଞାନ ଅତ୍ୟନ୍ତ ଅପରିଷ୍କୃତ । ମାତ୍ର ଏ ଜଣକର

ଦୋଷ ନୁହେଁ, ସମସ୍ତଙ୍କର ଦୋଷ । ସମସ୍ତେ ଏଥିନିମନ୍ତେ ଦାୟୀ ।

ଭଗ୍ନମନସ୍କତା ଜୀବନର ଗୋଟିଏ ମହତ୍ ରୋଗ । ପୂର୍ବକାଳରେ ଏ ରୋଗ ଅନେକ ଲୋକ ବୁଝୁ ନ ଥିଲେ । ବର୍ତ୍ତମାନ ଅନେକ ଲୋକଙ୍କୁ ବାଧିବାକୁ ହୁଏ । ଯେଉଁମାନେ ଶିକ୍ଷିତ ଅଟନ୍ତି, ଯେଉଁମାନେ ଶାରୀରିକ ଶ୍ରମଠାରୁ ମାନସିକ ଶ୍ରମରେ ଅଧିକ ରତ, ସେମାନେ ବହୁତରେ ହେଉ ଅବା ଅଳ୍ପରେ ହେଉ ଏ ରୋଗ ବହନ୍ତି । ସେମାନଙ୍କ ମନ ପ୍ରାୟ ସବୁବେଳେ ଏକପ୍ରକାର ଅନ୍ଧକାରରେ ଆଚ୍ଛନ୍ନ ଥାଏ । ଥରେ ଥରେ ଏପରି ବିକାର ଉପସ୍ଥିତ ହୁଏ ଯେ, କିଛି ଭଲ ଲାଗେ ନାହିଁ, ସଂସାର ଅସାର, ଜୀବନ ବିଡ଼ମ୍ବନା ବୋଧହୁଏ, ନାନାପ୍ରକାର ବିଭୀଷିକା ହୃଦୟରେ ନୃତ୍ୟ କରୁଥାନ୍ତି । ଏପରି ମନର ଭାବ କବିର କଳ୍ପନା ଉଦ୍ଦୀପିତ କରେ, ଏହା ସତ୍ୟ, ମାତ୍ର ଏହା ବ୍ୟତୀତ ଏହାର ଆଉ କୌଣସି ଉପକାରିତା ନାହିଁ । କାର୍ଯ୍ୟକ୍ଷେତ୍ରରେ ଏପରି ଭାବ ଗୋଟିଏ ମହତ୍ ପ୍ରତିବନ୍ଧକ । ମନ ଭଲ ନ ଥିଲେ କାର୍ଯ୍ୟରେ ମନ କାହିଁ ଲାଗିବ ? ଏପରି ଭାବରେ ଅଧୀନ ହୋଇ ଲୋକେ ଯେ କାର୍ଯ୍ୟ ନ କରନ୍ତି ଏହା ନୁହେଁ । ମାତ୍ର କଲା ପରି କାର୍ଯ୍ୟ କରନ୍ତି, ଉତ୍ସାହ ନ ଥାଏ । ବାସ୍ତବରେ ଅପ୍ରଫୁଲ୍ଲତା ଗୋଟିଏ ମହତ୍ ବିଡ଼ମ୍ବନା । ସଂସାରରେ ପଦେ ପଦେ ବିଘ୍ନ, ପଦେ ପଦେ ବିରକ୍ତ ହେବାର ସହସ୍ର କାରଣ ଅଛି । ମନ ଦୃଢ଼ ଓ ପ୍ରଫୁଲ୍ଲ ନ ହେଲେ ତିଷ୍ଠିବାର କଠିନ ।



# ଇଟାଲୀୟ ଯୁବା

## ଉପକ୍ରମଣିକା

ଇଉରୋପ ମହାଖଣ୍ଡରେ ଆଲ୍‌ପସ୍ ନାମକ ଏକ ଦୀର୍ଘ ଉଚ୍ଚ ପର୍ବତ ଅଛି । ସେହି ଗିରିର ଉଚ୍ଚ ଉଚ୍ଚ ଶୃଙ୍ଗମାନେ ସବୁବେଳେ ତୁଷାରରେ ଘୋଡ଼ାଇ ହୋଇଥାନ୍ତି । ତଳଭାଗ ଚାରିଆଡ଼େ ନିବିଡ଼ ବନ । କୌଣସି କୌଣସି ସ୍ଥାନରେ ବିସ୍ତୃତ ତୃଣପୂର୍ଣ୍ଣ ପଦା ଅଛି । ରଖୁଆଳମାନେ ମେଣ୍ଢା ଚରାଇବା ନିମନ୍ତେ ପର୍ବତରେ କୁଟୀର ବନାଇ ରହନ୍ତି । କେବେ କେବେ ଘୋର ଝଡ଼ ହୁଏ । ବଡ଼ ବଡ଼ ଗଛମାନ ପ୍ରଚଣ୍ଡ ପବନ ବେଗରେ ମହୀରେ ଶୁଅନ୍ତି । ଚାରିଆଡ଼େ ତୁଷାର ବୃଷ୍ଟି ହୁଏ । ଆକାଶ ଅନ୍ଧାର ହୋଇଯାଏ । ପଥିକମାନେ ଏପରି ଝଟିକାରେ ପଡ଼ିଲେ ସେମାନଙ୍କର ମୃତ୍ୟୁରୁ ରକ୍ଷା ପାଇବାର କଠିନ ହୁଅଇ ।

ଦିନେ ସକାଳେ ଉକ୍ତ ଗିରିରହଣୀ ଜଣେ ମେଷରଖୁଆଳ ଚାରିଜଣ ଅତିଥି ସହିତ ଆପଣା କୁଟୀର ମଧ୍ୟରେ ବସି କଥାବାର୍ତ୍ତା କରୁଥିଲେ, ପ୍ରବଳ ବାୟୁ ଯୋଗୁଁ ଗୃହରୁ ବାହାର ହେବା ଦୁଷ୍କର ହୋଇଥିଲା । ଗୃହସ୍ଥ ଅତିଥିମାନଙ୍କୁ ପଚାରିଲେ, "କାଲି ରାତିରେ କେହି କିଛି ଦେଖିଥିଲ ?" ଅତିଥିମାନେ କିଛିକାଳ ତୁନି ହୋଇ ରହିଲେ । ଅନନ୍ତର ଜଣେ କହିଲେ, "ଦେଖିଥିଲିଁ ।" ଗୃହସ୍ଥ ପଚାରିଲେ, "କ'ଣ ଦେଖିଥିଲ ?" ଅତିଥି କହିଲେ, "କୌଣସି ଭୟଙ୍କର ବଥା ଦେଖିଥିଲୁ ।" "ଯାହା ଦେଖିଥିଲ କହ ।" ଅତିଥି ବୋଇଲେ, "ଗଲ ରାତିରେ ଆମ୍ଭେ ଯେତେବେଳେ ଶୋଇବାକୁ ଗଲୁ, ଶୋଇବା ଘର କାନ୍ଥରେ ଖଣ୍ଡିଏ ଚିତ୍ରପଟ ଝୁଲୁଥିବାର ଦେଖିଥିଲୁଁ । ଅନନ୍ତର ବିଛଣାରେ ପଡ଼ି ହୋଇ ସ୍ଥିର ଆଖିରେ ସେହି ପଟରେ ଅଙ୍କା ହୋଇଥିବା ପ୍ରତିମୂର୍ତ୍ତିକୁ ଅନାଇ ରହିଲୁଁ । ଦୀପ ମଳିନ ଜଳୁଥିଲା । ଘରେ ଆଉ କେହି ନ ଥିଲା । ପ୍ରତିମୂର୍ତ୍ତି ଦେଖି ଆମ୍ଭର ମନରେ ଭୟ ସଞ୍ଚରିଲା । କିପାଇଁ ଏପରି ହେଲା, କହି ନ ପାରୁ । କ୍ରମଶଃ ଶଙ୍କା ବଢ଼ିଲା । ଆମ୍ଭର ବୋଧ ହେଲା ଯେ, ସେହି ପ୍ରତିମୂର୍ତ୍ତି, ପ୍ରତିମୂର୍ତ୍ତି ନୁହଇ, ଗୋଟାଏ ଭୂତ । ଆଖି ବୁଜିଲୁ ନିଦ୍ରା ହେଲା । ନିଦ୍ରାରେ ସୁଦ୍ଧା ଭୂତର ସ୍ୱପ୍ନ ଦେଖିଲୁଁ । ବିଛଣାରୁ ଉଠି ବାହାରକୁ ଆସିଲୁଁ, ଚାରିଦିଗ ଘୋର ଅନ୍ଧକାରରେ ଆଚ୍ଛନ୍ନ । ବୃଷ୍ଟି ହେଉଅଛି । କେବେ କେବେ ବିଜୁଳି ଝଟକରେ ପାଖରେ ଥିବା ଗଛମାନେ ଦୃଷ୍ଟିଗୋଚର ହେଉଛନ୍ତି । ଗମ୍ଭୀର ମେଘ-ଗର୍ଜନ, ପୁଣି ପବନ ଘୋର ବେଗରେ ବହୁଅଛି । କେହି ନାହିଁ, ଏକା ବାହାରେ ଅବା କେପରି ରହିବୁଁ ? ଘର ଭିତରକୁ ଗଲୁଁ । ଦୀପ ନିଭି ଯାଇଥିଲା । ବିଛଣାରେ ବସିଲୁଁ । ପୁଣି ସେହି ଭୂତର ଭୟ ଉପସ୍ଥିତ ହେଲା । ରକ୍ତ ଜଳ ହୋଇଗଲା । ଦେହ ଥରିଲା । ଆଖି ମେଲିଲେ ସେହି ଭୂତ, ଆଖି ବୁଜିଲେ ସୁଦ୍ଧ

ସେହି ଭୂତ । ପୁଣି ବାହାରକୁ ଆସି ଦେଖିଲୁ ସେହିପରି ବୃଷ୍ଟି ହେଉଅଛି, ସେହିପରି ବା ବହୁଅଛି । ଭାବିଲୁଁ, ଯାହା ହେବାର ହେବ, ଆଉ ଘର ଭିତରକୁ ଯିବୁ ନାହିଁ । ବାହାର ବଙ୍ଗଳାରେ ଖଣ୍ଡିଏ ମଶିଣା ପଡ଼ିଥିଲା । ସେଥିରେ ରାତଯାକ ଶୋଇ ରହିଲୁଁ । ଦେହରେ ଉଷ୍ଣବସ୍ତ୍ର ଥିବା ଯୋଗୁଁ ଶୀତକଷ୍ଟ ହେଲା ନାହିଁ ।"

ଆଉ ତିନି ଜଣ ଅତିଥି ହସିଲେ ।

ଗୃହସ୍ୱାମୀ କହିଲେ, "ହସିବାର କଥା ନୁହେଁଟି ? ଏ ଯାହା କହିଲେ ସେଥିରେ ଟିକେ ମିଛ ନାହିଁ । ବାସ୍ତବରେ ସେ ଛବି ଦେଖିଲେ ଭୟ ଉପୁଜେ ।"

ଅତିଥିମାନେ ପଚାରିଲେ, "ସେ ଛବି କିଏ ଲେଖିଅଛି ?"

ଗୃହସ୍ଥଙ୍କ ଆଖିରୁ ଜଳ ଝରିଲା । ସେ ଦୀର୍ଘ ନିଶ୍ୱାସ ଛାଡ଼ିଲେ । କହିଲେ, "ଜଣେ ଇଟାଲିଦେଶୀୟ ଯୁବା ଲେଖିଅଛନ୍ତି । ଆହା ! ତାଙ୍କ କଥା ମନରେ ପଡ଼ିଲେ ଆମ୍ଭର ଶୋକସାଗର ଉଚ୍ଛୁଳେ ।"

ଅତିଥିମାନେ କହିଲେ, "ଯେବେ ଆପଣଙ୍କର କଷ୍ଟ ନ ହୁଏ, ତେବେ ସେହି ଯୁବାଙ୍କର ବୃତ୍ତାନ୍ତ କହିବା ହେଉନ୍ତୁ ।"

ଗୃହସ୍ୱାମୀ ଆରମ୍ଭ କଲେ—

"ଆଗରେ ଆମ୍ଭେ ଭେନସ୍ ନଗରରେ ଥିଲୁ । ଦିନେ ବାଟରେ ବୁଲୁଁ ବୁଲୁଁ ଦେଖିଲୁଁ, ଦଶ ବାର ଜଣ ଇଟାଲୀୟ ମନୁଷ୍ୟ ଏକମେଳ ହୋଇ ଆନନ୍ଦରେ କଥାବାର୍ତ୍ତା କରୁଅଛନ୍ତି । ସେମାନଙ୍କ ମଧ୍ୟରେ ଏକ ତରୁଣବୟସ୍କ ପୁରୁଷ ଥିଲେ । ସେ ଅନ୍ୟମନାଃ ହୋଇ ବସିଲେ । କେବେ କେବେ ସଙ୍ଗୀ ଲୋକମାନଙ୍କ ସହିତ ମିଳି ହସୁଥିଲେ, ମାତ୍ର ସେହି ହାସ୍ୟ ଆନ୍ତରିକ ବୋଲି ବୋଧ ହେଉ ନ ଥିଲା । ସେ ଦୀର୍ଘାକୃତ ପୁଣି କୃଶ ଥିଲେ । ଦେଖିବାକୁ ଅତି ସୁନ୍ଦର ଥିଲେ । ଆମ୍ଭେ ସେଦିନ ସେଠାରୁ ଫେରିଆସିଲୁଁ ।

ଅନନ୍ତର ଦିନକରେ ଆମ୍ଭର କୌଣସି ଧନୀ ବନ୍ଧୁ ଆମ୍ଭଙ୍କୁ ନିମନ୍ତ୍ରଣ କଲେ । ଆମ୍ଭେ ନିରୂପିତ ସମୟରେ ତାଙ୍କ ଘରେ ପ୍ରବେଶ ହେଲୁଁ । ସେଠାରେ ବଡ଼ ଗହଳ ହୋଇଥିଲା । ନିମନ୍ତ୍ରିତ ବ୍ୟକ୍ତିମାନେ ମଜଲିସରେ ବସି ଗୀତ ଗାଉଥିଲେ । ପ୍ରଶଂସିତ ଯୁବାଙ୍କୁ ପୁଣି ସେଠାରେ ଦେଖିଲୁଁ । ମାତ୍ର ପୂର୍ବରେ ଯେପରି ଦେଖିଥିଲୁଁ ସେହିପରି । ଏଥିର କୌଣସି ଗୂଢ଼ ହେତୁ ଥିବ, ଏହାପାଞ୍ଚ ତାହା ଜାଣିବାପାଇଁ ଆମ୍ଭର କୌତୂହଳ ହେଲା । ତାହାଙ୍କ ସହିତ ପରିଚିତ ହେବା ନିମନ୍ତେ ଆମ୍ଭର ଏକାନ୍ତ ବାସନା ହେଲା । ସେହି ସୁନ୍ଦର ମୁଖଚନ୍ଦ୍ରମାକୁ ଶୋକଘନରେ ଆବୃତ ଦେଖି ଆମ୍ଭର ଅତ୍ୟନ୍ତ ଦୁଃଖ ହେଲା । ପୁରୁଷମାନଙ୍କ ଲାବଣ୍ୟରେ ପୁରୁଷେ ମୁଗ୍ଧ ହୁଅନ୍ତି । ଆମ୍ଭେ ଯୁବକଙ୍କ ରୂପ ଦେଖି ମୋହିତ ହେଲୁଁ ।

ଯେତେବେଳେ ସେହି ଯୁବା ବୁଝିପାରିଲେ ଯେ, ତାଙ୍କ ସହିତ ମିତ୍ରତା କରିବା ନିମନ୍ତେ ଆମ୍ଭର ଆନ୍ତରିକ ବାଞ୍ଛା ହୋଇଅଛି, ସେ ଥରକୁ ଥର ଆମ୍ଭ ଗୃହକୁ ଆସିଲେ । ଦୁହିଁଙ୍କ ମଧ୍ୟରେ ପ୍ରୀତି ହେଲା । ତେଣିକି ତେଣିକି ଏପରି ଘନିଷ୍ଠତା ହେଲା ଯେ, ସେହି ଯୁବକ ପୂର୍ବ ବାସସ୍ଥାନ ଛାଡ଼ିଦେଇ ଆମ୍ଭପାଖରେ ଥିବା ଘରେ ଆସି ରହିଲେ । ଦୁହେଁ ସବୁବେଳେ ସାଙ୍ଗ ହୋଇ ଆହାରାଦି କରୁଁ ।

ଏହିରୂପେ କେତେଦିନ ଗଲା । ଦିନେ ଆମ୍ଭେ ତାଙ୍କୁ ପଚାରିଲୁଁ, "ମିତ୍ର ! ତୁମ୍ଭେ କାହିଁକି ଏପରି ବିଷଣ୍ଣଭାବରେ ଥାଅ ? ତୁମ୍ଭର ଦୁଃଖର କାରଣ ?"

ଯୁବା କହିଲେ, "ମିତ୍ର, କାହିଁକି ଏହା ପଚାରିଲ ? ଆମ୍ଭଙ୍କୁ ସେହି ଦୁଃଖରୁ ମୁକୁଳାଇବାର ତୁମ୍ଭର ସାଧ୍ୟ ନୁହେଁ । ଆମ୍ଭ

ମାନସିକ ରୋଗ ମୋଚନର ଆନ ଉପାୟ ନାହିଁ। ମରଣ ଏକମାତ୍ର ଉପାୟ ଅଛି।"

ତାହା ଶୁଣି ଆମ୍ଭେ ଆତୁର ଉତ୍କଣ୍ଠିତ ହେଲୁଁ। କହିଲୁଁ, "ମିତ୍ର! ଆମ୍ଭଠାରେ ତୁମ୍ଭର ମନୋବେଦନା ଫେଡ଼ି କହିଲେ ଅନେକ ଊଣା ହୋଇଯିବ। ଫେଡ଼ି କହ।"

ଯୁବା ଦୁଃଖିତ ହୋଇ କହିଲେ, "ନା ମିତ୍ର, ଆମ୍ଭର ଦୁଃଖ ସାମାନ୍ୟ ନୁହେ। ଆମ୍ଭେ ଏହିକ୍ଷଣି ତାହା କହି ପାରିବୁ ନାହିଁ। କିଛିଦିନ ଉତ୍ତାରୁ ଜାଣିବ।"

ଆମ୍ଭେ ପୁଣି ସେଥିର ପ୍ରସଙ୍ଗ ନ କଲୁଁ। ଯୁବାଙ୍କର ସେହି ମାନସିକ ରୋଗ ସଂକ୍ରାମକ ପ୍ରାୟ ହେଲା। ନିତ୍ୟ ଏକତ୍ର ରହିବା ହେତୁରୁ ଆମ୍ଭେ ସୁଦ୍ଧା ତାଙ୍କ ପରି ବିଷଣ୍ଣ ହେଲୁଁ। ଆମୋଦରୁ ମନ ମାରି ଦେଲୁଁ। ମାତ୍ର ଏମନ୍ତ ହେଲେହେଁ ତାଙ୍କ ସହବାସ ଛାଡ଼ିବାକୁ ଆମ୍ଭର ଇଚ୍ଛା ହେଲା ନାହିଁ। ସେହି ଯୁବା ମିତ୍ର ଅତ୍ୟନ୍ତ ଦାତା ଥିଲେ। ଦରିଦ୍ରମାନେ ତାଙ୍କର ଅସାଧାରଣ ଦାତାପଣ ଦେଖି ବିସ୍ମୟ ମଣୁଥିଲେ। ସେ ଯାହାକୁ ଯାହା ଦେଉଥିଲେ, ପ୍ରସନ୍ନମନରେ ଲୁଚାଇ ଦେଉଥିଲେ। ମାତ୍ର ଆପେ କେବେହେଁ ସୁଖର ଅଭିଳାଷୀ ନ ଥିଲେ; କହୁଥିଲେ, "ଆମ୍ଭ ପରି ଅପରାଧୀମାନଙ୍କର ସୁଖରେ ଅଧିକାର ନାହିଁ।"

ଦିନେ କୌଣସି ମହାପର୍ବ ଥିବାରୁ ଆମ୍ଭେ ତାଙ୍କ ସହିତ ଗିରିଜାକୁ ଗଲୁଁ। ସେଠାରେ ଅନେକ ପ୍ରକାର ବାଜା ବାଜୁଥିଲା। ଦୁଇ ଜଣ ଆରାଧନାରେ ରତ ହେଲୁଁ। ଆରାଧନା ବେଳେ ସେହି ଯୁବା ହାତ ଯୋଡ଼ି ଉପରକୁ ଚାହିଁ ପ୍ରଭୁଙ୍କୁ ସ୍ତୁତି କଲେ। ଆଖିରୁ ଲୋତକ ପଡ଼ିଲା। ଆରାଧନାନ୍ତେ ଦୁହେଁ ଘରକୁ ଆସିଲୁଁ। ନେଉଟି ଆସିବାବେଳେ ଯୁବା କହିଲେ, "ଆହା! ଈଶ୍ୱର-ସଂକୀର୍ତ୍ତନରେ ଏମନ୍ତ ରସ ଅଛି ଯେ, କଥାରେ କହି ହେବ ନାହିଁ। ସଂକୀର୍ତ୍ତନ ଶୁଣି ଆମ୍ଭର ମନ ତରଳିଗଲା।" ରାତ୍ରି ହେବାରୁ ଯୁବା ବସାକୁ ଗଲେ, ଆମ୍ଭେ ଶୋଇଲୁଁ। ଆରଦିନ ସକାଳେ ସେହି ଯୁବା ଆମ୍ଭ ଘରକୁ ଆସିଲେ, ତାଙ୍କର ଡାହାଣ ହାତରେ ଗୋଟିଏ ପୁଳିନ୍ଦା ଥିଲା। ଆମ୍ଭ ବିଛଣା ପାଖରେ ଛିଡ଼ା ହୋଇ କହିଲେ, "ମିତ୍ର! ଆମ୍ଭେ କୌଣସି ଦୂର ଦେଶକୁ ଯିବୁଁ, ମାତ୍ର ଯିବା ଆଗରେ ତୁମ୍ଭଠାରେ ଏହି ପୁଳିନ୍ଦା ରଖି ଯାଉଅଛୁ। ଏଥିରୁ ଆମ୍ଭର ସବୁ କଥା ଜାଣିବ। ଆମ୍ଭେ ଯେତେବେଳେ ବହୁ ଦୂରରେ ଥିବୁଁ, ତୁମ୍ଭେ ତାହା ପଢ଼ିବ। ଆମ୍ଭଙ୍କୁ ପାସୋରିବ ନାହିଁ। ମିତ୍ର! ତୁମ୍ଭେ ଆମ୍ଭର ଅପାର ଉପକାର କରିଅଛ। ମଲାପରି ତୁମ୍ଭଠାରେ ଧାରୁଆ ହୋଇ ରହିଲୁଁ। ଏବେ ମେଲାଣି ମାଗୁଅଛୁଁ, ଆମ୍ଭଙ୍କୁ ଆଲିଙ୍ଗନ କର। ନା, ମିତ୍ର! ଆମ୍ଭେ ତୁମ୍ଭର ଆଲିଙ୍ଗନର ଯୋଗ୍ୟ ନୋହୁଁ। ପାପିଷ୍ଠକୁ ଛୁଇଁଲେ ତୁମ୍ଭର ପବିତ୍ର ଦେହ ଦୂଷିତ ହେବ।" ତାଙ୍କର ସହସା ଯିବାର କଥା ଶୁଣି ଆମ୍ଭର ତୁଣ୍ଡ ଫିଟିଲା ନାହିଁ। କିଛିକାଳ ଉତ୍ତାରୁ କହିଲୁଁ "ପୁଣି ତୁମ୍ଭଙ୍କୁ କେବେ ଦେଖିବୁଁ?" ଯୁବା କହିଲେ, "ନା, ଆଉ ଏ ଜନ୍ମରେ ଦେଖା ହେବ ନାହିଁ।"

ଏହା କହି ଅଶ୍ରୁପୂର୍ଣ୍ଣ ନେତ୍ରରେ ଚାଲି ବାହାରିଲେ।

ଅତିଥିମାନେ ପଚାରିଲେ, "ଯୁବା କି ପୁଣି ନେଉଟି ଆସିଲେ?" ଗୃହସ୍ଥ କହିଲେ, "ନା, ଆଉ ତାଙ୍କୁ ଦେଖିନାହୁଁ।"

ଅତିଥିମାନେ କହିଲେ, "ଆପଣ ଯାହା କହିବା ହେଲେ, ତହିଁରେ ଛୁଦର ତ କୌଣସି କଥା ନାହିଁ।"

ଗୃହସ୍ଥ କହିଲେ, "ହଁ, ସେହି ଦିନ ଆମ୍ଭର ସେହି ଯୁବା ବନ୍ଧୁ ଆସିଥିଲେ। ସେ ଗୋଟିଏ

ଭୂତର ଛଳ । ସେହି ସୁବାଙ୍କର ନିଜ ଲିଖିତ ବିବରଣ ଆମ୍ଭଠାରେ ଅଛି ।"

ଅତିଥିମାନେ କହିଲେ, "ଶୁଣିବାପାଇଁ ଆମ୍ଭମାନଙ୍କର ବଡ଼ କୌତୂହଳ ହେଉଅଛି । ଯେବେ ଆପତ୍ତି ନ ଥାଏ, ପଢ଼ିବା ହେଉନ୍ତୁ ।"

ଗୃହସ୍ଥ ପଢ଼ିଲେ—

"ଆମ୍ଭେ ନେପଲସ୍ ନଗରରେ ଜନ୍ମିଥିଲୁଁ । ଆମ୍ଭର ପିତାମାତା ସଦ୍‌ବଂଶଜାତ ଥିଲେ । ମାତ୍ର ସେମାନଙ୍କର ଅଧିକ ସମ୍ପତ୍ତି ନ ଥିଲା । ପିତା ଅତ୍ୟନ୍ତ ଅମିତବ୍ୟୟୀ ଥିଲେ । ଅଟ୍ଟାଳିକା ବନାଇବାରେ, ଅନେକ ବାହନ ଓ ଭୃତ୍ୟ ରଖିବାରେ, ପୁଣି ସେହିପରି ବ୍ୟୟସାଧ୍ୟ ବିଷୟମାନଙ୍କରେ ସେ ବିସ୍ତର ଉଡ଼ାଉଥିଲେ । ସେଥିନିମନ୍ତେ ସେ କେବେ କେବେ ଦୁର୍ଦ୍ଦଶାଗ୍ରସ୍ତ ହେଉଥିଲେ । ଆମ୍ଭେ ତାଙ୍କର କନିଷ୍ଠ ପୁତ୍ର ଥିଲୁଁ । ଦୁର୍ଭାଗ୍ୟକ୍ରମେ ଆମ୍ଭ ପରିବାର ମଧ୍ୟରେ ଏହି କୁପ୍ରଥା ପ୍ରଚଳିତ ଥିଲା ଯେ, ଜ୍ୟେଷ୍ଠପୁତ୍ର ପିତାଙ୍କର ସବୁ ସମ୍ପତ୍ତିର ଉତ୍ତରାଧିକାରୀ ହେବେ । ପୁଣି ପିତା ଆମ୍ଭକୁ ନିତାନ୍ତ ଅପଦାର୍ଥ ମଣୁଥିଲେ । ଆମ୍ଭର ମନ ଅତ୍ୟନ୍ତ ମୃଦୁ ଥିଲା । ଅଳ୍ପ କଥାରେ ଆମ୍ଭେ ଦୁଃଖିତ ଅଥବା ହୃଷ୍ଟ ହେଉଥିଲୁଁ । ଯେଉଁ ସମୟରେ ଆମ୍ଭେ କଥା କହିବାକୁ ଶିଖି ନ ଥିଲୁଁ, ସେ ସମୟରେ ସୁଦ୍ଧା ଗୀତ ଶୁଣି ଆମ୍ଭର ଆନନ୍ଦ ଅଥବା ଦୁଃଖ ଜନ୍ମୁଥିଲା । ବୟୋବୃଦ୍ଧି ସଙ୍ଗେ ମାନସିକ ବୃତ୍ତିମାନ ସତେଜ ହେବାକୁ ଲାଗିଲେ । ଆମ୍ଭେ କୁଟୁମ୍ବମାନଙ୍କର ନାଟୁ ପ୍ରାପ୍ୟ ହୋଇ ଥିଲୁଁ । ସେମାନଙ୍କର ଯେତେବେଳେ ଇଚ୍ଛା ହେଉଥିଲା, ଆମ୍ଭକୁ ବିଦ୍ରୂପ ଅଥବା ବିଷଣ୍ଣ କରି ଆମୋଦ କରୁଥିଲେ । ସମସ୍ତେ ଠୁଳ ହୋଇ ଆମ୍ଭକୁ ତଡ଼ାଉଥିଲେ । ଶେଷରେ ଆମ୍ଭର କ୍ରୋଧର ଅବଧି ରହୁ ନ ଥିଲା । ଆମ୍ଭଠାରେ ଏପରି ବ୍ୟବହାର କଲେ ପଛକୁ ଯେ ଆମ୍ଭର କେତେ ଅନିଷ୍ଟ ହେବ, ସେମାନେ ଭ୍ରମରେ ସୁଦ୍ଧା ଏହା ଭାବୁ ନ ଥିଲେ । ଏହିରୂପେ ଜ୍ଞାନୋଦୟ ହେବା ଆଗେ ଆମ୍ଭର ଅନ୍ୟାନ୍ୟ ରିପୁମାନେ ପ୍ରବଳ ହେଲେ । କ୍ରମଶଃ ସବୁ ଲୋକଙ୍କଠାରେ ଆମ୍ଭେ ଅନାଦରପାତ୍ର ହେଲୁଁ । ଦୁଃଖ ଉପରେ ଦୁଃଖ ପଡ଼ିଲା । ଆମ୍ଭର ଜନନୀ ପରଲୋକ ପ୍ରାପ୍ତ ହେଲେ । ପୁଅ ଦୁଷ୍ଟ ହେଲେ ସୁଦ୍ଧା ଜନନୀ ମାୟା ଛାଡ଼ି ପାରନ୍ତି ନାହିଁ । ଆମ୍ଭଠାରେ ମା'ଙ୍କର ଅତ୍ୟନ୍ତ ସ୍ନେହ ଥିଲା । ଦୁର୍ଦ୍ଦୈବକୁ କିଏ ନିବାରିବ ? ତାଙ୍କର ମୃତ୍ୟୁରେ ଆମ୍ଭର ଶୋକସିନ୍ଧୁ ଉଚ୍ଛୁଳିଲା । ପିତାଙ୍କର ଅପ୍ରିୟପାତ୍ର ଥିଲୁଁ । ତେଣୁ ଆମ୍ଭର କଷ୍ଟର ସୀମା ନ ରହିଲା । ସମସ୍ତେ ଆମ୍ଭଠାରେ ଶତ୍ରୁପରି ଆଚରିଲେ । ପିତା କେବେହେଁ ସ୍ନେହ ଆଖିରେ ଚାହୁଁ ନ ଥିଲେ । ଏହିରୂପେ ଆମ୍ଭର ଶୈଶବ କାଳ ଗଲା ।"

ଆମ୍ଭେ ପୂର୍ବରେ କହିଅଛୁଁ ଯେ ପିତାଙ୍କର ଅନାଦର ପାତ୍ର ଥିଲୁଁ । ବସ୍ତୁତଃ ଆମ୍ଭର ମନ କାତର ଥିଲା, ସେ ଜ୍ଞାତ ନ ଥିଲେ । ପୁଣି ଆମ୍ଭକୁ ନିପଟ ନିର୍ବୋଧ ଏବଂ ଅବାଧ୍ୟ ମଣୁଥିଲେ । ଆମ୍ଭେ ଯେବେ କୌଣସି ସମୟରେ ତାଙ୍କ ପାଖକୁ ଯାଉଥିଲୁଁ, ତାଙ୍କର ଅଶ୍ରଦ୍ଧାଯୁକ୍ତ ମୁଖଭଙ୍ଗୀ ଦେଖି ବିରକ୍ତ ପୁଣି ଭୀତ ହେଉଥିଲୁଁ । ସେ କେବେ ହସି ଆମ୍ଭ ସଙ୍ଗେ କଥାବାର୍ତ୍ତା କରୁ ନ ଥିଲେ । ତାଙ୍କର ସେହି ଭ୍ରୂକୁଟିକୁଟିଳ ମୁଖ ଦେଖିଲାକ୍ଷଣି ଆମ୍ଭର ଦେହ ଥରୁଥିଲା । ଭୀତ ହୋଇ କଦାପି ତାଙ୍କ ପାଖକୁ ଯାଉ ନ ଥିଲୁଁ ।

ବଡ଼ ଭାଇ ପିତାଙ୍କର ଅତି ପ୍ରିୟପାତ୍ର ଥିଲେ, ପୁଣି ସବୁ ସମ୍ପତ୍ତିର ଉତ୍ତରାଧିକାରୀ ହେଲେ । ତାଙ୍କର ଅଧୀନ ହୋଇ ରହିବାକୁ ଆମ୍ଭର ପ୍ରବୃତ୍ତି ହେଲା ନାହିଁ । କୌଣସି ମଠରେ ରହିବା ନିମନ୍ତେ ମନ ବଳିଲା । ମଠରେ ରହିଲେ ସ୍ୱାଧୀନ ହୋଇ ପାରିବୁଁ,

ଏହା ଭଳି ସେହି ବାସନା ଆହୁରି ପ୍ରବଳ ହେଲା । ସେତେବେଳେ ସମୟରେ ଆମର ବୟଃକ୍ରମ ଅଧିକ ହୋଇ ନ ଥିଲା । ସଂସାର-ସୁଖ କିପରି ଜାଣିବାକୁ ସମର୍ଥ ହୋଇ ନ ଥିଲୁ । ଏପରି ଅବସ୍ଥାରେ ଏକ ମଠକୁ ପ୍ରେରିତ ହେଲୁଁ ।

ଆମର ପିତୃବ୍ୟ ସେହି ମଠର ମହନ୍ତ ଥିଲେ । ସେ କେବେହେଁ ସଂସାର-ସୁଖର ସ୍ୱାଦ ପାଇ ନ ଥିଲେ । ତେଣୁ ସୁଖ-ଇଚ୍ଛା ତାଙ୍କ ହୃଦୟରେ କେବେ ସ୍ଥାନ ଲଭ ନ ଥିଲା । ସେ ଅତ୍ୟନ୍ତ ସଂଯମୀ ଥିଲେ ଏବଂ ସଂଯମକୁ ମହାପୁଣ୍ୟ ଗଣୁଥିଲେ । ତାଙ୍କର ମନୋବୃତ୍ତି ଯେପରି ସମସ୍ତଙ୍କର ସେହିପରି ବୋଲି ତାଙ୍କର ବିଶ୍ୱାସ ଥିଲା । ଯେଉଁ ମଠରେ ସେ ଅଧ୍ୟକ୍ଷ ଥିଲେ, ସେ ମଠର ସନ୍ନ୍ୟାସୀମାନେ ତାଙ୍କୁ ଯଥେଷ୍ଟ ଭକ୍ତି କରୁଥିଲେ । ଗୁରୁ ପଦରେ ତାଙ୍କୁ ଗୃହଁ ଚଳୁଥିଲେ । ସେମାନେ ସୁଦ୍ଧା ସଂସାରସୁଖରୁ ହୀନ ଥିଲେ । ପୁଣି ସେହି ମଠ ଏପରି ନିର୍ଜନ ସ୍ଥଳରେ ସ୍ଥାପିତ ଥିଲା ଯେ,ସେଠାରେ ପ୍ରବେଶ ହେଲେ ଭୟ ଏବଂ ଦୁଃଖରେ ହୃଦୟ ଆକୁଳ ହୁଏ । ସେହି ମଠ ଭସୁଭିୟସ୍ ଆଗ୍ନେୟଗିରିର ଏକ ଗହନ ବନ ମଧ୍ୟରେ ଅବସ୍ଥିତ ଥିଲା । ସେହି ସ୍ଥାନର ଦୂରଆଡ଼େ ଉଚ୍ଚ ଶୈଳଶିଖର ଶ୍ରେଣୀ । ପାଖରେ ଗୋଟିଏ ନଦୀ । ସେହି ନଦୀର କଳ କଳ ଶବ୍ଦଦ୍ୱାରା ମନରେ ଗମ୍ଭୀର ଭାବର ଉଦୟ ହୁଏ ।

ଶିକାରୀ ପକ୍ଷୀମାନେ ଖାଦ୍ୟ ଖୋଜିବାପାଇଁ ଏଣେ ତେଣେ ଉଡ଼ୁଥାନ୍ତି । ଭୟଙ୍କର ଶ୍ୱାପଦ ପଶୁମାନେ ଆହାର ନିମନ୍ତେ ଭ୍ରମୁଥାନ୍ତି । କେଉଁଠାରେ ଉଚ୍ଚ ଗଛମାନ ଶାଖା-ବାହୁ ବିସ୍ତାର କରି ହୋଇଅଛନ୍ତି । କେଉଁଠାରେ ଦୁର୍ଗମ କଣ୍ଟାବନ,କେଉଁଠାରେ ଗଛମାନଙ୍କରେ ଲତା ମାଡ଼ିଥିବାରୁ ତଳେ ଆଲୁଅ ପଡୁନାହିଁ । ଗୁଡ଼ାଏ ଜଣ କହନ୍ତି ସେହି ସ୍ଥଳ ଗାମ୍ଭୀର୍ଯ୍ୟର ବାସଭୂମି ପ୍ରାପ୍ତ ହୋଇଥିଲା ।

ପିଲାଦିନରେ ଆମେ ସେଠାକୁ ପ୍ରେରିତ ହୋଇଥିଲୁଁ । ତେଣୁ ତାହା ପୂର୍ବରେ ଯାହା ଦେଖିଥିଲୁଁ ଅବା ଶୁଣିଥିଲୁଁ ତାହା ଚଞ୍ଚଳ ପାସୋରିଲୁଁ । ବୟସବୃଦ୍ଧି ସଙ୍ଗେ ଆମର ମାନସକ୍ଷେତ୍ର ବିସ୍ତୃତ ହେବାକୁ ଲାଗିଲା । ସେହି ମଠର ନିର୍ଜନତା ଏବଂ ଗମ୍ଭୀରତାହେତୁରୁ ମଧ୍ୟ ଆମ୍ଭଙ୍କୁ ଦୁଃଖଦର ପ୍ରାପ୍ତ ଘଟିଲା । ଏହିରୂପେ ପିଲାଦିନର ପ୍ରଫୁଲ୍ଲତା ଆମ୍ଭଙ୍କୁ ଛାଡ଼ିଗଲା । ପୁଣି ସେଠାରେ ଲୋକମାନେ ଭୟ ଦେଖାଇବା ନିମନ୍ତେ ନାନାପ୍ରକାର ଭୂତ ପ୍ରେତଙ୍କର କାହାଣୀ କହୁଥିଲେ । ସେହି ଅମୂଳକ କାହାଣୀ ଶୁଣି ଆମର ମନ ବିକୃତ ହେଲା । ଘରେ ଯେପରି କଷ୍ଟ ଭୋଗ କରିଥିଲୁଁ, ସେଠାରେ ମଧ୍ୟ ସେହିପରି ହେଲା । ଦିନେ ଭସୁଭିୟସ୍ ପର୍ବତରୁ ଅଗ୍ନ୍ୟୁତ୍ପାତ ହେବାରୁ ସେମାନେ ଆମ୍ଭକୁ ଯେପରି ଭୟ ଦେଖାଇଥିଲେ, ତାହା ଆଜିଯାଏ ଆମ ମନରୁ ଯାଇ ନାହିଁ । ସେହି ପର୍ବତଠାରୁ ଆମ୍ଭେମାନେ ଅନେକ ଦୂରରେ ଥିଲୁଁ । ମଧ୍ୟରେ ଯୋଜିଏ ପର୍ବତ ଥିଲା । କି ଆଶ୍ଚର୍ଯ୍ୟ ! ଏମନ୍ତ ହେଲେହେଁ ଆମର ବାସସ୍ଥଳ କମ୍ପିଲା । ଭୂମିକମ୍ପ ହେବାରୁ ଆମେ ଅତିଶୟ ଭୀତ ହେଲୁ । ମଠର ବଡ଼ ବଡ଼ ଘର ନିଶ୍ଚେ ପଡ଼ିଯିବ, ଆମର ଏହି ଆଶଙ୍କା ହେଲା । ରାତିରେ ଆକାଶ ରକ୍ତବର୍ଣ୍ଣ ହେଲା । ଆମର ଅପ୍ରଶସ୍ତ ଉପତ୍ୟକାରେ ପ୍ରବଳ ବାୟୁ ବହିଲା, ଭସ୍ମ ବର୍ଷିଲା । ଆମ୍ଭେ ସନ୍ନ୍ୟାସୀମାନଙ୍କୁ ଏହି ଅଦ୍ଭୁତ ଘଟଣାର ହେତୁ ପଚାରିଲୁଁ । ସେମାନେ କହିଲେ ଯେ ଆମ୍ଭମାନଙ୍କ ବାସସ୍ଥାନ ତଳେ ଧାତୁସ୍ରୋତ ବହୁଅଛି, ଭୟଙ୍କର ଅଗ୍ନି ଗର୍ଜୁଅଛନ୍ତି । ଆହୁରି ମଧ୍ୟ କହିଲେ ଯେଉଁ ତଳେ ପାତାଳରେ ଭୂତମାନଙ୍କର ବାସଭୂମି । ସେଠାରେ ତରଳ ଅଗ୍ନିପୂର୍ଣ୍ଣ ଭୟଙ୍କର ଗାତ

ଅଛି । ସେମାନଙ୍କର ଏହି ଶଙ୍କାଜନକ ଗଳ୍ପ ଶୁଣି ଆମ୍ଭେ ବଡ଼ ଡରିଲୁଁ । ସେହି ସମୟରେ ବଜ୍ର ଘଡ଼ଘଡ଼ ହୋଇଥିଲା । ସେହି ଭୀଷଣ ଶବ୍ଦଦ୍ୱାରା ଆମ୍ଭର ଭୟ ଆହୁରି ବଢ଼ିଲା ।

ମଠର ସନ୍ନ୍ୟାସୀମାନଙ୍କ ମଧ୍ୟରୁ ଜଣେ ପୂର୍ବରେ ଚିତ୍ରକର ବ୍ୟବସାୟଦ୍ୱାରା ଜୀବିକା ଚଳାଉଥିଲେ, କୌଣସି ଗୁରୁ ଅପରାଧଗ୍ରସ୍ତ ହୋଇ ସେଥିର ପ୍ରାୟଶ୍ଚିତ୍ତ ନିମନ୍ତେ ସେହି ମଠରେ ଆସି ରହିଲେ । ତାଙ୍କର ମୁହଁ ଦେଖି ଜାଣିଲୁଁ ଯେ ତାଙ୍କ ହୃଦୟରେ ଦୁଃଖଶେଲ ଫୁଟିଅଛି । ସେ ଗୋଟାଏ ଗହ୍ୱରର ଭିତରେ ବସି ଚିତ୍ର କରୁଥାନ୍ତି । ଚିତ୍ର କରିବାବେଳେ ତାଙ୍କ ଆଖିରୁ ଲୋତକ ଝରୁଥାଏ । କୀଟ-ପତଙ୍ଗମାନେ ତାଙ୍କର ଭକ୍ଷ୍ୟଥିଲେ । ସେହିତା ଖାଇ ସେ ପ୍ରାଣ ବଞ୍ଚାଉଥିଲେ । ହାୟ ! ସେକଥା ସବୁ ମନରେ ପଡ଼ିଲେ ଭୟରେ ଦେହ ଶୀତେଇ ଉଠେ । ତଥାପି ତାଙ୍କଠାରୁ ଚିତ୍ରବିଦ୍ୟା ଶିଖିବାକୁ ଆମ୍ଭର ମନ ବଳିଲା । ମନ ଲଗାଇ ଶିଖିଲୁଁ ଏବଂ ଅଳ୍ପକାଳ ମଧ୍ୟରେ କିଞ୍ଚିତ୍ ପଟୁତା ଲଭିଲୁଁ । କ୍ରମଶଃ ସେହି ବିଷୟରେ ପ୍ରଶଂସାଭାଜନ ହେଲୁଁ ।

ଏହିପରି ସ୍ଥାନରେ ଆମ୍ଭେ ବାଲ୍ୟକାଳ ଗମିଲୁଁ । ଏହିଠାରେ ଆମ୍ଭର ଶିକ୍ଷାଦି ହେଲା । ଆମ୍ଭର ଭଲ ମନୋବୃତ୍ତି କ୍ରମେ ଝାଉଁଳି ଗଲେ । କୁପ୍ରବୃତ୍ତିମାନେ ଦିନକୁ ଦିନ ପ୍ରବଳ ହେଲେ । ଆମ୍ଭେ ସ୍ୱଭାବରେ ଚଞ୍ଚଳ ଓ ବ୍ୟଗ୍ର ଥିଲୁଁ ; ପୁଣି ଆମ୍ଭଠାରେ ଉତ୍ତମ ଗୁଣର ଅଭାବ ନ ଥିଲା । କିନ୍ତୁ ହେଲେ କ'ଣ ହେବ, ସେ ସଦ୍‌ଗୁଣମାନଙ୍କର ଉନ୍ନତି ନ ହୋଇ ବରଂ କ୍ରମଶଃ ଅବନତି ହେବାକୁ ଲଗିଲା । ଆମ୍ଭେ କେବଳ ମାତ୍ର ଭୟ ଏବଂ ଘୃଣା କରିବାକୁ ଶିଖିଥିଲୁଁ । ମନରେ ପିତୃବ୍ୟଙ୍କୁ ଘୃଣା କରୁଥିଲୁଁ । ସନ୍ନ୍ୟାସୀମାନେ ମଧ୍ୟ ଆମ୍ଭର ଘୃଣାର ପାତ୍ର ହେଲେ । ସେହି ମଠ ଆମ୍ଭଙ୍କୁ ବିରକ୍ତିକର ବୋଧ ହେଲା । ସଂସାରକୁ ଅସାର ମଣିଲୁଁ । ପୁଣି ସ୍ୱୟଂ ଏପରି ଘୃଣାକାରୀ ଏବଂ ଘୃଣାସ୍ପଦ ହୋଇଥିଲୁଁ ବୋଲି ଆପଣା ଜୀବନକୁ ସୁଦ୍ଧା ଘୃଣା କଲୁଁ ।

ଯେଉଁ ସମୟରେ ଆମ୍ଭର ଷୋଳ ବର୍ଷ ବୟଃକ୍ରମ ହୋଇଥିଲା, କାର୍ଯ୍ୟପାଇଁ ସନ୍ନ୍ୟାସୀ-ମାନଙ୍କ ସଙ୍ଗେ କୌଣସି ସ୍ଥାନକୁ ଯିବା ନିମନ୍ତେ ଆମ୍ଭ ପିତୃବ୍ୟ ଆମ୍ଭଙ୍କୁ ଅନୁମତି ଦେଲେ । ଆମ୍ଭେ ଯେ ଉପତ୍ୟକାରେ ବହୁଦିନ କାରାବଦ୍ଧ ପ୍ରାୟ ଥିଲୁଁ, ସେହି ଉପତ୍ୟକାରୁ ବାହାରିଲୁଁ । ପର୍ବତ ଉପରେ ଯାଉଁ ଯାଉଁ ନେପ୍‌ଲସ୍ ଉପସାଗରରେ ତୀରଦେଶ ଦିଶିଲା । ଆଃ ! ସେହି ସମୟରେ ଆମ୍ଭ ମନରେ ଯେପରି ଆନନ୍ଦ ଜାତ ହେଲା, ତାହା ବାକ୍ୟରେ କହି ନୁହଇ । ସେହି ଦେଶର ଶୋଭା ଦେଖି ଆମ୍ଭର ଅନିର୍ବଚନୀୟ ପ୍ରୀତି ଉପଜିଲା । କେଉଁ ସ୍ଥାନରେ ଲତା ମଣ୍ଡପ ଶୋଭା ପାଉଅଛି । କେଉଁ ସ୍ଥାନରେ ଦ୍ରାକ୍ଷାଲତା ଫଳଭରରେ ନଇଁ ସାଗରର ପବନରେ କମ୍ପୁଅଛି । ଆମ୍ଭ ଦକ୍ଷିଣ ପାର୍ଶ୍ୱରେ ପର୍ବତରାଜ ଭିସୁଭିୟସ୍‌ର ଉଚ୍ଚ ଚୂଡ଼ା ଆକାଶ ପରଶୁ ଅଛି । ବାମ ଭାଗରେ ଭୂମଧ୍ୟସାଗରର ନୀଳ ଜଳରେଖା ଦିଶୁଅଛି । ସମୁଦ୍ରର କୂଳ ସ୍ଥାନ ସ୍ଥାନ ପରିଷ୍କୃତ କୁଟୀରମାନଙ୍କରେ ଅଳଂକୃତ ହୋଇଥିଲା । ସେହି ସ୍ଥଳରୁ ପ୍ରାସାଦଶ୍ରେଣୀଶୋଭିତ ନେପ୍‌ଲସ୍ ନଗର ଦେଖିବାକୁ ପାଇଲୁଁ ।

ହା ଦୈବ ! ଆମ୍ଭେ କି ଏହି ସୁଖାଗାର ସଂସାରରୁ ଏତେଦିନ ବଞ୍ଚିତ ଥିଲୁଁ । ଆମ୍ଭର ମନ ସତେଜ ଥିଲା, ମାତ୍ର ବହୁକାଳ ଉପଦ୍ରବ ସହିବାରୁ ସେହି ତେଜ କ୍ଷୀଣ ପଡ଼ି ଯାଇଥିଲା । ନିର୍ଝରର ଉଚ୍ଚସ୍ଥାନରୁ ଯେପରି ଗହ୍ୱରରେ ପଡ଼େ, ଆମ୍ଭ ମାନସିକ ଭାବର ବେଗ ସୁଦ୍ଧା ସେହିପରି ହେଲା । ସଙ୍କୁଚିତ ହୃଦୟ ବିସ୍ତୃତ ହେଲା । ପ୍ରାକୃତିକ ଶୋଭା ଦେଖି ଆମ୍ଭେ

ମୋହିତ ହେଲୁଁ । କୃଷକମାନଙ୍କର ମଧୁର ଗୀତ, ପ୍ରଫୁଲ୍ଲ ମୁଖ, ସୁଖପ୍ରଦ ଜୀବିକା, ପରିଷ୍କୃତ ପରିଚ୍ଛଦ, ପୁଣି ଗ୍ରାମ୍ୟ ବାଦ୍ୟ, ନର୍ତ୍ତନ ଏହି ସବୁ ଦେଖି ଶୁଣି ଆମ୍ଭେ ବିସ୍ମୃତ ପ୍ରାୟ ହେଲୁଁ । ମନ ସୁଖ-ତରଙ୍ଗରେ ଭାସିଲା । ଏହି ପରି ପ୍ରତୀତ ହେଲା ଯେ ମହୀ ସାଧୁ ନର ପୁଣି ଉଦାର ରମଣୀମାନଙ୍କରେ ପୂର୍ଣ୍ଣ ଅଟେ ।

ଆମ୍ଭେ ପୁଣି ସେହି ମଠକୁ ନେଉଟି ଆସିଲୁ, ମାତ୍ର ଆମ୍ଭ ଦେହ ଫେରି ଆସିଲା, ମନ ଏପରି ବିସ୍ମିତ ହୋଇଥିଲା ଯେ, ସେହି କ୍ଷୁଦ୍ର ସ୍ଥାନରେ ପୁଣି ପ୍ରବିଷ୍ଟ ହୋଇ ପାରିଲା ନାହିଁ । ଆମ୍ଭେ ଯେଉଁ ସବୁ ସୁଖକର ବସ୍ତୁ ଦେଖିଥିଲୁଁ ସେସବୁ କେବେହେଁ ମନରୁ ଯିବାର ନୁହେଁ । ଯେଉଁଠି ସୁଖର ସୀମା ନ ଥିଲା, ପୁଣି ଜୀବିତମାନଙ୍କର ମଶାଣି ପ୍ରାୟ ସେହି ମଠରେ ପ୍ରବିଷ୍ଟ ହୋଇ ଜୀବନମୃତ ହୋଇ ରହିଲୁଁ । ଯେ ସେହି ପ୍ରସନ୍ନ ମନୁଷ୍ୟମାନଙ୍କର ପ୍ରଫୁଲ୍ଲ ପଦ୍ମମୁଖ ଦେଖିଅଛି, ତାହା ଆଖିରେ ଗଳିତକେଶ କୁଞ୍ଚିତଚର୍ମ ଅପରିଷ୍କୃତ ମଠବାସୀମାନଙ୍କର ବଦନ କିପରି ଅବା ଆନନ୍ଦକର ହେବ ? ଏଣିକି ମଠର କାର୍ଯ୍ୟାଦି ଆମ୍ଭ ପକ୍ଷରେ ବଡ଼ କଷ୍ଟକର ହେଲା । ନିତି ଏକରୂପ କାର୍ଯ୍ୟ କରିବାର ବିରକ୍ତିକର ଅଟେ । ମଠରେ ରହି ଆମ୍ଭର ଯେମନ୍ତ କଷ୍ଟ ହେଲା, ଅନୁଭବ ବିନୁ କେହି ତାହା ବୁଝି ପାରିବେ ନାହିଁ ।

ଆମ୍ଭେ ଅଳସସ୍ୱଭାବ ନ ଥିଲୁଁ । ଯେତେବେଳେ ଯାହା ଉତ୍ତମ ମଣୁଥିଲୁଁ, ସେହିକ୍ଷଣି ତାହା ସମ୍ପାଦିବାକୁ ଲବମାତ୍ର ବିଳମ୍ବ କରୁ ନ ଥିଲୁଁ । କି ଉପାୟଦ୍ୱାରା ସେହି ମଠରୁ ପଳାଇବୁଁ, ଏହି ବିଷୟ ଯେତେ ସର୍ବଦା ଚିନ୍ତିତ ଥିଲୁଁ । ସୌଭାଗ୍ୟକ୍ରମେ ସୁଯୋଗ ମିଳିଲା । ଆମ୍ଭେ ସେହି ସୁଯୋଗରେ ମଠ ତ୍ୟାଗ କଲୁଁ । ମଠ ତ୍ୟାଗ ଅନ୍ତେ ନେପଲସ୍‌କୁ ଗଲୁଁ । ନଗରରେ ପ୍ରବିଷ୍ଟ ହୋଇ ନଗରଶୋଭା ଦେଖି ଚମତ୍କୃତ ହେଲୁଁ । ଏତେ ଗହଳ ଆମ୍ଭେ କେଉଁଠାରେ ଦେଖି ନ ଥିଲୁଁ । ସୁନ୍ଦର ହର୍ମ୍ମ୍ୟମାଳା, ଫଳ-ଫୁଲଶୋଭିତ ଉଦ୍ୟାନ, ନାଗରିକମାନଙ୍କ ବିବିଧ ବେଶଭୂଷା, ବିସ୍ତୃତ ରାଜଦାଣ୍ଡ, ସୁରୁଚିରୁ ପଣ୍ୟଦ୍ରବ୍ୟ, ଏହିସବୁ ଦେଖି ଆମ୍ଭର ଅକଥନୀୟ ଆନନ୍ଦ ଜାତ ହେଲା । ପ୍ରତିଜ୍ଞା କଲୁଁ ଯେ ପୁଣି ସେହି ଭୟଙ୍କର ମଠକୁ ଯିବୁ ନାହିଁ ।

ପିତାଙ୍କ ଘର କେଉଁଠାରେ ଅବସ୍ଥିତ ଥିଲା, ଆମ୍ଭେ ତାହା ଜାଣି ନ ଥିଲୁଁ । ନାଗରିକମାନଙ୍କୁ ପଚାରିବାରୁ ସେମାନେ ତାହାଙ୍କ ବାସସ୍ଥାନ ଦେଖାଇ ଦେଲେ । ବହୁ କଷ୍ଟରେ ପିତାଙ୍କ ନିକଟବର୍ତ୍ତୀ ହେଲୁଁ । ହେତୁ କି, ତାଙ୍କ ଗୃହରେ ଥିବା ଭୃତ୍ୟମାନେ ଆମ୍ଭଙ୍କୁ ଶୀଘ୍ର ଚିହ୍ନି ପାରିଲେ ନାହିଁ । ପୁଣି ଆମ୍ଭେ ସନ୍ନ୍ୟାସୀ-ପରିଚ୍ଛଦ ପିନ୍ଧିଥିଲୁଁ । ଆମ୍ଭ ପିତା ମଧ୍ୟ ଆମ୍ଭଙ୍କୁ ଚିହ୍ନି ନ ପାରିଲେ । ଆମ୍ଭେ ପିତାଙ୍କ ଗୋଡ଼ତଳେ ପଡ଼ି ବିନୟବାକ୍ୟରେ ଆପଣା ପରିଚୟ ଦେଲୁଁ ଏବଂ ଏହି ପ୍ରାର୍ଥନା କଲୁଁ ଯେ, ପୁଣି ଯେମନ୍ତ ସେହି ମଠକୁ ପ୍ରେରିତ ନ ହେବୁଁ ।

ପିତାଙ୍କର ପୁତ୍ରଠାରେ ଯେପରି ବ୍ୟବହାର କରିବାର ଉଚିତ, ଆମ୍ଭ ପିତା ଆମ୍ଭଠାରେ ସେପରି ବ୍ୟବହାର କଲେ ନାହିଁ । ପ୍ରଭୁ ଆଶ୍ରିତଠାରେ ଯେପରି ବ୍ୟବହାର କରନ୍ତି ଆମ୍ଭଠାରେ ତାଙ୍କ ବ୍ୟବହାର ସେହିପରି ଦେଖିଲୁଁ । ଆମ୍ଭେ ମଠରେ ଯେ ସମସ୍ତ ଦୁଃଖଭୋଗ କରିଥିଲୁଁ, ତାଙ୍କଠାରେ ସମସ୍ତ ନିବେଦନ କଲୁଁ । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଏହି ଯେ, ତହିଁରେ ତାଙ୍କର କିଛିମାତ୍ର ଦୁଃଖ ନ ଜନ୍ମିଲା । ଶେଷକୁ ସେ କହିଲେ, ଆମ୍ଭଙ୍କୁ ଅନ୍ୟ କୌଣସି କାର୍ଯ୍ୟରେ ନିଯୁକ୍ତ କରିବା ନିମନ୍ତେ ଚେଷ୍ଟିତ ହେବେ । ତାଙ୍କ ଅନୁରାଗ-

ଶୂନ୍ୟ ଆଚରଣ ଦେଖି ଆମ୍ଭେ ଅତ୍ୟନ୍ତ ଦୁଃଖିତ ହେଲୁଁ । ଆମ୍ଭେ ସ୍ୱୟଂ ଅତ୍ୟନ୍ତ ସରଳପ୍ରକୃତିର ଥିଲୁଁ । ପିତା ଯେବେ ଆମ୍ଭ-ଠାରେ ଅଳ୍ପମାତ୍ର ସ୍ନେହ ପ୍ରକାଶ କରିଥାନ୍ତେ, ପ୍ରଫୁଲ୍ଲଚିତ୍ତରେ ତାଙ୍କର ଆଜ୍ଞାବହ ହୋଇଥାନ୍ତୁ, ତାଙ୍କର ନିଷ୍ଠୁର ଆଚରଣରେ ଅତ୍ୟନ୍ତ ବିରକ୍ତ ହେଲୁଁ । ତାହାଙ୍କଠାରେ ପୂର୍ବ ଅଭକ୍ତି ପୁନରୁଜ୍ଜୀବିତ ହେଲା । ପୂର୍ବରେ ତାଙ୍କୁ ଦେଖିଲାକ୍ଷଣି ଯେପରି ଶଙ୍କିତ ହେଉଥିଲୁଁ, ଏବେ ପୁଣି ସେହିପରି ଶଙ୍କିତ ହେଲୁଁ ।

ପିତୃସ୍ନେହ କ୍ରମଶଃ ଅନ୍ତଃକରଣରୁ ତିରୋହିତ ହେଲା । ଜ୍ୟେଷ୍ଠ ସହୋଦର ପିତାଙ୍କର ଅତି ପ୍ରିୟପାତ୍ର ଥିଲେ । କିରୂପେ ତାଙ୍କର ଉତ୍ତମ ହେବ, ପିତା ଏହି ଚିନ୍ତାରେ ସର୍ବଦା ଚିନ୍ତିତ ଥିଲେ । ଜ୍ୟେଷ୍ଠ ସହୋଦର ମଧ୍ୟ ପିତାଙ୍କର ସେହି ନିଷ୍ଠୁର ଭାବର ଉତ୍ତରାଧିକାରୀ ହେଲେ । ଆମ୍ଭଠାରେ ଭାଇପରି ବ୍ୟବହାର ନ କରି ପ୍ରଭୁ ଭୃତ୍ୟଠାରେ ଯେପରି କରଇ, ସେହିପରି କଲେ । ଆମ୍ଭେ ସ୍ୱଭାବତଃ ଅଭିମାନୀ ଥିଲୁଁ । ତେଣୁ ଏପରି ଆଚରଣ ସହି ନ ପାରିଲୁ । ପିତାଙ୍କ ପ୍ରତି ଆମ୍ଭର ସ୍ୱାଭାବିକ ଭୟ ଥିଲା, ଏଥି ନିମନ୍ତେ ତାଙ୍କ ନିର୍ଦ୍ଦୟ ଆଚରଣ ସହୁଥିଲୁଁ । କିନ୍ତୁ ଜ୍ୟେଷ୍ଠଙ୍କଠାରେ ସେପରି ଭୟ ନ ଥିଲା । ପୁଣି ସେ ବୟସରେ ଆମ୍ଭର ଜ୍ୟେଷ୍ଠ ଥିଲେ; କିନ୍ତୁ ଆମ୍ଭଠାରୁ ତାଙ୍କର ବିଦ୍ୟାବୁଦ୍ଧି ଅଧିକ ନ ଥିଲା । ଗୃହର ଦାସମାନେ ଦେଖିଲେ ଯେ ପିତାଙ୍କଠାରେ ଆମ୍ଭର ଆଦର ହେଲା ନାହିଁ । ଏହା ଦେଖି ସେମାନେ ପୁଣି ଆମ୍ଭକୁ ତୁଚ୍ଛ ମଣିଲେ । ଏହିରୂପେ ସ୍ୱ ବନ୍ଧୁମାନଙ୍କଦ୍ୱାରା ଅପମାନିତ ହୋଇ ଆମ୍ଭେ ହତାଶ ହେଲୁଁ । ଅମର୍ଷ ଆମ୍ଭର ହୃଦୟରାଜ୍ୟକୁ ଅଧିକାର କଲା, ମନ ଅଗାଧ ଦୁଃଖସାଗରରେ ବୁଡ଼ି ସର୍ବଦା ମୌନାବଲମ୍ବୀ ହୋଇ ରହିଲୁ । କେବେହେଁ ପ୍ରଫୁଲ୍ଲବଦନରେ ବାକ୍ୟାଳାପ କରୁ ନ ଥିଲୁଁ । ଏହିରୂପେ ବିରକ୍ତିକର ଅତି ପରି କେତେଦିନ ପିତାଳୟରେ ଗମିଲୁଁ । ସମସ୍ତେ ଆମ୍ଭଙ୍କୁ ଘୃଣା କରୁଥିଲେ । ପୁଣି ଆମ୍ଭ ଦୁଃଖାନଳରେ ସାନ୍ତ୍ୱନା-ଜଳ ଢାଳିବାକୁ ସେଠାରେ ଜଣେ ସୁଦ୍ଧା ନ ଥିଲା । ଆମ୍ଭଙ୍କୁ ଚତୁର୍ଦ୍ଦିଗ ଅନ୍ଧକାରାଚ୍ଛନ୍ନ ପ୍ରାୟ ଦିଶିଲା ।

ଦିନେ ପୂର୍ବୋକ୍ତ ମଠର ଜଣେ ସନ୍ନ୍ୟାସୀ ପିତାଳୟରେ ଉପସ୍ଥିତ ହେଲେ । ତାଙ୍କୁ ଦେଖିଲାକ୍ଷଣି ଆମ୍ଭେ ଅତ୍ୟନ୍ତ ଶଙ୍କିତ ହେଲୁଁ । ସେ ଆମ୍ଭଙ୍କୁ ଦେଖି ଯେମନ୍ତ ଦେଖି ନାହାନ୍ତି ଏହିପରି ଛଳ କଲେ । ଏଥିରେ ଆମ୍ଭର ଭୟ ଅଧିକ ପ୍ରବଳ ହୋଇଥିଲା ଯେ ଅଳ୍ପ କଥାକୁ ଡରୁଥିଲୁଁ । ଦିନକରେ ପିତାଙ୍କର ଜଣେ ପ୍ରିୟ ଅନୁଚର ଆମ୍ଭଙ୍କୁ ବସ୍ତ୍ରର ଗାଳି ହେଲା । ତାହାର ସେହି ଅନ୍ୟାୟ ତିରସ୍କାର ଶୁଣି ଆମ୍ଭେ କୋପରେ ଜଳିଗଲୁଁ, ସେହିକ୍ଷଣି ତାକୁ ବାଡ଼େଇଲୁଁ । ଦୁର୍ଭାଗ୍ୟ ବଶତଃ ସେହି ସମୟରେ ପିତା ସେଠାରେ ଉପସ୍ଥିତ ହେଲେ । ଆମ୍ଭେ କପାଁ କ୍ରୁଦ୍ଧ ହୋଇଥିଲୁଁ ଏବଂ କି ହେତୁରୁ ତାହାକୁ ପ୍ରହାର କଲୁଁ, ସେ ବିଷୟରେ ଯଥାର୍ଥ ହେତୁ ଅନୁସନ୍ଧାନ ନ କରି ଆମ୍ଭଙ୍କୁ ତିରସ୍କାର କଲେ, ମନକୁ ଯାହା ଆସିଲା କହିଲେ । କେତେ ଦୁର୍ବାକ୍ୟ ପ୍ରୟୋଗ କଲେ, କ୍ରୋଧରେ ତାହାଙ୍କ ଆଖିରୁ ଅଗ୍ନିକଣା ନିର୍ଗତ ହେଲା ପ୍ରାୟ ଦିଶିଲା । ଆମ୍ଭେ ଦେଖିଲୁଁ ଯେ, ସେ ଆମ୍ଭଠାରେ ଘୃଣାଜନକ ବ୍ୟବହାର କଲେ । ଆମ୍ଭେ କଦାଚ ଏମନ୍ତ କୁ ବ୍ୟବହାରର ଯୋଗ୍ୟ ନ ଥିଲୁଁ । ଆମ୍ଭେ ଦେଖିଲୁଁ ଯେ ଆମ୍ଭର ଉପଯୁକ୍ତ ମର୍ଯ୍ୟାଦା ହେଲା ନାହିଁ । ଆମ୍ଭ ସଦ୍‌ଗୁଣମାନଙ୍କର ଆଦର ହେଲା ନାହିଁ । ପିତାଙ୍କର ଏହି ଅନ୍ୟାୟ ଅବିଚାର ଦେଖି

ଆମ୍ଭେ ଯତ୍ପରୋନାସ୍ତି ବିରକ୍ତ ହେଲୁଁ । ଆମ୍ଭର ସ୍ୱାଭାବିକ ଭୟ ଭାଙ୍ଗିଗଲା । ତତ୍‌କ୍ଷଣାତ୍ ବ୍ୟଗ୍ର ହୋଇ ଉତ୍ତର ଦେଲୁଁ । କୋପରେ ଆମ୍ଭର ଗଣ୍ଡ ସ୍ଫୀତ ଓ ଆଖି ରକ୍ତବର୍ଣ୍ଣ ହେଲା । ଅଳ୍ପକାଳରେ ମଧ୍ୟ ସମସ୍ତ ଦୁଃଖ ମନେ ପଡ଼ିଲାରୁ ନୟନରୁ ଲୋତକ ଝରିଲା । ଏହା ଦେଖି ପିତା ବୃଦ୍ଧ ପୁଣି ଚମତ୍କୃତ ହେଲେ ଏବଂ ସେଠାରୁ ଚାଲିଗଲେ । ଆମ୍ଭେ ସୁଦ୍ଧା ମୌନୀ ହୋଇ ସେଠାରୁ ଅନ୍ୟ ସ୍ଥାନକୁ ଗଲୁଁ ।

ଅଳ୍ପଦିନ ଭିତରେ ଗୋଟିଏ ଭୟାବହ ବ୍ୟାପାର ଦେଖିଲୁଁ । ଯେଉଁ ସନ୍ୟାସୀ ଆମ୍ଭ ପିତାଳୟକୁ ଆସିଥିଲେ, ତାଙ୍କ ସହିତ ଆମ୍ଭକୁ ମଠକୁ ପଠାଇବା ନିମନ୍ତେ ପିତା ଗୋପନରେ ମନ୍ତ୍ରଣା କରୁଥିଲେ । ଆମ୍ଭେ ଶୀଘ୍ର ଏହା ବୁଝି ପାରିଲୁଁ । ସେଠାରୁ ପଳାଇବା ନିମନ୍ତେ ବ୍ୟଗ୍ର ହେଲୁଁ । ଜନ୍ମଘରର ମମତା ତ୍ୟାଗ କରି ସେହି ରାତିରେ ପ୍ରସ୍ଥାନ କଲୁଁ । ସେହି ବନ୍ଦରରୁ ଖଣ୍ଡିଏ ଜାହାଜ ସ୍ଥାନାନ୍ତରକୁ ଯାଉଥିଲା । ଜାହାଜରେ ଚଢ଼ିଲୁଁ । ଜାହାଜ କି ଆଶ୍ରୟରେ କେଉଁଠାକୁ ଯାଉଅଛି ଏହାର କିଛିମାତ୍ର ଅନୁସନ୍ଧାନ ନ କଲୁଁ । ଯେଉଁ ଦିଗକୁ ଯାଉ ଅବା ଯେଉଁ ସ୍ଥାନକୁ ଯାଉ, ଯମାଳୟ ପରି ସେହି ମଠଠାରୁ ସେ ସ୍ଥାନ ଉତ୍ତମ ହେବ, ଆମ୍ଭର ଏହି ବିଶ୍ୱାସ ହେଲା । ମନ ଏମନ୍ତ ବିକୃତ ହୋଇ ଯାଇଥିଲା ଯେ, ସେହି ସମୟରେ କର୍ତ୍ତବ୍ୟଜ୍ଞାନଶୂନ୍ୟ ହେଲୁଁ । ଅଦୃଷ୍ଟରେ ଯାହା ଘଟିବାର ଥିବ ଘଟିବ, ଏହି ସାହସ-ଯଷ୍ଟି ଅବଲମ୍ବନ କରି ଚାଲିଲୁଁ । ସେହି ଜାହାଜ ଜେନୋଆ ନଗରକୁ ଯାଉଥିଲା । ଆମ୍ଭେ କେତେଦିନ ଭିତରେ ସେଠାରେ ପହଞ୍ଚିଲୁଁ ।

ଜେନୋଆରେ ପ୍ରବେଶ ହୋଇ ନଗର-ମୁଖରେ ବୁଲିଲୁଁ । ଯାଉଁ ଯାଉଁ କେଉଁ ସ୍ଥାନରେ ମନୋହର ପ୍ରାସାଦମାଳା, କେଉଁ ସ୍ଥାନରେ ଉଚ୍ଚ ଦେବମନ୍ଦିର, କେଉଁ ସ୍ଥାନରେ ସୁରମ୍ୟ ପୁଷ୍ପରେ ଶୋଭିତ ଉଦ୍ୟାନମାନ ଦେଖି ଅତିଶୟ ପ୍ରୀତ ହେଲୁଁ । ମାତ୍ର କେଉଁଠାକୁ ଯିବୁଁ, କ'ଣ କରିବୁଁ, କିଛି ହିଁ ସ୍ଥିର କରି ପାରିଲୁ ନାହିଁ । ସେଠାରେ ଆମ୍ଭର ସେହି ପରିଚିତ ଲୋକ ନ ଥିଲେ । ଯାହା ହେଉ ଆଉ ସେହି ମଠର ଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ, ଏହି ଚିନ୍ତାରେ କିଞ୍ଚିତ୍ ସୁସ୍ଥ ହେଲୁଁ । ଅନନ୍ତର ନଗର ମଧ୍ୟରେ ପ୍ରବେଶ ହୋଇ ନାଗରିକମାନଙ୍କର ଗୃହରଚନା-କୌଶଳ ଦେଖି ଚମତ୍କୃତ ହେଲୁଁ । ସେହି ସ୍ଥାନର ବହୁମୂଲ୍ୟ-ବସ୍ତ୍ର-ଧାରିଣୀ ପ୍ରସନ୍ନବଦନା ସୁନ୍ଦରୀମାନଙ୍କୁ ଦେଖି ଆମ୍ଭର ସ୍ଥିର ବିଶ୍ୱାସ ଯେ, ଜେନୋଆନିବାସୀମାନେ ଅତ୍ୟନ୍ତ ସୁଖୀ ଅଟନ୍ତି । ଏମନ୍ତ ଉତ୍ତମ ସ୍ଥାନକୁ ଆସିଅଛୁଁ, ଏହା ଭାବି ଆନନ୍ଦରସରେ ଅଭିଷିକ୍ତ ହେଲୁଁ ।

ଅଳ୍ପ ଦିନ ମଧ୍ୟରେ ଆମ୍ଭର ସେହି ସୁଖକର ଭ୍ରମ ଭାଙ୍ଗିଗଲା । ଆମ୍ଭଠାରେ ଯେଉଁ ଅଳ୍ପମୁଦ୍ରା ଥିଲା ତାହା ଶୀଘ୍ର ସରିଗଲା । ଅଭାବଜନିତ କଷ୍ଟ ଆମ୍ଭେ ଏତେଦିନଯାଏ ଅନୁଭବ କରି ନ ଥିଲୁଁ, ଏଣିକି ସେହି କଷ୍ଟରେ ପଡ଼ିବାକୁ ହେଲା । ମୁଦ୍ରାଭାବରୁ ଯେ ଏପରି କ୍ଳେଶ ହୁଅଇ ତାହାର ଏମନ୍ତ ଭାବ ନ ଥିଲୁଁ । ଏଥିପୂର୍ବରେ ଆମ୍ଭର ଅଭାବ ହୋଇ ନ ଥିଲା । ସଂସାରରେ କି ପ୍ରକାରେ ଚଳିବାକୁ ହୁଏ, ତାହା ମଧ୍ୟ ଆମ୍ଭେ ସଂପୂର୍ଣ୍ଣ ଅଜ୍ଞାତ ଥିଲୁଁ । ଏହି ସମୟରେ ଆମ୍ଭ ଉପରେ ଯେମନ୍ତ ଦୁଃଖ ପଡ଼ିଲା, ତାହା ବାକ୍ୟରେ କହି ନୁହଇ । ଭିକ୍ଷୁକ ପ୍ରାୟ ରାଜଦାଣ୍ଡରେ ବୁଲିବାକୁ ଗଲୁ । ସେହି ପ୍ରାସାଦଶ୍ରେଣୀର ଶୋଭା ଆମ୍ଭ ନେତ୍ରରେ ପ୍ରୀତିକର ହେଲା ନାହିଁ । କାତର ହୋଇ ଏହିପରି ଭ୍ରମଣ କରୁଁ କରୁଁ ହଠାତ୍ ଏକ ସୁନିର୍ମିତ ଗିର୍ଜା ନିକଟରେ ପହଞ୍ଚିଲୁଁ ।

ଜଣେ ପ୍ରସିଦ୍ଧ ଚିତ୍ରକର ସେହି ଗିର୍ଜାର ପ୍ରାଚୀରରେ ଚିତ୍ରପଟ ସଂଲଗ୍ନ କରୁଥିଲେ

ଆମ୍ଭେ ଚିତ୍ରବିଦ୍ୟାରେ କିଞ୍ଚିତ୍ ନୈପୁଣ୍ୟ ଲଭିଥିଲୁଁ । ସେଥି ନିମନ୍ତେ ଉତ୍ତମ ଛବି ଦେଖିବାକୁ ଆମ୍ଭର ଅତ୍ୟନ୍ତ ସ୍ପୃହା ହେଉଥିଲା । ସେହି ଚିତ୍ରପଟମାନ ଦେଖି ଅତ୍ୟନ୍ତ ଆହ୍ଲାଦିତ ହେଲୁଁ । ସେଥିମଧ୍ୟରେ ଖଣ୍ଡିଏ ଚିତ୍ର ସର୍ବୋତ୍କୃଷ୍ଟ ହୋଇଥିଲା । ତହିଁରେ କଳଙ୍କଶୂନ୍ୟା ଉଦାରଚରିତା କୌଣସି ରୂପବତୀ ଲଳନାର ପ୍ରତିମୂର୍ତ୍ତି ଅଙ୍କିତ ହୋଇଥିଲା । ସେହି ଚିତ୍ର ଯେତେବେଳେ ଆମ୍ଭ ନେତ୍ରରେ ପଡ଼ିଲା , ସେତେବେଳେ ଆମ୍ଭର ହର୍ଷର ସୀମା ନ ରହିଲା । ଆମ୍ଭେ ଚମତ୍କୃତ ହୋଇ ସ୍ଥିରଦୃଷ୍ଟିରେ ତାହାକୁ ଦେଖିବାକୁ ଲାଗିଲୁଁ । କପୋଳଦ୍ୱୟ ହର୍ଷରେ ପ୍ରଫୁଲ୍ଲିତ ହେଲା । ଏହା ଦେଖି ସେହି ଚିତ୍ରକର ପ୍ରୀତ ହୋଇ ଆମ୍ଭ ନିକଟକୁ ଆସି ଆମ୍ଭର ପରିଚୟ ପଚାରିଲେ । ଆମ୍ଭେ ସେହି ସମୟରେ ବନ୍ଧୁହୀନ ହୋଇଥିଲୁଁ, ବିଶେଷତଃ ସେହି ଚିତ୍ରକରଙ୍କର ଆଗ୍ରହ ଦେଖି ପରିଚୟ ନ ଦେଇ ରହି ପାରିଲୁଁ ନାହିଁ । ଆମ୍ଭର ନାମ ଓ ପଦବୀ ଛାଡ଼ି ଆଉ ସବୁ ବିଷୟ ସେହି ଚିତ୍ରକରଙ୍କୁ ଜଣାଇଲୁଁ । ସେ ମନୋଯୋଗୀ ହୋଇ ସମସ୍ତ ବିବରଣ ଶୁଣିଲେ । ଅନନ୍ତର ଅନୁଗ୍ରହପୂର୍ବକ ତାଙ୍କ ଘରେ ଆମକୁ ବାସସ୍ଥାନ ଦେଲେ । ଆମ୍ଭେ ଅଳ୍ପମାତ୍ରେ ତାଙ୍କର ପ୍ରିୟପାତ୍ର ହେଲୁଁ ଓ ତାଙ୍କ ନିକଟରୁ ଚିତ୍ରବିଦ୍ୟା ଶିକ୍ଷା କରିବାକୁ ଆରମ୍ଭ କଲୁଁ । ସେହି ବିଦ୍ୟାରେ ଆମ୍ଭର ପଟୁତା ଦେଖି ସେ ଚମତ୍କୃତ ହେଲେ ଏବଂ ଆମ୍ଭର ବହୁତ ପ୍ରଶଂସା କଲେ । ତାହାଙ୍କ ପ୍ରଶଂସା ଶୁଣି ଆମ୍ଭର ଉତ୍ସାହ ବଢ଼ିଲା । ଆହା ! ତାଙ୍କ ଘରେ ଆମ୍ଭେ କେତେ ସୁଖରେ କାଳ ଗମିଥିଲୁଁ । କୌଣସି ବିଷୟର ଅଭାବ ନ ଥିଲା, ଦୁଃଖର ଲେଶମାତ୍ର ନ ଥିଲା । ଆହା ! ସେ ଦିନ କି ଆଉ ଫେରି ଆସିବ ! ପୂର୍ବର ସବୁ ଦୁଃଖ ପାସୋରିଲୁଁ । ସେହି ମଠ ଆମ୍ଭ ହୃଦୟକ୍ଷେତ୍ରରୁ ଅପସୃତ ହେଲା । ମନ ମହତ୍ ଏବଂ ଉତ୍ତମ ଭାବରେ ପରିପୂର୍ଣ୍ଣ ହେଲା । ସବୁବେଳେ ଉତ୍ତମ ଉତ୍ତମ କାବ୍ୟ, ଉତ୍ତମ ଉତ୍ତମ ଉପନ୍ୟାସାଦି ପଢ଼ି ଯଥେଷ୍ଟ ଆନନ୍ଦ ପ୍ରାପ୍ତ ହେଲୁଁ । ନବପରିଚିତମାନଙ୍କ ସହିତ ମିଷ୍ଟାଳାପ, ସେମାନଙ୍କ ସଙ୍ଗୀତ ଦର୍ଶନରେ ରତ ହେଲୁଁ । ଅବସରବେଳେ ଉଦ୍ୟାନ ଭ୍ରମଣ କରି ପ୍ରକୃତିଦେବୀଙ୍କର ମନୋହର ଶୋଭା ଦେଖି ଆମ୍ଭାକୁ ପରିତୃପ୍ତ କରୁଥିଲୁଁ । ପୁଣି ଆମ୍ଭର କଳ୍ପନାଶକ୍ତି ଅତିଶୟ ବଳବତୀ ଥିଲା । ଏଥି ନିମନ୍ତେ ଅଳ୍ପ ସୁନ୍ଦର ବସ୍ତୁ ସୁଦ୍ଧା ଆମ୍ଭର ପ୍ରୀତିକର ହେଉଥିଲା । ଆମ୍ଭ ଗୃହସ୍ୱାମୀ ଅତି ଉଦାରସ୍ୱଭାବ ଥିଲେ । ତାଙ୍କ କୃପାରୁ ଆମ୍ଭେ ମର୍ତ୍ତ୍ୟରେ ସ୍ୱର୍ଗସୁଖ ଭୋଗ କରୁଥିଲୁଁ । ସେ କେନୋସ୍ଥାନବାସୀ ନ ଥିଲେ । ନଗରର ଧନୀମାନେ ତାଙ୍କ ଚିତ୍ରନୈପୁଣ୍ୟର ପ୍ରଶଂସା ଶୁଣି କେତେଗୁଡ଼ିଏ ଚିତ୍ର ପ୍ରସ୍ତୁତ କରାଇବା ନିମନ୍ତେ ତାଙ୍କୁ ସେହି ନଗରକୁ ଅଣାଇଥିଲେ । ତାଙ୍କ ଶାରୀରିକ ଅସୁସ୍ଥତା ଏବଂ ଦୌର୍ବଲ୍ୟ ହେତୁରୁ ସେ ଅନେକ ସମୟରେ ଶିଷ୍ୟମାନଙ୍କୁ ଚିତ୍ର କରିବାର ଭାର ଦେଉଥିଲେ । ତାଙ୍କ ବିବେଚନାରେ ଶିଷ୍ୟମାନଙ୍କ ମଧ୍ୟରେ ଆମ୍ଭେ ସର୍ବୋତ୍କୃଷ୍ଟ ଥିଲୁଁ । ବିଶେଷତଃ ସ୍ତ୍ରୀମାନଙ୍କ ଚିତ୍ର ଲେଖିବାରେ ଆମ୍ଭେ ଅତ୍ୟନ୍ତ ପଟୁ ଥିଲୁଁ । ଯେତେବେଳେ କୌଣସି ସୁନ୍ଦରୀ ରମଣୀର ଛବି ଚିତ୍ରିବାର ଆବଶ୍ୟକ ହେଉଥିଲା, ସେ ସେହି କର୍ମର ଭାର ଆମ୍ଭକୁ ଦେଉଥିଲେ । ପୁଣି ସେହି ଚିତ୍ରକାରଙ୍କର ଆମ୍ଭଠାରେ ସମ୍ପୂର୍ଣ୍ଣ ବିଶ୍ୱାସ ଥିଲା । ସମସ୍ତ ଲୋକଙ୍କ ସାକ୍ଷାତରେ ଆମ୍ଭ ସଦ୍‌ଗୁଣର ବହୁତ ପ୍ରଶଂସା କରୁଥିଲେ । ଗୁଡ଼ାଏ କ'ଣ କହିବୁଁ, ଆମ୍ଭଠାରେ ତାଙ୍କର ଏଡ଼େ ସ୍ନେହ ଥିଲା ଯେ, ଅଳ୍ପକାଳ ନିମନ୍ତେ ସୁଦ୍ଧା ଆମ୍ଭେ ତାଙ୍କ ନୟନର ଅଗୋଚର ହେଲେ କାତର ହେଉଥିଲେ ।

ଜେନୋଆ ନଗରର ଧନଶାଳୀ ନିବାସୀମାନେ ସେହି ଚିତ୍ରକରଙ୍କୁ ଯେଉଁ ମହିଳାମାନଙ୍କ ଚିତ୍ର ନିମନ୍ତେ ଆଦେଶ ଦେଇଥିଲେ, ତନ୍ମଧ୍ୟରେ ଲରିନାମ୍ନୀ ଗୋଟିଏ ରୂପବତୀ ବାଳିକା ଥିଲା । ସେହି ବାଳିକାର ଛବି ପ୍ରସ୍ତୁତ କରିବା ନିମନ୍ତେ ଚିତ୍ରକରଙ୍କଠାରୁ ଆଜ୍ଞା ପାଇଲୁଁ । ସେହି ସୁନ୍ଦରୀ କୁମାରୀ କୌଣସି ମଠରେ ଶିକ୍ଷା ସମାପ୍ତି ଅନ୍ତେ ଆପଣା ଚିତ୍ର ପ୍ରସ୍ତୁତ କରାଇବା ନିମନ୍ତେ ସେଠାରେ ଉପସ୍ଥିତ ହେଲା । ଆମ୍ଭେ ପ୍ରଥମେ ତାହାକୁ ଏକ ସୁରମ୍ୟ ପ୍ରାସାଦର ଗବାକ୍ଷ ନିକଟରେ ବସିବାର ଦେଖିଥିଲୁଁ । ଉଜ୍ଜ୍ୱଳ ସୂର୍ଯ୍ୟକିରଣ ତାହା ବଦନରେ ପଡ଼ି ମୁଖକାନ୍ତି ଅଧିକ ଉଜ୍ଜ୍ୱଳ କରୁଥିଲା । ଯେଉଁ ଗୃହରେ ସେ ବସିଥିଲା, ସେହି ଗୃହଭିତ୍ତି ପଦ୍ମରାଗନିଭ ରକ୍ତବସ୍ତ୍ରରେ ମଣ୍ଡିତ ହୋଇଥିବାରୁ ତହିଁରେ ରବିକର ପଡ଼ି ସେଥିରେ ରକ୍ତିମା ବୃଦ୍ଧି ପାଉଥିଲା । ସେହି ଲାବଣ୍ୟବତୀର ବୟଃକ୍ରମ ଷୋଡ଼ଶ ବର୍ଷ । ରୂପର କଥା ଅଥବା କ'ଣ କହିବୁଁ ? ଦେଖିଲାକ୍ଷଣି ବୋଧ ହେଲା ଯେ ସୌନ୍ଦର୍ଯ୍ୟ, ନିରୀହତା, ଲଜ୍ଜା ଏବଂ ଯୌବନ ସ୍ୱଶରୀରେ ଏକମୂର୍ତ୍ତି ଧରି ଅବତୀର୍ଣ୍ଣ ହୋଇଅଛନ୍ତି । ଯେତେବେଳେ ସେହି ମୋହିନୀମୂର୍ତ୍ତି ଆମ୍ଭ ଆଖିରେ ପଡ଼ିଲା, ଆମ୍ଭେ ସେ ସମୟରେ ମୋହିତ ହେଲୁଁ । କବି ଏବଂ ଚିତ୍ରକରମାନେ କହନ୍ତି ଯେ, ତାଙ୍କ ମନରେ କେବେ କେବେ ଏପରି ଅନିର୍ବଚନୀୟ ଭାବର ଉଦୟ ହୁଏ ଯେ ସେମାନେ ସେହି ଭାବକୁ ଲେଖନୀ ଅଥବା ତୂଳିଦ୍ୱାରା ବ୍ୟକ୍ତ କରି ପାରନ୍ତି ନାହିଁ । ଆମ୍ଭ ବିବେଚନାରେ ସେହି କୁମାରୀ ସୁଦ୍ଧା ସେହିପରି ବୋଧ ହେଲା । ଆମ୍ଭେ ଆନନ୍ଦରେ ମଗ୍ନ ହୋଇ ଥରକୁ ଥର ସେହି ମୃଗଲୋଚନାର ପ୍ରତିମୂର୍ତ୍ତି ଲେଖିଲୁଁ । ଯେତେଥର ଲେଖିଲୁଁ ସେତେଥର ଲେଖିବାକୁ ମନ ବଳିଲା । ଆମ୍ଭେ ସତୃଷ୍ଣ ହୋଇ ସେହି କାମିନୀର ମୁଖକମଳ ଦେଖିଲୁଁ, ବାରମ୍ବାର ଦେଖିଲେହେଁ ତୃପ୍ତି ହେଲା ନାହିଁ । ସେଇ ସ୍ୱର୍ଗୀୟ ଲାବଣ୍ୟ ଦେଖି ଆମ୍ଭ ମନ ଏପରି ଆଶ୍ଚର୍ଯ୍ୟାନ୍ୱିତ ହେଲା ଯେ, ଆଶ୍ଚର୍ଯ୍ୟ ଶରୀରରେ ଧରିଲା ନାହିଁ । ଆମ୍ଭର ସେହି ସମୟରେ ଊନବିଂଶତି ବର୍ଷ ବୟଃକ୍ରମ ହୋଇଥିଲା ଏବଂ ଆମ୍ଭେ ଅତିଶୟ ଲଜ୍ଜାଶୀଳ ପୁଣି ଅଳ୍ପଦର୍ଶୀ ଥିଲୁଁ । ସେହି କନ୍ୟାର ଜନନୀ ଆମ୍ଭର ଯଥେଷ୍ଟ ଆଦର କଲେ, ହେତୁ କି, ସେ ଆମ୍ଭ ଚିତ୍ରକୌଶଳରେ ଅତ୍ୟନ୍ତ ତୁଷ୍ଟ ହୋଇଥିଲେ । ଆମ୍ଭର ସଦାଚରଣ ଏବଂ ବିନୀତ ସ୍ୱଭାବ ଦେଖି ସେ ଆହୁରି ସନ୍ତୁଷ୍ଟ ହେଲେ । କିନ୍ତୁ ସେ ଆମ୍ଭଠାରେ ଏପରି ସଦ୍‌ବ୍ୟବହାର କଲେହେଁ ତାଙ୍କ ସୁକୁମାରୀ କନ୍ୟାକୁ ଦେଖିଲାକ୍ଷଣି ଆମ୍ଭ ମନରେ ଅତ୍ୟନ୍ତ ଶଙ୍କା ଉପସ୍ଥିତ ହୋଇଥିଲା । ସେହି ସୁନ୍ଦରୀ ଯେତେବେଳେ ଆମ୍ଭ ନେତ୍ରପଥରେ ପଡ଼ୁଥିଲା, ଆମ୍ଭେ ସେତେବେଳେ ଅତ୍ୟନ୍ତ ସଙ୍କୁଚିତ ହେଉଥିଲୁଁ । କ୍ରମେ ତାହାର ଅନୁପମ ରୂପ ଆମ୍ଭ ମନୋରାଜ୍ୟରେ ଏକାଧିପତ୍ୟ ସ୍ଥାପିଲା । କେବେ କେବେ ତାହାକୁ ଅପ୍‌ସରୀ ବୋଲି ଭ୍ରମ ହେଉଥିଲା । ସେ ଯେ ପାର୍ଥିବ ପରମାଣୁରେ ନିର୍ମିତ, ଆମ୍ଭର ଏମନ୍ତ ପ୍ରତ୍ୟୟ ନହେଉନ ଥିଲା । କ୍ରମେ କ୍ରମେ ମନ ନିରତିଶୟ ବିକୃତ ହେଲା । ନୟନ ଦ୍ୱାରା ତାହାର ଲାବଣ୍ୟରୂପ ମଧୁର ଗରଳ ପିଇ ଆମ୍ଭେ ଅଜ୍ଞାନ ହେଲୁଁ । ମନରେ କେତେ ନବ ନବ ଭାବର ଉଦୟ ହେଲା । ହରିଣନୟନା ଆମ୍ଭର ପ୍ରେୟସୀ ହେବ, କେବେ କେବେ ଏହି ଦୁରାଶା ଆମକୁ ଚଞ୍ଚଳ କରୁଥିଲା । କେତେବେଳେ ଅବା ହତାଶ ହୋଇ ଆକୁଳ ହେଉଥିଲୁଁ । ପ୍ରେମ ଏତେ ଦିନଯାଏ ଆମ୍ଭ ହୃଦୟରେ ପ୍ରଚ୍ଛନ୍ନଭାବରେ ଥିଲା; ସେହି ବାମଲୋଚନାର ଲାବଣ୍ୟରେ ଉଦ୍ଦୀପ୍ତ ହେଲା, ପ୍ରେମର ଦୁର୍ଜୟ

ପ୍ରଭାବ ଆମ୍ଭେ ଏବେହେଁ ଅନୁଭବ କରୁଁ ।

କେତେଦିନ ମଧ୍ୟରେ ଚିତ୍ର ସମାପ୍ତ ହେଲା । ଲବଙ୍ଗ ମଠକୁ ନେଉଟି ଆଇଲା । କିନ୍ତୁ ତାହାର ସେହି ମନୋହାରିଣୀ ମୂର୍ତ୍ତି ଆମ୍ଭ ହୃଦୟ-ପଟରେ ଅଙ୍କିତ ରହିଲା । ମନରେ ସେହି ଅତୁଳ ସୌନ୍ଦର୍ଯ୍ୟ ଜାଗି ରହିଲା । କୌଣସି ସୁନ୍ଦର ପଦାର୍ଥ ଦେଖିଲେ ତାହାର ରୂପ ସେହି ସର୍ବାଙ୍ଗସୁନ୍ଦରୀର ରୂପ ସହିତ ତୁଳନା କରୁଥାଉଁ । ତାହାର ଛବିମୂର୍ତ୍ତି ଦେଖି ଚଞ୍ଚଳ ମାନସକୁ ପ୍ରବୋଧ ଦେଉଥାଉଁ । ସୁନ୍ଦରୀ ସ୍ତ୍ରୀମାନଙ୍କର ପ୍ରତିମୂର୍ତ୍ତି ଆମ୍ଭେ ଅନାୟାସରେ ଚିତ୍ର କରିପାରୁ ବୋଲି ପ୍ରସିଦ୍ଧ ହୋଇଥିଲୁଁ । ଏହାର କାରଣ କ'ଣ ? ଆଉ କିଛି ନୁହେଁ, ସେହି ମନୋହାରିଣୀ ଏହାର ଆଦି କାରଣ । ଆମ୍ଭ ଶିକ୍ଷକ ଆମ୍ଭକୁ ଯେଉଁ ଚିତ୍ର ଅଙ୍କନ କରିବା ନିମନ୍ତେ ଆଦେଶ ଦେଉଥିଲେ, ସେହି ଛବିରେ ଲବଙ୍ଗର କିଯଦଂଶ ଲେଖି ଚିତ୍ରକୁ ସୁଶୋଭିତ କରୁଥିଲୁଁ । ଦିନେ ଆମ୍ଭେ ଏକ ମନ୍ଦିର ପାଖରେ ଠିଆ ହୋଇ ଦେଖିଲୁଁ ଯେ ସେଠାରେ ଅନେକ ଲୋକ ଏକତ୍ରିତ ହୋଇ କାନ୍ଥରେ ଝୁଲୁଥିବା କୌଣସି ପଟରେ ଅଙ୍କିତ ଦେବୀପ୍ରତିମୂର୍ତ୍ତି ଦେଖି ଚମତ୍କୃତ ହେଉଅଛନ୍ତି ଏବଂ ବାରମ୍ବାର ପ୍ରଶଂସା କରୁଅଛନ୍ତି । ପୁଣି ଭକ୍ତିପୂର୍ବକ ହାତ ଯୋଡ଼ି ସେହି ଦେବୀଙ୍କ ପ୍ରତିମୂର୍ତ୍ତିକୁ ଜୁହାର ହେଉଅଛନ୍ତି । ସେମାନେ କାହାକୁ ଜୁହାର ହେଉଥିଲେ ? ସେ ଲାବଣ୍ୟମୟୀ ଲବଙ୍ଗକୁ । ସେହି ଚିତ୍ରଅଙ୍କିତା ଲବଙ୍ଗର ପ୍ରଶଂସା କରୁଥିଲେ ।

ଆମ୍ଭେ ଏହିରୂପେ ଥୋଡାଏ ଦିନ ଯାପିଲୁଁ । ସେହି ସୁଖକାଳ ଆମ୍ଭଙ୍କୁ ସ୍ୱପ୍ନାବସ୍ଥା ପ୍ରାୟ ଦିଶୁଥିଲା । ଆମ୍ଭର କଳ୍ପନା ଏମନ୍ତ ବଳବତୀ ଥିଲା ଯେ, ସେହି ନବୀନା ଲବଙ୍ଗର ପ୍ରତିମୂର୍ତ୍ତି ମୁହୂର୍ତ୍ତେ ମଧ୍ୟରେ ହୃଦୟ ଅଗ୍ରରେ ପଡ଼ୁଥିଲା । ପୁଣି ଆମ୍ଭେ ସର୍ବଦା ନିର୍ଜନରେ ଭ୍ରମଣ କରୁଥିଲୁଁ । ଭ୍ରମଣବେଳେ ଅନେକ ନବ ନବ ଭାବର ଉଦୟ ହେଉଥାଏ, ମନରେ ଅନେକ ଅନନୁଭୂତପୂର୍ବ ବାସନା ଜାତ ହେଉଥାଏ । ଉଦ୍ୟାନପୁଷ୍ପକମାନ ସେହି ସୁକୁମାରୀର ସୌନ୍ଦର୍ଯ୍ୟକୁ ସ୍ମୃତିପଥାରୂଢ଼ କରାଉଥିଲେ । ମଧୁରଳାପୀ ପକ୍ଷୀମାନଙ୍କ ମଧୁର ଗୀତ ଶୁଣି ସେହି ଲବଙ୍ଗର ମିଷ୍ଟସ୍ୱର ମନରେ ପଡ଼ୁଥିଲା । ବିକସିତ ଗୋଲାପ ଫୁଲ ତାହାର କୋମଳ କରତଳର ସ୍ମାରକ ହେଉଥିଲା । ଆମ୍ଭେ ସ୍ୱଭାବଶୋଭା ଦେଖି ଦିନ ଏହିପରି ଯାପୁଥିଲୁଁ । ଅନନ୍ତର ଗୋଟିଏ ଶୋଚନୀୟ ବ୍ୟାପାର ଘଟିଲା । ଆମ୍ଭେ ତଦ୍ୱାରା ଏହି ସୁଖସ୍ୱପ୍ନରୁ ଜାଗିଲୁଁ । ଆମ୍ଭର ନିତ୍ୟ ହିତାକାଂକ୍ଷୀ ସେହି ଚିତ୍ରକର ପଞ୍ଚତ୍ୱ ପ୍ରାପ୍ତ ହେଲେ । ତାଙ୍କର ମୃତ୍ୟୁରେ ଆମ୍ଭର ଶୋକସିନ୍ଧୁ ଉଚ୍ଛୁଳିଲା । ନିଃସହାୟ ହୋଇ ଭଗ୍ନୋତ୍ସାହ ହେଲୁଁ । ସେହି ଚିତ୍ରକର ଅନ୍ତିମ କାଳରେ ଅନୁଗ୍ରହ କରି ଆମ୍ଭଙ୍କୁ ତାଙ୍କର ସମସ୍ତ ସମ୍ପତ୍ତି ଉପରେ ଉତ୍ତରାଧିକାରୀ ନିଯୁକ୍ତ କରିଗଲେ । ମାତ୍ର ସେହି ସମ୍ପତ୍ତି ଅଧିକ ନ ଥିଲା । ତାଙ୍କର ଏକ ପରମବାନ୍ଧବ ଥିଲେ, ଆମ୍ଭର ରକ୍ଷଣାବେକ୍ଷଣର ଭାର ସେହି ବନ୍ଧୁଙ୍କୁ ଅର୍ପଣ କରି ପ୍ରାଣତ୍ୟାଗ କଲେ । ସେହି ଚିତ୍ରକରଙ୍କ ବଦାନ୍ୟତା ଆମ୍ଭେ କେବେହେଁ ପାସୋରିବୁ ନାହିଁ ।

ତାଙ୍କ ବନ୍ଧୁ ଅତ୍ୟନ୍ତ ଦାତା ବୋଲି ପ୍ରସିଦ୍ଧ ଥିଲେ । ପୁଣି ତାଙ୍କର ଅସାଧାରଣ ଶିଳ୍ପବିଦ୍ୟୋତ୍ସାହିତା ଥିଲା । ଆମ୍ଭେ ପଛକୁ ଗୋଟିଏ ନିପୁଣ ଚିତ୍ରକର ହେବୁଁ, ଏହା ସେ ଅନାୟାସରେ ବୁଝି ପାରିଲେ । ଆମ୍ଭର ଅଙ୍କିତ ଛବି ଦେଖି ସେ ଯତ୍ପରୋନାସ୍ତି ପରିତୁଷ୍ଟ ହେଲେ ଏବଂ ଆନନ୍ଦିତ ଚିତ୍ତରେ ଆମ୍ଭ ପ୍ରତିପୋଷଣର ଭାର ନେଲେ । ତାଙ୍କର ଏକ

ସୁରମ୍ୟ ଗ୍ରାମ୍ୟ ଉପବନ ଥିଲା । ଆମ୍ଭଙ୍କୁ ଶୋକରେ ଅଭିଭୂତ ହୋଇଥିବାର ଦେଖି ଆମ୍ଭର ସାନ୍ତ୍ୱନା ପାଇଁ ସେଠାକରେ କେତେକ ଦିନ ଅବସ୍ଥାନ କରିବା ନିମନ୍ତେ ଆମ୍ଭଙ୍କୁ ସଙ୍ଗେ ନେଇ ଯାତ୍ରା କଲେ । କିଛିଦିନ ବାଦ ସେଠାରେ ପହଞ୍ଚିଲୁଁ । ସେହି ଉଦ୍ୟାନ ସମୁଦ୍ରକୂଳରେ ଅବସ୍ଥିତ ଥିଲା । ତାହା ପଶ୍ଚିମ ଦିଗରେ ନଭୋନିଭ ନୀଳବର୍ଣ୍ଣ ପର୍ବତଶ୍ରେଣୀ ଶୋଭିତ ଥିଲା । ଆମ୍ଭେ କେବେ କେବେ ସେହି ପର୍ବତରେ ବୁଲୁଥିଲୁଁ । କେତେବେଳେ ଅବା ଶୃଙ୍ଗରେ ଚଢ଼ି ଚତୁର୍ଦ୍ଦିଗକୁ ନୟନ କ୍ଷେପ କରୁଥିଲୁଁ । ସେ ଶୋଭା ବର୍ଣ୍ଣିବାର ଆମ୍ଭର ସାଧ ନୁହଇ । କେଉଁଠାରେ ତରଳ ରୌପ୍ୟବତ୍ ସ୍ୱଚ୍ଛବାରିବିଶିଷ୍ଟ ପ୍ରକାଣ୍ଡ ହ୍ରଦ, କେଉଁଠାରେ ଗଗନନିନାଦୀ ଜଳପ୍ରପାତ, କେଉଁଠାରେ ମରକତନିଭ ହରିଦ୍ବର୍ଣ୍ଣ ତରୁଶୋଭିତ ଉପତ୍ୟକା, କେଉଁଠାରେ ନବଦୂର୍ବାଦଳଶ୍ୟାମ ପ୍ରଶସ୍ତ ପ୍ରାନ୍ତର, କେଉଁଠାରେ ଭୀଷଣ ତରଙ୍ଗସଙ୍କୁଳା ପ୍ରବାହିଣୀ ଦୃଷ୍ଟିଗୋଚର ହେଉଥିଲା । ସେ ସ୍ଥାନର ପରମରମଣୀୟ ଶୋଭା ସଂଦର୍ଶନ କରି ଆମ୍ଭର ନୟନ ସାର୍ଥକ ହେଲା ।

ଆମ୍ଭର ଅନୁଗ୍ରାହକ ସେହି ଭଦ୍ରଲୋକଙ୍କର ଫିଲିପ୍ ନାମଧେୟ ଏକ ପୁତ୍ର ଥିଲେ । ସେହି ରମ୍ୟ ଉଦ୍ୟାନରେ ତାଙ୍କ ସହିତ ଆମ୍ଭର ପ୍ରଥମ ପରିଚୟ ହେଲା । ସେ ଆମ୍ଭର ସମାନବୟସ୍କ ଥିଲେ, ତାଙ୍କ ସରଳପ୍ରକୃତି ଏବଂ ସଦ୍ବ୍ୟବହାର ଦେଖି ଆମ୍ଭେ ଅତିଶୟ ପ୍ରୀତ ହେଲୁଁ । ପ୍ରଥମେ ଆମ୍ଭେ ତାଙ୍କୁ ଅତି ଭଦ୍ର ଏବଂ ସୁଶୀଳ ବୋଲି ଜାଣିଥିଲୁଁ । କିନ୍ତୁ ଅଳ୍ପଦିନ ମଧ୍ୟରେ ଆମ୍ଭର ସେହି ଭ୍ରାନ୍ତି ଦୂରୀଗଲା । ତାଙ୍କର ସେହି ବ୍ୟବହାର କୃତ୍ରିମ, ଶୀଘ୍ର ଏହା ଜାଣି ପାରିଲୁଁ । ଆମ୍ଭ ପରୋକ୍ଷରେ ସେ କେବେ କେବେ ଆମ୍ଭର କୁତ୍ସା କରୁଥିଲେ ଏବଂ ଆମ୍ଭର ଶିଳ୍ପନୈପୁଣ୍ୟ ଦେଖି ଈର୍ଷା ହେଉଥିଲେ । ଆମ୍ଭର ସେଠାରେ ଅନ୍ୟ ବନ୍ଧୁ ନ ଥିଲେ, ସୁତରାଂ ଆକୁଳ ହୃଦୟକୁ ଶାନ୍ତ କରିବା ନିମନ୍ତେ ତାଙ୍କ ସହିତ ମିଶତା କରିବାକୁ ବାଧ୍ୟ ହେଲୁଁ । ସେ ସୁଶିକ୍ଷିତ ନ ଥିଲେ । ତାଙ୍କୁ ବଳି ଆମ୍ଭେ ଅନେକ ବିଷୟରେ ଉତ୍କୃଷ୍ଟ ଥିଲୁଁ, ପୁଣି ସେ ସୁଦ୍ଧା ଏହା ଅକୁଣ୍ଠିତ ହୃଦୟରେ ସ୍ୱୀକାର କରୁଥିଲେ । ଆମ୍ଭେ ମୁକ୍ତକଣ୍ଠରେ ତାଙ୍କଠାରେ ଆମ୍ଭର ଜୀବନ ବୃତ୍ତାନ୍ତ କହିଲୁଁ । ସେ ମଧ୍ୟ କୌଣସି କଥା ଆମ୍ଭଠାରେ ଲୁଗୁଣ ନ ଥିଲେ । ପ୍ରଧାନ ବୋଲି ଆମ୍ଭଠାରେ, କେବେହେଁ ନିଷ୍ଠୁର ଆଚରଣ କରୁ ନ ଥିଲେ । ଆମ୍ଭର ସୌହାର୍ଦ୍ଦଶୃଙ୍ଖଳ ଦିନକୁ ଦିନ ଦୃଢ଼ୀଭୂତ ହେବାକୁ ଲାଗିଲା । ଦୁହେଁ ଦୁହିଁଙ୍କର ପରମ ପ୍ରେମାସ୍ପଦ ହେଲୁଁ । ଏମନ୍ତ ହେଲେହେଁ କେବେ କେବେ ଆମ୍ଭେ ଏକା ବସି ଚିନ୍ତାମଗ୍ନ ହେଉଥିଲୁଁ ଏବଂ ଲରା ସମ୍ବନ୍ଧୀୟ ବିଷୟମାନ ସ୍ମରଣ କରି ଅଶ୍ରୁଜଳରେ ବକ୍ଷଃସ୍ଥଳକୁ ପ୍ଲାବିତ କରୁଥିଲୁଁ ।

ସେହି ଉପବନ ନାନାବିଧରମଣୀୟ ବସ୍ତୁରେ ପରିପୂର୍ଣ୍ଣ ଥିଲା । ସ୍ଥାନେ ସ୍ଥାନେ ଚିକ୍କଣ ମର୍ମର ପ୍ରସ୍ତରମୂର୍ତ୍ତି ସ୍ଥାପିତ ଥିଲା । ଶୀତଳ ଛାୟାବିଶିଷ୍ଟ ଲତାମଣ୍ଡପରେ ବସି ପକ୍ଷୀମାନେ ମଧୁର ରାବ ଦେଉଥିଲେ । ସୁଗନ୍ଧ ଫୁଲ ସୌରଭରେ ବାସିତ ପବନ ସର୍ବଦା ଆମ୍ଭର ସୁଖସେବ୍ୟ ହେଉଥିଲା; ଗୁଡ଼ାଏ କହିବୁଁ କ'ଣ, ସେହି ଉପବନ ଯାବତୀୟ ଚିତ୍ତରଞ୍ଜନ ପଦାର୍ଥର ଆବାସ ପ୍ରାୟ ଥିଲା । ସେହି ଉତ୍ତମ ସ୍ଥାନରେ କିଛି ଦିନ ଅବସ୍ଥାନ କରି ଆମ୍ଭ ମନୋଦୁଃଖର କିଞ୍ଚିତ୍ ହ୍ରାସ ହେଲା । କ୍ରମଶଃ ସ୍ଥିରଚିତ୍ତ ହେଲୁଁ । ମାତ୍ର ଲରରୂପ ହୃଦୟରେ ସର୍ବଦା ଜାଗିରହିଲା । ବସ୍ତୁତଃ ସେ ଅଲୌକିକ ଲାବଣ୍ୟକୁ ପାସୋରିବାର ଦୁଷ୍କର ଅଟେ ।

ଏହିରୂପେ ସେଠାରେ କିଛିଦିନ ଗଲା । ଅନନ୍ତର ଏକ ଭଦ୍ରମହିଳା ସେଠାକୁ ଆସିଲେ । ସେହି ମହିଳା ଆମ୍ଭ ପ୍ରଭୁଙ୍କର ଆତ୍ମୀୟା । ତାଙ୍କ ଜନନୀର ମରଣାନ୍ତେ ତାଙ୍କ ରକ୍ଷଣାବେକ୍ଷଣର ଭାର ଆମ୍ଭ ପ୍ରଭୁଙ୍କ ଉପରେ ପଡ଼ିଲା । ଏଥି ପୂର୍ବରେ ଆମ୍ଭେ ଫିଲିପଙ୍କ ମୁଖରୁ ସେହି ଲଳନାର ରୂପର କଥା ଶୁଣିଥିଲୁଁ, ମାତ୍ର ଆମ୍ଭ ମନ ଯେଉଁ ଲାବଣ୍ୟରେ ବୁଡ଼ି ରହିଥିଲା, ସେହି ଲାବଣ୍ୟ ପରି ଜଗତରେ ନାହିଁ, ଆମ୍ଭର ଏହି ଦୃଢ଼ ବିଶ୍ୱାସ ଥିଲା । ସେହି ମହିଳା ଯେତେବେଳେ ସେଠାରେ ପହଞ୍ଚିଲେ, ଆମ୍ଭେ ସେ ସମୟରେ ପ୍ରାସାଦ ମଧ୍ୟରେ ବସିଥିଲୁଁ । ସେ ଅତ୍ୟନ୍ତ ଶୋକାର୍ତ୍ତ ହୋଇଥିଲେ । ଆମ୍ଭେ ପ୍ରଥମେ ତାଙ୍କ ମୃଦୁ ଗମନ ଏବଂ ଶୋକସୂଚକ କୃଷ୍ଣବସନ ଦେଖି ଖିନ୍ନ ହେଲୁଁ । ସେ କ୍ରମଶଃ ଆମ୍ଭ ନିକଟବର୍ତ୍ତୀ ହେବାକୁ ଲାଗିଲେ । ମୁହୂର୍ତ୍ତକ ଉତ୍ତରେ ଆମ୍ଭେ ଅତ୍ୟନ୍ତ ବିସ୍ମୟାନ୍ୱିତ ହେଲୁଁ; ସେ ସେହି ଲସି ! ସେହି ବାମାକୁଳେଶ୍ୱରୀ ଲସି ! ଆମ୍ଭର ସେହି ମନୋମୋହିନୀ ଲସି ! ତାଙ୍କ ବଦନ-ସୁଧାକର ଶୋକଘନରେ ଆଚ୍ଛନ୍ନ ଥିଲା । କିନ୍ତୁ ଆମ୍ଭେ ପୂର୍ବରେ ଯେଉଁ ମାଧୁରୀ ଦେଖିଥିଲୁଁ ସେହି ମାଧୁରୀ ବୟୋବୃଦ୍ଧି ସହିତ ବହୁପରିମାଣରେ ବଢ଼ିଥିଲା । ପୂର୍ବରେ ଆମ୍ଭେ ଯାହାକୁ କଳିକାରୂପେ ଦେଖିଥିଲୁଁ, ଏବେ ତାହା ପ୍ରସ୍ଫୁଟିତ ହୋଇଅଛି । କୌଣସି ପ୍ରସିଦ୍ଧ କବି ଲେଖିଅଛନ୍ତି ଯେ ଯେଉଁମାନେ ଆମ୍ଭର ସ୍ନେହପାତ୍ର ଅଟନ୍ତି, ସେମାନଙ୍କୁ ଦୁଃଖିତ ଦେଖିଲେ ସେମାନଙ୍କଠାରେ ଆମ୍ଭ ସ୍ନେହ ଶତଗୁଣ ହୋଇ ବର୍ଦ୍ଧିତ ହୁଏ; ଏଥିନିମନ୍ତେ ସେହି ସୁକେଶୀ ଆମ୍ଭ ନୟନର ଅଧିକତର ମନୋହାରିଣୀ ହେଲେ ।

ଆମ୍ଭକୁ ଦେଖିବା ମାତ୍ରେ ତାହାଙ୍କ ଦେହ କମ୍ପିଲା । ଲଜ୍ଜାରେ କୋମଳ କପୋଳ ଲୋହିତ ବର୍ଣ୍ଣ ହେଲା । ପୂର୍ବରେ ଯେତେବେଳେ ଆମ୍ଭେ ତାଙ୍କ ସଙ୍ଗରେ ଏକତ୍ର ଅବସ୍ଥାନ କରୁଥିଲୁଁ, ସେ ସମୟରେ ତାଙ୍କ ଜନନୀ ଜୀବିତ ଥିଲେ, ଆମ୍ଭଙ୍କୁ ଦେଖି ତାଙ୍କର ମାତୃଶୋକ ଉଦ୍ଦୀପ୍ତ ହେଲା, ନୟନରୁ ମୁକ୍ତାଗଞ୍ଜୀ ଅଶ୍ରୁବିନ୍ଦୁ ଝରିଲା । ତାଙ୍କର ସେହି ଶୋଚନୀୟ ଦଶା ଦେଖି ମନରେ ଯେମନ୍ତ ଦୁଃଖ ଉଦୟ ହେଲା, ତାହା କ'ଣ କହିବୁଁ ? ପୂର୍ବରେ ତାଙ୍କ ସହିତ କଥା କହିବାକୁ ସୁଦ୍ଧା ଆମ୍ଭେ ଲଜ୍ଜିତ ହେଉଥିଲୁଁ । ସେହି ଲଜ୍ଜା କ୍ରମେ ଭାଙ୍ଗିଗଲା ।

ଶ୍ରଦ୍ଧାସ୍ପଦ ଅଭିଭାବକଙ୍କ ମରଣରେ ଖିନ୍ନ ହୋଇଥିଲୁଁ । ଦୁହେଁ ଦୁହିଙ୍କ ଦୁଃଖରେ ବିମର୍ଷ ପ୍ରାପ୍ତ ହେଲୁଁ । ପୁଣି ସେହି ଲସିଙ୍କ ମାନସିକ ବୃତ୍ତି ଏବଂ ଆମ୍ଭ ମାନସିକ ବୃତ୍ତି ଏକପ୍ରକାର ଥିଲା । ତାଙ୍କ ପକ୍ଷରେ ସଂସାର ନୂଆ ପଦାର୍ଥ ପ୍ରାପ୍ତ ହୋଇଥିଲା, ଆମ୍ଭେ ମଧ୍ୟ ସଂସାରାଶ୍ରମରେ ପ୍ରବିଷ୍ଟ ହୋଇ ନ ଥିଲୁଁ । ପ୍ରାକୃତିକ ଶୋଭା ଦର୍ଶନରେ ତାଙ୍କର ଅତ୍ୟନ୍ତ ଆଗ୍ରହ ଥିଲା, ଆମ୍ଭର ମଧ୍ୟ ସ୍ୱଭାବଶୋଭା ଦେଖିବାର ସ୍ପୃହା ବଳବତୀ ଥିଲା । ତାଙ୍କ ସରଳତା ଦେଖି ଆମ୍ଭେ ମୁଗ୍ଧ ହୋଇଗଲୁଁ । ତାଙ୍କ ଉଦାର ପ୍ରକୃତି, ନବୀନ ବୟସ, ଅତୁଳ ରୂପମାଧୁରୀ ଆମ୍ଭଙ୍କୁ ଉନ୍ମତ୍ତ କଲା । ଆମ୍ଭେ ତାଙ୍କୁ ସୁରାଙ୍ଗନା ବୋଲି ଅନୁମାନ କରିଥିଲୁଁ । ଏପରି ଲଳନାର ଯୋଗ୍ୟ ପାତ୍ର ନୋହୁଁ, ଏହି ବିବେଚନାରେ ଆପଣାକୁ କେତେ ଧିକ୍କାର ଦେଉଥିଲୁଁ । ତଥାପି ସେ ମାନବୀ ବିନୁ ଆନ କିଛି ନ ଥିଲେ । ତାଙ୍କ ମନ ପ୍ରଣୟରସରେ ପରିପୂର୍ଣ୍ଣ ଥିଲା । ସେ ଆମ୍ଭଙ୍କୁ ସ୍ନେହ କରୁଥିଲେ । ସହୋଦରଠାରେ ସହୋଦରା ଯେମନ୍ତ ସ୍ନେହ କରଇ, ସେହି ସ୍ନେହ ? ନା ! ସ୍ୱାମୀଠାରେ ପ୍ରେୟସୀ ଯେପରି ସ୍ନେହ କରଇ, ସେହି ସ୍ନେହ !

ଆମ୍ଭକୁ ସେ ସ୍ନେହ କରନ୍ତି ବୋଲି ଆମ୍ଭେ ପ୍ରଥମରୁ କିପରି ବୁଝିପାରିଲୁଁ, ତାହା ଆମ୍ଭର ସ୍ମରଣ ହେଉ ନାହିଁ । କି ପ୍ରକାରରେ ଏହି ଭାବ ଆମ୍ଭ ମନରେ ପ୍ରବିଷ୍ଟ ହେଲା, କହି ନ ପାରୁଁ । ଦୁହେଁ ନବୀନବୟସ୍କ ଥିଲୁଁ, ସବୁବେଳେ ପରସ୍ପର ବାକ୍ୟାଳାପ କରୁଥିଲୁଁ । ଏକରୂପ କର୍ମରେ ସର୍ବଦା ରତ ଥିଲୁ । ସଙ୍ଗୀତ କାବ୍ୟାଧ୍ୟୟନ, ଚିତ୍ରବିଦ୍ୟାଶିକ୍ଷା ଆମ୍ଭର ପ୍ରଧାନ ବିନୋଦ ଥିଲା । ସେ ସମୟରେ ଆମ୍ଭେ ଯେଉଁ ସ୍ଥାନରେ ଅବସ୍ଥାନ କରୁଥିଲୁଁ, ସେହି ସ୍ଥାନ ମନୋହର, ପୁଣି ନିର୍ଜନ ହେବାରୁ ଅଧିକତର ପ୍ରୀତିକର ହୋଇଥିଲା । ଏପରି ସ୍ଥଳ, ଏପରି ଅବସ୍ଥାରେ ଯେ ପରସ୍ପର ପ୍ରୀତି ଜନ୍ମିବ, ଏଥିରେ ବିଚିତ୍ର କ'ଣ ?

ଆହା ! କି ସୁଖର ସମୟ ! ଅନିର୍ବଚନୀୟ ଆନନ୍ଦର ସମୟ ! ମନୁଷ୍ୟମାନଙ୍କ ସୁଖ ଯେବେ ଚିରସ୍ଥାୟୀ ହୁଅନ୍ତା, ତାହାହେଲେ ଇହକାଳର ପରକାଳର ସୁଖ ଲବ୍ଧ ହୁଅନ୍ତା । ବିଶ୍ୱନିୟନ୍ତାଙ୍କର ଏପରି ନିୟମ ନୁହେଁ । ନରମାନଙ୍କ ସୌଭାଗ୍ୟ କ୍ଷଣଭଙ୍ଗୁର । ଆମ୍ଭଙ୍କୁ ସେହି ସ୍ଥାନ ସ୍ୱର୍ଗତୁଲ୍ୟ ବୋଧ ହେଲା । କିପାଇଁ ଅବା ନ ହେବ ? ଏପରି ରମଣୀ ଏପରି ପ୍ରଣୟମୟୀ ରମଣୀ ସହବାସରେ କାହାର ମନ ହର୍ଷସମୁଦ୍ରରେ ନିମଗ୍ନ ନ ହୁଏ ? ସେହି କାମିନୀରତ୍ନକୁ ସଙ୍ଗେ ଘେନି ଆମ୍ଭେ କେତେ ସ୍ଥାନରେ ପରିଭ୍ରମଣ କରୁଥିଲୁଁ, ସମୁଦ୍ରକୂଳରେ ଚନ୍ଦ୍ରୋଦୟ ଦେଖି ଦୁଇଜଣ କେଡ଼େ ଆନନ୍ଦ ଅନୁଭବ କରୁଥିଲୁଁ । ଚଞ୍ଚଳ ଅଚଳ ପ୍ରାୟ ସାଗରର ଉତ୍ତୁଙ୍ଗ ତରଙ୍ଗମାଳା ଦେଖୁଥିଲୁଁ । ସେହି ସର୍ବାଙ୍ଗସୁନ୍ଦରୀ କେବେ କେବେ ପର୍ବତ ଆରୋହଣ କରିବାକୁ ଅଭିଳାଷ କରନ୍ତେ ଆମ୍ଭେ ତାଙ୍କ ସଙ୍ଗେ ଗମନ କରୁଥିଲୁଁ । ସେ ଆମ୍ଭ ବାମ ହସ୍ତ ଧରି ଚାଲୁଥିଲେ । ଦୁଇ ଜଣ ଘନ ଅରଣ୍ୟରେ ପ୍ରବିଷ୍ଟ ହୋଇ ମଧୁରକଣ୍ଠ ପକ୍ଷୀମାନଙ୍କ ସଙ୍ଗୀତ ଶୁଣୁଥିଲୁଁ । ଆହା ! କିଛି ହିଁ ଚିରସ୍ଥାୟୀ ନୁହେ, ଦିନ ଗଲେ ରାତି ହୁଅଇ, ପ୍ରଖର ରୌଦ୍ର ଉତ୍ତାପରେ ବୃଷ୍ଟି ହୁଅଇ, ଜଗତର ଏହି ନୀତି ଆମ୍ଭେ ପାସୋରି ଗଲୁଁ ।

ଏହି ସ୍ୱପ୍ନତୁଲ୍ୟ ଅବସ୍ଥାରେ କେତେକଦିନ ଗଲା । ଦୁହିଁଙ୍କ ମଧ୍ୟରୁ ଆଗେ ଆମ୍ଭର ଚେତନା ହେଲା । ଆମ୍ଭେ ଆଗେ ଲରାର ମନୋହରଣ କରିଥିଲୁଁ, ମାତ୍ର ସେଥିରୁ ଆମ୍ଭର କିଛି ଭାବୀ ଶୁଭ ସମ୍ଭାବନା ନ ଥିଲା । ଆମ୍ଭେ ଦରିଦ୍ର ଥିଲୁଁ । ଧନହୀନ ହୋଇ ଲରାର ପାଣି ଗ୍ରହଣ କରିବା ଆଶା ଦୁରାଶା ମାତ୍ର । ଆମ୍ଭଠାରେ ଲରାଙ୍କର ଅତ୍ୟନ୍ତ ସ୍ନେହ ଥିଲା ; ତାଙ୍କ ପାଣି ପୀଡ଼ନ କରି ତାଙ୍କୁ ଚିରଦୁଃଖିନୀ କରିବା ଆମ୍ଭ ପକ୍ଷରେ କି ରୂପରେ ନ୍ୟାୟସଙ୍ଗତ ହୋଇପାରେ ? ଆମ୍ଭେ କ'ଣ ଏହିରୂପେ ତାଙ୍କ ପ୍ରଣୟ ଋଣ ପରିଶୋଧ କରନ୍ତୁ ? ସେହି ଉଦ୍ୟାନର ଅଧିକାରୀ ଆମ୍ଭ ପ୍ରଭୁ ଆମ୍ଭର ଯଥେଷ୍ଟ ଆଦର କରୁଥିଲେ । ଆମ୍ଭେ କ'ଣ ଏହିରୂପେ ତାଙ୍କଠାରେ କୃତଜ୍ଞତା ପ୍ରଦର୍ଶନ କରନ୍ତୁ ?

ଏତେ ଦିନେ ଆମ୍ଭେ ବୁଝିଲୁଁ ଯେ, ଅକୃତ୍ରିମ ପ୍ରଣୟରେ ସୁଦ୍ଧା ଅନିଷ୍ଟ ଜନ୍ମି-ପାରେ । ଚିନ୍ତାକୀଟ ଥରକୁ ଥର ଆମ୍ଭ ହୃଦୟକୁ କଳି କାଟିଲା । କୌଣସି ଗୁରୁତର ଅପରାଧ କଲା ପରେ ଅପରାଧୀର ମନ ଯେପରି ଅସ୍ଥିର ହେଉଥାଏ ଆମ୍ଭ ମନ ସେହିପରି ହେଲା; କ୍ଷିପ୍ତ ପ୍ରାୟ ଏଣେତେଣେ ବୁଲିବାକୁ ଲାଗିଲୁଁ । ଚୋରର ମନ ଯେମନ୍ତେ ନିତ୍ୟ ଶଙ୍କିତ ହୁଏ ଆମ୍ଭ ମନ ମଧ୍ୟ ସେହିପରି ହେଲା । ପ୍ରଭୁଙ୍କୁ ଦେଖିଲେ ଆମ୍ଭ ମନ ବ୍ୟସ୍ତ ହୋଇଯାଏ, ତାଙ୍କଠାରେ ବିଶ୍ୱାସଘାତକତା କରିଅଛୁଁ, ଏହି ଚିନ୍ତାରେ ଯତ୍ପରୋନାସ୍ତି ଭୀତ ହେଉଁ ।

ପୂର୍ବରେ ଆମ୍ଭ ପ୍ରଭୁ ଆମ୍ଭଙ୍କୁ ଅତ୍ୟନ୍ତ ସ୍ନିଗ୍ଧ ନୟନରେ ଚାହୁଁଥିଲେ ଏବଂ ଆମ୍ଭଠାରେ ଅତ୍ୟନ୍ତ ସ୍ନେହ କରୁଥିଲେ । ଏବେ ସେହି ସ୍ନେହ ଊଣା ହେବାର ଦେଖିଲୁଁ । ଏତିକି ସେ ଆମ୍ଭଙ୍କୁ ଦେଖି ବିରକ୍ତି ପ୍ରକାଶ କଲେ । ଆମ୍ଭ ସହିତ ସାହଙ୍କାର ବାକ୍ୟରେ କଥା କହିଲେ ।

ଫିଲିପ୍‌ର ଆଚରଣରେ ମଧ୍ୟ ବୈଲକ୍ଷଣ୍ୟ ଦେଖିଲୁଁ । ଆଉ ପୂର୍ବପରି ଆମ୍ଭ ସହିତ ମଧୁରାଳାପ ନ କଲେ । ପୂର୍ବରେ ଆମ୍ଭ ସଙ୍ଗେ ଯେପରି ଘନିଷ୍ଠତା କରୁଥିଲେ, ଏବେ ଆଉ ସେପରି ଦେଖିଲୁଁ ନାହିଁ । ଏହି ସବୁ ଦେଖି ଶୁଣି ଆମ୍ଭେ ହତାଶ ହେଲୁଁ । ଆପଣାକୁ ନିତାନ୍ତ ଦୁର୍ଭାଗ୍ୟ ମଣିଲୁଁ । ଜୀବନ ଭାର ହେଲା । ଆମ୍ଭେ ସ୍ୱଭାବତଃ ଅତ୍ୟନ୍ତ ଅଭିମାନୀ ଥିଲୁଁ । ସୁତରାଂ ଅଭିଭାବକଙ୍କ ସେହିଆଚରଣ ଆମ୍ଭର ଅସହ୍ୟହେଲା । ସେଠାରୁ ସ୍ଥାନାନ୍ତରିତ ହେବା ନିମନ୍ତେ ପ୍ରତିଜ୍ଞା କଲୁ । ସ୍ଥାନାନ୍ତରିତ ଅବା କିରୂପେ ହେବୁଁ ? ଲସିର ସହବାସରୁ ବଞ୍ଚିତ ହେବାଠାରୁ ଆମ୍ଭଙ୍କୁ ମରଣ ଶ୍ରେୟସ୍କର ବୋଧ ହେଲା । ତାଙ୍କ ବିରହରେ କିରୂପେ ଦିନ ଗମିବୁଁ ?

ଅଭିଭାବକ ପ୍ରଭୁଙ୍କର ଏହି ଗର୍ହିତ ବ୍ୟବହାର ଦେଖି ଆମ୍ଭେ ଅତ୍ୟନ୍ତ ବିରକ୍ତ ହେଲୁଁ ; ଆମ୍ଭର ଅହଙ୍କାର ଉତ୍ତରୋତ୍ତର ବଢ଼ିଲା । ଆମ୍ଭେ ଯେ ସଦ୍‌ବଂଶୋଦ୍ଭବ, ଏହା ସେମାନଙ୍କୁ ଜଣାଇବା ନିମନ୍ତେ କେବେ କେବେ ଆମ୍ଭର ବାସନା ହେଉଥିଲା । ମାତ୍ର ସେହି ବାସନା ଅଲ୍ପକାଳସ୍ଥାୟିନୀ । ଆମ୍ଭେ ଯେ ଜଣେ ସେହି ମହତ୍ 'ପରିବାରରୁ ଭ୍ରଷ୍ଟ ହୋଇଅଛୁଁ, ଏହା ମନ ମଧ୍ୟରେ ଉଦିତ ହେଲାକ୍ଷଣି ଆମ୍ଭର ଗର୍ବ ଚୂର୍ଣ୍ଣ ହୋଇ ଯାଏ, ନୈରାଶ୍ୟକୂପରେ ଅନ୍ତଃକରଣ ନିପତିତ ହୁଅଇ ।

ଏହି ଦୁର୍ଭାବନାରେ ଆମ୍ଭର ମାନସିକ ଶକ୍ତି ଏବଂ ଶାରୀରିକ ସ୍ୱାସ୍ଥ୍ୟର ହାନି ହେଲା । ଲସି ଆମ୍ଭଙ୍କୁ ସ୍ନେହ କରନ୍ତି, ଏହି ଚିନ୍ତାରେ ଆମ୍ଭେ ଆହ୍ଲାଦିତ ନ ହୋଇ ଆହୁରି ଦୁଃଖିତ ହେଲୁଁ । ଆମ୍ଭେ ଏମନ୍ତ ରତ୍ନରୁ ବଞ୍ଚିତ ହେବୁଁ, ଯେତେବେଳେ ଏହି କଥା ଆମ୍ଭ ମନରେ ପଡ଼େ ଆମ୍ଭର ହୃଦୟ ଅତଳ ଶୋକଜଳରେ ନିମଗ୍ନ ହୁଏ । ଲସି ଯେବେ ଆମ୍ଭଠାରେ ସ୍ନେହ କରୁ ନ ଥାନ୍ତେ, ତେବେ ଆମ୍ଭର କଦାଚ ଏପରି କଷ୍ଟ ହୁଅନ୍ତା ନାହିଁ । ପୂର୍ବରେ ସେହି ଲସିକୁ ଦେଖିଲେ ଆମ୍ଭେ ହର୍ଷରେ ଅଧୀର ହେଉଥିଲୁଁ, ମାତ୍ର ଏବେ ବିଷାଦରେ ଅଧୀର ହେଲୁଁ । ଆଉ ସେହି ଲବଣ୍ୟ ଆମ୍ଭର ନୟନାନନ୍ଦକର ହେଲା ନାହିଁ ; ସେହି ବୀଣାତନ୍ତ୍ରିର ସ୍ୱର କର୍ଣ୍ଣକୁ ସୁଖପ୍ରଦ ହେଲା ନାହିଁ ।

ଲସି ଅତିଶୟ ସରଳହୃଦୟା ଥିଲେ । ଆମ୍ଭଠାରେ ଏହି ବୈଲକ୍ଷଣ୍ୟ ଦେଖି ଦିନେ ନିର୍ଜନରେ ଆମ୍ଭଙ୍କୁ ସେଥିର ହେତୁ ପଚାରିଲେ । ତାଙ୍କ ପ୍ରଶ୍ନର ଉତ୍ତର ନ ଦେଇ ରହି ହେଲା ନାହିଁ । ଆମ୍ଭେ ଏତେ କାତର ହୋଇଥିଲୁଁ ଯେ, ତାଙ୍କଠାରେ ଆପଣା ମନୋଗତ ଦୁଃଖ ମୁକ୍ତକଣ୍ଠରେ ଫେଡ଼ି କହିଲୁଁ । କାତରରେ ତାଙ୍କୁ ସମ୍ବୋଧନ କରି କହିଲୁଁ, "ଲସି ! ଆମ୍ଭେ ତୁମ୍ଭର ଯୋଗ୍ୟ ପାତ୍ର ନୋହୁଁ, ଆମ୍ଭେ ପରିବାରଭ୍ରଷ୍ଟ, ଆମ୍ଭର ଘର ନାହିଁ, ଅର୍ଥ ନାହିଁ, ଖ୍ୟାତି ନାହିଁ, କିପରି ଅବା ତୁମ୍ଭର ଉପଯୁକ୍ତ ହେବୁଁ ? ଲସି ! ଆମ୍ଭେ ଏପରି ଦରିଦ୍ର ହେଲେହେଁ ତୁମ୍ଭ ପାଣିଗ୍ରହଣାକାଂକ୍ଷୀ ହୋଇଅଛୁଁ, ଆମ୍ଭର କେଡ଼େ ଦୁରାକାଂକ୍ଷା, କେଡ଼େ ମୂଢ଼ତା ! ବାମନ ହୋଇ ଚନ୍ଦ୍ରମା ଧରିବାର ଇଚ୍ଛା !!"

ଆମ୍ଭର ଏହି କାନ୍ତସ୍ନେହରେ କୋମଳ-ସ୍ୱଭାବ ଲୀଲାର ନୟନରୁ ପ୍ରବଳ ବେଗରେ ଲୋତକ ଝରିଲା । ମାତ୍ର ଆମ୍ଭେ ଯେ କିରୂପେ ତାଙ୍କର ଅଯୋଗ୍ୟ, ସେ ତାହା ବୁଝି ନ ଥିଲେ । କିରୂପେ ଅବା ବୁଝିପାରିବେ ? ମଠରେ ଶିକ୍ଷିତା, ସଂସାରର ଗତିବିଧି ବିଷୟରେ ସମ୍ପୂର୍ଣ୍ଣ ଅନଭିଜ୍ଞ ଥିଲେ । ଅଭାବଜନିତ କଷ୍ଟ କେବେହେଁ ଅନୁଭବ କରି ନ ଥିଲେ । ପ୍ରଣୟ ଯେତେବେଳେ ହୃଦୟକୁ ବଶୀଭୂତ କରେ ସେ ସମୟରେ ଆନ ବିଷୟମାନଙ୍କ ପ୍ରତି ଦୃଷ୍ଟି ନ ଥାଏ । ଲୀଲାର ବିବେଚନାରେ ଆମ୍ଭ ପରି ପୁରୁଷ ମଧ୍ୟରେ ଅନ୍ୟ କେହି ନ ଥିଲା । ଆମ୍ଭେ ପୂର୍ବରେ ତାଙ୍କୁ ଅନେକ ଉପନ୍ୟାସ ଶୁଣାଇଥିଲୁଁ । ଆମ୍ଭଠାରୁ ସେ ଅନେକ ବୀରପୁରୁଷ, ରାଜା ଏବଂ ବିଦ୍ୱାନ୍-ମାନଙ୍କ ଇତିହାସ ଶୁଣିଥିଲେ । କେବେ ହର୍ଷରେ ଅଧୀର ହୋଇ ସେମାନଙ୍କ ସହିତ ଆମ୍ଭର ତୁଳନା କରୁଥିଲେ । ପ୍ରେମରେ ଉନ୍ମତ୍ତ ହୋଇ ଆମ୍ଭ ମହଦ୍‌ଗୁଣମାନଙ୍କର ଭୂରି ପ୍ରଶଂସା କରୁଥିଲେ; ଆମ୍ଭଙ୍କୁ ସବୁ ସଦ୍‌ଗୁଣର ଆଧାର କରି ଜାଣିଥିଲେ । ସେ କହୁଥିଲେ ଯେ, ଆମ୍ଭ ପରି ରସିକ, ରୂପବାନ, ବୁଦ୍ଧିମାନ ପୁରୁଷ ମଧ୍ୟରେ ଦୁର୍ଲଭ । ତାଙ୍କର ଆମ୍ଭଠାରେ ଏପରି ପ୍ରେମ ଦେଖି ଆମ୍ଭେ କେବେ କେବେ ଆପଣା ଦୁଃଖ ବିସ୍ମୃତ ହେଉଥିଲୁଁ ।

ଆମ୍ଭ ଇତିହାସର ଏହି ଅଂଶ ବିସ୍ତାରିତ-ରୂପେ କହିଲୁଁ । ଆମ୍ଭେ ସେହି ସମୟରେ ନିର୍ଦ୍ଦୋଷ ଥିଲୁଁ, ନିର୍ଦ୍ଦୋଷ ମନୁଷ୍ୟ ସ୍ୱଭାବତଃ ସୁଖୀ ହୁଅଇ । ଆମ୍ଭେ ଦୁଇ ପ୍ରକାର ସୁଖଭୋଗ କରୁଥିଲୁଁ । ପ୍ରଥମତଃ ନିର୍ଦ୍ଦୋଷଜନିତ ସୁଖ ଦ୍ୱିତୀୟତଃ ଲୀଲାର ସହବାସ ସୁଖ । ଏପରି ସୁଖର ସମସ୍ତ ବାହୁଲ୍ୟରୂପେ ବର୍ଣ୍ଣନା ନ କରି ଆଉ କେଉଁ ସମୟର ବାହୁଲ୍ୟ ବର୍ଣ୍ଣନା କରିବୁଁ ? ଆମ୍ଭର ବିସ୍ତାରିତ ବର୍ଣ୍ଣନାରେ ବିରକ୍ତ ହେବ ନାହିଁ, ଆମ୍ଭ ଅବସ୍ଥାରେ ପଡ଼ିଲେ ତୁମ୍ଭେ ସୁଦ୍ଧା ଏପରି ବିସ୍ତାରିତ ବର୍ଣ୍ଣନା କରିଥାନ୍ତ । ସେ ଯାହାହେଉ ଏବେ ଆନ ବିଷୟ ଶୁଣ ।

ଏହି ସମୟରେ ଆମ୍ଭ ଜ୍ୟେଷ୍ଠଙ୍କର ମୃତ୍ୟୁ ହେଲା । ଆମ୍ଭେ କୌଣସି ସାପ୍ତାହିକ ପତ୍ରିକାରୁ ଏହି ସଂବାଦ ପ୍ରାପ୍ତ ହେଲୁଁ । ସେହି ପତ୍ରିକାରେ ଏହି ବିଜ୍ଞାପନ ଲେଖା ହୋଇଥିଲା ।

ବିଜ୍ଞାପନ

"ଆମ୍ଭର ଜ୍ୟେଷ୍ଠ ପୁତ୍ରର ମୃତ୍ୟୁ ହେବାରୁ ଶୋକରେ ଅଧୀର ହୋଇଅଛୁଁ । ଏତେବେଳେ ଆମ୍ଭଙ୍କୁ ସାନ୍ତ୍ୱନା ଦେବ, ଏପରି କେହି ନାହିଁ । କନିଷ୍ଠପୁତ୍ରର ଅନୁଦ୍ଦେଶ ହେତୁରୁ ଆମ୍ଭର ଦୁଃଖ ଦ୍ୱିଗୁଣ ହୋଇଅଛି । ଯେବେ କୌଣସି ମହୋଦୟ ଆମ୍ଭ ପ୍ରତି ସଦୟ ହୋଇ ଆମ୍ଭର ସେହି କନିଷ୍ଠ ପୁତ୍ରର ତତ୍ତ୍ୱ କରନ୍ତି, ତେବେ ଆମ୍ଭେ ତାଙ୍କଠାରେ ଚିରଜୀବନ କୃତଜ୍ଞ ରହିବୁ । ଯେବେ ଏହି ବିଜ୍ଞାପନ ସେହି ପୁତ୍ରର ନୟନରେ ପଡ଼େ ଏବଂ ତାହାଠାରେ ଯେବେ ପିତୃସ୍ନେହ ଥାଏ, ତେବେ ତାହାକୁ ଆମ୍ଭେ ଏହି ଆଦେଶ କରୁଅଛୁଁ ଯେ, ସେ ବିଜ୍ଞାପନ ପଢ଼ିଲାମାତ୍ରକେ ଗୃହକୁ ପ୍ରତ୍ୟାଗମନ କରିବା ନିମନ୍ତେ ସଯତ୍ନ ହେବ ।

ଆମ୍ଭେ ଏହି ବିଜ୍ଞାପନ ପଢ଼ି ଭ୍ରାତୃଶୋକରେ ଆକୁଳ ହେଲୁଁ । ଆମ୍ଭ ପିତା ଆମ୍ଭ ପ୍ରତି ଅତ୍ୟନ୍ତ ନିଷ୍ଠୁର ଆଚରଣ କରିଥିଲେ । କିନ୍ତୁ ତାଙ୍କୁ ପୁତ୍ରଶୋକରେ ଅଭିଭୂତ ହେବାର ପାଠ କରି ଆମ୍ଭେ ତାହା ପାସୋରିଲୁଁ । ପିତୃସ୍ନେହର ବଶୀଭୂତ ହୋଇ ଘରକୁ ଯିବା ନିମନ୍ତେ ଉତ୍କଣ୍ଠିତ ହେଲୁଁ । ପୁଣି ଆମ୍ଭର ବିଷାଦରେ ହର୍ଷ ଉପସ୍ଥିତ ହେଲା । ଯେତେବେଳେ ଭାବିଲୁଁ ଯେ, ଆମ୍ଭର

ଦରିଦ୍ରାବସ୍ଥା ସମ୍ପୂର୍ଣ୍ଣ ଘୁଞ୍ଚିବ, ସେତେବେଳେ ଆନନ୍ଦର ସୀମା ନ ରହିଲା । ଅର୍ଥ, ଖ୍ୟାତି, ପଦବୀର ପୁନଃପ୍ରାପ୍ତିର ଆଶା ସଙ୍ଗେ ଅନ୍ୟ ଆଶା ସଞ୍ଚରିଲା । ତେତେବେଳେ ଆଉ ଆପଣାକୁ ଲସିର ଅଯୋଗ୍ୟ ମଣିଲୁଁ ନାହିଁ । ସେହିକ୍ଷଣି ଲସି ନିକଟକୁ ଯାଇ କହିଲୁଁ "ଲସି ! ପ୍ରଭୁଙ୍କ କୃପାରୁ ଏବେ ଆମ୍ଭର ମନୋରଥ ସିଦ୍ଧି ହୋଇପାରିବ । ଆମ୍ଭର ଆଉ ସେ ଅବସ୍ଥା ନାହିଁ, ଆଉ ଏବେ ଆମ୍ଭକୁ କେହି ଅନାଥ ଅପରିଚିତ, ନିର୍ଦ୍ଧନ ବୋଲି କହି ପାରିବେ ନାହିଁ । ଏହି ଦେଖ, ଏଥିରେ ଯାହା ଲେଖା ହୋଇଅଛି, ତାହା ପଢ଼ିଲେ ବୁଝି ପାରିବ ।"

ଲସିର ତତ୍କାଳୀନ ମନୋଭାବ କିପରି ହୋଇଥିବ, ପାଠକ ବିବେଚନା କରନ୍ତୁ । ଆମ୍ଭର ଅବସ୍ଥାର ପରିବର୍ତ୍ତନର କଥା ଶୁଣି ସେ ଅତ୍ୟନ୍ତ ଆନନ୍ଦିତ ହେଲେ । ତାଙ୍କର ଏହି ଦୃଢ଼ ବିଶ୍ୱାସ ଥିଲା ଯେ, ଯେ କୌଣସି ଉପାୟରେ ହେଉ, ଆମ୍ଭେ ଅବଶ୍ୟ ଧନବାନ୍ ଏବଂ ବିଖ୍ୟାତ ହେବୁ, ସୁତରାଂ ଏହି ସଂବାଦ ତାଙ୍କୁ ବିସ୍ମୟ ବୋଧ ହେଲା ନାହିଁ । ଏହି ଘଟନାରେ ଆମ୍ଭର ମନୋଦୁଃଖର ହ୍ରାସ ହେବ, ଏହା ଭାବି ସେ ଆହ୍ଲାଦିତ ହେଲେ । ଉଲ୍ଲାସରେ ଆମ୍ଭ ଛାତି ଫୁଲିଗଲା । ଆଉ ଅଧୋବଦନରେ ବୁଲିଲୁ ନାହିଁ । ସୌଭାଗ୍ୟ ଗର୍ବରେ ସର୍ବଦା ଉନ୍ନତମୁଖ ହୋଇ ବୁଲିଲୁଁ । ମୁଖ ହର୍ଷପ୍ରଫୁଲ୍ଲ ହେଲା । ପୂର୍ବ ଦୁଃଖସବୁ ମୁହୂର୍ତ୍ତ ମଧ୍ୟରେ ପାସୋରିଲୁଁ ।

ଉପସ୍ଥିତ ସୌଭାଗ୍ୟର କଥା ଆମ୍ଭ ପ୍ରଭୁଙ୍କୁ ଜଣାଇବା ନିମନ୍ତେ ଆମ୍ଭର ଏକାନ୍ତ ବାସନା ହେଲା । ନିଜ ପରିଚୟ ପ୍ରଦାନ କରି ଲସିର ପାଣିଗ୍ରହଣର ଅଭିଳାଷ ତାଙ୍କଠାରେ ପ୍ରକାଶ କରନ୍ତୁ, ମାତ୍ର ସେ ସେହି ସମୟରେ ସ୍ଥାନାନ୍ତରରେ ଅବସ୍ଥାନ କରୁଥିଲେ । ତେଣୁ ଫିଲିପ୍‌ଙ୍କଠାରେ ସବୁ କଥା ବ୍ୟକ୍ତ କଲୁଁ । ଯେତେବେଳେ ପ୍ରଥମେ ଆମ୍ଭ ଅନ୍ତଃକରଣରେ, ପ୍ରଣୟରସର ସଞ୍ଚାର ହୋଇଥିଲା, ଯେଉଁ ଯେଉଁ କାରଣରୁ ଆମ୍ଭେ ହତାଶ ହୋଇଥିଲୁଁ ପୁଣି ଯେଉଁ ଆକସ୍ମିକ ସଂବାଦଦ୍ୱାରା ଆମ୍ଭ ମନରେ ନବୀ ସୁଖ-ଆଶା ସଞ୍ଚରିଲା, ଆମ୍ଭେ ମୁକ୍ତକଣ୍ଠରେ ତାଙ୍କଠାରେ ସମସ୍ତ କହିଲୁଁ । ଫିଲିପ୍ ସମ୍ପୂର୍ଣ୍ଣରୂପେ ଆହ୍ଲାଦିତ ହେଲେ ଏବଂ ଯୋଗ୍ୟପାତ୍ରରେ ଆମ୍ଭର ପ୍ରଣୟ ନ୍ୟସ୍ତ ହୋଇଅଛି ବୋଲି ଥରକୁଥର ଆମ୍ଭରପ୍ରଶଂସା କଲେ । ତାଙ୍କର ଭଦ୍ରତା ଦେଖି ଆମ୍ଭେ ହର୍ଷପୂର୍ଣ୍ଣ ମନରେ ତାଙ୍କୁ ଆଲିଙ୍ଗନ କଲୁଁ । ତାଙ୍କଠାରେ ଆମ୍ଭର ଯେ ପୂର୍ବରେ ଅବିଶ୍ୱାସ ହୋଇଥିଲା, ତାହା ଦୂର ହେଲା ଏବଂ ତାଙ୍କର ବନ୍ଧୁତାକୁ ଯେ କୃତ୍ରିମ ବୋଲି ଜାଣିଥିଲୁଁ, ସେଥି ନିମନ୍ତେ ତାଙ୍କଠାରେ କ୍ଷମା ମାଗିଲୁଁ ।

ଯୁବାମାନଙ୍କ ମଧ୍ୟରେ ଅକୃତ୍ରିମ ପ୍ରଣୟ ହେଲେ ସେମାନେ ପରସ୍ପର ଉପକାର ସାଧନ ନିମନ୍ତେ ଅତ୍ୟନ୍ତ ଯତ୍ନବାନ୍ ହୁଅନ୍ତି । ଫିଲିପ୍ ଅତ୍ୟନ୍ତ ଆଗ୍ରହ ସହିତ ଆମ୍ଭ ବିଷୟରେ ପ୍ରବୃତ୍ତ ହେଲେ । ଆମ୍ଭେ ତାଙ୍କୁ ଅକପଟରେ ସବୁ କଥା ଜଣାଇଲୁଁ ଏବଂ ତାଙ୍କଠାରୁ ସତ୍ପରାମର୍ଶ ନେଲୁଁ । ଚଞ୍ଚଲ ନେପଲ୍‌ସ ନଗରକୁ ନେଉଟି ଯାଇ ପିତାଙ୍କ ସ୍ନେହଭାଜନ ହେବା ନିମନ୍ତେ ଫିଲିପ୍ ଉପଦେଶ ଦେଲେ । ତଦନନ୍ତରେ ଜନକଙ୍କର ଅନୁମତି ନେଇ ଗୃହରୁ ପୁଣି ଆସି ଲସିକୁ ବିବାହ କରିବୁଁ । ଫିଲିପ୍ କହିଲେ ଯେ ତାଙ୍କ ପିତାଙ୍କଠାରୁ ଏହି ବିଷୟ ସମ୍ମତ କରାଇବା ନିମନ୍ତେ ସେ ସାଧ୍ୟମତେ ଯତ୍ନ କରିବେ ଏବଂ ଆମ୍ଭର ଯେଉଁରୂପେ ମଙ୍ଗଳ ହେବ, ସେଥିରେ କଦାଚ ଅବହେଳା ନ କରିବେ । ଆମ୍ଭେ ତାଙ୍କର ଏହି ଆଶ୍ୱାସ ବାକ୍ୟରେ ଆଶ୍ୱାସିତ ହେଲୁଁ ।

ଅବଶେଷରେ ମେଲାଣି ନେବା ନିମନ୍ତେ ଲୀଗ୍ର ନିକଟକୁ ଗଲୁଁ । ସେହି ମେଲାଣିବେଳ ମନରେ ପଡ଼ିଲେ ଆମ୍ଭର ଦୁଃଖସାଗର ଉଦ୍‌ବେଳ ହୁଅଇ । ଉଦ୍ୟାନ ମଧ୍ୟରେ ଗୋଟିଏ ପଟ୍ଟଗୃହ ଥିଲା, ଲୀଗ୍ର ସେଠାରେ ବସି ପୁସ୍ତକାଦି ପଢ଼ୁଥାନ୍ତି । ଆମ୍ଭର ଗୃହଗମନ ସମୟରେ ସେ ସେହି ପଟ୍ଟଗୃହରେ ଥିଲେ, ଆମ୍ଭେ ସେଠାକୁ ଯାଇ ମେଲାଣି ମାଗିଲୁଁ । ଲୀଗ୍ର ଅଶ୍ରୁପୂର୍ଣ୍ଣନୟନା ହୋଇ ଆମ୍ଭଙ୍କୁ ଗମନାନୁମତି ଦେଲେ । ଅକୃତ୍ରିମ ପ୍ରେମର କେମନ୍ତ ଅନିର୍ବଚନୀୟ ପ୍ରଭାବ ! କିଛି ଦୂର ଗମନ କରି ଆମ୍ଭେ ପୁଣି ଫେରି ଲୀଗ୍ର ନିକଟକୁ ଗଲୁଁ । ତାହାଙ୍କୁ ଚକ୍ଷୁଜଳରେ ଅଭିଷିକ୍ତ ଦେଖି ନୟନକୁ ପରିତୃପ୍ତ କଲୁଁ । ସେହି ପ୍ରବାଳ-ଲୋହିତ ସୁକୋମଳ କରପଲ୍ଲବ ସ୍ପର୍ଶ ଏବଂ ଚୁମ୍ବନ କଲୁଁ । ଆହା ! ପ୍ରଣୟୀମାନଙ୍କର ମେଲାଣି ବେଳେ ଯେଉଁ ମନୋବେଦନା ହୁଏ, ସେହି ମନୋବେଦନାରେ ସୁଦ୍ଧା ଏକ ଅନିର୍ବଚନୀୟ ରସ ଅଛି, ସେ ରସର ତୁଳନାରେ ଅମୃତ ସୁଦ୍ଧା ତୁଚ୍ଛ ବୋଧ ହୁଅଇ । ଆଜିଯାଏ ସେହି ସ୍ଥାନ ଆମ୍ଭ ହୃଦୟପଟରେ ଅଙ୍କିତ ଅଛି । ସେହି ପୁଷ୍ପତରୁବେଷ୍ଟିତ ସୁରମ୍ୟ ପଟ୍ଟଗୃହ, ସେହି ରମଣୀୟ ଉଜ୍ଜ୍ୱଳ ମୁଖଚନ୍ଦ୍ରମା, ସେହି ଅଶ୍ରୁପୂର୍ଣ୍ଣ ନୟନଯୁଗଳ, ସେହି ସ୍ନିଗ୍ଧ ଅବଲୋକନ ଏ ପର୍ଯ୍ୟନ୍ତ ଆମ୍ଭ ମନରେ ଜାଗରୂକ ଅଛି ।

ଅନନ୍ତର ଆମ୍ଭେ ଅପରାହ୍ଣ ଦ୍ୱିଘଟିକା ସମୟରେ ଜାହାଜରେ ଚଢ଼ିଲୁଁ । କ୍ରମେ କ୍ରମେ ଦୂରବର୍ତ୍ତୀ ହେବାକୁ ଲାଗିଲୁଁ । ଗମନ ସମୟରେ ଆମ୍ଭର ନୟନଦ୍ୱୟ ସେହି ଉପବନସ୍ଥ ପଟ୍ଟଗୃହ ଆଡ଼କୁ ଧାଇଁଲା । ଥରକୁଥର ଆଗ୍ରହସହିତ ସ୍ଥିରଦୃଷ୍ଟିରେ ତାହାକୁ ଦେଖିବାକୁ ଲାଗିଲୁଁ । ଦୂରତାବଶତଃ ସେହି ପଟ୍ଟଗୃହ କ୍ରମଶଃ କ୍ଷୁଦ୍ର ଦିଶିଲା ଏବଂ ଶେଷକୁ ଗୋଟାଏ ଶଙ୍ଖ ପ୍ରାୟ ବୋଧ ହେଲା । କିଛିକାଳ ପରେ ସୂର୍ଯ୍ୟ ଅସ୍ତୋନ୍ମୁଖ ହେବାରୁ ସାଗରଜଳ ରକ୍ତବର୍ଣ୍ଣ ହେଲା । ତରଙ୍ଗମାଳା ଦେଖି ବୋଧ ହେଲା, ଯେମନ୍ତ ପଦ୍ମରାଗମଣି-ଖଚିତ ଚଞ୍ଚଳ ଗିରିମାନେ ଏକତ୍ରିତ ହୋଇ କୋଳାହଳ କରୁଅଛନ୍ତି । ଅନନ୍ତର ରଜନୀ କଳାବସ୍ତ୍ର ପିନ୍ଧି ଆସିଲେ, ଗଗନରେ ତାରା ଫୁଟିଲା, ମାତ୍ର ଆମ୍ଭେ ସେହି ପ୍ରାକୃତିକ ଶୋଭା ଦେଖିବାରେ ରତ ନ ହୋଇ ସେହି ଉପବନ ଦିଗକୁ ଥରକୁ ଥର ଅନାଇଲୁଁ । ଶେଷକୁ ତାହା ଆମ୍ଭର ଦୃଷ୍ଟିପଥାତୀତ ହେଲା ।

ନେପଲସ୍‌ରେ ପହଞ୍ଚି ସତ୍ୱର ହୋଇ ପିତୃ-ଗୃହମୁଖରେ ଗମନ କଲୁଁ । ପିତାଙ୍କ ଅନୁଗ୍ରହରୁ ଏତେକାଳ ବଞ୍ଚିତ ହୋଇଥିଲୁଁ । ଏବେ ସେହି ଅନୁଗ୍ରହ ପ୍ରାପ୍ତ ହେବା ନିମନ୍ତେ ଅତୀବ ବ୍ୟଗ୍ର ହୋଇ ଗୃହର ନିକଟବର୍ତ୍ତୀ ହେଲୁଁ । ଆମ୍ଭକୁ କେହି ଚିହ୍ନି ପାରିଲେ ନାହିଁ ଏବଂ ପିତାଙ୍କର ଭୃତ୍ୟମାନେ ବିସ୍ମୟପୂର୍ଣ୍ଣ ଲୋଚନରେ ଆମ୍ଭଙ୍କୁ ଅନାଇ ରହିଲେ । ମଠରୁ ପ୍ରସ୍ଥାନ କରିବା ସମୟରେ ଆମ୍ଭେ ଅଳ୍ପବୟସ୍କ ଥିଲୁଁ, ଏବେ ଆମ୍ଭର ଆକାର ପୁଣି ଶିକ୍ଷାଦି ବିଷୟରେ ଅନେକ ପରିବର୍ତ୍ତନ ହୋଇଥିଲା । ଆମ୍ଭେ ଯେ ସେହି ଗୃହର ଭାବୀ ପ୍ରଭୁ ହେବୁ, ଭୃତ୍ୟମାନେ ଏହା ଜାଣି ନ ଥିଲେ, ଆମ୍ଭଙ୍କୁ ଜଣେ ବିଦେଶୀ ବୋଲି ଜାଣିଥିଲେ । ଆମ୍ଭେ ସେଠାରେ ଉପସ୍ଥିତ ହୋଇ ଅଶ୍ରୁବେଗ ସମ୍ଭାଳି ନ ପାରି ଉଚ୍ଚୈଃସ୍ୱରରେ କାନ୍ଦିଲୁଁ । ସେମାନେ ଦେଖି ବିସ୍ମୟାପନ୍ନ ହେଲେ, ମାତ୍ର ଯେତେବେଳେ ଆମ୍ଭେ ପରିଚୟ ଦେଲୁଁ, ସେମାନେ ଆଦର ସହିତ ଆମ୍ଭଙ୍କୁ ଘର ଭିତରକୁ ଘେନିଗଲେ । ସେମାନଙ୍କ ମଧ୍ୟରୁ ଜଣେ ଆଗେ ଯାଇଁ ଆମ୍ଭର ଆଗମନବାର୍ତ୍ତା ପିତାଙ୍କଠାରେ ଜଣାଣ କଲା । ପିତା ଆମ୍ଭର ପ୍ରତ୍ୟାଗମନ ନିମନ୍ତେ ପ୍ରସନ୍ନ ହେଉଅଛନ୍ତି,

ଏମନ୍ତ ସମୟରେ ଆମ୍ଭେ ତାହାଙ୍କ ନିକଟରେ ଉପସ୍ଥିତ ହେଲୁଁ । ଯାହାଙ୍କୁ ଆମ୍ଭେ ପୂର୍ବରେ ହୃଷ୍ଟପୁଷ୍ଟ ଦେଖିଥିଲୁଁ, ଯାହାଙ୍କ କୁପିତ ବଦନ ଦେଖି ଆମ୍ଭେ ଭୟରେ ମୃତପ୍ରାୟ ହେଉଥିଲୁଁ, ସେହି ପିତାଙ୍କୁ ଏତେବେଳେ ଜରାଯୁକ୍ତ ଶୀର୍ଣ୍ଣ-ଶରୀର ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେଲୁଁ । ଦୁରନ୍ତ ପକ୍ଷାଘାତ ରୋଗ ଅଙ୍ଗମାନଙ୍କୁ ଅବଶ କରିଥିଲା, ଶରୀର ବିବର୍ଣ୍ଣ ହୋଇଥିଲା । ଯେତେବେଳେ ଆମ୍ଭେ ତାହାଙ୍କର ନିକଟସ୍ଥ ହେଲୁ, ସେ ଗୋଟିଏ କାଷ୍ଠାସନରେ ବସିଥିଲେ । ଶାରୀରିକ ସୌନ୍ଦର୍ଯ୍ୟଲୋପ ସହିତ ତାହାଙ୍କର ମାନସିକ ବୃତ୍ତିମାନଙ୍କର ମଧ୍ୟ ବହୁ ପରିମାଣରେ ବୈଲକ୍ଷଣ୍ୟ ହୋଇଥିଲା । ସେହି ଆଗେ ଆସିଥିବା ଭୃତ୍ୟ ଆମ୍ଭ ବୃତ୍ତାନ୍ତ ତାହାଙ୍କୁ ଅବଗତ କରାଉଥିଲା, ଏମନ୍ତ ସମୟରେ ଆମ୍ଭେ ତାହାଙ୍କ ପାଦତଳେ ପଡ଼ିଲୁଁ । ତାହାଙ୍କର ପୂର୍ବ ନିଷ୍ଠୁର ଅନୁଚିତ ବ୍ୟବହାର ଆମ୍ଭ ହୃଦୟରୁ ଅନ୍ତର୍ହିତ ହେଲା । ସେ ଆମ୍ଭର ପୂଜନୀୟ ପିତା, ଆମ୍ଭେ ତାହାଙ୍କଠାରେ ଅପରାଧୀ ହୋଇଅଛୁଁ, ସେତେବେଳେ କେବଳ ଏହି ଭାବ ଆମ୍ଭ ମନରେ ଉଦିତ ହେଲା । ବ୍ୟଗ୍ରଭାବରେ ତାହାଙ୍କ ଗୋଡ଼ ଧରି କାନ୍ଦିଲୁଁ, "ପିତଃ ! କ୍ଷମା କରନ୍ତୁ, ଆମ୍ଭର ଦୋଷ ହୋଇଅଛି ।" ବାରମ୍ବାର ଏହି କାତରୋକ୍ତି କଲୁଁ । ପିତା ଆମ୍ଭଙ୍କୁ ସତୃଷ୍ଣ ନୟନରେ ଚାହିଁଲେ, କମ୍ପାନ୍ୱିତ ହସ୍ତଦ୍ୱୟ ବିସ୍ତାର କଲେ ଏବଂ ବାଳକ ପ୍ରାୟ କାନ୍ଦିବାକୁ ଲାଗିଲେ ।

ସେହି ସମୟାବଧି ସେ ଆମ୍ଭଙ୍କୁ ମୁହୂର୍ତ୍ତିକ ନିମନ୍ତେ ମଧ୍ୟ ଆଖିରୁ ଅନ୍ତର କରିଦେଲେ ନାହିଁ । ତାଙ୍କ ଜାଣିବାରେ ମହୀରେ ଆମ୍ଭ ବ୍ୟତୀତ ଆଉ ତାଙ୍କର କେହି ପ୍ରୀତିକର ନ ଥିଲା । ଆଉସବୁ ତାହାଙ୍କୁ ଶୂନ୍ୟବତ୍ ବୋଧ ହେଲା, ସେ ବାକ୍‌ଶକ୍ତିବର୍ଜିତ ହୋଇଥିଲେ ପୁଣି ତାହାଙ୍କ ବୁଦ୍ଧି ଲୁପ୍ତ ପ୍ରାୟ ହୋଇଥିଲା । ସର୍ବଦା ମୌନୀ ହୋଇଥିଲେ ଏବଂ କେବେ କେବେ ବିନା କାରଣରେ ରୋଦନ କରୁଥିଲେ । ଆମ୍ଭେ ଯେବେ କୌଣସି ସମୟରେ ଗୃହରୁ ବହିର୍ଗତ ହେଉଥିଲୁଁ, ସେ ଦ୍ୱାର ଆଡ଼କୁ ସ୍ଥିରଦୃଷ୍ଟିରେ ଚାହିଁ ଆମ୍ଭର ଫେରି ଆସିବାର ପ୍ରତୀକ୍ଷା କରୁଥିଲେ । ଆମ୍ଭେ ଯେତେବେଳେ ପୁନଃପ୍ରବିଷ୍ଟ ହେଉଥିଲୁଁ, ଆମ୍ଭଙ୍କୁ ଦେଖି ନୟନଜଳରେ ନିଜ ମୁଖ ଅଭିଷିକ୍ତ କରୁଥିଲେ ।

ଏମନ୍ତ ଅବସ୍ଥାରେ ତାଙ୍କଠାରେ ଆମ୍ଭର ମନୋଗତ ସମସ୍ତ ବୃତ୍ତାନ୍ତ କହିବା ସଂଯୁକ୍ତ ବୋଧ ହେଲା । ତାଙ୍କଠାରୁ ମୁହୂର୍ତ୍ତେ ନିମନ୍ତେ ଅନ୍ତର୍ହିତ ହେବା ଅତ୍ୟନ୍ତ ନିଷ୍ଠୁର କାର୍ଯ୍ୟ ମଣିଲୁ, ସୁତରାଂ ଆମ୍ଭେ କ'ଣ କରିବୁଁ, କିଛି ହେଁ ସ୍ଥିର କରି ପାରିଲୁ ନାହିଁ । ଲରାର ଚିନ୍ତା ଆମ୍ଭଙ୍କୁ ଅଧୀର କଲା । ଆମ୍ଭର ନେପଲ୍‌ସକୁ ପ୍ରତ୍ୟାଗମନ, ପିତାଙ୍କର ଶରୀରାବସ୍ଥା, ଲରାର ବିରହଜନିତ ବ୍ୟାକୁଳତା ଏହି ସମସ୍ତ ବିଷୟରେ ଲରାକୁ ଖଣ୍ଡିଏ ସୁଦୀର୍ଘ ଲିପି ଲେଖିଲୁ । ସମସ୍ତେ ଏହା ମୁକ୍ତକଣ୍ଠରେ ସ୍ୱୀକାର କରିବେ ଯେ, ମୁହୂର୍ତ୍ତିକାଳ ପ୍ରିୟତମାବିଚ୍ଛେଦ ତରୁଣ ପ୍ରଣୟୀକୁ ଯୁଗସହସ୍ର ପ୍ରାୟ ବୋଧ ହୁଏ । ଫିଲିପ୍‌ଙ୍କୁ ଅନ୍ୟ ଏକ ପତ୍ର ଲେଖି ଲରାର ପତ୍ରକୁ ସେଥିରେ ଗର୍ଭସ୍ଥ କରି ପଠାଇଲୁଁ । ଫିଲିପ୍ ଆମ୍ଭର ଅତି ପ୍ରୀତିଭାଜନ ଥିଲେ । ସୁତରାଂ ତାହାଙ୍କୁ ଜଣାଇ ସମସ୍ତ କାର୍ଯ୍ୟ କରୁଥିଲୁଁ । ଫିଲିପ୍ ଆମ ପତ୍ରର ପ୍ରତ୍ୟୁତ୍ତର ପଠାଇଲେ, ସେହି ପତ୍ରରେ ବନ୍ଧୁତା ପୁଣି ବିଶ୍ୱସ୍ତତାର ଅନେକ ପ୍ରମାଣ ପାଇଲୁଁ । ଲରାଠାରୁ ମଧ୍ୟ ଖଣ୍ଡେ ଅଟଳ ପ୍ରଣୟସୂଚକ ପ୍ରତ୍ୟୁତ୍ତର ପ୍ରାପ୍ତ ହେଲୁଁ ।

ଏହି ପ୍ରକାର କେତେ ଦିନ, କେତେ ସପ୍ତାହ, କେତେ ମାସ ଗଲା । ଅନନ୍ତର ପିତାଙ୍କର ପୀଡ଼ା ଉତ୍ତରୋତ୍ତର ବଢ଼ିଲା କ୍ରମଶଃ ଶରୀର କ୍ଷୀଣ ହେଲା । ଆମ୍ଭେ ଭକ୍ତି ଏବଂ ଯତ୍ନ ସହିତ ତାହାଙ୍କ ଶୁଶ୍ରୂଷା କରିବାକୁ ଲାଗିଲୁଁ । ପିତୃଭକ୍ତି ଆମ୍ଭର ଅନ୍ୟାନ୍ୟ ମାନସିକ ଭାବମାନଙ୍କୁ ବଶୀଭୂତ କଲା । କେବେ ପିତା ସୁସ୍ଥ ହେବେ, କେବେ ରୋଗରୁ ମୁକ୍ତ ହେବେ, ଏହି ଚିନ୍ତାରେ ଆମ୍ଭେ ସର୍ବଦା ଚିନ୍ତାନ୍ୱିତ ଥିଲୁଁ । ପୂର୍ବରେ ଆମ୍ଭେ ଯେମନ୍ତ ଅବାଧ ଥିଲୁଁ, ଏବେ ତେମନ୍ତ ଆଜ୍ଞାକାରୀ ହେଲୁଁ । ବୃଦ୍ଧାବସ୍ଥାରେ ଆମ୍ଭେ ତାହାଙ୍କ କାର୍ଯ୍ୟରେ ଆସିଲୁଁ, ଏହି ବିବେଚନାରେ ଆମ୍ଭର ମନ ପୁଲକିତ ହେଉଥିଲା ।

ଏଣେ ଲରାର ବିରହାନଳରେ ଆମ୍ଭର ଅନ୍ତର୍ଦାହ ହେଲା । ପୁଣି ସର୍ବଦା ତଦ୍‌ଗତ ମନରେ ଲରାର ଚିନ୍ତା କରି ଆମ୍ଭେ ସେହି ବିରହାଗ୍ନିରେ ଇନ୍ଧନ ପ୍ରଦାନ କଲୁଁ । ନେପ୍‌ଲସ୍‌ରେ କାହାରି ସହିତ ଆଳାପ ଅଥବା ପରିଚୟ କରି ନ ଥିଲୁଁ । ଆମ୍ଭର ଧନର ଅଭାବ ନ ଥିଲା ; କିନ୍ତୁ ଧନ ଥିଲେହେଁ ଆମୋଦ ପ୍ରମୋଦରେ ବିତୃଷ୍ଣା ହେଲା । ଦୁଇ ବିଷୟରେ ଆମ୍ଭ ମନ ବୃତ୍ତରୂପେ ଆବଦ୍ଧ ରହିଲା । ଜନକଙ୍କର ସେବା, ଲରାର ଭାବନା । ଆମ୍ଭେ ପିତାଙ୍କ ନିକଟରେ ସତତ ଉପବିଷ୍ଟ ହୋଇ ତାହାଙ୍କୁ ଔଷଧାଦି ଦେଉ-ଥାଉଁ ଏବଂ ଲରାର ଚିନ୍ତା କରୁଥାଉଁ । କେବେ କେବେ ତୂଳିକାଦେଇ ସେହି ମନୋମୋହିନୀର ଚିତ୍ର ପ୍ରସ୍ତୁତ କରୁଥାଉଁ । ଆମ୍ଭଠାରେ ଆଦର୍ଶ ଚିତ୍ର ନ ଥିଲା ; କିନ୍ତୁ ହୃଦୟପଟରେ ଲରା ଅଙ୍କିତ ହୋଇଥିଲେ; ସୁତରାଂ ଲରାର ଛବିପଃ ଅନାୟାସରେ ପ୍ରସ୍ତୁତ କଲୁଁ । ଏହି ସମୟରେ ଆମ୍ଭେ ଲରାଠାରୁ ଦ୍ୱିତୀୟ ଲିପି ପ୍ରାପ୍ତହୋଇ ଅତିଶୟ ଆହ୍ଲାଦିତ ହେଲୁଁ । ସେହି ଅମୃତମୟ ପତ୍ରିକାକୁ ନିର୍ଜନରେ ଥରକୁ ଥର ପଢ଼ିଲୁଁ, ପ୍ରତ୍ୟେକ ଶବ୍ଦ, ପ୍ରତ୍ୟେକ ଅକ୍ଷର ଅବିଚଳିତ ପ୍ରେମ, ଅସାଧାରଣ ସହୃଦୟତା, ଅକଳଙ୍କିତ ରମଣୀୟତାର ପରିଚୟ ଦେଲା । ଫିଲିପ୍‌ଙ୍କଠାରୁ ସୁଦ୍ଧା ଖଣ୍ଡିଏ ଅକୃତ୍ରିମ ପ୍ରଣୟଗର୍ଭ ପତ୍ର ପାଇଲୁଁ । ସେ ଉଭୟେ ଆମ୍ଭ ବିରହରେ ଅତି ବ୍ୟାକୁଳ ହୋଇଥିବାର ଲେଖିଲେ ।

ଏହିରୂପେ ସମ୍ବତ୍ସରଦ୍ୱୟ ଅତୀତ ହେଲା । ସେହି ଦୁଇ ବର୍ଷ କାଳ ଆମ୍ଭଙ୍କୁ ଦୁଇ ମନ୍ୱନ୍ତର ପ୍ରାୟ ବୋଧହେଲା । ଆମ୍ଭେ ଯେପରି ଗାଢ଼ ଅନୁରାଗୀ ଏବଂ ବ୍ୟଗ୍ରସ୍ୱଭାବ ଥିଲୁଁ, ଯେବେ ଆମ୍ଭଠାକୁ ଲରା ଏହିରୂପେ ପତ୍ର ନ ଲେଖିଥାନ୍ତେ, ତେବେ ଆମ୍ଭର ପ୍ରାଣଧାରଣ କରିବା ଦୁଃସାଧ ହୋଇଥାନ୍ତା । ସେହି ପତ୍ର ପୁନଃ ପୁନଃ ପଢ଼ି ହୃଦୟର ଉତ୍କଣ୍ଠା ବିନୋଦନ କରୁଥାଉଁ । ଅନନ୍ତର କାଳ-ପବନ ପିତାଙ୍କର ପ୍ରାଣ-ପ୍ରଦୀପ ନିର୍ବାଣ କଲା । ଭକ୍ତିଦାତା ଜଗଦୀଶ୍ୱରଙ୍କ ପବିତ୍ର ନାମ ସ୍ମରଣ କରି ପିତା ଜୀବନ ପରିତ୍ୟାଗ କଲେ । ତାହାଙ୍କୁ ଅଧିକ କାଳ ମୃତ୍ୟୁଯାତନା ଭୋଗ କରିବାକୁ ହେଲା ନାହିଁ । ସେ ମରିବା ସମୟରେ ଆମ୍ଭ ମସ୍ତକରେ ହସ୍ତ ବୁଲାଇ ଅସ୍ପଷ୍ଟ ସ୍ୱରରେ ଆମ୍ଭଙ୍କୁ ଆଶୀର୍ବାଦ କଲେ ।

ଆମ୍ଭେ ଯଥାବିଧାନରେ ତାହାଙ୍କର ଅନ୍ତ୍ୟେଷ୍ଟିକ୍ରିୟା କଲୁଁ । ପିତୃଦତ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତିକୁ ଏପରି ଶୃଙ୍ଖଳାବଦ୍ଧ କଲୁଁ, ଯେ ଦୂରଦେଶରେ ଥାଇ ସୁଦ୍ଧା ଅନାୟାସରେ ତତ୍ତ୍ୱାବଧାରଣ କରିବାକୁ ସମର୍ଥ ହେବୁଁ । ଅନନ୍ତର ହୃଷ୍ଟଚିତ୍ତ ହୋଇ ଅର୍ଣ୍ଣବପୋତାରୋହଣରେ ଯେନୋୟା-ନଗରକୁ ଯାତ୍ରା କଲୁଁ ।

ଅନୁକୂଳ ବାୟୁ ହେବାରୁ ସୁଖରେ ଗମନ କଲୁଁ । ଦିନେ ପ୍ରଭାତକାଳରେ ଆମ୍ଭେ ପୋତର କୌଣସି ଉଚ୍ଚ ସ୍ଥାନରେ ବସି ଶୀତଳ ସାଗର ସମୀରଣ ସେବନ କରୁଅଛୁଁ ଏମନ୍ତ ସମୟରେ ଆପିନାଇନ୍ ପର୍ବତର ସୁନୀଲ ଶିଖରାବଳୀ ଦିଗ୍‌ବଳୟ ଭେଦ କରି ଆମ୍ଭର ନୟନଗୋଚର ହେଲା । କ୍ରମେ କ୍ରମେ ଆମ୍ଭେ ଲେଗୋର୍ଣ୍ଣର ନିକଟବର୍ତ୍ତୀ ହେଲୁଁ, ସେ ସମୟରେ ଗ୍ରୀଷ୍ମଋତୁର ପ୍ରାଦୁର୍ଭାବ, ନଭୋମଣ୍ଡଳ ନିର୍ମଳ ହୋଇଥିଲା । ଯେତେବେଳେ ସେହି ସମୁଦ୍ରତୀରସ୍ଥ ପଲ୍ଲୀ-ଗ୍ରାମମାନ ଦୃଷ୍ଟିଗୋଚର ହେଲା, ସେହି ଉପବନ ନୟନପଥବର୍ତ୍ତୀ ହେଲା; ସେତେବେଳେ ଲୌହ ଯେମନ୍ତ ଅୟସ୍କାନ୍ତ ଅଭିମୁଖରେ ଧାବମାନ ହୁଏ ଆମ୍ଭ ମନ ସେହିରୂପ ଲରାର ପଟ୍ଟ-କୁଟୀରାଭିମୁଖରେ ଧାବମାନ ହେଲା । ଅନ୍ତଃକରଣ ଯେ କିପରି ବ୍ୟଗ୍ର ହେଉଥିଲା ଯେବେ ପାଠକ କେବେ ବିରହବେଦନା ଅନୁଭବ କରିଥିବେ, ତେବେ ଅବଶ୍ୟ ବୁଝିପାରିବେ । ଦୂରବୀକ୍ଷଣ-ଦ୍ୱାରା ଆମ୍ଭେ ସେହି ସ୍ଥାନର ପ୍ରତ୍ୟେକ ଅଂଶ ଦେଖିଲୁ । ସେହି ଉଦ୍ୟାନ, ସେହି ଗବାକ୍ଷମାଳା, ସେହି କୁସୁମତରୁ ଆମ୍ଭର ଦୃଷ୍ଟିଗୋଚର ହେଲା । ଯେତେ ନିକଟବର୍ତ୍ତୀ ହେଲୁଁ, ଆମ୍ଭର ଉତ୍କଣ୍ଠା ସେହି ପରିମାଣରେ ବଢ଼ିବାକୁ ଲାଗିଲା । ଅର୍ଣ୍ଣବପୋତ ମୃଦୁଗତିରେ ଯାଉଥିବାର ବୋଧ ହେଲା । କେବେ କେବେ ଇଚ୍ଛା ହେଲା, ପୋତ ଉପରୁ ଲମ୍ଫ ଦେଇ ସମୁଦ୍ରଜଳରେ ପଡ଼ି ସନ୍ତରଣଦ୍ୱାରା ତୀର ଧରିବୁଁ ।

ସନ୍ଧ୍ୟା ସମୟ ଉପସ୍ଥିତ ହେଲା । ନିଶାନାଥ ତାରାମାନଙ୍କରେ ପରିବୃତ ହୋଇ ଗଗନରେ ଉଦିତ ହେଲେ । ଶ୍ୱେତସମୁଦ୍ର, ତିମିରବସ୍ତ୍ରା ରଜନୀ, ପ୍ରିୟତମାର ସମାଗମର ଆଶା, ଅନୁଭବୀ ପାଠକ ! ଆମ୍ଭର ମାନସିକ ଭାବ ଯେ କିପରି ହୋଇଥିବ, ଭାବି ଦେଖ ! ଆମ୍ଭ ମନ କିପରି ବ୍ୟଗ୍ର ଥିବ, ଅନୁଭବ କର ! ଆମ୍ଭେ ସେ ବିଷୟରେ ଅଧିକ କହିବୁଁ ନାହିଁ । ଅଧିକ କହିଲେ କାଳେ ବାତୁଳ ବୋଲି ଉପହାସ କରିବ, ଏହି ଭୟ ହେତୁରୁ ନିବୃତ୍ତ ହେଲୁଁ ।

ଦୁଇ ପ୍ରହର ରାତ୍ର ସମୟରେ ଆମ୍ଭେ ବନ୍ଦରରେ ପହଞ୍ଚିଲୁଁ । ପରଦିନ ପ୍ରାତଃକାଳରେ ପୋତରୁ ଓହ୍ଲାଇ ଅଶ୍ୱାରୋହଣରେ ସେହି ଗ୍ରାମ୍ୟ ଉପବନକୁ ଯାତ୍ରା କଲୁ । ଯେତେ ଅଗ୍ରସର ହେଲୁଁ ଆମ୍ଭ ମନ ଚିନ୍ତା ଏବଂ ସନ୍ଦେହରେ ବ୍ୟାକୁଳ ହେବାକୁ ଲାଗିଲା । ହୃଦୟରେ ନାନା ପ୍ରକାର ଆଶଙ୍କା ଉପୁଜିଲା, ବସ୍ତୁତଃ ସ୍ନେହରୁ ଅନିଷ୍ଟ ଆଶଙ୍କା ହୁଏ । କେତେବେଳେ ମନରେ ହେଲା ଯେ ଲରା ଗତପ୍ରାଣା ହୋଇଛନ୍ତି ! କେବେ ଭାବିଲୁ ଯେ କୌଣସି ପ୍ରବଳ ରୋଗରେ ଆକ୍ରାନ୍ତ ହୋଇଅଛନ୍ତି । ଆମ୍ଭ ଶରୀର ଭୟରେ କମ୍ପିତ ହେଲା । ବ୍ୟଗ୍ରତା ସହସ୍ରଗୁଣରେ ବଢ଼ିଲା । ବେଗରେ ଚାଲିଲୁଁ । ବହୁଶ୍ରମବଶତଃ ଅଶ୍ୱ-ମୁଖରୁ ଫେନ ନିର୍ଗତ ହେଲା । ଯେତେବେଳେ ଉପବନର ସମୀପବର୍ତ୍ତୀ ହେଲୁଁ, ଅଶ୍ୱକୁ ଏକ କୁଟୀରବାସୀଠାରେ ରଖି ପଦବ୍ରଜରେ ଗମନ କଲୁଁ । ନାନାପ୍ରକାର ସନ୍ଦେହକୁ ହୃଦୟରେ ସ୍ଥାନ ଦାନ କରିଥିଲୁଁ ବୋଲି ଆପଣାକୁ ବହୁ ଧିକ୍‌କାର କଲୁଁ । କହିଲୁଁ, ହୃଦୟ ! ସ୍ଥିର ହୁଅ, ମିଥ୍ୟା ଆଶଙ୍କାରେ କାହିଁକି ଭୀତ ହେଉଅଛ ?

ଉଦ୍ୟାନରେ ପ୍ରବେଶ କରି ଦେଖିଲୁଁ ଯେ, ଆମ୍ଭ ଗମନ ସମୟରେ ଉପବନର ଯେଉଁରି ଅବସ୍ଥା ଥିଲା, ବର୍ତ୍ତମାନ ସୁଦ୍ଧା ସେହିରୂପେ ଅଛି । ଏହା ଦେଖି ଆମ୍ଭ ମନ କଥଞ୍ଚିତ୍‌ପରିମାଣରେ ଆଶ୍ୱସ୍ତ ହେଲା । ପୂର୍ବରେ

ଯେଉଁଠାରେ ଆମ୍ଭେ ବସି ଲଳି ସହିତ କଥୋପକଥନ କରୁଥିଲୁ, ସେ ସ୍ଥାନ ସେହି ଭାବରେ ଅଛି । ଯେଉଁ ଫଳବୃକ୍ଷମାନଙ୍କରୁ ଫୁଲ ତୋଳି ଲଳିକୁ ଦେଉଥିଲୁଁ, ସେହି ତରୁମାନେ ସେହିରୂପେ ପୁଷ୍ପାଭରଣରେ ଅଛନ୍ତି । ମଧୁଲୋଭୀ ଭ୍ରମରମାନେ ସେହିରୂପେ ଗାନ କରୁଅଛନ୍ତି । ଆଶା ଏବଂ ଆନନ୍ଦରେ ଆମ୍ଭ ମୁଖକାନ୍ତି ଉଜ୍ଜ୍ୱଳ ହେଲା । ଆମ୍ଭେ ପୂର୍ବରେ ଗୋଟିଏ ନିକୁଞ୍ଜ ମଧ୍ୟରେ ବସି ପୁସ୍ତକ ଅଧ୍ୟୟନ କରୁଥିଲୁଁ, ସେହି କୁଞ୍ଜ ଭିତରକୁ ଯାଇ ଦେଖିଲୁଁ ଯେ ଖଣ୍ଡେ ପୁସ୍ତକ ଏବଂ ତହିଁ ଉପରେ ଖଣ୍ଡିଏ ଦସ୍ତାନା ଅଛି ସେ ଦସ୍ତାନା ଆମ୍ଭେ ପୂର୍ବରେ ଲଳିକୁ ଦେଇଥିଲୁଁ । ସେହି ଦସ୍ତାନା ଦେଖି ଆମ୍ଭ ଶରୀର ପୁଲକିତ ହେଲା । କହିଲୁଁ, "ନା, ଏବେ ଆଉ କିଛି ଭୟ ନାହିଁ । କାହିଁକି ବୃଥାରେ ଶଙ୍କିତ ହୋଇଥିଲୁଁ ?"

ସେହି ନିକୁଞ୍ଜରୁ ବାହାରି ପଟଗୃହାଭିମୁଖରେ ଗମନ କଲୁଁ । ପଟଗୃହ ପୂର୍ବ ସେହିପରି ଦେଖିଲୁଁ । ନେପଲ୍ସ ଗମନ ସମୟରେ ଆମ୍ଭେ ଏହିଠାରେ ଲଳିଠାରୁ ମେଲାଣି ନେଇଥିଲୁଁ । ଏହିଠାରେ ବିଷଣ୍ଣବଦନା ଲଳି ଆମ୍ଭଙ୍କୁ ଗମନାନୁମତି ଦେଇଥିଲେ । ଏଠାରେ ଶୋକାଶ୍ରୁ ବିସର୍ଜନ କରିଥିଲେ । ଆମ୍ଭଙ୍କୁ ଦେଖିବାମାତ୍ରେ ଆନନ୍ଦାଶ୍ରୁରେ ଅଭିଷିକ୍ତ ହେବେ, ଏହି ବିବେଚନାରେ ଆମ୍ଭେ ହର୍ଷୋନ୍ମତ୍ତ ହେଲୁଁ । ଯେତେବେଳେ ପୂର୍ବୋକ୍ତ ପଟଗୃହର ନିକଟବର୍ତ୍ତୀ ହେଲୁଁ ଏକ ମଧୁର ସ୍ତ୍ରୀକଣ୍ଠସମ୍ଭବ ସ୍ୱର ଆମ୍ଭର କର୍ଣ୍ଣରେ ପ୍ରବିଷ୍ଟ ହେଲା । ଏ କାହାର ସ୍ୱର ? ଏପରି ମଧୁର ସ୍ୱର କାହାର ହେବ ? ଶବ୍ଦ ଶୁଣିବା ମାତ୍ରକେ ବୁଝିଲୁଁ ଯେ ଆମ୍ଭର ପ୍ରାଣସମ-ପ୍ରିୟତମା ଲଳି ଗୃହ ମଧ୍ୟରେ ଅଛନ୍ତି । ମନରେ କୌଣସି ଅନିର୍ବଚନୀୟ ଭାବର ଆବିର୍ଭାବ ହେବାରୁ କିଛି କ୍ଷଣ ସ୍ତମ୍ଭୀଭୂତ ହୋଇ ରହିଲୁଁ । ହଠାତ୍ ତାଙ୍କ ଅଗ୍ରରେ ଉପସ୍ଥିତ ହେବା ଉଚିତ ମଣିଲୁ ନାହିଁ । ମନ୍ଦ ମନ୍ଦ ପଦବିକ୍ଷେପରେ ଗୃହର ଦ୍ୱାରାଭିମୁଖରେ ଗମନ କଲୁଁ । କପାଟ ମୁକ୍ତ ଥିଲା, ଲଳି ଆମ୍ଭ ଆଡ଼କୁ ପଛ କରି ବସି ମୃଦୁ ମନୋହର ସ୍ୱରରେ ଗୀତ ଗାଉ ଥିଲେ ଏବଂ ହସ୍ତରେ ତୂଳିକା ଦେଇ ଖଣ୍ଡିଏ ଆଲେଖ୍ୟ ଲେଖୁଥିଲେ । ଦୃଷ୍ଟିମାତ୍ରେ ଜାଣିଲୁଁ ଯେ ଆମ୍ଭ ଲିଖିତ ଖଣ୍ଡିଏ ଛବିକୁ ଆଦର୍ଶରୂପେ ଥୋଇ ନିଜେ ଆଲେଖ୍ୟ ଲେଖୁଛନ୍ତି । ଆମ୍ଭେ କିଛିକାଳ ଏକ ଦୃଷ୍ଟିରେ ତାହାଙ୍କୁ ନିରୀକ୍ଷଣ କଲୁଁ । ଇତମଧ୍ୟରେ ସେ ଏକ ଦୀର୍ଘନିଃଶ୍ୱାସ ପରିତ୍ୟାଗ କରି ଗାନରୁ ନିବୃତ୍ତ ହେଲେ । ଆମ୍ଭେ ଆଉ ଧୈର୍ଯ୍ୟ ଧରି ନ ପାରିଲୁଁ । ଅର୍ଦ୍ଧସ୍ଫୁଟ ସ୍ୱରରେ କହିଲୁଁ, 'ଲଳି' ! ଆମ୍ଭ ଶବ୍ଦ ଶୁଣିବା ମାତ୍ରକେ ସେ ଚମକି ଉଠିଲେ, ଶ୍ରବଣାଲମ୍ବୀ ସୁବର୍ଣ୍ଣାଭରଣ କମ୍ପିତ ହେଲା । ଆମ୍ଭ ପ୍ରତି କ୍ଷଣଦୃଷ୍ଟି କରି ହୃଦୟଭେଦକ ଚିତ୍କାର କଲେ । ଆମ୍ଭେ ଯେବେ ଠିକ ନ ଥାନ୍ତୁ ତେବେ ସେ ନିଶ୍ଚୟ ଧରାତଳେ ପଡ଼ିଯାଇ ଥାନ୍ତେ ।

ଆମ୍ଭେ ତାହାଙ୍କୁ ହୃଦୟରେ ଭିଡ଼ି ଧରି କହିଲୁଁ "ଲଳି ! ପ୍ରିୟତମା ଲଳି !" ଏହି ଅର୍ଦ୍ଧୋକ୍ତି କରି ନିଃଶବ୍ଦ ହେଲୁଁ । ହର୍ଷାଧିକ୍ୟ ହେତୁରୁ ଆମ୍ଭର କଣ୍ଠରୋଧ ହେଲା । ଲଳି ଅଚେତନ ଏବଂ ନିସ୍ପନ୍ଦ ହୋଇ ରହିଲେ । ଅକସ୍ମାତ୍ ତାହାଙ୍କ ନିକଟରେ ଆତ୍ମପ୍ରଦର୍ଶନ କରିବାରୁ ତାହାଙ୍କର ଏହି ଅବସ୍ଥା ହୋଇଅଛି, ଏହା ଭାବି ଆମ୍ଭେ ନିରତିଶୟ କାତର ହେଲୁଁ । ତାହାଙ୍କ ପ୍ରବୋଧ ନିମନ୍ତେ କେତେ ସାନ୍ତ୍ୱନା ବାକ୍ୟ କହିଲୁଁ । କିଛିକାଳ ପରେ ତାହାଙ୍କର ଚେତନା ହେଲା । ନେତ୍ରଦ୍ୱୟ ଉନ୍ମୀଳନ କଲେ । ମୃଦୁସ୍ୱରରେ କହିଲେ, "ଏ କି'ଣ ?

ଆମ୍ଭେ କେଉଁଠାରେ ଅଛୁଁ ?" ଆମ୍ଭେ କହିଲୁ "ଆମ୍ଭ ହୃଦୟରେ । ଯେ ହୃଦୟର ତୁମ୍ଭେ ଏକମାତ୍ରଈଶ୍ୱରୀ, ସେହି ହୃଦୟରେ, ତୁମ୍ଭର ପ୍ରିୟତମ ହୃଦୟରେ ।" ଲରା ଭୟରେ ଥରିଲେ କହିଲେ, "ନା ନା, ଛାଡ଼ ଦିଅ, ଆମ୍ଭକୁ ଛାଡ଼ିଦିଅ ।" ଏହା କହି ଆମ୍ଭ ବାହୁ-ବନ୍ଧନରୁ ଆପଣାକୁ ମୁକୁଳାଇଲେ । ଗୃହର ଏକ କୋଣକୁ ଯାଇ ହସ୍ତଦ୍ୱାରା ମୁଖାବୃତ କଲେ । ଆମ୍ଭେ ବଜ୍ରାହତ ପ୍ରାୟ ହେଲୁଁ । ଏ ସବୁ ଯଥାର୍ଥ ଘଟୁଅଛି କି ଆମ୍ଭର ମାନସିକ ଭ୍ରାନ୍ତି କିଛି ସ୍ଥିର କରି ନ ପାରିଲୁଁ । ବ୍ୟସ୍ତ ହୋଇ ଲରାଙ୍କର ଅନୁଗମନ କଲୁଁ । ତାହାଙ୍କର କର ଧାରଣ କରିବା ନିମନ୍ତେ କର ପ୍ରସାରଣ କଲୁଁ, ମାତ୍ର ସେ ଆମ୍ଭକୁ ସ୍ପର୍ଶ କରିବାକୁ ସୁଦ୍ଧା କୁଣ୍ଠିତ ହେଲେ ।

ଆମ୍ଭେ କହିଲୁଁ ଲରା ! ଏ କ'ଣ ? କାହିଁକି ଏମନ୍ତ କରୁଅଛ ? ଏତେଦିନେ ଆମ୍ଭେ ଆଇଲୁଁ, ଏ କ'ଣ ତୁମ୍ଭର ଅକପଟ ସ୍ନେହ ? ଏ କି ତୁମ୍ଭର ଅଟଳ ପ୍ରଣୟ ?" 'ପ୍ରଣୟ' ଏହି ଶବ୍ଦ ଉଚ୍ଚାରଣ କରିବା ମାତ୍ରକେ ସେ ଥର ଥର ହୋଇ କମ୍ପିବାକୁ ଲାଗିଲେ । ବ୍ୟାକୁଳ ବଦନରେ ଆମ୍ଭ ପ୍ରତି ଦୃଷ୍ଟି କରି କହିଲେ, 'ଆଉ ସେଥିର ପ୍ରସଙ୍ଗ ନ କର ଏବେ ଆଉ ତାହା କହିଲେ କ'ଣ ହେବ ? ଆମ୍ଭେ ବିବାହିତା ହୋଇଅଛୁଁ ।"

ଆମ୍ଭ ହୃଦୟରେ ଦୁଃଖଶୋକ ଫୁଟିଲା । ଶ୍ୱାସ ବନ୍ଦ ହେବା ପ୍ରାୟ ହେଲା । ଚିତ୍ରାର୍ପିତ ପ୍ରାୟ ନିସ୍ତବ୍ଧ ହୋଇ ରହିଲୁଁ, ଗୃହଦ୍ୱାର ଅନ୍ଧାର ଦିଶିଲା । ସଂଜ୍ଞାରହିତ ହେଲୁଁ । କିଛିକାଳପରେ ପୁନର୍ବାର ଚେତନା ଲଭି ଦେଖିଲୁଁ ଲରା ସନ୍ନିହିତ ଶଯ୍ୟାରେ ଅଧୋବଦନରେ ଶୟାନ ହୋଇଅଛନ୍ତି । ତାଙ୍କବକ୍ଷଃସ୍ଥଳ କମ୍ପିତ ହେଉଅଛି । କ୍ରୋଧରେ ଆମ୍ଭ ମନ ଅସ୍ଥିର ହେଲା । କହିଲୁ "ରେ ଦୁଷ୍ଟା ! ରେ ପାପୀୟସି !" ପୁଣି ଥରେ ସେହି ସୁନ୍ଦର ବଦନ ଦେଖିବା ମାତ୍ରକେ କ୍ରୋଧ ଆମ୍ଭ ଅନ୍ତଃକରଣରୁ ଛାଡ଼ି ପଳାଇଲା । ସେହି ମୋହିନୀ ମୂର୍ତ୍ତି ଏବଂ କ୍ରୋଧ ଏ ଉଭୟ ଏକାବେଳକେ ଆମ୍ଭ ମନୋରାଜ୍ୟରେ ଆଧିପତ୍ୟ କରିବାକୁ ସମର୍ଥ ନ ହେଲେ । କାତର ବଚନରେ କହିଲୁଁ, "ଲରା ! ଆମ୍ଭେ ସ୍ୱପ୍ନରେ ସୁଦ୍ଧା ଏମନ୍ତ ଭାବି ନ ଥିଲୁଁ ଯେ, ତୁମ୍ଭେ ଆମ୍ଭଠାରେ ବିଶ୍ୱାସଘାତକତା କରିବ, ଆମ୍ଭେ ଏମନ୍ତ ଚିନ୍ତାକୁ କ୍ଷଣକାଳ ନିମନ୍ତେ ଆମ୍ଭ ହୃଦୟ ମଧ୍ୟରେ ସ୍ଥାନ ଦେଇ ନ ଥିଲୁଁ । ହା !"

ଏହି କାତରୋକ୍ତି ଶ୍ରବଣ କରି ଲରା ଲୋତକପୂର୍ଣ୍ଣ ନୟନରେ ଆମ୍ଭ ପ୍ରତି ଦୃଷ୍ଟିପାତ କରି କହିଲେ, "ତୁମ୍ଭଠାରେ ବିଶ୍ୱାସଘାତକତା କଲୁଁ । ସମସ୍ତେ ମୋତେ କହିଲେ ଯେ, ତୁମ୍ଭର ପରଲୋକ ହୋଇଅଛି ।" "ତୁମ୍ଭେ କଣ ଥରକୁଥର ଆମ୍ଭଠାରୁ ପତ୍ର ପାଇନାହିଁ ?" ଲରା ବିସ୍ମୟପୂର୍ଣ୍ଣଲୋଚନରେ ଅନାଇଁ କହିଲେ "ପତ୍ର, କି ପତ୍ର ? କାହାକୁ ଲେଖିଥିଲ ?" "କି ? ତୁମ୍ଭେ ପତ୍ର ପାଇ ନାହିଁ ? ତୁମ୍ଭଠାରୁ ଆମ୍ଭେ ସେଥିର ଉତ୍ତର ସୁଦ୍ଧା ପାଇଅଛୁଁ ।" ଲରା ନିସ୍ପନ୍ଦଭାବରେ ଛିଡ଼ାହୋଇ ରହିଲେ । କହିଲେ' "ପ୍ରଭୁ ସାକ୍ଷୀ, ଆମ୍ଭେ ଏହାର ଲବମାତ୍ର ଅବଗତ ନୋହୁ । ତୁମ୍ଭକୁ ପ୍ରତ୍ୟୁତ୍ତର କେବେ ଲେଖିଥିଲୁଁ ? ଆମ୍ଭ ହୃଦୟରେ ଘୋର ସଂଶୟ ଜାତ ହେଲା ।

"ଆମ୍ଭେ ମରିଅଛୁଁ ବୋଲି ତୁମ୍ଭଙ୍କୁ କିଏ କହିଲା ?"

"ଆମ୍ଭେ ଶୁଣିଲୁଁ ଯେଉଁ ଜାହାଜରେ ତୁମ୍ଭେ ନେପଲ୍‌ସକୁ ଯାଇଥିଲ, ସେହି ଜାହାଜ ବୁଡ଼ି ଗଲାରୁ ତୁମ୍ଭର ପ୍ରାଣନାଶ ହୋଇଅଛି ।"

"ଏ କଥା ତୁମ୍ଭକୁ କିଏ କହିଲା ?"

ଲରା ମୁହୂର୍ତ୍ତକାଳ ନୀରବ ହୋଇ ରହିଲେ ଏବଂ ଥରିବାକୁ ଲାଗିଲେ ।

'ଫିଲିପ୍ ।'

ଆମ୍ଭ ନେତ୍ରଦ୍ୱୟ ରକ୍ତବର୍ଣ୍ଣ ହେଲା, କହିଲୁଁ,- "ତାହା ମୁଣ୍ଡରେ ବଜ୍ର ପଡ଼ୁ ।"

ଲିଗ ମୃଦୁ ସ୍ୱରରେ କହିଲେ, "ଗାଳି ଦିଅ ନାହିଁ, ସେ ଆମ୍ଭର ସ୍ୱାମୀ ଅଟନ୍ତି ; ତାଙ୍କୁ ଗାଳି ଦିଅ ନାହିଁ ।"

ଏବେ ଆମ୍ଭେ ସବୁ ବୁଝି ପାରିଲୁଁ । ଜାଣିଲୁଁ ସେ ଦୁରାତ୍ମା ଆମ୍ଭଠାରେ ପ୍ରବଞ୍ଚନା କରିଅଛି । ଆମ୍ଭ ଶରୀରସ୍ଥ ଶିରାମାନଙ୍କରେ ଶୋଣିତ ଉଷ୍ଣ ହୋଇ ତରଳ ଅଗ୍ନିପ୍ରାୟ ପ୍ରବାହିତ ହେଲା । କୋପରେ ଅଧର ସ୍ପନ୍ଦିତ ହେଲା । କିୟତ୍ ସମୟ ସ୍ତମ୍ଭୀଭୂତ ହୋଇ ରହିଲୁଁ । କର୍ତ୍ତବ୍ୟ-ବିମୂଢ଼ ହୋଇ ଗୃହଆଡ଼କୁ ଅନାଇଲୁଁ । ବ୍ୟାକୁଳଚିତ୍ତ ଲିଗ ଭାବିଲା ଯେ, ଆମ୍ଭେ ତାହାଙ୍କ ଉପରେ କୁପିତ ହୋଇଅଛୁଁ । ଅସ୍ଫୁଟସ୍ୱରରେ ଆତ୍ମନିରପରାଧିତା ବ୍ୟକ୍ତ କଲେ । ଏପରି କରିବାର ତାହାଙ୍କ ପକ୍ଷରେ ଆବଶ୍ୟକ ନ ଥିଲା । ତାହାଙ୍କ ନୟନ ଭଙ୍ଗି ଆମ୍ଭଙ୍କୁ ସବୁ କହିଦେଲା । କୋପରୁଦ୍ଧ ସ୍ୱରରେ କହିଲୁ, "ଆଚ୍ଛା ! ଦୁରାତ୍ମା ଆମ୍ଭଠାରୁ ତାହାର ପ୍ରତିଫଳ ଅବଶ୍ୟ ପାଇବ ।" ଲିଗ ସେ ଅର୍ଦ୍ଧୋଚାରିତ ବାକ୍ୟ ଶୁଣିଲେ । ଭୟରେ ତାଙ୍କ ମୁଖ ମ୍ଳାନ ହୋଇଗଲା । "ଆମ୍ଭ କଥା ରଖ, ଫିଲିପ୍‌ଙ୍କ ସଙ୍ଗେ ସାକ୍ଷାତ ନ କର । ଆମ୍ଭର ଏହି କଥୋପକଥନ ବୃତ୍ତାନ୍ତ ଶୁଣିଲେ ଫିଲିପ୍ ଆମ୍ଭର ଦୁରବସ୍ଥାର ଏକଶେଷ କରିବେ, ତୁମ୍ଭର କଷ୍ଟ ହେବ ନାହିଁ ; କେବଳ ଆମ୍ଭେ ମରିବୁଁ ।"

ପୁଣି ଆମ୍ଭ ହୃଦୟରେ ଏକ ନୂତନ ସନ୍ଦେହ ଉପସ୍ଥିତ ହେଲା । କହିଲୁଁ, "ତେବେ କ'ଣ ତୁମ୍ଭେ ଫିଲିପ୍‌କୁ ଡର ? ଫିଲିପ୍ କି ତୁମ୍ଭପ୍ରତି ନିଷ୍ଠୁର ବ୍ୟବହାର କରେ ? ତାହାର କ'ଣ ଏତେ ସାହସ ? ଦୁରାତ୍ମା ତୁମ୍ଭର ଅବମାନନା କରେ ?"

ଲିଗ ଅସ୍ପଷ୍ଟସ୍ୱରରେ କହିଲେ, "ନା ନା, ତାହା ନୁହେଁ, ଆମ୍ଭେ ତାହା କହୁ ନାହୁଁ ।" ମାତ୍ର ଲିଗର ମୁଖଭଙ୍ଗୀ ଆନପ୍ରକାର କହିଲା । ତାହାଙ୍କ ବିବର୍ଣ୍ଣ ବଦନରୁ ଆମ୍ଭେ ସବୁ ବୁଝି ପାରିଲୁଁ । ବାସ୍ତବ ଫିଲିପ୍ ଲିଗଠାରେ ଅତ୍ୟନ୍ତ ନୃଶଂସ ଆଚରଣ କରିଥିଲା । ହା ଈଶ୍ୱର ! ଆମ୍ଭ ଶିରବାଞ୍ଛିତ ପୁଷ୍ପ କି ଏହିରୂପେ ପାଦ-ଦଳିତ ହେଲା ! ଆମ୍ଭେ କ୍ଷିପ୍ତପ୍ରାୟ ହେଲୁଁ ; ଚକ୍ଷୁ ଲୋହିତ ହେଲା । ଗଣ୍ଡଦ୍ୱୟ ସ୍ଫୀତ ହେଲା । କୋପାନଳ ଜ୍ୱଳି ଉଠିଲା । ଆମ୍ଭ ମୁଖାକୃତି ଅବଲୋକନ କରି ଲିଗ ଚକିତ ହେଲେ । ନୀରବ ହୋଇ ରହିଲେ । ଆମ୍ଭେ ଗବାକ୍ଷ ଆଡ଼କୁ ନୟନ ଫେରାଇ ଦେଖିଲୁଁ, ଫିଲିପ୍ କିଞ୍ଚିତ୍ ଦୂରରେ ଦଣ୍ଡାୟମାନ ହୋଇ-ଅଛି । କ୍ରୋଧାନ୍ଧ ହୋଇ ସଂଗୃହରୁ ବିଜୁଳି ପ୍ରାୟ ଦୌଡ଼ିଗଲୁଁ । ଫିଲିପ୍ ଆମ୍ଭଙ୍କୁ ଦେଖିଲା । ତାହାର ମୁଖ ବିବର୍ଣ୍ଣ ହୋଇଗଲା । ଇତସ୍ତତଃ ଦୃଷ୍ଟି ନିକ୍ଷେପ କଲା । ପଳାଇ ପ୍ରାଣରକ୍ଷା କରି ପାରିବ ନାହିଁ, ଏହା ଭାବି କମ୍ପିତକଳେବରରେ କୋଷରୁ ଅସି ନିଷ୍କାସିତ କଲା । ଆମ୍ଭେ ସକୋପରେ କହିଲୁଁ, "ନରାଧମ ! ରହ, ଆମ୍ଭେ ତୋହର ଉପଯୁକ୍ତ ଦଣ୍ଡବିଧାନ କରୁଅଛୁଁ ।"

ଏହା କହି ତାହା ହୃଦୟରେ ଆମ୍ଭ କରସ୍ଥିତ କରବାଳ ଭୂଷିଦେଲୁଁ । ସେହି ଆଘାତରେ ତାହାର ପ୍ରାଣନାଶ ହେଲା । କିନ୍ତୁ ସେତେବେଳଯାଏ ଆମ୍ଭରକ୍ରୋଧ ଶାନ୍ତ ହୋଇ ନ ଥିଲା । କ୍ଷୁଧିତତୃଷ୍ଣାଯୁକ୍ତ ବ୍ୟାଘ୍ର ଭୀଷଣ ଗର୍ଜନ କରି ଯେପରି ନିଜ ଶିକାର ଉପରେ ପଡ଼ଇ ଆମ୍ଭେ ସେହିପରି ଫିଲିପ୍ ଉପରେ ଲମ୍ଫ ଦେଇ ପଡ଼ିଲୁଁ । ବାରମ୍ବାର ଆଘାତ କଲୁଁ । ଗଳାରେ ଗୋଡ଼ ଦେଇ ଦଳିଲୁଁ । ଆମ୍ଭ ସର୍ବାଙ୍ଗ ତାହାର ଶୋଣିତରେ ଲିପ୍ତ ହେଲା । ଲିଗ ଦୂରରୁ ଏହି ଭୟଙ୍କର ଘଟନା ଦେଖି

ଚିତ୍କାର କରି ଆମ୍ଭ ନିକଟକୁ ଦୌଡ଼ି ଆସିଲେ । ତାହାଙ୍କୁ ଦେଖିବା ମାତ୍ରକେ ଆମ୍ଭ ହୃଦୟ ବିଦୀର୍ଣ୍ଣ ହେଲା, ଦ୍ରୁତପଦରେ ସେହି ହତ୍ୟାସ୍ଥାନରୁ ପଳାଇଲୁଁ । କେଉଁଠାକୁ ପଳାଉଛୁଁ, କିଛି ସ୍ଥିର କରି ନ ପାରିଲୁଁ । ଆମ୍ଭ ମୁଣ୍ଡ ବୁଲିଲା । ସେଠାରୁ ଅନ୍ତର୍ହିତ ହେଲେ ଆମ୍ଭ ହୃଦୟ ସୁସ୍ଥ ହେବ; ଏହା ଭାବି ଥମ୍ପିନାଇନ୍ ପର୍ବତାଭିମୁଖରେ ପ୍ରସ୍ଥାନ କଲୁଁ । ସେହି ଗିରିରେ ରହି ନିର୍ଜନରେ କିଛି ଗମିଲୁଁ । ନିତ୍ୟ ଏକ ଶିଖରରୁ ଅନ୍ୟ ଶିଖରକୁ ଗମନ କରୁଥାଉଁ । କିରୂପେ ନରହତ୍ୟାରୂପ ମହାପାତକ ବିସ୍ମୃତ ହେବୁଁ, ଅହର୍ନିଶି ଏହି ଭାବନାରେ ଭାବିତ ହୋଇ ବାତୁଳ ପ୍ରାୟ ହେଲୁଁ । ଏହିପରି ଭୟଙ୍କର ପାପ କି ବିସ୍ମୃତ ହେବାର ସମ୍ଭବ ଅଟେ ? ଲସିର ସେହି ମର୍ମଭେଦକ କାତର ଧ୍ୱନି ସର୍ବଦା ଶୁଭୁଅଛି, ଫିଲିପ୍‌ର ସେ ରକ୍ତାକ୍ତ କଳେବର ସର୍ବଦା ଦେଖୁଅଛୁ, ଆମ୍ଭଙ୍କୁ ଏପରି ବୋଧ ହେଲା । ଆତ୍ମଗ୍ଳାନି କେଡ଼େ ଯନ୍ତ୍ରଣାଦାୟକ ! ଆମ୍ଭେ ଯେବେ ପୂର୍ବ ନିର୍ଦ୍ଦୋଷତା ପ୍ରାପ୍ତହୋଇ ପାରନ୍ତୁ, ତାହାହେଲେ ଲସିକୁ ଫିଲିପ୍‌ର କଣ୍ଠାଶ୍ଳିଷ୍ଟ ଦେଖିଲେ ସୁଦ୍ଧା ଆମ୍ଭର କ୍ରୋଧୋଦୟ ହୁଅନ୍ତା ନାହିଁ । ନିର୍ଦ୍ଦୋଷତା-ମହାରତ୍ନ, ଥରେ ହଜିଲେ ଆଉ ତାହାର ପୁନଃପ୍ରାପ୍ତିର ସମ୍ଭାବନା ନ ଥାଏ । କ୍ରମେ କ୍ରମେ ଗତାନୁଶୋଚନା ଗୋଟିଏ ମାନସିକ ରୋଗରୂପେ ପରିଣତ ହେଲା । ଯେଉଁଠାକୁ ଗଲୁଁ, ଫିଲିପ୍‌ର ବିକଟାକାର ଭୟଙ୍କର ପିଶାଚ ଆମ୍ଭ ପଛେ ପଛେ ଆସୁଥିବାର ବୋଧହେଲା । ନିଦ୍ରାବସ୍ଥାରେ ସେହି ଭୂତର ସ୍ୱପ୍ନ ଦେଖିଲୁଁ । ଅନ୍ଧକାରାଚ୍ଛନ୍ନ ଗୃହରେ ସୁଦ୍ଧା ସେହି ଭୂତଦୃଷ୍ଟି ହେଲା । କି ଅବା ଈଶ୍ୱର ଆମ୍ଭଙ୍କୁ ଦଣ୍ଡଦେବା ନିମନ୍ତେ ବାସ୍ତବରେ ଗୋଟାଏ ଭୂତ ପ୍ରେରଣ କରିଥିଲେ । କେତେ ଗୃହରେ ବାସ କଲୁଁ, କେତେ ସ୍ଥାନ ଭ୍ରମିଲୁଁ, କେତେ ଆମୋଦ ପ୍ରମୋଦରେ ରତ ହେଲୁଁ, କାହିଁରେ କିଛି ହେଲା ନାହିଁ । ଶେଷକୁ ତୂଳିକା ଯୋଗେ ସେହି ଭୂତର ଗୋଟିଏ ପ୍ରତିମୂର୍ତ୍ତି ଲେଖିଲୁଁ । ସର୍ବଦା ସେହି ପ୍ରତିମୂର୍ତ୍ତି ଦେଖିଲେ ଆମ୍ଭର ଭୟ ଭାଙ୍ଗିଯିବ, ଏହି ବିବେଚନାରେ ଚିତ୍ରପଟକୁ ବାରମ୍ବାର ଦେଖିଲୁଁ । ମାତ୍ର ତହିଁରେ ଭୟର ହ୍ରାସ ନ ହୋଇ ବରଂ ବୃଦ୍ଧି ହେଲା । ଐହିକ ସୁଖର ଆଶାରେ ଜଳାଞ୍ଜଳି ଦେଇଥିଲୁଁ । ପରକାଳରେ ଯେ ସୁଖ ହେବ, ଏପରି ଆଶା ଅବା କିରୂପେ କରିବୁଁ ? ଦୁର୍ବିସହବେଦନାରେ ଆମ୍ଭ ମନ ନିରନ୍ତର ବ୍ୟାକୁଳ ହେଲା । ଆତ୍ମଗ୍ଳାନିରୂପ କୀଟ ହୃଦୟକୋରକକୁ କାଟିଲା । ଦୁରନ୍ତ ଯନ୍ତ୍ରଣାନଳ ହୃଦୟକୁ ଦଗ୍ଧ କଲା । ଅନ୍ତର୍ଯାମୀ ଜଗଦୀଶ୍ୱରଙ୍କୁ କିଛି ଅପ୍ରକାଶ ନାହିଁ । ଆମ୍ଭ ମାନସିକ ଭାବ ତାଙ୍କୁ ଗୋଚର ଥିଲା । ଆମ୍ଭ ମନସ୍ତାପ ଅନ୍ତର୍ଦ୍ଦାହ ତାହାଙ୍କୁ ଅଜ୍ଞାତ ହୋଇ ନ ପାରେ । ଆମ୍ଭେ ବାରମ୍ବାର ଭୂମିଷ୍ଠ ହୋଇ ସେ କରୁଣା-ସିନ୍ଧୁଙ୍କଠାରେ କ୍ଷମା ମାଗିଅଛୁଁ, ଶୀଘ୍ର ମୃତ୍ୟୁକୁ ପଠାଇ ଉଦ୍ଧାର କରିବା ନିମନ୍ତେ କେତେ ଥର ମିନତି କରିଅଛୁଁ ।

ଆମ୍ଭେ ଏତେଦୂରଯାଏ ଲେଖି ରଖିଥିଲୁଁ । ଯେତେବେଳେ ଆମ୍ଭେ ସଂସାରରୁ ତିରୋହିତ ହୋଇଥିବୁଁ, ସେତେବେଳେ ଏହା ପ୍ରକାଶିତ ହେବ, ଆମ୍ଭର ଏହି ଅଭିପ୍ରାୟ ଥିଲା । କୃପା-ସିନ୍ଧୁ ଜଗଦୀଶ୍ୱର ଆମ୍ଭର ପ୍ରାର୍ଥନା ଶୁଣିଲେ । ଆମ୍ଭେ କାଲି ସନ୍ଧ୍ୟା ସମୟରେ ଯେତେବେଳେ ଦେବାଳୟରେ ଆରାଧନା କରୁଥିଲୁଁ, ଆମ୍ଭର ଭାବଭଙ୍ଗୀ ତୁମ୍ଭେ ନିର୍ନିମେଷ ନୟନରେ ଦେଖିଅଛ । ଦେବାଳୟରେ ଗମ୍ଭୀର ବାଦ୍ୟ ଧ୍ୱନିତ ହେବାକୁ ଲାଗିଲା । ମନ୍ଦ ସ୍ତବଧ୍ୱନିତ ହେଲା । ସେହି ବାଦ୍ୟ ସମସ୍ତେ

ଆମ୍ଭେ କୌଣସି ବ୍ୟକ୍ତିର ବାକ୍ୟ ଶୁଣିଲୁଁ । ଆହା ! କି ମନୋହର ସ୍ୱର !

ଆମ୍ଭକୁ କହିଲେ, "ଅପରାଧୀ ଯୁବକ ! ତୁମ୍ଭର ଅପରାଧ ମାର୍ଜିତ ହେବ; କିନ୍ତୁ ତୁମ୍ଭଙ୍କୁ ସମ୍ପୂର୍ଣ୍ଣ ପ୍ରାୟଶ୍ଚିତ କରିବାକୁ ହେବ ।" ଆମ୍ଭେ ସେହି ପ୍ରାୟଶ୍ଚିତ୍ତ ନିମନ୍ତେ ଗମନ କରୁଅଛୁଁ । ଜେନୋୟା ନଗରରେ ଉପସ୍ଥିତ ହୋଇ ଧର୍ମାସନ ଅଗ୍ରତେ ଅପରାଧ ସ୍ୱୀକାର କଲେ ଆମ୍ଭର ପ୍ରାଣ-ଦଣ୍ଡ ହେବ । ତୁମ୍ଭେ ଆମ୍ଭ ଦୁଃଖରେ ଦୁଃଖୀ ହୋଇ ଆମ୍ଭର ଆହତ ହୃଦୟରେ ପ୍ରେମରୂପ ଔଷଧ ଲେପିଅଛ; କିନ୍ତୁ ଆମ୍ଭର ରୋଗ ସହଜରେ ଉପଶମ ହେବାର ନୁହେଁ । ଆମ୍ଭର ଏହି ଇତିହାସ ପ୍ରଚାର କରିବା ନିମନ୍ତେ ତୁମ୍ଭଠାରେ ରଖି ଗଲୁଁ, ଆମ୍ଭଙ୍କୁ ମନରେ ରଖିଥିବ, ଏତିକି ।

## ଉପସଂହାର

ଗଳ୍ପ ସରିଲା ଉତ୍ତାରୁ ଗୃହସ୍ୱାମୀ ବାଷ୍ପଗଦ୍‌ଗଦ ସ୍ୱରରେ କହିଲେ, "ଆଉ ସେପରି ଅକୃତ୍ରିମ ମିତ୍ର ପାଇବୁ ନାହିଁ ।" ଏହା କହି ରୋଦନ କରିବାକୁ ଲାଗିଲେ । ଅତିଥିମାନେ ଗଳ୍ପ ଶୁଣି କିଛିକାଳ ନୀରବ ହୋଇ ରହିଲେ । ଅନନ୍ତର ଜଣେ କହିଲେ, "ପୃଥିବୀରେ ଏମନ୍ତ ଲୋକ ସୁଦ୍ଧା ଥାଏ ! କି ଆଶ୍ଚର୍ଯ୍ୟ ! କେତେ ଉପନ୍ୟାସ ଶୁଣିଅଛୁଁ, ମାତ୍ର କେବେହେଁ ଏପରି ଅପୂର୍ବ କଥା ଶୁଣିନାହୁଁ । ଆହା ! ସବୁ ମନୁଷ୍ୟ ଯେବେ ଏପରି ସରଳସ୍ୱଭାବ ହୁଅନ୍ତେ, ତାହା ହେଲେ ମର୍ତ୍ତ୍ୟ ସ୍ୱର୍ଗପରି ହୁଅନ୍ତା, ସନ୍ଦେହ ନାହିଁ । ବାସ୍ତବରେ ଏପରି ମନୁଷ୍ୟ ଦୁର୍ଲଭ ।"

ଛବି ଦେଖିବାପାଇଁ ସେମାନଙ୍କର ଏକାନ୍ତ ବାସନା ହେଲାରୁ ଗୃହସ୍ଥକୁ କହିଲେ, "ମହାଶୟ ! ଛବି ଦେଖିବା ନିମନ୍ତେ ଆମ୍ଭମାନଙ୍କର ଅତ୍ୟନ୍ତ କୌତୂହଳ ହେଉଅଛି । ଅନୁଗ୍ରହପୂର୍ବକ ଦେଖାଇବା ହେଉନ୍ତୁ ।"

ଗୃହସ୍ୱାମୀ କହିଲେ, "ସେଥିରେ ଆମ୍ଭର କିଛି ଆପତ୍ତି ନାହିଁ । ମାତ୍ର ସମସ୍ତେ ଏକାବେଳକେ ନ ଦେଖି ଜଣେ ଜଣେ କରି ଦେଖିଲେ ଭଲ ହେବ । ରାତିରେ ସେହି ଛବି ଯେରୂପ ଭୟଙ୍କର ଦିଶେ ଦିନରେ ସେରୂପ ଦିଶେ ନାହିଁ । ଯେବେ ଆପଣମାନଙ୍କର ଅଭିରୁଚି ହୁଏ, ରାତିରେ ଦେଖାଇବୁଁ ।"

ଅତିଥିମାନେ କହିଲେ, "ଆଚ୍ଛା, ତେବେ ରାତିରେ ଦେଖିବୁଁ ।" ଦିବା ଦୁଇ ଦୁଇପ୍ରହର ହୋଇଥିଲା । ଗୃହସ୍ଥ ଏବଂ ଅତିଥିମାନେ ସ୍ନାନାଦି କରି ଭୋଜନ କଲେ । ମିଷ୍ଟାଳାପରେ ଅପରାହ୍ଣ ଯାପିତ ହେଲା ।

ସୂର୍ଯ୍ୟ ବୁଡିଲେ । ସଞ୍ଜ ହେଲା । ପକ୍ଷୀମାନେ ଆପଣା ଆପଣା ବସାକୁ ନେଉଟିଲେ । ଅନ୍ଧାର ବଢ଼ିଲା, ଘୂର୍ଣ୍ଣି ବାୟୁ ପ୍ରବଳ ହେଲା । ଅତିଥିମାନେ ଛବି ଦେଖିବା ନିମନ୍ତେ ବ୍ୟଗ୍ର ହୋଇଥିଲେ । ଗୃହସ୍ୱାମୀ ସେମାନଙ୍କୁ ଜଣେ ଜଣେ କରି ଛବି-ଘରକୁ ନେଇଗଲେ । ସେହି ଘର ପଥରନିର୍ମିତ, ପୁଣି ଅତିଶୟ ପୁରୁଣା । ତହିଁରେ ଗୋଟାଏ ଝରକା ଥିଲା । ରାତିରେ ସେହି ଝରକାକୁ ଚାହିଁଲେ ଅନ୍ଧାର ଲତାଜୀର୍ଣ୍ଣ ବନ ଛଡ଼ା ଆଉ କିଛି ଦିଶେ ନାହିଁ । ଅତିଥିମାନେ ଛବି ଦେଖି ବିସ୍ମୟଯୁକ୍ତ ହେଲେ, ଚିତ୍ରକାରର ଅସାଧାରଣ ଚିତ୍ରନୈପୁଣ ହେତୁରୁ ସେହି ପ୍ରତିମୂର୍ତ୍ତି ସେମାନଙ୍କୁ ପ୍ରକୃତ ଭୂତପ୍ରାୟ ବୋଧ ହେଲା । କହିଲେ, "କି ଭୟଙ୍କର ମୂର୍ତ୍ତି ! ମଲେ ସୁଦ୍ଧା ଏହା ପାସୋରିବୁ ନାହିଁ ।"

# ପାର୍ବତୀ କାବ୍ୟର ଉପସଂହାର

—*—

ହେମପୁର ରାଜକନ୍ୟା ଅନ୍ନପୂର୍ଣ୍ଣା ପାର୍ବତୀଙ୍କୁ କହିଲେ, "ଦେବି! କି ହେତୁରୁ ମୁଁ ମୋହର ପିତାମାତାଙ୍କର ମୃତ୍ୟୁର କାରଣ ହେଲି, କହୁଅଛି, ଶୁଣିବା ହେଉନ୍ତୁ । ଆମ୍ଭମାନଙ୍କ ଦୁର୍ଗ ଶାଲ୍ମଳୀ ପର୍ବତର ମେଖଳାରେ ଅବସ୍ଥିତ । ଦୁର୍ଗର ଉଭୟ ପାର୍ଶ୍ୱ ଘନ-ବନାକୀର୍ଣ୍ଣ, ପୃଷ୍ଠ ଭାଗରେ ଉତ୍ତୁଙ୍ଗ ଶିଖର, ସମ୍ମୁଖରେ ମୁକ୍ତ ପ୍ରଦେଶ, ଦୁର୍ଗଦ୍ୱାର ଅବରୁଦ୍ଧ, ଗଜେଶ୍ୱର ଓ ଅନ୍ୟାନ୍ୟ ରାଜନ୍ୟ ବର୍ଗ ଶିବିର ତୋରଣ-ସମ୍ମୁଖରେ ଅବସ୍ଥିତ ।

ଯୁଦ୍ଧ ଅନେକ ଦିନ ହେଲା ଚାଲୁଅଛି । ଶେଷ ଦୁଇ ମାସ ଆପଣଙ୍କ ପୁତ୍ର ଯୁବରାଜ ଏକାକୀ ଯେତେବେଳେ ଯୁଦ୍ଧଭୂମିରେ ଉପନୀତ ହୋଇ ସେନାର ଅଧିନାୟକତା ଗ୍ରହଣ କଲେ, ସେ ସମୟରୁ ଯୁଦ୍ଧ ଘୋରରୁ ଘୋରତର ଆକାର ଧାରଣ କଲା । ଉଭୟ ପକ୍ଷୀୟ ବିଶେଷତଃ ଆମ୍ଭ ପକ୍ଷର ଅନେକ ସୈନ୍ୟ ହତ ହେଲେ । ସର୍ବ ପ୍ରଥମେ ଗଜେଶ୍ୱର ଆମ୍ଭଙ୍କୁ କର ମାଗିଥିଲେ, ତହିଁରେ ମୋର ପିତା ଅସମ୍ମତ ହେବାରୁ ଅବରୋଧ ଆରମ୍ଭ ହେଲା ।

ଦୁର୍ଗର ପଶ୍ଚାଦ୍‌ଭାଗରେ ପର୍ବତତଟରେ ଦୁର୍ଗର ପୃଷ୍ଠସ୍ପର୍ଶୀ ଝାଳୁଚୀ ଗୋଟିଏ ଗିରିନଦୀ ପ୍ରବାହିତ ହେଉଅଛି । ସେଥିରୁ ଅନ୍ୟ କାହାରି ପିବାର ସୁବିଧା ନାହିଁ । ଏହି କାରଣରୁ ରାଜପୁରର ରମଣୀମାନେ ସମୟ ସମୟରେ ସେଠାକୁ ବିହାରାର୍ଥ ଗମନ କରିଥାନ୍ତି । ତଟଭୂଭାଗରେ ବନବେଷ୍ଟିତ ସେହି ଗିରିତରଙ୍ଗିଣୀ ନିକଟରେ ଗୋଟିଏ ଉପବନ ଅଛି । ଶରତର ଶ୍ୟାମଳ ଶୋଭା ଓ ପର୍ବତର ଅପରାଜିତାନିଭ ମାଳମା-ଦ୍ୱାରା ଆକୃଷ୍ଟ ହୋଇ ଆମ୍ଭେମାନେ ସେହି ଉପବନରେ ଦିନେ ବନଭୋଜନ କରୁଥିଲୁଁ । ମୁଁ ଓ ମୋହର ସଖୀ ଭିନ୍ନ ସେଠାରେ କେହି ନ ଥିଲେ । ସେଦିନ ଆମ୍ଭେମାନେ ଫୁଲ ଗୁନ୍ଥୁଥିଲୁ । ଏପରି ସମୟରେ ହଠାତ୍ ଗୋଟିଏ କପୋତ ବାଣବିଦ୍ଧ ହୋଇ ସେହିଠାରେ ପଡ଼ିଲା । ତାହାର ବକ୍ଷରେ ଶର ବିଦ୍ଧ ହୋଇଥିଲା, ମୁଁ ତାହାକୁ ପଡ଼ିବାର ଦେଖି ସଖୀ ସାହାଯ୍ୟରେ ତାହାର ଡେଣାରୁ ଶରଫଳା ଉନ୍ମୁକ୍ତ କଲି । ତାହାକୁ କୋଳକୁ ନେଇ ଜଳପାନ କରାଇ ତାହାର ଚେତନା

---

ମୋହର ପଞ୍ଚଦଶ ବର୍ଷ ବୟସ ସମୟରେ ପରମାରାଧ୍ୟ ପିତୃଦେବ ପାର୍ବତୀ କାବ୍ୟ ରଚନା କରିଥିଲେ । କଠୋର ଦୁର୍ବିପାକ ବଶରୁ ସେହି ସମୟରେ ମୋହର ପୀଡ଼ା ପ୍ରବଳତର ହୋଇଥିଲା । ସେହି ଦୁଃଖ ତାହାଙ୍କୁ ପାର୍ବତୀରଚନାରୁ ବିରତ କରିଥିବା ବିଷୟ ସ୍ଥାନାନ୍ତରରେ କଥିତ ହୋଇଥିଲା । ଯେତିକି କବିତାକାରରେ ଥିଲା ତାହା ପୂର୍ବରୁ ମୁଦ୍ରିତ ହୋଇଅଛି । ସେହି ଦୁଃଖକୁ ସ୍ମରଣୀୟ କରିବା ପାଇଁ ପାର୍ବତୀକୁ ଅସମ୍ପୂର୍ଣ୍ଣ ରଖିଥିଲେହେଁ ଏହାର ଉତ୍ତରାର୍ଦ୍ଧ ଗଦ୍ୟାକାରରେ ଲେଖି ରଖିଥିଲେ । ତାହାଙ୍କର ସ୍ୱର୍ଗାରୋହଣ ପୂର୍ବରୁ ଉତ୍କଳର ବହୁସଂଖ୍ୟକ ବନ୍ଧୁଙ୍କ ଅନୁରୋଧକ୍ରମେ ତାହାକୁ କବିତାକାରରେ ସାଙ୍ଗ କରିବାର ଅଭିଳାଷ ଥିଲା । ମାତ୍ର ଦାରୁଣ ବିଧି ବାମ ହେବାରୁ ତାଙ୍କର ସେ ଅଭିଳାଷ ପୂର୍ଣ୍ଣ ହୋଇ ପାରିଲା ନାହିଁ । ସେହି ଗଦ୍ୟକାବ୍ୟାଂଶ ବର୍ତ୍ତମାନ ଅବିକଳ ପ୍ରଦତ୍ତ ହେଲା ।

ଶ୍ରୀ ଶଶିଭୂଷଣ ରାୟ

ଜନ୍ମାଉଥିଲି । ଏପରି ସମୟରେ ଦେଖିଲି ଯେ ଜଣେ ସୌମ୍ୟମୂର୍ତ୍ତି ଯୁବା ବ୍ୟାଧବେଶରେ ସମ୍ମୁଖରେ ଦଣ୍ଡାୟମାନ । ଯୁବାଙ୍କୁ ଦେଖି ଆମ୍ଭେମାନେ ବ୍ୟସ୍ତ ହୋଇ ପଳାଇବାକୁ ଉଦ୍ୟତ ହେଲୁ । ଯୁବା ସହାସ୍ୟମୁଖରେ କହିଲେ, "ଭୟ ନାହିଁ, ତୁମ୍ଭେମାନେ କିଏ ଏବଂ ଯେ ପକ୍ଷୀଟିକୁ କୋଳରେ ଧରି ଜଳ ପିଆଉଅଛନ୍ତି, ସେ ଅବା କିଏ, କହ ।" ମୁଁ ଲଜ୍ଜା ଓ ଭୟରେ ଉତ୍ତର ଦେଇ ପାରିଲିନାହିଁ । ମୋହର ସଖୀ ତାହାଙ୍କୁ ଯୁଦ୍ଧସ୍ଥଳରେ ଦେଖି ଚିହ୍ନିଥିବାରୁ ସେ କହିଲା, "ଏ ଅଞ୍ଚଳରେ ଲୋକମାନଙ୍କର ଗତି ନିଷିଦ୍ଧ, ତୁମ୍ଭେ କେଉଁ ସାହସରେ ଏଠିକି ଆସିଲ ? ତୁମ୍ଭେ ଶତ୍ରୁପକ୍ଷୀୟ ରାଜକୁମାର, ଆମ୍ଭେମାନେ ଯେବେ ପରିଚୟ ଦେଉଁ, ତେବେ ତୁମ୍ଭେ ଏହିକ୍ଷଣି ପ୍ରହରିକର୍ତ୍ତୃକ ଧୃତ ହେବ ।" ଏହା କହି ସଖୀ ମୋହର ମୁହଁକୁ ଆଦେଶନିମିତ୍ତ ଅନାଇ ରହିଲା । ରାଜକୁମାରଙ୍କୁ ଦେଖିବା ମାତ୍ରେ ମୁଁ ତାଙ୍କ ମନୋହର ରୂପରେ ମୁଗ୍ଧ ହୋଇଥିଲି । ମୁଁ ସଖୀକି ନିଷେଧ କରି କହିଲି, "ଏ ସ୍ଥାନ ତାଙ୍କ ପକ୍ଷରେ ନିରାପଦ ନୁହେ । ତାଙ୍କୁ ସତ୍ୱର ଶିବିରକୁ ନେଉଟି ଯିବାକୁ କହ ।" ସଖୀ ତାହା ହିଁ କହିଲା । ରାଜକୁମାର କହିଲେ, "ଶିବିରରୁ ମୃଗୟାର୍ଥ ନିର୍ଗତ ହୋଇ ଅତର୍କିତଭାବରେ ପର୍ବତରେ ବୁଲି ବୁଲି ମୁଁ ଏହି ସ୍ଥାନକୁ ଆସିଲି । ତୁମ୍ଭ ସଖୀଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ଶିବିରକୁ ବାହୁଡ଼ି ଯାଉଅଛି ; କିନ୍ତୁ ମୋହ ଶରରେ ବିଦ୍ଧ ପକ୍ଷୀ ତୁଲ୍ୟ ତୁମ୍ଭ ସଖୀଙ୍କ କଟାକ୍ଷ ବାଣରେ ମୋହର ହୃଦୟ ଜର୍ଜର ହୋଇଅଛି । ସେହି ପକ୍ଷୀଟିକୁ ଓ ମୋହର ହୃଦୟକୁ ତୁମ୍ଭ ସଖୀଙ୍କ ହସ୍ତରେ ଦେଇଗଲି । ପକ୍ଷୀଟିକୁ ଦୟାବତୀ ଦୟା କରି ବଞ୍ଚାଇଲେ, ମୋହର ମାନସପକ୍ଷୀ ଯେପରି ନଷ୍ଟ ନହୁଏ ।" ରାଜକୁମାର ଚାଲିଯିବାରୁ ସତୃଷ୍ଣନୟନରେ ମୁଁ ତାହାଙ୍କୁ ଅନାଇ ରହିଲି । କେତେକ୍ଷଣ ପରେ ଆମ୍ଭେମାନେ ଦୁର୍ଗକୁ ନେଉଟି ଆସିଲୁ । ସେହି ଦିନଠାରୁ ରାଜପୁତ୍ରଙ୍କ ପ୍ରେମରେ ଆସକ୍ତ ହୋଇ ଦିନକୁ ଦିନ କ୍ଷୀଣ ହେବାକୁ ଲାଗିଲି । ସଖୀ ଆତଙ୍କିତ ହୋଇ ପିତାଙ୍କୁ ମୋହ ବ୍ୟାଧି ବିଷୟ ଜଣାଇଲା । ଜନ୍ମକାଳରୁ ମୋହର ମାତାଙ୍କର ମୃତ୍ୟୁ ହୋଇଥିଲା । ପିତା ରାଜା ହୋଇ ମଧ୍ୟ ମତେ ବିମାତାଙ୍କ କଷ୍ଟରୁ ରକ୍ଷା କରିବା ଲାଗି ଆଉ ଦାରପରିଗ୍ରହ କଲେ ନାହିଁ । ପିତାମାତା ଉଭୟସ୍ଥାନୀୟ ହୋଇ ପିତା ମତେ ଲାଳନପାଳନ କରୁଥିଲେ । ମୁଁ କିପରି ପିତାଙ୍କୁ ହରାଇ ଅଛି । ମୁଁ ଇଚ୍ଛା କରିଥିଲେ ଶତ୍ରୁ ରାଜକୁମାରଙ୍କୁ ପ୍ରଥମ ସାକ୍ଷାତ୍ ସମୟରେ ଧରାଇ ଦେଇଥାନ୍ତି । ପିତା ଶତ୍ରୁ ଉପରେ ସମ୍ପୂର୍ଣ୍ଣ କ୍ଷମତା ବିସ୍ତାର କରି ପାରିଥାନ୍ତେ । ଗଙ୍ଗେଶ୍ୱର ପୁତ୍ରସ୍ନେହରେ ବୈର ତ୍ୟାଗ କରି ପୁତ୍ରଙ୍କୁ ରକ୍ଷାକରିବା ଲାଗି ଅବଶ୍ୟ ସଚେଷ୍ଟ ହୋଇଥାନ୍ତେ । ଦେବି, ଆପଣ ପୁତ୍ରର ଅସମ୍ଭାବିତ ବିପଦ ମନେକରି କାନ୍ଦୁଅଛନ୍ତି; କିନ୍ତୁ ଆପଣ ଭାଗ୍ୟବତୀ, ବିଧାତା ମୋହଭଳି ଅଭାଗିନୀ ନିମିତ୍ତ ଅଶ୍ରୁ-ଜଳ ସୃଷ୍ଟି କରିଥିଲେ, ଆପଣଙ୍କ ପାଇଁ ନୁହେଁ ।

ପିତା ଯେପରି ମୋହର ବ୍ୟାଧିକଥା ଶୁଣିଲେ, ସେପରି ଗଙ୍ଗେଶ୍ୱରଙ୍କ ନିକଟକୁ ସନ୍ଧି ପ୍ରସ୍ତାବ, ବଶ୍ୟତା ସ୍ୱୀକାର ଓ ଯୁବରାଜଙ୍କୁ ମତେ ସମର୍ପଣ କରିବାକୁ ପ୍ରସ୍ତାବ ପଠାଇଲେ, ମୋର ଦୁରଦୃଷ୍ଟିରୁ ଫଳ ବିପରୀତ ହେଲା । ଗଙ୍ଗେଶ୍ୱର ଅନପେକ୍ଷିତ ଉତ୍ତର ଦେଲେ, "ରତ୍ନପୁର ରାଜା ଆମ୍ଭଙ୍କୁ ବୃଦ୍ଧ ଓ ଅକର୍ମଣ୍ୟ ଭାବୁଅଛନ୍ତି, ଏହାର ଫଳ ସେ ଶୀଘ୍ର ପାଇବେ । ପିତା ନିତାନ୍ତ ଦୁଃଖିତ ହେଲେ, ଯୁଦ୍ଧ ପୂର୍ବପରି ଚାଲିଲା । କ୍ରମଶଃ ଆମ୍ଭମାନଙ୍କ ଦୁର୍ଗରୁ ଆହାର୍ଯ୍ୟ ଶେଷ ହେଲା । ଦୁର୍ଭିକ୍ଷ

ଆରମ୍ଭ ହେଲା, ଆହାରାଭାବରେ ଦୁର୍ଗବାସୀମାନେ କ୍ରମଶଃ ଶୀର୍ଣ୍ଣ ହୋଇଗଲେ । ସେମାନଙ୍କ ଚକ୍ଷୁ କୋଟରଗତ ହେଲା ଏବଂ ଦେହ ଅସ୍ଥି-କଙ୍କାଳସାର ହେଲା । ଯାହା ଆହାର୍ଯ୍ୟ ଥିଲା, ତହିଁରୁ ଅଧିକାଂଶ ଆମ୍ଭେମାନେ ଯୋଦ୍ଧାମାନଙ୍କୁ ଦେଉଥାଉଁ । ପିତା ସ୍ୱୟଂ ଆହାର ବର୍ଜନର ଛଳାବଧାରଣ କରୁଥାନ୍ତି । ସେ ନିଜ ଖାଦ୍ୟରୁ କର୍ତ୍ତନ କରି ମୋହର ଅଂଶ ବଢ଼ାଇ ଦିଅନ୍ତି । କ୍ରମଶଃ ଆମ୍ଭମାନଙ୍କର ଦୁର୍ଗବାସର ବାସର ଅବସାନ ହୋଇ ଆସିଲା । ଆହାରାଭାବରେ ଲୋକମାନେ ଅବସନ୍ନ । ପ୍ରାଚୀର ଉପରେ ଦଣ୍ଡାୟମାନ ହୋଇ ସୈନ୍ୟଗଣ ଯୁଦ୍ଧ କରନ୍ତି । ଜଳମଗ୍ନ ହେଲପରି ଶତ୍ରୁ ଶରାଘାତରେ ସେନ୍ୟମାନେ ପ୍ରାଚୀରରୁ ଖସି ପଡ଼ୁଥିଲେ । ଯେଉଁମାନେ ହତ ହୁଅନ୍ତି, ସେମାନଙ୍କ ସ୍ଥାନ ପୂରଣ ହୋଇପାରେ ନାହିଁ । ଆକ୍ରମଣକାରୀଙ୍କ ମଧ୍ୟରେ ଯୁବରାଜ ହିଁ ପ୍ରଧାନ ଯୋଦ୍ଧା । ରାଜା ମୋହର ଚିନ୍ତାଜ୍ୱର ଆଶଙ୍କା କରି ଆଦେଶ ଦେଲେ ଯେ, କେହି ଯେପରି ରାଜକୁମାରଙ୍କୁ ଲକ୍ଷ୍ୟ କରି ଶରକ୍ଷେପଣ ନ କରନ୍ତି । ଏଥିରେ ସୈନ୍ୟଗଣ ଅଧିକତର ନିରୁତ୍ସାହ ହୋଇ ପଡ଼ିଲେ । ଶେଷଦିନ ଆଉ ବିଳମ୍ବ ନାହିଁ । ୩।୪ ଦିନ ପରେ ଶତ୍ରୁମାନେ ହଠାତ୍ ଦୁର୍ଗ ପ୍ରାଚୀର ଡେଇଁ ଗଡ଼ ଆକ୍ରମଣ କଲେ । ନଗରରେ ମହା କୋଳାହଳ ଉଠିଲା କେଉଁ ସ୍ଥାନରେ ଗୃହ ଦଗ୍ଧ ହେଉଅଛି, ଆକାଶ ଆଲୋକିତ ଏବଂ ଧୂମପଟଳରେ ତାରକାରାଜି ନିଷ୍ପ୍ରଭ ହୋଇ ଯାଉଅଛି । କେଉଁ ସ୍ଥାନରେ ଯୁଦ୍ଧ, କେଉଁଠି ଘାତକଙ୍କର ଗର୍ଜନ, କେଉଁଠି ବା ଆହତଙ୍କର ଆର୍ତ୍ତନାଦ, କେଉଁଠାରେ ଅବଳା ଓ ଶିଶୁମାନଙ୍କର ରୋଦନ-ନିନାଦ । ମୁଁ ସେ ସମୟରେ ପିତୃସମୀପରେ ଥିଲି, ଦଳେ ସୈନ୍ୟ ଆସି ପିତାଙ୍କର କେଶାକର୍ଷଣପୂର୍ବକ ତାହାଙ୍କୁ ନେଇଗଲେ । ଅନ୍ତଃପୁରର ରମଣୀମାନେ ବକ୍ଷରେ କରାଘାତ କରି ବିଳାପ କରିବାକୁ ଲାଗିଲେ । ମୁଁ କାକୁତି ମିନତି କରି ସେମାନଙ୍କ ପଦ ଧାରଣ କଲି । ମୋହ କଥାରେ କେହି କର୍ଣ୍ଣପାତ କଲେ ନାହିଁ । ପିତାଙ୍କ ସହିତ ମୁଁ ଆଲୁଳାୟିତ କେଶ ଓ ଅସଂବୃତବାସରେ ଚାଲିବାକୁ ଲାଗିଲି । ସୈନିକମାନେ ଗଜେଶ୍ୱରଙ୍କ ନିକଟରେ ତାହାଙ୍କୁ ଉପସ୍ଥିତ କଲେ । ପିତାଙ୍କର ଦୁରବସ୍ଥା ଓ କଙ୍କାଳ-ବିଶେଷ ଶରୀର ଦେଖିରାଜାଙ୍କପାର୍ଶ୍ୱଚରମାନେ କରୁଣାର୍ଦ୍ର ହେଲେ । ଗଜେଶ୍ୱର ରକ୍ତଚକ୍ଷୁରେ ପିତାଙ୍କୁ ଅନାଇଲେ ଏବଂ ସର୍ବସମକ୍ଷରେ ତାଙ୍କର ଶିରଚ୍ଛେଦ କଲେ । ଯୁବରାଜ ମୋହ ପିତାଙ୍କ ଲାଗି ଅନେକ ସାଧ୍ୟ ସାଧନା କରି ଭରସ୍କୃତ ହେଲେ । ମୁଁ ରାଜାଙ୍କ ପାଦ-ତଳରେ ପଡ଼ିଗଲି । ତଥାପି ଗଜେଶ୍ୱରଙ୍କର କରୁଣା ନୋହିଲା । ପିତାଙ୍କ ପ୍ରାଣଦଣ୍ଡରେ ମୁଁ ଅଚେତନ ହେଲି । କେତେକ୍ଷଣ ଅଚେତା-ବସ୍ଥାରେ ନିଶ୍ଚିନ୍ତ ଥିଲି । ଚେତନା ପରେ ଦେଖି ପାରିଲି ଯେ, ମୁଁ ରାଜାଙ୍କ ଅବରୋଧ-ଶିବିରରେ ବନ୍ଦୀ ହୋଇଅଛି ।

ତତ୍ପର ଦିନ ସ୍କନ୍ଧାବାର ସହିତ ଗଜେଶ୍ୱର ହେମପୁର ପରିତ୍ୟାଗ କଲେ । ସେହିଦିନଠାରୁ ଜୀବନ୍ମୃତ ହୋଇ ସଙ୍ଗେ ସଙ୍ଗେ ଆସିଅଛି । ଏହି ଦାରୁଣ ବିପାକରେ ମଧ୍ୟ ମୋହର ପୋଡ଼ା ପ୍ରାଣ ରହିଅଛି । ଦେବୀ ! ଏବେ ଆପଣଙ୍କ ଚରଣାଶ୍ରୟକୁ ଆସିଲି । ମୁଁ ଅବଳା, ଆପଣଙ୍କ କନ୍ୟାସ୍ୱରୂପ । ଶୁଣିଲି, ଆଜଠାରୁ ମୋତେ ଗଜେଶ୍ୱରଙ୍କର ଭୋଗିନୀ ହେବାକୁ ପଡ଼ିବ । ତାହାହେଲେ ତତ୍ପୂର୍ବରୁ ମୋହର ପ୍ରାଣତ୍ୟାଗ ନିଶ୍ଚିତ । ବର୍ତ୍ତମାନ ଆପଣ ହିଁ ମୋହର ପ୍ରାଣାପେକ୍ଷା ଅଧିକ ମୂଲ୍ୟବାନ୍ ଧର୍ମର ରକ୍ଷକସ୍ୱରୂପ । ମୋତେ ଶ୍ରୀଚରଣରେ ଆଶ୍ରୟ ଦିଅନ୍ତୁ । ଆପଣଙ୍କ ଆଶାରେ ଏତେବେଳଯାଏ ଜୀବନ ରଖିଅଛି ।

ମହାଦେବୀ ନୀରବରେ ସମସ୍ତ ଶୁଣିଲେ । ଏ ସମୟରେ ତାହାଙ୍କ ମନ କ'ଣ ହେଉଥିଲା, କେହି ଜାଣିଲେ ନାହିଁ । ରାଜକନ୍ୟାଙ୍କୁ ଆଶ୍ୱାସ ଦେଇ ତାଙ୍କ ଶୁଶ୍ରୂଷାର ବନ୍ଦୋବସ୍ତ କରି ରାଣୀ ନିଭୃତ କକ୍ଷରେ ଏକାକୀ ଶୟନ କରି ଭାବିଲେ, ଏବେ କ'ଣ କରିବି ? ଏହାଙ୍କୁ ଦେଖିଲାବେଳକୁ ମୋହିତ ସେହି ଦୁଃଖିନୀ କୌଶଲ୍ୟାର ଚନ୍ଦ୍ରମୁଖ ମନେ ପଡ଼ୁଅଛି । ଏ ମୋହ ପୁଅଠାରେ ମନ ସମର୍ପଣ କରିଥିବାରୁ ମୋହର ବଧୂ, ସୁତରାଂ କନ୍ୟା-ସ୍ଥାନୀୟା ହୋଇଅଛନ୍ତି । ଏହାଙ୍କ ଉପରେ ପୁଣି ଅତ୍ୟାଚାର ! ହେ ବିଧାତା ! କେଉଁ ପାପରେ ଏଭଳି ସ୍ୱାମୀ ପାଇଲି ? ଏପରି ନରରାକ୍ଷସଙ୍କୁ ପୃଥିବୀ ସ୍ତ୍ରୀପୁ ପତି ବୋଲି ସହି ପାରନ୍ତି, ମାତ୍ର ମୁଁ ପାରିବି ନାହିଁ । ଏହା କହୁ କହୁଁ ମହାଦେବୀଙ୍କ ଚକ୍ଷୁରୁ ଅଗ୍ନିସ୍ଫୁଲିଙ୍ଗ ନିର୍ଗତ ହେଲା । କାନ୍ଥରେ ଗୋଟିଏ କଟାର ଝୁଲୁଥିଲା । ତାହା ଆଣି ନିଷ୍କୋଷିତ କରି କହିଲେ, "ଦେବତାମାନେ କଳିଯୁଗରେ ସ୍ୱୟଂ କାର୍ଯ୍ୟ କରନ୍ତି ନାହିଁ । ନିଜ ଇଚ୍ଛାକୁ ମନୁଷ୍ୟ ହାତରେ କାର୍ଯ୍ୟରେ ପରିଣତ କରନ୍ତି । ଆଜି ଏହି କଟାରଦ୍ୱାରା ଅବଳା ହସ୍ତରେ ପୃଥ୍ୱୀର ଭାର ଲାଘବ ହେବ । ଏହି କଟାର ଆଜି କୌଶଲ୍ୟାର ଦୁଃଖର ପ୍ରତିଶୋଧ ନେବ ଏବଂ ଏହି କଟାରରେ ଅନ୍ନପୂର୍ଣ୍ଣାର ସତୀତ୍ୱ ରକ୍ଷିତ ହେବ । ପାଷଣ୍ଡମର୍ଦ୍ଦନ ଦେବ ସୁଦର୍ଶନ ! ତୁମ୍ଭେ ଏଥିରେ ଆବିର୍ଭୂତ ହୁଅ ।" ରାଣୀ ଏହା କହିବା ମାତ୍ରେ ହଠାତ୍ ଦେଖିଲେ, ବଡ଼ ଦେଉଳ ଆଡ଼ୁ ଆକାଶମାର୍ଗରେ ଆଗ୍ନେୟ ଚକ୍ର ଘୂର୍ଣ୍ଣାୟମାନ ହୋଇ ଧାଇଁ ଆସି କଟାରରେ ମିଶିଗଲା । ରାଣୀ ଏହା ଦେଖି କଟାର ରଖି ଦେଲେ ଏବଂ ଭୂମିଷ୍ଠ ହୋଇ ପ୍ରଣାମ କଲେ ।

ପ୍ରଦୋଷରେ ଦାମାମାଧ୍ୱନି ରାଜପ୍ରାସାଦକୁ ନାଦିତ କଲା । ପଥ ପରିଷ୍କୃତ ଏବଂ ନଗର ତୋରଣ ଓ ପତାକାରେ ଶୋଭିତ ହୋଇଗଲା । ଦେଉଳମାନଙ୍କରେ ସନ୍ଧ୍ୟା ଦୀପାବଳୀ ବନ୍ଦୋବସ୍ତ ହେଲା । ଦୀପାବଳୀ ଆକାଶରେ ତାରକା ତୁଲ୍ୟ କିମ୍ବା ନୀଳ ଚିଲିକାରେ ମତ୍ସ୍ୟଜୀବୀମାନଙ୍କ ମଶାଲ ପରି ଅଥବା ପର୍ବତରେ ଦାବାନଳ ସଦୃଶ ପରିଶୋଭିତ ହେଲା । କ୍ରମଶଃ ଦୂରରୁ ରାଜା ବିଜୟ ବାଦ୍ୟ ଶୁଭାଗଲା ଏବଂ ନଗର-ଲୋକ କୋଳାହଳରେ ପୂର୍ଣ୍ଣ ହେଲା । ପଥ, ଘାଟ ଅସଂଖ୍ୟ ଲୋକଦ୍ୱାରା ପରିପୂରିତ ହୋଇ ଯେପରି ନରମୁଣ୍ଡର ସାଗର ପରି ବୋଧ ହେଲା । ସୌଧସମୂହର ଛାତମାନ ଲୋକ-ପରିପୂର୍ଣ୍ଣ ହେଲା । ବାତାୟନରେ ରମଣୀ-ମାନଙ୍କର ନୀଳ ନେତ୍ର ନୀଳ-କୁମୁଦ ଫୁଟିଲା-ପରି ଦିଶୁଥିଲା । କ୍ରମଶଃ ରାଜଦଳ ସହରରେ ପ୍ରବେଶ କଲେ ।

ବୃଦ୍ଧ କଞ୍ଚୁକି ସହିତ ରାଣୀ ଓ ସିଂହାରୀ ପ୍ରାସାଦର ଉଚ୍ଚ ବାତାୟନ ନିକଟରେ ଠିଆ ହେଲେ—ଦେଖିଲେ, ଯେତେଦୂର ଦୃଷ୍ଟି ଯାଏ, ସମସ୍ତ ବଡ଼ଦାଣ୍ଡ ବୀରମାନଙ୍କର ଉଜ୍ଜ୍ୱଳ ବର୍ମ୍ମଖଣ୍ଡ ଓ ଢାଲଦ୍ୱାରା ସୁବର୍ଣ୍ଣମୟ ହୋଇଛି । ସାଗର ସମୀପରେ ପତାକାପଂକ୍ତିର ଚୀନାଂଶୁକ ଦୋହଲୁ ଅଛି । ଆଜି ଗଙ୍ଗେଶ୍ୱରଙ୍କର ମହିମା ଏବଂ ପ୍ରତାପର ପରାକାଷ୍ଠା — ସଂସାରରେ ତାହାଙ୍କ ତୁଲ୍ୟ ଭାଗ୍ୟବାନ୍ ଆଉ କିଏ ଅଛି ?

କଞ୍ଚୁକୀ ଦେଖି ଭିଭିନ୍ନ ଦେଶାଗତ ରାଜା-ମାନଙ୍କୁ ଚିହ୍ନାଇ ଦେଲା, "ଏହି ଦେଖନ୍ତୁ, ରାଣି, ଯେ ସର୍ବାଗ୍ରେ ସୁବର୍ଣ୍ଣ ଝାଲର ବିଶିଷ୍ଟ ଚିତ୍ରିତଶୁଣ୍ଡ ହସ୍ତୀରେ ସୁବର୍ଣ୍ଣ କଳସଯୁକ୍ତ ହାଉଦାରେ ଆସୁଅଛନ୍ତି, ସେ ବ୍ରାହ୍ମଣ ବୋଦରଜା । ମହାନଦୀତୀରରେ ବଂଶବନାକୀର୍ଣ୍ଣ ଦୁର୍ଗରେ ଏହାଙ୍କର ଅବସ୍ଥିତି — ଉପଲବିଷମ-ଦ୍ୱାରା ପ୍ରତିହତା ମହାନଦୀର ସ୍ୱଚ୍ଛ ଜଳରାଶିର

ଝଞ୍ଝରଶବ୍ଦରେ ଏହାଙ୍କ ନଗରୀ ସର୍ବଦା ମୁଖର । ଦୁର୍ଗମ ଗିରି-ମହାରଣ୍ୟ ବେଷ୍ଟିତ ହରିଦ୍ରା-ହରିତ ଅଧିତ୍ୟକାବାସୀ ଏବଂ ସ୍ରଗାଧନୀ ଗର୍ଭିତ ଚୂଡ଼ାଧାରୀ କନ୍ଧ ସୈନ୍ୟଗଣ ଏହାଙ୍କ ଆଗେ ଆଗେ ବାଦ୍ୟତାଳରେ ଏକ ହସ୍ତରେ ଧନୁ ଏବଂ ଅପର ହସ୍ତରେ ଟାଙ୍ଗିଆ ଆସ୍ଫାଳନ କରି କରି ଆସୁଛନ୍ତି । ତତ୍ପରେ ଯେ ଆସୁଅଛନ୍ତି, ସେ ଅନୁଗୁଳରାଜ — ମହାନଦୀରେ କନ୍ଦର ମଧ୍ୟବର୍ତ୍ତୀ ବନହସ୍ତିସେବିତ ଗିରିଦୁର୍ଗରେ ଏହାଙ୍କର ବାସ । ଏହାଙ୍କର ଅଧିକାଂଶ ସୈନ୍ୟ ହିଁ ଅଶ୍ୱାରୋହୀ ଓ ପଦାତିକ । ଏହାଙ୍କ ରାଜ୍ୟ ଅଶ୍ୱ ନିମିତ୍ତ ପ୍ରସିଦ୍ଧ । ତତ୍ପରେ ଯେ ଆସୁଅଛନ୍ତି, ସେ ତାଳଚେରଧିପତି — ତରଙ୍ଗବାହିନୀ ବ୍ରାହ୍ମଣୀ ଏହାଙ୍କ କାନନ-ବେଷ୍ଟିତ ରାଜଧାନୀର ପାଦ ଧୌତ କରୁଅଛି । ଏହାଙ୍କ ପତାକାରେ ପିଙ୍ଗଳବର୍ଣ୍ଣ ଉଜ୍ଜ୍ୱଳ ଜ୍ୱାଳାମୟୀ ହୁଙ୍ଗୁଳା ଅଙ୍କିତ । ଏହାଙ୍କର ଶୃଙ୍ଖଳପଦାତିକଗଣ ବଲ୍ଲମଧାରୀ । ତତ୍ପରେ ଯେ ଆସୁଅଛନ୍ତି ସେ ଦୁର୍ଗମ ମାଲ୍ୟଗିରିର ଅଧୀଶ୍ୱର — ଏହାଙ୍କର ସୈନ୍ୟମାନେ ଖର-ଶାଣ ପରଶୁଧାରୀ । ଆମ୍ଭେମାନେ ଯେତେବେଳେ ଏହାଙ୍କ ଦୁର୍ଗ ଅଧିକାରକୁ ଗଲୁ ସେ ସସୈନ୍ୟରେ ମେଘାବୃତ ମାଲ୍ୟଗିରିରେ ଆଶ୍ରୟ ନେଇଥିଲେ । ଏହି ଦେଖନ୍ତୁ ଦେବ, ବାଣପୁରର ରାଜା ଆସୁଅଛନ୍ତି — ଏହାଙ୍କ ସୈନ୍ୟମାନେ ଶିଖାଗ୍ର ଓ ଏରାପକ୍ଷୀର ପକ୍ଷଚୂଡ଼ାଧାରୀ । ମତ୍ସ୍ୟମୟୀ ଚିଲିକାର ଏ ଅଧୀଶ୍ୱର ଏବଂ ଏହାଙ୍କର ଅଯୁତ ତରଣୀ ନୀଳ ଚିଲିକାର ତରଙ୍ଗ ସର୍ବଦା କାଟୁଅଛି । ଏ କେତେବେଳେ ଗିରିଦୁର୍ଗରେ, କେତେବେଳେ ଅବା ଚିଲିକାବେଷ୍ଟିତ ଜଳଦୁର୍ଗରେ ବାସ କରନ୍ତି । ଏହି ଦେଖନ୍ତୁ, ଶାର୍ଦ୍ଦୂଳ ଚର୍ମାବୃତ ପଦାତିବେଷ୍ଟିତ ବାଙ୍କିରାଜା — ଏହାଙ୍କ ପଦାତିକମାନଙ୍କର ବର୍ଚ୍ଛା ହିଁ ପ୍ରଧାନ ଆୟୁଧ । ମହାନଦୀ ତୀରବର୍ତ୍ତୀ ଏହି ବଡ଼ମ୍ବାର ରାଜା ଆସୁଅଛନ୍ତି — ମହାନଦୀ — ନାବିକଗଣଙ୍କ ଅର୍ଚ୍ଚିତା ବୃହଦମ୍ବିକା ଭଟ୍ଟାରିକାଙ୍କ ପଦ-ସିନ୍ଦୂରରେ ଏହାଙ୍କ ହସ୍ତୀର ମୁଣ୍ଡ ଆରକ୍ତ-ବର୍ଣ୍ଣ । ଏହି ଦର୍ପଣୀରାଜା — ମହାବିନାୟକ ଶୈଳ ଏହାଙ୍କ ଅଳଙ୍କାରସ୍ୱରୂପ । ଏହି ଦେଖନ୍ତୁ, ଧାମରା ଦେବୀ-ଅଧ୍ୟାସିତ କନିକା ଏବଂ କସ୍ୱହପାଲର ଆଳିର ରାଜା ଆସୁ-ଅଛନ୍ତି — ଏମାନେ ଅନୁପଦେଶବାସୀ । ବ୍ୟାଘ୍ର ଭଲ୍ଲୁକ-ବଟୀଷ୍ଟ ତାଳୀବନସଙ୍କୁଳ ନଦନଦୀ-ଭୀଷଣ ଜଳଦୁର୍ଗରେ ଏମାନେ ଅବସ୍ଥିତ କରନ୍ତି । ଏମାନଙ୍କର ପୋତମାଳା ବରୁଣଙ୍କର ନୀଳ ରାଜ୍ୟକୁ ସମସ୍ତ ସମୟରେ କ୍ଷୁବ୍ଧ କରେ । ବିଦେଶାଗତ ବଣିକମାନେ ଦୂରସ୍ଥିତ ଦ୍ୱୀପରୁ ସମୁଦ୍ରପଥରେ ଆସି ଏମାନଙ୍କୁ ମୁକ୍ତା କର୍ପୂର ଓ ଚନ୍ଦନକାଷ୍ଠ ପ୍ରଭୃତି ଉପହାର ଦିଅନ୍ତି । ଦେଖନ୍ତୁ, ଜନ୍ମେଜୟଦେବଙ୍କ ବଂଶଧର ସଞ୍ଜୟରାଜ ଆସୁଅଛନ୍ତି । ଚୌଦ୍ୱାର ଗଡ଼ ଏହାଙ୍କ ବାସସ୍ଥାନ — ସେହି ଚୌଦ୍ୱାର ଗଡ଼ର ଆଦର୍ଶରେ ଏକାମ୍ର ଗଡ଼ ରଚିତ ହୋଇଥିଲା । ଚୌଦ୍ୱାର ଗଡ଼ର ନିସର୍ଗପରିଖାରୂପେ ବିରୂପା ପ୍ରବାହିତ ହେଉଅଛି । ଦେଖନ୍ତୁ, ଯାଜପୁରର ରାଜା ଆସୁଅଛନ୍ତି — ଏ କେଶରୀବଂଶର ବଂଶଧର । କେଶରୀବଂଶର ରାଜଧାନୀ ପ୍ରଥମେ ଯାଜପୁରରେ ଥିଲା । ପରେ ଏକାମ୍ର ଏବଂ କଟକରେ ହେଲା । ସେହି ସମୟରୁ ସେହି ବଂଶର ଅନ୍ୟତର ଶାଖା ଯାଜପୁରରେ ପ୍ରତିଷ୍ଠିତ ହେଲେ । ବିରଜାଦେବୀ ଏହି ବଂଶର ଅଧିଦେବୀ । ଗୋନାସାକଃସୃତ ବୈତରଣୀ ଏହି ରାଜଧାନୀର ପାଦ ଧୌତ କରୁଅଛି । ଏହି ଦେଖନ୍ତୁ, ଘୁମୁସର ରାଜା — ଏହାଙ୍କ ରାଜ୍ୟର କନ୍ଧଯୋଦ୍ଧାମାନେ ଦୁର୍ଦ୍ଧର୍ଷ — ଋଷିକୁଲ୍ୟା ଏହାଙ୍କ ରାଜ୍ୟ ଧୌତ କରୁଅଛି ।

କଞ୍ଚୁକୀ ଏହିପରି ସମସ୍ତ ରାଜାଙ୍କୁ ଦେଖାଇ ଦେଉଥିଲା । କ୍ରମେ କ୍ରମେ ରାଜବାହିନୀ ଅଗ୍ରସର ହେବାକୁ ଲାଗିଲେ । ସୈନ୍ୟମାନଙ୍କ ହୁଙ୍କାର, ଫେନମୁଖ ଉଦ୍‌ଗ୍ରୀବ ଅଶ୍ୱମାନଙ୍କ ହ୍ରେଷା, ହସ୍ତୀର ବୃଂହିତ, ବାଦ୍ୟରବ, ଭାଟମାନଙ୍କର ସ୍ତବ ଏବଂ ବାତାୟନ ନିକଟରେ ଦଣ୍ଡାୟମାନା ପୁରକାମିନୀମାନଙ୍କର ଶଙ୍ଖଧ୍ୱନି ଓ ହୁଳହୁଳିଦ୍ୱାରା ବଡ଼ଦାଣ୍ଡ କମ୍ପିତ ହେବାକୁ ଲାଗିଲା — ଯେପରି ଦ୍ୱିତୀୟ ସମୁଦ୍ର ଉଚ୍ଛୁଳି ପଡ଼ୁଅଛି । କ୍ରମଶଃ ଗଙ୍ଗେଶ୍ୱରଙ୍କ ହସ୍ତୀ ଯେତେବେଳେ ନଗରରେ ପ୍ରବେଶ କଲା, ପୌରକାମିନୀ-ମାନଙ୍କର ଲାଜାଞ୍ଜଳି ପୁଷ୍ପବୃଷ୍ଟି ପରି ବୋଧ ହେଲା । ଶଙ୍ଖଧ୍ୱନି ଓ ହୁଳହୁଳିରେ ଚତୁର୍ଦ୍ଦିଗ କମ୍ପିତ ହେଲା ।

ଏ ଆଡ଼େ ପୂର୍ଣ୍ଣଚନ୍ଦ୍ରର ଆରକ୍ତ ମୂର୍ତ୍ତି ପୂର୍ବ ଦିଗ୍‌ବଳୟମୂଳରେ ସାଗରର ନୀଳ ଲହରୀରେ ଭାସିବାକୁ ଲାଗିଲା । ଚନ୍ଦ୍ର ଉଠି ପ୍ରଥମେ ସମୁଦ୍ରରେ ପଦ୍ମରାଗ-ଲହରୀ ବୁଣି ଦେଲେ । କ୍ରମଶଃ ଚନ୍ଦ୍ର ଉଠି ରଜତ-ଜ୍ୟୋତ୍ସ୍ନାଦ୍ୱାରା ଦିଗ୍‌ବିଦିଗ୍ ଉଦ୍ଭାସିତ କଲେ । ସୈନ୍ୟମାନଙ୍କର ଅସ୍ତ୍ର ଓ ବର୍ମରେ, ବିମାନର ହେମ କଳସରେ, ପତାକାର ଚନ୍ଦ୍ରକରେ; ଦେବମନ୍ଦିରର ଚକ୍ରରେ, ସୌଧର ପ୍ରାଚୀରରେ ଏବଂ ଧବଳ ବାଲି-ସ୍ତୂପରେ ଚନ୍ଦ୍ରିକା ଝଟକି ଉଠିଲା । ରାଣୀ ସ୍ୱାମୀଙ୍କର ବିଭବ ଦେଖିଲେ ; କିନ୍ତୁ ସେହି ସଙ୍ଗେ ସଙ୍ଗେ ସାମାନ୍ୟ କୃଷକ-ପତ୍ନୀମାନଙ୍କୁ ମଧ୍ୟ ଆପଣା ଅପେକ୍ଷା ଭାଗ୍ୟବତୀ ମଣିଲେ । କ୍ରମେ ରାଜା ନଗରମୁଖ ହେବାର ଦେଖି ରାଣୀ ଅବତୀର୍ଣ୍ଣ ହେଲେ । ଅନ୍ୟାନ୍ୟ ପୁର-କାମିନୀଙ୍କ ସହିତ ଅର୍ଘ୍ୟ ସଜାଇ ପ୍ରସ୍ତୁତ ହେଲେ ଏବଂ ତୋରଣ ଅଭିମୁଖରେ ଅର୍ଘ୍ୟସ୍ଥାଳୀହସ୍ତରେ ବନ୍ଦାପନା ଲାଗି ବାହାରିଲେ । ରାଜା ହସ୍ତୀପୃଷ୍ଠରୁ ଅବତୀର୍ଣ୍ଣ ହେବାମାତ୍ରେ ବନ୍ଦାପନା କାର୍ଯ୍ୟ ସମାପ୍ତ ହେଲା ।

ରାଜା ପ୍ରଫୁଲ୍ଲମୁଖରେ ରାଣୀଙ୍କୁ କହିଲେ, "ସୁନ୍ଦରି, ବହୁଦିନ ପରେ ତୁମ୍ଭର ଚନ୍ଦ୍ରାନନ ଦେଖି ପ୍ରାଣ ଶୀତଳହେଲା । ଜଗନ୍ନାଥଦେବଙ୍କ ପ୍ରସାଦରୁ ଦିଗ୍‌ବିଜୟ ନିର୍ବିଘ୍ନରେ ଶେଷ ହେଲା । ସମସ୍ତ ଉତ୍କଳ ବର୍ତ୍ତମାନ ଗଙ୍ଗେଶ୍ୱରର ପଦାନତ ଏବଂ ଗଙ୍ଗେଶ୍ୱର ତୁମ୍ଭର ପଦାନତ । ହେମପୁରପତି ନିଜ ଦୁଃସାହସର ଉଚିତ ପୁରସ୍କାର ପାଇଅଛି । ଜଗନ୍ନାଥ ଦେବଙ୍କ ଭକ୍ତର ଗତିରୋଧ କରିବା କାହାର ସାଧ୍ୟ ? ହେମପୁର-ରାଜକନ୍ୟା ବର୍ତ୍ତମାନ ତୁମ୍ଭର ଦାସୀ ହୋଇ ତୁମ୍ଭର ଚରଣସେବା କରିବ । ଆଜି ଦୋଳୋତ୍ସବ, ଏହି ଉତ୍ସବରେ ତୁମ୍ଭ ସହିତ ଯୋଗ ଦେବାଲାଗି ଆମ୍ଭେ ଏତେ ଶୀଘ୍ର ପୁରୀକୁ ଆସିଲୁ । ମଙ୍ଗଳବେଦୀମାନରେ ଆଜ ତୁମ୍ଭେ ସହଚରୀ ସହିତ ଉପସ୍ଥିତ ଥିବ । ବହୁକାଳ ଯୁଦ୍ଧକ୍ଷେତ୍ରରେ ତରବାରି ଧାରଣ କରି କରି ଶୋଣିତପାତରେ ଅଭ୍ୟସ୍ତ ହୋଇ ଅବସନ୍ନ ହୋଇଅଛୁ । ଆଜ ନୂତନ ଯୁଦ୍ଧ-କ୍ଷେତ୍ରରେ ତରବାରିର ସ୍ଥାନ ପିଚକାରି ଏବଂ ରକ୍ତର ସ୍ଥାନ ବର୍ଣ୍ଣୋଦକ ନେବ ଦିଗ୍‌ବିଜୟୀ-ଗଙ୍ଗେଶ୍ୱରର ଆଜ ତୁମ୍ଭେମାନେ ପ୍ରତିପକ୍ଷ ହେବ ।" ରାଣୀ କହିଲେ, "ମହାରାଜ, ବହୁକାଳ ପରେ ଆପଣଙ୍କୁ ଦେଖି ମନ କି'ଣ ହେଉଅଛି, ତାହା ଜଗନ୍ନାଥ ହିଁ ଜାଣନ୍ତି । ମରୁଭୂମିରେ ଘର୍ମାକ୍ତ ପଥିକର ନିର୍ଝର ଦର୍ଶନରେ ସୁଦ୍ଧା ମନ ଏଡ଼େ ପ୍ରସନ୍ନ ହୁଏ ନାହିଁ । ମଙ୍ଗଳବେଦୀମାନରେ ଉତ୍ସବର ଆୟୋଜନ ପୂର୍ବରୁ ହୋଇଅଛି । ବହୁକାଳ ବିଦେଶରେ ଭ୍ରମଣ କଲେ, ଆଉ ଆପଣଙ୍କୁ ଗୃହରୁ ବହିର୍ଗତ ହେବାକୁ ଦେବନାହିଁ । ଆଜିଠାରୁ ଆପଣ ଚିରକାଳ ବିଶ୍ରାମ ଭୋଗ କରିବେ । ଜଗନ୍ନାଥ ଆପଣଙ୍କ ତପସ୍ୟାର ଫଳ ଆପଣଙ୍କ ଅବଶ୍ୟ ଦେବେ । ସେ କର୍ମଫଳଦା, ଏହାର ଅନ୍ୟଥା କଦାପି

କରିବେ ନାହିଁ । ଆମ୍ଭେ ମକରୋଦ୍ୟାନରେ ତୃଷିତପ୍ରାଣରେ ଆପଣଙ୍କୁ ଅପେକ୍ଷା କରିଥିବୁଁ । ଗଙ୍ଗେଶ୍ୱର ରାଣୀଙ୍କ ବାକ୍ୟରେ ଅତ୍ୟନ୍ତ ଆହ୍ଲାଦିତ ହେଲେ । ଅପର ପ୍ରକୋଷ୍ଠକୁ ଯାଇ ସିଂହାରୀମାନଙ୍କୁ ଡାକି ହେମପୁର ରାଜକନ୍ୟାଙ୍କୁ ବେଶଭୂଷାରେ ମଣ୍ଡିତ କରିବାକୁ ଏବଂ ଉତ୍ସବ ପୂର୍ବରୁ ମକରୋଦ୍ୟାନର ନିକଟବର୍ତ୍ତୀ ପ୍ରମୋଦଭବନକୁ ନେବାକୁ ଆଦେଶ ଦେଇ ବହିର୍ଗତ ହେଲେ ।

ବଡ଼ଦାଣ୍ଡରେ ରାଜନ୍ୟବର୍ଗ ଗଙ୍ଗେଶ୍ୱରଙ୍କ ପ୍ରତୀକ୍ଷାରେ ଥିଲେ । ଗଙ୍ଗେଶ୍ୱର ଆସିବା ମାତ୍ରକେ ତାହାଙ୍କ ସହିତ ଜଗନ୍ନାଥ-ଦର୍ଶନକୁ ଗଲେ । ଗଙ୍ଗେଶ୍ୱରଙ୍କ ସହିତ ରାଜନ୍ୟ-ମଣ୍ଡଳୀ ଦେବଦର୍ଶନ ବିଧି ଅନୁସାରେ ଅରୁଣ ସ୍ତମ୍ଭନିକଟରେ ପାଦ ଧୌତ କରି ବିଶ୍ୱେଶ୍ୱର, ଅକ୍ଷୟବଟ, ବଟକୃଷ୍ଣ, ବଟମଙ୍ଗଳା, ବଟଗଣେଶ, ବଟମାର୍କଣ୍ଡେୟ, କ୍ଷେତ୍ରପାଳ, ନୃସିଂହ, ରୋହିଣୀକୁଣ୍ଡ, ବିମଳା, ମହାବୀର, ସରସ୍ୱତୀ, କାଳୀ, ଲକ୍ଷ୍ମୀ, ସୂର୍ଯ୍ୟ, ଈଶାନେଶ୍ୱର, ଶୀତଳାଦର୍ଶନ ସମସ୍ତ ଶେଷକରି ଗରୁଡ଼ସ୍ତମ୍ଭ ସ୍ପର୍ଶପୂର୍ବକ ବଡ଼ ଦେଉଳରେ ପ୍ରବେଶ କଲେ । ରତ୍ନସିଂହାସନରେ ଚତୁର୍ଦ୍ଧାମୂର୍ତ୍ତି ଦର୍ଶନ କଲେ । ରଜତକାନ୍ତି ରକ୍ତନେତ୍ର ବଳଦେବ, ହେମକାନ୍ତି ସୁଭଦ୍ରା ଏବଂ ଇନ୍ଦ୍ରନୀଳପ୍ରଭ ଜଗନ୍ନାଥ ଦେବ ସମ୍ମୁଖରେ ବିରାଜିତ । ଚୌରଙ୍ଗପ୍ରଦତ୍ତ ଦିବ୍ୟମଣି ଜଗନ୍ନାଥଙ୍କ ମସ୍ତକରେ ଧକ୍ ଧକ୍ ହୋଇ ଜଳୁଅଛି । ନାନା ପୁଷ୍ପହାରରେ ଦେବବିଗ୍ରହ ଅପୂର୍ବ ଶୋଭା ପାଉଅଛି । ତିନି ବିଗ୍ରହଙ୍କ ମସ୍ତକରେ ବିଶାଖା ନକ୍ଷତ୍ରତୁଲ୍ୟ ତୋରଣାକାର ରତ୍ନମୁକୁଟ ଶୋଭା ପାଉଅଛି । ଜଗନ୍ନାଥଙ୍କ ଉପରେ ଯେଉଁ ଚନ୍ଦ୍ରାତପ, ତହିଁରେ ଥିବା ସୁବର୍ଣ୍ଣ ଝାଲର ଅର୍ଦ୍ଧ ମାନସନ୍ଧ କେଶରରେ ରଚିତ ହେବାପରି ଦିଶୁଛି । ସର୍ବାପେକ୍ଷା ଆଜି ଜଗନ୍ନାଥଙ୍କ ହସ୍ତରେ ସୁଦର୍ଶନ ଉଜ୍ଜ୍ୱଳତମ ଧୂମକେତୁପ୍ରଭ ଏବଂ ଆରକ୍ତ ହୋଇଅଛି । ଦେଖିଲେ ଆଖି ଠିକଣା ପଡ଼େ ଏବଂ ମନରେ ଭୟ ସଞ୍ଚାର ହୁଏ । ରାଜାମାନେ ନାନାବିଧ ରତ୍ନ ଉପାୟନ ସମର୍ପଣ କରି ସାଷ୍ଟାଙ୍ଗ ପ୍ରଣିପାତ କଲେ । ଗଙ୍ଗେଶ୍ୱର ଯେତେବେଳେ ପ୍ରଣାମ କଲେ, ସମସ୍ତେ ଚକିତ ହୋଇ ଦେଖିଲେ ଯେ ସେତେବେଳେ ସୁଦର୍ଶନରୁ ବିଦ୍ୟୁତ୍ ଆକାରରେ ରଶ୍ମିରେଖା ନିର୍ଗତ ହେଉଅଛି । ପଣ୍ଡା ସ୍ତୁତି କଲେ, "ପ୍ରଭୋ ! ଗଙ୍ଗେଶ୍ୱରଙ୍କ ଶତ୍ରୁଗଣ ଆପଣଙ୍କ ସୁଦର୍ଶନ ରୂପ ମୂର୍ତ୍ତିମାନ କ୍ରୋଧ-ବହ୍ନିରେ ଶଲଭ ହେଉନ୍ତୁ ।"

ଦେଉଳରୁ ବହିର୍ଗତ ହୋଇ ରାଜାମାନେ ବିଦାୟ ନେଇ ପୂର୍ବନିର୍ଦ୍ଦିଷ୍ଟ ବାସଭବନକୁ ଗମନ କଲେ । ଗଙ୍ଗେଶ୍ୱର ନଅରରେ ପ୍ରବେଶ କରି ବୀରବେଶ ପରିତ୍ୟାଗପୂର୍ବକ ଅହ୍ନିକ ସମାପନ କଲେ । ତତ୍ପରେ ସିଂହାରୀଗଣ ତାହାଙ୍କର ବେଶବିନ୍ୟାସ କଲେ । କୁଙ୍କୁମବସ୍ତ୍ରପରିହିତ, ଅଙ୍ଗରାଗ-ସୁରଭିତ ଏବଂ ପୁଷ୍ପମାଳାସୁଶୋଭିତ ହୋଇ ପଦ୍ମବନରେ ସଞ୍ଚରଣଶୀଳା କରେଣୁମାନଙ୍କ ମଧ୍ୟରେ ମତ୍ତ ଦନ୍ତାବଳ ଯେପରି ଉଲ୍ଲାସରେ ପ୍ରବେଶ କରେ, ସେପରି ମକରୋଦ୍ୟାନରେ ପ୍ରବେଶ କଲେ । ମକରୋଦ୍ୟାନ ମନୋହର ସଜ୍ଜାରେ ସଜ୍ଜିତ । ଉର୍ଦ୍ଧ୍ୱରେ ରତ୍ନଚନ୍ଦ୍ରାତପ ବିଲମ୍ବିତ, ଚନ୍ଦ୍ରାତପରେ ସମସ୍ତ ରଙ୍ଗ ବିମ୍ବିତ ହୋଇଅଛି । ଧାଡ଼ି ଧାଡ଼ି ହୋଇ ସୁବର୍ଣ୍ଣ ଦୀପ-ବୃକ୍ଷମାନ ଉଜ୍ଜ୍ୱଳ ଆଲୋକ ବିକିରଣ କରୁଅଛି । ନର୍ତ୍ତକୀମାନେ ବିବିଧ ବେଶଭୂଷାରେ ମଣ୍ଡିତ ହୋଇ ନୃତ୍ୟଗୀତ କରୁଅଛନ୍ତି । ବୀଣା ମୁରଜ, ମଙ୍ଗଳଧ୍ୱନିରେ ରଙ୍ଗସ୍ଥଳ ପରିପୂର୍ଣ୍ଣ । ସୁବର୍ଣ୍ଣଥାଳୀରେ ରାଶି ରାଶି କୁଙ୍କୁମ ଓ ଅବିର ରହିଅଛି । ସପଲ୍ଲବ ପୁଷ୍ପମାଳା ସ୍ତମ୍ଭମାନଙ୍କରେ

ସଂଲଗ୍ନ ହୋଇଅଛି । ବର୍ଣ୍ଣୋଦକପୂର୍ଣ୍ଣ ସୁବର୍ଣ୍ଣ ପାତ୍ର ଏବଂ ଶୃଙ୍ଗକୋଷ ସ୍ଥାନେ ସ୍ଥାନେ ସଜ୍ଜିତ । ଚନ୍ଦ୍ରାତପ ବାହାରେ ଗୃହଆଙ୍ଗଣ ଶୁଭ୍ର ସୈକତସ୍ତୂପରେ ଏବଂ ତରୁପତ୍ରରେ ପୂର୍ଣ୍ଣଚନ୍ଦ୍ରର ରଜତକିରଣ ଝଟକୁଅଛି । ରାଜକାମିନୀଗଣ ଉତ୍ସବତରଙ୍ଗରେ ଭାସମାନ ହେଉଅଛନ୍ତି । ଗଙ୍ଗେଶ୍ୱର ଦେବକାମିନୀ-ମାନଙ୍କ ସହିତ ପଟକାଗ୍ନି-କ୍ରୀଡ଼ାରେ ରତ ହେଲେ । ରଙ୍ଗସ୍ଥଳୀର ଅଦୂରରେ ମଣ୍ଡପ ନିକଟରେ ଗୋଟିଏ ସୁନ୍ଦର ଦୋଳା ନିର୍ମିତ ହୋଇଥିଲା । ରାଣୀ ତାହାଙ୍କୁ ସେହି ଦୋଳା ଆଡ଼କୁ ଡାକି ନେଇଗଲେ । ରାଜାଙ୍କୁ ସେହି ଦୋଳାରେ ବସାଇ ରାଣୀ କେତେକ୍ଷଣ ସେହି ଦୋଳାକୁ ଚଳାଇଲେ । ଦୋଳାରେ ବସାଇ ରାଣୀ କୃତ୍ରିମ ସୁହାଗରେ ଗଙ୍ଗେଶ୍ୱରଙ୍କୁ କହିଲେ, "ଆପଣ ବହୁଦିନ ବିଦେଶରେ ରହିଲେ, ଏଥିପାଇଁ ପୁଷ୍ପମାଳାରେ ଆପଣଙ୍କର ହସ୍ତପଦାଦି ବନ୍ଧନ କରିବି ।" ଗଙ୍ଗେଶ୍ୱର ହସି ହସି ସମ୍ମତ ହେଉଅଛନ୍ତି, ରାଣୀ ହସି ହସି ତାହାଙ୍କୁ ବାନ୍ଧୁଅଛନ୍ତି ଏବଂ ଝୁଲାଉ ଅଛନ୍ତି । ହଠାତ୍ ରାଜା 'ମଲି ମଲି' ବୋଲି ଆର୍ତ୍ତନାଦ କରି ଉଠିଲେ । ରାଜାଙ୍କର ଏହି ଆର୍ତ୍ତନାଦରେ ବ୍ୟସ୍ତ ହୋଇ ସମସ୍ତେ ସେହି ଆଡ଼କୁ ଦଉଡ଼ିଲେ । ତୁମୁଳ ଗଣ୍ଡଗୋଳ ଉପସ୍ଥିତ ହେଲା, ବାହାରୁ ରାଜଅନୁଚର-ମାନେ ଭିତରକୁ ଦଉଡ଼ି ଗଲେ । ଗୃହ ଆଡ଼େ ହାହାକାର ପଡ଼ିଲା । ରାଜାଙ୍କ ନିକଟକୁ ଆଲୋକ ନେଇ ସମସ୍ତେ ଦେଖିଲେ, ବର୍ଣ୍ଣୋଦକ ସହିତ ଶୋଣିତର ପ୍ରବାହରେ ରାଜାଙ୍କ ଶରୀର ଭାସୁଅଛି, ପରମାସୁନ୍ଦରୀ ଆଲୁଲାୟିତକୁନ୍ତଳା ପାର୍ବତୀ ଦେବୀ ଆରକ୍ତ ନୟନରେ ରକ୍ତସ୍ରାବୀ କଟାର ହସ୍ତରେ ଧାରଣ କରି ଶବ ଆଡ଼କୁ ଅନାଇ ରହିଅଛନ୍ତି ସହଚରୀମାନେ 'କ'ଣ କଲେ' ବୋଲି ଆର୍ତ୍ତନାଦ କରି ମୁଣ୍ଡ କୋଡ଼ି ଧୂଳିରେ ଗଡ଼ିବାକୁ ଲାଗିଲେ । ବର୍ଣ୍ଣୋଦକ, ରାଜଶୋଣିତ ଓ ଅଶ୍ରୁପ୍ରବାହରେ ଧୂଳି ଆର୍ଦ୍ର ହୋଇଗଲା । ବାହାରରୁ ଲୋକମାନେ ଭିତରକୁ ଦଉଡ଼ିଗଲେ । ମନ୍ତ୍ରୀ, ରାଜଗୁରୁ ଓ ସ୍ୱୟଂ ଯୁବରାଜ ଉପସ୍ଥିତ ହେଲେ । ଦେଖି ସମସ୍ତେ ତଟସ୍ଥ ଓ ଅବାକ୍ । ରାଣୀ ସଂହାରରୂପିଣୀ ମହେଶ୍ୱରୀ ତୁଲ୍ୟ ଦଣ୍ଡାୟ-ମାନା । ତାହାଙ୍କର ନୀଳନଳିନାଭ ନୟନ ରକ୍ତ କୋକନଦ ତୁଲ୍ୟ ହୋଇଅଛି । ହସ୍ତରେ ଶୋଣିତବାହୀ ମୁଷ୍ଟିବଦ୍ଧ କଟାର, ଭୟରେ କାହାର ବାକ୍‌ସ୍ଫୂର୍ତ୍ତି ହେଉ ନାହିଁ । ରାଣୀ ଯୁବରାଜଙ୍କୁ ଲକ୍ଷ୍ୟ କରି କହିଲେ, ଦେଖ, କୁମାର, ଏତେ ଦୁରନ୍ତ ପ୍ରତାପି ବର୍ତ୍ତମାନ ମାଂସପିଣ୍ଡ ମାତ୍ର । ଯେଉଁ ଅଗ୍ନି ସଂସାର ଜଳାଉଥିଲା, ଯାହାଙ୍କ ଭୃକୁଟୀକୁ ଏହି ସଂସାର ଅଣ୍ଟୁ ନ ଥିଲା, ଯାହାଙ୍କ ଉତ୍ପୀଡ଼ନରେ ସଂସାର କାନ୍ଦୁଥିଲା, ସତୀର ସତୀତ୍ୱକୁ, ନିର୍ଦ୍ଦୋଷ ବ୍ୟକ୍ତିର ଜୀବନକୁ ଯେ ଅହଙ୍କାରମଦରେ କ୍ରୀଡ଼ନକ ବୋଲି ଭାବୁଥିଲେ, ବର୍ତ୍ତମାନ ସେ ମାଂସପିଣ୍ଡ । ମୁଁ ସ୍ୱାମିହତ୍ୟା କଲି, ଏଥିପାଇଁ ଯେଉଁ ନରକକୁ ଯିବାକୁ ହେବ, ସେହି ନରକର କ୍ଲେଶ ମୁଁ ଆହ୍ଲାଦପୂର୍ବକ ନେବାକୁ ପ୍ରସ୍ତୁତ । ମୁଁ ଏତେ ସ୍ୱାର୍ଥପର ନୁହେଁ ଯେ ମୋହର ସ୍ୱାର୍ଥପ୍ରାପ୍ତି ନିମିତ୍ତ ଏଭଳି ନରରାକ୍ଷସକୁ ସ୍ୱାମୀଭକ୍ତି ଦେବି । ଏହି ପାଷଣ୍ଡର ଯେବେ ଶତ ଜୀବନ ଥାନ୍ତା, ମୁଁ ଅବଳା ହୋଇ ମଧ୍ୟ ହୋଟିଏ ବିଦ୍ୟୁତ୍ ଯେପରି ପର୍ବତର ଶତଶୃଙ୍ଗ ଚୂର୍ଣ୍ଣ କରେ, ସେହିପରି କରନ୍ତି । ଏ ରାକ୍ଷସ ନିଜର ରୋପିତ ବୃକ୍ଷଚ୍ଛେଦନର ପ୍ରତିଜ୍ଞା କରିଥିଲା । ଶୁଣି ହସିବ ଦୁଃଖ ନାହିଁ, ଏହି ରାକ୍ଷସ କୌଶଲ୍ୟାକୁ ଭସ୍ମ କରି ସେହି ଅନାଥା ବାଳିକାକୁ ସସନ୍ତାନ ନିହତ କରାଇଲା ।

କୁମାର, ତୁମ୍ଭର ସେହି ପ୍ରାଣଭଗିନୀ ଓ ମୋହର ସେହି ପ୍ରାଣର ଦୁହିତା କୌଶଲ୍ୟା ଆଉ ଜୀବନରେ ନାହିଁ । ଏ ପାମର ନୃପର ରୋପିତ ବୃକ୍ଷ ବୋଲି ମୋହ କନ୍ୟାର ସତୀତ୍ୱ ନଷ୍ଟ କଲା । ଜଗନ୍ନାଥ ସ୍ୱକର୍ମାର୍ଜିତ ଫଳ ଭୋଗାଇବାପାଇଁ ଏବଂ ତୁମ୍ଭର ହରଣ ନିମିତ୍ତ ତାହାର ମୃତ୍ୟୁ ରୂପିଣୀ କରି ଏହି ଅବଳାକୁ ପଠାଇଥିଲେ । ପାପିଷ୍ଠ ଏହି ମୁହୂର୍ତ୍ତରେ ଆଉ ଗୋଟିଏ ଦାରୁଣ ପାପର ସଙ୍କଳ୍ପ କରୁଥିଲା । ହଂସପୁରକୁ ଯାଇ ଦେଖ, ହେମପୁର-ରାଜକନ୍ୟା ବର୍ତ୍ତମାନ କି ଅବସ୍ଥା ଭୋଗ କରୁଅଛନ୍ତି । ସେ ଦୁଃଖିନୀ ମୋହର ବଧୂ, ସେ ତୁମ୍ଭଙ୍କୁ ଆତ୍ମସମର୍ପଣ କରିଥିଲେ । ଏ ମରି ନ ଥିଲେ କୌଶଲ୍ୟାର ଯେଉଁ ଦଶା ହୋଇଥିଲା, ହେମପୁରଜେମା ଅନ୍ନପୂର୍ଣ୍ଣାଙ୍କର ମଧ ସେହି ଦଶା ହୋଇଥାନ୍ତା । ମୁଁ ଏହାଙ୍କୁ ବଧ କରି ନାହିଁ, ମୁଁ ଉପଲକ୍ଷ ମାତ୍ର, ସ୍ୱୟଂ ସୁଦର୍ଶନ ଏହା କରିଅଛନ୍ତି ।" ରାଣୀ ଏହା କହୁଁ କହୁଁ ସେହି କକ୍ଷରୁ ବିଦ୍ୟୁତ୍ ଆକାର ଧାରଣ କରି ଚତୁଃକୋଣ ରଶ୍ମି ଊର୍ଦ୍ଧ୍ୱକୁ ଉଠିଲା ଏବଂ ବିଦ୍ୟୁତ୍ ବେଗରେ ବଡ଼ଦେଉଳ ଆଡ଼କୁ ଗୁଳିମାଇ ଅନ୍ତର୍ହିତ ହେଲା । ଏହା ଦେଖି ରାଣୀଙ୍କ ସହିତ ସମସ୍ତେ ଚମକି ପଡ଼ିଲେ । କ୍ଷଣମଧ୍ୟରେ ହଂସପୁରରୁ ଆର୍ତ୍ତନାଦ ଶୁଣାଗଲା । ସମସ୍ତେ ସେହିଆଡ଼କୁ ଦଉଡ଼ିଲେ । ଯୁବରାଜ ପ୍ରଭୃତି ଅନ୍ତଃପୁରକୁ ଯାଇ ସେହି ଭୀଷଣ ଦୃଶ୍ୟ ଦେଖିଲେ । ହେମପୁର-ରାଜକନ୍ୟା କଲବଲ ହେଉଛନ୍ତି । ଯୁବରାଜଙ୍କୁ ଦେଖିବାମାତ୍ରେ ସେ କହିଲେ, "କୁମାର - ମୋ ଜୀବନର ସନ୍ଧ୍ୟାତାରା ! ସନ୍ଧ୍ୟାତାରାକୁ ଦେଖୁ ଦେଖୁ ସନ୍ଧ୍ୟା ଯେପରି ପଶ୍ଚିମାର୍ଣ୍ଣବରେ ବୁଡ଼ିଯାଏ, ମୁଁ ତୁମ୍ଭଙ୍କୁ ସେହିପରି ଦେଖୁ ଦେଖୁ ଅନନ୍ତ ଜୀବନ-ସମୁଦ୍ରରେ ବୁଡ଼ି ଯାଉଅଛି । ସଙ୍କଟରେ ଅବଳାର ଏକମାତ୍ର ସମ୍ବଳ ବିଷ ଆଣିଥିଲି—ସେହି ବିଷ ଖାଇଅଛି—ପ୍ରାଣ ଯିବାପରି—ଅନ୍ତିମ କାଳରେ ମୋ ମସ୍ତକରେ ତୁମ୍ଭର ପଦ ଦିଅ—ଆଉ କ'ଣ, ରୁହିଲି, ମନେ ରଖିଥିବ ।" ଏହା କହୁଁ କହୁଁ ଦୁଃଖିନୀର ପ୍ରାଣବାୟୁ ବହିର୍ଗତ ହେଲା । ରାଜକୁମାର ମୂର୍ଚ୍ଛିତ ହେଲେ । ଅନେକ ଉପାୟରେ ସଂଜ୍ଞା ଲାଭ କରି ଉଭୟ ଶବର ଉଚିତ ସତ୍କାର କରାଇଲେ ।

ପାର୍ବତୀଙ୍କୁ ଆଉ କେହି ଦେଖିଲା ନାହିଁ । ସେ କେଉଁଆଡ଼େ ଗଲେ, କେହି ଜାଣିଲେ ନାହିଁ ଏବଂ ଅନେକ ଅନୁସନ୍ଧାନରେ ସୁଦ୍ଧା କିଛି ତଥ୍ୟ ମିଳିଲା ନାହିଁ । ପୁଣ୍ୟଶ୍ଳୋକ ଅନଙ୍ଗଭୀମଦେବଙ୍କ ସମୟରେ ରାଜନଗର ଯେତେବେଳେ ପୁନର୍ଗଠିତ ହେଲା, ସେତେବେଳେ ରାଜୋଦ୍ୟାନସ୍ଥ ଗୋଟିଏ ଜୀର୍ଣ୍ଣକୂପରୁ ରତ୍ନାଭରଣ ବିଶିଷ୍ଟ ଗୋଟିଏ କଙ୍କାଳ ମିଳିଥିଲା । ତାହା ରାଣୀଙ୍କ କଙ୍କାଳ ବୋଲି ଅନେକେ ଅନୁମାନ କରିଥିଲେ ।



# ଉର୍ବଶୀ

( ଦ୍ୱିତୀୟ ସର୍ଗଠାରୁ ଶେଷ )

—*0*—

( ଦ୍ୱିତୀୟ ସର୍ଗ )

ସୂର୍ଯ୍ୟାସ୍ତର ଜବାରୁଣ ରାଗରେ ପ୍ରୟାଗ ନଗରୀ ସ୍ନାତ । ଅଳିନ୍ଦରେ ମଣିଶିଳାସ୍ତମ୍ଭାବଳୀ କ୍ଷୀରିସ୍ତମ୍ଭ, ମନ୍ଦିରପ୍ରାସାଦାଦି ସେହି କିରଣରେ ପାଟଳିତ ହୋଇଅଛି । ଦୂରରୁ ପୁଷ୍ପିତ ଶାଳ୍ମଳୀବନର ପ୍ରତିବିମ୍ବ ନଦୀ ଦର୍ପଣ ଓ ନୀଳାକାଶପଟରେ ଶୋଭା ପାଉଅଛି । ଅଦୂରରେ ଗଙ୍ଗାଯମୁନାର ମିଶ୍ରିତ ସ୍ରୋତ ସେହି କିରଣରେ ପାଟଳ ଧୂମଳ ହୋଇଅଛି । ପଦ୍ମରାଗ ସନ୍ନିହିତ ନୀଳମଣି ଦୁହେଁ ମିଶ୍ରିତ ହୋଇ ଗୁନ୍ଥା ହେଲେ ଯେପରି ଦିଶେ, ସେହିପରି ଶୋଭା ପାଉଅଛି ।

ଉର୍ବଶୀ ଏବଂ ଚିତ୍ରଲେଖା ସୁବର୍ଣ୍ଣ ମେଘ ବିମାନରେ ସ୍ୱର୍ଗଲୋକରୁ ପ୍ରୟାଗ ଅଭିମୁଖରେ ମର୍ତ୍ତ୍ୟଧାମକୁ ଅବତୀର୍ଣ୍ଣ ହେଉଅଛନ୍ତି । ଆସୁଆସୁ ଚିତ୍ରଲେଖା ପଚାରିଲେ, "ସଖି, କେଉଁଆଡ଼େ ଯାଉଅଛ ? ଉର୍ବଶୀ କହିଲେ, "ସେ ଦିନ ଆସିବାବେଳେ ଗୁଳ୍ମଜଟିଳ କଣ୍ଟକବଣରୁ ଅଞ୍ଚଳ-ମୋଚନ ସମୟରେ ପରିହାସ କରି ବର୍ତ୍ତମାନ ଏ ପ୍ରଶ୍ନ କାହିଁକି ପଚାରୁଛ ? ଦେଖ, ମର୍ତ୍ତ୍ୟଲୋକର ଶିଖାଭରଣ ପ୍ରୟାଗନଗରୀ ଦିଶୁଅଛି । ହୃଦୟକୁ ଆଗରୁ ପଠାଇ ବର୍ତ୍ତମାନ ନିଜେ ଯାଉଅଛି । ତୁମ୍ଭେ ମୋହର ପ୍ରାଣସଖୀ । ଏ ସମୟରେ ସହାୟ ହୁଅ ।" ଏହା କହୁକହୁ ସେମାନେ ତ୍ରିବେଣୀତଟସ୍ଥିତ ଉଦ୍ୟାନରେ ଅବତରଣ କରି ଦେଖିଲେ, ଅଶୋକୋଦ୍ୟାନରେ ଗୋଟିଏ ମଣିଶିଳାପଟରେ ପୁରୁରବା ବସି ଚିନ୍ତାରେ ନିବିଷ୍ଟମନାଃ । ପ୍ରଭାବ-ପିହିତ ହୋଇ ଦୁହେଁ ମୌନରେ ପୁରୁରବାଙ୍କ ଭାବଭଙ୍ଗୀ ନିରୀକ୍ଷଣ କରୁଥିଲେ । ପୁରୁରବା କହୁଅଛନ୍ତି, "ହାୟ ! ମୁଁ ତାହାଙ୍କୁ କାହିଁକି ଦେଖିଲି ? ଦେଖିଲା ମାତ୍ରକେ ମଦନ ନିଜ ବାଣରେ ପଥ ପ୍ରସ୍ତୁତ କରି ତାହାର ସୁନ୍ଦର ମୂର୍ତ୍ତି ମୋ ହୃଦୟରେ ପ୍ରବେଶ କରାଇଦେଲା । ଅସୁଲଭ ଲିପ୍ସା ଓ ଦୁର୍ନିବାର ମନ କାହିଁରେ ସୁଦ୍ଧା ସ୍ଥିର ରହୁନାହିଁ । ଯାହା ଦେଖୁଅଛି, ସେ କେବଳ ଉର୍ବଶୀକୁ ସ୍ମରଣ କରାଇ ଦେଉଅଛି । ସେ ବୋଧହୁଏ ମୋହର ମନର ଦୁଃଖ ବୁଝିନାହିଁ, ଅଥବା ସେ ଯେତେବେଳେ ଅମରୀ, ପ୍ରଭାବ-ଦ୍ୱାରା ମୋହର ଅନୁରାଗ ଜାଣି ହସୁଥିବା ମଦନ ମତେ ମରୀଚିକାରେ ଫିଙ୍ଗି ପ୍ରେମତୃଷ୍ଣାରେ ମତେ ସଂହାର କରି ସୁଖୀ ହେବାକୁ ଇଚ୍ଛା କରିଅଛି । ହେଉ, ଏହି ବେଦନାରୁ ପଳାୟନର ସମ୍ଭାବନା ନାହିଁ । ହୃଦୟ ମଦନ-ଶଲ୍ୟରେ ଫୁଟିଅଛି । ଯେଉଁଆଡ଼କୁ ଯାଏ, ବାଣବିଦ୍ଧ ହରିଣପ୍ରାୟ କେବଳ ଶୋଣିତ-ସ୍ରାବ ହେବ । ନିଦ୍ରା ହେଲେ ସ୍ୱପ୍ନରେ ଅବା ତାହାକୁ ପାଆନ୍ତି ; କିନ୍ତୁ ଏଭଳି ହୃଦୟରେ ନିଦ୍ରା ତାଦୃଶ ସୁଲଭ ନୁହେ ।"

---

'ଉର୍ବଶୀ' କାବ୍ୟର ଏକ ସର୍ଗ ପୂର୍ବେ ପ୍ରକାଶିତ ହୋଇଥିଲା । କାବ୍ୟର ଅବଶିଷ୍ଟାଂଶ କେବଳ ଗଦ୍ୟାକାରରେ ଲିଖିତ ହୋଇଥିଲା । ତାହା ଅବିକଳ ଏଠାରେ ପ୍ରକାଶିତ ହେଲା ।

ଶ୍ରୀ ଶଶିଭୂଷଣ ରାୟ

ରାଜାଙ୍କର ଏହି ଭାବ ଦେଖି ସେ ହୃଦେଁ ଆଶ୍ୱସ୍ତ ହେଲେ । ପ୍ରଭାବାବରଣ ଦୂର କରି ଚିତ୍ରଲେଖା ଆଗେ ପୁରୂରବାଙ୍କର ପୁରୋବର୍ତ୍ତିନୀ ହୋଇ କହିଲେ, "ଜୟ ମହାରାଜ !" ପୁରୂରବା ଚିତ୍ରଲେଖାଙ୍କୁ ଦେଖି, ସ୍ୱାଗତ ସମ୍ଭାଷଣପୂର୍ବକ କହିଲେ ଦେବି,"ସଙ୍ଗମରେ ଏହି ଯା ଗଙ୍ଗା ଯମୁନାକୁ ଦେଖୁଅଛି, ସ୍ୱତନ୍ତ୍ର ଯମୁନା କି ତାଦୃଶ ତୃପ୍ତି କରି ହୋଇପାରେ ?" ଚିତ୍ରଲେଖାସସ୍ମିତରେ କହିଲା,"ଧୈର୍ଯ୍ୟ ଧର, ଅରେ କାଦମ୍ବିନୀ, ପଶ୍ଚାତ୍ ବିଦ୍ୟୁଲ୍ଲତା ଆସେ ସିନା ! ଉର୍ବଶୀ କ'ଣ ତୁମ୍ଭଙ୍କୁ ଛାଡ଼ି ରହି ପାରେ ? ପାରିଜାତର ଶଯ୍ୟା ବର୍ତ୍ତମାନ ତାହା ପକ୍ଷରେ କଣ୍ଟକମୟ, ନନ୍ଦନବନ ବାତଅଗ୍ନିବତ୍ ଉତ୍ତପ୍ତ । ଉର୍ବଶୀକି ତୁମେ ଯେ ଦୈତ୍ୟଠାରୁ ନେଇଅଛ, ତାହା ନୁହେଁ ; ତାହାର ଶରୀରରୁ ହୃଦୟକୁ କାଢ଼ି ନେଇଅଛ ।" ତତ୍ପରେ ଚିତ୍ରଲେଖା ଉର୍ବଶୀକୁ କହିଲେ, "ଆଲୋ ସଖି,ଆ, ମୁଁ ବର୍ତ୍ତମାନ ତୋହର ଦୂତୀ ନୁହେଁ, ତୋହର କାନ୍ତର ଦୂତୀ ।" ଉର୍ବଶୀ ପୁରୂରବାଙ୍କ ସମ୍ମୁଖୀନ ହେବାମାତ୍ରେ ଦୂରରୁ ଚିତ୍ରଲେଖାକୁ ସମ୍ବୋଧନ କରି ଦେବଦୂତକହିଲେ, "ଚିତ୍ରଲେଖେ,ଉର୍ବଶୀକୁ ଶୀଘ୍ର ଆସିବାକୁ କହ, ଆଜ ଦେବନାଟ୍ୟଶାଳାରେସରସ୍ୱତୀରଚିତ ଲକ୍ଷ୍ମୀସ୍ୱୟମ୍ବର ନାଟକର ଅଭିନୟ ହେବାର ଆଦେଶ ହୋଇଅଛି । ଉର୍ବଶୀକୁ ଲକ୍ଷ୍ମୀବେଶ ଗ୍ରହଣ କରିବାକୁ ହେବ । ତୁମ୍ଭେମାନେ ଏହି ମୁହୂର୍ତ୍ତରେ ଅମରାବତୀକୁ ଯିବ ।"ଏହି କଥା ଶୁଣି ସମସ୍ତେ ବିଷାଦିତ ହେଲେ । ସଖୀ ସହିତ ଉର୍ବଶୀ ଆକାଶକୁ ଉଠିଲେ । ରାଜା ଚିତ୍ରାର୍ପିତ ପ୍ରାୟ ନୀରବ ରହିଲେ । ଭାବିଲେ, "ଏ ମୂର୍ତ୍ତି କି ପ୍ରକୃତ, ନା ମୋହର ମନୋରଥ ମୂର୍ତ୍ତି ଧାରଣ କରି ଦେଖା ଦେଇ ପଳାଇଲା ।"

—*—

( ତୃତୀୟ ସର୍ଗ )

ସ୍ୱର୍ଗରେ ଦେବନାଟ୍ୟଶାଳାରେ ଲୋକବର୍ଗଙ୍କ ସହିତ ଇନ୍ଦ୍ର ଲକ୍ଷ୍ମୀସ୍ୱୟମ୍ବରର ଅଭିନୟ ଦେଖୁଅଛନ୍ତି । ସୂତ୍ରଧାର ଭରତ ମହର୍ଷିଙ୍କ ନିଯୋଗରେ ମେନକା, ବାରୁଣୀ ଓ ଉର୍ବଶୀ ଲକ୍ଷ୍ମୀବେଶ ଧାରଣ କରିଅଛନ୍ତି । ମେନକା ରଙ୍ଗଭୂମିରେ ପଚାରିଲେ, 'ଗୋ ଇନ୍ଦିରେ ! ଏହି ସ୍ୱୟମ୍ବର ସଭାରେ ପୁରୁଷୋତ୍ତମ କେଶବ, କୈଳାସନାଥ ପିନାକୀ, ଇନ୍ଦ୍ର, ଯମ, କୁବେର ଓ ବରୁଣାଦି ଦିକ୍‌ପାଳଗଣ ଏବଂ ସମସ୍ତ ଦେବ ତୁମ୍ଭର ପାଣି ଗ୍ରହଣାର୍ଥୀ ହୋଇ ବସିଅଛନ୍ତି, ତୁମ୍ଭର ମନ କାହା ପ୍ରତି ଅନୁରକ୍ତ ?" ଲକ୍ଷ୍ମୀବେଶୀ ଉର୍ବଶୀ ନାଟକର ଶିକ୍ଷାନୁସାରେ 'ପୁରୁଷୋତ୍ତମଙ୍କ ପ୍ରତି' ନ କହି ପ୍ରେମର ଆବେଗରେ ଅତର୍କିତରେ ନିଜର ମନକଥାରେ ଉତ୍ତର ଦେଲେ, 'ପୁରୂରବାଙ୍କ ପ୍ରତି ।' ଉତ୍ତର ଶୁଣି ସମସ୍ତ ଦେବସଭା ହସି ଉଠିଲେ । ଭରତ ମହର୍ଷି ରସଭଙ୍ଗ ଦେଖି ଉର୍ବଶୀଙ୍କୁ ଶାପ ଦେଲେ, "ତୋହ ମନ ଅଧୋଲୋକରେ, ତୁ ଅଧୋଲୋକକୁ ଯା ।" ଦେବେନ୍ଦ୍ର କିନ୍ତୁ ପ୍ରସନ୍ନ ହୋଇ ଉର୍ବଶୀଙ୍କୁ ଆଶ୍ୱସ୍ତ କରି କହିଲେ, "ସୁନ୍ଦରି, ପୁରୂରବା ଦେବୋପମ ବୀର, ଆମ୍ଭମାନଙ୍କୁ ସଙ୍ଗଦ୍ୱାରା ସର୍ବଦା ତୃପ୍ତ କରୁଅଛନ୍ତି । ତୁମ୍ଭେ ସୁପାତ୍ରରେ ହୃଦୟ ଢାଳି ଦେଇଅଛ । ବର୍ତ୍ତମାନ ମର୍ତ୍ତ୍ୟଧାମକୁ ଯାଇ ତାହାଙ୍କ ପୁତ୍ରମୁଖ ଦର୍ଶନ ପର୍ଯ୍ୟନ୍ତ ତଦୀୟ ସେବାରେ ନିଯୁକ୍ତ ଥାଅ । ଇନ୍ଦ୍ରଙ୍କ ବାକ୍ୟ ଶୁଣୁ ଶୁଣୁ ଉର୍ବଶୀ ନୀଳାମ୍ବୁମାନ ସମୁଦ୍ରରେ ସୁବର୍ଣ୍ଣପିତୁଳା ପରି ଆକାଶରେ ଲୁଚିଗଲେ ।

ଏଣେ ଉର୍ବଶୀକି ହରାଇ ପୁରୂରବା ଅତ୍ୟନ୍ତ ଆକୁଳ । ବିଷମଶିଳା ସଙ୍କଟରେ ବାଧା ପାଇଲେ ନଦୀବେଗ ଯେପରି ଶତଗୁଣ ବର୍ଦ୍ଧିତ ହୁଏ ପ୍ରିୟସମାଗମରେ ବିଘ୍ନ ଘଟିବ

ଦେହରୁହ ପୁରୁରବାଙ୍କ ଅନୁରାଗ ସେହିପରି ଶତଗୁଣ ବର୍ଦ୍ଧିତ ହେଲା । କ୍ରମେ ସନ୍ଧ୍ୟା ହେଲା । ଉଦ୍ୟାନ ପାଦପରେ ପକ୍ଷିଗଣ ସକଳରବରେ ଆଶ୍ରୟ ନେଲେ । ଅଶୋକ-ବନିକାରେ ସୁବର୍ଣ୍ଣଯଷ୍ଟି ଉପରେ ନିଶାନିଦ୍ରାଳସ ମୟୂର ଉତ୍କୀର୍ଣ୍ଣବତ୍ ନିଶ୍ଚଳ ପ୍ରତୀୟମାନ ହେଲା । କ୍ରମଶଃ ଅନ୍ଧକାର ସହିତ ପୁରୁରବାଙ୍କ ଦୁଃଖ ବଢ଼ିଲା । ଧୀରେ ଧୀରେ ପୂର୍ବଦିଗରୁ ତିମିର ଛୁଟିଗଲା । ଶ୍ଳଥକୁନ୍ତଳା ଉର୍ବଶୀର ମୁଖ ଅଳକା ସଂଯୋଗରେ ଯେଉଁ ଶୋଭା ଧାରଣ କରିଥିଲା, ପୂର୍ବ-ଦିଗ ଦେଖି ପୁରୁରବାଙ୍କର ସେହି ଶୋଭା ମନେ ପଡ଼ିଲା । ଉଦୟଗିରିର ପୃଷ୍ଠରୁ ଊର୍ଦ୍ଧ୍ୱଗତ ଚନ୍ଦ୍ରରଶ୍ମି ସମୁଦ୍ରରେ ଗଙ୍ଗାପ୍ରବାହ ପରି ଆକାଶରେ ଶୋଭା ପାଇଲା । ଚନ୍ଦ୍ରିକା କ୍ରମଶଃ ଓହ୍ଲାଇ ଆସି ତ୍ରିବେଣୀସୈକତରେ ନଗରର ମଣିହର୍ମ୍ୟମାଳାରେ ଖେଳିଲା । ଚନ୍ଦ୍ର ଚକ୍ର-ବାଳ ଭେଦି ଉଠିଲେ । ତଦୀୟ ଆଦ୍ୟ କିରଣରେ ପ୍ରସ୍ଥାଗର ଚନ୍ଦ୍ରଶାଳା ଓ ମନ୍ଦିର-ଚୂଡ଼ା ପରିଚୁମ୍ବିତ ହେଲା । ମଦନ ବୋଧହୁଏ ଅନ୍ଧାରରେ ଲକ୍ଷ୍ୟ ସ୍ଥିର କରି ନ ପାରି ନିଶ୍ଚିନ୍ତ ହୋଇ ବସିଥିଲା । ବର୍ତ୍ତମାନ କାମି-ଲକ୍ଷ୍ୟ ଖୋଜି ଖୋଜି ବାଣ ବିନ୍ଧିବାକୁ ଲାଗି ହେଲା । ବିଶେଷତଃ ପୁରୁରବାଙ୍କ ପ୍ରତି ମଦନର ଆକ୍ରମଣ ତୀବ୍ରତର ହେଲା । ତ୍ରିବେଣୀ ଶୀକର ଶୀତଳ ମଳୟାନିଳ ତାହାଙ୍କୁ ଦଗ୍ଧ କରି ପକାଉଥିଲା । ଅମୃତରଶ୍ମିଙ୍କର ଅମୃତରଶ୍ମି ତାହାଙ୍କ ପକ୍ଷରେ ବିଷବତ୍ ବୋଧ ହେଲା । ହଠାତ୍ ତାହାଙ୍କର ଦକ୍ଷିଣ ବାହୁ ସ୍ପନ୍ଦିତ ହେଲା । ସେ ଖେଦୋକ୍ତି କରି କହିଲେ, "ଆହା ! ବୃଥା କାହିଁକି ଦୁରାଶା ମତେ ପ୍ରତାରଣା କରୁଅଛୁ ! କାନ୍ତାକୁ ହୃଦୟରେ ଜନଇ ନେଇ ସେ ଘଟନାସୂତ୍ରରେ ଗୁନ୍ଥିଗଲା । ଦୈବ ମନୋରଥତରୁର ଫୁଲ ଫୁଟାଇଲା, କିନ୍ତୁ ଫଳ ଫଳାଇଲା ନାହିଁ । ଆହା ! କାନ୍ତା ଯଦି ନିଜେ ଅଦୃଶ୍ୟ, ଅଥଚ ନୂପୁର ଝଣତ୍କାରରେ ପଛଆଡ଼େ ପରହସ୍ତ ମୋହର ଚକ୍ଷୁକୁ ହସ୍ତଦ୍ୱାରା ଆବୃତ କରୁଥାନ୍ତା !" ଏହା କହୁଣୁ ମାତ୍ରେ ହଠାତ୍ ସେହିପରି ନୂପୁରଧ୍ୱନି ସହିତ ତାହାଙ୍କର ପଛଆଡ଼ୁ ଆସି କିଏ ତାହାଙ୍କ ଚକ୍ଷୁ ଆବୃତ କଲା । ଚନ୍ଦ୍ରକିରଣରେ କୁମୁଦପ୍ରାୟ ତାହାଙ୍କର ଦେହ ଉଲସି ଉଠିଲା । ପ୍ରଣୟବୀଜର ଅଙ୍କୁର ପ୍ରାୟ ତାହାଙ୍କର ସମସ୍ତ ଗାତ୍ର ପୁଲକିତ ହୋଇ ଉଠିଲା । ହାତ କାଢ଼ି ନେଇ ସେ ତତ୍‌କ୍ଷଣାତ୍ 'ଜୟ ମହାରାଜ' କହି ଆଗରେ ଠିଆ ହେଲା । ରାଜା ବିସ୍ମୟହର୍ଷରେ ଦେଖିଲେ ଯେ, ସେ ଅଳ୍ପାଭରଣା, ନୀଳାଂଶୁକଧାରିଣୀ, ଅଭିସାରିକାବେଶିନୀ ଉର୍ବଶୀ । ମର୍ତ୍ତ୍ୟଲୋକାବସ୍ଥାନ ଅବଧି ଉର୍ବଶୀ ସମସ୍ତ କଥା ପୁରୁରବାଙ୍କୁ କହିଲା । ଦୁହେଁ ଦୁହିଁଙ୍କ ପାଇଲେ । ବର୍ତ୍ତମାନ ସେହି ଚନ୍ଦ୍ର, ସେହି ମଳୟାନିଳ ସବୁ ଭଲ ଲାଗିଲା । ଦୁଃଖାନ୍ତରେ ସୁଖ, ଆତପାନ୍ତେ ଛାୟା ପରି ସୁଖକର ହେଲା । ଦୁହିଁଙ୍କର ଚିରସଞ୍ଚିତ ପ୍ରଣୟତୃଷ୍ଣା ବିବିକ୍ତରେ ଚନ୍ଦ୍ରକିରଣରେ କଳାନ୍ତର ସହିତ ଦୁହେଁ ଦୁହିଁଙ୍କଠାରୁ ଆଦାୟ କଲେ । ବିରହରେ ଯେଉଁ ରାତି ଅସରନ୍ତି ଜଣା ଯାଉଥିଲା, ଏତେବେଳେ ଉଭୟେ ଇଚ୍ଛା କଲେ ସତ୍ୟରେ ରାତିଟି ଯେପରି ଅସରନ୍ତି ହେଉ ।

—*—

( ଚତୁର୍ଥ ସର୍ଗ )

ପୁରୁରବା-ଉର୍ବଶୀଙ୍କର ପ୍ରଣୟ ବର୍ଣ୍ଣନାତ୍ମକ । ସ୍ୱର୍ଗ ଓ ମର୍ତ୍ତ୍ୟରେ ଯେଉଁ ପ୍ରଭେଦ, ଖଦ୍ୟୋତ ଓ ତାରାର ଯେଉଁ ପ୍ରଭେଦ, ଏ ପ୍ରଣୟ ସହିତ ଅନ୍ୟ ପ୍ରଣୟର ସେହି ପ୍ରଭେଦ । ଉର୍ବଶୀ ସ୍ୱର୍ଗୀୟା ନାୟିକା ; ସ୍ୱର୍ଗ-

ସୁଖ ସେ ମଞ୍ଚରୁ ଆଣି ପାରବ, ଏଥିରେ ବୈଚିତ୍ର୍ୟ କ'ଣ ? ଅନନ୍ତଯୌବନାର ଅନନ୍ତ ପ୍ରେମରେ ନବଯୁବା ବୁଡ଼ିଗଲେ । ଏହି ପ୍ରେମ ସବୁବେଳେ ନୂତନ; ଆତ୍ମବିସ୍ମୃତି ଓ ତନ୍ମୟତା ତାହାର ଉପାଦାନ । ପୁରୁରବାଙ୍କ ପାଇଁ ଉର୍ବଶୀ ଲୋକଲଜ୍ଜା ଗଣିଲି ନାହିଁ । ସ୍ୱର୍ଗସୁଖରେ ଜଳାଞ୍ଜଳି ଦେଲା, ନିଜକୁ ପାସୋରିଲା । ପୁରୁରବା ବିନା ତାହାର ସ୍ୱତନ୍ତ୍ର ସତ୍ତା ନ ଥିଲା । ତାହାର ନିଜର କୌଣସି ଇଚ୍ଛା ନ ଥିଲା, ମାତ୍ର ପୁରୁରବାଙ୍କ ଇଚ୍ଛାହିଁ ତାହାର ଇଚ୍ଛା । ଅନେକ ସମୟରେ ସେ ଆପଣାକୁ ପୁରୁରବା ବୋଲି ମଣୁଥିଲା । ପୁରୁରବା ପୁଷ୍ପ ଆଘ୍ରାଣ କଲେ ସୌରଭରେ, ସଙ୍ଗୀତ ଶ୍ରବଣ କଲେ ସ୍ୱରଲହରୀରେ, ତାଳବୃନ୍ତ ବ୍ୟଜନ କଲେ ସମୀରରେ ମିଶି ଯାଉଥିଲା । ପୁରୁରବାଙ୍କ ମନ ବୁଝି ସେ ବେଶ, ରୂପ, ବୟସକୁ ପ୍ରତିକ୍ଷଣ ବଦଳାଉଥିଲା । ଲୀଳାମୟୀର ଅଶେଷ ଲୀଳା କେତେବେଳେ ରତ୍ନାଭରଣା, କେତେବେଳେ ପୁଷ୍ପାଭରଣା, କେତେବେଳେ ଅବା ଜ୍ୟୋତିରାଭରଣା ହେଉଥିଲା । ଜଳକ୍ରୀଡ଼ା-ବେଳେ ସେ ପ୍ରସ୍ଫୁଟିତ ପଦ୍ମବନରେ ଫୁଲ୍ଲାରବିନ୍ଦବାସିନୀ, ପଦ୍ମଦଳାଳଙ୍କୃତକୁନ୍ତଳା ଲୀଳାକମଳଧାରିଣୀ ଲକ୍ଷ୍ମୀବେଶ ଧାରଣ କରୁଥିଲା । ଅରଣ୍ୟରେ ସେବକୁଳ ମେଖଳା-ଭୂଷିତା, ରକ୍ତାଶୋକ କର୍ଣ୍ଣପୂର ବନଦେବୀ-ରୂପିଣୀ ହୁଏ । ଆକାଶରେ ସେ ଜ୍ୟୋତି ଶାଳିନୀ ଉଷା ପରି ହୋଇ ପୁରୁରବାଙ୍କୁ ଅରୁଣ କରିଦିଏ । ପ୍ରଭାବବଳରେ ସେ ପୁରୁରବାଙ୍କୁ ନେଇ ନାନାସ୍ଥାନରେ ବିହାର କରୁଥାଏ । ମହାବୀର ଧନୁଷ୍ପାଣି ପୁରୁରବା ସ୍ୱୟଂ ପ୍ରାୟ ସଙ୍ଗରେ ଥିବାରୁ ଉର୍ବଶୀର ଆଉ ଦୈତ୍ୟପୀଡ଼ନର ଆଶଙ୍କା ନ ଥାଏ । ସ୍ୱେଚ୍ଛାରେ ସେ ଅବାଧରେ ପର୍ବତଶିଖର, କନ୍ଦର ଓ ନନ୍ଦୀ-ଶଯ୍ୟାରେ ଇନ୍ଦ୍ରଧନୁ ତୋରଣାସ୍ପୃତ ତଡ଼ିତ୍ ପତାକାମଣ୍ଡିତ ନୀଳନୀରଦ ବିମାନରେ ପୁରୁରବାଙ୍କ ସହିତ ବିହାର କରୁଥିଲା । କେତେବେଳେ ଅରଣ୍ୟରେ ଲତାଦୋଳାରେ, କେତେବେଳେ ସାଗରଲହରୀ-ଦୋଳାରେ, କେତେବେଳେ ଅବା ଶଙ୍ଖଗୃହପଲତାକୁଞ୍ଜରେ ଜଳତଡ଼ଦୋଳାରେ କାନ୍ତଙ୍କ ସହିତ ଝୁଲୁଥାଏ । ଉର୍ବଶୀର ପ୍ରଭାବରେ ପୁରୁରବାଙ୍କ ପାର୍ଥିବ ଶରୀର ଦିବ୍ୟ ଦେହର ସମସ୍ତ ସୁବିଧା ଲାଭ କଲା । ସେ ବିନା ବ୍ୟୋମଯାନରେ ଆକାଶମାର୍ଗରେ, ବିନା ନୌକାରେ ଜଳ ମଧ୍ୟରେ, ବିନା ରଥରେ ସ୍ଥଳପଥରେ ସ୍ୱଚ୍ଛନ୍ଦରେ ଭ୍ରମଣ କରୁଥିଲେ । ସମସ୍ତ ଋତୁର ସୁଖ ଉର୍ବଶୀ ଯୁଗପତ୍ ଆଣି ଦେଉଥିଲା, ଚନ୍ଦ୍ରଜ୍ୟୋତ୍ସ୍ନାରେ ପଦ୍ମ ଫୁଟାଉଥିଲା, ସୌରକରରେ କୁମୁଦ ଫୁଟାଉଥିଲା । ନଶ୍ୱର ପାର୍ଥିବ ବିଗ୍ରହଧାରୀ ନର ପୁରୁରବା ଅମରୀ-ପ୍ରେମରେ ଅମର ହେଲେ ନାହିଁ ସତ୍ୟ, ମାତ୍ର ଅମରବାଞ୍ଛିତ ସମସ୍ତ ଉପଭୋଗ ସେ ମର୍ତ୍ତ୍ୟମଣ୍ଡଳରେ ଆସ୍ୱାଦନ କରୁଥିଲେ ।

—*—

## ( ପଞ୍ଚମ ସର୍ଗ )

କେତେଦିନ ଉତ୍ତାରୁ ଉର୍ବଶୀର ପଦ୍ମାନନ ପାଣ୍ଡୁରବର୍ଣ୍ଣ ହେଲା, ଚୂଚୁକାଗ୍ର କୃଷ୍ଣବର୍ଣ୍ଣ ହେଲା ଏବଂ ଚକ୍ଷୁ କାଞ୍ଚିରୁ ତନ୍ଦ୍ରାଳସ ବୋଧ ହେଲା । ପୁରୁରବା ଗର୍ଭଲକ୍ଷଣ ଆଶଙ୍କା କଲେ ସତ୍ୟ, ମାତ୍ର ଗର୍ଭର ଅନ୍ୟ କୌଣସି ଲକ୍ଷଣ ନ ଦେଖି ତାହାଙ୍କର ସେ ଶଙ୍କା ଅପଗତ ହେଲା । ପାର୍ଥିବା ଏବଂ ଦିବ୍ୟାର ଗର୍ଭଲକ୍ଷଣ ମଧ୍ୟରେ କି ପ୍ରଭେଦ, ତାହା ସେ ଜାଣି ନ ଥିଲେ । ଉର୍ବଶୀ ପୁରୁରବାଙ୍କର ଅନୁମତି ନେଇ କେତେ ଦିନ ସକାଶେ ନିମିଷାରଣ୍ୟକୁ ଯାଇ ସେତେବେଳେ ନେଉଟି ଆସିଲା,

ସେତେବେଳେ ରାଜା ଦେଖିଲେ, ଉର୍ବଶୀର ସେହି ପରିବର୍ତ୍ତିତ ରୂପ ଆଉ ନାହିଁ । ଯେପରି ଥିଲା ପୁନର୍ବାର ସେହିପରି ହୋଇଅଛି । ରାଜା ଉର୍ବଶୀର ସେହି ପୂର୍ବ ଅବସ୍ଥାକୁ କେବଳ ଦୈହିକ ବିକୃତି ବୋଲି ଭାବିଲେ ।

ଗ୍ରୀଷ୍ମକାଳର ଶେଷରେ ଏକଦା ରାଜା ଉର୍ବଶୀଙ୍କି ସଙ୍ଗରେ ନେଇ ନୈମିଷାରଣ୍ୟ ନିକଟବର୍ତ୍ତୀ ହିମାଦ୍ରି-କାନ୍ତାରକୁ ମୃଗୟା ନିମିତ୍ତ ଗଲେ । ସଙ୍ଗରେ କେହି ପରିଜନ ନ ଥିଲେ । ଆବଶ୍ୟକ କ'ଣ ? ଧନୁଷ୍ପାଣି ରାଜାଙ୍କ ସମୀପରେ ଉର୍ବଶୀର କୌଣସି ଭୟ ନାହିଁ ଉର୍ବଶୀ ପ୍ରଭାବରେ ରାଜାଙ୍କର କୌଣସି ଅଭାବ ମଧ୍ୟ ନାହିଁ । ପ୍ରେମ ନିର୍ଜ୍ଜନତା ହିଁ ଅନ୍ୱେଷଣ କରେ, ଏଭଳି ସୁବିଧାର ତ କଥା ନାହିଁ ।

ବନରେ ଅବସ୍ଥାନକାଳୀନ ବର୍ଷାକାଳ ଆରମ୍ଭ ହେଲା । ଗିରିକଦମ୍ବରେ କଦମ୍ବବନ୍ଧୁ ମେଘମାଳା ଅବତରଣ କଲା । ଘନଘଟାରେ ଦିଙ୍ମଣ୍ଡଳ ଆଚ୍ଛନ୍ନ ହେଲା । ଭେକ-ଦାଦୁରରବରେ, ନିର୍ଝରପତନ ଶବ୍ଦରେ ବନ-ଭୂମି ନିନାଦିତ ହେଲା । ମାଳତୀ ପ୍ରସ୍ଫୁଟିତ ହୋଇ ବନଭୂମି ଘୋର ହୋଇଗଲା । ଦିନେ ଗିରିନଦୀପୁଳିନରେ କେତେଗୁଡ଼ିଏ ଯକ୍ଷବାଳା ମଣିକ୍ରୀଡ଼ା କରୁଥିଲେ । ରାଜା ସନ୍ତୁଷ୍ଟ-ଭାବରେ ସେମାନଙ୍କ ଆଡ଼କୁ ଟିକିଏ ଚାହିଁବାରୁ ଉର୍ବଶୀ କୁପିତ ହୋଇ ରାଜାଙ୍କ ନିକଟରୁ କ୍ରୋଧରେ ଚାଲିଗଲେ ଏବଂ ଦେଖୁଁ ଦେଖୁଁ ଗୋଟିଏ ମାଳତୀକୁଞ୍ଜରେ ରାଜାଙ୍କ ସମକ୍ଷରେ ଅଦୃଶ୍ୟ ହୋଇଗଲେ । ରାଜା ଅବାକ୍, ଅଧୀର ହୋଇ ବହୁ ଅନ୍ୱେଷଣ କଲେ । ଅନେକ ଖୋଜା ଖୋଜି ନିରାଶ ହୋଇ ରାଜା କ୍ଷିପ୍ତପ୍ରାୟ ହୋଇଗଲେ । ସେ ପର୍ବତତଟରେ ଗୋଟିଏ ନୀଳମେଘକୁ ଅନାଇଁ କହିଲେ, "ଆଃ ଦୁରାତ୍ମା ଦୈତ୍ୟ ! ତୁ ମୋହର ପ୍ରେୟସୀକୁ ହରଣକରି ନେଲୁ, ତୋହର ଏଡ଼େ ବଡ଼ ଆସ୍ପର୍ଦ୍ଧା ! ସହସା ତାହାଙ୍କର ଚୈତନ୍ୟ ହେଲା, କହିଲେ, "ମୁଁ କିପରି ଭୁଲ କଲି । ଏ ରାକ୍ଷସ ନୁହେଁ, ମେଘ ; ଏହା ଧନୁ ନୁହେଁ ଇନ୍ଦ୍ରଧନୁ, ଏହା ବାଣବୃଷ୍ଟି ନୁହେ, ଧାରାପାତ ମାତ୍ର । ଏ ମୋର ପ୍ରେୟସୀ ନୁହେଁ, ତଡ଼ିତ୍-ଲତାମାତ୍ର ହାଏ ପ୍ରେୟସି ! କେଉଁଆଡ଼େ ଗଲ ? ମୋହ ଉପରେ କୁପିତ ହୋଇ ସେ ଯେବେ ନିଜ ପ୍ରଭାବରେ ନିଜକୁ ଅବୃତ କରିଥାଏ ; ତାହାର କ୍ରୋଧ ତ ଅଧିକ କ୍ଷଣ ନ ଥାଏ । ମୋହ ପ୍ରତି ତାହାର ଯେପରି ଅନୁରାଗ, ସ୍ୱର୍ଗକୁ ଚାଲିଯିବା ମଧ୍ୟ ସମ୍ଭବପର ନୁହେ । ମୋହ ସମ୍ମୁଖରେ ତାହାକୁ କୌଣସି ଦୈତ୍ୟ ହରଣ କରି ମଧ୍ୟ ନେଇ ପାରିବ ନାହିଁ । ବଡ଼ ଅଶ୍ଚର୍ଯ୍ୟର ବିଷୟ ଯେ, କେଉଁଆଡ଼େ ଗଲା ? ହାୟ ! ମୋହରକି ଅଦୃଷ୍ଟ ! ଅଭାଗ୍ୟର ଭାଗ୍ୟକୁ ଦୁଃଖ ସଙ୍ଗରେ ଦୁଃଖ ଆସିଥାଏ । ପ୍ରେୟସୀର ଆକସ୍ମିକ ବିରହ, ତାହା ଉପରେ ପୁଣି ଏହି ଉତ୍କଣ୍ଠାଜନକ ବର୍ଷାକାଳ । ବର୍ଷା କିନ୍ତୁ ମୋହ ପକ୍ଷରେ ଶତ୍ରୁ ନୁହେଁ, ବନରେ ମଧ୍ୟ ସେ ମୋହର ସମସ୍ତ ରାଜଉପଚାର ଦେଉଅଛି । ବିଦ୍ୟୁଦଲଙ୍କୃତ ମେଘ ମୋହର ନୂତନମଣ୍ଡିତ ବିତାନ, ନିଚୁଳତରୁମଞ୍ଜରୀ ଚାମରରୂପେ ମତେ ବ୍ୟଜନ କରୁଅଛି । ଘର୍ମାନ୍ତେ ପୁଲକିତ ହୋଇ ମୟୂରଗଣ ମୋହ ନିକଟରେ ଭାଟର କାର୍ଯ୍ୟ କରୁଅଛନ୍ତି । ଧାରାସ୍ରାବୀ ଶୈଳଗଣ ମୋହ ପକ୍ଷରେ ଅଭିଷେକକାରୀ ବ୍ରାହ୍ମଣ ରୂପ ଧାରଣ କରିଅଛନ୍ତି । କିନ୍ତୁ ଏ ପରିଚ୍ଛଦ-ଶ୍ଳାଘାରେ ଫଳ କ'ଣ ? ମୋର ସିଂହାସନ-ଅର୍ଦ୍ଧେକ ତ ଅପୂର୍ଣ୍ଣ, ଏହି ଉପଚାରଦ୍ୱାରା ମୋହର ଦୁଃଖ ହିଁ ଦ୍ୱିଗୁଣିତ ହେଉଅଛି ।" ଏହା କହିକହି ରାଜା ଅରଣ୍ୟମଧ୍ୟରେ କ୍ଷିପ୍ତପ୍ରାୟ ପରିଭ୍ରମଣ କରିବାକୁ ଲାଗିଲେ । ଜଳାର୍ଦ୍ର-ରକ୍ତ-କନ୍ଦଳକୁସୁମ ତାହାଙ୍କୁ ତଦୀୟ ପ୍ରିୟାର କ୍ରୋଧାରୁଣ ବାଷ୍ପାକୁଳ ନେତ୍ରଯୁଗଳ ସ୍ମରଣ

କରାଇ ଦେଲା । ସେନ୍ଦ୍ରଗୋପ ନବଶାଦ୍ୱଲ ଦେଖି ସେ ଭାବିଲେ, ତାହା ଉର୍ବଶୀର ହରିଦ୍‌ବର୍ଣ୍ଣ କଞ୍ଚୁକ, ଚକ୍ଷୁର ଜଳବିନ୍ଦୁ ଅଧରରାଗରଞ୍ଜିତ ହୋଇ ତାହାକୁ ଠାବେ ଠାବେ କଳୁଷିତ କରିଅଛି । ପାଖକୁ ଯାଇ ଦେଖିଲାରୁ ତାହାଙ୍କର ଭ୍ରମ ଭାଙ୍ଗିଲା । ଭ୍ରମଭଞ୍ଜନ ଉତ୍ତାରୁ ତାହାଙ୍କର ଦୁଃଖ ଦ୍ୱିଗୁଣିତ ହେଲା । ତହିଁରେ ରାଜା ଭ୍ରମଣ କରୁ କରୁ ଦେଖିଲେ, ପର୍ବତତଟରେ ଇତସ୍ତତଃ ଗୁଳ୍ମମଣ୍ଡିତ ନବବାରିମସୃଣ ବୃହତ୍ କୃଷ୍ଣପାଷାଣ ସ୍ତୂପ ବିରାଜିତ । ଖଣ୍ଡିଏ ବୃହତ୍ ପାଷାଣ ଉପରେ ଗୋଟିଏ ଦୀର୍ଘ କଳାପବିଶିଷ୍ଟ ମୟୂର ଆରୂଢ଼ ହୋଇ ଆକାଶରେ ନୀଳ ମେଘରାଶି ନିରୀକ୍ଷଣକରୁଅଛି ଏବଂ ନୀଳଗ୍ରୀବା ଟେକି ଦୋହଲାଇ ଦୋହଲାଇ କେକାରବ କରୁଅଛି । ପ୍ରବଳ ପୂର୍ବବାତରେ ତାହାର ଶିଖଣ୍ଡ ଦୋହଲୁଅଛି । ମୟୂରକୁ ପଚାରିଲେ, "ହେ ଶୁକ୍ଳାପାଙ୍ଗ ନୀଳକଣ୍ଠ ! ଲୋଲାପାଙ୍ଗୀ ଉର୍ବଶୀକୁ ଦେଖିଅଛୁ କି ? ଯେବେ ଦେଖିଥାଅ, ଜଣାଇ ମୋହର ଉତ୍କଣ୍ଠା ଦୂରକର ।" ମୟୂର ଉତ୍ତର ନ ଦେଇ ପକ୍ଷ ଟେକି ଉଲ୍ଲାସରେ ନୃତ୍ୟକଲା । ରାଜା ଦୁଃଖିତ ହୋଇ କହିଲେ, "ତୁ ଖୁସି ହୋଇବୁ କାହିଁକି ? ଉର୍ବଶୀ ଲୁଚିଯିବାରୁ ତୋହର ମୃଦୁପାନ ବିଭିନ୍ନ ଘନରୁଚିର କଳାପ ନିଃସପତ୍ନ ହୋଇଅଛି । ସୁକେଶୀର କୁସୁମସନାଥ କେଳିଶ୍ଳଥ କେଶପାଶ ଥିଲେ ତୋହର କଳାପର ଏ ଗର୍ବ କେଉଁଠି ଥାନ୍ତା ? ଏ ପରର ଆପଦରେ ସୁଖୀ, ଏହା ସହିତ ବାକ୍ୟାଳାପ ଅନୁଚିତ" । ଏହା କହି କହି ସେ ନବରୂଢ଼ ଘନପୂର୍ଣ୍ଣ ଶ୍ୟାମଳ ଜମ୍ବୁକୁଞ୍ଜରେ ଆତପାନ୍ତ ଜାତୋଲ୍ଲାସା ଗୋଟିଏ ପରଭୃତାକୁ ଦେଖି ଭାବିଲେ, ପକ୍ଷୀଜାତି ମଧ୍ୟରେ ଏମାନେ ପଣ୍ଡିତ ଏହାକୁ ପଚାରେ — "ଅୟି କୋକିଳେ, ତୁମ୍ଭଙ୍କୁ ମଦନର ଦୂତୀ କହନ୍ତି, ମାନଧ୍ୱଂସରେ ତୁମ୍ଭେ କାମୁକର ଅମୋଘ ଅସ୍ତ୍ର । ତୁମ୍ଭଙ୍କୁ ପ୍ରାର୍ଥନା କରୁଅଛି, ମୋହ ପ୍ରିୟାକୁ ମୋ ନିକଟକୁ ଆଣି ଦିଅ କିମ୍ବା ମୋତେ ତାହା ସମୀପକୁ ନେଇ ଯାଅ ।" ଏପରି ସମୟରେ କୋକିଳର କାକଳି ଶୁଣି ସେ କହିଲେ, 'ମୋହର ଏତେ ଅନୁରାଗ ଥାଇଁ ଥାଇଁ ସେ ମତେ କାହିଁକି ପରିତ୍ୟାଗ କଲେ, ତୁମ୍ଭେ ଏହା ପଚାରୁଅଛ ? ମୁଁ ତ କୌଣସି ଅପରାଧ କରି ନାହିଁ, ତୁମ୍ଭେ କ'ଣ ଜାଣନା ଯେ, କୋପର କାରଣ ନ ଥିଲେ ମଧ୍ୟ କୋପନାଗଣ କୁପିତ ହୋଇଥାନ୍ତି । ପ୍ରିୟଜନଠାରେ ପ୍ରେୟସୀର ପ୍ରଭୁତା ସ୍ଖଳନ ଅପେକ୍ଷା କରେ ନାହିଁ ।" କୋକିଳ ରାଜାଙ୍କ କଥାରେ କର୍ଣ୍ଣପାତ ନ କରି ପାକୋନ୍ମୁଖ ଜମ୍ବୁଫଳ ଆସ୍ୱାଦନାରେ ପ୍ରବୃତ୍ତ ହେଲା । ତେଣା ବିସ୍ତାର କରିବାରୁ ପତ୍ରରୁ ଜଳବିନ୍ଦୁ ତଳେ ପଡ଼ିଲା । ରାଜା ତଦ୍ଦର୍ଶନରେ ଦୁଃଖିତ ହୋଇ କହିଲେ, "ହାୟ ! ମୁଁ ଏତେ ବିଳାପ କଲି, କିନ୍ତୁ ପକ୍ଷୀଟି ନିଜ କାର୍ଯ୍ୟରେ ହିଁ ବ୍ୟସ୍ତ । ସହସ୍ର ପ୍ରଣୟ ଥିଲେ ମଧ୍ୟ ପରର ମହତ୍ ଦୁଃଖ ନିଜପରି କେତେଜଣ ଭାବନ୍ତି ? ଅନ୍ୟର ଦାରୁଣ ଦୁଃଖ ମଧ୍ୟ ଲଘୁ ପ୍ରତିଭାତ ହୁଏ । ଏ ମୋହ ଦୁଃଖରେ ଲେଶମାତ୍ର କାତର ନ ହୋଇ ପରମ ସୁଖରେ ଜମ୍ବୁରସାସ୍ୱାଦନ କରୁଅଛି, ତେବେ ସୁଦ୍ଧା ଏହାର ସ୍ୱର ମୋହ ପ୍ରିୟାର ସ୍ୱର ତୁଲ୍ୟ ବୋଲି ଏହାପ୍ରତି ମୋହର ଦ୍ୱେଷ ହେଉ ନାହିଁ ।" ଏହିପରି ବିଳାପ କରି କରି ଉର୍ବଶୀର ନୂପୁରରବ ତୁଲ୍ୟ ଧ୍ୱନି ଶୁଣି ଆଶ୍ୱସ୍ତ ହେଲେ । ସେହି ଆଡ଼କୁ ଯାଇ ଦେଖିଲେ, ଗୋଟିଏ ସରୋବରରେ କେତେଗୁଡ଼ିଏ ହଂସ ବସିଅଛନ୍ତି, ' ଆକୃତିରୁ ବୋଧହେଲା, ସେମାନେ ମାନସରୋବରକୁ ଯିବା ନିମିତ୍ତ ଉତ୍ସୁକ । ରାଜା କହିଲେ, "ମୁଁ ଏମାନଙ୍କ ରବରେ ପ୍ରତାରିତ ହୋଇଥିଲି ।

ଆହା ! ଏମାନେ ସେତେବେଳଯାଏ ଉଡ଼ି ଯାଇ ନାହାନ୍ତି, ସେତେବେଳ ପର୍ଯ୍ୟନ୍ତ ଏମାନଙ୍କୁ ଉର୍ବଶୀର ସମ୍ବାଦ ପଚାରେଁ । ଏହା ଭାବି କହିଲେ, "ହେ ହଂସଗଣ, ମାନସସରୋବରକୁ ତୁମ୍ଭେମାନେ ପଛେ ଯିବ, ମୃଣାଳ ପାଥେୟ ମୁଖରୁ ବାହାର କରି କହ, ତୁମ୍ଭେମାନେ ମୋହର ପ୍ରିୟାକୁ ଦେଖିଅଛ କି ? ସାଧୁମାନେ ସ୍ୱାର୍ଥ ଅପେକ୍ଷା ପରୋପକାରକୁ ଅଧିକ ମନେ-କରନ୍ତି । ଉତ୍ତର ଦେଉ ନାହିଁ ? ତୁମ୍ଭେମାନେ ସାଧୁ ନୁହେଁ, ଚୌରମଣ୍ଡଳୀ, ମୋର ପ୍ରିୟାକୁ ତୁମ୍ଭେମାନେ ଦେଖିନାହିଁ, ଏହା କିପରି ବିଶ୍ୱାସ କରିବି ? ଏହି ତ ତାହାଙ୍କର ଗତି ଚୋରି କରିଅଛ, ଗୋଟିଏ ମାଲ୍ ମିଳିଲେ ସମସ୍ତ ମାଲ୍‌ର ଅଭିଯୋଗ ହୁଏ, ଉର୍ବଶୀକି ତୁମ୍ଭେମାନେ ହିଁ ଚୋରି କରିଅଛ । ଏହା କହୁଁ କହୁଁ ହଂସ ଉଡ଼ି ପଳାଇଲେ । ରାଜା ଭାବିଲେ, ଅଦୂରରେ ପ୍ରିୟା ସହିତ ଚକ୍ରବାକକୁ ପଚାରେଁ, ଏହା କହି ତନ୍ନିକଟକୁ ଯାଇ ପଚାରିଲେ, "ରଥାଙ୍ଗ ! ଶତମନୋରଥାକୁଳ ସ୍ଫୁରିବାର ମନୋରଥ ରୂପା ରଥାଙ୍ଗାଙ୍ଗନାକୁ ଦେଖି ଅଛ କି ? କହ ମୋହର ଦୁଃଖରେ ଦୁଃଖୀ ହୁଅ । ଶୁଣିଲ ନାହିଁ ? ବୁଝିଲି ବୁଝିଲି, ତୁମେ ସୁଖରେ ମାତିଅଛ । ପର ଦୁଃଖରେ ଦୁଃଖୀ ହେବାକୁ ତୁମ୍ଭର ଅବକାଶ ନାହିଁ । ଧିକ୍ ତୁମ୍ଭଙ୍କୁ । ପଦ୍ମପତ୍ର ମଧ୍ୟରେ କଦାଚିତ୍ ତୁମ୍ଭର ପ୍ରିୟା ଆବୃତବିଗ୍ରହା ହେଲେ ତୁମ୍ଭେ ବ୍ୟାକୁଳ ହୋଇ କାନ୍ଦ କାହିଁକି ? ମୋର ଏତେ ବଡ଼ ଦୁଃଖ ତୁମ୍ଭ ନିକଟରେ ତୁଚ୍ଛୀକୃତ ହେଲା । ଏହାଙ୍କୁ ପଚାରି ଲାଭ କି ମାନ ହରାଇବି ? ଏହି ଯେଉଁ ଅର୍ଦ୍ଧସ୍ଫୁଟ ରକ୍ତାରବିନ୍ଦ କୋରକରେ ଭ୍ରମର ଗୁଣ୍ଠ ଗୁଣ୍ଠ ହେଉଅଛି, ଆହା ! ପଦ୍ମଟି ଠିକ୍ ପ୍ରେୟସୀର ସୀତ୍କାରଯୁକ୍ତ ଲଜ୍ଜାପାଟଳ ମୁଖ ପରି ଶୋଭୁଅଛି । ଯାଏଁ, ଥରେ ଏହି ଭ୍ରମରକୁ ପଚାରେଁ, ଅଥବା ଏହାକୁ ପଚାରିବା ଅନାବଶ୍ୟକ । ଏ ଉର୍ବଶୀକୁ କେବେହେଲେ ଦେଖି ନାହିଁ, କାରଣ ତାହା ମୁଖର ସୁବାସ ସେ ଯେବେ ଥରେ ମାତ୍ର ଅଘ୍ରାଣ କରିଥାନ୍ତା, ତାହାହେଲେ କଦାପି ପଦ୍ମରେ ଆସକ୍ତ ହୁଅନ୍ତା ନାହିଁ । ହେଇ ଦେଖ, ଗଜରାଜ ଅଦୂରରେ ନିଜ ପ୍ରିୟା ସହିତ ପଦ୍ମବନରେ କ୍ରୀଡ଼ା କରୁଅଛି, କେତେବେଳେ ଅବା ତାହାକୁ ଶୁଣ୍ଢରେ ମୃଣାଳ ଦେଉଅଛି, କେତେବେଳେ ଅବା ସ୍ଫୁଟିତ ପଦ୍ମ ଆତପତ୍ରରୂପେ ଶୁଣ୍ଢରେ ଧାରଣ କରି ତାହାର ଆତପକ୍ଲାନ୍ତି ଦୂର କରୁଅଛି । ଏହାକୁ ଯାଇଁ ପଚାରେ, "ଗଜରାଜ ! ତୁମ୍ଭେ ସ୍ତ୍ରୀରସିକ । ସ୍ତ୍ରୀସୁହାଗ ଜାଣ, ସ୍ତ୍ରୀର ବିରହ ତୁମ୍ଭେ ବୁଝିପାର । ଯୂଥନାଥ ! ତୁମ୍ଭେ ଯୂଥିକା ମଣ୍ଡିତ କୁନ୍ତଳା ଯୁବତୀଶଶିକଳା ଉର୍ବଶୀକି ଦେଖିଅଛ କି ? ହସ୍ତୀ ରାଜବାକ୍ୟ ଶୁଣି ମନ୍ଦ ଗର୍ଜନ କଲା । ଉତ୍ତର ଦେଲା ମନେକରି ରାଜା ହସ୍ତୀକୁ ଆଶୀର୍ବାଦ କଲେ, ଭାବିଲେ ଏ ଦେଖିଥିବାର କହୁଅଛି । ତାହାହେଲେ ଉର୍ବଶୀ ସମ୍ଭବତଃ ସୁରଭିକନ୍ଦର ଏହି ତୀର-ପର୍ବତରେ ଥିବ ଏ ପର୍ବତ ଅପ୍‌ସରା, ମାନଙ୍କର ପ୍ରିୟସ୍ଥଳୀ, ଏହାକୁ ହିଁ ପଚାରେ ।

"ହେ ପର୍ବତ ! ରତିକ୍ରୀଡ଼ାକାନ୍ତ ନିତମ୍ବିନୀ ଉର୍ବଶୀକୁ ତୁମ୍ଭ ନିତମ୍ବ କିମ୍ବା କନ୍ଦରରେ-ବୁଲିବାର ଦେଖିଅଛ କି ? ପ୍ରତିଶବ୍ଦରେ ପର୍ବତ ଗର୍ଜି ଉଠିବାରୁ ରାଜା ସହର୍ଷରେ ପଚାରିଲେ, ସେ କେଉଁଠି ଅଛି ? ଉତ୍ତର ହେଲା । କେଉଁଠ ଅଛି ? ରାଜାଙ୍କର ଚୈତନ୍ୟ ହେବାରୁ ଦୁଃଖ କରି କହିଲେ ହାୟ ! ମୁଁ କି ଭ୍ରମରେ ପଡ଼ିଥିଲି, ତାହା କନ୍ଦରର ପ୍ରତିଧ୍ୱନି ଥିଲା ! ଏବେ ଶାନ୍ତ ହୋଇଅଛି, ଏହି ଗିରିନଦୀ ତୀରରେ ବସି ତରଙ୍ଗ

ସମୀର ସେବନ କରେ । ଆହା ! ନୂତନ ଜଳ ଆବିଳ ହୋଇ ସୁଦ୍ଧା ମୋହର ମନୋହରଣ କରୁଅଛି । ଏହାର ତରଙ୍ଗ ଭ୍ରୂଭଙ୍ଗ ପରି, ଜଳବିହଙ୍ଗଶ୍ରେଣୀ କାଞ୍ଚି ତୁଲ୍ୟ, ଫେନ ବସନ ତୁଲ୍ୟ, ଯେପରି କୁପିତ ହୋଇ ଯାଉଅଛି । ମୋହର ସେହି ଅପସରଣା ପ୍ରିୟା କି’ଣ ନଦୀରୂପରେ ପରିଣତ ହୋଇଅଛି କି ?” ଏହା ଉତ୍ତ ହାତ ଯୋଡ଼ି କହିଲେ, “ମାନିନି, କି ଦୋଷ ଦେଖି ତୁମ୍ଭେ ଦାସ ପ୍ରତି କୁପିତ ହୋଇ ପଳାଉଅଛ ? ତୁମ୍ଭ ବ୍ୟତୀତ ଆଉ କାହାକୁ ଜାଣେ ନାହିଁ ।” ନା, ନା, ଏ କାହିଁକି ଉର୍ବଶୀ ହେବ ? ଉର୍ବଶୀ ହୋଇଥିଲେ ମତେ ଛାଡ଼ି ସାଗରର ଅନୁସାରିଣୀ ହୁଅନ୍ତା କି ? ଆଉ ବୃଥା କାହିଁକି ବିଳାପ କରୁଅଛି ? ଯେଉଁଠାରେ ସେ ମୋ ନେତ୍ରରୁ ତିରୋଭୂତ ହୋଇଥିଲା, ପୁଣି ସେଠିକି ଯାଏଁ । ଏହା କହି ଯାଉଁ ଯାଉଁ ପଥ ମଧ୍ୟରେ ଗୋଟିଏ ଦୀର୍ଘଶୃଙ୍ଗ କୃଷ୍ଣସାର ଦଣ୍ଡାୟମାନ ରହିଥିବାର ଦେଖି ଭାବିଲେ, “ଆହା ! ଏହି କୃଷ୍ଣସାରଟି ଅତିଶୟ ଭଲ । ଏହାର ରୁଚିର ବନଶୋଭା ଦେଖିବା ନିମିତ୍ତ କାନନଲକ୍ଷ୍ମୀର କଟାକ୍ଷ ପ୍ରାୟ ଜଣା ଯାଉଅଛି ।” ରାଜା ଏହା ଭାବନ୍ତେ ସ୍ତନ୍ୟପାୟୀ ଶିଶୁଦ୍ୱାରା ପ୍ରତିରୁଦ୍ଧଗତି କୃଷ୍ଣସାରବଧୂ କୃଷ୍ଣସାର ସମୀପକୁ ଆସିବାରୁ କୃଷ୍ଣସାର ଗ୍ରୀବା ବକ୍ର କରି ସେହି ଆଡ଼କୁ ଅନାଇଲା । ତଥାପି ପଚାରିଲେ, ଏହା କହି ରାଜା ପଚାରିଲେ, “ଯୂଥପତେ ! ତୁମ୍ଭେ ମୋହର ପ୍ରେୟସୀକି ଦେଖିଅଛ କି ? ତୁମ୍ଭର ପ୍ରାଣସଙ୍ଗୀ ଯେପରି ଅନାଇଅଛି, ସେ ମଧ୍ୟ ସେହିପରି ଅପାଙ୍ଗଭଙ୍ଗୀ କରୁଥିଲା । ହାୟ ! ସେ ମୋ କଥାରେ କର୍ଣ୍ଣପାତ ନ କରି ନିଜ ପ୍ରିୟା ଆଡ଼କୁ ଅନାଇ ରହିଲା । ଦଶା-ବିପର୍ଯ୍ୟୟରେ କେହି ସୁଦ୍ଧା ଆଦର କରନ୍ତି ନାହିଁ ।” ଏହା କହୁଁ କହୁଁ ରାଜା ଦେଖିଲେ ପଥଉପାନ୍ତରେ କରହତ ହରିଣୀ ମାଂସଖଣ୍ଡ ପରି ଗୋଟିଏ ପଦାର୍ଥ ଦେଖା ଯାଉଅଛି । ପାଖକୁ ଯାଇଁ ଦେଖିଲେ, ତାହା ରକ୍ତାଶୋକସ୍ତବକବର୍ଣ୍ଣ ଗୋଟିଏ ମଣି, ନେବାକୁ ମନ ବଳିଲା ; କିନ୍ତୁ ସେତେବେଳେ ଭାବିଲେ, ମନ୍ଦାରବାସିତ ଯାହାର କୁନ୍ତଳରେ ଏ ମଣି ପିନ୍ଧାନ୍ତି ସେ ତ ନାହିଁ, ଆଉ ନେବି କାହାପାଇଁ ? ଏପରି ସମୟରେ ହଠାତ୍ ସମିତ୍‌କାଷ୍ଠାହରୀ ଜଣେ ମୁନିଙ୍କ ସହିତ ରାଜାଙ୍କର ଭେଟ ହେଲା । ରାଜା ପ୍ରଣାମ କରନ୍ତେ ମୁନି ଆଶୀର୍ବାଦ କରି କହିଲେ, “ବତ୍ସ ! ଏ ମଣି ପ୍ରତି ଉପେକ୍ଷା ପ୍ରଦର୍ଶନ କର ନାହିଁ । ଏହା ଶୈଳସୁତାଙ୍କ ଚରଣାଲକ୍ତରୁ ଉତ୍ପନ୍ନ, ଏହା ନିକଟରେ ଥିଲେ ତୁମ୍ଭର ଅଶେଷ ଶ୍ରେୟ ହେବ ।” ଏହା କହି ଋଷି ଚାଲିଗଲେ । ରାଜା ମଣି ହାତରେ ନେଇ ଇତସ୍ତତଃ ଭ୍ରମଣ କରୁଁ କରୁଁ ଗୋଟିଏ ସୁନ୍ଦର ଲତା ଦେଖି ତାହାର ଅଦ୍ଭୁତ ସୌନ୍ଦର୍ଯ୍ୟରେ ମୋହିତ ହେଲେ । ଭାବିଲେ ଆହା ! ଏ ଲତାଟିର ମେଘଜଳ ପଡ଼ିବାରେ ବର୍ଷାଜଳ ପଡ଼ି ଅଶ୍ରୁସିକ୍ତାଧରା କୋପନା ଉର୍ବଶୀପ୍ରାୟ ବୋଧ ହେଉଅଛି । କ୍ରୋଧରେ ଉର୍ବଶୀ ଯେପରି ଆଭରଣ ପରିତ୍ୟାଗ କରନ୍ତି, ଏହାର ମଧ୍ୟ ଆଦୌ ଫୁଲ ନାହିଁ । ଉର୍ବଶୀ ବିନା ଆଭରଣରେ ଯେପରି ସୁନ୍ଦରୀ, ଏହାର ଫୁଲ ନ ଥାଇ ସୁଦ୍ଧା ଲତାଟି ସେପରି ସୁନ୍ଦରୀ । ଭ୍ରମରଗୁଞ୍ଜନ ଅଭାବରେ ଏ ଅନୁତାପିନୀ, ଚିନ୍ତାମୌନବ୍ରତା ଉର୍ବଶୀ ପ୍ରାୟ ବୋଧ ହେଉଛି । ଏତେ ଲତା ଅଛି; କିନ୍ତୁ କାହିଁକି ଏହାକୁ ଦେଖି ମନ ଏଡ଼େ ଆକୃଷ୍ଟ ହେଉଅଛି ? ଏହାକୁ ଉର୍ବଶୀ ପ୍ରାୟ ଭାବୁଅଛି କାହିଁକି ? ବୋଧହୁଏ ଏଇ ଉର୍ବଶୀ । ଏହା କହି ଯେମନ୍ତ ଲତାକୁ ଯାଇ ଧରିଲେ, ସେ ଲତା ତତ୍‌କ୍ଷଣରେ

ଉର୍ବଶୀରୂପରେ ପରିଣତ ହେଲା । ରାଜା ଚମକି ଉଠି କହିଲେ, "ଆଃ ଦେବି ! ତୁମ୍ଭେ ତ ?" ଉର୍ବଶୀ କହିଲେ, "ମହାରାଜ ! ଶୁଣିବା ହେଉନ୍ତୁ ମୋହର ଅପଥ୍ୟ କୋପରେ ମତେ ଓ ତୁମ୍ଭଙ୍କୁ ଏତେ କଷ୍ଟ ସହିବାକୁ ହେଲା । ମହାରାଜ ! ଏ କୁମାରବନ, କାର୍ତ୍ତିକେୟଙ୍କ ତପୋବନ, ଏ ବନକୁ ସ୍ତ୍ରୀ ଆସିଲେ ମାତ୍ରେ ଲତା ପାଲଟିଯାଏ । ମୁଁ ଏହା ଜାଣେ, ସେତେବେଳେ କ୍ରୋଧ ଓ ଅଭିମାନରେ ହିତାହିତ ଜ୍ଞାନ ନ ଥିଲା, ତେଣୁ ଆସି ଏ ଦଶାରେ ପଡ଼ିଲି । ଲତା ଅବସ୍ଥାରେ ସୁଦ୍ଧା ମୋହର ଚେତନା ଥିଲା, ଆପଣଙ୍କର ବିଳାପ ଶୁଣୁଥିଲି, ଦୁଃଖ ଦେଖୁଥିଲି କିନ୍ତୁ ଚଳଣକ୍ତି ଓ ବାକ୍‌ଶକ୍ତି ଅଭାବରୁ ମୋହର କେବଳ ଦୁଃଖାନୁଭୂତି ବ୍ୟତୀତ ଆଉ କୌଣସି କ୍ଷମତା ନ ଥିଲା । ଆପଣଙ୍କ ହସ୍ତରେ ଯେଉଁ ମଣି ଅଛି, ତାହାର ପ୍ରଭାବରୁ ମୁଁ ମୋହର ପୂର୍ବରୂପ ପାଇଲି ।" ରାଜା ଦୁଃଖିତ ହୋଇ କହିଲେ, "ସୁନ୍ଦରି ! ଶୟନକାଳରେ ନିଦ୍ରାବଶରୁ ମୁଁ ବିଶ୍ଳିଷ୍ଟ ହେଲେ ତୁମ୍ଭେ ମତେ ପ୍ରବାସଗତ ମଣିଥାଅ । ତୁମ୍ଭେ ପୁଣି ଏତେ ଦୀର୍ଘବିରହ ସହ୍ୟ କଲ ?" ଏହା କହି ଆଦରରେ ପ୍ରିୟାକୁ ଅଙ୍କକୁ ନେଇ ତାହାର ଲଲାଟରେ ସେହି ମଣି ପିନ୍ଧାଇ ଦେଲେ । ସୁନ୍ଦରୀ ଉର୍ବଶୀଙ୍କ ବଦନରେ ସେ ମଣି ଫୁଲ୍ଲରକ୍ତାରବିନ୍ଦରେ ବାଳାତପବତ୍ ଶୋଭିତ ହେଲା ।

---

### ଷଷ୍ଠ ସର୍ଗ

ଉର୍ବଶୀଙ୍କ ପାଇ ରାଜା ତାହାଙ୍କୁ ଏବଂ ଅନୁଚରବର୍ଗଙ୍କୁ ସଙ୍ଗରେ ନେଇ ନୈମିଷାରଣ୍ୟ ନିକଟବର୍ତ୍ତୀ ବ୍ୟାସତୀର୍ଥକୁ ଅବଗାହନ ନିମିତ୍ତ ଗଲେ । ବ୍ୟାସତୀର୍ଥ ନିକଟରେ ରାଜପରିବାରଙ୍କର ଉପକାର୍ଯ୍ୟା ନିର୍ମିତ ହେଲା।

ଉର୍ବଶୀ ଚେଟୀଗଣଙ୍କ ସହିତ ବ୍ୟାସତୀର୍ଥ ତୀରରେ ମଣି ଓ ଆଭରଣାଦି ରଖି ସ୍ନାନ କରୁଅଛନ୍ତି, ଇତ୍ୟବସରରେ ଗୋଟିଏ ଗୃଧ୍ର ସେହି ମଣିକୁ ମାଂସଖଣ୍ଡ ମଣି ଚଞ୍ଚୁ ମାରି ନେଇଗଲା । ଚେଟୀଗଣଙ୍କ ମଧ୍ୟରେ ମହା କଳରବ ଉଠିଲା । ରାଜରକ୍ଷିବୃନ୍ଦ ଏବଂ ସ୍ୱୟଂ ରାଜା ଦଉଡ଼ି ଆସି ଦେଖିଲେ ଯେ ଗୃଧ୍ର ତୁଣ୍ଡରେ ମଣିଟିକୁ ନେଇ ଆକାଶରେ ଅଲାତଚକ୍ରବେଗରେ ବୁଲୁଅଛି ଏବଂ ତନ୍ନିମିତ୍ତ ଆକାଶରେ ରଶ୍ମିବଳୟ ସୃଷ୍ଟି ହେଉଅଛି । ଏହିପରି ବୁଲି ବୁଲି ଗୃଧ୍ର କ୍ରମଶଃ ଦୂରକୁ ଚାଲିଗଲା । ଦୂରରୁ ଆକାଶରେ ମଣି ଦିଗଙ୍ଗନାର ଅଶୋକଅବତଂସ ପ୍ରାୟ ଶୋଭା ପାଉଥିଲା, କମ୍ପା ସଚଳ ମଙ୍ଗଳ ଗ୍ରହରେ ଗୋଟିଏ କୃଷ୍ଣମେଘ ପରି ପ୍ରତୀୟମାନ ହେଲା । ରାଜା ଏବଂ ତଦୀୟ ଅନୁଚରବୃନ୍ଦ ସେହି ଆଡ଼କୁ ଧାଉଁଥିଲେ । ଇତ୍ୟବସରେ ସେହି ଗୃଧ୍ର ଶରବିଦ୍ଧ ହୋଇ ମଣି ସହିତ ରାଜାଙ୍କ ଆଗରେ ପଡ଼ିଲା । ରାଜା ଆଦରରେ ମଣିଟିକୁ ଗ୍ରହଣ କଲେ । ଗୃଧ୍ର ଶରୀରରୁ ବାଣ ଉତ୍ପାଟିତ କରିବାରୁ ଦେଖାଗଲା ବାଣରେ ପୁରୁରବାପୁତ୍ରର ଆୟୁ ଲିଖିତ ଅଛି । ରାଜା ଆଶ୍ଚର୍ଯ୍ୟାନ୍ୱିତ ହେଲେ । ମନେ ମନେ ଭାବିଲେ, ପ୍ରିୟାର ତ ଗର୍ଭ ହୋଇ-ନାହିଁ, ମୁଖ ଓ ପୟୋଧରରେ ଥରେ ମାତ୍ର ସାମାନ୍ୟ ଗର୍ଭଲକ୍ଷଣ ଦୃଷ୍ଟ ହେଉଥିଲା; କିନ୍ତୁ ଅଳ୍ପଦିନ ଉତ୍ତାରୁ ତାହା କେଉଁଆଡ଼େ ଲୁଚିଗଲା । ମୋହର ପୁତ୍ର କେଉଁଠାରୁ ଆସିଲା । ଏହି କଥା ବିଚାରି ରାଜା ଉପକାର୍ଯ୍ୟା ଆଡ଼କୁ ଆସୁଅଛନ୍ତି, ଏପରି ସମୟରେ ଦେଖିଲେ, ଗୋଟିଏ ବୃଦ୍ଧା ତପସ୍ୱିନୀ ସଶର ଗୃହସ୍ଥର ଗୋଟିଏ କୁମାରକୁ ସଙ୍ଗରେ ନେଇ ତାହାଙ୍କ ସମ୍ମୁଖରେ ଉପସ୍ଥିତ ହେଲେ । ତାପସୀଙ୍କ ଅନୁମତିକ୍ରମେ କୁମାର

ଗୃହଗର୍ଭ ଅଞ୍ଚଳରେ ରାଜାଙ୍କୁ ପ୍ରଣାମ କଲେ । ତାପସୀ କହିଲେ, "ମହାରାଜ ! ଆପଣଙ୍କର ଏହି ଶିଶୁକୁ ଉର୍ବଶୀର ଅନୁରୋଧରେ ମୁଁ ରଖିଥିଲି । ଚ୍ୟବନ ଋଷିଙ୍କ ନିକଟରୁ ଏ ବାଳକ ଧନୁର୍ବେଦ ଶିକ୍ଷା କରୁଅଛି, ଆଜିଯାଏ ନିରୀହ ଥିଲା, ଆଜି ଆଶ୍ରମବିରୋଧୀ ଜୀବହିଂସାରେ ପ୍ରବୃତ୍ତ ହୋଇଅଛି, ଗୋଟିଏ ଗୃଧ୍ରକୁ ବାଣରେ ନିହତ କଲା । କ୍ଷତ୍ରିୟ-ସନ୍ତାନର ମୁନି ଆଶ୍ରମରେ ରହିବା ଅନୁଚିତ, ଆପଣ ଏହାକୁ ଗ୍ରହଣ କରନ୍ତୁ ।"

ରାଜା ସନ୍ତାନକୁ ଆଲିଙ୍ଗନ କରି ଚନ୍ଦ୍ରକରରେ ଚନ୍ଦ୍ରକାନ୍ତ ତୁଲ୍ୟ ଉଲ୍ଲସିତ ହେଲେ । ତାହାକୁ ନେଇ ଉର୍ବଶୀ ନିକଟରେ ଉପକାର୍ଯ୍ୟାରେ ପହଞ୍ଚିଲେ । ସହସା ସନ୍ତାନକୁ ଦେଖି ଉର୍ବଶୀଙ୍କ ମୁଖ ଉଲ୍ଲସିତ ହେଲା; କିନ୍ତୁ ସେତେବେଳେ ପୁଣି ପଦ୍ମନେତ୍ରାର ପଦ୍ମନେତ୍ରରୁ ବାଷ୍ପବିନ୍ଦୁମାଳା ତାହାର ସ୍ତନହାରର ପୁନରୁକ୍ତତା ସମ୍ପାଦନ କଲା । ରାଜା କାରଣଜିଜ୍ଞାସୁ ହେବାରୁ ଉର୍ବଶୀ କହିଲେ, "ମହାରାଜ ! ମୁଁ ଅପ୍ସରା; କିନ୍ତୁ ଆପଣଙ୍କୁ ସ୍ନେହ କରି ମର୍ତ୍ତ୍ୟକୁ ଆସିଥିଲି । ଇନ୍ଦ୍ରଙ୍କର ଆଦେଶ ଅଛି, ଆପଣ ପୁତ୍ରମୁଖ ଦର୍ଶନ କଲା ମାତ୍ରେ ମୋତେ ମର୍ତ୍ତ୍ୟ ଛାଡ଼ିବାକୁ ହେବ । ମୁଁ ଅପ୍ସରା, ଆମ୍ଭମାନଙ୍କର ଗର୍ଭଲକ୍ଷଣ ଠିକ୍ ମାନୁଷୀ ପରି ନୁହେ, ସେହି ହେତୁରୁ ଆପଣ ତାହା ଜାଣିପାରି ନାହାନ୍ତି । ମୁଁ ମଧ୍ୟ ଆପଣଙ୍କ ଅଜ୍ଞାତରେ ସନ୍ତାନ ପ୍ରସବ କରି ନିର୍ଜନରେ ନୈମିଷାରଣ୍ୟରେ ଏହି ତାପସୀଙ୍କ ହସ୍ତରେ ଲାଳନ ପାଳନର ଭାର ଦେଇ ଆସିଥିଲି । ବିଚ୍ଛେଦର ଦିନ ଦୂରବର୍ତ୍ତୀ କରାଇବା ମୋର ଏକମାତ୍ର ଅଭିପ୍ରାୟ ଥିଲା । କିନ୍ତୁ ;—

ମଣିଲି ମୋ ଭ୍ରମ ଏବେ,
ଦୈବ ସଙ୍ଗେ ନାଥ ଲୁଚକାଳି ଖେଳି
କିଏ ଜିଣିଥିଲା କେବେ ?

ଦେଖିବା ହେତୁରୁ ଯେଉଁ ମଣି ମତେ ଆଣିଥିଲା, ସେହି ମଣି ମତେ ବର୍ତ୍ତମାନ ବିଚ୍ଛିନ୍ନ କରୁଅଛି । ମର୍ତ୍ତ୍ୟରେ ଲୀଳା ହିଁ ଏହିଭଳି । ବର୍ତ୍ତମାନ ମତେ ବିଦାୟ ଦିଅନ୍ତୁ । ଆପଣଙ୍କ ପ୍ରତି ଅନୁରାଗିଣୀ ହୋଇ ଏହି ଦୁଃଖମୟ ସଂସାରକୁ ମୁଁ ଅଲ୍ପଦିନ ପାଇଁ ଆସିଥିଲି । ଦେବୀ ହୋଇ ସୁଦ୍ଧା ଜରାମରଣଶୀଳ ଏହି ସଂସାରରେ କୌଣସି ସଂସାରୀର ଭାଗ୍ୟ ପରିବର୍ତ୍ତନ କରିବା ମୋହର ସାଧ୍ୟାୟତ୍ତ ନୁହେ । ଆପଣଙ୍କୁ ମୁଁ ଚିରଦିନ ସ୍ମରଣ କରୁଥିବି । ଆପଣ ମୋହର ମାୟା ପରିତ୍ୟାଗ କରନ୍ତୁ ।" ଏହା କହି ଉର୍ବଶୀ ପୁତ୍ରର ମୁଖ ଚୁମ୍ବନ ଏବଂ ତାହାକୁ ଆଶୀର୍ବାଦ କଲେ ଏବଂ ରାଜାଙ୍କ ଚରଣରେ ପ୍ରଣାମ କରି ସାଶ୍ରୁନୟନରେ ଆକାଶକୁ ଉଠିଲେ । ସମସ୍ତେ ବାଷ୍ପାକୁଳ ନେତ୍ରରେ ତାଙ୍କର ଊର୍ଦ୍ଧ୍ୱଗତି ଅବଲୋକନ କଲେ । ଆଗେ ବର୍ଷାରେ ତରୁ ପୁଲକିତ ହୋଇ ଶେଷରେ ବଜ୍ରପାତରେ ଯେପରି ଜଳି ଉଠେ, ରାଜାଙ୍କର ସେହି ଦଶା ହେଲା । ସେ ପୁତ୍ରକୁ ରାଜ୍ୟରେ ଅଭିଷିକ୍ତ କରି ବାନପ୍ରସ୍ଥଧର୍ମ ଅବଲମ୍ବନ କଲେ ।

# ଭ୍ରମଣକାରୀର ପତ୍ର

୧୮୮୭ ମସିହା 'ନବସଂବାଦ'ରୁ ସଂଗୃହୀତ

## (ତାଳଚେର ଓ ବାମଣ୍ଡା)

ଆମ୍ଭେମାନେ ଆଠଗଡ଼, ଢେଙ୍କାନାଳ ଏବଂ ତାଳଚେରମାର୍ଗରେ ବାମଣ୍ଡା ପ୍ରବେଶ କଲୁଁ । ଆଠଗଡ଼ ଏବଂ ଢେଙ୍କାନାଳ ସମ୍ବନ୍ଧରେ ମୋହର କିଛି ବକ୍ତବ୍ୟ ନାହିଁ । ପ୍ରାଚୀନକାଳରେ ଗଡ଼ଜାତ ଯେ ୍ରୂ ଥିଲା, ଆଠଗଡ଼ ସେଥିରୁ ସମଧିକ ଉନ୍ନତ ବୋଧହେଲା ନାହିଁ । ପ୍ରଖ୍ୟାତ ମୋଗଲବନ୍ଦୀର ସଭ୍ୟତାପ୍ରଦୀପର ଅଧଃ ଛାୟା ପ୍ରାୟବୋଧ ହେଲା । ଢେଙ୍କାନାଳ ସମ୍ପ୍ରତି ଗଭର୍ଣ୍ଣମେଣ୍ଟଙ୍କ ଶାସନାଧୀନ । ତାଳଚେରରେ କେତେଗୁଡ଼ିଏ ନୂତନ କଥା ଦେଖିଲି । ତାଳଚେର ଗଡ଼ କ୍ଷୁଦ୍ର ସ୍ଥାନ ହେଲେହେଁ ଏହାର ଅବସ୍ଥିତି ଅତି ସୁନ୍ଦର । ଗଡ଼ର କାହୁରୁ ମହାରଣ୍ୟ ଆରମ୍ଭ ହୋଇ ବାମଣ୍ଡାସୀମା ପର୍ଯ୍ୟନ୍ତ ବିସ୍ତୃତ ରହିଅଛି । ବ୍ରାହ୍ମଣୀନଦୀ ନଗରର ପଦ ଧୌତ କରି ପ୍ରବାହିତ ହେଉଅଛି । ନଗର କାନ୍ତିରେ ନଦୀଶଯ୍ୟା ଗମ୍ଭୀର ଓ ପ୍ରସ୍ତରମୟ, ନଗରର ଅବସ୍ଥା ଅତି ପରିଷ୍କୃତ । ମ୍ୟୁନିସିପାଲ କଟକ ଅପେକ୍ଷା ଆରଣ୍ୟ ତାଳଚେର ଶତଗୁଣରେ ପରିଷ୍କୃତ । ରାଜଦାଣ୍ଡମାନ ସର୍ବଦା ସୁସଂସ୍କୃତ ଅବସ୍ଥାରେ ପରିରକ୍ଷିତ ହେଉଥିବାର ବୋଧ ହେଲା । ମାତ୍ର ଅନ୍ୟାନ୍ୟ ଗଡ଼ଜାତ ଅପେକ୍ଷା ତାଳଚେରରେ ଗୋଟିଏ ବିଷୟରେ ଅସାଧାରଣତା ଦେଖିଲି । ଅନ୍ୟାନ୍ୟ ଗଡ଼ଜାତରେ ପ୍ରକାଶ୍ୟ, ସାଧାରଣବିଚରଣ ଯୋଗ୍ୟ ସ୍ଥାନମାନଙ୍କରେ ତୁମ୍ଭେ ଏକା ଅପତିରେ ଭ୍ରମଣ କରିପାର । ତାଳଚେରରେ ଏ କଥା ନାହିଁ । ତାଳଚେରଗଡ଼ରେ ପ୍ରବେଶ କରିବା ପୂର୍ବରୁ ତୁମ୍ଭର ଅନୁମତି ନେବାର ଆବଶ୍ୟକ । ସମ୍ଭବତଃ ଏହି ଅନୁମତି ଆଣାଇବାକୁ ତୁମ୍ଭର ଯେତେ ସମୟ ଯିବ, ସହର ଦେଖିବାର ସେଥିରୁ ଅଳ୍ପ ସମୟ ଲାଗିବ । ତାଳଚେରରେ ଅନେକ ଗ୍ରାମ ଯେପରି ପରିଷ୍କୃତ ଦେଖିଲି, ଏପରି ପରିଷ୍କୃତ ଗ୍ରାମ ଓଡ଼ିଶା ଗଡ଼ଜାତରେ ବିରଳ । ରାଜ୍ୟ ମଧ୍ୟରେ ଗୋଟିଏ ପ୍ରଧାନ ରାଜବର୍ତ୍ମ ପ୍ରସ୍ତୁତ ହେବାର ଆରମ୍ଭ ହୋଇଅଛି । ରାଜ୍ୟର ଅନର୍ଜନକ୍ଷମ ଅନ୍ଧ, କୁବ୍ଜ, ପଙ୍ଗୁ ଲୋକମାନଙ୍କୁ ରାଜସରକାରରୁ ଗ୍ରାସାଚ୍ଛାଦନ ଦେବାର ସୁବ୍ୟବସ୍ଥା ହୋଇଅଛି । ବର୍ତ୍ତମାନ ମହାରାଜାଙ୍କର ଏହି ସୁବ୍ୟବସ୍ଥା ଯେ ଅତି ପ୍ରଶଂସନୀୟ ଏବଂ ଅନ୍ୟାନ୍ୟ ରାଜାମାନଙ୍କର ଅନୁକରଣୀୟ, ଏହା ବୋଲିବା ବାହୁଲ୍ୟ । ନବ୍ୟସଭ୍ୟତା ପ୍ରାୟଶଃ ରଜୋଗୁଣପ୍ରଧାନ । ଅନେକ ଲୋକ ତାଳଚେରକୁ ଏହି ରଜୋଗୁଣପ୍ରଧାନ ସଭ୍ୟତାର ଅଭିନୟ-ଭୂମିରୂପେ ନିର୍ଦ୍ଦେଶ କରି ହାସ୍ୟରସର ଅବତାରଣା କରନ୍ତି । ଆମ୍ଭେମାନେ ସାହସ କରି କହିପାରୁ ଯେ, ଉଲ୍ଲିଖିତ ନର୍ମଲ, ସାଞ୍ଜୁ କ ବ୍ୟବସ୍ଥା ଏହି ଶ୍ରେଣୀର ବିଦୂଷକମାନଙ୍କୁ ନିରୁତ୍ତର କରାଇ ଦେବ । ତାଳଚେରରେ ଗୋଟିଏ ସୁବୃହତ୍

ଜେଲଖାନା ନିର୍ମିତ ହୋଇଅଛି । ଜଣେ ସୁରଟିକ ସାହେବ ଭାରତବର୍ଷୀୟଙ୍କୁ ଦୁଇ ଶ୍ରେଣୀରେ ବିଭକ୍ତ କରିଥିଲେ । ପ୍ରଥମ ଶ୍ରେଣୀ, ସେମାନେ ଜେଲଖାନାରେ ଅଛନ୍ତି ; ଦ୍ୱିତୀୟ ଶ୍ରେଣୀ, ଯେମାନେ ଜେଲଖାନାକୁ ଯିବାର ଯୋଗ୍ୟ । ତାଳଚେରର ଜେଲନିର୍ମାତାଙ୍କ ବୋଧହୁଏ । ଏହି ନୀତିର ସାରବତ୍ତା ବିଶେଷରୂପେ ହୃଦୟଙ୍ଗମ କରି ଜେଲଗୃହର ଅବୟବ ବୃଦ୍ଧି ବିଷୟରେ ମନୋଯୋଗୀ ହୋଇଥିଲେ ।

ତାଳଚେରରୁ ବାହାରି ଆମ୍ଭେମାନେ ରାତିରେ ବ୍ରାହ୍ମଣୀତୀରବର୍ତ୍ତୀ ବାଜଗୁଳନାମକ ସ୍ଥାନରେ ରହିଲୁଁ । ବାଜଗୁଳରୁ ବଜ୍ରକୋଟ ଯାଉଁ ଯାଉଁ ମାର୍ଗରେ ଟିକ୍ରା ନାମକ ବ୍ରାହ୍ମଣୀର ସର୍ବପ୍ରଧାନ ଉପନଦୀ ପାରିହେଲୁଁ । ଜଳ-ପ୍ଲାବନ ସମୟରେ ଏହି ନଦୀର ଉପରରୁ ପଥରକୋଇଲାସମ୍ବଳିତ ମୃତ୍ତିକା ଭାସି ଆସେ । ଲୋକେ ଏହା ସଞ୍ଚୟ କରି ଇନ୍ଧନରୂପେ ବ୍ୟବହାର କରନ୍ତି । ମାର୍ଗରେ ଯାଉଁ ଯାଉଁ ଉତ୍ତର ପୂର୍ବରେ ଓଡ଼ିଶାର ସର୍ବପ୍ରଧାନ ପର୍ବତ ମାଲ୍ୟଗିରି ସମୟ ସମୟରେ ଆମ୍ଭମାନଙ୍କର ଦୃଷ୍ଟିଗୋଚର ହେଉଥିଲା ।

ବଜ୍ରକୋଟ ବ୍ରାହ୍ମଣୀତୀରବର୍ତ୍ତୀ । ଏଠାରେ ପରିଖାବେଷ୍ଟିତ ଗୋଟିଏ ପାଏକପଲ୍ଲୀ ଅଛି ଏବଂ ଖେଳିବାର ଆଖଡ଼ା ଅଛି ।

ବଜ୍ରକୋଟରୁ ଆମ୍ଭେମାନେ ରେଙ୍ଗାଳି ବାଟେ ରେଢ଼ାଖୋଲନାମକ ସ୍ଥାନରେ ଉପସ୍ଥିତ ହେଲୁଁ । ରେଙ୍ଗାଳିରେ ବାମଣ୍ଡା ରାଜାଙ୍କର ଗୋଦାମ ଗୃହ ଅଛି । ଏହି ସ୍ଥାନ ନାବ୍ୟତାର ସୀମା । ଉପରକୁ ନଦୀଶଯ୍ୟା ବିଷମପୂର୍ଣ୍ଣ, ବାମଣ୍ଡା-ମହାରାଜ ବାଣିଜ୍ୟସୌକର୍ଯ୍ୟ ସକାଶେ ଏହିଠାରୁ ନିଜ ରାଜ୍ୟ ପର୍ଯ୍ୟନ୍ତ ଗୋଟିଏ ସଡ଼କ ପ୍ରସ୍ତୁତ କରାଇଅଛନ୍ତି ।

ବ୍ରାହ୍ମଣୀ-ତୀରବର୍ତ୍ତୀ କେତେ କ୍ଷୁଦ୍ର ପର୍ବତ ଉତ୍ତୀର୍ଣ୍ଣ ହୋଇ ଆମ୍ଭେମାନେ ରେଢ଼ାଖୋଲରେ ଉପସ୍ଥିତ ହେଲୁଁ । ରେଢ଼ାଖୋଲରେ ବ୍ରାହ୍ମଣୀର ପ୍ରସ୍ତରମୟ ଶଯ୍ୟା ଅତି ବିଚିତ୍ର, ସୁବିଶାଳ ମସୃଣ କୃଷ୍ଣପ୍ରସ୍ତରସମୂହ ସମତଳ, ଲମ୍ବ ଏବଂ ତିର୍ଯ୍ୟକ୍ ଭାବରେ ନଦୀଗର୍ଭରେ ଇତସ୍ତତଃ ବିଶୃଙ୍ଖଳରୂପେ ବିକ୍ଷିପ୍ତ ହୋଇ ପ୍ରବାହର ଗତିରୋଧ କରି କ୍ଷୁଦ୍ର କ୍ଷୁଦ୍ର ଅସଂଖ୍ୟ ପ୍ରପାତ ସୃଜନ କରିଅଛି ।

ରେଢ଼ାଖୋଲରୁ ପ୍ରାୟ ଦୁଇକୋଶ ଯାଇ ଆମ୍ଭେ-ମାନେ ବାମଣ୍ଡା ରାଜ୍ୟରେ ପ୍ରବିଷ୍ଟ ହେଲୁଁ । ଅରଣ୍ୟରେ କେତେଦୂର ଯାଏ ସର୍ବପ୍ରଥମରେ ବ୍ରାହ୍ମଣୀ ତୀରବର୍ତ୍ତୀ କୁଆଲବନ୍ଧା ଗ୍ରାମ ଦେଖିଲୁଁ । ଏ ଗ୍ରାମଟି ଅତି କ୍ଷୁଦ୍ର, ମାତ୍ର ଅତି ପରିଷ୍କୃତ, ଗ୍ରାମରେ ପ୍ରତ୍ୟେକ ଦାଣ୍ଡ ଏବଂ ଗଳିମାନଙ୍କରେ ସଡ଼କ ଦେଖି ଆମ୍ଭେମାନେ ଆଶ୍ଚର୍ଯ୍ୟାନ୍ୱିତ ହେଲୁ ।

( **ବାମଣ୍ଡା** )

କୁଆଲବନ୍ଧରୁ ନଈକୂଳକୁ ଯିବାକୁ ପ୍ରାୟ ଏକଦଣ୍ଡ ସମୟ ଲାଗିଲା । ନଈକୂଳ ବ୍ରାହ୍ମଣୀ-ତୀରବର୍ତ୍ତୀ ଗୋଟିଏ ପ୍ରଧାନ ସ୍ଥାନ । ଗୋଟିଏ କ୍ଷୁଦ୍ର ସହର ପ୍ରାୟ ବୋଧ ହେଲା । ଏଠାରେ ଥାନା, ସ୍କୁଲ, ଗୋଦାମ ଏବଂ ଅନ୍ୟାନ୍ୟ ରାଜକୀୟ କାର୍ଯ୍ୟାଳୟ ଅଛି । ନଦୀର ସମାନ୍ତରାଳ ହୋଇ ଗୋଟିଏ ସଡ଼କ ଗ୍ରାମକୁ ଦୁଇଭାଗରେ ବିଭକ୍ତ କରିଅଛି । ପୂର୍ବୋକ୍ତ ରେଙ୍ଗାଳି ସଡ଼କ ଏହି ସଡ଼କରେ ସଂଯୁକ୍ତ ହୋଇଅଛି ଏବଂ ଏହି ସଡ଼କ ନାନା ଗ୍ରାମ ଓ ଅରଣ୍ୟ ଭେଦ କରି ବାମଣ୍ଡା ରାଜଧାନୀ ଦେବଗଡ଼ ପର୍ଯ୍ୟନ୍ତ ବିସ୍ତୃତ ହୋଇଅଛି । ସ୍ଥାନଟି ଅତି ପରିଷ୍କୃତ, ବିଶେଷତଃ ଲୋକମାନେ ଏହାକୁ ପରିଷ୍କୃତ ରଖିବା ବିଷୟରେ ଅଭ୍ୟସ୍ତ ହୋଇଥିବାର

ସମ୍ପୂର୍ଣ୍ଣ ପରିଚୟ ମିଳିଲା । ପ୍ରାତଃକାଳରେ ଆମ୍ଭେମାନେ ନଈକୂଳ ପରିତ୍ୟାଗ କରି ଗୋଗୁଆରେ ଉପସ୍ଥିତ ହେଲୁଁ । ଗୋଗୁଆ ବ୍ରାହ୍ମଣୀ-ତୀରବର୍ତ୍ତୀ ଗୋଟିଏ ପ୍ରଧାନ ପଲ୍ଲୀ ଏବଂ ପୂର୍ବୋକ୍ତ ପ୍ରଧାନ ସଡ଼କଦ୍ୱାରା ଦ୍ୱିଧା ବିଭକ୍ତ । ଏଠାରେ ଗୋଟିଏ ବୃହତ୍ ଗୋଦାମ ଏବଂ ଗୋଟିଏ ବିଦ୍ୟାଳୟ ମଧ୍ୟ ଅଛି । ପଥିକମାନଙ୍କ ଅବସ୍ଥାନ ନିମନ୍ତେ ଉତ୍ତମ ଗୃହ ମଧ୍ୟ ଅଛି ।

ଗୋଗୁଆରୁ ଗାଙ୍ଗନାଲ ପ୍ରାୟ ୬ଳକର ବାଟ । ସମ୍ବଲପୁରରୁ ମେଦିନୀପୁର ପର୍ଯ୍ୟନ୍ତ ବିସ୍ତୃତ ପ୍ରାଚୀନ ସାମରିକ ସଡ଼କପାର୍ଶ୍ୱରେ ଗାଙ୍ଗନାଲ ଅବସ୍ଥିତ । ପଥିକମାନଙ୍କର ରହିବା ସକାଶେ ଏଠାରେ ପଡ଼ାଉ ମଞ୍ଚ ଏବଂ ଅନ୍ୟାନ୍ୟ ଗୃହାଦି ଅଛି । ଗୋଟିଏ ଗିରିନଦୀ ପ୍ରବାହିତ ହୋଇ ସ୍ଥାନକୁ ବାସଯୋଗ୍ୟ କରାଇଅଛି । ବାମଣ୍ଡାର ଅନ୍ୟାନ୍ୟ ଗ୍ରାମ ପରି ଏଠାରେ ମଧ୍ୟ ସଡ଼କର ଅଭାବ ନାହିଁ ଏବଂ ଲୋକମାନେ ଅତ୍ୟାଗ୍ରର ବ୍ୟତୀତ ମ୍ୟୁନିସିପାଲିଟିର ସମସ୍ତ ସୁବିଧା ଉପଭୋଗ କରୁଥିବାର ବୋଧହେଲା ।

ଗାଙ୍ଗନାଲରୁ ଆମ୍ଭେମାନେ ପ୍ରାୟ ତିନି କ୍ରୋଶ ଯାଇ ଗିରିନଦୀତୀରବର୍ତ୍ତୀ ସୁଗଡ଼ା ଗ୍ରାମରେ ଉପସ୍ଥିତ ହେଲୁଁ । ସୁଗଡ଼ା ଗୋଟିଏ ସମୃଦ୍ଧିଶାଳୀ ପଲ୍ଲୀ, ଏହି ସ୍ଥାନରୁ ଦେବଗଡ଼ ତିନି କ୍ରୋଶରୁ ଅଧିକ ନୁହେଁ । ସୁଗଡ଼ାରେ ଆହାରାଦି କରି ଆମ୍ଭେମାନେ ବାସୁଦେବପୁର ଶାସନ ଦେଖିବା ଉଦ୍ଦେଶ୍ୟରେ ସଡ଼କ ପରିତ୍ୟାଗପୂର୍ବକ ପଶ୍ଚିମାଭିମୁଖ ହେଲୁଁ । ବାସୁଦେବପୁର ଶାସନ ବାମଣ୍ଡାର ବର୍ତ୍ତମାନ ମହାରାଜାଙ୍କ କର୍ତ୍ତୃକ ସ୍ଥାପିତ ଏବଂ ତାହାଙ୍କ ନାମାନୁସାରେ ନାମିତ । ଗ୍ରାମ ମଧ୍ୟରେ ପ୍ରବେଶ କରି ଗ୍ରାମର ସୁବ୍ୟବସ୍ଥା ଦେଖି ଆମ୍ଭେମାନେ ଆଶ୍ଚର୍ଯ୍ୟାନ୍ୱିତ ହେଲୁ । ମଝିରେ ପ୍ରଶସ୍ତ ସଡ଼କ ଏବଂ ଉଭୟ ପାର୍ଶ୍ୱରେ ସାହେବମାନଙ୍କ ବଙ୍ଗଳା ପରି ଏକାକୃତି ଓ ଏକାବୟବବିଶିଷ୍ଟ ଖଡ଼ିମାଟିଧୌତ ମାଟିର ବଙ୍ଗଳାମାନ ଶ୍ରେଣୀବଦ୍ଧ ହୋଇ ରହିଛି । ଗ୍ରାମର ଅନତିଦୂରରେ ବନ କର୍ତ୍ତିତ ହୋଇ ହସ୍ତୀଦ୍ୱାରା ପ୍ରଚୁର ଭୂମି ଆବାଦ ହୋଇଅଛି । ଏହି ଭୂମି ବ୍ରାହ୍ମଣମାନେ ବୃତ୍ତିସ୍ୱରୂପ ପାଇ ଅଛନ୍ତି । ଅନା ବୃଷ୍ଟି ଭୟରୁ ମଧ୍ୟ ବ୍ରାହ୍ମଣମାନେ ସୁରକ୍ଷିତ । ଗ୍ରାମର ଉତ୍ତରରେ ଗୋଟିଏ ଉଚ୍ଚ ସେତୁଦ୍ୱାରା ଗିରିନଦୀର ଜଳ ସଞ୍ଚିତ ହୋଇ ପ୍ରାୟ ଅର୍ଦ୍ଧକ୍ରୋଶବ୍ୟାପୀ ଗୋଟିଏ ବୃହତ୍ ହ୍ରଦରୂପେ ପରିଣତ ହୋଇଅଛି । ଶୁଣି ଅତ୍ୟନ୍ତ ଦୁଃଖିତ ହେଲି ଯେ, ଏହି ବ୍ରାହ୍ମଣମାନେ ଏତେ ସୁବିଧାପାଇ ସୁଦ୍ଧା ବିଦ୍ୟା ଅଧ୍ୟୟନ ବିଷୟରେ ଆଶାନୁରୂପ ମନୋଯୋଗୀ ହୋଇ ନାହାନ୍ତି ।

ବାସୁଦେବପୁର ଶାସନ ଦର୍ଶନ ଉତ୍ତାରୁ ଆମ୍ଭେମାନେ ଅରଣ୍ୟମାର୍ଗରେ ଯାଇ ପୂର୍ବୋକ୍ତ ପ୍ରଧାନ ସଡ଼କରେ ଉପସ୍ଥିତ ହେଲୁଁ । ଦେବଗଡ଼ ଅତି ସୁନ୍ଦର, ପରିଷ୍କୃତ, କ୍ଷୁଦ୍ର ନଗର, ଉତ୍ତରରୁ ଦକ୍ଷିଣକୁ ପ୍ରସାରିତ । ସଡ଼କମାନ ସୁସଂସ୍କୃତ ଅବସ୍ଥାରେ ପରିରକ୍ଷିତ ଏବଂ ସମାନ୍ତରାଳ ପୟଃପ୍ରଣାଳୀଦ୍ୱାରା ପରିଶୋଭିତ । ଉତ୍ତର ପାର୍ଶ୍ୱରେ ଶ୍ୟାମାଙ୍ଗ ପ୍ରଧାନ-ପାଟ ଶୈଳ-ପ୍ରାଚୀର ପ୍ରାୟ ଦଣ୍ଡାୟମାନ, ବକ୍ଷସ୍ଥଳରେ ସ୍ୱଚ୍ଛ ପ୍ରପାତ କୌସ୍ତୁଭମଣି ପ୍ରାୟ ଶୋଭା ପାଉଅଛି । ସହରରେ ପ୍ରବିଷ୍ଟ ହୋଇ ମଧ୍ୟବର୍ତ୍ତୀ ପ୍ରଧାନ ଦାଣ୍ଡ ଦେଇ କ୍ରମଶଃ ଉତ୍ତର ମୁଖରେ ଆମ୍ଭେମାନେ ଅଗ୍ରସର ହେବାକୁ ଲାଗିଲୁଁ । ସାଧାରଣ କାର୍ଯ୍ୟାଳୟ ମଧ୍ୟରେ ସର୍ବପ୍ରଥମରେ ଗୁମାଖାନା, ହାସପାତାଳ ଥାନା, ଜେଲ-ଖାନା, ସ୍କୁଲ ଏବଂ ରାଜକଚେରୀ । ପ୍ରାୟ ପ୍ରତ୍ୟେକ କାର୍ଯ୍ୟାଳୟ ଶିରୋଦେଶରେ ଟେଲି

କାର୍ଯ୍ୟବ୍ୟଞ୍ଜକ ପ୍ରତିମୂର୍ତ୍ତି ଗଠିତ ହୋଇ ଦର୍ଶକମାନଙ୍କର କୌତୁକାବହ ହୋଇଅଛି । ରାଜକଚେରୀ ଗୃହଟି ସୁଦୃଶ୍ୟ ଏବଂ ସୁରୁଚିର ପରିଚୟକ । ଏହି କଚେରୀଗୃହରେ ବ୍ୟାଘ୍ର, ସମ୍ବର, ହରିଣ ପ୍ରଭୃତିର ଯେଉଁ ପ୍ରତିରୂପମାନ ଅଛି, ସେମାନଙ୍କ ରଚନାକୌଶଳ ନିତାନ୍ତ ସାଧାରଣ ନୁହେ । ମହାରାଜ ସ୍ୱୟଂ ଅଧ୍ୟକ୍ଷ ହୋଇ ସାମାନ୍ୟ କୋଲ୍ ଶ୍ରମିକ ହସ୍ତରେ ଏଗୁଡ଼ିକ ପ୍ରସ୍ତୁତ କରାଇବାର ଶୁଣି ଆଶ୍ଚର୍ଯ୍ୟାନ୍ୱିତ ହେଲୁଁ । ଆମ୍ଭମାନଙ୍କ ଅବସ୍ଥାନ ସକାଶେ ମହାରାଜ ବାସସ୍ଥାନର ବହିରେ ବନ୍ଦୋବସ୍ତ କରାଇଥିଲେ । ଆମ୍ଭେମାନେ ସେହି ସ୍ଥାନରେ ଆଶ୍ରୟ ଗ୍ରହଣ କଲା ଉତ୍ତାରୁ କେତେକ ଭଦ୍ରଲୋକଙ୍କ ସଙ୍ଗେ ସାକ୍ଷାତ ହେଲା । କେତେବେଳେ ସାକ୍ଷାତ କଲେ ମହାରାଜାଙ୍କର ସୁବିଧା ହେବ, ଏହି ବିଷୟ ଉକ୍ତ ଭଦ୍ରଲୋକମାନଙ୍କୁ ପଚାରିବାରେ ସେମାନେ କହିଲେ, ମହାରାଜାଙ୍କର ସବୁବେଳେ ଅବସର । ଏହି ସମୟରେ ମହାରାଜ ସାକ୍ଷାତ କରିବା ସକାଶେ ପତ୍ରଦ୍ୱାରା ଆହ୍ୱାନ କରି ପଠାଇଲେ । ନିଷ୍କର୍ମୀଙ୍କର ପ୍ରାୟ ଅବସର ଥାଏ ନାହିଁ । ଯେଉଁମାନେ ଅଧିକ କାର୍ଯ୍ୟ କରନ୍ତି, ସେମାନଙ୍କର ଅଧିକ ଅବସର, ଏହି କଥାଟିର ଆମ୍ଭେମାନେ ସୁସ୍ପଷ୍ଟ ପ୍ରମାଣ ପାଇଲୁଁ । ରାଜାହ୍ୱାନ ପ୍ରାପ୍ତ ହୋଇ ଆମ୍ଭେମାନେ ସେହିକ୍ଷଣି ଯାଇ ରାଜଦର୍ଶନ କଲୁଁ । ରାଜଦର୍ଶନ କରିବାକୁ ଅନେକ ଭଦ୍ରଲୋକଙ୍କର ସ୍ୱଭାବତଃ ପ୍ରବୃତ୍ତି ହୁଏ ନାହିଁ, ତାହାର କାରଣ ଏହି ଯେ, ଅଧିକାଂଶ ରାଜାମାନେ ଦର୍ଶନପ୍ରଦାନକୁ ବରଦାନ ତୁଲ୍ୟ ମନେକରି ଦର୍ଶକମାନଙ୍କୁ ଜ୍ଞାନତଃ ଅଥବା ଅଜ୍ଞାନତଃ ନାନାପ୍ରକାର ଅପମାନିତ କରନ୍ତି । ରାଜାନୁଚରମାନେ ଭଦ୍ର ବ୍ୟବହାରରେ ଅନଭିଜ୍ଞ; ଯଦି ସେମାନଙ୍କର କିଛି ଅଭିଜ୍ଞତା ଥାଏ ତାହା କେବଳ "ଅମୁକ ସ୍ଥାନରେ ଯୋତା ରଖିବାକୁ ହେବ', ଅମୁକ ସ୍ଥାନରେ ଛତା ରଖିବାକୁ ହେବ', 'ଅମୁକ ସ୍ଥାନରେ ଯଷ୍ଟି ରଖିବାକୁ ହେବ' ଏହିପରି ବିଷୟମାନଙ୍କପ୍ରତି ଆବଦ୍ଧ । ରାଜଦର୍ଶନବେଳେ ସେମାନେ ଏହି ଏହି ଅଭିଜ୍ଞତାର ପରାକାଷ୍ଠା ପ୍ରଦର୍ଶନ କରନ୍ତି । ବାମଣ୍ଡାରେ ଏହି ଅସୁବିଧାର ଲେଶମାତ୍ର ନାହିଁ । ରାଜଦ୍ୱାର ଅବାରିତ, ମହାରାଜ ଆଦୌ ଉପାଧିଗ୍ରସ୍ତ ନୁହନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । ମହାରାଜାଙ୍କ ସଙ୍ଗେ ସାକ୍ଷାତ କରି ବହୁଦିନର ଚକ୍ଷୁକର୍ଣ୍ଣର ବିବାଦ ପ୍ରଶମିତ ହେଲା । ଭଦ୍ରତାର ପରାକାଷ୍ଠା ଦେଖି ଆମ୍ଭେମାନେ ମୋହିତ ହେଲୁଁ ।

ବାମଣ୍ଡାରେ ଆମ୍ଭେମାନେ ୭ ଦିନ ଅବସ୍ଥାନ କଲୁଁ । ଏହି ଦିନ ମଧ୍ୟରେ ସ୍ଥାନୀୟ ତାବତ୍ ଦ୍ରଷ୍ଟବ୍ୟ ଦର୍ଶନ କଲୁଁ । ପୂର୍ବୋକ୍ତ 'ପ୍ରଧାନପାଟ' ଜଳପ୍ରପାତ ବାମଣ୍ଡାର ସର୍ବପ୍ରଧାନ ଦୃଶ୍ୟ । କେନ୍ଦୁଝରର ଖଣ୍ଡାଧାର ପ୍ରପାତ ଆମ୍ଭେମାନେ ଦେଖିନାହୁଁ, ମାତ୍ର ପଞ୍ଚବଟିର ଅନତିଦୂରବର୍ତ୍ତୀ ଗୋଦାବରୀର ଜଳପ୍ରପାତ ଏବଂ ଜବଲପୁରର ନିକଟସ୍ଥ ନର୍ମଦାର ଧୂଆଁ ଧାର ନାମକ ଜଳପ୍ରପାତ ଆମ୍ଭେମାନେ ଏଥିପୂର୍ବେ ଦେଖିଥିଲୁଁ । ତଥାପି ପ୍ରଧାନପାଟ ସମ୍ମୁଖରେ ଦଣ୍ଡାୟମାନ ହୋଇ ଆମ୍ଭେମାନେ ଭାବିଥିଲୁଁ ଯେ, ଏ ଦୃଶ୍ୟ ନ ଦେଖିଲେ ଚକ୍ଷୁଷ୍ମତ୍ତାର ପୂର୍ଣ୍ଣ ଫଳରୁ ବଞ୍ଚିତ ହୋଇଥାନ୍ତୁ । ମହାରାଜାଙ୍କ ସମଭିବ୍ୟାହାରରେ ମୁଁ ପ୍ରପାତ ଦେଖିବାକୁ ଗଲି । ପ୍ରପାତ ରାଜଭବନର ଅର୍ଦ୍ଧମାଇଲ ମଧ୍ୟରେ ଅବସ୍ଥିତ । ଏହାର ଗମ୍ଭୀର ଝର୍ଝର ଶବ୍ଦରେ ଦେବଗଡ଼ ସର୍ବଦା ଝଙ୍କାରିତ ହେଉଅଛି ।

ଆମ୍ଭେମାନେ ପଦବ୍ରଜରେ ଗଲୁଁ, ମହାରାଜ ପାଦଚାରରେ ସର୍ବଦା ଅଭ୍ୟସ୍ତ । ଅନୁଚରବର୍ଗ

ଏବଂ ଅଶ୍ୱଧାଣ୍ଡ-ରକ୍ଷଗଣରେ ପରିବୃତ ଏବଂ ଯାନାରୂଢ଼ ନ ହେଲେ କେହି କେହି ରାଜା ବହିର୍ଭ୍ରମଣ କରିବାର ଅସ୍ୱୀକୋଚିତ ମନେ କରନ୍ତି । ଏହା ଉପରେ ଯେବେ ଚାମର ଛାତାଦି ପ୍ରଭୃତି ଥାଏ, ତେବେ ରାଜବହି ପୂର୍ଣ୍ଣମାତ୍ରାରେ ଅନୁଷ୍ଠିତ ହୁଏ । ବାମଣ୍ଡାରେ ଏ ଦୃଶ୍ୟ ବିରଳ, ମହାରାଜାଙ୍କ ସଙ୍ଗେ ମୁଁ ଥିଲି, ଆଉ ଜଣେ ମାତ୍ର ଅନୁଚର ଥିଲା । ସର୍ବପ୍ରଥମରେ ଆମ୍ଭେମାନେ ମହାରାଜାଙ୍କର ନବପ୍ରସୂତ ଉଦ୍ୟାନ ଦେଖିଲୁଁ । ଅଳ୍ପଦିନ ମଧ୍ୟରେ ଏହି ଉଦ୍ୟାନ ଯେପରି ସୁନ୍ଦର ଏବଂ ବିଚିତ୍ର ହୋଇଅଛି, ସମୟରେ ଏହା ଯେ ବାମଣ୍ଡାର ଗୋଟିଏ ଉତ୍କୃଷ୍ଟ ଦୃଶ୍ୟ ମଧ୍ୟରେ ପରିଗଣିତ ହେବ, ଏଥିରେ ସନ୍ଦେହ ନାହିଁ । ଏହି ଉଦ୍ୟାନରୁ ତରୁଲତା ପ୍ରଧାନପାଟ ପ୍ରପାତର ଜଳଦ୍ୱାରା ପରିପୋଷିତ । ସେହି ନିର୍ମଳ ଜଳର ପ୍ରଣାଳୀ ବହୁଧାରରେ ବିଭକ୍ତ ହୋଇ ଉଦ୍ୟାନର ଶୀତଳତା ସମ୍ପାଦନ କରୁଅଛି । ଉଦ୍ୟାନରେ ଦେଶୀୟ, ବୈଦେଶିକ ଏବଂ ପାର୍ବତୀୟ ନାନା ପ୍ରକାର ଅଭିନବ ଉଦ୍ଭିଦ ଦେଖିଲି । ଏହି ଉଦ୍ୟାନର ଉତ୍ତରରେ ମଠସମ୍ବଳିତ ଗୋଟିଏ ପ୍ରାଚୀନ-ତର ଉଦ୍ୟାନ ଅଛି । ଏହାର ପାର୍ଶ୍ୱଦେଶରେ ପ୍ରଧାନପାଟର କୁଲ୍ୟା ପ୍ରବାହିତ ହେଉଅଛି । ଗୁଳ୍ମାବହୁଳ ହେବାରୁ ସ୍ଥାନଟି ଅତି ସ୍ନିଗ୍ଧ । ଏଠାରେ ନାନା ପ୍ରକାର ବୈଦେଶିକ ଫଳର ବୃକ୍ଷ ଏବଂ ତମାଳ, କୁରିଅନା, ନାଗେଶ୍ୱର ପ୍ରଭୃତି ନାନା ପ୍ରକାର କାବ୍ୟୋଚିତ ବୃକ୍ଷମାନ ଅଛନ୍ତି । ଫଳଭାରବନତ ଅତି ସୁମିଷ୍ଟ କମଳାଲେମ୍ବୁର ଗଛ, ଫଳିତ କାଫି ଗଛ ଦର୍ଶକର ନେତ୍ରବିନୋଦନ କରୁଅଛି । ଏହି ସ୍ଥାନରେ ବିଦେଶାଗତ ସନ୍ନ୍ୟାସୀମାନଙ୍କୁ ସଦାବ୍ରତ ଦିଆଯାଏ । ଆମ୍ଭେମାନେ ଏହି ଉଦ୍ୟାନ ଦେଖି କ୍ରମଶଃ ଅରଣ୍ୟମାର୍ଗରେ ପ୍ରପାତାଭିମୁଖରେ ଗମନ କଲୁଁ । ପ୍ରପାତ ଜଳ ପର୍ବତର ପାଦଦେଶସ୍ଥିତ ଗୋଟିଏ କୁଣ୍ଡରେ ଝର୍ଝର ଶବ୍ଦରେ ପତିତ ହୋଇ ବହି ଯାଉଅଛି । ପର୍ବତ ଉପରେ କାଷ୍ଠର ଚଢ଼ି ପୃଷ୍ଠ ଓହ୍ଲାଇବାକୁ ହୁଏ । ଅବତରଣ ସୁବିଧା ସକାଶେ ମହାରାଜ ପକ୍କାର ସିଡ଼ି ବନ୍ଧାଇ ଦେଇଛନ୍ତି । ଏହି ସୋପାନଶ୍ରେଣୀରୁ ପାଠକ ! ଆମ୍ଭେମାନେ ଯେଉଁ ଦୃଶ୍ୟ ଦେଖିଲୁ, ତାହା ଏକ ପ୍ରକାର ଅପାର୍ଥିବ ଦୃଶ୍ୟ, ସାକ୍ଷାତ୍ ବିଧାତାଙ୍କର କରୁଣା ପ୍ରସ୍ରବଣରୁ ନିଃସୃତ କରୁଣାଧାରା । ୬୦।୭୦ ହସ୍ତ ଉଚ୍ଚ ଭୃଗୁରୁ ସ୍ୱଚ୍ଛ ଜଳରାଶି ୨୫।୩୦ ହସ୍ତ ପ୍ରସ୍ଥରେ ପାଦଦେଶସ୍ଥିତ କୁଣ୍ଡରେ ଆସି ପଡ଼ୁଅଛି । ହଠାତ୍ ଦେଖିଲେ ବୋଧ ହେବ, ଯେପରି ଲକ୍ଷ ଲକ୍ଷ ହୀରକଖଣ୍ଡ ପୁଞ୍ଜୀଭୂତ ହୋଇ ସ୍ୱର୍ଗରୁ ଖସୁଅଛି । ପ୍ରପାତର ଶିରୋଦେଶରେ ବନ୍ଧୁର ଶିଳାର ପ୍ରତିଘାତଜନିତ ଜଳବିନ୍ଦୁ ଇତସ୍ତତଃ ପ୍ରକ୍ଷିପ୍ତ ହୋଇ ମୁକ୍ତାବୃଷ୍ଟି ହେଲା ପ୍ରାୟ ବୋଧ ହେଉଅଛି । ଜଳର ଶୀକରରେ ଇନ୍ଦ୍ରଧନୁ ନୃତ୍ୟ କରୁଅଛି । ଘୋର ଅରଣ୍ୟ ଏବଂ ଗିରିକନ୍ଦରସୁଲଭ ନିର୍ଜନତାରେ ଏହି ଅପ୍ସରାଦୃଶ୍ୟ ଦେଖିଲେ ମନ କାତର ହୁଏ, ତାହା ଯେବେ ଭୂମୁର ଅନୁଭବ କରିବାର ଇଚ୍ଛା ଥାଏ, ଶ୍ରମସ୍ୱୀକାରପୂର୍ବକ ଥରେ ପ୍ରଧାନପାଟ ଦେଖି ଆସ । ବିନା ଦର୍ଶନରେ ଏ ଭାବ ଅନୁଭୂତ ହେବାର ନୁହେ ।

ପ୍ରାୟ ଅର୍ଦ୍ଧଘଣ୍ଟାକାଳ ଆମ୍ଭେମାନେ ଏହି ଦୃଶ୍ୟ ଦେଖି ବସାକୁ ଫେରି ଆସିଲୁଁ । ମାର୍ଗରେ ଆସୁ ଆସୁ ରୌଦ୍ର ପ୍ରଖର ହେବାରୁ ମୁଁ ଛତା ବ୍ୟବହାର କରିବାକୁ ବାଧ୍ୟ ହେଲି । ମହାରାଜାଙ୍କ ଛତା ଧରିବାପାଇଁ ତାହାଙ୍କର ଅନୁଚରଙ୍କୁ କହିଲି । ମହାରାଜ ସ୍ୱହସ୍ତରେ ଛତା ଧରିଲେ । ମୁଁ ଭାବିଲି ଯେ କେବଳ ଭଦ୍ରତାର ଆତିଶଯ୍ୟରୁ ଏପରି କରୁଛନ୍ତି ।

ଏହା ଶୁଣି ମୁଁ କହିଲି, "ମହାରାଜ ! ଆପଣଙ୍କର ଯେପରି ଅଭ୍ୟାସ ଅଛି ସେହିପରି କରିବା ହେଉନ୍ତୁ ।" ମହାରାଜ କହିଲେ, "ମୁଁ ନ ଯେଉଁଠା କରୁଛି, କେହି ଧରିଲେ ସୁଖ ଲାଗେ ନାହିଁ ।" ଏ ଗୋଟିଏ ସାମାନ୍ୟ ଘଟଣା ସତ୍ୟ, ମାତ୍ର ଏହିପରି ସାମାନ୍ୟ ସାମାନ୍ୟ ଘଟଣାରୁ ଲୋକର ପ୍ରକୃତ ଚରିତ୍ର ପଡ଼େ । ରାଜାମାନେ ଆବାଲ୍ୟରୁ ଆଡ଼ମ୍ବରରେ ଅଭ୍ୟସ୍ତ । ଅଭ୍ୟାସ ଦ୍ୱିତୀୟ ପ୍ରକୃତି, ତେଣୁ ରାଜାମାନଙ୍କ ଆଡ଼ମ୍ବର ଦେଖି କେହି ବିରକ୍ତ କିମ୍ବା ଆଶ୍ଚର୍ଯ୍ୟାନ୍ୱିତ ହୁଅନ୍ତି ନାହିଁ । ମାତ୍ର ସାମାନ୍ୟ ସାମାନ୍ୟ କର୍ମଚାରୀମାନେ ଏପରି ବିଷୟମାନଙ୍କରେ ଯେମନ୍ତ ଆଶ୍ଚର୍ଯ୍ୟ ଅଭିନୟ ଦେଖାନ୍ତି, ତାହା ପାଠକ, ଅବଶ୍ୟ ତୁମ୍ଭେ ଦେଖିଥିବ ଏବଂ ତାହା ଦେଖି ମନୁଷ୍ୟ-ସ୍ୱଭାବ ପ୍ରତି ତୁମ୍ଭର ଭକ୍ତି ବୃଦ୍ଧି ହୋଇଅଛି କି ନା, ତାହା ମନରେ ବୁଝୁଥିବ ।

ବାମଣ୍ଡା ଅବସ୍ଥାନ ସମୟରେ ପ୍ରଧାନପାଟ ପ୍ରପାତ ମୁଁ ତିନଥର ଦେଖିଥିଲି । ପ୍ରତ୍ୟେକ ଥର—

"କ୍ଷଣେ କ୍ଷଣେ ଯନ୍ନବତାମୁପୈତି
ତଦେବ ରୂପଂ ରମଣୀୟତାୟାଃ ।"

ମାଘ କବିଙ୍କର ଏହି ପଂକ୍ତିଦ୍ୱୟ ସ୍ମୃତିପଥରେ ଉଦିତ ହେଉଥିଲା । ଫଳତଃ ଏପରି ମନୋହର ଦୃଶ୍ୟ ଭାରତବର୍ଷରେ ବିରଳ କହିଲେ ବୋଧହୁଏ ଅତ୍ୟୁକ୍ତି ହେବ ନାହିଁ ।

ଦେବଗଡ଼ର ପ୍ରାୟ ଅର୍ଦ୍ଧକୋଶ ଦକ୍ଷିଣରେ ବାମଣ୍ଡାର ପୁରାତନ ରାଜଧାନୀ ପୁରୁଣାଗଡ଼ ଅବସ୍ଥିତ । ସମ୍ପ୍ରତି ଏଠାରେ ଗୋଟିଏ ପ୍ରାଚୀନ ମନ୍ଦିର ଏବଂ ପ୍ରସ୍ତରସୋପାନବିଶିଷ୍ଟ ଗୋଟିଏ ସୁନ୍ଦର ପୁଷ୍କରିଣୀ ଅଛି । ଗୋଟିଏ ପାର୍ବତୀୟ ନିର୍ଝର ଏହି ପୁଷ୍କରିଣୀକି ଜଳ ଯୋଗାଉଅଛି । ସର୍ବତ୍ର ପ୍ରଧାନପାଟର ଜଳ କୃତ୍ରିମ ପ୍ରଣାଳୀ ଦ୍ୱାରା ପ୍ରତ୍ୟେକ ଗୃହସ୍ଥର ଉପଭୋଗ୍ୟ ହୋଇଅଛି, ତଥାପି ଜଳବାୟୁ ସମ୍ବନ୍ଧରେ ଦେବଗଡ଼ ସ୍ୱାସ୍ଥ୍ୟକର ବୋଲି ପ୍ରତିଷ୍ଠିତ ନୁହେ । ବୈଦେଶିକ ଲୋକମାନେ ଏଠାରେ ପ୍ରାୟ ଜ୍ୱର ରୋଗରେ ଆକ୍ରାନ୍ତ ହୁଅନ୍ତି । କେହି କେହି ବହୁ ବର୍ଷ ଏଠାରେ ଅତିବାହିତ କରି ସୁଦ୍ଧା ଅଦ୍ୟାପି ସାମୟିକ ଜ୍ୱରର ଶରବ୍ୟ ହେଉଅଛନ୍ତି ।

ଶିକ୍ଷା ବିଷୟରେ ମହାରାଜାଙ୍କ ଆଶାତୀତ ଉଦ୍ୟୋଗ ଦେଖି ଆମ୍ଭେମାନେ ଅତ୍ୟନ୍ତ ପ୍ରୀତ ହେଲୁଁ । ରାଜ୍ୟର ପ୍ରଧାନ ପ୍ରଧାନ ସ୍ଥାନମାନଙ୍କରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ଥାପିତ ହୋଇଅଛି ଏବଂ ସେହି ବିଦ୍ୟାଳୟସମୂହର ତତ୍ତ୍ୱାବଧାନ ଭାର ଜଣେ ସୁଦକ୍ଷ କର୍ମଚାରୀ ପ୍ରତି ଅର୍ପିତ ହୋଇଅଛି । ମଫସଲର ସ୍କୁଲମାନଙ୍କରେ ସଂପ୍ରତି ଯେଉଁମାନେ ଶିକ୍ଷକତା କାର୍ଯ୍ୟ ଚଳାଉ-ଅଛନ୍ତି, ସେମାନଙ୍କ ଅପେକ୍ଷା ଯୋଗ୍ୟତର ବ୍ୟକ୍ତି ନିଯୁକ୍ତ ହେବାର ବାଞ୍ଛନୀୟ । ମାତ୍ର ଶିକ୍ଷାର ପ୍ରଥମାବସ୍ଥାରେ ସୁଯୋଗ୍ୟ ବ୍ୟକ୍ତି ପାଇବାର ସହଜ କଥା ନୁହେ ଏବଂ ଆପାତତଃ ଯେପରି ଲୋକ ସୁଲଭ, ସେହିମାନଙ୍କଦ୍ୱାରା କାର୍ଯ୍ୟ ଚଳାଇବାର ଯେଉଁ ବନ୍ଦୋବସ୍ତ ହୋଇଅଛି, ତାହା ସୁବିବେଚନାସଙ୍ଗତ ବୋଧ ହୁଏ ।

ଦେବଗଡ଼ସ୍ଥିତ ରାଜକୁମାର-ସ୍କୁଲରେ କଲିକତା-ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷୋପଯୋଗୀ ଶିକ୍ଷା ଦେବାର ବିହିତ ବନ୍ଦୋବସ୍ତ ହୋଇଅଛି । ରାଜକୁମାର-ସ୍କୁଲ କେବଳ ରାଜକୁମାରମାନଙ୍କ ଶିକ୍ଷା ନିମନ୍ତେ ପ୍ରତିଷ୍ଠିତ ହୋଇନାହିଁ । ଏହି ବିଦ୍ୟାଳୟ ରାଜ୍ୟମଧ୍ୟରେ ପ୍ରଧାନତମ ସାଧାରଣ ଶିକ୍ଷା-ମନ୍ଦିର । ଦୁଃଖର ବିଷୟ, ସମଗ୍ର ଓଡ଼ିଶା ଗଡ଼ଜାତ ମଧ୍ୟରେ ଆଜିପର୍ଯ୍ୟନ୍ତ ଏ ଶ୍ରେଣୀର

ଗୋଟିଏ ବିଦ୍ୟାଳୟ ସୁଦ୍ଧା ସ୍ଥାପିତ ହୋଇ ନାହିଁ ।

ଅଳଙ୍କାର ବୋଧୋଦୟ-ପ୍ରଣେତା ମହାରାଜ ବାସୁଦେବ ସଂସ୍କୃତ ଭାଷାରେ ସୁପଣ୍ଡିତ । ଏହାଙ୍କର ପରିଚୟ ବୋଧହୁଏ ଶିକ୍ଷିତ ଉତ୍କଳବାସୀଙ୍କୁ ଦେବାର ଅନାବଶ୍ୟକ । ଓଡ଼ିଆ ଭାଷାର ଉତ୍କର୍ଷ ସାଧନ ବିଷୟରେ ମଧ୍ୟ ତାଙ୍କର ଯଥେଷ୍ଟ ଆସ୍ଥା ଲକ୍ଷିତ ହେଲା ।

ପ୍ରତ୍ୟେକ ବିଭାଗର କାର୍ଯ୍ୟ ପୁଙ୍ଖାନୁପୁଙ୍ଖ ପର୍ଯ୍ୟବେକ୍ଷଣ କରି, ଏକାକୀ ପଦବ୍ରଜରେ ତାବତ୍ ସାଧାରଣ କାର୍ଯ୍ୟାଳୟ, ଅଶ୍ୱଶାଳା ହସ୍ତିଶାଳା, ସଦାବ୍ରତ ଏବଂ ଉଦ୍ୟାନାଦି ପରିଭ୍ରମଣ କରି ସୁଦ୍ଧା ମହାରାଜ ପ୍ରତ୍ୟହ ପ୍ରାୟ ୬।୭ ଘଣ୍ଟାକାଳ ସଂସ୍କୃତ ଏବଂ ବଙ୍ଗୋତ୍କଳ ପୁସ୍ତକାଲୋଚନାରେ ଏବଂ ପଣ୍ଡିତମାନଙ୍କ ସହିତ ଶାସ୍ତ୍ରଚର୍ଚ୍ଚାରେ ଅତିବାହିତ କରନ୍ତି । ମହାରାଜାଙ୍କର ଗୋଟିଏ ସୁସଜ୍ଜିତ ସଂସ୍କୃତ ପୁସ୍ତକାଳୟ ଅଛି-ଉଲ୍ଲିଖିତ ବିବରଣୀରୁ ପାଠକ ସହଜରେ ବୁଝିପାରିବେ ଯେ, ଏହି ପୁସ୍ତକାଳୟଟି ନିତାନ୍ତ ପୋଷାକୀ ପୁସ୍ତକାଳୟ ନୁହେଁ । ମହାରାଜ ସ୍ୱୟଂ ସଂସ୍କୃତାନୁରାଗୀ, ଏମନ୍ତ ସ୍ଥଳରେ ରାଜ୍ୟ ମଧ୍ୟରେ ସଂସ୍କୃତ ବିଦ୍ୟାଳୟର ଅଭାବ ଆପାତତଃ ଆଶ୍ଚର୍ଯ୍ୟଜନକ ବୋଧ ହୋଇପାରେ । ପ୍ରକୃତ କଥା ଏହି ଯେ ଏ ବିଷୟରେ ମହାରାଜ ପ୍ରଗାଢ଼ ଯତ୍ନ କରି ସୁଦ୍ଧା ସ୍ଥାନୀୟ ବ୍ରାହ୍ମଣମାନଙ୍କର ଅଗ୍ରାହକତା ଏବଂ ଅନାସ୍ଥା ନିବନ୍ଧନ ଅକୃତକାର୍ଯ୍ୟ ହୋଇଅଛନ୍ତି ।

ବାମଣ୍ଡାର ଚିକିତ୍ସାଳୟର ବନ୍ଦୋବସ୍ତ ଅତି ସୁନ୍ଦର । ଔଷଧ, ପଥ୍ୟ ଦ୍ରବ୍ୟ ଏବଂ ଯନ୍ତ୍ରାଦିର ଅଭାବ ନାହିଁ, ମଫସଲରେ ଲୋକମାନଙ୍କୁ ବସନ୍ତ ରୋଗରୁ ରକ୍ଷା କରିବା ନିମନ୍ତେ ଟିକାଦାତାମାନେ ଗ୍ରାମେ ଗ୍ରାମେ ଭ୍ରମଣ କରୁଅଛନ୍ତି । ଚିକିତ୍ସାଳୟର ରେଜିଷ୍ଟରି ଦୃଷ୍ଟିରେ ଜଣାଗଲା ଯେ ଏଠାରେ ଡାକ୍ତରମାନେ ନିତାନ୍ତ ରାଜ-ମୋସାହେବ ନୁହନ୍ତି ; ବାସ୍ତବିକ ଏମାନଙ୍କୁ ମୁଣ୍ଡ ପକାଇ ଖଟି ରତାଇବାକୁ ହୁଏ ।

ମହାରାଜ ପ୍ରାୟ ୩୪ ବର୍ଷ ହେଲା ଗୋଟିଏ ମୁଦ୍ରାଯନ୍ତ୍ର ସ୍ଥାପନ କରିଅଛନ୍ତି । ରାଜଭ୍ରାତା ଶ୍ରୀଯୁକ୍ତ ବାବୁ ବୃନ୍ଦାବନଚନ୍ଦ୍ର ଦେବ ମହୋଦୟ ଏହି ପ୍ରେସର କାର୍ଯ୍ୟାଧ୍ୟକ୍ଷସ୍ୱରୂପ ନିଯୁକ୍ତ ହୋଇଅଛନ୍ତି । ବୃନ୍ଦାବନ ବାବୁ ଜଣେ ସୁଶିକ୍ଷିତ ଏବଂ କାର୍ଯ୍ୟଦକ୍ଷ ବ୍ୟକ୍ତି । ଶିଳ୍ପକୌଶଳରେ ମହାରାଜଙ୍କର ତୁଲ୍ୟକକ୍ଷ ବୋଲି ଏହାଙ୍କର ପ୍ରତିଷ୍ଠା ଅଛି । ମୁଦ୍ରାଯନ୍ତ୍ର ଚଳାଇବା ବିଷୟରେ ମଫସଲସୁଲଭ ନାନାବିଧ ବାଧା ଏବଂ ଅସୁବିଧା ଅତିକ୍ରମ କରି ଏ ମହାଶୟ ଯେମନ୍ତ ଦକ୍ଷତା ସହିତ ପ୍ରେସ୍ ଚଳାଉଅଛନ୍ତି, ସେଥିରୁ ବୋଧହୁଏ ଯେ, ଏହି ମୁଦ୍ରାଯନ୍ତ୍ର ଅଳ୍ପ ସମୟ ମଧ୍ୟରେ ଆତ୍ମପୋଷଣକ୍ଷମ ହୋଇ ପାରିବ । କଳାହାଣ୍ଡିର କୁମାର ଶ୍ରୀଯୁକ୍ତ ରାମଚନ୍ଦ୍ର ସିଂହଦେଓ ଓ ଦୁର୍ଦ୍ଦୈବବଶତଃ ଘଟନା-ବିପାକରେ ପୈତୃକ ରାଜ୍ୟରୁ ବଞ୍ଚିତ ହୋଇ ସମ୍ପ୍ରତି ବାମଣ୍ଡା ମହାରାଜାଙ୍କ ଆଶ୍ରୟରେ ରାଜଭବନର ଅନତିଦୂରରେ ଅବସ୍ଥାନ କରୁଅଛନ୍ତି । ସିଂହ ବାବୁ ଜଣେ ତେଜସ୍ୱୀ ପୁରୁଷ, ମୃଗୟା ଏବଂ ଅସ୍ତ୍ରଚାଳନାରେ ବିଲକ୍ଷଣ ପଟୁ । ରାଜ୍ୟକୁ ବନ୍ୟଜନ୍ତୁର ଉପଦ୍ରବରୁ ରକ୍ଷା କରିବାର ଭାର ସମ୍ପ୍ରତି ଏହାଙ୍କ ହସ୍ତରେ ନ୍ୟସ୍ତଥିବାପ୍ରାୟ ବୋଧ ହୁଏ । ଏହାଙ୍କ ରଚିତ 'ଜଳଧର-ତରଙ୍ଗିଣୀ- ଏବଂ 'ରସତରଙ୍ଗିଣୀ ଏହାଙ୍କର ରୁଚି ଏବଂ ରଚନାଶକ୍ତିର ଆଂଶିକ ପରିଚୟସୂଚକ-ରୂପେ ଗୃହୀତ ହୋଇପାରେ । ଆମ୍ଭେମାନେ

ଏହାଙ୍କର ଉଦାରତା ଏବଂ ଅମାୟିକତା ଦେଖି ମୋହିତ ହୋଇଥିଲୁଁ ।

ମହାରାଜ ଯେ ଉଚ୍ଚପଦରେ ଏହାଙ୍କର ସହାୟ ହୋଇ ଏହାଙ୍କୁ ଆଶ୍ରୟ ପ୍ରଦାନ କରିଅଛନ୍ତି, ଏହା ତାଙ୍କର ମହତ୍ତ୍ୱ ଏବଂ ଆଭିଜାତ୍ୟର ସମୁଚିତ ହୋଇଅଛି ।

ଶାସନ ଏବଂ ରାଜସ୍ୱ ବିଭାଗର ପ୍ରଧାନ କର୍ମଚାରୀମାନଙ୍କ ମଧ୍ୟରେ ଉପଯୁକ୍ତ ଏବଂ ସଚ୍ଚରିତ୍ର ଲୋକର ଅଭାବ ନାହିଁ, ମାତ୍ର ଏମାନଙ୍କର ବେତନ ପଦୋଚିତ ଏବଂ ଦାୟିତ୍ୱାନୁରୂପ ବୋଧ ହେଲା ନାହିଁ । ଏହା ସତ୍ୟ ଯେ, ସ୍ୱୟଂ ମହାରାଜ ଶାସନଯନ୍ତ୍ରର ପ୍ରଧାନ ଚାଳକ ଏବଂ ତାହାଙ୍କର ତୀବ୍ର ଏବଂ ମର୍ମଭେଦୀ ଦୃଷ୍ଟି ପ୍ରତ୍ୟେକ କର୍ମଚାରୀର କାର୍ଯ୍ୟର ଉତ୍କର୍ଷାପକର୍ଷ ଅବକଳନ କରୁଅଛି । ମାତ୍ର ଏହା କହିଲେ ଯେ ପ୍ରୋକ୍ତ ଅଳ୍ପ ବେତନ ସମର୍ଥିତ ହେଲା, ତାହା ନୁହେଁ ।

ବାମଣ୍ଡାରେ ଆମ୍ଭେମାନେ ଯେତେଦିନ ଥିଲୁଁ, ସେହି ସମୟ ମଧ୍ୟରେ ଆମ୍ଭମାନଙ୍କର ସମଭିବ୍ୟାହାରୀ କେତେ ବଂଧୁ ପୀଡ଼ିତ ହେଲେ । ଏ ସମୟରେ ମହାରାଜଙ୍କର ଆଶାତୀତ ସୌଜନ୍ୟ ଦେଖି ଆମ୍ଭେମାନେ କେ ପର୍ଯ୍ୟନ୍ତ ପ୍ରୀତ ହୋଇଥିଲୁଁ ତାହା କହି ନ ପାରୁଁ । ମହାରାଜ ପ୍ରାୟ ପ୍ରତ୍ୟହ ଦୁଇଥର ଆମ୍ଭମାନଙ୍କର ବସାକୁ ଆସି ରୋଗୀଙ୍କର ତତ୍ତ୍ୱ ନେଉଥିଲେ ଏବଂ ରୋଗୀଙ୍କର ଯେତେବେଳେ ଯାହା ଆବଶ୍ୟକ ହେଉଥିଲା, ଯଥାସମୟରେ ତାହା ଯୋଗାଇବାର ସୁବ୍ୟବସ୍ଥା କରାଇ ଦେଉଥିଲେ ।

ମହାରାଜାଙ୍କ ଅଧିକାଂଶ କାର୍ଯ୍ୟ ବିଚକ୍ଷଣତା ଏବଂ ଶ୍ରମଶୀଳତାର ପରିଚାୟକ । ବ୍ୟସନ ଏହାଙ୍କୁ ସ୍ପର୍ଶ କରିନାହିଁ । ଅଧିକାଂଶ ରାଜାଙ୍କ ପରି ନିଷ୍କର୍ମା ଭାଗ୍ୟବାନ୍ ହୋଇ ସନ୍ତୁଷ୍ଟ ରହିବାର ଏହାଙ୍କର ପ୍ରକୃତିବିରୁଦ୍ଧ ବୋଧ-

ହୁଏ । ଦୁର୍ଭାଗ୍ୟକ୍ରମେ ଅଧିକାଂଶ ରାଜା ରାଜପଣ ପାଇ ମନୁଷ୍ୟପଣ ହରାନ୍ତି । ଏମାନଙ୍କଠାରୁ ଦେବାଧୀନ ରାଜପଣ ବାଦ ଦିଅ, ବାକି କ'ଣ ରହିଲା ? ବାକି କେବଳ ଗୋଟିଏ ଅକର୍ମଣ୍ୟ ବ୍ୟସନୀ ପୁରୁଷ । ବାସୁଦେବଙ୍କ କାର୍ଯ୍ୟାବଳୀ ଦେଖିଲେ ସ୍ୱୟଂ ଈର୍ଷା ମୁଦ୍ଧା ଏହା କହି ପାରିବ ନାହିଁ । ରାଜପଣ ବାଦ ଦିଅ, ମହାରାଜ ବାସୁଦେବ ତଥାପି ନରରାଜ । ପ୍ରକୃତିସ୍ଥ ନରରାଜଙ୍କ ହସ୍ତରେ ଦେବାଧୀନ ରାଜଦଣ୍ଡ ନ୍ୟସ୍ତ ହେଲେ ଯେମନ୍ତ ହେବାର ଉଚିତ, ବାସୁଦେବ ସମ୍ପୂର୍ଣ୍ଣରୂପେ ନ ହେଉ ଅନ୍ତତଃ ବହୁପରିମାଣରେ ସେହିପରି ହୋଇଅଛନ୍ତି ଏବଂ ଏପରି ରାଜଦଣ୍ଡ ସମୟରେ ରାଜ୍ୟର ଯେମନ୍ତ ଉନ୍ନତି ହେବାର ଉଚିତ ବାମଣ୍ଡା ସେହି ଉନ୍ନତିରୁ ବଞ୍ଚିତ ହୋଇନାହିଁ ।

ଦେବଗଡ଼ରେ ସ୍ତାବକମାନଙ୍କର ସମସ୍ତ ସମୟରେ କପଟ ସତ୍କାର ହୁଏ, ନିମ୍ନୋକ୍ତ ଘଟନା ସେଥିର ପରିଚାୟକ । ଦିନେ କଥୋପକଥନ ପ୍ରସଙ୍ଗରେ କୌଣସି ବିଷୟରେ ମହାରାଜଙ୍କ ସହିତ ମୋହର ମତାନ୍ତର ହେଲା । ଅନେକ ବିତଣ୍ଡା ପରେ ମହାରାଜ କହିଲେ, ଆପଣ ଯାହା କହିଲେ ମୁଁ ତହିଁରେ ଏକମତ ହୋଇ ପାରୁନାହିଁ । ଆପଣଙ୍କ ମତ ଇଉରୋପୀୟ ମତ ଅନୁସାରେ ଗଠିତ । ଆପଣ ସାହେବୀ ମତର ଅଯଥା ପକ୍ଷପାତୀ ।" ମୁଁ କିଛି ଉତ୍ତର ଦେଇ କାର୍ଯ୍ୟାନୁରୋଧରେ ବସାକୁ ଆସିଲି । ମୋହର ଅନୁପସ୍ଥିତ ସମୟରେ ମହାରାଜ ପାର୍ଶ୍ୱଚର-ମାନଙ୍କ ମଧ୍ୟରୁ ଜଣକୁ ତାଙ୍କର ନିଜ ମତ ପଚାରିଲେ । ପାର୍ଶ୍ୱଚର ଉତ୍ତର କଲା, "ଧଣିମା, ଶ୍ରୀମୁଖରୁ ଯେଉଁ ଆଜ୍ଞା ହେଲା ପ୍ରମାଣ, ଏ ସାହେବମାନଙ୍କ କଥାରେ ଭୁଲିଅଛନ୍ତି । କେତେ ସାହେବ ଆସି ବାଣ୍ଡିତଲେ

ପଡ଼ିଅଛନ୍ତି ।" ମହାରାଜ ପୁଣି ଈଷଦ୍ହାସ୍ୟ କରି କହିଲେ, "ତୁମ୍ଭେ ମୋ ସନ୍ତୋଷ ପାଇଁ ମୋ ଆଗରେ ଯେମନ୍ତ କହିଲ, ସାହେବ ଆଗରେ କାଟିଲେ ଏ କଥା ନ କହ ଯେ 'ହଜୁର ! କେତେ ରଜା ଆପଣଙ୍କ ବାଡ଼ିତଳେ ପଡ଼ିଅଛନ୍ତି' ।"

ବାମଣ୍ଡାର ପଶ୍ଚିମ ଏବଂ ଉତ୍ତରାଂଶ ଦେଖିବାପାଇଁ ଆମ୍ଭେମାନେ ସମୟ ପାଇଲୁଁ ନାହିଁ ।

ଗଡ଼ରୁ ସମ୍ବଲପୁରକୁ ଗୋଟିଏ ପ୍ରଶସ୍ତ ପକ୍କା ସଡ଼କ ଯାଇଥିବାର ଶୁଣିଲୁଁ । ଏହି ସଡ଼କରେ ସମ୍ବଲପୁରରୁ ଡାକ ଆସେ । କୋଚିଣ୍ଡାନାମକ ବାମଣ୍ଡାର ଗୋଟିଏ ବନ୍ଦର ଏବଂ ସମୃଦ୍ଧିଶାଳୀ ସବଡିଭିଜନ୍ ଏହି ସଡ଼କର ଉତ୍ତରାଂଶରେ ଅବସ୍ଥିତ । ବାମଣ୍ଡାର ଉତ୍ତରାଂଶ ନିରବଚ୍ଛିନ୍ନ ପର୍ବତ-ସମାକୀର୍ଣ୍ଣ । କୃଷି ଯୋଗ୍ୟ ଭୂମି ଏ ଅଞ୍ଚଳରେ ନିତାନ୍ତ ବିରଳ । ବାମଣ୍ଡାରୁ ଲହଡ଼ା ଆସିବାକୁ ଆମ୍ଭମାନଙ୍କୁ ତିନି ଦିନ ଲାଗିଲା । ମାର୍ଗରେ ବସାଇ, ତଅଁରା, ବାରକୋଟ, କଲାଙ୍ଗଇତା ପ୍ରଭୃତି ସ୍ଥାନମାନ ଦେଖି ଆସିଲୁଁ । ପ୍ରତ୍ୟେକ ଗ୍ରାମର ଗଳି ଗଳି ସଡ଼କ । ଅଧିକାଂଶ ଗ୍ରାମ ଟିଙ୍କ ( ଟାଙ୍ଗି ) ଭୂମିରେ ଅବସ୍ଥିତ ହେବାରୁ ବିନା ଯତ୍ନ ଏବଂ ବ୍ୟୟରେ ସଡ଼କମାନ ପକ୍କା ସଡ଼କ ପରି ହୋଇଅଛି । ବାରକୋଟ ଗ୍ରାମ ବ୍ରାହ୍ମଣୀର ପୂର୍ବତୀରବର୍ତ୍ତୀ । ଏଠାରେ ବର୍ଷାର ଅଧିକାଂଶ ସମୟରେ ବାୟୁ ପ୍ରାୟ ଝଟିକାକାରରେ ବହୁଥାଏ ।

ତଲଙ୍ଗା ଏବଂ ଅନ୍ୟାନ୍ୟ ପର୍ବତର ସାନ୍ନିଧ୍ୟ ହେତୁରୁ ସ୍ଥାନର ଦୃଶ୍ୟ ଅତି ସୁନ୍ଦର । ଏଠାରେ ରଜାଙ୍କର ଥାନା, ଘୋଡ଼ା ଏବଂ ରମ୍ଭାନାମ୍ନୀ ଗ୍ରାମଦେବୀଙ୍କର ମନ୍ଦିର ଅଛି । କଲାଙ୍ଗଇତା ଗ୍ରାମ ଗୋଟିଏ କ୍ଷୁଦ୍ର ସହର ପରି ବୋଧ ହୁଏ । ପ୍ରାଚୀନକାଳ ରାଜଧାନୀ ପଶ୍ଚାତ୍ୟାଗ ଉତ୍କଳ ରାଜ୍ୟର ଅନ୍ତର୍ବର୍ତ୍ତୀ ଜନପଦରେ ପରିଭ୍ରମଣକାଳୀନ ଆମ୍ଭମାନଙ୍କର କୌଣସି କଷ୍ଟ ହୋଇନାହିଁ ।

ମହାରାଜାଙ୍କଠାରୁ ଆମ୍ଭେମାନେ ବିଦାୟ ହୋଇ ଆସିଥିଲୁଁ ସତ୍ୟ, ମାତ୍ର ତାହାଙ୍କର ସୌଜନ୍ୟର ପ୍ରଭାବ ସମସ୍ତ ରାଜ୍ୟବ୍ୟାପୀପ୍ରାୟ ବୋଧ ହେଲା ଏବଂ ସମଗ୍ର ଜନପଦବାସୀ ସେହି ସୌଜନ୍ୟଦ୍ୱାରା ସଂଶିକ୍ଷିତପ୍ରାୟ ବୋଧ ହେଉଥିଲେ ।

## ( ଲହଡ଼ା ଓ କେନ୍ଦୁଝର )

ବାମଣ୍ଡାରୁ ଲହଡ଼ା ଆସିବାକୁ ତିନି ଦିନ ଲାଗିଥିଲା । ଓଡ଼ିଶାର ସର୍ବପ୍ରଧାନ ପର୍ବତ ମାଲ୍ୟଗିରି ଲହଡ଼ା ରାଜଧାନୀର ତିନି କୋଶ ଦୂରରେ ଅବସ୍ଥିତ । ଏହି ପର୍ବତକୁ କେହି କେହି ରାମାୟଣରେ ମାଲ୍ୟବନ୍ତ ବୋଲି କହନ୍ତି । ମାତ୍ର ଏ କଥା ପ୍ରାମାଣିକ ବୋଲି ବୋଧ ହେଉନାହିଁ । ବାଲ୍ମୀକି ରାମାୟଣରେ ରାମଙ୍କର ଲଙ୍କାଗମନ ମାର୍ଗ ଯେମନ୍ତ ବର୍ଣ୍ଣିତ ହୋଇଅଛି, ତାହା ପଢ଼ିଲେ ଏହି ଭ୍ରମାତ୍ମକ ଅନୁମାନ ଅବଶ୍ୟ ଦୂରୀଭୂତ ହେବ ।

ଆମ୍ଭେମାନେ ଲହଡ଼ା ଅଭିମୁଖରେ ଯେତେ ଅଗ୍ରସର ହେଉଥିଲୁଁ, ମାଲ୍ୟଗିରିର ବିଶାଳ ଅବୟବମାନ କ୍ରମଶଃ ପରିସ୍ଫୁଟ ହେଉଥିଲା । ଏହି ପର୍ବତଟି କେବଳ ଲହଡ଼ାରେ ନୁହେଁ, ଓଡ଼ିଶାର ମଧ୍ୟ ଗୋଟିଏ ପ୍ରଧାନ ଦୃଶ୍ୟ । ଦେଖିଲାକ୍ଷଣି ଏହାର ବିରାଟ ଭାବ ସ୍ପଷ୍ଟ ଉପଲବ୍ଧ ହୁଏ ।

ସମସ୍ଥାନରୁ ଆମ୍ଭେମାନେ ପର୍ବତର ଅତି ନିକଟବର୍ତ୍ତୀ ହୋଇ ପୁଣି ଆରୋହଣସୁଖରୁ ବଞ୍ଚିତ ହେଲୁଁ । ପର୍ବତ ମଧ୍ୟ ଅତି ଦୁରାରୋହ । ଗ୍ରୀଷ୍ମ ବ୍ୟତୀତ ଅନ୍ୟ ଋତୁରେ ଏହା ଦୁଷ୍ପ୍ରବେଶ୍ୟ । ବିଶେଷତଃ ଶୀତକାଳରେ

ନିବିଡ଼ ଶିକୁଳାବନ ପର୍ଯ୍ୟଟକମାନଙ୍କର ପ୍ରଧାନ ଅନ୍ତରାୟ ହୁଏ ।

ଲହଡ଼ାର ରାଜଧାନୀ ମାଙ୍କଡ଼ାନାମକ ଗ୍ରାମ୍ଭୀର ଗୋଟିଏ ଉପନଦୀତୀରରେ ଅବସ୍ଥିତ ସ୍ଥାନଟି ଅପରିଷ୍କୃତ ନୁହେ, ମାତ୍ର ରାଜପଥର ବିଶେଷ ଅଭାବ ଲକ୍ଷିତ ହେଲା ।

ଶିକ୍ଷା ବିଷୟରେ ମହାରାଜାଙ୍କର ଆସ୍ଥା ଥିବାର ବୋଧ ହେଲା । ମାତ୍ର ସେହି ଆଶା ଯଥୋଚିତ କାର୍ଯ୍ୟରେ ପରିଣତ ହୋଇଥିବାର ପରିଚୟ ମିଳିଲା ନାହିଁ । ସଂସ୍କୃତଶିକ୍ଷା ବିଷୟରେ ମହାରାଜାଙ୍କର ଦୃଷ୍ଟି ନାହିଁ ଏବଂ ସେହି ଅନୁଷ୍ଠାନ କିୟତ୍ପରିମାଣରେ ଫଳପ୍ରଦ ହୋଇଅଛି । ବିଦେଶୀୟ ସଂସ୍କୃତଜ୍ଞ ପଣ୍ଡିତମାନେ ମଧ୍ୟ ମହାରାଜାଙ୍କଠାରୁ ଯଥେଷ୍ଟ ଉତ୍ସାହପ୍ରାପ୍ତ ହୁଅନ୍ତି ।

ପଥିକମାନଙ୍କ ପ୍ରତି ମହାରାଜାଙ୍କର ଭଦ୍ରତା ଓ ସୌଜନ୍ୟର ପ୍ରଶଂସା ପୂର୍ବରୁ ଶୁଣିଥିଲୁ । ଯାହା ଦେଖିଲୁଁ, ତାହା ସେହି ପ୍ରଶଂସାର ସମ୍ପୂର୍ଣ୍ଣ ପୋଷକ ଅଟେ । ମହାରାଜାଙ୍କ ସହିତ ସାକ୍ଷାତ କରି ତାହାଙ୍କ ସୁଶୀଳତା ଏବଂ ଅମାୟିକତାରେ ଆମ୍ଭେମାନେ ଅତ୍ୟନ୍ତ ପ୍ରୀତ ହୋଇଥିଲୁଁ । ଏହାଙ୍କ ରାଜ୍ୟ କ୍ଷୁଦ୍ର, ଆୟ ଅଳ୍ପ, ମାତ୍ର ହୃଦୟ ପ୍ରକୃତ ରାଜୋଚିତ ହୃଦୟ, ଏଥିରେ ଲେଶମାତ୍ର ସନ୍ଦେହ ନାହିଁ । ତିନ ଚାରି ବର୍ଷ ତଳେ ମହାରାଜଙ୍କ ସମ୍ବନ୍ଧରେ କିପରି ଭୟାନକ ଜନରବ ଉଠିଥିଲା, ତାହା ପାଠକମାନଙ୍କର ସ୍ମରଣ ଥାଇପାରେ । ଦୁର୍ବୃତ୍ତର ଅସାଧ୍ୟ କାର୍ଯ୍ୟ ନାହିଁ, ସହସ୍ର ସାଧୁ ହେଲେ ସୁଦ୍ଧା ଦୁର୍ବୃତ୍ତର ହିଂସାର ଶରବ୍ୟ ହେବାକୁ ହୁଏ ।

ପୁଷ୍କରିଣୀ, ରାଜପଥ, ବିଦ୍ୟାଳୟ ଓ ଚିକିତ୍ସାଳୟ ପ୍ରଭୃତି ହିତକର କାର୍ଯ୍ୟ ସମ୍ବନ୍ଧରେ ଲହଡ଼ା ଆଶାନୁରୂପ ଅଗ୍ରସର ହୋଇଥିବାର ବୋଧ ହେଲାନାହିଁ । ରାଜ୍ୟର ଅମିତବ୍ୟୟ ଗୋଟିଏ ପ୍ରଧାନ ଅନ୍ତରାୟ, ସନ୍ଦେହ ନାହିଁ । ତଥାପି ଆୟବ୍ୟୟର ସମତା ପ୍ରତି ଦୃଷ୍ଟିରଖି ନିୟମିତରୂପେ ଚଳି ପାରିଲେ ମହାରାଜ ନିଜ ରାଜ୍ୟକୁ ଅନେକ-ଦୂର ଉନ୍ନତିମାର୍ଗରେ ନେଇ ପାରିବେ ।

ଲହଡ଼ାରେ ଚାରି ଦିନ ଅବସ୍ଥାନାନ୍ତର ଆମ୍ଭେମାନେ କେନ୍ଦୁଝର ଯାତ୍ରା କଲୁଁ । ଖଣ୍ଡାଧର ବାଟେ ଯିବାର ପୂର୍ବରୁ ସଂକଳ୍ପ ଥିଲା । ମାତ୍ର କେତେକ ଅସୁବିଧା ଘଟିବାରୁ ଅଗତ୍ୟା ସେହି ସଂକଳ୍ପ ପରିତ୍ୟାଗ କଲୁଁ । ପ୍ରଥମ ଦିନ ପୂର୍ବାହ୍ଣ ୧୧ଟାବେଳେ ବାହାରି ରାତ୍ରି ଏକପ୍ରହର ସମୟରେ ଗୋବିନ୍ଦପୁର-ନାମକ ଆରଣ୍ୟପଲ୍ଲୀରେ ଉପସ୍ଥିତ ହେଲୁଁ । ଏହି ମାର୍ଗ ଅତି ଉଚ୍ଚାବଚ ଏବଂ ନିବିଡ଼ ଅରଣ୍ୟାନୀମୟ । ବନଦେବତାର ପ୍ରାସାଦରୂପୀ ବିଶାଳ ତରୁସ୍ତମ୍ଭମାନଙ୍କ ଛାୟାରେ ଚତୁର୍ଦ୍ଦିଗ ଅନ୍ଧକାରିତ ଏବଂ ଝିଲ୍ଲୀରବରେ ବନଭୂମି ସର୍ବଦା ଝଙ୍କାରିତ । ଆମ୍ଭେମାନେ ଏ ଯାତ୍ରାରେ ଏପରି ଘୋରଅରଣ୍ୟ ଏହି ପ୍ରଥମ ଦେଖିଲୁଁ । ତଟଭୂମିରେ ସଞ୍ଚରଣବେଳେ ମାଲ୍ୟଗିରିର ଭୀଷଣ ମୂର୍ତ୍ତି ଏବଂ ତାହାର ବକ୍ଷସ୍ଥିତ ଗୋଟିଏ ସ୍ଫଟିକବତ୍ ଶୁଭ୍ର ଜଳାସ୍ତରଣ ଆମ୍ଭମାନଙ୍କ ନେତ୍ରଗୋଚର ହୋଇଥିଲା । ଏହି ଜଳାସ୍ତରଣ ସମ୍ଭବତଃ ଗୋଟିଏ ପ୍ରପାତ ହୋଇଥିବାରୁ ଆମ୍ଭେମାନେ ମାର୍ଗରେ ଯାଉଁ ଯାଉଁ ସନ୍ଧ୍ୟାସମୟରେଏକସ୍ଥାନରେ ସଦ୍ୟଃ ଗୋଟିଏ ବୃହତ୍ ବ୍ୟାଘ୍ର ଚାଲି ଯାଇଥିବାର ସ୍ପଷ୍ଟ ଚିହ୍ନମାନ ଦେଖି ଶଙ୍କିତ ହେଲୁଁ ଏବଂ ସମତ୍ନେ ଦଳବାନ୍ଧି ଅଗ୍ରସରହେବାକୁ ଲାଗିଲୁଁ ।

ଗୋବିନ୍ଦପୁର ଗୋଟିଏ କ୍ଷୁଦ୍ର ଭୂୟାଁପଲ୍ଲୀ । ପ୍ରତ୍ୟେକ ଭୂୟାଁଗ୍ରାମରେ ଅବିବାହିତ ଯୁବକମାନଙ୍କର ରାତ୍ରିଶୟନ ସକାଶେ ପଲ୍ଲୀ

ଅନତିଦୂରରେ ଗୋଟିଏ ଗୃହ ଥାଏ । ଏହି ଗୃହକୁ 'ଡେଣ୍ଡିଆ ଘର' କହନ୍ତି । ଗ୍ରାମବାସୀମାନେ ଆମ୍ଭମାନଙ୍କୁ ଉକ୍ତ ଗୃହରେ ସ୍ଥାନ ଦେଲେ ଏବଂ ଆମ୍ଭମାନଙ୍କ ସମଭିବ୍ୟାହାରୀ ଲୋକମାନଙ୍କ ସକାଶେ ଗୋଟିଏ ପର୍ଣ୍ଣଶାଳା ପ୍ରସ୍ତୁତ କରିଦେଲେ । ଅନ୍ଧକାରରେ ଦାରୁଣ ଶୀତର କଷ୍ଟକୁ କଷ୍ଟ ଜ୍ଞାନ ନ କରି ଆବାଲବୃଦ୍ଧ ଗ୍ରାମବାସୀ ଆମ୍ଭମାନଙ୍କ ସୁବିଧାବିଧାନ ସକାଶେ ଯେପରି ପରିଶ୍ରମ କଲେ ତାହା ଦେଖି ଆମ୍ଭେମାନେ ଚମତ୍କୃତ ହେଲୁଁ । ଭୂୟାଁମାନେ ଦରିଦ୍ର ହେଲେ ମଧ୍ଯ ଅତ୍ୟନ୍ତ ଅତିଥେୟ । ଏମାନେ ବନ୍ୟ ଫଳମୂଳ ଖାଇ ବର୍ଷର ଅଧିକାଂଶ ସମୟ ଅତିବାହିତ କରନ୍ତି ସତ୍ୟ, ମାତ୍ର ପ୍ରତ୍ୟେକ ଭୂୟାଁଗୃହମଧ୍ୟରେ ପ୍ରବେଶ କଲେ ତୁମ୍ଭେ ଦେଖିବ ଯେ ୨।୪ ସେର ଚାଉଳ ପତ୍ରରେ ବନ୍ଧା ହୋଇ ଶିକାରେ ପଥିକମାନଙ୍କ ସକାଶେ ଗୃହର ଅପେକ୍ଷାକୃତ ଅପ୍ରକାଶ୍ୟ ସ୍ଥଳରେ ଝୁଲୁଅଛି । ପଥିକମାନଙ୍କୁ ଉପବାସରେ ରଖାଇ ସ୍ୱୟଂ ଆହାର କରିବାର ଏମାନେ ମହାପାପ ମନେ କରନ୍ତି ।

ଏହି ଭୂୟାଁମାନଙ୍କର ପାହାଡ଼ିଆ ଭୂୟାଁମାନଙ୍କ ସହିତ ଆଦାନ ପ୍ରଦାନାଦି ଚଳେ । ମାତ୍ର ଅପେକ୍ଷାକୃତ ସମତଳଭୂମିବାସୀ ହୋଇ ଏମାନେ ନିଜର ଆଦିମ ଭାଷା ବିସ୍ମୃତ ହୋଇଅଛନ୍ତି । ଫଳତଃ ଓଡ଼ିଆ ଏମାନଙ୍କ ମାତୃଭାଷା ହୋଇଅଛି । ସୁଖର ବିଷୟ ଯେ ଓଡ଼ିଆଭାଷା ପ୍ରତ୍ୟେକ ଆଦିମ ଜାତିମାନଙ୍କ ମଧ୍ୟରେ ଶନୈଃ ଶନୈଃ ବ୍ୟାପ୍ତ ହୋଇ ନିଜ କ୍ଷେତ୍ର ପ୍ରଶସ୍ତ କରୁଅଛି ।

ଏହି ଗ୍ରାମର ପ୍ରଧାନ ଅଲ୍‌ହନ ପୂର୍ବରେ ଟାଙ୍ଗିଆରେ ଯୋଡ଼ାଏ ଭଲ୍ଲୁ ସ୍ୱହସ୍ତରେ ମାରିଥିବାର କହି ନିଜ ଶରୀର ଏବଂ ବସ୍ତ୍ରରେ ଭଲ୍ଲୁକାକ୍ରମଣରେ ସୁସ୍ପଷ୍ଟ ଚିହ୍ନମାନ ଦେଖାଇଲା । ଏହାର ଯୋଡ଼ିକ ଯୁବକ ପୁତ୍ରର ନାମ ଧନୁଶର ଏବଂ ଫୁଲଶର । ପୁତ୍ରଦ୍ୱୟଙ୍କୁ ପ୍ରଧାନ ସଗର୍ବରେ ଦେଖାଇ ଆମ୍ଭମାନଙ୍କ କାର୍ଯ୍ୟରେ ତତ୍ପର ହେବା ସକାଶେ ସତର୍କ କରିଦେଲା । ବୃଦ୍ଧର ସ୍ୱାଭାବିକ ସ୍ଫୂର୍ତ୍ତି, ସରଳତା ଏବଂ ନିର୍ଭୀକତା ଦେଖି ଆମ୍ଭେମାନେ ମୁଗ୍ଧ ହେଲୁଁ । ବସ୍ତ୍ରାଭାବରେ ଏକମାତ୍ର ଅଗ୍ନି ଏମାନଙ୍କର ଶୀତନିବାରଣର ପ୍ରଧାନ ଉପାୟ । କେବଳ ଶୀତନିବାରଣ ନୁହେଁ, ବନ୍ୟପଶୁର ଭୟନିବାରଣ ଏବଂ ରାତିରେ ଆଲୋକ ପ୍ରଦାନ ବିଷୟରେ ମଧ୍ୟ ଅଗ୍ନି ପ୍ରଧାନ ସହାୟ । ଶୁଷ୍କ ଶିଶୁଲି ଲତାରୁ ଏ ଅଞ୍ଚଳରେ ମଶାଲର କାର୍ଯ୍ୟ କରେ । କାଠର ଅଭାବ ନାହିଁ । ଏହି ଗ୍ରାମର ଦୁଇ ଏକକୋଶମଧ୍ୟରେ ଆମ୍ଭେମାନେ ଅସଂଖ୍ୟ ବୃହତ୍ ବୃହତ୍ ଶୁଷ୍କ ଶାଳକାଷ୍ଠ ଦେଖିଲୁଁ । ଝୁଣା କାଟିବାରେ ସହସ୍ର ସହସ୍ର ବୃକ୍ଷ ଏରୂପେ ନିଷ୍ପତ୍ର ଏବଂ ଶୁଷ୍କାବସ୍ଥାରେ ଦଣ୍ଡାୟମାନ ଅଛନ୍ତି । ଢେଙ୍ଗା ହାଣିବାରେ ମଧ୍ୟ ଅନେକ ବିଶାଳ ବନସ୍ପତି ଏହି ଅବସ୍ଥାକୁ ଭଜନ୍ତି ।

ବୃକ୍ଷର ମୂଳରୁ କିଞ୍ଚିତ୍ ଊର୍ଦ୍ଧ୍ୱରେ ଚକ୍ରାକାର ଏକହାତ ପଟ୍ଟରେ ବଳ୍କଳ ଛଡ଼ାଇ ଦେଇ ମୂଳର ଚତୁର୍ଦ୍ଦିଗରେ ଅଗ୍ନି ଜାଳି ଦେଲେ ବୃକ୍ଷମାନ ଅଚିରାତ୍ ମରିଯାଇ କଙ୍କାଳବିଶିଷ୍ଟ ହୋଇ ରହନ୍ତି । ପ୍ରତ୍ୟେକ ଗଡ଼ଜାତରେ ବିଶେଷତଃ କନ୍ଧମାଳରେ ଆମ୍ଭେମାନେ ଏହିପରି ଅସଂଖ୍ୟ ମୃତ ତରୁ ଦେଖିଅଛୁଁ । ସ୍ଥାନର ଅଗମ୍ୟତା ହେତୁରୁ ଏହି ମୂଲ୍ୟବାନ୍ ତରୁମାନଙ୍କର ଏଠାରେ କୌଣସି ମୂଲ୍ୟ ନାହିଁ । ପ୍ରାତଃକାଳରେ ଗ୍ରାମର କେତେଗୁଡ଼ିଏ ସ୍ତ୍ରୀ ଅଭ୍ୟର୍ଥନା ସକାଶେ ଆମ୍ଭମାନଙ୍କ ନିକଟରେ ଉପସ୍ଥିତ ହେଲେ । ଆଗନ୍ତୁକମାନଙ୍କ ସମକ୍ଷରେ ହରିଦ୍ରାମିଶ୍ରିତ ଜଳ ଢାଳି ନମସ୍କାର କରିବା ଏବଂ କୁଷ୍ମାଣ୍ଡ ଅଥବା ଅନ୍ୟ କୌଣସି ଫଳ ଉପହାର

ଦେବାର ଏମାନଙ୍କର ଚିରନ୍ତନ ପ୍ରଥା ଅଟେ । ଏମାନଙ୍କର ବେଶଭୂଷା ଅତି ସାମାନ୍ୟ । ଅନ୍ୟାନ୍ୟ ଆଦିମ ନାରୀଙ୍କ ପରି ପଥରମାଳରେ ଏମାନଙ୍କର ବିଶେଷ ଶ୍ରଦ୍ଧା । ଆମ୍ଭେମାନେ କିଞ୍ଚିତ୍ ପ୍ରତ୍ୟୁପହାର ଦେଇ ଏମାନଙ୍କୁ ବିଦାୟ ଦେଲୁଁ । ଏହି ପାର୍ବତୀୟ ଭୂମିରେ ଧାନ ଫସଲ ପ୍ରାୟ ଦୃଷ୍ଟିଗୋଚର ହୁଏ ନାହିଁ । ଇକ୍ଷୁଶସ୍ୟ, ମକ୍କା, କାଙ୍ଗୁ, ରାମତିଲା ଓ ତିଳ ପ୍ରଭୃତି ଏ ଅଞ୍ଚଳରେ ଅପର୍ଯ୍ୟାପ୍ତ ପରିମାଣରେ ଜନ୍ମେ ।

ଆମ୍ଭେମାନେ ପୂର୍ବରେ କହିଅଛୁଁ ଯେ, ବନ୍ୟ ଫଳମୂଳ ଆଦିମ ଜାତିଙ୍କର ଗୋଟିଏ ପ୍ରଧାନ ଉପଜୀବ୍ୟ, ଏହି ଫଳମୂଳମାନଙ୍କ ମଧ୍ୟରେ ତିକ୍ତ, କଟୁ, କଣ୍ଡୁଜନକ ଅଥବା ବିଷାକ୍ତ ଫଳମୂଳକୁ ସିଝାଇ ଏମାନେ ନିକଟବର୍ତ୍ତୀ ଗିରିନଦୀସ୍ରୋତରେ ଧୋଇଦେଇ ଆସନ୍ତି । ଏକଦ ସ୍ରୋତର ଜଳରେ ଧୌତ ହେଲା ଉତ୍ତାରୁ ଆହାର୍ଯ୍ୟରୂପେ ବ୍ୟବହୃତ ହୁଏ ।

ଆମ୍ଭେମାନେ ପୂର୍ବାହ୍ନ ୯ଘଣ୍ଟା ସମୟରେ ଗୋବିନ୍ଦପୁର ତ୍ୟାଗ କଲୁଁ । ପୂର୍ବୋକ୍ତ ପୁରାତନ ସାମରିକ ସଡ଼କରେ ପ୍ରାୟ ଦେଢ଼ କ୍ରୋଶ ଗଲା ଉତ୍ତାରୁ ଗୋଟିଏ ବୃହତ୍ ଘାଟି ପଡ଼ିଲା । ଏହି ଘାଟି ଉତ୍ତୀର୍ଣ୍ଣ ହେବାକୁ ୨।୮ ଘଣ୍ଟା ଲାଗିଲା । ଉପର୍ଯ୍ୟୁପରି ୭ଟି ପର୍ବତ ଆରୋହଣ କରିବାର ସହଜ କଥା ନୁହେଁ । ଆମ୍ଭେମାନେ ପ୍ରତ୍ୟେକ ପର୍ବତର ଶିଖର-ଦେଶରେ କିୟତ୍କ୍ଷଣ ବିଶ୍ରାମ କରି ଏବଂ ଚତୁର୍ଦ୍ଦିଗରେ ପ୍ରକୃତ ଦୃଶ୍ୟ ଦେଖି ପୁଣି ଅଗ୍ରସର ହେଉଥିଲୁଁ । ଗୋଟିଏ ସ୍ଥାନରେ ଦୁଇ ପର୍ବତର ସନ୍ଧିସ୍ଥଳରେ ଗୋଟିଏ ସୁନ୍ଦର ଗିରିନଦୀ ଦେଖିଲୁଁ । ସୋପାନପରମ୍ପରାବତ୍ ଅତି ମସୃଣ ଉପଳପ୍ରସ୍ତରଶଯ୍ୟାରେ ଏହାର ନିର୍ମଳଜଳ କ୍ଷୁଦ୍ର କ୍ଷୁଦ୍ର ପ୍ରପାତ ସଞ୍ଚାର କରାଇ ଗିରିଶିଖରରୁ ଋଜୁବଳବତ୍ ଗମ୍ଭୀର କନ୍ଦରାଭିମୁଖରେ ପ୍ରଧାବିତ ହେଉଅଛି । ଆମ୍ଭେମାନେ କୌତୂହଳାକ୍ରାନ୍ତ ହୋଇ ଏହି ସ୍ରୋତ ସଙ୍ଗେ ଅନେକ ଦୂର ତଳକୁ ଓହ୍ଲାଇଲୁଁ । ଦେଶକି ଅଗମ୍ୟ ଓ ଅନ୍ଧକାରା-ବୃତ ହେବାରୁ ଆଉ ଅଗ୍ରସର ହେବାକୁ ପ୍ରବୃତ୍ତ ହେଲୁଁ ନାହିଁ ।

ଓଡ଼ିଶାର ବିଶେଷତଃ କନ୍ଧମାଳରେ ଆମ୍ଭେ ଅନେକ ଘାଟି ଦେଖିଅଛୁଁ । ମାତ୍ର ଏହି ଘାଟି ସର୍ବାପେକ୍ଷା ଉଚ୍ଚବୋଧ ହେଲା । ପ୍ରାୟ ସୂର୍ଯ୍ୟାସ୍ତ ସମୟରେ ଆମ୍ଭେମାନେ ଏହାର ଶିଖରଦେଶରେ ଉପସ୍ଥିତ ହେଲୁଁ । ଆଚନ୍ଦ୍ରବାଳ ବିଶାଳ ପ୍ରକୃତିରାଜ୍ୟର ଅନନ୍ତ ବିଚିତ୍ରତା ଅନୁଭବ କରିବା ସକାଶେ ଓଡ଼ିଶାର ଯେବେ କୌଣସି ସ୍ଥାନ ଥାଏ, ସେ ସ୍ଥାନ ଏହି । ଆମ୍ଭେ ହିମାଳୟ ବ୍ୟତୀତ ଏପରି ଦୃଶ୍ୟ ଅନ୍ୟତ୍ର ଦେଖି ନାହୁଁ । ଓଡ଼ିଶାର ଜଣେ ନବ୍ୟ କବି, କପିଳାସଶୃଙ୍ଗ ସୁଲଭ ଚତୁର୍ଦ୍ଦିଗର ଦୃଶ୍ୟକୁ ଲକ୍ଷ୍ୟ କରି କହିଅଛନ୍ତି—

"ହେବ ଏକାନ୍ତ ଚନ୍ଦ୍ରବର୍ତ୍ତୀ ଏ ସ୍ଥାନେ
ଅଚିନ୍ତନୀୟ ଦୃଶ୍ୟ ରାଜ୍ୟ ଲୋଚନେ !"

ଏହି ଦୁଇ ପଂକ୍ତି ଉଲ୍ଲିଖିତ ସ୍ଥାନ ପ୍ରତି ଯେମନ୍ତ ପ୍ରଯୋଜ୍ୟ, କପିଳାସ ସମ୍ବନ୍ଧରେ କଦାଚ ସେପରି ନୁହେଁ ।

ଦାର୍ଜିଲିଂ ତଳେ ହିମାଳୟର ପ୍ରତ୍ୟନ୍ତ ପର୍ବତମାନ ଯେମନ୍ତ ରତ୍ନ-କ୍ଷେତ୍ରରେ ସୁଶୋଭିତ ଦିଶନ୍ତି, ଆମ୍ଭମାନଙ୍କର ପାଦତଳେ ଅସଂଖ୍ୟ ପର୍ବତ ନାନା ଶସ୍ୟ ଓ ଗ୍ରାମମାନଙ୍କରେ ଭୂଷିତ ହୋଇ ଅତି ବିଚିତ୍ର ବୋଧ ହେଉଥିଲା । କୌଣସି କୌଣସି ପର୍ବତରେ ପୁଷ୍ପିତ ରାମତିଳାର କ୍ଷେତ୍ର ପୀତାମ୍ବର ପରି ଶୋଭା ପାଉଥିଲା । ଢେଙ୍କାନାଳ, ଲହଡ଼ା, ବାମଣ୍ଡା, ବଣେଇ ଏବଂ କେନ୍ଦୁଝରର ଅନ୍ୟାନ୍ୟ ଶତ ଶତ ପର୍ବତ ଦୂର ଆକାଶରେ

ଶତଶଃ ପ୍ରାୟ ପ୍ରଜ୍ଜ୍ୱଳିତ ହେଉଥିଲେ । ଅଧିକ କହିବାର ପ୍ରୟୋଜନ ନାହିଁ । ଭାଷା ଏ ଦୃଶ୍ୟ ନିକଟରେ ପରାସ୍ତ । ଚକ୍ଷୁ ପ୍ରତ୍ୟକ୍ଷ ନ କଲେ ଏହା ବୁଝିହେବ ନାହିଁ । ଏହି ଦୃଶ୍ୟ ଆମ୍ଭମାନଙ୍କ ସ୍ମୃତିର ଗୋଟିଏ ସମ୍ପତ୍ତିବିଶେଷ ।

ଆମ୍ଭେମାନେ ମାର୍ଗରେ ଯେଉଁ ପର୍ବତମାନ ପାର ହୋଇ ଆସିଲୁଁ, ତାହା ବ୍ରାହ୍ମଣୀ ଅବବାହିକାର ପ୍ରାଚୀରସ୍ୱରୂପ । ସନ୍ଧ୍ୟା ସମୟରେ ଆମ୍ଭେମାନେ ବୈତରଣୀର ଅବବାହିକା ଅନ୍ତର୍ଗତ କୁଆଁର ନାମକ ଗ୍ରାମରେ ଉପସ୍ଥିତ ହେଲୁଁ । ଏହି ଗ୍ରାମରେ ମହାରାଜାଙ୍କର ଗୋଟିଏ ଥାନା ଏବଂ ସ୍କୁଲ ଅଛି । ଗ୍ରାମରେ ଗୋଟିଏ ସତ୍ତ୍ର ମଧ୍ୟ ଦେଖିଲୁଁ । ଗୋଟିଏ ଗିରିନଦୀ ଗ୍ରାମକୁ ଜଳ ଯୋଗାଉଅଛି । କନ୍ଧମାଳ ପରି ଏ ଅଞ୍ଚଳରେ ବୃହତ୍ ପଣସବୃକ୍ଷ ଅନେକ ଦେଖାଯାଏ । ବୋଲିବା ବାହୁଲ୍ୟ ଯେ, ଭୂୟାଁ ପର୍ବତର ଅନ୍ୟାନ୍ୟ ଗ୍ରାମ ପରି କୁଆଁର ଚତୁର୍ଦ୍ଦିଗ ପର୍ବତବେଷ୍ଟିତ ଏବଂ ଏହାର ଲୋକବସତି ସୋପାନମଞ୍ଚ ପରି ସୁବିନ୍ୟସ୍ତ । ମାତ୍ର ସ୍ଥାନଟି ଅପେକ୍ଷାକୃତ ପ୍ରଶସ୍ତ ଏବଂ ପରିଷ୍କୃତ ବୋଧ ହେଲା । ଏ ଅଞ୍ଚଳରେ ଗୋପାଳ ପ୍ରଧାନମାନେ ଆଗନ୍ତୁକମାନଙ୍କୁ ଦଧି ଉପହାର ଦିଅନ୍ତି । ଭୂୟାଁପୀଠରେ ପନୀର ପ୍ରସ୍ତୁତ ହେବାର କଥା ଆମ୍ଭେମାନେ ଏଥିପୂର୍ବେ ଶୁଣିଥିଲୁଁ । ମାତ୍ର ତାହା ଅମୂଳକ । ମାହିଷ ଦୁଗ୍ଧରୁ ଏକପ୍ରକାର ଛେନା ପ୍ରସ୍ତୁତ ହୁଏ । ଡିଆ ବୋଲି ତାକୁ ରଖି ପାରିଲେ ପ୍ରାୟ ମାସେକାଳ ଅବିକୃତ ଅଥବା ସ୍ୱଳ୍ପବିକୃତ ଅବସ୍ଥାରେ ରହେ । ଏହି ଛେନାକୁ ଅବା ପନୀର ବୋଲି ଭ୍ରମ ଏପରି କଥା ପ୍ରଚାର କରିଥିଲେ । ଗୋଦୁଗ୍ଧ ଭୂୟାଁପୀଠରେ ଅତି ଦୁଷ୍ପ୍ରାପ୍ୟ କୁଆଁରଗ୍ରାମର ଅଧିଷ୍ଠାତ୍ରୀଦେବତାଙ୍କ ନାମ ଲକ୍ଷ୍ମୀପାଟ । ଏ ଅଞ୍ଚଳର ଅଧିକାଂଶ ଗ୍ରାମଦେବତାଙ୍କ ନାମର ଶେଷରେ 'ପାଟ' ଶବ୍ଦ ସଂଯୁକ୍ତ ଥିବା ଦେଖାଯାଏ । ଲକ୍ଷ୍ମୀପାଟ ଭୂୟାଁମାନଙ୍କର ଗୋଟିଏ ପ୍ରଧାନ ଦେବତା । ପ୍ରତ୍ୟେକ ଆଦିମ ଜାତି ପରି ଭୂୟାଁମାନଙ୍କ ମଧ୍ୟରେ ସ୍ତ୍ରୀସ୍ୱାଧୀନତା ଯଥେଷ୍ଟ ଅଛି । ଅଧିକାଂଶ ସ୍ଥଳରେ ପରସ୍ପର ପ୍ରତି ପ୍ରଣୟ ଜନ୍ମିଲେ ସ୍ତ୍ରୀପୁରୁଷର ପରିଣୟ ସଂଘଟିତ ହୁଏ । କଥୋପକଥନ ପ୍ରସଙ୍ଗରେ ଆମ୍ଭେମାନେ ଜଣେ ପ୍ରୌଢ଼ଭୂୟାଁକୁ ପଚାରିଲୁଁ, "ତୁମପୁଅକୁ ବାହା କରେଇଚ ?" ପ୍ରୌଢ଼ କହିଲେ, "ନା, ବାହା କରେଇ ନାହିଁ । ଭେଣ୍ଡିଆ ହେଲାଣି, ତା ମନକୁ ଆସିଲେ ବଲେ ଗୋଟାଏ ନେଇ ଆସିବ । ଆଜ ଖଣ୍ଡିଏ ପାନ ଦେବ, କାଲି ଟିକଏ ଧୂଆଁପତ୍ର ଦେବ, ଏହିପରି କନ୍ୟାର ମନ ରସିଗଲେ ବାହାହୋଇଗଲା ।" ଏହି କଥାରୁ ପାଠକବର୍ଗ ଏମାନଙ୍କର ସରଳ ଜୀବନ ଏବଂ ବିବାହ ପ୍ରଥାର କେତେକ ପରିଚୟ ପାଇ ପାରିବେ ।

କୁଆଁରରୁ ଆମ୍ଭେମାନେ ପରଦିନ ଗୋନାସିକା ଯାତ୍ରା କଲୁଁ । ମାର୍ଗ ଅବଶ୍ୟ ବନ୍ଧୁର । ତେଜା କୃଷିଯୋଗ୍ୟ ପର୍ବତମାନଙ୍କରେ ଅଧିକ ଅରଣ୍ୟ ନାହିଁ । ତଥାପି ଯାହା ଅଛି ତାହା ସମତଳଓଡ଼ିଶାବାସୀଙ୍କର କଳ୍ପନାତୀତ । ଏକ ଏକ ସ୍ଥାନରେ ବୃକ୍ଷଲତାର ଶ୍ରେଣୀ ଦୃଶ୍ୟର ବିଚିତ୍ରତା ସମ୍ପାଦନ କରୁଅଛି । ଆମ୍ଭେମାନେ ପ୍ରାୟ ଦୁଇକୋଶ ଯାଇ ବୈତରଣୀ ଭେଟିଲୁଁ । ଏଠାରେ ବୈତରଣୀ ୭।୮ ହାତରୁ ଅଧିକ ପ୍ରଶସ୍ତ ନୁହେଁ । ଶଯ୍ୟା ଉପଲମୟ ଏବଂ ବିଶାଳ ବନସ୍ପତିଛାୟାରେ ଅନ୍ଧକାରିତ । ସନ୍ଧ୍ୟା ସମୟରେ ଆମ୍ଭେମାନେ ଗୋନାସିକାରେ ଉପସ୍ଥିତ ହେଲୁଁ ।

ଗୋନାସିକା ଗୋଟାଏ ପାର୍ବତୀୟ-ଜୁଆଙ୍ଗ ଗ୍ରାମ । ଅତି ଉଚ୍ଚାବଚ । କେନ୍ଦୁଝରରେ ଏ

ଗୋଟିଏ ପ୍ରଧାନ ତୀର୍ଥ, ଏହି ପର୍ବତପୃଷ୍ଠ ସ୍ଥାନର କିଞ୍ଚିତ୍ ଦୂରବର୍ତ୍ତୀ ଗୋଟିଏ ପର୍ବତରୁ ବୈତରଣୀ ନିଃସୃତ ହୋଇଅଛି । ଉତ୍ପତ୍ତି ସ୍ଥାନରେ 'ଆଦ୍ୟ ବୈତରଣୀ' ଏହି ଶବ୍ଦ ନାଗରାକ୍ଷରରେ ପ୍ରସ୍ତର ଦେହରେ ଅଙ୍କିତ ହୋଇଅଛି । ପର୍ବତର କିଞ୍ଚିଦୂରରେ ଗୋଟିଏ ଉଚ୍ଚ ପ୍ରସ୍ତରର ଉଚ ସ୍ଥଳୀ ଅଛି । ବୈତରଣୀ ଏହି ସ୍ଥଳୀର କାନ୍ଥରେ ଗୋନାସିକାଗ୍ରାଭମୁଖରେ ବହିଯାଉଅଛି । ସ୍ଥଳୀକୁ 'ଋଷିସଙ୍ଘ' କହନ୍ତି । ଗୋନାସିକା ଗ୍ରାମନିକଟରେ ନଦୀର ଶଯ୍ୟା ବଟିଷ୍ଟ ଉପଳ ଖଣ୍ଡରେ ପରିପୂର୍ଣ୍ଣ । ଖଣ୍ଡିଏ ଅପେକ୍ଷାକୃତ ବୃହତ୍ ପ୍ରସ୍ତରଦ୍ୱାରା ଜଳ ରୁଦ୍ଧ ହୋଇ ସେହି ପ୍ରସ୍ତରସ୍ଥିତ ଛିଦ୍ରଦ୍ୱାରା ଗୋଟିଏ କୁଣ୍ଡରେ ସ୍ୱଚ୍ଛଧାରରେ ପତିତ ହେଉଅଛି । ଏହି ପ୍ରସ୍ତରକୁ ଗୋନାସିକା କହନ୍ତି । ମାତ୍ର ଗୋନାସିକା ସହିତ ଏହାର ଯେବେ କୌଣସି ସାଦୃଶ୍ୟଥାଏ, ତାହା କେବଳ ଶ୍ରଦ୍ଧାସ-ଚକ୍ଷୁ-ଗ୍ରାହ୍ୟ । ଏହିଠାରେ ଆମ୍ଭେମାନେ ଗୋଟିଏ ଚମ୍ପକବୃକ୍ଷ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେଲୁଁ । ଚମ୍ପକବୃକ୍ଷ ଏପରି ବୃହତ୍ ହୋଇପାରେ, ଧାରଣା ନ ଥିଲା । ନଦୀତୀରରେ ମହାରାଜ ଗୋଟିଏ ଶିବମନ୍ଦିର ଏବଂ ନଦୀଶଯ୍ୟା ପର୍ଯ୍ୟନ୍ତ ଦୀର୍ଘ ସୋପାନଶ୍ରେଣୀ ପ୍ରସ୍ତୁତ କରାଇ ଦେଇଅଛନ୍ତି ।

ଏଠାର କ୍ଷୀଣଧାରା ବୈତରଣୀସହିତ ଯାଜପୁର ଅଥବା ବୃନ୍ଦାବନର ବୈତରଣୀକୁ ତୁଳନା କରି ଉଭୟର ଅନ୍ତର ଉପଲବ୍ଧି କଲେ ହୃଦୟ ବିସ୍ମୟରସରେ ପରିପ୍ଲୁତ ହୁଏ ।

ଭୂୟାଁପୀଢ଼ର ଏହି ଅଞ୍ଚଳ ସମଧିକ ଉଚ୍ଚ ହୋଇଥିବାରୁ ଏଠାରେ ଶୀତ ଋତୁରେ ବରଫ ପଡ଼େ । ସ୍ଥାନୀୟ ଲୋକେ ଏହାକୁ 'ପଣ୍ଡ' କହନ୍ତି । 'ପଣ୍ଡୁ' ଶବ୍ଦ ସମ୍ଭବତଃ ପାଣ୍ଡୁର ଅପଭ୍ରଂଶ ।

ଜୁଆଙ୍ଗମାନେ ଆଜିପର୍ଯ୍ୟନ୍ତ ଲୁଗାପିନ୍ଧନ୍ତି ନ ଥିବାର କଥା କୌଣସି କୌଣସି ପୁସ୍ତକରେ ଲିଖିତ ଦେଖାଯାଏ । ମାତ୍ର ଏ କଥା ବର୍ତ୍ତମାନ ସମୟ ପ୍ରତି ପ୍ରଯୋଜ୍ୟ ବୋଲି ବୋଧ ହେଉନାହିଁ । ଆମ୍ଭେମାନେ ଯେଉଁ ଜୁଆଙ୍ଗ ଅଥବା ଜୁଆଙ୍ଗୀମାନଙ୍କୁ ଦେଖିଥିଲୁଁ ସେମାନେ ସମସ୍ତେ ଲୁଗା ପିନ୍ଧିଥିଲେ ।

ଜୁଆଙ୍ଗୀମାନେ ଅପେକ୍ଷାକୃତ ଖର୍ବାକାର, ଅଧିକାଂଶ ଜୁଆଙ୍ଗୀଙ୍କର ଦେହର ପୂର୍ବାର୍ଦ୍ଧ ବସ୍ତ୍ରରେ ଅନାବୃତ ହେଲେହେଁ ପଥର-ମାଳରେ ଆବୃତ ଥାଏ ।

ଜୁଆଙ୍ଗମାନେ ଭୂୟାଁମାନଙ୍କ ଅପେକ୍ଷା ଆଦିମତର ଅବସ୍ଥାରେ ଥିବାର ବୋଧ ହୁଏ । ଗୋମାଂସ ଏମାନଙ୍କ ମଧ୍ୟରେ ନଷିଦ୍ଧ ନୁହେ । ଜୁଆଙ୍ଗମାନଙ୍କ ଗୋବଧ କରିବା ସମ୍ବନ୍ଧରେ ଏହି ପ୍ରବାଦ ପ୍ରଚଳିତ ଅଛି । ଗୋରୁ ବୃଦ୍ଧ ବା ଅକର୍ମଣ୍ୟ ହେଲେ ତାହାକୁ ମାରିବା ଅଭିପ୍ରାୟରେ ଗୋଟିଏ ଗଛର ମୂଳକୁ ଏମନ୍ତଭାବରେ କାଟନ୍ତି ଯେ, ସାମାନ୍ୟ ଆକର୍ଷଣରେ ଗଛ ପଡ଼ିଯିବ । ବୃକ୍ଷକୁ ଏହିପରି କାଟି ସେଥିରେ ଗୋରୁକୁ ବାନ୍ଧି ଦିଅନ୍ତି ଗୋରୁର ଆକର୍ଷଣଦ୍ୱାରା ବୃକ୍ଷ ଅବଶ୍ୟ ଗୋରୁ ଉପରେ ପଡ଼ି ଗୋରୁ ମରିଯାଏ । ଜୁଆଙ୍ଗମାନେ ଏକଦଳ ହୋଇ ଆସି ଗୋରୁ ମୁଣ୍ଡପାଖରେ ବସି ଗମ୍ଭୀର ଭାବରେ କହନ୍ତି, "ଉଠ, ଉଠ, ଗୋରୁମାତା, ଆମ ଦୋଷ ନାହିଁଟି ।" ଏହା କହିଲା ଉତ୍ତାରୁ ଯେବେ ଗୋରୁ ନ ଉଠିଲା, ଜୁଆଙ୍ଗମାନେ ଆପଣାକୁ ନିର୍ଦ୍ଦୋଷ ଓ ଗୋରୁକୁ ଆହାର୍ଯ୍ୟ ମଣି ଆପଣା ମଧ୍ୟରେ ମାଂସ ବଣ୍ଟନରେ ସୁବିଧା କରନ୍ତି । ଗୋନାସିକାରୁ ଆମ୍ଭେମାନେ କେନ୍ଦୁଝରଗଡ଼କୁ

ଗଲୁଁ । ମାର୍ଗ ନିରବଚ୍ଛିନ୍ନ, ପର୍ବତସଙ୍କୁଳ ଓ ଅରଣ୍ୟମୟ । କେନ୍ଦୁଝରଗଡ଼ ଗୋଟିଏ ବିସ୍ତୃତ ପ୍ରାନ୍ତରରେ ଅବସ୍ଥିତ । ପର୍ବତ ଉପରୁ ଗଡ଼କୁ ଅବତରଣ କରିବାବେଳେ ଏହି ପ୍ରାନ୍ତରର ବିସ୍ତୃତି ଉତ୍ତମରୂପେ ଉପଲବ୍ଧ ହୁଏ । ବସ୍ତୁତଃ ଏପରି ସୁବିସ୍ତୃତ ପ୍ରାନ୍ତର ଓଡ଼ିଶାରେ ବିଶେଷତଃ ଜଙ୍ଗଲ ଓଡ଼ିଶାରେ ବିରଳ ।

କେନ୍ଦୁଝର ଗଡ଼ର ଦକ୍ଷିଣ ପଶ୍ଚିମରେ ପର୍ବତମାଳା ପ୍ରାଚୀର ପ୍ରାୟ ଦଣ୍ଡାୟମାନ । ପୂର୍ବୋକ୍ତ ରାଜଧାନୀମାନଙ୍କ ଅପେକ୍ଷା ଅନେକ ବଡ଼ତର । ଏଠାରେ ଯେଉଁ ତାର ପ୍ରସ୍ତୁତ ହୁଏ, ତାହା ସମଗ୍ର ଓଡ଼ିଶାରେ ପ୍ରସିଦ୍ଧ । ବଳଦେବଙ୍କ ମନ୍ଦିର ଏଠାରେ ପ୍ରଧାନ ଦୃଶ୍ୟ । ଗଡ଼ର ଜଳବାୟୁ ଆଦୌ ସ୍ୱାସ୍ଥ୍ୟକର ନୁହେ । ଶିକ୍ଷୋନ୍ନତି ସମ୍ବନ୍ଧରେ କେନ୍ଦୁଝର, ଲହଡ଼ା ଶ୍ରେଷ୍ଠ । କେନ୍ଦୁଝରରେ ଆମ୍ଭେମାନେ ଦୁଇଦିନ ମାତ୍ର ଅବସ୍ଥାନ କରି ବସନ୍ତପୁର, ଝୁରୁମଣ୍ଡା, ତାଗ, ବାଲିଯୋଡ଼ା ଏବଂ ଜାନ୍ତୋ ବାଟେ ବୈତରଣୀ ତୀରସ୍ଥିତ ଆନନ୍ଦପୁରରେ ଉପସ୍ଥିତ ହେଲୁଁ । ମାର୍ଗ ମଧ୍ୟରେ ଉଚିତ ବ୍ୟବଧାନରେ ମହାରାଜ ପୁଷ୍କରିଣୀମାନ ଖୋଳାଇ ଦେଇଅଛନ୍ତି । ମାତ୍ର ଆଜିପର୍ଯ୍ୟନ୍ତ ଆନନ୍ଦପୁରରୁ କେନ୍ଦୁଝର ଗଡ଼କୁ ଗୋଟିଏ ସଡ଼କ ପ୍ରସ୍ତୁତ ନ ହେବାର ଅତ୍ୟନ୍ତ ଦୁଃଖର କଥା । ଏ ମାର୍ଗ ଏମନ୍ତ କଣ୍ଟକ ବନ୍ଧୁର ଅଥବା ପର୍ବତସଙ୍କୁଳ ନୁହେ ଯେ, ରାଜପଥ ନିର୍ମାଣ ବ୍ୟୟସାଧ୍ୟ ହେବ । ଏ ମାର୍ଗରେ ଗମନାଗମନ ସମୟରେ ଲୋକେ କିପରି କଷ୍ଟରେ ପଡ଼ନ୍ତି, ଆମ୍ଭେମାନେ ତାହା ଅନୁଭବରୁ ଜାଣିଅଛୁ । ସମଗ୍ର ଗଡ଼ଜାତ ଭ୍ରମଣର କଷ୍ଟ ଏହି ଅଞ୍ଚଳରେ କେନ୍ଦ୍ରୀଭୂତ-ପ୍ରାୟ ବୋଧ ହେଲା । ଏହି ମାର୍ଗ ମଧ୍ୟରେ ଘାଟଗାଁ ସର୍ବପ୍ରଧାନ ସ୍ଥାନ । କେନ୍ଦୁଝରର ପ୍ରଧାନ ଦେବୀ ତାରିଣୀ ଏହିଠାରେ ଅଧିଷ୍ଠିତ । ଦେବୀଙ୍କର ଦୁଇ ମୂର୍ତ୍ତି । ପଥର ପାର୍ଶ୍ୱବର୍ତ୍ତୀ ଗୋଟିଏ କୁଞ୍ଜ ମଧ୍ୟରେ ଯେଉଁ ମୂର୍ତ୍ତି ପ୍ରତିଷ୍ଠିତ, ତାହା ସାଧାରଣ ଲୋକେ ଦେଖନ୍ତି ଏବଂ ପୂଜା କରନ୍ତି । ରାଜାଙ୍କ ଦର୍ଶନ ସକାଶେ ଅରଣ୍ୟ ମଧ୍ୟରେ ସ୍ୱତନ୍ତ୍ର ମୂର୍ତ୍ତି ଅଛନ୍ତି । ଶୁଣିବାରେ ରାଜା ଏବଂ ଦେହୁରୀ ବ୍ୟତୀତ ଏ ମୂର୍ତ୍ତି ଦେଖିବାରେ ଆଉ କାହାର ଅଧିକାର ନାହିଁ । ଦେବୀଙ୍କଠାରେ ବଳିଦାନ ନିମିତ୍ତ ଅନେକ ଛାଗ ଆସୁଥିବାର ଦେଖାଗଲା ।

ବାଲିଯୋଡ଼ ନାମକ ସ୍ଥାନରେ ଆମ୍ଭେମାନେ ଗୋଟିଏ ତୋଟାରେ ପର୍ଣ୍ଣଶାଳା ପ୍ରସ୍ତୁତ କରାଇ ଅବସ୍ଥାନ କଲୁଁ । ଏଠାରେ ସମୟ ସମୟରେ ବନ୍ୟ ହସ୍ତୀର ଭୟ ହୁଏ । ସ୍ଥାନଟି ପ୍ରଶସ୍ତ, ମାତ୍ର ଚାରିଆଡ଼େ ଘୋର ବନ । ମୟୂରରବରେ ଏହି ବନ ଅନୁକ୍ଷଣ ଶବ୍ଦାୟମାନ । ରାତ୍ରରେ ବ୍ୟାଘ୍ରଗର୍ଜନ ଶୁଣି ଆମ୍ଭମାନଙ୍କର ଶଙ୍କା ଜାତ ହେବାରୁ ଅଧିକ ପରିମାଣରେ ଅଗ୍ନି ପ୍ରଜ୍ୱଳିତ କରି କଷ୍ଟ ସୃଷ୍ଟରେ ରାତ୍ରି ଅତିବାହିତ କଲୁଁ ।

ଝୁରୁମଣ୍ଡାରୁ ତାଗ ଏବଂ ବାଲିଯୋଡ଼ାରୁ ଆନନ୍ଦପୁରକୁ ଆସୁ ଆସୁ ମାର୍ଗରେ ବାରବାଙ୍କ ଏବଂ ମୀନଘାଟି ପଡ଼ିଲା । ଗୋଟିଏ ଗିରିନଦୀ ପର୍ବତବ୍ୟୂହରେ ରୁଦ୍ଧ ହୋଇ ସର୍ପବତ୍ ବକ୍ରଗତିରେ ପ୍ରବାହିତ ହେଉଥିବାରୁ ତାହାକୁ ଅନେକ ଥର ପାରି ହେବାକୁ ହୁଏ । ଏହାକୁ ଲୋକେ ବାଙ୍କବାଙ୍କୁ କହନ୍ତି । ମୀନଘାଟି ଅତି କ୍ଷୁଦ୍ର ଘାଟି ।


ଆନନ୍ଦପୁରରେ ଆମ୍ଭେମାନେ ଦୁଇ ଦିନ ଅବସ୍ଥାନ କରିଥିଲୁଁ । ଏହି ସ୍ଥାନର କଣ୍ଟକ ଉପରେ ବୈତରଣୀର ନାବ୍ୟତାର ସୀମା । ଆନନ୍ଦପୁର କେନ୍ଦୁଝରରେ ସର୍ବପ୍ରଧାନ ସ୍ଥାନ, ମାତ୍ର ଏଠାରେ ଅରଣ୍ୟର ଅଭାବ ନାହିଁ । ରାତ୍ରରେ ଗୃହର ଅତି ନିକଟରେ ଆମ୍ଭେମାନେ

ଥରଲୁ ଥର ବ୍ୟାଘ୍ରର ଭୟଙ୍କର ଗର୍ଜନ ଶୁଣିଥିଲୁ । ତସର ଲୁଗା ସକାଶେ ଆନନ୍ଦପୁର ପ୍ରସିଦ୍ଧ । କୁଶଳେଶ୍ବରଧ୍ୱସ୍ତିର ଦେବଗାଁ ଆନନ୍ଦପୁରରୁ ତିନିକୋଶ ଦୂରରେ ଅବସ୍ଥିତ । ଏହିଠାରେ ମହାରାଜାଙ୍କର ଅନେକ ସୁକୀର୍ତ୍ତି ଥିବାର ଶୁଣିଥିଲୁଁ ।

ଅଳ୍ପଦିନହେଲା ଆନନ୍ଦପୁରରେ ମହାରାଜ ଗୋଟିଏ ବୃହଦାୟତନ ହର୍ମ୍ମ୍ୟ ପ୍ରସ୍ତୁତ କରାଇଅଛନ୍ତି । ଅତି ନିକଟରୁ ଯାଇ ଏ ବୃହ- ଦେଖିଲେ କାରିଗରର ସୁରୁଚି ସମ୍ବନ୍ଧରେ ଲୋକର ସନ୍ଦେହ ଜାତ ହେବାର ସମ୍ପୂର୍ଣ୍ଣ ସମ୍ଭାବନା ।

ଆନନ୍ଦପୁରରୁ ଆମ୍ଭେମାନେ ଆମ୍ଭୋ ଏବଂ ଚୋବର ମାର୍ଗରେ ଧର୍ମଶାଳାରେ ଉପସ୍ଥିତ ହେଲୁଁ । ସେଠାରୁ ସନ୍ଧ୍ୟାସମୟରେ କଟକ ଆସିଲୁଁ ।

ସମାପ୍ତ



# ବାମଣ୍ଡା

( ସନ ୧୮୯୭ ମସିହା 'ଉଡ଼ିଆ ଓ ନବସଂବାଦ'ରୁ ଗୃହୀତ )

ବାମଣ୍ଡା ମୁଁ ତିନିଥର ଦେଖିଅଛି, ମାତ୍ର ବିଗତ ଡିସେମ୍ବର ମାସରେ ଗଡ଼ଜାତ ଭ୍ରମଣୋପଲକ୍ଷରେ ବାମଣ୍ଡା ଯାଇ ବାମଣ୍ଡାର ଗୋଟିଏ ପ୍ରଧାନ ଦ୍ରଷ୍ଟବ୍ୟ ପଦାର୍ଥ ମୁଁ ସର୍ବପ୍ରଥମ ଦେଖିଲି । ଏହି ବିବରଣର ଯଥାସ୍ଥାନରେ ସେଥିର ଉଲ୍ଲେଖ କରିବି ।

ଲହଡ଼ାରୁ ବାମଣ୍ଡା ମାର୍ଗରେ ଟାଙ୍ଗରେ ଯିବାର ଅଭିପ୍ରାୟ ମାନନୀୟ ଶ୍ରୀବାମଣ୍ଡାଧିପତି ମହୋଦୟଙ୍କୁ ମୁଁ ପୂର୍ବରୁ ଜଣାଇଥିବାରୁ ମହାରାଜ ମୋହର ଶ୍ରଦ୍ଧାସ୍ପଦ ବନ୍ଧୁ ଶ୍ରୀ ବାବୁ ନୀଳମଣି ବିଦ୍ୟାରତ୍ନ ମହୋଦୟଙ୍କୁ ଯଥାସମୟରେ ଲହଡ଼ାକୁ ପ୍ରେରଣ କରିଥିଲେ । ବିଦ୍ୟାରତ୍ନ ମହୋଦୟ ବାରକୋଟର ସେରସ୍ତାଦାର ବାବୁଙ୍କ ସହିତ ଲହଡ଼ାରେ ଉପସ୍ଥିତ ହୋଇ ମୋହ ସହିତ ସାକ୍ଷାତ କଲେ । ମାର୍ଗରେ ତାହାଙ୍କର ପ୍ରୀତିକର ସାହଚର୍ଯ୍ୟ ଲାଭର ସମ୍ଭାବନା ଦେଖି ମୁଁ ଅତ୍ୟନ୍ତ ଆହ୍ଲାଦିତ ହେଲି ।

ପରଦିନ ପ୍ରତ୍ୟୁଷରେ ଆମ୍ଭେମାନେ ଲହଡ଼ା ପରିତ୍ୟାଗ କରି ସନ୍ଧ୍ୟା ସମୟରେ ବାରକୋଟରେ ଉପସ୍ଥିତ ହେଲୁଁ । ବାରକୋଟର ପ୍ରଧାନ କର୍ମଚାରୀ ମହୋଦୟଙ୍କ ସୌଜନ୍ୟପୂର୍ଣ୍ଣ ଅଭ୍ୟର୍ଥନାରେ ଆପ୍ୟାୟିତ ହୋଇ ସେଠାରେ ରାତ୍ରି ଯାପନ କରି ତହିଁ ଆରଦିନ ପୂର୍ବାହ୍ଣ ପ୍ରାୟ ୧୧ଟା ସମୟରେ କଲମନାମକ ସ୍ଥାନରେ ପହଞ୍ଚିଲୁଁ । ବିବରଣର ପ୍ରାରମ୍ଭରେ ମୁଁ ଯେଉଁ ଦ୍ରଷ୍ଟବ୍ୟ ପଦାର୍ଥକୁ ଲକ୍ଷ୍ୟ କରିଅଛି, ତାହା ଏହି ସ୍ଥାନ ।

ସାଧାରଣତଃ ଗଡ଼ଜାତ ରାଜବୃନ୍ଦର ରୁଚି ଦେଖି ଅନେକ ସମୟରେ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ହୁଏ । ନିର୍ଜନବାସ, ସ୍ୱାସ୍ଥ୍ୟକର ବାୟୁସେବନ ଏବଂ ସୁନ୍ଦର ପ୍ରାକୃତିକ ଦୃଶ୍ୟ-ଦର୍ଶନର ସୁବିଧା ଏମାନଙ୍କର ଯେପରି ଅଛି, ଓଡ଼ିଶାରେ ଏପରି ସୁବିଧା ଆଉ କାହାରି ନାହିଁ । ଏପରି ସୁବିଧା ଇଉରୋପୀୟମାନଙ୍କର ହସ୍ତଗତ ହେଲେ, ସେମାନେ ତାହା ପୂର୍ଣ୍ଣ ମାତ୍ରାରେ ଭୋଗ କରିବାକୁ ଯତ୍ନବାନ୍ ହୁଅନ୍ତି । ପର୍ବତର ତାଳୁ କିମ୍ବା ତଟଦେଶ, ସମୁଦ୍ର-ବେଳା ମହାରଣ୍ୟ କିମ୍ବା ପ୍ରଶସ୍ତ ନଦୀତୀରରେ ନିର୍ଜନ ସୁଦୃଶ୍ୟପୂର୍ଣ୍ଣ ଏବଂ ସ୍ୱାସ୍ଥ୍ୟକର ସ୍ଥାନ ନିର୍ବାଚନ କରି ସେଠାରେ ଗୃହନିର୍ମାଣ କରାଇ ଅବକାଶମତେ ସେଠାକୁ ଆସି ଅବସ୍ଥିତ କରନ୍ତି । ପୃଥ୍ୱୀଶ୍ୱର ଇଉରୋପୀୟମାନଙ୍କ କଥା ଦୂରେ ଥାଉ, ଯେଉଁମାନେ ସେବାଜୀବୀ ସେମାନେ ସୁଦ୍ଧା ଏହିପରି ସୁଖସମ୍ଭୋଗର ସୁବିଧା କରିନେବା ସକାଶେ ସର୍ବଦା ଆଗ୍ରହାନ୍ୱିତ । ଅର୍ଥହୀନ ଭାବୁକମାନେ ପର୍ବତ, ମହାରଣ୍ୟ ଦେଖିଲାକ୍ଷଣି କାର୍ଯ୍ୟରେ ନ ହେଉ ଅନ୍ତତଃ ସଂକଳ୍ପରେ ସେଠାରେ କୁଟୀରବାସର ସୁଖ ଭୋଗ କରନ୍ତି, ମାତ୍ର ସାଧାରଣ ଗଡ଼ଜାତର ଅବସ୍ଥା ଦେଖି କ'ଣ ପ୍ରତୀତ ହୁଏ ? ଉଲ୍ଲିଖିତପ୍ରକାର ରୁଚି ସୁଖଭୋଗର ସମସ୍ତ ଉପକରଣ ବିଦ୍ୟମାନ ଥାଉଁ ଥାଉଁ ଏମାନେ ଅନ୍ଧକାରାବୃତ, ପବନସଞ୍ଚାରଶୂନ୍ୟ, ଆବର୍ଜନାପୂର୍ଣ୍ଣ ନଗରର

ନିଭୃତତମ ପ୍ରଦେଶରେ ଗ୍ରାମ୍ୟସୁଖରେ ଆକଣ୍ଠ ନିମଗ୍ନ । ବର୍ତ୍ତମାନ ସମୟରେ ଏ ସମ୍ବନ୍ଧରେ କିୟତ୍‌ପରିମାଣରେ ଉନ୍ନତି ଦେଖାଯାଉଅଛି ସତ୍ୟ, ମାତ୍ର ଅଧିକାଂଶ ସ୍ଥଳରେ ଏ ଉନ୍ନତି ପ୍ରକୃତ ଉନ୍ନତି ନୁହେଁ, ଉନ୍ନତିର ମଳମ୍ବା ମାତ୍ର । କୋଲ୍ଲିବାର ବାହୁଲ୍ୟ ଯେ, ବାମଣ୍ଡାର ମହାରାଜ ଶ୍ରୀ ସୁଢଳ ଦେବଙ୍କ ରୁଚି ସ୍ୱତନ୍ତ୍ର ପ୍ରକାର, ତାହାଙ୍କର ପାଣ୍ଡିତ୍ୟ ତାହାଙ୍କର ସୁରୁଚିର ପ୍ରତିଭୂ ଅଟେ । ସୁରୁଚିର ସନାତନ ଗୁରୁ କାଳିଦାସ, ମୁରାରି ପ୍ରଭୃତିଙ୍କର ଭକ୍ତ ହୋଇ ଗ୍ରାମ୍ୟ ଆମୋଦର ପକ୍ଷପାତୀ ହେବାର ତାହାଙ୍କ ପକ୍ଷରେ ସର୍ବଥା ଅସମ୍ଭବ । ମହାରାଜ ସମସ୍ତ ସମୟରେ ନିର୍ଜନବାସ ନିମନ୍ତେ ଏହି ବଲମରେ ଗୋଟିଏ ଗୃହ ପ୍ରସ୍ତୁତ କରାଇ ଅଛନ୍ତି । ଗୃହଟି ଗୋଟିଏ କ୍ଷୁଦ୍ର ଶୈଳଚୂଡ଼ରେ ଅବସ୍ଥିତ ଏବଂ ସୁପ୍ରଣାଳୀରେ ଗଠିତ । ପର୍ବତର ଶୃଙ୍ଗଠାରୁ ଗୋଟିଏ ସୁନ୍ଦର ରଥ୍ୟା ପ୍ରସ୍ତୁତ ହୋଇ ରାଜଧାନୀ ଦେବଗଡ଼ ପର୍ଯ୍ୟନ୍ତ ଯାଇଅଛି । ପର୍ବତର ତଟରେ ଏବଂ ପାଦଦେଶରେ ସ୍ଥାନେ ସ୍ଥାନେ ଶାଳତରୁରାଜି ଦଣ୍ଡାୟମାନ ହୋଇ ପର୍ବତକୁ ଶୀତଳ ଶ୍ୟାମଳ ଏବଂ ଛାୟାଯୁକ୍ତ କରି ରଖିଅଛି । ଚତୁର୍ଦ୍ଦିଗର ଦୃଶ୍ୟର ଶୋଭା ବର୍ଣ୍ଣନାର ଅତୀତ ଅଟେ । ତୁରଙ୍ଗସ୍ତୂପ-ଚକ୍ରବାଳ-ମୂଳରେ ଗୁଳିଆ, ମାଲ୍ୟଗିରି ପ୍ରଭୃତି ଶୈଳଶ୍ରେଣୀ ପ୍ରାଚୀରବତ୍ ବିରାଜମାନ । ପର୍ବତର ପୂର୍ବରେ ଏବଂ ପଶ୍ଚିମରେ ବହୁକ୍ରୋଶବ୍ୟାପୀ ଯୋଡ଼ିଏ ସୁଗଭୀର ହ୍ରଦ । ହ୍ରଦରେ ମନୋଜ୍ଞ ନୀଳିମା ହରିଣଲୋଚନ-ପ୍ରଭାସ୍ପର୍ଦ୍ଧୀ । ହ୍ରଦଯୋଡ଼ିକ ମଧ୍ୟ ମହାରାଜଙ୍କର କୀର୍ତ୍ତି ।

ପୂର୍ଣ୍ଣ ମନୁଷ୍ୟର ଅଧିକାଂଶ ସଦ୍‌ଗୁଣ ସୁଢଳଦେବଙ୍କଠାରେ ବିଦ୍ୟମାନ । ଏତେ ସଦ୍‌ଗୁଣସମବାୟ ଦେଶୀୟ ଲୋକଙ୍କ ମଧ୍ୟରେ ଅବଧି ମୋହର ଦୃଷ୍ଟିପଥରେ ପଡ଼ିନାହିଁ । ତାହାଙ୍କର କାର୍ଯ୍ୟ ଦେଖିଲେ ବୋଧ ହେବ, ଯେମନ୍ତ କି ବିଧାତା ଦେଶୀୟ ଶରୀରରେ ଇଉରୋପୀୟ ମସ୍ତିଷ୍କ ସଂଯୋଗ କରୁଅଛନ୍ତି । ସୁଢଳଦେବ ଯେମନ୍ତ ଚିନ୍ତାଶୀଳ ସେହିପରି କାର୍ଯ୍ୟଶୀଳ, ଯେମନ୍ତ ସରସ୍ୱତୀ ଭକ୍ତ ସେହିପରି ଲକ୍ଷ୍ମୀ-ଭକ୍ତ । ପୁସ୍ତକାଗାର ଏବଂ ଶସ୍ୟାଗାର ଉଭୟ ପ୍ରତି ତାହାଙ୍କର ସମାନ ଦୃଷ୍ଟି, ସମାନ ଆସ୍ଥା । ଏହି ବଲମ କୋଠି ମହାରାଜଙ୍କ ଲକ୍ଷ୍ମୀ ଓ ସରସ୍ୱତୀ ଉପାସନାର ସାମଞ୍ଜସ୍ୟସ୍ଥଳୀ ଅଟେ ।

ମହାରାଜ ଅବକାଶମତେ ନିର୍ଜନବାସ ଏବଂ ଶାସ୍ତ୍ରାନୁଶୀଳନ ଉଦ୍ଦେଶ୍ୟରେ ସର୍ବ ପ୍ରଥମେ ଏଠାରେ କୋଠି ତୋଳାଇଥିଲେ । ପର୍ବତର ଉଭୟ ପାର୍ଶ୍ୱରେ ଯୋଡ଼ିଏ ଗିରିନଦୀ ଏବଂ ଚତୁର୍ଦ୍ଦିଗରେ ବହୁକ୍ରୋଶବ୍ୟାପୀ ସ୍ୱଳ୍ପବନ୍ଧୁର-ଭୂମିବିଶିଷ୍ଟ ଅରଣ୍ୟ ଦେଖି ଏହାକୁ ରାଜ୍ୟର ଗୋଟିଏ ଶସ୍ୟଭଣ୍ଡାରରେ ପରିଣତ କରିବାର ସଂକଳ୍ପ କଲେ । ବିସ୍ତୃତାୟତନ କୃଷିସକାଶେ ପ୍ରଚୁର ଜଳସଞ୍ଚୟ ସର୍ବାଦୌ ଆବଶ୍ୟକ ଜାଣି ଗିରିନଦୀ-ପ୍ରବାହ-ମୁଖରେ ସେତୁ ପ୍ରସ୍ତୁତ କରାଇ ସେମାନଙ୍କୁ ସରୋବରରେ ପରିଣତ କରିବାପାଇଁ ଉଦ୍ୟୋଗୀ ହେଲେ । ଉଦ୍ୟମର ଅଯୌକ୍ତିକତା ଏବଂ ନିଷ୍ଫଳତା ଦର୍ଶାଇ ଅନେକ ଲୋକ ତାହାଙ୍କୁ ଉପହାସ କଲେ ଏବଂ ନିବୃତ୍ତ ହେବାପାଇଁ ଉପଦେଶ ଦେଲେ, ମାତ୍ର—

"କ ଈପ୍ସିତାର୍ଥସ୍ଥିରନିଶ୍ଚିତଂ ମନଃ
ପୟଶ୍ଚ ନିମ୍ନାଭିମୁଖଂ ପ୍ରତୀପୟେତ୍ ?"

ମହାରାଜ ନିଜ ସଂକଳ୍ପ ପରିତ୍ୟାଗ ନ କରି ଏକମନସ୍କ ହୋଇ ତାହା ସଫଳ କରିବା ସକାଶେ ବଦ୍ଧପରିକର ହେଲେ । ସେତୁ ପ୍ରସ୍ତୁତ ହେଲା, ମାତ୍ର ସେଥିର ଅବ୍ୟବହିତ ପରେ ଶତ୍ରୁଶଙ୍କୀମାନଙ୍କର ଭବିଷ୍ୟଦ୍‌ବାଣୀ ମଧ୍ୟ ସଫଳ ହେଲା । ଅନେକବ୍ୟୟ ଏବଂ ପରିଶ୍ରମର

ସେଭୁ ପାର୍ବତୀୟ ପ୍ରଦେଶରେ ଏକପ୍ରକାର କୁଣ୍ଡିରେ ଘସିଗଲା । ବସ୍ତୁ ସାଧାରଣ ଲୋକଙ୍କୁ ଉଦ୍‌ଯୋଗୋଦ୍ୟମ ଏବଂ ପର୍ଯ୍ୟାପ୍ତ ଉପଦ କରାଇବାଏ । କେବଳ ଏକମାତ୍ର ପ୍ରଭୃତ ପ୍ରଭୃତ୍ୱ ଦେବହସ୍ତରୁ ସିଦ୍ଧି ଛିଙ୍କି ଆଣିବାକୁ ସମର୍ଥ । ସୁଦୂଲଦେବ ବସ୍ତୁଦ୍ୱାରା ଆଦୌ ଉତ୍ସାହିତ ହେଲେ ନାହିଁ । ବ୍ୟୟ ଏବଂ ପରିଶ୍ରମରେ ସେ ତ୍ରୁଟି କରି ନ ଥିଲେ । ବର୍ତ୍ତମାନ ସେ ବୁଝିପାରିଲେ, ଉଦ୍ୟମର ଅବୈଜ୍ଞାନିକତା ଅସିଦ୍ଧିର ଏକମାତ୍ର ହେତୁ ଅଟେ । ଏହାଠାରୁ ଶତଗୁଣ, ସହସ୍ରଗୁଣ ବୃହତ୍ ଉଦ୍ୟମମାନ ବିଜ୍ଞାନଦ୍ୱାରା ସିଦ୍ଧି ହୋଇଥିବା କଥା ସୁଶିକ୍ଷା ଏବଂ ଦେଶ ପର୍ଯ୍ୟଟନଦ୍ୱାରା ସେ ଉତ୍ତମରୂପେ ଅବଗତ ହୋଇଥିଲେ । ଏହି ବିଶ୍ୱାସରେ ସେ Suverying ଏବଂ Levelling ଶିକ୍ଷା କଲେ, କେତେ ମାସ ମଧ୍ୟରେ ସେଥିରେ ପାରଙ୍ଗମ ହୋଇ ଯନ୍ତ୍ରର ସାହାଯ୍ୟରେ ନଦୀଶଯ୍ୟା ଏବଂ ପାର୍ଶ୍ୱବର୍ତ୍ତୀ ସ୍ଥାନମାନଙ୍କର ଆପେକ୍ଷିକ ସମତଳ ସ୍ୱୟଂ ନିର୍ଣ୍ଣୟ କରି ବୈଜ୍ଞାନିକ ଭିତ୍ତିରେ ନୂତନ ଉଦ୍ୟମର ଅନୁଷ୍ଠାନ ପୁନର୍ବାର ଆରମ୍ଭ କଲେ । ଏଥରର ଅନୁଷ୍ଠାନ ଆଶାନୁରୂପ ସଫଳ ହେଲା । ଲୋକେ ତାହା ଅସାଧ୍ୟ ମଣିଥିଲେ, ବର୍ତ୍ତମାନ ତାହା ପ୍ରତ୍ୟକ୍ଷ ସିଦ୍ଧ ଦେଖିଲେ ଏବଂ ଯେଉଁ ମୁଖରେ ସେମାନେ ସୁଦୂଲଦେବଙ୍କୁ ଉପହାସ କରିଥିଲେ, ସେହି ମୁଖରେ ପୁଣି ତାଙ୍କୁ ସାଧୁବାଦ ଦେଲେ ।

ପ୍ରସ୍ତରର ସୁଦୃଢ଼ ସେତୁ Annicut ଏବଂ କବାଟମାନ ପ୍ରସ୍ତୁତ ହେଲା ଉପରୁ ସୁଦୂଲଦେବ ସେହି ଜଳଭଣ୍ଡାରରୁ କୁଲ୍ୟା ଏବଂ ଶାଖାକୁଲ୍ୟାଦ୍ୱାରା ବହୁକ୍ରୋଶବ୍ୟାପୀ ପ୍ରାନ୍ତରର ସର୍ବତ୍ର ଜଳଯୋଗାଇବାର ସୁବିଧା କଲେ । ପ୍ରାନ୍ତରକୁ ସମତଳରେ ପରିଣତ କରାଇ ଏବଂ ବୃହତ୍ କିଆରିରେ ବିଭକ୍ତ କରି କିଆରିମାନଙ୍କୁ 'ଲକ୍ଷ୍ମୀ', 'ଅନ୍ନପୂର୍ଣ୍ଣା' ପ୍ରଭୃତି ଯଥାଯୋଗ୍ୟ ନାମରେ ଅଭିହିତ କଲେ । ଗୋଟିଏ ଗୋଟିଏ କିଆରି ଏତେ ବୃହତ୍ ଯେ, ସେଥିର କ୍ଷେତ୍ରଫଳ ୮ । ୧୦ ମାଣରୁ ନ୍ୟୂନ ହେବ ନାହିଁ । କିଆରିମାନଙ୍କ ମଧ୍ୟରେ ତତ୍ତ୍ୱାବଧାନର ସୁବିଧା ସକାଶେ ଉତ୍କୃଷ୍ଟ ସଡ଼କ ଏବଂ ଶାଖା-ସଡ଼କ ମଧ୍ୟ ପ୍ରସ୍ତୁତ ହୋଇଅଛି । କୁଲ୍ୟାଗୁଡ଼ିକର ଗଠନ ଯେପରି ସୁନ୍ଦର, ସେମାନଙ୍କର ସଂରକ୍ଷଣପ୍ରଣାଳୀ ମଧ୍ୟ ସେହିପରି ବୁଦ୍ଧିମତ୍ତା ଏବଂ ଯତ୍ନଶୀଳତାର ପରିଚାୟକ । ଶ୍ରେଣୀବଦ୍ଧ ସୁଦୃଢ଼ କାଷ୍ଠର ପ୍ରତିରୋଧକ କିମ୍ବା ବାଉଁଶତଲେଇଦ୍ୱାରା ପ୍ରତ୍ୟେକ କୁଲ୍ୟାର କାନ୍ଥ ଏପରି ଭାବରେ ଆବଦ୍ଧ ଯେ, ଭାଙ୍ଗି ପଡ଼ି କିମ୍ବା ମାଟି ଧସି ଜଳପ୍ରବାହ ରୁଦ୍ଧ ହେବାର କୌଣସି ଆଶଙ୍କା ନାହିଁ ।

ଜଳଭଣ୍ଡାରରେ ବର୍ତ୍ତମାନ ଯେତେ ଜଳ ସଞ୍ଚିତ ଅଛି, ଭବିଷ୍ୟତ୍‌ରେ ତଦ୍ୱାରା ସମ୍ଭବତଃ ଆହୁରି ସହସ୍ର ସହସ୍ର ମାଣ ଜମି ଆବାଦ ହୋଇ ପାରିବ ।

ପର୍ବତର ପାଦଦେଶସ୍ଥିତ ସମତଳ ଭୂମିରେ ଶସ୍ୟ ଅମଳ ଏବଂ ସଞ୍ଚିତ ହେବା ନିମିତ୍ତ ବୃହଦାକାର ଖମାରଗୃହମାନ ପ୍ରସ୍ତୁତ ହୋଇଅଛି । ଏ ଗୃହଗୁଡ଼ିକ ମଧ୍ୟ ସୁରୁଚିସମ୍ମତ ପ୍ରଣାଳୀରେ ଗଠିତ ଏବଂ ଅତି ପରିଷ୍କୃତ ଅବସ୍ଥାରେ ରକ୍ଷିତ । ଏହି ଖମାରଗୃହରେ ନାନାବିଧ ଶସ୍ୟସ୍ତୂପାକାରରେ ସଞ୍ଚିତ ଥିବାର ଦେଖିଲି ।

ପର୍ବତର ପ୍ରାୟ ଅର୍ଦ୍ଧମାଇଲ ଦୂରବର୍ତ୍ତୀ ଅରଣ୍ୟରେ ଅନାର୍ଯ୍ୟ କୋଲ୍ହା ଏବଂ କୋଲମାନଙ୍କର ଗ୍ରାମ ସଂସ୍ଥାପିତ ହୋଇଅଛି । ଏହି ବୃହତ୍ କୃଷିକ୍ଷେତ୍ରରେ ଏମାନେ ସର୍ବଦା ପ୍ରଚୁର ପରିମାଣରେ କାର୍ଯ୍ୟ ପାଇ ସ୍ୱଚ୍ଛନ୍ଦରେ ଜୀବିକା ଚଳାନ୍ତି । ଏମାନଙ୍କର ସୁବିଧା

ସକାଶେ ପୂର୍ବବର୍ତ୍ତୀ ହ୍ରଦର ତୀରପ୍ରଦେଶସ୍ଥିତ ସିକତିଳ ଶାଳବନରେ ଗୋଟିଏ ହାଟ ମଧ୍ୟ ସଂସ୍ଥାପିତ ହୋଇଅଛି । ନିଜ ନିଜ ସରଳ ଜୀବନର ସମସ୍ତ ପ୍ରୟୋଜନୀୟ ଦ୍ରବ୍ୟ ଏମାନେ ଏହି ହାଟରୁ ପାଆନ୍ତି । ଶୈଳଶିଖରରୁ ଏମାନଙ୍କର ଧୀର-ସମୀରଣ-ବାହିତ ନୈଶସଙ୍ଗୀତ ଏବଂ ବଂଶୀଧ୍ୱନି ଅତି ମଧୁର ବୋଧହୁଏ । ଏଠାରେ ଏକରାତି ଅବସ୍ଥିତି ଗୋଟିଏ ସୁଖସ୍ୱପ୍ନସ୍ୱରୂପ ମୋହର ସ୍ମୃତିର ଚିରସମ୍ପତ୍ତି ହୋଇ ରହିଲା ।

ମୁଁ ସମଗ୍ର ଓଡ଼ିଶା ଭ୍ରମଣ କରି ଏପରି ଗୋଟିଏ ସ୍ଥାନ ଦେଖି ନ ଥିଲି । ପ୍ରକୃତିର ଶୋଭା ଏବଂ ମନୁଷ୍ୟର ଅଧ୍ୟବସାୟର ଏପରି ସମାବେଶ ଦେଖି କିଏ ପ୍ରୀତ ନ ହେବ ? କି ଭକ୍ତ, କି କବି, କି ତପସ୍ୱୀ, ସମସ୍ତଙ୍କ ପକ୍ଷରେ ଏ ସ୍ଥାନ ସମାନ ଉପଯୋଗୀ । ରାଜଧାନୀ ଦେବଗଡ଼ ଅପେକ୍ଷା ଏଠାର ଜଳବାୟୁ ସମ୍ଭବତଃ ଅଧିକ ସ୍ୱାସ୍ଥ୍ୟକର । ଶୈଳ-ପ୍ରାଚୀରବେଷ୍ଟିତ ହୋଇ ସୁଦ୍ଧା ଏଠାର ବିଶାଳ ଚତ୍ୱାଳ ପବନର ଅପ୍ରତିହତ ସଞ୍ଚାର ସକାଶେ ସମ୍ୟକ୍ ଉପଯୋଗୀ । ବର୍ଷାକାଳରେ ଏ ସ୍ଥାନ କେଡ଼େ ମନୋହର ହେଉ ନ ଥିବ । ଆକାଶରେ ଜଳଭାରବନତ ଜଳଦମାଳା, କେକାମୁଖରିତ ଆସାରସିକ୍ତ ପ୍ରଫୁଲ୍ଲ ବନରାଜି, ଜଳଦ-ଶବଳିତ ଗ୍ରାମ୍ୟାଲୋକଚହିତ ସଦ୍ୟବିଧୌତ ନୀଳଶୈଳଶ୍ରେଣୀ, ଦୂରପ୍ରସାରିତ ଶ୍ୟାମାୟମାନ କୃଷିକ୍ଷେତ୍ର ଏବଂ କାନନଲକ୍ଷ୍ମୀର ଦର୍ପଣରୂପୀ ବିଶାଳ ହ୍ରଦର ଏକତ୍ର ସମାବେଶଦ୍ୱାରା ବର୍ଷାକାଳରେ ଏ ସ୍ଥାନଟି ପ୍ରକୃତିର ଆଲେଖ୍ୟଶାଳାବତ୍ ପ୍ରତିଭାତ ହେଉଥିବ । ମେଘଦୂତ-ବର୍ଣ୍ଣିତ ଅଧିକାଂଶ ଦୃଶ୍ୟ ଏଠାରେ ସୁଲଭ ଏବଂ ଏହିପରି ସ୍ଥାନ ଏକା ମେଘଦୂତ ପାଠର ଉପଯୋଗୀ ।

ଶୁଣିବାରେ ସୁଡ଼ଳଦେବ ସାହିତ୍ୟଚର୍ଚ୍ଚା ଏବଂ କବିତାରଚନା ଉଦ୍ଦେଶ୍ୟରେ ବଲମ ଚଣ୍ଡଶୈଳଶିଖରରେ ଏହି ଗୃହ ନିର୍ମାଣ କରାଇଅଛନ୍ତି । ଏଭଳି ସଂକଳ୍ପ ତାଙ୍କର ପାଣ୍ଡିତ୍ୟ ଏବଂ ଶକ୍ତିମତ୍ତାର ସମୁଚିତ, ଏଥିରେ ଲେଶମାତ୍ର ସନ୍ଦେହ ନାହିଁ । କବିତା ଅନନ୍ୟସ୍ପୃହା ଦେବତା, ଏହା ସେ ଉତ୍ତମରୂପେ ଜାଣନ୍ତି । ରାଜକାର୍ଯ୍ୟ ପରିଚାଳନାରେ ଯୁବରାଜ ବର୍ତ୍ତମାନ ତାଙ୍କର ଅନ୍ତେବାସୀ । ଅଳ୍ପଦିନ ମଧ୍ୟରେ ଯୁବରାଜ ରାଜ୍ୟଧୁରନ୍ଧର ହୋଇ ତାହାଙ୍କୁ ଆଶାନୁରୂପ ବିଶ୍ରାମ ଦେଲେ, ସେ ରାଜଧାନୀର କୋଳାହଳରୁ କିଞ୍ଚିତ୍ ଦୂରରେ ଏବଂ ନିର୍ଜନରେ ଅବସ୍ଥାନ କରି ମାନସ-ସଂସାରର କୀର୍ତ୍ତି-ସ୍ଥାପନ-ପ୍ରୟାସୀ ହେବେ । ଜଡ଼ ସଂସାରରେ ସୁଡ଼ଳଦେବ ଯଥେଷ୍ଟ କୀର୍ତ୍ତି ସ୍ଥାପନ କରିଅଛନ୍ତି । ଏମନ୍ତ କି ସମଗ୍ର ବାମଣ୍ଡାଭୂମି ତାହାଙ୍କର କୀର୍ତ୍ତି ମେଖଳା-ବେଷ୍ଟିତ ବୋଲିଯାଇ ପାରେ । ମାନସ-ସଂସାରରେ କୀର୍ତ୍ତିସ୍ଥାପନବିଷୟରେ ସୁଡ଼ଳଦେବ ଯେ ଅବଧି ସମ୍ପୂର୍ଣ୍ଣ ଉଦାସୀନ ଥିଲେ, ଏମନ୍ତ ନୁହେ । ମାତ୍ର ଅବକାଶାଭାବରୁ ସେ ବିଷୟରେ ତାହାଙ୍କର ସୁବିଧାନୁରୂପ ଏବଂ ସାଧାରଣ ଆଶାନୁରୂପ ଅଗ୍ରସର ହୋଇ ପାରି ନାହାନ୍ତି । ରାଜଦଣ୍ଡ ଏବଂ ବୀଣା ଯୁଗପତ୍ ଧାରଣ କରିବାର ସହଜ କଥା ନୁହେ ।

ବଲମରୁ ଆମ୍ଭେମାନେ ପ୍ରାତଃକାଳରୁ ବାହାରି ପୂର୍ବାହ୍ନ ୯ଟା ସମୟରେ ଦେବଗଡ଼ରୁ ପ୍ରାୟ ଦୁଇ ମାଇଲ ଦୂରବର୍ତ୍ତୀ ଗୋଟିଏ ସ୍ଥାନରେ ବାମଣ୍ଡାର ଯୁବରାଜ ଶ୍ରୀ ସଚ୍ଚିଦାନନ୍ଦ ଦେବ ଏବଂ ତାଙ୍କର ସୁଯୋଗ୍ୟ ବୟସ୍ୟ ଶ୍ରୀ ବାବୁ ଜଳଧର ଦେବଙ୍କ ସଙ୍ଗେ ସାକ୍ଷାତ୍ କଲୁଁ । ଏ ମହାଶୟମାନଙ୍କର ବିନୟଗର୍ଭ

ସୌଜନ୍ୟ ଦେଖି ମୁଁ ଅତ୍ୟନ୍ତ ପ୍ରୀତ ହୋଇଥିଲି । ଅଳ୍ପକ୍ଷଣ ପରେ ବାବୁ ଦାମୋଦର ମିଶ୍ର ଏବଂ ଭଗୀରଥି ରଥ ଆମ୍ଭମାନଙ୍କ ସଙ୍ଗେ ମିଳିତ ହେଲେ । ଯୁବରାଜ ମହୋଦୟ ଆମ୍ଭମାନଙ୍କ ପ୍ରତୀକ୍ଷା କରୁଥିଲେ, ସାକ୍ଷାତ ମାତ୍ର ସମସ୍ତଙ୍କୁ ନିଜର ଅଶ୍ୱଯାନରେ ବସାଇ ଦେବଗଡ଼ରେ ପହଞ୍ଚାଇ ଦେଲେ । ଦେବଗଡ଼ରେ ପହଞ୍ଚିଲାକ୍ଷଣି ସୁଲଭ ଦର୍ଶନ ମହାରାଜାଙ୍କର ସାକ୍ଷାତ୍କାର ଲାଭ କରି ମୁଁ ମୋହର ଅବସ୍ଥାନ ନିମନ୍ତେ ପୂର୍ବରୁ ନିର୍ଦ୍ଦିଷ୍ଟ ତମ୍ବୁରେ ଆଶ୍ରୟ ଗ୍ରହଣ କଲି ।

ବାମଣ୍ଡାର ଆସ୍ଥାପୂର୍ଣ୍ଣ, ଆଡ଼ମ୍ବରଶୂନ୍ୟ, ସୁରୁଚିସମ୍ମତ ଆତିଥେୟତା ବାମଣ୍ଡାକୁ ପଞ୍ଚାନ୍ତରି । ଏଥିରୁ ମୋହର ବାମଣ୍ଡାରେ ଅବସ୍ଥିତି ଆଶାତୀତ ଦୀର୍ଘ ହୋଇଥିଲା । ତିନି ଦିନ ରହିବାର ସଂକଳ୍ପ ଥିଲା, ମାତ୍ର ମହାରାଜାଙ୍କ ଇଚ୍ଛାର ବଶଂମ୍ବଦ ହୋଇ ସାତ ଦିନ ରହିଲି । ଏପରି ଆଉ ସାତଟି ଦିନ ସମସ୍ତ ବର୍ଷ ମଧ୍ୟରେ ମୋହ ଭାଗ୍ୟରେ ଘଟିବାର ଦୁଷ୍କର ।

ମହାରାଜାଙ୍କ ସହିତ ପ୍ରତ୍ୟହ ପାଞ୍ଚ ଛ ଘଣ୍ଟା କାଳ ନାନା ବିଷୟରେ କଥୋପକଥନ ଏବଂ ତର୍କବିତର୍କ ହେଉଥିଲା । ବର୍ତ୍ତମାନ ଉତ୍କଳର ରାଜାମାନଙ୍କୁ ସ୍ଥୂଳରେ ଦୁଇ ଶ୍ରେଣୀରେ ବିଭକ୍ତ କରାଯାଇପାରେ । ଯଥା— ନୀତିଜଡ଼ିତ ଏବଂ ଆଗ୍ରହାଧିଷ୍ଠିତ । ଯେଉଁମାନେ ନବଶିକ୍ଷା ପାଇ ନାହାନ୍ତି, ସେମାନେ ପ୍ରଥମ ଶ୍ରେଣୀଭୁକ୍ତ । ସେମାନଙ୍କ ସହିତ ସାକ୍ଷାତ କରିବାକୁ ହେଲେ ସେମାନଙ୍କର ନୀତିର ସମସ୍ତ ପୂର୍ବରୁ ବୁଝି ଚଳିବାକୁ ହୁଏ । 'କାଠିଲଗି', ଦେହପାଣି', 'ଦେବାର୍ଚ୍ଚନା', 'ମଣୋହି', 'ପହଡ଼' ପ୍ରଭୃତି ନୀତିମାନଙ୍କରେ ସୂକ୍ଷ୍ମ ଟେକ୍ସୁ ବୁଝି ନୀତି ଅନ୍ତରାଳ ମଧ୍ୟରୁ ଦର୍ଶନାବକାଶ ଅନ୍ୱେଷଣ କରିବାକୁ ହୁଏ । ଆଉ ଯେଉଁମାନେ ନବ୍ୟ ଶିକ୍ଷିତ, ପୁଣି ଇଉରୋପୀୟ ସ୍କୁଲରେ ଯେଉଁମାନଙ୍କ ଜୀବନ ଗଠିତ ହୋଇଅଛି, ସେମାନେ ସ୍ୱଭାବତଃ ଇଉରୋପୀୟ ଆଗ୍ରହପ୍ରିୟ । ଇଉରୋପୀୟମାନେ ଏମାନଙ୍କୁ 'ଜେଣ୍ଟ୍ଲମ୍ୟାନ୍' ଆଖ୍ୟା ଦେଇ ପ୍ରୟୋଜନମତେ ସମୟ ସମୟରେ ନିଜ ଦଳର ଅନ୍ତର୍ଭୁକ୍ତ କରି ନିଅନ୍ତି । ଇଉରୋପୀୟ ସଂସର୍ଗରେ ଏମାନେ ତଦାଚରିତବୃତ୍ତି ହୋଇ ଇଉରୋପୀୟ ଗୃହଚଳନଗୁଡ଼ିକ ଶିଷ୍ଟାଚାରର ସର୍ବସ୍ୱ ମଣି ସେଥିରେ ଲେଶମାତ୍ର ଅନ୍ୟଥା କରିବାକୁ ସମ୍ମତ ହୁଅନ୍ତି ନାହିଁ । ସାହେବମାନଙ୍କ ସହିତ ସାକ୍ଷାତ୍ କରିବାକୁ ହେଲେ ଆମ୍ଭମାନଙ୍କର ଯେମନ୍ତ ଅନଭ୍ୟସ୍ତ ପରିଚ୍ଛଦ ଓ ଅନଭ୍ୟସ୍ତ ଭାଷାର ଆବଶ୍ୟକ ହୁଏ, ଏମାନଙ୍କ ସହିତ ସାକ୍ଷାତ୍ କରିବାକୁ ହେଲେ ମଧ୍ୟ ସେହିପରି ପରିଚ୍ଛଦ ଓ ସେହିପରି ଭାଷା ଲୋଡ଼ା । ବାମଣ୍ଡାମହାରାଜ ଏ ଦୁଇ ଶ୍ରେଣୀରୁ ବାହାର, ତାହାଙ୍କ ସହିତ ସାକ୍ଷାତ୍ କରିବାକୁ ହେଲେ ନୀତିବେଳେ ବୁଝିବାର ଆବଶ୍ୟକ ନାହିଁ କିମ୍ବା ପୂର୍ବରୁ ପତ୍ର ଲେଖିବାର କିମ୍ବା Card ପଠାଇବାର ଆବଶ୍ୟକ ନାହିଁ । ଜଣେ ସାଧାରଣ ଦେଶୀୟ ଭଦ୍ରଲୋକଙ୍କ ସହିତ ସାକ୍ଷାତ୍ କରିବାର ଯେପରି, ତାହାଙ୍କ ସହିତ ସାକ୍ଷାତ୍ କରିବାର ଅବିକଳ ସେହିପରି । କାର୍ଯ୍ୟରେ ଅଜସ୍ର ନିମଗ୍ନ ହୋଇ ସୁଦ୍ଧା ସୁଡ଼ଳଦେବ ସମସ୍ତଙ୍କ ପକ୍ଷରେ ସର୍ବଦା ସୁଲଭ-ଦର୍ଶନ । କେବଳ ଏତିକି ନୁହେ, ସ୍ୱୟଂ ଅତିଥିମାନଙ୍କ ଡେରାକୁ ପ୍ରାୟ ପ୍ରତ୍ୟହ ଆସି ସେମାନଙ୍କ ସହିତ ବିବିଧ ଜ୍ଞାନଗର୍ଭକ କଥୋପକଥନରେ ଏକ ଏକ ପ୍ରହର କାଳ ଅତିବାହିତ କରିବାକୁ ସୁଦ୍ଧା ସେ କୁଣ୍ଠିତ ହୁଅନ୍ତି ନାହିଁ । ସୁଡ଼ଳଦେବଙ୍କ ଜୀବନ ପରି ନିରଳସ ଜୀବନ ଉତ୍କଳରେ କାହିଁ ? ସମୟର ମୂଲ୍ୟ ତାହାଙ୍କ ପକ୍ଷ

ଓଡ଼ିଶାରେ କେତେଜଣ ବୁଝନ୍ତି ? ସମୟର ସଦ୍‌ବ୍ୟବହାର ଜାଣି ନ ଥିଲେ ତାହାଙ୍କର ଏପରି ସର୍ବତୋମୁଖୀ ଯୋଗ୍ୟତା ଲାଭ ହୋଇ ପାରନ୍ତା କି ? ଗାର୍ହସ୍ଥ୍ୟଜୀବନରେ ସୁଢଳଦେବ ଆଦର୍ଶ ଗୃହସ୍ଥ, ରାଜାମାନଙ୍କ ମଧ୍ୟରେ ସୁଢଳ ଦେବ ଆଦର୍ଶ ଶାସକ, ପଣ୍ଡିତମାନଙ୍କ ମଧ୍ୟରେ ଆଦର୍ଶ ପଣ୍ଡିତ, ଶିକାରୀମାନଙ୍କ ମଧ୍ୟରେ ଆଦର୍ଶ ଶିକାରୀ, ଲେଖକମାନଙ୍କ ମଧ୍ୟରେ ଆଦର୍ଶ ଲେଖକ, କୃଷକମାନଙ୍କ ମଧ୍ୟରେ ଆଦର୍ଶ କୃଷକ, ମାଳୀମାନଙ୍କ ମଧ୍ୟରେ ଆଦର୍ଶ ମାଳୀ, ବଣିକମାନଙ୍କ ମଧ୍ୟରେ ଆଦର୍ଶ ବଣିକ । ଗୃହ ନିର୍ମାଣ ଓ ଶିଳ୍ପବିଦ୍ୟାରେ ମଧ୍ୟ ଏହାଙ୍କର ନୈପୁଣ୍ୟ ଉଲ୍ଲେଖର ଅଯୋଗ୍ୟ ନୁହେ ।

ବିଶ୍ୱସ୍ତସୂତ୍ରରେ ମୁଁ ଦିନେ ଶୁଣିଲି ଯେ କେତେଗୁଡ଼ିଏ ମଫସଲର ପ୍ରଜା ଶସ୍ୟବିଶେଷର ବପନର ଉପଯୁକ୍ତ ସମୟ ସମ୍ବନ୍ଧରେ ସୁଢଳ ଦେବଙ୍କ ସହିତ ପରାମର୍ଶ କରିବା ନିମନ୍ତେ ଦୂରରୁ ଆସିଥିଲେ । ଏହା ଶୁଣି ବିସ୍ମୟାବିଷ୍ଟ ହୋଇ ମୋହର କୌଣସି ଶ୍ରଦ୍ଧେୟ ବନ୍ଧୁଙ୍କୁ କହିଲି, "ଏ ତ ବଡ ମଜାର କଥା ! ରାଜା କି ଚଷାମାନଙ୍କଠାରୁ ଏ କଥା ଅଧିକ ବୁଝନ୍ତି ?" ବନ୍ଧୁ ସସ୍ମିତ ମୁଖରେ କହିଲେ, "ଆଶ୍ଚର୍ଯ୍ୟ କ'ଣ ? ରାଜା ଚଷାମାନଙ୍କ ମଧ୍ୟରେ ମହାଚଷା । ସମୟ ପଡ଼ିଲେ, ଯାହାଙ୍କର ଲକ୍ଷ ଲକ୍ଷ ଲୋକଙ୍କୁ ଅନ୍ନ ଦେବାର ବନ୍ଦୋବସ୍ତ କରିବାକୁ ହେବ, 'ମହାଚଷା' ହେବାର ତାହାଙ୍କ ପକ୍ଷରେ ଗୌରବର ବିଷୟ ନୁହେଁ କି ?"

ଉଲ୍ଲିଖିତ ଘଟନାରୁ ଏହା ମଧ୍ୟ ପ୍ରତିପନ୍ନ ହେବ ଯେ, ସୁଢଳଦେବଙ୍କର ପାଣ୍ଡିତ୍ୟ କେବଳ ପୁସ୍ତକଗତ ପାଣ୍ଡିତ୍ୟ ନୁହେ, ଗ୍ରନ୍ଥ ଏବଂ ପ୍ରକୃତି-ଗ୍ରନ୍ଥ ଉଭୟରେ ତାହାଙ୍କର ସମାନ ଦୃଷ୍ଟି । ନାନା ବିଷୟରେ କାର୍ଯ୍ୟ କରି ଯେଉଁ ବୈଷୟିକ ଜ୍ଞାନଲାଭ ହୁଏ ଏବଂ ବିଦେଶଭ୍ରମଣଦ୍ୱାରା ଯେଉଁ ବହୁଦର୍ଶିତା ଜାତ ହୁଏ, ତାହା ସେ ପୂର୍ଣ୍ଣମାତ୍ରାରେ ଲାଭ କରିଅଛନ୍ତି । ତାହାଙ୍କ ପରି ଦେଶପର୍ଯ୍ୟଟକ ମଧ୍ୟ ଓଡ଼ିଶାରେ ବିରଳ ।

ଜୀବନରେ ନାନା ଶ୍ରେଣୀର ଅନେକ ଲୋକଙ୍କ ସହିତ ଆଳାପ କରି ସୁଢଳଦେବଙ୍କ ପରି ସମତୁଳପ୍ରକୃତିକ ଲୋକ ମୁଁ ପ୍ରାୟ ଦେଖିନାହିଁ । ମନରେ ସମସ୍ତ ବୃତ୍ତି ଅଛି, ମାତ୍ର ସମସ୍ତ ବୃତ୍ତିର ସେ ପ୍ରଭୁ । କୌଣସି ବୃତ୍ତି ଉଚ୍ଛୃଙ୍ଖଳ ହୋଇ ତାହାଙ୍କ ଉପରେ ପ୍ରଭୁପଣ କରିବେ, ଏହା ତାହାଙ୍କ କୋଷ୍ଠୀରେ ନାହିଁ । କାର୍ଯ୍ୟପ୍ରଧାନ ଅଥଚ ଭାବପ୍ରଧାନ, ନାତିକ୍ରୋଧନ ଅଥଚ ନାତିସହିଷ୍ଣୁ । ସ୍ଥାନ ଦେଖି ଗଣନାଶୀଳ, ସ୍ଥାନ ଦେଖି ମୁକ୍ତହସ୍ତ । ଦମ୍ଭ ନ ଥାଇ ତାହାଙ୍କର ଯଥେଷ୍ଟ ଆତ୍ମ-ମର୍ଯ୍ୟାଦା ଅଛି । କାହାର ପ୍ରତି ସ୍ନେହ କଲେ ବୋଲି ସେ ତାହାର ଦୋଷ ପ୍ରତି ଅନ୍ଧ ହୋଇଯିବେ ଏମନ୍ତ ନୁହେ । ଅଭିଯୋକ୍ତାକୁ ଗୋଟିଏ କର୍ଣ୍ଣ ଦେଇ ଅନ୍ୟ କର୍ଣ୍ଣ ଅଭିଯୁକ୍ତ ନିମନ୍ତେ ମୁକ୍ତ ରଖିବାକୁ ସେ ସର୍ବଦା ସତର୍କ । ପରଠାରୁ ଉପଦେଶପ୍ରାର୍ଥୀ ହୋଇ ସୁଦ୍ଧା ନିଜ ବୁଦ୍ଧିର ସ୍ୱାଧୀନତା ବିସର୍ଜନ କରିବାକୁ ସେ କଦାଚ ପ୍ରସ୍ତୁତ ନୁହନ୍ତି । ସୁଢଳଦେବ ନ୍ୟାୟପର ଅଥଚ କଠୋର ନ୍ୟାୟପର ନୁହନ୍ତି । ତାହାଙ୍କ ନ୍ୟାୟରେ କରୁଣା ମିଶ୍ରିତ ଥାଏ । ଯଶରେ ଅଭିରୁଚି ଥାଇ ସୁଦ୍ଧା ସେ ଯଶୋରଙ୍କ ନୁହନ୍ତି, କୃତ୍ରିମ ଉପାୟରେ ଯଶପ୍ରଚାରପ୍ରୟାସୀ ନୁହନ୍ତି କିମ୍ବା ଅଳୀକ ଯଶର ଆକାଙ୍କ୍ଷୀ ନୁହନ୍ତି । ଆମୋଦରେ ତାହାଙ୍କର ବିତୃଷ୍ଣା ନାହିଁ, ମାତ୍ର ସବୁ ଆନନ୍ଦର ମୂଳ ଯେ ସ୍ୱାସ୍ଥ୍ୟ, ତାହାର କ୍ଷତି ନ କରି ଯେତିକି ଆମୋଦ ସମ୍ଭବ, ସେ ସୀମା ସେ ଅତିକ୍ରମ କରନ୍ତି ନାହିଁ । ଧର୍ମ, ଅର୍ଥ,

କାମ ପ୍ରତି ତାହାଙ୍କର ସମାନ ଦୃଷ୍ଟି, କାହା ପ୍ରତି ଏକାସକ୍ତି ନାହିଁ, କାହାରି ପ୍ରତି ଔଦାସୀନ୍ୟ ନାହିଁ, ଫଳତଃ—

"ଧର୍ମାର୍ଥକାମାଃ ସମମେବ ସେବ୍ୟାଃ ।
ଯୋ ହ୍ୟେକସକ୍ତଃ ସ ନରୋ ଜଘନ୍ୟଃ ।"

ସୁତଳ ଦେବଙ୍କ ଜୀବନ ଏହି ଉକ୍ତିର ଗୋଟିଏ ପ୍ରକୃଷ୍ଟ ନିଦର୍ଶନ ଅଟେ । ଇଂରେଜୀ ଭାଷାରେ ଅଭିଜ୍ଞ ନ ହୋଇ ସୁଦ୍ଧା ଇଉରୋପୀୟମାନଙ୍କଠାରେ ସୁତଳଦେବଙ୍କ ପ୍ରତିଷ୍ଠା ନିତାନ୍ତ କମ୍ ନୁହେ । ଗଭର୍ଣ୍ଣମେଣ୍ଟରୁ ସେ ଯେଉଁ ଉଚ୍ଚ ଉପାଧି ଲାଭ କରିଅଛନ୍ତି, ସେହି ଉପାଧି ହିଁ ସେହି ପ୍ରତିଷ୍ଠାର ପରିମାପକ, ମାତ୍ର ଏହା ବୋଲି ଇଉରୋପୀୟମାନଙ୍କ ସହିତ ଦେଶୀୟ ଲୋକଙ୍କ ପ୍ରକୃତିର କପର ସମ୍ବନ୍ଧ ଏବଂ ସେମାନଙ୍କ ସହିତ ସ୍ୱାତନ୍ତ୍ର୍ୟ ରକ୍ଷିବାର ଅପରିହାର୍ଯ୍ୟ ଏବଂ ସ୍ଥଳବିଶେଷରେ ବାଞ୍ଛନୀୟ ହେଲେହେଁ ସେ ସଂସ୍ରବର ସୀମା କେଉଁଠାରେ ତାହା ସେ ବିସ୍ମୃତ ହେବାର ଲୋକ ନୁହନ୍ତି । ଏହି ସୀମା ବିସ୍ମୃତ ହୋଇ ଏବଂ ରାଜନୈତିକ 'ପ୍ରିୟବନ୍ଧୁ' ଶବ୍ଦର ଆକ୍ଷରିକ ଅର୍ଥ ଗ୍ରହଣ କରି ଅନେକ ଅପରିଣାମଦର୍ଶୀ ନବ୍ୟଶିକ୍ଷାଭିମାନୀ ଦେଶୀୟ ରାଜା ସମୟ ସମୟରେ ଲାଞ୍ଛିତ ଏବଂ ବିପନ୍ନ ମଧ୍ୟ ହେଉଅଛନ୍ତି । ତଥାପି ଏମାନଙ୍କ ଚୈତନ୍ୟୋଦୟ ହେଉନାହିଁ ।

ସୁତଳ ଦେବଙ୍କୁ ଯେଉଁମାନେ ଉତ୍ତମରୂପେ ଜାଣନ୍ତି, ସେମାନେ ଏକବାକ୍ୟରେ ଏହା ସ୍ୱୀକାର କରିବେ ଯେ, ସେ ନିଜର ପ୍ରତିଭା-ଅନୁରୂପ କ୍ଷେତ୍ର ଏବଂ ମନ ଅନୁରୂପ ଧନ ପାଇ ନାହାନ୍ତି । ଉପଯୁକ୍ତ କ୍ଷେତ୍ର ପାଇଥିଲେ ତାହାଙ୍କ ପ୍ରତିଷ୍ଠା ଜଗଦ୍ବ୍ୟାପିନୀ ହୋଇଥାନ୍ତା ।

ସୁତଳ ଦେବ ନିଜେ ନିଜର ରାଜସ୍ୱସଚିବ, ନିଜେ ନିଜର ପୂର୍ତ୍ତ କର୍ମସଚିବ । ତାହାଙ୍କର ରାଜସ୍ୱ ବିଭାଗ ଏପରି ସୁନିୟମ ଏବଂ ସୁଶୃଙ୍ଖଳାରେ ପରିଚାଳିତ ଯେ, କୌଣସି କର୍ମଚାରୀ ଗୋଟିଏ ପଇସା ଆତ୍ମସାତ୍ କରି ପାରନ୍ତି ନାହିଁ । ନିଜର ଅଶିକ୍ଷିତ, ନୈସର୍ଗିକ ବୁଦ୍ଧିଦ୍ୱାରା ରାଜ୍ୟ ପୂର୍ତ୍ତବିଭାଗରେ ସେ ଯେପରି ଉନ୍ନତି ସାଧନ କରିଅଛନ୍ତି, ଅନେକ ସୁଶିକ୍ଷିତ ଏବଂ ଲବ୍ଧପ୍ରତିଷ୍ଠ ଇଞ୍ଜିନିୟର ମଧ୍ୟ ତାହା ଦେଖି ବିସ୍ମୟାବିଷ୍ଟ ହେବେ ।

ନିଜର ପ୍ରଜାମାନଙ୍କୁ ଶିକ୍ଷିତ କରାଇ ସେହିମାନଙ୍କଦ୍ୱାରା ଯଥାସମ୍ଭବ ରାଜ୍ୟର କାର୍ଯ୍ୟ ଚଳାଇବା ବିଷୟରେ ସୁତଳ ଦେବ ସର୍ବଦା ଯତ୍ନପରାୟଣ ଏବଂ ତାହାଙ୍କର ଏହି ସଂକଳ୍ପ ବହୁ ପରିମାଣରେ ସୁସିଦ୍ଧ ମଧ୍ୟ ହୋଇଅଛି । ସମ୍ଭବତଃ ଆଉ ୨୦ । ୨୫ ବର୍ଷ ଉତ୍ତାରୁ ବାମଣ୍ଡାର ପ୍ରାୟ କୌଣସି ବିଭାଗରେ ବିଦେଶୀୟ କର୍ମଚାରୀ ଲୋଡ଼ା ହେବେ ନାହିଁ । ମହାରାଜଙ୍କର ଏ ନୀତି ଯେ ସମୀଚୀନ, ଏ ବିଷୟରେ ମତଦ୍ୱୈଧର ସମ୍ଭାବନା ନାହିଁ ।

ନ୍ୟାଯ୍ୟ ଉପାୟରେ ରାଜ୍ୟର ଆୟ ବୃଦ୍ଧି କରାଇବା ବିଷୟରେ ସୁତଳ ଦେବ ଶିଥିଳ-ପ୍ରୟତ୍ନ ନୁହନ୍ତି । ଫଳତଃ—

"କୋଷେନାଶ୍ରୟଣୀୟତ୍ୱମିତି ତସ୍ୟାର୍ଥସଂଗ୍ରହଃ
ଅମ୍ବୁଗର୍ଭୋ ହି ଜୀମୂତଶ୍ଚାତକୈରଭିନନ୍ଦ୍ୟତେ"

କବିଙ୍କର ଏହି ଉକ୍ତି ସୁତଳ ଦେବଙ୍କ ରାଜସ୍ୱ ନୀତିର ମୂଳଭିତ୍ତି ଅଟେ । କାଠର ଗୋଟିଏ ବୃହତ୍ କାରଖାନା ସଂସ୍ଥାପନ କରି ରେଲୱେ କୋମ୍ପାନୀକୁ ସ୍ଲିପର ଯୋଗାଇ ରାଜ୍ୟର ଆୟ ସେ ପ୍ରାୟ ଦ୍ୱିଗୁଣ କରାଇଅଛନ୍ତି । ଏହି କାରଖାନାରୁ ପ୍ରତିବର୍ଷରେ ତାହାଙ୍କର ନିଜକୃତ ଟ ୨୫୦୦୦୵ ବ୍ୟୟ ପୂରଣ ହୋଇ ଅତିରିକ୍ତ ଟ ୫୦୦୦୦୵ ଉତ୍ପନ୍ନ ହୁଏ । ରାଜ୍ୟର ସହସ୍ର ବ୍ୟକ୍ତି ଏହି କାରଖାନାରେ ପରିଶ୍ରମ କରି ଜୀବିକା ଅର୍ଜନ କରୁଅଛନ୍ତି । କାର୍ଯ୍ୟର ତତ୍ତ୍ୱାବଧାନ ସକାଶେ ମହାରାଜଙ୍କୁ ପ୍ରତ୍ୟହ ପ୍ରାୟ ୭।୮ ଘଣ୍ଟା ପ୍ରଗାଢ଼ ପରିଶ୍ରମ କରିବାକୁ

ହୁଏ । ରେଲ କୋମ୍ପାନୀ ପ୍ରସ୍ତାବ କରିଥିଲେ ଯେ, ଅରଣ୍ୟରେ କେବଳ ରାଜକର୍ମଚାରୀମାନେ ବୃକ୍ଷ ଚିହ୍ନିତ କରିଦେଲେ ଅବଶିଷ୍ଟ ସମସ୍ତ କାର୍ଯ୍ୟ କୋମ୍ପାନୀ ନିଜେ କରନ୍ତେ ଏବଂ କାଷ୍ଠର ମୂଲ୍ୟସ୍ୱରୂପ ପ୍ରତିବର୍ଷ ମହାରାଜାଙ୍କୁ ଟ୫୦୦୦୦୲ ଦିଅନ୍ତେ । ଏ ପ୍ରସ୍ତାବ ଗ୍ରହଣ କରିଥିଲେ ମହାରାଜ ଅନେକ ପରିଶ୍ରମ ଏବଂ ଦାୟିତ୍ୱରୁ ନିଷ୍କୃତି ପାଇଥାନ୍ତେ, ଅଥଚ ତାହାଙ୍କର ପ୍ରକୃତ ଆର୍ଥିକ ଲାଭ ଅକ୍ଷୁଣ୍ଣ ରହନ୍ତା । ମାତ୍ର ପ୍ରଜାବତ୍ସଳ ସୁଢଳ ଦେବ କୋମ୍ପାନୀଙ୍କର ଏ ପ୍ରସ୍ତାବ ଗ୍ରହଣ କଲେ ନାହିଁ । ତାହାଙ୍କର ଗାଢ଼ ପରିଶ୍ରମ ଦେଖି ଦିନେ ମୁଁ କହିଲି, "ଆପଣ ଅକାରଣ ଏ ପରିଶ୍ରମ କରୁଛନ୍ତି କିନା ! ଏତେ ପରିଶ୍ରମ କରିବେ, ତାହରୁ ୨୫ ସହସ୍ର ଟଙ୍କା ବ୍ୟୟ କରିବେ, ଟ୭୫୦୦୦୲ ପାଇବେ, ଏହା ପରିବର୍ତ୍ତରେ ବିନା ପରିଶ୍ରମ ଏବଂ ବିନା ବ୍ୟୟରେ ରାଜକୋଷକୁ ଟ ୫୦୦୦୦୲ ଆସୁଥିଲେ କି ଆହୁରି ଭଲ ହୁଅନ୍ତା ନାହିଁ ?" ସୁଢଳ ଦେବ କହିଲେ, "ଠିକ୍ କଥା, ମୁଁ ପରିଶ୍ରମରୁ ଅବ୍ୟାହତି ପାନ୍ତି ଏବଂ ଉଭୟଥା ମୋହର ଆର୍ଥିକ ଲାଭ ସମାନ, ମାତ୍ର ମୋହର ସହସ୍ର ସହସ୍ର ପ୍ରଜା ଏହାଦ୍ୱାରା ଯେଉଁ ଉପକାର ପାଉଅଛନ୍ତି, ସେଥିରୁ ତ ସେମାନେ ବଞ୍ଚିତ ହୁଅନ୍ତେ । ମୁଁ ଯେଉଁ ୨୫ ସହସ୍ର ଟଙ୍କା ବ୍ୟୟ କରେ, ତାହା ମୋହର କୋଷକୁ ଫେରି ଆସେ, ମାତ୍ର ସେଥି ସଙ୍ଗେ ସଙ୍ଗେ ମୋହର ପ୍ରଜାମାନେ ନିଜ ପରିଶ୍ରମ ଦ୍ୱାରା ସେହି ଟ ୨୫୦୦୦ ଅର୍ଜନ କରୁଅଛନ୍ତି । କାରଖାନା ଚଳାଇବା ଭାର କୋମ୍ପାନୀଙ୍କ ହସ୍ତଗତ ହେଲେ, କୋମ୍ପାନୀ ନିଜର ଲୋକଦ୍ୱାରା ସେଥିରେ ସମସ୍ତ କାର୍ଯ୍ୟ ଚଳାଇବେ ଏବଂ ମୋହର କେତେଗୁଡ଼ିଏ ଦରିଦ୍ର ପ୍ରଜା ସେଥିରୁ ବଞ୍ଚିତ ହେବେ । ଏହି କଥାକୁ ଦୃଷ୍ଟି ରଖି ମୁଁ କୋମ୍ପାନୀଙ୍କ ପ୍ରସ୍ତାବରେ ଅସମ୍ମତି ପ୍ରକାଶ କଲି ।"

ପାଠକ ! ଏହି ଉକ୍ତିରୁ ସୁଢଳ ଦେବଙ୍କ ପ୍ରଜାବତ୍ସଳତା ବୁଝି ପାରିବେ ।

ରାଜ୍ୟରେ ଖଣି ଆବିଷ୍କ୍ରିୟା ସମ୍ବନ୍ଧରେ ସୁଢଳ ଦେବଙ୍କର ଉଦ୍ୟମର ତ୍ରୁଟି ନାହିଁ । ଖଣିରୁ ଅଭ୍ର ଉଦ୍ଧାର କରି ବ୍ୟବସାୟ ନିର୍ଦ୍ଦେଶ୍ୟରେ ସେଥିରେ ପରୀକ୍ଷା ସକାଶେ ସ୍ୱୟଂ ତାହା କଲିକତା ନେଇ ଯାଇଥିଲେ । ଅଭ୍ର ଅପକୃଷ୍ଟ ହେବାରୁ ସେ ଉଦ୍ୟମରୁ ନିରସ୍ତ ହେଲେ । ବର୍ତ୍ତମାନ ମଧ୍ୟ ସେ ଖଣି ଆବିଷ୍କ୍ରିୟା ସକାଶେ ଦୁଇ ଜଣ ଖଣି-ତତ୍ତ୍ୱବିତ୍ ଇଉରୋପୀୟଙ୍କୁ ଯଥାନିୟମରେ ଆବଦ୍ଧ କରି ରାଜ୍ୟର ଭିନ୍ନ ଭିନ୍ନ ଅଂଶରେ ଭୂସ୍ତର-ଭେଦପୂର୍ବକ ପରୀକ୍ଷାର ଭାର ଦେଇଅଛନ୍ତି ।

ଉତ୍କୋଚ ଏବଂ ପୁଲିସ ଅତ୍ୟାଚାର ନିବାରଣ ବିଷୟରେ ବାମଣ୍ଡାର ରାଜ ଶାସନ ଆଶାତୀତ ଉନ୍ନତି ଲାଭ କରିବାର ବୋଧ ହେଲା । ରାଜଧାନୀରୁ ବହୁଦୂରରେ ଏବଂ ମହାରାଜଙ୍କ ଚକ୍ଷୁ ଅଗୋଚରରେ ଥାଇ ସୁଦ୍ଧା ବାମଣ୍ଡାର କର୍ମଚାରୀମାନେ ଆପଣାକୁ ତାହାଙ୍କର ଦୃଷ୍ଟି-ପୁରୋବର୍ତ୍ତୀ ମଣି ଅତି ସତର୍କ ହୋଇ କାର୍ଯ୍ୟ କରନ୍ତି । ପ୍ରାୟ ପ୍ରତ୍ୟେକ କର୍ମଚାରୀ ଏହା ଜାଣନ୍ତି ଯେ, ଯେତେ ଗୋପନ ଭାବରେ ଅନ୍ୟାୟ କଲେ ସୁଦ୍ଧା ତାହା ମହାରାଜଙ୍କର ଅଜ୍ଞାତ ରହିବ ନାହିଁ ଏବଂ ଦିନେ ସେଥି ସକାଶେ ଶାସ୍ତିସ୍ୱ ପ୍ରାୟଶ୍ଚିତ୍ତ କରିବାକୁ ପଡ଼ିବ ।

ଫଳତଃ—

"ନ ତସ୍ୟ ମଣ୍ଡଳେ ରାଜ୍ଞଃ
ନ୍ୟସ୍ତ-ପ୍ରଣିଧି-ଦୀଧିତେଃ ।
ଅଦୃଷ୍ଟ ମରବତ୍ କଞ୍ଚିତ୍
ବ୍ୟଭ୍ରସ୍ୟେବ ବିବସ୍ୱତଃ ।"

ଏ କଥା ନିତାନ୍ତ କବିକଳ୍ପନା ନୁହେ ।

ସୁସଂସ୍କୃତ ଦେଶୀୟ ଶାସନରେ ଏହା ହେବାର ଉଚିତ ଏବଂ ସୁଡଲ ଦେବଙ୍କ ଶାସନରେ ଏହା ବହୁ ପରିମାଣରେ ସୁସିଦ୍ଧ ହୋଇଅଛି ।

ସୁଡଲ ଦେବଙ୍କ ପାରିବାରିକ ଜୀବନର ଶୃଙ୍ଖଳା ମଧ୍ୟ ଶିକ୍ଷାର୍ହ ଅଟେ । ପରିବାରଗତ ପ୍ରତ୍ୟେକ ବ୍ୟକ୍ତି ସୁଖରେ ଅଛନ୍ତି, ମାତ୍ର କେହି ବୃଥା ଦ୍ରବ୍ୟ ଅପଚୟ କରିବାର ସୁବିଧା ପାଆନ୍ତି ନାହିଁ । ସମସ୍ତଙ୍କର ଜୀବନ ନିୟମିତ, ପରସ୍ପର ମଧ୍ୟରେ ଅପ୍ରୀତିକର ସ୍ୱାର୍ଥସଂଘର୍ଷର କୌଣସି ଆଶଙ୍କା ନାହିଁ । ପ୍ରତ୍ୟେକ ରାଜକୁମାର ଭବିଷ୍ୟତରେ ରାଜାଙ୍କର ଗଳଗ୍ରହ ନ ହୋଇ ସ୍ୱାଧୀନ ଭାବରେ ଏବଂ ସମ୍ମାନରେ ଚଳି ପାରିବେ । ସେହି ଉଦ୍ଦେଶ୍ୟରେ ଲେଖ୍ୟ ପ୍ରସ୍ତୁତ ହୋଇ ସେମାନଙ୍କୁ ପ୍ରଦତ୍ତ ହୋଇଅଛି ଏବଂ ଲେଖ୍ୟାନୁରୂପ ବୃତ୍ତି ମଧ୍ୟ ନିର୍ଦ୍ଦିଷ୍ଟ ଏବଂ ଚିହ୍ନିତ ହୋଇଅଛି । ମୁଣି ଏହି ବୃତ୍ତି ଯେ କୌଣସି ପ୍ରଜାଠାରୁ ଗୃହୀତ ହୋଇଅଛି, ତାହା ନୁହେଁ । ସୁଡଲ ଦେବ ନିଜ ପରିଶ୍ରମ ଏବଂ ବ୍ୟୟରେ ଅରଣ୍ୟ କଟାଇ ଏବଂ ସେଥିରୁ ପ୍ରକୃତ ପ୍ରସ୍ତୁତ କରାଇ ଏହି ବୃତ୍ତିଗୁଡ଼ିକ ସୃଷ୍ଟି କରିଅଛନ୍ତି ଏବଂ ତଦ୍ୱାରା ଯୁଗପତ୍ ରାଜ୍ୟର ଆୟବୃଦ୍ଧି ଏବଂ ସନ୍ତାନମାନଙ୍କର ଭାବୀ ନିର୍ବାହର ଉପାୟ ବିଧାନ କରିଅଛନ୍ତି । ବାମଣ୍ଡାର ପ୍ରତ୍ୟେକ ରାଜକୁମାରଙ୍କର ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ତାହାଙ୍କର ସମ୍ପତ୍ତି ମଧ୍ୟ ସମାନ୍ତରାଳ ରେଖାରେ ପରିବର୍ଦ୍ଧିତ ହେଉଅଛି ।

ବାମଣ୍ଡାର ଯୁବରାଜ ଶ୍ରୀ ସଚ୍ଚିଦାନନ୍ଦ ଦେବ ନିଜର ସୁଶିକ୍ଷା, ସଦାଚାର, ପିତୃଭକ୍ତି, ସୌଭ୍ରାତ୍ର ଏବଂ ସୌଜନ୍ୟ ନିମନ୍ତେ ପ୍ରାୟ ସମସ୍ତଙ୍କର ସ୍ନେହଭାଜନ ହୋଇଅଛନ୍ତି । ଅଶ୍ୱାରୋହଣ ଏବଂ ମୃଗୟାରେ ଅଳ୍ପ ବୟସରେ ସେ ଅତି ପ୍ରଶଂସନୀୟ ଦକ୍ଷତା ଲାଭ କରିଅଛନ୍ତି । 'ମାୟାଶବରୀ' 'ଅନଙ୍ଗ' ପ୍ରଭୃତି ରଚନାମାନ ତାହାଙ୍କର ଶକ୍ତିମତ୍ତା ଏବଂ ସୁରୁଚିର ସୁନ୍ଦର ପରିଚାୟକ । ରାଜ୍ୟଶାସନର ପ୍ରାୟ ଅଧିକାଂଶ ବିଭାଗ ବର୍ତ୍ତମାନ ତାହାଙ୍କ ହସ୍ତରେ ନ୍ୟସ୍ତ ଏବଂ ସେ ମଧ୍ୟ ଅତନ୍ଦ୍ରିତ ହୋଇ ବୋଧ ମାର୍ଗରେ ସ୍ୱକର୍ତ୍ତବ୍ୟ ସମ୍ପାଦନ କରୁଅଛନ୍ତି । କେବଳ ଅତି ଦୟାଳୁତା,ଅତି ଚଞ୍ଚଳତା ପରିହାର କରି ପାରିଲେ ଏବଂ ଅଧିକତର ଦୃଢ଼ମନସ୍କ ଏବଂ ଶ୍ରମଶୀଳ ହେଲେ ସେ ତାହାଙ୍କର ଯଶସ୍ୱୀ ପିତାଙ୍କର ସର୍ବାଂଶରେ ଅନୁରୂପ ଉତ୍ତରାଧିକାରୀ ହୋଇ ପିତୃପ୍ରତିଷ୍ଠା ଅକ୍ଷୁର୍ଣ୍ଣ ରଖିପାରିବେ । ଯେଉଁ ଯେଉଁ ଅଂଶରେ ଅବଧି ତାହାଙ୍କର ତ୍ରୁଟି ଅଛି, ତାହା ଗୁଣର ଆତିଶଯ୍ୟ ମାତ୍ର । ତଥାପି ରାଜପଦରେ ତାହା ତ୍ରୁଟି ବୋଲି ପରିଗଣିତ ହେବ । ପ୍ରକୃତିରଞ୍ଜନ ନିମନ୍ତେ ପ୍ରହ୍ଲାଦନୀ ଏବଂ ପ୍ରତାପନୀ ଉଭୟ ଶକ୍ତିର ସାମଞ୍ଜସ୍ୟ ଆବଶ୍ୟକ । ଯଶସ୍ୱୀ ପିତାର ପୁତ୍ର ହେବା ନିତାନ୍ତ ଦାୟିତ୍ୱପୂର୍ଣ୍ଣ, ଏହା ଯୁବକମାନଙ୍କର ସଦା ସ୍ମରଣ ରଖିବା ଉଚିତ ।

ଯୁବରାଜଙ୍କର ବୟସ୍ୟ ଜଳନ୍ଧର ବାବୁ ରାଜବଂଶୀୟ ଅଟନ୍ତି ଏବଂ ଆବାଲ୍ୟ ଯୁବରାଜଙ୍କର ଯୋଗ୍ୟ ବୟସ୍ୟ ଅଟନ୍ତି । ବୁଦ୍ଧିମତ୍ତା ଏବଂ ସୌଜନ୍ୟ ଏହାଙ୍କ ମୁଖମଣ୍ଡଳରେ ମୁଦ୍ରିତପ୍ରାୟ ପ୍ରତିଭାତ ହୁଏ । ଆତ୍ମୋତ୍କର୍ଷ ସାଧନରେ ଜଳନ୍ଧର ବାବୁଙ୍କର ପୂର୍ଣ୍ଣ ଆସ୍ଥା ଥିବାର ବୋଧ ହେଲା ।

ମହାରାଜଙ୍କର ମଧ୍ୟମ କୁମାର ଶ୍ରୀଯୁକ୍ତ ବଳଭଦ୍ରଦେବ ପଞ୍ଜାବରେ ବର୍ତ୍ତମାନ ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷା ନିମନ୍ତେ ପ୍ରସ୍ତୁତ ହେଉଅଛନ୍ତି । ଏହାଙ୍କର ବିଚକ୍ଷଣତା, ସ୍ୱାଧୀନମନସ୍କତା, ନିର୍ଭୀକତା ଏବଂ ବିଶୁଦ୍ଧଚରିତ୍ରତାର ସୁପ୍ରତିଷ୍ଠା ପୂର୍ବରୁ ଶୁଣି ପ୍ରୀତ ହୋଇଥିଲି ଏବଂ ଏହାଙ୍କର ଅସାଧାରଣ ସୌଜନ୍ୟର ପ୍ରତ୍ୟକ୍ଷ ପରିଚୟ ପାଇ ତତୋଽଧିକ ପ୍ରୀତ ହେଲି । ମୁଁ ବାମଣ୍ଡା ପରିତ୍ୟାଗ କରି ଆସିବା ସମୟରେ

ପଞ୍ଚାୟତବାବୁଙ୍କ ସହିତ ସାକ୍ଷାତ୍ ନ ହେବାରୁ ଦୁଃଖ ପ୍ରକାଶ କରି ଆସିଥିଲି । ସହୃଦୟ ପଞ୍ଚାୟତ ଏହି ସମ୍ବାଦ ପାଇ ଅଶ୍ୱାରୋହଣରେ ମୋହ ପଛେ ପଛେ କୋଶେ ବାଟ ଆସି ମୋତେ ବିଦାୟ ଦେଇଗଲେ । ଏ ମଧ୍ୟ ସେହି ବ୍ରହ୍ମଜାତି ପ୍ରୀତିର ଖଣି ।

ଅନ୍ୟାନ୍ୟ କୁମାରମାନେ ନିମ୍ନଶ୍ରେଣୀରେ ଅଧ୍ୟୟନ କରୁଅଛନ୍ତି । ସମସ୍ତଙ୍କର ଆଚରଣ ଏବଂ ଚରିତ୍ର ପ୍ରତି ମହାରାଜଙ୍କର ତୀବ୍ର ଦୃଷ୍ଟି । ଅନ୍ୟର ସ୍ଖଳନ ହେଲେ ବରଂ କ୍ଷମା ଅଛି, ରାଜପୁତ୍ରଙ୍କ ସ୍ଖଳନର ପ୍ରଶ୍ରୟ ନାହିଁ । ରାଜପୁତ୍ର ବୋଲି ଆପଣାକୁ ସ୍ୱତନ୍ତ୍ର ଜୀବ ମଣି ଏମାନେ ଦର୍ପରେ ସ୍ଫୀତ ହୁଅନ୍ତି ନାହିଁ, ବରଂ ନିଜକୁ ସାଧାରଣ ଲୋକ ପରି ମଣିବାକୁ ଏମାନେ ଆବାଲ୍ୟ ଅଭ୍ୟସ୍ତ । ରାଜରକ୍ତର ଅକିଞ୍ଚିତ୍କର ଅଭିମାନ ପରିତ୍ୟାଗ କରି କେବଳ ସଦ୍‌ଗୁଣ ଏବଂ ସୁଚରିତ୍ରଦ୍ୱାରା ନିଜ ନିଜ ପ୍ରାଧାନ୍ୟ ସଂରକ୍ଷଣ ନିମନ୍ତେ ଏମାନେ ବାକ୍ୟତଃ ଏବଂ କାର୍ଯ୍ୟତଃ ପ୍ରାୟ ସର୍ବଦା ଉପଦିଷ୍ଟ ହେଉ ଅଛନ୍ତି । ସ୍ୱପିତାଙ୍କର ସୁଦୃଷ୍ଟାନ୍ତ ଏମାନଙ୍କ ସମ୍ବନ୍ଧରେ ସହସ୍ର ନୀତିଗ୍ରନ୍ଥର କାର୍ଯ୍ୟ କରେ । ବିଦ୍ୟାଳୟରେ ସାଧାରଣ ଛାତ୍ରମାନଙ୍କ ସହିତ ଏମାନେ ଏକାସନରେ ବସନ୍ତି, ସାଧାରଣ ବାଳକମାନଙ୍କ ସହିତ ନିର୍ବିଶେଷରେ ବିଦ୍ୟାଳୟର ଶାସନାଧୀନ ହୋଇ ଚଳନ୍ତି ଏବଂ ନିର୍ବିଶେଷରେ ଦଣ୍ଡିତ ହୁଅନ୍ତି । ଅଥଚ ଏ ବନ୍ଦୋବସ୍ତ ହେତୁ ରାଜପୁତ୍ରମାନଙ୍କର ଚରିତ୍ର କଳୁଷିତ ହେବାର କୌଣସି ଅଭିଯୋଗ ଅଦ୍ୟାବଧି ଶୁଣା ଯାଇନାହିଁ । ରାଜପୁତ୍ରମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବିଦ୍ୟାଳୟ ସ୍ଥାପନର ଯେଉଁମାନେ ପକ୍ଷପାତୀ, ସେମାନେ ବାମଣ୍ଡା ରାଜକୁମାରମାନଙ୍କୁ ଦେଖିଲେ ନିଜ ମତର ସମୀଚୀନତା ସମ୍ବନ୍ଧରେ ନିଶ୍ଚୟ ସନ୍ଦିହାନ ହେବେ । ଏହା ସତ୍ୟ ଯେ ଅନେକ ଇଂରେଜ ମଧ୍ୟ ଏ ମତର ପକ୍ଷପାତୀ, ମାତ୍ର ତାହାର ସ୍ୱତନ୍ତ୍ର କାରଣ ଅଛି । ଫରାସୀ କମ୍ପା ମାନକମାନେ ଭାରତବର୍ଷର ପ୍ରଭୁ ହୋଇଥିଲେ ଏଭଳି ମତକୁ ପ୍ରଶ୍ରୟ ଦିଅନ୍ତେ କି ନାହିଁ ସନ୍ଦେହ । ବସ୍ତୁର ଦୃଷ୍ଟିରେ ଯେପରି ଫାଟୋଲଣ୍ଡ ଆଶା କରାଯାଇପାରେ, ବିଦ୍ୟାଳୟର ନିମ୍ନଶ୍ରେଣୀସ୍ଥ ରାଜପୁତ୍ରମାନଙ୍କର ସେପରି ଫାଟୋଲଣ୍ଡ ହୋଇଥିବାର ବୋଧ ହେଲା ନାହିଁ । ରାଜକୁମାରସ୍କୁଲ ସୁଯୋଗ୍ୟ ଶିକ୍ଷକଙ୍କଦ୍ୱାରା ପରିଚାଳିତ, ମାତ୍ର ରାଜକୁମାରମାନଙ୍କ ଗୃହଶିକ୍ଷା ନିମନ୍ତେ ଯେପରି ସୁବନ୍ଦୋବସ୍ତ ପ୍ରୟୋଜନ, ସେ ବନ୍ଦୋବସ୍ତ ଅଦ୍ୟାବଧି ହୋଇ ନାହିଁ । ଉପଯୁକ୍ତ ବେତନ ଦେଇ ସୁଦକ୍ଷ ଶିକ୍ଷକଙ୍କଦ୍ୱାରା ବାଳକମାନଙ୍କୁ ସର୍ବାଦୌ ଲଘିତାଙ୍କ ଏବଂ ମାନସାଙ୍କରେ ଅଭ୍ୟସ୍ତ କରାଇବାର ଉଚିତ ଏବଂ ସେମାନଙ୍କ ଗୃହଶିକ୍ଷାର ନିୟମିତ ତତ୍ତ୍ୱାବଧାନ ମଧ୍ୟ ଆବଶ୍ୟକ । ମୂଳରେ ଏ ତ୍ରୁଟି ରହିଗଲେ ପଛକୁ ସଂଶୋଧନ ହେବାର ଦୁଷ୍କର ହୁଏ । ଏ ବିଷୟରେ ଯୁବରାଜ ଏବଂ ଜଳନ୍ଧର ବାବୁଙ୍କର ଯେଉଁ ଦାୟିତ୍ୱ ଅଛି, ସେମାନେ ତାହା ହୃଦୟଙ୍ଗମ କରି ଉଚିତ ସଂସ୍କାରରେ ପ୍ରବୃତ୍ତ ହେଲେ ଅଳ୍ପଦିନ ମଧ୍ୟରେ ଆଶାନୁରୂପ ଉନ୍ନତି ହୋଇ ପାରିବ । ମହାରାଜ ନବଶିକ୍ଷାରୀତିରେ ଅଭିଜ୍ଞ ନୁହନ୍ତି, ମାତ୍ର ତାହାଙ୍କର ଏ ଅଭାବ ପୂରଣ କରିବା ସକାଶେ ସମର୍ଥ ଲୋକ ଥାଉଁ ଥାଉଁ ରାଜକୁମାରମାନେ ଶିକ୍ଷାରେ ଆଶାନୁରୂପ ଅଗ୍ରସର ନ ହେଲେ ଯୁବରାଜ ଏବଂ ଜଳନ୍ଧର ବାବୁଙ୍କ ଦୋଷ ସ୍ପର୍ଶିବ ନାହିଁ କି ?

ବାମଣ୍ଡାରୁ ତାଳଚେର ଆଗମନ ମାର୍ଗରେ ନଈକୂଳରେ ମୁଁ ଅସୁସ୍ଥ ହୋଇ ଏକ ଦିନ ଅବସ୍ଥାନ କରିଥିଲି । ଏଠାରେ ପ୍ରଧାନ କର୍ମ-ଗୃହୀ ମହୋଦୟ ମଧ୍ୟ ଅତିଥିମାନଙ୍କର ସୁବିଧାବିଧାନରେ ଆଶାନୁରୂପ ଯତ୍ନପରାୟଣ । ଏହାଙ୍କର ଶିଷ୍ଟାଚାରରେ ମୁଁ ଅତ୍ୟନ୍ତ ପ୍ରୀତ ।

# ସାର୍ ରାଜା ବାସୁଦେବ ସୁଢ଼ଳ ଦେବ, K.C.I.E.

କର୍ମବୀର ବାସୁଦେବ ଇହଜଗତରୁ ଅନ୍ତର୍ହିତ ହୋଇଅଛନ୍ତି । ବାସୁଦେବଙ୍କର ଜୀବନ ଇଉରୋପୀୟ ଜୀବନ । ଏପରି ଶିକ୍ଷାପ୍ରଦ ଜୀବନ କେବଳ ଓଡ଼ିଶା କାହିଁକି, ଭାରତବର୍ଷରେ ଦୁର୍ଲ୍ଲଭ । ଏପରି ଜୀବନର ଯେମନ୍ତ ଜୀବନୀ ସଙ୍କଳିତ ହେବାର ଉଚିତ, ଯଥାସମୟରେ ତାହା ପ୍ରସ୍ତୁତ ହୋଇ ପ୍ରଚାରିତ ହେବାର ସମ୍ପୂର୍ଣ୍ଣ ସମ୍ଭାବନା । ଜୀବନରେ କେବଳ ୧୦।୧୫ ଦିନ ମାତ୍ର ତାହାଙ୍କ ସହିତ ସାକ୍ଷାତ୍ ଲାଭର ସୁଯୋଗ ମୋହ ଭାଗ୍ୟରେ ଘଟିଥିଲା, ସୁତରାଂ ବ୍ୟକ୍ତିଭାବରେ ତାହାଙ୍କର ମହାର୍ହ ଜୀବନ ଆଲୋଚନା କରିବାର ସୁବିଧା ମୋହର ନାହିଁ, ସାମର୍ଥ୍ୟ ମଧ୍ୟ ନାହିଁ । ମୁଁ କେବଳ ତାହାଙ୍କ ଚରିତ ଏବଂ ଚରିତ୍ର ସମ୍ବନ୍ଧରେ ସ୍ଥୂଳରେ ଦୁଇ ଚାରି କଥା କହିବି ।

ବାସୁଦେବ କେବଳ ବଧିର ନୃପତି ନ ଥିଲେ, ସେ ନିସର୍ଗର ନୃପତି । ରାଜୋଚିତ ଗୁଣ ଥାଉ ବା ନ ଥାଉ, କେବଳ ମାତ୍ର ଜନ୍ମ ହେବାର କଷ୍ଟସ୍ୱୀକାର କରିଥିବା ଦାବିରୁ ଅଧିକାଂଶ ରାଜା ରାଜା ହୁଅନ୍ତି । ରାଜତନ୍ତ୍ର ଦେଶମାନଙ୍କରେ ପିତାର ପୁତ୍ର ହେବା ସିଂହାସନ ସକାଶେ ଯଥେଷ୍ଟ ଗୁଣବତ୍ତା ବୋଲି ସର୍ବତ୍ର ପରିଗୃହୀତ । ବାସୁଦେବ ମଧ୍ୟ ଏହିପରି ଭାଗ୍ୟଧର ହୋଇ ଜନ୍ମଗ୍ରହଣ କରିଥିଲେ ସତ୍ୟ, ମାତ୍ର ସେ ଯେ ପୂର୍ଣ୍ଣମାତ୍ରାରେ ଏହି ସୌଭାଗ୍ୟର ଉପଯୁକ୍ତ ଥିଲେ, ତାହାଙ୍କ ଅମୂଲ୍ୟ ଜୀବନ ସେଥିର ଅଭ୍ରାନ୍ତ ସମର୍ଥନ ଅଟେ । ସିଂହାସନଲାଭଦ୍ୱାରା ଯେଉଁ ସାଧନକଳ୍ପ ତାହାଙ୍କର ହସ୍ତଗତ ହୋଇଥିଲା, ତାହାଙ୍କର ସାଧନ ମଧ୍ୟ ସେହିପରି ଥିଲା ଏବଂ ସିଦ୍ଧି ମଧ୍ୟ ସାଧନାର ଅନୁରୂପ ହୋଇଥିଲା । ପୁରାଣରେ ଆମ୍ଭେମାନେ ସହସ୍ର-ବାହୁ ଅର୍ଜୁନର କଥା ପଢ଼ିଅଛୁ । ବାସୁଦେବଙ୍କର କାର୍ଯ୍ୟ ଦେଖିଲେ କିଏ ନ କହିବ ଯେ, ସେ ଦ୍ୱିବାହୁ ହୋଇ ସହସ୍ର-ବାହୁ ଥିଲେ ! ତାହାଙ୍କ ପରି ନବଯୁଗ-ପ୍ରବର୍ତ୍ତକ ରାଜା ଶତାବ୍ଦୀରେ ଜଣେ ଅବତୀର୍ଣ୍ଣ ହୁଅନ୍ତି କି ନାହିଁ ସନ୍ଦେହ । ବାସୁଦେବ ପ୍ରାକୃତ ପୁରୁଷ ନୁହନ୍ତି, ପୁରୁଷାବତାର । ତାହାଙ୍କର ବିଶାଳ ବ୍ୟକ୍ତିତ୍ୱ ତାହାଙ୍କ ରାଜପଦକୁ ଘୋଡ଼ାଇ ଢଙ୍କାଇଥିଲା । ସିଂହାସନଦ୍ୱାରା ତାହାଙ୍କର ଗୌରବ ବୃଦ୍ଧି ହୋଇନାହିଁ, ବରଂ ତାହାଙ୍କ ଅଧିଷ୍ଠାନଦ୍ୱାରା ସିଂହାସନ ଗୌରବାନ୍ୱିତ ହୋଇଥିଲା । ପୁରୁଷସିଂହ ବାସୁଦେବସନାଥ ସିଂହାସନ ପ୍ରକୃତ ପ୍ରସ୍ତାବରେ ସିଂହାସନ ପଦବାଚ୍ୟ ହୋଇଥିଲା । ବାସୁଦେବ ସିଂହାସନରେ ବସିଥିଲେ ବୋଲି ଯେ ସିଂହାସନରେ ବସିବେ ସେ ବାସୁଦେବଙ୍କ ପରି ହେବେ, ଏପରି ଆଶା କରିବାର ସଙ୍ଗତ ନୁହେଁ । ଗୁଣଗ୍ରାହୀ ଗଭର୍ଣ୍ଣମେଣ୍ଟ ବାସୁଦେବଙ୍କୁ ଉଚ୍ଚ ଉପାଧିରେ ଭୂଷିତ କରି ତାହାଙ୍କର ଏବଂ ଉପାଧିର ଗୌରବ ଯୁଗପତ୍ ବର୍ଦ୍ଧିତ କରାଇଥିଲେ ।

ବାସୁଦେବ ନବଶିକ୍ଷା ପାଇ ନ ଥିଲେ । ଇଦାନୀନ୍ତନ ନବ୍ୟଶିକ୍ଷିତ ଅଧିକାଂଶ ରାଜାମାନଙ୍କ ମତ ଗତ ଏବଂ ରୁଚି ପ୍ରଭୃତି

ଦୃଷ୍ଟିକଲେ କିଏ ନ କହିବ ଯେ, ବାସୁଦେବ ନବ୍ୟ ଶିକ୍ଷାରୁ ବଞ୍ଚିତ ହୋଇ ବରଂ ବଞ୍ଚି ଯାଇଥିଲେ । ନବ୍ୟରୀତିରେ ଶିକ୍ଷିତ ନ ହୋଇ ସୁଦ୍ଧା ବାସୁଦେବ ଯେ କେବଳ ସୁଶିକ୍ଷିତ ଥିଲେ ତାହା ନୁହେଁ, ସୁପଣ୍ଡିତ ଥିଲେ । ସଂସ୍କୃତ ଏବଂ ଓଡ଼ିଆ ଭାଷାରେ ତାହାଙ୍କର ଗଭୀର ପାଣ୍ଡିତ୍ୟ ଥିଲା ଏବଂ ହିନ୍ଦୀ, ବଙ୍ଗଳା ଏବଂ ସାମାନ୍ୟତଃ ଇଂରେଜୀ ମଧ୍ୟ ସେ ଶିକ୍ଷା କରିଥିଲେ । ନବଶିକ୍ଷା ଲାଭ ନ କରି ସୁଦ୍ଧା ନବଶିକ୍ଷାର ସମଗ୍ର ସୁଫଳ ତାହାଙ୍କର ଆୟତ୍ତ ହୋଇଥିଲା । ନବ୍ୟ ସଭ୍ୟତାର ବିଡ଼ମ୍ବନାରୁ ସେ ନିଜକୁ ଏବଂ ରାଜ୍ୟକୁ ରକ୍ଷାକରିବା ବିଷୟରେ ସର୍ବଦା ଜାଗରୂକ ଥିଲେ ଏବଂ ସେଥିର ଗୃହଚର୍ଯ୍ୟରେ ମୁଗ୍ଧ କିମ୍ବା ପ୍ରତାରିତ ନ ହୋଇ କେବଳ ତାହାର ସାରବସ୍ତୁକୁ ନିଜ ସତ୍ତରେ ଏକୀଭୂତ କରି ନେବାର ପ୍ରୟାସୀ ହୋଇଥିଲେ । ପାଶ୍ଚାତ୍ତ୍ୟ ସଭ୍ୟତାରେ ଯାହା କିଛି ଶ୍ରେୟସ୍କର, ନିଜର ଆୟ ଏବଂ ସାମର୍ଥ୍ୟ ଅନୁସାରେ ତଦନୁଯାୟୀ ସେ ରାଜ୍ୟରେ ପ୍ରବର୍ତ୍ତିତ କରାଇ ସେଥିରେ ସୁଫଳ ପ୍ରଜାମାନଙ୍କର ଗୃହସ୍ଥ, ପ୍ରତୀକ୍ଷ ଏବଂ ହୃଦୟଙ୍ଗମ କରାଇଥିଲେ । ବାମଣ୍ଡା ରାଜ୍ୟର ରାଷ୍ଟ୍ରତନ୍ତ୍ର ଏବଂ ଶାସନପ୍ରଣାଳୀ ସେ ଯେଉଁ ରୀତିରେ ସଜାଡ଼ି ଆଣିଥିଲେ ଏବଂ ରାଜ୍ୟରେ ଧନାଗମର ଅବନ୍ଧ୍ୟ ଉପାୟମାନ ଉଦ୍ଭାବନ କରିଥିଲେ, ଯେଉଁମାନେ ବାମଣ୍ଡା ଯାଇ ତାହା ଅତି ବାହ୍ୟିକ ଏବଂ ସ୍ଥୂଳଭାବରେ ଥରେ ମାତ୍ର ପ୍ରତ୍ୟକ୍ଷ କରିଅଛନ୍ତି, ସେମାନେ ମୋହର ଏହି ଉକ୍ତିକୁ ଅତିରଞ୍ଜିତ କହିବେ ନାହିଁ । ବାମଣ୍ଡା ରାଜ୍ୟରେ ପ୍ରତ୍ୟେକ ବିଭାଗରେ ଏବଂ ପ୍ରତ୍ୟେକ ଅଂଶରେ ବାସୁଦେବଙ୍କର ବ୍ୟକ୍ତିତ୍ୱର ମୁଦ୍ରା ଦେଦୀପ୍ୟମାନ, ସ୍ୱୟଂ ଈର୍ଷାକୁ ମଧ୍ୟ ଏହା ବାଧ୍ୟହୋଇ ସ୍ୱୀକାର କରିବାକୁ ହେବ ବାସୁଦେବାଧିଷ୍ଠିତ ବାମଣ୍ଡା ଥର ପ୍ରାଚୀନ ରକ୍ଷଣଶୀଳତା ଏବଂ ନବ୍ୟ ଅଗ୍ରସରତାର ସୁନ୍ଦର ସାମଞ୍ଜସ୍ୟ ସମ୍ଭବତଃ ଭାରତବର୍ଷରେ ବିରଳ । ବାସୁଦେବପାଳିତ ବାମଣ୍ଡାରେ ଶାସନବିଭାଗ, ରାଜସ୍ୱବିଭାଗ, ବିଚାରବିଭାଗ, ପୂର୍ତ୍ତବିଭାଗ, ଶିକ୍ଷାବିଭାଗ, ଚିକିତ୍ସାବିଭାଗ, ବାର୍ତ୍ତାବହବିଭାଗ, କୃଷିବିଭାଗ, ଖଣିଜବିଭାଗ, ବନବିଭାଗ, ଉପବନବିଭାଗ ପ୍ରଭୃତି ରାଷ୍ଟ୍ରର ପ୍ରତ୍ୟେକ ଅଙ୍ଗ ସେହି ଏକପର୍ଣ୍ଣୀର ସୁପକ୍ଷ ଅଥଚ ସୁଚିନ୍ତିତ ପରିଚାଳନାରେ କେମନ୍ତ ସୁଶୃଙ୍ଖଳରୂପେ ଯନ୍ତ୍ରବତ୍ ପରିଚାଳିତ ହେଉଥିଲା, ତାହା ଶିକ୍ଷା ଏବଂ ପ୍ରଣିଧାନର ବିଷୟ । ପୁଣି ଏହି ବିଭାଗମାନଙ୍କ ମଧ୍ୟରେ ଅଧିକାଂଶ ବାସୁଦେବଙ୍କ ସମୟରେ ସର୍ବପ୍ରଥମ ରାଜ୍ୟରେ ସଂସ୍ଥାପିତ ହୋଇଥିଲା । ଯନ୍ତ୍ର ପୁଣି ଭିନ୍ନ ଭିନ୍ନ ବିଭାଗର ଯନ୍ତ୍ର ସକାଶେ ରାଜ୍ୟମଧ୍ୟରୁ ଉପାଦାନ ସଂଗ୍ରହ କରୁଥିଲେ, ଆପାତ ମନୋରମ ବିଦେଶୀୟ ଆମଦାନୀ ପାର୍ଯ୍ୟମାଣରେ ପରିହାର କରୁଥିଲେ । ସ୍ୱରାଜ୍ୟବାସୀ, ଅଭ୍ରବତଃ ଓଡ଼ିଶାବାସୀମାନେ ଅପେକ୍ଷାକୃତ ଅଳ୍ପଶିକ୍ଷିତ ହେଲେ ସୁଦ୍ଧା ସେମାନଙ୍କୁ ରାଜକାର୍ଯ୍ୟରେ ଶିକ୍ଷାନବିସରୂପେ ରଖି କ୍ରମଶଃ ଶିକ୍ଷିତ କରାଇ ନେଇ ସେହିମାନଙ୍କଦ୍ୱାରା ରାଜକାର୍ଯ୍ୟ ଚଳାଇବା ତାଙ୍କର ରାଜନୀତିର ମୂଳମନ୍ତ୍ର ଥିଲା । ସୁଲଭ ମୂଲ୍ୟରେ ଭଲକାର୍ଯ୍ୟ ନେବା ଏବଂ ସେଥି ସଙ୍ଗେ ସଙ୍ଗେ ସ୍ୱଦେଶବାସୀମାନଙ୍କୁ ଶିକ୍ଷିତ ଏବଂ ଉନ୍ନୀତ କରାଇବା ଏହା ହିଁ ଯେ ପ୍ରକୃଷ୍ଟ ଉପାୟ ଏଥିରେ ମତଦ୍ୱୈଧର ସମ୍ଭାବନା ନାହିଁ ।

ବାସୁଦେବ ଯେମନ୍ତ ହୃଦୟବାନ୍ ଥିଲେ ତଦପେକ୍ଷା ଅଧିକତର ମସ୍ତିଷ୍କବାନ୍ ଥିଲେ । ତାହାଙ୍କ ପ୍ରକୃତିରେ ଅନୁଭବଶୀଳତା ଏବଂ

ନିନ୍ଦାଶୀଳତା, କାଳ୍ପନିକ ଉପାଦାନ ଏବଂ ଗାଣିତିକ ଉପାଦାନ ଏ ଉଭୟର ସମାବେଶ ଥିଲେହେଁ ଶେଷୋକ୍ତ ବୃତ୍ତି ଏବଂ ଶେଷୋକ୍ତ ଉପାଦାନର ପ୍ରାଧାନ୍ୟ ଲକ୍ଷିତ ହେଉଥିଲା । କି ସାଧାରଣ ଗୃହସ୍ଥ, କି ରାଜା, ସମସ୍ତଙ୍କ ପକ୍ଷରେ ସାଂସାରିକ ଉନ୍ନତି ସକାଶେ ଏହି ଅନୁପାତରେ ଉଭୟ ବୃତ୍ତି ଏବଂ ଉଭୟ ଉପାଦାନରେ ସମାବେଶ ଅପରିହାର୍ଯ୍ୟରୂପେ ଆବଶ୍ୟକ । କାଳ୍ପନିକ ଉପାଦାନର ପ୍ରାଧାନ୍ୟ ମନୁଷ୍ୟକୁ ଯଶସ୍ୱୀ କିମ୍ବା କୀର୍ତ୍ତିମାନ କରିପାରେ, ମାତ୍ର ଗଣନାଶୀଳତା ହିଁ ସାଂସାରିକ ସମୃଦ୍ଧିର ସର୍ବପ୍ରଧାନ ଭିତ୍ତି ।

ବାସୁଦେବଙ୍କ ପ୍ରକୃତ, ନିଷ୍ଠାଶୀଳ ପ୍ରକୃତି ଥିଲା । ସେ ବିକଳ୍ପଦ୍ୱାରା ଆନ୍ଦୋଳିତ ଏବଂ କର୍ତ୍ତବ୍ୟବିମୂଢ଼ ହୋଇ ସମୟ ନଷ୍ଟ କରିବାର ଲୋକ ନ ଥିଲେ । ତାହାଙ୍କ ନିଜ ବିବେଚନାନୁସାରେ ସେ କୌଣସି ସିଦ୍ଧାନ୍ତରେ ଉପସ୍ଥିତ ହେଲେ ଅପରର ସହସ୍ର ଯୁକ୍ତିରେ ସେ ସିଦ୍ଧାନ୍ତ ପରିତ୍ୟାଗ କରୁ ନ ଥିଲେ । ଉପସ୍ଥିତ ବିଷୟରେ କର୍ତ୍ତବ୍ୟ ମୀମାଂସା କରି ସେ ତଦନନ୍ତର ସେହି ମୀମାଂସା କାର୍ଯ୍ୟରେ ପରିଣତ କରୁଥିଲେ, ଫଳ ଭଲ ହେଉ ଅଥବା ମନ୍ଦ ହେଉ ସେଥିପ୍ରତି ଦୃକ୍‌ପାତ କରୁ ନ ଥିଲେ ।

ଧର୍ମସମ୍ବନ୍ଧରେ ବାସୁଦେବଙ୍କ ମତ ପ୍ରଶସ୍ତ ଥିଲା । ସନାତନ ହିନ୍ଦୁଧର୍ମରେ ତାହାଙ୍କର ନିଷ୍ଠା ଥିଲେହେଁ ତାହାଙ୍କର ହିନ୍ଦୁତ୍ୱ 'ମା ସ୍ପୃଶ' ବାଦିତାରେ ପର୍ଯ୍ୟବସିତ ନ ଥିଲା । ସମୟ ପରିବର୍ତ୍ତନ ସହିତ ଶନୈଃ ଶନୈଃ ହିନ୍ଦୁଧର୍ମର ସଂସ୍କାରର ଆବଶ୍ୟକତା ସେ ମୁକ୍ତକଣ୍ଠରେ ସ୍ୱୀକାର କରୁଥିଲେ । ଅନ୍ୟ ଧର୍ମ କିମ୍ବା ମତ ପ୍ରତି ସେ ସର୍ବଦା ସମୁଚିତ ସମ୍ମାନ ପ୍ରଦର୍ଶନ କରୁଥିଲେ । ଭିନ୍ନ ଭିନ୍ନ ଧର୍ମର ପ୍ରଚାରକମାନେ ତାହାଙ୍କ ରାଜଧାନୀକୁ ଯାଇ ତାହାଙ୍କ ସହିତ ଆଲାପାଦି କରି ତାହାଙ୍କର ବିଚକ୍ଷଣତା ଏବଂ ସୌଜନ୍ୟରେ ପ୍ରୀତ ହୋଇ ଦେଶବିଦେଶରେ ତାହାଙ୍କର ସୁଖ୍ୟାତି ପ୍ରଚାର କରୁଥିଲେ ।

ବାସୁଦେବଙ୍କ ପରି ନିରାଡ଼ମ୍ବର, ନିରଭିମାନ, ନିରଳସ ଏବଂ କର୍ତ୍ତବ୍ୟନିଷ୍ଠ ରାଜା ଉତ୍କଳୀୟ ସଂସାରରେ ଅତି ଦୁର୍ଲ୍ଲଭ । ଇତିହାସ କହେ ଯେ ବୀର ବିଦ୍ୟାସାଗରଙ୍କର ଗୃହର ସାଜସଜ୍ଜା ଖଣ୍ଡିଏ ମଶିଣା ଏବଂ ଘୋଟିଏ ଜଳପୂର୍ଣ୍ଣ ତାଳ ମାତ୍ର ଥିଲା । ବାସୁଦେବଙ୍କର ନିତ୍ୟ ବ୍ୟବହାର୍ଯ୍ୟ ଗୃହର ସାଜସଜ୍ଜା ଅବିକଳ ସେହିପରି ଥିଲା । ଗୃହର ସାଜସଜ୍ଜା ଯେପରି, ଶାରୀରିକ ବେଶଭୂଷା ମଧ୍ୟ ତଦନୁରୂପ । ଆଡ଼ମ୍ବର ତାହାଙ୍କୁ ସ୍ପର୍ଶ କରି ନ ଥିଲା । ରାଜସୁଲଭ ଆଡ଼ମ୍ବର ତ ଦୂରର କଥା, ସାଧାରଣ ଲୋକମାନଙ୍କର ସମୟ ସମୟରେ ଯେପରି ଆଡ଼ମ୍ବର ଦେଖାଯାଏ, ତାହା ସୁଦ୍ଧା ତାହାଙ୍କର ନ ଥିଲା । ଶିଖିବା ଏବଂ ଶିଖିବା ସକାଶେ ଜୀବନ ଅଭିପ୍ରେତ, ଏହା ସେ କଦାପି ବିସ୍ମୃତ ହେଉ ନ ଥିଲେ ଏବଂ ଯେତେ ନିମ୍ନ ଶ୍ରେଣୀର ଲୋକ ହେଉ ପଛକେ ତାହାଠାରୁ କିଛି ଶିଖିବାର ଥିଲେ ଆଗ୍ରହପୂର୍ବକ ଶିକ୍ଷା କରୁଥିଲେ । ସଂସ୍କୃତ ଆଳଙ୍କାରିକମାନେ କହନ୍ତି ଯେ, କବି ହେବାକୁ ହେଲେ—

"ବ୍ୟୁତ୍ପତ୍ତିର୍ୟ ସର୍ବଶିଷ୍ୟତା"

ଜ୍ଞାନଲାଭ ସକାଶେ ସମସ୍ତଙ୍କର ଶିଷ୍ୟତ୍ୱସ୍ୱୀକାର କରିବାକୁ ହେବ । ଜ୍ଞାନଲାଭ ସକାଶେ ବାସୁଦେବ ଏହି ମାର୍ଗରେ ଅନୁସରଣ କରୁଥିଲେ । କେବଳ ଯଦୃଚ୍ଛାମିଳିତ ବ୍ୟକ୍ତିଙ୍କଠାରୁ ଜ୍ଞାନ ଲାଭ କରି ସେ ଯେ ତୃପ୍ତ ହେଉଥିଲେ, ତାହା ନୁହେଁ । ସମୟ ସମୟରେ ଅନେକ ବ୍ୟୟ ସ୍ୱୀକାର କରି ବଙ୍ଗ, ଉତ୍କଳ, ବିହାର, ଉତ୍ତର-ପଶ୍ଚିମ-ପ୍ରଦେଶ ଏବଂ

ଦ୍ରାବିଡ଼ ପ୍ରଭୃତି ଅଞ୍ଚଳରୁ ଗୁଣୀ ଏବଂ ମନସ୍ୱୀ ବ୍ୟକ୍ତିମାନଙ୍କୁ ନିମନ୍ତ୍ରଣଦ୍ୱାରା ନିଜ ରାଜଧାନୀକୁ ଆଣାଇ ସେମାନଙ୍କର ଉପଦେଶ ଗ୍ରହଣ କରୁଥିଲେ । ଓଡ଼ିଶାରେ କେତେ ଜଣ ରାଜା ଏପରି କରନ୍ତି ? ଅଭାବର ତୀବ୍ର କଶାଘାତରେ ଜର୍ଜରିତ ହୋଇ ଆତ୍ମମର୍ଯ୍ୟାଦାକୁ ପୃଷ୍ଠବର୍ତ୍ତୀ କରି କଦାଚିତ୍ କୌଣସି ପଣ୍ଡିତ ସ୍ୱତଃପ୍ରବୃତ୍ତ ହୋଇ ଦ୍ୱାରସ୍ଥ ହେଲେ କୌଳିକ ପ୍ରଥା କିମ୍ବା ଚକ୍ଷୁଲଜ୍ଜା ଅନୁରୋଧରେ ସେମାନଙ୍କୁ ଯତ୍କିଞ୍ଚିତ୍ ଦେବାର ପ୍ରଥା ଅଧିକାଂଶ ଦେଶୀୟ ରାଜ୍ୟରେ ପ୍ରଚଳିତ ଥିଲା । ନବ୍ୟ ଶିକ୍ଷିତାଭିମାନୀଙ୍କର ଅଭିଧାନରେ ଏରୂପର ଦାନ ଆଳସ୍ୟକୁ ପ୍ରଶ୍ରୟଦାନର ପ୍ରକଣାଧରୂପେ ଗୃହୀତ ହୋଇ ଦୁଃସ୍ଥ ଗୁଣବାନ୍‌ର ସତ୍କାର କରିବା ସେହି ଚିରନ୍ତନ ପ୍ରଥା ଏଣିକି କ୍ରମଶଃ ଲୋପୋନ୍ମୁଖ ହେଉଅଛି । ଏକମାତ୍ର ବାମଣ୍ଡାରେ ଏହାର ସତ୍ତା ଅକ୍ଷୁଣ୍ଣ ଥିବାର ଶୁଣାଯାଏ । ବାମଣ୍ଡା ରାଜକୀୟ ଓଡ଼ିଶାର ବହିର୍ଭୂତ ଏବଂ ଅପେକ୍ଷାକୃତ ଦୂରବର୍ତ୍ତୀ ହୋଇ ସୁଦ୍ଧା ଓଡ଼ିଶାର ପଣ୍ଡିତମଣ୍ଡଳୀ ସହିତ ଘନିଷ୍ଠତା ସୂତ୍ରରେ ଯେପରି ସମ୍ବନ୍ଧ, ଖାସ୍ ଓଡ଼ିଶାରେ ସେପରି ରାଜ୍ୟ ପ୍ରାପ୍ତ ନାହିଁ । ବାସୁଦେବଙ୍କର ସର୍ବତୋମୁଖୀ ଉତ୍କର୍ଷର ଏହା ହିଁ ପ୍ରଧାନ କାରଣ । ଏକାଧାରରେ ଏତେ ଗୁଣର ସମାବେଶ ଏକମାତ୍ର ତାହାଙ୍କଠାରେ ଦେଖାଯାଉଥିଲା । ବାସୁଦେବ ବୈଷୟିକ ସହିତ ବୈଷୟିକ, ଭାବୁକ ସହିତ ଭାବୁକ, ପୌରାଣିକ ସହିତ ପୌରାଣିକ, କବି ସହିତ କବି, ସମାଲୋଚକ ସହିତ ସମାଲୋଚକ, ଆଲଙ୍କାରିକ ସହିତ ଆଲଙ୍କାରିକ, ବୈୟାକରଣ ସହିତ ବୈୟାକରଣ, ନୈୟାୟିକ ସହିତ ନୈୟାୟିକ, ବୈଦାନ୍ତିକ ସହିତ ବୈଦାନ୍ତିକ, ସ୍ମାର୍ତ୍ତ ସହିତ ସ୍ମାର୍ତ୍ତ, ଶାସ୍ତ୍ରଜ୍ଞ ସହିତ ଶାସ୍ତ୍ରଜ୍ଞ, ଅଶ୍ୱବାର ସହିତ ଅଶ୍ୱବାର, ଶିକାରୀ ସହିତ ଶିକାରୀ, ବଣିକ ସହିତ ବଣିକ, ବଦାନୀ ସହିତ ବଦାନୀ, ଚିତ୍ରକର ସହିତ ଚିତ୍ରକର, କୃଷକ ସହିତ କୃଷକ, ମାଳୀ ସହିତ ମାଳୀ ଭାବରେ ମିଶି ପାରୁଥିଲେ । ରାଜ୍ୟର ପ୍ରତ୍ୟେକ ବିଭାଗରେ ନିଜେ ସେ ନଜର ସତର୍କ ଥିଲେ । ଅନୁଷ୍ଠାନ ଭାର ଅନ୍ୟ ହସ୍ତରେ ନ୍ୟସ୍ତ କରି ଉଦ୍ଭାବନ ଏବଂ ପର୍ଯ୍ୟବେକ୍ଷଣର ଭାର ନିଜ ହସ୍ତରେ ରଖୁଥିଲେ, ବିଶେଷତଃ—

"କୋଷେଣାଶ୍ରୟଣୀୟଶ୍ରୀଂ"

ଏହି ମହାବାକ୍ୟ ସ୍ମରଣ ରଖି ରାଜସ୍ୱବିଭାଗ ବ୍ୟକ୍ତିଭାବରେ ପୁଙ୍ଖାନୁପୁଙ୍ଖ ପର୍ଯ୍ୟାଲୋଚନା କରୁଥିଲେ ।

ଜୀବନର ପ୍ରତି ମୁହୂର୍ତ୍ତକୁ କାର୍ଯ୍ୟକାରୀ ଏବଂ ଲାଭଜନକ କରିବାରେ ବାସୁଦେବ ସର୍ବଦା ତତ୍ପର ଥିଲେ । ଗ୍ରୀକ୍ କବିମାନେ ବର୍ଣ୍ଣନା କରିଅଛନ୍ତି ଯେ, ସମ୍ମୁଖରେ, ଦେଖିଲେ ସମୟ ଗୋଟିଏ ଯଷ୍ଟିଧାରୀ, ମୃଦୁବୃଦ୍ଧ, ଜରାଜୀର୍ଣ୍ଣ, ପକ୍ୱକେଶ ବୃଦ୍ଧ ପ୍ରାୟ ଦିଶେ, ମାତ୍ର ସେ ବାହାରିଗଲା ଉତ୍ତାରୁ ଦେଖାଯାଏ ଯେ ତାହାର ପୃଷ୍ଠଦେଶରେ ଯୋଡ଼ାଏ ଡେଣା ଅଛି । ବାସୁଦେବଙ୍କ ସମୟର ଏହି ଡେଣା ଯୋଡ଼ିକ ସର୍ବଦା ତାହାଙ୍କର ମନୋନେତ୍ରରେ ପୁରୋବର୍ତ୍ତୀ କରି କାର୍ଯ୍ୟରେ ନିରତ ଥିଲେ । ତାହାଙ୍କ ଜୀବନ ପରି ନିରବଚ୍ଛିନ୍ନ ଶ୍ରମଶୀଳ ଜୀବନ ପ୍ରାୟ ମୁଁ ଦେଖି ନାହିଁ । ଅଧିକାଂଶ ରାଜାମାନଙ୍କର ମତିଗତି ଏବଂ କାର୍ଯ୍ୟକଳାପ ଦେଖିଲେ ବୋଧ ହୁଏ ଯେ କେବଳ ଉପଭୋଗ ଏବଂ ବିଳାସବାସନା ଚରିତାର୍ଥ କରିବାସକାଶେ ସିଂହାସନର ସୃଷ୍ଟି ହୋଇଅଛି । ସୁତଲଦେବ ଏ ରାଜଶ୍ରେଣୀର ଅନ୍ତର୍ଭୁକ୍ତ ନ ଥିଲେ । ରାଜ୍ୟରେ ସେ ଯେ ଆୟ କରୁଥିଲେ, ତାହା ଆଳସ୍ୟ କିମ୍ବା ଭୋଗବିଳାସର ମଞ୍ଜୁଷା ନୁହେ, ପ୍ରକୃତ

କର୍ତ୍ତବ୍ୟନିଷ୍ଠ କର୍ମିବୃନ୍ଦର ସୁଗାଢ଼ ପରିଶ୍ରମାର୍ଜିତ ବେତନ । ବସୁମତୀ ତାହାଙ୍କୁ ସୁଗାଢ଼ ପରିଶ୍ରମୀ କରାଇ ତାହାଙ୍କ ହସ୍ତରେ ନିଜର ରକ୍ଷଣ-ପାଳନାଦି କରାଇ ନେଉଥିଲେ ଏବଂ ନିଜ ନାମର ଅନୁରୂପ ଏବଂ ତାହାଙ୍କ ଶ୍ରମର ଅନୁରୂପ ବେତନ ତାହାଙ୍କୁ ଦେଉଥିଲେ— 'ବିଦେଶ ବେତନଂ ତସ୍ମୈ ରକ୍ଷାସଦୃଶମେବ ଭୂଃ' ବାସୁଦେବଙ୍କ ସମ୍ବନ୍ଧରେ କବି ନନ୍ଦକିଶୋରଙ୍କ ନିମ୍ନୋଦ୍ଧୃତ କବିତ୍ୱପୂର୍ଣ୍ଣ ଉକ୍ତି ସମ୍ପୂର୍ଣ୍ଣ ସତ୍ୟ—

"ଦୁର୍ଲଭ ଆସନ ଭଜି ସପତ୍ନୀଭାବ ବରଜି
ବିଶାଳ ବକ୍ଷେ ଲୋଟନ୍ତି କମଳା ବାଣୀ,
ବନିତା ଭାରତୀ ସତୀ ଅଟନ୍ତି ଶ୍ରେୟସୀ ଅତି
ସମାଜ୍ୟ-ଲକ୍ଷ୍ମୀ ସହିତ ପ୍ରେୟସୀ ରାଣୀ,
କୁହିଛ ଏ ମର୍ମ ନରେଶ,
ଘୋଷେ ତବ ଯଶ ତେଣୁ ଉତ୍କଳଦେଶ ।"

ଦଶରଥଙ୍କର କୌଶଲ୍ୟା ଏବଂ କୈକେୟୀ ପରି ବାସୁଦେବଙ୍କର କବିବର୍ଣ୍ଣିତ ଅପ୍ରାକୃତ ମହିଷୀଦ୍ୱୟଙ୍କ ମଧ୍ୟରେ ଯଥାକ୍ରମେ ସରସ୍ୱତୀ 'ଅର୍ଚ୍ଚିତା' ଏବଂ ଲକ୍ଷ୍ମୀ 'ପ୍ରିୟା' ଥିଲେ । ଲକ୍ଷ୍ମୀ ସ୍ୱଭାବତଃ ତାହାଙ୍କର ପୂର୍ଣ୍ଣ ସ୍ନେହଭାଜନ ଥିଲେ, ମାତ୍ର ସରସ୍ୱତୀ ଉପେକ୍ଷିତ ନ ହୋଇ ସମଧିକ ସମ୍ମାନିତ ହେଉଥିଲେ ।

ସୁଡ଼ଳଦେବ ଆବାଲ୍ୟ ଓଡ଼ିଆ ଏବଂ ସଂସ୍କୃତ ସାହିତ୍ୟଚର୍ଚ୍ଚା କରିଥିଲେ । ପ୍ରୌଢ଼ ବୟସରେ ସୁଦ୍ଧା ରାଜକାର୍ଯ୍ୟରେ ଏବଂ ଅର୍ଥାଗମର ଉପାୟ ଉଦ୍ଭାବନରେ ଅଜସ୍ର ବ୍ୟାପୃତ ଥାଇ ସାହିତ୍ୟଚର୍ଚ୍ଚା ଏବଂ ଶାସ୍ତ୍ରଚର୍ଚ୍ଚା ସକାଶେ ସେ ଅବକାଶ କରି ନେଉଥିଲେ । ଅଳସ ବ୍ୟକ୍ତିମାନେ ସାଧାରଣତଃ ଅବକାଶାଭାବର ଦୋହି ଦେଇ ଥାନ୍ତି ; ମାତ୍ର କାର୍ଯ୍ୟନିରତ ବ୍ୟକ୍ତିମାନଙ୍କୁ ଶ୍ରେୟସ୍କର ବିଷୟର ଆଲୋଚନା ସକାଶେ ଅବକାଶ ଅସୁଲଭ ହୁଏ ନାହିଁ, ଏହି ଚିରପ୍ରସିଦ୍ଧ ବାକ୍ୟର ସୁଡ଼ଳ ଦେବ ଉତ୍କୃଷ୍ଟ ଉଦାହରଣ । ନୈସର୍ଗିକ ପ୍ରବଣତାରୁ ହେଉ, ପଣ୍ଡିତ ସଂସର୍ଗରୁ ହେଉ ଅଥବା ଉଭୟ କାରଣରୁ ହେଉ, ସୁଡ଼ଳଦେବ ସାହିତ୍ୟ-ରସିକ ହୋଇ ସୁଦ୍ଧା ଦର୍ଶନ ପ୍ରତି ଅଧିକତର ପକ୍ଷପାତୀ ଥିଲେ । ତଥାପି ସାହିତ୍ୟ ସକାଶେ ବିଶେଷତଃ ଉତ୍କଳ ସାହିତ୍ୟ ସକାଶେ ସେ ଯାହା କରି ଯାଇଅଛନ୍ତି, କେତେ ଜଣ ରାଜା ସେପରି କରିଅଛନ୍ତି ? ତାହାଙ୍କ ସାହାଯ୍ୟରେ ପରିପୁଷ୍ଟ ଏବଂ ଅନୁଭବରେ ଅନୁଗ୍ରାହିତ ଏବଂ ଶ୍ରୀଯୁକ୍ତ ବାବୁ ନୀଳମଣି ବିଦ୍ୟାରତ୍ନ କର୍ତ୍ତୃକ ସମ୍ପାଦିତ ସମ୍ବଲପୁର-ହିତୈଷିଣୀ-ଦ୍ୱାରା ଉତ୍କଳ ସାହିତ୍ୟାଲୋଚନାରେ ଯେ ଯୁଗାନ୍ତର ପ୍ରବର୍ତ୍ତିତ ହୋଇଅଛି, ଏହା କିଏ ଅସ୍ୱୀକାର କରିବ ?

ସୁଡ଼ଳ ଦେବ ଯେ କେବଳ ଅନ୍ୟାନ୍ୟ ଉତ୍କଳୀୟ ଗ୍ରନ୍ଥକାରଙ୍କ ପ୍ରତି ଅନୁରାଗ ଏବଂ ସହାନୁଭୂତିସମ୍ପନ୍ନ ଥିଲେ, ତାହା ନୁହେ । ସେ ସ୍ୱୟଂ ପ୍ରଥମେ ଆଳଙ୍କାରିକ ଏବଂ ତତ୍ପରେ କବିରୂପେ ଉତ୍କଳସାହିତ୍ୟ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇଥିଲେ । ତାହାଙ୍କ ସଙ୍କଳିତ 'ଅଳଙ୍କାର ବୋଧୋଦୟ' ଏବଂ ତାହାଙ୍କ ରଚିତ 'ଚନ୍ଦ୍ରୋତ୍ପଳା' ଓଡ଼ିଶାରେ ସୁପରିଚିତ । ଚନ୍ଦ୍ରୋତ୍ପଳା କାବ୍ୟ କ୍ଷୁଦ୍ରାବୟବ ହେଲେ ସୁଦ୍ଧା ଉତ୍କଳ ଭାଷାର ଗୋଟିଏ ସମ୍ପତ୍ତିରୂପେ ପରିଗଣିତ ହେବାର ଯୋଗ୍ୟ । ଏହି କାବ୍ୟ ପ୍ରକାଶିତ ହେଲା ପରେ ବାସୁଦେବଙ୍କ ସହିତ ମୋହର ସାକ୍ଷାତ୍ ହେବାରୁ ମୁଁ ସେଥି ସକାଶେ ତାହାଙ୍କୁ ଅଭିନନ୍ଦନ କରିଥିଲି । ବାସୁଦେବ ପ୍ରତ୍ୟୁତ୍ତରରେ କହିଥିଲେ, "ବାବୁ, କବିତା ରଚନା କ ବିଷମ କଥା, ଯେଉଁ କାବ୍ୟ ସକାଶେ ତୁମ୍ଭେ ମୋତେ ଅଭିନନ୍ଦନ କରୁଅଛ ତାହା ମୋହର ୩ । ୪ ମାସ ନିରବଚ୍ଛିନ୍ନ ଶ୍ରମର ଫଳ ସରସ୍ୱତୀ ଅନନ୍ୟାହିତା

ନୈବଦ୍ୟତା, ଆଉ କାହାର ଉପାସନା ସେ ସହ୍ୟ କରନ୍ତି ନାହିଁ । ତାଙ୍କର ଚରଣତଳେ ସମ୍ପୂର୍ଣ୍ଣରୂପେ ଆତ୍ମୋତ୍ସର୍ଗ ନ କଲେ ସିଦ୍ଧିଲାଭର କୌଣସି ଆଶା ନାହିଁ । କବିତା ରଚନା ଅନ୍ୟ କାର୍ଯ୍ୟ ପରି ନୁହେଁ । ଘଡ଼ିକଣ୍ଟା ଧରି ଅନ୍ୟ କାର୍ଯ୍ୟରେ ଯେପରି ପରିଶ୍ରମ କରାଯାଏ, କବିତା ସେ ନିୟମର ଅଧୀନ ନୁହେ । ଭାବର ସ୍ଫୂର୍ତ୍ତି ସବୁ ସମୟରେ ହୁଏନାହିଁ । ମୋହର ଅଧିକ ରଚନା କରିବାର ନିତାନ୍ତ ଇଚ୍ଛା, ମାତ୍ର ରାଜକାର୍ଯ୍ୟ ମୋତେ ବଳେଇ ପଡ଼ଇଛି । ମୋହର ଅବକାଶ କାହିଁ ?" ଉଚିତ ଅବକାଶ ପାଇଥିଲେ ସୁଢଳ ଦେବ ସେ ଉତ୍କଳୀୟ କବିମାନଙ୍କ ମଧ୍ୟରେ ସର୍ବାଧିକ ଉଚ୍ଚ ଆସନ ଲାଭ କରିଥାନ୍ତେ, ଏଥିରେ ଲେଶମାତ୍ର ସନ୍ଦେହ ନାହିଁ । ତଥାପି ସେ ଯାହା କରି ଯାଇଅଛନ୍ତି, ତାହା ବାଞ୍ଛନୀୟ ପରିମାଣରୁ ଅଳ୍ପ ହେଲେ ସୁଦ୍ଧା ନିତାନ୍ତ ଅଳ୍ପ ନୁହେ । ଆଧୁନିକ ଉତ୍କଳ ସାହିତ୍ୟରେ ତାହାଙ୍କ ନାମ ଯେପରି ଭାବରେ ଅନୁସ୍ୟୁତ ହୋଇଅଛି, ସେଥିରୁ ଅନୁମାନ ହୁଏ ଯେ, ତାହାଙ୍କର ପ୍ରସ୍ତର-ମୂର୍ତ୍ତି ଅପେକ୍ଷା ତାହା ଅଧିକତର ସ୍ଥାୟୀ ହେବ ।

ସଂସ୍କୃତ ଏବଂ ଉତ୍କଳ-ସାହିତ୍ୟ ଯୋଗ ବାସୁଦେବଙ୍କ ସହିତ ମୋର ସମୟ ସମୟରେ ମତଭେଦ ହେଉଥିଲା, ମାତ୍ର ସେଥିପାଇଁ ତାହାଙ୍କ ମୁଖରେ ବିରକ୍ତି କିମ୍ବା ଅଧୈର୍ଯ୍ୟର ଚିହ୍ନ କେବେ ଦେଖିନାହିଁ । ତାହାଙ୍କର ଅସଂଖ୍ୟ ସଦ୍‌ଗୁଣ ମଧ୍ୟରେ ଅରାଜ-ସୁଲଭ ମତଭେଦ-ସହିଷ୍ଣୁତା ମଧ୍ୟ ଅନ୍ତର୍ଭୁକ୍ତ ଥିଲା ।

ସୁଢଳଦେବ ଯେମନ୍ତ ଆଦର୍ଶ ରାଜା ଥିଲେ, ସେହିପରି ଆଦର୍ଶ ଗୃହସ୍ଥ ମଧ୍ୟ ଥିଲେ । ସନ୍ତାନମାନଙ୍କୁ ସୁଶିକ୍ଷିତ, ସୁଚରିତ୍ର ଏବଂ ଆତ୍ମନିର୍ଭରଶୀଳ କରାଇବା ବିଷୟରେ ସେ ଯେମନ୍ତ ଯତ୍ନପରାୟଣ ଥିଲେ, ତାହା ନିଜ ନିଜ ସାମର୍ଥ୍ୟାନୁସାରେ ପ୍ରତ୍ୟେକ ଗୃହସ୍ଥର ଅନୁକରଣୀୟ ।



# ଉତ୍କଳ ସାହିତ୍ୟର ଉନ୍ନତି

*—*—*

( ଉତ୍କଳ ସାହିତ୍ୟ ସମାଜର ପ୍ରଥମ ବାର୍ଷିକ ଅଧିବେଶନରେ ପଠିତ ମନ୍ତବ୍ୟ )

—ঃ**ঃ—

ଉପସ୍ଥିତ ସଭ୍ୟ ମହୋଦୟଗଣ,

ଏ ସଭାର ଅଥବା କୌଣସି ସଭାର ସଭାପତି ପଦ ସକାଶେ ମୁଁ ଆପଣାକୁ ସମ୍ପୂର୍ଣ୍ଣ ଅନୁପଯୁକ୍ତ ବିବେଚନା କରେଁ । ସଭାପତିର ଗୁଣମାନଙ୍କ ମଧ୍ୟରେ ବାକ୍‌ପଟୁତା ଅପରିହାର୍ଯ୍ୟରୂପେ ଆବଶ୍ୟକ, ଏହା ସର୍ବବାଦିସମ୍ମତ କଥା । ଦୀର୍ଘକାଳସ୍ଥାୟୀ ଶ୍ୱାସଯନ୍ତ୍ରର ପୀଡ଼ା ହେତୁରୁ ଏହି ସଦ୍‌ଗୁଣ ଆୟତ୍ତ କରିବା ସକାଶେ ମୁଁ କେବେ ଚେଷ୍ଟା କରିନାହିଁ । ପୁଣି ବୟୋବୃଦ୍ଧି ସହିତ ସେ ପୀଡ଼ା ବର୍ଦ୍ଧିତ ହୋଇ ମୋତେ ନିତାନ୍ତ ଅକର୍ମଣ୍ୟ କରିଅଛି । ବିଶେଷତଃ ଏ ସଭାର ଇତିହାସ ଏବଂ ଅନୁଷ୍ଠାନାଦି ସମ୍ବନ୍ଧରେ ମୋହର ଜ୍ଞାନ ନିତାନ୍ତ ସୀମାବଦ୍ଧ । ଏହି କାରଣରୁ ସଭାପତିର ଆସନ ଗ୍ରହଣ କରିବା ସକାଶେ ମୁଁ ପୁନଃ ପୁନଃ ଅନିଚ୍ଛା ପ୍ରକାଶ କରିଥିଲି । କେବଳ ସ୍ଥୂଳଭାବରେ ମୋହୋର ମନ୍ତବ୍ୟ ମୁଁ ଲିପିବଦ୍ଧ କରିବି ଏବଂ ତାହା ଅପରକର୍ତ୍ତୃକ ସଭାରେ ପଠିତ ହେବ, ଏହି ଆଶ୍ୱାସ ପାଇ କେବଳ ବନ୍ଧୁମାନଙ୍କର ଅନୁରୋଧରେ ସମ୍ମାନରକ୍ଷା ନିମନ୍ତେ ମୁଁ ଏ ପଦ ଗ୍ରହଣ କରିଅଛି ।

ଯେଉଁମାନେ ଏହି ସଭାରେ ଯୋଗଦାନ କରନ୍ତି, ସେମାନଙ୍କ ମଧ୍ୟରେ ଅନେକ ସୁଶିକ୍ଷିତ ଏବଂ ସୁଯୋଗ୍ୟ ବ୍ୟକ୍ତି ଅଛନ୍ତି ଉତ୍କଳ ସାହିତ୍ୟର ଉନ୍ନତି ସମ୍ବନ୍ଧରେ ମୋ ଅପେକ୍ଷା ସେମାନଙ୍କର ମନ୍ତବ୍ୟ ଅଧିକତର ମୂଲ୍ୟବାନ୍ ହୋଇଥାନ୍ତା, ଏଥିରେ ଲେଶମାତ୍ର ସନ୍ଦେହ ନାହିଁ । ସେମାନେ ବହୁକାଳ ଏହି ସଭାର ଅନୁଷ୍ଠାନାଦିରେ ଯୋଗଦାନ କରି ଅଛନ୍ତି ଏବଂ ସଭାର ଉଦ୍ଦେଶ୍ୟ କି ଉପାୟରେ ସାଧିତ ହୋଇପାରେ, ସେ ବିଷୟରେ ମୋହୋ ଅପେକ୍ଷା ଅଧିକ ଚିନ୍ତା କରିଅଛନ୍ତି । ସୁତରାଂ ମୋହ ପରି ଅକର୍ମଣ୍ୟ ଆଳଂକାରିକ ସଭାପତି ପରିବର୍ତ୍ତେ ସେମାନଙ୍କ ମଧ୍ୟରୁ କେହି ସଭାପତି ହୋଇଥିଲେ, ତାହାଙ୍କଠାରୁ ଆପଣମାନେ ଯାହା ଶୁଣିଥାନ୍ତେ ତଦ୍ୱାରା ଆପଣମାନଙ୍କ ମୂଲ୍ୟବାନ୍ ସମୟର ଅପଚୟ ହୋଇ ନ ଥାନ୍ତା ।

ବାବୁ ଅଭିରାମ ଭଞ୍ଜ, ବାବୁ ବିଶ୍ୱନାଥକର ପ୍ରଭୃତିଙ୍କ ସାରଗର୍ଭ ବକ୍ତୃତା ପରେ ମୋହର ଅଧିକ କିଛି କହିବାର ନାହିଁ । କେବଳ ପ୍ରଚଳିତ ପ୍ରଥାନୁଯାୟୀ ମୁଁ ଅତି ସଂକ୍ଷିପ୍ତଭାବରେ ଦୁଇ ଚାରି କଥା କହିବି ।

ଜାତିକୁ ଉନ୍ନତ କରିବାକୁ ହେଲେ ଉନ୍ନତ ଜାତୀୟ ସାହିତ୍ୟ ନିତାନ୍ତ ପ୍ରୟୋଜନୀୟ । ନବ୍ୟ ଶିକ୍ଷିତମାନଙ୍କ ମଧ୍ୟରେ ସମୟ ସମୟରେ ଏହିପରି ମତବାଦ ମଧ୍ୟ ଶୁଣାଯାଏ ଯେ, ସାହିତ୍ୟଚର୍ଚ୍ଚା କିମ୍ବା ସାହିତ୍ୟୋନ୍ନତିର ଚେଷ୍ଟାର ଆବଶ୍ୟକତା ନାହିଁ; ବିଜ୍ଞାନ ଆମ୍ଭମାନଙ୍କର ଏକମାତ୍ର ଶିକ୍ଷା ଏବଂ ଆଲୋଚନାର ବିଷୟ ହେବାର ଉଚିତ ।

ମୁଁ ସନ୍ଦେହ ଜୀବନରେ ବିଜ୍ଞାନଚର୍ଚ୍ଚାର ସୁବିଧା ପାଇନାହିଁ, ସେଥିରେ ଫଳୋପଧାୟକତା ମୁଁ ଅବଶ୍ୟ ଉପଲବ୍ଧି କରିବାକୁ ସମର୍ଥ । ଏହା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ ପ୍ରତୀଚ୍ୟ ବିଜ୍ଞାନ ବିଶେଷତଃ ପ୍ରତୀଚ୍ୟ ଜଡ଼ବିଜ୍ଞାନର ଶିକ୍ଷା ଭାରତବର୍ଷୀୟ ଲୋକଙ୍କ ପକ୍ଷରେ କେବଳ ଯେ ବାଞ୍ଛନୀୟ ତାହା ନୁହେଁ, ପ୍ରତ୍ୟୁତ ଆନ୍ତର୍ଜାତିକ ଜୀବନସଂଗ୍ରାମରେ ଆତ୍ମରକ୍ଷା ସକାଶେ ଅପରିହାର୍ଯ୍ୟରୂପେ ପ୍ରୟୋଜନୀୟ । ମାତ୍ର ବିଜ୍ଞାନର ଦୋହାଇ ଦେଇ ମୁଁ ସାହିତ୍ୟକୁ ଏକାବେଳକେ ଅଧଃକୃତ କରିବାକୁ ପ୍ରସ୍ତୁତ ନୁହେ । ଏକଦେଶଦର୍ଶୀ ହୋଇ ଯେଉଁମାନେ ସାହିତ୍ୟକୁ ଏହିପରି ଅଧଃକୃତ କରନ୍ତି, ସାହିତ୍ୟର ମୂଳ କେଉଁଠାରେ, ତାହା ସେମାନେ ସମ୍ପୂର୍ଣ୍ଣରୂପେ ବିସ୍ମୃତ ହୋଇଯାନ୍ତି । ମନୁଷ୍ୟ କେବଳ ମସ୍ତିଷ୍କବାନ୍ ନୁହେ, ମନୁଷ୍ୟର ଆତ୍ମା ଏବଂ ହୃଦୟ ମଧ୍ୟ ଅଛି । ସେହି ଆତ୍ମା ଏବଂ ହୃଦୟକୁ ସାହିତ୍ୟର ମୂଳସ୍ୱରୂପ ନିର୍ଦ୍ଦେଶ କରାଯାଇ ପାରେ । ଆତ୍ମା ଏବଂ ହୃଦୟର ଅସ୍ତିତ୍ୱ ଲୋପ ନ ହେବା ପର୍ଯ୍ୟନ୍ତ ସାହିତ୍ୟର ଲୋପ ହେବ ନାହିଁ, ଏହା ବୋଲିବାର ବାହୁଲ୍ୟ । ମସ୍ତିଷ୍କର କର୍ଷଣ ଏବଂ ଆତ୍ମା ଏବଂ ହୃଦୟର କର୍ଷଣ ଏ ଉଭୟର ସମବାୟ ପୂର୍ଣ୍ଣ ମନୁଷ୍ୟତା ଲାଭ ସକାଶେ ପ୍ରତ୍ୟେକ ମନୁଷ୍ୟ ପକ୍ଷରେ ପ୍ରୟୋଜନୀୟ ; ସୂକ୍ଷ୍ମଦର୍ଶୀ ବ୍ୟକ୍ତି ମାତ୍ରକେ ଏହା ସ୍ୱୀକାର କରିବେ ।

ଓଡ଼ିଆ ସାହିତ୍ୟର ବର୍ତ୍ତମାନ ଅବସ୍ଥାରେ ତାହାକୁ କୌଣସି ଇଉରୋପୀୟ ସାହିତ୍ୟ କିମ୍ବା ଆମ୍ଭମାନଙ୍କର ପ୍ରାଚୀନ ସଂସ୍କୃତସାହିତ୍ୟ ସହିତ ତୁଳନା କରିବା ବାତୁଳତା ମାତ୍ର । ତେବେ ଭାରତବର୍ଷର ଭିନ୍ନ ଭିନ୍ନ ପ୍ରଦେଶର ସାହିତ୍ୟ ସହିତ ଉତ୍କଳୀୟ ସାହିତ୍ୟର ତୁଳନା କିୟତ୍ପରିମାଣରେ ସମ୍ଭବପର । ଏ ତୁଳନା ମଧ୍ୟ ଉତ୍କଳ ସାହିତ୍ୟର ଅନୁକୂଳ ନୁହେ । ବିଶେଷତଃ ଆଧୁନିକ ଉତ୍କଳ ସାହିତ୍ୟ ଆଧୁନିକ ବଙ୍ଗୀୟ କିମ୍ବା ହିନ୍ଦୀ ସାହିତ୍ୟର ନାନା ବିଷୟରେ ବହୁ ପଶ୍ଚାଦ୍‌ବର୍ତ୍ତୀ ଏହା ନିର୍ବିବାଦରେ ବୋଲାଯାଇ ପାରେ । ବଙ୍ଗୀୟ ସାହିତ୍ୟର ତ କଥା ନାହିଁ, ହିନ୍ଦୀ ସାହିତ୍ୟ ମଧ୍ୟ ଯେପରି କ୍ଷିପ୍ରଗତିରେ ଅଗ୍ରସର ହେଉଅଛି, ତାହାର ତୁଳନାରେ ଓଡ଼ିଆ ସାହିତ୍ୟକୁ ଜଡ଼ବତ୍ ସ୍ଥାଣୁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଆମ୍ଭମାନଙ୍କର ସାହିତ୍ୟାନୁରାଗରେ ଅଭାବ ଏହାର ଏକମାତ୍ର କାରଣ ଅଟେ । ଓଡ଼ିଆ ସାହିତ୍ୟର ଉନ୍ନତି ସକାଶେ ଆପାତତଃ ଆମ୍ଭମାନଙ୍କର ଯାହା, କର୍ତ୍ତବ୍ୟ ସେଥି ସମ୍ବନ୍ଧରେ ସ୍ଥୂଳରେ ବର୍ତ୍ତମାନ ମୁଁ ଦୁଇ ଚାରି କଥା କହିବାକୁ ଇଚ୍ଛା କରେ । ନିମ୍ନଲିଖିତ ଚାରୋଟି ଉପାୟ ଆମ୍ଭମାନଙ୍କର ଅବଲମ୍ବନୀୟ ।

୧ । ସାଧାରଣ ଓଡ଼ିଆ ପୁସ୍ତକାଳୟ ସ୍ଥାପନ ଏବଂ ପ୍ରାଚୀନ ପାଣ୍ଡୁଲେଖ୍ୟ ସଂଗ୍ରହ ।

୨ । ନବ୍ୟ ଲେଖକମାନଙ୍କ ଉତ୍ସାହ ସକାଶେ ଗୋଟିଏ ପାଣ୍ଠି ସଂସ୍ଥାପନ ।

୩ । ଉତ୍କଳଭାଷାର ଇତିହାସ ପ୍ରଣୟନ ।

୪ । ପ୍ରାଚୀନ ଉତ୍କଳ ସାହିତ୍ୟର ଆଲୋଚନା ।

ଏହି ଚାରୋଟି ଉପାୟ ମଧ୍ୟରେ ପ୍ରଥମ ଏବଂ ଦ୍ୱିତୀୟ ଉପାୟ ସମଧିକ ଅର୍ଥସାପେକ୍ଷ । ସୁତରାଂ କୌଣସି ରାଜା କିମ୍ବା ବୃତ୍ତୀଶ୍ୱର ବ୍ୟତୀତ ଅନ୍ୟ ଲୋକଦ୍ୱାରା ଏହା ଅନୁଷ୍ଠିତ ହୋଇ ପାରିବ, ଏହା ମୋତେ ସମ୍ଭବପର ବୋଧ ହେଉ ନାହିଁ । ଆଜିକାଲି ରାଜା ଏବଂ ବୃତ୍ତୀଶ୍ୱରମାନଙ୍କ ମଧ୍ୟରେ କଦାଚିତ୍ କାହାରି କାହାରି ସାହିତ୍ୟାନୁରାଗର ଯେପରି ଅଙ୍କୁରୋଦ୍‌ଗମ ଲକ୍ଷିତ ହେଉଅଛି, ସେଥିରୁ ଏପରି ଆଶା

ହୁଏ ଯେ, ଆମ୍ଭମାନଙ୍କ ଜୀବଦ୍ଦଶାରେ ନ ହେଉ, ସୁଦୂର ଭବିଷ୍ୟତରେ ଏହା କେବେ ହେଲେ କାର୍ଯ୍ୟରେ ପରିଣତ ହେବାର ସୂତ୍ରପାତ ହେବ।

ପ୍ରାଚୀନ ଉତ୍କଳ ସାହିତ୍ୟର ଇତିହାସ ପ୍ରଣୟନ ମଧ୍ୟ ସହଜସାଧ୍ୟ ବ୍ୟାପାର ନୁହେ। ବଙ୍ଗୀୟ-ସାହିତ୍ୟ-ଇତିହାସ-ପ୍ରଣେତା ଶ୍ରୀଦୀନେଶଚନ୍ଦ୍ରସେନଙ୍କ ସୁପ୍ରସିଦ୍ଧ ଗ୍ରନ୍ଥ ତାହାଙ୍କ ଜୀବନବ୍ୟାପୀ ପରିଶ୍ରମର ଫଳ। ଏପ୍ରଦେଶରେ ସେପରି ଅଧ୍ୟବସାୟର ନିତାନ୍ତ ଅଭାବ, ଯାହା ମଧ୍ୟ ଅଛି, ତାହାକୁ ଉତ୍ସାହ ଦେବାର ଲୋକ ନାହିଁ। ବଙ୍ଗୀୟ ରାଜା ଏବଂ ଭୂସ୍ୱାମୀମାନେ ସ୍ୱଦେଶୀୟ ସାହିତ୍ୟୋନ୍ନତି ସାଧନ ବିଷୟରେ ଆତ୍ମହାନ ହୋଇ ସୁଦ୍ଧା ଯାହା କରୁଅଛନ୍ତି, ଉତ୍କଳରେ ସେଥିର ଶତାଂଶ ଆଶା କରାଯାଇ ନ ପାରେ। ଉତ୍କଳରେ ଅନ୍ୟାନ୍ୟ ବ୍ୟକ୍ତିଙ୍କ ମଧ୍ୟରେ ସୁପଣ୍ଡିତ ଶ୍ରୀଯୁକ୍ତ ବାବୁ ଶ୍ୟାମସୁନ୍ଦର ରାଜଗୁରୁ B. A. ମହାଶୟ ଏ ବିଷୟରେ ପ୍ରଶଂସନୀୟ ଅଧ୍ୟବସାୟ ପ୍ରଦର୍ଶନ କରି ଆମ୍ଭମାନଙ୍କର ଧନ୍ୟବାଦାର୍ହ ହୋଇଅଛନ୍ତି। ମାତ୍ର ଏପରି ଦୁରୂହ ଭାର ତାହାଙ୍କ ଉପରେ ଅଥବା ଅପର କୌଣସି ଯୋଗ୍ୟ ବ୍ୟକ୍ତିଙ୍କ ଉପରେ ନ୍ୟସ୍ତ କରି କେବଳ ଧନ୍ୟବାଦ ଦେଇ ନିଶ୍ଚିନ୍ତ ରହିଲେ ଚଳିବ ନାହିଁ। ଖାଲି କଥାରେ ଚିଡ଼ା ଭିଜିବ ନାହିଁ। ଏପରି ବିଷୟରେ କଥା ଅପେକ୍ଷା ଅଧିକତର ସାରବାନ ଉତ୍ସାହର ନିତାନ୍ତ ଲୋଡ଼ା। ସାଧାରଣଙ୍କର ଉଚିତ ଯେ, ସମବେତ ହୋଇ ତାହାଙ୍କୁ ଅଥବା ଅପର କୌଣସି ଯୋଗ୍ୟ ଲେଖକଙ୍କୁ ଏପରି ମହୋପକାରୀ ବିଷୟରେ ପର୍ଯ୍ୟାପ୍ତ ଅର୍ଥ ସାହାଯ୍ୟ କରନ୍ତେ। ଯେଉଁ ବ୍ୟକ୍ତି ଏହି ମହାବ୍ରତଧାରୀ ହେବେ, ତାହାଙ୍କୁ କେତେ ପୁସ୍ତକ ସଂଗ୍ରହ, କେତେ ଅଧ୍ୟୟନ, କେତେ ପର୍ଯ୍ୟଟନ, କେତେ ଗବେଷଣା କେତେ ଚିନ୍ତା, କେତେ ପରିଶ୍ରମ କରିବାକୁ ହେବ, ତାହା ଆପଣମାନଙ୍କ ପରି ଶିକ୍ଷିତସାର ବ୍ୟକ୍ତିମାନଙ୍କୁ କହିବାର ବାହୁଲ୍ୟ। କେହି ଅବା କହିବେ ଯେ, ଏପରି ବିଷୟରେ ବ୍ୟକ୍ତିବିଶେଷଙ୍କୁ କାହିଁକି ସାହାଯ୍ୟ ହୋଇଆସିବ? ପ୍ରୟୋଜନ ଆୟୋଜନର (Demad and Supply) ନିୟମଦ୍ୱାରା ଏହା ମଧ୍ୟ ନିୟମିତ ହେବାର ଉଚିତ। ଯେ ପୁସ୍ତକ ସଙ୍କଳନ କରିବେ, ପୁସ୍ତକର କାଟତିଦ୍ୱାରା ସେ ପୁରସ୍କୃତ ହେବେ। ପୁସ୍ତକର ଯେବେ ସାଧାରଣରେ କାଟତି ନ ହେଲା ଏପରି ପୁସ୍ତକ ଲେଖିବାର ଆବଶ୍ୟକତା କ'ଣ? ଇଉରୋପୀୟ ଆମଦାନୀ ଅର୍ଥନୀତିର ସୂତ୍ରଗୁଡ଼ିକ ଆମ୍ଭେମାନେ ସମୟ ସମୟରେ ଶୁଆପରି ଏହି ସ୍ଥଳରେ ଆବୃତ୍ତି କରିଥାଉଁ, ମାତ୍ର ପ୍ରକୃତ ପକ୍ଷରେ ଏ ଭଳି ଉକ୍ତି ଅର୍ଥନୀତିଜ୍ଞତାର ପରିଚାୟକ ନୁହେଁ; ବରଂ ଏହା ଆମ୍ଭମାନଙ୍କର ଅଜ୍ଞତା, ହୃଦୟହୀନତା ଏବଂ ବଦ୍ଧମୁଷ୍ଟିକତାର ପରିଚାୟକ। ଯେଉଁ ଇଉରୋପରୁ ଏହି ସୂତ୍ରଗୁଡ଼ିକର ଆମଦାନୀ ହୋଇଅଛି, ସେହି ଇଉରୋପ ପ୍ରୟୋଜନ ଏବଂ ଆୟୋଜନ ସମ୍ବନ୍ଧୀୟ ନିୟମର ଦୋହାଇ ଦେଇ ଜାତୀୟ ସାହିତ୍ୟୋନ୍ନତି ସାଧନ ବିଷୟରେ ଔଦାସୀନ୍ୟ ଅବଲମ୍ବନ କରି ନାହିଁ। ସେପରି ହୋଇଥିଲେ ନବ୍ୟ ଜର୍ମାନ୍ ଏବଂ ଇଟାଲୀୟ ସାହିତ୍ୟ ଅର୍ଦ୍ଧଶତାବ୍ଦୀ ମଧ୍ୟରେ ପୃଥିବୀର ଗଣନୀୟ ସାହିତ୍ୟ ବୋଲି ପରିଗଣିତ ହୋଇ ନ ଥାନ୍ତା।

ପ୍ରାଚୀନ ଉତ୍କଳ ସାହିତ୍ୟ ଯେଉଁ ପରିମାଣରେ ଆମ୍ଭମାନଙ୍କର ଆଲୋଚନା କରିବା ଉଚିତ, ଆମ୍ଭେମାନେ ତାହାର ଶତାଂଶ କରି ନାହୁଁ। ଅନ୍ତତଃ ଏ ବିଷୟରେ ମୁଁ ମୋହର ନିଜର ତ୍ରୁଟି ଉତ୍ତମରୂପେ ଉପଲବ୍ଧି କରିଅଛି। ଏ ପ୍ରଦେଶରେ ବଙ୍ଗୀୟ

ସାହିତ୍ୟ ପ୍ରଚୁର ହୋଇ ପ୍ରଭୂତ ଶ୍ରେୟଃ ସହିତ ଅନିଷ୍ଟ ମଧ୍ୟ ସାଧିତ ହୋଇଅଛି । ଅନିଷ୍ଟ ସକାଶେ ବଙ୍ଗୀୟ ସାହିତ୍ୟ ଦାୟୀ ନୁହେଁ, ଆମ୍ଭେମାନେ ଦାୟୀ । ଭାରତବର୍ଷୀୟ ପ୍ରାଦେଶିକ ସାହିତ୍ୟର ଆଲୋଚନା ଆମ୍ଭମାନଙ୍କ ପକ୍ଷରେ ସୁଫଳୋପଧାୟକ, ଏହା ଅବଶ୍ୟ ସ୍ୱୀକାର୍ଯ୍ୟ, ମାତ୍ର ଆମ୍ଭମାନଙ୍କର ଅବକାଶର ଅଧିକାଂଶ ସମୟ ଉତ୍କଳ ସାହିତ୍ୟାଲୋଚନାରେ ବ୍ୟୟିତ ହେବାର ଉଚିତ । ବଙ୍ଗ ସାହିତ୍ୟ ଚର୍ଚ୍ଚା ଦ୍ୱାରା ଆମ୍ଭମାନଙ୍କର ଜ୍ଞାନର ପ୍ରସାର ହୋଇଅଛି ସତ୍ୟ, ମାତ୍ର ମୌଳିକତା ବହୁ ପରିମାଣରେ ନଷ୍ଟ ହୋଇଅଛି । ଆଧୁନିକ ଉତ୍କଳ ସାହିତ୍ୟରେ ବଙ୍ଗୀୟ ସାହିତ୍ୟର କେବଳ ଭାବ ନୁହେ, ଭାଷା ମଧ୍ୟ ଅଯଥା ପରିମାଣରେ ପ୍ରବେଶ କରି ସେଥିର ବ୍ୟକ୍ତିଗତ ଭାବ କ୍ରମଶଃ ହୀନରୁ ହୀନତର କରି ପକାଉଅଛି । ସଭା ସମିତିରେ ଲିଖିତ ମନ୍ତବ୍ୟ ଶ୍ରୋତାମାନଙ୍କର ପ୍ରୀତିକର ହୁଏ ନାହିଁ । ଅଧିକନ୍ତୁ ତାହା ସେମାନଙ୍କର ଧୈର୍ଯ୍ୟକୁ ଦାରୁଣ ପରୀକ୍ଷାରେ ନିକ୍ଷିପ୍ତ କରେ । ଏହା ମୁଁ ଅବଶ୍ୟ ବୁଝି ପାରୁଅଛି ଏବଂ ବୁଝିପାରି ଏଠାରେ ମୋହର ମନ୍ତବ୍ୟର ଉପସଂହାର ଏବଂ ଆପଣମାନଙ୍କୁ ମୋହୋର ଏହି ଅକିଞ୍ଚିତ୍କର ଉକ୍ତି ଶ୍ରବଣରୁ ମୁକ୍ତି ପ୍ରଦାନ କଲି ।



# ଟିପାଖାତା*

ବ୍ରାହ୍ମୀଗିରି

ସହକାର କୁଞ୍ଜମଣ୍ଡିତ, ଆମ୍ରମୁକୁଳ, ମଧୁ ଅଭ୍ୟକ୍ତ ପଲ୍ଲବପୁଞ୍ଜ । ମୁରାରିର ସ୍ମାରକ ।

ଢେଙ୍କାନାଳ—ରାଜ-ଅତିଥେୟତା, ସ୍କୁଲର ଅବସ୍ଥିତ, ୧ ସିଁଅଡ଼ାଲତା, ବନମାଳୀ ବାବୁ ଜାତଦାର୍ଶନିକ, ତାହାଙ୍କର ବନମଧ୍ୟସ୍ଥ ଉଦ୍ୟାନ ଏବଂ କୃଷିକ୍ଷେତ୍ର । ଢେଙ୍କାନାଳ ପ୍ରାସାଦର ଦୃଶ୍ୟ ।

ତାଳଚେର ପ୍ରଦେଶ

ତାଳଚେରରେ ଦୀର୍ଘ ଅବସ୍ଥିତି । ରାଜାଙ୍କର ଅସାଧାରଣ ସଦାଶୟତା ଏବଂ ଆତିଥେୟତା ପ୍ରତ୍ୟହ ହସ୍ତୀଦ୍ୱାରା ଅରଣ୍ୟ ପ୍ରଭୃତି ଭ୍ରମଣ ଗଡ଼ର ସଂଲଗ୍ନ ରକ୍ଷଣୀ । ଏ ରକ୍ଷିଣୀ ପ୍ରାୟ ୨ ବର୍ଗମାଇଲ । ନାନାବିଧ ଅନନ୍ତବୃକ୍ଷ ତରୁରାଜିରେ ପୂର୍ଣ୍ଣ । ଶାଳ, ଅଶନ, ତନ୍ଦୁକ, ତିଳକ, ପିଆଳ ପୁଷ୍ପାଦିର ଶୋଭା । ପଲ୍ୱଳ ଏବଂ ତତ୍‌ସନ୍ନିହିତ ମୃଗସ୍ନାନଞ୍ଚ । ନାନାବିଧ ବନପଶୁଙ୍କର ପାଦଚିହ୍ନ । ଉଟଜ ଏବଂ ଦ୍ରୋଣୀ ପ୍ରଭୃତି ।

ତାଳଚେରର ରାଜସଭା । ସାହିତ୍ୟ ସଭା । ପଣ୍ଡିତ ହରିହର ବିଦ୍ୟାଭୂଷଣ, ଚକ୍ରଧର ତର୍କଭୂଷଣ ଏବଂ ଦୀକ୍ଷିତ, କବି ଘନଶ୍ୟାମ କବିଭୂଷଣ, ଭଗୀରଥି ପଦ୍ୟାଳଙ୍କାର, ରଘୁନାଥ ମିଶ୍ର, ରାମଚନ୍ଦ୍ର ପଦ୍ୟାବିନୋଦ ହରେକୃଷ୍ଣ ବଡ଼ପଣ୍ଡା, ହେମେନ୍ଦ୍ର ବାବୁ, ଦାମୋଦର ମିଶ୍ର ।

ରାଜକୁମାରଙ୍କ ଜନ୍ମଦିନୋତ୍ସବ

ବାମଣ୍ଡାର ବଡ଼କୁମାର ବଳଭଦ୍ର ଏବଂ ଲାଲ ସାହେବ ଦସ୍ୟୁନିଧିଙ୍କର ଶୁଭାଗମନ । ପଞ୍ଚାସୃତ ବାବୁଙ୍କର ମୃଗୟାପଟୁତା ଏବଂ ଗଭୀର ସାହିତ୍ୟଜ୍ଞାନ । ତାହାଙ୍କଠାରୁ ଶିକ୍ଷାଲାଭ ।

ତାଳଚେର ରାଜାଙ୍କର ଗୁଣବର୍ଣ୍ଣନ । ସହୃଦୟ, ନିରହଙ୍କାର, ସମସ୍ତ କ୍ଷତ୍ରିୟୋଚିତ ଗୁଣମଣ୍ଡିତ, ସାହିତ୍ୟରସିକ, ଆଇନଜ୍ଞାନରେ ଦକ୍ଷ । ସମସ୍ତ କାର୍ଯ୍ୟ ସ୍ୱହସ୍ତରେ ରକ୍ଷା ।

ରାଜାଙ୍କର ସଦ୍‌ଗୁଣର ଇୟତ୍ତା ନାହିଁ । ସମଗ୍ର ଓଡ଼ିଶା ଏହାଙ୍କୁ ଜାତୀୟସମିତିର ସଭାପତିପଦରେ ବରଣ କରିଥିଲା । ଏ ବରଣ ଅସ୍ଥାନନ୍ୟସ୍ତ ହୋଇନାହିଁ । ରାଜାଙ୍କର ସର୍ବତୋମୁଖ ଉତ୍କର୍ଷ ଦେଖି ମୁଁ ବାସ୍ତବିକ ଆଶ୍ଚର୍ଯ୍ୟାନ୍ୱିତ ହୋଇଥିଲି । ରାଜ୍ୟମଧ୍ୟରେ, ରାଜା ଉତ୍କୃଷ୍ଟତମ ଅମୋଘବେଧୀ ଶିକାରୀ, ଉତ୍କୃଷ୍ଟତମ ଆଧୋରଣ, ଉତ୍କୃଷ୍ଟତମ ଅଶ୍ୱାରୋହ, ଉତ୍କୃଷ୍ଟତମ ନାଥଗୃହଳକ ।

* କବିବର ଙ୍କ ଭ୍ରମଣ କାଳରେ, ଙ୍କ ଅଧ୍ୟୟନ କାଳରେ ଖଣ୍ଡିଏ ଖାତା ଓ ଗୋଟିଏ ପେନ୍‌ସିଲ ସର୍ବଦା ନିକଟରେ ରଖୁଥିଲେ । କୌଣସି ନୂତନ ଦୃଶ୍ୟ ଦେଖିଲେ ବା ନୂତନ ବିଷୟ ପାଠକଲେ ଅଥବା ନୂତନ ଭାବ ମନରେ ଉଦିତ ହେଲେ ସଙ୍ଗେ ସଙ୍ଗେ ତାହା ସାଙ୍କେତିକ ଆକାରରେ ଟିପି ରଖୁଥିଲେ । ଏହିପରି ତାଙ୍କର ଅନେକ ଗୁଡ଼ିଏ ଟିପାଖାତା ସଞ୍ଚିତ ହୋଇ ରହିଅଛି । ସେଗୁଡ଼ିକ ନାନା ବିଷୟାବଳୀରେ ପରିପୂର୍ଣ୍ଣ । ସେଗୁଡ଼ିକର ସାରସଂଗ୍ରହ ହେଲେ ତାଙ୍କ ଚିନ୍ତାର ଗତି ଓ ମନର ଭାବ ବୁଝିବାପକ୍ଷରେ ବିଶେଷ ସାହାଯ୍ୟ ଦେବ । ତାଙ୍କର ଶେଷ ଭ୍ରମଣକାଳରେ ଯେଉଁ ଖାତାଟି ସଙ୍ଗରେ ଥିଲା ତହିଁର ଟିପାଗୁଡ଼ିକ ଅବିକଳ ଏଠାରେ ପ୍ରକାଶିତ ହେଲା । ମାଳ୍ୟଗିରିବର୍ଣ୍ଣନା କାବ୍ୟାକାରରେ ପ୍ରକାଶ କରିବାର ବାସନା ମୃତ୍ୟୁର ଦୁଇ ତିନ ଦିନ ପୂର୍ବରୁ ପ୍ରକାଶ କରିଥିଲେ । କିନ୍ତୁ ହା ହା ! ସେ ବାସନା ଚିରଦିନପାଇଁ ଅପୂର୍ଣ୍ଣ ରହିଗଲା ।

ନସ୍ତୁଲ୍ୟହସ୍ତାର୍ପିତରାଜ୍ୟଭାରା-
ସ୍ତିଷ୍ଠନ୍ତି ଯେ ସୌଧବିହାରଭାଗଂ ।
ବିଡ଼ାଳବୃନ୍ଦାର୍ପିତ ଦୁଗ୍ଧପୂରାଃ
ସ୍ୱପନ୍ତି ତେ ମୂଢ଼ଧିୟୋ ନରେନ୍ଦ୍ରାଃ ।

ତାଳଚେରରେ ଏ ଦୋଷର ସମ୍ଭାବନା ନାହିଁ । ରାଜ୍ୟଶାସନର ପ୍ରତ୍ୟେକ ବିଭାଗ ଏବଂ ଉପବିଭାଗ ତାହାଙ୍କର ତୀକ୍ଷ୍ଣ ଅନ୍ତର୍ଭେଦୀ ଦୃଷ୍ଟିଦ୍ୱାରା ପ୍ରଭାବିତ, ପରିଚାଳିତ ।

ପ୍ରବୀଣ ଜୋର୍‌ମାନ୍‌ମାନେ ଯେଉଁ ହସ୍ତୀ ଯୋଟକମାନଙ୍କୁ ଆୟତ୍ତ କରିବାକୁ ଅକ୍ଷମ, କିଶୋରଚନ୍ଦ୍ର ଅବଲୀଳାକ୍ରମରେ ସେମାନଙ୍କୁ ବାଧ୍ୟ କରି ପାରନ୍ତି । ନେଲ୍‌ସନଙ୍କ ପରି ଭୟ କି ପଦାର୍ଥ ତାହା ସେ ଜାଣନ୍ତି ନାହିଁ ।

ମାତ୍ର ରାଜା ଏହି ସଦ୍‌ଗୁଣମାନଙ୍କର ସଂଯତ ବ୍ୟବହାର କରିଥିବାର ବୋଧ ହେଲା ନାହିଁ । ନିଜର ସ୍ୱାସ୍ଥ୍ୟ ପ୍ରତି ତାଙ୍କର ସମ୍ୟକ୍ ଦୃଷ୍ଟି ଥିବାର ବୋଧ ହେଲା ନାହିଁ । ଥରେ ସେ ଗୋଟିଏ ଦୁଷ୍ଟଅଶ୍ୱଦ୍ୱାରା ଅତି ନିଦାରୁଣ-ରୂପେ ଦ୍ରଷ୍ଟ ହୋଇ ପ୍ରାୟ ୬ ମାସ କାଳ ଶଯ୍ୟାଶାୟୀ ହୋଇଥିଲେ । ମୃଗୟାସମୟରେ ହାତୀରୁ ପଡ଼ି ତାହାଙ୍କ ବକ୍ଷସ୍ଥଳରେ ଦାରୁଣ ଆଘାତ ଲାଗିଥିଲା । ସେହି ଆଘାତର କୁଫଳରୁ ସେ ଅଦ୍ୟାପି ମୁକ୍ତ ହୋଇ ନାହାନ୍ତି । ଏହି କଠୋର ଶିକ୍ଷା ପାଇ ସୁଦ୍ଧା ସେ ନିଜ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଉଦାସୀନ ।

ତାଳଚେରରୁ ସମଲ । ସମଲ ମୁଁ ପୂର୍ବେ ଦେଖିଥିଲି । ୧୦ । ୧୨ ବର୍ଷ ପରେ ପୁଣି ଦେଖିଲି । ଏହି ସମୟମଧ୍ୟରେ ସମଲରେ ଗୋଟିଏ ପକ୍‌କା ବଙ୍ଗଳା ନିର୍ମିତ ହୋଇଅଛି ଏବଂ ସମଲର ପ୍ରାୟ ୩।୪ ମାଇଲ୍ ଦୂରରେ କଣ୍ଟେଇଜେନା ପର୍ବତ ପାଦରେ ଚନ୍ଦ୍ରଶୈଳନାମକ ସ୍ଥାନରେ ଗୋଟିଏ ବଙ୍ଗଳା ନିର୍ମିତ ହୋଇଅଛି । କଣ୍ଟେଇଜେନା ପର୍ବତ ଉଚ୍ଚତାରେ କ୍ଷୁଦ୍ର ମାତ୍ର ଖୋଲ୍‌ମସ୍ତ ହୋଇଥିବାରୁ ମୃଗୟା-ମାନଙ୍କର ଏହା ପ୍ରିୟତମ ବିହାରସ୍ଥଳୀ ।

ସମଲରୁ—ଗଢ଼ମ ବାରୁଆଁ ତାଳୁରେ ବଙ୍ଗଳା । କୁଲାଟେର ବଙ୍ଗଳା ।

ଗନ୍ଧମରୁ - ଖମାର

ତାଳଚେରରୁ ଆସିବା ସମୟରେ ତାଳଚେର ରାଜ୍ୟ ପରିଭ୍ରମଣ ମୋହର ଏକମାତ୍ର ଉଦ୍ଦେଶ୍ୟ ଥିଲା । ଯେବେ ସୁବିଧା ହୁଏ ଏବଂ ବାମଣ୍ଡାଧୀଶ୍ୱରଙ୍କଠାରୁ ଯେବେ ଅନୁକୂଳ ଆମନ୍ତ୍ରଣ ପାଏଁ, ବାମଣ୍ଡା ଯିବାର ସଂକଳ୍ପ, ଅନ୍ତତଃ ସଂକଳ୍ପର ଅସ୍ପଷ୍ଟ ଛାୟା ମଧ୍ୟ ମନରେ ସ୍ଥାନ ପାଇଥିଲା । ମାତ୍ର ଲହଡ଼ା ଯିବାର ସଂକଳ୍ପ ମନରେ ଉଠେ ନାହିଁ । ଲହଡ଼ାର ମାଲ୍ୟଗିରି ଗୋଟିଏ ସ୍ୱାସ୍ଥ୍ୟନିବାସର ଯୋଗ୍ୟ ସ୍ଥାନ, ଏହା ମୁଁ ପୂର୍ବରୁ ଶୁଣିଥିଲି । ମାତ୍ର ମାଲ୍ୟଗିରି ଅତି ଦୁରାରୋହ ଏବଂ ମାଲ୍ୟଗିରିଶିଖରରେ ଅବସ୍ଥିତି—ବିଶେଷତଃ ମାଦୃଶ ରୁଗ୍‌ଣ ବ୍ୟକ୍ତିର ଅବସ୍ଥିତି ନିତାନ୍ତ ବ୍ୟୟସାଧ୍ୟ । ସୁତରାଂ ଏ ସଂକଳ୍ପ ମୋହର ମନରେ ସ୍ଥାନ ପାଇ ନ ଥିବାର ସ୍ୱାଭାବିକ ।

ଲହଡ଼ା ରାଜ୍ୟର — ହୃଦୟବସ୍ଥ

ନରପତିହିତକର୍ତ୍ତା ଦ୍ୱେଷ୍ୟତାଂ ଯାତି ଲୋକେ,
ଜନପଦହିତକର୍ତ୍ତା ତ୍ୟଜ୍ୟତେ ପାର୍ଥିବେନ ।
ଇତି ମହତି ବିରୋଧେ ବିଦ୍ୟମାନେ ସମାନେ,
ନୃପତିଜନପଦାନାଂ ଦୁର୍ଲଭଃ କାର୍ଯ୍ୟକର୍ତ୍ତା ।

ଲହଡ଼ାର ରାଜା ମୋର ପୀଡ଼ାର କଥା ଶୁଣିଥିଲେ । ବହୁଦିନ ତାହାଙ୍କ ସହିତ ମୋର ସାକ୍ଷାତ୍ ହୋଇ ନ ଥିଲା । ଭ୍ରମଣକ୍ଷମ ଅବସ୍ଥାରେ ଅଛି, ସମ୍ଭବତଃ ଏହା ସେ ଜାଣି ନ ଥିଲେ । ଜାଣିଥିଲେ ସେ ଯେପରି ସହୃଦୟ ସ୍ୱତଃପ୍ରବୃତ୍ତ ହୋଇ ସେ ମୋତେ ଆମନ୍ତ୍ରଣ କରିଥାନ୍ତେ ଏବଂ ମୋହୋର ସ୍ୱାସ୍ଥ୍ୟୋନ୍ନତିର

ବିଧାନ କରାଇଥାନ୍ତେ । ମୁଁ ତାଳଚେର-ରାଜାଙ୍କ ଘରୁ ତାଳଚେର ପର୍ଯ୍ୟନ୍ତ ଆସିଛି, ଏ କଥା ଶୁଣି ସେ ମୋତେ ମାଲ୍ୟଗିରି ନେଇଯିବାପାଇଁ ସ୍ୱୟଂ ତାଳଚେର ଯାଏ। କଲେ । ମାତ୍ର ପଥମଧ୍ୟରେ ପୀଡ଼ାଗ୍ରସ୍ତ ହୋଇ ପରଦ୍ୱାରା ସମସ୍ତ ବିଷୟ ଜଣାଇ ପୁନଃ ପୁନଃ ସଜନବର୍ଗ ଆମନ୍ତ୍ରଣ କଲେ । ଲହଡ଼ା ପ୍ରବେଶ ମାତ୍ରେ ମୁଁ ପଦେ ପଦେ ଲହଡ଼ାଧୀଶ୍ୱରଙ୍କର ଅସାଧାରଣ ମହାନୁଭବତାର ପ୍ରମାଣ ପ୍ରତ୍ୟକ୍ଷ କଲି । ଅବଧି ଏ ରାଜ୍ୟ ପ୍ରାପ୍ତ ହୋଇ ନାହାନ୍ତି । ରାଜ୍ୟରେ ଏହାଙ୍କ କ୍ଷମତା ସୀମାବଦ୍ଧ, ଏହା ସତ୍ତ୍ୱେ ଲହଡ଼ାରେ ମୋହ ପ୍ରତି ଯେପରି ସୌଜନ୍ୟ ଏବଂ ସହୃଦୟତା ପ୍ରଦର୍ଶିତ ହୋଇଅଛି, ତାହାର ତୁଳନା ମୁଁ ସମସ୍ତ ଜୀବନରେ ଦେଖିନାହିଁ । ରାଜା ନିଯୁକ୍ତ ଲୋକଙ୍କ ଉପରେ ସମସ୍ତ ଭାର ପକାଇ ନିଶ୍ଚିନ୍ତ ହୋଇ ନାହାନ୍ତି ।

## ମାଲ୍ୟଗିରି

ଶୁଷ୍କଶିଉଳଶୁଭ୍ର ପ୍ରକାଣ୍ଡ ପାଷାଣସ୍ତୂପ । ଅନେକ ସ୍ଥଳରେ ବିଶାଳଶିଳାପଟ୍ଟ ତଳେ ମନୁଷ୍ୟର ବାସୋପଯୋଗୀ ଗହ୍ୱର । ୩।୪ଟି ଭୀଷଣ କୋହର ରାଜାଙ୍କ ସଙ୍ଗେ ଦର୍ଶନ । ରାଜାଙ୍କର କସ୍ତୁରିକା କୁରଙ୍ଗର ଲମ୍ଫନ । ଲଲଟେନ ନେଇ ଏକ ଏକ ଦୁରବଗାହ କନ୍ଦର ଦର୍ଶନ ।

ପର୍ବତରେ ଅସଂଖ୍ୟ ଖୋଲ । ବିବିଧ ଚନ୍ଦ୍ରଲତା । ଛତିଆ କୁବ୍ଜତରୁ । ଶଙ୍ଖମଲ-ମସୃଣ ଅଶ୍ୱବର୍ଣ୍ଣ ଲତା, ଅସଂଖ୍ୟ ପ୍ରକାର Fern, କଦଳୀ ଧନ୍ୱନ୍ତରି, ଶିଳୁଳା, ଅଠିଳ । ପର୍ବତରେ ଅନେକ ନିର୍ଝର । ଅଭ୍ରଯୁକ୍ତ ପ୍ରସ୍ତର । ନାନାପ୍ରକାର ଅଜ୍ଞାନିତ ସୁଦୃଶ୍ୟ ପୁଷ୍ପ ।

ଅନେକ ସ୍ଥାନରେ ବିଶାଳ ପ୍ରସ୍ତର ବଜ୍ରଦ୍ୱାରା ଅଥବା ଜଳ ଏବଂ ଉତ୍ତାପର କ୍ରିୟାଦ୍ୱାରା ବିଦୀର୍ଣ୍ଣ ହୋଇ ସୁଡ଼ଙ୍ଗବତ୍ ନିମ୍ନକୁ ଯାଇଅଛି । ଏହି ଦୁରବଗାହ ନୈସର୍ଗିକ ସୁଡ଼ଙ୍ଗମାନଙ୍କରେ ପ୍ରବେଶ କଲେ ସୂର୍ଯ୍ୟାଲୋକ ସହିତ କୌଣସି ସମ୍ପର୍କ ନ ଥାଏ ।

ଉପରେ କେବଳ ଠେକୁଆ, ସମ୍ବରର କଦାଚିତ୍ ସଂଚାର ଦେଖାଯାଏ । ସ୍ଥାନେ ସ୍ଥାନେ ଗିରିନିର୍ଝର ଦରୀମଧ୍ୟରେ ଝର ଝର ଶବ୍ଦରେ ଶିଳାକୁ ଶିଳାରୁ ଲମ୍ଫ ଦେଇ କ୍ଷୁଦ୍ର ପ୍ରପାତ ଉପଜାତ କରି ଅଧୋଦେଶକୁ ଯାଇଅଛି । ଏହିମାନଙ୍କ ପାର୍ଶ୍ୱଦେଶ ବନ୍ୟ ଖର୍ଜୁର, ଧନ୍ୱନ୍ତରି ଓ ଅନ୍ୟାନ୍ୟ ତୃଣଦ୍ୱାରା ଶ୍ୟାମଳ ।

ଗଙ୍ଗାପ୍ରପାତାନ୍ତବିରୂଢ଼ଶଷ୍ପଂ
ଗୌରୀଗୁରୋର୍ଗହ୍ୱରମାବିବେଶ ।
ଧୂମୋଦ୍‌ଗିରାନୁକୃତନିପ୍ରଶଃ &c.

ଡମ୍ବୁରୁ, ଧର୍ମଦ୍ୱାର, ପ୍ରାକୃତିକ ଗୁମ୍ଫା, ଅଠିଳ ଗଛ, ମାର୍ଗରେ ପ୍ରପାତ ଏବଂ ଝରଣା, ବିରାଟ ବରାହଦୋଣାକୃତି ବିଶାଳ ପାଷାଣଖଣ୍ଡ, ବଂଶବନ, ଶାଳ, କେନ୍ଦୁ, ପିଆଶାଳ, ଅଶନାଦି ବୃକ୍ଷ, ଶିଆଳିଲତା, ବନ୍ୟଖର୍ଜୁର, ମୁଚୁକୁନ୍ଦ, ଅଠିଳ, ମହୁଲ, ମାଳତୀ, ମାଧବୀ ।

ବାମଣ୍ଡା ରାଜ୍ୟର ଚୂଳିଆପ୍ରଭୃତି ପର୍ବତ, ବ୍ରାହ୍ମଣୀ ନଦୀ, କେନ୍ଦୁଝରର ଗନ୍ଧମାଦନ, ଗୋନାସିକା, ତାଳଚେରର ବାରୁଆଁ, ଢେଙ୍କାନାଳର ପଳାଶୁଣିଡିପର ପର୍ବତମାଳା, ସିଂହଭୂମି ।

ଅଶୋକ, ନାଗେଶ୍ୱର, ଚମ୍ପକନିକୁଞ୍ଜପୂର୍ଣ୍ଣ ପାର୍ବତ୍ୟ ଦେଶର ଶୈଳମାଳା, ରାଜା ଗଣେଶ୍ୱରଙ୍କ ନବାବିଷ୍କୃତ ଗିରିମାର୍ଗ, ରାଜର୍ଷି ମୁନପାଳଙ୍କର ଯାଗାଦିରେ ପୂତ ସ୍ଥଳୀ ।

ଶୀତର ଆଧିକ୍ୟ, ଶୀତଳ ବାୟୁର ଅବିରତ ସଂଚାର, ବ୍ୟାଘ୍ର ଭଲ୍ଲୁକାଦିର ଅଭାବ, ସର୍ପାଦିର

ଅଭାବ, ପକ୍ଷୀର କଳରବସଂଗୀତର । କେବଳ ଝିଙ୍କିର ଝୁଇ ଝୁଇ ସମସ୍ତ ସମୟରେ ଶ୍ରୁତ ହୁଏ । ଶମ୍ବର, କଣଶାଢ଼ର କଦାଚିତ୍ ଦର୍ଶନଲାଭ, କୋଟରାର ସ୍ୱର ।

ପାହାଡ଼ିଆ ଜଙ୍ଗଲ । ଶିମୁଳ, ପନସ, ଖଜୁରି, ନିମ୍ନରେ ଆଚକ୍ରବାଳସଙ୍କୀଭୂତ ମେଘସ୍ତର ।

ବାବାଜୀ-ଗୁମ୍ଫା । ସେଥିର ସମ୍ମୁଖସ୍ଥ ବିରାଟ ଦୃଶ୍ୟ । ଶିମୁଳ ।

ଝିଙ୍କି, ଶ୍ୟେଣ, ଗୋବର । ଏଣ୍ଡୁଅ, ଛୁଚୁନ୍ଦରା । ସିଆଡ଼ଫଳ । ଗୁଣ୍ଡିଚର ସତ୍ତା ନାହିଁ ।

ବସନ୍ତ—ମାତ୍ର ଏଠାରେ ଅଶୋକ, ଶାଳ୍ମଳୀ, ପଳାଶ, ପାଳଧୂଆ, ଧାତକୀ, କଞ୍ଚନ ପ୍ରଭୃତିର ନାମ ନାହିଁ ।

କୋକିଳ, ପାପିଆ, ଚଷାପୁଅ, ନଦୀକୂଳବନ୍ଧୁ, ଶ୍ୟାମା, ଶାରୀ, ଦହିଆକୁରର ସ୍ୱର ନାହିଁ ।

କାକ, କୁକ୍କୁଟ, କୁମ୍ଭାଟୁଆ ପ୍ରଭୃତି ପ୍ରଖ୍ୟାତ ବୈତାଳିକମାନେ ଏଠାରେ ଅପରିଚିତ ।

ନିମ୍ନପ୍ରଦେଶରେ ଖରା, ଉପରେ ମେଘ । ବୃଷ୍ଟି ହୋଇ ନିମ୍ନ ପ୍ରଦେଶରେ ବନ୍ଧ ଜଳପୂର୍ଣ୍ଣ ହୋଇ ସେଥିରେ ସୂର୍ଯ୍ୟକିରଣ ପ୍ରତିଫଳିତ ହେବାରୁ ମାଳଗିରି ଏବଂ ବନାଳରେ ଖଣ୍ଡିଏ ଦର୍ପଣ ପରି ଦିଶୁଅଛି ।

ବୃକ୍ଷଦ୍ୱାର ଗିରିଚୂଡ଼ାସ୍ଥଃ ବିଶାଳ ପାଷାଣ ଖଣ୍ଡ ଖଣ୍ଡ ହୋଇ ଇତସ୍ତତଃ ବିକ୍ଷିପ୍ତ ।

ରାତରେ ଚତୁର୍ଦ୍ଦିଗରେ ଦାବାନଳର ଶୋଭା ।

ପାଷାଣରୁକ୍ଷ ଏବଂ ଉଦ୍ଭିଦଶ୍ୟାମଳା । ଶୁଷ୍କପତ୍ର ଏବଂ ଶୁଷ୍କ ଉଦ୍ଭିଦ । ଦାବାନଳଦଗ୍ଧ

ଅଧୋଦେଶରେ ସଙ୍କୁଚିତ ମେଘବୃନ୍ଦ । ଆଚକ୍ରବାଳବ୍ୟାପୀ କ୍ଷୀରସିନ୍ଧୁର ଲହରମାଳ ନିସ୍ପନ୍ଦତା ଭଳି ରହିଥିବା ପ୍ରାୟ । ଆଚକ୍ରବାଳବ୍ୟାପୀ କୋଟି କୋଟି ପିଣ୍ଡା-ତୂଳା ଧାଡ଼ି ଧାଡ଼ି ହୋଇ ରହିଛି । ଏହି ମେଘର ଅଧୋବର୍ତ୍ତୀ ଦେଶରେ ବର୍ଷା କିମ୍ବା ଆକାଶ ମେଘାଚ୍ଛନ୍ନ । ଆମ୍ଭେମାନେ ଆତପବାନ୍ ଶୃଙ୍ଗରେ ଆସୀନ ।

ଏ ମହାରଣ୍ୟରେ ପ୍ରାଣୀର ସଞ୍ଚାର କିମ୍ବା ଶବ୍ଦ ପ୍ରାୟ ଦେଖାଶୁଣା ଯାଏ ନାହିଁ । ଦୂରବର୍ତ୍ତୀ ଗୃଧ୍ର ଥରେ ଗୋଟିଏ ତୁଙ୍ଗ ପାଷାଣସ୍ତୂପରେ କିଛିକ୍ଷଣ ବସି ଚତୁର୍ଦ୍ଦିଗକୁ ଚାହିଁ ପୂର୍ବଦିଗକୁ ଉଡ଼ିଗଲା । ରାମଙ୍କ ବାନରବୀରମାନଙ୍କର କାବେରୀବଳସ୍ଥ ମଳୟରେ ଆକାଶରୁ ସମ୍ପାତିର ଅବତରଣ-ସ୍ମାରକ ।

ଗଣେଶ୍ୱର, ତ୍ରିମ୍ବ ରାଜ୍ୟରେ ଜଳଧିସ୍ନାନ-ପ୍ରତ୍ୟାଗତ ଜଗନ୍ନାଥଦେଉଳ, ସୂର୍ଯ୍ୟ-ଦେଉଳ କିମ୍ବା ଭୁବନେଶ୍ୱର ଦେଉଳ ନାହିଁ । ମାତ୍ର ତ୍ରିମ୍ବ ରାଜ୍ୟରେ ଯେଉଁ ମହାଦେଉଳ ଅଛି, ତାହା ଶିଶୁ ହିମାଳୟ ପରି । ତାହାର ତୁଳନା ସମଗ୍ର ଓଡ଼ିଶାରେ ଅନ୍ୟତ୍ର ନାହିଁ । ଶୀତଳସମୀର ଏ ଦେଉଳର ଚାମର-ବାହକ । ମେଘଦଳ ପରିଚାରକ । କାଂସ ଘଣ୍ଟାଦିର ଶବ୍ଦ ଏଠାରେ ନାହିଁ ସତ୍ୟ, ମାତ୍ର କୋଟି ବିଶ୍ୱବ୍ୟାପୀ ଓଁକାର ଧ୍ୱନି ଏ ମନ୍ଦିରରୁ ସ୍ୱତଃ ଉଚ୍ଚାରିତ ହେଉଅଛି ।

ତୁ ମାଲ୍ୟଗିରି ସଙ୍ଗୀତମୟ । ତୋହର ପାଦଦେଶରେ ମଧୁରଗାୟକ ବିହଙ୍ଗସଙ୍ଗୀତ । ମେଖଳାରେ ପ୍ରପାତ ଏବଂ ନିର୍ଝରର ସଙ୍ଗୀତ ପ୍ରସ୍ତରକୋଟରେ ମଧୁଚକ୍ରରେ ମଧୁକରର ଗୁଞ୍ଜନ । ଶିଖରରେ ଚିରନିସ୍ତବ୍ଧତାର ଗମ୍ଭୀର ସଙ୍ଗୀତ, ଯାହା କେବେ କେବେ ଝଞ୍ଜା ପବନର ସ୍ୱନ କଦାଚିତ୍ ଝିଲ୍ଲିକାଦ୍ୱାରା ଭଗ୍ନ ହୋଇଥାଏ ।

ଏଠାରେ ଆଧ୍ୟାତ୍ମିକ ବାୟୁମଣ୍ଡଳ ଅତି ନିର୍ମଳ । ସଂସାରର ତାମସ ଏବଂ ରାଜସ ଶକ୍ତିର ଘାତପ୍ରତିଘାତଦ୍ୱାରା ଅନବରତ

ସ୍ପନ୍ଦନଦ୍ୱାରା ଏଠାରେ ବାୟୁମଣ୍ଡଳ କଳୁଷିତ କମ୍ବା କ୍ଷୁବ୍ଧ ହେଉନାହିଁ । ଏଠାରେ ସ୍ୱଭାବତଃ ହୃଦୟ ସତ୍ତ୍ୱପ୍ରବଣ ଏବଂ ପରମାତ୍ମ-ସତ୍ୟପ୍ରବଣ ହୁଏ ।

ପାଷାଣ କାହିଁ ଲମ୍ବ, କାହିଁ ଦଣ୍ଡବତ୍, କାହିଁ ଠେରଛି । ଶୁଷ୍କ ଶୈବାଳସ୍ତରରେ ରୁକ୍ଷ ଶୁଭ୍ର ।

ଶାସ୍ତ୍ରେ ନ ଥିଲେ ହେଁ ତୋ ନାମକରଣ,
ତୁହି ମାଲ୍ୟଗିରି ତୀର୍ଥ ସନାତନ ।

ନରସଂସ୍ଥାପିତ କେତେ ତୀର୍ଥଭୂଇଁ କେତେ ଅସ୍ତମିତ, କେତେ ଅସ୍ତୋନ୍ମୁଖ । ମାତ୍ର ତୁ ଚିରନ୍ତନ ସମାନ । ମର ନରର ସ୍ଥାପିତ ତୀର୍ଥ ମର ହେବା ଆଶ୍ଚର୍ଯ୍ୟ କି ? କାହିଁ ଆଜି କୋଣାର୍କ ? ବୈଦେହୀଶବିଳାସର ବକର ଉକ୍ତିର ଉଲ୍ଲେଖ ।

ମାଲ୍ୟଗିରି ଆରୋହଣ ।
କି ଭୀଷଣ ବିରାଟ ବିଶୃଙ୍ଖଳ ।
ଖଣ୍ଡ ବିଖଣ୍ଡ ପଥର ।
ବଜ୍ରାଘାତେ ପୁଣି ବିଶୃଙ୍ଖଳତର ।

ମହାରାଜ ସମ୍ବର ହରଣ ପରି ଲଦୁଗଣ୍ଡ । କଣ୍ଠ ପରି କଷ୍ଟସହ ଏବଂ ଧୈର୍ଯ୍ୟଶୀଳ ।

ଖଣ୍ଡଶଃ ବିକ୍ଷିପ୍ତ ଶୁଷ୍କ ଶିଉଳିଆବୃତ ରୁକ୍ଷ ଶ୍ୱେତ ପାଷାଣ ପୁଞ୍ଜ, ଶୁଷ୍କପତ୍ର, ଶୁଷ୍କ, ଦଗ୍ଧ, କଞ୍ଚା, ପରସ୍ପର ଛନ୍ଦାଛନ୍ଦି, ମିଶାମିଶି, ବୃକ୍ଷଗୁଳ୍ମଲତାଦି, ଶାଳ, ମହୁଲ, ପିଆଶାଳ, ଧଅ, ଅଶନ, ଶିଂଶପା, ରାଜମହ୍ଲୀ, ବଂଶ, ଭଣ୍ଡାରି, କୁମ୍ଭ ପିଆଳ, କୁସୁମ, ଶିଆଳ, ଧନ୍ୱନ୍ତରି, Feans, ଶିଉଳି, ତମାଳ, ନାଗକେଶର, ସେଫାଳିକା, ଅଠିଳ, ରମାଳ, ବଂଶକୁଞ୍ଜ, ପ୍ରପାତ, ବଂଶକୁଞ୍ଜ ବିଶେଷତଃ ମେଖଳାରେ ।

ବଡ଼ ବଡ଼ ଶୃଙ୍ଗ ତଳେ ଆକାଶରେ ଦୃଷ୍ଟିରେଖାର ସୀମାସ୍ତମ୍ଭରୂପେ ଉଭା, କିଛିଦୂର ଗଲେ ତା ତଳେ ଶୃଙ୍ଗ, ତା ତଳେ ଶୃଙ୍ଗ ।

ପର୍ବତର ଏକ ଏକ ଖଣ୍ଡ ପାଷାଣ ଅନ୍ୟ ପର୍ବତର ଅବୟବ । ସାନୁ, ଖୋଲ, କନ୍ଦର, ଦରୀ, ଫାଟଳ, ଗହ୍ୱର, ବକ୍ତ୍ରରେ ବକ୍ତ୍ରଧାରଣ ଏ ପର୍ବତରେ ଅସଂଖ୍ୟ ଗୁମ୍ଫା, ଗହ୍ୱର, ଦରୀ, ପ୍ରଭବର୍ଷ ପ୍ରସୂତ କରାଉଅଛନ୍ତି । କେଉଁଠାରେ ନିର୍ଝରଣୀର ମାର୍ଗ ପରିଷ୍କାର, କେଉଁଠାରେ ବାଧାଯୁକ୍ତ କରି ଦେଉଅଛନ୍ତି ।

ଟିଆଳୀ ପାନ୍ଥକାନ୍ଦରୀ ।

ବିଶାଳ ଦୃଶ୍ୟରାଜି ସମ୍ମୁଖରେ, ପୁଣି ଅବରୋହଣ ଭଲେ ଅବରୁଦ୍ଧ ।

ରାଜକଉଡ଼ିଆ, ମେଖଳରେ ।

ସୌରକରାଲୋକିତ ଭସ୍ମକର ଉତ୍ତୁଙ୍ଗ ଭୃଗୁ, ଗୃହ୍ନିଲେ ବେଳକଷ୍ଟୋ ଗ୍ରାଙ୍କିପଣ୍ଡେ ।

ଭୁଜଗବକ୍ରଗାମୀ ଗିରିବର୍ତ୍ମ ।

ଲତାବିଜଡ଼ିତ ବୃହତ୍ ପାଷାଣ, ଖସିପଡ଼ିବାର ଶଙ୍କା ସୃଷ୍ଟିକାଳରୁ ଜନ୍ମାଇ ସେହିରୂପ ଟାର୍ଯ୍ୟକ୍‌ରେ ଉଭା ହୋଇ ରହିଅଛି ।

କୁହେଳିକାର ପ୍ରାବଲ୍ୟ ।

ଗିରି ପାଦଦେଶରେ ଅନେକ ଧଅବୃକ୍ଷ, ବଂଶକୁଞ୍ଜ, ପୁଷ୍ପିତ ଶାଳାଦି ।

୨।୩ ଘଣ୍ଟା ମଧ୍ୟରେ ଶୀତର ନିସ୍ତବ୍ଧତାକୁ ଗୃଡକ ଆର୍ତ୍ତସ୍ୱନ ।

ଗୁରୁଣ୍ଡି, ହାଟେମୋଣ୍ଡ, ବସି, ଖସି, ଗଡ଼ି
କରଣେ ଶିଳାରେ ଠେରଛରେ ଖସି ।

ଏବେ ଶିମୁଳ ପାଟଳୀ, ପଳାଶ, ଧାତକୀ, ତଳକ ପ୍ରଭୃତିର ଶୋଭା । କୋକିଳର ରବ ।

ଶିଖରରେ ଏରୂପ ସ୍ୱର ନାହିଁ ।

ସୁଗନ୍ଧ ଧବଳ ପୁଷ୍ପଯୁକ୍ତ ଅମୃତଫଳପ୍ରସୂ ବୃନ୍ତଗୁ ଉପରେ ନାହିଁ ।

ଆମ୍ର ପ୍ରଭୃତି ବୃକ୍ଷ ପର୍ବତ ଶିଖରରେ ନାହିଁ କେନ୍ଦୁ ଅଛି, ମାତ୍ର ୩ ଘଣ୍ଟା ପରେ ଲବଣ୍ୟବତୀ କରୋପମ ପଲ୍ଲବଧାରୀ କେନ୍ଦୁ ଦେଖିଲି । ମାଲ୍ୟଗିରିଶୃଙ୍ଗରେ ସେ କେନ୍ଦୁ,

ସେ ନିତାନ୍ତ ବିଳାସବାସନାବର୍ଜ୍ଜିତ । ଫଳତଃ ମାଲ୍ୟଗିରି ଦୁର୍ଗ ପ୍ରଭମାଯଣ୍ଡିର ଘର ।

ଉତ୍ତମଶ୍ଲୋକର ପୁଣ୍ୟ ସଂକୀର୍ତ୍ତନ,
କରିବାକୁ ଏହ୍ନ ଗିରି ସେ ଭଜନ ।

ଏ ସଂକୀର୍ତ୍ତନରେ କେବଳ ପାର୍ଥିବ ଭୂତଗ୍ରାମ ଯୋଗ ଦେବେ ନାହିଁ, ମେଘଦଳ ଏହାର ମାର୍ଦ୍ଦଳିକ, ତାରା ନକ୍ଷତ୍ର ଏହାର ମଶାଲଚି ।

ଦେବଦଳ ଏବଂ ଅପ୍‌ସରାମାନେ ଏଥିରେ ଯୋଗ ଦାଅନ୍ତି । ସ୍ୱୟଂ ବ୍ୟୋମକେଶ ଏବଂ ଗୌରୀ ଏଥିରେ ତାଣ୍ଡବନୃତ୍ୟ କରନ୍ତି ।

ପୁଷ୍ପିତ ତିଳକର କି ଅପୂର୍ବ ଶୁଭ୍ରଶୋଭା ! ପ୍ରକୃତିର ଝଟା ।

ଶିଖରରେ ପୀତ ପକ୍ୱ ପର୍ଣ୍ଣ, ପାଦରେ ତାମ୍ର କିଶଳୟ, ପୀତ ପକ୍ୱ ପର୍ଣ୍ଣ, ପାଦରେ ତାମ୍ର କିଶଳୟ କମ୍ବା ଶୁଭ୍ର ଶାଳ, ତିଳକ ରକ୍ତବର୍ଣ୍ଣ ଧାତକୀ ।

ଭୂଆଁପୀଡ଼ ପାବୁଡ଼ ଦେଶ ପ୍ରଭୃତିର ବଡ଼ ବଡ଼ ଶୈଳ ହିଁ ଉପର ମାଲ୍ୟଗିରି ଶିଖରରୁ ଦିଶେ ।

ଗଜଫିକାର ।

ରୁକ୍ଷ ତୀକ୍ଷ୍ଣ ଗୋଜ—Carg

ନାଗକେଶର ବନ

ବସନ୍ତରେ ପୁଷ୍ପିତ ପୁଷ୍ପ-ନାଗକେଶର । ଧୁରୁଡ଼ୁ, ଧାତକୀ, ପଳାଶ, ଶାଳ୍ମଳୀ, ତିଳକ ।

ମାଲ୍ୟଗିରି—ମହାଭାରତ ପରି । ଯାହା ଭାରତରେ ନାହିଁ, ତାହା ଭାରତରେ ନାହିଁ । ଯାହା ମାଲ୍ୟଗିରିରେ ନାହିଁ, ତାହା ଓଡ଼ିଶାରେ ନାହିଁ ।

ମାଲ୍ୟଗିରିରୁ ଦୃଷ୍ଟ ପର୍ବତମାଳ । ଭୂଆଁପୀଡ଼, ଗୋନାସିକା, ଗନ୍ଧମାଦନ, ଚୂଳିଆ, ବାରୁଆଁ, ପାବୁଡ଼ଦେଶ ପର୍ବତ, କୋଇଦମ୍ବା, ଆଉ ସହସ୍ର ସହସ୍ର ପର୍ବତ ମାଲ୍ୟଗିରି ଦେଖେ ମାତ୍ର ସେମାନଙ୍କୁ ଜାଣେ ନାହିଁ, ମାତ୍ର ସେମାନେ ଅବଶ୍ୟ ମାଲ୍ୟଗିରିକୁ ଜାଣନ୍ତି ।

ଅନ୍ୟାନ୍ୟ ରାଜ୍ୟର ବନ ଉପବନ, ରକ୍ଷିଣୀ ବନ ମାଲ୍ୟଗିରି ତୁଳନାରେ ନଗଣ୍ୟ । ଯେମନ୍ତ ଅନ୍ୟାନ୍ୟ କାବ୍ୟନାଟକାଦି ବ୍ୟାସ, ବାଲ୍ମୀକିଙ୍କ କୀର୍ତ୍ତି ତୁଳନାରେ କ୍ଷୁଦ୍ର ।

ଅସହ୍ୟ ଅସହ୍ୟ ଯଥା ଖଣ୍ଡ ମେଘୂଆ ।

ପୋକଖିଆ—Insect-eaten

ମାଲ୍ୟଗିରୀଶ୍ୱର ଆହେ ଶ୍ରୀ ଗଣେଶ୍ୱର !

କୁସୁମଗଛର ପତ୍ର ବସନ୍ତରେ ରକ୍ତବର୍ଣ୍ଣ ଦିଶେ । ଯେ ସମୟରେ ପଳାଶ ଫୁଟେ ଏବଂ ଧୁରୁଡ଼ୁ, ତିଳକ ଫୁଟେ, ସେହି ସମୟରେ ଧାତକୀ, ପ୍ରପାତ, ପ୍ରସ୍ରବଣ, ତପ୍ତ ପ୍ରସ୍ରବଣ, ପଲ୍ଲବ, ନାଗେଶ୍ୱର, ବେତ, ଚମ୍ପା, ଅଟିଳ, ମୁଚୁକୁନ୍ଦ, ଅଶୋକ, ଶେଫାଳୀ, କେତକୀ, ଗଇ ।

ମାଲ୍ୟଗିରି, ଭୂ ଉତ୍କଳର ସାରସଂଗ୍ରହ । ମାଲ୍ୟଗିରିରେ ଯାହା ନାହିଁ, ଉତ୍କଳରେ ତାହା ନାହିଁ ।

ଠେକୁଆ, କୁରଙ୍ଗ, ହରିଣ, ରିଷ୍ୟ, ଗବୟ, ଖଡ଼ଗ, ବରାହ, ଭଲ୍ଲୁକ, ବୃକ ଶାର୍ଦ୍ଦୂଳ, ଶମ୍ବର, ହସ୍ତୀ,

ବଂଶକରୀର, ଜଟା, ଖଡିରବନ୍ଧା ।

ପ୍ରସନ୍ନସଲିଳା ଯେସନ୍ତେ ଅଳକା ନନ୍ଦା ।

ନାହିଁ ଏ ଅଚଳେ ଯାହା ନାହିଁ ଉତ୍କଳେ, ବୋଲି ଏହାର ସତ୍ତା ବଚନ ବଳେ ।

ବାମଣ୍ଡା ପ୍ରବେଶ । ଭକ୍ତବନ୍ଧୁ ବାବୁଙ୍କ ଅତିଥେୟତା । କୁମୁଦବାବୁଙ୍କ ଯତ୍ନ ।

## ଖଣ୍ଡିଏ ପତ୍ର

ମହାଶୟ,

ପୁରାତନ ବଙ୍ଗଳା ପୁସ୍ତକ କିମ୍ବା ମାସିକ ପତ୍ରିକାର ପ୍ରବନ୍ଧ ନେଇ ତାହାକୁ ଅନୁବାଦ ଓ ଈଷତ୍ ରୂପାନ୍ତରିତ କରି ଉତ୍କଳୀୟ ସାଧାରଣ ସମକ୍ଷରେ ମୌଳିକ ପ୍ରବନ୍ଧବୋଲି ଉପସ୍ଥାପିତ କରିବା ସୁକୌଶଳରେ ଅନେକ ତଥାକଥିତ ଓଡ଼ିଆ ଲେଖକ ସିଦ୍ଧହସ୍ତ ଦେଖାଯାନ୍ତି । ଅପେକ୍ଷାକୃତ ପୁରାତନ ଓଡ଼ିଆ ରଚନାକୁ ସେହି ରୀତିରେ ଆତ୍ମସାତ୍ କରିବାର ଉଦାହରଣମାନ ସ୍ଥଳେ ସ୍ଥଳେ ଦେଖାଯାଉଅଛି ।

ବିଗତ ସଂଖ୍ୟା ଗୁଣଦର୍ପଣରେ—ଙ୍କ ଲିଖିତ ଜାତୀୟ ସଙ୍ଗୀତଶୀର୍ଷକ ପଦ୍ୟଟି ଏହି ଶ୍ରେଣୀର ବୋଧ ହେଉଅଛି । ପ୍ରାୟ କେତେକ ବର୍ଷ ପୂର୍ବେ ସୁଲେଖକ ବାବୁ ଗୋପବନ୍ଧୁ ଦାସ ଗୋଟିଏ ସୁନ୍ଦର ସଙ୍ଗୀତ ଲେଖିଥିଲେ । ପୂର୍ବୋକ୍ତ ପଦ୍ୟଟି ସେହି ସଙ୍ଗୀତର ବିରୂପିକୃତ ଏବଂ ବିକଳାଙ୍ଗୀକୃତ ସଂସ୍କରଣ ବ୍ୟତୀତ ଆଉ କିଛି ନୁହ ।

ଗୁଣଦର୍ପ-ସମ୍ପାଦକ ଏ ଶ୍ରେଣୀର ପଦ୍ୟକୁ କାହିଁକି ପସନ୍ଦ କଲେ ? କବିତା ତ ଦୂରର କଥା, ଏ ଭଲି ପଦ୍ୟ ସୁଦ୍ଧା ନୁହେ ।—ଙ୍କର ଏପରି ପଦ୍ୟଦ୍ୱାରା କଦାଚ ପ୍ରତିଷ୍ଠା ବଢ଼ିବ ନାହିଁ । ଏପରି ପଦ୍ୟ କେବଳ ଅନ୍ୟୋନ୍ୟ-ଶ୍ଳାଘାପ୍ରମାଦକ ସଭାରେ ପଠିତ ହେବାର ଯୋଗ୍ୟ ।

ନବ୍ୟ ଉତ୍କଳୀୟ ସାହିତ୍ୟ କ୍ଷେତ୍ରରେ ୩।୪ ଜଣ ପଦ୍ୟଲେଖିକାଙ୍କର ଆବିର୍ଭାବ ଅବଶ୍ୟ ଶୁଭଲକ୍ଷଣ ବୋଲିବାକୁ ହେବ । ଏ ଲେଖିକାମାନେ ସର୍ବଥା ଉତ୍ସାହାର୍ହ । ମାତ୍ର ଯେଉଁମାନେ ପଦ୍ୟ ଓ କବିତା ଏକ ପଦାର୍ଥ ବୋଲି ଭାବନ୍ତି, ସେମାନେ ଏହି ଲେଖିକାମାନଙ୍କୁ କବି ଆଖ୍ୟାରେ ଭୂଷିତ କରି ଏମାନଙ୍କର ପ୍ରଭୂତ ଅନିଷ୍ଟ ସାଧନ କରୁଅଛନ୍ତି । ଏହି ଲେଖିକାମାନଙ୍କ ଲେଖାରେ ମୁଁ ଏକ ସମୟରେ ଆଶାତୀତ ଉତ୍କର୍ଷ ଦେଖି ପ୍ରୀତ ହୋଇଅଛି । ମାତ୍ର ଏହା ବୋଲି ମୁଁ ଏମାନଙ୍କୁ କବି ଆଖ୍ୟା ଦେବାକୁ ସାହସୀ ହେବି ନାହିଁ । ଉତ୍କଳୀୟ ସାହିତ୍ୟସଂସାରରେ ଯେଉଁମାନଙ୍କ ମତର ପ୍ରକୃତ ମୂଲ୍ୟବତ୍ତା ଅଛି, ସେମାନେ ଏହି ଲେଖିକାମାନଙ୍କୁ କେବେ କବି ଆଖ୍ୟା ଦେଇଅଛନ୍ତି କି ?

ଥରେ ମୁଁ ମାନ୍ଦ୍ରାଜର ଖଣ୍ଡିଏ ଇଂରାଜୀ ସମ୍ବାଦପତ୍ରରେ ଗଞ୍ଜାମର କୌଣସି ଉତ୍କଳୀୟ ନାଟ୍ୟକାରଙ୍କର ପ୍ରଶଂସାଗର୍ଭକ ଗୋଟିଏ ଦୀର୍ଘ ପ୍ରବନ୍ଧ ପଢ଼ିଥିଲି । ପ୍ରବନ୍ଧ ପାଠଦ୍ୱାରା ମୁଁ କେବଳ ଏହି ସିଦ୍ଧାନ୍ତରେ ଉପନୀତ ହୋଇଥିଲି ଯେ ଲେଖକ ତାହାଙ୍କର ଇଂରାଜୀ ଭାଷାଭିଜ୍ଞତା ସତ୍ତ୍ୱେ ପଦ୍ୟ ଏବଂ କବିତାର ପ୍ରଭେଦ ବୁଝିବାକୁ ସମ୍ପୂର୍ଣ୍ଣ ଅକ୍ଷମ । ମାନ୍ଦ୍ରାଜରୁ ପୁଣି ଇଂରାଜୀ ପତ୍ରରେ ପ୍ରଶଂସା ବାହାରିବା ସହଜ କଥା ନୁହେ ସତ୍ୟ, ମାତ୍ର କବିତାର ବଜାରରେ ଏଭଳି ପ୍ରଶଂସାର ଏକ କପର୍ଦ୍ଦକ ମୂଲ୍ୟ ନାହିଁ । ଏଭଳି ପ୍ରଶଂସାଦ୍ୱାରା କାଳି-ଗରଡ଼ା କଦାଚ ମଣି ହୋଇ ପାରିବ ନାହିଁ । ସଂସ୍କୃତଜ୍ଞ ପଣ୍ଡିତମାନଙ୍କ ମଧ୍ୟରେ ସୁଦ୍ଧା ଏହି ଶ୍ରେଣୀର ପ୍ରକୃତ କବିତାଜ୍ଞାନବର୍ଜିତ ଅନେକ ଲୋକ ଦେଖାଯାନ୍ତି ।

ପଦ୍ୟଲେଖିକାମାନଙ୍କୁ ନିରୁତ୍ସାହିତ କରିବା ମୋହର ଅଭିପ୍ରେତ ନୁହେଁ । ସେମାନଙ୍କୁ ମୋହର ଉପଦେଶ ଯେ ଯାହା କବିର ନୁହେଁ

ତାହା ନିଜର ବୋଲି ଦେଖାଇବାକୁ ସେମାନେ ଯେମନ୍ତ ପ୍ରୟାସିନୀ ନ ହୁଅନ୍ତି । ସେମାନଙ୍କୁ ମୋହର ଆଉ ଗୋଟିଏ ଉପଦେଶ ଏହି ଯେ ସେମାନେ ଯେମନ୍ତ ବିଜାତି ଲେଖକଦଳର ପ୍ରଶଂସାବାଦରେ ବିଚଳିତ ନ ହୁଅନ୍ତି । ବିଜାତି ଲେଖକଙ୍କ ଧାରାବାହିକ ପ୍ରଶଂସା ଅକବିକୁ କଦାଚ-କବି କରି ପାରିବ ନାହିଁ କିମ୍ବା ସେମାନଙ୍କର ଧାରାବାହିକ ନିନ୍ଦାଦ୍ୱାରା ପ୍ରକୃତ କବିର ଆସନ କଦାପି ଟଳିବ ନାହିଁ ।

---

## ସାହିତ୍ୟ ସମ୍ବନ୍ଧରେ ଏଣୁ ତେଣୁ ପାଞ୍ଚକଥା

ମିତ୍ରାକ୍ଷର ଓ ଅମିତ୍ରାକ୍ଷର—ଆଜିକାଲି ଅନେକ ଲେଖକ ମିତ୍ରାକ୍ଷର ଲେଖିବାକୁ ପ୍ରୟାସୀ । ଏ ସମ୍ବନ୍ଧରେ ନାନା ଲୋକଙ୍କର ନାନା ମତ ଦେଖାଯାଏ । କେହି କେହି କହନ୍ତି, ମିତ୍ରାକ୍ଷର ଅପେକ୍ଷା ଅମିତ୍ରାକ୍ଷର ଲେଖିବା ସହଜ । କେହି କହନ୍ତି ମିତ୍ରାକ୍ଷରର ଶୃଙ୍ଖଳା ସ୍ୱାଧୀନ ଭାବବ୍ୟକ୍ତିର ଅନ୍ତରାୟ । କେହି କହନ୍ତି ମହୀୟାନ୍ Sublim ଭାବ ପ୍ରକାଶ ନିମନ୍ତେ ଅମିତ୍ର ଛନ୍ଦ ଯେମନ୍ତ ଉପଯୋଗୀ, ମିତ୍ରଛନ୍ଦ ସେପରି ନୁହେ । ନିଜ ମତ ସମର୍ଥନ ସକାଶେ ଏମାନେ Miltonଙ୍କ ଉଦାହରଣ ଦିଅନ୍ତି ।

ଏଭଳି ମତବାଦର ସମୀଚୀନତା ଅବଧି ମୋହର ହୃଦୟଙ୍ଗମ ହୋଇନାହିଁ । Milton ଅପେକ୍ଷା Dante ଆହୁରି ମହୀୟାନ୍ ମାତ୍ର Dante ତାଙ୍କର ମହାକାବ୍ୟ ମିତ୍ରଛନ୍ଦରେ ଲେଖିଥିଲେ । ମୋହୋ କ୍ଷୁଦ୍ରମତରେ ଉତ୍କର୍ଷ ଛନ୍ଦସାପେକ୍ଷ ନୁହେ, କ୍ଷମତାସାପେକ୍ଷ ।

ମିତ୍ରାକ୍ଷର ଅପେକ୍ଷା ଅମିତ୍ରାକ୍ଷର ସହଜ, ଏ ମତ କେତେଦୂର ଠିକ୍ ମୁଁ କହି ନ ପାରେ । ନିଜ ଅନୁଭବରୁ ମୁଁ ଜାଣେ ଅମିତ୍ରାକ୍ଷର ରଚନା ଅଧିକତର କଠିନ ।

